# ସୂଚୀପତ୍ର


**ମୋଡ୍ୟୁଲ-୧ ପୁରାତନ ଭାରତ**

| | | |
|---|---|---|
| ୧. | ଭାରତ ଇତିହାସ ଅଧ୍ୟୟନ | 1 |
| ୨. | ଭୌଗଳିକ ଅବସ୍ଥିତି ଏବଂ ଭାରତର ପ୍ରାକ୍-ଐତିହାସିକ ସଂସ୍କୃତି | 12 |
| ୩. | ହରପ୍ପା ସଭ୍ୟତା | 33 |
| ୪. | ବୈଦିକଯୁଗ ଖ୍ରୀ:ପୂ: ୧୫୦୦-ଖ୍ରୀ:ପୂ: ୬୦୦ | 54 |
| ୫. | ଜନପଦରୁ ସାମ୍ରାଜ୍ୟ | 71 |
| ୬. | ପରବର୍ତ୍ତୀ ମୌର୍ଯ୍ୟ ଯୁଗର ଅଗ୍ରଗତି | 92 |
| ୭. | ଗୁପ୍ତବଂଶ (ଖ୍ରୀ:ଅ:୩୦୦-ଖ୍ରୀ:ଅ:୭୫୦) | 112 |
| ୮. | ଖ୍ରୀଷ୍ଟାବ୍ଦ ୭୫୦ ରୁ ଖ୍ରୀଷ୍ଟାବ୍ଦ ୧୨୦୦ ମଧ୍ୟରେ ଭାରତ | 133 |

**ମୋଡ୍ୟୁଲ-୨ ମଧ୍ୟଯୁଗୀୟ ଭାରତ**

| | | |
|---|---|---|
| ୯. | ଦିଲ୍ଲୀ ସୁଲତାନୀ ଶାସନର ପ୍ରତିଷ୍ଠା ଏବଂ ପ୍ରସାର | 145 |
| ୧୦. | ମୋଗଲ ଶାସନ ପ୍ରତିଷ୍ଠା | 173 |
| ୧୧. | ଭାରତରେ ଆଞ୍ଚଳିକ ରାଜ୍ୟଗୁଡିକର ଉତ୍ଥାନ: ଦ୍ୱାଦଶରୁ ଅଷ୍ଟାଦଶ ଶତାବ୍ଦୀ | 195 |
| ୧୨. | ଶାସନ ବ୍ୟବସ୍ଥା ଏବଂ ଅନୁଷ୍ଠାନ | 214 |
| ୧୩. | ଆର୍ଥିକ ଅବସ୍ଥା | 235 |
| ୧୪. | ମଧ୍ୟଯୁଗୀୟ ଭାରତରେ ସାଂସ୍କୃତିକ ବିକାଶ | 255 |
| ୧୫. | ଅଷ୍ଟାଦଶ ଶତାବ୍ଦୀରେ ଭାରତର ସ୍ଥିତି | 284 |

* ପାଠ୍ୟକ୍ରମ

* ମତାମତ ଫର୍ମ(ଫିଡ୍‌ବ୍ୟାକ ଫର୍ମ)

ଟିପ୍ପଣୀ

# 1

# ଭାରତ ଇତିହାସ ଅଧ୍ୟୟନ

ଅତୀତର ଘଟଣାବଳୀର ଅଧ୍ୟୟନ ହେଉଛି ଇତିହାସ । ଆଦିମ ମନୁଷ୍ୟ ଯେଉଁ ଉପାୟଗୁଡ଼ିକ ଅବଲମ୍ବନ କରି ପାରିପାର୍ଶ୍ୱିକ ଅବସ୍ଥା ଉପରେ ସଫଳତା ବିଜୟ ଲାଭ କରିଛି ଏବଂ ଉନ୍ନତ ସଭ୍ୟତା ସୃଷ୍ଟି କରିପାରିଛି, ତାକୁ ଜାଣିବାରେ ଏହା ସାହାଯ୍ୟକରେ । ଇତିହାସ କେବଳ ଯୁଦ୍ଧ କିମ୍ବା କୌଣସି ରାଜାଙ୍କର କାହାଣୀ ନୁହେଁ । ବରଂ ଏହା ହେଉଛି ଉପଲବ୍ଧ ବିଭିନ୍ନ ଉପାଦାନ ଦ୍ୱାରା ପ୍ରତିଫଳିତ ସୁଦୀର୍ଘ ସାମାଜିକ, ଅର୍ଥନୀତିକ ଏବଂ ସାଂସ୍କୃତିକ ବିଶ୍ଳେଷଣ । ଜଣେ ଐତିହାସିକ ବିଭିନ୍ନ ଘଟଣାବଳୀର ମୂଲ୍ୟାଙ୍କନ ଦୀର୍ଘ ସମୟ ଧରି କରିବା ସମୟରେ ଅନେକ ପ୍ରଶ୍ନ ତା'ର ମନମଧ୍ୟରେ ଆସେ । ଯଥା- କାହିଁକି ଏପରି ଘଟଣାଗୁଡ଼ିକ ଘଟେ ? ଏବଂ ଶେଷରେ ଏହି ଘଟଣାର ପ୍ରଭାବ ସମାଜ ଉପରେ କ'ଣ ଥିଲା ? ଇତ୍ୟାଦି, ଇତ୍ୟାଦି । ବିଭିନ୍ନ ଐତିହାସିକ ମାନଙ୍କର ଗବେଷଣା ଦ୍ୱାରା ଆବିଷ୍କୃତ ନୂତନ ତଥ୍ୟ ଏବଂ ଉପଲବ୍ଧ ଉପାଦାନ ଉପରେ ଭିନ୍ନ ଭିନ୍ନ ଆଭିମୁଖ୍ୟ ଆମମାନଙ୍କର ଅତୀତ ବିଷୟରେ ଜ୍ଞାନ ବୃଦ୍ଧିରେ ସହାୟକ ହୋଇଥାଏ । ଜଣେ ଐତିହାସିକ ତଥ୍ୟ ଓ କାହାଣୀ ମଧ୍ୟରେ ଥିବା ପାର୍ଥକ୍ୟକୁ ସାଦୃଶ୍ୟ କରେ । ହେଲେ କିମ୍ବଦନ୍ତୀ ଆଧାରିତ ପୌରାଣିକ ସ୍ମୃତି ମଧ୍ୟ ଅତୀତର ଘଟଣାବଳୀ ଉପରେ ଆଲୋକପାତ କରିଥାଏ । ଐତିହାସିକର କର୍ତ୍ତବ୍ୟ ହେଉଛି ବିଭିନ୍ନ ଐତିହାସିକ ତଥ୍ୟ ଉପରେ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ବାସ୍ତବତାକୁ ଲୋକଲୋଚନକୁ ଆଣିବା । ଏହି ଅଧ୍ୟାୟରେ ତୁମ୍ଭେମାନେ ଅଧ୍ୟୟନ କରି ଜାଣିପାରିବ ଯେ କିପରି ଅନେକଗୁଡ଼ିଏ ଐତିହାସିକ ତଥ୍ୟ ଏବଂ ସେଗୁଡ଼ିକର ବର୍ଣ୍ଣନାକୁ ଆଧାର କରି ପୁରାତନ ଭାରତର ଇତିହାସ ସୃଷ୍ଟି ହୋଇଅଛି ।

## OBJECTIVES - ଉଦ୍ଦେଶ୍ୟ

**ଏହି ଅଧ୍ୟାୟକୁ ଅଧ୍ୟୟନ କଲାପରେ ତୁମ୍ଭେମାନେ ନିମ୍ନ ଲିଖିତ ବିଷୟକୁ ଜାଣିବା ପାଇଁ ସମର୍ଥ ହେବ**

- ପ୍ରାଚୀନ ଭାରତର ଐତିହାସିକ ଗଠନ ପ୍ରଣାଳୀ ବୁଝିପାରିବ ।
- ପ୍ରାଚୀନ ଐତିହାସିକମାନଙ୍କ ଦ୍ୱାରା ବ୍ୟବହୃତ ବିଭିନ୍ନ ପ୍ରକାର ଉପାଦାନ ଓ ପଦାର୍ଥ ସମ୍ବନ୍ଧରେ ଜାଣିବାକୁପାଇବ ।
- ପରିବର୍ତ୍ତୀତ ଐତିହାସିକ ରଚନାର ପରମ୍ପରାରେ ହେଉଥିବା ପରିବର୍ତ୍ତନକୁ ଚିହ୍ନିତ କରିପାରିବ ।

## 1.1 SOURCES FOR RECONSTRUCTING ANCIENT INDIAN HISTORY ପୁରାତନ ଭାରତ ଇତିହାସର ବିଭିନ୍ନ ସ୍ରୋତସାମଗ୍ରୀ

ଅତୀତ ଘଟଣାବଳୀକୁ ଐତିହାସିକ-ରୂପ ଦେବା ପାଇଁ ଜଣେ ଐତିହାସିକ ବିଭିନ୍ନ ଉପାଦାନ ଏବଂ ପଦାର୍ଥ ଆବଶ୍ୟକ କରେ । ସେହି ଉପାଦାନ ଉପରେ ଗବେଷଣା କରି ଐତିହାସିକ ତଥ୍ୟ ପ୍ରଦାନ କରେ ଏବଂ ସେହି ବର୍ଣ୍ଣନା ଲୋକମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇଥାଏ । ପ୍ରକୃତରେ କହିବାକୁ ଗଲେ



ଟିପ୍ପଣୀ

କେବଳ ଐତିହାସିକ ହିଁ ବିଭିନ୍ନ ଉପାଦାନ ବିଷୟରେ ଗବେଷଣା କରି ଟିକିନିକି ପରୀକ୍ଷା ଓ ନିରୀକ୍ଷା କଲାପରେ ବାସ୍ତବ ତଥ୍ୟ ସମ୍ବନ୍ଧିତ ତଥ୍ୟ ପ୍ରଦାନ କରିଥାଏ । ଏ ବିଷୟରେ ଏକ ଉଦାହରଣ ନିଆଯାଇପାରେ । ୧୮୨୬ ଖ୍ରୀଷ୍ଟାବ୍ଦରେ ହରପ୍ପା ଠାରେ ଏକ ପୁରାତନ ସଭ୍ୟତାର ବିଶାଳ ପ୍ରାଚୀର ଓ ସ୍ତମ୍ଭକୁ ଚାର୍ଲସ୍ ମାସନ୍ ଆବିଷ୍କାର କରିଥିଲେ । ଏହା ପଶ୍ଚିମ ପଞ୍ଜାବର ଏକ ଗ୍ରାମରେ ଠାବ କରଗଲା ଯାହାକି ଆଧୁନିକ ପାକିସ୍ଥାନରେ ଅବସ୍ଥିତ । ପଚାଶ ବର୍ଷ ପରେ ସାର୍ ଆଲେକ୍‌ଜାଣ୍ଡାର୍ କନିଙ୍ଗହାମ୍ ଏହି ସ୍ଥାନରୁ କେତେଗୁଡ଼ିଏ ସିଲ୍ ବା ମୋହର ସଂଗ୍ରହ କରିଥିଲେ । ସିନ୍ଧୁନଦୀ କୂଳରେ ଥିବା ଏହି ପୁରାତନ ସଭ୍ୟତାକୁ ଚିହ୍ନିବା ପାଇଁ ପ୍ରତ୍ନତତ୍ତ୍ୱବିତ୍ ସାର୍ ଜନ୍ ମାର୍ଶାଲ୍‌ଙ୍କୁ ଦୀର୍ଘ ପଚାଶବର୍ଷ ସମୟ ଲାଗିଥିଲା । କିନ୍ତୁ ଐତିହାସିକମାନଙ୍କ ମତ ମଧ୍ୟରେ ସମନ୍ୱୟ ରହିବା ନିହାତି ଆବଶ୍ୟକ । ଉଦାହରଣ ସ୍ୱରୂପ ସପ୍ତମ ଶତାବ୍ଦୀରେ ଶାସନ କରୁଥିବା ସମ୍ରାଟ ହର୍ଷବର୍ଦ୍ଧନଙ୍କ ବିଷୟରେ ମିଳିଥିବା ଉପାଦାନର ବର୍ଣ୍ଣନା ଅନୁଯାୟୀ ହର୍ଷବର୍ଦ୍ଧନ ଚାଲୁକ୍ୟ ବଂଶର ରାଜା ଦ୍ୱିତୀୟ ପୁଲକେଶୀଙ୍କୁ ପରାସ୍ତ କରିଥିଲେ । କିନ୍ତୁ ଦ୍ୱିତୀୟ ପୁଲକେଶୀଙ୍କ ଶୀଳାଲେଖର ବର୍ଣ୍ଣନା ଅନୁଯାୟୀ ଦ୍ୱିତୀୟ ପୁଲକେଶୀ ହର୍ଷବର୍ଦ୍ଧନଙ୍କୁ ପରାସ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ ହର୍ଷବର୍ଦ୍ଧନଙ୍କ ପୃଷ୍ଠପୋଷକତା ଲାଭ କରି, ହର୍ଷବର୍ଦ୍ଧନଙ୍କ ଜୀବନ ଚରିତ ରଚନା କରିଥିବା ବାଣଭଟ୍ଟ ହର୍ଷଚରିତରେ ହର୍ଷବର୍ଦ୍ଧନଙ୍କ ପରାଜୟ ଘଟଣାକୁ ଏଡ଼ାଇଦେଇଛନ୍ତି ।

ଇତିହାସର ଅର୍ଥ 'ତେଣୁ ଏହା ଘଟିଥିଲା' ଏବଂ 'ଇତିହାସ' ରୂପେ ଏହା ଅନୁବାଦିତ ହେଲା । ସମୟଥିଲା ଯେତେବେଳେ କେବଳ ଲିଖିତ ଉପାଦାନଗୁଡ଼ିକ ବାସ୍ତବ ଐତିହାସିକ ତଥ୍ୟ ରୂପେ ବିବେଚିତ ହେଉଥିଲା । ଲିଖିତ ଉପାଦାନଗୁଡ଼ିକୁ ଯାଞ୍ଚ କରାଯାଉଥିଲା । ପୌରାଣିକ ତଥ୍ୟ ଓ ଲୋକ ସଂଗୀତଗୁଡ଼ିକ କଦାପି ବାସ୍ତବ ଉପାଦାନ ରୂପେ ବିବେଚିତ ହେବେନାହିଁ । ପ୍ରାକ୍ ଐତିହାସିକମାନେ ପୁରାଣ, ଗଳ୍ପ ଏବଂ କିମ୍ବଦନ୍ତୀକୁ ବ୍ୟବହାର କରି ଆନୁମାନିକ ତଥ୍ୟ ପ୍ରଦାନ କରୁଥିଲେ ଏହା ସର୍ବାଦୌ ଗ୍ରହଣୀୟ ହେଉନଥିଲା । କିନ୍ତୁ ଅଧୁନା ଐତିହାସିକମାନେ ଇତିହାସ ରଚନା କଲାବେଳେ ପ୍ରଚଳିତ ପ୍ରଥା, ସାଂସ୍କୃତିକ ଉନ୍ନତି ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି ।

ଉଦାହରଣ ସ୍ୱରୂପ ମହାଭାରତ କଥା ଆଲୋଚନା କରାଯାଇପାରେ । ମହାଭାରତ ଥିଲା ଦୁଇ ସମ୍ପର୍କୀୟ ଯୋଦ୍ଧାଙ୍କ ମଧ୍ୟରେ ସଂଘର୍ଷର କାହାଣୀ । ପୁରାଣର ବର୍ଣ୍ଣନା ଅନୁଯାୟୀ ପ୍ରକୃତରେ ଯୁଦ୍ଧ ହୋଇଥିଲା କି ନାହିଁ ତାହା ନିଶ୍ଚିତ ହୋଇପାରିବ ନାହିଁ । କେତେକ ଐତିହାସିକ ଏହି ଯୁଦ୍ଧ ସଂଘଠିତ ହୋଇଥିଲା ବୋଲି ବିଶ୍ୱାସ କଲାବେଳେ ଅନ୍ୟ କେତେକ ଐତିହାସିକ ଏହି ସଂଘର୍ଷର ଆନୁସଙ୍ଗୀକ ଉପାଦାନ ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି । ସମ୍ଭବତଃ କ୍ଷତ୍ରୀୟ ଯୋଦ୍ଧାମାନଙ୍କ ସହିତ ଆସିଥିବା ବାର୍ଡ ବା ଚାରଣକବିମାନେ ଯୁଦ୍ଧ ସମ୍ବନ୍ଧୀୟ ଗଳ୍ପ ରଚନା କରିଥାନ୍ତି । ସେମାନେ ବୀରମାନଙ୍କ ସାହସିକତା ଏବଂ ବିଜୟ କୃତିତ୍ୱକୁ ପ୍ରଶଂସା କରି ସଂଗୀତ ଆବୃତ୍ତି କରିଥାନ୍ତି । ଏହି ରଚନାଗୁଡ଼ିକ ମୌଖିକ ଭାବରେ ପ୍ରଚାର କରାଯାଉଥିଲା । ଏବଂ ମାନବୀୟ ସ୍ମୃତି ସ୍ୱରୂପ ସଂରକ୍ଷିତ ହୋଇ ରହୁଥିଲା ।

**LITERARY SOURCES - ସାହିତ୍ୟିକ ସ୍ରୋତସାମଗ୍ରୀ**

## 1.2 RELIGIOUS LITERATURE- ଧର୍ମୀୟ ସାହିତ୍ୟ

ବେଦ ସର୍ବପ୍ରାଚୀନ ଧର୍ମୀୟ ଶାସ୍ତ୍ର ରୂପେ ସୁପରିଚିତ । ଏହି ଶାସ୍ତ୍ର ଖ୍ରୀ:ପୂ: ୧୫୦୦ରୁ ଖ୍ରୀ:ପୂ: ୫୦୦ ମଧ୍ୟରେ ରଚିତ ହୋଇଥିଲା । 'ବେଦ' ଚାରି ଭାଗରେ ବିଭକ୍ତ । ଋକ୍ ବେଦ ଥିଲା ପ୍ରାର୍ଥନା ସମ୍ବନ୍ଧିତ ଏକ ଧର୍ମଶାସ୍ତ୍ର । ସାମ୍ ବେଦ, ଜଜୁର ବେଦ ଏବଂ ଅଥର୍ବ ବେଦ ପରି ଅନ୍ୟ ତିନିଗୋଟି ଧର୍ମ ଶାସ୍ତ୍ରରେ ପ୍ରାର୍ଥନା, କର୍ମକାଣ୍ଡ, ଇନ୍ଦ୍ରଜାଲ ଏବଂ ପୌରାଣିକ ଗଳ୍ପର ବର୍ଣ୍ଣନା ଦେଖିବାକୁ ମିଳେ । ଉପନିଷଦଗୁଡ଼ିକରେ ଆତ୍ମା ଓ ପରମାତ୍ମା ଉପରେ ଦାର୍ଶନିକ ତତ୍ତ୍ୱ ସମ୍ବନ୍ଧୀୟ ଆଲୋଚନାର ବିଷୟବସ୍ତୁ ଦେଖିବାକୁ ମିଳେ । ତେଣୁ ସେଗୁଡ଼ିକୁ 'ବେଦାନ୍ତ' କୁହାଯାଏ ।

ରାମାୟଣ ଓ ମହାଭାରତ ପରି ଦୁଇଟି ମହାନ ପୌରାଣିକ ଗ୍ରନ୍ଥ ୪୦୦ ଖ୍ରୀ:ଅ:ରେ ରଚିତ ହୋଇଥିବା ଜଣାଯାଏ । ବ୍ୟାସ ଋଷି ମହାଭାରତ ରଚନା କରିଥିଲେ । ଏହାର ମୂଳ ରଚନାରେ



ଟିପ୍ପଣୀ

୮,୮୦୦ଟି ସର୍ଗ ଥିଲା । ଏହାକୁ ମଧ୍ୟ 'ଜୟଗୀତା' କୁହାଯାଉଥିଲା । ପରବର୍ତ୍ତୀ ସମୟରେ ଏଥିରେ ୨୪,୦୦୦ ସର୍ଗ ରହିଲା ଏବଂ ଏହାକୁ ମହାଭାରତ କୁହାଗଲା । କାରଣ ପ୍ରାଚୀନ ବୈଦିକ ଜାତି ମଧ୍ୟରୁ ଭାରତ ନାମ ଧେୟ ଏକ ଜାତିର କୃତିତ୍ୱକୁ ଆଧାର କରି ଏହା ରଚିତ ହୋଇଥିଲା । ପୁନଶ୍ଚ ଏହାର କଳେବର ପ୍ରସାରିତ ହୋଇ ଏଥିରେ ଏକଲକ୍ଷ ସର୍ଗ ରହିଲା ଏବଂ ଏହାକୁ ମହାଭାରତ କୁହାଗଲା । ସେହିପରି ବାଲ୍ମିକୀଙ୍କ ରଚିତ 'ରାମାୟଣ'ରେ ୬,୦୦୦ ସର୍ଗ ରହିଥିଲା । କିନ୍ତୁ ଏହା ମଧ୍ୟ ପ୍ରସାରିତ ହୋଇ ପ୍ରଥମେ ୧୨,୦୦୦ ସର୍ଗ ଏବଂ ଏହା ପୁନଃ ବିସ୍ତାରିତ ହୋଇ ୨୪,୦୦୦ ସର୍ଗ ସମ୍ବନ୍ଧିତ ହୋଇଥିଲା ।

ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀ ପରେ ପରବର୍ତ୍ତୀ ବୈଦିକ ଯୁଗରେ ବିଭିନ୍ନ ପ୍ରଥା ସମ୍ବନ୍ଧୀୟ ନୈତିକ ମୂଲ୍ୟବୋଧ ସମ୍ବଳିତ ଆଧାତ୍ମିକ ଶାସ୍ତ୍ର ରଚିତ ହୋଇଥିଲା । ସେଗୁଡ଼ିକୁ 'ସୂତ୍ର' କୁହାଯାଏ । 'ସୁହୃତ ସୂତ୍ର'ର ବର୍ଣ୍ଣନା ଅନୁଯାୟୀ ସେ ସମୟରେ ରାଜାମାନେ ମହାନ ଯଜ୍ଞ ପ୍ରଭୃତିର ଆୟୋଜନ କରୁଥିଲେ । ସେହିପରି 'ଗୃହସୂତ୍ର'ର ବର୍ଣ୍ଣନା ଅନୁଯାୟୀ ସାମାଜିକ ସ୍ତରରେ ଜନ୍ମୋତ୍ସବ, ନାମକରଣ, ବ୍ରତୋପନୟନ, ବିବାହଉତ୍ସବ ଏବଂ ମୃତକ୍ରୀୟା ଇତ୍ୟାଦି ପାଳନ କରାଯାଉଥିଲା । ଏହି ଶାସ୍ତ୍ର ଖ୍ରୀ:ପୂ: ୬୦୦ରୁ ଖ୍ରୀ:ପୂ: ୩୦୦ ମଧ୍ୟରେ ରଚନା କରାଯାଇଥିଲା ।

ଜୈନ ଧର୍ମଶାସ୍ତ୍ର ଏବଂ ବୌଦ୍ଧ ଧର୍ମଶାସ୍ତ୍ରରେ ଐତିହାସିକ ବ୍ୟକ୍ତିବିଶେଷଙ୍କର କୃତିତ୍ୱ ଏବଂ ଘଟଣାବଳୀ ସମ୍ବନ୍ଧୀୟ ତଥ୍ୟ ଦେଖିବାକୁ ମିଳେ । ପ୍ରଥମ ବୌଦ୍ଧଗ୍ରନ୍ଥ ପାଲି ଭାଷାରେ ରଚିତ ହୋଇଥିଲା । ଏହାକୁ ତ୍ରିପିଟକ (ତିନୋଟିପେଡ଼ି) କୁହାଯାଏ । ଯଥା- ସୂତପିଟକ, ବିନୟ ପିଟକ ଏବଂ ଅଭିଧର୍ମ, ପିଟକ । ଅନ୍ୟ ଏକ ବୌଦ୍ଧଗ୍ରନ୍ଥ 'ଜାତକ' ରୂପେ ପରିଚିତ । ସେଥିରେ ବୁଦ୍ଧଙ୍କର ପୂର୍ବଜନ୍ମର କାହାଣୀ ବର୍ଣ୍ଣିତ ହୋଇଅଛି । ବିଶ୍ୱାସ କରାଯାଏ ଯେ ସେ ଗୌତମ ହୋଇ ଜନ୍ମ ହେବା ପୂର୍ବରୁ ୫୫୦ ଥର ଜନ୍ମନେଇଥିଲେ । ତାଙ୍କର ପ୍ରତ୍ୟେକ ଥର ଜନ୍ମ ନେବାର କାହାଣୀ 'ଜାତକ' ରୂପେ ବିବେଚିତ । ଏହି ଗଳ୍ପଗୁଡ଼ିକ ଖ୍ରୀ:ପୂ: ପଞ୍ଚମ ଶତାବ୍ଦୀରୁ ଖ୍ରୀ:ପୂ: ଦ୍ୱିତୀୟ ଶତାବ୍ଦୀ ମଧ୍ୟରେ ତତ୍‌କାଳୀନ ସାମାଜିକ ଓ ଅର୍ଥନୀତିକ ଅବସ୍ଥା ଉପରେ ଆଲୋକପାତ କରିଥାଏ । ଜୈନଧର୍ମଗ୍ରନ୍ଥଗୁଡ଼ିକ ପ୍ରକ୍ରିତି ଭାଷାରେ ରଚିତ ହୋଇଥିଲା । ଏହା ଷଷ୍ଠ ଖ୍ରୀଷ୍ଟାବ୍ଦରେ ଗୁଜୁରାଟର ବଲ୍ଲଭିଠାରେ ପୁନଃ ସଂକଳିତ ହୋଇଥିଲା । ଏହାକୁ 'ଅଙ୍ଗ' କୁହାଯାଏ ଏବଂ ଏଥିରେ ଜୈନ ଧର୍ମର ଦାର୍ଶନିକ ତତ୍ତ୍ୱମାନ ଆଲୋଚନା କରାଯାଇଛି ।

## 1.3 SECULARLTERATURE - ଧର୍ମନିରପେକ୍ଷ ସାହିତ୍ୟ

ଧର୍ମନିରପେକ୍ଷ ସାହିତ୍ୟର ଭିତ୍ତିଭୂମି ଧର୍ମ ଉପରେ ପର୍ଯ୍ୟବେଶିତ ନଥିଲା । ଏହି ଶାସ୍ତ୍ରଗୁଡ଼ିକରେ ବିଭିନ୍ନ ସାମାଜିକ ସଂପ୍ରଦାୟର କର୍ତ୍ତବ୍ୟ ସମ୍ପର୍କରେ ସୂଚନା ମିଳେ । ଏହି ଶାସ୍ତ୍ରଗୁଡ଼ିକରେ ଚୋରୀ, ହତ୍ୟା, କୁଚରିତ୍ର ପାଇଁ ଅଭିଯୁକ୍ତକୁ ଦଣ୍ଡଦେବାର ବ୍ୟବସ୍ଥା ବର୍ଣ୍ଣନା କରାଯାଇଥିଲା । ଏହି ନ୍ୟାୟ ସମ୍ବନ୍ଧିତ ପ୍ରଥମ ଶାସ୍ତ୍ର ଥିଲା 'ମନୁସ୍ମୃତି' । ଇଂରେଜ୍‌ମାନେ ପ୍ରଥମେ ଏହି ପୁସ୍ତକର ଅନୁବାଦ କରିଥିଲେ ଏବଂ ଏହା ହିନ୍ଦୁ ଆଇନର ଆଧାର ରୂପେ ବିବେଚିତ ହେଲା । କୌଟିଲ୍ୟଙ୍କର 'ଅର୍ଥଶାସ୍ତ୍ର' ମୌର୍ଯ୍ୟ ଶାସନର ଅର୍ଥନୈତିକ ଓ ରାଜନୈତିକ ଅବସ୍ଥା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥାଏ । 'ବ୍ୟାକରଣ'ର ବର୍ଣ୍ଣନା ମଧ୍ୟ ଇତିହାସ ରଚନା ପାଇଁ ଏକ ଉପାଦେୟ ତଥ୍ୟ ସମ୍ବଳିତ ଶାସ୍ତ୍ର ଥିଲା । ବ୍ୟାକରଣ ଉପରେ ସର୍ବପ୍ରଥମ ଓ ସର୍ବପ୍ରଧାନ ପୁସ୍ତକ 'ଅଷ୍ଟାଧାୟୀ' ପାଣିନୀଙ୍କ ଦ୍ୱାରା ରଚିତ ହୋଇଥିଲା । ବିଶେଷଜ୍ଞମାନଙ୍କ ମତରେ ଖ୍ରୀ:ପୂ: ୭୦୦ ବେଳକୁ ଏହା ରଚିତ ହୋଇଥିଲା ।

ଗୁପ୍ତ ବଂଶର ରାଜତ୍ୱ କାଳରେ କାଳିଦାସଙ୍କ ରଚିତ କବିତା ଓ ନାଟକ ତତ୍‌କାଳୀନ ସାରସତ୍ତ୍ୱ ଜଗତକୁ ଉଦ୍‌ଭାଷିତ କରିଥିଲା । ତାଙ୍କ ରଚିତ କାବ୍ୟ ଓ ନାଟକ ମଧ୍ୟରେ ପ୍ରସିଦ୍ଧ ଥିଲେ 'ଅଭିଜ୍ଞାନ ସକୁନ୍ତଳମ୍' । 'ଋତୁସଂହାର', ଏବଂ 'ମେଘଦୂତ' । ଏହି ଅମୂଲ୍ୟ ରଚନାଗୁଡ଼ିକ ଗୁପ୍ତଯୁଗର ସାମାଜିକ ଓ ସାଂସ୍କୃତିକ ଜୀବନ ଉପରେ ଆଲୋକପାତ କରିଥାଏ । ଦ୍ୱାଦଶ ଶତାବ୍ଦୀରେ କଲହଣଙ୍କ ରଚିତ 'ରାଜତରଙ୍ଗୀଣି' କାଶ୍ମିରର ଇତିହାସ ସମ୍ପର୍କିତ ଏକ ପ୍ରଧାନ ଶାସ୍ତ୍ର । ଇତିହାସ ରଚନା କରିବା



ଟିପ୍ପଣୀ

ପାଇଁ 'ଆତ୍ମଚରିତ' ଗୁଡ଼ିକ ଧର୍ମନିରପେକ୍ଷ ଶାସ୍ତ୍ର ରୂପେ ବିବେଚନା କରାଯାଏ । ସେଗୁଡ଼ିକ ରାଜପୃଷ୍ଠପୋଷକତା ଲାଭ କରୁଥିବା ରାଜକବିମାନଙ୍କ ଦ୍ୱାରା ରଚିତ ହୋଇଥାଏ । ଯେହେତୁ ଏହି କବିମାନେ ରାଜାଙ୍କର ପୃଷ୍ଠପୋଷକତା ଲାଭକରୁଥିଲେ, ସେମାନେ ପୃଷ୍ଠପୋଷକମାନଙ୍କ କଥାକୁ ଅତିରଞ୍ଜିତ କରି ଲେଖିବା ସ୍ୱାଭାବିକ୍ ଥିଲା । ତେଣୁ ସେଗୁଡ଼ିକ ଅଧ୍ୟୟନ କଲାବେଳେ ସେ ଦିଗ ପ୍ରତି ଦୃଷ୍ଟିଦେବା ଆବଶ୍ୟକ । ସେହିପରି ଏକ ପ୍ରଧାନ ଗ୍ରନ୍ଥ ହେଉଛି ବାଣଭଟ୍ଟଙ୍କ ରଚିତ 'ହର୍ଷଚରିତ' । ଏହି ପୁସ୍ତକରେ ହର୍ଷବର୍ଦ୍ଧନଙ୍କୁ ଅତିରଞ୍ଜିତ କରି ପ୍ରଶଂସା କରାଯାଇଛି ।

ସର୍ବପ୍ରଥମ ଦକ୍ଷିଣ ଭାରତୀୟ ସାହିତ୍ୟକୁ 'ସଙ୍ଗମ' ସାହିତ୍ୟ କୁହାଯାଏ । ଏହା ତାମିଲି ଭାଷାରେ ରଚିତ ହୋଇଥିଲା ଏବଂ ଏହି ସାହିତ୍ୟରେ ଧର୍ମନିରପେକ୍ଷତା ପ୍ରତିଫଳିତ ହୋଇଛି । ଯୀଶୁଖ୍ରୀଷ୍ଟଙ୍କ ଜନ୍ମର ପ୍ରଥମ ଚାରିବର୍ଷ ମଧ୍ୟରେ ଏହି ତାମିଲି ଲେଖକମାନେ ମିଳିତ ଭାବରେ ରଚନା କାର୍ଯ୍ୟ କରିଥିଲେ । ସେମାନେ ଶାସନମୁଖ୍ୟ ବା ରାଜାଙ୍କର ପୃଷ୍ଠପୋଷକତା ଲାଭ କରିଥିଲେ । ଏହି ଶାସ୍ତ୍ର ତତ୍‌କାଳୀନ ବୀରମାନଙ୍କ କୃତିତ୍ୱ ଉପରେ ରଚିତ ଛୋଟ ଏବଂ ବଡ଼ ପ୍ରଶଂସାବ୍ୟଞ୍ଜକ କବିତାରେ ପରିପୂର୍ଣ୍ଣ । ସମ୍ଭବତଃ ଏଗୁଡ଼ିକ ରାଜସଭାରେ ଆବୃତ୍ତି କରାଯାଉଥିଲା । ତାମିଲ ପୁରାଣ ଯଥା- 'ଶିଲ୍ପାଦିକରମ୍' ଏବଂ 'ମାନିମେକାଳୀ' ମଧ୍ୟ ଏହାର ଅନ୍ତର୍ଭୁକ୍ତ ଅଟେ । ଖ୍ରୀ:ପୂ: ୩୦୦ରୁ ୩୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଦକ୍ଷିଣ ଭାରତୀୟ ସାମାଜିକ, ଅର୍ଥନୀତିକ ଏବଂ ରାଜନୈତିକ ଅବସ୍ଥା ଉପରେ ସଂଗମ ସାହିତ୍ୟ ଏକ ମୁଖ୍ୟ ଉପାଦାନରୂପେ ଆଲୋକ ପ୍ରଦାନ କରିଥାଏ । ପତ୍ନତତ୍ତ୍ୱ ଖନନ ଏବଂ ବୈଦେଶିକ ବିବରଣୀ ଅନୁଯାୟୀ ସଂଗମ ସାହିତ୍ୟରେ ବର୍ଣ୍ଣିତ ଘଟଣାବଳୀକୁ ବିଶେଷଜ୍ଞମାନେ ସର୍ବସମ୍ମତିକ୍ରମେ ଗ୍ରହଣ କରିନେଇଛନ୍ତି ।

**INTEXTQUESTIONS 1.1 - ପ୍ରତ୍ୟାଶିତ ପୂର୍ବଜ୍ଞାନ**

1. ଚାରିଗୋଟି ବେଦର ନାମ ଲେଖ ?

   (i) ____________ (ii) ____________ (iii) ____________ (iv) ____________

2. ସଂସ୍କୃତ ବ୍ୟାକରଣ ଉପରେ ପ୍ରଥମ ପୁସ୍ତକର ନାମ କ'ଣ ?

   ____________________________________________

3. ଜାତକ ଗୁଡ଼ିକ କ'ଣ ?

   ____________________________________________

4. ଦକ୍ଷିଣଭାରତୀୟ ସଂଗମ ସାହିତ୍ୟ କେଉଁ ଭାଷାରେ ରଚିତ ହୋଇଥିଲା ?

   ____________________________________________

5. ଉପନିଷଦଗୁଡ଼ିକ କ'ଣ ?

   ____________________________________________

## 1.4 NON-LTTERARY SOURCES - ଅନ୍ୟାନ୍ୟ ଉପାଦାନ

### INSCRIPTIONS - ଅଭିଲେଖ

କଠିନ ପଦାର୍ଥ ଉପରେ ଖୋଦିତ ଲେଖାକୁ ଅଭିଲେଖ କୁହାଯାଏ । ଏହି ଲେଖାଗୁଡ଼ିକ ଦୀର୍ଘସ୍ଥାୟୀ ଥିଲା । ଏହା ମୁଖ୍ୟତଃ ପ୍ରସ୍ତର, ଧାତୁ କିମ୍ବା ଟେରାକୋଟା, ଉପରେ ଉତ୍କୀର୍ଣ୍ଣ ହେଉଥିଲା । ଅଭିଲେଖ ପଠନ ବିଦ୍ୟାକୁ ଏପିଗ୍ରାଫି (epigraphy) କୁହାଯାଏ । ପ୍ରଥମେ ଅଭିଲେଖଗୁଡ଼ିକ ପ୍ରସ୍ତର ଉପରେ ଖୋଦନ କରାଯାଉଥିଲା । ପ୍ରାଚୀନ ଭାରତର ରାଜା ମହାରାଜାମାନେ ସେମାନଙ୍କର କୃତିତ୍ୱକୁ ସ୍ମରଣୀୟ ରଖିବା ପାଇଁ ଅଭିଲେଖ ମାଧ୍ୟମରେ ନିଜ ନିଜର ଗୁଣ ଗାରିମା ବର୍ଣ୍ଣନା କରୁଥିଲେ । ଧର୍ମ

ଉଦ୍ଦେଶ୍ୟରେ ପୁରୁଷ ଏବଂ ନାରୀମାନଙ୍କ ଦ୍ୱାରା ଦିଆଯାଇଥିବା ଜ୍ଞାନ ତଥା ଶାସକମାନଙ୍କର ବୀରତ୍ୱ କାହାଣୀମାନ ଆମେ ଅଭିଲେଖ ଅଧ୍ୟୟନରୁ ଜାଣିବାକୁ ପାଉ । ଯେଉଁ ଅଭିଲେଖଗୁଡ଼ିକ ପୃଷ୍ଠପୋଷକ ରାଜାଙ୍କର ପ୍ରଶଂସାଗାନ କରି ରାଜକବିମାନେ ରଚନା କରିଛନ୍ତି, ସେଗୁଡ଼ିକୁ 'ପ୍ରଶସ୍ତି' କୁହାଯାଏ । କେତେକ ଅଭିଲେଖରେ ସିଂହାସନ ଆରୋହଣର ସମୟ ବିଷୟରେ ବର୍ଣ୍ଣନା ଦେଖିବାକୁ ମିଳେ । ପୁରାତନ ଅଭିଲେଖ ଉପରେ ବର୍ଣ୍ଣିତ ତଥ୍ୟର ଅଧ୍ୟୟନକୁ 'ପାଲିଓଗ୍ରାଫି' (paleography) କୁହାଯାଏ । ପ୍ରାଚୀନ ଅଭିଲେଖଗୁଡ଼ିକ ସାଧାରଣ ଲୋକଙ୍କ ଦ୍ୱାରା ପ୍ରଚଳିତ 'ପ୍ରାକୃତ' ନାମକ ଆଞ୍ଚଳିକ ଭାଷାରେ ରଚିତ ହୋଇଥିଲା । ପରବର୍ତ୍ତୀ ସମୟରେ ତାମିଲ ଓ ସଂସ୍କୃତ ଭାଷାରେ ଅଭିଲେଖଗୁଡ଼ିକ ଉତ୍କୀର୍ଣ୍ଣ ହୋଇଥିଲା ।

ମୌର୍ଯ୍ୟ ସମ୍ରାଟ ଅଶୋକ ସର୍ବପ୍ରଥମେ ଅଭିଲେଖର ଆରମ୍ଭ କରିଥିଲେ । ତାଙ୍କର ଅଧିକାଂଶ ଅଭିଲେଖ ପ୍ରାକୃତ ଭାଷା ଏବଂ ବ୍ରାହ୍ମି ଲିପିରେ ଲେଖାଯାଇଥିଲା । ଉତ୍ତରପଶ୍ଚିମ ଭାରତରେ ଅଶୋକଙ୍କ ଶୀଳାଲେଖଗୁଡ଼ିକ ଖରୋଷ୍ଠି ଲିପିରେ ଲେଖାଯାଇଥିଲା । ଆଫଗାନିସ୍ଥାନରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଅଶୋକ ତାଙ୍କ ଅଭିଲେଖଗୁଡ଼ିକ ଆରମାଇକ୍ ଏବଂ ଗ୍ରୀକ୍ ଲିପିରେ ଉତ୍କିର୍ଷ କରିଥିଲେ । ପାଶ୍ଚାତ୍ୟ ବିଦ୍ୱାନ ଜେମସ୍ ପ୍ରିନ୍‌ସେପ୍ ୧୮୩୭ ଖ୍ରୀଷ୍ଟାବ୍ଦରେ ଅଶୋକଙ୍କ ଅଭିଲେଖ ଅକ୍ଷରଗୁଡ଼ିକ ପାଠ କରିବାରେ ସଫଳତା ହାସଲ କରିଥିଲେ । ବ୍ରିଟିଶ୍ ରାଜତ୍ୱ ସମୟରେ ସେ ଜଣେ ଇଂରେଜ କର୍ମଚାରୀ ରୂପେ କାର୍ଯ୍ୟରତ ଥିଲେ । ହିନ୍ଦୀ ଭାଷା ପରି ବ୍ରାହ୍ମି ଲିପି ବାମରୁ ଡାହାଣକୁ ଲେଖାଯାଉଥିଲା । କିନ୍ତୁ ଖରୋଷ୍ଠି ଲିପିରେ ଅକ୍ଷରଗୁଡ଼ିକ ଡାହାଣରୁ ବାମକୁ ଲେଖାଯାଉଥିଲା । ଅଶୋକଙ୍କର ଶିଳାଲେଖଗୁଡ଼ିକ ଅଶୋକଙ୍କ ଧର୍ମ ଓ ଶାସନବ୍ୟବସ୍ଥା ଉପରେ ଅନେକ ସୂଚନା ପ୍ରଦାନ କରିଥାଏ । ଖ୍ରୀ:ପୂ: ପ୍ରଥମ ଶତାବ୍ଦୀରୁ ରାଜାମାନେ ଧାର୍ମିକ ବ୍ୟକ୍ତିମାନଙ୍କୁ ଜମିପଟ୍ଟା ପ୍ରଦାନ କରିବା ଆରମ୍ଭ କରିଥିଲେ । ଦାକ୍ଷିଣାତ୍ୟର ସାତବାହନ ବଂଶର ରାଜାମାନେ ସର୍ବପ୍ରଥମେ ଏହି ଦାନପତ୍ର ପ୍ରଦାନ କରିଥିଲେ । ଏହି ଦାନପତ୍ର ଆମ୍ଭମାନଙ୍କୁ ତତ୍‌କାଳୀନ ଆଧାତ୍ମିକ ଅବସ୍ଥା ତଥା ଆର୍ଥିକ ଅବସ୍ଥା ଉପରେ ତଥ୍ୟ ପ୍ରଦାନ କରିଥାଏ । କେତେକ ଅଭିଲେଖ ଶୀଳା ଉପରେ ଉତ୍କୀର୍ଣ୍ଣ ହୋଇଥିଲା ବେଳେ ଅଧିକାଂଶ ତାମ୍ରପଟ୍ଟା ଉପରେ ଉତ୍କୀର୍ଣ୍ଣ ହୋଇଥିଲା । ଏହି ଉତ୍କୀର୍ଣ୍ଣ ତାମ୍ର ପଟ୍ଟାଗୁଡ଼ିକ ସ୍ଥାୟୀ ପ୍ରମାଣପତ୍ର ରୂପେ ଭବିଷ୍ୟତରେ ସହାୟକ ହେଉଥିଲା ।

ସେ ଯାହାହେଉ, ଅଭିଲେଖ ଉପାଦାନରେ କେତେକ ଦୋଷତ୍ରୁଟି ପରିଲିଖିତ ହୁଏ । ଉଦାହରଣ ସ୍ୱରୂପ, କେତେକ ଅଭିଲେଖରେ ଉତ୍କୀର୍ଣ୍ଣ ଅକ୍ଷରଗୁଡ଼ିକ ପରିଷ୍କାର ହୋଇନଥାଏ । ଫଳରେ ଏହାକୁ ସଠିକ୍ ଭାବରେ ପଠନ କରିହୁଏ ନାହିଁ । କେତେକ ଶୀଳାଲେଖ ସମୟକ୍ରମେ ନଷ୍ଟ ଅବସ୍ଥାକୁ ଆସିଯାଇଥାଏ ଏବଂ କେତେକ ଅକ୍ଷର କାଳକ୍ରମେ ଲିଭିଯାଇଥାଏ । ଏତଦ୍‌ବ୍ୟତୀତ, ଶୀଳାଲେଖରେ ଖୋଦିତ ଅକ୍ଷରଗୁଡ଼ିକର ଆକ୍ଷରିକ ଅର୍ଥ ବାହାର କରିବା ସହଜ ହୋଇନଥାଏ ।

## INTEXTQUESTIONS 1.2 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଅଭିଲେଖ ପଠନକୁ କ'ଣ କୁହାଯାଏ ?

2. ପ୍ରଶସ୍ତି କହିଲେ କ'ଣ ବୁଝ ?

3. ପାଲିଓଗ୍ରାଫିର ସଂଜ୍ଞା ନିରୂପଣ କର ?

4. ଅଶୋକଙ୍କର ଅଧିକାଂଶ ଶିଳାଲେଖ କେଉଁ ଲିପିରେ ରଚିତ ହୋଇଥିଲା ?

## 1.5 COINS - ମୁଦ୍ରା

ମୁଦ୍ରା ଅଧ୍ୟୟନ ବିଦ୍ୟାକୁ ମୁଦ୍ରାତତ୍ତ୍ୱ (numismatics) କୁହାଯାଏ । ଏହି ମୁଦ୍ରାଗୁଡ଼ିକରେ ଥିବା ଦେବାଦେବୀମାନଙ୍କର ମୂର୍ତ୍ତି ସମାଜରେ ପ୍ରଚଳିତ ତତ୍‌କାଳୀନ ଆଧାତ୍ମିକ ଅବସ୍ଥା ଉପରେ କେବଳ ଧାରଣା ପ୍ରଦାନ କରିନଥିଲା, ଏହା ମଧ୍ୟ ବିଭିନ୍ନ ଧାତୁ ବିଷୟରେ ଅଶେଷ ଜ୍ଞାନ ପ୍ରଦାନ କରିଥିଲା । ମୁଦ୍ରାଗୁଡ଼ିକ ସାଧାରଣତଃ ସ୍ୱର୍ଣ୍ଣ, ରୌପ୍ୟ ଓ ତାମ୍ର ଧାତୁରେ ନିର୍ମିତ ହେଉଥିଲା । ପ୍ରାଚୀନ ଭାରତର ମୁଦ୍ରାଗୁଡ଼ିକ ମଧ୍ୟରେ ସର୍ବ ପ୍ରାଚୀନ ମୁଦ୍ରାଗୁଡ଼ିକରେ କେତେକ ସଂକେତ ଦେଖିବାକୁ ମିଳେ । ସେଗୁଡ଼ିକକୁ ଛାପାଯୁକ୍ତ ବା ଆହତ ମୁଦ୍ରା (Punch-marked coin) କୁହାଯାଏ । ସେଗୁଡ଼ିକ ରୌପ୍ୟ ଏବଂ ତାମ୍ର ଧାତୁରେ ନିର୍ମିତ ହୋଇଥିଲା । ଶାସକମାନଙ୍କର ନାମ ଓ ପ୍ରତିଛବି ଥାଇ ପ୍ରଥମ ମୁଦ୍ରା ଇଣ୍ଡୋ-ଗ୍ରୀକ୍ ଶାସକମାନେ ପ୍ରଚଳନ କରିଥିଲେ । ସେମାନେ ଭାରତର ଉତ୍ତର-ପଶ୍ଚିମ ଭାଗରେ ଶାସନ କରୁଥିଲେ । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ କୁଶାଣମାନେ ସର୍ବପ୍ରଥମେ ସ୍ୱର୍ଣ୍ଣମୁଦ୍ରାର ବ୍ୟବହାର କରିଥିଲେ । ଗୁପ୍ତଯୁଗରେ କେତେକ ଦର୍ଶନୀୟ ସ୍ୱର୍ଣ୍ଣମୁଦ୍ରାର ପ୍ରଚଳନ ହୋଇଥିଲା ।

ମୁଦ୍ରା ପ୍ରଚଳିତ ସମୟର ଅର୍ଥନୈତିକ ଅବସ୍ଥା ସମ୍ବନ୍ଧରେ ଉତ୍ତମ ଓ ଉପଯୋଗୀ ତଥ୍ୟ ପ୍ରଦାନ କରିଥାଏ । କାରଣ ମୁଦ୍ରାଗୁଡ଼ିକ ସାଧାରଣତଃ ବିନିମୟ ମାଧ୍ୟମ ରୂପେ ବ୍ୟବହୃତ ହେଉଥିଲା । କେତେକ କ୍ଷେତ୍ରରେ ଶାସକମାନଙ୍କ ଅନୁମତି କ୍ରମେ ବଣିକ ନିଗମମାନ ମୁଦ୍ରା ପ୍ରଚଳନ କରୁଥିଲେ । ତେଣୁ ସେ ସମୟର ପ୍ରଭାବ ବିସ୍ତାରକାରୀ ବ୍ୟବସାୟ ଓ ବାଣିଜ୍ୟ ସମ୍ବନ୍ଧରେ ସୂଚନା ମୁଦ୍ରାରୁ ମିଳିଥାଏ । ବିଭିନ୍ନ ମୁଦ୍ରାରେ ଅଙ୍କିତ ରାଜା, ଦେବାଦେବୀ, ତଥା ଧର୍ମୀୟ ସଙ୍କେତ ତତ୍‌କାଳୀନ କଳା ଓ ଧର୍ମ ଉପରେ ଆଲୋକପାତ କରିଥାଏ ।

### INTEXTQUESTIONS 1.3 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ମୁଦ୍ରା ଅଧ୍ୟୟନକୁ କ'ଣ କୁହାଯାଏ ?

______________________________

2. ଛାପାଯୁକ୍ତ ମୁଦ୍ରା କେଉଁ ଧାତୁରେ ନିର୍ମିତ ହୋଇଥିଲା ?

______________________________

3. କେଉଁ ରାଜବଂଶ ପ୍ରଥମେ ଭାରତରେ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରିଥିଲେ ?

______________________________

## 1.6 ARCHAEOLOGY- ପ୍ରତ୍ନତତ୍ତ୍ୱ

ପ୍ରତ୍ନତତ୍ତ୍ୱ ସାହାଯ୍ୟରେ ଅତୀତର ଭଗ୍ନାବଶେଷକୁ ଆମେ ଅଧ୍ୟୟନ କରିପାରିବା । ପ୍ରତ୍ନତତ୍ତ୍ୱ ଏକ ବୈଜ୍ଞାନିକ ପଦ୍ଧତି ଯାହା ସାହାଯ୍ୟରେ ଆମେ କ୍ରମାନୁସାରେ ସ୍ତରରୁ ସ୍ତର ଭୂଖନନ କରି ବିଭିନ୍ନ ବିଷୟରେ ଆବିଷ୍କାର ଓ ଅନୁଧ୍ୟାନ କରି ତତ୍‌କାଳୀନ ଜନସାଧାରଣଙ୍କ ଜୀବନୀ ଉପରେ ଜ୍ଞାନ ଆହରଣ କରିପାରିବା । ପ୍ରାକ୍ ଐତିହାସିକ ଘଟଣା ଜାଣିବା ପାଇଁ ପ୍ରତ୍ନତତ୍ତ୍ୱର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରାକ୍ ଐତିହାସିକ ସମୟ କହିଲେ ଲେଖନ ପ୍ରଣାଳୀ ଉଦ୍ଭାବନ ହେବାର ପୂର୍ବବର୍ତ୍ତୀ ସମୟକୁ ବୁଝାଏ । ଇତିହାସ ବସ୍ତୁତଃ ଲିଖିତ ଉପାଦାନ ଉପରେ ଆଧାରିତ । ଖ୍ରୀ:ପୂ: ୨୫୦୦ ବେଳକୁ ସିନ୍ଧୁସଭ୍ୟତାରେ ଲିପି ଉଦ୍ଭାବିତ ହୋଇଥିଲା । କିନ୍ତୁ ଅଦ୍ୟାବଧି ଏହି ଲିପିର ପଠୋଦ୍ଧାର ହୋଇପାରି ନାହିଁ । ଯଦିଓ ହରପ୍ପା ଅଧିବାସୀମାନେ ଲେଖିବା ଜାଣିଥିଲେ କିନ୍ତୁ ଐତିହାସିକମାନେ ଏହାକୁ ପଢ଼ିବାକୁ ଅସମର୍ଥ । ପ୍ରଥମ ଲିପି ଯାହାକି ପାଠ କରାଯାଇପାରିଲା, ତାହା ହେଉଛି ବ୍ରାହ୍ମି ଲିପି । ଏହି ଲିପି ଅଶୋକଙ୍କ ଶୀଳାଲେଖରେ ଦେଖିବାକୁ ମିଳେ । ଏହା ଥିଲା ଖ୍ରୀ:ପୂ: ତୃତୀୟ ଶତାବ୍ଦୀର କଥା ।

ଟିପ୍ପଣୀ

ପ୍ରତ୍ନତତ୍ତ୍ୱ ଖନନ ଦ୍ୱାରା ସାତ ଲକ୍ଷ ବର୍ଷ ତଳୁ ମନୁଷ୍ୟ ବ୍ୟବହାର କରୁଥିବା ବିଭିନ୍ନ ଯନ୍ତ୍ରପାତି ଲୋକଲୋଚନକୁ ଆସିପାରିଛି । ହରପ୍ପା ସଭ୍ୟତାର ପ୍ରତ୍ନତତ୍ତ୍ୱ ଖନନ ପରେ ପ୍ରାଚୀନ ନଗରୀର ଧ୍ୱଂସାବଶେଷ, ବାସଗୃହ, ପୁରାତନ ଖପରା ଏବଂ ମନୁଷ୍ୟର ବ୍ୟବହୃତ ସାମଗ୍ରୀ ଇତ୍ୟାଦିର ସନ୍ଧାନ ମିଳିପାରିଛି । ଦକ୍ଷିଣ ଭାରତରେ କେତେକ ଲୋକ ସେମାନଙ୍କର ପ୍ରିୟ ବସ୍ତୁ, ଅସ୍ତ୍ରଶସ୍ତ୍ର, ମୃତ୍ତିକାପାତ୍ର ଏବଂ ଅନ୍ୟ ସହୋଦରଙ୍କ ସହିତ ବିଶାଳ ପ୍ରସ୍ତର ଖଣ୍ଡ ତଳେ ସମାଧି ନେଉଥିଲେ । ଏହି ସମାଧିସ୍ଥଳକୁ megliths ବା (ମେଗାଲିଥ୍ସି) କୁହାଯାଏ । ସେଗୁଡ଼ିକ ଖନନ ହେବାଦ୍ୱାରା ଖ୍ରୀ:ପୂ: ତୃତୀୟ ଶତାବ୍ଦୀ ପୂର୍ବରୁ ଦକ୍ଷିଣ ଭାରତୀୟ ଅଧିବାସୀମାନଙ୍କର ଜୀବନ ଧାରଣ ଉପରେ ଆମେ ଅନେକ ତଥ୍ୟ ପାଇଥାଉ ।

ଭୂଖନନ ଦ୍ୱାରା ଆବିଷ୍କୃତ ଧ୍ୱଂସାବଶେଷ ଗୁଡ଼ିକର ସମୟ ବିଭିନ୍ନ ପ୍ରଣାଳୀରେ ନିରୂପିତ ହୋଇଅଛି । ସେହି ପ୍ରଣାଳୀଗୁଡ଼ିକ ମଧ୍ୟରୁ ସର୍ବ ପ୍ରଧାନ ପ୍ରଣାଳୀ ହେଲା ରେଡିଓ କାର୍ବନ ବା କାର୍ବନ ୧୪ (ସି-୧୪) ସମୟ ନିର୍ଦ୍ଧାରଣ ପ୍ରଣାଳୀ । ପ୍ରତ୍ୟେକ ଜୀବନ୍ତ ବସ୍ତୁ ଦେହରେ (ସି-୧୪) ରହିଛି ଯେତେବେଳେ ଏହି ଜୀବନ୍ତ ବସ୍ତୁର ବିନାଶ ହୁଏ, ସେହି କ୍ରମରେ (ସି-୧୪)ର ମଧ ବିଲୟ ଘଟେ । ପୁରାତନ କାଷ୍ଠ କିମ୍ବା ଅସ୍ଥିରେ ଥିବା (ସି-୧୪)ର ମାତ୍ରାକୁ ମାପ କରି ଏହାର ସମୟସୀମା ନିର୍ଦ୍ଧାରଣ କରାଯାଏ । ସ୍ୱତନ୍ତ୍ର ଭାବେ (pollen analysis) ବା ପୋଲେନ୍ ବିଶ୍ଳେଷଣ ଦ୍ୱାରା ବୃକ୍ଷଲତା ଗୁଡ଼ିକର ପରୀକ୍ଷା କରାଯାଇ ଜଳବାୟୁ ଏବଂ କୃଷି ବିଷୟରେ ଆମେ ଜ୍ଞାନ ଆହରଣକରୁ ଏହି ପରୀକ୍ଷା ଦ୍ୱାରା ଜଣାଯାଇଛି ଯେ, ଖ୍ରୀ:ପୂ: ୭୦୦୦ କିମ୍ବା ଖ୍ରୀ:ପୂ: ୬୦୦୦ ବେଳକୁ କାଶ୍ମୀର ଏବଂ ରାଜସ୍ଥାନରେ କୃଷିକାର୍ଯ୍ୟ ଚାଲୁଥିଲା । ଧାତୁ ନିର୍ମିତ ଉପକରଣ ଗୁଡ଼ିକ ମଧ ବୈଜ୍ଞାନିକ ପଦ୍ଧତିରେ ବିଶ୍ଳେଷଣ କରାଯାଇ ସେଗୁଡ଼ିକର ସମୟସୀମା ନିର୍ଦ୍ଧାରିତ ହୋଇଛି । ଏଥି ସହିତ ସେହି ଧାତୁଗୁଡ଼ିକ କେଉଁ ଖଣିରୁ ଉତ୍ତୋଳିତ ହୋଇଅଛି, ତାହା ମଧ ଜାଣିହେଉଛି । ଭୂତତ୍ତ୍ୱ ଅଧ୍ୟୟନ ଦ୍ୱାରା ଆମ୍ଭେ ମୃତ୍ତିକା ଏବଂ ପ୍ରସ୍ତର ଇତ୍ୟାଦି ବିଷୟରେ ଜାଣିବାକୁ ପାଇଥାଉ । ଏଥି ସହିତ ପ୍ରାକ୍ ଐତିହାସିକ ମାନବର ବାସସ୍ଥଳୀ ବିଷୟରେ ଜାଣିପାରିଛନ୍ତି । ମୃତ୍ତିକା, ଉଦ୍ଭିଦ ଜଗତ, ଜୀବଜଗତ ଏବଂ ପ୍ରାଣୀଜଗତ ଉପରେ ସଠିକ୍ ଭାବେ ଜ୍ଞାନ ଆହରଣ ନକଲେ, ମାନବ ଇତିହାସ ଠିକ୍ ଭାବରେ ବୁଝିପାରିବା ନାହିଁ । ଏସବୁକୁ ବିଚାରକୁ ନେଇ ଆମେ ଦେଖିପାରିବା ଯେ ପ୍ରତ୍ନତତ୍ତ୍ୱ ଧ୍ୱଂସାବଶେଷ, ଭୂତତ୍ତ୍ୱ ଓ ଜୀବଜଗତ ଉପରେ ଅଧ୍ୟୟନ ମାନବ ଇତିହାସର ପୂର୍ନଗଠନ ଏବଂ ଉନ୍ନତି ପାଇଁ ଏକ ପ୍ରଧାନ ଉପାଦାନ ରୂପେ ସହାୟକ ହୋଇଥାଏ ।

## INTEXTQUESTIONS 1.4 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ପ୍ରତ୍ନତତ୍ତ୍ୱର ସଂଜ୍ଞା କ'ଣ ?

______________________________

2. ରେଡିଓକାର୍ବନ୍ ପଦ୍ଧତି ବା ସି-୧୪ ପ୍ରଣାଳୀର ବ୍ୟବହାର କାହିଁକି କରାଯାଏ ?

______________________________

## 1.7 ACCOUNTS OF FOREIGN TRAVELLERS - ବୈଦେଶିକ ବିବରଣୀ

ବୈଦେଶିକ ବିବରଣୀ ଦ୍ୱାରା ଲୌକିକ ସାହିତ୍ୟ ପରିପୃଷ୍ଟ ହୋଇଥିଲା । ଭାରତକୁ ବିଭିନ୍ନ ସମୟରେ ଗ୍ରୀକ୍, ରୋମୀୟ ଏବଂ ଚୀନ୍‌ର ଅଧିବାସୀମାନେ ରାଷ୍ଟ୍ରଦୂତ ଭାବେ କିମ୍ବା ପରିବ୍ରାଜକ ଭାବେ କିମ୍ବା ଧର୍ମଶାସ୍ତ୍ର ଅଧ୍ୟୟନ ପାଇଁ ଆସିଛନ୍ତି । ଭାରତରେ ସେମାନଙ୍କ ରହଣି କାଳରେ ସେମାନେ ସ୍ୱଚକ୍ଷୁରେ ଦେଖି ଯାହା ବର୍ଣ୍ଣନା କରିଛନ୍ତି ସେଗୁଡ଼ିକରେ ସତ୍ୟତା ବିଦ୍ୟମାନ । ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ରାଜସଭାକୁ ଗ୍ରୀକ୍ ରାଷ୍ଟ୍ରଦୂତ ମେଘାସ୍ଥିନିସ୍ ଆସିଥିଲେ । ସେ ତାଙ୍କର ବିବରଣୀକୁ 'ଇଣ୍ଡିକା' ନାମକ ପୁସ୍ତକରେ

ଟିପ୍ପଣୀ

ବର୍ଣ୍ଣନା କରିଛନ୍ତି । ଏହି ମୂଳ ପୁସ୍ତକଟି ସମ୍ପୂର୍ଣ୍ଣ ବିନଷ୍ଟ ହୋଇନଥିଲା । ଯେଉଁ କିଛି ଅଂଶ ଥିଲା, ତାକୁ ଆଧାର କରି ପରବର୍ତ୍ତୀ ଗ୍ରୀକ୍ ଲେଖକମାନେ ଏହାର ପୁନରୁଦ୍ଧାର କରିଛନ୍ତି । ଏହି ଦୁଇ ପୁସ୍ତକକୁ ଅଧ୍ୟୟନ କଲେ ମୌର୍ଯ୍ୟ ଶାସନର ସାମାଜିକ ଅବସ୍ଥା, ରାଜନୈତିକ ଅବସ୍ଥା ଏବଂ ଅର୍ଥନୈତିକ ଅବସ୍ଥା ଉପରେ ବହୁମୂଲ୍ୟବାନ ତଥ୍ୟ ମିଳିଥାଏ ।

ଗ୍ରୀକ୍ ଏବଂ ରୋମୀୟ ବିବରଣୀ ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଶତାବ୍ଦୀରେ ଭାରତ ଓ ରୋମ୍ ସାମ୍ରାଜ୍ୟ ମଧ୍ୟରେ ବାଣିଜ୍ୟିକ ସଂପର୍କ ବୃଦ୍ଧିପାଇଥିଲା । ଏହାର ବର୍ଣ୍ଣନା ଅନୁଯାୟୀ ଭାରତୀୟ ବନ୍ଦରଗୁଡ଼ିକୁ ଜାହାଜରେ ବିଭିନ୍ନ ଦ୍ରବ୍ୟ ରୋମ୍‌କୁ ରପ୍ତାନୀ କରାଯାଉଥିଲା । ଗ୍ରୀକ୍ ଭାଷାରେ ରଚିତ ପେରିପ୍ଲସଙ୍କ 'ଏରିଥ୍ରିନ୍ ସି' (Erythrean Sea) ଏବଂ ଟୋଲେମିଙ୍କ 'ଭୂଗୋଳ' (Geography) ପୁସ୍ତକରେ ଏହି ବାଣିଜ୍ୟ ବିଷୟରେ ମୂଲ୍ୟବାନ ତଥ୍ୟ ବର୍ଣ୍ଣନା କରାଯାଇଛି ।

ଚୀନ୍ ପରିବ୍ରାଜକମାନଙ୍କ ମଧ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଫା-ହିଆନ ଏବଂ ହୁଏନ ସାଂ । ଉଭୟ ବୌଦ୍ଧଧର୍ମାବଲମ୍ବୀ ଥିଲେ । ସେମାନଙ୍କର ମୁଖ୍ୟ ଲକ୍ଷ୍ୟଥିଲା ଭାରତ ବୌଦ୍ଧ ତୀର୍ଥସ୍ଥାନଗୁଡ଼ିକ ପରିଦର୍ଶନ କରିବା ଏବଂ ବୌଦ୍ଧ ଧର୍ମ ବିଷୟରେ ଶିକ୍ଷାଲାଭ କରିବା । ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଫା-ହିଆନ୍ ଭାରତକୁ ଆସିଥିଲେ । ଗୁପ୍ତବଂଶର ରାଜତ୍ୱ ସମୟରେ ଭାରତର ବିଭିନ୍ନ ଅବସ୍ଥା ଉପରେ ବିବରଣୀ ଲେଖିଯାଇ ଅଛନ୍ତି । ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ହର୍ଷବର୍ଦ୍ଧନଙ୍କ ରାଜତ୍ୱ କାଳରେ ହୁଏନ୍‌ସାଂ ଭାରତକୁ ଆସିଥିଲେ । ସେ ମଧ୍ୟ ଫା- ହିଆନଙ୍କ ପରି ବିବରଣୀ ଲେଖିଅଛନ୍ତି । ନାଳନ୍ଦା ବିଶ୍ୱବିଦ୍ୟାଳୟର ମହନୀୟତା ଉପରେ ସେ ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି ।

**INTEXTQUESTIONS 1.5 - ପ୍ରତ୍ୟାଶିତ ପୂର୍ବଜ୍ଞାନ**

1. କିଏ ଇଣ୍ଡିକା ରଚନା କରିଥିଲେ ?

____________________

2. କେଉଁ ଚୀନ୍ ପରିବ୍ରାଜକ ଭାରତକୁ ଆସିଥିଲେ, ତାଙ୍କ ନାମ ଲେଖ ?

____________________

3. କେଉଁ ଚୀନ୍ ପରିବ୍ରାଜକ ନାଳନ୍ଦା ବିଶ୍ୱବିଦ୍ୟାଳୟ ମହନୀୟତା ଉପରେ ଆଲୋକପାତ କରିଛନ୍ତି ?

____________________

## 1.8 CHANGING NOTIONS OF HISTORY- ଇତିହାସର ପରିବର୍ତ୍ତୀତ ଧାରଣା

ପାଶ୍ଚାତ୍ୟ ବିଶେଷଜ୍ଞମାନଙ୍କ ମତରେ ଭାରତୀୟ ଐତିହାସିକମାନେ ଇତିହାସ ରଚନା କରିବା ଜାଣିନଥିଲେ । କିନ୍ତୁ ଏହା ସତ୍ୟନୁହେଁ । ବାସ୍ତବରେ ଭାରତୀୟ ଐତିହାସିକମାନଙ୍କର ଇତିହାସ ରଚନା ପ୍ରଣାଳୀ ପାଶ୍ଚାତ୍ୟ ଐତିହାସିକମାନଙ୍କ ଠାରୁ ସମ୍ପୂର୍ଣ୍ଣ ଅଲଗା ଥିଲା । ପାଶ୍ଚାତ୍ୟ ଐତିହାସିକମାନେ କ୍ରମାନ୍ୱୟରେ ଘଟନାବଳୀ ଏବଂ ତଥ୍ୟ ଗୁଡ଼ିକୁ ସାଇତି ରଖିଥାନ୍ତି । କିନ୍ତୁ ଭାରତୀୟ ଐତିହାସିକମାନେ ଅଲଗା ପ୍ରକାର ରଚନା କରିଥାନ୍ତି । ପୁରାଣରେ ୪ଟି ଯୁଗ ବିଷୟରେ ବର୍ଣ୍ଣନା କରାଯାଁଇଛି । ସେଗୁଡ଼ିକ ହେଲା, ସତ୍ୟ, ତ୍ରେତୟା, ଦ୍ୱାପର ଏବଂ କଳି । ପ୍ରତ୍ୟେକ ଯୁଗର ରାଜବଂଶ ଏବଂ ରାଜାମାନଙ୍କ ଉପରେ ବିସ୍ତୃତ ବିବରଣୀ ପୂରାଣରେ ମିଳିଥାଏ । ଏତଦ୍‌ବ୍ୟତୀତ ଅସଂଖ୍ୟ ଶିଳାଲେଖଗୁଡ଼ିକ ଆବିଷ୍କୃତ ହେଲାପରେ ବିଭିନ୍ନ ରାଜବଂଶର ବଂଶାବଳୀ ଏବଂ ସେମାନଙ୍କର କୃତିତ୍ୱ ସମ୍ବନ୍ଧରେ ଅନେକ ତଥ୍ୟ ଲୋକଲୋଚନକୁ ଆସିପାରିଛି । ଏଥିରୁ ଜଣାପଡ଼େ ଯେ ଭାରତୀୟ ଐତିହାସିକମାନଙ୍କର ସ୍ଥାନ ଏବଂ ସମୟ ଉପରେ ମୌଳିକ ଜ୍ଞାନ ରହିଥିଲା, ଯେଉଁଠାରେ ଘଟଣାଗୁଡ଼ିକ ସଂଘଟିତ ହେଉଥିଲା ।

୧୭୬୫ ଖ୍ରୀ:ଅ:ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ବେଙ୍ଗଲ୍ ଏବଂ ବିହାରର ଶାସନ ଭାର ଗ୍ରହଣ କଲାପରେ ପ୍ରାଚୀନ ଭାରତର ଇତିହାସ ରଚନା କରିବା ପାଇଁ ଆଧୁନିକ ଗବେଷଣା ଆରମ୍ଭ ହେଲା । ହିନ୍ଦୁ ଆଇନ ତିଆରି କରିବା ପାଇଁ ୧୭୭୬ ଖ୍ରୀ:ଅ:ରେ ପୁରାତନ ଭାରତୀୟ ନ୍ୟାୟ ଶାସ୍ତ୍ର 'ମନୁସ୍ମୃତି'କୁ ଇଂରାଜୀରେ ଅନୁବାଦ କରାଗଲା । ଇଂରେଜମାନଙ୍କର ପୂରାତନ ହିନ୍ଦୁନ୍ୟାୟ ଶାସ୍ତ୍ର ଓ ପ୍ରଥା ଜାଣିବା ପାଇଁ ପ୍ରାରମ୍ଭିକ ପ୍ରଚେଷ୍ଟା ଫଳରେ ୧୭୮୪ରେ 'ଏସିଆଟିକ୍ ସୋସାଇଟ୍ ଅଫ୍ ବେଙ୍ଗଲ୍' 'Asiatic Society of Bengal' ପ୍ରତିଷ୍ଠା ହୋଇଥିଲା । ଏହିପରି ଅନେକ ଅନୁଷ୍ଠାନର ପ୍ରଚେଷ୍ଟା ଯୋଗୁଁ ବହୁ ଭାରତୀୟ ପୁରାତନ ଧର୍ମଶାସ୍ତ୍ର ଏବଂ ସାହିତ୍ୟ ଇଂରାଜୀ ଭାଷାରେ ଅନୁବାଦିତ ହେଲା । ମ୍ୟାକ୍ସ ମୁଲର ନାମକ ଜଣେ ଜର୍ମାନୀ ବିଶେଷଜ୍ଞ ଭାରତୀୟ ସଂସ୍କୃତିର ମହନୀୟତା ଉପରେ ଗୁରୁତ୍ୱ ଦେଇଥିଲେ । ଫଳରେ ଇଂରେଜମାନେ ଭାରତକୁ ଶାସନ କରିବା ପାଇଁ ଭାରତୀୟମାନଙ୍କ ସାମାଜିକ ଓ ନ୍ୟାୟିକ ବ୍ୟବସ୍ଥା ସମ୍ବନ୍ଧରେ ଜାଣିବାକୁ ଚାହିଁଲେ । ଏପରିକି ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଭାରତରେ ଖ୍ରୀଷ୍ଟଧର୍ମର ପ୍ରଚାର ଓ ପ୍ରସାର ପାଇଁ ଏବଂ ଇଂରେଜମାନଙ୍କ ଶକ୍ତିକୁ ଦ୍ୱିଗୁଣିତ କରିବା ପାଇଁ ଭାରତୀୟମାନଙ୍କ ସମ୍ବନ୍ଧରେ ବହୁତ କିଛି ଜାଣିବା ପାଇଁ ଆଗ୍ରହ ପ୍ରକାଶ କଲେ । ଯେତେବେଳେ ଅନୁବାଦ ଆରମ୍ଭ ହେଲା, ପାଶ୍ଚାତ୍ୟ ବିଶେଷଜ୍ଞମାନେ ଭାରତୀୟଙ୍କ ରକ୍ଷଣଶୀଳ ମନୋଭାବ ଉପରେ ଲେଖା ଆରମ୍ଭକଲେ । ଭାରତୀୟମାନେ ସ୍ୱେଚ୍ଛାଚାରୀ ଶାସନ ସହିତ ଜଡ଼ିତ ବୋଲି ଉଲ୍ଲେଖ କଲେ ।

୧୯୦୪ ଖ୍ରୀ:ଅ:ରେ ଭିନ୍‌ସେଣ୍ଟ ସ୍ମିଥ୍ 'Earley History of India' 'ଆର୍‌ଲି ହିଷ୍ଟ୍ରି ଅଫ୍ ଇଣ୍ଡିଆ' ରଚନା କଲେ । ଏହି ପୁସ୍ତକ ଥିଲା ସର୍ବପ୍ରଥମ ପୁରାତନ ଭାରତ ଇତିହାସ । ଏହି ପୁସ୍ତକରେ ସ୍ମିଥ୍ ଇଂରେଜମାନଙ୍କ ସପକ୍ଷରେ ଅନେକ କଥା ଲେଖିଛନ୍ତି । ବିଶେଷକରି ଭାରତୀୟମାନେ ଇଂରେଜମାନଙ୍କ ଦ୍ୱାରା ଶାସିତ ହେବା ଉଚିତ୍ ବୋଲି ସେ ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି । ଏହି ପୁସ୍ତକଟି ଇଂରେଜ ସାମ୍ରାଜ୍ୟବାଦର ଶକ୍ତି ବୃଦ୍ଧି କରିବା ପାଇଁ ସହାୟକ ହୋଇଥିଲା ।

ଇଂରେଜ ଶିକ୍ଷା ଗ୍ରହଣ କରିଥିବା ଭାରତୀୟ ବିଶେଷଜ୍ଞମାନେ ଇଂରେଜମାନଙ୍କ ଦ୍ୱାରା ତ୍ରୁଟିପୂର୍ଣ୍ଣ ଇତିହାସ ରଚନା ଦେଖି ବୀତସ୍ପୃହ ହେଲେ । ଜାତୀୟତାରେ ଉଦ୍‌ବୁଦ୍ଧ ହୋଇ ସେମାନେ ନିଜ ଦେଶର ଇତିହାସକୁ ସଂଶୋଧିତ କରିଲେଖିବା ପାଇଁ ପ୍ରଚେଷ୍ଟା କଲେ । ସେମାନେ ଭାରତୀୟ ସଂସ୍କୃତିର ମହନୀୟତାକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରିବା ପାଇଁ ଲେଖନୀ ଚାଳନା କଲେ । ବିଭିନ୍ନ ତଥ୍ୟସାମଗ୍ରୀ ଉପାଦାନ ସଂଗ୍ରହ କରି ଆର.ଜି. ଭଣ୍ଡାରକର (୧୮୩୭-୧୯୨୫) ଏବଂ ଭି.କେ. ରାଜୱାଡେ (୧୮୬୯-୧୯୨୬)ଙ୍କ ପରି ଦୁଇଜଣ ବିଖ୍ୟାତ ଜାତୀୟତାବାଦୀ ଭାରତୀୟ ଐତିହାସିକ, ଭାରତୀୟ ସାମାଜିକ ଇତିହାସ ଓ ଭାରତର ରାଜନୈତିକ ଇତିହାସକୁ ପୁର୍ନ ରଚନା କରିଥିଲେ । ସେମାନେ ଏହାକୁ ରଚନା କଲାବେଳେ ବାଲ୍ୟବିବାହ ଓ ଜାତିପ୍ରଥା ଭଳି ସାମାଜିକ ବ୍ୟାଧିକୁ ସମାଲୋଚନା କରିଥିଲେ । ଅନ୍ୟ ପକ୍ଷରେ ସେମାନେ ବିଧବା ବିବାହକୁ ଉତ୍ସାହିତ କରିଥିଲେ । ଐତିହାସିକ ପି.ଭି. କାନେ (୧୮୮୦-୧୯୭୨) ଅବଦାନ ଥିଲା ଉଲ୍ଲେଖଯୋଗ୍ୟ । ସେ 'ହିଷ୍ଟ୍ରି ଅଫ୍ ଧର୍ମଶାସ୍ତ୍ର' (History of Dharma Sashtra) ନାମକ ଏକ ସ୍ମରଣୀୟ ପୁସ୍ତକ ରଚନା କରି ପୁରାତନ ଭାରତୀୟ ସାମାଜିକ ବ୍ୟବସ୍ଥାର ମୁଖ୍ୟ ଉପାଦାନ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଭାରତୀୟ ବିଦ୍ୱାନମାନେ ଯତ୍ନର ସହିତ ପୁରାତନ ଭାରତୀୟ ଗ୍ରନ୍ଥକୁ ଅଧ୍ୟୟନ କରି ଶାସନ କ୍ଷେତ୍ରରେ ସେମାନଙ୍କର କିପରି ଦକ୍ଷତା ଥିଲା, ତାହା ପ୍ରମାଣ କରିଛନ୍ତି । ଡି.ଆର୍. ଭଣ୍ଡାରକର ନାମକ ଜଣେ ଅଭିଲେଖତତ୍ତ୍ୱବିତ୍ (୧୮୭୫-୧୯୫୦) ପୁରାତନ ଭାରତୀୟ ରାଜନୈତିକ ଅନୁଷ୍ଠାନଗୁଡ଼ିକ ସଂବଂଧରେ ଲେଖନୀ ଚାଳନା କଲେ । ଏଚ୍.ସି. ରାୟଚୌଧୁରୀ (୧୮୯୨-୧୯୫୭) ପୁରାତନ ଭାରତ ଇତିହାସକୁ ନିର୍ଭୁଲ ଭାବରେ ଲେଖିବା ସଂଗେ ସଂଗେ ବିଭିନ୍ନ ଯାଗାରେ ଭି.ଏ. ସ୍ମିଥ୍‌ଙ୍କୁ ସମାଲୋଚନା କରିଥିଲେ । ଆର୍.ସି. ମଜୁମଦାର (୧୮୮୮-୧୯୮୦) ନାମକ ଜଣେ ବିଶିଷ୍ଟ ଐତିହାସିକ 'ହିଷ୍ଟ୍ରି ଏଣ୍ଡ କଲ୍‌ଚର ଅଫ୍ ଇଣ୍ଡିଆନ୍ ପିପୁଲ୍' ନାମକ ଶୀର୍ଷକରେ ଅନେକ

ଖଣ୍ଡ ପୁସ୍ତକ ରଚନା କରି ଆଲୋଡ଼ନ ସୃଷ୍ଟି କରିଥିଲେ । ୧୯୬୦ ଖ୍ରୀ:ଆ: ପର୍ଯ୍ୟନ୍ତ ଭାରତୀୟ ଐତିହାସିକମାନେ ଜାତୀୟତା ସ୍ରୋତରେ ଉଦ୍‌ବୁଦ୍ଧ ହୋଇ ସେମାନଙ୍କ ଆଞ୍ଚଳିକ ଇତିହାସକୁ ଲେଖାମାଧ୍ୟମରେ ପ୍ରକାଶ କରିଥିଲେ । କେ.ପି. ଜୟସାଲ୍ (୧୮୮୧-୧୯୩୭) ପୁରାତନ ଭାରତରେ ସାଧାରଣତନ୍ତ୍ରିକ ଶାସନ ଓ ସ୍ୱରାଜ ଥିଲା ବୋଲି ବର୍ଣ୍ଣନା କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି ।

ଭାରତ ସ୍ୱାଧୀନତା ଲାଭ କଲାପରେ ନୂତନ ପ୍ରକାର ଇତିହାସ ରଚନା ଆରମ୍ଭ ହେଲା । ରାଜନୈତିକ ଇତିହାସ ପରିବର୍ତ୍ତେ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ଇତିହାସ ଲେଖାହେଲା । ଏହି ପ୍ରକାର ଲେଖା ମଧ୍ୟରୁ ଏ.ଏଲ୍. ବାସାମ୍‌ଙ୍କ ରଚିତ ଦି ଓ୍ୱାଣ୍ଡର ଦ୍ୟାଟ୍ ଓ୍ୱାଜ୍ ଇଣ୍ଡିଆ (The Wonder that was India) (୧୯୧୪-୧୯୮୬) ଅନ୍ୟତମ ଅଟେ । ଏହାପରେ ଭାରତର ସାମାଜିକ ଓ ଅର୍ଥନୈତିକ ଅବସ୍ଥା ଉପରେ ଡି.ଡି. କୋସାମ୍ବି (୧୯୦୭-୧୯୬୬) ନାମକ ଜଣେ ଲବ୍ଧପ୍ରତିଷ୍ଠ ଐତିହାସିକ ଏକ ଉପଯୋଗୀ ପୁସ୍ତକ ରଚନା କରିଥିଲେ । ଏହି ପୁସ୍ତକର ନାମ ଥିଲା 'ଆନ୍ ଇଣ୍ଟ୍ରୋଡ଼କ୍ସନ୍ ଟୁ ଷ୍ଟଡି ଅଫ୍ ଇଣ୍ଡିଆନ୍ ହିଷ୍ଟ୍ରି' । ଅନେକ ଐତିହାସିକ ତାଙ୍କର ପଦାଙ୍କ ଅନୁସରଣ କରି ଭାରତର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଅବସ୍ଥା ଉପରେ ଗୁରୁତ୍ୱ ପ୍ରଦାନ କରି ଇତିହାସ ରଚନା କରିଥିଲେ । ସେମାନେ ମୁଖ୍ୟତଃ ବିଭିନ୍ନ ଉତ୍ପାଦନ ପ୍ରକ୍ରିୟା ଏବଂ ବିଭିନ୍ନ ଦଳ ମଧ୍ୟରେ ସାମାଜିକ ଓ ଅର୍ଥନୈତିକ ସଂପର୍କ ଉପରେ ପ୍ରାଧାନ୍ୟ ଦେଇ ଇତିହାସ ରଚନା କରିଥିଲେ ।

**INTEXTQUESTIONS 1.6 - ପ୍ରତ୍ୟାଶିତ ପୂର୍ବଜ୍ଞାନ**

1. ଭାରତର ସ୍ୱାଧୀନତା ପରେ ଇତିହାସ ରଚନା କରିବା କ୍ଷେତ୍ରରେ ଯେଉଁ ଉନ୍ନତି ପରିଲକ୍ଷିତ ହୋଇଥିଲା ତାହା ବର୍ଣ୍ଣନା କର ।

## 1.9 THEMES IN INDIAN HISTORY- ଭାରତ ଇତିହାସର ବିଷୟବସ୍ତୁ

ଭାରତର ଅତୀତ ଇତିହାସ ବିଷୟରେ ଏକ ମୋଟାମୋଟି ଧାରଣା ଆହରଣ ପାଇଁ ଛାତ୍ରମାନେ ସମାଜର ବିଭିନ୍ନ ଦିଗ ବିଷୟରେ ଜାଣିବା ଆବଶ୍ୟକ । ଏହାକୁ ଇତିହାସର କଥାବସ୍ତୁ କୁହାଯାଏ । ଏହି କଥାବସ୍ତୁକୁ ଅଧ୍ୟୟନ କରି ଆମେ ସାମାଜିକ, ଅର୍ଥନୀତିକ ଓ ସାଂସ୍କୃତିକ ଓ ରାଜନୈତିକ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ଜ୍ଞାନ ଆହରଣ କରିପାରିବା । ଉପରୋକ୍ତ କ୍ଷେତ୍ରରେ ଉନ୍ନତି ପରସ୍ପର ସହ ସଂଯୁକ୍ତ । ବେଳେବେଳେ ସେମାନଙ୍କ ମଧ୍ୟରେ ପାର୍ଥକ୍ୟ ଦେଖାଯାଏ । ଉଦାହରଣ ସ୍ୱରୂପ ଋଗ୍‌ବେଦ ଯୁଗର ସମାଜରେ ପଶୁପାଳନ ମୁଖ୍ୟ ଜୀବିକା ଥିଲା ବେଳେ ପରବର୍ତ୍ତୀ ବୈଦିକ ସମାଜର ମୁଖ୍ୟ ଜୀବିକା ଥିଲା କୃଷି । ଏହା ଫଳରେ ସେହିପରି ଭାବରେ ରାଜନୈତିକ ବ୍ୟବସ୍ଥାରେ ମଧ ପରିବର୍ତ୍ତନ ଦେଖାଯାଇଥିଲା । ଋଗ୍‌ବେଦ ଯୁଗର ରାଜାଙ୍କୁ ଗୋପତି କୁହାଯାଉଥିଲା ବେଳେ ପରବର୍ତ୍ତୀ ବୈଦିକ ଯୁଗର ରାଜାଙ୍କୁ ଭୂପତି କୁହାଯାଉଥିଲା । ଏହା ସହିତ ବିଭିନ୍ନ ରାଜାଙ୍କ ମଧ୍ୟରେ ଅଧିକ ରାଜ୍ୟ ଅଧିକାର ପାଇଁ ସଂଘର୍ଷ ଚାଲିଲା । ରାଜାମାନେ କ୍ରମଶଃ ଶକ୍ତିଶାଳୀ ହେଲେ ଏବଂ ବଂଶାନୁକ୍ରମିକ ରାଜତନ୍ତ୍ର ପ୍ରତିଷ୍ଠିତ ହେଲା । ଏଥିରୁ ଆମେ ଲକ୍ଷ୍ୟ କଲେ ଯେ ବିଭିନ୍ନ ସମୟରେ ଏବଂ ଭିନ୍ନ ଭିନ୍ନ ସ୍ତରରେ ପରିବର୍ତ୍ତନ ପରସ୍ପର ସହିତ ସଂପୃକ୍ତ ହୋଇ ଉନ୍ନତି ପରିଲିଖିତ ହୋଇଥିଲା ଏବଂ ବେଳେ ବେଳେ ଅଗ୍ରଗତିକୁ ପ୍ରଭାବିତ କରୁଥିଲା । ଏହି ବିଷୟ ସୂଚୀରେ ତୁମ୍ଭେମାନେ କଳା, ସ୍ଥାପତ୍ୟ, ଜାତିପ୍ରଥା, ବିଜ୍ଞାନ, ଅର୍ଥନୀତି ଓ ଯାନ୍ତ୍ରିକ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସଂପର୍କରେ ଶିକ୍ଷାଲାଭ କରିପାରିବ ଏବଂ ଏଥିସହିତ ବିଭିନ୍ନ ପ୍ରକାର ଧର୍ମର ଉତ୍ପତ୍ତି ଓ ଅଗ୍ରଗତି ବିଷୟରେ ଜାଣିପାରିବ ।


ଟିପ୍ପଣୀ

## TERMINAL QUESTIONS- ନିଜକୁ ନିଜେ ପରଖିବା

1. ପ୍ରାଚୀନ ଭାରତର ଧର୍ମନିରପେକ୍ଷ ସାହିତ୍ୟ ଉପରେ ସଂକ୍ଷିପ୍ତ ଟିପ୍ପଣୀ ପ୍ରଦାନ କର ।
2. ଇତିହାସ ରଚନା କରିବା ପାଇଁ ମୁଦ୍ରା କିପରି ଏକ ଉପଯୋଗୀ ଉପାଦାନ ୫ଟି ଧାଡ଼ିରେ ବର୍ଣ୍ଣନା କର ।
3. ଅତୀତ ବିଷୟରେ ଜାଣିବା ପାଇଁ ପ୍ରତ୍ନତତ୍ତ୍ୱ ଆମକୁ କିପରି ସାହାଯ୍ୟ କରିଥାଏ ।

## ANSWERS TOINTEXT QUESTIONS- ପ୍ରତ୍ୟାଶିତ ପଶ୍ନର ଉତ୍ତର

**1.1**

1. ଋଗ୍‌ବେଦ, ସାମବେଦ, ଜର୍ଜୁବେଦ, ଅର୍ଥବବେଦ ।
2. ଅଷ୍ଟାଧାୟୀ ।
3. ଯେଉଁଥିରେ ବୁଦ୍ଧଙ୍କ ପୂର୍ବଜନ୍ମର ଗଳ୍ପଗୁଡ଼ିକ ରହିଅଛି ।
4. ତାମିଲ
5. ବେଦର ଶେଷ ଅଙ୍ଗ ହେଉଛି ଉପନିଷଦ ।ଆତ୍ମା ଓ ପରମାତ୍ମା ଉପରେ ଏଥିରେ ଦାର୍ଶନିକ ତତ୍ତ୍ୱ ଆଲୋଚିତ ହୋଇଛି ।

**1.2**

1. ଏପିଗ୍ରାଫି ବା ଅଭିଲେଖ ପଠନ ବିଦ୍ୟା ।
2. ଯେଉଁ ଶୀଳା ଲେଖରେ ରାଜାଙ୍କର ପ୍ରଶଂସା ଓ ଗୁଣକୀର୍ତ୍ତନ ରାଜକବିମାନଙ୍କ ଦ୍ୱାରା ହୋଇଥାଏ ।
3. ଲିପି
4. ବ୍ରାହ୍ମି

**1.3**

1. ମୁଦ୍ରାତତ୍ତ୍ୱ
2. ରୌପ୍ୟ ଏବଂ ତାମ୍ରମୁଦ୍ରା
3. କୁଶାଣ

**1.4**

1. ଅତୀତକୁ ଜାଣିବା ପାଇଁ ବୈଜ୍ଞାନିକ ପଦ୍ଧତିରେ ଭୂଖନନ ।
2. ପତ୍ନତତ୍ତ୍ୱଖନନ ଦ୍ୱାରା ମିଳିଥିବା କାଷ୍ଠ ଏବଂ ଅସ୍ଥିର ସମୟ ନିରୂପଣ ।

**1.5**

1. ମେଘାସ୍ଥିନିସ୍‌
2. ଫା- ହିଆନ୍‌
3. ହୁଏନ୍ ସାଂ

**1.6**

1. Refer para 6 section 1.9

**HINTS TO TERMINAL QUESTIONS**

1. Refer 1.3
2. Refer 1.5
3. Refer 1.6

# 2

## ଭୌଗଳିକ ଅବସ୍ଥିତି ଏବଂ ଭାରତର ପ୍ରାକ୍-ଐତିହାସିକ ସଂସ୍କୃତି

କୌଣସି ଦେଶ ବା ଅଞ୍ଚଳର ଭୌଗଳିକ ଅବସ୍ଥିତି ବିଷୟରେ କିଛି ଜାଣି ନ ଥିଲେ, ତା'ର ଇତିହାସ ମଧ ବୁଝିହେବନାହିଁ । ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଅଧିବାସୀ, ସେମାନେ ବାସ କରୁଥିବା ସ୍ଥାନର ଭୌଗଳିକ ଅବସ୍ଥା ଏବଂ ପାରିପାର୍ଶ୍ୱିକ ଅବସ୍ଥା ଦ୍ୱାରା ପ୍ରଭାବିତ ହୋଇଥାନ୍ତି । କୌଣସି ଅଞ୍ଚଳର ପ୍ରାକୃତିକ ଭୂଗୋଳ ଏବଂ ପରିବେଶ ସେଠାକାର ଜଳବାୟୁ, ଭୂମିରୂପ, ଜଳଭାଗ ଏବଂ କ୍ରାନ୍ତିବଳୟକୁ ନେଇ ଗଠିତ । ଏଗୁଡ଼ିକ କୌଣସି ଅଞ୍ଚଳର ବସତି ସ୍ଥାପନ, ଜନସଂଖ୍ୟା ବୃଦ୍ଧି, ଖାଦ୍ୟ ଉତ୍ପାଦନ, ମନୁଷ୍ୟର ଚଳଣି ଓ ବ୍ୟବହାର ଉପରେ ପ୍ରଭାବ ପକାଇଥାଏ । ଭାରତୀୟ ଉପମହାଦେଶରେ ବିଭିନ୍ନ ପ୍ରକାର ଅଞ୍ଚଳ ଏବଂ ଭିନ୍ନ ଭିନ୍ନ ଭୌଗଳିକ ଅବସ୍ଥିତି ରହିଛି ଯାହା ଗଭୀର ଭାବରେ ଏହାର ଇତିହାସକୁ ପ୍ରଭାବିତ କରିଥାଏ ।

ଭୌଗଳିକ ଦୃଷ୍ଟିକୋଣରୁ ବିଚାର କଲେ ପ୍ରାଚୀନ ଯୁଗରେ ଭାରତୀୟ ଉପମହାଦେଶ ଭାରତ, ବଙ୍ଗଳାଦେଶ, ନେପାଳ, ଭୁଟାନ ଏବଂ ପାକିସ୍ତାନକୁ ନେଇ ଗଠିତ ହୋଇଥିଲା । ଭୌଗଳିକ ବିଭିନ୍ନତାକୁ ଆଧାର କରି ଭାରତରେ ବିଭିନ୍ନ ଭୂମିରୂପ ନିମ୍ନ ଲିଖିତ ମତେ ଆଲୋଚନା କରାଯାଇପାରେ, ସେଗୁଡ଼ିକ ହେଲା :-

(i) ହିମାଳୟ ପାର୍ବତ୍ୟ ଅଞ୍ଚଳ

(ii) ଉତ୍ତରଭାରତ ସମତଳ ଭୂମି

(iii) ପ୍ରାୟଦ୍ୱୀପ ବା ଉପଦ୍ୱୀପ

### OBJECTIVES - ଉଦ୍ଦେଶ୍ୟ


**ଏହି ଅଧ୍ୟାୟ ଅଧ୍ୟୟନ ପରେ ତୁମେ ଯାହା ଜାଣିବାକୁ ସମର୍ଥ ହେବ :**

- ଭାରତର ପ୍ରାକୃତିକ ବିଭାଗ ।
- ପ୍ରତ୍ୟେକ ଅଞ୍ଚଳର ବିଭିନ୍ନ ପ୍ରାକୃତିକ ଅବସ୍ଥା ।
- କେତେକ ଭୌଗଳିକ ଅଞ୍ଚଳ ଅନ୍ୟାନ୍ୟ ଅଞ୍ଚଳଠାରୁ କାହିଁକି ମୂଲ୍ୟବାନ ।
- ପରିବେଶର ସଂଜ୍ଞା ।
- ଭୌଗଳିକ ଅବସ୍ଥିତି ଓ ଐତିହାସିକ ଅଗ୍ରଗତି ମଧ୍ୟରେ ଭିନ୍ନ ଭିନ୍ନ ଅଞ୍ଚଳରେ ସଂପର୍କ ପ୍ରତିଷ୍ଠା ।
- ପ୍ରାକ୍ ଇତିହାସ, ପ୍ରାକ୍ ଐତିହାସିକ ସଂସ୍କୃତି ଏବଂ କ୍ଷୁଦ୍ରପ୍ରସ୍ତର ସଂଜ୍ଞା ।
- ବ୍ୟବହୃତ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ରରୁ ନିମ୍ନ, ମଧ୍ୟମ ଓ ଉଚ୍ଚ ପୁରାତନ ପ୍ରସ୍ତରଯୁଗ ମଧ୍ୟରେ ପାର୍ଥକ୍ୟ ।
- ଜଳବାୟୁ ଏବଂ ବ୍ୟବହୃତ ବିଭିନ୍ନ ପଦାର୍ଥର ବ୍ୟବହାର କୁଆଧାର କରି ମଧ୍ୟଯୁଗୀୟ ପ୍ରାଚୀନ ପ୍ରସ୍ତର ଯୁଗ ଏକ ପରିବର୍ତ୍ତିତ ଯୁଗ ଥିଲା ବୋଲି ଧାରଣା ।

- ନୂତନ ପ୍ରସ୍ତର ଯୁଗର ମୁଖ୍ୟ ବିଭାଗମାନ ।
- ପ୍ରାଚୀନ ପ୍ରସ୍ତରଯୁଗ ଏବଂ ନୂତନ ପ୍ରସ୍ତରଯୁଗ ମଧ୍ୟରେ ଥିବା ପାର୍ଥକ୍ୟ ।
- ପ୍ରାକ୍ ଐତିହାସିକ କଳା ।

## 2.1 THE HIMALAYAS- ହିମାଳୟ ଅଞ୍ଚଳ

ହିମାଳୟ ପର୍ବତ ପୃଥିବୀର ସର୍ବ ବୃହତ ଏବଂ ଦୀର୍ଘତମ ପର୍ବତ ଅଟେ । ଏହାର ଲମ୍ବ ଆନୁମାନିକ ୨,୪୦୦ କିଲୋମିଟର । (ମାନଚିତ୍ର 2.1) । ଏହି ପର୍ବତମାଳା ବହିଃଶତ୍ରୁ ଆକ୍ରମଣରୁ ଆମକୁ ରକ୍ଷାକରେ ଏବଂ ଉତ୍ତର ଦିଗରୁ ପ୍ରବାହିତ ଥଣ୍ଡାବାୟୁ କବଳରୁ ଆମକୁ ରକ୍ଷାକରେ । ଏହି ପର୍ବତମାଳାରେ ମୌସୁମୀ ବାୟୁ ବାଧାପ୍ରାପ୍ତ ହୋଇ ଉତ୍ତର ଭାରତରେ ବର୍ଷା କରାଇଥାଏ । ସେ ଯାହା ହେଉ, ଏହି ପର୍ବତରେ କେତେକ ଦୁର୍ଭେଦ୍ୟ ଗିରିସଙ୍କଟ ରହିଛି । ଏହି ଗିରିପଥ ଦେଇ କେତେକ ଆକ୍ରମଣକାରୀ, ବଣିକ, ଧର୍ମ ପ୍ରଚାରକ ଭାରତ ମଧ୍ୟକୁ ପ୍ରବେଶ କରିଛନ୍ତି । ଫଳରେ ମଧ୍ୟ ଏସିଆ, ଚୀନ୍ ଏବଂ ତିବ୍ବତ୍ ସହିତ ପ୍ରାଚୀନ କାଳରେ ସାଂସ୍କୃତିକ ସମ୍ପର୍କ ବୃଦ୍ଧି ପାଇଥିଲା ।




ମାନଚିତ୍ର ୨.୧ : ବୃହତ ଉତ୍ତର ଭାରତ ପାର୍ବତ୍ୟ ଅଞ୍ଚଳ



ଟିପ୍ପଣୀ



ଏହାର ଉତ୍ତରପଶ୍ଚିମ ଥିବା ଭଗ୍ନ ହିମାଳୟ ପର୍ବତମାଳାରେ ଥିବା ଗିରିପଥ ଇରାନ୍, ମଧ ଏସିଆ, ଆଫଗାନିସ୍ଥାନ ମଧ ଦେଇ ଭାରତ ସହ ସଂଯୁକ୍ତ ହୋଇଅଛି । ଏହି ପର୍ବତମାଳାରେ ରହିଛନ୍ତି ଗୋମାଲ, ବୋଲାନ୍ ଏବଂ ଖାଇବର ଗିରିପଥ । ଗ୍ରୀକ୍, ଶକ, କୁଶାଣ ସମେତ ଅନ୍ୟାନ୍ୟ ବିଦେଶୀ ଜାତି ଏହି ପଥଦେଇ ଭାରତରେ ପହଞ୍ଚିଥିଲେ । ସେହିପରି ବୌଦ୍ଧଧର୍ମ ମଧ ଭାରତରୁ ଆଫଗାନିସ୍ଥାନ ଓ ମଧ ଏସିଆକୁ ଏହି ଗିରିପଥ ଦେଇ ପ୍ରବେଶ କରିଥିଲା ।

## 2.2 THE RIVER PLAINSO OF NORTH INDIA-ଉତ୍ତର ଭାରତ ସମତଳ ଅଞ୍ଚଳ

ହିମାଳୟରୁ ଆସୁଥିବା ହିମ ଉତ୍ତର ଭାରତରେ ପ୍ରବାହିତ ସିନ୍ଧୁ, ଗଙ୍ଗା ଏବଂ ବ୍ରହ୍ମପୁତ୍ର ଇତ୍ୟାଦି ନଦୀଗୁଡ଼ିକୁ ପରିପୁଷ୍ଟ କରିଥାଏ । ଏହି ନଦୀଗୁଡ଼ିକର ଉର୍ବର ଅବବାହିକା ସ୍ଥାୟୀ ବସତି ସ୍ଥାପନ କରିବା ପାଇଁ ବିଭିନ୍ନ ଜାତିଙ୍କୁ ଆମନ୍ତ୍ରଣ କରିଛି । ଏହି ଉର୍ବର ଅଞ୍ଚଳ ମଧ ଆକ୍ରମଣକାରୀଙ୍କ କବଳରୁ ରକ୍ଷା ପାଇପାରିନାହିଁ । ଏହି ସମତଳ ଅଞ୍ଚଳରେ ପଞ୍ଜାବ ଓ ସିନ୍ଧୁ ଅବସ୍ଥିତ । ସିନ୍ଧୁ ଅଞ୍ଚଳର ଉପନଦୀଗୁଡ଼ିକ ପ୍ରବାହିତ ହୋଇ ଏକ ବିଶାଳ ଉର୍ବର ସମତଳ ଅଞ୍ଚଳ ସୃଷ୍ଟି କରିଛନ୍ତି । ଏହାକୁ ଭାରତୀୟ ଉପମହାଦେଶର 'ବ୍ରେଡ୍ ବାସେକ୍ଟ' (Bread basket) ବା ଖାଦ୍ୟ ଭଣ୍ଡାର ବୋଲି କୁହାଯାଏ । ଗହମଚାଷ ପାଇଁ ଏହି ଅଞ୍ଚଳ ଅତ୍ୟନ୍ତ ଉପଯୁକ୍ତ ହୋଇଥିବାରୁ ଏହାର ନାମକରଣ ଏପରି ହୋଇଛି । ଅତୀତ କାଳରୁ ଏହି ସ୍ଥାନର ଅବସ୍ଥିତି ଏବଂ ଉର୍ବରତା ପାଇଁ ବୈଦେଶିକ ଆକ୍ରମଣକାରୀଙ୍କୁ ଆକର୍ଷିତ କରିଆସିଅଛି । ଏହି ସିନ୍ଧୁ ଅଞ୍ଚଳରେ ନିମ୍ନସିନ୍ଧୁ ଅଞ୍ଚଳ ଓ ତ୍ରିକୋଣଭୂମି ଅବସ୍ଥିତ । ଏହି ସ୍ଥାନରେ ହରପ୍ପା ସଂସ୍କୃତି ପରି ଏକ ସହରୀ ସଂସ୍କୃତି ସର୍ବ ପ୍ରଥମେ ଗଢ଼ି ଉଠିଥିଲା । ଗାଙ୍ଗେୟ ସମତଳ ଭୂମିରେ ଅଧିକ ବର୍ଷା ହେଉଥିବାରୁ ଏହାର ଆଦ୍ରତା ସିନ୍ଧୁଅଞ୍ଚଳ ଅପେକ୍ଷା ଅଧିକ ଥିଲା । ଏହି ସମତଳ ଅଞ୍ଚଳ ତିନି ଭାଗରେ ବିଭକ୍ତ ଯଥା- ଉଚ୍ଚ, ମଧମ ଏବଂ ନିମ୍ନ ଗାଙ୍ଗେୟ ସମତଳଭୂମି । ଦକ୍ଷିଣ-ପଶ୍ଚିମ ଉତ୍ତରପ୍ରଦେଶ ଉଚ୍ଚ ଗାଙ୍ଗେୟ ସମତଳ ଭୂମିର ଅନ୍ତର୍ଗତ । ପ୍ରାଚୀନ କାଳରେ ଏଠାରେ ସଂସ୍କୃତି ଉନ୍ନତିର ଚରମ ସୀମାରେ ଉପନୀତ ହୋଇଥିଲା । ପରବର୍ତ୍ତୀ ବୈଦିକ ଯୁଗର ଅଧିବାସୀ ଏଠାରେ ସ୍ଥାୟୀ ବସତି ସ୍ଥାପନ କରିଥିଲେ ଏବଂ କୃଷି ସେମାନଙ୍କର ମୁଖ୍ୟ ଜୀବିକା ଥିଲା । ପୂର୍ବ ଉତ୍ତର ପ୍ରଦେଶ ଏବଂ ବିହାର ମଧ ଗାଙ୍ଗେୟ ସମତଳ ଭୂମିରେ ଅବସ୍ଥିତ । ଏଠାରେ ପ୍ରଚୁର ବର୍ଷା ହୋଇଥାଏ ଏବଂ ଏହା ସବୁଠାରୁ ଉର୍ବରଶାଳୀ ଅଞ୍ଚଳ । ଏହି ଅଞ୍ଚଳରେ ଖ୍ରୀ: ପୂ: ଷଷ୍ଠ ଶତାବ୍ଦୀରେ କାଶୀ, କୋଶଳ ଏବଂ ମଗଧ ପରି ମହାଜନପଦ ଗୁଡ଼ିକ ଗଢ଼ି ଉଠିଥିଲା । ଭାରତର ଦୁଇ ମୁଖ୍ୟ ଧର୍ମ- ବୌଦ୍ଧଧର୍ମ ଏବଂ ଜୈନଧର୍ମ ଏହି ଠାରେ ଜନ୍ମଲାଭ କରିଥିଲା ।


ନିମ୍ନ ଗାଙ୍ଗେୟ ସମତଳ ଅଞ୍ଚଳରେ ବେଙ୍ଗଲ୍ ଅବସ୍ଥିତ । ଏହାର ଉତ୍ତର ଭାଗ ବ୍ରହ୍ମପୁତ୍ର ନଦୀ ଦ୍ୱାରା ପ୍ଲାବିତ ହେଉଥିଲା । ଏଠାରେ ପ୍ରବଳ ବର୍ଷା, ଘନଜଙ୍ଗଲ ଓ ସନ୍ତସନ୍ତିଆ ଭୂମି ଯୋଗୁ ପ୍ରଥମେ ଏଠାରେ ସ୍ଥାୟୀ ବସତି ସ୍ଥାପନ କରିବା କଷ୍ଟସାଧ ଥିଲା । କିନ୍ତୁ ଏହାର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ପ୍ରଧାନ ମାଧମ ଭାବେ ଭାରତୀୟ ଉପମହାଦେଶର ଅନ୍ୟାନ୍ୟ ଅଞ୍ଚଳ ସହିତ ଏବଂ ଦକ୍ଷିଣପୂର୍ବ ଏସିଆ ସହିତ ସଂଯୋଗ ସ୍ଥାପନ କରିଥିଲେ । ତାମ୍ରଲିପ୍ତୀ ବା ତାମଲୁକ୍ ନାମକ ଏହି ଅଞ୍ଚଳର ଏକ ସାମୁଦ୍ରିକ ବନ୍ଦର ବାଣିଜ୍ୟିକ କାର୍ଯ୍ୟକ୍ରମ ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା । ମହାନଦୀ ଏବଂ ଏହାର ଶାଖାନଦୀଗୁଡ଼ିକର ଅବବାହିକାକୁ ନେଇ ପୂର୍ବ ଭାରତ ସମତଳ ଅଞ୍ଚଳ ଗଠିତ ହୋଇଥିଲା । ଏହି ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ କୃଷି, ସଭ୍ୟତା ଓ ସଂସ୍କୃତିର ଉନ୍ନତିରେ ସହାୟକ ହୋଇଥିଲା । ଖ୍ରୀ:ପୂ: ଚତୁର୍ଥ ଶତାବ୍ଦୀ ବେଳକୁ ଏହି ଅଞ୍ଚଳ ନନ୍ଦବଂଶ ଏବଂ ମୌର୍ଯ୍ୟବଂଶ ଶାସନ କାଳରେ ଗାଙ୍ଗେୟ ସମତଳ ଅଞ୍ଚଳ ସହ ସମ୍ପର୍କ ସ୍ଥାପନ କରିଥିଲା । ୧୦୦୦ ଖ୍ରୀ: ଅ: ବେଳକୁ ଓଡ଼ିଶା ତା'ର ସାଂସ୍କୃତିକ ଉନ୍ନତି ଆରମ୍ଭ କଲା ।

ଆଧୁନିକ ରାଜସ୍ଥାନ ଏବଂ ଗୁଜୁରାଟ ପଶ୍ଚିମ ଭାରତୀୟ ଅଞ୍ଚଳର ଅନ୍ତର୍ଗତଥିଲେ । ଏହି ଅଞ୍ଚଳ କୃଷ୍ଣ ମୃତ୍ତିକା ପାଇଁ ପ୍ରସିଦ୍ଧ । ଏଠାରେ ପ୍ରଚୁର କପା ଚାଷ କରାଯାଏ । ରାଜସ୍ଥାନର ଥର୍ ମରୁଭୂମି ତଥା ଏହାର ଆଖପାଖ ଶୁଷ୍କ ଅଞ୍ଚଳ ଗାଙ୍ଗେୟ ସମତଳ ଭୂମି ପରି ଉର୍ବର ନଥିଲା । ତେଣୁ ଏହି

ଅଞ୍ଚଳରେ କୃଷି କାର୍ଯ୍ୟ ପାଇଁ ଉପଯୋଗୀ ନଥିଲା । ସେ ଯାହାହେଉ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ 'ପରସିଆନ୍ ହୁଇଲ୍'ବା 'ରେହଟ' ପ୍ରଣାଳୀରେ ଜଳସେଚନର ଉନ୍ନତି ହେବାରୁ ଏହି ଅଞ୍ଚଳରେ କେତେକ ବସତିସ୍ଥାପିତ ହୋଇଥିଲା । ରାଜପୁତ୍‌ମାନଙ୍କର ମାତୃଭୂମି ଥିଲା ରାଜସ୍ଥାନ । ଗୁଜୁରାଟ୍‌ରେ ପ୍ରବାହିତ ସାବରମତୀ, ନର୍ମଦା, ମାହୀ ଏବଂ ତାପ୍ତୀ ନଦୀର ଉର୍ବର ଅବବାହିକା ଏହି ରାଜ୍ୟର ସମୃଦ୍ଧିରେ ସହାୟକ ହୋଇଥିଲା । ଗୁଜୁରାଟ'ର ଦୀର୍ଘ ଉପକୂଳ ବର୍ହିଦେଶ ସହିତ ବନ୍ଦର ମାଧମରେ ସଂଯୋଗ ସ୍ଥାପନ କରିଥିଲା । ଏହି ଅଞ୍ଚଳର ପ୍ରଧାନ ବନ୍ଦର ଥିଲା ଭୃଗକଚ୍ଛ ବା ଭାରୁକ୍ ।

## 2.3 THE PENINSULAR INDIA- ଭାରତର ଦକ୍ଷିଣ ଉପଦ୍ୱୀପି ଅଞ୍ଚଳ

ଦାକ୍ଷିଣାତ୍ୟ ମାଳଭୂମି ଏବଂ ଦକ୍ଷିଣ ଭାରତର ଉପକୂଳବର୍ତ୍ତୀ ଅଞ୍ଚଳକୁ ନେଇ ଭାରତର ମାଳଭୂମି ଅଞ୍ଚଳ ଗଠିତ । (ମାନଚିତ୍ର 2.2) ଏହି ଉପଦ୍ୱୀପ ବିନ୍ଧ୍ୟ ପର୍ବତର ଦକ୍ଷିଣ ଭାଗରେ ଅବସ୍ଥିତ । ଏହା ତିନୋଟି ମୁଖ୍ୟ ଅଞ୍ଚଳରେ ବିଭକ୍ତ ଏବଂ ସେଗୁଡ଼ିକ ହେଲେ ଆଧୁନିକ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଏବଂ କର୍ଣ୍ଣାଟକ । ମହାରାଷ୍ଟ୍ରର ଗୋଟିଏ ଅଂଶ ହେଲା ଉତ୍ତର-ଦକ୍ଷିଣ ମାଳଭୂମି । ଏହି ଅଞ୍ଚଳର




ମାନଚିତ୍ର ୨.୨ : ଭାରତର ଦକ୍ଷିଣ ଉପଦ୍ୱୀପ ଅଞ୍ଚଳ

ଆଦିମ ଅଧିବାସୀ ବ୍ୟବହାର କରୁଥିବା ତାମ୍ର ଏବଂ ପ୍ରସ୍ତର ନିର୍ମିତ ଜିନିଷ ଏଠାରେ ଆବିଷ୍କୃତ ହୋଇଛି । କର୍ଣ୍ଣାଟକ ରାଜ୍ୟ ଦକ୍ଷିଣ-ପଶ୍ଚିମ ମାଳଭୂମି ଅଞ୍ଚଳର ଅନ୍ତର୍ଗତ ଅଟେ । ଏହି ଅଞ୍ଚଳରେ ଜଳ ସମେତ ଅନ୍ୟାନ୍ୟ ଦ୍ରବ୍ୟ ପ୍ରଚୁର ମିଳୁଥିବାରୁ ଏହା ଜନବସତି ସ୍ଥାପନ ପାଇଁ ଉପଯୁକ୍ତ ସ୍ଥାନ ଥିଲା । କିନ୍ତୁ ଏହାର ଉତ୍ତରାଞ୍ଚଳ ଏପରି ନଥିଲା । ଏହି ଅଞ୍ଚଳର 'ରାଏକର ଦୋଆବ' ଅଞ୍ଚଳରେ ଧାନ ପ୍ରଚୁର ପରିମାଣରେ ଉତ୍ପାଦିତ ହେଉଥିବାରୁ ଏହାକୁ ଦକ୍ଷିଣ ଭାରତର 'ରାଇସବାଉଲ୍' ବା 'ଭାତହାଣ୍ଡି' କୁହାଯାଏ । ବିଭିନ୍ନ ରାଜ୍ୟ ସେମାନଙ୍କର ଲୋଲୁପ ଦୃଷ୍ଟି ଏହି ଅଞ୍ଚଳ ଉପରେ ପକାଇଥିଲେ । ପ୍ରାକ୍ ଐତିହାସିକ ସମୟରୁ ଏଠାରେ ଜନବସତିଗୁଡ଼ିକ ଗଢ଼ି ଉଠିଥିଲା ।

ପୂର୍ବ ଘାଟ ଅଞ୍ଚଳ ଓ ପଶ୍ଚିମଘାଟ ଅଞ୍ଚଳ ମାଳଭୂମି ଅଞ୍ଚଳର ଅନ୍ତର୍ଗତ ଥିଲା । ପଶ୍ଚିମଘାଟ ସିଧା ପଶ୍ଚିମ ଉପକୂଳ ପର୍ଯ୍ୟନ୍ତ ବିସ୍ତାର ଲାଭ କରି ପୂର୍ବ ଆଡ଼କୁ ମାଳଭୂମି ପର୍ଯ୍ୟନ୍ତ ପୁନର୍ବାର ଅଗ୍ରସର ହୋଇଥିଲା । ସେଗୁଡ଼ିକ ଜୁନାର, କାନ୍‌ହେରୀ ଏବଂ କାର୍ଲେ ପ୍ରଣାଳୀ ଦ୍ୱାରା ବିଚ୍ଛିନ୍ନ ହୋଇଥିଲେ । ପଶ୍ଚିମ ଉପକୂଳରେ ଥିବା ବନ୍ଦର ସହିତ ଏହି ପ୍ରଣାଳୀଗୁଡ଼ିକ ବାଣିଜ୍ୟ ପଥ ରୂପେ ସଂଯୋଗ ସ୍ଥାପନ କରୁଥିଲା । ପଶ୍ଚିମଘାଟର ଦକ୍ଷିଣରେ ଥିଲା ପାଲଘାଟ ପ୍ରଣାଳୀ । ଏହି ପ୍ରଣାଳୀ ପଶ୍ଚିମଘାଟକୁ କାବେରୀ ଉପତ୍ୟକା ସହ ସଂଯୋଗ କରୁଥିଲା । ପ୍ରାଚୀନ କାଳରେ ଏହି ପ୍ରଣାଳୀ ଭାରତ ରୋମୀୟ ବାଣିଜ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା । ପୂର୍ବଘାଟ କ୍ରମଶଃ ଉପକୂଳବର୍ତ୍ତୀ ସ୍ଥାନ ସହିତ ମିଶିଯାଇଥିଲା ।

ଉପକୂଳବର୍ତ୍ତୀ ସମତଳ ଅଞ୍ଚଳର ପୂର୍ବରେ ତାମିଲନାଡୁ ଥିଲାବେଳେ ପଶ୍ଚିମରେ ଥିଲା କେରଳ । ତାମିଲନାଡୁରେ ନଦୀଗୁଡ଼ିକ କେବଳ ବର୍ଷାଋତୁରେ ପରିପୂର୍ଣ୍ଣ ହୁଅନ୍ତି । ଫଳରେ ପ୍ରାରମ୍ଭରୁ ଏହି ଅଞ୍ଚଳର ଅଧିବାସୀମାନେ ଉଠାଜଳସେଚନ ଉପରେ ନିର୍ଭର କରିଥାନ୍ତି । ସେ ଯାହାହେଉ, କାବେରୀ ତ୍ରିକୋଣଭୂମି ଜନବସତି ପାଇଁ ଉପଯୁକ୍ତ ଅଞ୍ଚଳ ରୂପେ ଖ୍ୟାତିଲାଭ କରିଥିଲା । ଏହି ଅଞ୍ଚଳ ଧାନଚାଷ ପାଇଁ ସୁଯୋଗ ଦେଇଥିଲା ବେଳେ ଏଠାରେ ପ୍ରାକ୍ ଐତିହାସିକ ସମୟରେ ସଂଗମ ସଂସ୍କୃତି ଉନ୍ନତିର ଚରମସୀମାରେ ଉପନୀତ ହୋଇଥିଲା । ପ୍ରଥମ ଖ୍ରୀଷ୍ଟୀୟ ଶତାବ୍ଦୀ ବେଳକୁ ଆରିକାମେଡୁ ଏବଂ କାବେରୀପଟ୍ଟନମ ବନ୍ଦର ଭାରତ-ରୋମ ବାଣିଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା । ତାମିଲ ଅଞ୍ଚଳ ନିଜସ୍ୱ ଭାଷାଗତ ଓ ସାଂସ୍କୃତିକ ପରିଚୟ ବହନ କରି ସୃଷ୍ଟି ହୋଇଥିଲା ।

## INTEXTQUESTIONS 2.1 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଭାରତୀୟ ଉପମହାଦେଶର ଉତ୍ତର-ପଶ୍ଚିମ ପାର୍ଶ୍ୱରେ ଥିବା ପ୍ରଧାନ ଗିରିପଥଗୁଡ଼ିକର ନାମଲେଖ ।

   ____________________

2. ପରବର୍ତ୍ତୀ ବୈଦିକ ଯୁଗରେ କେଉଁମାନେ ଉଚ୍ଚ ଗାଙ୍ଗେୟ ସମତଳ ଅଞ୍ଚଳରେ ବସତି ସ୍ଥାପନ କରିଥିଲେ ?

   ____________________

3. ମଧ୍ୟ ଗାଙ୍ଗେୟ ସମତଳ ଅଞ୍ଚଳରେ କେଉଁ ଦୁଇଟି ମୁଖ୍ୟ ଧର୍ମ ଜନ୍ମଲାଭ କରିଥିଲା ?

   ____________________

4. ପ୍ରାଚୀନ କାଳରୁ କେଉଁ ରାଜ୍ୟରେ ଉଠାଜଳସେଚନ ବ୍ୟବସ୍ଥା ଲୋକପ୍ରିୟତା ହାସଲ କରିଥିଲା ?

   ____________________



ଟିପ୍ପଣୀ

5. କାବେରୀ ତ୍ରିକୋଣ ଭୂମି କେଉଁ ଫସଲ ପାଇଁ ପ୍ରସିଦ୍ଧ ?

______________________________

6. ପ୍ରାଚୀନ କାଳରେ କେଉଁ ଦୁଇ ବିଦେଶୀଜାତି ଉତ୍ତରପଶ୍ଚିମ ପାର୍ବତ୍ୟ ଗିରିପଥ ଦେଇ ଭାରତରେ ପହଞ୍ଚିଥିଲେ ?

______________________________

7. ଭାରତୀୟ ଉପମହାଦେଶର କେଉଁ ଅଞ୍ଚଳ 'breadbasket' 'ଖାଦ୍ୟଭଣ୍ଡାର' ରୂପେ ପରିଚିତ ?

______________________________

## 2.4 INFLUENCE OF ENVIRONMENT- ପରିବେଶର ପ୍ରଭାବ

ଯେକୌଣସି ସ୍ଥାନରେ ଏକ ସ୍ଥାୟୀବସତିର ପ୍ରତିଷ୍ଠା ସେଠାକାର ପାରିପାର୍ଶ୍ୱିକ ଅବସ୍ଥା ଉପରେ ଅଧିକ ନିର୍ଭର କରିଥାଏ । ପରିବେଶ କହିଲେ ଆମ ଚତୁଃପାର୍ଶ୍ୱରେ ଥିବା ପାରିପାର୍ଶ୍ୱିକ ଅବସ୍ଥା ଯେଉଁଠାରେ ମନୁଷ୍ୟ, ପଶୁ, ପକ୍ଷୀ ଏବଂ ବୃକ୍ଷଲତା ଇତ୍ୟାଦି ରହିଥାନ୍ତି ଏବଂ ସେମାନଙ୍କର କାର୍ଯ୍ୟ ନିର୍ବାହ କରୁଥାନ୍ତି । ପରିବେଶ ମୁଖ୍ୟତଃ ଜଳବାୟୁ, ଭୂମିରୂପ, ନଦୀ, ବୃକ୍ଷଲତା ଓ ପ୍ରାଣୀଜଗତକୁ ନେଇ ଗଠିତ । ବର୍ତ୍ତମାନ ଦେଖିବା ପରିବେଶ କିପରି ପ୍ରାଚୀନ କାଳରୁ ମାନବ ଜୀବନ ଓ ଇତିହାସ ଉପରେ ପ୍ରଭାବ ବିସ୍ତାର କରିଆସିଛି ।

ଏକ ନାତିଶୀତୋଷ୍ଣ ଅଞ୍ଚଳ ଜନବସତି ଗଠନ ପାଇଁ ଉପଯୁକ୍ତ ସ୍ଥାନ ଅଟେ । ଉଦାହରଣ ସ୍ୱରୂପ, ପ୍ରାଚୀନକାଳରୁ ସିନ୍ଧୁ ଅଞ୍ଚଳରେ ଏହି ପ୍ରକାର ଜଳବାୟୁ ଦେଖାଯାଏ । ଫଳରେ ଏଠାରେ ହରପ୍ପା ସଭ୍ୟତାର ଉନ୍ମେଷ ଘଟିଥିଲା । ଏହା ମଧ୍ୟ ସହରୀ ସଭ୍ୟତାର ଉନ୍ନତି ପାଇଁ ସହାୟକ ହୋଇଥାଏ । ସେହିପରି ପ୍ରାକୃତିକ ଉପାଦାନ ଏବଂ ଉପଯୁକ୍ତ ପରିବେଶ ଯୋଗୁ ବିହାରରେ ପାଟଳୀପୁତ୍ରର ଉତ୍ଥାନ ସହିତ ମଗଧର ପ୍ରାଧାନ୍ୟ ବୃଦ୍ଧିପାଇଥିଲା । ପାଟଳୀପୁତ୍ର ଗଙ୍ଗା, ସୋନ ଏବଂ ଗଣ୍ଡକ ନଦୀମାନଙ୍କ ଦ୍ୱାରା ପରିବେଷ୍ଟିତ ରହିଥିଲା । ଏହିନଦୀଗୁଡ଼ିକ ପ୍ରାକୃତିକ ସୁରକ୍ଷା ଦେବା ସଂଗେ ପାଟଳୀପୁତ୍ରରେ ଆଭ୍ୟନ୍ତରୀଣ ଯୋଗାଯୋଗର ମାଧମ ରୂପେ କାର୍ଯ୍ୟ କରୁଥିଲେ । ଅଧିକନ୍ତୁ, ଉର୍ବର ଗାଙ୍ଗେୟ ସମତଳଭୂମି ଏକ ବିଶାଳ ଜନବସତି ପ୍ରତିଷ୍ଠା ଦିଗରେ ସହାୟକ ହୋଇଥିଲା ।

କୌଣସି ଏକ ଅଞ୍ଚଳର ପରିବେଶ ସେଠାକାର ସାମର୍ଥକୁ ମଧ ନିର୍ଦ୍ଧାରଣ କରିଥାଏ । ବଣଜଙ୍ଗଲ ମାନଙ୍କରେ କାଠ ମୂଲ୍ୟବାନ ସମ୍ପଦ ହୋଇଥିଲା ବେଳେ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ସମୁଦ୍ରଜାତ ଦ୍ରବ୍ୟଗୁଡ଼ିକ ମୂଲ୍ୟବାନ ଅଟେ । ପାହାଡ଼ିଆ ଅଞ୍ଚଳରେ ପ୍ରସ୍ତର, ଧାତୁମିଶ୍ରିତ ପ୍ରସ୍ତର ମୂଲ୍ୟବାନ ଅଟେ । ପଥରରୁ ଧାତୁକୁ ବାହାର କରି ଆବଶ୍ୟକୀୟ ବ୍ୟବହାର୍ଯ୍ୟ ଯନ୍ତ୍ରପାତି ନିର୍ମାଣ ଦ୍ୱାରା ଜୀବନଧାରଣର ମାନ ବୃଦ୍ଧି ପାଇଥିଲା । ଛୋଟନାଗପୁର ଅଞ୍ଚଳରେ ଥିବା ଲୁହାପଥର ଖଣି ମଗଧ ରାଜ୍ୟର ନିକଟବର୍ତ୍ତୀ ହୋଇଥିବାରୁ ମଗଧକୁ ଏହା ଏକ ଶକ୍ତିଶାଳୀ ରାଜ୍ୟରେ ପରିଣତ କରିଥିଲା ।

ଜନବସତିପୂର୍ଣ୍ଣ ଅଞ୍ଚଳଗୁଡ଼ିକ ପାରିପାର୍ଶ୍ୱିକ ଅବସ୍ଥା ଦ୍ୱାରା ପ୍ରଭାବିତ ହେଉଥିଲା । ଏହି ଅଞ୍ଚଳ ନଦୀମାନଙ୍କ ଦ୍ୱାରା ଆନୀତ ପଟୁମାଟି ଦ୍ୱାରା ପରିପୂର୍ଣ୍ଣ ହେଉଥିଲା । ଏଠାକାର ଜମିର ଉର୍ବରତା ବ୍ୟକ୍ତିଗତ ଆବଶ୍ୟକତାଠାରୁ ଅଧିକ ଫସଲ ଆମଦାନୀରେ ସହାୟକ ହୋଇଥିଲା । ଏହି ପ୍ରକାର ମାଟିରେ ବିଭିନ୍ନ ପ୍ରକାର ଶସ୍ୟ ଚାଷ କରାଯାଉଥିଲା । ଉଦାହରଣ ସ୍ୱରୂପ, କୃଷ୍ଣ ମୃର୍ତ୍ତିକା କପା ବା କାର୍ପାସ ଚାଷ ପାଇଁ ଉପଯୋଗୀ । ଆବଶ୍ୟକତା ଠାରୁ ଅଧିକ ଉତ୍ପାଦିତ କାର୍ପାସର ପଣ୍ୟ ବିନିମୟ ହେଉଥିଲା । ଏହାର କ୍ରମଶଃ ଉନ୍ନତି ଘଟି ବ୍ୟବସାୟ ଓ ବାଣିଜ୍ୟର ଅଭିବୃଦ୍ଧି ଘଟିଲା ।

ଯେଉଁ ଅଞ୍ଚଳରେ ସୁନାବ୍ୟା ନଦୀଗୁଡ଼ିକ ପ୍ରବାହିତ, ସେଠାରେ ଅବିଚ୍ଛିନ୍ନ ଉନ୍ନତ ବାଣିଜ୍ୟ ଓ ଯୋଗାଯୋଗ ବ୍ୟବସ୍ଥା ପରିଲକ୍ଷିତ ହୁଏ । ପ୍ରାଚୀନ ଭାରତରେ ଜାତକ ଏବଂ ଅନ୍ୟାନ୍ୟ ଶାସ୍ତ୍ର ମାନଙ୍କର ବର୍ଣ୍ଣନା ଅନୁଯାୟୀ ନଦୀଗୁଡ଼ିକ ବାଣିଜ୍ୟ ପାଇଁ ଜଳପଥର କାର୍ଯ୍ୟ କରୁଥିଲା । ସେହିପରି ସମୁଦ୍ରପଥ ଦେଇ ଦୂର ଦୂରାନ୍ତର ସ୍ଥାନ ସହିତ ବାଣିଜ୍ୟ ବ୍ୟବସାୟ ହେଉଥିଲା । ଏହି ପ୍ରରିପ୍ରେକ୍ଷୀରେ ଗିରିପଥଗୁଡ଼ିକର ପ୍ରାଧାନ୍ୟ ରହିଥିଲା । ଉଦାହରଣ ସ୍ୱରୂପ, ପାଲଘାଟ ଗିରିପଥ ପୂର୍ବ ଉପକୂଳ ଓ ପଶ୍ଚିମ ଉପକୂଳକୁ ସଂଯୋଗ କରୁଥିଲା ଏବଂ ଭାରତ ରୋମୀୟ ବାଣିଜ୍ୟ ବ୍ୟବସ୍ଥାର ଉନ୍ନତି ପାଇଁ ସହାୟକ ହୋଇଥିଲା । ଏଥିରେ ଆମେ ଦେଖିବାକୁ ପାଉ ଯେ ପ୍ରାକୃତିକ ଉପାଦାନ ଏବଂ ପରିବେଶ କୌଣସି ଅଞ୍ଚଳର ଇତିହାସ ଲେଖିବା ପାଇଁ ଆମକୁ ସାହାଯ୍ୟ କରିଥାଏ । ଭାରତୀୟ ଉପମହାଦେଶର ବିଭିନ୍ନତା ଆଶ୍ଚର୍ଯ୍ୟ ଜନକ ଭାବେ ଅସମାନ ଐତିହାସିକ ସ୍ୱରୂପ ଉପସ୍ଥାପିତ କରିଥାଏ । ପ୍ରାକୃତିକ ସମ୍ପଦ ପରିପୂର୍ଣ୍ଣ ଅଞ୍ଚଳଗୁଡ଼ିକ ପ୍ରାଧାନ୍ୟଲାଭ କରିଥିବା ବେଳେ ଅନ୍ୟାନ୍ୟ ଅଞ୍ଚଳଗୁଡ଼ିକ ପ୍ରଗତି କରି ପାରି ନଥିଲା । ମୁଖ୍ୟତଃ ଏହା ଲକ୍ଷ୍ୟ କରିବା କଥା ଯେ ଜନବସତି ସ୍ଥାପନ ଏବଂ ଜୀବନ ଧାରଣର ମାନ ସେଠାକାର ପ୍ରାକୃତିକ ସମ୍ପଦର ବିନିଯୋଗ ଉପରେ ନିର୍ଭର କରିଥାଏ ଏବଂ ପରେ ଏହା ଉକ୍ତ ଅଞ୍ଚଳର ପ୍ରାଦୌକିକ ବିକାଶ ଉପରେ ନିର୍ଭର କରିଥାଏ ।

**INTEXTQUESTIONS 2.2 - ପ୍ରତ୍ୟାଶିତ ପୂର୍ବଜ୍ଞାନ**

1. ଯେଉଁନଦୀଗୁଡ଼ିକ ପାଟଳୀପୁତ୍ର (ଆଧୁନିକ ପାଟଣା)କୁ ପ୍ରାକୃତିକ ସୁରକ୍ଷା ପ୍ରଦାନ କରୁଥିଲା, ସେଗୁଡ଼ିକର ନାମଲେଖ ।

   ______________________________

2. କେଉଁ ଅଞ୍ଚଳ ମଗଧକୁ ଲୁହାପଥର ଓ କାଠ ଯୋଗାଉ ଥିଲା ?

   ______________________________

3. କେଉଁ ପ୍ରକାର ମୃତ୍ତିକା କପାଚାଷ ପାଇଁ ଉପଯୋଗୀ ? (କୃଷ୍ଣ / ଲୋହିତ / ବାଲୁକା)

   ______________________________

4. କେଉଁ ପ୍ରସିଦ୍ଧ ଗିରିପଥ ପୂର୍ବଉପକୂଳ ଓ ପଶ୍ଚିମ ଉପକୂଳକୁ ସଂଯୋଗ କରୁଥିଲା ?

   ______________________________

## 2.5 PREHISTORIC CULTURES- ପ୍ରାକ୍ ଐତିହାସିକ ସଂସ୍କୃତି

ପ୍ରାକ୍ ଐତିହାସିକ ଯୁଗ କହିଲେ ସୁଦୀର୍ଘ ପ୍ରାଚୀନ ସମୟକୁ ବୁଝାଏ । ଏହିଯୁଗ ବିଷୟରେ ଜାଣିବା ପାଇଁ ଆମେ କୌଣସି ଲିଖିତ ଉପାଦାନ ପାଉନାହିଁ । ପ୍ରତ୍ନତାତ୍ତ୍ୱିକ ଖନନ ଫଳରେ ଆବିଷ୍କୃତ ବିଭିନ୍ନ ପଦାର୍ଥକୁ ଆଧାର କରି ସେ ସମୟର ସାଂସ୍କୃତିକ ବିକାଶ ସମ୍ବନ୍ଧରେ ଆମେ ଜ୍ଞାନ ଆହରଣ କରିଥାଉ । ଏହି ସମୟର ପ୍ରଥମମାନବ ଜୀବିକା ନିର୍ବାହ କରିବା ପାଇଁ ପଥରରେ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ଓ ବ୍ୟବହାର୍ଯ୍ୟ ବସ୍ତୁ ତିଆରି କରିଥିଲା, ଯାହା ଏହି ଅଞ୍ଚଳରୁ ଖନନ ସମୟରେ ଆବିଷ୍କୃତ ହୋଇଛି । ମନୁଷ୍ୟ ତା'ର କ୍ଷୁଧା ନିବାରଣ କରିବା ପାଇଁ ଏହି ପ୍ରସ୍ତର ନିର୍ମିତ ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ଶିକାର କରି ଖାଦ୍ୟ ସଂଗ୍ରହ କରୁଥିଲା । ଯେହେତୁ ଆଦିମାନବ ପ୍ରସ୍ତର ତିଆରି ହାତ ହତିଆର ବ୍ୟବହାର କରୁଥିଲା, ସେଥିପାଇଁ ଏହି ସମୟକୁ ପୁରାତନ ପ୍ରସ୍ତର ଯୁଗ କୁହାଯାଏ । ଏହି ଅଧ୍ୟାୟରେ ଆମ୍ଭେମାନେ ଦେଖିବାକୁ ପାଇବା ମନୁଷ୍ୟର କ୍ରମବିକାଶ । ମନୁଷ୍ୟ ପ୍ରଥମେ ଶିକାରୀ, ତା'ପରେ ଖାଦ୍ୟ ସଂଗ୍ରହକାରୀ ଏବଂ ଶେଷରେ ଖାଦ୍ୟ ଉତ୍ପାଦନକାରୀର ଭୂମିକାରେ ଅବତୀର୍ଣ୍ଣ ହୋଇଛି । ଏହି ପରିବର୍ତ୍ତନ ହଠାତ୍ ସଂଘଠିତ ହୋଇନଥିଲା । ଏଥି ପାଇଁ ହଜାର ହଜାର ବର୍ଷ ଲାଗିଥିଲା । ମାନବର ଉତ୍ଥାନ ପାଇଁ ଆବିଷ୍କୃତ ହାତ ହତିଆର ଓ ଅସ୍ତ୍ରଶସ୍ତ୍ରକୁ ଭିତ୍ତିକରି ପ୍ରାକ୍ ଐତିହାସିକ ଯୁଗକୁ କେତେକ

ଭାଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା, ପାଲିଓଲିଥିକ୍ ଏଜ୍ ବା ପୁରାତନ ପ୍ରସ୍ତରଯୁଗ, ମେସୋଲିଥିକ୍ ଏଜ୍ ବା ମଧ ପ୍ରସ୍ତରଯୁଗ ଏବଂ ନିଓଲିଥିକ୍ ଏଜ୍ ବା ନୂତନ ପ୍ରସ୍ତରଯୁଗ ।

## 2.6 THE PALAEOLITHIC CULTURES- ପୁରାତନ ପ୍ରସ୍ତରଯୁଗର ସଂସ୍କୃତି

ଟିପ୍ପଣୀ

ପାଲିଓଲିଥିକ୍ ଶବ୍ଦଟି ଗ୍ରୀକ୍ ଶବ୍ଦରୁ ଉଦ୍ଭୃତ । ଗ୍ରୀକ୍ ଶବ୍ଦ 'ପାଲିଓ' ଅର୍ଥ ପୁରୁଣା ବା ପୁରାତନ ଏବଂ 'ଲିଥିକ୍' ଅର୍ଥ ହେଉଛି ପ୍ରସ୍ତର । ତେଣୁ ପାଲିଓଲିଥିକ୍ ଯୁଗ କହିଲେ ପୁରାତନ ପ୍ରସ୍ତର ଯୁଗକୁ ବୁଝାଏ । ପ୍ରତ୍ନତତ୍ତ୍ୱବିତ୍‌ମାନେ ଏହି ସଂସ୍କୃତିର ସମୟକୁ ପ୍ଲେଇଷ୍ଟୋସେନ୍ ଯୁଗ (Pleistocene period)ର ସମୟ ସହିତ ତୁଳନାକରି କହିଛନ୍ତି ଯେ ଏହା ଥିଲା ଦୁଇଶହ ହଜାର ବର୍ଷ ତଳର କଥା । ଏହି ଯୁଗରେ ପୃଥିବୀର ଉପରଅଂଶ ବରଫାବୃତ୍ତ ରହୁଥିଲା । ଏପରି ଥଣ୍ଡାପାଗ ରହୁଥିଲା ଯେ ମନୁଷ୍ୟ, ଜୀବଜନ୍ତୁ, ବୃକ୍ଷଲତା ବଞ୍ଚିବା ସମ୍ଭବ ନଥିଲା । କିନ୍ତୁ କର୍କଟକ୍ରାନ୍ତି ଅଞ୍ଚଳରେ ବରଫ ତରଳୁଥିଲା ତେଣୁ ପ୍ରଥମ ମନୁଷ୍ୟ ବଞ୍ଚିପାରିଲା ସେହି ସ୍ଥାନରେ ।


ଆଦିମ ମନୁଷ୍ୟ କେବଳ ପାହାଡ଼ିଆ ଅଞ୍ଚଳରେ ବାସକଲା କାରଣ ସେହିସ୍ଥାନ ପଥରରେ ବିଭିନ୍ନ ଅସ୍ତ୍ରଶସ୍ତ୍ର ନିର୍ମାଣ କରି ଶିକାର ପାଇଁ ଏବଂ ନିଜର ସୁରକ୍ଷା ପାଇଁ ବ୍ୟବହାର କଲା । ଏହି ପ୍ରସ୍ତର ନିର୍ମିତ ଉପକରଣଗୁଡ଼ିକ ଭିନ୍ନ ଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାରର ଥିଲା । ସେମାନେ ବ୍ୟବହାର କରୁଥିବା ପରିବର୍ତ୍ତୀତ ବାଲୁକା ପଥର ଭାରତର ବିଭିନ୍ନ ପାହାଡ଼ିଆ ଅଞ୍ଚଳରେ ଏବଂ ବାସାଲ୍ଟ ନାମକ ଚୁମ୍ବକୀୟ ପଥର ମହାରାଷ୍ଟ୍ର ଅଞ୍ଚଳରେ ଏବଂ ଚୂନପଥର କର୍ଣ୍ଣାଟକ ଅଞ୍ଚଳରେ ମିଳୁଥିଲା । ଏହି ପ୍ରସ୍ତର ନିର୍ମିତ ହାତ ହତିଆର ନିର୍ମାଣର କ୍ରମ ବିକାଶକୁ କି ଭିତ୍ତିକରି ପୁରାତନ ପ୍ରସ୍ତର ଯୁଗର ସଂସ୍କୃତିକୁ ୩ ଗୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା- (i) ଆଦ୍ୟ ପ୍ରାଚୀନ ପ୍ରସ୍ତର ଯୁଗ, (ii) ମଧପ୍ରାଚୀନ ପ୍ରସ୍ତର ଯୁଗ, (iii) ଉତ୍ତର ପ୍ରାଚୀନ ପ୍ରସ୍ତର ଯୁଗ । ଏହି ପର୍ଯ୍ୟାୟ ଦୀର୍ଘ ସମୟ ଧରି ଚାଲିଥିଲା । ଏହି ପର୍ଯ୍ୟାୟ ପ୍ରାୟ ଖ୍ରୀ: ପୂ: ୫,୦୦,୦୦୦ରୁ ଖ୍ରୀ: ପୂ: ୧୦,୦୦୦ ଖ୍ରୀ: ପୂ: ପର୍ଯ୍ୟନ୍ତ ଗତି କରିଥିଲା ।

### (a) TOOLS OF PALAEOLITHIC PERIOD- ପୁରାତନ ପ୍ରସ୍ତର ଯୁଗର ହାତ ହତିଆର

ପ୍ରାଚୀନ ପ୍ରସ୍ତର ଯୁଗର ପ୍ରଥମ ପର୍ଯ୍ୟାୟରେ ବ୍ୟବହୃତ ହାତ ହତିଆରଗୁଡ଼ିକ ଥିଲା କୁରାଢ଼ି, ଫାର୍ଶା ଏବଂ କଟୁରୀ । (ଚିତ୍ର 2.1) । ସେଗୁଡ଼ିକୁ ମାଂସ କଟା ହାତ ହତିଆର କୁହାଯାଉଥିଲା । ଏଗୁଡ଼ିକ ଓଜନିଆ ଏବଂ ଖଦ ଖଦଡ଼ିଆଥିଲା । ଏହାର ଦୁଇପାର୍ଶ୍ୱକୁ ଘସାଯାଇ ପଥରରୁ ଅସ୍ତ୍ରଶସ୍ତ୍ର ତିଆରି ହେଉଥିଲା । କ୍ରମଶଃ ତୀକ୍ଷଣ ଓ କମ୍ ଓଜନର ଅସ୍ତ୍ରଶସ୍ତ୍ର ତିଆରି ହେଲା ।

ମଧ ପ୍ରାଚୀନ ପ୍ରସ୍ତର ଯୁଗରେ ମୁଖ୍ୟ ଅସ୍ତ୍ରଶସ୍ତ୍ର ଗୁଡ଼ିକ ଧାରୁଆ ଓ ଚେପ୍‌ଟା ଥିଲା । (ଚିତ୍ର 2.2) । ଉତ୍ତର ପ୍ରାଚୀନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ରଗୁଡ଼ିକ ଥିଲା ମୁଖ୍ୟତଃ କଟୁରୀ ଏବଂ ଫାଉଡ଼ା ।


ବର୍ତ୍ତମାନ ସଂକ୍ଷେପରେ ଉପର ବର୍ଣ୍ଣିତ ଅସ୍ତ୍ରଶସ୍ତ୍ରଗୁଡ଼ିକ ଉପରେ ଆଲୋଚନା କରିବା । ହାତ କୁରାଢ଼ିର ମୂଳ ଓସାରିଆ ଥିବା ଅଗ୍ରଭାଗ ସରୁଥିଲା । ଏଗୁଡ଼ିକ ଗଛ କାଟିବା ଏବଂ ମୂଳକୁ ଖୋଳି ବାହାର କରିବା ପାଇଁ ବ୍ୟବହୃତ ହେଉଥିଲା । କଟୁରୀର ଦୁଇପାର୍ଶ୍ୱରେ ଧାର ରହିଥିଲା । ଏଗୁଡ଼ିକ



ଚିତ୍ର ୨.୧ : ପୁରାତନ ପ୍ରସ୍ତର ଯୁଗର ମାଂସ କଟା ହାତ ହତିଆର




ଚିତ୍ର ୨.୨: ପୁରାତନ ପ୍ରସ୍ତର ଯୁଗର ମାଂସ କଟା ହାତ ହତିଆର





ଚିତ୍ର ୨.୩: ପୁରାତନ ପ୍ରସ୍ତର ଯୁଗର ମାଂସ କଟା ହାତ ହତିଆର

ଗଛର ଡାଳ କାଟିବା ପାଇଁ ବ୍ୟବହୃତ ହେଉଥିଲା । ବରିନ୍‌ଗୁଡ଼ିକ ଧାରୁଆ କରଡ଼ପରି ଥିଲା । ନରମ ପ୍ରଥର, ଅସ୍ଥିଗୁଡ଼ିକୁ ଏହି ଅସ୍ତ୍ର ସାହାଯ୍ୟରେ ଖୋଳା ଯାଇପାରୁଥିଲା । ବାଲୁକା ପ୍ରସ୍ତରରେ ତିଆରି ଧାରୁଆ ଅସ୍ତ୍ର ସାହାଯ୍ୟରେ ଗଛର ବକଳ ଏବଂ ପଶୁମାନଙ୍କ ଚମଡ଼ା ଉତରାଯାଉଥିଲା ।

### (b) GEOGRAPHICAL DISTRIBUTION OF THE PALAEOLITHIE SITES
### ପୁରାତନ ପ୍ରସ୍ତର ଯୁଗର ଭୌଗଳିକ ଅବସ୍ଥା

ପୁରାତନ ପ୍ରସ୍ତର ଯୁଗର ଭୌଗଳିକ ଅବସ୍ଥାକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଏହା ଭାରତୀୟ ଉପମହାଦେଶର ଚାରିଆଡ଼େ ଏହି ସଂସ୍କୃତି ବିସ୍ତାର ଲାଭ କରିଥିଲା । (ମାନଚିତ୍ର 2.3) । ଉତ୍ତରରେ କାଶ୍ମୀର ଉପତ୍ୟକା ଏବଂ ରାଓଲପିଣ୍ଡିର ସୋହନ ଉପତ୍ୟକା (ବର୍ତ୍ତମାନ ପାକିସ୍ତାନ)ରୁ ପୁରାତନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ର ମିଳିଅଛି । ରାଜସ୍ଥାନରେ ଲୁଣିନଦୀ ନିକଟରୁ ପୁରାତନ ପ୍ରସ୍ତର ଯୁଗର ହାତ ହତିଆର ମିଳିଅଛି । ପଶ୍ଚିମ ଭାରତର ଗୁଜୁରାଟ ଅଞ୍ଚଳରେ ପ୍ରବାହିତ ସାବରମତୀ ଓ ମାହୀ ନଦୀ ଏବଂ ସେମାନଙ୍କର ଶାଖାନଦୀ ଅଞ୍ଚଳରୁ ପୁରାତନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ର ମିଳିଅଛି । ଏହି ପରିପ୍ରେକ୍ଷୀରେ ମହାରାଷ୍ଟ୍ରର ପ୍ରଧାନ ଅଞ୍ଚଳଗୁଡ଼ିକ ହେଲା, ଗୋଦାବରୀ ନଦୀର ଶାଖା ନଦୀ କୂଳରେ ଥିବା ନେଭସ ନାମକ ସ୍ଥାନ ଏବଂ ତାପ୍ତୀ ନଦୀ କୂଳରେ ପାଣ୍ଡେନାମକ ସ୍ଥାନ । ପୁରାତନ ପ୍ରସ୍ତର ଯୁଗରୁ ଆରମ୍ଭ କରି ମଧ୍ୟଯୁଗ ପର୍ଯ୍ୟନ୍ତ ଏହି ପ୍ରକାର ହାତ ହତିଆର ମଧ୍ୟପ୍ରଦେଶର ଭୋପାଳ ନିକଟବର୍ତ୍ତୀ ଭିମ୍‌ବେଟ୍‌କା (Bhimbetka) ଏବଂ ହୋସଙ୍ଗାବାଦ ଜିଲ୍ଲାର ଆଦମଗଡ଼ ଅଞ୍ଚଳରୁ ପ୍ରଚୁର ପରିମାଣରେ ମିଳିଥିଲା ।

ଟିପ୍ପଣୀ




**ମାନଚିତ୍ର ୨.୩: ପୁରାତନ ପ୍ରସ୍ତର ଯୁଗର ଭୌଗଳିକ ଅବସ୍ଥା**

ଉତ୍ତରପ୍ରଦେଶରେ ଆଲ୍ଲାବାଦ ଠାରୁ ବାରାଣାସୀ ପର୍ଯ୍ୟନ୍ତ ବିସ୍ତୃତ ବେଲାନ୍ ଉପତ୍ୟକା ଏଥିପାଇଁ ଥିଲା ଏକ ମୁଖ୍ୟସ୍ଥାନ । ଏଠାରେ ନିରବଚ୍ଛିନ୍ନ ଭାବରେ ପୁରାତନ ପ୍ରସ୍ତର ଯୁଗରୁ ଜନ ବସତିପୂର୍ଣ୍ଣ ସ୍ଥାନର ସଂଧାନମିଳିଅଛି । ପ୍ରାକ୍ ଐତିହାସିକ ଉପକରଣମାନ ଭାରତର ପୂର୍ବରେ ଥିବା ଆସାମ ଏବଂ ତା'ର ନିକଟବର୍ତ୍ତୀ ଅଞ୍ଚଳ ମେଘାଳୟର ଗାରୋ ପର୍ବତମାଳା ଅଞ୍ଚଳରେ ମିଳିଅଛି । ପୁରାତନ ପ୍ରସ୍ତର ଯୁଗର ହାତ ହତିଆରଗୁଡ଼ିକ ବଂଗ, ଓଡ଼ିଶା ଏବଂ ବିହାର ଅଞ୍ଚଳରେ ମିଳିଅଛି । ସେହିପରି ଆନ୍ଧ୍ରପ୍ରଦେଶ ଏବଂ କର୍ଣ୍ଣାଟକ ଅଞ୍ଚଳରୁ ପୁରାତନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ର ମିଳିଥିବାର ସୂଚନା ମିଳେ । ତାମିଲନାଡୁରେ ଛିଙ୍ଗଲ୍‌ପୁଟ ଅଞ୍ଚଳରେ ଥିବା ଅତିରାମ୍ପକମ୍ ନାମକ ସ୍ଥାନରେ ମଧ ଅନୁରୂପ ଉପକରଣ ମିଳିଥିଲା । ପୁରାତନ ପ୍ରସ୍ତର ଯୁଗର ସଂସ୍କୃତି କେବଳ ପଶୁଶିକାର ଓ ଫଳମୂଳ ସଂଗ୍ରହ ପାଇଁ ଆବଶ୍ୟକ ସାମଗ୍ରୀକୁ ଆଧାର କରି ସୃଷ୍ଟି ହୋଇଥିଲା । ଅନ୍ୟ ଅର୍ଥରେ କୁହାଯାଇପାରେ ଯେ ମନୁଷ୍ୟ ସର୍ବପ୍ରଥମେ ଶିକାର କରି ଜୀବିକା ନିର୍ବାହ କରୁଥିଲା ଏବଂ ଫଳମୂଳ ସଂଗ୍ରହ କରି କ୍ଷୁଧା ନିବାରଣ କରୁଥିଲା । କିନ୍ତୁ ଏଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସବୁବେଳେ ମିଳୁନଥିବାରୁ ସେ ସ୍ଥାୟୀବସତି ସ୍ଥାପନ କରି ନପାରି ଯାଯାବର ଜୀବନ ଅତିବାହିତ କରୁଥିଲା ।

ଉପରୋକ୍ତ ଆଲୋଚନାକୁ ଭିତ୍ତିକରି, ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ପୁରାତନ ପ୍ରସ୍ତର ଯୁଗର ସଂସ୍କୃତି ଭାରତୀୟ ଉପମହାଦେଶର ଚାରିଆଡ଼କୁ ବ୍ୟାପୀଯାଇଥିଲା । ଏହି ସମୟରେ ହାତ ହତିଆରକୁ ଅନୁଧାନ କଲେ ଜଣାଯାଏ ଯେ ଏହି ସଂସ୍କୃତି କ୍ରମାନୁସାରେ ବିକାଶ ଲାଭ କରିଛି ।

**(b) SUBSISTENCE PATTERN - ଜୀବିକା ନିର୍ବାହ ପ୍ରଣାଳୀ**

ପୁରାତନ ପ୍ରସ୍ତର ଯୁଗର ଅଧିବାସୀମାନେ ତାଙ୍କର ଜୀବିକା ନିର୍ବାହ ପାଇଁ ପଶୁପକ୍ଷୀ ଶିକାର ଏବଂ ଫଳମୂଳ ସଂଗ୍ରହ କରୁଥିଲେ । ସେମାନେ ଯାଯାବର ଜୀବନ ଅତିବାହିତ କରୁଥିଲେ । ସେମାନେ ଗୋଟିଏ ସ୍ଥାନରୁ ପଶୁସମ୍ପଦ ସରିଗଲା ପରେ ଅନ୍ୟ ସ୍ଥାନକୁ ଚାଲିଯାଉଥିଲେ ।

**INTEXTQUESTIONS 2.3 - ପ୍ରତ୍ୟାଶିତ ପୂର୍ବଜ୍ଞାନ**

1. ପୁରାତନ ପ୍ରସ୍ତର ଯୁଗରେ ମନୁଷ୍ୟର ମୁଖ୍ୟ ଜୀବିକା ଦୁଇଟି କ'ଣ ?

   ________________________________________

2. କେଉଁ କେଉଁ ଆବଶ୍ୟକତାକୁ ପୂରଣ କରିବା ପାଇଁ ମନୁଷ୍ୟ ବିଭିନ୍ନ ପ୍ରକାର ହାତ ହତିଆର ପଥରରେ ତିଆରି କରୁଥିଲା ?

   ________________________________________

3. ମଧ୍ୟପ୍ରସ୍ତର ଯୁଗର କେତେକ ମୁଖ୍ୟ ହାତ ହତିଆରର ନାମଲେଖ ।

   (a)____________ (b) ____________(c) ____________

## 2.7 THE MESOLITHIC CULTURES - ସାହିତ୍ୟିକ

'ମେସୋଲିଥିକ୍' ଶବ୍ଦଟି 'ମେସେ' (meso) ଏବଂ ଲିଥିକ୍ (lithic) ପରି ଦୁଇଟି ଶବ୍ଦର ମିଶ୍ରଣରେ ସଂଘଠିତ ହୋଇଛି । ଗ୍ରୀକ୍ ଭାଷାରେ 'ମେସୋ' ଅର୍ଥ ହେଲା ମଧ ବା ମଝି (middle) ଏବଂ ଲିଥିକ୍ ଅର୍ଥ ହେଲା ପ୍ରସ୍ତର (stone) । ତେଣୁ 'ମେସୋଲିଥିକ' ଯୁଗ କହିଲେ ମଧ୍ୟଯୁଗୀୟ ପ୍ରାଚୀନ ପ୍ରସ୍ତର ଯୁଗକୁ ବୁଝାଇଥାଏ । ଏହା ହେଉଛି ପୁରାତନ ପ୍ରସ୍ତର ଯୁଗ ଏବଂ ନୂତନ ପ୍ରସ୍ତର ଯୁଗର ମଝି ସମୟ । ପ୍ରତ୍ନତତ୍ତ୍ୱଖନନକୁ ଆଧାର କରି ଭାରତରେ ମଧ୍ୟଯୁଗୀୟ ପ୍ରାଚୀନ ପ୍ରସ୍ତର ଯୁଗର ସମୟକୁ ଆନୁମାନିକ ଖ୍ରୀ:ପୂ: ୧୦,୦୦୦ ବୋଲି ଧରିନିଆଯାଇଛି ।


ଏହି ସମୟରେ ଉତ୍ତାପରେ ସାମାନ୍ୟ ବୃଦ୍ଧି ହେଲା । ଫଳରେ ଜଳବାୟୁରେ ଉଷ୍ଣତା ଦେଖାଗଲା । ପୁନଶ୍ଚ ଏହି ଉତ୍ତାପ ବୃଦ୍ଧି ଯୋଗୁ ବରଫ ତରଳିବାକୁ ଲାଗିଲା । ଫଳରେ ବିଭିନ୍ନ ପ୍ରକାର ବୃକ୍ଷ, ଲତା ଓ ଜୀବଯନ୍ତୁଙ୍କର ଆବିର୍ଭାବ ହେଲା । ଯଦିଓ ମନୁଷ୍ୟ ଏହି ସମୟରେ ଶିକାର କରି ଏବଂ ଫଳମୂଳ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିଲା । ସେ ମାଛ ଧରିବାକୁ ଏବଂ କିଛି ପଶୁପାଳନ କରିବାକୁ ଆରମ୍ଭ କଲା । ଏହି ସମୟରେ ମନୁଷ୍ୟ ଏସବୁ କାର୍ଯ୍ୟ ପାଇଁ ଛୋଟ ଛୋଟ ପ୍ରସ୍ତର ଖଣ୍ଡ ବ୍ୟବହାର କରୁଥିଲା । ଏହାକୁ 'ମାଇକ୍ରୋଲିଥ୍ସ୍' କୁହାଯାଏ । ଭୋପାଳ ନିକଟବର୍ତ୍ତୀ ଭୀମବଟକା ଠାରୁ ଆବିଷ୍କୃତ ଚିତ୍ରିତ ପ୍ରସ୍ତର ସେ ସମୟର ଅଧିବାସୀମାନଙ୍କର ଚିତ୍ରକଳା ପ୍ରତି ଅନୁରାଗର ସୂଚନା ଦିଏ ।

### (a) TOOLS OF THE MESOLITHIC PERIOD
### ମଧ୍ୟଯୁଗୀୟ ପ୍ରାଚୀନ ପ୍ରସ୍ତର ଯୁଗର ହାତ ହତିଆର

ମଧ୍ୟଯୁଗୀୟ ପ୍ରାଚୀନ ପ୍ରସ୍ତର ଯୁଗରେ ବ୍ୟବହୃତ ହାତ ହତିଆର ଅପେକ୍ଷାକୃତ ଛୋଟ ଆକାରର ଥିଲା । ଏହା ଭିନ୍ନ ଭିନ୍ନ ପ୍ରକାରର ଥିଲା ଏବଂ ଏଗୁଡ଼ିକର ଲମ୍ବ ୧ ସେଣ୍ଟିମିଟରରୁ ଆରମ୍ଭ କରି ୮ ସେଣ୍ଟିମିଟର ପର୍ଯ୍ୟନ୍ତ ଥିଲା । ଏଗୁଡ଼ିକ ସାଧାରଣତଃ ଚେପ୍ଟା ପଥରରୁ ତିଆରି ହେଉଥିଲା । (ଚିତ୍ର 2.4) । କେତେଗୁଡ଼ିଏ ହାତ ହତିଆର ଜ୍ୟାମିତିକ ଚିତ୍ର ତ୍ରିଭୂଜ, ଲନେଟ୍ସ୍ ଏବଂ ଟ୍ରାପିଜିୟମ୍ ପରିଥିଲା । ଏହି ହାତ ହତିଆରଗୁଡ଼ିକ ଅନ୍ୟାନ୍ୟ ପଦାର୍ଥ ସହିତ ବାନ୍ଧି ଦିଆଯାଉଥିଲା କିମ୍ବା ଖଞ୍ଜି ଦିଆଯାଇ ଧନୁତୀର କିମ୍ବା ତେଣ୍ଟା ପରି କରାଯାଉଥିଲା ।

## (b) GEOGRAPHICAL DISTRIBUTION OF THE MESOLITHIC SITES
## ମଧ୍ୟଯୁଗୀୟ ପ୍ରାଚୀନ ପ୍ରସ୍ତର ଯୁଗର ଭୌଗଳିକ ଅବସ୍ଥିତି

ମଧ୍ୟଯୁଗୀୟ ପ୍ରାଚୀନ ପ୍ରସ୍ତର ଯୁଗର ଭୌଗଳିକ ଅବସ୍ଥିତିକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଏହି ସଂସ୍କୃତି ଭାରତୀୟ ଉପମହାଦେଶର ପୂର୍ବରୁ ପଶ୍ଚିମ ପର୍ଯ୍ୟନ୍ତ ଏବଂ ଉତ୍ତରରୁ ଦକ୍ଷିଣ ଦିଗ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହି ସଂସ୍କୃତିର ପ୍ରଧାନ ସ୍ଥାନଗୁଡ଼ିକ ହେଲା ଗୁଜୁରାଟର ମେହାସନ ଜିଲ୍ଲାର ଲଂଘନାଜ, ମଧ୍ୟପ୍ରଦେଶ ଅନ୍ତର୍ଗତ ଭୋପାଳ ନିକଟସ୍ଥ ଭୀମବେଟକା, ଉତ୍ତରପ୍ରଦେଶର ଆଲ୍ଲାହାବାଦ ନିକଟବର୍ତ୍ତୀ ବେଲାନ୍ ଉପତ୍ୟାକା ଅଞ୍ଚଳର ଚୋପାନିମାଣ୍ଡୋ, ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲା ଅନ୍ତର୍ଗତ ବୀରଭାନପୁର, କର୍ଣ୍ଣାଟକର ବେଲ୍ଲାରୀ ଜିଲ୍ଲାର ସଙ୍ଗନାକାଲୁ ଏବଂ ତାମିଲନାଡୁର ଦକ୍ଷିଣ ଭାଗରେ ଅବସ୍ଥିତ ଟୁଟିକୋରିନ୍ ।




ଚିତ୍ର ୨.୪: ମଧ୍ୟଯୁଗୀୟ ପ୍ରାଚୀନ ପ୍ରସ୍ତର ଯୁଗର ହତିଆର

## (c) SUBSISTENCE PATTERN - ଜୀବିକା ନିର୍ବାହ ପ୍ରଣାଳୀ

ପ୍ରାଚୀନ ପ୍ରସ୍ତର ଯୁଗପରି ମଧ ପ୍ରସ୍ତର ଯୁଗରେ ମଧ ଶିକାର ଏବଂ ଖାଦ୍ୟ ସଂଗ୍ରହ ମୁଖ୍ୟ ଜୀବିକା ଥିଲା । କିନ୍ତୁ ଏହି ସମୟରେ ଏକ ପରିବର୍ତ୍ତନ ଶିକାର କ୍ଷେତ୍ରରେ ଦେଖାଯାଇଥିଲା । ଏହି ଯୁଗରେ ବଡ଼ ବଡ଼ ପଶୁ ଶିକାର କରିବା ପରିବର୍ତ୍ତେ ଧନୁ ଏବଂ ତୀର ସାହାଯ୍ୟରେ ଛୋଟ ଛୋଟ ପଶୁମାନଙ୍କୁ ଶିକାର କରାଗଲା । ଏଥି ସହିତ ମାଛଧରିବା ଏବଂ ପକ୍ଷୀ ଶିକାର କରିବା ପ୍ରାଧାନ୍ୟ ପାଇଲା । ଯେଉଁ ସ୍ଥାନମାନଙ୍କରେ ଏହି ସଂସ୍କୃତି ଦେଖାଯାଇଥିଲା, ସେହି ସ୍ଥାନମାନଙ୍କରୁ ଗାଈ, ମେଣ୍ଢା, ଛେଳି, ମଇଁଷି, ଘୁଷୁରି, ମୂଷା, କୁକୁର, କୋକିଶିଆଳୀ, ଏଣ୍ଡୁଅ, ଝିଟିପିଟି ପ୍ରଭୃତି ପଶୁପକ୍ଷୀଙ୍କର ଅସ୍ଥି ମିଳିଅଛି ।



ଟିପ୍ପଣୀ



**INTEXTQUESTIONS 2.4 - ପ୍ରତ୍ୟାଶିତ ପୂର୍ବଜ୍ଞାନ**

1. ମଧ ପ୍ରାଚୀନ ପ୍ରସ୍ତର ଯୁଗର ହାତ ହତିଆରଗୁଡ଼ିକୁ କ'ଣ କୁହାଯାଏ ?

   ______________________________

2. ମଧ ପ୍ରାଚୀନ ପ୍ରସ୍ତର ଯୁଗରେ ନିର୍ମିତ କେତେକ ହାତ ହତିଆରର ନାମ ଲେଖ ?

   ______________________________

3. ମଧ ପ୍ରାଚୀନ ପ୍ରସ୍ତର ଯୁଗର ସଂସ୍କୃତି ଗଢ଼ିଉଠିଥିବା ଦୁଇଟି ସ୍ଥାନର ନାମଲେଖ ?

   ______________________________

## 2.8 THE NEOLITHIC CULTURES AND THE ADVENT OF FOOD PRODUCTION- ନୂତନ ପ୍ରସ୍ତର ଯୁଗର ସଂସ୍କୃତି ଏବଂ ଖାଦ୍ୟ ଉତ୍ପାଦନର ପ୍ରାରମ୍ଭିକ ପର୍ଯ୍ୟାୟ

ପ୍ରାଗ ଐତିହାସିକ ଯୁଗର ଅନ୍ତିମ ପର୍ଯ୍ୟାୟକୁ ନୂତନ ପ୍ରସ୍ତର ଯୁଗ ବା ନିଓଲିଥିକ୍ ଯୁଗ କୁହାଯାଏ । ପ୍ରାଗ ଐତିହାସିକ ନିଓଲିଥିକ୍ ଶବ୍ଦଟି ମୂଳ ଗ୍ରୀକ୍ ଶବ୍ଦ 'ନିଓ' ଅର୍ଥାତ୍ ନୂଆ ଏବଂ 'ଲିଥିକ୍' ଅର୍ଥ ପ୍ରସ୍ତର ବା ପଥର । ତେଣୁ 'ନିଓଲିଥିକ୍ ଏଜ୍' କହିଲେ ମାନବ ସଂସ୍କୃତିର 'ନୂତନ ପ୍ରସ୍ତର ଯୁଗ'କୁ ବୁଝାଏ । ଭାରତୀୟ ଉପମହାଦେଶରେ ଏହି ସଂସ୍କୃତିର ସମୟସୀମା ଖ୍ରୀ: ପୂ: ୮୦୦୦ ବୋଲି ଧାର୍ଯ୍ୟ କରାଯାଇଛି । 'ନିଓଲିଥିକ୍' ଶବ୍ଦଟିର ଅବତାରଣା ଜନ୍ ଲବୋକ୍ କରିଛନ୍ତି । ଏହି ଯୁଗର ମୁଖ୍ୟ ଲକ୍ଷଣ ଗୁଡ଼ିକ ହେଲା ନୂଆ ଭୂମିଗୁଡ଼ିକର ବିକାଶ ଏବଂ ମସୃଣ ପ୍ରସ୍ତର ନିର୍ମିତ ହାତ ହତିଆରଗୁଡ଼ିକର ନିର୍ମାଣ । ଏହି ଯୁଗରେ କୃଷି କାର୍ଯ୍ୟ ଆରମ୍ଭ ହେଲା ଏବଂ ତା ସହିତ ପଶୁପାଳନ ମଧ କରାଯାଇଥିଲା । ଏହା ମଧ ସ୍ଥାୟୀବସତି ସ୍ଥାପନ ପାଇଁ ଲୋକଙ୍କୁ ଉତ୍ସାହିତ କରି ବା ଯୋଗୁଁ ଗ୍ରାମଗୁଡ଼ିକ ପ୍ରତିଷ୍ଠା ହେଲା । ନୂତନ ପ୍ରସ୍ତର ଯୁଗର ସଂସ୍କୃତିରେ ନିମ୍ନ ଲିଖିତ ଲକ୍ଷଣଗୁଡ଼ିକ ପରିଦୃଷ୍ଟ ହୋଇଥିଲା ।

(i) କୃଷିକାର୍ଯ୍ୟର ଆରମ୍ଭ

(ii) ପଶୁପାଳନ

(iii) ମସୃଣ ଏବଂ ଧାରୁଆ ପ୍ରସ୍ତର ନିର୍ମିତ ଅସ୍ତ୍ରଶସ୍ତ୍ର

(iv) ମୃତ୍ତିକା ପାତ୍ରର ବ୍ୟବହାର

### (a) Meaning of the 'Neolithic Revolution'- 'ନୂତନ ପ୍ରସ୍ତର ଯୁଗ ବିପ୍ଳବ'ର ଅର୍ଥ

ମନୁଷ୍ୟର ସାମାଜିକ ଓ ଅର୍ଥନୈତିକ ଜୀବନରେ ମୁଖ୍ୟ ପରିବର୍ତ୍ତନକୁ ଭିତ୍ତିକରି ଏହି ସମୟକୁ 'ନୂତନ ପ୍ରସ୍ତର ଯୁଗର ବିପ୍ଳବ' ବୋଲି ବିବେଚନା କରାଯାଇଛି । ମସୃଣ ପ୍ରସ୍ତର ନିର୍ମିତ ଧାରୁଆ ଓ ମୁନିଆ ଅସ୍ତ୍ରଶସ୍ତ୍ର ବ୍ୟବହାର କରି ମନୁଷ୍ୟ ସହଜରେ ଭୂମିକର୍ଷଣ କରିପାରିଲା । ଏହା ସହିତ ଗୃହପାଳିତ ପଶୁମାନଙ୍କୁ ମଧ ପାଳନ କଲା । ଫଳରେ କୃଷିଭିତ୍ତିକ ସ୍ଥାୟୀ ବସତିମାନ ଗଢ଼ି ଉଠିଲା । ନୂତନ ପ୍ରସ୍ତର ଯୁଗର ଅଧିବାସୀ ଶସ୍ୟଗୁଡ଼ିକୁ ସାଇତି ରଖିବା ପାଇଁ ମୃତ୍ତିକା ପାତ୍ର ନାମ ନିର୍ମାଣ କରିଥିଲେ । ଏସବୁ ହେଲା ଏକ ବଡ଼ପରିବର୍ତ୍ତନ ଯେହେତୁ ଏହି ସମୟ ମନୁଷ୍ୟ ଜୀବନରେ ଏକ ବୈପ୍ଳବିକ ପରିବର୍ତ୍ତନ ସଂଘଠିତ ହୋଇଥିଲା, ସେଥିପାଇଁ କେତେକ ବିଶେଷଜ୍ଞ ଏହାକୁ 'ନୂତନ ପ୍ରସ୍ତର ଯୁଗର ବିପ୍ଳବ' ବୋଲି ବର୍ଣ୍ଣନା କରିଛନ୍ତି । ଅନେକ କେତେକ ବିଶେଷଜ୍ଞଙ୍କ ମତରେ ଏହି ପରିବର୍ତ୍ତନ ନିଶ୍ଚିତ ରୂପେଦୃଷ୍ଟାନ୍ତମୂଳକ, ତଥାପି ପ୍ରାଚୀନ ପ୍ରସ୍ତରଯୁଗ ଏବଂ ମଧ ପ୍ରାଚୀନ ପ୍ରସ୍ତର ଯୁଗରେ ହୋଇଥିବା ପ୍ରଗତିକୁ ବିଚାରକୁ ହେଲେ ଏବଂ ଏହାକୁ 'ବିପ୍ଳବ' ନକହି 'କ୍ରମ ବିବର୍ତ୍ତନ' (evolution) କହିବା ପ୍ରାସଙ୍ଗିକ ହେବ ।

### (b) Tools of the Neolithic Period- ନୂତନ ପ୍ରସ୍ତର ଯୁଗର ହାତ ହତିଆର

ନୂତନ ପ୍ରସ୍ତର ଯୁଗର ହାତ ହତିଆରଗୁଡିକ ପୂର୍ବାପେକ୍ଷା ଅଧିକ ମସୃଣ ଓ ସମାନୁପାତିକ ଥିଲା । ଘର୍ଷଣ ଦ୍ୱାରା ଏଗୁଡିକ ଅଧିକ ଧାରୁଆ ଓ ପାଲିସ ଥିଲା । ଏହି ଯୁଗରେ ସେଲ୍ଟ ନାମକ ଏକ କୁରାଢ଼ୀ ଅଧିକ ବ୍ୟବହୃତ ହୋଇଥିଲା । ଲୋକ ଅସ୍ଥିନିର୍ମିତ ଛୁଞ୍ଚ, ଦା, କଟୁରୀ ଇତ୍ୟାଦି ହାତ ହତିଆର ବ୍ୟବହାର ମଧ କରୁଥିଲେ ।


### (c) Geographical Distribution of the Neolithic Sites
### ନୂତନ ପ୍ରସ୍ତର ଯୁଗର ଭୌଗଳିକ ଅବସ୍ଥିତି

ନୂତନପ୍ରସ୍ତର ଯୁଗର ସଂସ୍କୃତି ଭାରତୀୟ ଉପମହାଦେଶର ସମସ୍ତ ଅଞ୍ଚଳରେ ବିସ୍ତାରଲାଭ କରିଥିଲା ।(ମାନଚିତ୍ର 2.4) ।ଭାରତର ଉତ୍ତର-ପଶ୍ଚିମ ଅଞ୍ଚଳରେ ଥିବା ମେହରଗଡ଼ ଏହି ସଂସ୍କୃତିର ଏକ ପ୍ରମୁଖ ସ୍ଥାନ । ଏହା ବେଲୁଚିସ୍ଥାନର କିଛି ସମତଳ ଅଞ୍ଚଳରେ ଅବସ୍ଥିତ । ମେହେରଗଡ଼ରେ ହୋଇଥିବା ପ୍ରତ୍ନତାତ୍ତ୍ୱିକ ଖନନ ପ୍ରମାଣ କରେ ଯେ ନୂତନ ପ୍ରସ୍ତର ଯୁଗର ଅଧିବାସୀ ବାସଗୃହ ନିର୍ମାଣ କରିଥିଲେ ।ସେହି ବାସଗୃହଗୁଡ଼ିକ ସୂର୍ଯ୍ୟତପ୍ତ ଇଟାରେ ନିର୍ମିତ ହୋଇଥିଲା । ଏହି ବାସଗୃହର କୋଠରୀଗୁଡ଼ିକ ଛୋଟ ଛୋଟ ଭାଗରେ ବିଭକ୍ତ ହୋଇଥିଲା । ଏଠାରେ ଗହମ, ବାର୍ଲି ଏବଂ କପା ଚାଷ କରାଯାଉଥିଲା ବୋଲି ପ୍ରମାଣ ମିଳିଅଛି ।କାଶ୍ମୀର ଉପତ୍ୟକାରେ ସ୍ଥିତ ପ୍ରମୁଖ ନୂତନ ପ୍ରସ୍ତର ଯୁଗୀୟ ସ୍ଥାନଗୁଡ଼ିକ ହେଲା ବର୍ଜହମ୍ ଏବଂ ଗୁଫ୍‌କାରଲ । ଏଠାରୁ ଆବିଷ୍କୃତ ବାସଗୃହ ଗୁଡ଼ିକ ଗୋଲାକାର ଭାବେ କିମ୍ବା ଚାରିକୋଣିଆ ଭାବେ ତିଆରି ହୋଇଥିଲା । ଏହାଥିଲା ନୂତନ ପ୍ରସ୍ତର ଯୁଗର ଏକ ଲକ୍ଷଣ । ଉତ୍ତରପ୍ରଦେଶ ଅନ୍ତର୍ଗତ ଆଲ୍ଲାବାଦ ନିକଟସ୍ଥ ବିନ୍ଧ୍ୟ ମାଳଭୂମି ଧାରରେ ଥିବା ବେଲାନ୍ ଉପତ୍ୟକାରେ କୋଲ୍ଡିହାବା ଏବଂ ମହାଗଡ଼ ପରି ନୂତନ ପ୍ରସ୍ତର ଯୁଗର ସ୍ଥାନ ଚିହ୍ନଟ ହୋଇଅଛି । ଉଭୟ ପ୍ରସ୍ତର ଓ ଅସ୍ଥିରେ ନିର୍ମିତ ଏହି ଯୁଗର ହାତ ହତିଆର, ମୃତ୍ତିକାପାତ୍ର ଏବଂ ଅନ୍ୟାନ୍ୟ ଆସବାବପତ୍ରର ଅବଶେଷ ଏହି ସ୍ଥାନରୁ ମିଳିଅଛି । ବିହାର ଏବଂ ମଧ ଗାଙ୍ଗେୟ ଉପତ୍ୟକାରେ ଥିବା ଚିରାଣ୍ଡ ଅଞ୍ଚଳ ସବୁଠାରୁ ଜନପ୍ରିୟ ବସତି ଥିଲା । ଆହୁରି ଅନେକ ନୂତନ ପ୍ରସ୍ତର ଯୁଗର ବସତି ଆସାମ, ମେଘାଳୟ, ନାଗାଲାଣ୍ଡର ପାହାଡ଼ିଆ ଅଞ୍ଚଳରେ ଦେଖାଯାଏ । ଏଠାରେ ସେଲ୍ଟ ବା ପ୍ରାଗ୍ ଐତିକ କୁରାଢ଼ୀ ପରି ଏକ ହତିଆର, ଛୋଟ ଛୋଟ କୁରାଢ଼ୀ ସହିତ ମୃତ୍ତିକାର ଅବଶେଷ ଦେଖିବାକୁ ମିଳେ । ଦକ୍ଷିଣ ଭାରତରେ ଭୀମ, କୃଷ୍ଣା ଏବଂ ତୁଙ୍ଗଭଦ୍ରା ନଦୀ କୂଳରେ ଅନେକ ନୂତନ ପ୍ରସ୍ତର ଯୁଗର ବସତି ଗୁଡ଼ିକ ଆବିଷ୍କୃତ ହୋଇଅଛି ।ସେହିପରି ଆଉ କେତେମୁଖ୍ୟ ସ୍ଥାନ ମଧ କର୍ଣ୍ଣାଟକର ସଙ୍ଗନାକାଲ୍ଲୁ, ବ୍ରହ୍ମଗିରି, ମାସ୍କି, ପିକିଲିହଲ, ହଲ୍ଲୁର ଠାରେ ଆବିଷ୍କୃତ ହୋଇଥିଲା ବେଳେ, ଆନ୍ଧ୍ରପ୍ରଦେଶର ଉତ୍‌ନର୍, ନାଗାର୍ଜୁନକୋଣ୍ଡା ଏବଂ ବୁଢ଼ୀହାଲ ଏବଂ ତାମିଲନାଡୁର ପାୟାମ୍ପଲି ଠାରେ ଆବିଷ୍କୃତ ହୋଇଥିଲା । ଏହି ସବୁ ସ୍ଥାନମାନଙ୍କରେ ବାସଗୃହ, ଶସ୍ୟ ଚାଷ ଏବଂ ପଶୁପାଳନର ଜ୍ୱଳନ୍ତ ଦୃଷ୍ଟାନ୍ତ ଆବିଷ୍କୃତ ହୋଇଛି । ଦକ୍ଷିଣ ଭାରତୀୟ ଗ୍ରାମମାନଙ୍କରେ ମିଲେଟ୍ ବା ରାଗି ପ୍ରଥମ ଶସ୍ୟ ରୂପେ ଚାଷ କରାଯାଇଥିଲା ।

### (d) Subsistence Pattern- ଜୀବିକା ନିର୍ବାହ ପ୍ରଣାଳୀ

ନୂତନ ପ୍ରସ୍ତର ଯୁଗରେ କୃଷିକାର୍ଯ୍ୟର ଆରମ୍ଭ ମାନବ ଜୀବନରେ ଏକ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆଣିଥିଲା । ଏହି ଅଧିବାସୀମାନେ ଗହମ, ବାର୍ଲି, ଧାନ, ମିଲେଟ୍ ଏବଂ ଲେଣ୍ଟିଲ୍ସ ପ୍ରଭୃତି ଶସ୍ୟ ଭୌଗଳିକ ଅବସ୍ଥାକୁ ଅନୁଧାନ କରି ଚାଷ କରୁଥିଲେ ।କୃଷିଯୋଗୁ ପଶୁପାଳନ ମଧ ଆରମ୍ଭ ହେଲା । ପାଳିତ ପଶୁଗୁଡ଼ିକ ଥିଲେ ମେଣ୍ଢା, ଛେଳି ଏବଂ ଗାଈଗୋରୁ । ଲୋକ boar (ବାରହା), nilgai (ନୀଳଗାଈ), gazells (କୃଷ୍ଣସାରମୃଗ) ପରି ବଣୁଆ ପଶୁଙ୍କୁ ଶିକାର କରୁଥିଲେ । ନୂତନ ପ୍ରସ୍ତର ଯୁଗର ଅଧିବାସୀ ପ୍ରସ୍ତରରେ ହାତ, ହତିଆର ନିର୍ମାଣ କରିଥିଲେ । ସେମାନେ ମଧ ମୃତ୍ତିକା ପାତ୍ର ତିଆରି କରିଥିଲେ, ଯାହାକି ପ୍ରାରମ୍ଭରେ ହାତ ତିଆରିଥିଲା, କିନ୍ତୁ ପରେ ଚକ ସାହାଯ୍ୟରେ ନିର୍ମିତ ହେଲା ଏବଂ ନିଆଁରେ ପୋଡ଼ାହେଲା । ଶସ୍ୟକୁ ଏହି ମୃତ୍ତିକା ପାତ୍ରରେ ସାଇତି ରଖାଯାଉଥିଲା ।

ବର୍ତ୍ତମାନ ଆମେ କହିପାରିବା ଯେ ନୂତନ ପ୍ରସ୍ତର ଯୁଗର ସଂସ୍କୃତିର ଲକ୍ଷଣ ହେଲା ସେମାନେ ଶିକାର ଓ ଫଳମୂଳ ସଂଗ୍ରହ ନକରି ସେମାନେ କୃଷିରେ ମନୋନିବେଶ କଲେ ଗୃହପାଳିତ ପଶୁମାନଙ୍କୁ ପାଳନ କଲେ । ନୂତନ ମସୃଣ ଯନ୍ତ୍ରପାତି ସାହାଯ୍ୟରେ ସହଜରେ ମନୁଷ୍ୟ କୃଷି କାର୍ଯ୍ୟ କରିବା ସଂଗେ ସଂଗେ ପଶୁ ଶିକାର ଓ ଅନ୍ୟାନ୍ୟ କାର୍ଯ୍ୟ ଉତ୍ତମ ଭାବରେ କରିପାରିଲା । ଫଳରେ ଜନସଂଖ୍ୟା ବୃଦ୍ଧି ହେବା ସଂଗେ ସଂଗେ ପ୍ରଚୁର ପରିମାଣର ଖାଦ୍ୟଶସ୍ୟ ଉପଲବ୍ଧ ହେଲା । ଏହାଫଳରେ ଗ୍ରାମଗୁଡ଼ିକ ପ୍ରତିଷ୍ଠା ହେଲା । ନୂତନ ପ୍ରସ୍ତର ଯୁଗର ସଂସ୍କୃତି ଭବିଷ୍ୟତରେ ସହରଗୁଡ଼ିକର ଅଭିବୃଦ୍ଧିରେ ସାହାଯ୍ୟ କରିଥିଲା ।




ଚିତ୍ର ୨.୫: ନୂତନ ପ୍ରସ୍ତର ଯୁଗର ହାତହତିଆର



ଟିପ୍ପଣୀ






*Fig 2.6 Neolithic Bone tools from Burzahom*
**ଚିତ୍ର ୨.୬: ବର୍ଜହମରୁ ମିଳିଥିବା ନୂତନ ପ୍ରସ୍ତର ଯୁଗର ହାତହତିଆର**

## INTEXT QUESTIONS 2.5- ପ୍ରତ୍ୟାଶିତ ପୂର୍ବଜ୍ଞାନ

1. 'ନିଓଲିଥିକ୍' ବା 'ନୂତନ ପ୍ରସ୍ତର' ଯୁଗର ଯଥାର୍ଥତା କିଏ ପ୍ରତିପାଦନ କରିଛନ୍ତି ?

ଟିପ୍ପଣୀ




**ମାନଚିତ୍ର ୨.୪: ନୂତନ ପ୍ରସ୍ତର ଯୁଗର ଭୌଗଳିକ ଅବସ୍ଥିତି**

2. ନୂତନ ପ୍ରସ୍ତର ଯୁଗର ପ୍ରମୁଖ ସାଂସ୍କୃତିକୁ ଲକ୍ଷଣଗୁଡ଼ିକ ଚିହ୍ନିତ କର ।

(a) ______________________

(b) ______________________

(c) ______________________

3. ଉତ୍ତର-ପଶ୍ଚିମ ଅଞ୍ଚଳସ୍ଥିତ ନୂତନ ପ୍ରସ୍ତର ଯୁଗର ଏକ ପ୍ରମୁଖସ୍ଥାନ ବିଷୟରେ ଆଲୋଚନା କର ।

______________________________________

## 2.9 THE PREHISTORIC ART- ପ୍ରାକ୍ ଐତିହାସିକ କଳା

ପ୍ରସ୍ତର କଳା ମଧ ପ୍ରାଚୀନ ପ୍ରସ୍ତର ଯୁଗର ଏକ ଦୃଷ୍ଟାନ୍ତକାରୀ ଲକ୍ଷଣ ଥିଲା ଯଦିଓ ଏହାର ଆରମ୍ଭ ପ୍ରାଚୀନ ପ୍ରସ୍ତର ଯୁଗରେ ହୋଇଥିଲା । ଏହି ଚିତ୍ରକଳାଗୁଡ଼ିକ ପଥର ଉପରେ ଦେଖିବାକୁ ମିଳେ ଏବଂ ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ମଧ୍ୟପ୍ରଦେଶର ଭୀମବେଟ୍‌କା ଠାରେ ଦେଖାଯାଏ । ମଧ୍ୟଯୁଗୀୟ

ଟିପ୍ପଣୀ

ପ୍ରାଚୀନପ୍ରସ୍ତର ଯୁଗର ଅଧିବାସୀମାନଙ୍କର ସାମାଜିକ ଓ ଅର୍ଥନୀତିକ ଜୀବନ ସଂବଂଧରେ ଏହି କଳା ଆଲୋକପାତ କରିଥାଏ । ଏହି ଚିତ୍ରକଳାର ମୁଖ୍ୟ ବିଷୟବସ୍ତୁ ଥିଲା ଶିକାର କରିବା, ମାଛଧରିବା, ଖାଦ୍ୟ ସଂଗ୍ରହ କରିବା ଏବଂ ବିଭିନ୍ନ ପ୍ରକାର ପଶୁ ଯଥା- ମଇଁଷି, ମାଙ୍କଡ଼ ଏବଂ ନୀଳଗାଈର ଚିତ୍ର ଦେଖିବାକୁ ମିଳେ । (ଚିତ୍ର 2.7) ଏହି ପ୍ରସ୍ତରକଳାରେ ମଧ ସନ୍ତାନ ଜନ୍ମଲାଭ କରିବା, ସନ୍ତାନ ପାଳନ ଏବଂ ସମଧିଉତ୍ସବ ଇତ୍ୟାଦି ଦେଖିବାକୁ ମିଳେ । ଏହି ଚିତ୍ରକଳାରେ ଶିକାର ଚିତ୍ରକୁ ଲକ୍ଷ୍ୟ କଲେ ବୁଝାପଡ଼େ ଯେ ମଧପ୍ରାଚୀନ ପ୍ରସ୍ତର ଯୁଗର ଅଧିବାସୀମାନେ ଛୋଟ ଛୋଟ ଗୋଷ୍ଠୀ ବା ଦଳ କରି ରହୁଥିଲେ । ତେଣୁ ଆମେ କହିପାରିବା ଯେ ମଧ ପ୍ରାଚୀନ ପ୍ରସ୍ତର ଯୁଗର ସମାଜ ପ୍ରାଚୀନ ପ୍ରସ୍ତର ଯୁଗର ସମାଜ ଅପେକ୍ଷା ଅଧିକ ସ୍ଥିର ଏବଂ ଶକ୍ତିଶାଳୀ ଥିଲା ଯଦିଓ ଉଭୟଙ୍କର ଶିକାର କରିବା ଓ ଫଳମୂଳ ସଂଗ୍ରହ କରିବା ଥିଲା ଜୀବିକା ।

## INTEXTQUESTIONS 2.6 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ପ୍ରସ୍ତର କଳା କେଉଁଯୁଗର ଦୃଷ୍ଟାନ୍ତମୂଳକ ଲକ୍ଷଣ ?

___________________________

2. ମଧପ୍ରଦେଶର କେଉଁସ୍ଥାନରେ ସର୍ବାଧିକ ପ୍ରସ୍ତରକଳା ଦେଖିବାକୁ ମିଳେ ?

___________________________

3. ପ୍ରାକ୍ ଐତିହାସିକ ପ୍ରସ୍ତର କଳାରେ ପ୍ରାଧାନ୍ୟଲାଭ କରିଥିବା ମୁଖ୍ୟ ବିଷୟବସ୍ତୁଗୁଡ଼ିକ ଆଲୋଚନା କର ।

___________________________




ଚିତ୍ର ୨.୭: ପ୍ରାକଐତିହାସିକ କଳା



ଟିପ୍ପଣୀ



## WHAT YOU HAVELEARNT- ଆମେ କ'ଣ ଶିଖିଲେ

ଭାରତ ଇତିହାସ ଭୌଗଳିକ ଅବସ୍ଥା ଏବଂ ପରିବେଶ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଛି । ବିଭିନ୍ନ ଅଞ୍ଚଳ ସେମାନଙ୍କର ତାପମାତ୍ରା ଅନୁସାରେ ଅଲଗା ଅଲଗା ଭାବେ ଚିହ୍ନିତ ହୋଇଛି ଏବଂ ସେହି ଅନୁସାରେ ସେହିସ୍ଥାନମାନଙ୍କରେ ଐତିହାସିକ ପରିବର୍ତ୍ତନ ସଂଘଠିତ ହୋଇଛି । ହିମାଳୟ ପର୍ବତମାଳା ଆମକୁ ଶତ୍ରୁ ଆକ୍ରମଣରୁ ରକ୍ଷାକରିବା ସଂଗେ ସଂଗେ ପ୍ରବଳ ଥଣ୍ଡା ପବନରୁ ମଧ ସୁରକ୍ଷା ପ୍ରଦାନ କରିଥାଏ । ଏଠାରେ ଥିବା ଗିରିସଙ୍କଟ ବା ଗିରିପଥ ଗୁଡ଼ିକ ଅନ୍ୟାନ୍ୟ ଦେଶ ସହିତ ସାଂସ୍କୃତିକ ଆଦାନ ପ୍ରଦାନ ପାଇଁ ସହଯୋଗ କରିଥାନ୍ତି । ଏଥି ସହିତ ରାଜନୈତିକ, ସାମାଜିକ, ଅର୍ଥନୀତିକ କ୍ଷେତ୍ରରେ ମଧ ବିକାଶ ପାଇଁ ସହାୟକ ହୋଇଛି । ଉତ୍ତର ଭାରତର ଉର୍ବର ସମତଳ ଭୂମି ପ୍ରଚୁର କୃଷିଜାତ ଦ୍ରବ୍ୟ ଉତ୍ପାଦନରେ ସହାୟକ ହୋଇଥିଲା । ଏହା ଫଳରେ ଖ୍ରୀ: ପୂ: ଷଷ୍ଠ ଶତାବ୍ଦୀରେ ଶକ୍ତିଶାଳୀ ରାଜ୍ୟମାନଙ୍କର ଉତ୍ଥାନ ହେଲା । ପ୍ରାଚୀନ କାଳରୁ ଅଧିତ୍ୟକା ଅଞ୍ଚଳ, ଉପକୂଳବର୍ତ୍ତୀ ସମତଳ ଅଞ୍ଚଳ ଏବଂ ପାହାଡ଼ିଆ ଅଞ୍ଚଳ ଓ ଉପଦ୍ୱୀପ ଅଞ୍ଚଳଗୁଡ଼ିକ କୃଷିଭିତ୍ତିକ ଗୋଷ୍ଠୀଜୀବନକୁ ପ୍ରୋତ୍ସାହନ ଦେଇଥିଲେ ତଥା ସଂଗେ ବହିର୍ଦେଶ ସହିତ ସମ୍ପର୍କ କରିବାରେ ସହାୟକ ହୋଇଥିଲେ । ବିଭିନ୍ନ ସ୍ଥାନରେ ପ୍ରବାହିତ ଭିନ୍ନ ଭିନ୍ନ ଜଳବାୟୁ ଏବଂ ପାରିପାର୍ଶ୍ୱିକ ପରିବେଶ ତଥା ସେହିସ୍ଥାନମାନଙ୍କରେ ମିଳୁଥିବା ସମ୍ପଦକୁ ଆଧାର କରି ଭିନ୍ନ ଭିନ୍ନ ସାମାଜିକ, ଅର୍ଥନୀତିକ ଏବଂ ସାଂସ୍କୃତିକ ସଂଗଠନ ମାନ ଭିନ୍ନ ଭିନ୍ନ ସ୍ଥାନରେ ଗଢ଼ି ଉଠିଥିଲା । ପ୍ରାକ୍ ଐତିହାସିକ ଯୁଗରେ ଆରମ୍ଭରୁ ସାଂସ୍କୃତିକ ବିକାଶର ଚରମସୀମାରେ ପହଞ୍ଚିବା ପର୍ଯ୍ୟନ୍ତ ମାନବଜାତି ଅନେକ ସ୍ତର ଦେଇ ଗତି କରିଆସିଛି । ପ୍ରତ୍ନତତ୍ତ୍ୱର ଉପାଦାନଗୁଡ଼ିକ ମନୁଷ୍ୟର ବସତି ଓ ଜୀବିକା ପ୍ରଣାଳୀ ସମ୍ପର୍କରେ ଉପମହାଦେଶରେ ଆବିଷ୍କୃତ ବିଭିନ୍ନ ସ୍ଥାନ ଉପରେ ଆଲୋକପାତ କରିଛନ୍ତି । ମନୁଷ୍ୟ ପ୍ରାଚୀନ ପ୍ରସ୍ତର ଯୁଗରେ ଏବଂ ମଧ ପ୍ରସ୍ତର ଯୁଗରେ ଜଣେ ଶିକାରୀ ଏବଂ ଖାଦ୍ୟ ସଂଗ୍ରାହକ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲା । ନୂତନ ପ୍ରସ୍ତର ଯୁଗରେ ସେ ବିଭିନ୍ନ ପ୍ରକାର କୃଷି ପ୍ରଣାଳୀ ବିଷୟରେ ଶିଖିଲା ଏବଂ ଗୃହପାଳିତ ପଶୁମାନଙ୍କୁ ପାଳନ କଲା । ସେ ମଧ ମୃତ୍ତିକା ପାତ୍ର ନିର୍ମାଣ କରିପାରିଲା । ଏହିସବୁ ଅଗ୍ରଗତିଗୁଡ଼ିକ ଗ୍ରାମ ପ୍ରତିଷ୍ଠା କରିବାରେ ସହାୟକ ହୋଇଥିଲା । ବିଭିନ୍ନ ଯୁଗରେ ବ୍ୟବହୃତ ପ୍ରସ୍ତର ନିର୍ମିତ ହାତ ହତିଆରର ଆକାରରେ ମଧ ପରିବର୍ତ୍ତନ ଦେଖାଯାଇଥିଲା । ପୁରାତନ ପ୍ରସ୍ତର ଯୁଗରେ ବ୍ୟବହୃତ ଖଦ ଖଦଡ଼ିଆ ବଡ଼ ବଡ଼ ଅସ୍ତ୍ରଶସ୍ତ୍ରରେ ଉନ୍ନତି ଘଟି ନୂତନ ପ୍ରସ୍ତର ଯୁଗରେ ମସୃଣ ଏବଂ ଧାରୁଆ ଅସ୍ତ୍ରଶସ୍ତ୍ର ତିଆରି ହୋଇଥିଲା । ମଧ ପ୍ରସ୍ତର ଯୁଗରେ 'ମାଇକ୍ରୋଲିଥସ୍' ନାମକ ଅସ୍ତ୍ରଶସ୍ତ୍ର ବ୍ୟବହୃତ ହୋଇଥିଲା । ଏଗୁଡ଼ିକ ଛୋଟ ଛୋଟ ପଥରରେ ନିର୍ମିତ ହୋଇଥିଲା । ଅନ୍ୟଅର୍ଥରେ କହିଲେ ପୁରାତନ ପ୍ରସ୍ତର ଯୁଗର ଶିକାରୀ ଓ ଫଳମୂଳ ସଂଗ୍ରହକାରୀମାନବ, ନୂତନ ପ୍ରସ୍ତର ଯୁଗରେ ଖାଦ୍ୟ ଉତ୍ପାଦନକାରୀ ଭୂମିକାରେ ଅବତୀର୍ଣ୍ଣ ହେଲା ।

## TERMINAL QUESTIONS - ନିଜକୁ ନିଜେ ପରିଖିବା

1. ଭାରତ ମାନଚିତ୍ରରେ ନିମ୍ନଲିଖିତ ସ୍ଥାନଗୁଡ଼ିକ ଚିହ୍ନଟ କର ।

   (i) ହିମାଳୟ ପର୍ବତମାଳା ।

   (ii) ପୂର୍ବଘାଟ ଏବଂ ପଶ୍ଚିମଘାଟ ।

   (iii) ଗଙ୍ଗା, ନର୍ମଦା ଏବଂ କାବେରୀ ନଦୀ ।

   (iv) ଆରିକମେଡୁ (ପଣ୍ଡିଚେରୀ), ତାମଲୁକ (ତାମ୍ରଲିପ୍ତି) ଏବଂ ଭାରୁକ୍ (ବ୍ରୋଚ୍) ।

   (v) ପାଟଳୀପୁତ୍ର (ପାଟଣା) ଏବଂ ପାଲ୍‌ଘାଟ ।

   (vi) ଆଦମଗଡ଼, ଭୀମବେଟକା ଏବଂ କୋଲ୍ଡିହାବା ।

2. ହିମାଳୟ ପର୍ବତ ଏବଂ ଉପଦ୍ୱୀପକୁ ସ୍ୱତନ୍ତ୍ର ଦୃଷ୍ଟିଦେଇ ଭାରତର ଭୌଗଳିକ ଅବସ୍ଥିତି ଏହାର ଇତିହାସକୁ କିପରି ପ୍ରଭାବିତ କରିଥିଲା ଆଲୋଚନା କର ?
3. କୌଣସି ଅଞ୍ଚଳ ପରିବେଶ ଓ ପାରିପାର୍ଶ୍ୱିକ ଅବସ୍ଥା କିପରି ସେଠାକାର ଗଚ୍ଛିତ ସମ୍ପଦ କଥା ନିର୍ଦ୍ଧାରଣ କରେ ? ଉଦାହରଣ ଦେଇ ବୁଝାଅ ।
4. ପୁରାତନ ପ୍ରସ୍ତର ଯୁଗରେ ବ୍ୟବହୃତ ହାତ ହତିଆର ଗୁଡ଼ିକର ମୁଖ୍ୟ ଲକ୍ଷଣ କ'ଣ ଥିଲା ?
5. ମଧ୍ୟପ୍ରସ୍ତର ଯୁଗରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଶିକାର ପ୍ରଣାଳୀରେ କି ପରିବର୍ତ୍ତନ ସଂଘଟିତ ହୋଇଥିଲା ?
6. ନୂତନ ପ୍ରସ୍ତର ଯୁଗର ଭୌଗଳିକ ଅବସ୍ଥା ବିଷୟରେ ବର୍ଣ୍ଣନା କର ।
7. ନୂତନପ୍ରସ୍ତର ଯୁଗର ଅଧିବାସୀମାନଙ୍କ ଜୀବନୀ ସଂବଂଧରେ ଆଲୋଚନା କର ।
8. 'ନୂତନ ପ୍ରସ୍ତର ଯୁଗର ବିପ୍ଳବ' ଶବ୍ଦଟିର ତାତ୍ପର୍ଯ୍ୟ ଦର୍ଶାଅ ।

## ANSWERS TO INTEXT QUESTIONS - ପ୍ରତ୍ୟାଶିତ ପୂର୍ବଜ୍ଞାନ

**2.1**

(1) ଗୋମାଲ ପାସ, ବୋଲାନ୍ ପାସ ଏବଂ ଖାଇବାର ପାସ ବା ଘାଟୀ ।

(2) ଆର୍ଯ୍ୟମାନେ

(3) (କ) ଜୈନଧର୍ମ (ଖ) ବୌଦ୍ଧଧର୍ମ

(4) ତାମିଲନାଡୁ

(5) ଧାନ

(6) କୁଶାଣ ଏବଂ ହୁଣ

(7) ଗାଙ୍ଗେୟ ସମତଳ ଅଞ୍ଚଳରେ ଥିବା ପଞ୍ଜାବ ଏବଂ ସିନ୍ଧୁ ।

**2.2**

1 ଗଙ୍ଗା, ସୋନ ଏବଂ ଗଣ୍ଡକ

2. ଛୋଟ୍‌ନାଗପୁର

3. କଳା

4. ପାଲ୍‌ଘାଟ ଗିରିପଥ

**2.3**

1. ଶିକାର କରିବା, ଫଳମୂଳ ସଂଗ୍ରହ କରିବା

2. ଶିକାର କରିବା, କାଟିବା, ଖୋଳିବା ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ

3. (କ)ହାତକୁରାଢ଼ୀ (ଖ) କଟୁରୀ (ଗ) ଖୁରିପି

**2.4**

1. ମାଇକ୍ରୋଲିଥ୍ସ ବା ମଧ ପ୍ରସ୍ତର ଯୁଗୀୟ ହାତ ହତିଆର

2. ତ୍ରିଭୂଜ

3. ଭୀମବେଟ୍‌କା ଏବଂ ଚୋପନିମାଣ୍ଡୋ

ଟିପ୍ପଣୀ



ଟିପ୍ପଣୀ



**2.5**

1. ଜନ୍ ଲବକ୍
2. (କ) କୃଷିକାର୍ଯ୍ୟର ଆରମ୍ଭ

   (ଖ) ଗୃହପାଳିତ ପଶୁପାଳନ

   (ଗ) ପ୍ରସ୍ତର ହାତ ହତିଆରଗୁଡ଼ିକୁ ଘସିବା ଏବଂ ପାଲିସ କରିବା

   (ଘ) ମୃତ୍ତିକାର ବ୍ୟବହାର
3. ମେହରଗଡ଼

**2.6**

1. ମେସୋଲିଥିକ୍
2. ଭୀମବେଟକା
3. ଶିକାର କରି ମାଛ ଧରିବା, ଖାଦ୍ୟ ସଂଗ୍ରହ କରିବା, ଛୁଆ ଜନ୍ମହେବା, ଛୁଆର ଯତ୍ନନେବା ଏବଂ ସମାଧି ଉତ୍ସବ ।

**HINTS TO TERMINAL QUESTIONS- ନିଜକୁ ନିଜେ ପରଖିବା**

1. ମାନଚିତ୍ର 2.1 ଏବଂ 2.2
2. ଭାଗ 2.1 ଏବଂ 2.3କୁ ନିର୍ଦ୍ଦେଶ କର
3. ଭାଗ 2.4 କୁ ନିର୍ଦ୍ଦେଶକର
4. ଭାଗ 2.6 କୁ ନିର୍ଦ୍ଦେଶ କର (କ)
5. ଭାଗ 2.3 କୁ ନିର୍ଦ୍ଦେଶ କର (କ)
6. ଭାଗ 2.8 କୁ ନିର୍ଦ୍ଦେଶ କର (ଗ)
7. ଭାଗ 2.8 କୁ ନିର୍ଦ୍ଦେଶ କର (ଙ)
8. ଭାଗ 2.8କୁ ନିର୍ଦ୍ଦେଶ କର (କ)

**GLOSSARY- ଶବ୍ଦରେ ଅର୍ଥ ସଂଗ୍ରହ ବା ପରିଭାଷା**

(Aryans) ଆର୍ଯ୍ୟ- ମଧ୍ୟ ଏସିଆରୁ ଆସିଥିବା ଏକ ଜାଜାବର ଗୋଷ୍ଠୀ ।

(Butt end) ବେଣ୍ଟ- କୌଣସି ହାତହତିଆରର ମୂଳଭାଗ

(Celt) ସେଲ୍ଟ- ନୂତନ ପ୍ରସ୍ତର ଯୁଗର ପ୍ରସ୍ତର ନିର୍ମିତ ଏକ କୁରାଢ଼ୀ

(Fauna) ଫାଓନା- କୌଣସି ଅଞ୍ଚଳର ପଶୁ ସମୂହ

(Flora) ଫ୍ଲୋରା- କୌଣସି ଅଞ୍ଚଳର ବୃକ୍ଷଲତା ସମୂହ

(Jataka) ଜାତକ- ବୁଦ୍ଧଦେବଙ୍କ ଜୀବନୀ ସଂବଳିତ ବୌଦ୍ଧ ପୋଥି ।



ଟିପ୍ପଣୀ

# 3

## ହରପ୍ପା ସଭ୍ୟତା

ପୂର୍ବ ଅଧ୍ୟାୟରେ ତୁମ୍ଭେମାନେ ଜାଣିବାକୁ ପାଇଲ ଯେ ପ୍ରାକ୍ ଐତିହାସିକ ଯୁଗର ଅଧିବାସୀ ପ୍ରସ୍ତର ନିର୍ମିତ ଅସ୍ତ୍ରଶସ୍ତ୍ର ଏବଂ ହାତ ହତିଆର ବ୍ୟବହାର କରୁଥିଲେ । ଏହାର ପରବର୍ତ୍ତୀ ସମୟରେ ମନୁଷ୍ୟ ଧାତୁର ବ୍ୟବହାର କଲା । ତାମ୍ର ହେଉଛି ପ୍ରଥମ ଧାତୁ ଯାହାକୁ ବ୍ୟବହାର କରି ମନୁଷ୍ୟ ହାତ ହତିଆର ନିର୍ମାଣ କଲା । କାଳ କ୍ରମେ ଭାରତୀୟ ଉପମହାଦେଶରେ ବିଭିନ୍ନ ସଂସ୍କୃତି ଗଢ଼ିଉଠିଲା । ଏହି ସଂସ୍କୃତି ପ୍ରସ୍ତର ଓ ତାମ୍ର ଧାତୁ ନିର୍ମିତ ହାତ ହତିଆରକୁ ଆଧାର କରି ସୃଷ୍ଟି ହୋଇଥିଲା । ସେମାନେ ଟିଣ ଓ ତମ୍ବାକୁ ମିଶ୍ରଣକରି ବ୍ରୋଞ୍ଜ ଧାତୁ ସୃଷ୍ଟି କଲେ । ଇତିହାସରେ ଏହି ପର୍ଯ୍ୟାୟକୁ 'କାଲକୋଲିଥିକ ଯୁଗ' ବା 'ତାମ୍ର-ପ୍ରସ୍ତର ଯୁଗ' କୁହାଯାଏ । 'କାଲକୋ' ଶବ୍ଦର ଅର୍ଥ- ତମ୍ବା ଏବଂ 'ଲିଥିକ୍' ଶବ୍ଦର ଅର୍ଥ ହେଉଛି 'ପ୍ରସ୍ତର' । ଏହି ତାମ୍ର-ପ୍ରସ୍ତର ଯୁଗର ଉଜ୍ଜ୍ୱଳତମ ଅଧ୍ୟାୟ ହେଉଛି ହରପ୍ପା ସଭ୍ୟତା । ଯାହାକୁ ସିନ୍ଧୁନଦୀ ସଭ୍ୟତା ବୋଲି ମଧ୍ୟ କୁହାଯାଏ ।

୧୯୨୦-୨୨ ମସିହାରେ ହରପ୍ପା ସଭ୍ୟତା ଆବିଷ୍କୃତ ହେଲା । ଏହାର ଦୁଇଟି ମୁଖ୍ୟ ସ୍ଥାନ ମାଟିତଳୁ ଖୋଳାହୋଇ ବାହାରିଲା । ସେ ଦୁଇ ମୁଖ୍ୟସ୍ଥାନ ମଧ୍ୟରୁ ଗୋଟିଏ ହେଲା ରାବୀନଦୀ କୂଳରେ ଥିବା ହରପ୍ପା ଏବଂ ଅନ୍ୟଟି ଥିଲା ସିନ୍ଧୁନଦୀ କୂଳରେ ଥିବା ମହେଞ୍ଜୋଦାରୋ । ପ୍ରଥମ ସ୍ଥାନଟି ଦୟାରାମ ସହୋଣୀଙ୍କ ଦ୍ୱାରା ଖନନ ହୋଇ ଆବିଷ୍କୃତ ହୋଇଥିଲା ବେଳେ ଦ୍ୱିତୀୟ ସ୍ଥାନଟି ରାଖାଲ ଦାସ ବାନର୍ଜୀଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା । ପତ୍ନତତ୍ତ୍ୱ ଖନନ ଦ୍ୱାରା ଉପଲବ୍ଧ ଉପାଦାନକୁ ଆଧାର କରି ହରପ୍ପା ସଭ୍ୟତାର ସମୟ ଖ୍ରୀ:ପୂ: ୨୬୦୦ରୁ ଖ୍ରୀ:ପୂ: ୧୯୦୦ ବୋଲି ନିର୍ଣ୍ଣୟ କରାଯାଇଅଛି । ଏହା ପୃଥିବୀର ପ୍ରାଚୀନ ସଭ୍ୟତାଗୁଡ଼ିକ ମଧ୍ୟରୁ ଅନ୍ୟତମ । ସିନ୍ଧୁନଦୀ ଏବଂ ତା'ର ଶାଖାନଦୀଗୁଡ଼ିକର ଅବବାହିକାରୁ ଏହି ସଭ୍ୟତାର ଅଧିକାଂଶ ସ୍ଥାନ ଆବିଷ୍କୃତ ହୋଇଥିବାରୁ ଏହାକୁ 'ସିନ୍ଧୁନଦୀ ସଭ୍ୟତା' ମଧ୍ୟ କୁହାଯାଏ । କିନ୍ତୁ ଏବେ ଏହାକୁ ହରପ୍ପା ସଭ୍ୟତା କୁହାଯାଉଅଛି । କାରଣ ହରପ୍ପା ହେଉଛି ସର୍ବପ୍ରଥମ ଆବିଷ୍କୃତ ସ୍ଥାନ, ଯାହା ଏହି ସଭ୍ୟତାକୁ ଲୋକଲୋଚନକୁ ଆଣିପାରିଛି । ଏତଦ୍‌ବ୍ୟତୀତ, ସାମ୍ପ୍ରତିକ ପ୍ରତ୍ନତତ୍ତ୍ୱ ଖନନର ଉପଲବ୍ଧ ହାତ ହତିଆରକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଏହି ସଭ୍ୟତା ସିନ୍ଧୁନଦୀ ଠାରୁ ବହୁଦୂର ପର୍ଯ୍ୟନ୍ତ ବିସ୍ତାରଲାଭ କରିଥିଲା । ତେଣୁ ଏହି ସଭ୍ୟତାକୁ ହରପ୍ପା ସଭ୍ୟତା କହିବା ଉଚିତ୍ ହେବ । ଏହା ଭାରତର ପ୍ରଥମ ନଗର ସଭ୍ୟତା ଏବଂ ପୃଥିବୀର ଅନ୍ୟାନ୍ୟ ସଭ୍ୟତା ଯଥା- ଇଜିପ୍ଟ ସଭ୍ୟତା ଏବଂ ମେସୋପୋଟାମିଆ ସଭ୍ୟତାର ସମସାମୟିକ ଅଟେ । ହରପ୍ପା ଅଧିବାସୀଙ୍କ ଜୀବନ ଓ ସଂସ୍କୃତି ବିଷୟରେ ଆମ୍ଭେମାନେ ପ୍ରତ୍ନତତ୍ତ୍ୱ ଖନନରୁ ଆବିଷ୍କୃତ ଉପାଦାନକୁ ଆଧାର କରି ଜ୍ଞାନ ଆହରଣ କରୁ । କିନ୍ତୁ ଏହି ସମୟର ଆବିଷ୍କୃତ ଲିପି ଅଦ୍ୟବଧି ପାଠ କରାଯାଇପାରିନାହିଁ ।

ହରପ୍ପା ସଭ୍ୟତା ହଠାତ୍ ସୃଷ୍ଟି ହୋଇନଥିଲା । ନୂତନ ପ୍ରସ୍ତର ଯୁଗର ଗ୍ରାମ ସଂସ୍କୃତି କାଳକ୍ରମେ ବିକାଶ କରିବାରୁ ଏହି ସଭ୍ୟତାର ପରିପ୍ରକାଶ ଘଟିଥିଲା । ବିଶ୍ୱାସ କରାଯାଏ ଯେ ଉନ୍ନତ କାରିଗରି କୌଶଳ ସିନ୍ଧୁନଦୀର ଉର୍ବର ସମତଳ ଉପତ୍ୟକାରେ ପ୍ରୟୋଗ କରି ଏଠାକାର ଅଧିବାସୀମାନେ ପ୍ରଚୁର କୃଷିଜାତ ଦ୍ରବ୍ୟ ଉତ୍ପାଦନ କରିଥିଲେ । ଏହି ବଳକା ଶସ୍ୟ କୃଷକ ଗୋଷ୍ଠୀ ବ୍ୟତୀତ କାରିଗର



ଟିପ୍ପଣୀ



ଶ୍ରେଣୀ ଏବଂ ଶାସକ ଗୋଷ୍ଠୀଙ୍କ ପାଇଁ ବିନିଯୋଗ କରାଯାଉଥିଲା । ଏହା ମଧ୍ୟ ଦୂର ଦୂରାନ୍ତ ସ୍ଥାନ ସହିତ ପଣ୍ୟ ବିନିମୟ ଓ ବାଣିଜ୍ୟିକ ସଂପର୍କ ବୃଦ୍ଧି କରିବାରେ ସହାୟକ ହୋଇଥିଲା । ଏହା ହରପ୍ପା ଅଧିବାସୀଙ୍କ ପାଇଁ ସମୃଦ୍ଧି ଆଣିଦେଇଥିଲା ଫଳରେ ସେମାନେ ନଗର ପ୍ରତିଷ୍ଠା କରିବାକୁ ସମର୍ଥ ହୋଇଥିଲେ ।

ପ୍ରସ୍ତର ଏବଂ ତାମ୍ର ହାତ ହତିହାର ବ୍ୟବହାରକୁ ଭିତ୍ତିକରି ଭାରତୀୟ ଉପମହାଦେଶର ବିଭିନ୍ନ ପ୍ରାନ୍ତରେ ଖ୍ରୀ:ପୂ: ୨୦୦୦ ବେଳକୁ ଆଞ୍ଚଳିକ ସଂସ୍କୃତିର ବିକାଶ ଘଟିଲା । ଏହି ତାମ୍ର-ପ୍ରସ୍ତର ସଂସ୍କୃତି ଗଢ଼ିଉଠିବା ସ୍ଥାନଗୁଡ଼ିକ ହରପ୍ପା ଅଞ୍ଚଳ ଠାରୁ ବହୁତ ଦୂରରେ ଅବସ୍ଥିତ ଥିଲା । ତେଣୁ ଏଗୁଡ଼ିକ ହରପ୍ପା ପରି ବିକାଶ ଲାଭ କରିପାରିନଥିଲା । ଏଗୁଡ଼ିକ ମୁଖ୍ୟତଃ ଗ୍ରାମାଞ୍ଚଳରେ ଅବସ୍ଥିତ ଥିଲା । ଖ୍ରୀ:ପୂ: ୨୦୦୦ରୁ ଖ୍ରୀ:ପୂ: ୭୦୦ ମଧ୍ୟରେ ଏହି ସଂସ୍କୃତି ଗୁଡ଼ିକର ଉତ୍ପତ୍ତି ଏବଂ ଉନ୍ନତି ବିଷୟରେ କ୍ରମାନ୍ୱୟରେ ବର୍ଣ୍ଣନା କରାଯାଇଛି । ଏଗୁଡ଼ିକ ପଶ୍ଚିମ ଭାରତ ଏବଂ ଭାରତର କେନ୍ଦ୍ରାଞ୍ଚଳରେ ଦେଖାଯାଇଥିବାରୁ ଏହାକୁ ଅଣ-ହରପ୍ପା ତାମ୍ର-ପ୍ରସ୍ତର ସଂସ୍କୃତି ବୋଲି ବର୍ଣ୍ଣନା କରାଯାଇଛି ।


## OBJECTIVES - ଉଦ୍ଦେଶ୍ୟ

**ଏହି ବିଷୟକୁ ଅଧ୍ୟୟନ କଲାପରେ ତୁମ୍ଭେମାନେ ସମର୍ଥ ହେବ-**

- ହରପ୍ପା ସଭ୍ୟତାର ଉତ୍ପତ୍ତି ଓ ବିସ୍ତୃତି ବିଷୟରେ ବାଖ୍ୟାକରିବା ପାଇଁ ।
- ହରପ୍ପା ସଭ୍ୟତାର ନଗରନିର୍ମାଣ ବର୍ଣ୍ଣନା କରି ବା ପାଇଁ ।
- ହରପ୍ପାର ସାମାଜିକ ଏବଂ ଅର୍ଥନୀତିକ ଜୀବନ ବିଷୟରେ ବୁଝିବା ପାଇଁ ।
- ହରପ୍ପା ଅଧିବାସୀଙ୍କ ଧର୍ମ ବିଶ୍ୱାସ ସବଂଧରେ ଆଲୋଚନା କରିବା ପାଇଁ ।
- କାହିଁକି ଓ କିପରି ଏହି ସଭ୍ୟତାର ବିଲୟ ଘଟିଲା ତାକୁ ବୁଝିବା ପାଇଁ ।
- ହରପ୍ପା ଅଞ୍ଚଳର ବାହାରେ ଗଢ଼ିଉଠିଥିବା ତାମ୍ର-ପ୍ରସ୍ତର ଯୁଗ ସଂସ୍କୃତିକ କେନ୍ଦ୍ରଗୁଡ଼ିକ ଚିହ୍ନଟ କରିବା ପାଇଁ ।
- ଏହି ତାମ୍ର-ପ୍ରସ୍ତରଯୁଗର ଅଧିବାସୀମାନଙ୍କର ଅର୍ଥନୀତିକ ଜୀବନ ଏବଂ ସ୍ଥାୟୀବସତି ସ୍ଥାପନ କିପରି ହୋଇଥିଲା ବର୍ଣ୍ଣନା କରିବା ପାଇଁ ।

## 3.1 ORIGIN AND EXTENT- ଉତ୍ପତ୍ତି ଏବଂ ବିସ୍ତୃତି

ପତ୍ନତାତ୍ତ୍ୱିକ ଅବଶେଷରୁ ଜଣାପଡ଼େ ଯେ ହରପ୍ପା ସଂସ୍କୃତିର ଉନ୍ମେଷ ପୂର୍ବରୁ ଏହି ଯୁଗର ଅଧିବାସୀମାନେ ଛୋଟ ଛୋଟ ଗ୍ରାମରେ ବାସ କରୁଥିଲେ । କାଳକ୍ରମେ ଛୋଟ ଛୋଟ ସହରମାନଙ୍କର ଉନ୍ମେଷ ଘଟି ହରପ୍ପା ସଭ୍ୟତା ବେଳକୁ 'ସହରି ସଭ୍ୟତା' ପୂର୍ଣ୍ଣତା ଲାଭକଲା । ହରପ୍ପା ସଭ୍ୟତାର ସମୟକୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି । ଯଥା (i) ଆଦ୍ୟ ହରପ୍ପା ପର୍ଯ୍ୟାୟ (ଖ୍ରୀ:ପୂ: ୩୫୦୦-୨୬୦୦) ଏହି ସମୟରେ କେତେକ ନଗର ନିର୍ମାଣ ଯୋଜନା, ମୃତ୍ତିକା ନିର୍ମିତ ଗୃହ, ପ୍ରାରମ୍ଭିକ ବ୍ୟବସାୟ ବାଣିଜ୍ୟ, କଳା ଏବଂ କାରିଗରୀ କାର୍ଯ୍ୟ ଉଲ୍ଲେଖଯୋଗ୍ୟ । (ii) ଖ୍ରୀ:ପୂ: ୨୬୦୦ରୁ ଖ୍ରୀ:ପୂ: ୧୯୦୦ ମଧ୍ୟରେ ହରପ୍ପା ସଭ୍ୟତା ପରିକଳ୍ପନା ଲାଭ କରିଥିଲା । ଏହି ସମୟରେ ପୋଡ଼ାଇଟାରେ ନିର୍ମିତ ବାସଗୃହ, ଉନ୍ନତ ନଗର ବ୍ୟବସ୍ଥା ଅର୍ନ୍ତବାଣିଜ୍ୟ ଏବଂ ବର୍ହିଃ ବାଣିଜ୍ୟ, ବିଭିନ୍ନ କାରିଗରୀ କାର୍ଯ୍ୟ ଆମେ ଦେଖିବାକୁ ପାଉ । (iii) ଖ୍ରୀ:ପୂ: ୧୯୦୦ରୁ ଖ୍ରୀ:ପୂ: ୧୪୦୦ ମଧ୍ୟରେ ସମୟକୁ ହରପ୍ପା ସଭ୍ୟତାର ଶେଷ ପର୍ଯ୍ୟାୟ ବୋଲି ଧରାଯାଇଛି । ଏହି ପର୍ଯ୍ୟାୟରେ ହରପ୍ପା ସଭ୍ୟତାର ବିଲୟ ଘଟିଥିଲା । ବହୁ ସହରଗୁଡ଼ିକର ପତନ ଘଟି ବାଣିଜ୍ୟ ବ୍ୟବସାୟ ବନ୍ଦ ହୋଇଗଲା ।




**ମାନଚିତ୍ର ୩.୧ : ସିନ୍ଧୁ ଉପତ୍ୟକା ସଭ୍ୟତାର ବିସ୍ତାର**

ଆମେ ପ୍ରଥମେ ହରପ୍ପା ସଭ୍ୟତାର ଭୌଗଳିକ ବିସ୍ତୃତି ଉପରେ ଆଲୋକପାତ କରିବା । ପ୍ରତ୍ନତତ୍ତ୍ୱ ଖନନରୁ ଜଣାପଡ଼େ ଯେ ଏହି ସଂସ୍କୃତି ବହୁ ଅଞ୍ଚଳକୁ ବିସ୍ତାର ଲାଭ କରିଥିଲା । ଏହା କେବଳ ରାଜସ୍ଥାନ, ପଞ୍ଜାବ, ହରିୟାଣା, ଗୁଜୁରାଟ, ମହାରାଷ୍ଟ୍ର, ପଶ୍ଚିମ ଉତ୍ତରପ୍ରଦେଶକୁ ବିସ୍ତାର କରିନଥିଲା ବରଂ ଏହା ମଧ୍ୟ ପାକିସ୍ତାନ ଏବଂ ଆଫଗାନିସ୍ଥାନର ଅନେକ ସ୍ଥାନକୁ ବ୍ୟାପିଥିଲା । ଏହି ସଭ୍ୟତାର କେତେକ ମୁଖ୍ୟ ସ୍ଥାନ ହେଉଛି ଜାମ୍ମୁ ଏବଂ କାଶ୍ମୀରର ମାଣ୍ଡା, ଆଫଗାନିସ୍ଥାନର ସୋର୍ତ୍ତୁଘାଇ, ପଶ୍ଚିମ ପଞ୍ଜାବର (ପାକିସ୍ତାନ) ହରପ୍ପା, ସିନ୍ଧୁ ଅଞ୍ଚଳର ମହେଞ୍ଜୋଦାରୋ ଏବଂ ଛାନୁଦାରୋ, ରାଜସ୍ଥାନର କାଲିବାଙ୍ଗାନ୍, ଗୁଜୁରାଟର ଲୋଥାଲ ଏବଂ ଧୋଲାବୀରା ଢୋଲଭିରା, ହରିୟାଣାର ବନଓ୍ୱାଳି, ରାଖିଗଡ଼ି, ମହାରାଷ୍ଟ୍ରର ଡାଇମାବାଦ । ପାକିସ୍ତାନ- ଇରାନ୍ ସୀମାନ୍ତରେ ମକରାନ୍ ଉପକୂଳରେ ଥିବା ସୁତକାଜେଣ୍ଡର ଥିଲା ହରପ୍ପା ସଭ୍ୟତାର ପଶ୍ଚିମ ସୀମାନ୍ତ ସ୍ଥାନ । ସେହିପରି ପଶ୍ଚିମ ଉତ୍ତରପ୍ରଦେଶର ଆଲମଗିରିପୁର ଥିଲା ହରପ୍ପା ସଭ୍ୟତାର ପୂର୍ବ ସୀମାନ୍ତ ସ୍ଥାନ ।

ଏହି ସଭ୍ୟତାର ଅବସ୍ଥିତି ଲକ୍ଷ୍ୟକଲେ ଜଣାପଡ଼େ ଯେ ହରପ୍ପା ଏବଂ କାଲିବାଙ୍ଗାନ୍, ମହେଞ୍ଜଦାରୋ ଏହି ସଭ୍ୟତାର କେନ୍ଦ୍ରବିନ୍ଦୁ ଥିଲା ଏବଂ ଏହି ସଭ୍ୟତା ସମ୍ପର୍କିତ ଅଧିକାଂଶ ସ୍ଥାନ ଏହି ଅଞ୍ଚଳରେ ବିକଶିତ ହୋଇଥିଲା । ଏହି ଅଞ୍ଚଳର ମୃତ୍ତିକା, ଜଳବାୟୁ ଏବଂ ଜୀବିକା କ୍ଷେତ୍ରରେ ଅନେକ ସାମଞ୍ଜସ୍ୟ ଦେଖାଯାଏ । ଏଠାକାର ଭୂମିଗୁଡ଼ିକ କୃଷି କାର୍ଯ୍ୟ ପାଇଁ ମୌସୁମୀ ଜଳବାୟୁ ଏବଂ ହିମାଳୟରୁ ବାହାରିଥିବା ନଦୀଗୁଡ଼ିକର ଜଳ ଉପରେ ନିର୍ଭର କରୁଥିଲେ । ଏହି ଭିନ୍ନ ଭୌଗଳିକ ଲକ୍ଷଣ ଯୋଗୁ ଏହି ସ୍ଥାନର ମୁଖ୍ୟ ଜୀବିକା ଥିଲା କୃଷି ଓ ଗୋପାଳନ । ହରପ୍ପା ସଭ୍ୟତାର ନଗର ବ୍ୟତୀତ ଅନ୍ୟାନ୍ୟ ସ୍ଥାନଗୁଡ଼ିକ ପୁରାତନ ପ୍ରସ୍ତରଯୁଗର ଶିକାରୀ ଓ ଖାଦ୍ୟ ସଂଗ୍ରହକାରୀ ଏବଂ ପଶୁପାଳକମାନଙ୍କ ଭଳି ଆଦିମ ଅଧିବାସୀଙ୍କ ଦ୍ୱାରା ଆଦୃତ ହୋଇଥିଲା । ଏହି ସ୍ଥାନଗୁଡ଼ିକ ମଧ୍ୟରୁ କେତେକ ସ୍ଥାନ ବନ୍ଦର କିମ୍ବା ବାଣିଜ୍ୟପୋତ ଭାବେ ବ୍ୟବହୃତ ହେଉଥିଲା । ଏହା ଲକ୍ଷ୍ୟ କରିବାର

କଥା ଯେ ସହରୀକରଣର ପ୍ରଧାନ ବୈଶିଷ୍ଟ୍ୟଗୁଡ଼ିକ ଥିଲା ସୁପରିକଳ୍ପିତ ଯୋଜନା ଭିତ୍ତିକ ନଗର, ସ୍ୱତନ୍ତ୍ରକଳା ଏବଂ କାରିଗରୀ, ବାଣିଜ୍ୟ, କର ବ୍ୟବସ୍ଥା, ଲିପି ଇତ୍ୟାଦି ଇତ୍ୟାଦି । ଏକ ନଗରସଂସ୍କୃତି ପାଇଁ ଆବଶ୍ୟକ ସମସ୍ତ ଉପାଦାନରେ ହରପ୍ପା ସଂସ୍କୃତି ପରିପୂର୍ଣ୍ଣ ଥିଲା ।

## INTEXTQUESTIONS 3.1 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ସିନ୍ଧୁନଦୀ ସଭ୍ୟତାକୁ କାହିଁକି ହରପ୍ପା ସଭ୍ୟତା କୁହାଯାଏ ?

______________________________

2. ହରପ୍ପା ସଂସ୍କୃତିର ବିଭିନ୍ନ ପର୍ଯ୍ୟାୟଗୁଡ଼ିକ କ'ଣ ଥିଲା ?

______________________________

3. ହରିଆନା ଏବଂ ଗୁଜୁରାଟର ଦୁଇଟି ମୁଖ୍ୟ ହରପ୍ପାସ୍ଥାନର ନାମ ଲେଖ ।

______________________________

4. କିଏ ମହେଞ୍ଜୋଦାରୋ ଆବିଷ୍କାର କରିଥିଲେ ?

______________________________

5. କେଉଁ ନଦୀକୂଳରେ ହରପ୍ପା ଅବସ୍ଥିତ ଥିଲା ?

______________________________

6. ସହରୀ ସଂସ୍କୃତିର ପ୍ରଧାନ ଲକ୍ଷଣଗୁଡ଼ିକ କ'ଣ ଅଟେ ?

______________________________

## 3.2 TOWNPLANNING - ନଗର ନିର୍ମାଣ ଯୋଜନା

ହରପ୍ପା ସଭ୍ୟତାର ସବୁଠାରୁ ତାତ୍ପର୍ଯ୍ୟ ପୂର୍ଣ୍ଣ ସହରୀ ଲକ୍ଷଣ ଥିଲା ନଗରଯୋଜନା । କେତେକ ଆଞ୍ଚଳିକ ବୈଷମ୍ୟକୁ ଛାଡ଼ିଦେଲେ ଏହି ନଗର ପରିକଳ୍ପନାରେ ଯଥେଷ୍ଟ ପରିମାଣର ସମାନତା ପରିପୃଷ୍ଟ ହୋଇଥିଲା । ହରପ୍ପା ଅଧିବାସୀମାନେ ଆଧୁନିକ ସଭ୍ୟତା ତୁଳନାରେ କିଛି କମ୍ ନଥିଲେ । ସେମାନେ ଏକ ସୁପରିକଳ୍ପିତ ଯୋଜନାବଦ୍ଧ ନଗର ନିର୍ମାଣ କରିଥିଲେ । ସେମାନେ ନିର୍ମାଣ କରିଥିବା ସହର, ସଡ଼କ, କୋଠାବାଡ଼ି ଏବଂ ନର୍ଦ୍ଦମା ଇତ୍ୟାଦିରେ ସମାନତା ଦେଖାଯାଇଥିଲା । ହରପ୍ପା, ମହେଞ୍ଜୋଦାରୋ, କାଲିବାଙ୍ଗାନ ଇତ୍ୟାଦି ହରପ୍ପା ସଭ୍ୟତାର ମୁଖ୍ୟ ସ୍ଥାନଗୁଡ଼ିକରେ ଗଢ଼ି ଉଠିଥିବା ନଗରର ସୌଧକୁ ଦୁଇଭାଗରେ ବିଭକ୍ତ କରାଯାଇଥିଲା । ସହରର କେନ୍ଦ୍ରମାନଙ୍କରେ ସର୍ବସାଧାରଣଙ୍କ ପାଇଁ ଅଟ୍ଟାଳିକା ଏବଂ ନିମ୍ନ ଭାଗରେ ବାସଗୃହଗୁଡ଼ିକ ନିର୍ମିତ ହୋଇଥିଲା । ମହେଞ୍ଜୋଦାରୋ ସହରର କେନ୍ଦ୍ରସ୍ଥଳରେ କେତେକ ବିରାଟ ଅଟ୍ଟାଳିକା ନିର୍ମିତ ହୋଇଥିଲା । ସେଗୁଡ଼ିକ ମୁଖ୍ୟତଃ ସଭାଗୃହ, ନାଟ୍ୟଶାଳା, ରାଜାଙ୍କ ପ୍ରାସାଦ ବା ଶସ୍ୟାଗାର ରୂପେ ବ୍ୟବହୃତ ହେଉଥିଲା । ନଗର ମଧ୍ୟରେ ପ୍ରଶସ୍ତ ଓ ସଂକୀର୍ଣ୍ଣ ରାସ୍ତାମାନ ରହିଥିଲା । ସଡ଼କଗୁଡ଼ିକ ପୂର୍ବରୁ ପଶ୍ଚିମକୁ ଓ ଉତ୍ତରରୁ ଦକ୍ଷିଣକୁ ନିର୍ମିତ ହୋଇଥିଲା । ରାସ୍ତାଗୁଡ଼ିକ ପରସ୍ପରକୁ ସମକୋଣରେ ଛେଦନ କରୁଥିଲେ । ଗୃହଗୁଡ଼ିକର ପ୍ରବେଶ ଦ୍ୱାର ଗୃହର ପଛକୁ ରହିଥିଲା ।

ହରପ୍ପା ଅଧିବାସୀଙ୍କ ବାସଗୃହ ଗୁଡ଼ିକ ସରଳ, ସୁନ୍ଦର ଓ ରୁଚିସମ୍ପନ୍ନ ଥିଲା । ଆବଶ୍ୟକ ଅନୁସାରେ ଛୋଟ ବଡ଼ ଗୃହଗୁଡ଼ିକ ନିର୍ମିତ ହୋଇଥିଲା । ବୈଭବଶାଳୀ ଲୋକମାନେ ଦୁଇମହଲା ବିଶିଷ୍ଟ ଏବଂ ଗରିବ ଶ୍ରେଣୀର ଲୋକେ ଏକ ମହଲା ଘରେ ବାସ କରୁଥିଲେ । ସେମାନଙ୍କ ନିର୍ମାଣର ମୁଖ୍ୟାଆଧାର ଥିଲା ପୋଡ଼ାଇଟା । ବାସଗୃହ ଗୁଡ଼ିକର ସୁରକ୍ଷା ପାଇଁ ସେମାନେ ଏହାର





ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ କରିଥିଲେ । ପ୍ରତ୍ୟେକ ବାସଗୃହରେ କୂପ, ସ୍ନାନାଗାର, ଅଗଣା, ରୋଷେଇଘର ଏବଂ ଭଣ୍ଡାରଘର ରହିଥିଲା । ମୁକ୍ତବାୟୁ ଏବଂ ଆଲୋକ ପାଇଁ ପ୍ରତ୍ୟେକ ବାସ ଗୃହରେ ବଡ଼ ବଡ଼ ଝରକା ଏବଂ ପ୍ରବେଶଦ୍ୱାରମାନ ରହିଥିଲା ।


ନଗରର ପରିବେଶ ଓ ସ୍ୱାସ୍ଥ୍ୟ ଉପରେ ହରପ୍ପା ଅଧିବାସୀ ଖୁବ ଗୁରୁତ୍ୱ ପ୍ରଦାନ କରିଥିଲେ । ସେମାନେ ବାସଗୃହ ଏବଂ ନଗରରେ ଥିବା ଅପରିଷ୍କାର ଏବଂ ଅନୁପୋଯୋଗୀ ଜଳର ନିଷ୍କାସନ ପାଇଁ ବିହିତ ବ୍ୟବସ୍ଥା କରିଥିଲେ । ସେମାନେ ମୁଖ୍ୟ ସଡ଼କର ଉଭୟ ପାର୍ଶ୍ୱରେ ଢାଙ୍କୁଣି ପରିବେଷ୍ଟିତ ବଡ଼ ବଡ଼ ନାଳମାନ ତିଆରି କରିଥିଲେ । ବାସଗୃହମାନଙ୍କରେ ଥିବା ଛୋଟ ଛୋଟ ନାଳୀଗୁଡ଼ିକ ମୁଖ୍ୟ ସଡ଼କ ପାର୍ଶ୍ୱରେ ଥିବା ବଡ଼ ନାଳ ସହିତ ସଂଯୁକ୍ତ ହୋଇଥିଲା । ଫଳରେ ସମସ୍ତ ଅପରିଷ୍କାର ଜଳ ନଗର ବାହାରକୁ ନିଷ୍କାସିତ ହେଉଥିଲା ।



Fig 3.1 Great Bath of Mohenjodaro- ମହେଞ୍ଜୋଦାରର ବୃହତ୍ ସ୍ନାନାଗାର

## 3.3 SOMEMAJORSTRUCTURAL REMAINS OF THE HARAPPANTOWNS- ହରପ୍ପା ସହରର କେତେକ ମୁଖ୍ୟ ସୌଧ

ହରପ୍ପା ସଭ୍ୟତାର ଅନ୍ୟ ଏକ ବୈଶିଷ୍ଟ୍ୟ ଥିଲା 'ବୃହତ୍ ସ୍ନାନାଗାର' । ମହେଞ୍ଜୋଦାରୋର ଏକ ଭଗ୍ନାବଶେଷରୁ ଏହି ବିରାଟ ସ୍ନାନାଗାର ଆବିଷ୍କୃତ ହୋଇଛି । ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଏହା ଉଦ୍ଦିଷ୍ଟଥିଲା । ସ୍ନାନାଗାର ମଧ୍ୟରେ ଏକ ଜଳାଶୟ ଥିଲା । ଜଳାଶୟ ମଧ୍ୟକୁ ପ୍ରବେଶ କରିବା ପାଇଁ ପାହାଚମାନ ନିର୍ମାଣ କରାଯାଇଥିଲା । ଜଳାଶୟ ମଧ୍ୟକୁ ଜଳ ପ୍ରବେଶ ତଥା ନିଷ୍କାସନ ପାଇଁ



ଚିତ୍ର ୩.୨ : ଲୋଥାଲର ପୋତାଶ୍ରୟ

ଉପଯୁକ୍ତ ବ୍ୟବସ୍ଥା କରାଯାଇଥିଲା । ସ୍ନାନପରେ ବସ୍ତ୍ର ପରିବର୍ତ୍ତନ ପାଇଁ ଜଳାଶୟ ନିକଟରେ ଛୋଟ ଛୋଟ କୋଠରୀମାନ ନିର୍ମାଣ କରାଯାଇଥିଲା । ବୃହତସ୍ନାନଗାରର ପଶ୍ଚିମ ଦିଗରେ କେତେକ ବିରାଟ ଅଟ୍ଟାଳିକା ନିର୍ମିତ ହୋଇଥିଲା । ଏହା ଶସ୍ୟାଗାର ରୂପେ ବ୍ୟବହୃତ ହେଉଥିଲା । ଏଗୁଡ଼ିକ ଇଟାରେ ତିଆରି ଆୟତାକାର ଅଟ୍ଟାଳିକା ଥିଲା । ଏହିପରି ଏକ ବୃହତ୍ ଅଟ୍ଟାଳିକା ହରପ୍ପାରେ ମଧ ଆବିଷ୍କୃତ ହୋଇଅଛି । ଏହି ବୃହତ୍ ଅଟ୍ଟାଳିକାରେ ଶସ୍ୟ କାଣ୍ଡିବା କାର୍ଯ୍ୟ ହେଉଥିଲା ବୋଲି ଏଠାରୁ ମିଳିଥିବା ଗହମ ଓ ବାର୍ଲିର ଚଷୁରୁ ଅନୁମାନ କରାଯାଏ ।

ଲୋଥାଲ ଠାରେ ବାଣିଜ୍ୟ ପୋତ ଭଳି ଦେଖାଯାଉଥିବା ଏକ ଇଟା ତିଆରି ପୋତାଶ୍ରୟ ଆବିଷ୍କୃତ ହୋଇଅଛି । ଏଠାରେ ଜଳଜାହାଜରେ ମାଲ୍ ରପ୍ତାନୀ ଓ ଆମଦାନୀ ହେଉଥିବାର ଅନୁମାନ କରାଯାଏ । ତେଣୁ ଏଥିରୁ ପ୍ରମାଣିତ ହୁଏ ଯେ ଲୋଥାଲ ହରପ୍ପାର ଏକ ପ୍ରମୁଖ ବନ୍ଦର ଓ ମୁଖ୍ୟ ବାଣିଜ୍ୟ କେନ୍ଦ୍ରଥିଲା । (ଚିତ୍ର 3.2)

### INTEXTQUESTIONS 3.2 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ହରପ୍ପାର ଭଗ୍ନାବଶେଷଗୁଡ଼ିକ ସାଧାରଣତଃ କେଉଁ ଦିଗରେ ଅବସ୍ଥିତ ଥିଲା ?

___

2. ବାସଗୃହଗୁଡ଼ିକ ନିର୍ମାଣ କରିବା ପାଇଁ କି ପ୍ରକାର ଇଟା ବ୍ୟବହାର କରାଯାଉଥିଲା ?

___

3. 'ବୃହତ ସ୍ନାନାଗାର' କେଉଁଠାରେ ଆବିଷ୍କୃତ ହୋଇଥିଲା ?

___

4. ଲୋଥାଲ ଠାରେ ଆବିଷ୍କୃତ ମୁଖ୍ୟ ସୌଧର ନାମ କ'ଣ ?

___

## 3.4 ECONOMIC ACTIVITIES- ଅର୍ଥନୈତିକ ଅବସ୍ଥା

### (i) Agriculture- କୃଷି

ହରପ୍ପା ସଭ୍ୟତାର ଅଧିବାସୀ ଏକ ସ୍ୱଚ୍ଛଳ ଅର୍ଥନୈତିକ ଜୀବନ ଉପଭୋଗ କରୁଥିଲେ । ଏକ ସୁଦୃଢ଼ ଅର୍ଥନୀତିକୁ ଭିତ୍ତିକରି ନଗର ସଭ୍ୟତା ଓ ସଂସ୍କୃତିର ଅଭିବୃଦ୍ଧି ଘଟିଥିଲା । ସଭ୍ୟତାର ଅର୍ଥନୈତିକ ବିକାଶରେ କୃଷି ମୁଖ୍ୟାଧାର ଥିଲା । ଏତଦ୍‌ବ୍ୟତୀତ ଶିଳ୍ପ, ବାଣିଜ୍ୟ ଓ ପଶୁପାଳନ ସେମାନଙ୍କର ଅର୍ଥନୀତିକ ସମୃଦ୍ଧିରେ ସାହାଯ୍ୟ କରିଥିଲା । ସିନ୍ଧୁନଦୀର ଦୁଇ ପାର୍ଶ୍ୱରେ ଥିବା ଉର୍ବର ପଟୁମାଟି ଜମିଗୁଡ଼ିକରୁ ପ୍ରଚୁର ଶସ୍ୟ ଉତ୍ପାଦନ ହେଉଥିଲା । ଲୋକ ଆବଶ୍ୟକୀୟ ଶସ୍ୟ ବ୍ୟବହାର କଲାପରେ ବଳକା ଶସ୍ୟ ଭବିଷ୍ୟତ ପାଇଁ ଶସ୍ୟାଗାରରେ ସାଇତି ରଖୁଥିଲେ । ଏହା ସେମାନଙ୍କୁ ଅନ୍ତର୍ଦେଶୀୟ ଓ ବର୍ହିଃଦେଶୀୟ ବାଣିଜ୍ୟ ପାଇଁ ସହାୟତା ପ୍ରଦାନ କରିଥିଲା ।

କୃଷି ସହିତ ପଶୁପାଳନ ଲୋକମାନଙ୍କର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଥିଲା । ପ୍ରତ୍ନତତ୍ତ୍ୱ ଖନନ ବେଳେ ଅନେକ ଜୀବଜନ୍ତୁଙ୍କ ହାଡ଼ ଆବିଷ୍କାର କରାଯାଇଛି । ସେଥିରୁ ଜଣାଯାଏ ଯେ ହରପ୍ପା ସଭ୍ୟତାର ଲୋକମାନେ ଗୋରୁ, ମଇଁଷି, ମେଣ୍ଢା ଇତ୍ୟାଦି ପାଳନ କରୁଥିଲେ । ହରପ୍ପା, ମହେଞ୍ଜୋଦାରୋ ଏବଂ ଲୋଥାଲ ଠାରେ ଆବିଷ୍କୃତ ବୃହତ ଅଟ୍ଟାଳିକାଗୁଡ଼ିକ ଶସ୍ୟାଗାର ରୂପେ ବ୍ୟବହୃତ ହେଉଥିଲା । କୃଷି ପାଇଁ ବ୍ୟବହୃତ କୃଷି ଯନ୍ତ୍ରପାତି ଉପରେ କୌଣସି ସ୍ପଷ୍ଟ ତଥ୍ୟ ଆବିଷ୍କୃତ ହୋଇପାରି ନାହିଁ । କିନ୍ତୁ କାଲିବାଙ୍ଗାନ୍ ଠାରେ ଥିବା ଲଙ୍ଗଳରେଖା ସୂଚାଇ ଦିଏ ଯେ ସେଠାରେ ଲଙ୍ଗଳ ସାହାଯ୍ୟରେ

କୃଷିକାର୍ଯ୍ୟ କରାଯାଉଥିଲା । ହରିୟାଣାର ହିସାର ଜିଲ୍ଲାରେ ଥିବା ବନୱାଲି ନାମକ ସ୍ଥାନରୁ ଏକ ମୃତ୍ତିକା ନିର୍ମିତ ଲଙ୍ଗଳ ମିଳିଅଛି । ଚାଷ କାର୍ଯ୍ୟରେ ଜଳସେଚନ ପାଇଁ ସେମାନେ ସିନ୍ଧୁନଦୀର ଜଳକୁ ବ୍ୟବହାର କରୁଥିଲେ ଏବଂ ଆବଶ୍ୟକସ୍ଥଳେ ଏଥିପାଇଁ କୂଅଗୁଡ଼ିକ ମଧ ବ୍ୟବହାର କରୁଥିଲେ ।

ହରପ୍ପା ସଭ୍ୟତାର ମୁଖ୍ୟ ଶସ୍ୟଗୁଡ଼ିକ ଥିଲା ଗହମ, ଧାନ, ଯବ, ତୁଳା, ରାଶି ଇତ୍ୟାଦି । ଲୋଥାଲ ଏବଂ ରଙ୍ଗପୁରରୁ ଆବିଷ୍କୃତ ମୃତ୍ତିକାପାତ୍ରରେ ଖୋଦିତ ଧାନର ଚିତ୍ରକୁ ଆଧାର କରି ଅନୁମାନ କରାଯାଏ ଯେ ଧାନ ଚାଷ କରାଯାଉଥିଲା । ମହେଞ୍ଜୋଦାରୋରେ ମିଳିଥିବା କାର୍ପାସ ବସ୍ତ୍ର ପ୍ରମାଣ କରେ ଯେ ସେ ସମୟରେ କପାଚାଷ କରାଯାଉଥିଲା ।

### (ii) INDUSTRIES AND CRAFTS - ଶିଳ୍ପ ଓ କାରିଗରୀ

ହରପ୍ପା ଅଧିବାସୀ କେବଳ ଲୁହାକୁ ଛାଡ଼ିଦେଇ ଅନ୍ୟ ସମସ୍ତ ଧାତୁର ବ୍ୟବହାର ଜାଣିଥିଲେ । ସେମାନେ ସୁନା, ରୁପା, ତମ୍ବା, ଟିଣ, ବ୍ରୋଞ୍ଜ ଓ ସୀସା ପ୍ରଭୃତି ଧାତୁ ବ୍ୟବହାର କରୁଥିଲେ । ସେମାନେ ସ୍ୱର୍ଣ୍ଣଧାତୁ ନିର୍ମିତ ହାର, ବାଜୁବନ୍ଧ, ବଳା ଓ ଛୁଞ୍ଚି ଏବଂ ଅନ୍ୟାନ୍ୟ ଅଳଙ୍କାର ବ୍ୟବହାର କରୁଥିଲେ । ବହୁସଂଖ୍ୟାରେ ରୌପ୍ୟ ନିର୍ମିତ ଅଳଙ୍କାର ଓ ବାସନ କୁସନ ଆବିଷ୍କୃତ ହୋଇଅଛି । ତାମ୍ର ଧାତୁ ନିର୍ମିତ ଅନେକ ହାତ ହତିଆର ଓ ଅସ୍ତ୍ରଶସ୍ତ୍ର ଆବିଷ୍କୃତ ହୋଇଅଛି । ସାଧାରଣ ହାତ ହତିଆର ମଧ୍ୟରେ ଦାଆ, ଛୁରୀ, କ୍ଷୁର, ଛୁଞ୍ଚି, ଧନୁଶର, କୁରାଢ଼ୀ, ବର୍ଚ୍ଛା, କଟୁରୀ ଓ ଢାଲ ଇତ୍ୟାଦି ସେମାନେ ବ୍ୟବହାର କରୁଥିଲେ । ସାଧାରଣ ଭାବରେ ପଥରର ହାତ ହତିଆର ବ୍ୟବହାର କରାଯାଉଥିଲା । ରାଜସ୍ଥାନର କ୍ଷେତ୍ରୀ ଠାରେ ଥିବା ତମ୍ବାଖଣିରୁ ତମ୍ବା ଆମଦାନି କରାଯାଉଥିଲା । ହିମାଳୟରୁ ପ୍ରବାହିତ ନଦୀ ଶଯ୍ୟାଗୁଡ଼ିକରୁ ଏବଂ ଦକ୍ଷିଣ ଭାରତରୁ ସୁନା ଧାତୁ ମିଳୁଥିଲା ବେଳେ ମେସୋପୋଟାମିଆରୁ ରୁପା ଆମଦାନି କରାଯାଉଥିଲା । ବ୍ରୋଞ୍ଜ ଧାତୁର ସ୍ୱଳ୍ପ ବ୍ୟବହାରର ନମୁନା ମିଳେ । ଏହାର ଉଜ୍ଜ୍ୱଳ ଦୃଷ୍ଟାନ୍ତ ମହେଞ୍ଜୋଦାରୋ ଠାରେ ଆବିଷ୍କୃତ 'ବ୍ରୋଞ୍ଜ ନର୍ତ୍ତକୀ'ରୁ ହିଁ ମିଳିଥାଏ (ଚିତ୍ର ୩.୩) । ଏହା ଏକ ନଗ୍ନ ମହିଳା ମୂର୍ତ୍ତି । ଏହି ମୂର୍ତ୍ତିର ଦକ୍ଷିଣ ହସ୍ତ ଅଣ୍ଟା ପାଖରେ ରହିଥିଲା ବେଳେ ବାମହସ୍ତ ନୃତ୍ୟ କରିବା ଢଙ୍ଗରେ ଝୁଲିକରି ରହିଛି । ସେ ଅନେକଗୁଡ଼ିଏ ବଳା ବା ଖଡ଼ୁ ବାନ୍ଧିଥିବାର ଦେଖାଯାଏ ।

ମାଳି ନିର୍ମାଣ ଏକ ପ୍ରଧାନ ଶିଳ୍ପଥିଲା । ସେମାନେ ଇଷତ ସ୍ୱଚ୍ଛ ପଥର (agate), ଲାଲରଙ୍ଗରପଥର (carnelian), ଧୂସର ଚୂର୍ଣ୍ଣକ ପଥରରେ (steatite) ମାଳି ତିଆରି କରି ହାରନିର୍ମାଣ କରୁଥିଲେ । ଏହିପରି ସୂଚନା ଚାହ୍ନୁଦାରୋର ନିର୍ମାଣଶାଳାରୁ ମିଳିଥାଏ । ଚାହ୍ନୁଦାରୋ ଓ ମହେଞ୍ଜୋଦାରୋରୁ ବିଭିନ୍ନ ପ୍ରସ୍ତର ମାଳି ହସ୍ତଗତ ହୋଇଅଛି । ସ୍ୱର୍ଣ୍ଣ ଏବଂ ରୌପ୍ୟ ମାଳି ମଧ ମିଳିଅଛି ।



ଚିତ୍ର ୩.୩: ମହେଞ୍ଜୋଦାରର 'ବ୍ରୋଞ୍ଜନର୍ତ୍ତକୀ'

ଟିପ୍ପଣୀ

ଏହି ମାଳିଗୁଡ଼ିକରେ ହାତୀଦାନ୍ତ ଖଚିତ ହୋଇଥିବାର ଦେଖାଯାଏ । ହରପ୍ପା ଅଧିବାସୀମାନେ ଶିଳ୍ପକଳା ଏବଂ କାରିଗରୀ କ୍ଷେତ୍ରରେ ଉତ୍କୃଷ୍ଟତା ପ୍ରତିପାଦନ କରିଥିଲେ ।

ହରପ୍ପାର ଭାସ୍କର୍ଯ୍ୟ ଶିଳ୍ପୀମାନେ ପଥର, ତମ୍ବା ଓ ବ୍ରୋଞ୍ଜ ଆଦି ଧାତୁରେ ବିଭିନ୍ନ ପାତ୍ର, ମନୁଷ୍ୟ ଓ ପଶୁପକ୍ଷୀ ନିର୍ମାଣ କରି ଉତ୍କର୍ଷତା ପ୍ରତିପାଦନ କରିଛନ୍ତି । ସେଥିରୁ ପ୍ରଧାନ ନମୁନା ହେଉଛି ମହେଞ୍ଜୋଦାରୋରୁ ଆବିଷ୍କୃତ ଦାଢ଼ୀ ରଖିଥିବା ଏକ ମନୁଷ୍ୟର ପ୍ରସ୍ତର ମୂର୍ତ୍ତି (ଛବି ୩.୪) । ଏହି ମୂର୍ତ୍ତିଟିର ଆଖିଦୁଇଟି ଅର୍ଦ୍ଧ ମୁଦ୍ରିତ ଥିଲା । ସେ ଧ୍ୟାନସ୍ଥ ଅବସ୍ଥାରେ ଥିବାର ପ୍ରତୀୟମାନ ହୁଅନ୍ତି । ତାଙ୍କ ବାମ କାନ୍ଧର ଉପରକୁ ସୂକ୍ଷ୍ମକାରୁକାର୍ଯ୍ୟ ପୂର୍ଣ୍ଣ ଏକ ବସ୍ତ୍ର ଆଚ୍ଛାଦିତ ହୋଇଥିଲା । କେତେକ ବିଶେଷଜ୍ଞମାନଙ୍କ ମତରେ ଏହି ମୂର୍ତ୍ତିଟି ସମ୍ଭବତଃ ଜଣେ ଧର୍ମଯାଜକଙ୍କର ଥିଲା ।

ହରପ୍ପାର ବିଭିନ୍ନ ସ୍ଥାନରୁ ଅସଂଖ୍ୟ ପୁରୁଷ ଓ ନାରୀମାନଙ୍କର ଟେରାକୋଟାରେ ନିର୍ମିତ ମୂର୍ତ୍ତି ଆବିଷ୍କୃତ ହୋଇଅଛି (ଚିତ୍ର ୩.୫) । ନାରୀମୂର୍ତ୍ତିମାନଙ୍କ ସଂଖ୍ୟା ପୁରୁଷମାନଙ୍କ ଅପେକ୍ଷା ଅଧିକ ଥିବାରୁ ସେ ସମୟରେ ମାତୃଶକ୍ତିର ଉପାସନା ପ୍ରଚଳିତ ଥିଲା ବୋଲି ଅନୁମାନ କରାଯାଏ । ଏତଦ୍‌ବ୍ୟତୀତ ମାଙ୍କଡ଼, କୁକୁର, ଗୋରୁଗାଈ, କୁଜ ଥିବା ଏବଂ କୁଜ ନଥିବା ଷଣ୍ଢମାନଙ୍କର ପ୍ରତିମୂର୍ତ୍ତିଗୁଡ଼ିକ ନିର୍ମିତ ହୋଇଥିବାର ଜଣାଯାଏ । ଟେରାକୋଟାରେ ନିର୍ମିତ ଚକଲଗା ଗାଡ଼ିଥିଲା ସବୁଠାରୁ ଆକର୍ଷଣୀୟ ପ୍ରତିକୃତି ।



ଚିତ୍ର ୩.୪ : ଦାଢ଼ି ରଖିଥିବା ମଣିଷର ପ୍ରସ୍ତର କଳାକୃତି





*Fig. 3.5 Terracota Human & Animal figurines*


ଚିତ୍ର ୩.୫ : ଟେରାକୋଟାରେ ନିର୍ମିତ ମଣିଷ ଓ ପଶୁମାନଙ୍କର ପ୍ରତିମୂର୍ତ୍ତି



ଚିତ୍ର ୩.୬: କାଳିବାଙ୍ଗନର ଟେରାକୋଟା ନିର୍ମିତ ଶଗଡ଼

ମୃତ୍ତିକା ପାତ୍ର ନିର୍ମାଣ ଥିଲା ହରପ୍ପା କଳାର ଅନ୍ୟଏକ ବୈଶିଷ୍ଟ୍ୟ । ଏଗୁଡ଼ିକ ଚକଦ୍ୱାରା ନିର୍ମିତ ହେଉଥିଲା । ଏଥିରେ ନାଲିରଙ୍ଗର ପ୍ରଲେପ ଦିଆଯାଇ କଳାରଙ୍ଗରେ ଚିତ୍ରିତ କରାଯାଉଥିଲା । ଏଗୁଡ଼ିକର ଗଠନ ଓ ଆକାର ଭିନ୍ନ ଭିନ୍ନ ଥିଲା । ହାଣ୍ଡି, ପାନପତ୍ର, ପ୍ଲେଟ୍, ସୁରେଇ, ଥାଳୀ, ଛିଦ୍ରଯୁକ୍ତ ଜାର୍, ଏବଂ କୁମ୍ଭ ପ୍ରଭୃତି ମାଟିପାତ୍ର ନିର୍ମାଣ କରିବାରେ ସେମାନେ ଥିଲେ ସିଦ୍ଧହସ୍ତ । ଏହି ପାତ୍ରଗୁଡ଼ିକର ଦେହରେ ପାନିଆ, ଦାନ୍ତ, ଲତା, ପତ୍ର, କଉଡ଼ି ଏବଂ କ୍ଷୁଦ୍ରଗୋଲକ ଆଦି ଚିତ୍ରିତ ହେଉଥିଲା । ଗୋଲକ ଓ ବର୍ଗକ୍ଷେତ୍ର ଗୋଟିଏ ପରେ ଗୋଟିଏ, ପାଞ୍ଚ ବା ଛଅ ଧାଡ଼ି ପର୍ଯ୍ୟନ୍ତ ମାଟିପାତ୍ର ଦେହରେ ଚିତ୍ରିତ ହେଉଥିଲା ।

ହରପ୍ପା ଅଧିବାସୀମାନେ ବିଭିନ୍ନ ପ୍ରକାରର ଖୋଦିତ ମୋହର ନିର୍ମାଣ କରିଥିଲେ । ବିଭିନ୍ନ ସ୍ଥାନରୁ ଦୁଇହଜାରରୁ ଅଧିକ ମୋହର ଆବିଷ୍କୃତ ହୋଇଅଛି । ଏହି ମୋହରଗୁଡ଼ିକ ଚାରିକୋଣିଆ ଥିଲା ଏବଂ (Steatite) ଧୂସର ଚୂର୍ଣ୍ଣକ ପଥରରେ ନିର୍ମିତ ହୋଇଥିଲା । ଏହି ମୋହରଗୁଡ଼ିକରେ ବିଭିନ୍ନ ପଶୁମାନଙ୍କର ଛବି ଖୋଦିତ ହୋଇଥିଲା । କିନ୍ତୁ କୌଣସି ଯାଗାରେ ଘୋଡ଼ାର ଛବି ଦେଖିବାକୁ ମିଳେନାହିଁ । ଏହି ପରିପ୍ରେକ୍ଷୀରେ କେତେକ ବିଶେଷଜ୍ଞ ସେତେବେଳେ ଘୋଡ଼ାର ବ୍ୟବହାରକୁ ଖଣ୍ଡନ କରିଛନ୍ତି । ଆଉ କେତେକ ଚିହ୍ନ ହରପ୍ପା ଲିପିରେ ସ୍ଥାନ ପାଇଅଛି । କିନ୍ତୁ ଅଦ୍ୟାବଧି ଏହି



ଚିତ୍ର ୩.୭: ପଶୁପତି ମୋହର



ଟିପ୍ପଣୀ

ଲିପିର ପାଠୋଦ୍ଧାର ହୋଇପାରିନାହିଁ । ଏହି ମୋହର ଗୁଡ଼ିକ ମଧ୍ୟରୁ ଗୋଟିକରେ ଅଙ୍କିତ ହୋଇଛି ଧ୍ୟାନରତ ଏକ ପୁରୁଷ ଦେବତାଙ୍କର ପ୍ରତିମୂର୍ତ୍ତି । ଏହି ଦେବତା ଖୋଲା ଦେହରେ ହାର ଓ ଶଙ୍ଖା ପିନ୍ଧିଅଛନ୍ତି । ତାଙ୍କ ମୁଣ୍ଡରେ ରହିଛି ମଇଁଷି ଶିଙ୍ଗ ପରି ଦୁଇଟି ଶିଙ୍ଗ । ହସ୍ତୀ, ବ୍ୟାଘ୍ର, ଗଣ୍ଡାର ଓ ମଇଁଷି ପରି ଚାରିଗୋଟି ହିଂସ୍ର ଜନ୍ତୁ ମୂର୍ତ୍ତି ପାଖରେ ବିଦ୍ୟମାନ । ଦେବତାଙ୍କ ମୁଖ ବ୍ୟାଘ୍ରପରି ହିଂସ୍ର । ମୁଣ୍ଡର ବାମ ଓ ଦକ୍ଷିଣ ପାର୍ଶ୍ୱରେ ଦୁଇଗୋଟି ଆବୁ । ଏହା ସେହି ଦେବତାଙ୍କର ଦ୍ୱିତୀୟ ଓ ତୃତୀୟ ମୁଖ ବୋଲି ଧରାଯାଇଅଛି । ଏହି ଦେବତାଙ୍କୁ କୁହାଯାଇଛି 'ପଶୁପତି' ବା ପଶୁମାନଙ୍କର ରାଜା । କିନ୍ତୁ ଆଉ କେତେକ ବିଶେଷଜ୍ଞ ଏହି ମତକୁ ଗ୍ରହଣ କରିନାହାନ୍ତି ।

**(iii) TRADE - ବାଣିଜ୍ୟ**

ହରପ୍ପା ସହରୀ ଅର୍ଥନୈତିକ ବ୍ୟବସ୍ଥାର ତାତ୍ପର୍ଯ୍ୟପୂର୍ଣ୍ଣ ଲକ୍ଷଣ ଥିଲା ଅବିଚ୍ଛିନ୍ନ ଆନ୍ତର୍ବାଣିଜ୍ୟ ଏବଂ ବର୍ହିଃବାଣିଜ୍ୟ କାର୍ଯ୍ୟକ୍ରମ । ହରପ୍ପା ନଗର ଅଧିବାସୀ ସେମାନଙ୍କର ଆବଶ୍ୟକୀୟ ଖାଦ୍ୟ ପଦାର୍ଥ ପାଇଁ ନିକଟସ୍ଥ ଗ୍ରାମାଞ୍ଚଳ ଉପରେ ନିର୍ଭର କରୁଥିଲେ । ଫଳରେ ସହର ଓ ଗ୍ରାମ ମଧ୍ୟରେ ଗୋଟିଏ ସମ୍ପର୍କ ସୃଷ୍ଟି ହେଲା । ସେହିପରି ହରପ୍ପା ନଗରର ଶିଳ୍ପୀ ଓ କାରିଗରମାନେ ସେମାନଙ୍କ ଦ୍ରବ୍ୟକୁ ବିକ୍ରିକରିବା ପାଇଁ ଅନ୍ୟାନ୍ୟ ଅଞ୍ଚଳର ବଜାର ଉପରେ ନିର୍ଭର କଲେ । ଫଳରେ ସହର ଓ ନଗର ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇଲା । ହରପ୍ପାର ବଣିକମାନେ ବିଦେଶ ସହିତ, ନିର୍ଦ୍ଦିଷ୍ଟ ଭାବରେ ମେସୋପୋଟାମିଆର ସହିତ ବାଣିଜ୍ୟିକ ସମ୍ପର୍କ ପ୍ରତିଷ୍ଠା କଲେ । ବିଦେଶରେ ଚାହିଦା ଥିବା ହରପ୍ପା ଦ୍ରବ୍ୟକୁ ସେମାନେ ରପ୍ତାନୀ କଲେ ।

ଲକ୍ଷ କରିବା କଥା ଯେ ଶିଳ୍ପୀ ଓ କାରୀଗରମାନେ ବିଭିନ୍ନ ପ୍ରକାର ଦ୍ରବ୍ୟ ନିର୍ମାଣ କରିବା ପାଇଁ ମୁଖ୍ୟତଃ ଧାତୁ ଓ ମୂଲ୍ୟବାନ ପଥର ଆବଶ୍ୟକ କରୁଥିଲେ । ଏଗୁଡ଼ିକ ନିକଟରେ ମିଳୁ ନଥିବାରୁ ସେମାନେ ଏହାକୁ ବାହାର ଅଞ୍ଚଳରୁ ଆମଦାନୀ କରୁଥିଲେ । ଏହି କଞ୍ଚାମାଲ ଗୁଡ଼ିକ ନଗର ଠାରୁ ବହୁ ଦୂରରେ ମିଳୁଥିଲା । ଏଥିରୁ ଅନୁମାନ କରାଯାଏ ଯେ ନିଶ୍ଚିତରୂପେ କୌଣସି ପ୍ରକାର ବିନିମୟ ମାଧ୍ୟମ ଯୋଗୁ ଏଗୁଡ଼ିକ ଆମଦାନୀ କରାଯାଉଥିଲା । ରାଜସ୍ଥାନର କ୍ଷେତ୍ରୀଠାରେ ତାମ୍ରଖଣି ରହିଥିଲା । ସଂଭବତଃ ହରପ୍ପା ଅଧିବାସୀ ଏହି ସ୍ଥାନରୁ ତାମ୍ର ଆମଦାନୀ କରୁଥିଲେ । କର୍ଣ୍ଣାଟକର କୋଲାର ସୁନାଖଣି ଏବଂ ହିମାଳୟରୁ ବାହାରିଥିବା ନଦୀଗୁଡ଼ିକରୁ ସେମାନେ ସ୍ୱର୍ଣ୍ଣ ଆମଦାନୀ କରୁଥିଲେ । ରାଜସ୍ଥାନର ଜ୍ୱାର ଖଣି ରୌପ୍ୟ ଧାତୁ ପାଇଁ ପ୍ରସିଦ୍ଧଥିଲା । ହରପ୍ପା ଦ୍ରବ୍ୟର ବିନିମୟରେ ମେସୋପଟାମିଆରୁ ରୌପ୍ୟ ମଧ୍ୟ ଆମଦାନୀ କରାଯାଉଥିଲା ।

ମାଳି ନିର୍ମାଣ ପାଇଁ ବ୍ୟବହୃତ ମୂଲ୍ୟବାନ ପ୍ରସ୍ତରଗୁଡ଼ିକ ମଧ୍ୟରୁ ଘନନୀଳ ପଥର ବା (Lapis-Lazuli) ଆଫଗାନିସ୍ଥାନର ଉତ୍ତରକୋଣରେ ଅବସ୍ଥିତ ବଦଖସାନ୍ ଖଣିରୁ ମିଳୁଥିଲା । ସବୁଜ ଲୋହିତ ପଥର ବା (Turquoise) ଏବଂ ମଣିବ (Jada) ମଧ୍ୟ ଏସିଆରୁ ଆମଦାନୀ କରାଯାଉଥିଲା । ଇଷତ ସ୍ୱଚ୍ଛ ପଥର ବା (agate), ଲାଲରଙ୍ଗର ପଥର ବା (carnelion) ଏବଂ ମୂଲ୍ୟବାନ ସୁନ୍ଦର ଖଣିଜ ପଥର ବା (Chlacedony) ପଶ୍ଚିମ ଭାରତରୁ ଆମଦାନୀ କରାଯାଉଥିଲା । ସମୁଦ୍ର ସାମୁକାଗୁଡ଼ିକ ଗୁଜୁରାଟ ଏବଂ ନିକଟସ୍ଥ ଉପକୂଳବର୍ତ୍ତୀ ଅଞ୍ଚଳରୁ ସଂଗ୍ରହ କରାଯାଉଥିଲା । ମୂଲ୍ୟବାନ କାଠ ଗଣ୍ଡି ଏବଂ ଅନ୍ୟାନ୍ୟ ଜଙ୍ଗଲିଜାତ ଦ୍ରବ୍ୟ ଉତ୍ତରାଞ୍ଚଳରେ ଅବସ୍ଥିତ ଜାମ୍ମୁରୁ ଆମଦାନୀ କରାଯାଉଥିଲା ।

ହରପ୍ପା ଅଧିବାସୀମାନେ ନିଜକୁ ମେସୋପୋଟାମିଆର ସହିତ ବର୍ହିଃବାଣିଜ୍ୟରେ ନିୟୋଜିତ କରିଥିଲେ । ଏହି ବାଣିଜ୍ୟ ମୁଖ୍ୟତଃ ଓମାନ, ବାହାରିନ୍ ଏବଂ ପାରସ୍ୟ ଉପସାଗର ମଧ୍ୟ ଦେଇ ହେଉଥିଲା । ଏହି ଅଞ୍ଚଳମାନଙ୍କରୁ ମିଳିଥିବା ମାଳି, ମୋହର, ପଶାକାଠି ଇତ୍ୟାଦି ହରପ୍ପା ସଭ୍ୟତାର ଅନ୍ତର୍ଗତ ବୋଲି ପ୍ରମାଣିତ ହେଲାପରେ ମେସୋପୋଟାମିଆର ସହିତ ହରପ୍ପାର ବାଣିଜ୍ୟିକ ସମ୍ପର୍କ ଥିଲାବୋଲି ସ୍ଥିର ନିର୍ଦ୍ଦିଷ୍ଟ ହୋଇଅଛି । ସେହିପରି ପଶ୍ଚିମ ଏସିଆ ମୁଖ୍ୟତଃ ପାରସ୍ୟ ଦେଶର ଏକ



ଟିପ୍ପଣୀ

ମୋହର ହରପ୍ପା ସଭ୍ୟତାର ଲୋଥାଲ ଠାରେ ଆବିଷ୍କୃତ ହୋଇଛି । ସୁସା ଏବଂ ଉର ପ୍ରଭୃତି ମେସୋପୋଟାମିଆର ନଗରରାଜ୍ୟ ଗୁଡ଼ିକରୁ ଦୁଇ ଡଜନ୍ ହରପ୍ପାସିଲ ଆବିଷ୍କୃତ ହୋଇଅଛି । ମୋହର ବ୍ୟତୀରେକ ମୃତ୍ତିକା ପାତ୍ର, ଖୋଦିତ ଲାଲରଙ୍ଗ ପଥରର ମାଳି ଏବଂ ପଶାକାଠି ଇତ୍ୟାଦି ସେଠାରୁ ମିଳିଅଛି ।

ମେସୋପୋଟାମିଆରୁ ଆବିଷ୍କୃତ କେତେକ ଶିଳାଲେଖ ହରପ୍ପା ଓ ମେସୋପୋଟାମିଆ ମଧ୍ୟରେ ଥିବା ବାଣିଜ୍ୟିକ ସମ୍ପର୍କ ଉପରେ ବହୁମୂଲ୍ୟବାନ ତଥ୍ୟ ଯୋଗାଇଥାଏ । ଏହି ଶୀଳାଲେଖ ଗୁଡ଼ିକର ବର୍ଣ୍ଣନା ଅନୁଯାୟୀ ମେସୋପୋଟାମିଆର ତିନିଗୋଟି ସ୍ଥାନ ସହିତ ବାଣିଜ୍ୟିକ ସମ୍ପର୍କ ଥିଲା । ସେହି ସ୍ଥାନଗୁଡ଼ିକର ନାମ ହେଲା ଦିଲମନ୍, ମାଗନ୍ ଏବଂ ମେଲୁହା । ଐତିହାସିକମାନେ ମେଲୁହାକୁ ହରପ୍ପା ସହିତ, ମାଗନକୁ ମକରାନ୍ ଉପକୂଳ ସହିତ ଏବଂ ଦିଲମନକୁ ବାହାରିନ୍ ସହିତ ଚିହ୍ନଟ କରିଛନ୍ତି । ବିଶେଷଜ୍ଞମାନେ ଦର୍ଶାଇଛନ୍ତି ଯେ ମେସୋପଟାମିଆ ତାମ୍ର, ଲାଲରଙ୍ଗର ପଥର, ଘନ ନିଳରଙ୍ଗ ପଥର, ହାତୀଦାନ୍ତ, ଶାମୁକା, ମୁକ୍ତା ଏବଂ ଶିଶୁକାଠ ମେଲୁହାରୁ ଆମଦାନୀ କରୁଥିଲେ । ସେହିପରି ମେସୋପୋଟାମିଆରୁ ହରପ୍ପାକୁ ରପ୍ତାନୀ ହେଉଥିବା ଦ୍ରବ୍ୟଗୁଡ଼ିକ ଥିଲା ପୋଷାକ, ଉଲ୍, ସୁଗନ୍ଧିତ ଦ୍ରବ୍ୟ, ଚମଡ଼ା ତିଆରି ଦ୍ରବ୍ୟ ଏବଂ ରୁପା । ରୁପାକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଦ୍ରବ୍ୟଗୁଡ଼ିକ ବିନଷ୍ଟ ହୋଇଥିବାରୁ ଏଗୁଡ଼ିକର ଚିହ୍ନ ଆମ୍ଭେ ଧ୍ୱଂସାବଶେଷରୁ ପାଉନାହିଁ ।

## INTEXT QUESTIONS 3.3 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. କୃଷି ବ୍ୟତୀତ ଆଉ କେଉଁ ଅର୍ଥନୈତିକ କାର୍ଯ୍ୟ ହରପ୍ପାରେ ଚାଲିଥିଲା ?

2. ହରପ୍ପା ଅଧିବାସୀଙ୍କର ମୁଖ୍ୟଖାଦ୍ୟ କ'ଣ ଥିଲା ?

3. ହରପ୍ପା ସଭ୍ୟତାର କେଉଁଦୁଇଟି ସ୍ଥାନରେ ଧାନଚାଷର ପ୍ରମାଣ ମିଳିଥାଏ ?

4. ବ୍ରୋଞ୍ଜ ନର୍ତ୍ତକୀ ମୂର୍ତ୍ତି କେଉଁ ସ୍ଥାନରୁ ମିଳିଥିଲା ?

5. ହରପ୍ପା ସଭ୍ୟତାର ଦୁଇଟି ମୁଖ୍ୟ ହସ୍ତଶିଳ୍ପର ନାମ ଲେଖ ।

6. ହରପ୍ପା ଅଧିବାସୀ କେଉଁ ସ୍ଥାନରୁ ତ୍ରାମ୍ର ଧାତୁ ଆମଦାନି କରୁଥିଲେ ?

## 3.5 SOCIAL DIFFERENTIATION- ସାମାଜିକ ବିଭେଦୀକରଣ

ହରପ୍ପା ସମାଜ ଥିଲା ମାତୃକୈନ୍ଦ୍ରୀକ ସମାଜ । ପଞ୍ଜାବ ଏବଂ ସିନ୍ଧୁ ଅଞ୍ଚଳରୁ ମିଳିଥିବା ଅସଂଖ୍ୟ ମୃତ୍ତିକା ନିର୍ମିତ ନାରୀମୂର୍ତ୍ତିକୁ ଲକ୍ଷ୍ୟକଲେ ଜଣାପଡ଼େ ଯେ ମାତୃଶକ୍ତି ପୂଜା, ସେଠାରେ ଅତ୍ୟନ୍ତ ଲୋକପ୍ରିୟ ଥିଲା । ହରପ୍ପା ଲିପିର ଅଦ୍ୟାବଧି ପଠୋଦ୍ଧାର ହୋଇନାହିଁ । ମିଳିଥିବା ସୀମିତ ତଥ୍ୟକୁ ଆଧାର କରି ଏହି ବିଷୟରେ ଆମକୁ ସନ୍ତୁଷ୍ଟ ହେବାକୁ ପଡ଼ିବ ।

ହରପ୍ପା ସମାଜ ଭିନ୍ନ ଭିନ୍ନ ବୃତ୍ତିର ଅଧିବାସୀଙ୍କୁ ନେଇ ଗଠିତ ହୋଇଥିଲା । ସେମାନଙ୍କ ମଧ୍ୟରେ ଥିଲେ ପୁରୋହିତ, ଯୋଦ୍ଧା, କୃଷକ, ବଣିକ ଏବଂ ବିଭିନ୍ନ ଶିଳ୍ପ । ହରପ୍ପା ଏବଂ ଲୋଥାଲ୍‌ରୁ ଆବିଷ୍କୃତ

ବାସଗୃହଗୁଡ଼ିକର ଧ୍ୱଂସାବଶେଷ ଅନୁସାରେ ଜଣାପଡ଼େ ଯେ ବିଭିନ୍ନ ବର୍ଗର ଲୋକ ଅଲଗା ଅଲଗା ବାସଗୃହରେ ରହୁଥିଲେ । ହରପ୍ପାରୁ ଆବିଷ୍କୃତ ଶସ୍ୟାଗାର ନିକଟରେ ଶ୍ରମିକମାନଙ୍କର ବାସଗୃହ ଆବିଷ୍କୃତ ହୋଇଛି । ସେହିପରି ଲୋଥାଲ୍‌ରେ ତାମ୍ରକାରିଗର, ମାଳି କାରିଗରମାନଙ୍କ ବାସଗୃହ ସମେତ କର୍ମଶାଳା ମଧ ଆବିଷ୍କୃତ ହୋଇଅଛି । ତେଣୁ ଆମେ କହିପାରିବା ଯେ ଧନୀଲୋକମାନେ ବଡ଼ ବଡ଼ ବାସଗୃହରେ ରହୁଥିଲା ବେଳେ ଗରିବ ବା ଶ୍ରମିକ ଶ୍ରେଣୀର ଲୋକ ଛୋଟ ଛୋଟ ବାସଗୃହରେ ରହୁଥିଲେ ।

ହରପ୍ପା ଅଧିବାସୀମାନଙ୍କ ପୋଷାକ ପରିଚ୍ଛଦ ଉପରେ ଟେରାକୋଟା ମୂର୍ତ୍ତି ଏବଂ ଖୋଦିତ ପ୍ରସ୍ତର ମୂର୍ତ୍ତିକୁ ଆଧାରକରି ଆମର ଧାରଣା ସୃଷ୍ଟି ହୋଇଥାଏ । ପୁରୁଷମାନେ ଖଣ୍ଡିଏ ବସ୍ତ୍ରରେ କଟିବନ୍ଧର ତଳ ଭାଗ ଆବୃତ୍ତ ରଖୁଥିଲେ ଏବଂ ଅନ୍ୟ ଖଣ୍ଡିକରେ ବାମସ୍କନ୍ଧରୁ ଦକ୍ଷିଣ ହସ୍ତ ତଳଦେଇ ଶରୀରର ଉପରିଭାଗକୁ ଘୋଡ଼ାଇ ରଖୁଥିଲେ । ସମ୍ଭବତଃ ସେମାନେ ଛୋଟ କୁର୍ତ୍ତା ପରିଧାନ କରୁଥିଲେ । ସେମାନେ କାର୍ପାସ୍ ଓ ପଶମ ବସ୍ତ୍ର ବ୍ୟବହାର କରୁଥିଲେ । ମହେଞ୍ଜୋଦାରୋରୁ ଖଣ୍ଡିଏ ହସ୍ତବୁଣା ଲୁଗା ମିଳିଅଛି । ଅନେକ ସ୍ଥାନରେ ଆବିଷ୍କୃତ ଢାକୁଡ଼ି ଏବଂ ଛୁଞ୍ଚି ପ୍ରମାଣ କରେ ଯେ ହରପ୍ପା ଅଧିବାସୀ ସୂତା କାଟୁଥିଲେ ଏବଂ ଲୁଗା ବୁଣୁଥିଲେ ।

ହରପ୍ପା ଅଧିବାସୀ ନିଜକୁ ସୁସଜ୍ଜିତ କରିବାକୁ ଭଲ ପାଉଥିଲେ । ବେଶଭୂଷା ପ୍ରତି ନାରୀମାନେ ଅଧିକ ଯତ୍ନଶୀଳ ଥିଲେ । ପୁରୁଷମାନେ ପ୍ରସାଧନ ସାମଗ୍ରୀ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ । ନାରୀମାନେ ପଙ୍ଖା ଆକୃତିର କେଶ ସଜାଉଥିଲେ । ଉଭୟ ପୁରୁଷ ଓ ନାରୀ ଲମ୍ବା କେଶ ରଖୁଥିଲେ । ନାରୀ ଓ ପୁରୁଷ ଉଭୟ ଅଳଙ୍କାର ପ୍ରିୟ ଥିଲେ । ସେଗୁଡ଼ିକ ଥିଲା ହାର, ମୁଦି, ଅଣ୍ଟାସୂତା, ବାଜୁବନ୍ଧ, ବଳା ଓ କାନଫୁଲ ଇତ୍ୟାଦି । ଧନୀଲୋକମାନେ ସୁନା, ରୁପା, ହାତୀଦାନ୍ତ ଓ ବହୁମୂଲ୍ୟ ପ୍ରସ୍ତର ନିର୍ମିତ ଅଳଙ୍କାର ବ୍ୟବହାର କରୁଥିଲା ବେଳେ ସାଧାରଣ ଲୋକ ତମ୍ବା, ଅସ୍ଥି, ଶଙ୍ଖ, ପୋହଳା ଓ ମୃତ୍ତିକା ନିର୍ମିତ ଅଳଙ୍କାର ବ୍ୟବହାର କରୁଥିଲେ ।

## INTEXT QUESTIONS 3.4 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ହରପ୍ପା ସମାଜ ଥିଲା ____________ ସମାଜ ।

2. କେଉଁଠାରୁ ଶ୍ରମିକମାନଙ୍କର ବାସଗୃହ ଆବିଷ୍କୃତ ହୋଇଥିଲା ?

   ____________________________________________

3. ହରପ୍ପା ଅଧିବାସୀମାନେ କି ପ୍ରକାର ବସ୍ତ୍ର ବ୍ୟବହାର କରୁଥିଲେ ?

   ____________________________________________

ପ୍ରତ୍ନତାତ୍ତ୍ୱିକ ଖନନରୁ ଆବିଷ୍କୃତ ବହୁମୋହର, ବ୍ରୋଞ୍ଜମୂର୍ତ୍ତି ଏବଂ ମାଟି ନିର୍ମିତ ମୂର୍ତ୍ତି ହରପ୍ପା ଅଧିବାସୀଙ୍କ ଧର୍ମଧାରଣା ଉପରେ ଆଲୋକପାତ କରିଥାଏ । ହରପ୍ପା ଅଧିବାସୀଙ୍କ ଧର୍ମକୁ 'Animism' ବା ପ୍ରାକୃତିକ ବସ୍ତୁର ପୂଜା ବୋଲି କୁହାଯାଏ । (ଚିତ୍ର ୩.୬) ହରପ୍ପାର ବିଭିନ୍ନ ସ୍ଥାନରୁ ଆବିଷ୍କୃତ ଅସଂଖ୍ୟ ମାଟିନିର୍ମିତ ନାରୀମୂର୍ତ୍ତି ପ୍ରମାଣ କରେ ଯେ ସେମାନେ ମାତୃଶକ୍ତିର ଉପାସକ ଥିଲେ । (ଚିତ୍ର ୩.୯) ଏହି ମୂର୍ତ୍ତିଗୁଡ଼ିକ ମଧ୍ୟରୁ ଅଧିକାଂଶ କଟୀବନ୍ଧ, ହାର ଓ ଶାଢ଼ି ପରିଧାନ କରିଥିବାର ଦେଖାଯାଏ । ସେମାନେ ମଧ ପଙ୍ଖାକୃତିର କେଶ ବିନ୍ୟାସ କରିଥିଲେ । କେତେକ ସ୍ଥାନରେ ସେହିମୂର୍ତ୍ତିଗୁଡ଼ିକ ଛୋଟ ଶିଶୁଧାରଣ କରିଥିଲେ । ଆଉ ଗୋଟିଏ ମୂର୍ତ୍ତିରେ ନାରୀର ଗର୍ଭାଶୟ ମଧ୍ୟରୁ ଏକ ବୃକ୍ଷ ଜାତ ହୋଇଥିବାର ଦେଖାଯାଏ । ଏହି ନାରୀ ମୂର୍ତ୍ତିଟି ପୃଥିବୀ ଦେବୀ ରୂପେ ପୂଜାପାଉଥିଲେ । ଅନେକ ବିଦ୍ୱାନ ହରପ୍ପା ଅଧିବାସୀମାନେ 'ଲିଙ୍ଗ-ଯୋନି'ର ଉପାସକ ଥିଲେ ବୋଲି ମତଦେଇଛନ୍ତି ।

ପଶୁପତି ବା ଆଦ୍ୟ-ଶିବ ଥିଲେ ହରପ୍ପା ଅଧିବାସୀମାନଙ୍କର ଆରାଧ ଦେବତା । ମହେଞ୍ଜୋଦାରୋ ତଥା ବିଭିନ୍ନ ସ୍ଥାନରୁ ମିଳିଥିବା ମୋହରଗୁଡ଼ିକରୁ ମଇଁଷି ଶିଙ୍ଗଯୁକ୍ତ ମସ୍ତକ ଆଭରଣରେ ଭୂଷିତ ଧ୍ୟାନମୁଦ୍ରାରେ ଉପବେଶନ କରିଥିବା ଏକ ପୁରୁଷ ମୂର୍ତ୍ତିର ଚିତ୍ର ଦେଖିବାକୁ ମିଳିଥାଏ । ସେ ପଶୁମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇଥିବାର ଦେଖାଯାଏ । ଏହି ପଶୁମାନେ ହେଲେ ହସ୍ତୀ, ବ୍ୟାଘ୍ର, ଛାଗଳ ଏବଂ ହରିଣ । ଏହି ଯୋଗାରୂଢ଼ ପୁରୁଷଙ୍କୁ ସାଧାରଣତଃ ଆଦ୍ୟ ଶିବ ରୂପେ ଐତିହାସିକମାନେ ଚିହ୍ନିତ କରିଥାନ୍ତି । ଶିବଙ୍କୁ 'ଜନ୍ତୁମାନଙ୍କର ନାଥ' ବା 'ପଶୁପତି' ରୂପେ ମଧ ଅଭିହିତ କରାଯାଏ । ହରପ୍ପା ସଭ୍ୟତାରୁ ମିଳିଥିବା ସିଲ୍‌ଗୁଡ଼ିକରେ ବୃଷଭ ଚିତ୍ର ଥିବାରୁ ଏହି ସଭ୍ୟତାର ଅଧିବାସୀମାନେ ଶିବପୂଜା କରୁଥିବାର ପ୍ରମାଣ ସ୍ପଷ୍ଟ ହୋଇଥାଏ । ହରପ୍ପା ସଭ୍ୟତା ସହିତ ସଂପୃକ୍ତ ବିଭିନ୍ନ ସ୍ଥାନରୁ ଲିଙ୍ଗ ଆକୃତିର ପଥର ମିଳିଅଛି । ତେଣୁ ଶିବଙ୍କୁ ଲିଙ୍ଗରୂପେ ଆବାହନ କରିବାର ଦୃଷ୍ଟାନ୍ତ ଭାରତର ଏହି ସଭ୍ୟତାରୁ ମିଳିଥାଏ । ହରପ୍ପା ଅଧିବାସୀ ବୃକ୍ଷ ଉପାସନା କରୁଥିଲେ । ବୃକ୍ଷ ମଧ୍ୟରେ ଏକ ଆଧ୍ୟାତ୍ମିକ ଶକ୍ତି ଥିବାର କଳ୍ପନା କରି ସେମାନେ ଏହାକୁ ଆରଧନା କରୁଥିଲେ । ମହେଞ୍ଜୋଦାରୋ ଠାରୁ ପ୍ରାପ୍ତ ଏକ ସିଲ୍‌ରେ ଗୋଟିଏ ଅଶ୍ୱତ୍‌ଥ ବୃକ୍ଷର ଦୁଇ ଶାଖା ମଧ୍ୟରେ ଜଣେ ଦେବତା ବିଦ୍ୟମାନ । ଏକ ମଣିଷ ମୁଣ୍ଡିଆ ଛେଳି ସେହି ଉତ୍ସବକୁ ଲକ୍ଷ୍ୟ କରୁଛି । ଏକ ଧାଡ଼ିରେ ଅଛନ୍ତି ସାତୋଟି ମାନବ ଆକୃତିର ମୂର୍ତ୍ତି । ସେମାନଙ୍କର ରହିଛି ଲମ୍ବାକେଶ । ସମ୍ଭବତଃ ସେମାନେ ଧର୍ମଯାଜିକା ଅଟନ୍ତି । ସେତେବେଳେ ଲିମ୍ବଗଛ ପୂଜାପାଉଥିବାର କେତେକ ଐତିହାସିକ ବିଶ୍ୱାସ କରନ୍ତି ।

କାଲିବାଙ୍ଗାନ୍, ଲୋଥାଲ ଓ ବନଓ୍ୱାଲୀ ଠାରୁ ଅନେକ ଅଗ୍ନି କୁଣ୍ଡ ଆବିଷ୍କାର କରାଯାଇଛି । ସେଗୁଡ଼ିକୁ ଯଜ୍ଞବେଦୀ ରୂପେ କଳ୍ପନା କରାଯାଏ । ତେଣୁ ସେ କାଳରେ ଲୋକ ଅଗ୍ନିର ଉପାସନା କରୁଥିବାର ଜଣାଯାଏ । ସିନ୍ଧୁସଭ୍ୟତାର ଅଧିବାସୀମାନେ ସୂର୍ଯ୍ୟ ଉପାସନା କରୁଥିବାର ଜଣାଯାଏ । ସିଲ୍‌ରେ ବ୍ୟବହୃତ ହେଉଥିବା ସ୍ୱସ୍ତିକ ଏବଂ ଚକ୍ରଚିହ୍ନରୁ ସୂର୍ଯ୍ୟପୂଜା ସମ୍ପର୍କରେ ସୂଚନା ମିଳେ ।

ହରପ୍ପା ଅଧିବାସୀମାନେ ମୃତ୍ୟୁପରେ ଜୀବନ ଉପରେ ବିଶ୍ୱାସ କରୁଥିଲେ । ଶ୍ମଶାନରେ ଶବଗୁଡ଼ିକୁ ଉତ୍ତର-ଦକ୍ଷିଣ ଦିଗରେ କବର ମଧ୍ୟରେ ରଖାଯାଉଥିଲା । କେତେକ କ୍ଷେତ୍ରରେ ଶବପାଖରେ ମୃତପାତ୍ର ଓ ବହୁ କ୍ଷେତ୍ରରେ ଅଳଙ୍କାରମାନ ରଖାଯାଇଥିଲା । ଲୋଥାଲ ଠାରେ ଉଭୟ ପତି ଓ ପତ୍ନୀଙ୍କୁ ଏକତ୍ର କବର ଦିଆଯାଇଥିଲା । କାଲିବାଙ୍ଗାନ୍‌ରୁ ଅସ୍ଥି ସହିତ ଭସ୍ମପାତ୍ର ଆବିଷ୍କାର କରାଯାଇଛି ।



ଚିତ୍ର ୩.୮ : ମହେଞ୍ଜୋଦାର ଠାରେ ଥିବା ଅଶ୍ୱତ୍ଥ ବୃକ୍ଷରେଥିବା ସଂକେତ



ଚିତ୍ର ୩.୯ : ମହେଞ୍ଜୋଦାରର ମାତୃଦେବୀ



ଚିତ୍ର ୩.୧୦: ମହେଞ୍ଜୋଦାରରୁ କୁଜଥିବା ଷଣ୍ଢର ମୋହର

**INTEXT QUESTIONS 3.5 - ପ୍ରତ୍ୟାଶିତ ପୂର୍ବଜ୍ଞାନ**

1. 'ପଶୁପତି' ମୋହରଟି କେଉଁଠାରୁ ଆବିଷ୍କୃତ ହୋଇଅଛି ?

_______________________________________________

2. ହରପ୍ପା ମୋହରରେ କେଉଁ ବୃକ୍ଷ ମୁଖ୍ୟତଃ ଉପସ୍ଥାପିତ ହୋଇଛି ?

_______________________________________________

3. ଅଗ୍ନି ଉପାସନାର ପ୍ରମାଣ କିଛି ଅଛିକି ? ଯଦି ଅଛି ଏହା କେଉଁଠାରେ ଦେଖାଯାଏ ?

_______________________________________________

4. କେଉଁ ସ୍ଥାନରୁ ଯୁଗ୍ମ କବରର କଙ୍କାଳ ମିଳିଅଛି ?

_______________________________________________

## 3.9 THE SCRIPT - ଲିପି

ହରପ୍ପା ଅଧିବାସୀ ଲେଖାପଢ଼ା ଜାଣିଥିଲେ । ହରପ୍ପାର ମୋହରଗୁଡ଼ିକ ବିଭିନ୍ନ ଚିହ୍ନରେ ଖୋଦିତ ହୋଇଥିଲା । ଆଧୁନିକ ବିଶେଷଜ୍ଞଙ୍କ ମତରେ ହରପ୍ପା ଲିପିରେ ୪୦୦ଟି ସଙ୍କେତ ରହିଛି । ଏଗୁଡ଼ିକ ଡାହାଣରୁ ବାମକୁ ଲେଖାଯାଇଥିଲା । କିନ୍ତୁ ଅଦ୍ୟବଧି ସେହି ହରପ୍ପା ଲିପିର ପାଠୋଦ୍ଧାର କରାଯାଇପାରିନାହିଁ । ଏ ବିଶ୍ୱାସ କରାଯାଏ ଯେ ହରପ୍ପା ଅଧିବାସୀ ସେମାନଙ୍କର ମନର ଭାବକୁ ପ୍ରକାଶ କରିବା ପାଇଁ ବିଭିନ୍ନ ଚିତ୍ର ଅଙ୍କନ କରୁଥିଲେ । ସେମାନେ କେଉଁ ପ୍ରକାର ଭାଷା ବ୍ୟବହାର କରୁଥିଲେ ସେ ବିଷୟରେ ଆମେ ଅଜ୍ଞ । କିନ୍ତୁ ବିଶେଷଜ୍ଞମାନଙ୍କ ମତାନୁସାରେ ହରପ୍ପା ଅଧିବାସୀ 'ବ୍ରାହି' 'Brahui' ନାମକ ଏକ ଭାଷା ବ୍ୟବହାର କରୁଥିଲେ । ଯାହାକି ବର୍ତ୍ତମାନ ପାକିସ୍ତାନର 'ବାଲୁଚି' ମାନଙ୍କର ଭାଷା ଅଟେ । ହୁଏତ ନିରବଚ୍ଛିନ୍ନ ଗବେଷଣା ଭବିଷ୍ୟତରେ ଏହି ଲିପିର ପାଠୋଦ୍ଧାର କରିବ ।

## 3.10 DECLINE OF THE HARAPPAN CIVILZATION- ହରପ୍ପା ସଭ୍ୟତାର ବିଲୟ

ଖ୍ରୀ:ପୂ: ୧୯୦୦ ପର୍ଯ୍ୟନ୍ତ ହରପ୍ପା ସଭ୍ୟତାର ବିକାଶ ହୋଇଥିଲା । ଖ୍ରୀ:ପୂ: ୧୯୦୦ ପରେ ଏହି ସଭ୍ୟତାର କ୍ରମ ବିଲୟ ଘଟିଲା । କେତେଗୁଡ଼ିଏ ମୁଖ୍ୟ ସହର ଧ୍ୱଂସାଭିମୁଖୀ ହେଲା । ଖ୍ରୀ:ପୂ: ୧୪୦୦ ପର୍ଯ୍ୟନ୍ତ ଏହି ବିଲୟ ପ୍ରକ୍ରିୟା ଜାରି ରହିଲା । ପ୍ରାରମ୍ଭିକ ଅବସ୍ଥାରେ ମହେଞ୍ଜୋଦାରୋ ୮୫ ହେକ୍ଟର ଅଞ୍ଚଳରେ ବିକାଶ କରିଥିଲା ବେଳେ ଖ୍ରୀ:ପୂ: ୧୪୦୦ ବେଳକୁ ମାତ୍ର ୩ ହେକ୍ଟର ଜମି ଉପରେ ଏହାର ବସତିଗୁଡ଼ିକ ଦେଖିବାକୁ ମିଳିଥିଲା । ହରପ୍ପା ସଭ୍ୟତାର ଶେଷ ବେଳକୁ ଅସଂଖ୍ୟ ନୂଆ ନୂଆ ବସତି ଗୁଜୁରାଟ, ପୂର୍ବପଞ୍ଜାବ, ହରିୟାଣା, ଦୋଆବର ଉପର ଅଞ୍ଚଳରେ

ଦେଖାଯାଇଥିଲା । ହରପ୍ପା ସଭ୍ୟତାର ବିଲୟଉପରେ ବିଶେଷଜ୍ଞମାନେ ବିଭିନ୍ନ ପ୍ରକାର ମତ ଦେଇଛନ୍ତି ।

(i) ଅନେକ ବିଶେଷଜ୍ଞମାନଙ୍କ ମତରେ ପ୍ରବଳ ବନ୍ୟା ଓ ଭୂମିକମ୍ପ ହରପ୍ପା ସଭ୍ୟତାର ବିଲୟର କାରଣ ଥିଲା । ଏହି ଭୂମିକମ୍ପ ଏହି ସଭ୍ୟତାର ନିମ୍ନଭାଗରେ ହୋଇ ନଦୀର ମୁହାଣ ପୋତି ହୋଇପଡ଼ିବାରୁ ପ୍ରବଳ ବନ୍ୟାଯୋଗୁ ଏହି ସହର ନଷ୍ଟ ହୋଇଯାଇଥିଲା । ଏହା ମହେଞ୍ଜୋଦାରୋର ବିଲୟ ହୋଇଥିଲା ।

(ii) ଜଳବାୟୁରେ ଉଷ୍ଣତା ବୃଦ୍ଧି ଏବଂ 'ଘାଗର ହର୍କା' ନଦୀ ଶୁଷ୍କ ହୋଇ ନଦୀଗୁଡ଼ିକର ଗତିପଥ ପରିବର୍ତ୍ତନ ହେବାକୁ ଲାଗିଲା । ଫଳରେ ପ୍ରଥମେ ଗଢ଼ିଉଠିଥିବା ସଭ୍ୟତା ଗୁଡ଼ିକର ବିଲୟ ଘଟିଲା । ଏହି ମତବାଦ ଅନୁସାରେ ଖ୍ରୀ:ପୂ: ୨୦୦୦ ବେଳକୁ ଜଳବାୟୁରେ ପରିବର୍ତ୍ତନ ସଂଘଠିତ ହୋଇ କୃଷିକୁ ଗଭୀର ଭାବେ ପ୍ରଭାବିତ କରିଥିଲା ଏବଂ ଶେଷରେ ଏହାର ପତନ ହେଲା ।

(iii) ସିନ୍ଧୁସଭ୍ୟତାର ବିଲୟରୁ ଅନ୍ୟତମ କାରଣ ହେଲା ଆର୍ଯ୍ୟମାନଙ୍କର ଆଗମନ । ଏହି ମତବାଦ ଅନୁସାରେ ଆର୍ଯ୍ୟମାନେ ଆକ୍ରମଣ କରି ଖ୍ରୀ:ପୂ: ୧୫୦୦ ବେଳକୁ ଏହି ସଭ୍ୟତାର ଧ୍ୱଂସ ସାଧନ କରିଥିଲେ ଏହି ମତବାଦକୁ ଅଧୁନା ବିଶେଷଜ୍ଞମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି ।

ତେଣୁ ଏହି ସଭ୍ୟତାର ବିଲୟ ପାଇଁ କୌଣସି ଗୋଟିଏ କାରଣ ନଥିଲା କିମ୍ବା ହଠାତ୍ ଏହି ସଭ୍ୟତାର ବିଲୟ ହୋଇନଥିଲା । କ୍ରମ ଅନୁସାରେ ଏହାର ବିଲୟ ଘଟିଲା ଏବଂ ଅନ୍ୟାନ୍ୟ ସଂସ୍କୃତି ସହିତ ଏହାର ମିଶ୍ରଣ ଘଟିଲା ।

## INTEXT QUESTIONS 3.6 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ହରପ୍ପା ଲିପିରେ କେତୋଟି ସଙ୍କେତ ଦେଖିବାକୁ ମିଳେ ?

2. ହରପ୍ପା ସଭ୍ୟତାର ବିଲୟ ପାଇଁ କେଉଁ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ଦାୟୀ ଥିଲା ?

3. ହରପ୍ପା ଲିପି କିପରି ଲେଖାଯାଇଥିଲା ? (ଡାହାଣରୁ ବାମକୁ ନା ବାମରୁ ଡାହାଣକୁ)

## 3.11 CHALCOLITHICCOMMUNITIES OF NON-HARAPPAN INDIA- ନୂତନ ତାମ୍ର ପ୍ରସ୍ତର ଯୁଗର ହରପ୍ପା ବ୍ୟତିରେକ ଅନ୍ୟାନ୍ୟ ସ୍ଥାନ


ହରପ୍ପାକୁ ଛାଡ଼ି ନୂତନ ତାମ୍ର ପ୍ରସ୍ତର ଯୁଗର ସ୍ୱାକ୍ଷର ବହନ କରିଥିବା ମୁଖ୍ୟସ୍ଥାନଗୁଡ଼ିକ ପଶ୍ଚିମ ଭାରତ ଏବଂ ଦାକ୍ଷିଣାତ୍ୟରେ ଅବସ୍ଥିତ ଥିଲା । ଏଗୁଡ଼ିକ ମଧ୍ୟରେ ଖ୍ରୀ:ପୂ: ୧୬୦୦ରୁ ଖ୍ରୀ:ପୂ: ୧୯୦୦ ମଧ୍ୟରେ ରାଜସ୍ଥାନର ଦକ୍ଷିଣ-ପୂର୍ବରେ ବାଣ ସଂସ୍କୃତି ଉଦୟପୁର ନିକଟବର୍ତ୍ତୀ ଆହାର ଏବଂ ଜିଲଣ୍ଡରେ ବିସ୍ତାର ଲାଭ କରିଥିଲା । ଖ୍ରୀ:ପୂ: ୨୧୦୦ରୁ ଖ୍ରୀ:ପୂ: ୨୦୦୦ ମଧ୍ୟରେ କାୟଥ ସଂସ୍କୃତି ମଧ୍ୟପ୍ରଦେଶର ଚମ୍ବଲ ଠାରେ ଓ ମାଳବ ସଂସ୍କୃତି ଖ୍ରୀ:ପୂ: ୧୭୦୦ରୁ ଖ୍ରୀ:ପୂ: ୧୪୦୦ ମଧ୍ୟରେ ପଶ୍ଚିମ ମଧ୍ୟପ୍ରଦେଶର ନଭଡଟୋଲି ଠାରେ, ପ୍ରାଧାନ୍ୟ ବିସ୍ତାର କରିଥିଲା । ଏଥି ସହିତ ଜର୍ବ ସଂସ୍କୃତି ଖ୍ରୀ:ପୂ: ୧୪୦୦ରୁ ଖ୍ରୀ:ପୂ: ୭୦୦ ମଧ୍ୟରେ ମହାରାଷ୍ଟ୍ରର ପୁନେ ନିକଟବର୍ତ୍ତୀ ଇନାମଗାଁଓ ଏବଂ ଚାନ୍ଦୋଲି ଠାରେ ବିକାଶ ଲାଭ କରିଥିଲା । ନୂତନ ତାମ୍ର ପ୍ରସ୍ତର ଯୁଗର ପ୍ରମାଣ ମଧ୍ୟ ପୂର୍ବ ଉତ୍ତରପ୍ରଦେଶ, ବିହାର, ବଂଗ (ମାନଚିତ୍ର ୩.୨ )ର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳେ । ହରପ୍ପାକୁ ଛାଡ଼ି ଅନ୍ୟ ସ୍ଥାନରେ ବିକାଶଲାଭ କରିଥିବା ନୂତନ ପ୍ରସ୍ତର ଯୁଗର ସ୍ଥାନଗୁଡ଼ିକରୁ ଆବିଷ୍କୃତ

ଟିପ୍ପଣୀ

ବ୍ୟବହୃତ ହାତହତିଆର ଓ ଆସବାବପତ୍ର ଏବଂ ହରପ୍ପାର ଆସବାବପତ୍ର ମଧ୍ୟରେ ଅନେକ ସାମଞ୍ଜସ୍ୟ ଦେଖାଯାଇଥାଏ । ଉଦାହରଣ ସ୍ୱରୂପ ମୃତ୍ତିକା ନିର୍ମିତ ବିଭିନ୍ନ ପଦାର୍ଥ, କୃଷି ଓ ଶିକାର କାର୍ଯ୍ୟକ୍ରମରେ ପ୍ରାୟ ସମାନତା ପରିଲକ୍ଷିତ ହୋଇଥାଏ ।

## 3.12 TOOLS, IMPLEMENTS AND OTHER OBJECTS
## ହାତହତିଆର, ଆସବାବପତ୍ର ଏବଂ ଅନ୍ୟାନ୍ୟ ପଦାର୍ଥ

ତାମ୍ରପ୍ରସ୍ତର ସଂସ୍କୃତିରେ ମୁଖ୍ୟତଃ ତାମ୍ର ଓ ପ୍ରସ୍ତର ନିର୍ମିତ ହାତହତିଆର ନିର୍ମିତ ହୋଇଥିବାର ଦେଖାଯାଏ । ସେମାନେ ପ୍ରସ୍ତର ନିର୍ମିତ ହାତହତିଆର ତିଆରି କରିବା ପାଇଁ ଚାଲ୍‌ସେଡୋନି (Chalcedony) ଏବଂ କେର୍ଟ (Chert) ବ୍ୟବହାର କରୁଥିଲେ । ସେମାନେ ବ୍ୟବହାର କରୁଥିବା ମୁଖ୍ୟ ହାତହତିଆର ଗୁଡ଼ିକ ଥିଲା ଲମ୍ବା, ଧାରୁଆ ଅସ୍ତ୍ର, ଛୁରୀ, କଟୁରୀ, ବର୍ଚ୍ଛା, ଖଣ୍ଡା ଓ ଢାଲ ଇତ୍ୟାଦି । ଏତଦ୍‌ବ୍ୟତୀତ ସେମାନେ ମଧ୍ୟ ସ୍ୱଚ୍ଛ ପଥର, ଲାଲରଙ୍ଗର ପଥର, ଧୂସର ଚୁମ୍ବକ ପଥର, ଘନନିଳ ରଙ୍ଗର ପଥର, ନୀଳ ଓ ନୀଳ-ସବୁଜ ପଥର, ସବୁଜ ଲୋହିତ ପଥର ଏବଂ ସାମୁକା ଇତ୍ୟାଦିରେ




ମାନଚିତ୍ର ୩.୨ : ନୂତନ ତାମ୍ରପ୍ରସ୍ତର ଯୁଗର ସ୍ଥାନ

ସୁନ୍ଦର ମାଳି ତିଆରି କରୁଥିଲେ । ଏହି ପରିପ୍ରେକ୍ଷୀରେ ଦୟିମାବାଦରୁ ଆବିଷ୍କୃତ ପଦାର୍ଥମାନ ଉଲ୍ଲେଖଯୋଗ୍ୟ । ସଂଗୃହୀତ ଆସବାବପତ୍ର ଗୁଡ଼ିକ ମଧ୍ୟରୁ ବ୍ରୋଞ୍ଜ ନିର୍ମିତ ଗଣ୍ଡା, ହସ୍ତି, ଦୁଇଚକିଆ ରଥ ସହିତ ଚାଳକ ଏବଂ ମଇଁଷି ପ୍ରଧାନ ଅଟେ । ଏଗୁଡ଼ିକ ବୃହତ୍ତ ଆକାରର ଥିଲା ଏବଂ ଏହାର ଓଜନ ୬୦ କିଲୋଗ୍ରାମରୁ ଅଧିକ ଥିଲା । ଚମ୍ବଲ ଉପତ୍ୟକାର କାୟଥରୁ ମଧ୍ୟ ବ୍ରୋଞ୍ଜ ନିର୍ମିତ ଅନେକ ଧାରୁଆ ଅସ୍ତ୍ରଶସ୍ତ୍ର ଆବିଷ୍କୃତ ହୋଇଅଛି । ଏଗୁଡ଼ିକ ତତ୍କାଳୀନ କୁଶଳୀ କାରିଗରମାନଙ୍କର କଳା ନୈଶୁଣ୍ୟତା ପରିଚୟ ପ୍ରଦାନ କରିଥାଏ ।

## 3.13 SUBSISTENCE ECONOMY- ଅର୍ଥନୈତିକ ସହବସ୍ଥାନ

ଏହି ସଭ୍ୟତର ଅଧିବାସୀମାନଙ୍କର ପ୍ରଧାନ ଜୀବିକା ଥିଲା କୃଷି ଓ ପଶୁପାଳନ । ଏଥିସହିତ ସେମାନେ ଶିକାର କରିବା ସହିତ ମାଛ ମଧ୍ୟ ଧରୁଥିଲେ । ଏହି ସମୟର ମୁଖ୍ୟ ଶସ୍ୟଥିଲା- ଧାନ, ଯବ, ଗହମ, ମକା, ବିରି ଓ ମୁଗ ଇତ୍ୟାଦି । ଏହି ସଭ୍ୟତା ବିସ୍ତାର କରିଥିବା ଅଞ୍ଚଳରେ ମୁଖ୍ୟତଃ କୃଷ୍ଣକାର୍ପାସ୍ ମୃତ୍ତିକା ଅଧିକ ଥିବାରୁ ଏହି ଅଞ୍ଚଳରେ ଅଧିକ କପାଚାଷ ମଧ୍ୟ କରାଯାଉଥିଲା । ଏହି ଅଞ୍ଚଳରୁ ଆବିଷ୍କୃତ କଙ୍କାଳ ପ୍ରମାଣ କରେ ଯେ ସେମାନେ ବିଭିନ୍ନ ପ୍ରକାର ପଶୁଙ୍କୁ ପାଳନ କରୁଥିଲେ । ସେମାନଙ୍କ ପାଳିତ ପ୍ରଧାନ ପଶୁଗୁଡ଼ିକ ଥିଲେ ଗୋରୁଗାଈ, ମେଣ୍ଢା, ଛେଳି, କୁକୁର, ଘୁଷୁରି ଏବଂ ଘୋଡ଼ା । ବଣୁଆପଶୁମାନଙ୍କ ମଧ୍ୟରେ ନୀଳଗାଈ, ବାରାହା, ସମ୍ବର, ଚିତାବାଘ, ମଇଁଷି, ଏକ ଶିଙ୍ଗିଆ ଜଳହସ୍ତି, ଅନ୍ୟାନ୍ୟ ଜଳ ଜୀବମାନଙ୍କର ଅସ୍ଥି ମଧ୍ୟ ମିଳିଅଛି ।

## 3.14 HOUSES AND HABITATIONS - ଗୃହନିର୍ମାଣ ସାମଗ୍ରୀ

ବ୍ରୋଞ୍ଜ ପ୍ରସ୍ତର ସଭ୍ୟତା ମୁଖ୍ୟତଃ ଥିଲା ଗ୍ରାମଭିତ୍ତିକ ସଭ୍ୟତା । ଏଠିକାର ଅଧିବାସୀ ମାଟିକାନ୍ଥ ଏବଂ ଚାଳଛପର ହୋଇଥିବା ଚାରିକୋଣୀଆ ଏବଂ ଗୋଲାକାର ଗୃହରେ ବାସକରୁଥିଲେ । ଏଥିମଧ୍ୟରୁ ଅଧିକାଂଶ ବାସଗୃହ ଏକ କକ୍ଷ ବିଶିଷ୍ଟ ଥିଲା ବେଳେ କେତେକ ଦୁଇ ବା ତିନିକକ୍ଷ ବିଶିଷ୍ଟ ଥିଲା । ଏହି ବାସଗୃହର ଚଟାଣ ଗୁଡ଼ିକ ନଈଗୋଡ଼ି ମିଶ୍ରିତ ପୋଡ଼ାମାଟିରେ ନିର୍ମିତ ହୋଇଥିଲା । ମହାରାଷ୍ଟ୍ରରେ ଏହିପରି ଦୁଇଶହ ବାସଗୃହର ସନ୍ଧାନ ମିଳିଅଛି । ଇନାମଗାଁଓ ଠାରେ ମିଳିଥିବା ବାସଗୃହଗୁଡ଼ିକରୁ ଜଣାଯାଏ ଯେ ଏହି ବସତିଗୁଡ଼ିକ ଯୋଜନାଭିତ୍ତିକ ଥିଲା ।

## INTEXT QUESTIONS 3.7 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରରେ ଗୋଟିଏ ଗୋଟିଏ ତାମ୍ର ପସ୍ତର ଯୁଗର ଅବସ୍ଥିତି ନାମ ଲେଖ ।

______________________________

2. ତାମ୍ରପ୍ରସ୍ତର ଯୁଗରେ ହାତ ହତିଆର ନିର୍ମାଣ ପାଇଁ କେଉଁ ଧାତୁ ବ୍ୟବହାର କରାଯାଉଥିଲା ?

______________________________

3. ତାମ୍ରପ୍ରସ୍ତର ସଭ୍ୟତାର ବାସଗୃହଗୁଡ଼ିକ କେଉଁଥିରେ ନିର୍ମିତ ହୋଇଥିଲା ?

______________________________

4. ତାମ୍ରପ୍ରସ୍ତର ସଂସ୍କୃତି ________ ଭିତ୍ତିକ ଥିଲା ? (ଗ୍ରାମ / ସହର)

______________________________

5. ହରପ୍ପାକୁ ଛାଡ଼ି ଦୁଇଟି ତାମ୍ରପ୍ରସ୍ତର ସଭ୍ୟତାର ସ୍ଥାନର ନାମ ଲେଖ ।

______________________________

ଟିପ୍ପଣୀ

## WHAT YOU HAVELEARNT- ଆମେ କ'ଣ ଶିଖିଲେ

ଭାରତୀୟ ଉପମହାଦେଶର ପ୍ରଥମ ସହରୀ ସଭ୍ୟତା ହେଉଛି ହରପ୍ପା ସଭ୍ୟତା । ପ୍ରତ୍ନତାତ୍ତ୍ୱିକ ଆବିଷ୍କାରରୁ ଜଣାପଡ଼େ ଯେ ଏହି ସଂସ୍କୃତି ପ୍ରାରମ୍ଭିକ ଅବସ୍ଥାରେ ଗ୍ରାମଭିତ୍ତିକ ଥିଲା । ହରପ୍ପା, ମହେଞ୍ଜୋଦାରୋ, ଚାନହୁଦାରୋ, କାଲିବାଙ୍ଗାନ, ଲୋଥାଲ୍, ବନଓ୍ୱାଲି, ରାଖିଗଡ଼ି ଏବଂ ଢୋଲଭିରା ଇତ୍ୟାଦି ହରପ୍ପା ସଭ୍ୟତାର ମୁଖ୍ୟ ସ୍ଥାନଥିଲା । ଉତ୍ତମ ଯୋଜନାଭିତ୍ତିକ ସହରମାନ ହରପ୍ପାରେ ଦେଖାଯାଏ । ଏହି ସହରଗୁଡ଼ିକ ଦୁଇଭାଗରେ ବିଭକ୍ତ । ପ୍ରତ୍ୟେକ ସହରର ଉଚ୍ଚସ୍ଥାନରେ ବୃହତ୍ତ ଅଟ୍ଟାଳିକାମାନ ଥିଲା ବେଳେ ନିମ୍ନଭାଗରେ ସାଧାରଣ ବାସଗୃହ ଗୁଡ଼ିକ ଦେଖାଯାଏ । ବାସଗୃହ ଗୁଡ଼ିକ ପୋଡ଼ାଇଟାରେ ନିର୍ମିତ ହୋଇଥିଲା । ପ୍ରତ୍ୟେକ ସହରର ଜଳ ନିଷ୍କାସନ ବ୍ୟବସ୍ଥା ରହିଥିଲା । ବୃହତ କାରୁକାର୍ଯ୍ୟ ମଧରେ ମହେଞ୍ଜୋଦାରୋ ଠାରେ ଥିବା ବୃହତ୍ ସ୍ନାନାଗାର, ହରପ୍ପାରେ ଥିବା ବୃହତ ଶସ୍ୟାଗାର ଏବଂ ଲୋଥାଲ ଠାରେ ଥିବା ପୋତାଶ୍ରୟ ପ୍ରଧାନ ଥିଲା । ହରପ୍ପା ଅଧିବାସୀ କୃଷି ଓ ପଶୁପାଳନ ଦ୍ୱାରା ଜୀବିକା ନିର୍ବାହ କରୁଥିଲେ । ଯଦିଓ ସେ ସମୟରେ କୁଶଳୀ କାରିଗରମାନେ ବିଭିନ୍ନ ଧାତୁରେ ଆସବାବପତ୍ର ଓ ହାତ ହତିଆର ନିର୍ମାଣ କରିଥିଲେ, ତଥାପି ପ୍ରସ୍ତର ନିର୍ମିତ ହାତହତିଆର ଗୁଡ଼ିକ ସାଧାରଣ ଭାବେ ବ୍ୟବହୃତ ହେଉଥିଲା । ସେମାନେ ମାଳି, ଟେରାକୋଟା ପ୍ରତିମୂର୍ତ୍ତି, ମାଟିପାତ୍ର ଏବଂ ବିଭିନ୍ନ ପ୍ରକାରର ମୋହର ନିର୍ମାଣ କରୁଥିଲେ । ହରପ୍ପା ଅଧିବାସୀ ଆର୍ନ୍ତବାଣିଜ୍ୟ ଓ ବର୍ହିବାଣିଜ୍ୟରେ ସିଦ୍ଧହସ୍ତ ଥିଲେ । ସେମାନେ ଓମାନ୍, ବାହାରିନ୍ ଓ ପାରସ୍ୟ ଉପସାଗରୀୟ ମଧ ଦେଇ ମେସୋପୋଟାମିଆ ସହିତ ବାଣିଜ୍ୟିକ ସମ୍ପର୍କ ପ୍ରତିଷ୍ଠା କରିଥିଲେ । ବଣିକମାନେ ବିଭିନ୍ନ ପ୍ରକାରର ଦ୍ରବ୍ୟ ଆମଦାନି ଓ ରପ୍ତାନୀ କରୁଥିଲେ । ହରପ୍ପା ସମାଜ ମୁଖ୍ୟତଃ ମାତୃକେନ୍ଦ୍ରିକ ଥିଲା । ହରପ୍ପାର ଅଧିବାସୀ ବିଭିନ୍ନ ପ୍ରକାରର କୌଳିକ ବୃତ୍ତି ଅବଲମ୍ବନ କରିଥିଲେ । ସେମାନଙ୍କ ମଧରେ ଥିଲେ ପୁରୋହିତଶ୍ରେଣୀ, ଚିକିତ୍ସକ, ଯୋଦ୍ଧା, କୃଷକ, ବଣିକ, କାରିଗର ଓ ଶିଳ୍ପୀ । ସେମାନେ ତୁଳା ଓ ପଶମ ନିର୍ମିତ ସାଧାରଣ ପୋଷାକ ପରିଧାନ କରୁଥିଲେ । ସେମାନେ ବିଭିନ୍ନ ପ୍ରକାରର ଅଳଙ୍କାର ଦ୍ୱାରା ନିଜକୁ ସୁସଜ୍ଜିତ କରୁଥିଲେ । ହରପ୍ପା ଅଧିବାସୀ ମାତୃକାଦେବୀ, ପଶୁପତି ଶିବ, ବୃକ୍ଷ ଏବଂ ବିଭିନ୍ନ ପଶୁମାନଙ୍କୁ ପୂଜା କରୁଥିଲେ । ସେମାନେ ପର୍ବପର୍ବାଣୀ ଓ ଉତ୍ସବ ପାଳନ କରୁଥିଲେ । ସେମାନେ ଶିକ୍ଷିତ ଥିଲେ ଏବଂ ସେମାନଙ୍କର ଲିପି ଥିଲା ଧ୍ୱନିସୂଚକ ; କିନ୍ତୁ ଅଦ୍ୟାବଧି ଏହି ଲିପିର ପାଠୋଦ୍ଧାର ହୋଇପାରି ନାହିଁ । ଏହାର ପାଠୋଦ୍ଧାର ହେଲେ, ଆମେ ହରପ୍ପା ସଂସ୍କୃତି ବିଷୟରେ ଆହୁରି ଅଧିକ ତଥ୍ୟ ପାଇପାରିବା । ବିଶେଷଜ୍ଞମାନେ ହରପ୍ପାର ପତନ ପାଇଁ ବିଭିନ୍ନ କାରଣ ଯଥା ପ୍ରାକୃତିକ ବିପର୍ଯ୍ୟୟ, ଜଳବାୟୁରେ ଉଷ୍ଣତା ବୃଦ୍ଧି ଏବଂ ଆର୍ଯ୍ୟମାନଙ୍କର ଆକ୍ରମଣ ଇତ୍ୟାଦିକୁ ଦର୍ଶାଇଅଛନ୍ତି । ପ୍ରତ୍ନତତ୍ତ୍ୱ ର ସୂଚନା ଅନୁଯାୟୀ ଏହି ସଭ୍ୟତା ହଠାତ୍ ବିଲୟ ନହୋଇ କ୍ରମାନ୍ୱୟରେ ଏହାର ପତନ ଘଟିଥିଲା ।

## TERMINAL QUESTIONS - ନିଜକୁ ନିଜେ ପରିଖିବା

1. ହରପ୍ପା ନଗର ଯୋଜନାର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ବର୍ଣ୍ଣନା କର ।
2. ହରପ୍ପା ସଭ୍ୟତାର ଶିଳ୍ପ ଓ କାରିଗରୀ ଉପରେ ଏକ ଟିପ୍ପଣି ଦିଅ ।
3. ହରପ୍ପା ଏବଂ ମେସୋପୋଟାମିଆ ମଧରେ ଥିବା ବାଣିଜ୍ୟିକ ସମ୍ପର୍କ ଉପରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।
4. ହରପ୍ପା ଅଧିବାସୀଙ୍କ ଧର୍ମୀୟ ଜୀବନର ମୁଖ୍ୟ ବୈଶିଷ୍ଟ୍ୟ ଆଲୋଚନା କର ।
5. ହରପ୍ପା ସଭ୍ୟତାର ପତନ କିପରି ହେଲା ବର୍ଣ୍ଣନା କର ।
6. ହରପ୍ପାକୁ ଛାଡ଼ି ଅନ୍ୟାନ୍ୟ ତାମ୍ରପ୍ରସ୍ତର ସଭ୍ୟତାର ଅଧିବାସୀଙ୍କ ଜୀବନ ଉପରେ ଆଲୋକପାତ କର ।

## ANSWERS TO INTEXT QUESTIONS - ପ୍ରତ୍ୟାଶିତ ପୂର୍ବଜ୍ଞାନ

**3.1**

1. ସିନ୍ଧୁନଦୀ ସଭ୍ୟତାକୁ ହରପ୍ପା ସଭ୍ୟତା କୁହାଯାଏ, କାରଣ ହରପ୍ପା ହେଉଛି ପ୍ରଥମସ୍ଥାନ ଯେଉଁଠାରୁ ଏହି ସଭ୍ୟତାର ଚିହ୍ନ ଆବିଷ୍କୃତ ହୋଇଥିଲା ।
2. (i) ପ୍ରାକ୍ ହରପ୍ପା ସଭ୍ୟତାର ସମୟ ଥିଲା ଖ୍ରୀ:ପୂ: ୩୫୦୦ରୁ ଖ୍ରୀ:ପୂ: ୨୬୦୦ ।
   (ii) ମଧ ହରପ୍ପା ସଭ୍ୟତାର ସମୟ ଥିଲା ଖ୍ରୀ:ପୂ: ୨୬୦୦ରୁ ଖ୍ରୀ:ପୂ: ୧୯୦୦ ।
   (iii) ଶେଷ ହରପ୍ପା ସଭ୍ୟତାର ସମୟ ଥିଲା ଖ୍ରୀ:ପୂ: ୧୯୦୦ରୁ ଖ୍ରୀ:ପୂ: ୧୪୦୦ ।
3. ହରିୟାଣାର ବନୱାଲୀ, ରାଖିଗଡ଼ି ଏବଂ ଗୁଜୁରାଟ୍‌ର ଲୋଥାଲ୍ ଏବଂ ଢୋଲଭିରା ।
4. ଆର.ଡି. ବାନାର୍ଜୀ
5. ରବି
6. ସହରୀ ସଂସ୍କୃତିର ମୁଖ୍ୟ ଉପାଦାନ ଥିଲା ଯୋଜନା ଭିତ୍ତିକ ସହର, ଉଚ୍ଚକୋଟୀର କଳା, କାରିଗରି, ବାଣିଜ୍ୟ, କରବ୍ୟବସ୍ଥା ଏବଂ ଲିପି ।

**3.2**

1. ପାଶ୍ଚାତ୍ୟ
2. ପୋଡ଼ାଇଟା
3. ମହେଞ୍ଜୋଦାରୋ
4. ପୋତାଶ୍ରୟ

**3.3**

1. ଗୋପାଳନ ବା ପଶୁପାଳନ
2. ଗହମ, ବାର୍ଲି, ଜଅ, ସୋରିଷ
3. ଲୋଥାଲ ଏବଂ ରଙ୍ଗପୁର
4. ମହେଞ୍ଜୋଦାରୋ
5. ମାଳିତିଆରି, ମୃତ୍ତିକା ପାତ୍ର ନିର୍ମାଣ
6. ରାଜସ୍ଥାନର କ୍ଷେତ୍ରୀ ଖଣି

**3.4**

1. ମାତୃକୈନ୍ଦ୍ରିକ
2. ହରପ୍ପା
3. ତୁଳା ଏବଂ ପଶମ

**3.5**

1. ମହେଞ୍ଜୋଦାରୋ
2. ଅଶ୍ୱସ୍ଥ ବୃକ୍ଷ
3. ହଁ, କାଲିବାଙ୍ଗାନ୍ ଏବଂ ଲୋଥାଲ୍
4. ଲୋଥାଲ



ଟିପ୍ପଣୀ



**3.6**

1. ୪୦୦
2. ବନ୍ୟ, ଭୂମିକମ୍ପ
3. ଡାହାଣରୁ ବାମକୁ

**3.7**

1. ମଧ୍ୟପ୍ରଦେଶର ନଉଦାଟୋଲି ଏବଂ ମହାରାଷ୍ଟ୍ରର ଇନାମ୍‌ଗାଁ
2. ପ୍ରସ୍ତର, ତାମ୍ର
3. ମାଟି
4. ଗ୍ରାମଭିତ୍ତିକ
5. ମଧ୍ୟପ୍ରଦେଶର କାୟଥ ସଂସ୍କୃତି ଏବଂ ମହାରାଷ୍ଟ୍ରର ଜୋରବ୍ ସଂସ୍କୃତି ।

**HINTS TO TERMINAL QUESTIONS**

1. ୩.୨ ଭାଗକୁ ଦେଖ
2. ୩.୪(i)ଭାଗକୁ ଦେଖ
3. ୩.୪(ii) ଭାଗକୁ ଦେଖ
4. ୩.୮ ଭାଗକୁ ଦେଖ
5. ୩.୧୦ ଭାଗକୁ ଦେଖ
6. ୩.୧୩ ଏବଂ ୩.୧୪ ଭାଗକୁ ଦେଖ

**GLOSSARY- ସ୍ୱତନ୍ତ୍ର ଶବ୍ଦର ଅର୍ଥଥିବା ତାଲିକା**

Animism : ଆନିମିଜିମ୍- ପ୍ରକୃତିପୂଜା-

BRW : ବିଆରଡବ୍ଲ୍ୟୁ- ତାମ୍ର ପ୍ରସ୍ତର ଯୁଗରେ ଆବିଷ୍କୃତ କଳା ଏବଂ ଲାଲ ରଙ୍ଗର ମୃତିକା ପାତ୍ର ।

Citadel : ସିଟାଡେଲ- ହରପ୍ପା ସହରର ପଶ୍ଚିମ ପାର୍ଶ୍ୱସ୍ଥ ଉଚ୍ଚସ୍ଥାନ ।

Ideograms : ଇଡିଓଗ୍ରାମ୍‌ସ- ଭାବର ପ୍ରକାଶ ପାଇଁ ସଙ୍କେତ ।

Lapislazuli : ଲାପିସ ଲାଜୁଲି- ହରପ୍ପା ସଭ୍ୟତା ସମୟରେ ଆଫଗାନିସ୍ଥାନ ଅଞ୍ଚଳରୁ ଆବିଷ୍କୃତ ଏକ ଉଜ୍ଜ୍ୱଳ ଘନନୀଳ ରଙ୍ଗର ପଥର ଯାହା ଅଳଙ୍କାର ନିର୍ମାଣରେ ବ୍ୟବହୃତ ହେଉଥିଲା ।

Mesopotamia : ମେସୋପୋଟାମିଆ- ଇରାକରେ ପ୍ରବାହିତ ଇଉଫ୍ରେଟିସ୍ ଏବଂ ଟାଇଗ୍ରେସ୍ ନଦୀ ଦ୍ୱୟର ମଧ୍ୟବର୍ତ୍ତି ସ୍ଥାନ ।

OCP : ଓସିପି- ଇସତ୍ ଗେରୁ ରଙ୍ଗର ମୃତ୍‌ପାତ୍ର ।





| | | |
|---|---|---|
| Pastoralism | : | ପାଷ୍ଟୋରାଲିଜିମ୍- ପଶୁପାଳନ । |
| Proto-Siva | : | ଶିବଙ୍କର ପ୍ରଥମ ରୂପ, ଯେଉଁଥିରୁ ପରବର୍ତ୍ତୀ ସମୟରେ ଅନ୍ୟରୂପ ଗୁଡ଼ିକ ସୃଷ୍ଟି ହୋଇଥିଲା । |
| Steatite | : | ଧୂଷର ଚୂର୍ଣ୍ଣକ ପଥର ଯେଉଁଥିରେ ହରପ୍ପା ସଭ୍ୟତାରେ ମୋହରଗୁଡ଼ିକ ତିଆରି ହେଉଥିଲା । |
| Surplus | : | ବଳକା ବା ଆବଶ୍ୟକତା ଠାରୁ ଉତ୍ପାଦନ । |
| Unicorn | : | ହରପ୍ପା ମୋହରରୁ ଆବିଷ୍କୃତ ଏକ ଶିଙ୍ଗଥିବା ପଶୁ । |
| Urbanisation | : | ସହରୀକରଣ ଯେଉଁଥିରେ ଆମ୍ଭେ ଦେଖିବାକୁ ପାଇବା ଅଧିକ ଉତ୍ପାଦନକ୍ଷମ କୃଷି । ଉନ୍ନତ କଳାକୌଶଳ ଓ କାରିଗରୀ ଶିଳ୍ପ, ବାଣିଜ୍ୟ, ଲିପି, ବୃହତ୍ତ ଅଟ୍ଟାଳିକା ଓ ସମୃଦ୍ଧ ସମାଜ । |

ଟିପ୍ପଣୀ

# 4

## ବୈଦିକଯୁଗ ଖ୍ରୀ:ପୂ: ୧୫୦୦-ଖ୍ରୀ:ପୂ: ୬୦୦

ଆମେ ପୂର୍ବ ଅଧ୍ୟାୟରେ ହରପ୍ପା ସଭ୍ୟତା ବିଷୟରେ ପଢ଼ିଲେ । ହରପ୍ପା ଅଧିବାସୀ ଯୋଜନାଭିତ୍ତିକ ନଗରମାନଙ୍କରେ ବାସକରୁଥିଲେ । ସେମାନଙ୍କର ମଧ ସୁସଂଗଠିତ ବାଣିଜ୍ୟ ଓ କାରିଗରୀ ଶିଳ୍ପ ରହିଥିଲା । ସେମାନେ ଏକ ଲିପି ଉଦ୍ଭାବନ କରିଥିଲେ, ଯାହାକି ଆଜିପର୍ଯ୍ୟନ୍ତ ପାଠ କରାଯାଇପାରି ନାହିଁ । ଖ୍ରୀ:ପୂ: ୧୯୦୦ ବେଳକୁ ଏହି ନଗରଗୁଡ଼ିକର ପତନ ଆରମ୍ଭ ହେଲା । ଏହାପରେ ଗ୍ରାମଭିତ୍ତିକ ବସତିମାନ ସ୍ଥାପିତ ହେବାର ଦେଖାଗଲା । ଏହି ବସତି ମଧରେ କେତୋଟି ହରପ୍ପା ବସତି ମଧ ଦେଖାଗଲା । ପ୍ରତ୍ନତତ୍ତ୍ୱ ଖନନ ଦ୍ୱାରା ଆବିଷ୍କୃତ ତଥ୍ୟ ଅନୁଯାୟୀ ଏହି ସମୟରେ ମଧ ଆର୍ଯ୍ୟ ବା ଇଣ୍ଡୋ-ଆର୍ଯ୍ୟ ବା ଭାରତାର୍ଯ୍ୟ ନାମକ ଏକ ନୂଆ ଜାତିର ପଦାର୍ପଣ ଏଠାରେ ଦେଖିବାକୁ ମିଳିଲା । ଏହି ଅଧାୟରେ ଆମ୍ଭେମାନେ ଏହି ନୂଆ ଜାତି ବିଷୟରେ ପଢ଼ିବା । ସେମାନେ କେଉଁ ପରିସ୍ଥିତିରେ ଏଠାରେ ପହଞ୍ଚିଲେ ସେ ବିଷୟରେ ଜାଣିବା । ସେମାନଙ୍କ ସାଂସ୍କୃତିକ ଲକ୍ଷଣଗୁଡ଼ିକ ସଂବଂଧରେ ଆମ୍ଭେମାନେ 'ବେଦ'ର ବର୍ଣ୍ଣନାରୁ ଅବଗତ ହେବା ।

### OBJECTIVES - ଉଦ୍ଦେଶ୍ୟ

**ଏହି ଅଧ୍ୟାୟକୁ ପଢ଼ିସାରିଲା ପରେ ଆମ୍ଭେମାନେ ଜାଣିବାକୁ ପାଇବା:**

- ଆମ୍ଭେ ବୈଦିକ ସାହିତ୍ୟ ଓ ତହିଁରେ ଥିବା ବିଷୟବସ୍ତୁର ଲକ୍ଷଣ ସଂବଧରେ ଜାଣିବା ।
- ଆର୍ଯ୍ୟମାନଙ୍କ ବିଷୟରେ ଏବଂ ସେମାନଙ୍କର ଆଦିବାସସ୍ଥାନ ବିଷୟରେ ଜାଣିବା ।
- ଖ୍ରୀ:ପୂ: ୧୫୦୦ରୁ ଖ୍ରୀ:ପୂ:୧୦୦୦ ମଧରେ ଆଦ୍ୟବୈଦିକ ଯୁଗ ଏବଂ ଖ୍ରୀ:ପୂ: ୧୦୦୦ରୁ ଖ୍ରୀ:ପୂ: ୬୦୦ ମଧରେ ପରବର୍ତ୍ତୀ ବୈଦିକ ଯୁଗର ଅଧିବାସୀଙ୍କ ବିଷୟରେ ଜାଣିବା ।
- ପରବର୍ତ୍ତୀ ବୈଦିକ ଯୁଗରେ ଆରମ୍ଭ ହୋଇଥିବା ଲୌହ ନିର୍ମିତ ହାତ ହତିଆର ଓ ଆସବାବପତ୍ରର ବ୍ୟବହାରର ପ୍ରାଧାନ୍ୟ ଓ ପ୍ରଭାବ ବିଷୟରେ ବୁଝିବା ।
- ଖ୍ରୀ:ପୂ: ୧୦୦୦ରୁ ଖ୍ରୀ:ପୂ: ୬୦୦ ମଧରେ ବୈଦିକ ଅଧିବାସୀଙ୍କ ରାଜନୈତିକ, ସାମାଜିକ, ଧାର୍ମିକ ଓ ଅର୍ଥନୀତିକ ଜୀବନରେ କି ପ୍ରକାର ପରିବର୍ତ୍ତନ ସଂଘଠିତ ହୋଇଥିଲା, ତାକୁ ବର୍ଣ୍ଣନା କରିବା ।

### 4.1 THE VEDIC TEXTS - ବୈଦିକ ସାହିତ୍ୟ

ବେଦ କ'ଣ ? ବେଦ ଶବ୍ଦଟି ସଂସ୍କୃତ ମୂଳଶବ୍ଦ 'ବିଦ୍'ରୁ ଉଦ୍ଭୂତ, ଯାହାର ଅର୍ଥହେଉଛି 'ଜାଣିବା' ବା 'ଜ୍ଞାନ' । ବୈଦିକ ଶାସ୍ତ୍ରରେ ବର୍ଣ୍ଣିତ ଆଧାତ୍ମିକ ଓ ପବିତ୍ର ଜ୍ଞାନ ହେଉଛି ବେଦ । ବୈଦିକ ସାହିତ୍ୟ ଦୁଇ ପ୍ରକାରରେ ରଚିତ ହୋଇଥିଲା । ପଦ୍ୟ ବିଭାଗକୁ ମନ୍ତ୍ର କୁହାଯାଉଥିଲା ବେଳେ ଗଦ୍ୟ ବିଭାଗକୁ ବ୍ରାହ୍ମଣ କୁହାଯାଉଥିଲା । ପଦ୍ୟ ଆକାରରେ ରଚିତ ବୌଦିକ ସାହିତ୍ୟ ଚାରି ଭାଗରେ ବିଭକ୍ତ ।



ଟିପ୍ପଣୀ

ସେଗୁଡ଼ିକ ହେଲା ଋକ୍‌ବେଦ, ସାମବେଦ, ଯର୍ଜ୍ଜୁରବେଦ ଏବଂ ଅଥର୍ବ ବେଦ । ଏଥିରେ ବ୍ରାହ୍ମଣ କହିଲେ 'ବ୍ରାହ୍ମଣଜାତି'କୁ ବୁଝାଏ ନାହିଁ । ଏହା ହେଉଛି ବେଦରେ ରଚିତ ବିଭିନ୍ନ ମନ୍ତ୍ର ତଥା ଯାଗଯଜ୍ଞ ବିଷୟରେ ଗଦ୍ୟ ଆକାରରେ ବାଖ୍ୟା । ବେଦର ଅନ୍ୟନାମ ହେଉଛି 'ଶୃତି' । ମୁନି ଋଷିମାନେ ଏହାକୁ ଶୁଣି ଶୁଣି ମନେ ରଖିବାରୁ ଏହାର ନାମ ଏପରି ହୋଇଅଛି । ଏତଦ୍‌ବ୍ୟତୀତ ଆରଣ୍ୟକ ଓ ଉପନିଷଦ ବ୍ରାହ୍ମଣ ଇତ୍ୟାଦି ଏହାର ବିଭିନ୍ନ ବାଖ୍ୟା ଯାହାକୁ 'ବେଦାନ୍ତ' କୁହାଯାଏ । ଏହି ଅନ୍ତିମ ଭାଗରେ ଦାର୍ଶନିକ ତତ୍ତ୍ୱ ଉପରେ ଆଲୋଚନା ଦେଖିବାକୁ ମିଳେ ।

ଋକ୍‌ବେଦ ଆର୍ଯ୍ୟମାନଙ୍କର ସର୍ବପ୍ରାଚୀନ ଗ୍ରନ୍ଥ । ଏହି ପ୍ରଥମ ଭାଗରେ ଆଦ୍ୟ ସାମାଦିକ ପରମ୍ପରା ପ୍ରତିଫଳିତ ହୋଇଛି । ସେ ସମୟର ପ୍ରସିଦ୍ଧ ଘଟଣାବଳୀ ଓ ସାମାଜିକ ଜୀବନ ଉପରେ ବେଦରୁ ସୀମିତ ତଥ୍ୟ ମିଳିଥାଏ । ଋକ୍‌ବେଦରେ ରହିଛି ୧୦ଟି ମଣ୍ଡଳ ବା ଅଧାୟ ଓ ୧୦୨୮ଟି ସୂକ୍ତ ବା ସ୍ତୁତି । ସାମବେଦରେ ରହିଛି ପ୍ରାର୍ଥନା ଓ ସ୍ତୁତି । ଏଥିରେ ସ୍ୱର ସଂଯୋଗ ହୋଇଥିଲା ଏବଂ ଏହାକୁ ଗାନ କରାଯାଇଥିଲା । ଯର୍ଜୁବେଦରୁ ଆର୍ଯ୍ୟମାନଙ୍କ ଏକ ପରିବର୍ତ୍ତନର ଆଭାସ ମିଳେ । ପୂର୍ବରୁ ଆର୍ଯ୍ୟମାନଙ୍କର ଥିବା ସରଳ ଜୀବନଧାରା ଏହି ସମୟରେ ବୈଦିକ କର୍ମକାଣ୍ଡ ମଧରେ ଜଟିଳ ହୋଇଗଲା । ଏହିବେଦରେ ପୂଜାପଦ୍ଧତି ବାଖ୍ୟା କରାଯାଇଛି । ଏହାକୁ ଶୁକ୍ଲ ଯର୍ଜୁବେଦ ଏବଂ କୃଷ୍ଣ ଯର୍ଜୁବେଦ ଆଦି ଦୁଇ ଭାଗରେ ବିଭକ୍ତ କରାଯାଇଛି । ଏଥିରେ ଅନେକ କର୍ମକାଣ୍ଡ ରହିଛି, ଯାହାକୁ ବ୍ୟକ୍ତିଗତ ଭାବରେ ଅଥବା ସାମୂହିକ ଭାବରେ ପାଳନ କରାଯାଉଥିଲା । ଅଥର୍ବବେଦରେ ମନ୍ତ୍ର, ଯନ୍ତ୍ର, ଇନ୍ଦ୍ରଜାଲ ବିଷୟରେ ବର୍ଣ୍ଣନା କରାଯାଇଛି । ଭୂତ, ପ୍ରେତ, ରୋଗବ୍ୟାଧିରୁ ମୁକ୍ତି ପାଇବା ପାଇଁ ଗୁଣିଗାରେଡ଼ି କଥା ଏଥିରେ ଲିଖିତ । ବହୁଦିନ ପର୍ଯ୍ୟନ୍ତ ଏହାକୁ ବେଦର ମାନ୍ୟତା ଦିଆଯାଇ ନଥିଲା । ପରବର୍ତ୍ତୀ କାଳରେ ଏହା ଚତୁର୍ଥ ବେଦ ରୂପେ ସ୍ୱୀକୃତି ଲାଭ କଲା ।

ଏକ ସୂକ୍ଷ୍ମ ଅନୁଶୀଳନ ଦ୍ୱାରା ଜଣାଯାଏ ଯେ ବୈଦିକ ଯୁଗର ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ଉତ୍‌ଥାନ ଦୁଇଟି ପର୍ଯ୍ୟାୟରେ ହୋଇଥିଲା । ଋକ୍‌ବେଦ ଥିଲା ବୌଦିକ ଯୁଗର ଆଦିଗ୍ରନ୍ଥ । ଏଥିରେ ବୈଦିକ ଯୁଗର ପ୍ରାରମ୍ଭିକ ସାମାଜିକ ଓ ସାଂସ୍କୃତିକ ଅବସ୍ଥା ଉପରେ ଆଲୋକପାତ ହୋଇଛି । ତେଣୁ ଏହି ସମୟକୁ ଆଦି ବା ଆଦ୍ୟ ବୈଦିକ ଯୁଗର ବୋଲି ଅଭିହିତ କରାଯାଇଛି । ଏହାର ପରବର୍ତ୍ତୀ ସମୟକୁ ପରବର୍ତ୍ତୀ ବୈଦିକ ଯୁଗ ରୂପେ ବର୍ଣ୍ଣନା କରାଯାଇଛି । ଋକ୍‌ବେଦ ରଚନା କାଳକୁ ଐତିହାସିକମାନେ ଖ୍ରୀ: ପୂ: ୧୫୦୦ରୁ ଖ୍ରୀ:ପୂ: ୧୦୦୦ ମଧରେ ବୋଲି ସ୍ଥିର କରାଯାଇଅଛି ଏବଂ ପରବର୍ତ୍ତୀ ବୈଦିକ ଯୁଗର ସମୟସୀମା ଖ୍ରୀ:ପୂ: ୧୦୦୦ରୁ ଖ୍ରୀ:ପୂ: ୬୦୦ ମଧରେ ସ୍ଥିରକରାଯାଇଛି । ଏବେ ଋକ୍‌ବେଦ UNESCOରେ ବିଶ୍ୱମାନବ ସଭ୍ୟତାର ସାହିତ୍ୟ ମଧରେ ସାମିଲ ହୋଇଛି ।

## INTEXT QUESTIONS 4.1 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ବେଦ କହିଲେ କ'ଣ ବୁଝ ?

2. କେଉଁ ବୈଦିକ ଗ୍ରନ୍ଥରେ କେବଳ ମନ୍ତ୍ର ଦେଖିବାକୁ ମିଳେ ?


3. କେଉଁ ଶାସ୍ତ୍ରକୁ ଶୃତି କୁହାଯାଏ ?

4. ବ୍ରାହ୍ମଣରେ କ'ଣ ବର୍ଣ୍ଣନା କରାଯାଇଛି ?

5. ବେଦାନ୍ତ କହିଲେ କ'ଣ ବୁଝ ?

## 4.2 MIGRATION OF THE ARYANS- ଆର୍ଯ୍ୟମାନଙ୍କର ଭାରତ ଆଗମନ

ଆର୍ଯ୍ୟମାନେ ଥିଲେ ବେଦର ରଚୟିତା । କିନ୍ତୁ ଏହି ଆର୍ଯ୍ୟମାନେ କିଏ ? ଉନବିଂଶ ଶତାବ୍ଦୀରେ ଆର୍ଯ୍ୟମାନେ ଗୋଟିଏ ଜାତିଥିଲେ ବୋଲି ଜଣାଯାଏ । ଇଣ୍ଡୋ-ଇଉରୋପୀୟ ବା ଭାରୋପୀୟ ଭାଷା ଜାଣିଥିବା ଗୋଟିଏ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକମାନଙ୍କୁ ଆର୍ଯ୍ୟ କୁହାଯାଏ । ପରବର୍ତ୍ତୀ ସମୟରେ ଏହି ଭାଷାରୁ ସଂସ୍କୃତ , ଲାଟିନ ଏବଂ ଗ୍ରୀକ୍ ଭାଷାର ଉତ୍ପତ୍ତି ହୋଇଥିଲା । କାରଣ ଏହି ଭାଷାଗୁଡ଼ିକର




*Map 4.1 Ancient Civilization of Eurasia*

ମାନଚିତ୍ର ୪.୧ : ୟୁରାସିଆର ପୁରାତନ ସଭ୍ୟତା



ଟିପ୍ପଣୀ

ଉଚ୍ଚାରଣ ଓ ଅର୍ଥରେ ଅନେକ ସମାନତା ପରିଲକ୍ଷିତ ହୁଏ । ସଂସ୍କୃତ ଶବ୍ଦ ମାତ୍ରି ଏବଂ ପିତ୍ରି, ଲାଟିନ୍ ଶବ୍ଦ ମାତାର ଏବଂ ପାତର ସହିତ ପ୍ରାୟ ସମାନ ଥିଲା । ସେହିପରି ହିଟାଇଟ୍ ଭାଷାର ଇନାର, ବେଦର ଇନ୍ଦ୍ରଙ୍କ ସହିତ ସମାନ, ସେହିପରି କାସାଇଟ୍ ମାନଙ୍କର ସୂର୍ଯ୍ୟ ଏବଂ ମରୁଥ ବୌଦିକ ସୂର୍ଯ୍ୟ ଏବଂ ମରୁତଙ୍କ ସଙ୍ଗେ ସମାନ ।

ବିଶ୍ୱାସ କରାଯାଏ ଯେ ଆର୍ଯ୍ୟମାନଙ୍କର ପ୍ରଥମ ବାସସ୍ଥାନ ଦକ୍ଷିଣ ରୁଷିଆରୁ ମଧ ଏସିଆ ମଧରେ ବିସ୍ତୃତ ଅଞ୍ଚଳରେ ଥିଲା । ସେଠାରୁ ଗୋଟିଏ ଗୋଷ୍ଠୀ ଭାରତର ଉତ୍ତର ପଶ୍ଚିମାଞ୍ଚଳରେ ପହଞ୍ଚି ଅବସ୍ଥାନ କରିଥିଲେ । ସେମାନଙ୍କୁ ଇଣ୍ଡୋ-ଆର୍ଯ୍ୟ ଭାରତାର୍ଯ୍ୟ ବା କେବଳ ଆର୍ଯ୍ୟ ବୋଲି କୁହାଯାଏ । ପ୍ରତ୍ନତାତ୍ତ୍ୱିକ ଅବଶେଷ ଅନୁଯାୟୀ ଦକ୍ଷିଣ ସାଇବେରିଆର ଆନ୍ଦ୍ରୋନୋଭୋ ସଂସ୍କୃତି ଅଞ୍ଚଳରୁ ଆର୍ଯ୍ୟମାନଙ୍କର ଆଗମନ ଘଟିଥିଲା । ଖ୍ରୀ:ପୂ: ୨୦୦୦ ବେଳକୁ ଏହି ସଂସ୍କୃତର ବିକାଶ ହୋଇଥିଲା । ଏହି ସ୍ଥାନରୁ ଆର୍ଯ୍ୟମାନେ ଉତ୍ତର ହିନ୍ଦୁକୁଶ ଅଞ୍ଚଳକୁ (ବେକ୍ରିଆ-ମାର୍ଜିଆନା ପ୍ରତ୍ନତାତ୍ତ୍ୱିକ କ୍ଷେତ୍ରରୂପେ ପରିଚିତ) ଯାଇଥିଲେ ଏବଂ ସେଠାରୁ ଭାରତକୁ ପ୍ରବେଶ କରିଥିଲେ । ଖ୍ରୀ:ପୂ: ୧୯୦୦ରୁ ଖ୍ରୀ:ପୂ: ୧୫୦୦ ମଧରେ ଏହି ଅଞ୍ଚଳମାନଙ୍କରେ ଘୋଡ଼ା, ସ୍ପୋକ ଥିବା ଚକ, ଅଗ୍ନି କୁଣ୍ଡ ଏବଂ ଶବଦାହ ସ୍ଥାନଗୁଡ଼ିକ ମିଳିଅଛି । ଏଗୁଡ଼ିକ ଆର୍ଯ୍ୟମାନଙ୍କର ଜୀବନର ଅଂଶ ବିଶେଷ ଥିଲା । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ସଂକେତକୁ ଆଧାରକରି ଜଣାଯାଏ ଯେ ଆର୍ଯ୍ୟମାନେ ମଧ ଏସିଆ ଅଞ୍ଚଳରୁ ଦକ୍ଷିଣ ଏସିଆ ଅଞ୍ଚଳକୁ ଯାଇଥିଲେ । କିନ୍ତୁ ଆଉ କେତେକ ବିଶେଷଜ୍ଞମାନଙ୍କ ମତରେ ଆର୍ଯ୍ୟମାନେ ହେଉଛନ୍ତି ଭାରତର ଅଧିବାସୀ । ସେମାନେ ଅନ୍ୟ କୌଣସି ସ୍ଥାନରୁ ଭାରତକୁ ଆସିନଥିଲେ ।

ଦଳଦଳ ନୂତନ ଗୋଷ୍ଠୀ ଭାରତକୁ ଆସି ଶହ ଶହ ବର୍ଷ ରହିବା ଫଳରେ ଏଠାରେ ଥିବା ଭାରତୀୟମାନଙ୍କ ସହିତ ଭାବର ଆଦାନପ୍ରଦାନ ହେଲା ତଥା ନୂତନ ଭାଷାର ଉତ୍ପତ୍ତି ହେଲା ଏବଂ ଏହି ଭାଷାର ପ୍ରାଧାନ୍ୟ ସମ୍ପୂର୍ଣ୍ଣ ଉତ୍ତରପଶ୍ଚିମ ଭାରତରେ ରହିଥିଲା । ତେଣୁ ଏହି ଭାଷାରେ ରଚିତ କାବ୍ୟ, କବିତା, ପ୍ରବନ୍ଧ ବୈଦିକ ଶାସ୍ତ୍ର ରୂପେ ପରିଚିତି ପାଇଲା ।

## INTEXT QUESTIONS 4.2 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ତୁମେ କିପରି ଜାଣିଲ ଯେ ସଂସ୍କୃତ, ଲାଟିନ, ଗ୍ରୀକ୍, ହିଟାଇଟ୍ ଏବଂ କାସାଇଟ୍ ଭାଷା ଗୋଟିଏ ମୂଳ ଭାଷାରୁ ଆସିଅଛି ?

2. ଆର୍ଯ୍ୟମାନଙ୍କ ଆଗମନ ବିଷୟରେ କେଉଁ ପ୍ରତ୍ନତାତ୍ତ୍ୱିକ ଅବଶେଷରୁ ସୂଚନା ମିଳିଥାଏ ?

3. କେଉଁ ସ୍ଥାନଗୁଡ଼ିକ ଆର୍ଯ୍ୟସଂସ୍କୃତିର ସ୍ମାରକୀ ବହନ କରେ ?

4. ଆର୍ଯ୍ୟ ସଂସ୍କୃତିର ପ୍ରମୁଖ ଚିହ୍ନଗୁଡ଼ିକ କ'ଣ ଥିଲା ?

## 4.3 GEOGRAPAHICAL HORIZON OF THE VEDICARYANS - ବୈଦିକ ଆର୍ଯ୍ୟମାନଙ୍କର ଭୌଗଳିକ ଅବସ୍ଥିତି

ଆର୍ଯ୍ୟମାନେ ପ୍ରଥମେ ସପ୍ତସିନ୍ଧୁ (ସାତ ଗୋଟି ନଦୀ) ଅଞ୍ଚଳରେ ବାସ କରୁଥିଲେ । ଏହି ଅଞ୍ଚଳ ମୁଖ୍ୟତଃ ଦକ୍ଷିଣ ଏସିଆର ଉତ୍ତରପଶ୍ଚିମ ଅଂଶରୁ ଯମୁନାନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହି ସାତଗୋଟି ନଦୀର

ଟିପ୍ପଣୀ

ନାମ ହେଲା (୧) ସିନ୍ଧୁ, (୨) ବିତସ୍ତା (ଝେଲମ୍), (୩) ଅଶ୍ବିନୀ (ଚେନାବ୍), (୪) ପାରୁସନି (ରବି), ବିପାସା (ବିଅସ୍), ଶତଦ୍ରି (ସତ୍‌ଲେଜ୍) ଏବଂ ଶ୍ରାବସ୍ତି । ଏହି ଅଞ୍ଚଳରେ ଆର୍ଯ୍ୟମାନେ ବସତି ସ୍ଥାପନ କରିଥିଲେ । ଯୁଦ୍ଧ କରିଥିଲେ । ସେମାନେ ଗୋପାଳନ ସହିତ ଗୋଚାରଣ ମଧ କରାଉଥିଲେ । ପରବର୍ତ୍ତୀ ସମୟରେ ସେମାନେ ପୂର୍ବଆଡ଼କୁ ଗତିକରି ଉତ୍ତରପ୍ରଦେଶ (କୋଶଳ) ଏବଂ ବିହାର (ବିଦେହ) ଅଧିକାର କଲେ ଏବଂ ଏଠିକାର ଅଧିବାସୀଙ୍କ ସଂସ୍ପର୍ଶରେ ଆସିଲେ । ସ୍ଥାନୀୟ ଅଧିବାସୀ ସେମାନଙ୍କଠାରୁ ଭିନ୍ନ ଭାଷାରେ କଥା ହେଉଥିଲେ ତଥା ପୂର୍ବରୁ ରହି ଆସିଥିଲେ ।

### INTEXT QUESTIONS 4.3 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ସପ୍ତସିନ୍ଧୁର ଅନ୍ତର୍ଗତ ନଦୀଗୁଡ଼ିକର ନାମଲେଖ ।


______________________________

2. ପରବର୍ତ୍ତୀ ବୌଦିକ ଯୁଗର ଆର୍ଯ୍ୟମାନେ କେଉଁ ଅଞ୍ଚଳ ସଂସ୍ପର୍ଶରେ ଆସିଥିଲେ ?

______________________________

## 4.4 EARLYVEDIC ECONOMUY-ପ୍ରାକ୍ ବୈଦିକ ଯୁଗର ଅର୍ଥନୈତିକ ଅବସ୍ଥା

ଆଦି ବୈଦିକ ଆର୍ଯ୍ୟମାନେ ପଶୁପାଳନ କରୁଥିଲେ । ଗୋପାଳନ ଥିଲା ସେମାନଙ୍କର ମୁଖ୍ୟ ଜିବୀକା । ସେମାନେ ଗୋରୁଗାଈ, ମେଣ୍ଢା, ଛେଳି ଏବଂ ଘୋଡ଼ା ପାଳନ କରୁଥିଲେ । ସେମାନେ ଏଥିରୁ କ୍ଷୀର ପାଉଥିଲେ, ମାଂସ ପାଉଥିଲେ ଏବଂ ଘୋଡ଼ାରେ ଚଢ଼ି ଯାତାୟାତ କରୁଥିଲେ । ଋକ୍ ବେଦରେ ବର୍ଣ୍ଣିତ ବିଷୟକୁ ଆଲୋଚନା କରି ଆମେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଅଛୁ, ଏଥିରେ ଅସଂଖ୍ୟ ଶବ୍ଦ 'ଗୋ' ଅକ୍ଷରରୁ ଆରମ୍ଭ ହୋଇଛି । ଏହି 'ଗୋ' ଶବ୍ଦର ଅର୍ଥ ହେଉଛି ଗାଈ । ଏହି ଯୁଗର ଜଣେ ଧନୀଲୋକଙ୍କୁ 'ଗୋମାତ' ଏବଂ କନ୍ୟାକୁ ଦୁହିତ୍ରୀ କୁହାଯାଉଥିଲା । ଦୁହିତ୍ରୀ ଅର୍ଥ ଯେ ଗାଈଙ୍କର ଠାରୁ କ୍ଷୀର ଅମଳ କରେ । 'ଗବେଷଣା' ଶବ୍ଦର ଅର୍ଥ ହେଉଛି ଗାଈକୁ ଖୋଜିବା । ଏହାର




ମାନଚିତ୍ର ୨.୧ : ପରବର୍ତ୍ତୀ ବୈଦିକ ଯୁଗର ଅଞ୍ଚଳ

ଅନ୍ୟଏକ ଅର୍ଥ ହେଉଛି ଯୁଦ୍ଧ । କାରଣ ଆଗରୁ ଗାଈକୁ କେନ୍ଦ୍ରକରି ଅନେକ ସଂଘର୍ଷ ଉପୁଜିଛି । ଆଗରୁ ପ୍ରବାଦ ଅଛି ଯେ ଗାଈ ଠାରୁ ସବୁକିଛି ମିଳିଥାଏ । ଗାଈର ସଂଖ୍ୟା ବୃଦ୍ଧି ପାଇଁ ପ୍ରାର୍ଥନା କରାଯାଇଥାଏ । ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ ଆଦ୍ୟବୈଦିକ ଯୁଗର ଅର୍ଥନୈତିକ ଅବସ୍ଥାର ମୁଖ୍ୟ ଆଧାର ଥିଲା ଗୋପାଳନ ।

ସେ ଯାହାହେଉ ପଛେ ଆଦ୍ୟବୈଦିକ ଯୁଗର ଅଧିବାସୀଙ୍କର କୃଷି ଉପରେ ଧାରଣା ନଥିଲା ବୋଲି କୁହାଯାଇ ପାରିବ ନାହିଁ । ଆବଶ୍ୟ ଗୋପାଳନ ତୁଳନାରେ କୃଷିକାର୍ଯ୍ୟ ବହୁତ କମ୍ ଥିଲା । କେତେକ ମତକୁ ବିଚାରକୁ ନେଇ ଆଲୋଚନା କଲେ ଜଣାଯାଏ ଯେ ଆଦ୍ୟବୈଦିକ ଅଧିବାସୀ ସେମାନଙ୍କର ଖାଦ୍ୟ ପାଇଁ ଚାଷ କରୁଥିଲେ । ସେମାନେ ଯବ ଏବଂ ବାର୍ଲି ଉତ୍ପାଦନ କରୁଥିଲେ ।

ପଶୁପାଳନ ଏବଂ କ୍ଷୁଦ୍ରଚାଷ ବ୍ୟତିରେକ ଆଦ୍ୟବୈଦିକ ଆର୍ଯ୍ୟମାନେ ଅନ୍ୟାନ୍ୟ ଅର୍ଥନୈତିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ଶିକାର କରିବା, ବଢ଼େଇ କାମ, ରଙ୍ଗ କାମ, ତନ୍ତୁ ବୁଣିବା, ରଥ ନିର୍ମାଣ କରିବା, ଧାତୁ କାର୍ଯ୍ୟ କରିବା ଥିଲା ସେମାନଙ୍କର ଅନ୍ୟକାର୍ଯ୍ୟ । ଏହି ଉତ୍ପାଦିତ ଦ୍ରବ୍ୟଗୁଡ଼ିକୁ ସେମାନେ ପଣ୍ୟ ବିନିମୟ ମଧରେ ରପ୍ତାନି କରୁଥିଲେ । ଗାଈ ଥିଲା ପଣ୍ୟ ବିନିମୟର ମାଧମ । ଯଜ୍ଞ କରି ପୁରୋହିତମାନେ ଗାଈ, ଘୋଡ଼ା ଓ ସ୍ୱର୍ଣ୍ଣ ଅଳଙ୍କାର ଇତ୍ୟାଦି ଗ୍ରହଣ କରୁଥିଲେ ।

## INTEXT QUESTIONS 4.4 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଆଦ୍ୟବୈଦିକ ଅଧିବାସୀଙ୍କ ମୁଖ୍ୟ ଜୀବିକା କ'ଣ ଥିଲା ?

2. ଆଦ୍ୟବୈଦିକ ଯୁଗରେ ଗାଈର ଭୂମିକା କ'ଣ ଥିଲା ଉଦାହରଣ ସହ ବୁଝାଅ ।

3. ଆଦ୍ୟବୈଦିକ ଅଧିବାସୀଙ୍କ ଜୀବନରେ କୃଷିର ମହତ୍ତ୍ୱ ବିଷୟରେ ବୁଝାଅ ।

4. ଆଦ୍ୟବୈଦିକ ଅଧିବାସୀ କେଉଁ ପ୍ରକାର ଅର୍ଥନୀତିକ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ । ତା'ର ଏକ ତାଲିକା ପ୍ରସ୍ତୁତ କର ।

5. ଆଦ୍ୟ ବୈଦିକ ଯୁଗର ବିନିମୟ ବ୍ୟବସ୍ଥା ଉପରେ ଆଲୋକପାତ କର ।

## 4.5. CHANGES IN THE LATER VEDIC PHASE
## ପରବର୍ତ୍ତୀ ବୈଦିକ ଯୁଗରେ ପରିବର୍ତ୍ତନର ଧାରା

ପରବର୍ତ୍ତୀ ବୈଦିକ ଯୁଗରେ ଲୋକମାନଙ୍କର ମୁଖ୍ୟ ଜୀବିକା ଥିଲା କୃଷି । କୃଷିର ଉନ୍ନତି ପାଇଁ ବିଭିନ୍ନ ପର୍ବପର୍ବାଣୀ ପାଳନ କରାଯାଉଥିଲା । ଛଅ ଏବଂ ଆଠ ହଳ ବଳଦଙ୍କୁ ନେଇ ହଳରେ ଚାଷ କରାଯାଉଥିଲା । କୃଷିକାର୍ଯ୍ୟ ପାଇଁ ମଇଁଷି ପାଳନ କରାଗଲା । ଭଗବାନ ଇନ୍ଦ୍ରଙ୍କୁ କୃଷିର ଦେବତା ରୂପେ ପୂଜା କରାଗଲା । ବିଭିନ୍ନ ପ୍ରକାର ଫଳଚାଷ ମଧ କରାଗଲା । ସେମାନେ ବାର୍ଲି, ଗହମ, ଯବ, ଆଖୁ ଇତ୍ୟାଦି ଚାଷ କରୁଥିଲେ । ରନ୍ଧାଖାଦ୍ୟ ସହିତ ଦାନ ଏବଂ ଦକ୍ଷିଣା ଦିଆଯାଉଥିଲା । ତେଣୁ ଖାଦ୍ୟ ଉତ୍ପାଦନ ସଂଗେ ସଂଗେ ବିଭିନ୍ନ ପର୍ବ ପର୍ବାଣୀରେ କୃଷିଜାତ ଦ୍ରବ୍ୟର ଆବଶ୍ୟକତା ରହିଥିଲା । ତିଳରୁ ଉତ୍ପନ୍ନ ତେଲର ବହୁଳ ବ୍ୟବହାରର ପରିଲିଖିତ ହୋଇଥିଲା ।

ଖ୍ରୀ:ପୂ: ୧୦୦୦ ବେଳକୁ ଲୌହ ଧାତୁର ବ୍ୟବହାର ଆରମ୍ଭ ହେଲା ଏବଂ ପରବର୍ତ୍ତୀ ବୈଦିକ ଯୁଗରେ ଆର୍ଯ୍ୟ ସଂସ୍କୃତିର ବିସ୍ତାର ହେଲା । ଋକ୍ ବେଦଯୁଗର ଅଧିବାସୀ 'ଆୟାସ୍' ନାମକ ଏକ ଧାତୁର ବ୍ୟବହାର ଜାଣିଥିଲେ, ଯାହାକୁ ତାମ୍ର କୁହାଯିବ ନାହିଁ କି ବ୍ରୋଞ୍ଜ ମଧ କୁହାଯିବ ନାହିଁ । ପରବର୍ତ୍ତୀ ବୌଦିକଯୁଗରେ 'ଆୟାସ'କୁ ଶ୍ୟାମ ବା କୃଷ୍ଣ କୁହାଗଲା ଯାହାର ଅର୍ଥ କଳା ବା ଲୌହକୁ ବୁଝାଉଥିଲା । ଅନୁଯାୟୀ ଖ୍ରୀ:ପୂ: ୧୦୦୦ ବେଳକୁ ଲୌହର ବ୍ୟବହାର ଆରମ୍ଭ ହେଲା । ଏହା ପ୍ରତ୍ନତାତ୍ତ୍ୱିକ ତଥ୍ୟ ପରବର୍ତ୍ତୀ ବୌଦିକ ଯୁଗର ସମୟଥିଲା । ଉତ୍ତରପୂର୍ବ ଭାରତରେ ଉତ୍ତରପଶ୍ଚିମାଞ୍ଚଳ ଅପେକ୍ଷା ଅଧିକ ବୃଷ୍ଟି ହେଉଥିଲା । ତେଣୁ ପରବର୍ତ୍ତୀ ସମୟରେ ଆର୍ଯ୍ୟମାନଙ୍କର ଆଗମନ ସେହିସବୁ ସ୍ଥାନକୁ ହୋଇଥିଲା । ଫଳରେ ଏହି ଅଞ୍ଚଳ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିଲା । ଋକ୍ ବୈଦିକଯୁଗର ଅଧିବାସୀ ତାମ୍ର ଓ ପ୍ରସ୍ତର ହାତ ହତିଆର ବ୍ୟବହାର କରି ଏହାକୁ ପରିଷ୍କାର କରିପାରିନଥିଲେ । କିନ୍ତୁ ଲୌହନିର୍ମିତ ହାତହତିଆରରେ ପରବର୍ତ୍ତୀ ବୈଦିକ ଯୁଗର ଅଧିବାସୀ ଏହାକୁ ସଫଳତାର ସହିତ ପରିଷ୍କାର କରିପାରିଥିଲେ । ବିସ୍ତାରିତ ଜଙ୍ଗଲଜମିକୁ ସେମାନେ ଚାଷ ଜମି ଭାବରେ ରୂପାନ୍ତରିତ କଲେ । ଲୁହା ଲଙ୍ଗଳରେ ମାଟିକୁ ଭଲଭାବରେ ଚାଷକରିବାରୁ ଜମି ଅଧିଖ ଉର୍ବରଶାଳୀ ହେଲା । ଋକ୍ ବେଦ ଯୁଗର ଶେଷରେ ଏବଂ ପରବର୍ତ୍ତୀ ବୈଦିକ ଯୁଗରେ ଲୌହର ବ୍ୟବହାର ବହୁଳ ମାତ୍ରାରେ ହୋଇଥିଲା ।

କୃଷି ଭିତ୍ତିକ ଆର୍ଥିକ ଅଭିବୃଦ୍ଧି ଯୋଗୁ ପରବର୍ତ୍ତୀ ବୈଦିକଯୁଗରେ କ୍ରମାଗତ ଜନସଂଖ୍ୟାର ବୃଦ୍ଧି ଘଟିଲା । ଦୋଆବ ଅଞ୍ଚଳରୁ ଆବିଷ୍କୃତ ବିଭିନ୍ନ ଆସବାବପତ୍ରରୁ ଏହାର ପ୍ରମାଣ ମିଳେ । କାଳକ୍ରମେ ଆର୍ଯ୍ୟମାନେ ଋତୁଚକ୍ର, ସାର ଏବଂ ଜଳସେଚନ ସମ୍ବନ୍ଧରେ ଅଭିଜ୍ଞତା ହାସଲକଲେ । ଏହିସବୁ ପ୍ରଗତି ବିଶାଳ ଜନବସତି ଗଢ଼ିବାରେ ସହାୟକ ହେଲା । ପରବର୍ତ୍ତୀ ବୈଦିକ ଯୁଗରେ ଶେଷଭାଗରେ ହସ୍ତିନାପୁର ଏବଂ କୌଶାମ୍ବି ନାମକ ଦୁଇଟି ଜନବହୁଳ ସ୍ଥାନ ପ୍ରତିଷ୍ଠା ଲାଭ କରିଥିଲା । ଏହି ସ୍ଥାନଗୁଡ଼ିକ କ୍ରମଶଃ ସହରରେ ପରିଣତ ହେଲା । ଏହି ସହରରେ ରାଜା, ରାଜପୁତ୍ର, ପୁରୋହିତ, କାରିଗର ଏବଂ କୃଷକମାନେ ବାସକରୁଥିଲେ । କୃଷକମାନେ ଅନ୍ୟମାନଙ୍କୁ ଖାଦ୍ୟ ପଦାର୍ଥ ଯୋଗାଉଥିଲେ ।

## INTEXT QUESTIONS 4.5 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ପରବର୍ତ୍ତୀ ବୌଦିକ ଯୁଗରେ ମୁଖ୍ୟ ଅର୍ଥନୈତିକ କାର୍ଯ୍ୟ କ'ଣ ଥିଲା ?

2. କୃଷିର ଅଭିବୃଦ୍ଧି ଯୋଗୁ ଆର୍ଯ୍ୟମାନଙ୍କର ଜୀବନଶୈଳୀରେ କି ପରିବର୍ତ୍ତନ ସଂଘଠିତ ହୋଇଥିଲା ?

3. କିଏ କୃଷିର ଦେବତା ରୂପେ ପରିଚିତ ?

4. ବିଭିନ୍ନ ପୂଜାର୍ଚ୍ଚନାରେ ତିଳର ଗୁରୁତ୍ୱ କ'ଣ ଥିଲା ?

5. ପରବର୍ତ୍ତୀ ବୈଦିକ ଯୁଗରେ ଲୌହଧାତୁର ବ୍ୟବହାର କିପରି କୃଷିର ଅଭିବୃଦ୍ଧିରେ ସହାୟକ ହୋଇଥିଲା ?

6. ଆବିଷ୍କୃତ କ୍ରମବର୍ଦ୍ଧିଷ୍ଣୁ ଆସବାବପତ୍ରମାନେ କାହାକୁ ବୁଝାଇଥାଏ ?

ଟିପ୍ପଣୀ

## 4.6. THE EARLY VEDICSOCIETY- ଆଦ୍ୟ ବୈଦିକ ସମାଜ

ଆର୍ଯ୍ୟମାନଙ୍କର ସାମାଜିକ ଜୀବନର ମୁଖ୍ୟ ଆଧାର ଥିଲା ପରିବାର । ଋକ୍ ବେଦ ସମାଜ ଥିଲା ଏକ ପୁରୁଷ ପ୍ରଧାନ ସମାଜ । ଏକପତ୍ନୀ ବିବାହ ସାଧାରଣରେ ପ୍ରଚଳିତ ଥିଲା । କିନ୍ତୁ ଦଳପତି ମାନେ ଏକାଧିକ ବିବାହ କରୁଥିଲେ ।ସାବାଳକ ହେଲା ପରେ ବିବାହ କାର୍ଯ୍ୟ ହେଉଥିଲା ।ବିବାହ ପରେ ପତ୍ନୀ, ପତି ଗୃହକୁ ଯାଉଥିଲା । ପରିବାର ଥିଲା ଏକ ବିଶାଳ ଗଣ (ଉକ୍ଷବଭ)ର ଅଂଶ ବିଶେଷ । ଏକାଧିକ ଗଣ ମିଶି 'ଜନ' ସୃଷ୍ଟି ହେଉଥିଲା । 'ଜନ' ଥିଲା ସର୍ବବୃହତ୍ ସାମାଜିକ ଅନୁଷ୍ଠାନ ।ଗୋଟିଏ 'ଗଣ'ର ଅଧିବାସୀଙ୍କ ମଧ୍ୟରେ ରକ୍ତ ସମ୍ପର୍କ ରହିଥିଲା ।କୌଣସି ନିର୍ଦ୍ଦିଷ୍ଟ ଏକ ଜାତିର ପରିଚୟ ଜନ୍ମରୁ ମିଳିଥାଏ । କୌଣସି ସ୍ଥାନରେ ସହାବସ୍ଥାନରୁ ଏହା ମିଳିଥାଏ । ତେଣୁ ଭରତ ନାମକ ଏକ ଜାତିର ଲୋକମାନଙ୍କୁ ଭାରତ ବୋଲି କୁହାଯାଏ । ଆଦ୍ୟ ବୈଦିକ ସମାଜ ସରଳ ଓ ଶ୍ରେଣୀ ବିହୀନ ସମାଜ ଥିଲା ।ସେଠାରେ ଜାତିଭେଦ ନଥିଲା ।ବୃତ୍ତି ଜାତିଭିତ୍ତିକ ନଥିଲା । ଗୋଟିଏ ପରିବାରର ସଦସ୍ୟମାନେ ଭିନ୍ନ ଭିନ୍ନ ବୃତ୍ତି ଗ୍ରହଣ କରୁଥିଲେ । ଏହି ସମୟରେ କେତେକ ପରିବର୍ତ୍ତନ ମଧ୍ୟ ଲକ୍ଷ୍ୟ କରାଯାଇଥିଲା । ବର୍ଣ୍ଣ ବା ରଙ୍ଗ ଆଧାରରେ ବୈଦିକ ଓ ଅଣ-ବୈଦିକ ଲୋକଙ୍କ ମଧ୍ୟରେ ପ୍ରଥମେ ପାର୍ଥକ୍ୟ ପରିଲକ୍ଷିତ ହୋଇଥିଲା ।ବୈଦିକ ଅଧିବାସୀଙ୍କ ଦେହର ରଙ୍ଗ ଗୋରା ହୋଇଥିଲା ବେଳେ ଅଣବୈଦିକ ବା ଦ୍ରାବିଡ୍ ଅଧିବାସୀଙ୍କ ଦେହର ରଙ୍ଗ କଳାଥିଲା । ଦ୍ରାବିଡ଼ମାନେ ମଧ୍ୟ ଅଲଗା ଭାଷା ମଧ୍ୟ କହୁଥିଲେ ।ତେଣୁ ଋକ୍‌ବେଦରେ ଆର୍ଯ୍ୟବର୍ଣ୍ଣ ଓ ଦାସବର୍ଣ୍ଣ ବୋଲି ବର୍ଣ୍ଣନା ହୋଇଅଛି ।ପ୍ରଥମେ ଦାସ ଶବ୍ଦଟି ଅଣ ଆର୍ଯ୍ୟମାନଙ୍କ ପାଇଁ ବ୍ୟବହୃତ ହେଉଥିଲା । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଦାସ ଶବ୍ଦଟି କ୍ରିତଦାସମାନଙ୍କ ପାଇଁ ବ୍ୟବହୃତ ହେଲା ।ପରବର୍ତ୍ତୀ ବୈଦିକ ଯୁଗରେ ସାମାଜିକ ଶ୍ରେଣୀ ବିଭାଗ ପରିଲିକ୍ଷିତ ହୋଇଥିଲା ।

ଆଦ୍ୟ ବୈଦିକ ଯୁଗରେ ଯୋଦ୍ଧା, ପୁରୋହିତ ଏବଂ ସାଧାରଣ ଜନତା ଏହି ପରି ତିନୋଟି ଶ୍ରେଣୀଥିଲା ।କିନ୍ତୁ ଏହି ଯୁଗର ଶେଷ ବେଳକୁ ଶୂଦ୍ର ଶ୍ରେଣୀର ଉତ୍‌ଥାନ ହେଲା ।ତେଣୁ ଏଥିରୁ ଜଣାଯାଏ ଯେ ଋଗ୍‌ବେଦ ସମାଜରେ ଜାତିପ୍ରଥା ସେତେ ଜଟିଳ ନଥିଲା ।ଋକବେଦରେ ବର୍ଣ୍ଣିତ କବିତାରେ ଏସଂବଂଧରେ ତଥ୍ୟ ମିଳିଥାଏ ।

ଆଦ୍ୟ ବୈଦିକ ସମାଜରେ ନାରୀର ସ୍ଥାନ ବହୁ ଉଚ୍ଚରେ ଥିଲା ।ବିବାହ ବୟସ ଉପସ୍ଥିତ ହେଲେ ନାରୀମାନେ ବିବାହ କରୁଥିଲେ ।ନାରୀମାନେ ସ୍ୱାମୀ ନିର୍ବାଚନ କରିବାର ଅଧିକାର ପାଇଥିଲେ । ଆଦ୍ୟ ବୈଦିକ ନାରୀମାନେ ସଭା ଓ ସମିତିରେ ଅଂଶ ଗ୍ରହଣ କରୁଥିଲେ ।

## INTEXT QUESTIONS 4.6 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଆଦ୍ୟବୈଦିକ ଯୁଗରେ ବିବାହ ଉତ୍ସବ କିପରି ପାଳିତ ହେଉଥିଲା ?

_______________________________________________

2. ଆଦ୍ୟ ବୈଦିକ ସମାଜ ଶ୍ରେଣୀମୁକ୍ତ ସମାଜ ଥିଲା କି ? ପ୍ରମାଣ କର ।

_______________________________________________

3. କେଉଁ ଆଧାରରେ ଆଦ୍ୟ ବୈଦିକ ସମାଜ ବିଭକ୍ତ ହୋଇଥିଲା ?

_______________________________________________

4. ଆଦ୍ୟ ବୈଦିକ ସମାଜରେ କିପରି ବିଭିନ୍ନତା ପରିଲକ୍ଷିତ ହୋଇଥିଲା ?

_______________________________________________

## 4.7. SOCIALCHANGER IN THE LATER VEDIC PHASE
## ପରବର୍ତ୍ତୀ ବୈଦିକ ଯୁଗରେ ଦେଖାଦେଇଥିବା ସାମାଜିକ ପରିବର୍ତ୍ତନ

ବୈଦିକ ସମାଜର ମେରୁଦଣ୍ଡ ଥିଲା ପରିବାର । କିନ୍ତୁ ପରବର୍ତ୍ତୀ ସମୟରେ ଏହାର ଗଠନରେ ପରିବର୍ତ୍ତନ ଦେଖାଦେଇଥିଲା । ପରବର୍ତ୍ତୀ ବୈଦିକ ଯୁଗର ପରିବାର କ୍ରମଶଃ ଏକ ବିଶାଳ ପରିବାରରେ ରୂପାନ୍ତରିତ ହେଲା । ଦୁଇରୁ ତିନିଯୁଗ ଧରି ଗୋଟିଏ ପରିବାରର ସଦସ୍ୟମାନେ ଏକତ୍ର ରହିବା ଫଳରେ ପରିବାରର ଆକାର ବୃହତ୍ ହେଲା । ପଶ୍ଚିମ ଉତ୍ତରପ୍ରଦେଶର ଅତରଞ୍ଜିଖେର ଏବଂ ଅହିଛତ୍ର ଠାରେ ଏପରି ବୃହତ୍ ପରିବାରର ଅଂଶ ବିଶେଷ ମିଳିଅଛି । ଏହି ସମୟରେ ଗୋତ୍ର ବ୍ୟବସ୍ଥାର ଉତ୍ପତ୍ତି ହେଲା । ସମଗୋତ୍ରିମାନଙ୍କ ମଧରେ ବିବାହ ବନ୍ଧନ ନିଷେଧ ଥିଲା । ଏକ ପତ୍ନୀକ ବ୍ୟବସ୍ଥା ପ୍ରଚଳିତ ଥିଲେ ମଧ ବହୁ ପତ୍ନୀକ ବ୍ୟବସ୍ଥାର ଆଦର ବଢ଼ିଲା । ଏହି ଯୁଗରେ ନାରୀମାନଙ୍କ ଉପରେ କେତେକ କଟକଣା ଜାରି ହେଲା । ନାରୀ, ଜୁଆ ଏବଂ ମଦକୁ ଖରାପ ଚକ୍ଷୁରେ ଦେଖାଗଲା । ଝିଅଜନ୍ମ ସବୁଦୁଃଖର କାରଣ ବୋଲି ବିବେଚିତ ହେଲା । ନାରୀ ବିବାହ ପରେ ତା'ର ସ୍ୱାମୀ ଗୃହରେ ବାସକରୁଥିଲା । ସଭା ଓ ସମିତିରେ ନାରୀମାନଙ୍କର ଅଂଶଗ୍ରହଣ ଉପରେ କଟକଣା ଜାରିହେଲା ।

ସବୁଠାରୁ ଉଲ୍ଲେଖନୀୟ ପରିବର୍ତ୍ତନ ପରବର୍ତ୍ତୀ ବୈଦିକ ସମାଜରେ ପରିଲକ୍ଷିତ ହୋଇଥିଲା । ବର୍ଣ୍ଣ ବ୍ୟବସ୍ଥାର ସୃଷ୍ଟି ହୋଇ ବିଭିନ୍ନ ସାମାଜିକ ଶ୍ରେଣୀ ସୃଷ୍ଟି ହେଲା । ପରବର୍ତ୍ତୀ ବୈଦିକ ସମାଜ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୂଦ୍ର ଏହିପରି ଚାରିଗୋଟି ବର୍ଣ୍ଣରେ ବିଭକ୍ତ ହେଲା । ଯୁଗରେ ଅନୁଷ୍ଠିତ ଅସଂଖ୍ୟ ଯଜ୍ଞ ଏବଂ ପୂଜାର୍ଚ୍ଚନା ସମାଜରେ ବ୍ରାହ୍ମଣମାନଙ୍କର ପ୍ରତିପତ୍ତି ବୃଦ୍ଧିକଲା । କୃଷି ପାଇଁ ସେ ଯୁଗରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ପୂଜା ବ୍ରାହ୍ମଣମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ଏହି ସମୟର ସାମାଜିକ ସୋପାନର ଦ୍ୱିତୀୟ ସ୍ଥାନରେ ଥିଲେ କ୍ଷତ୍ରୀୟମାନେ । ସେମାନେ ଶାସକ ଗୋଷ୍ଠୀର ଅନ୍ତର୍ଭୁକ୍ତ ଥିଲେ । ବ୍ରାହ୍ମଣ ଓ କ୍ଷତ୍ରୀୟମାନେ ପରବର୍ତ୍ତୀ ବୌଦିକ ସମାଜର ସମସ୍ତ ପ୍ରମୁଖ କାର୍ଯ୍ୟ ପରିଚାଳନା କଲେ । ଏହି ସାମାଜିକ ସୋପାନର ତୃତୀୟ ଶ୍ରେଣୀରେ ଥିଲେ ବୈଶ୍ୟମାନେ । ସେମାନେ କୃଷି, ବ୍ୟବସାୟ ଓ ବାଣିଜ୍ୟ ଏବଂ କାରିଗରୀ ଶିଳ୍ପରେ ନିମଜ୍ଜିତ ଥିଲେ । ବୈଶ୍ୟମାନଙ୍କ ଦ୍ୱାରା ପ୍ରଦତ୍ତ ଉପହାର ଓ ଦାନ ଉପରେ ବ୍ରାହ୍ମଣ ଓ କ୍ଷତ୍ରୀମାନେ ନିର୍ଭର କରୁଥିଲେ । ପରବର୍ତ୍ତୀ ବୈଦିକ ଯୁଗର ସାମାଜିକ ସୋପାନର ନିମ୍ନ ସ୍ତରରେ ଥିଲେ ଶୂଦ୍ର ଜାତି । ସେମାନେ ସମାଜର ଉପରବର୍ଗମାନଙ୍କର ସେବା କରୁଥିଲେ । ଶୂଦ୍ରମାନେ ଉପନୟନ ସଂସ୍କାର ପାଇପାରୁନଥିଲେ । ଅନ୍ୟ ତିନିଶ୍ରେଣୀ ଏହି ସଂସ୍କାର ପାଇ ପାରୁଥିବାରୁ ସେମାନଙ୍କୁ ଦ୍ୱିଜ କୁହାଯାଉଥିଲା । ଫଳରେ ସାମାଜିକ ବୈଶମ୍ୟର ଅୟମାରମ୍ଭ ଏହିଠାରୁ ହିଁ ହୋଇଥିଲା ।

ପରବର୍ତ୍ତୀ ବୈଦିକ ଯୁଗରେ ଚତୁରାଶ୍ରମ ନାମକ ଏକ ନୂତନ ବ୍ୟବସ୍ଥାର ଉନ୍ମେଷ ଘଟିଥିଲା । ଏହି ବ୍ୟବସ୍ଥା ଜୀବନର ଚାରୋଟି ଅବସ୍ଥାକୁ ସୂଚାଉଥିଲା । ବ୍ରହ୍ମଚର୍ଯ୍ୟ (ଛାତ୍ରଜୀବନ) ଗାର୍ହ୍ୟସ୍ଥ(ଗୃହିଜୀବନ), ବାନପ୍ରସ୍ଥ ଏବଂ ସନ୍ୟାସ । ବର୍ଣ୍ଣ ସହିତ ଏହା ସଂଯୋଗ ହୋଇ 'ବର୍ଣ୍ଣାଶ୍ରମ ଧର୍ମ' ରୂପେ ପରିଗଣିତ ହେଲା ।

### INTEXT QUESTIONS 4.7 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ପରବର୍ତ୍ତୀ ବୈଦିକ ଯୁଗର ପ୍ରକୃତି କ'ଣ ଥିଲା ?

_______________________________________________

2. ଗୋତ୍ର କହିଲେ ତୁମେ କ'ଣ ବୁଝ ?

_______________________________________________





3. କେଉଁ ବ୍ୟବସ୍ଥାରୁ ଶୂଦ୍ରମାନଙ୍କୁ ବଞ୍ଚିତ କରାଯାଇଥିଲା ?

4. 'ବର୍ଣ୍ଣାଶ୍ରମ ଧର୍ମ' କହିଲେ କ'ଣ ବୁଝ ?

## 4.8. THE EARLYVEDIC RELIGION- ଋଗ୍‌ବେଦ ଯୁଗର ଧର୍ମ

ଋଗ୍ ବେଦ ଯୁଗର ଅଧିବାସୀମାନେ ପ୍ରକୃତି ଉପାସକ ଥିଲେ । ସେମାନେ ନିଜର ସୁରକ୍ଷା ପାଇଁ ତଥା ଧନଧାନ୍ୟରେ ପରିପୂର୍ଣ୍ଣ ହେବା ପାଇଁ ଦେବତାମାନଙ୍କୁ ପ୍ରାର୍ଥନା ଦ୍ୱାରା ସନ୍ତୁଷ୍ଟ କରୁଥିଲେ । ସେମାନେ ପ୍ରକୃତିର ବିଭିନ୍ନ ଅଙ୍ଗ ତଥା ବର୍ଷା, ଝଡ଼ ଏବଂ ସୂର୍ଯ୍ୟଙ୍କୁ ପୂଜା କରୁଥିଲେ । ସେମାନେ ଦେବତା ରୂପେ ଇନ୍ଦ୍ର, ଅଗ୍ନି, ବରୁଣ, ଯମ ଇତ୍ୟାଦିଙ୍କୁ ପୂଜା କରୁଥିଲା ବେଳେ ଦେବୀ ରୂପେ ଉଷା, ସରସ୍ୱତୀ, ପୃଥିବୀକୁ ପୂଜା କରୁଥିଲେ ।

ବିଭିନ୍ନ ଦେବତାଙ୍କର କାର୍ଯ୍ୟ ସମାଜ ପାଇଁ ରହିଥିବା ସେମାନଙ୍କ ଆବଶ୍ୟକତାକୁ ଦର୍ଶାଏ । ଋଗ୍ ବେଦ ଯୁଗର ଅଧିବାସୀ ଅଧିକାଂଶ ସମୟ ଯୁଦ୍ଧରେ ଲିପ୍ତ ରହୁଥିଲେ ଏବଂ ଇନ୍ଦ୍ରଙ୍କୁ ଯୁଦ୍ଧର ଦେବତା ରୂପେ ପୂଜା କରୁଥିଲେ । ସେଥିପାଇଁ ଋଗ୍ ବେଦରେ ଇନ୍ଦ୍ରଙ୍କର ନାମ ବହୁଯାଗାରେ ଦେଖିବାକୁ ମିଳେ । ସେ ମଧ ବଜ୍ରପାତ ଏବଂ ବର୍ଷାର ଦେବତା ରୂପେ ପୂଜା ପାଉଥିଲେ । ଝଡ଼ର ଦେବତା ମାରୁତି, ନିଆଁର ଦେବତା ଅଗ୍ନି ରୂପେ ପୂଜା ପାଉଥିଲେ । ଯଜ୍ଞ ମାଧମରେ ଏହି ଦେବାଦେବୀମାନଙ୍କୁ ପ୍ରାର୍ଥନା କରାଯାଇ ସନ୍ତୁଷ୍ଟ କରାଯାଉଥିଲା । ଏହି ଯଜ୍ଞଗୁଡ଼ିକ ଦଳପତି ଓ ପୁରୋହିତଙ୍କ ଦ୍ୱାରା ସମ୍ପାଦିତ ହେଉଥିଲା । ଏଠାରେ ଲକ୍ଷ୍ୟ କରିବାର କଥା ଏହି ଯେ ବୈଦିକ ଯୁଗରେ ଲୋକମାନେ କୌଣସି ମନ୍ଦିର ତିଆରି କରିନଥିଲେ କିମ୍ବା ମୂର୍ତ୍ତି ପୂଜା କରୁନଥିଲେ ।

### INTEXT QUESTIONS 4.8 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଆମେ କାହାକୁ ଆଧାର କରି କହିବା ଯେ ଋକ୍‌ବେଦ ଯୁଗ ଧର୍ମରେ ପୁରୁଷ ଦେବତାଙ୍କର ପ୍ରାଧାନ୍ୟ ରହିଥିଲା ?

2. ଋଗ୍‌ବେଦ ଯୁଗର ଇନ୍ଦ୍ରଦେବତାଙ୍କ ବୈଶିଷ୍ଟ୍ୟ ବର୍ଣ୍ଣନା କର ।

3. କାହିଁକି ଋଗ୍‌ବେଦ ଯୁଗରେ ଦଳପତିମାନେ ଯଜ୍ଞ କରୁଥିଲେ ?

4. ଋଗ୍‌ବେଦ ଯୁଗରେ ପୁସନ୍ ଦେବତାଙ୍କ ପ୍ରାଧାନ୍ୟ କ'ଣ ଥିଲା ?

5. ନିଆଁର ଦେବତା ଅଗ୍ନିଙ୍କର ପ୍ରଧାନ କାର୍ଯ୍ୟ କ'ଣ ଥିଲା ?

## 4.9. CHANGES IN THE LATER VEDIC PHASE ପରବର୍ତ୍ତୀ ବୈଦିକ ଯୁଗରେ ସଂଘଠିତ ପରିବର୍ତ୍ତନ

ଆମେ ଆଗରୁ ଅଧୟନ କରିଅଛେ ଯେ ପରବର୍ତ୍ତୀ ବୌଦିକ ଯୁଗରେ କୃଷି ଜନସାଧାରଣଙ୍କର ମୁଖ୍ୟ ଜୀବିକା ଥିଲା । ଫଳରେ ସେମାନଙ୍କ ଭୌତିକ ଜୀବନରେ ମଧ ପରିବର୍ତ୍ତନ ସଂଘଠିତ ହେଲା ।

ସେମାନଙ୍କ ପୂଜା ପଦ୍ଧତିରେ ମଧ ପରିବର୍ତ୍ତନ ପରିଲକ୍ଷିତ ହେଲା । ପୁନଶ୍ଚ ଆର୍ଯ୍ୟମାନେ ବାରମ୍ବାର ଦ୍ରାବିଡ଼ମାନଙ୍କ ସଂସ୍ପର୍ଶରେ ଆସିବାରୁ ଏପରି ପରିବର୍ତ୍ତନ ହୋଇଥିଲା ବୋଲି ଅନୁମାନ କରାଯାଏ । ବିଷ୍ଣୁ ଏବଂ ରୁଦ୍ର ଯିଏକି ଋଗ୍‌ବେଦ ଯୁଗରେ ବିଶେଷ ଭାବରେ ପୂଜା ପାଉନଥିଲେ, ପରବର୍ତ୍ତୀ ବୈଦିକ ଯୁଗରେ ପ୍ରଧାନ ଦେବତା ରୂପେ ପୂଜା ପାଇଲେ ।

ଟିପ୍ପଣୀ

ଅନ୍ୟଏକ ବିଶେଷତଃ ହେଉଛି, ପରବର୍ତ୍ତୀ ବୈଦିକ ଯୁଗରେ ବହୁଳ ସଂଖ୍ୟାରେ ଯାଗଯଜ୍ଞ ଅନୁଷ୍ଠିତ ହୋଇଥିଲା ଏବଂ ଶେଷରେ ପଶୁବଳି ପରେ ଯଜ୍ଞର ପରିସମାପ୍ତି ହେଉଥିଲା । ଏସବୁ କାର୍ଯ୍ୟ ଯୋଗୁଁ ଏକ ପ୍ରଭାବଶାଳୀ ବ୍ରାହ୍ମଣ ଗୋଷ୍ଠୀର ଉତ୍‌ଥାନ ହେଲା । ଏହି ଯଜ୍ଞଗୁଡ଼ିକରୁ ଦାନ ଓ ଦକ୍ଷିଣା ରୂପେ ବ୍ରାହ୍ମଣମାନେ ପ୍ରଚୁର ଧନରତ୍ନ ଆୟ କରୁଥିଲେ । ଅନୁଷ୍ଠିତ ହେଉଥିବା ଯଜ୍ଞଗୁଡ଼ିକ ମଧରେ ପ୍ରଧାନ ଥିଲା ଅଶ୍ୱମେଧ ଯଜ୍ଞ, ବାଜପେୟ ଯଜ୍ଞ ଏବଂ ରାଜସୂୟ ଯଜ୍ଞ । ରାମାୟଣ ଓ ମହାଭାରତରେ ଆମେ ଏହି ଯଜ୍ଞ ବିଷୟରେ ଜ୍ଞାନ ହାସଲ କରିଥିଲେ । ଏହି ଯଜ୍ଞଗୁଡ଼ିକ ବହୁ ଦିନ ପର୍ଯ୍ୟନ୍ତ ଚାଲୁଥିଲା । ଏବଂ ତତ୍‌ଲବ୍ଧ ଦାନ ଏବଂ ଦକ୍ଷିଣା ବ୍ରାହ୍ମଣଙ୍କ ପାଖକୁ ଯାଉଥିଲା । ଯଜ୍ଞର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା । ପ୍ରଥମ ଉଦ୍ଦେଶ୍ୟ ଥିଲା ରାଜାଙ୍କର ପ୍ରଜାମାନଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର ଏବଂ ଦ୍ୱିତୀୟ ଉଦ୍ଦେଶ୍ୟ ଥିଲା ରାଜାଙ୍କ ସାମ୍ରାଜ୍ୟର ସାର୍ବଭୌମତ୍ୱର ପରୀକ୍ଷା । ରାଜ୍ୟର ସବୁ କୋଣ ଅନୁକୋଣରୁ ଲୋକମାନେ ଏହି ଯଜ୍ଞକୁ ନିମନ୍ତ୍ରିତ ହୋଇ ଆସୁଥିଲେ ।

ବଡ଼ ଆଶ୍ଚର୍ଯ୍ୟର କଥା ଯେ ପରବର୍ତ୍ତୀ ବୈଦିକ ଯୁଗରେ ଲୋକମାନେ ଏହି ଯଜ୍ଞକୁ ବିରୋଧ କରିବାକୁ ଆରମ୍ଭ କଲେ । ବିଶେଷ କରି ସେମାନେ ପଶୁବଳିର ତୀବ୍ର ବିରୋଧ କଲେ । ଏହି ଯଜ୍ଞଗୁଡ଼ିକ ଶେଷରେ ଅସଂଖ୍ୟ ଗୋରୁଗାଈ ଓ ଅନ୍ୟାନ୍ୟ ପଶୁବଳି ପାଉଥିବାରୁ ତତ୍କାଳୀନ ଆର୍ଥିକ ଅବସ୍ଥାକୁ ଏହା ପରୋକ୍ଷ ଭାବରେ କ୍ଷତି ପହଞ୍ଚାଉ ଥିଲା । ତେଣୁ ପରବର୍ତ୍ତୀ ଅବସ୍ଥାରେ ଶାନ୍ତି ଓ ସମୃଦ୍ଧି ପାଇଁ ଉତ୍ତମ ବ୍ୟବହାର ଓ ଆତ୍ମବଳୀ ପାଇଁ ବେଦାନ୍ତ ଉପନିଷଦରେ ବର୍ଣ୍ଣନା କରାଗଲା । ଏହି ଉପନିଷଦରେ ଭାରତୀୟ ଦର୍ଶନର ଦୁଇଟି ମୌଳିକ ନୀତି ଦେଖିବାକୁ ମିଳେ ତଥା- ୧ - କର୍ମ ଏବଂ ୨ - ଆତ୍ମାର ଘଟ ପରିବର୍ତ୍ତନ ଅର୍ଥାତ୍ ପୂର୍ବକର୍ମାନୁସାରେ ପୁନର୍ଜନ୍ମ ଏହି ଶାସ୍ତ୍ର ଅନୁଯାୟୀ ମୋକ୍ଷଦ୍ୱାରା ପରମଶାନ୍ତି ପ୍ରାପ୍ତ ହୋଇଥାଏ । ମୋକ୍ଷ କହିଲେ, ଜନ୍ମ, ପୁନର୍ଜନ୍ମରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତିଲାଭ କରିବା ।

**INTEXT QUESTIONS 4.9 - ପ୍ରତ୍ୟାଶିତ ପୂର୍ବଜ୍ଞାନ**

1. ପରବର୍ତ୍ତୀ ବୈଦିକ ଯୁଗରେ ବହୁ ସଂଖ୍ୟାରେ କାହିଁକି ଯଜ୍ଞ ଅନୁଷ୍ଠିତ ହେଉଥିଲା ?

   ______________________________

2. ଯଜ୍ଞର ଉଦ୍ଦେଶ୍ୟ କ'ଣ ଥିଲା ?

   ______________________________

3. ଯଜ୍ଞର ତାତ୍ପର୍ଯ୍ୟ ବିଷୟରେ ବୁଝାଅ ।

   ______________________________

4. କାହିଁକି ଲୋକମାନେ ଯଜ୍ଞ କାର୍ଯ୍ୟକୁ ବିରୋଧ କରିବାକୁ ଆରମ୍ଭ କଲେ ?

   ______________________________

## 4.10. THE EARLY VEDIC POLITY- ଆଦ୍ୟ ବୈଦିକ ଯୁଗର ରାଜନୈତିକ ଅବସ୍ଥା

ଋଗ୍ ବେଦ ଯୁଗର ସର୍ବବୃତ ରାଜନୈତିକ ଅନୁଷ୍ଠାନକୁ 'ଜନ' କୁହାଯାଉଥିଲା । ଏହି 'ଜନ'ର ମୁଖ୍ୟଙ୍କୁ 'ରାଜନ୍' ବୋଲି କୁହାଯାଉଥିଲା । ରାଜନ୍‌ଙ୍କର ମୁଖ୍ୟ କାର୍ଯ୍ୟ ଥିଲା ଶତ୍ରୁ ପାଖରୁ ଜନସାଧାରଣ ତଥା ଗୋରୁଗାଈମାନଙ୍କର ଜୀବନ ରକ୍ଷା କରିବା । ତାଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ

କରିବା ପାଇଁ ସଭା, ସମିତି, ଗଣ ଏବଂ ପରିଷଦ ରହିଥିଲା । ଏହିଗୁଡ଼ିକ ମଧ୍ୟରୁ ସଭା ଓ ସମିତି ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ । ସମସ୍ତ ବିଷୟ ଏହି ସଭା ଓ ସମିତିରେ ଆଲୋଚିତ ହୋଇଥାଏ । ସେଠାରେ ଯୁଦ୍ଧ ସମ୍ବନ୍ଧୀୟ ହେଉ କିମ୍ବା ଯୁଦ୍ଧରୁ ଲବ୍ଧ କ୍ଷତିପୂରଣ ହେଉ, ନ୍ୟାନ୍ନ ପ୍ରସଂଗ ହେଉ କିମ୍ବା ଧର୍ମ ସମ୍ବନ୍ଧୀୟ ପ୍ରଶ୍ନ ହେଉ, ସମସ୍ତ ବିଷୟରେ ଆଲୋଚନା କରାଯାଉଥିଲା । ତେଣୁ ଏହି ସଭା ଓ ସମିତିଗୁଡ଼ିକ ରାଜାଙ୍କ ଏକଛତ୍ରଦାବୀ ହେବାକୁ ଦେଉ ନଥିଲା । ଋଗ୍ ବେଦ ଯୁଗରେ ନାରୀମାନେ ସଭା ଓ ସମିତିରେ ଯୋଗଦେଇ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରୁଥିଲେ ।

'ରାଜନ୍' ପଦବୀ ବଂଶାନୁକ୍ରମିକ ନଥିଲା, ରାଜ୍ୟର ପ୍ରଜାମାନେ ସାଧାରଣତଃ ତାଙ୍କୁ ନିର୍ବାଚିତ କରୁଥିଲେ । ଯଦିଓ ପାରିବାରିକ ଶାସନ ବ୍ୟବସ୍ଥା ପରିଲକ୍ଷିତ ହେଉଥିଲା, ତଥାପି ନିର୍ଦ୍ଦିଷ୍ଟ ଭାବେ ପିତାଙ୍କ ପରେ ତାଙ୍କ ଜ୍ୟେଷ୍ଠପୁତ୍ର ଉତ୍ତରାଧୀକାର ସୂତ୍ରରେ 'ରାଜନ୍' ପଦବୀ ଲାଭ କରିପାରୁ ନଥିଲେ । ପୁରୋହିତ ଥିଲେ ରାଜନ୍‌ଙ୍କର ମୁଖ୍ୟ ଉପଦେଷ୍ଟା । ସେ ରାଜାଙ୍କୁ ବିଭିନ୍ନ ସମସ୍ୟା ସଂବଂଧରେ ଉପଦେଶ ଦେଉଥିଲେ । ଏତଦ୍‌ବ୍ୟତୀତ ରାଜାଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଅଳ୍ପ ସଂଖ୍ୟକ କର୍ମଚାରୀ ରହିଥିଲେ । ସେମାନେ ହେଲେ- ସେନାନୀ, କୂଳପ, ଗ୍ରାମଣୀ ଇତ୍ୟାଦି । ଏମାନଙ୍କ ବିଷୟରେ ଋଗ୍ ବେଦରେ ବର୍ଣ୍ଣନା ଦେଖିବାକୁ ମିଳେ । ରାଜ୍ୟର ଅଣ ତାଲିମପ୍ରାପ୍ତ ଏକ ସୈନ୍ୟବାହିନୀ ଥିଲା । ତକ୍ଷଣ ଅର୍ଥାତ୍ ବଢ଼େଇ ଏବଂ ରଥାକାର ଅର୍ଥାତ୍ ଅଥନିର୍ମାତା ରଥ ନିର୍ମାଣ ଦାୟିତ୍ୱରେ ଥିଲେ । ସେତେବେଳେ କର ଆଦାୟକାରୀ ନଥିଲେ । ଜନସାଧାରଣ 'ବାଳି' ନାମକ କର ରାଜାଙ୍କୁ ଦେଉଥିଲେ । ବିଭିନ୍ନ ଉତ୍ସବ ପାଳନ ସମୟରେ ସ୍ୱଚ୍ଛାକୃତ ଭାବେ ପ୍ରଜାମାନେ ରାଜାଙ୍କୁ ପ୍ରଦାନ କରୁଥିଲେ । ଏଥିରୁ ଜଣାପଡ଼େ ଯେ ଆଦ୍ୟବୈଦିକ ରାଜନୈତିକ ସଂଗଠନ ଅତ୍ୟନ୍ତ ସରଳ ଥିଲା । ଏଥିପାଇଁ ଜନସାଧାରଣଙ୍କର ସମର୍ଥନ ରହିଥିଲା ଏବଂ ଏଥିରେ ଜନସାଧାରଣ ପ୍ରତ୍ୟେକ୍ଷ ଭାବେ ଅଂଶ ଗ୍ରହଣ କରୁଥିଲେ । କିନ୍ତୁ ପରବର୍ତ୍ତୀ ବୈଦିକ ଯୁଗରେ ଏ ପ୍ରକାର ଅବସ୍ଥାରେ ପରିବର୍ତ୍ତନ ଘଟିଥିଲା ।

### INTEXT QUESTIONS 4.10 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ସଭା ଓ ସମିତିର କାର୍ଯ୍ୟ ବିଷୟରେ ବୁଝାଅ ।

2. ରାଜାଙ୍କର ମୁଖ୍ୟ କାର୍ଯ୍ୟ କ'ଣ ଥିଲା ?

3. ଋଗ୍ ବେଦ ଯୁଗରେ 'ବଳି' କହିଲେ କ'ଣ ବୁଝ ?

4. ରାଜାଙ୍କୁ ଶାସନ କାର୍ଯ୍ୟରେ ସହଯୋଗ କରୁଥିବା କର୍ମଚାରୀମାନଙ୍କର ଏକ ତାଲିକା ପ୍ରସ୍ତୁତ କର ।

## 4.11. CHANGES IN THE LATER VEDIC PHASE
## ପରବର୍ତ୍ତୀ ବୈଦିକ ଯୁଗର ପରିବର୍ତ୍ତିତ ଚିନ୍ତାଧାରା (ରାଜନୈତିକ କ୍ଷେତ୍ରରେ)

ପରବର୍ତ୍ତୀ ବୈଦିକ ଯୁଗରେ ଅର୍ଥନୈତିକ ଓ ସାମାଜିକ ପରିବର୍ତ୍ତନ ସହିତ ରାଜନୈତିକ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ସଂଘଠିତ ହୋଇଥିଲା । ରାଜାଙ୍କର ସାମ୍ରାଜ୍ୟ ସୀମା ବୃଦ୍ଧି ହେବା ସଂଗେ ସଂଗେ ଅଧିକ କ୍ଷମତା ମଧ୍ୟ ସେମାନେ ଉପଭୋଗ କଲେ । ସଭା ଓ ସମିତି ପରି ସଂଗଠନଗୁଡ଼ିକ ଲୋପ ପାଇଗଲା ।

ବଂଶାନୁକ୍ରମିକ ଶାସନ ବ୍ୟବସ୍ଥା ପ୍ରଚଳିତ ହେଲା । ଏହି ସମୟରେ ରଚିତ ଶାସ୍ତ୍ର ଅନୁଯାୟୀ ଈଶ୍ୱରପ୍ରଦତ୍ତ ଅଧିକାର ବଳରେ ରାଜା ଶାସନ କରୁଥିଲେ । ବ୍ରାହ୍ମଣମାନେ ରାଜାଙ୍କୁ ସବୁକ୍ଷେତ୍ରରେ







ରଚିତ ପରାମର୍ଶ ଦେଉଥିଲେ । ରାଜାଭିଷେକ ଏବଂ ରାଜାଙ୍କ ଦ୍ୱାରା ହେଉଥିବା ବାଜପେୟ ଓ ରାଜସୂୟ ଯଜ୍ଞ ରାଜାଙ୍କ କ୍ଷମତାକୁ ବୃଦ୍ଧି କରିଥିଲା । ଶାସନ କ୍ଷେତ୍ରରେ ରାଜାଙ୍କ ଦ୍ୱାରା ନିଯୁକ୍ତ କର୍ମଚାରୀ କ୍ରମଶଃ ରାଜାଙ୍କର ମୁଖ୍ୟ ପରାମର୍ଶଦାତା ରୂପେ କାର୍ଯ୍ୟ କଲେ । ଆହୁରି ମଧ ରାଜାଙ୍କର ଏକ ସୈନ୍ୟବାହିନୀ ଥିଲା । ପ୍ରଜାଙ୍କ ପ୍ରଦତ୍ତ ବିଭିନ୍ନ ପ୍ରକାର କର ତଥା- ବଳି, ଶୁଳ୍କ ଏବଂ ଭାଗ ଦ୍ୱାରା ଅନ୍ୟମାନେ ନିର୍ଭରକରି ଚଳୁଥିଲେ । ଏହି ସମୟରେ ରାଜାମାନେ ସାଧାରଣତଃ କ୍ଷେତ୍ରୀୟ ବଂଶର ଥିଲେ । ସେମାନେ ବ୍ରାହ୍ମଣମାନଙ୍କ ସହିତ ମିଶି ଧର୍ମନାମରେ ପୂରା ରାଜ୍ୟ ଉପରେ ଶାସନ କରୁଥିଲେ । ସେ ଯାହାହେଉନା କାହିଁକି, ସେ ସମୟରେ ବଡ଼ ବଡ଼ ରାଜ୍ୟ କିମ୍ବା ଜନପଥର ଉନ୍ମେଷ ହୋଇନଥିଲା । ନଥିଲା ଏକ ପ୍ରତିଷ୍ଠିତ ଶାସନ ବ୍ୟବସ୍ଥା କିମ୍ବା ସ୍ଥାୟୀ ସେନାବାହିନୀ । କିନ୍ତୁ ଏହି ପ୍ରକ୍ରିୟାର କ୍ରମଶଃ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ବୈଦିକ ଯୁଗରେ ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀରେ ଉତ୍ତର ଭାରତରେ ୧୬ଟି ମହାଜନପଦର ଉତ୍‌ଥାନ ହୋଇଥିଲା ।

## INTEXT QUESTIONS 4.11 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ପରବର୍ତ୍ତୀ ବୈଦିକ ଯୁଗର ରାଜାଙ୍କ ବିଷୟରେ ବର୍ଣ୍ଣନା କର ।

 ______________________________

2. ପରବର୍ତ୍ତୀ ବୈଦିକ ଯୁଗରେ ଜନପ୍ରତିନିଧି ସଭାର କ୍ଷମତା କାହିଁକି ହ୍ରାସ ପାଇଲା ?

 ______________________________

3. ରାଜାଭିଷେକ ଉତ୍ସବ କିପରି ପାଳିତ ହେଉଥିଲା ?

 ______________________________

## WHAT YOU HAVELEARNT- ଆମେ କ'ଣ ଶିଖିଲେ

ହରପ୍ପା ସଭ୍ୟତାର ବିଲୟ ପରେ ଭାରତର ଉତ୍ତର-ପଶ୍ଚିମ ଦିଗ୍‌ବଳୟରେ ଏକ ନୂତନ ଜନ ଜାତିର ଅଭ୍ୟୁଦୟ ଘଟିଥିଲା । ଏହି ଜନଜାତି ବା ଆଦିବାସୀମାନଙ୍କର ମୁଖ୍ୟ ଜୀବିକା ଥିଲା କୃଷି । ତେଣୁ ସେମାନେ ଦକ୍ଷିଣ ରୁଷିଆରୁ ଦଳ ଦଳ ହୋଇ ପୃଥିବୀର ବିଭିନ୍ନ ପ୍ରାନ୍ତକୁ ଗମନ କରିଥିଲେ । ଏମାନଙ୍କ ମଧରୁ କେତେକ ଦଳ ଆଫଗାନିସ୍ଥାନ ମଧ ଦେଇ ବିଭିନ୍ନ ସମୟରେ ଭାରତ ମଧକୁ ପ୍ରବେଶ କରିଥିଲେ । ସେମାନଙ୍କ ଭାଷାକୁ ଇଣ୍ଡୋ-ଆର୍ଯ୍ୟ ବା ଭାରତାର୍ଯ୍ୟ ବା ସଂସ୍କୃତ ଭାଷା କୁହାଯାଉଥିଲା । ଏହି ସଂସ୍କୃତ ଭାଷାର ସୃଷ୍ଟି ବିଭିନ୍ନ ଆଞ୍ଚଳିକ ଭାଷା ସହିତ ମିଶି ସୃଷ୍ଟି ହୋଇଥିଲା । ସଂସ୍କୃତ ଭାଷାର ପ୍ରଥମ ରଚନା ଥିଲା, ଋଗ୍‌ବେଦ । ଏହା ପରେ ଏହି ଭାଷାରେ ଅନେକ ରଚନା ସୃଷ୍ଟି ହୋଇଥିଲା । ଏହି ଯୁଗର ସଂସ୍କୃତି ବିଷୟରେ ଆମେ ସେତେବେଳେ ରଚିତ ହୋଇଥିବା ବେଦରୁ ଜାଣିପାରୁ । ଆର୍ଯ୍ୟମାନେ ପ୍ରଥମେ ସପ୍ତସିନ୍ଧୁ ଅଞ୍ଚଳରେ ବାସ କରୁଥିଲେ । ଏହା ଆଧୁନିକ ପଞ୍ଜାବ ଓ ହରିୟାଣାର ଅଞ୍ଚଳ ବୋଲି ଜଣାଯାଏ । କ୍ରମଶଃ ଗଙ୍ଗା, ଯମୁନା, ଶତଦ୍ରୁ, ଘାଘରା ଏବଂ ଗଣ୍ଡକ ନଦୀର ଅବବାହିକା ଅଞ୍ଚଳକୁ ସେମାନଙ୍କର ସଂସ୍କୃତି ବ୍ୟାପୀଥିଲା । ଏହା ଆଧୁନିକ ପୂର୍ବ ଉତ୍ତର ପ୍ରଦେଶ ଏବଂ ପଶ୍ଚିମ ବିହାର ଅଞ୍ଚଳରେ ଅବସ୍ଥିତ ଥିଲା ।

ପ୍ରଥମେ ଗୋ-ପାଳନ ଥିଲା ଆର୍ଯ୍ୟମାନଙ୍କ ମୁଖ୍ୟ ଜୀବିକା । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ କୃଷି ହେଲା ସେମାନଙ୍କର ଜୀବିକା । ସେମାନେ ଲୌହର ବ୍ୟବହାର ଜାଣିଲା ପରେ କୃଷି କାର୍ଯ୍ୟ ସମ୍ପ୍ରସାରିତ ହେଲା । ଏହା ଫଳରେ ଗଙ୍ଗା ଓ ଯମୁନା ନଦୀର ମଧବର୍ତ୍ତୀ ସ୍ଥାନ ଦୋଆବ ଅଞ୍ଚଳରେ ବିଶାଳ ଜନବସତି ଗଢ଼ି ଉଠିଲା । ପ୍ରତ୍ନତତ୍ତ୍ୱ ଉପାଦାନ ଓ ପରବର୍ତ୍ତୀ ବୈଦିକ ଯୁଗର ସାହିତ୍ୟରୁ ଏହି ବିଷୟରେ ସୂଚନା ମିଳେ । ଏହି ପ୍ରକାର ପରିବର୍ତ୍ତନ ଆର୍ଯ୍ୟମାନଙ୍କ ଜୀବନକୁ ବିଭିନ୍ନ

ଦିଗରୁବଦଳେଇ ଦେଇଥିଲା । ଆଦ୍ୟ ବୈଦିକ ଯୁଗର ରାଜନୈତିକ ଓ ସମାଜିକସ୍ତରରେ ପରିବର୍ତ୍ତନ ସଂଘଠିତ ହେଲା । ପରବର୍ତ୍ତୀ ବୈଦିକ ଯୁଗରେ ଜାତିପ୍ରଥା ଜଟିଳ ଆକାର ଧାରଣ କରିଥିଲା । ରାଜନୈତିକ କ୍ଷେତ୍ରରେ ବଂଶାନୁକ୍ରମିକ ନେତୃତ୍ୱ ଦେଖିବାକୁ ମିଳିଲା । ଏବଂ ରାଜାଙ୍କୁ ରାଜ କାର୍ଯ୍ୟରେ ସହଯୋଗ କରୁଥିବା କର୍ମଚାରୀମାନେ ପ୍ରତିନିଧି ପରିଷଦ ବା ସଭା ଗଠନ କଲେ । ଅସଂଖ୍ୟ ଯଜ୍ଞକାର୍ଯ୍ୟ ନିର୍ବାହ ହେଉଥିବାରୁ ରାଜା ଏବଂ ବ୍ରାହ୍ମଣମାନଙ୍କର ସମାଜରେ ପ୍ରତିପତ୍ତି ବୃଦ୍ଧି ହେଲା । ସେହିପରି ଋଗ୍ ବେଦ ଯୁଗରେ ପ୍ରାଧାନ୍ୟ ଲାଭ କରିଥିବା ଦେବଦେବୀଙ୍କ ପୂଜା ପରବର୍ତ୍ତୀ ବୈଦିକ ଯୁଗରେ ହୋଇ ନଥିଲା । ଏହି ଯୁଗରେ ନୂଆ ନୂଆ ଦେବଦେବୀଙ୍କର ପ୍ରାଧାନ୍ୟ ବୃଦ୍ଧି ପାଇଲା । ଏହିସବୁ ପରିବର୍ତ୍ତନ ଯୋଗୁଁ ନୂତନ ଜନପଦ ଏବଂ ମହାଜନପଦ ଗୁଡ଼ିକର ସୃଷ୍ଟି ହେଲା । ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀରେ ମହାଜନପଦ ବା ବୃହତ ରାଜ୍ୟଗୁଡ଼ିକ ଆତ୍ମପ୍ରକାଶ କଲେ ।

## TERMINAL QUESTIONS - ନିଜକୁ ନିଜେ ପରିଖିବା

1. ଆର୍ଯ୍ୟମାନେ କିଏ ? ସେମାନେ କେଉଁ ସ୍ଥାନରୁ ଭାରତକୁ ଆସିଥିଲେ ?
2. ଆଦ୍ୟ ବୈଦିକ ଯୁଗର ଲୋକମାନଙ୍କର ଭୌଗୋଳିକ ଅବସ୍ଥିତ ବିଷୟରେ ସୂଚନା ଦିଅ ।
3. ଆର୍ଯ୍ୟମାନଙ୍କର ପ୍ରଧାନ ସାଂସ୍କୃତିକ ଗତିବିଧି ବିଷୟରେ ଆଲୋଚନା କର ।
4. ପରବର୍ତ୍ତୀ ବୈଦିକ ଯୁଗରେ ଆର୍ଯ୍ୟମାନଙ୍କର ଅର୍ଥନୈତିକ କ୍ଷେତ୍ରରେ କି ପରିବର୍ତ୍ତନ ସଂଗଠିତ ହୋଇଥିଲା ବୁଝାଅ ।
5. ଲୌହର ବ୍ୟବହାର ଜାଣିବା ପରେ ପରବର୍ତ୍ତୀ ବୈଦିକ ଯୁଗରେ କୃଷିର କିପରି ଅଭିବୃଦ୍ଧି ଘଟିଥିଲା ବର୍ଣ୍ଣନା କର ।
6. ପରବର୍ତ୍ତୀ ବୈଦିକ ଯୁଗରେ ନାରୀମାନଙ୍କ ଉପରେ କି କି କଟକଣା ଜାରି କରାଯାଇଥିଲା ?
7. ପରବର୍ତ୍ତୀ ବୈଦିକ ଯୁଗରେ ବ୍ରାହ୍ମଣମାନଙ୍କର ପ୍ରାଧାନ୍ୟ କିପରି ବୃଦ୍ଧି ହେଲା ?
8. ପ୍ରାକ୍ ବୈଦିକ କାଳରେ ସଭା ଓ ସମିତିର କାର୍ଯ୍ୟ କ'ଣ ଥିଲା ବର୍ଣ୍ଣନା କର ?

## ANSWERS TO INTEXT QUESTIONS - ପ୍ରତ୍ୟାଶିତ ପୂର୍ବଜ୍ଞାନ

**4.1**

1. ପବିତ୍ର ଜ୍ଞାନ ।
2. ଋଗ୍‌ବେଦ, ସାମ୍‌ବେଦ, ଯର୍ଦୁବେଦ, ଏବଂ ଅଥର୍ବବେଦ ।
3. ଆରଣ୍ୟକ ଏବଂ ଉପନିଷଦ ।
4. ଯାଗଯଜ୍ଞ ପ୍ରଭୃତି କର୍ମକାଣ୍ଡକୁ ଆଧାର କରି ରଚିତ ମନ୍ତ୍ର ଗୁଡ଼ିକର ଅର୍ଥ ପ୍ରବନ୍ଧ ରୂପରେ ବାଖ୍ୟା ।
5. ଦାର୍ଶନିକ ଆଲୋଚନା ।

**4.2**

1. ବିଭିନ୍ନ ଭାଷାର ଶବ୍ଦଗୁଡ଼ିକର ଉଚ୍ଚାରଣ ଅର୍ଥରେ ସାମଂଜସ୍ୟ ପରିଲକ୍ଷିତ ହେଉଥିଲା ।
2. ଦକ୍ଷିଣ ସାଇବେରିଆରେ ଅବସ୍ଥିତ ଆଣ୍ଡ୍ରୋନୋଭୋ ସଂସ୍କୃତି ।







3. ବ୍ୟାକ୍ଟ୍ରିଆ- ମାର୍ଜିଆନା ।

4. ଘୋଡ଼ା, ସ୍ପୋକ୍ ଥିବା ଚକ, ଅଗ୍ନିବେଦି ଏବଂ ଶବଦାହର ପ୍ରମାଣ ।

**4.3**

1. ସିନ୍ଧୁ, ଝେଲମ୍, ଚେନାବ, ରବି, ବ୍ୟାସ, ସତଲେଜ୍, ସରସ୍ୱତୀ ।

2. ଉତ୍ତରପ୍ରଦେଶର କୋଶଳ ଏବଂ ଉତ୍ତରବିହାରର ବିଦେହ ।

**4.4**

1. ପଶୁପାଳନ ।

2. ୪.୪ ପାରା ୧ ଦେଖ

3. ୪.୪ ପାରା ୨ ଦେଖ

4. ଶିକାର, ବଢ଼େଇ କାମ, ତାଲିମ, ତନ୍ତୁବୁଣା, କୁସ୍ତି, ରଥ ନିର୍ମାଣ, ଧାତୁ ତରଳାଇବା ।

5. ଗାଇ ଥିଲା ବିନିମୟର ମାଧମ ।

**4.5**

1. କୃଷି ।

2. ୪.୫ର ପାରା ୨ ଦେଖ ।

3. ଇନ୍ଦ୍ରଦେବତା ।

4. ବହୁଳ ଭାବରେ ବ୍ୟବହୃତ ଖାଦ୍ୟପୋଯୋଗୀ ତେଲ ।

5. ଘଞ୍ଚ ଅରଣ୍ୟକୁ ସଫା କରିବା, ଲୁହା ଲଙ୍ଗଳ ମାଟିକୁ ଓଲଟାଇ ଉର୍ବର କରୁଥିଲା ।

6. କୃଷି ଭିତ୍ତିକ ଅର୍ଥନୀତିର ଅଭିବୃଦ୍ଧି ଏବଂ କ୍ରମାଗତ ଜନସଂଖ୍ୟା ବୃଦ୍ଧି ।

**4.6**

1. ଏକ ପତ୍ନୀକ ଓ ବହୁପତ୍ନୀକ ।

2. ହଁ, ଜାତି ବିଭାଜନ ନଥିଲା । ବୃତ୍ତି ଜନ୍ମଭିତ୍ତିକ ନଥିଲା ।

3. ବର୍ଣ୍ଣ ଏବଂ ରଙ୍ଗକୁ ଆଧାର କରି ।

4. ରାଜା ଏବଂ ପୁରୋହିତଙ୍କ ହାତରେ ଯୁଦ୍ଧ ଲବ୍ଧ ଧନ କେନ୍ଦ୍ରିଭୂତ ହେବା ।

**4.7**

1. ଯୌଥ ପରିବାର ।

2. ବଂଶାନୁକ୍ରମିକ, ସମଗୋତ୍ରୀଙ୍କ ବିବାହ ନିଷେଧ ।

3. ଉପନୟନ ସଂସ୍କାରରୁ ବଞ୍ଚିତ ।

4. ୪.୭ର ଶେଷ ପାରା ଦେଖ ।

**4.8**

1. ୪.୮ର ପାରା ୧କୁ ଦେଖ ।
2. ପାଣିପାଗର ଦେବତା ବଜ୍ରର ଦେବତା ।
3. ଦେବଦେବୀମାନଙ୍କୁ ପ୍ରାର୍ଥନା ଦ୍ୱାରା ସନ୍ତୁଷ୍ଟ କରିବା ।
4. ସେ ଥିଲେ ସଡ଼କ, ଗାଈ ଜଗୁଆଳୀ ଏବଂ ଗୋରୁଗାଈଙ୍କ ଦେବତା ।
5. ଦେବତା ଏବଂ ମନୁଷ୍ୟଙ୍କ ମଧ୍ୟରେ ମଧ୍ୟସ୍ଥି ।

**4.9**

1. ବ୍ରାହ୍ମଣ ଜାତିର ପ୍ରାଧାନ୍ୟର ଅଭିବୃଦ୍ଧି ତଥା ଏହି ପ୍ରାଧାନ୍ୟକୁ ବଳବତ୍ତର ରଖିବା ପାଇଁ ଉଦ୍ୟମ ଯୋଗୁଁ ।
2. ସାମ୍ରାଜ୍ୟ ସୀମାର ସୁରକ୍ଷା ତଥା ରାଜ୍ୟ ମଧ୍ୟରେ ନିଜର କ୍ଷମତା ପ୍ରତିଷ୍ଠା କରିବା ପାଇଁ ।
3. ବିପୁଳ ଧନରତ୍ନ ଦାନ ଏବଂ ଦକ୍ଷିଣା ଆକାରରେ ବ୍ରାହ୍ମଣମାନଙ୍କ ହାତକୁ ଚାଲିଯାଉଥିଲା ।
4. ଏହା ସେମାନଙ୍କର ଆର୍ଥିକ ଅବନତି ଘଟାଉଥିଲା ।

**4.10**

1. ଜୀବନର ସମସ୍ତ ବିଷୟ୍ ଯୁଦ୍ଧ ଲବ୍ଧ ଧନର ବିତରଣ, ବିଚାର ବ୍ୟବସ୍ଥା ଏବଂ ଧର୍ମ ସମ୍ବନ୍ଧୀୟ୍ କାର୍ଯ୍ୟ ।
2. ଶତ୍ରୁ କବଳରୁ ମନୁଷ୍ୟ ଏବଂ ଗୋରୁଗାଈଙ୍କୁ ରକ୍ଷା କରିବା ।
3. ସ୍ୱତନ୍ତ୍ର ଉତ୍ସବକୁ ସାଧାରଣ ଲୋକଙ୍କ ସ୍ୱଚ୍ଛାକୃତ ଦାନ ।
4. ପୁରୋହିତ, ସେନାନୀ, କୂଳପ, ଗ୍ରାମଣୀ ।

**4.11**

1. ଏହା ବଂଶାନୁକ୍ରମିକ ହେଲା ।
2. ରାଜାମାନେ ଅଧିକ କ୍ଷମତାଶାଳୀ ହେଲେ ଏବଂ ରାଜାଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରୁଥିବା ଜନପ୍ରତିନିଧି ସଭା କାର୍ଯ୍ୟ ପରିଚାଳନା କଲେ ।
3. ରାଜାଙ୍କ କ୍ଷମତାର ପ୍ରତିଷ୍ଠା କରିବାକୁ ।

**HINTS TO TERMINAL QUESTIONS**

1. ୪.୨ର ପାରା ୧ ଓ ୨
2. ୪.୩ ପାରା ଦେଖ
3. ୪.୨ର ପାରା ୨
4. ୪.୫ ଦେଖ
5. ୪.୫ର ପାରା ୨

6. ୪.୭ର ପାରା ୧

7. ୪.୧୧ର ପାରା ଦେଖ

8. ୪.୧୦ ପାରା ଦେଖ

**GLOSSARY :**

Pastoralism : ପାଷ୍ଟୋରାଲିଜିମ୍- ଜୀବିକା ରୂପେ ପଶୁପାଳନ କରିବା ଏବଂ ସ୍ୱଳ୍ପ କୃଷି କାର୍ଯ୍ୟ କରିବା ।

Patriarchal : ପ୍ରାଟ୍ରିଆରକଲ୍- ପିତୃ କୈନ୍ଦ୍ରିକ ।

Monogamy : ମନୋଗାମୀ- ଏକ ପତ୍ନୀକ ବ୍ୟବସ୍ଥା ।

Polygamy : ପଲିଗାମୀ- ବହୁ ପତ୍ନୀକ ବ୍ୟବସ୍ଥା ।

Clan : କ୍ଲାନ୍- ଜାତି ।

Tribe : ଟ୍ରାଇବ୍- ଜନଜାତି ।

Egalitarian : ଇଗାଲିଟାରିଆନ୍- ଶ୍ରେଣୀହୀନ ସମାଜ ।

PGW : (Pairted Grey ware) ପି.ଜି.ଡବ୍ଲୁ-

# 5

# ଜନପଦରୁ ସାମ୍ରାଜ୍ୟ

ଆମ୍ଭେ ପୂର୍ବ ଅଧ୍ୟାୟରୁ ଜାଣିଲେ ଯେ ପରବର୍ତ୍ତୀ ବୈଦିକ ସମାଜର ଅଧିବାସୀ ଗଙ୍ଗାନଦୀ କୂଳରେ ସ୍ଥାୟୀ ବସତି ସ୍ଥାପନ କରିଥିଲେ । ଏହି ଅଧ୍ୟାୟରେ ଆମେ ପଢ଼ିବାକୁ ପାଇବା କିପରି କୃଷିର ଅଭିବୃଦ୍ଧି ଯୋଗୁଁ ସ୍ଥାୟୀ ବସତି ସ୍ଥାପିତ ହେଲା ପରେ କ୍ରମଶଃ ୧୬ ଗୋଟି ମହାଜନପଦ ବା ବିଶାଳ ରାଜ୍ୟଗୁଡ଼ିକର ଆବିର୍ଭାବ ହେଲା । ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀରେ ଉତ୍ତର ଭାରତରେ ଏହି ରାଜ୍ୟଗୁଡ଼ିକର ଉତ୍‌ଥାନ ହୋଇଥିଲା । ଆମେ ମଧ୍ୟ ଆହୁରି ଜାଣିପାରିବା କେଉଁ କାରଣ ଯୋଗୁଁ ଏହି ରାଜ୍ୟଗୁଡ଼ିକ ମଧ୍ୟରୁ ମଗଧ ରାଜ୍ୟ ଅନ୍ୟାନ୍ୟ ରାଜ୍ୟମାନଙ୍କୁ ପରାସ୍ତ କରି ଏକ ବିଶାଳ ସାମ୍ରାଜ୍ୟରେ ପରିଣତ ହୋଇଥିଲା । ମୌର୍ଯ୍ୟ ବଂଶର ରାଜତ୍ୱ ସମୟରେ ଏହି ସାମ୍ରାଜ୍ୟର ପ୍ରାଧାନ୍ୟ ବୃଦ୍ଧି ପାଇଥିଲା । ମୌର୍ଯ୍ୟ ଶାସନ ସମୟରେ କିପରି ଅର୍ଥନୈତିକ ଅଭିବୃଦ୍ଧି ସହିତ ସାଂସ୍କୃତିକ ବିକାଶ ଚରମସୀମାରେ ଉପନୀତ ହୋଇଥିଲା । ଅଶୋକଙ୍କ ମୃତ୍ୟୁର ୫୦ ବର୍ଷ ପରେ ମୌର୍ଯ୍ୟ ସାମ୍ରାଜ୍ୟର ପତନ ଘଟିଥିଲା । ଆମେ ମଧ୍ୟ ମୌର୍ଯ୍ୟ ସାମ୍ରାଜ୍ୟର ପତନର କାରଣମାନ ଆଲୋଚନା କରିବା । ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀରେ ବୌଦ୍ଧ ଧର୍ମ ଓ ଜୈନ ଧର୍ମପରି ନୂତନ ଧର୍ମର ଉତ୍ପତ୍ତି ହୋଇଥିଲା । ଆମ୍ଭେମାନେ ଏହି ଧର୍ମର ଉତ୍ପତ୍ତି ହେବାର କାରଣ ସମ୍ବନ୍ଧରେ ଏବଂ ଏହି ଧର୍ମ ଦ୍ୱୟର ପ୍ରମୁଖ ଆଦର୍ଶ ଉପରେ ଆଲୋକପାତ କରିବା ।

## OBJECTIVES - ଉଦ୍ଦେଶ୍ୟ

**ଏହି ବିଷୟ ଅଧ୍ୟୟନ ପରେ ତୁମେ ଜାଣିବାକୁ ପାଇବ-**

- ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀରେ ଭୌତିକ ଓ ସାମାଜିକ ବିଷୟ ଯଥା କୃଷିର ଅଭିବୃଦ୍ଧି ଓ ନୂତନ ସାମାଜିକ ଶ୍ରେଣୀର ଉତ୍‌ଥାନକୁ ଆଧାର କରି ନୂତନ ମହାଜନପଦ ଗୁଡ଼ିକର ଉନ୍ମେଷ ହେବା ସଂଗେ ସଂଗେ ନୂତନ ଧର୍ମର ମଧ୍ୟ ଉତ୍‌ଥାନ ଘଟିଥିଲା ।
- ବୌଦ୍ଧ ଧର୍ମ ଓ ଜୈନ ଧର୍ମର ଆଦର୍ଶ, ପୃଷ୍ଠପୋଷକତା, ବିସ୍ତାର ଏବଂ ପ୍ରଭାବ ।
- ଏକ ଛୋଟ ରାଜନୈତିକ ଏକକର ଅଭିବୃଦ୍ଧି ହୋଇ ସାମ୍ରାଜ୍ୟରେ ପରିଣତ କିପରି ହେଲା ଏବଂ ୧୬ଟି ମହାଜନପଥର ତାଲିକା ।
- ଅଶୋକ ତାଙ୍କ ଧର୍ମନୀତି ଦ୍ୱାରା କିପରି ଏକ ବିଶାଳ ସାମ୍ରାଜ୍ୟକୁ ରାଜନୈତିକ ଐକ୍ୟ ପ୍ରଦାନ କରିଥିଲେ ।
- ମୌର୍ଯ୍ୟ ଶାସନ ସମୟରେ ଅନୁଶାସନ, ଅର୍ଥନୀତି, ସମାଜ, କଳା କିପରି ଥିଲା ।
- ଏବଂ ମୌର୍ଯ୍ୟ ସାମ୍ରାଜ୍ୟର ପତନର କାରଣମାନ ।

## 5.1 THE EMERGENCE OF NEW RELIGIONS- ନୂତନ ଧର୍ମର ଉତ୍ପତ୍ତି

ଏହି ସମୟରେ ଅର୍ଥନୀତି ଓ ରାଜନୀତିକ ବ୍ୟବସ୍ଥାର ପ୍ରଧାନ କେନ୍ଦ୍ର, ହରିଆନା ଏବଂ ପଶ୍ଚିମ ଉତ୍ତରପ୍ରଦେଶରୁ ସ୍ଥାନାନ୍ତରିତ ହୋଇ ପୂର୍ବ-ଉତ୍ତରପ୍ରଦେଶ ଏବଂ ବିହାରରେ ହେଲା । କାରଣ ଏହି



ଟିପ୍ପଣୀ



ସ୍ଥାନରେ ପ୍ରଚୁର ବୃଷ୍ଟି ହେବା ସଂଗେ ସଂଗେ ଉର୍ବର ମୃତ୍ତିକା ମଧ ଥିଲା । ବିହାରରୁ ଏଣିକି ଲୁହାପଥର ପାଇବା ସହଜ ହେଲା । ଫଳରେ ଲୋକମାନେ ଅଧିକରୁ ଅଧିକ ଲୌହ ଯନ୍ତ୍ରପାତି ବ୍ୟବହାର କଲେ ଏବଂ ଲୌହ ଲଙ୍ଗଳ ସାହାଯ୍ୟରେ ଜଙ୍ଗଲ ଜମିକୁ କୃଷି ଉପଯୋଗୀ କରିପାରିଲେ । ଏହି ସମୟରେ କୃଷିର ଅଭିବୃଦ୍ଧିର ପ୍ରମାଣ ତତ୍କାଳୀନ ଓ ସାହିତ୍ୟିକ ଉପାଦାନରୁ ମିଳିଥାଏ । ପଶ୍ଚିମ-ଉତ୍ତରପ୍ରଦେଶର ଏଟହା ଜିଲ୍ଲାର ଜାଖେରା ନାମକ ସ୍ଥାନରୁ ଏକ ପ୍ରତ୍ନତାତ୍ତ୍ୱିକ ଅବଶେଷ ଖ୍ରୀ:ପୂ: ୫୦୦ ବେଳର ଲଙ୍ଗଳ ଆବିଷ୍କୃତ ହୋଇ ଅଛି । ଏହି ଯୁଗରେ ଅଧିକାଂଶ ଲୌହର ବ୍ୟବହାର ହେଉଥିଲା ବୋଲି ରାଜଘାଟ, କୋଶାମ୍ବୀ, ବୈଶାଳୀ ଏବଂ ସୋନପୁରରୁ ପ୍ରମାଣ ମିଳିଅଛି । ବୌଦ୍ଧ ଧର୍ମ ଶାସ୍ତ୍ରର ବର୍ଣ୍ଣନା ଅନୁଯାୟୀ ଧାନ, ଆଖୁ ଏବଂ ଶୋରିଷ ଚାଷ ପାଇଁ ଜମିକୁ ବାରମ୍ବାର ହଳ କରିବାର ଦରକାର ପଡିଥିଲା । କୃଷିର ଅଭିବୃଦ୍ଧି ଯୋଗୁଁ ବଳକା ଖାଦ୍ୟ ରପ୍ତାନୀ ହେଉଥିଲା । ଫଳରେ କାରିଗରୀ ଉତ୍ପାଦନ ଓ ବ୍ୟବସାୟ ବାଣିଜ୍ୟର ବିକାଶ ହୋଇ ବ୍ୟବସାୟ କେନ୍ଦ୍ରମାନ ସୃଷ୍ଟି ହେଲା ।

ଭାରତୀୟ ଉପମହାଦେଶରେ ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀ ଦ୍ୱିତୀୟ 'ସହର ସଭ୍ୟତା'ର ଯୁଗ ରୂପେ ପରିଗଣିତ ହୁଏ । ହରପ୍ପା ସହରୀ ସଭ୍ୟତାର ବିଲୟର ଏକ ହଜାର ବର୍ଷ ପରେ ପୁନର୍ବାର ଏକ ନଗର ସଭ୍ୟତାର ଉନ୍ମେଷ ଘଟିଥିଲା । ଗଙ୍ଗାନଦୀର ମଧ ଅବବାହିକାରେ ଏହି ନଗର ସଭ୍ୟତା ଆତ୍ମପ୍ରକାଶ କଲା । କୁହାଯାଏ ଯେ ପାଟଳିପୁତ୍ର, ରାଜଗୃହ, ଶ୍ରାବସ୍ତୀ, ବାରାଣାସୀ, ବୈଶାଳୀ, ଚମ୍ପା, କୋଶାମ୍ବୀ ଏବଂ ଉଜ୍ଜୟିନୀ ପରି ପ୍ରାୟ ୬୦ଟି ସହରର ଉନ୍ମେଷ ଘଟିଥିଲା । ଖ୍ରୀ:ପୂ: ୬୦୦ରୁ ଖ୍ରୀ:ପୂ: ୩୦୦ ମଧରେ ଏହି ସହର ଗୁଡ଼ିକ ଗଢ଼ିଉଠିଥିଲା । ଏହି ସହରଗୁଡ଼ିକ କାରିଗରୀ ଶିଳ୍ପ ଉତ୍ପାଦନର ପ୍ରମୁଖ କେନ୍ଦ୍ରରୂପେ ଗଢ଼ିଉଠିଥିଲା । ଏବଂ ଏହି ସହରମାନଙ୍କରେ କାରିଗର ଓ ବଣିକମାନଙ୍କର ବସତି ସ୍ଥାପିତ ହୋଇଥିଲା । ଏଠିକାର କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ଦ୍ରବ୍ୟ ମଧରେ ସୂତା ଓ ପଶମ ପୋଷାକ, ଅଳଙ୍କାର ଏବଂ ମୃଣ୍ମୟପାତ୍ର ଥିଲା ପ୍ରଧାନ । ବଣିକମାନେ ଏହିସବୁ ଦ୍ରବ୍ୟକୁ ଅନ୍ୟାନ୍ୟ ସ୍ଥାନକୁ ବୋହି ନେଉଥିଲେ । ବାରାଣାସୀ ଶ୍ରାବସ୍ତୀ ଓ କୋଶାମ୍ବୀ ମୁଖ୍ୟ ବାଣିଜ୍ୟ କେନ୍ଦ୍ରରୂପେ ମାନ୍ୟତାଲାଭ କରିଥିଲା । ଶ୍ରାବସ୍ତୀ, କୁଶିନଗର ଏବଂ କପିଳବାସ୍ତୁ ମଧ ବୈଶାଳୀ ସହିତ ସଂଯୁକ୍ତ ହୋଇଥିଲା । ଜାତକ ଗଳ୍ପର ବର୍ଣ୍ଣନା ଅନୁଯାୟୀ ବଣିକମାନେ ମଗଧ ଏବଂ କୋଶଳରୁ ମଥୁରା ବାଟଦେଇ ତକ୍ଷଶିଳାରେ ପହଞ୍ଚୁଥିଲେ । ମଥୁରାରୁ ଉଜ୍ଜୟିନୀ ଏବଂ ଗୁଜୁରାଟ ଉପକୂଳକୁ ଯିବାର ସୁବିଧା ଥିଲା ।

ଅବିଷ୍କୃତ ହଜାର ହଜାର ଛାପାଯୁକ୍ତ ମୁଦ୍ରା (PMC) ତତ୍କାଳୀନ ସମୃଦ୍ଧ ବାଣିଜ୍ୟ ବ୍ୟବସାୟ ଉପରେ ଆଲୋକପାତ କରିଥାଏ । ଏହି ମୁଦ୍ରାଗୁଡ଼ିକରେ ଜୀବଜନ୍ତୁ, ପର୍ବତ, ବୃକ୍ଷ ଆଦିର ଛାପା ଦେଖିବାକୁ ମିଳେ । ମୁଦ୍ରାତତ୍ତ୍ୱବିଦ୍‌ମାନେ ୫୫୦ଟି ଛାପାଯୁକ୍ତ ମୁଦ୍ରାକୁ ଚିହ୍ନଟ କରିଛନ୍ତି । ଏହିଗୁଡ଼ିକ ମୁଖ୍ୟତଃ ରୌପ୍ୟ ଏବଂ ତାମ୍ର ଧାତୁରେ ନିର୍ମିତ ହୋଇଥିଲା ।

କୃଷି ଏବଂ ବାଣିଜ୍ୟର ଉନ୍ନତି, ସମୃଦ୍ଧ ଅର୍ଥନୀତି ତଥା ସହରୀ ସଭ୍ୟତାର ଉନ୍ମେଷ ତଦ୍‌କାଳୀନ ସମାଜ ଉପରେ ଗଭୀର ପ୍ରଭାବ ପକାଇଥିଲା । ଏହି ପରିବର୍ତ୍ତନ ଯୋଗୁଁ ପାରମ୍ପରିକ ଏକତା ଓ ଭ୍ରାତୃତ୍ୱ କ୍ରମଶଃ ଲୋପ ପାଇଲା । ଏଥି ସହିତ ଜାତିଗତ ବିଭେଦ ଏବଂ ସାମାଜିକ ବିଷମତା ସୃଷ୍ଟି ହେଲା । ନୂତନ ରୂପେ ଆତ୍ମପ୍ରକାଶ କରିଥିବା ସାମାଜିକ ସମସ୍ୟା ତଥା- ହିଂସା, ନିଷ୍ଠୁରତା, ଚୋରି, ଘୃଣା ଏବଂ ମିଥ୍ୟାଚାରରୁ ରକ୍ଷା ପାଇବା ପାଇଁ ଜନସାଧାରଣ ଆତୁର ରହୁଥିଲେ । ତେଣୁ ଜୈନ ଧର୍ମ ଓ ବୌଦ୍ଧ ଧର୍ମପରି ନୂତନ ଧର୍ମ ଜନ୍ମଲାଭ କରି ସାମାଜିକ ଏକତା ଏବଂ ଶାନ୍ତିର ବାର୍ତ୍ତା ପ୍ରଚାର କରିବାରୁ ଜନସାଧାରଣ ଏହାକୁ ସ୍ୱାଗତ କରିଥିଲେ । ଏହି ଧର୍ମର ଆଦର୍ଶ ଅନୁସାରେ ଭୌତିକ ଉନ୍ନତି ଯୋଗୁଁ ପ୍ରକୃତ ଶାନ୍ତି ମିଳିନଥାଏ କିମ୍ବା ଯାଗଯଜ୍ଞ ଓ କ୍ରିୟାକର୍ମ ଦ୍ୱାରା ଶାନ୍ତି ମିଳିନଥାଏ । କିନ୍ତୁ ଦାନଧର୍ମ, ଦୟା, ଅହିଂସା ଏବଂ ସତ୍ ବ୍ୟବହାରରୁ ପରମ ଶାନ୍ତି ମିଳିଥାଏ । ସମୃଦ୍ଧ ଅର୍ଥନୈତିକ ବ୍ୟବସ୍ଥା ଯୋଗୁଁ ବୈଶ୍ୟ ସମ୍ପ୍ରଦାୟ ଏବଂ ବଣିକ ସମ୍ପ୍ରଦାୟରେ ପରିଣତ ହେଲା । ସେମାନେ ଆର୍ଥିକ ଦୃଷ୍ଟିକୋଣରୁ ସମୃଦ୍ଧ ହେଲା ପରେ ସମାଜରେ ଉଚ୍ଚସ୍ଥାନ ଦାବି କଲେ । ତେଣୁ ସେମାନେ ବୈଦିକ

ଧର୍ମ ପରିବର୍ତ୍ତେ ବୌଦ୍ଧ ଧର୍ମ ଓ ଜୈନ ଧର୍ମର ଉନ୍ନତି ପାଇଁ ଆର୍ଥିକ ପ୍ରୋତ୍ସାହନ ଦେଇଥିଲେ ।

ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀରେ ଜୈନ ଧର୍ମ ଓ ବୌଦ୍ଧ ଧର୍ମ ସମାଜରେ ବ୍ରାହ୍ମଣମାନଙ୍କର ପ୍ରାଧାନ୍ୟକୁ ବିରୋଧ କରିଥିଲେ । ଏଥି ସହିତ ବୌଦ୍ଧ ଗ୍ରନ୍ଥ ଅନୁଯାୟୀ ଏହି ସମୟରେ ବ୍ରାହ୍ମଣ୍ୟ ହିନ୍ଦୁ ଧର୍ମକୁ ବିରୋଧ କରି ୬୨ ପ୍ରକାର ଧର୍ମ ଗୋଷ୍ଠୀ ଏବଂ ଦର୍ଶନ ଆତ୍ମପ୍ରକାଶ କଲା । ଏହି ଧର୍ମଗୋଷ୍ଠୀମାନଙ୍କ ମଧ୍ୟରୁ ଗୋଟିଏ ଥିଲା ଅଜୀଭିକ ଶ୍ରେଣୀ । ମୋଖଲି ଗୋଶାଲ ଥିଲେ ଏହାର ପ୍ରତିଷ୍ଠାତା । ଖ୍ରୀ:ପୂ: ତୃତୀୟ ଶତାବ୍ଦୀ ବେଳକୁ ଏହି ଗୋଷ୍ଠୀ ମଗଧରେ ବହୁ ଲୋକପ୍ରିୟ ଥିଲେ । ମୌର୍ଯ୍ୟ ରାଜାମାନେ ଏହି ଅଜୀଭିକ ମାନଙ୍କ ପାଇଁ ଅନେକ ଗୁମ୍ଫା ନିର୍ମାଣ କରିଥିଲେ ।

## INTEXT QUESTIONS 5.1 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀରେ ଯେଉଁ ସ୍ଥାନମାନଙ୍କରୁ ଲୁହା ହତିଆର ମିଳିଅଛି ସେଗୁଡ଼ିକର ନାମ ଲେଖ ।

______________________________

2. କେତେଗୁଡ଼ିଏ ପ୍ରମୁଖ ବାଣିଜ୍ୟ ପଥ ଏବଂ ବାଣିଜ୍ୟ କେନ୍ଦ୍ର ବିଷୟରେ ବର୍ଣ୍ଣନା କର ?

______________________________

3. କାହିଁକି ପ୍ରାଚୀନତମ ମୁଦ୍ରାକୁ ଛାପାଯୁକ୍ତ ମୁଦ୍ରା କୁହାଯାଏ ?

______________________________

4. ଅଜୀଭିକ ଧର୍ମର ପ୍ରତିଷ୍ଠାତା କିଏ ଥିଲେ ?

______________________________

## 5.2 DOCTRINES OF JAINISM AND BUDDHISM
## ଜୈନ ଧର୍ମ ଏବଂ ବୌଦ୍ଧ ଧର୍ମର ଆଦର୍ଶ

**ଜୈନଧର୍ମ :** ବର୍ଦ୍ଧମାନ ମହାବୀର ଥିଲେ ଜୈନଧର୍ମର ପ୍ରତିଷ୍ଠାତା । ଖ୍ରୀ:ପୂ: ୫୯୯ ରେ ସେ ବିହାରର ବୈଶାଳୀ ନିକଟରେ ଜନ୍ମଗ୍ରହଣ କରିଥିଲେ । ଜୈନଧର୍ମର ସେ ଥିଲେ ୨୪ ତମ ଏବଂ ଶେଷ ତୀର୍ଥଙ୍କର । ମନୁଷ୍ୟ ଜୀବନର ଲକ୍ଷ୍ୟ ହେଉଛି, ଆତ୍ମଶୁଦ୍ଧି ଏବଂ ନିର୍ବାଣ ପ୍ରାପ୍ତି ବୋଲି ଜୈନଧର୍ମ ବିଶ୍ୱାସ କରେ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଯାଗଯଜ୍ଞ କିମ୍ବା ପୂଜା ପଦ୍ଧତିର ଆବଶ୍ୟକତା ପଡ଼େ ନାହିଁ । ଏହି ଲକ୍ଷ୍ୟରେ ପହଞ୍ଚିବା ପାଇଁ ତ୍ରିରତ୍ନ ଏବଂ ପଞ୍ଚମହାବ୍ରତ ପାଳନ କରିବା ଉଚିତ । ତ୍ରିରତ୍ନ ଅର୍ଥ ତିନୋଟି ରତ୍ନ ଯଥା ୧- ସତ୍‌ବିଶ୍ୱାସ, ୨- ସତ୍‌ଜ୍ଞାନ, ୩- ସତ୍‌ଚରିତ୍ର, ଯାହାକି ମୁକ୍ତିର ମାର୍ଗ ପ୍ରଦର୍ଶନ କରେ । ସତ୍‌ଚରିତ୍ର କହିଲେ ୫ଗୋଟି ପ୍ରତିଜ୍ଞାର ପାଳନ ଯଥା ୧- ଅହିଂସା, ୨- ସତ୍ୟବଚନ, ୩- ଅଚୌର୍ଯ୍ୟ, ୪- ବ୍ରହ୍ମଚର୍ଯ୍ୟ ଏବଂ ୫- ଅପରିଗ୍ରହ । ଗୃହସ୍ଥମାନଙ୍କ ପାଳନ ପାଇଁ 'ଅଣୁଗତ' ବା ମଝିପଥ ଜୈନ ଧର୍ମରେ ଦେଖିବାକୁ ମିଳେ । ଏଥିରୁ ସ୍ପଷ୍ଟ ହୁଏ ଯେ ବ୍ରାହ୍ମଣ୍ୟ ଧର୍ମ କର୍ମକାଣ୍ଡକୁ ମହତ୍ତ୍ୱ ଦିଏ, ଅଥଚ ଜୈନଧର୍ମ ଆଚରଣଶୁଦ୍ଧିରେ ଅଧିକ ବିଶ୍ୱାସ କରେ ।

ଜୈନଧର୍ମର ଅନ୍ୟ ଏକ ବାଣୀ ହେଲା 'ଅନେକାନ୍ତବାଦ' ବା 'ସ୍ୟାଦବାଦ' । ଏହି ନୀତି ଅନୁଯାୟୀ କୌଣସି ପ୍ରଶ୍ନର ଉତ୍ତର ଅନେକ ଦୃଷ୍ଟିକୋଣରୁ ମିଳିଥାଏ । ଜୈନଧର୍ମର ଅନ୍ୟ ଏକ ନୀତି ହେଲା କଠିନ ଉପବାସ ପାଳନ କରିବା, ସଂଯମ ରହିବା ଏବଂ ନିଜକୁ ଶୃଙ୍ଖଳିତ କରିବା । ମହାବୀର ପ୍ରାକୃତ ଭାଷାରେ ନିଜର ବାଣୀ ପ୍ରଚାର କରିଥିଲେ । ଅନ୍ୟ ଧର୍ମ ପରି ଜୈନଧର୍ମ ମଧ ଦୀର୍ଘ ଦିନ ସ୍ଥାୟୀହୋଇ ରହିପାରି ନଥିଲା । କ୍ରମଶଃ ଜୈନଧର୍ମ ଅବଲମ୍ବୀମାନେ ଦିଗମ୍ବର ଓ ଶ୍ୱେତାମ୍ବର ଏହିପରି ଦୁଇଭାଗରେ ବିଭକ୍ତ ହୋଇଗଲେ । ଦିଗମ୍ବରମାନେ ସମ୍ପୂର୍ଣ୍ଣ ନିର୍ବସ୍ତ୍ର ରହୁଥିବା ବେଳେ ଶ୍ୱେତାମ୍ବରମାନେ ଧଳାବସ୍ତ୍ର ପରିଧାନ କରୁଥିଲେ ।

**ବୌଦ୍ଧଧର୍ମ :** ଗୌତମ ବୁଦ୍ଧ ଥିଲେ ବୌଦ୍ଧଧର୍ମର ପ୍ରତିଷ୍ଠାତା । ଖ୍ରୀ:ପୂ: ୫୬୬ରେ ସେ ନେପାଳ ପାଦଦେଶରେ ଲୁମ୍ବିନୀ ନାମକ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ । ଦିନେ ସେ ରାଜପ୍ରାସାଦ ତ୍ୟାଗ କରି ସତ୍ୟର ଅନୁସନ୍ଧାନ ପାଇଁ ବାହାରି ଗଲେ ଏବଂ ଶେଷରେ ବୋଧଗୟା ନିକଟରେ ପ୍ରକୃତ ଜ୍ଞାନଲାଭ କଲେ । ଏହାପରେ ସେ ବୁଦ୍ଧ ନାମରେ ପରିଚିତ ହେଲେ । ସେ ବାରାଣାସୀର ସାରନାଥ ଠାରେ ପ୍ରଥମ ପ୍ରବଚନ ଦେଇଥିଲେ । ଏହି ଘଟଣା 'ଧର୍ମଚକ୍ର ପ୍ରବର୍ତ୍ତନ' ନାମରେ ଖ୍ୟାତ । ସେ ମଧ୍ୟ ବୌଦ୍ଧ ସଂଘ ପ୍ରତିଷ୍ଠା କରିଥିଲେ । ଶେଷରେ ସେ ୮୦ ବର୍ଷ ବୟସରେ ପୂର୍ବ ଉତ୍ତରପ୍ରଦେଶସ୍ଥିତ ଗୋରଖପୁରର କୁଶିନାରା ବା କୁଶିନଗର ଠାରେ ପ୍ରାଣତ୍ୟାଗ କରିଥିଲେ ।

ଗୌତମ ବୁଦ୍ଧ ତାଙ୍କ ଶିଷ୍ୟମାନଙ୍କୁ ପ୍ରାର୍ଥିବ ସୁଖ ଠାରୁ ଦୂରେଇ ରହିବା ପାଇଁ ଉପଦେଶ ଦେଇଥିଲେ । ସେ ମଧ୍ୟ ପ୍ରଚଳିତ ପୂଜା ପଦ୍ଧତିକୁ ଗ୍ରହଣ ନକରିବା ପାଇଁ ପରାମର୍ଶ ଦେଇଥିଲେ । ସେ ଦେଇଥିବା ମଧ୍ୟମ ମାର୍ଗ ବିଷୟରେ ଦାର୍ଶନିକ ଚିନ୍ତାଧାରା ତାଙ୍କ ଉପଦେଶରେ ପ୍ରତିଫଳିତ ହୋଇଥାଏ । ଗୌତମବୁଦ୍ଧଙ୍କର ମୌଳିକ ତତ୍ତ୍ୱସମ୍ବଳିତ ଶିକ୍ଷା 'ଚାରିଆର୍ଯ୍ୟସତ୍ୟ' ବା 'ଚତ୍ୱାରିଆର୍ଯ୍ୟସତ୍ୟାନି' ଏବଂ 'ଅଷ୍ଟାଙ୍ଗୀକମାର୍ଗ'ରେ ଦେଖିବାକୁ ମିଳେ । ତାଙ୍କର ଚାରିଆର୍ଯ୍ୟସତ୍ୟ ହେଲା ୧- ମନୁଷ୍ୟ ଜୀବନ ଦୁଃଖପୂର୍ଣ୍ଣ, ୨- ଦୁଃଖର କାରଣ କାମନା, ୩- କାମନାର ବିନାଶରେ ଦୁଃଖର ବିନାଶ, ୪- ଦୁଃଖର ବିନାଶ ପାଇଁ ଅଷ୍ଟାଙ୍ଗୀକମାର୍ଗ 'ଅନୁସରଣ' କରିବା ଉଚିତ । ଏହି ପୃଥିବୀରେ ଜନ୍ମ, ବୃଦ୍ଧାବସ୍ଥା, ମୃତ୍ୟୁ ହେତୁ ମନୁଷ୍ୟ ଦୁଃଖ ପାଏ । ଏହି ଦୁଃଖରୁ ମୁକ୍ତି ପାଇବା ପାଇଁ ମନୁଷ୍ୟ କାମନା ଉପରେ ବିଜୟଲାଭ କରିବା ଉଚିତ୍ । କେବଳ 'ଆର୍ଯ୍ୟ ଅଷ୍ଟାଙ୍ଗୀକମାର୍ଗ' ଦ୍ୱାରା ହିଁ ମନୁଷ୍ୟ ଦୁଃଖକୁ ଦୂର କରିପାରିବ । ଏହି ଅଷ୍ଟାଙ୍ଗୀକମାର୍ଗ ହେଉଛି ୧- ସତ୍ ବିଶ୍ୱାସ, ୨- ସତ୍ ପ୍ରତିଜ୍ଞା, ୩- ସତ୍ ବାକ୍ୟ, ୪- ସତ୍‌କାର୍ଯ୍ୟ, ୫- ସତ୍ ଜୀବନ, ୬- ସତ୍ ଚେଷ୍ଟା, ୭- ସତ୍ ଚିନ୍ତା ଏବଂ ୮- ସତ୍‌ସଂଯମ ।

ଗୌତମ ବୁଦ୍ଧ ପ୍ରଚଳିତ ପାଲି ଭାଷାରେ ତାଙ୍କ ନିତିବାଣୀଗୁଡ଼ିକ ପ୍ରଚାର କରିଥିଲେ । ବୁଦ୍ଧ ନିଚଜାତିର ଏବଂ ସ୍ତ୍ରୀଲୋକମାନଙ୍କୁ ତାଙ୍କ ସଙ୍ଗରେ ଯୋଗଦେବା ପାଇଁ ସ୍ୱାଗତ କରିଥିଲେ । ବୌଦ୍ଧ ଧର୍ମର ପ୍ରଚାର ଓ ପ୍ରସାର ଦିଗରେ ବିଭିନ୍ନ ସମୟରେ ଆହୂତ ଚାରିଗୋଟି ବୌଦ୍ଧ ସମ୍ମିଳନୀ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରିଥିଲା । କନିଷ୍କଙ୍କ ରାଜତ୍ୱ କାଳରେ ଆହୂତ ଚତୁର୍ଥ ବୌଦ୍ଧ ସମ୍ମିଳନୀରେ ବୌଦ୍ଧ ଧର୍ମ 'ହୀନଜାନ' ଓ 'ମହାଯାନ' ଏହିପରି ଦୁଇଭାଗରେ ବିଭକ୍ତ ହୋଇଥିଲା । ମହାଯାନ ବୌଦ୍ଧଧର୍ମ ଅବଲମ୍ବୀମାନେ ସଂସ୍କୃତ ଭାଷାକୁ ଅନୁସରଣ କଲେ ଏବଂ ବୁଦ୍ଧଙ୍କର ମୂର୍ତ୍ତିକୁ ପୂଜା କରିବାକୁ ଲାଗିଲେ । କିନ୍ତୁ ହୀନଜାନ ଧର୍ମାଲମ୍ବୀମାନେ ମୂଳ ପାଲି ଭାଷାକୁ ଅନୁସରଣ କରିଥିଲେ ।

ସପ୍ତମ ଶତାବ୍ଦୀ ବେଳକୁ ବୌଦ୍ଧ ଧର୍ମ କ୍ରମଶଃ ଦୁର୍ବଳ ହୋଇପଡ଼ିଲା । କିନ୍ତୁ ବୌଦ୍ଧ ଧର୍ମର ପ୍ରଭାବ ଭାରତୀୟ ଜୀବନକୁ ଆଲୋକିତ କରିଥିଲା । ବୌଦ୍ଧ ପଣ୍ଡିତମାନେ ତ୍ରିପିଟକ, ମିଲିଣ୍ଡୋପନ୍‌ହ, ବୁଦ୍ଧ ଚରିତ ଇତ୍ୟାଦି ଅନେକ ଗ୍ରନ୍ଥ ରଚନା କରିଥିଲେ । ବୌଦ୍ଧଧର୍ମର ପ୍ରଭାବରେ ସ୍ତୁପ, ଗୁମ୍ଫା ଏବଂ ଚିତ୍ରକଳାରେ ବିଶେଷ ବିକାଶ ପରିଲକ୍ଷିତ ହୋଇଥିଲା । ବୌଦ୍ଧକୀର୍ତ୍ତି ଗୁଡ଼ିକ ସାଞ୍ଚି, ଭାରହୁତ, ଅମରାବତି, ଅଜନ୍ତା ଠାରେ ଦେଖିବାକୁ ମିଳେ । ବୌଦ୍ଧଧର୍ମ ଦ୍ୱାରା ପ୍ରଭାବିତ ହୋଇ ଗାନ୍ଧାର କଳା ଓ ମଥୁରକଳାର ଉନ୍ନତି ହୋଇଥିଲା । ବୌଦ୍ଧଧର୍ମର ଦ୍ୱାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ ଥିଲା । ଫଳରେ ସମାଜରେ ବ୍ରାହ୍ମଣମାନଙ୍କର ପ୍ରାଧାନ୍ୟ ହ୍ରାସ ପାଇଲା । ଅନ୍ୟାନ୍ୟ ଜାତିମାନେ ସମାଜରେ ସମ୍ମାନ ପାଇଲେ ।


## INTEXT QUESTIONS 5.2 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଜୈନଧର୍ମ ତ୍ରିପିଟକର ତିନୋଟି ଯାକ ଅଙ୍ଗ କ'ଣ କ'ଣ ଅଟେ ?

______________________________

2. ଜୈନ ଧର୍ମାମ୍ବଲମ୍ବୀମାନେ କେଉଁ ଦୁଇଭାଗରେ ବିଭକ୍ତ ହୋଇଥିଲେ ?

______________________________



ଟିପ୍ପଣୀ

3. ଗୌତମ ବୁଦ୍ଧ ତାଙ୍କର ପ୍ରଥମ ପ୍ରବଚନ କେଉଁ ସ୍ଥାନରେ ପ୍ରଦାନ କରିଥିଲେ ?

---

4. ବୌଦ୍ଧଧର୍ମରେ ଚାରିଆର୍ଯ୍ୟସତ୍ୟ ଏବଂ ଆର୍ଯ୍ୟ ଅଷ୍ଟାଙ୍ଗୀକମାର୍ଗ କହିଲେ କ'ଣ ବୁଝ ?

---

5. ଦୁଃଖ ବିଷୟରେ ଗୌତମବୁଦ୍ଧ କ'ଣ କହିଛନ୍ତି ?

---

6. ବୁଦ୍ଧ ତାଙ୍କ ବାଣୀଗୁଡ଼ିକୁ କେଉଁ ଭାଷାରେ ପ୍ରଚାର କରିଥିଲେ ?

---

7. ମହାଜନ ବୌଦ୍ଧଧର୍ମ ଏବଂ ହୀନଜାନ ବୌଦ୍ଧଧର୍ମ ମଧ୍ୟରେ ପାର୍ଥକ୍ୟ କ'ଣ ?

---

8. ସାହିତ୍ୟ ଓ କଳା କ୍ଷେତ୍ରରେ ବୌଦ୍ଧଧର୍ମର ଅବଦାନ କ'ଣ ଥିଲା ?

---

## 5.3 INTEXT QUESTIONS - ଷୋଡ଼ଶ ମହାଜନପଦ


ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀରେ କେବଳ ଯେ ସାମାଜିକ, ଅର୍ଥନୈତିକ, ଆଧାତ୍ମିକ ଉନ୍ନତି ହୋଇଥିଲା ତା'ନୁହେଁ, ନୂତନ ରାଜନୈତିକ ବ୍ୟବସ୍ଥାର ମଧ ଉତ୍ଥାନ ହୋଇଥିଲା । ପରବର୍ତ୍ତୀ ବୈଦିକ ଯୁଗରେ କୃଷିର ବିକାଶ ହେଲା ପରେ ଲୋକ ଗୋଷ୍ଠୀଗତ ଜୀବନଯାପନ କରିବା ପାଇଁ ଇଚ୍ଛା କଲେ । ଫଳରେ ସେମାନେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମିଳିତ ଭାବେ ବସବାସ କଲେ । ଏହି ପ୍ରକାର ସ୍ଥାୟୀ ବସବାସ ଜନପଦ ସୃଷ୍ଟି କରିବାରେ ସହାୟକ ହେଲା । କ୍ରମଶଃ ଛୋଟ ଛୋଟ ରାଜନୈତିକ ଅନୁଷ୍ଠାନ ଗଠନ ହେଲା ଏବଂ ରାଜାଙ୍କ ଦ୍ୱାରା ଶାସିତ ହେଲା । ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀରେ ପଶ୍ଚିମ ଉତ୍ତରପ୍ରଦେଶ ସହିତ ପୂର୍ବ ଉତ୍ତରପ୍ରଦେଶ ଏବଂ ବିହାରରେ ନୂତନ ରାଜ୍ୟମାନ ଗଠିତ ହେଲା । ଏହି ଅଞ୍ଚଳଗୁଡ଼ିକ ଅତ୍ୟନ୍ତ ଉର୍ବରଶାଳୀ ଥିଲା । କାରଣ ଏଠାରେ ପ୍ରଚୁର ବର୍ଷା ହେଉଥିଲା ଏବଂ ବିଭିନ୍ନ ନଦୀ ପ୍ରବାହିତ ହେଉଥିଲା । ଏହି ସ୍ଥାନଗୁଡ଼ିକ ଲୌହ ଉତ୍ପାଦନ କେନ୍ଦ୍ରରୂପେ ମାନ୍ୟତା ଲାଭ କଲା । ଏସବୁ କ୍ଷେତ୍ର ମହାଜନପଦ ରୂପେ ବିବେଚିତ ହେଲା । ଲୌହ ନିର୍ମିତ ଅସ୍ତ୍ରଶସ୍ତ୍ର ଏବଂ ବିଭିନ୍ନ ଆସବାବପତ୍ର ଯୋଗୁଁ ବିଶାଳ ଭୂ-ଖଣ୍ଡ ସୃଷ୍ଟି ହେଲା ଏବଂ ରାଜନୈତିକ ଐକ୍ୟ ପ୍ରତିଷ୍ଠା ହେଲା । ଏହି ବିଶାଳ ଅଞ୍ଚଳଗୁଡ଼ିକୁ ଜନପଦ ପରିବର୍ତ୍ତେ ମହାଜନପଦ କୁହାଗଲା । ଏହି ମହାଜନପଦ ଗୁଡ଼ିକ ବିନ୍ଧ୍ୟ ପର୍ବତର ଉତ୍ତରଭାଗରେ ତଥା ପୂର୍ବରେ ବିହାର ଠାରୁ ଭାରତୀୟ ଉପମହାଦେଶର ଉତ୍ତର-ପଶ୍ଚିମ ସୀମାନ୍ତ ମଧ୍ୟରେ ଅବସ୍ଥିତ ଥିଲା । ନିମ୍ନରେ ଏହି ଷୋହଳଗୋଟି ମହାଜନପଦର ତାଲିକା ପ୍ରଦାନ କରାଗଲା ।

**Table 5.1 ୫.୧ ମହାଜନପଦ ଗୁଡ଼ିକ**

| କ୍ର. ନଂ. | ମହାଜନପଦର ନାମ | ରାଜଧାନୀ | ଆଧୁନିକ ନାମ |
|---|---|---|---|
| ୧ | ଅଙ୍ଗ | ଚମ୍ପା | ମୁଙ୍ଗେର ଏବଂ ଭାଗଲପୁର |
| ୨ | ମଗଧ | ଗିରିବ୍ରଜ/ରାଜଗୃହ | ଗୟା ଏବଂ ପାଟଣା |
| ୩ | କାଶୀ | କାଶୀ | ବନାରସ |
| ୪ | କୋଶଳ | ଶ୍ରାବସ୍ତୀ | ପୂର୍ବଉତ୍ତରପ୍ରଦେଶ |
| ୫ | ବସ୍ତ | କୋସାମ୍ବୀ | ଆଲ୍ଲାହାବାଦ |

| | | | |
|---|---|---|---|
| ୬ | ସୁରସେନ | ମଥୁରା | ମଥୁରା |
| ୭ | ପାଞ୍ଚାଳ | ଅହିଛତ୍ର ଏବଂ କାମ୍ପିଲ୍ୟ | ପଶ୍ଚିମ ଉତ୍ତରପ୍ରଦେଶ |
| ୮ | କୁରୁ | ଇନ୍ଦ୍ରପ୍ରସ୍ଥ | ମିରଟ ଏବଂ ଦକ୍ଷିଣ-ପୂର୍ବ ହରିୟାଣା |
| ୯ | ମତ୍ସ | ବିରାଟନଗର | ଜୟପୁର |
| ୧୦ | ଚେଦି | ସୋଥିବତୀ/ବନ୍ଦା | ବୁନ୍ଦେଲଖଣ୍ଡ |
| ୧୧ | ଅବନ୍ତୀ | ଉଜ୍ଜୟିନି/ମହିଷାମତୀ | ମଧ୍ୟପ୍ରଦେଶ ଏବଂ ମାଳବ |
| ୧୨ | ଗାନ୍ଧାର | ତକ୍ଷଶୀଳା | ରାଓଲପିଣ୍ଡି |
| ୧୩ | କମ୍ବୋଜ | ପୁଞ୍ଛ | ରାଜୋରି ଏବଂ ହଜରା (କାଶ୍ମୀରି) |
| ୧୪ | ଅସ୍ମକ | ପ୍ରତିଷ୍ଠାନ/ପୈଥାନ | ଗୋଦାବରୀ ଉପକୂଳ |
| ୧୫ | ଭଜ୍ଜି | ବୈଶାଳୀ | ବୈଶାଳୀ |
| ୧୬ | ମଲ୍ଲ | କୁଶୀନାରା | ଦେଓରିଆ ଏବଂ ଉତ୍ତରପ୍ରଦେଶ |

ଏହି ମହାଜନପଦ ଗୁଡ଼ିକ ମଧ୍ୟରୁ ଅଧିକାଂଶ ସ୍ଥାନରେ ରାଜତନ୍ତ୍ର ଶାସନ ପ୍ରତିଷ୍ଠିତ ହୋଇଥିଲା ବେଳେ କେତେକ ସ୍ଥାନରେ ସାଧାରଣତନ୍ତ୍ର ଶାସନ ପ୍ରଚଳିତ ଥିଲା । ଏହି ସାଧାରଣତାନ୍ତ୍ରିକ ମହାଜନପଦଗୁଡ଼ିକୁ 'ଗଣସଂଘ' ରାଜ୍ୟ ବୋଲି କୁହାଯାଉଥିଲା । ଏହି ଶାସନ ବ୍ୟବସ୍ଥାରେ ରାଜତନ୍ତ୍ର




ମାନଚିତ୍ର ୫.୧ : ମହାଜନପଦ

ପରି ବଂଶାନୁକ୍ରମିକ ଭିତ୍ତିରେ ରାଜାଙ୍କ ଦ୍ୱାରା ଶାସନ ଚାଲୁନଥିଲା । ବରଂ ଏକ ବିଶାଳ ଜନସଭା ଦ୍ୱାରା ନିର୍ବାଚିତ ରାଜାଙ୍କ ଦ୍ୱାରା ଶାସନ ଚାଲୁଥିଲା । ପ୍ରତ୍ୟେକ ଜାତି ଓ ପରିବାରର ମୁଖ୍ୟଙ୍କୁ ନେଇ ଜନସଭା ଗଠିତ ହୋଇଥିଲା । ଏହି ପ୍ରକ୍ରିୟା ଥିଲା ଏକ ଗଣତାନ୍ତ୍ରିକ ପ୍ରକ୍ରିୟା । ଏହା ରାଜତାନ୍ତ୍ରିକ ନଥିଲା । କିନ୍ତୁ ସାଧାରଣ ଲୋକ ଏହି ଶାସନ ବ୍ୟବସ୍ଥାରେ ଅଂଶଗ୍ରହଣ କରିପାରୁ ନଥିଲେ । ଏହି ସାଧାରଣତାନ୍ତ୍ରିକ ରାଷ୍ଟ୍ର ମଧ୍ୟରେ ସର୍ବପ୍ରଧାନ ଥିଲା ଭଜ୍ଜି । ଏହାର ରାଜଧାନୀର ନାମ ଥିଲା ବୈଶାଳୀ । ଏଠାରେ ଲିଚ୍ଛବୀମାନେ ଶାସନ କରୁଥିଲେ । ଏହି ପ୍ରକାର ସାଧାରଣତନ୍ତ୍ରୀକ ରାଜ୍ୟଗୁଡ଼ିକ ହିମାଳୟ ପାଦଦେଶରେ ଅବସ୍ଥିତ ଥିଲା । ସମୟକ୍ରମେ ଏହି ରାଜ୍ୟଗୁଡ଼ିକ ଯୁଦ୍ଧରେ ପରାଜୟ ବରଣ କରି ମଗଧ ସାମ୍ରାଜ୍ୟରେ ମିଶିଯାଇଥିଲେ ।

## INTEXT QUESTIONS 5.3 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀର ମହାଜନପଦ ଗୁଡ଼ିକର ଯେକୌଣସି ଚାରିଗୋଟି ମହାଜନପଦର ନାମଲେଖ ।

   ________________________________________

2. 'ଗଣସଂଘ' 'ରାଜତନ୍ତ୍ର' ଠାରୁ କିପରି ପୃଥକ ଥିଲା ?

   ________________________________________

3. ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀର ପ୍ରଧାନ 'ଗଣସଂଘ' ର ନାମ କ'ଣ ଥିଲା ?

   ________________________________________

## 5.4 RISE OF THE MAURYAN EMPIRE - ମଗଧର ଉତ୍‌ଥାନ

ମହାଜନପଦ ଗୁଡ଼ିକ ମଧ୍ୟରେ ରାଜନୈତିକ ସଂଘର୍ଷ ଘଟିଲା ମଗଧ ସବୁଠାରୁ ଶକ୍ତିଶାଳୀ ରାଜ୍ୟ ତଥା ଏକ ବିଶାଳ ସାମ୍ରାଜ୍ୟର କେନ୍ଦ୍ର ରୂପେ ବିକାଶ ଲାଭ କଲା । ବିଶାଳ ମଗଧ ସାମ୍ରାଜ୍ୟର ପ୍ରଥମ ସମ୍ରାଟ ଥିଲେ ବିମ୍ବିସାର । ସେ ଖ୍ରୀ:ପୂ: ୫୪୪ରୁ ଖ୍ରୀ:ପୂ: ୪୪୯ ପର୍ଯ୍ୟନ୍ତ ଦୀର୍ଘ ୫୨ ବର୍ଷ ଶାସନ କରିଥିଲେ । ସେ ମଗଧ ସାମ୍ରାଜ୍ୟର ସୀମା ବୃଦ୍ଧି କରିବା ପାଇଁ ତିନିଗୋଟି ନୀତି ଅବଲମ୍ବନ କରିଥିଲେ । ଯଥା ୧ - ବୈବାହିକ ସମ୍ବନ୍ଧ, ୨ - ଶକ୍ତିଶାଳୀ ଶାସକ ମାନଙ୍କ ସହ ବନ୍ଧୁତା ପ୍ରତିଷ୍ଠା ଏବଂ ୩- ଦୁର୍ବଳ ରାଜ୍ୟକୁ ଯୁଦ୍ଧ ମାଧ୍ୟମରେ ଅଧିକାର । ସେ କୋଶଳ ରାଜ୍ୟର ରାଜା ପ୍ରସେନ୍‌ଜିତ୍‌ଙ୍କ ଭଗ୍ନିଙ୍କୁ ବିବାହ କରିଥିଲେ । ସେ ଯୌତୁକ ଆକାରରେ କାଶିରାଜ୍ୟ ପାଇଥିଲେ । ଏହି ରାଜ୍ୟରୁ ବାର୍ଷିକ ୧,୦୦,୦୦୦ ମୁଦ୍ରା ରାଜସ୍ୱ ଆଦାୟ ହେଉଥିଲା । ସେ ମଧ୍ୟ ଲିଚ୍ଛବି ଏବଂ ମାଦ୍ର ରାଜକନ୍ୟାଙ୍କୁ ବିବାହ କରିଥିଲେ । ଫଳରେ ସେ ଅତ୍ୟନ୍ତ ଶକ୍ତିଶାଳୀ ହୋଇ ଅଙ୍ଗରାଜ୍ୟର ଶାସକ ବ୍ରହ୍ମଦତ୍ତଙ୍କୁ ଯୁଦ୍ଧରେ ଅଙ୍ଗରାଜ୍ୟ ଅଧିକାର କରିଥିଲେ । ଅଙ୍ଗର ରାଜଧାନୀ ଚମ୍ପାନଗରୀ ଅନ୍ତର୍ବାଣିଜ୍ୟ ଏବଂ ବହିଃର୍ବାଣିଜ୍ୟର ଏକ ପ୍ରମୁଖ କେନ୍ଦ୍ର ଥିଲା । ଏହି ସ୍ଥାନଗୁଡ଼ିକ ମଗଧରେ ମିଶିଗଲା । ପରେ ମଗଧ ଶକ୍ତିଶାଳୀ ହୋଇ ସାମ୍ରାଜ୍ୟର କାୟା ଧାରଣ କଲା । ବିମ୍ବିସାର ଗୌତମ ବୁଦ୍ଧ ଏବଂ ମହାବୀରଙ୍କର ସମସାମୟିକ ଥିଲେ । ସେ ମଧ ସେମାନଙ୍କୁ ଭକ୍ତି କରୁଥିଲେ । ଜଣାଯାଏ ଯେ ତାଙ୍କ ପୁତ୍ର ଅଜାତଶତ୍ରୁ ସିଂହାସନ ଅଧିକାର କରିବା ପାଇଁ ତାଙ୍କୁ ହତ୍ୟା କରିଥିଲେ କିମ୍ବା ଆତ୍ମହତ୍ୟା କରିବାକୁ ବାଧ କରିଥିଲେ ।

ଅଜାତଶତ୍ରୁ ଜଣେ ଉଗ୍ର ସାମ୍ରାଜ୍ୟବାଦୀ ଶାସକ ଥିଲେ । ତାଙ୍କର ବିମ୍ବିସାରଙ୍କ ପ୍ରତି ଏତାଦୃଶ ବ୍ୟବହାର ତାଙ୍କ ମାମୁଁ ପ୍ରସେନ୍‌ଜିତ୍‌ଙ୍କୁ କ୍ଷୁବ୍ଧ କରିଥିଲା । ତେଣୁ ସେ କାଶିରାଜ୍ୟକୁ ଫେରାଇ ଦେବା ପାଇଁ ଅଜାତଶତ୍ରୁଙ୍କୁ କହିଥିଲେ । ଅଜାତଶତ୍ରୁ ଏହାକୁ ଅଗ୍ରାହ୍ୟ କରିବାରୁ ଉଭୟଙ୍କ ମଧ୍ୟରେ ଏକ ସଂଘର୍ଷ ଘଟିଥିଲା । ଏହି ଯୁଦ୍ଧରେ ପ୍ରସେନ୍‌ଜିତ୍ ପରାସ୍ତ ହୋଇ କାଶିରାଜ୍ୟକୁ ଛାଡ଼ି ଚାଲିଯାଇଥିଲେ । ଅଜାତଶତ୍ରୁ ବୈଶାଳୀର ଶାସକ ଓ ତାଙ୍କ ଅଜା ବିରୋଧରେ ଦୀର୍ଘ ୧୬ ବର୍ଷ ଯୁଦ୍ଧ କରି ବିଜୟଲାଭ

କରିଥିଲେ । ସେ ଶକ୍ତିଶାଳୀ ବୈଶାଳୀ ଜାତିକୁ ଛାରଖାର କରିଦେଇଥିଲେ । ତେଣୁ କାଶୀ ଏବଂ ବୈଶାଳୀ ପୁନର୍ବାର ମଗଧର ଅଧିକୃତ ରାଜ୍ୟରୂପେ ପରିଗଣିତ ହେଲା ।

ଅଜାତଶତ୍ରୁଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ଉଦୟନ ସିଂହାସନ ଆରୋହଣ କରିଥିଲେ । ସେ ଗଙ୍ଗା ଓ ସୋମନଦୀର ସଂଗମ ସ୍ଥଳରେ ପାଟଳୀପୁତ୍ର ବା ପାଟଣାରେ ଏକ ଦୁର୍ଗ ନିର୍ମାଣ କରିଥିଲେ । ଏହାଥିଲା ତାଙ୍କର ଶ୍ରେଷ୍ଠ କୃତିତ୍ୱ । ଏହିଦୁର୍ଗ ଏକ କେନ୍ଦ୍ରସ୍ଥାନରେ ନିର୍ମିତ ହୋଇଥିଲା । ପୁନଶ୍ଚ ବଣିକମାନେ ଏବଂ ସୈନିକମାନେ ସହଜରେ ଏହା ମଧ ଦେଇ ଯାତାୟାତ କରିପାରୁଥିଲେ ।

ଉଦୟନଙ୍କ ପରେ ଶିଶୁନାଗ ସିଂହାସନ ଆରୋହଣ କରିଥିଲେ । ତାଙ୍କ ନାମ ଅନୁସାରେ ଏହି ରାଜବଂଶର ନାମ ହେଲା ଶିଶୁନାଗବଂଶ । ଶିଶୁନାଗଙ୍କ ମୁଖ୍ୟ କୃତିତ୍ୱ ଥିଲା ଅବନ୍ତୀ ବା ମାଳବର ପତନ ଘଟାଇ ମଗଧ ସାମ୍ରାଜ୍ୟ ସହ ମିଶାଇବା । ଶିଶୁନାଗଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀ କାଳାଶୋକ ମଗଧ ସିଂହାସନ ଆରୋହଣ କରିଥିଲେ । କାଳାଶୋକଙ୍କ ରାଜତ୍ୱ କାଳରେ ଦ୍ୱିତୀୟ ବୌଦ୍ଧ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

ଶିଶୁନାଗ ବଂଶର ରାଜତ୍ୱ ପରେ ମଗଧରେ ଆଉ ଏକ ନୂତନ ରାଜବଂଶର ଶାସନ ଆରମ୍ଭ ହେଲା । ଏହି ରାଜବଂଶର ନାମ ଥିଲା ନନ୍ଦ ବଂଶ । ଏହି ବଂଶର ପ୍ରଖ୍ୟାତ ନରପତି ଥିଲେ ମହାପଦ୍ମ ନନ୍ଦ । ସମସାମୟିକ ବ୍ରାହ୍ମଣ୍ୟ ଗ୍ରନ୍ଥ ଅନୁସାରେ ମହାପଦ୍ମ ନନ୍ଦ ଏକ ଅଣକ୍ଷେତ୍ରୀୟ ନିଚ ବଂଶରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଏକ ବିଶାଳ ଓ ଶକ୍ତିଶାଳୀ ସୈନ୍ୟବାହିନୀ ଥିଲା । ଏହା ସାହାଯ୍ୟରେ ସେ କଳିଙ୍ଗକୁ ଜୟ କରି ମଗଧ ସାମ୍ରାଜ୍ୟରେ ମିଶାଇ ଦେଇଥିଲେ । ନନ୍ଦବଂଶର ଶେଷ ରାଜା ଥିଲେ ଧନ ନନ୍ଦ । ସେ ଜଣେ ଗର୍ବି ଓ ଅତ୍ୟାଚାରୀ ଶାସକ ଥିଲେ । ସେ ସାଧାରଣ ପ୍ରଜାମାନଙ୍କ ଉପରେ ଅତ୍ୟଧିକ କର ଧାର୍ଯ୍ୟ କରିଥିଲେ । ସେ ଲୋକପ୍ରିୟତା ହରାଇଥିଲେ । ଏହି ଦୁର୍ବଳତାର ସୁଯୋଗ ନେଇ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ନନ୍ଦ ବଂଶକୁ ମଗଧରୁ ବିତାଡ଼ିତ କରି ମୌର୍ଯ୍ୟ ଶାସନ ପ୍ରତିଷ୍ଠା କଲେ ।

ମନରେ ଏକ ପ୍ରଶ୍ନ ଉଠେ ଯେ ମଗଧ କିପରି କ୍ରମଶଃ ଅନ୍ୟାନ୍ୟ ରାଜ୍ୟ ଉପରେ ତା'ର ପ୍ରାଧାନ୍ୟ ପ୍ରତିଷ୍ଠା କରିପାରିଲା । ମଗଧ ନିଶ୍ଚିତ ଭାବରେ ସୁଦକ୍ଷ ଏବଂ ଉଚ୍ଚଆଶାୟୀ ଶାସକମାନଙ୍କ ଦ୍ୱାରା ଶାସିତ ହୋଇ ଏକ ଶାକ୍ତିଶାଳୀ ରାଜ୍ୟରେ ପରିଣତ ହୋଇଥିଲା । କିନ୍ତୁ ଏହାର ଶକ୍ତି ବୃଦ୍ଧିର ମୂଳ କାରଣ ଏହାର ଭୌଗୋଳିକ ସ୍ଥିତି ଥିଲା । ଏହାର ପ୍ରଥମ ରାଜଧାନୀ ଗିରିବ୍ରଜ ବା ରାଜଗୃହକୁ ପାଞ୍ଚଗୋଟି ପାହାଡ଼ ଘେରି ରହିଥିଲା । ଏହି ପ୍ରାକୃତିକ ପରିବେଷ୍ଟନୀ ଏକ ସୁରକ୍ଷା କବଚ ରୂପେ କାର୍ଯ୍ୟ କରୁଥିଲା । ଦ୍ୱିତୀୟତଃ ମଗଧରେ ପ୍ରବାହିତ ନଦୀଗୁଡ଼ିକର ଉର୍ବର ଅବବାହିକା ପ୍ରଚୁର କୃଷି ଉତ୍ପାଦନରେ ସହାୟକ ହୋଇ ମଗଧର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିଥିଲା । ଫଳରେ ମଗଧ ଏକ ବିଶାଳ ସୈନ୍ୟବାହିନୀ ଗଠନ କରି ତା'ର ସୁପରିଚାଳନା କରିଥିଲା । ମଗଧର ବିହାର ନିକଟରେ ଥିବା ଲୌହ ଖଣି ଉପରେ ନିୟନ୍ତ୍ରଣ ରଖିଥିଲା । ଲୌହ ଧାତୁର ବହୁଳ ବ୍ୟବହାର ଯୋଗୁଁ ମଗଧରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବଂ ଆଧୁନିକ କୃଷି ଉପକରଣ ନିର୍ମାଣ ହୋଇ ସାମରିକ ତଥା କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଆଣିବାରେ ସହାୟକ ହୋଇଥିଲା । ଏହିସବୁ କାରଣ ଯୋଗୁଁ ମଗଧ ଅନ୍ୟାନ୍ୟ ଜନପଦ ଅପେକ୍ଷା ଅଧିକ ଶକ୍ତିଶାଳୀ ହୋଇପାରିଥିଲା ।

## INTEXT QUESTIONS 5.4 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ବିମ୍ବିସାର ତାଙ୍କ ସାମ୍ରାଜ୍ୟ ବିସ୍ତାର ପାଇଁ କେଉଁ କେଉଁ ନୀତି ଅବଲମ୍ବନ କରିଥିଲେ ?

______________________________

2. ମଗଧର ଉତ୍‌ଥାନରେ ଭୌଗଳିକ ଅବସ୍ଥା କିପରି ସହାୟକ ହୋଇଥିଲା ?

______________________________

3. ମଗଧର ପୁରାତନ ରାଜଧାନୀର ନାମ କ'ଣ ଥିଲା ?

______________________________

4. ଅଜାତଶତ୍ରୁଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିବା ଦୁଇ ଜଣ ଶାସକଙ୍କ ନାମ ଲେଖ ?

________________________________________________

5. ନନ୍ଦବଂଶର ପ୍ରଧାନ ଶାସକ କିଏ ଥିଲେ ?

________________________________________________

6. କେଉଁ ରାଜାଙ୍କ ଶାସନକାଳରେ ଦ୍ୱିତୀୟ ବୌଦ୍ଧ ମହାସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ?


________________________________________________

## RISE OF THE MAURYAN EMPURE 5.4 ମୌର୍ଯ୍ୟ ସାମ୍ରାଜ୍ୟର ଉତ୍‌ଥାନ

**ମୌର୍ଯ୍ୟ ଉପାଦାନ :**

ଖ୍ରୀ:ପୂ: ୩୬୨ରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ମୌର୍ଯ୍ୟ ବଂଶ ପୂରାତନ ଭାରତ ଇତିହାସର ଐତିହାସିକ ସ୍ରୋତ ସାମଗ୍ରୀ ଗତିପଥକୁ ବଦଳାଇ ଦେଇଥିଲା । ପ୍ରଥମ ଥର ପାଇଁ ଆମେ ଅନେକ ନିର୍ଭରଯୋଗ୍ୟ ଉପାଦାନ ଦେଖିବାକୁ ପାଇଥାଉ, ଯାହାକି ଏହି ବଂଶର ଶାସନ ଉପରେ ଆଲୋକପାତ କରିଥାଏ । ଅଶୋକଙ୍କ ଦ୍ୱାରା ପ୍ରତିଷ୍ଠିତ ୪୪ ଗୋଟି ଖୋଦିତ ଶିଳାଲେଖ ତତ୍କାଳୀନ ଅବସ୍ଥା ଉପରେ ଯଥେଷ୍ଟ ତଥ୍ୟ ପ୍ରଦାନ କରିଥାଏ । ଏହି ଶିଳାଲେଖ ଗୁଡ଼ିକରେ ଖୋଦିତ ଲେଖାଗୁଡ଼ିକ ବ୍ରାହ୍ମୀଲିପି ଏବଂ ପ୍ରାକୃତ ଭାଷାରେ ରଚିତ ହୋଇଥିଲା । ଏଥିସହିତ ଏହି ସ୍ତମ୍ଭଗୁଡ଼ିକ ସର୍ବପ୍ରଥମ ଲିଖିତ ଉପାଦାନର ମାନ୍ୟତା ହାସଲ କରିଅଛି । ପ୍ରତ୍ନତାତ୍ତ୍ୱିକ ଭାବରେ ଆହତ ବା ଛାପାଯୁକ୍ତ ମୁଦ୍ରା କମ୍ ହାରରେ ଥିବା ଅଶୋକଙ୍କର ସ୍ତୁପ ଧ୍ୱଂସପ୍ରାପ୍ତ ରାଜପ୍ରାସାଦ ଏବଂ କେତେକ ସ୍ଥାପତ୍ୟକୀର୍ତ୍ତି ପ୍ରଧାନ ଅଟେ ।


କୌଟଲ୍ୟଙ୍କର 'ଅର୍ଥଶାସ୍ତ୍ର' ଏବଂ ମେଘାସ୍ଥିନିସ୍‌ଙ୍କ 'ଇଣ୍ଡିକା' ଥିଲା ଏହି ସମୟର ସର୍ବପ୍ରଧାନ ସାହିତ୍ୟିକ ସ୍ରୋତସାମଗ୍ରୀ । 'ଅର୍ଥଶାସ୍ତ୍ର' ଥିଲା ରାଜନୀତି ସଂବଂଧିତ ଏକ ଗ୍ରନ୍ଥ । ଏଥିରେ ରାଜାଙ୍କର ମୁଖ୍ୟ କର୍ତ୍ତବ୍ୟ ପାଳନ ଓ ରାଜ୍ୟ ଶାସନ ପ୍ରଣାଳୀ ବିଷୟରେ ବିଶଦ ଭାବରେ ଆଲୋଚନା କରାଯାଇଛି । 'ଇଣ୍ଡିକା' ଗ୍ରନ୍ଥଟି ଥିଲା ଏକ ବୈଦେଶିକ ବିବରଣୀ । ଗ୍ରୀସ୍‌ର ଶାସକ ସେଲ୍ୟୁକେସ୍ ତାଙ୍କ ରାଜଦୂତ ମେଘାସ୍ଥିନିସ୍‌ଙ୍କୁ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ରାଜଦରବାରକୁ ପ୍ରେରଣ କରିଥିଲେ । 'ଦୀପବଂଶ' ଏବଂ 'ମହାବଂଶ' ନାମକ ଦୁଇଟି ସିଂହଳୀ ବୌଦ୍ଧଗ୍ରନ୍ଥ ମଧ ମୌର୍ଯ୍ୟ ରାଜତ୍ୱ ଉପରେ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥାଏ । ବିଶାଖାଦତ୍ତଙ୍କ ରଚିତ ନାଟକ 'ମୁଦ୍ରାରାକ୍ଷସ' ମଧ ଏହି ସମୟ ଉପରେ ଏକ ମୂଲ୍ୟବାନ ତଥା ଉପାଦେୟ ଗ୍ରନ୍ଥ ।



ଚିତ୍ର ୫.୧ : ମୌର୍ଯ୍ୟ ଶୀଳାଲେଖ

**ମୌର୍ଯ୍ୟବଂଶ :**

ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଥିଲେ ମୌର୍ଯ୍ୟବଂଶର ପ୍ରତିଷ୍ଠାତା । ସେ ଖ୍ରୀ:ପୂ: ୩୨୧ ଖ୍ରୀ:ପୂ: ୨୯୭ ପର୍ଯ୍ୟନ୍ତ ଶାସନ କରିଥିଲେ । ନନ୍ଦ ବଂଶର ପତନ ପରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଏକ ବିଶାଳ ସୈନ୍ୟବାହିନୀ ଗଠନ କରି ଏହା ସାହାଯ୍ୟରେ ସମଗ୍ର ଉତ୍ତରଭାରତ, ଉତ୍ତର-ପଶ୍ଚିମ ଭାରତ ଓ ଅନ୍ୟାନ୍ୟ ଅଞ୍ଚଳ ଜୟ କରିଥିଲେ । ତାଙ୍କ ପୁତ୍ର ତଥା ଉତ୍ତରାଧିକାରୀ ବିନ୍ଦୁସାର ଖ୍ରୀ:ପୂ: ୨୯୭ରୁ ଖ୍ରୀ:ପୂ: ୨୬୯ ପର୍ଯ୍ୟନ୍ତ ଶାସନ କରିଥିଲେ । ତାଙ୍କ ଶାସନକାଳ ମଧ୍ୟରେ ସେ ଗ୍ରୀସ୍‌ମାନଙ୍କ ସହିତ ବାଣିଜ୍ୟ ଏବଂ ସାଂସ୍କୃତିକ ସମ୍ପର୍କ ବୃଦ୍ଧି କରିଥିଲେ । ବିନ୍ଦୁସାରଙ୍କ ପୁତ୍ର ତଥା ଉତ୍ତରାଧୀକାରୀ ଅଶୋକ ଖ୍ରୀ:ପୂ: ୨୬୯ରୁ ଖ୍ରୀ:ପୂ: ୨୩୨ ପର୍ଯ୍ୟନ୍ତ ଶାସନ କରିଥିଲେ । ବୌଦ୍ଧଶାସ୍ତ୍ର ବର୍ଣ୍ଣନା ଅନୁଯାୟୀ ଅଶୋକ ତାଙ୍କର ଅନେଶତ ଭାଇଙ୍କୁ ହତ୍ୟାକରି ସିଂହାସନ ଆରୋହଣ କରିଥିଲେ । ଏହି ଗଳ୍ପକୁ ସହଜରେ ଗ୍ରହଣ କରାଯାଇ ପାରିବ ନାହିଁ । ଅଶୋକ ଖ୍ରୀ:ପୂ: ୨୬୧ରେ କଳିଙ୍ଗ ରାଜ୍ୟ ସହିତ ଏକ ମହା ଯୁଦ୍ଧରେ ଅବତିର୍ଣ୍ଣ ହୋଇଥିଲେ । ଏହି ଯୁଦ୍ଧରେ ଅସଂଖ୍ୟ ଲୋକ ମୃତ୍ୟୁବରଣ କରିଥିଲା ବେଳେ ଅନେକ ଲୋକ ବନ୍ଦୀ ହୋଇଥିଲେ । ସମ୍ଭବତଃ କଳିଙ୍ଗ ଯୁଦ୍ଧର ବିଭୀଷିକା ଓ ରକ୍ତପାତ ତାଙ୍କ ହୃଦୟକୁ ବ୍ୟଥିତ କରିଥିଲା ଏବଂ ସେ ଆଉ ଭବିଷ୍ୟତରେ ସାମରିକ ଅଭିଯାନ ନକରିବା ପାଇଁ ସ୍ଥିର କରିଥିଲେ । ଏଥି ସହିତ ସେ ଘୋଷଣା କଲେ ଯେ ଭବିଷ୍ୟତରେ ଯୁଦ୍ଧଯାତ୍ରା ପରିବର୍ତ୍ତେ ସେ ଧର୍ମଯାତ୍ରା କରିବେ । ଧର୍ମର ପ୍ରଚାର ଓ ପ୍ରସାର ପାଇଁ ତାଙ୍କର ଅବଶିଷ୍ଟ ଜୀବନକୁ ସେ ଉତ୍ସର୍ଗ କରିବେ ବୋଲି




ମାନଚିତ୍ର ୫.୨ : ଅଶୋକଙ୍କ ସାମ୍ରାଜ୍ୟ

ସ୍ଥିର କଲେ । ଅଶୋକଙ୍କ ଉତ୍ତରାଧିକାରୀ ତଥା ପରବର୍ତ୍ତୀ ଶାସକମାନେ ମୌର୍ଯ୍ୟ ସାମ୍ରାଜ୍ୟର ସାର୍ବଭୌମତ୍ତ୍ୱ ବଜାୟ ରଖିବାକୁ ଅସମର୍ଥ ଥିଲେ । ଫଳରେ ମୌର୍ଯ୍ୟ ସାମ୍ରାଜ୍ୟର କ୍ରମ ପତନ ଆରମ୍ଭ ହେଲା । ଏହି ବଂଶର ଶେଷ ସମ୍ରାଟ ବ୍ରିହଦ୍‌ରଥଙ୍କୁ ତାଙ୍କ ସାମରିକ ମୁଖ୍ୟ ପଷ୍ୟମିତ୍ର ସୁଙ୍ଗ ଖ୍ରୀ:ପୂ: ୧୮୭ରେ ହତ୍ୟା କଲେ । ଏହାପରେ ମୌର୍ଯ୍ୟ ସାମ୍ରାଜ୍ୟର ପତନ ହେଲା ।

## INTEXT QUESTIONS 5.5 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ମୌର୍ଯ୍ୟ କାଳୀନ ଇତିହାସ ରଚନା କରିବା ପାଇଁ ପ୍ରଧାନ ଉପାଦାନଗୁଡ଼ିକ କ'ଣ ?

_______________________________

2. ଅଶୋକଙ୍କ ଶିଳାଲେଖ ଗୁଡ଼ିକ କେଉଁ ଭାଷା ଓ ଲିପିରେ ରଚିତ ହୋଇଥିଲା ?

_______________________________

3. ଇଣ୍ଡିକାର ଲେଖକ କିଏ ଥିଲେ ?


_______________________________

4. ମୌର୍ଯ୍ୟବଂଶର ଶେଷ ରାଜା କିଏ ଥିଲେ ?

_______________________________

## 5.4 ଅଶୋକ ଏବଂ ତାଙ୍କ ଧର୍ମ

ଭାରତ ଇତିହାସର ଶ୍ରେଷ୍ଠ ନରପତିମାନଙ୍କ ମଧ୍ୟରୁ ଅଶୋକ ହେଲେ ଅନ୍ୟତମ । ସେ ତାଙ୍କର ସାମରିକ ବିଜୟ ପାଇଁ ଯେତିକି ଖ୍ୟାତି ଅର୍ଜନ କରିଛନ୍ତି ତା' ଅପେକ୍ଷା ତାଙ୍କ 'ଧମ୍ମ' ନୀତି ଯୋଗୁଁ ଇତିହାସରେ ଅମରତ୍ୱ ଲାଭ କରିଛନ୍ତି । କେତେକ ବିଶେଷଜ୍ଞମାନଙ୍କ ମତରେ ଅଶୋକ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ତାଙ୍କର 'ଧମ୍ମ' ମାଧ୍ୟମରେ ବୌଦ୍ଧଧର୍ମର ନୀତିଗୁଡ଼ିକର ପ୍ରଚାର ଓ ପ୍ରସାର ପାଇଁ ସେ ଚେଷ୍ଟା କରିଥିଲେ । କିନ୍ତୁ ଏହାର ସତ୍ୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କାରଣ ଅଶୋକ ଧମ୍ମରେ 'କୋଡ଼୍ ଅଫ୍ କଣ୍ଡକ୍ଟ' ବା ଆଦର୍ଶ ଆଚରଣ କରିବାର ନୀତିଗୁଡ଼ିକ ସନ୍ନିବେଶିତ ହୋଇଛି । ଏକ ଆଦର୍ଶ ସାମାଜିକ ଜୀବନ ଅତିବାହିତ କରିବାର ପ୍ରଣାଳୀ ବା ପଦ୍ଧତିର ବର୍ଣ୍ଣନା ଏଥିରେ ରହିଅଛି । ଏହି ଧରଣର ଜୀବନଯାପନ ପାଇଁ ଅଶୋକ ତାଙ୍କ ପ୍ରଜାମାନଙ୍କୁ ଉତ୍ସାହିତ କରୁଥିଲେ । ଅଶୋକ ବୌଦ୍ଧଧର୍ମ ଗହଣ କରିଥିଲେ ମଧ୍ୟ ଅନ୍ୟ ଧର୍ମ ପ୍ରତି ଉଦାର ଭାବ ପୋଷଣ କରିଥିଲେ । ସୂକ୍ଷ୍ମ ଭାବରେ ଅଶୋକଙ୍କର ଶୀଳାଲେଖ ଗୁଡ଼ିକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଅଶୋକଙ୍କ 'ଧମ୍ମ'ର ମୌଳିକ ନୀତି ହେଉଛି ଦୟା, ଦାନ, ସତ୍ୟତା, ପବିତ୍ରତା ଏବଂ ଭଦ୍ରତା । ଅଶୋକଙ୍କ ତୃତୀୟ ସ୍ତମ୍ଭଲେଖର ବର୍ଣ୍ଣନା ଅନୁଯାୟୀ ଅଶୋକ ପ୍ରଜାମାନଙ୍କୁ ହିଂସା, ନିଷ୍ଠୁରତା, କ୍ରୋଧ ଏବଂ ଶତ୍ରୁତା ଇତ୍ୟାଦି ଉପରେ ନିୟନ୍ତ୍ରଣ ରକ୍ଷା କରିବାକୁ ଉପଦେଶ ଦେଇଥିଲେ । ତାଙ୍କର ପ୍ରଥମ ସ୍ତମ୍ଭ ଲେଖରେ ପଶୁ ବଧ ତଥା ଭୋଜି ଉତ୍ସବକୁ ନିଷେଧ କରାଯାଇଛି । ଅଶୋକଙ୍କର ଦ୍ୱିତୀୟ ସ୍ତମ୍ଭ ଲେଖରେ ଚିକିତ୍ସାଳୟ, ସଡ଼କ, ପାନ୍ଥଶାଳା, କୂପ ଇତ୍ୟାଦି ନିର୍ମାଣ ପାଇଁ ନିର୍ଦ୍ଦେଶ ଦିଆଯାଇ ଅଛି । ଏଥି ସହିତ ସଡ଼କର ଉଭୟ ପାର୍ଶ୍ୱରେ ଛାୟା ପ୍ରଦାନକାରୀ ବୃକ୍ଷ ରୋପଣ ପାଇଁ ମଧ୍ୟ ଆଦେଶ ରହିଅଛି । ତୃତୀୟ ଓ ଚତୁର୍ଥ ତଥା ଦ୍ୱାଦଶ ସ୍ତମ୍ଭ ଲେଖରେ ଅଶୋକ ପ୍ରଜାମାନଙ୍କୁ ଉପଦେଶ ଦେଇ କହିଛନ୍ତି ଯେ ସେମାନେ ପିତା-ମାତା, ଗୁରୁଜନ, ଜ୍ଞାତିକୁଟୁମ୍ବ, ବ୍ରାହ୍ମଣ ଏବଂ ଶ୍ରମଣର ଭକ୍ତି କରିବା ଉଚିତ । ଅଶୋକ ମଧ୍ୟ 'ଧର୍ମମହାମାତ୍ର' ନାମକ ଏକ ସ୍ୱତନ୍ତ୍ର କର୍ମଚାରୀ ଗୋଷ୍ଠୀ ନିଯୁକ୍ତ କରି ଶାନ୍ତି ତଥା ଶୃଙ୍ଖଳିତ ଭାବରେ କିପରି 'ଧମ୍ମ'ର ନୀତିଗୁଡ଼ିକ ପାଳିତ ହେବ ତା'ର ବ୍ୟବସ୍ଥା କରିଥିଲେ । ଅଶୋକଙ୍କ ଦ୍ୱାଦଶ ଶୀଳାଲେଖର ଏକ ସ୍ୱତନ୍ତ୍ରତା ରହିଛି । କାରଣ ଏହାର ବର୍ଣ୍ଣନା ଅନୁଯାୟୀ, "ରାଜାପିୟଦର୍ଶୀ, ଦେବାନଂପ୍ରିୟ, ପ୍ରତ୍ୟେକ ଧର୍ମାବଲମ୍ବୀଙ୍କୁ ସେ ସନ୍ନ୍ୟାସୀ କିମ୍ବା ଗୃହି ହୁଅନ୍ତୁ, ଉପହାର, ଉପଢ଼ୌକନ ଏବଂ ବିଭିନ୍ନ ପ୍ରକାରର ଉପାଧି ପ୍ରଦାନ କରୁଥିଲେ ।"



ଚିତ୍ର ୫.୨. ଅଶୋକଙ୍କର ଶୀଳାଲେଖ

ଐତିହାସିକମାନେ ବିଶ୍ୱାସ କରନ୍ତି ଯେ ଅଶୋକଙ୍କ ଶାସନର ପରବର୍ତ୍ତୀ କାଳରେ ସାମ୍ରାଜ୍ୟ ବିସ୍ତାର ପ୍ରାୟ ଶେଷ ହୋଇଯାଇଥିଲା । ଏହା ଏପରି ଏକ ସାମ୍ରାଜ୍ୟ ଥିଲା, ଯେଉଁଥିରେ ଭିନ୍ନ ଭିନ୍ନ ସଂସ୍କୃତି, ସମାଜ ଓ ଧର୍ମର ଲୋକ ବାସ କରୁଥିଲେ । ଏହିପ୍ରକାର ଭିନ୍ନତା ମଧ୍ୟରୁ ଜାତ ରାଜନୈତିକ ଉଷ୍ମତା ଦେଶକୁ ରକ୍ଷା କରିବାରେ ସହାୟକ ହୋଇଥିଲା । ଏହାର ଦୁଇଟି ଦିଗ ରହିଥିଲା । ଗୋଟିଏ ଦିଗ ହେଉଛି ସୈନ୍ୟବାହିନୀର ଶକ୍ତି ବୃଦ୍ଧି କରି ସାମରିକ କାର୍ଯ୍ୟକଳାପ ଦ୍ୱାରା ବିଭିନ୍ନ ଅସ୍ଥିରତାକୁ ସମ୍ମୁଖୀନ ହେବା । ଏବଂ ଅନ୍ୟ ଦିଗଟି ହେଲା ବିଭିନ୍ନ ଧର୍ମ ସମ୍ପ୍ରଦାୟ ମଧ୍ୟରେ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱର ସମାଧାନ କରିବା । ଅଶୋକ ଭାରତ ଇତିହାସରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛନ୍ତି, କାରଣ ସେ ହେଉଛନ୍ତି ଇତିହାସର ପ୍ରଥମ ରାଜା ଯିଏକି ଯୁଦ୍ଧ ପରିବର୍ତ୍ତେ ଶାନ୍ତି ଚାହୁଁଥିଲେ ।

## INTEXT QUESTIONS 5.6 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. 'ଧମ୍ମ' ବିଷୟରେ ଅଶୋକଙ୍କ ଶିଳାଲେଖରେ କ'ଣ ବର୍ଣ୍ଣନା କରାଯାଇଛି ?

_______________________________________________

2. ଅନ୍ୟାନ୍ୟ ଧର୍ମ ପ୍ରତି ଅଶୋକଙ୍କର ମନୋଭାବ କ'ଣ ଥିଲା ?

_______________________________________________

3. ଧମ୍ମମହାମାତ୍ରମାନଙ୍କର କାର୍ଯ୍ୟ କ'ଣ ଥିଲା ?

_______________________________________________

## 5.7 ମୌର୍ଯ୍ୟ ବଂଶର ପତନ

ମୌର୍ଯ୍ୟ ଶାସକମାନେ ଏକ ବିଶାଳ ସୈନ୍ୟବାହିନୀ ଗଠନ କରିଥିଲେ । ମୌର୍ଯ୍ୟ ସାମ୍ରାଜ୍ୟ ମଧ୍ୟ ଏକ ବୃହତ୍ ସୁଚିନ୍ତିତ ଶାସନ ପ୍ରଣାଳୀ ଦ୍ୱାରା ଶାସିତ ହେଉଥିଲା । ଭାରତୀୟ ଉପମହାଦେଶର ଏକ ବିଶାଳ ଅଂଶ ମୌର୍ଯ୍ୟ ଶାସନାଧୀନ ଥିଲା । କିନ୍ତୁ ଅଶୋକଙ୍କ ମୃତ୍ୟୁ ପରେ ମୌର୍ଯ୍ୟ ସାମ୍ରାଜ୍ୟ ଦୁଇଭାଗରେ ବିଭକ୍ତ ହୋଇଗଲା । ରାଜା ଦଶରଥ ଏହି ସାମ୍ରାଜ୍ୟର ପୂର୍ବ ଭାଗରେ ଶାସନ କଲାବେଳେ ରାଜା ସମ୍ପ୍ରତି ପଶ୍ଚିମଭାଗ ଉପରେ ଶାସନ କଲେ । ମୌର୍ଯ୍ୟ ସାମ୍ରାଜ୍ୟର ଶୀଘ୍ର ପତନ ପାଇଁ ଐତିହାସିକମାନେ ବିଭିନ୍ନ କାରଣର ଅବତାରଣା କରିଛନ୍ତି ।

କେତେକ ଐତିହାସିକମାନଙ୍କ ମତରେ ବୌଦ୍ଧଧର୍ମର ପ୍ରଭାବରେ ଅଶୋକ ଶାନ୍ତିପ୍ରିୟ ହୋଇ ପଡ଼ିବାରୁ ତାଙ୍କର ସୈନ୍ୟବାହିନୀ କ୍ରମଶଃ ଦୁର୍ବଳ ହୋଇପଡ଼ିଲା । ଆହୁରି ମଧ୍ୟ କୁହାଯାଏ ଯେ ଅଶୋକଙ୍କ ଧର୍ମନୀତି ବ୍ରାହ୍ମଣ ବିରୋଧୀ ଥିଲା କାରଣ ସେ ପଶୁବଳି ନିଷେଧ କରିଥିଲେ । ଏହା ଫଳରେ ବ୍ରାହ୍ମଣମାନଙ୍କର ଅଶେଷ କ୍ଷତି ହେବାରୁ ସେମାନେ ମୌର୍ଯ୍ୟ ଶାସନର ବିରୁଦ୍ଧାଚରଣ କରିଥିଲେ । ସେଥିପାଇଁ ପୁଷ୍ୟମିତ୍ର ସୁଙ୍ଗ ନାମକ ଜଣେ ବ୍ରାହ୍ମଣ ମୌର୍ଯ୍ୟ ବଂଶର ଶେଷ ରାଜାଙ୍କୁ ହତ୍ୟା କରିଥିଲା ।

ମୌର୍ଯ୍ୟ ସାମ୍ରାଜ୍ୟର ପତନର ଅନ୍ୟତମ କାରଣ ଥିଲା, ଦୁର୍ବଳ ଉତ୍ତରାଧୀକାରୀମାନଙ୍କର ସିଂହାସନ ଆରୋହଣ ପରବର୍ତ୍ତୀ ପର୍ଯ୍ୟାୟରେ ମୌର୍ଯ୍ୟ ସାମ୍ରାଜ୍ୟରେ ଦେଖାଦେଇଥିବା ଆର୍ଥିକ ସଙ୍କଟ ମୌର୍ଯ୍ୟ ସାମ୍ରାଜ୍ୟ ପତନର ଅନ୍ୟ ଏକ ପ୍ରମୁଖ କାରଣ ଥିଲା । ଅଶୋକଙ୍କ ଦୁର୍ବଳ ଉତ୍ତରାଧୀକାରୀମାନେ ଅଶୋକଙ୍କ ବିଶାଳ ସାମ୍ରାଜ୍ୟର ପ୍ରଜାମାନଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରକ୍ଷା କରିପାରିଲେ ନାହିଁ । ସେମାନେ ମନ୍ତ୍ରୀ ଓ କର୍ମଚାରୀମାନଙ୍କ ଉପରେ ନିୟନ୍ତ୍ରଣ ମଧ୍ୟ ରକ୍ଷା କରିପାରିଲେ ନାହିଁ । ଫଳରେ ସେମାନେ କେନ୍ଦ୍ର ସହିତ ସମ୍ପର୍କ ରକ୍ଷା ନକରି ମନ ଇଚ୍ଛା ଶାସନ କଲେ । ଅସଲରେ ଅଶୋକଙ୍କ ଉତ୍ତରାଧୀକାରୀମାନେ କେନ୍ଦ୍ର ଶାସନ ଓ ପ୍ରାଦେଶିକ ଶାସନକର୍ତ୍ତା ମାନଙ୍କର ସମ୍ପର୍କ ରକ୍ଷା କରିପାରିଲେ ନାହିଁ । ମୌର୍ଯ୍ୟ ସାମ୍ରାଜ୍ୟର ପତନ ହେଲା । କିନ୍ତୁ ମୌର୍ଯ୍ୟ କାଳରେ ଭାରତୀୟ ଉପମହାଦେଶରେ କୃଷି ଓ ଲୌହ ଶିଳ୍ପର ଉନ୍ନତି ହୋଇଥିଲା । ପରବର୍ତ୍ତୀ ଅବସ୍ଥାରେ କେତେକ ଆଞ୍ଚଳିକ ରାଜ୍ୟର ମଧ୍ୟ ଉତ୍‌ଥାନ ହୋଇଥିଲା ।

## INTEXT QUESTIONS 5.7 - ପ୍ରତ୍ୟାଶିତ ପୂର୍ବଜ୍ଞାନ


1. ମୌର୍ଯ୍ୟ ସାମ୍ରାଜ୍ୟର ପତନ ପାଇଁ କେଉଁ କେଉଁ କାରଣ ଦାୟୀ ବର୍ଣ୍ଣନା କର ?

_______________________________________________

2. ଅଶୋକଙ୍କ ମୃତ୍ୟୁପରେ କିଏ ସାମ୍ରାଜ୍ୟର ଦୁଇଟି ଭାଗରେ ଶାସନ କଲେ ?

_______________________________________________

ଟିପ୍ପଣୀ




ମାନଚିତ୍ର ୫.୩: ମୌର୍ଯ୍ୟ ସାମ୍ରାଜ୍ୟ

3. ପରବର୍ତ୍ତୀ ଅବସ୍ଥାରେ ମୌର୍ଯ୍ୟ ଶାସନର କିପରି ପ୍ରଭାବ ପଡ଼ିଥିଲା ?

## 5.8 INDIA UNDER THE MAURYAS - ମୌର୍ଯ୍ୟ ଶାସନ ବ୍ୟବସ୍ଥା

### Administration- ଶାସନ

ମୌର୍ଯ୍ୟମାନେ ଏକ ସୁଚିନ୍ତିତ ଶାସନ ପ୍ରଣାଳୀ ପ୍ରତିଷ୍ଠା କରିଥିଲେ । ଏହି ଶାସନ ବ୍ୟବସ୍ଥାରେ ରାଜା ମୁଖ୍ୟ ଭୂମିକା ନିର୍ବାହ କରୁଥିଲେ । ରାଜା ଥିଲେ ମୌର୍ଯ୍ୟ ଶାସନର କେନ୍ଦ୍ରବିନ୍ଦୁ । ରାଜାଙ୍କୁ ଶାସନ କ୍ଷେତ୍ରରେ ସାହାଯ୍ୟ କରିବା ପାଇଁ ଏକ ମନ୍ତ୍ରିପରିଷଦ ରହିଥିଲା । ରାଜା ଏକାଧାରାରେ ଥିଲେ ଶାସନର ମୁଖ୍ୟ, ପ୍ରଧାନ ଆଇନ ପ୍ରଣେତା, ସର୍ବୋଚ୍ଚ ବିଚାରପତି, ମୁଖ୍ୟ ସେନାଧକ୍ଷ ଓ ନିଯୁକ୍ତିଦାତା । ସବୁ ସମୟରେ ରାଜା ଅନ୍ୟାନ୍ୟ କର୍ମଚାରୀମାନଙ୍କ ସହ ଯୋଗସୂତ୍ର ରକ୍ଷା କରୁଥିଲେ । ଅଶୋକ ତାଙ୍କ ଶିଳାଲେଖରେ ବର୍ଣ୍ଣନା କରିଛନ୍ତି ଯେ ସାଧାରଣ ଲୋକ ଇଚ୍ଛାକଲେ ଯେ କୌଣସି ସମୟରେ ତାଙ୍କୁ ଭେଟି ପାରିବ । ସେ ପୁଣି ମଧ ଘୋଷଣା କରିଥିଲେ ଯେ ସମସ୍ତ ପ୍ରଜା ତାଙ୍କର ସନ୍ତାନ ପରି ଏବଂ ସେ ସେମାନଙ୍କର ସୁଖ ସମୃଦ୍ଧି କାମନା କରିଥିଲେ ।

ମୌର୍ଯ୍ୟ ଶାସନ ବ୍ୟବସ୍ଥାରେ ରାଜା କେତେଜଣ ମନ୍ତ୍ରୀଙ୍କୁ ନିଯୁକ୍ତ କରି ଏକ 'ମନ୍ତ୍ରିପରିଷଦ' ଗଠନ କରିଥିଲେ । ଏତଦ୍‌ବ୍ୟତୀତ ଆହୁରି ଅନେକ କର୍ମଚାରୀଙ୍କୁ ମଧ ରାଜା ନିଯୁକ୍ତ କରିଥିଲେ । ଯେଉଁମାନେ ତାଙ୍କୁ ଶାସନ କାର୍ଯ୍ୟରେ ସହଯୋଗ କରୁଥିଲେ ସେହି କର୍ମଚାରୀମାନେ ଅମାତ୍ୟ, ମହାମାତ୍ର ଓ ଅଧକ୍ଷ ନାମରେ ପରିଚିତ ଥିଲେ । ଅର୍ଥ ଶାସ୍ତ୍ରରେ ସତେଇଶ ଜଣ ଅଧକ୍ଷ ବା ବିଭାଗୀୟ ମୁଖ୍ୟ ବିଷୟରେ ବର୍ଣ୍ଣନା ଦେଖିବାକୁ ମିଳେ । ସେମାନେ କୃଷି, ଖଣି, ବୟନଶିଳ୍ପ ଏବଂ ବାଣିଜ୍ୟ ପରି ଅର୍ଥନୈତିକ ବିଭାଗ ଦାୟିତ୍ୱରେ ଥିଲେ ।

ରାଜକର୍ମଚାରୀମାନଙ୍କ ମଧରୁ ସମାହର୍ତା ଥିଲେ ପ୍ରଧାନ । ସେ ରାଜସ୍ୱ ଆଦାୟକାରୀଙ୍କ ମଧରେ ମୁଖ୍ୟଥିଲେ । ତାଙ୍କ ନିର୍ଦ୍ଦେଶରେ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ କାର୍ଯ୍ୟ କରୁଥିଲେ । ମୌର୍ଯ୍ୟ ଶାସନରେ ଗୁପ୍ତଚର ପ୍ରଥା ପ୍ରଣୟନ କରାଯାଇଥିଲା । ମୌର୍ଯ୍ୟ ଶାସକମାନେ ଅନେକ ଗୁପ୍ତଚର ନିଯୁକ୍ତ କରିଥିଲେ ।

ମୌର୍ଯ୍ୟ ଶାସକମାନେ ଏକ ବିଶାଳ ସୈନ୍ୟବାହିନୀ ଗଠନ କରିଥିଲେ । ଗ୍ରୀକ୍ ଲେଖକ ଜଷ୍ଟିନ୍‌ଙ୍କ ମତରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ସେନାବାହିନୀରେ ୬୦୦,୦୦୦ ପଦାତିକ, ୩୦,୦୦୦ ଅଶ୍ୱାରୋହୀ ୮,୦୦୦ ରଥାରୋହୀ ଏବଂ ୯,୦୦୦ ଯୁଦ୍ଧ ହସ୍ତୀ ରହିଥିଲେ । ମେଘାସ୍ଥିନିସ୍‌ଙ୍କ ବର୍ଣ୍ଣନା ଅନୁଯାୟୀ ସାମରିକ ଶାସନର ସୁପରିଚାଳନା ପାଇଁ ମୌର୍ଯ୍ୟ ଶାସକ ୫ଜଣ ସଦସ୍ୟ ବିଶିଷ୍ଟ ୬ ଗୋଟି କମିଟି ଗଠନ କରିଥିଲେ । ଅନ୍ତଃପାଳ ନାମକ କର୍ମଚାରୀ ମୌର୍ଯ୍ୟ ସାମ୍ରାଜ୍ୟର ସୀମାନ୍ତ ସୁରକ୍ଷା ଦାୟିତ୍ୱରେ ଥିଲେ ।

ବିଚାରଗତ ଶାସନ ବ୍ୟବସ୍ଥାରେ ରାଜା ଥିଲେ ସର୍ବୋଚ୍ଚ ବିଚାରପତି । କିନ୍ତୁ ଗ୍ରାମ୍ୟସ୍ତରରୁ ଆରମ୍ଭ କରି ପ୍ରାଦେଶିକ ସ୍ତର ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଦେୱାନୀ ଅଦାଲତ ଓ ଫୌଜଦାରୀ ଅଦାଲତ କାର୍ଯ୍ୟ କରୁଥିଲା । ଦେଖାଯାଇଥିଲା ଯେ ଗ୍ରାମରେ ଉପୁଜୁଥିବା ବିଭିନ୍ନ ମକଦ୍ଦମା ଗ୍ରାମ ମୁଖ୍ୟଙ୍କ ଦ୍ୱାରା ସମାଧାନ ହୋଇଯାଉଥିଲା ।

ମଗଧ ଓ ତା'ର ରାଜଧାନୀ ପାଟଳିପୁତ୍ରକୁ ବାଦଦେଲେ ମୌର୍ଯ୍ୟ ସାମ୍ରାଜ୍ୟ ବିସ୍ତାରଲାଭ କଲା ପରେ ଚାରି ଭାଗରେ ବିଭକ୍ତ ହୋଇଥିଲା ଏହି ଚାରିଗୋଟି ପ୍ରଦେଶ ହେଲା ଉତ୍ତର-ପଶ୍ଚିମ ଭାରତ ସ୍ଥିତି ତକ୍ଷଶିଳା, ଦକ୍ଷିଣ ଭାରତ ସ୍ଥିତ, ସୁବର୍ଣ୍ଣଗିରି, ପୂର୍ବ ଭାରତ ସ୍ଥିତ, ତୋଷାଳୀ ଏବଂ (ପଶ୍ଚିମ ଭାରତ), ଉଜ୍ଜୟିନୀ ଏହି ପ୍ରଦେଶଗୁଡ଼ିକ କୁମାରମାନଙ୍କ ଦ୍ୱାରା (ରାଜପୁତ୍ରମାନଙ୍କ ଦ୍ୱାରା) ଶାସିତ ହେଉଥିଲା । ମେଘାସ୍ଥିନିସ୍‌ଙ୍କ ବିବରଣୀ ଅନୁସାରେ ପାଟଳିପୁତ୍ର ନଗରର ଶାସନ ବ୍ୟବସ୍ଥା ଅତ୍ୟନ୍ତ ସୁନ୍ଦର ଥିଲା । ଏହି ନଗରଟି ୫ଜଣ ସଦସ୍ୟ ବିଶିଷ୍ଟ ୬ ଗୋଟି କମିଟି ଦ୍ୱାରା ପରିଚାଳିତ ହେଉଥିଲା । ଏହି କମିଟି ଗୁଡ଼ିକ ଭିନ୍ନ ଭିନ୍ନ କାର୍ଯ୍ୟ ସମ୍ପାଦନ କରୁଥିଲେ । ସେମାନେ ଦାୟିତ୍ୱ ନେଇଥିବା ବିଭାଗଗୁଡ଼ିକ ହେଉଛି ଶିଳ୍ପ ବିଭାଗ, ବୈଦେଶିକ ବିଭାଗ, ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ ବିଭାଗ, ବାଣିଜ୍ୟ ଏବଂ ବଜାର ନିୟନ୍ତ୍ରଣ ବିଭାଗ ଏବଂ କର ଅସୁଲ ବିଭାଗ । ଏହି ଭଳି ବିଭାଗମାନ ସାମ୍ରାଜ୍ୟର ଅନ୍ୟାନ୍ୟ କ୍ଷେତ୍ରରେ ଚାଲିଥିଲା କି ନାହିଁ ଜଣାପଡ଼େ ନାହିଁ । ଅନୁମାନ କରାଯାଏ ଯେ ମଗଧର କେନ୍ଦ୍ରୀୟ ପ୍ରଦେଶର ଶାସନ ରାଜାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚାଲୁଥିଲା ହେଲେ ଏହି ସାମ୍ରାଜ୍ୟର ଦୂରଦୂରାନ୍ତର ସ୍ଥାନଗୁଡ଼ିକର ଶାସନ ବ୍ୟବସ୍ଥାରେ ବିଭିନ୍ନତା ପରିଲକ୍ଷିତ ହେଉଥିଲା ।

### Economy, Society and Art- ଅର୍ଥନୈତିକ ଅବସ୍ଥା, ସମାଜ ଏବଂ କଳା

ମୌର୍ଯ୍ୟ ସାମ୍ରାଜ୍ୟର ଶାସନ ବ୍ୟବସ୍ଥାକୁ ଅବଲୋକନ କଲେ ଜଣାଯାଏ ଯେ ସେଠାରେ ଏକ ବିଶାଳ ସୈନ୍ୟବାହିନୀ ରହିଥିଲା ଏବଂ ଅସଂଖ୍ୟ ରାଜକର୍ମଚାରୀ ନିଯୁକ୍ତ ହୋଇଥିଲେ । ସୈନିକମାନଙ୍କୁ ଏବଂ ଉଚ୍ଚପଦାଧୀକାରୀମାନଙ୍କୁ ବେତନ ପ୍ରଦାନ କରାଯାଉଥିଲା । ରାଜ୍ୟରୁ ସଂଗୃହୀତ ରାଜସ୍ୱ ରାଜ୍ୟର ସମସ୍ତ ଆବଶ୍ୟକତାକୁ ପୂରଣ କରିପାରୁ ନଥିଲା । ତେଣୁ ଅଧିକ ସମ୍ବଳ ସୃଷ୍ଟି ପାଇଁ ମୌର୍ଯ୍ୟରାଜ୍ୟ ବିଭିନ୍ନ ପ୍ରକାର ଆର୍ଥିକ ବ୍ୟବସ୍ଥା ପରିଚାଳନା କରୁଥିଲା ।

ମୌର୍ଯ୍ୟ ଶାସନ କାଳରେ ଆର୍ଥିକ ବ୍ୟବସ୍ଥାର ମେରୁଦଣ୍ଡ ଥିଲା କୃଷି । ତେଣୁ ମୌର୍ଯ୍ୟ ରାଜ୍ୟ ନୂତନ କୃଷି ବ୍ୟବସ୍ଥା ସ୍ଥାପନ କରି ଅଣ କୃଷି ଜମିଗୁଡ଼ିକୁ କୃଷି ଉପଯୋଗୀ ଜମିରେ ରୂପାନ୍ତରିତ କଲା । ଜନବହୁଳ ରାଜ୍ୟଗୁଡ଼ିକରୁ ଏବଂ ଯୁଦ୍ଧବନ୍ଦୀ ହୋଇଥିବା ଲୋକମାନଙ୍କୁ ଆଣି ଏହି ଅଞ୍ଚଳର କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ କରାଗଲା । ଏହି ଜମିଗୁଡ଼ିକ ରାଜାଙ୍କର ବୋଲି ବିବେଚିତ ହେଲା ଏବଂ 'ସୀତାଧକ୍ଷ' ନାମକ କୃଷି ପରିଚାଳକଙ୍କ ଦ୍ୱାରା ତା'ର ପରିଚାଳନା କରାଗଲା । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଜମି ମାଲିକମାନେ ରାଜ୍ୟକୁ ବିଭିନ୍ନ ପ୍ରକାର କର ପ୍ରଦାନ କରୁଥିଲେ । ଜଳସେଚନ ଉପରେ ପ୍ରାଧାନ୍ୟ ଦିଆଯାଇ ଜଳ ସେଚିତ ଜମିଗୁଡ଼ିକରୁ ଅଧିକ କର ଆଦାୟ କରାଯାଉଥିଲା । ବଳି ବା ଭୂମିକର ଥିଲା ରାଜସ୍ୱର ମୁଖ୍ୟଆୟ । କୃଷକମାନେ ସେମାନଙ୍କ ଉତ୍ପାଦନର ଏକ ଷଷ୍ଠାଂଶ ବଳି କର ରୂପେ ପ୍ରଦାନ କରୁଥିଲେ । ଏଥି ସହିତ କୃଷକମାନେ ପିଣ୍ଡକର, ହିରଣ୍ୟ, ଭାଗ ଏବଂ ଭୋଗ ପ୍ରଭୃତି ବିଭିନ୍ନ ପ୍ରକାରର କର ଦେଉଥିଲେ । କୃଷକମାନେ ଉତ୍ପାଦନ କରୁଥିବା ବିଭିନ୍ନ ପ୍ରକାର କୃଷିଜାତ ଦ୍ରବ୍ୟଗୁଡ଼ିକ ହେଉଛି ଧାନ, ଗହମ, ବାଜରା, ବାର୍ଲି, ଆଖୁ, ବିରି, ମୁଗ ତଥା ତୈଳବୀଜ ପ୍ରଭୃତି ।

ମୌର୍ଯ୍ୟ ଶାସନ ସମୟରେ ବାଣିଜ୍ୟ ଏବଂ ସହରୀ ଆର୍ଥିକ ବ୍ୟବସ୍ଥାର ପ୍ରଭାବ ସମଗ୍ର ସାମ୍ରାଜ୍ୟ ଉପରେ ପଡ଼ିଥିଲା । ବୟନଶିଳ୍ପ ଉତ୍ପାଦନର ମୁଖ୍ୟ କେନ୍ଦ୍ର ଥିଲା ବାରଣାସୀ, ମଥୁରା, ବଂଗ, ଗାନ୍ଧାର ଏବଂ ଉଜ୍ଜୟିନୀ । ଖଣି ଏବଂ ଧାତୁ ସେମାନଙ୍କ ଆର୍ଥିକ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିଥିଲା । ସ୍ଥଳ ପଥରେ ଏବଂ ଜଳ ପଥରେ ବାଣିଜ୍ୟ ଚାଲୁଥିଲା । ଭାରତୀୟ ଉପମହାଦେଶର ପ୍ରତ୍ୟେକ ସ୍ଥାନ ବାଣିଜ୍ୟିକ ପଥଦ୍ୱାରା ପାଟଳୀପୁତ୍ର ସହ ସଂଯୁକ୍ତ ହୋଇଥିଲା । ଉତ୍ତର-ପୂର୍ବ ଭାରତର ମୁଖ୍ୟ ବାଣିଜ୍ୟିକ କେନ୍ଦ୍ର ଥିଲା ତକ୍ଷଶିଳା । ପରବର୍ତ୍ତୀ ଅବସ୍ଥାରେ ତକ୍ଷଶିଳା ମଧ୍ୟଏସିଆ ବଜାରଗୁଡ଼ିକ ସହ ସଂଯୁକ୍ତ ହୋଇଥିଲା । ପୂର୍ବ ଭାରତରେ ଥିବା ପଶ୍ଚିମବଙ୍ଗଳାର ତାମ୍ରଲିପ୍ତୀ ବା ତାମଲୁକ୍ ଏବଂ ପଶ୍ଚିମ ଭାରତର ଭାରୁଚ ପ୍ରସିଦ୍ଧ ସାମୁଦ୍ରିକ ପୋତ ରୂପେ ଖ୍ୟାତି ଅର୍ଜନ କରିଥିଲା ।

ବିଭିନ୍ନ ପ୍ରକାର କାରିଗରୀ କାର୍ଯ୍ୟ ମଧ ମୌର୍ଯ୍ୟ ସାମ୍ରାଜ୍ୟର ରାଜସ୍ୱ ବୃଦ୍ଧିରେ ସହାୟକ ହୋଇଥିଲା । ସହରରେ ବାସକରୁଥିଲା କାରିଗର ଓ ଶିଳ୍ପୀମାନେ ରାଜାଙ୍କୁ ଅର୍ଥ ଆକାରରେ କିମ୍ବା ଦ୍ରବ୍ୟ ଆକାରରେ କିମ୍ବା ଅବୈତନିକ ଭାବେ କାର୍ଯ୍ୟ କରି କର ପ୍ରଦାନ କରୁଥିଲେ । ବଣିକମାନେ ଏକ କାରିଗର ସଂଗଠିତ ଶ୍ରେଣୀ ବା ଗିଲ୍ଡ ଗଠନ କରିଥିଲେ । ମୌର୍ଯ୍ୟମାନେ ଉପମହାଦେଶର ବିଭିନ୍ନ ସ୍ଥାନରେ ଲୌହର ପ୍ରଚଳନ କରିଥିଲେ । ଲୌହ ଉତ୍ପାଦନର ଏକଚାଟିଆ ଅଧିକାର ସେମାନଙ୍କ ହାତରେ ଥିଲା । ସୈନ୍ୟବାହିନୀ ଶିଳ୍ପ ଏବଂ କୃଷି ପାଇଁ ଲୌହର ଅଧିକ ଆବଶ୍ୟକତା ରହିଥିଲା । 'ଲୌହ ଅଧକ୍ଷ' ନାମକ ଜଣେ ସରକାରୀ ଅଧିକାରୀଙ୍କ ଦ୍ୱାରା ଲୌହ ଧାତୁର ପରିଚାଳନା କରାଯାଉଥିଲା ।

ମୌର୍ଯ୍ୟ ଶାସନ ବ୍ୟବସ୍ଥାକୁ ଅବଲୋକନ କଲେ ଜଣାଯାଏ ଯେ ଏହି ସମୟରେ 'ଜାତିବ୍ୟବସ୍ଥା' ପୁନର୍ବାର ଆତ୍ମପ୍ରକାଶ କରିଥିଲା । ବୌଦ୍ଧଧର୍ମ ଓ ଜୈନଧର୍ମ ଜାତି ବ୍ୟବସ୍ଥାକୁ ଘୋର ବିରୋଧ କରିଥିଲେ ମଧ ଏହାର ପ୍ରଭାବ ମୌର୍ଯ୍ୟ ସମାଜ ଉପରେ ପଡ଼ିନଥିଲା । ପୁନର୍ବାର ବ୍ରାହ୍ମଣ ଓ କ୍ଷତ୍ରୀୟମାନେ ସମାଜରେ ଆଧିପତ୍ୟ ବିସ୍ତାର କରିଥିଲେ । ସେ ଯାହାହେଉ ବାଣିଜ୍ୟ ଓ ବ୍ୟବସାୟର ବହୁଳ ପ୍ରସାର ହେତୁ ବୈଶ୍ୟ ଏବଂ ଶୂଦ୍ରମାନଙ୍କର ସାମାଜିକ ସ୍ଥିତିର ଉନ୍ନତି ପରିଲକ୍ଷିତ ହେଲା । ଶୂଦ୍ରମାନେ କୃଷିକାର୍ଯ୍ୟ ଓ କାରିଗରୀ କାର୍ଯ୍ୟରେ ଅଂଶଗ୍ରହଣ କରିପାରିଲେ । କିନ୍ତୁ ଏହି ସମୟରେ ଅସ୍ପୃଶ୍ୟତାରେ ଅଭିବୃଦ୍ଧି ହୋଇଥିଲା ।

ମୌର୍ଯ୍ୟ ଶାସନ ସମୟରେ ପୁରାତନ ଭାରତୀୟ କଳା ଓ ଭାସ୍କର୍ଯ୍ୟର ଉଦାହରଣ ପରିଲକ୍ଷିତ ହୋଇଅଛି । ମେଘାସ୍ଥିନିସ୍ ତାଙ୍କ ବିବରଣୀରେ ପାଟଳୀପୁତ୍ର ଠାରେ ଥିବା ମୌର୍ଯ୍ୟ ରାଜପ୍ରସାଦର ସୌନ୍ଦର୍ଯ୍ୟ ଓ ପରିପାଟି ଅତି ସୁନ୍ଦର ବର୍ଣ୍ଣନା କରିଛନ୍ତି । ପାଟଣା ନିକଟବର୍ତ୍ତୀ କୁମହାର ଠାରେ ଏହି ରାଜପ୍ରାସାଦର ଧ୍ୱଂସାବଶେଷ ଆବିଷ୍କୃତ ହୋଇଅଛି । ରାମପୂର୍ବା, ଲାଉରିଆ ନନ୍ଦନଗଡ଼ ଏବଂ ସାରାନାଥ ଠାରେ ଥିବା ଅଶୋକଙ୍କ ଶିଳାସ୍ତମ୍ଭଗୁଡ଼ିକ ତତ୍କାଳୀନ ଉନ୍ନତ ପ୍ରସାର ଭାସ୍କର୍ଯ୍ୟର ନମୁନା




ଟିପ୍ପଣୀ

ଅଟେ । ବାରଣାସୀ ନିକଟବର୍ତ୍ତୀ ସାରନାଥ ଠାରେ ଥିବା ଅଶୋକ ସ୍ତମ୍ଭରୁ ଆମର ଜାତୀୟ ଚିହ୍ନ ଆସିଅଛି ।ଅଶୋକଙ୍କ ଶିଳାଲେଖଗୁଡ଼ିକ ଗୋଲାକାର ଏବଂ ଏକପ୍ରକାରର ଥିଲା ।ଉତ୍ତରପ୍ରଦେଶର ମିର୍ଜାପୁର ନିକଟସ୍ଥ ଚୁନାର ଠାରେ ଉପଲବ୍ଧ ବାଲୁକାପ୍ରସ୍ତରରେ ଏହି ସ୍ତମ୍ଭଗୁଡ଼ିକ ନିର୍ମିତ ହୋଇଥିଲା । ମୌର୍ଯ୍ୟ ସମୟରେ ପ୍ରସ୍ତର କାଟି ଗୁମ୍ଫା ନିର୍ମାଣ କରାଯାଇଥିଲା । ଗୟା ନିକଟସ୍ଥ ବାରବରା ପାହାଡ଼ରେ ନିର୍ମିତ ଲୋମସ ଋଷିଗୁମ୍ଫା ଏହାର ଏକ ଜ୍ୱଳନ୍ତ ଉଦାହରଣ । କେତେକ ପ୍ରସ୍ତର ଟେରାକୋଟା ସ୍ଥାପତ୍ୟ ମଧ୍ୟରେ ଏହି ସମୟରେ ମସୃଣ ପ୍ରସ୍ତରରେ ନିର୍ମିତ ଦିଦାରଗଞ୍ଜଯକ୍ଷିଣୀ ନାମକ ଏକ ମହିଳା ମୂର୍ତ୍ତି ବିଖ୍ୟାତ ଥିଲା ।





ସାରନାଥ ସ୍ତମ୍ଭର ଚିତ୍ର ୫.୩



ବାରବର ଗୁମ୍ଫା ଚିତ୍ର ୫.୩



ଦିଦାରଗଞ୍ଜ ଯକ୍ଷିଣୀ ଚିତ୍ର ୫.୩

ଟିପ୍ପଣୀ

## INTEXT QUESTIONS 5.8 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ମୌର୍ଯ୍ୟ ଶାସନ ବ୍ୟବସ୍ଥାରେ କେଉଁ ଅଧିକାରୀ ରାଜସ୍ୱ ନିର୍ଦ୍ଧାରଣ ଏବଂ ରାଜସ୍ୱ ଆଦାୟ ଦାୟିତ୍ୱରେ ଥିଲେ ?

2. ରାଜାଙ୍କ ଅଧିକୃତ କୃଷି ଜମିରେ କୃଷି କରିବା ପାଇଁ କେଉଁ ଅଧିକାରୀ ଦାୟିତ୍ୱ ନେଇଥିଲେ ?

3. ଗୟା ନିକଟବର୍ତ୍ତୀ ବାରବାର ପାହାଡ଼ ଗୁମ୍ଫାର ନାମ କ'ଣ ଥିଲା ?

## WHAT YOU HAVELEARNT- ଆମେ କ'ଣ ଶିଖିଲେ

ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀରେ ମଧ ଗଙ୍ଗେୟ ଉର୍ବର ସମତଳ ଭୂମି ଅଞ୍ଚଳରେ କୃଷି କ୍ଷେତ୍ରରେ ଲୌହ ଉପକରଣର ବ୍ୟବହାର ଓ ପଶୁ-ପାଳନ ଯୋଗୁଁ ଖାଦ୍ୟ ଉତ୍ପାଦନ ଏବଂ ଖାଦ୍ୟ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଥିଲା । କୃଷିର ଅଗ୍ରଗତି ହେବା ଫଳରେ ସହରଗୁଡ଼ିକ ଗଢ଼ି ଉଠିଲା । ଏହା ସହିତ ବାଣିଜ୍ୟ ତଥା ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳତା ପରିଦୃଷ୍ଟ ହେଲା । ସେଥିପାଇଁ ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀକୁ ଦ୍ୱିତୀୟ ସହରୀକରଣର ଯୁଗ ସମୟରୂପେ ବିବେଚନା କରାଯାଇଅଛି । ଏହି ସମୟରେ ବୌଦ୍ଧଧର୍ମ ଓ ଜୈନଧର୍ମ ପରି ଦୁଇଟି ଅଣବୈଦିକ ଧର୍ମର ଉନ୍ମେଷ ଘଟିଲା । ସେମାନେ ତତ୍କାଳୀନ ବାସ୍ତବ ଓ ସାମାଜିକ ସମସ୍ୟାକୁ ଉପଲବ୍ଧି କରି ପଶୁବଳି, ଋଣ ଏବଂ ସହରୀ ଜୀବନ ଉପରେ ପ୍ରତିବନ୍ଧକ ଲଗାଇଥିଲେ । ସେମାନେ ବଣିକ ଗୋଷ୍ଠୀର ସାମାଜିକ ଉତ୍ଥାନ ସପକ୍ଷରେ ଯୁକ୍ତିବାଢ଼ିଥିଲେ । କାରଣ ଏହି ଗୋଷ୍ଠୀ ଏ ଦୁଇଧର୍ମର ପୃଷ୍ଠପୋଷକତା କରୁଥିଲେ । ଜୈନଧର୍ମର ମୁଖ୍ୟ ନୀତିବାଣିଥିଲା 'ତ୍ରିରତ୍ନ' ଏବଂ 'ପଞ୍ଚମହାବ୍ରତ' କିନ୍ତୁ ଗୌତମବୁଦ୍ଧ ଜନସାଧାରଣଙ୍କୁ 'ଚାରିଆର୍ଯ୍ୟସତ୍ୟ' ଏବଂ 'ଆର୍ଯ୍ୟଅଷ୍ଟାଙ୍ଗମାର୍ଗ' ଅନୁସରଣ କରିବାକୁ ଉପଦେଶ ଦେଇଥିଲେ । ଆଦ୍ୟ ସମୟର ଜନପଥଗୁଡ଼ିକର ମିଶ୍ରଣ ହୋଇ ଷୋହଳ ମହାଜନପଦର ଉତ୍ଥାନ ଏହି ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀରେ ହୋଇଥିଲା । ଏହି ଜନପଦଗୁଡ଼ିକ ମଧ୍ୟରୁ କେତେକ ଜନପଦରେ ସାଧାରଣତନ୍ତ୍ର ଶାସନ ଅନୁସୃତ ହୋଇଥିଲା । ଅନୁକୂଳ ଭୌଗୋଳିକ ଅବସ୍ଥିତ ଏବଂ ଶାସକଙ୍କ ମନର ଉଚ୍ଚାଭିଳାଷ ତଥା ଉଗ୍ର ସାମ୍ରାଜ୍ୟବାଦୀ ବିଚାର ଯୋଗୁଁ ମଗଧ ରାଜ୍ୟ ଏକ ବିଶାଳ ସାମ୍ରାଜ୍ୟ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲା । ପରବର୍ତ୍ତୀ ଅବସ୍ଥାରେ ମୌର୍ଯ୍ୟମାନେ ମଗଧରୁ ନନ୍ଦବଂଶର ମୂଳୋତ୍ପାଟନ କରି ନିଜ ଶାସନ ପ୍ରତିଷ୍ଠା କଲେ । ଏକ ବିଶାଳ ସୈନ୍ୟବାହିନୀ ଗଠନ କରି ଏକ କେନ୍ଦ୍ରୀୟ ଶାସନ ବ୍ୟବସ୍ଥା ମୌର୍ଯ୍ୟମାନେ ପ୍ରଣୟନ କରିଥିଲେ । ଅଶୋକ ଥିଲେ ସେହି ସମୟର ପ୍ରଖ୍ୟାତ ଭାରତୀୟ ନରପତି ସେ 'ଧମ୍ମନୀତି' ପ୍ରଣୟନ କରିଥିଲେ । ଏହି ନୀତିର ଲକ୍ଷ୍ୟ ଥିଲା ଶାନ୍ତିପୂର୍ଣ୍ଣ ଉପାୟରେ ସାମ୍ରାଜ୍ୟର ରାଜନୈତିକ ଐକ୍ୟ ଓ ସଂହତି ରକ୍ଷାକରିବା ଏବଂ ଆଭ୍ୟନ୍ତରୀଣ ସମସ୍ୟାଗୁଡ଼ିକର ସମାଧାନ କରିବା । ଅଶୋକଙ୍କର ମୃତ୍ୟୁପରେ ତାଙ୍କର ଦୁର୍ବଳ ଉତ୍ତରାଧୀକାରୀମାନଙ୍କ ଅଯୋଗ୍ୟତା ହେତୁ ମୌର୍ଯ୍ୟ ସାମ୍ରାଜ୍ୟର ପତନ ଘଟିଥିଲା ।

## TERMINAL QUESTIONS - ନିଜକୁ ନିଜେ ପରିଖିବା

1. ବୈଶ୍ୟମାନେ କାହିଁକି ବୌଦ୍ଧଧର୍ମ ଓ ଜୈନଧର୍ମର ପୃଷ୍ଠପୋଷକତା କରୁଥିଲେ ?
2. ଜୈନଧର୍ମ ଓ ବୌଦ୍ଧଧର୍ମର ପ୍ରମୁଖ ଆଦର୍ଶ କ'ଣ ଥିଲା ?

3. ଅଶୋକଙ୍କ 'ଧମ୍ମନୀତି'ର ଲକ୍ଷ୍ୟ କ'ଣ ଥିଲା ?
4. ଅଶୋକ କାହିଁକି ଧମ୍ମନୀତି ପ୍ରଣୟନ କଲେ ?
5. ଅଧିକ ରାଜସ୍ୱ ଆଦାୟ ପାଇଁ ମୌର୍ଯ୍ୟମାନେ କିପରି ଚେଷ୍ଟା କରିଥିଲେ ?
6. କଳାକ୍ଷେତ୍ରରେ ମୌର୍ଯ୍ୟମାନଙ୍କର ଅବଦାନ କ'ଣ ଥିଲା ?

## ANSWERS TO INTEXT QUESTIONS - ପ୍ରତ୍ୟାଶିତ ପୂର୍ବଜ୍ଞାନ

**5.1**

1. ଜାଖେରା, ରାଜଘାଟ, କୋଶାମ୍ବୀ, ବୈଶାଳୀ ଏବଂ ସୋନପୁର
2. ୫.୧ର ତୃତୀୟ ପାରା ଦେଖ
3. ୫.୧ର ଚତୁର୍ଥ ପାରା ଦେଖ
4. ମଖାଲି ଘୋଷାଲ

**5.2**

1. ସତ୍‌ବିଶ୍ୱାସ, ସତ୍‌ଜ୍ଞାନ ଏବଂ ସତ୍‌ଚରିତ୍ର
2. ଦିଗମ୍ବର ଏବଂ ଶ୍ୱେତମ୍ବର
3. ସାରାନାଥ
4. ୫.୨ର ଚତୁର୍ଥ ପାରା ଦେଖ
5. ୫.୨ର ଚତୁର୍ଥ ପାରା ଦେଖ
6. ପାଳି
7. ୫.୨ର ସପ୍ତମ ପାରା ଦେଖ
8. ୫.୨ର ଷଷ୍ଠପାରା ଦେଖ

**5.3**

1. ୫.୩ର ଚାର୍ଟ୍ ଦେଖ
2. ୫.୩ର ଦ୍ୱିତୀୟ ପାରା ଦେଖ
3. ବୈଶାଳୀ

**5.4**

1. ୫.୪ର ପ୍ରଥମ ପାରା ଦେଖ
2. ୫.୪ର ଷଷ୍ଠପାରା ଦେଖ
3. ଗିରିବ୍ରଜ ଏବଂ ରାଜଗୃହ
4. ପ୍ରସନ୍ନଜିତ୍ ଏବଂ ଚେତକ
5. ମହାପଦ୍ମ ନନ୍ଦ
6. କାଳାଶୋକ



ଟିପ୍ପଣୀ



1. ୫.୫ର ପ୍ରଥମ ପାରା ଦେଖ
2. ପ୍ରାକୃତ ଏବଂ ବ୍ରାହ୍ମି
3. ମେଘାସ୍ଥିନିସ୍
4. ବୃହଦ୍ରଥ

**5.6**

1. ପ୍ରଥମ ପାରା ଦେଖ
2. ଦ୍ୱିତୀୟ ପାରା ଦେଖ
3. ବ୍ରାହ୍ମଣ ଏବଂ ସନ୍ନ୍ୟାସୀମାନଙ୍କର ଯତ୍ନନେବା ପାଇଁ

**5.7**

1. ୫.୭ ଦେଖ
2. ଦଶରଥ ଏବଂ ସଂପ୍ରତି
3. ଏହା ଲୌହ ଯନ୍ତ୍ରପାତି ଏବଂ କୃଷିର ଉନ୍ନତିପାଇଁ ସହାୟକ ହେଲା, ଯାହାଫଳରେ ଭାରତର କେତେକ ଆଞ୍ଚଳିକ ରାଜ୍ୟର ଉତ୍ଥାନ ହେଲା ।

**5.8**

1. ସମାହର୍ତ୍ତା
2. ସୀତାଧ୍ୟକ୍ଷ
3. ଗଙ୍ଗା ନିକଟସ୍ଥ ଲୋମସ ଋଷିଙ୍କ ଗୁମ୍ଫା

**ବିଷୟାନ୍ତ ପ୍ରଶ୍ନ ଗୁଡ଼ିକ ପାଇଁ ସଂକେତ**

1. ୫.୧ର ୫ମ ପାରା ଦେଖ
2. ୫.୨ର ୧ମ ଏବଂ ୫ମ ପାରା ଦେଖ
3. ୫.୬ର ୧ମ ପାରା ଦେଖ
4. ୫.୬ର ୨ୟ ପାରା ଦେଖ- ପ୍ରଥମ ଶିଳାସ୍ତମ୍ଭ
5. ୫.୮ର ୨ୟ ଏବଂ ୩ୟ ପାରା ଦେଖ (ଆର୍ଥିକ ଅବସ୍ଥା, ସମାଜ ଏବଂ କଳା)
6. ୫.୮ର ଶେଷପାରା ଦେଖ

## GLOSSARY

| | |
|---|---|
| Jataka - ଜାତକ | : ଗୌତମ ବୁଦ୍ଧଙ୍କ ପୂର୍ବଜନ୍ମ ଉପରେ ଲିଖିତ ଗଳ୍ପମାଳା । |
| Tirthankara - ତୀର୍ଥଙ୍କର | : ଜୈନଧର୍ମର ପ୍ରଚାରକ |
| Nirvana - ନିର୍ବାଣ | : କାମନାର ବିନାଶ |
| Digambara - ଦିଗମ୍ବର | : ବସ୍ତ୍ର ପରିଧାନ କରୁନଥିବା ଜୈନଧର୍ମାବଲମ୍ବୀ |
| Svetamabara - ଶ୍ୱେତାମ୍ବର | : ଧଳାବସ୍ତ୍ର ପରିଧାନ କରୁଥିବା ଜୈନ ଧର୍ମାବଲଂବୀ |

| | |
|---|---|
| Mahayana - ମହାଜାନ | : ବୁଦ୍ଧଙ୍କ ମୂର୍ତ୍ତି ପୂଜା କରୁଥିବା ବୌଦ୍ଧ ଗୋଷ୍ଠୀ |
| Hinayana - ହୀନଜାନ | : ମୂର୍ତ୍ତି ପୂଜାରେ ବିଶ୍ୱାସ କରୁନଥିବା ବୌଦ୍ଧ ଧର୍ମାବଲଂବୀ |
| Samaj - ସମାଜ | : ସର୍ବ ସାଧାରଣଙ୍କ ଆନନ୍ଦମୁଖର ଧର୍ମୋତ୍ସବ |
| Dhammamahamatta - ଧର୍ମମହାମାତ୍ର | : ସମାଜରେ 'ଧମ୍ମ'ର ନୀତି ପରିଚାଳନା ପାଇଁ ଅଶୋକଙ୍କ ଦ୍ୱାରା ନିଯୁକ୍ତ କର୍ମଚାରୀ |
| Chauri - ଛାଉରି | : ରାଜାଙ୍କ ଚତୁପାର୍ଶ୍ୱରେ ଦୋଳାୟିତ ଏକ ପଙ୍ଖା |

# 6

# ପରବର୍ତ୍ତୀ ମୌର୍ଯ୍ୟ ଯୁଗର ଅଗ୍ରଗତି

ପୂର୍ବ ଅଧ୍ୟାୟରେ ଆମେ ଜାଣିବାକୁ ପାଇଲେ ଯେ ମୌର୍ଯ୍ୟ ସାମ୍ରାଜ୍ୟ ଭାରତୀୟ ଉପମହାଦେଶର ବହୁ ଅଞ୍ଚଳରେ ବିସ୍ତାରଲାଭ କରିଥିଲା । ଏପରିକି ଆଧୁନିକ ଆଫଗାନିସ୍ତାନର କାନ୍ଦାହାର ପର୍ଯ୍ୟନ୍ତ ଏହା ବିସ୍ତାରଲାଭ କରିଥିଲା । ଖ୍ରୀ:ପୂ: ୧୮୭ ବେଳକୁ ମୌର୍ଯ୍ୟ ସାମ୍ରାଜ୍ୟର ପତନ ଘଟିଲା । ଆମେ ଏହି ଅଧ୍ୟାୟରେ ମୌର୍ଯ୍ୟ ସାମ୍ରାଜ୍ୟର ପତନ ପରେ ଏବଂ ଗୁପ୍ତ ବଂଶର ଉତ୍ଥାନ ମଧ୍ୟବର୍ତ୍ତୀ ସମୟରେ ଭାରତୀୟ ଉପମହାଦେଶରେ ସଂଗଠିତ ରାଜନୈତିକ ଓ ସାଂସ୍କୃତିକ ଅଗ୍ରଗତି ସମ୍ବନ୍ଧରେ ଅଧ୍ୟୟନ କରିବା । ଖ୍ରୀ:ପୂ: ୨୦୦ରୁ ଖ୍ରୀ:ପୂ: ୩୦୦ ମଧ୍ୟରେ ଏହି ଅଗ୍ରଗତି ପରିଲକ୍ଷିତ ହୋଇଥିଲା । ଏହି ୫୦୦ ବର୍ଷ ମଧ୍ୟରେ ଭାରତର ବିଭିନ୍ନ ଅଞ୍ଚଳରେ ଅନେକ ରାଜନୈତିକ ଶକ୍ତିଗୁଡ଼ିକର ଉତ୍ଥାନହେବା ସହିତ ନୂତନ କଳା, ସ୍ଥାପତ୍ୟ ଓ ଧର୍ମର ପ୍ରଚଳନ ଦେଖିବାକୁ ମିଳିଥାଏ ।

## OBJECTIVES - ଉଦ୍ଦେଶ୍ୟ

**ଏହି ଅଧ୍ୟାୟ ପଢ଼ିଲା ପରେ ଆମେ ଜାଣିବା :**

- ମୌର୍ଯ୍ୟ ସାମ୍ରାଜ୍ୟର ପତନ ପରେ ବିଭିନ୍ନ ରାଜନୈତିକ ଅଞ୍ଚଳଗୁଡ଼ିକ ଲୋକଲୋଚନକୁ ଆସିଥିଲା ।
- ମଧ୍ୟଏସିଆରୁ ବିଭିନ୍ନ ବିଦେଶୀମାନେ ଦଳ ଦଳ ହୋଇ ଭାରତକୁ ପ୍ରବେଶ ଓ ବସତି ସ୍ଥାପନ କଲେ ।
- ଭାରତ ଓ ରୋମ୍ ମଧ୍ୟରେ ଅଗ୍ରଗତି କରିଥିବା ବାଣିଜ୍ୟିକ ସମ୍ପର୍କ ଓ ଏହାର ପ୍ରଭାବ ।
- ଖ୍ରୀ:ପୂ: ୨୦୦ରୁ ୩୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ପ୍ରାଧାନ୍ୟ ଲାଭ କରିଥିବା ବିଭିନ୍ନ କଳା ଓ ସ୍ଥାପତ୍ୟର ମୁଖ୍ୟ ବୈଶିଷ୍ଟ୍ୟ ।
- ଦକ୍ଷିଣ ଭାରତର ପ୍ରାକ୍ ଇତିହାସ ଏବଂ ସଂଗମ ସାହିତ୍ୟ ।

## POLITICAL HISTORY OF NORTH INDIA 6.1
## ଉତ୍ତରଭାରତର ରାଜନୈତିକ ଇତିହାସ

ମୌର୍ଯ୍ୟ ସାମ୍ରାଜ୍ୟର ପତନ ପରେ ଭାରତର ବିଭିନ୍ନ ଅଞ୍ଚଳରେ ଆଞ୍ଚଳିକ ରାଜ୍ୟଗୁଡ଼ିକର ଉତ୍ଥାନ ହେଲା । ଠିକ୍ ଏହି ସମୟରେ ମଧ୍ୟଏସିଆ ଏବଂ ପଶ୍ଚିମ ଚୀନ୍‌ରୁ ବିଦେଶୀମାନେ ଭାରତକୁ ମଧ୍ୟ ଆକ୍ରମଣ କରିଥିଲେ । ଏହି ବିଦେଶୀ ଶକ୍ତିମାନେ ଥିଲେ ଇଣ୍ଡୋ-ଗ୍ରୀକ୍ ଶକ, ପଲ୍ଲବ ଏବଂ କୁଶାଣ ଇତ୍ୟାଦି । ଏହି ପ୍ରକାର ରାଜନୈତିକ ପରିସ୍ଥିତି ମଧ୍ୟରେ ଗତିକରି ଭାରତବର୍ଷ ମଧ୍ୟ ଏସିଆର ରାଜନୈତିକ ବ୍ୟବସ୍ଥା ଓ ସଂସ୍କୃତିର ନିକଟତର ହୋଇଥିଲା ।

### (i). ଶୁଙ୍ଗ ବଂଶ

ମୌର୍ଯ୍ୟ ବଂଶର ଶେଷ ରାଜାଙ୍କୁ ସେନାପତି ପୁଷ୍ୟମିତ୍ର ଶୁଙ୍ଗ ହତ୍ୟା କଲା ପରେ ଉତ୍ତରଭାରତରେ ନିଜେ ଶାସନ କରିଥିଲେ । ଫଳରେ ଏହି ବଂଶକୁ ଶୁଙ୍ଗ ବଂଶ ବୋଲି କୁହାଗଲା । ଶୁଙ୍ଗ ରାଜତ୍ୱ

## ପରବର୍ତ୍ତୀ ମୌର୍ଯ୍ୟ ଯୁଗର ଅଗ୍ରଗତି

ଉତ୍ତରଭାରତରେ ଚାଲୁଥିବା ବେଳେ ଯବନ ନାମକ ଏକ ଇଣ୍ଡୋ-ଗ୍ରୀକ୍ ଜାତି ବ୍ୟାକ୍ଟ୍ରିଆ ବା ବଲଖ ଅଞ୍ଚଳରେ ସ୍ୱାଧୀନ ଶକ୍ତିରୂପେ ଆବିର୍ଭୂତ ହୋଇ କ୍ରମଶଃ ଉତ୍ତରପଶ୍ଚିମ ଭାରତ ଏବଂ ଉତ୍ତରଭାରତ ଆଡ଼କୁ ଅଗ୍ରସର ହେଲେ । ପୁଷ୍ୟମିତ୍ର ଶୁଙ୍ଗଙ୍କ ସହିତ ବ୍ୟାକ୍ଟ୍ରିଆର ଗ୍ରୀକ୍ ଶାସକ ଡେମିଟ୍ରିଅସ୍‌ଙ୍କ ସଂଘର୍ଷ ହୋଇଥିବାର ସୂଚନା ମିଳେ । ଅବଶ୍ୟ ଏହି ସଂଘର୍ଷରେ କାହାର କିଛି କ୍ଷତି ହୋଇନଥିଲା । ବେସନଗର ବା ଆଧୁନିକ ବିଦିଶାରେ ଏକ ଖୋଦିତ ଶିଳା ଦେଖିବାକୁ ମିଳେ । ଏହି ଶିଳାଲେଖରେ ପାକିସ୍ତାନ ନିକଟସ୍ଥ ରାଓଲପିଣ୍ଡିର ତକ୍ଷଶିଳାର ଜଣେ ଅଧିବାସୀ ହେଲିଓଡୋରସଙ୍କ ସମ୍ବନ୍ଧରେ କିଛି ତଥ୍ୟ ଦେଖିବାକୁ ମିଳେ । ସେ ଇଣ୍ଡୋ-ଗ୍ରୀକ୍ ଶାସନ ଆଣ୍ଟିଆଲକିଦାସଙ୍କ ଦୂତ ରୂପେ ପରବର୍ତ୍ତୀ ଶୁଙ୍ଗରାଜା ଭାଗଭଦ୍ରଙ୍କ ରାଜସଭା ମଣ୍ଡନ କରିଥିଲେ । ଏହି ଶିଳାଲେଖ ଅନୁସାରେ ସେ କୃଷ୍ଣଭକ୍ତ ଥିଲେ ।

ଖ୍ରୀ:ପୂ: ପ୍ରଥମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଶୁଙ୍ଗ ବଂଶର ଶେଷ ରାଜାଙ୍କୁ ମନ୍ତ୍ରୀ ବାସୁଦେବ ଅତି ନୃଶଂସ ଭାବେ ହତ୍ୟା କରିଥିଲେ । ବାସୁଦେବ କଣ୍ୱବଂଶ ପ୍ରତିଷ୍ଠା କରି ଶାସନ କଲେ । ଏହି ବଂଶର ବିଶେଷ ଉଲ୍ଲେଖନୀୟ କୃତିତ୍ୱ ଦେଖିବାକୁ ମିଳେନାହିଁ ।

### (ii). ବ୍ୟାକ୍ଟ୍ରିଆ ବା ଇଣ୍ଡୋ-ଗ୍ରୀକ୍ ଶାସନ

ଖ୍ରୀ:ପୂ: ୩୨୩ରେ ଆଲେକଜାଣ୍ଡାରଙ୍କ ମୃତ୍ୟୁ ପରେ ଗ୍ରୀକ୍‌ମାନେ ଭାରତର ଉତ୍ତର-ପଶ୍ଚିମ ସୀମା ତଥା ହିନ୍ଦୁକୁଶ ପାର୍ବତ୍ୟ ଅଞ୍ଚଳ (ଆଧୁନିକ ଆଫଗାନିସ୍ତାନ)ରେ ବସତି ସ୍ଥାପନ କରିଥିଲେ । ଏହା ଗ୍ରୀକ୍‌ମାନଙ୍କର ପ୍ରଧାନ କେନ୍ଦ୍ରରୂପେ ପରିଗଣିତ ହେଲା । ବ୍ୟାକ୍ଟ୍ରିଆର ଶାସକମାନଙ୍କୁ ସେମାନଙ୍କ ଗ୍ରୀକ୍ ମୂଳ ଯୋଗୁଁ ବ୍ୟାକ୍ଟ୍ରିଆନ୍- ଗ୍ରୀକ୍ ବୋଲି କୁହାଯାଉଥିଲା । ସେହି ଶାସକମାନଙ୍କ ମଧ୍ୟରୁ ଡେମିଟ୍ରିଅସ୍ ଜଣେ ପ୍ରମୁଖ ଶାସକ ଥିଲେ । ପୁଷ୍ୟମିତ୍ର ଶୁଙ୍ଗଙ୍କ ସହିତ ତାଙ୍କର କଳହ ହୋଇଥିଲା ।

ସେ ଯାହାହେଉନା କାହିଁକି ପ୍ରଖ୍ୟାତ ଇଣ୍ଡୋ-ଗ୍ରୀକ୍ ଶାସକମାନଙ୍କ ମଧ୍ୟରେ ମେନେଣ୍ଡର ଥିଲେ ଅନ୍ୟତମ । ତାଙ୍କ ସାମ୍ରାଜ୍ୟ ଦକ୍ଷିଣ ଆଫଗାନିସ୍ତାନ ଓ ଗାନ୍ଧାର ଅଞ୍ଚଳକୁ ନେଇ ଗଠିତ ହୋଇଥିଲା । ଏହି ଅଞ୍ଚଳ ଗଙ୍ଗାନଦୀର ପଶ୍ଚିମରେ ଅବସ୍ଥିତ ଥିଲା । ଜଟିଳ ଦାର୍ଶନିକ ପ୍ରଶ୍ନ ସମ୍ବଳିତ ବୌଦ୍ଧଗ୍ରନ୍ଥ ମିଲିଣ୍ଡାପନହରେ ବର୍ଣ୍ଣିତ 'ମିଳିନ୍ଦ'ଙ୍କୁ ମେନେଣ୍ଡର ବୋଲି ଆଖ୍ୟାୟିତ କରାଯାଇଛି । ଉକ୍ତ ଗ୍ରନ୍ଥର ରଚୟିତା ନାଗସେନଙ୍କୁ ରାଜା ମିଳିନ୍ଦ ଅନେକ ପ୍ରଶ୍ନ ପଚାରି ତା'ର ଉତ୍ତର ଗୁଡ଼ିକ ଦ୍ୱାରା ସନ୍ତୁଷ୍ଟ ହେଲା ପରେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ରାଜା ମେନେଣ୍ଡର ଖ୍ରୀ:ପୂ: ୧୫୫ରୁ ଖ୍ରୀ:ପୂ: ୧୩୦ ମଧ୍ୟରେ ଶାସନ କରୁଥିଲେ ବୋଲି ବିଶ୍ୱାସ କରାଯାଏ ।

### (iii). ଶକ ଶାସନ

ମଧ୍ୟ ଏସିଆରୁ ସ୍କିଥିଆନ୍ ନାମକ ଏକ ବୈଦେଶିକ ଜାତି ଭାରତକୁ ଆସି ବସତିସ୍ଥାପନ କରିଥିଲେ । ଭାରତୀୟ ଭାଷାରେ ସେମାନଙ୍କୁ 'ଶକ' ବୋଲି କୁହାଯାଏ । 'ଇଉ-ଚି' ନାମକ ଏକ ପଡ଼ୋଶୀ ଜାତିଦ୍ୱାରା ପରାଜିତ ହେଲା ପରେ ସେମାନେ କ୍ରମଶଃ ଉତ୍ତରପଶ୍ଚିମ ଭାରତର ତକ୍ଷଶିଳା ଅଞ୍ଚଳରେ ଖ୍ରୀ:ପୂ: ୧୦୦ରେ ବସତି ସ୍ଥାପନ କରିଥିଲେ ।

ଶକ ଶାସକମାନଙ୍କ ମଧ୍ୟରେ ଖ୍ୟାତିସମ୍ପନ୍ନ ଥିଲେ ରୁଦ୍ରଦମନ । ସେ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀର ମଧ୍ୟଭାଗରେ ଶାସନ କରୁଥିଲେ । ତାଙ୍କ ସାମ୍ରାଜ୍ୟ ସମ୍ପୂର୍ଣ୍ଣ ରୂପେ ପଶ୍ଚିମ ଭାରତରେ ବିସ୍ତାରଲାଭ କରିଥିଲା । ଜୁନାଗଡ଼ ବା ଗିରିନାର ଠାରେ ଥିବା ଏକ ଶିଳାଲେଖରେ ତାଙ୍କର କୃତିତ୍ୱଗୁଡ଼ିକ ବର୍ଣ୍ଣିତ ହୋଇଅଛି । ଏହି ଶିଳାଲେଖର ବର୍ଣ୍ଣନାଗୁଡ଼ିକ ଶୁଦ୍ଧ ସଂସ୍କୃତ ଭାଷାରେ ଲେଖାଯାଇଛି ଏବଂ ସଂସ୍କୃତରେ ଲିଖିତ ଏହା ପୁରାତନ ଭାରତର ପ୍ରଥମ ରାଜକୀୟ ଶିଳାଲେଖା ରୂପେ ବିବେଚିତ ।

### (iv). ପାର୍ଥିଆନ୍ ଶାସନ

ପାର୍ଥିଆନ୍‌ମାନଙ୍କର ଆଦିବାସସ୍ଥାନ ଇରାକରେ ଥିଲା । ଶକମାନଙ୍କ ସହିତ ସେମାନଙ୍କର ସାଂସ୍କୃତିକ ସମ୍ପର୍କ ବୃଦ୍ଧି ହେଲା ପରେ ଭାରତୀୟ ସ୍ରୋତସାମଗ୍ରୀକୁ ଆଧାର କରି ସେମାନଙ୍କୁ ଶକ-ପଲ୍ଲଭ ବୋଲି ବିବେଚନା କରାଗଲା । ପେଶାୱାର ନିକଟସ୍ଥ ମର୍ଦନ ନାମକ ସ୍ଥାନରୁ ଉଦ୍ଧାର କରାଯାଇଥିବା ପ୍ରସିଦ୍ଧ

ଟିପ୍ପଣୀ

'ତଖିତ-ଇ-ବାହି' ଶିଳାଲେଖ ଅନୁସାରେ ପାର୍ଥିଆନମାନେ ପାକିସ୍ତାନର ଉତ୍ତରପଶ୍ଚିମ ଅଞ୍ଚଳରେ ଶାସନ କରୁଥିଲେ ବୋଲି ଜଣାଯାଏ । ଏହି ଶିଳାଲେଖ ୪୫ ଖ୍ରୀଷ୍ଟାବ୍ଦରେ ରଚିତ ହୋଇଥିଲା । ଗଣ୍ଡୋଫେରୋନିସ୍ ବା ଗଣ୍ଡୋଫେରସ୍ ନାମକ ଜଣେ ପାର୍ଥିଆନ ଶାସକଙ୍କ ନାମ ଏହି ଶିଳାଲେଖରେ ଦେଖିବାକୁ ମିଳେ । କେତେକ ସାହିତ୍ୟିକ ସମାଗ୍ରୀ ଅନୁସାରେ ସେ ଥିଲେ ସେଣ୍ଟ ଥୋମାସ୍ ଓ ତାଙ୍କ ଉଦ୍ୟମରେ ରାଜା ଏବଂ ତାଙ୍କ ଭାତ୍ରା ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ।

## INTEXT QUESTIONS 6.1 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଶେଷ ମୌର୍ଯ୍ୟ ସମ୍ରାଟ କିଏ ଥିଲେ ?

   ______________________________

2. ହେଲିଓ ଡେରସ୍ କିଏ ଥିଲେ ?

   ______________________________

3. ପ୍ରସିଦ୍ଧ ବୌଦ୍ଧଗ୍ରନ୍ଥ 'ମିଳିଂଦପନହ'ରେ ବର୍ଣ୍ଣିତମ ରାଜା ମିଳିନ୍ଦଙ୍କ ସହିତ କେଉଁ ଇଣ୍ଡୋଗ୍ରୀକ୍ ସମ୍ରାଟ୍‌ଙ୍କୁ ଚିହ୍ନଟ କରାଯାଇଅଛି ?

   ______________________________

4. କେଉଁ ଶୀଳାଲେଖ ପ୍ରାଚୀନ ଭାରତର ଶୁଦ୍ଧ ସଂସ୍କୃତରେ ଲିଖିତ ପ୍ରଥମ ରାଜକୀୟ ଶୀଳାଲେଖରୂପେ ବର୍ଣ୍ଣିତ ହୋଇଅଛି ।

   ______________________________

5. ଶକମାନଙ୍କର ଆଦି ବାସସ୍ଥାନ କେଉଁଠାରେ ଥିଲା ?

   ______________________________

## 6.2 THE KUSHANAS - କୁଶାଣ ଶାସନ

ପଶ୍ଚିମ ଚୀନ୍ ଥିଲା କୁଶାଣମାନଙ୍କର ଆଦିବାସସ୍ଥାନ । ସେମାନଙ୍କୁ ମଧ ଇଉ-ଚି ବୋଲି କୁହାଯାଏ । କୁଶାଣମାନେ ଶକ ଓ ପଲ୍ଲବମାନଙ୍କୁ ପରାସ୍ତ କଲାପରେ ପାକିସ୍ତାନରେ ଏକ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କଲେ । କୁଶାଣବଂଶର ପ୍ରଥମ ଓ ଶ୍ରେଷ୍ଠ ଶାସକ ଥିଲେ କୁଜଳ କାଡ଼ଫିସେସ । ତାଙ୍କର ଉତ୍ତରାଧିକାରୀ ଥିଲେ ବିମା କାଡଫିସେସ୍ । କୁଶାଣ ବଂଶର ତୃତୀୟ ଶାସକ ଥିଲେ କନିଷ୍କ । କୁଶାଣ ଶାସକମାନଙ୍କ ମଧରେ ସେ ଥିଲେ ସବୁଠାରୁ ପ୍ରସିଦ୍ଧ । ସମ୍ଭବତଃ କନିଷ୍କ ଖ୍ରୀଷ୍ଟ ୭୮ରେ ସିଂହାସନ ଆରୋହଣ କରିଥିଲେ । ସେ ଏକ ନୂତନ ଅବ୍ଦର ପ୍ରଚଳନ କରିଥିଲେ । ଏହା ଶକାବ୍ଦ ନାମରେ ପ୍ରସିଦ୍ଧ । କନିଷ୍କଙ୍କ ରାଜତ୍ୱ କାଳରେ କୁଶାଣ ସାମ୍ରାଜ୍ୟର ପରିସୀମା ଆଶାତୀତ ଭାବେ ବୃଦ୍ଧି ପାଇଥିଲା । ତାଙ୍କ ସାମ୍ରାଜ୍ୟ ମଧ ଏସିଆରୁ ଉତ୍ତର ଭାରତ ପର୍ଯ୍ୟନ୍ତ ବିସ୍ତାର ଲାଭକରିଥିଲା ଏବଂ ଏହି ସାମ୍ରାଜ୍ୟ ସହିତ ଉତ୍ତରପ୍ରଦେଶର ବାରଣାସୀ, କୋଶାମ୍ବୀ ଏବଂ ସ୍ରାବସ୍ତି ଇତ୍ୟାଦି ମିଶିଯାଇଥିଲା । କନିଷ୍କଙ୍କ ରାଜତ୍ୱରେ ବିଶେଷତ୍ୱ ଥିଲା ଯେ କନିଷ୍କଙ୍କ ମଧ ଏସିଆ ରାଜ୍ୟ ସହିତ ଉତ୍ତରଭାରତର ରାଜ୍ୟଗୁଡ଼ିକୁ ମିଶାଇ ଗୋଟିଏ ସାମ୍ରାଜ୍ୟ ଗଠନ କରିଥିଲେ । ଫଳରେ ବିଭିନ୍ନ ଗୋଷ୍ଠୀ ମଧରେ ସାଂସ୍କୃତିକ ଆଦାନପ୍ରଦାନ ସହିତ ଆଞ୍ଚଳିକ, ବାଣିଜ୍ୟ, ଆଦାନ ପ୍ରଦାନରେ ପ୍ରଗତି ଘଟିଥିଲା ।

ବୌଦ୍ଧଧର୍ମର ଜଣେ ପୃଷ୍ଠପୋଷକ ଭାବେ କନିଷ୍କ ଇତିହାସରେ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ସେ କାଶ୍ମୀରର କୁଣ୍ଡଳବନ ଠାରେ ଚତୁର୍ଥ ବୌଦ୍ଧ ସମ୍ମିଳନୀ ଆହ୍ୱାନ କରିଥିଲେ । ଏହି ସମ୍ମିଳନୀରେ ବହୁ ବୌଦ୍ଧଧର୍ମାବଲମ୍ବୀ ଯୋଗଦେଇଥିଲେ । ଏହି ସମ୍ମିଳନୀରେ ବୌଦ୍ଧଧର୍ମାବଲମ୍ବୀମାନେ ଦୁଇଭାଗରେ ବିଭକ୍ତ ହୋଇଥିଲେ ଯଥା - ହୀନଯାନ ଓ ମହାଯାନ । କନିଷ୍କ ମଧ ମଥୁରା ଏବଂ



ଟିପ୍ପଣୀ

ଗାନ୍ଧାର ଭାସ୍କର୍ଯ୍ୟ କଳାର ବିକାଶ ପାଇଁ ପ୍ରୋତ୍ସାହନ ଯୋଗାଇ ଦେଇଥିଲେ । କନିଷ୍କ ପୁରୁଷପୁର ନାମକ ଏକ ନଗର ନିର୍ମାଣ କରିଥିଲେ । ଏହାକୁ ଆଧୁନିକ ପେଶୱାର ସହିତ ଚିହ୍ନଟ ହୋଇଅଛି । ଏହାଥିଲା ତାଙ୍କର ରାଜଧାନୀ । ସେ ଏଠାରେ ଏକ ବିଶାଳ ବୌଦ୍ଧସ୍ତୁପ ନିର୍ମାଣ କରିଥିଲେ । ଚୀନ ପରିବ୍ରାଜକ ଫାହିୟାନ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଭାରତ ପରିଭ୍ରମଣରେ ଆସିଥିଲା ବେଳେ ମଧ ଏହି ସୌନ୍ଦର୍ଯ୍ୟମୟ ନଗରୀ ପୂର୍ବପରି ଥିଲା । ତୃତୀୟ ଖ୍ରୀଷ୍ଟାବ୍ଦ ବେଳକୁ କୁଶାଣ ବଂଶର ପତନ ହେଲା ।

### (i). କୁଶାଣ ରାଜ୍ୟ ଓ ଶାସନ

କୁଶାଣମାନଙ୍କ ଶାସନ ବ୍ୟବସ୍ଥା ଉପରେ ବିଶେଷ କିଛି ଦେଖିବାକୁ ମିଳେ ନାହିଁ । ସମ୍ଭବତଃ ସମଗ୍ର କୁଶାଣ ସାମ୍ରାଜ୍ୟଟି ଦୁଇଭାଗରେ ବିଭକ୍ତ ହୋଇଥିଲା ଏବଂ ପ୍ରତ୍ୟେକଟି ଭାଗ ଜଣେ ମହାକ୍ଷତ୍ର ବା ସାମରିକ ଶାସକଙ୍କ ଦ୍ୱାରା ଶାସିତ ହେଉଥିଲା । କ୍ଷତ୍ରପ ନାମକ ଜଣେ କର୍ମଚାରୀ ତାଙ୍କୁ ଶାସନ କାର୍ଯ୍ୟରେ ସହଯୋଗ କରୁଥିଲେ । କିନ୍ତୁ ରାଜ୍ୟର ମୋଟ କେତୋଟି ପ୍ରଦେଶ ରହିଥିଲା ସଠିକ୍ ଭାବେ ଜଣାପଡ଼େ ନାହିଁ ।

### (ii). କୁଶାଣମାନଙ୍କ ଅବଦାନ

କୁଶାଣମାନେ ସେମାନଙ୍କର ବିଭିନ୍ନ ଅବଦାନ ଯୋଗୁଁ ପୂରାତନ ଭାରତ ଇତିହାସରେ ଏକ ସ୍ୱତନ୍ତ୍ରସ୍ଥାନ ଅଧିକାର କରିଛନ୍ତି । ସେମାନଙ୍କର ବିଶାଳ ସାମ୍ରାଜ୍ୟ, ଅନ୍ତର୍ବାଣିଜ୍ୟ ଓ ବର୍ହିବାଣିଜ୍ୟର ଉନ୍ନତି ପାଇଁ ସହାୟକ ହୋଇଥିଲା । ଏହାଫଳରେ ନୂତନ ସହରଗୁଡ଼ିକର ଉନ୍ମେଷ ଘଟିଥିଲା । କୁଶାଣମାନଙ୍କ ସମୟରେ ପ୍ରଚଳିତ ଅସଂଖ୍ୟ ସ୍ୱର୍ଣ୍ଣ ଓ ତାମ୍ର ମୁଦ୍ରା ପ୍ରମାଣ କରେ ଯେ ତତ୍କାଳୀନ ଆର୍ଥିକ ଅବସ୍ଥା ସ୍ୱଚ୍ଛନ୍ଦ ଥିଲା ।

ସାହିତ୍ୟ ତଥା ଭେଷଜ ବିଜ୍ଞାନ କ୍ଷେତ୍ରରେ କୁଶାଣମାନେ ବିଶେଷ ପ୍ରଗତି ଅର୍ଜନ କରିଥିଲେ । ଆୟୁର୍ବେଦର ଜନକ ଏହି ପ୍ରସିଦ୍ଧ ବ୍ୟକ୍ତିବିଶେଷ ଦ୍ୱୟ କନିଷ୍କଙ୍କର ସମାମୟିକ ଥିଲେ । ରୂପେ ଖ୍ୟାତିଅର୍ଜନ କରିଥିବା ଚରକ 'ଚରକସଂହିତା' ନାମକ ଏକ ଅମୂଲ୍ୟଗ୍ରନ୍ଥ ରଚନା କରିଥିଲେ । ବୌଦ୍ଧ ପଣ୍ଡିତ ଅଶ୍ୱଘୋଷ ଗୌତମବୁଦ୍ଧଙ୍କ ଜୀବନୀ ଉପରେ ଆଧାରିତ 'ବୁଦ୍ଧ ଚରିତ' ନାମକ ଏକ ପୁସ୍ତକ ରଚନା କରିଥିଲେ । କୁଶାଣମାନେ ଗାନ୍ଧାର ଓ ମଥୁରା ଭାସ୍କର୍ଯ୍ୟ କଳାର ପୃଷ୍ଠପୋଷକତା କରିଥିଲେ । ସେମାନେ ପ୍ରଥମେ ବୁଦ୍ଧ ଏବଂ ବୋଧିସତ୍ତ୍ୱଙ୍କର ମୂର୍ତ୍ତି ନିର୍ମାଣ କରିଥିଲେ ।

### INTEXT QUESTIONS 6.2 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. କୁଶାଣ ଶାସକମାନଙ୍କ ମଧ୍ୟରେ ପ୍ରସିଦ୍ଧ ରାଜା କିଏ ଥିଲେ ?

 ______________________________

2. କିଏ ଏବଂ କେବେ ଶକାବ୍ଦ ଆରମ୍ଭ କରିଥିଲେ ?

 ______________________________

3. କେଉଁ ଶାସକଙ୍କ ପୃଷ୍ଠପୋଷକତାରେ ଏବଂ କେଉଁ ସ୍ଥାନରେ ଚତୁର୍ଥ ବୌଦ୍ଧ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ?

 ______________________________

4. ଚରକ କିଏ ?

 ______________________________








## 6.3 ମଧ୍ୟ ଏସିଆ ସହ ସଂପର୍କ ସ୍ଥାପନ

ଗ୍ରୀକ୍ ଏବଂ ଶକମାନଙ୍କର ଭାରତ ଆକ୍ରମଣ ଯୋଗୁଁ ଭାରତ ଓ ମଧ୍ୟଏସିଆ ମଧ୍ୟରେ ରାଜନୈତିକ ଯୋଗାଯୋଗ ସ୍ଥାପନ ହେଲା । କୁଶାଣ ଶାସନ ସମୟରେ ଭାରତ ଓ ମଧ୍ୟଏସିଆ ଅଞ୍ଚଳଗୁଡ଼ିକ ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନରେ ବ୍ୟାପକ ଅଗ୍ରଗତି ପରିଲକ୍ଷିତ ହେଲା । ଫଳରେ ଏହି ବିଦେଶୀମାନେ ନିଜର ମୌଳିକ ସତ୍ତା ହରାଇ ଭାରତୀୟ ସଂସ୍କୃତି ମଧ୍ୟରେ ମିଶିଗଲେ ଏବଂ ବ୍ରାହ୍ମଣ୍ୟ ସମାଜର ଏକ ଉପକ୍ଷେତ୍ରୀୟ ଜାତି ରୂପେ ପରିଗଣିତ ହେଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ଇଣ୍ଡୋ-ବ୍ୟାକ୍ଟ୍ରିଆ ଶାସକ ମେନେଣ୍ଡର ନାଗସେନ ନାମକ ଜଣେ ବୌଦ୍ଧ ସନ୍ନ୍ୟାସୀଙ୍କ ଦ୍ୱାରା ପ୍ରଭାବିତ ହୋଇ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ।




ମାନଚିତ୍ର ୬.୧ ମଧ୍ୟ ଏସିଆ ସହିତ ସମ୍ପର୍କ

## ପରବର୍ତ୍ତୀ ମୌର୍ଯ୍ୟ ଯୁଗର ଅଗ୍ରଗତି

ମଧ୍ୟଏସିଆ ସହିତ ସମ୍ପର୍କ ସ୍ଥାପିତ ହେବା ଫଳରେ ଭାରତୀୟମାନେ ମୁଦ୍ରା ନିର୍ମାଣର ନୂତନ ପ୍ରଣାଳି ଶିଖିପାରିଲେ । ପୁରାତନ ଆହତମୁଦ୍ରା ବା ଛାପାଯୁକ୍ତ ମୁଦ୍ରା ବଦଳରେ ଭାରତୀୟମାନେ କିମ୍ବଦନ୍ତୀ ଏବଂ ରାଜାଙ୍କ ଗୌରବକୁ ଆଧାର କରି ଗ୍ରୀକ୍ ମୁଦ୍ରା ପରି ସୁନ୍ଦରମୁଦ୍ରା ନିର୍ମାଣ କରିଥିଲେ । ଭାରତୀୟମାନେ ମଧ୍ୟଏସିଆ ଆଦିବାସୀମାନଙ୍କଠାରୁ ଜ୍ୟୋର୍ତିବିଜ୍ଞାନ ଶିକ୍ଷା କରିଥିଲେ । ପୂରାତନ ଭାରତୀୟ ଜ୍ୟୋର୍ତିବିଜ୍ଞାନ ଗ୍ରନ୍ଥଗୁଡ଼ିକରେ ଗ୍ରୀକ୍ ଜ୍ୟୋର୍ତିବିଜ୍ଞାନ ମାନଙ୍କୁ 'ଯବନାଚାର୍ଯ୍ୟ' ରୂପେ ବର୍ଣ୍ଣନା କରାଯାଇଛି । ଭାରତୀୟମାନେ ଗ୍ରୀକ୍‌ମାନଙ୍କ ଠାରୁ ଜାତକ ତିଆରିର ବିଦ୍ୟା ଶିକ୍ଷା କରିଥିଲେ । ମଧ୍ୟ ଏସିଆ ସହିତ ସମ୍ପର୍କ ଫଳରେ ଭାରତୀୟ ଭାସ୍କର୍ଯ୍ୟ କଳା ନିର୍ମାଣରେ ଏକ ନୂତନ ଧାରା ଅନୁସୃତ ହୋଇଥିଲା । ଭାରତୀୟ ଭାସ୍କର୍ଯ୍ୟ ନିର୍ମାଣ ଶୈଳୀ ଏବଂ ଗ୍ରୀକ୍ ଭାସ୍କର୍ଯ୍ୟ ନିର୍ମାଣ ଶୈଳୀର ମିଶ୍ରଣ ଫଳରେ ଗାନ୍ଧର ଭାସ୍କର୍ଯ୍ୟ କଳାର ସୃଷ୍ଟି ହୋଇଥିଲା ।

### INTEXT QUESTIONS 6.3 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଗ୍ରୀକ୍‌ମୁଦ୍ରାଗୁଡ଼ିକର ମୁଖ୍ୟ ବୈଶିଷ୍ଟ୍ୟ କ'ଣ ଥିଲା ?

2. ଭାରତୀୟ ଶାସ୍ତ୍ରଗୁଡ଼ିକରେ ଗ୍ରୀକ୍ ଜ୍ୟୋର୍ତିବିଜ୍ଞାନୀମାନଙ୍କୁ କ'ଣ ବୋଲି ବର୍ଣ୍ଣନା କରାଯାଇଅଛି ?

## 6.4 EMERGENCE OF EARLY STATES IN ORISSAAND THE DECCAN
## ଦାକ୍ଷିଣାତ୍ୟ ଏବଂ ଓଡ଼ିଶାରେ ନୂତନ ରାଜ୍ୟଗୁଡ଼ିକର ଉତ୍‌ଥାନ

ଦକ୍ଷିଣ ଭାରତ ଏବଂ ପୂର୍ବଭାରତ ଆଗରୁ ଅଶୋକଙ୍କ ସାମ୍ରାଜ୍ୟର ଅଂଶ ବିଶେଷ ଥିଲା । ଅଶୋକ ଏକ ଭୟଙ୍କର ରକ୍ତାକ୍ତ ଯୁଦ୍ଧ ପରେ କଳିଙ୍ଗ ଜୟ କରିଥିଲେ । ଏହି ଯୁଦ୍ଧରେ ଆଶାତୀତ ଧନ ଓ ଜୀବନ ନଷ୍ଟ ହୋଇଥିଲା । ମୌର୍ଯ୍ୟ ସାମ୍ରାଜ୍ୟର ପତନ ପରେ କଳିଙ୍ଗ ଓ ଦକ୍ଷିଣ ଭାରତରେ ନୂତନ ରାଜ୍ୟଗୁଡ଼ିକର ଉତ୍‌ଥାନ ଦେଖିବାକୁ ମିଳିଥିଲା ।

**କଳିଙ୍ଗ**

ସମ୍ରାଟ ଅଶୋକଙ୍କ ପତନ ପରେ କଳିଙ୍ଗ ବା ଆଧୁନିକ ଓଡ଼ିଶାରେ ଚେଦିବଂଶର ଶାସନ ଆରମ୍ଭ ହେଲା । ଦୁର୍ଭାଗ୍ୟ ବଶତଃ କେବଳ ଖାରବେଳଙ୍କୁ ଛାଡ଼ିଦେଲେ ଅନ୍ୟ ଚେଦି ଶାସକମାନଙ୍କ କୌଣସି ପ୍ରମାଣିକ ତଥ୍ୟ ମିଳିନାହିଁ । ଓଡ଼ିଶାର ଭୁବନେଶ୍ୱର ନିକଟବର୍ତ୍ତୀ ଉଦୟଗିରି ପାହାଡ଼ରେ ଥିବା ହାତୀଗୁମ୍ଫା ଶିଳାଲେଖରେ ଖାରବେଳଙ୍କ କୃତିତ୍ୱଗୁଡ଼ିକ ବର୍ଣ୍ଣିତ ହୋଇଅଛି । ଶିଳାଲେଖର ଅଗ୍ରଭାଗରେ ପ୍ରସ୍ତର ନିର୍ମିତ ଏକ ହାତୀ ରହିଥିବାରୁ ଏହାର ନାମ ହାତୀଗୁମ୍ଫା ଶିଳାଲେଖ ରଖାଯାଇଛି । ଏହି ଶିଳାଲେଖର ବର୍ଣ୍ଣନା ଅନୁଯାୟୀ ଖାରବେଳ ଜୈନଧର୍ମ ଗ୍ରହଣ କରିଥିଲେ । ପଡ଼ୋଶୀ ରାଜ୍ୟମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିଲେ । ସେ ସମ୍ଭବତଃ ପ୍ରଥମ ଶତାବ୍ଦୀରେ ଶାସନ କରୁଥିଲେ ।

### INTEXT QUESTIONS 6.4 - ପ୍ରତ୍ୟାଶିତ ପୂର୍ବଜ୍ଞାନ


1. ଖାରବେଳ କିଏ ?

2. ହାତୀଗୁମ୍ଫା ଶୀଳାଲେଖ କେଉଁଠାରେ ଅବସ୍ଥିତ ?

## 6.5 THE SATAVAHANAS- ସାତବାହନ

ଖ୍ରୀ:ପୂ: ପ୍ରଥମ ଶତାବ୍ଦୀର ମଧଭାଗରେ ଭାରତୀୟ ରାଜନୈତିକ ଦୃଶ୍ୟପଟରେ ବିଖ୍ୟାତ ସାତବାହନ ବଂଶର ରାଜତ୍ୱର ଉନ୍ମେଷ ଘଟିଥିଲା । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ସାତବାହନ ବଂଶର ଶ୍ରେଷ୍ଠ ଶାସକ ଗୌତମୀପୁତ୍ର ସାତକର୍ଣ୍ଣୀ ଶାସନ କରିଥିଲେ । ପଶ୍ଚିମ ଭାରତର ଶକ ବଂଶର ଶାସକ ନାହାପନାଙ୍କୁ ପରାସ୍ତ କରି ସେ ସାତବାହାନ ସାମ୍ରାଜ୍ୟର କଳେବର ବୃଦ୍ଧି କରିଥିଲେ । ତାଙ୍କ ସାମ୍ରାଜ୍ୟ ଦକ୍ଷିଣରେ କ୍ରିଷ୍ଣା ନଦୀଠାରୁ ଉତ୍ତରରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ମହାରାଷ୍ଟ୍ରର ଔରଙ୍ଗାବାଦ ନିକଟସ୍ଥ ପ୍ରତିଷ୍ଠାନ ବା ଆଧୁନିକ ପଇଠାନ ଥିଲା ସାତବାହାନ ସାମ୍ରାଜ୍ୟର ରାଜଧାନୀ ।

ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ବେଳକୁ ସାତବାହାନ ସାମ୍ରାଜ୍ୟର ପତନ ଘଟିଥିଲା ଏବଂ ସେମାନଙ୍କ ପରେ ଇକ୍ଷବାକୁ ରାଜବଂଶ କ୍ଷମତାକୁ ଆସିଥିଲେ ।




ମାନଚିତ୍ର ୬.୨ : ସାତବାହାନ ଏବଂ କୁଷାଣ ସାମ୍ରାଜ୍ୟ ***Map. 6.2 Satavahana & Kushana Empires.***



ଟିପ୍ପଣୀ

**ସାତବାହାନ ରାଜ୍ୟ ଓ ଶାସନ**

ସାତବାହାନ ସାମ୍ରାଜ୍ୟକୁ ଶାସନଗତ ସୁବିଧା ପାଇଁ କେତେକ ସବ୍‌ଡିଭିଜନରେ ବିଭକ୍ତ କରାଯାଇଥିଲା । ଏହି ଭାଗଗୁଡ଼ିକୁ ଆହର ବା ରାଷ୍ଟ୍ର କୁହାଯାଉଥିଲା । ଏଠାରେ ଆହର ମାନେ ଏକ ଜିଲ୍ଲାକୁ ବୁଝାଉଥିଲା ।ସାତବାହାନ ସାମ୍ରାଜ୍ୟର ସର୍ବନିମ୍ନ ଏକକକୁ ଗ୍ରାମ କୁହାଯାଉଥିଲା ଏବଂ ଏହାର ଶାସନ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଗ୍ରାମିକ କୁହାଯାଉଥିଲା ।ସାତବାହନ ଶାସନର ଆଉ କେତେକ କର୍ମଚାରୀଙ୍କୁ ଅମାତ୍ୟ କୁହାଯାଉଥିଲା । ସମ୍ଭବତଃ ସେମାନେ ରାଜାଙ୍କର ମନ୍ତ୍ରୀ କିମ୍ବା ଉପଦେଷ୍ଟା ଥିଲେ ।ଦ୍ରବ୍ୟ ତଥା ମୁଦ୍ରା ଆକାରରେ ରାଜସ୍ୱ ଆଦାୟ କରାଯାଉଥିଲା ।ସାତବାହାନ ରାଜାମାନେ ଥିଲେ ସର୍ବପ୍ରଥମ ରାଜା ଯିଏକି ବୌଦ୍ଧମାନଙ୍କୁ ଏକ ବ୍ରାହ୍ମଣମାନଙ୍କୁ ନିଶୁଳ୍କ ଭୂମିଦାନ କରୁଥିଲେ ।ପରବର୍ତ୍ତୀ ସମୟରେ ଏହି ବ୍ୟବସ୍ଥା ଦ୍ୱିଗୁଣିତ ହୋଇଥିଲା ।ସାତବାହାନ ରାଜାମାନେ ନିଜକୁ ବ୍ରାହ୍ମଣ ବୋଲି ଦାବି କରୁଥିଲେ ।ବର୍ଣ୍ଣବ୍ୟବସ୍ଥାର ପ୍ରଚଳନ ନିଜର ପ୍ରାଥମିକ ଦାୟିତ୍ୱ ବୋଲି ସେମାନେ ବିଚାର କରୁଥିଲେ ।

**INTEXT QUESTIONS 6.5 - ପ୍ରତ୍ୟାଶିତ ପୂର୍ବଜ୍ଞାନ**

1. ସାତବାହାନ ଶାସକମାନଙ୍କ ମଧ୍ୟରେ କିଏ ପ୍ରମୁଖ ଥିଲେ ?

______________________________

2. ସାତବାହାନମାନଙ୍କର ରାଜଧାନୀ କେଉଁଠାରେ ଅବସ୍ଥିତ ଥିଲା ?

______________________________

3. ସାତବାହାନମାନଙ୍କର ଶାସନ ବ୍ୟବସ୍ଥାରେ ସର୍ବକନିଷ୍ଠ ରାଜନୈତିକ ସଂଗଠନକୁ କ'ଣ କୁହାଯାଉଥିଲା ?

______________________________

4. କେଉଁ ରାଜବଂଶର ଶାସକମାନେ ଭାରତରେ ଧର୍ମ ପାଇଁ ନିଃଶୁଳ୍କ ଭୂମି ଦାନ କରୁଥିଲେ ?

______________________________

5. ସାତବାହାନ ଶାସକମାନେ ନିଜକୁ କେଉଁ ଜାତିର ବୋଲି ଦାବି କରୁଥିଲେ ?

______________________________

## 6.6 TRADE AND COMMERCIALACTIVITIES ବ୍ୟବସାୟ ଏବଂ ବାଣିଜ୍ୟ ବ୍ୟବସ୍ଥା

**(i). ଅନ୍ତର୍ବାଣିଜ୍ୟ ପଥ ଓ ବହିଃବାଣିଜ୍ୟ ପଥ**

ମୌର୍ଯ୍ୟ ଶାସନର ପରବର୍ତ୍ତୀ ସମୟର ପ୍ରଧାନ ବୈଶିଷ୍ଟ୍ୟ ଥିଲା ବାଣିଜ୍ୟ ଏବଂ ବ୍ୟବସାୟ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି । ଉଭୟ ଆନ୍ତର୍ଜାତିକ ଏବଂ ବହିର୍ବାଣିଜ୍ୟ କ୍ଷେତ୍ରରେ ଏହି ସଫଳତା ଦେଖିବାକୁ ମିଳୁଥିଲା ।ପ୍ରାଚୀନ ଭାରତରେ ଦୁଇଟି ମୁଖ୍ୟ ଅନ୍ତଃବାଣିଜ୍ୟିକ ସ୍ଥଳପଥ ରହିଥିଲା । ପ୍ରଥମ ବାଣିଜ୍ୟିକ ପଥର ନାମ ଥିଲା ଉତ୍ତରପଥ । ଏହି ପଥଟି ଉତ୍ତରଭାରତ ଓ ପୂର୍ବ ଭାରତ ମଧ୍ୟରେ ସଂଯୋଗ ସ୍ଥାପନ କରୁଥିଲା । ଏହାମଧ ଉତ୍ତର-ପଶ୍ଚିମ ଭାରତ ପର୍ଯ୍ୟନ୍ତ ବ୍ୟାପୀଥିଲା । ଦ୍ୱିତୀୟ ପଥଟିର ନାମଥିଲା ଦକ୍ଷିଣ ପଥ । ଏହି ପଥଟି ଭାରତର ମାଳଭୂମି ଅଞ୍ଚଳକୁ ପଶ୍ଚିମ ଓ ଉତ୍ତର ଭାରତ ସହତ ସଂଯୁକ୍ତ କରୁଥିଲା ।

ଦକ୍ଷିଣପଥଟି ଏକ ମୁଖ୍ୟ ସ୍ଥଳପଥ ଥିଲା ଏବଂ ଏହା ଉତ୍ତର ଏବଂ ଦକ୍ଷିଣ ଭାରତ ସହ ସଂଯୁକ୍ତ ହୋଇଥିଲା । ଏହା ଆହ୍ଲାବାଦ ନିକଟସ୍ଥ କୋଶାମ୍ବୀ ଠାରୁ ବାହାରି ଆଧୁନିକ ଉଜ୍ଜୟିନୀ ମଧ୍ୟଦେଇ

ଗତିକରି ପଶ୍ଚିମ ଉପକୂଳରେ ଥିବା ପ୍ରଧାନ ବନ୍ଦର ଭ୍ରିଗୁକଚ୍ଛ ବା ବ୍ରୋଚ୍ ପର୍ଯ୍ୟନ୍ତ ବ୍ୟାପୀଥିଲା । ଆହୁରି ମଧ ଏହି ଦକ୍ଷିଣପଥ ସାତବାହାନ ମାନଙ୍କ ରାଜଧାନୀ ପ୍ରତିଷ୍ଠା ବା ଆଧୁନିକ ପୈଠାନ୍ ପର୍ଯ୍ୟନ୍ତ ସଂଯୁକ୍ତ ହୋଇଥିଲା ।

ଗ୍ରୀକ୍ ନାବିକ ହିପାଟାସ୍ ୪୫ ଖ୍ରୀଷ୍ଟାବ୍ଦରେ ମୌସୁମୀ ଜଳବାୟୁ ବିଷୟରେ ତଥ୍ୟ ଆବିଷ୍କାର କଲା ପରେ ବାଣିଜ୍ୟ ସକାଶେ ସାମୁଦ୍ରିକ ପଥର ବିକାଶ ହେଲା । ଭାରତର ପଶ୍ଚିମ ଉପକୂଳରେ ଥିବା ଭାରୁକଚ୍ଛ, ସୋରପାରା, କଲ୍ୟାଣ, ମଜରିସ ପ୍ରଭୃତି ପ୍ରଧାନ ବନ୍ଦରଗୁଡ଼ିକରୁ ଲୋହିତସାଗର ମଧଦେଇ ଜଳଜାହାଜରେ ରୋମ ସାମ୍ରାଜ୍ୟ ସହିତ ବାଣିଜ୍ୟ କାରବାର ଚାଲୁଥିଲା । ଏହି ସାମୁଦ୍ରିକ ପଥଦେଇ ଦକ୍ଷିଣ-ପୂର୍ବ ଏସିଆ ସହିତ ମଧ ବ୍ୟବସାୟ ବାଣିଜ୍ୟ ଚାଲୁଥିଲା । ଭାରତର ପୂର୍ବ ଉପକୂଳରେ ଥିବା ପଶ୍ଚିମବଙ୍ଗର ତାମ୍ରଲିପ୍ତୀ ଥିଲା ପ୍ରଧାନ ବନ୍ଦର । ତାମିଲନାଡୁର ଉପକୂଳରେ ଥିବା ଆମେରିକା ମେଡୁ ଥିଲା ଅନ୍ୟଏକ ପ୍ରଧାନ ବନ୍ଦର । ଭାରୁକଚ୍ଛ ଏବଂ ଦକ୍ଷିଣପୂର୍ବ ଏସିଆରେ ଥିବା ବନ୍ଦର ମଧରେ ମଧସାମୁଦ୍ରିକ ବାଣିଜ୍ୟ କାରବାର ଚାଲୁଥିବାର ଜଣାଯାଏ ।

### (ii). ପଶ୍ଚିମ ଏବଂ ମଧଏସିଆ ସହିତ ବାଣିଜ୍ୟିକ ସମ୍ପର୍କ

ମୌର୍ଯ୍ୟ ପରବର୍ତ୍ତୀ ସମୟର ବାଣିଜ୍ୟିକ ବ୍ୟବସ୍ଥାର ମୁଖ୍ୟ ବୈଶିଷ୍ଟ୍ୟ ଥିଲା ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ମଧରେ ବାଣିଜ୍ୟିକ କାରବାରରେ ବୃଦ୍ଧି । ରୋମ୍-ଭାରତ ବାଣିଜ୍ୟ ଉନ୍ନତିର ଚରମସୀମା ସ୍ପର୍ଶ କରିଥିଲା । ପ୍ରାରମ୍ଭିକ ଅବସ୍ଥାରେ ଏହି ବାଣିଜ୍ୟ ସ୍ଥଳପଥରେ ଚାଲୁଥିଲା । କିନ୍ତୁ ପାରସିକ ମାନଙ୍କ ଯୋଗୁଁ ଏହି ପଥରେ ବାରମ୍ବାର ପ୍ରତିବନ୍ଧକ ସୃଷ୍ଟି ହେଉଥିଲା । କାରଣ ଏହି ପଥ ସେମାନଙ୍କ ଅଞ୍ଚଳ ମଧଦେଇ ଯାଇଥିଲା । ଫଳରେ ଜଳପଥ ଉପରେ ଗୁରୁତ୍ୱପ୍ରଦାନ କରାଗଲା । ବର୍ତ୍ତମାନ ଜଳଜାହାଜଗୁଡ଼ିକ ସିଧାସଳଖ ଭାରତୀୟ ବନ୍ଦରଗୁଡ଼ିକରୁ ବାହାରି ଲୋହିତ ସାଗର ଉପକୂଳରେ ଥିବା ବନ୍ଦରଗୁଡ଼ିକରେ ପହଞ୍ଚିପାରୁଥିଲା ।

ଭାରତ ଓ ରୋମ୍ ବାଣିଜ୍ୟିକ କାରବାର ସମ୍ପର୍କରେ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ରଚିତ "ପେରିପ୍ଲସ ଅଫ୍ ଦି ଏରିଥ୍ରିନ୍ ସି" ନାମକ ପୁସ୍ତକରେ ସୂଚନା ମିଳିଥାଏ । ଭାରତୀୟ ଦ୍ରବ୍ୟଗୁଡ଼ିକ ପ୍ରତି ରୋମୀୟ ବଜାରରେ ପ୍ରବଳ ଚାହିଦା ଥିଲା । ଭାରତୀୟ ମସଲା, ସୁଗନ୍ଧିତ ଦ୍ରବ୍ୟ, ଅଳଙ୍କାର, ହାତୀଦାନ୍ତ ତଥା ବୟନବସ୍ତ୍ର ରୋମୀୟ ମାନଙ୍କର ଖୁବ୍ ପସନ୍ଦ ଥିଲା । ଦକ୍ଷିଣ ଭାରତରୁ ବିଶେଷ ଭାବରେ ମସଲା ରୋମ୍‌କୁ ରପ୍ତାନୀ କରାଯାଉଥିଲା । ରୋମୀୟମାନେ ମଧ ମୂଲ୍ୟବାନ ପଥର, ହୀରା, ମୋତି, ଚନ୍ଦନକାଠ ଏବଂ ଲୁହା ଇତ୍ୟାଦି ଆମଦାନି କରୁଥିଲେ । ରୋମୀୟମାନେ ଏହାର ପ୍ରତିବଦଳରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ଭାରତକୁ ରପ୍ତାନୀ କରୁଥିଲେ । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ଅନେକ ରୋମୀୟ ମୁଦ୍ରା ଭାରତୀୟ ଉପମହାଦେଶରୁ ମିଳିଅଛି । ଏଥିରୁ ଅନୁମାନ କରାଯାଏ ଯେ ରୋମ୍‌ରୁ ବହୁତ ସ୍ୱର୍ଣ୍ଣ ଭାରତକୁ ଆସୁଥିଲା । ରୋମରୁ ମଦ ମଧ ଭାରତକୁ ଆସୁଥିଲା । ଏତଦ୍‌ବ୍ୟତୀତ ଟିଣ, ସୀସା ଏବଂ କ୍ରିତଦାସକନ୍ୟାମାନଙ୍କୁ ମଧ ଆମଦାନୀ କରାଯାଉଥିଲା ।

### (iii). କାରିଗରୀ ଓ ଶିଳ୍ପ

କାରିଗରୀ ଓ ଶିଳ୍ପ ଉତ୍ପାଦନ ଏହି ସମୟରେ ବହୁଳ ଭାବରେ ଆଦରଲାଭ କରିଥିଲା । ଏହାମଧ ଅନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟ ଅଭିବୃଦ୍ଧିରେ ସହାୟକ ହୋଇଥଲା । 'ମିଲିନ୍ଦପନହ' ପୁସ୍ତକରେ ବର୍ଣ୍ଣିତ ୭୫ଟି ବୃତ୍ତି ମଧରୁ ୬୦ ଗୋଟି ବୃତ୍ତି ଥିଲା କାରିଗରୀ ଶିଳ୍ପ ସଂବଂଧୀୟ । ଏହି ସମୟରେ କୁଶଳୀ ଓ ତାଲିମପ୍ରାପ୍ତ କାରିଗରମାନେ ଉଚ୍ଚକୋଟୀର ଦ୍ରବ୍ୟମାନ ପ୍ରସ୍ତୁତ କରୁଥିଲେ । ସ୍ୱର୍ଣ୍ଣ, ରୋପ୍ୟ ଓ ମୂଲ୍ୟବାନ ପ୍ରସ୍ତରରେ ଅଲଗା ଅଲଗା କାରିଗରମାନେ ସେମାନଙ୍କର ଦ୍ରବ୍ୟ ନିର୍ମାଣ କରୁଥିଲେ । ପ୍ରମୁଖ ମାଳି ନିର୍ମାଣ କେନ୍ଦ୍ରରୂପେ ଉଜ୍ଜୟିନୀ ପ୍ରସିଦ୍ଧ ଥିଲା । ବୟନଶିଳ୍ପ ଥିଲା ଆଉ ଏକ ପ୍ରମୁଖ ଶିଳ୍ପ । ମଥୁରା ଏବଂ ବଙ୍ଗ ଥିଲା ତୁଳା ଏବଂ ପଶମ ବୟନ ଶିଳ୍ପର ପ୍ରଧାନ କେନ୍ଦ୍ର । ରଙ୍ଗ କରିବା ମଧ ଏହି ସମୟର ଆଉ ଏକ କାରିଗରୀ ଶିଳ୍ପ ଥିଲା ।

(iv). **ଶିଳ୍ପ**

ଦଳ ଦଳ ହୋଇ ରହିଥିବା ବଣିକମାନେ ସଂଗଠିତ ହୋଇ ଶ୍ରେଣୀ ବା ଗିଲ୍ଡ ଗଠନ କରିଥିଲେ । ସେମାନଙ୍କର ମୁଖ୍ୟକୁ ଶ୍ରେଷ୍ଠୀ କୁହାଯାଉଥିଲା । ଅନ୍ୟ ଏକ ବଣିକ ଗୋଷ୍ଠୀଙ୍କୁ ସାର୍ଥ କୁହାଯାଉଥିଲା । ସେମାନେ ବୁଲି ବୁଲି ବାଣିଜ୍ୟ ବ୍ୟବସାୟ ଚଳାଉଥିଲେ । ଏହି ବାଣିଜ୍ୟ ଗୋଷ୍ଠୀର ମୁଖ୍ୟକୁ 'ସାର୍ଥବାହ' କୁହାଯାଉଥିଲା । ସେହିପରି ସମସ୍ତ କାରିଗରମାନେ ଏକତ୍ରିତ ହୋଇ ଗିଲ୍ଡ ଗଠନ କରିଥିଲେ । ସେମାନଙ୍କ ମୁଖ୍ୟଙ୍କୁ ଜ୍ୟେଷ୍ଠ କୁହାଯାଉଥିଲା । ଏହି କାରିଗରମାନଙ୍କ ମଧ୍ୟରେ ରହିଥିଲେ ତନ୍ତୀ, ଶସ୍ୟବେପାରୀ, ବାଉଁଶକାରିଗର, ତେଲି ଓ କୁମ୍ଭାର ପ୍ରଭୃତି । ସେମାନେ ଶ୍ରେଣୀ ମୁଖ୍ୟଙ୍କୁ ନିର୍ବାଚିତ କରୁଥିଲେ । ଏଥି ସହିତ ବ୍ୟବସାୟ ଓ ବାଣିଜ୍ୟ ସମ୍ପର୍କୀୟ ଆଇନକାନୁନ ମଧ୍ୟ ସେମାନେ ତିଆରି କରୁଥିଲେ । ସେମାନେ ବ୍ୟାଙ୍କ ପରି କାର୍ଯ୍ୟ କରୁଥିଲେ । ଏକ ନିର୍ଦ୍ଦିଷ୍ଟ ସୁଧହାରରେ ସେମାନେ ଜନସାଧାରଣଙ୍କ ଠାରୁ ଟଙ୍କା ଜମା ରଖୁଥିଲେ ।

## INTEXT QUESTIONS 6.6 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଉତ୍ତରପଥ କ'ଣ ଥିଲା ?

2. ଦକ୍ଷିଣପଥ କ'ଣ ଥିଲା ?

3. ମୌସୁମୀ ଜଳବାୟୁ ଆବିଷ୍କାରର ପ୍ରଭାବ ଭାରତ ଇତିହାସ ଉପରେ କ'ଣ ଥିଲା ?

4. ଭାରତ ଓ ରୋମୀୟ ବାଣିଜ୍ୟ ଉପରେ କେଉଁ ପୁସ୍ତକରେ ବର୍ଣ୍ଣନା ହୋଇଅଛି ?

5. ଗିଲ୍ଡ କହିଲେ କ'ଣ ବୁଝାପଡୁଥିଲା ?

## 6.7 ART AND ARCHITECTURE - କଳା ଏବଂ ସ୍ଥାପତ୍ୟ

ମୌର୍ଯ୍ୟ ପରବର୍ତ୍ତୀ ସମୟରେ ଧର୍ମକୁ ଭିତ୍ତିକରି କଳା ଓ ସ୍ଥାପତ୍ୟର ବିକାଶ ଘଟିଥିଲା । ଏହି କଳା ଓ ସ୍ଥାପତ୍ୟର ମୁଖ୍ୟ ଦୁଇଟି ବୈଶିଷ୍ଟ୍ୟ ହେଲା ସ୍ତୂପ ନିର୍ମାଣ ଏବଂ ଆଞ୍ଚଳିକ ଭାସ୍କର୍ଯ୍ୟର ଉନ୍ନତି । ପ୍ରଥମ ଥର ପାଇଁ ପ୍ରସ୍ତର ଖୋଦନ କରାଯାଇ ବୁଦ୍ଧଙ୍କର ମୂର୍ତ୍ତି ନିର୍ମାଣ କରାଗଲା । ବୈଦେଶିକ ସଂପର୍କରେ ଉନ୍ନତି ଯୋଗୁ ଉତ୍ତରପଶ୍ଚିମାଞ୍ଚଳର ଗାନ୍ଧାର କଳା ନାମକ ଏକ କଳାର ଅଭିବୃଦ୍ଧି ସଂଘଠିତ ହେଲା । ଏହି କଳା ଗ୍ରୀକ୍ କଳାଦ୍ୱାରା ପ୍ରଭାବିତ ହୋଇଥିଲା ।

### (i) ସ୍ତୂପ -Stupa

ଏକ ବୃହତ୍ ଅର୍ଦ୍ଧଗୋଲାକାର ଗମ୍ବୁଜ କୁ ସ୍ତୂପ କୁହାଯାଉଥିଲା । ଏହି ସ୍ତୂପର କେନ୍ଦ୍ର ସ୍ଥଳରେ ଗୋଟିଏ ଛୋଟ ବାକ୍ସରେ ବୁଦ୍ଧଙ୍କର ପ୍ରତିମୂର୍ତ୍ତି କିମ୍ବା ବୌଦ୍ଧ ଭିକ୍ଷୁଙ୍କର ପ୍ରତିମୂର୍ତ୍ତି ରଖାଯାଉଥିଲା । ସ୍ତୂପର ଚାରିପଟେ ପ୍ରଦକ୍ଷିଣ କରିବା ପାଇଁ ଏକ ରାସ୍ତା ରହିଥିଲା । ଏହି ରାସ୍ତାର ପାର୍ଶ୍ୱରେ କାଠର ରେଲିଂ ଦିଆଯାଉଥିଲା । କିନ୍ତୁ ପରବର୍ତ୍ତି ଅବସ୍ଥାରେ ପଥରର ବାଡ ଦିଆଗଲା । ଏହି ସମୟର ପ୍ରସିଦ୍ଧ ସ୍ତୂପ ଦୁଇଟି ମଧ୍ୟପ୍ରଦେଶର ଭାରହୁତ୍ ଏବଂ ସାଞ୍ଚି ଠାରେ ଦେଖିବାକୁ ମିଳେ । ଦୁଇଟି ଯାକ ସ୍ତୂପ ମୁଖ୍ୟତଃ ପ୍ରଥମେ ସମ୍ରାଟ ଅଶୋକଙ୍କ ଦ୍ୱାରା ନିର୍ମିତ ହୋଇଥିଲା । କିନ୍ତୁ ପରେ ଏହାର ଆକାର ବୃଦ୍ଧି କରାଯାଇଥିଲା । ଏଥି ସହିତ ଆନ୍ଧ୍ରପ୍ରଦେଶର ଅମରାବତୀ ଏବଂ ନାଗାର୍ଜୁନ କୋଣ୍ଡା ରେ ମଧ୍ୟ ଅନୁରୂପ ସ୍ତୂପ ଦେଖିବାକୁ ମିଳେ ।



ଚିତ୍ର ୬.୧: ସାଞ୍ଚି ସ୍ତୁପ

ଖ୍ରୀ:ପୂ: ଦ୍ୱିତୀୟ ଶତାବ୍ଦୀ ର ମଧଭାଗରେ ବୌଦ୍ଧ ସ୍ତୁପ ଗୁଡିକ ନିର୍ମିତ ହୋଇଥିଲା । ସ୍ଥାପତ୍ୟକଳା ଯୋଗୁଁ ସ୍ତୁପର ଗୁରୁତ୍ୱ ବୃଦ୍ଧି ପାଇଅଛି । ଏହି ସ୍ତୁପର ରେଲିଂ ଗୁଡିକ ଲାଲ୍ ବାଲୁକା ପଥରରେ ନିର୍ମିତ ହୋଇଥିଲା । ତିନିଗୋଟି ବୃହତ୍ ସ୍ତୁପ ଏହି ସମୟରେ ସାଞ୍ଚି ଠାରେ ନିର୍ମିତ ହୋଇଥିଲା । ଏହି ତିନୋଟି ମଧ୍ୟରୁ ବୃହତ୍ ସ୍ତୁପଟି ଅଶୋକଙ୍କ ଦ୍ୱାରା ନିର୍ମିତ ହୋଇଥିଲା । କିନ୍ତୁ ପରେ ଖ୍ରୀ: ପୂ: ଦ୍ୱିତୀୟ ଶତାବ୍ଦି ବେଳକୁ ଏହାର ଆକାର ଦ୍ୱିଗୁଣିତ ହୋଇଥିଲା । ଦକ୍ଷିଣ ଭାରତରେ ଏହି ସମୟରେ ଅସଂଖ୍ୟ ସ୍ତୁପ ନିର୍ମିତ ହୋଇଥିଲେ ମଧ ସେଗୁଡିକ ଧ୍ୱଂସପ୍ରାପ୍ତ ହୋଇଯାଇଅଛି । ଆନ୍ଧ୍ରପ୍ରଦେଶର ଅମରାବତୀଠାରେ ନିର୍ମିତ ଅମରାବତୀ ସ୍ତୁପ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀ ବେଳକୁ ପୂର୍ଣ୍ଣାଙ୍ଗରୂପ ନେଇଥିଲା । ଜାତକ ଏବଂ ଅନ୍ୟାନ୍ୟ ବୌଦ୍ଧ ଗଳ୍ପ କୁ ଆଧାର କରି ଏହି ସ୍ତୁପରେ ସ୍ଥାପତ୍ୟ କଳା ପ୍ରସ୍ଫୁଟିତ ହୋଇଥିଲା ।

### (ii) ପ୍ରସ୍ତର କଳା -Rock Cut Archieture

ସ୍ତୁପ ବ୍ୟତିରକେ ଏହି ସମୟରେ ପ୍ରସ୍ତର କୁ କାଟି ସ୍ଥାପତ୍ୟ କଳାର ବିକାଶ ହୋଇଥିଲା । ଅସଂଖ୍ୟ ମନ୍ଦିର, ବଡ ବଡ ହଲ୍, ରାଜ ପ୍ରାସାଦ ଏବଂ ବାସଗୃହ, ବୌଦ୍ଧ ଭିକ୍ଷୁମାନଙ୍କ ପାଇଁ ଗୁମ୍ଫା ଇତ୍ୟାଦି ନିର୍ମିତ ହୋଇଥିଲା । ସାତବାହାନଙ୍କ ରାଜତ୍ୱ କାଳରେ ମହାରାଷ୍ଟ୍ରରେ ଥିବା ନାସିକ୍ ଏବଂ ପୁନେ ଠାରେ ମିଳୁଥିବା ବଡ ବଡ ପଥରଖଣ୍ଡ କୁ କାଟି ଏସବୁ ନିର୍ମିତ ହୋଇଥିଲା । ଯେଉଁ ସ୍ଥାନରେ ବସି ପୂଜା କରାଯାଉଥିଲା, ତାକୁ ଚୈତ୍ୟ କୁହାଯାଉଥିଲା । ବୌଦ୍ଧଭିକ୍ଷୁମାନେ ରହୁଥିବା ଯାଗା କୁ ବିହାର କୁହାଯାଉଥିଲା ।

### (iii) ସ୍ଥାପତ୍ୟ କଳା - Schools of Sculptural Art

ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ବେଳକୁ ବୌଦ୍ଧଧର୍ମରେ ବିଭାଜନ ଦେଖାଦେଲା । ସେମାନେ ହୀନଜାନ ଏବଂ ମହାଜାନ ଏହିପରି ଦୁଇଭାଗରେ ବିଭକ୍ତ ହେଲେ । ମହାଯାନ ବୌଦ୍ଧଧର୍ମାବଲମ୍ବୀମାନେ ବୁଦ୍ଧଙ୍କର ମୂର୍ତ୍ତିକୁ ପୂଜା କରିବା ପାଇଁ ଆହ୍ୱାନ ଦେଲେ 'ଫଳରେ ଅସଂଖ୍ୟ ବୌଦ୍ଧମୂର୍ତ୍ତି ଗୁଡିକ ନିର୍ମିତ ହେଲା । ମଥୁରାର ଭାସ୍କର୍ଯ୍ୟ ଶିଳ୍ପୀମାନେ ଲାଲବାଲୁକା ପ୍ରସ୍ତରରେ କଳା ରଙ୍ଗର ଛିଟ ଦେଇ ବୌଦ୍ଧ ମୂର୍ତ୍ତିମାନ ନିର୍ମାଣ କରିଥିଲେ । ତିନି ପ୍ରକାର ଭାସ୍କର୍ଯ୍ୟ କଳାର ସେତେବେଳେ ଉତ୍‌ଥାନ ହୋଇଥିଲା । ସେଗୁଡିକ ହେଲା ମଥୁରା କଳା, ଗାନ୍ଧାର କଳା ଏବଂ ଅମରାବତୀ କଳା ।







ଚିତ୍ର ୬.୨ : ଗାନ୍ଧାର କଳା – ବୋଦ୍ଧିସତ୍ତ୍ୱ

**ମଥୁରା କଳା :** ମଥୁରା କଳାର ସର୍ବପ୍ରଧାନ ଅବଦାନ ଥିଲା ଅସଂଖ୍ୟ ବୌଦ୍ଧମୂର୍ତ୍ତି ନିର୍ମାଣ । ସର୍ବପ୍ରଥମେ ଏହି କଳାର ଉନ୍ମେଷ ଘଟିଥିଲା । ମଥୁରାର ଶିଳ୍ପୀମାନେ ବାଲୁକାପ୍ରସ୍ତରରେ କଳା ଛିଟ ଦେଇ ପ୍ରସ୍ତରକୁ ଖୋଦନ କରି ଅବିକଳ ବୁଦ୍ଧଙ୍କର ମୂର୍ତ୍ତି ଗୁଡିକ ନିର୍ମାଣ କରୁଥିଲେ । ମଥୁରା ଶିଳ୍ପୀମାନେ ମହାବୀର ଜୀନଙ୍କର ମଧ ମୂର୍ତ୍ତି ନିର୍ମାଣ କରିଥିଲେ । ସେମାନେ ମଧ ଏହି ମୂର୍ତ୍ତି ଗୁଡିକ ବ୍ୟତୀତ ଅନେକ ଗୁଡିଏ ପଥରର ସ୍ଲାବ (ayagapatas) ନିର୍ମାଣ କରିଥିଲେ । ଏହି ସ୍ଲାବ ଉପରେ ମୂର୍ତ୍ତି ଗୁଡିକ ରଖି ପୂଜା କରାଯାଉଥିଲା । ବ୍ରାହ୍ମଣ୍ୟ ହିନ୍ଦୁଧର୍ମ ଦ୍ୱାରା ମଧ ମଥୁରା କଳା ପ୍ରଭାବିତ ହୋଇଥିଲା । କୁଶାଣ ରାଜତ୍ୱ ସମୟରେ ମଥୁରା ଶିଳ୍ପୀମାନେ ବ୍ରାହ୍ମଣ୍ୟ ହିନ୍ଦୁ ଧର୍ମର ଦେବାଦେବୀଙ୍କର ମୂର୍ତ୍ତି ନିର୍ମାଣ କରିଥିଲେ । ବିଶେଷତଃ କାର୍ତ୍ତିକେୟ, ବିଷ୍ଣୁ ଏବଂ କୁବେରଙ୍କର ଭାସ୍କର୍ଯ୍ୟ ମୂର୍ତ୍ତି ଦେଖିବାକୁ ମିଳେ ।

**ଗାନ୍ଧାର କଳା :** ଭାରତୀୟ ଉପମହାଦେଶର ଉତ୍ତରପଶ୍ଚିମାଞ୍ଚଳରେ ଗାନ୍ଧାର ଅବସ୍ଥିତ । ଏହି ଅଞ୍ଚଳଟି ପର୍ଯ୍ୟାୟକ୍ରମେ ଗ୍ରୀକ୍, ମୌର୍ଯ୍ୟ, ଶୁଙ୍ଗ, ଶକ ଏବଂ କୁଶାଣମାନଙ୍କ ଦ୍ୱାରା ଦୀର୍ଘ ଦିନ ଧରି ଶାସିତ ହୋଇଥିଲା । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ବେଳକୁ ଉତ୍କର୍ଷତା ଲାଭ କରିଥିବା ଗାନ୍ଧାର କଳା ବିଭିନ୍ନ ସ୍ତର ଦେଇ ଉନ୍ନତିର ଚରମ ସୀମାରେ ଉପନୀତ ହୋଇଥିଲା । ସେଥିପାଇଁ ଏ କଳାକୁ ଗ୍ରୀକ୍-ରୋମାନ କଳା, ଇଣ୍ଡୋ-ଗ୍ରୀକ୍ କଳା ଏବଂ ଗ୍ରୀକ୍-ବୌଦ୍ଧ କଳା ଇତ୍ୟାଦି ବିଭିନ୍ନ ନାମରେ ନାମିତ କରାଯାଇଥିଲା । ଏହି କଳା ଗୌତମ ବୁଦ୍ଧଙ୍କୁ ଆଧାର କରି ଗଢ଼ି ଉଠିଥିଲା । କିନ୍ତୁ ଏହା ଗ୍ରୀକ୍ ଶୈଳୀରେ ନିର୍ମିତ ହୋଇଥିଲା । ଶକ ଏବଂ କୁଶାଣ ଶାସକମାନେ ଗାନ୍ଧାର କଳାକୁ ଖୁବ୍ ପୃଷ୍ଠପୋଷକତା ପ୍ରଦାନ କରିଥିଲେ ।

ନୀଳ ଧୂଷର ରଙ୍ଗର ସ୍ପଟିକ ଭଳି ସ୍ୱଚ୍ଛ ସ୍ତରୀଭୂତ ପ୍ରସ୍ତରରେ ବୁଦ୍ଧ ଏବଂ ବୋଧିସତ୍ତ୍ୱଙ୍କର ମୂର୍ତ୍ତି ନିର୍ମିତ ହେଉଥିଲା । ଗାନ୍ଧାର କଳାର ମୁଖ୍ୟ ବୈଶିଷ୍ଟ୍ୟଥିଲା ଅବିକଳ ମୂର୍ତ୍ତି ନିର୍ମାଣ । ଶରୀରର ମାଂସପେଶି ଏବଂ ଅବୟବର ନିଖୁଣତା ପ୍ରତିପାଦିତ ହୋଇଥିଲା ଗାନ୍ଧାର କଳାରେ । ଗ୍ରୀକ୍‌ରୋମାନ୍ କଳାରେ ବୁଦ୍ଧଙ୍କ ଶରୀର ଏକ ବସ୍ତ୍ର ଦ୍ୱାରା ଆବୃତ୍ତ ହୋଇଥିଲା ଏବଂ କେଶ ଗୁଡିକ କୁଞ୍ଚୁ କୁଞ୍ଚୁଆ ହୋଇଥିଲା । ବୁଦ୍ଧଙ୍କର ଏହିପରି ମୂର୍ତ୍ତିଗୁଡିକ ଭାସ୍କର୍ଯ୍ୟ କଳାର ଶ୍ରେଷ୍ଠ ନିଦର୍ଶନ ରୂପେ ପରିଗଣିତ ।

**ଅମରାବତୀ କଳା :** କ୍ରିଷ୍ଣା ଏବଂ ଗୋଦାବରୀ ନଦୀର ନିମ୍ନ ଉପତ୍ୟକାରେ ଅବସ୍ଥିତ ଆନ୍ଧ୍ରପ୍ରଦେଶ ଅଞ୍ଚଳରେ ଅମରାବତୀ କଳାର ହୋଇଥିଲା । ସାତବାହନ ଶାସକମାନେ ଅମରାବତୀ କଳାର ପ୍ରମୁଖ ପୃଷ୍ଠପୋଷକ ଥିଲେ । ଏହିକଳା ପର୍ଯ୍ୟାକ୍ରମେ ଉନ୍ନତିଲାଭ କରି ପରବର୍ତ୍ତୀ ସମୟରେ ଇକ୍ଷବାକୁ ରାଜବଂଶର ପୃଷ୍ଠପୋଷକତା ଲାଭ କରିଥିଲା । ଜଣାଯାଏ ଯେ ଏହିକଳା ଖ୍ରୀଷ୍ଟପୂର୍ବ ୧୫୦ ରୁ ଖ୍ରୀଷ୍ଟାବ୍ଦ ୩୫୦ ମଧ୍ୟରେ କରିଥିଲା । ଏହି କଳା ସାଧାରଣତଃ ସ୍ତୂପ ଗୁଡିକର ମୂଳଦୂଆ, ରେଲିଙ୍ଗ ଏବଂ ଅନ୍ୟାନ୍ୟ ଯାଗାରେ ଦେଖାଯାଏ । ଅମରାବତୀ କଳାର ମୁଖ୍ୟ ବିଷୟବସ୍ତୁଥିଲା ବୁଦ୍ଧଙ୍କ ଜୀବନୀ ।

ଅମରାବତୀ କଳାର ଅନ୍ୟ ଏକ ବୈଶିଷ୍ଟ୍ୟ ଥିଲା ପ୍ରକାଶ କଳା ବା 'Narrative art' । ଏହି କଳାରେ ଖୋଦିତ ଚିତ୍ର ଗୁଡିକୁ ଅବଲୋକନ କଲେ ଜଣାଯାଏ ଯେ ତତ୍‌କାଳୀନ ଶିଳ୍ପୀମାନେ କୌଣସି ବିଷୟକୁ କେତେ ନିଖୁଣ ଭାବରେ ଏବଂ ଅବିକଳ ଘଟଣାକୁ ବାସ୍ତବ ରୂପ ପ୍ରଦାନ କରିଛନ୍ତି । ଉଦାହରଣସ୍ୱରୂପ 'ବୁଦ୍ଧଙ୍କ ହାତୀ ପାଳନ' ବିଷୟର ସମସ୍ତ କଥାବସ୍ତୁ ଅତି ନିଖୁଣଭାବେ ଖୋଦିତ ହୋଇଅଛି । ଅମରାବତୀ କଳାର ଅନ୍ୟ ଏକ ବୈଶିଷ୍ଟ୍ୟ ହେଲା ମାର୍ବଲ ପରି ଏକ ଶ୍ୱେତ ପ୍ରସ୍ତରରେ ମୂର୍ତ୍ତି ନିର୍ମାଣ । ପ୍ରାକୃତିକ ବିଷୟବସ୍ତୁ ଅପେକ୍ଷା ମନୁଷ୍ୟ କୁ ଆଧାର କରି ଏହି ସମୟରେ ଅନେକ ମୂର୍ତ୍ତି ନିର୍ମିତ ହୋଇଥିଲା ।

## INTEXT QUESTIONS 6.7 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ପରବର୍ତ୍ତି ମୌର୍ଯ୍ୟଯୁଗର ସ୍ଥାପତ୍ୟର ଦୁଇଟି ମୁଖ୍ୟ ଲକ୍ଷଣ ଦର୍ଶାଅ ।

2. ସ୍ତୂପ କ'ଣ ଥିଲା ?

3. ପରବର୍ତ୍ତୀ ମୌର୍ଯ୍ୟଯୁଗର ପ୍ରଧାନ ସ୍ତୂପର ନାମ କ'ଣ ଥିଲା ?

4. ଚୈତ୍ୟ ଏବଂ ବିହାର ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ?

5. ପରବର୍ତ୍ତୀ ମୌର୍ଯ୍ୟଯୁଗରେ ବିକାଶଲାଭ କରିଥିବା ବିଭିନ୍ନ ଭାସ୍କର୍ଯ୍ୟ କଳାର ନାମ ଲେଖ ?

6. ମଥୁରା କଳାରେ କେଉଁପ୍ରକାର ପ୍ରସ୍ତର ବ୍ୟବହୃତ ହେଉଥିଲା ?


7. କେଉଁମାନେ ଗାନ୍ଧାର କଳା କୁ ପୃଷ୍ଠପୋଷକତା ପ୍ରଦାନ କରିଥିଲେ ?

## 6.8 EARLY HISTORY OF SOUTH INDIA - ଦକ୍ଷିଣ ଭାରତର ଆଦ୍ୟ ଇତିହାସ

***(i)* ଦକ୍ଷିଣ ଭାରତର ପ୍ରାଗ୍‌ଐତିହାସିକ ସଂସ୍କୃତି :-** ନୂତନ ପ୍ରସ୍ତର ଯୁଗରେ ଦକ୍ଷିଣ ଭାରତରେ ବ୍ୟବହୃତ ପ୍ରସ୍ତର ତିଆରି କୁରାଢ଼ୀ ଏବଂ ଧାରୁଆ ଅସ୍ତ୍ରଶସ୍ତ୍ର ପ୍ରାଧାନ୍ୟ ଲାଭ କରିଥିଲା । କିନ୍ତୁ ଖ୍ରୀ: ପୂ: ୧୨୦୦ ରୁ ଖ୍ରୀ: ପୂ: ୩୦୦ ମଧ୍ୟରେ ମେଗାଲିଥ ସଂସ୍କୃତି ଦକ୍ଷିଣ ଭାରତରେ ବିକାଶ ଲାଭ କରିଥିଲା । ଏହି ଯୁଗରେ ବିଶାଳ ପ୍ରସ୍ତର ଖଣ୍ଡମାନ ବ୍ୟବହୃତ ହୋଇ ବିଭିନ୍ନ ପ୍ରକାର ସମାଧିସ୍ଥଳ, କବର ଇତ୍ୟାଦି ନିର୍ମାଣ କରାଯାଉଥିଲା । ଏ ଗୁଡିକ ମୁଖ୍ୟତଃ ବାସସ୍ଥାନ ଠାରୁ ଦୂରରେ ନିର୍ମିତ ହେଉଥିଲା । ସର୍ବପ୍ରଥମେ ଏହି ନିର୍ମିତ ସୌଧରେ ଲୌହ ଧାତୁର ବ୍ୟବହାର ଦେଖିବାକୁ ମିଳିଥିଲା । ଦକ୍ଷିଣ ଭାରତରେ ଲୌହ ଖଣିର ସନ୍ଧାନ ମିଳିଥିଲା । ମହାରାଷ୍ଟ୍ରର ନାଗପୁର ଅଞ୍ଚଳରେ ବୃହତ ପ୍ରସ୍ତର ଖଣ୍ଡମାନ ମିଳୁଥିଲା । ମେଗାଲିଥ ସଂସ୍କୃତିର ଅନ୍ୟତମ ବୈଶିଷ୍ଟ୍ୟ ଥିଲା କଳା ଏବଂ ଲାଲ୍ ମୃର୍ତ୍ତିକା ପାତ୍ର ନିର୍ମାଣ । ମେଗାଲିଥ ସଂସ୍କୃତିର ମୁଖ୍ୟ ସ୍ଥାନ ଗୁଡିକ କର୍ଣ୍ଣାଟକର ବ୍ରହ୍ମଗିରି, ମାସ୍କୀଠାରେ ଅବସ୍ଥିତ । ଏଥିସହିତ ତାମିଲନାଡୁର ଆଦିଚାଲନୁର ଏବଂ ମହାରାଷ୍ଟ୍ରର ନାଗପୁର ନିକଟବର୍ତ୍ତୀ ଜୁନାପାଣିଠାରେ ବୃହତ୍ ସମାଧିସ୍ତମ୍ଭମାନ ଦେଖିବାକୁ ମିଳେ ।

ଏକପ୍ରକାରର ଲୌହ ନିର୍ମିତ ହାତ ହତିଆର ପ୍ରତ୍ୟେକ ସମାଧି ସ୍ଥଳରୁ ମିଳିଅଛି । ଏଗୁଡିକ ସେମାନଙ୍କର କାରିଗରୀ ଶିଳ୍ପର ପରିଚୟ ପ୍ରଦାନ କରିଥାଏ । ଏଗୁଡିକ ମଧ୍ୟରେ ମୁଖ୍ୟତଃ ତୀରଦାନୀ, କଟୁରୀ, କୁରାଢ଼ୀ, ଦା, ଖଣ୍ଡା, ଲଙ୍ଗଳ ଲୁହା ଥିଲା ପ୍ରଧାନ । ଏତଦ୍‌ବ୍ୟତୀତ ଗହମ ଓ ଧାନର ଅଂଶବିଶେଷ ମଧ୍ୟ ଏହି ସ୍ଥାନମାନଙ୍କରୁ ମିଳିଅଛି । ଏଥରୁ ପ୍ରମାଣିତ ହୁଏ ଯେ ମେଗାଲିଥ ଯୁଗର ଲୋକମାନଙ୍କର ମୁଖ୍ୟ ଜୀବିକା ଥିଲା କୃଷି, ପଶୁପାଳନ ଏବଂ ଶିକାର । ଦକ୍ଷିଣ ଭାରତରେ ମେଗାଲିଥ ସଂସ୍କୃତି ପରେ ସଂଗମ ସଂସ୍କୃତିର ଆର୍ବିଭାବ ହେଲା ।


***(iii)* ସଂଗମ ଯୁଗ THE SANGAM AGE :** ଗୋଟିଏ ସମୟରେ ଦକ୍ଷିଣ ଭାରତରେ ଅନେକ ତାମିଲି କବି ଅସଂଖ୍ୟ କବିତା ରଚନା କରିଥିଲେ । ସେହି ସମୟକୁ ସଂଗମ ଯୁଗ କୁହାଯାଏ । ସଂଗମ ଶବ୍ଦର ଅର୍ଥ "meeting together" ବା "ମିଳିତ ବୈଠକ" । ତାମିଲ କବିମାନେ ଗୋଟିଏ ପରେ ଗୋଟିଏ



ଚିତ୍ର ୬.୨ : ମେଗାଲିଥ୍ ସମାଧିସ୍ଥଳ

କବି ସମ୍ମିଳନୀରେ ଏକତ୍ରିତ ହେଉଥିଲେ । ଏହିପରି ତିନିଗୋଟି କବି ସମ୍ମିଳନୀ ଆହୂତ ହୋଇଥିଲା । ଏହି ତିନୋଟି ସଂଗମ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିଲା । ପାଣ୍ଡ୍ୟରାଜାଙ୍କ ପୃଷ୍ଠପୋଷକତା ରେ ମଦୁରାଇ ର ବିଭିନ୍ନ ସ୍ଥାନରେ ଏହି ସଂଗମ ଆହୂତ ହୋଇଥିଲା । ଯୁଦ୍ଧ ଏବଂ ପ୍ରେମ କୁ ଆଧାର କରି ସଂଗମ କବିତା ଗୁଡିକ ରଚିତ ହୋଇଥିଲା । ଖ୍ରୀ: ପୂ: ୩୦୦ରୁ ଖ୍ରୀଷ୍ଟାବ୍ଦ ୩୦୦ ମଧ୍ୟରେ ସଂଗମ ସାହିତ୍ୟର ସୃଷ୍ଟି ହୋଇଥିଲା । ସଂଗମ ସାହିତ୍ୟର ଅନ୍ୟ ଏକ ମୁଖ୍ୟ ବୈଶିଷ୍ଟ୍ୟ ହେଲା ଏଥିରେ ତାମିଲିନାଡୁର ସମାଜ ଓ ସଂସ୍କୃତି ପ୍ରତିଫଳିତ ହୋଇଥିଲା । ଏଥିସହିତ ତାମିଲ ସଂସ୍କୃତିର ଆର୍ଯ୍ୟ ସଂସ୍କୃତି ସହିତ ସୌହାର୍ଦ୍ଦପୂର୍ଣ୍ଣ ଭାବ ଆଦାନ ପ୍ରଦାନର ଚିତ୍ର ମଧ ଦେଖିବାକୁ ମିଳେ । ତିରୁପତି ପାହାଡଠାରୁ  କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳକୁ ତାମିଲନାଡୁ କୁହାଯାଉଥିଲା । ଏହି ଅଞ୍ଚଳ ଛୋଟ ଛୋଟ ଖଣ୍ଡରେ ବିଭକ୍ତ ହୋଇଥିଲା ଏବଂ ବଂଶାନୁକ୍ରମିକ ଭାବେ ପ୍ରତ୍ୟେକ ଖଣ୍ଡ ଜଣେ ଜଣେ ମୁଖ୍ୟଙ୍କ ଦ୍ୱାରା ଶାସିତ ହେଉଥିଲା । ସଂଗମ ଯୁଗରେ ତାମିଲ ଅଞ୍ଚଳର ଯେଉଁ ରାଜ୍ୟ ଗୁଡିକ ପ୍ରଧାନ ଥିଲେ ସେଗୁଡିକ ହେଲେ, ଚୋଳ ଏବଂ ଚେର ଏବଂ ପାଣ୍ଡ୍ୟ । ଚୋଳମାନଙ୍କର ରାଜଧାନୀ ଉରାୟୁର ଠାରେ ଥିଲା  । ଚେର ମାନଙ୍କର ରାଜଧାନୀର ନାମ ଥିଲା ଭାଞ୍ଜି । ପାଣ୍ଡ୍ୟମାନଙ୍କର ରାଜଧାନୀ ଥିଲା ମଦୁରାଇ । ଚୋଳ, ଚେର ଏବଂ ପାଣ୍ଡ୍ୟ ରାଜାଙ୍କ ଅଧୀନରେ ଅନେକ ଉପମୁଖ୍ୟ ଶାସକ ରହିଥିଲେ । ଏହି ଉପମୁଖ୍ୟ ଶାସକମାନେ ରାଜାଙ୍କୁ କର ପ୍ରଦାନ କରୁଥିଲେ । ରାଜ୍ୟ ଗୁଡିକର ମୁଖ୍ୟ ରାଜସ୍ୱ ଏହି କର ଏବଂ ଲୁଣ୍ଠନଜାତ ଦ୍ରବ୍ୟ ଉପରେ ନିର୍ଭର କରୁଥିଲା । ଚେର, ଚୋଳ ଓ ପାଣ୍ଡ୍ୟ ରାଜ୍ୟମଧ୍ୟରେ କ୍ରମାଗତ ସଂଘର୍ଷ ଲାଗି ରହିଥିଲା । ଫଳରେ ସଂଗମ କବିମାନେ ଯୁଦ୍ଧ କୁ ଆଧାର କରି ଅସଂଖ୍ୟ କବିତା ରଚନା କରିଥିଲେ ।

ସମଗ୍ର ତାମିଲିନାଡୁ ଅର୍ଥନୈତିକ ସମ୍ପଦ କୁ ଆଧାର କରି ୫ ଗୋଟି ଭାଗରେ ବିଭକ୍ତ ହୋଇଥିଲା । ସେଗୁଡିକ ଥିଲା, କୁରିଞ୍ଜି (ପାହାଡିଆ ଅଞ୍ଚଳ), ପଲାଇ (ଶୁଷ୍କ ଅଞ୍ଚଳ) ମୁଲ୍ଲାଇ (ଗୋଚର ଅଞ୍ଚଳ),




*Map 6.3 India: Tamilnadu and Northern Culture*
ମାନଚିତ୍ର ୬.୩ ଭାରତ: ତାମିଲନାଡୁ ଓ ଉତ୍ତର ଭାରତୀୟ ସଂସ୍କୃତି



ଟିପ୍ପଣୀ

ମୁରୁତମ୍ (ଆର୍ଦ୍ର ଅଞ୍ଚଳ) ଏବଂ ନଇଁତାଲ୍ (ସମୁଦ୍ର ଉପକୂଳ) । ଏହି ଅଞ୍ଚଳ ଗୁଡିକର ଭୂସ୍ଥିତି ଓ ପରିବେଶରେ ସମାନତା ନ ଥିଲା । ଜଳବାୟୁ ଏବଂ ପ୍ରାକୃତିକ ପରିବେଶରେ ଭିନ୍ନତା ଯୋଗୁ ଏଠାକାର ଅଧିବାସୀମାନେ ସେମାନଙ୍କର ନିଜଶୈଳୀରେ ଜୀବିକା ନିର୍ବାହ କରୁଥିଲେ । ଉଦାହରଣସ୍ୱରୂପ କୁରୁଞ୍ଜି ଅଧିବାସୀମାନଙ୍କର ମୁଖ୍ୟଜୀବିକାଥିଲା ଶିକାର ଓ 'ଫଳମୂଳ ସଂଗ୍ରହ । କିନ୍ତୁ ପଲାଇର ଅଧିବାସୀମାନେ ଆକ୍ରମଣ ଓ ଲୁଣ୍ଠନ ଦ୍ୱାରା ଜୀବିକା ନିର୍ବାହ କରୁଥିଲେ । ମୁଲ୍ଲାଇର ଲୋକମାନେ ପଶୁପାଳନ କରି ଜୀବିକା ନିର୍ବାହ କରୁଥିଲେ । ମୁରୁତମ୍‌ର ଅଧିବାସୀ ଚାଷ କରି ଜୀବିକା ନିର୍ବାହ କରୁଥିଲାବେଳେ ନଇଁତାଲ୍‌ର ର ଅଧିବାମାନେ ମାଛମାରି ଏବଂ ଲୁଣ ତିଆରିକରି ଜୀବିକା ନିର୍ବାହ କରୁଥିଲେ ।

ଉତ୍ତରଭାରତ ପରି ଦକ୍ଷିଣ ଭାରତରେ ସଂଗମଯୁଗ ରେ ଶ୍ରେଣୀଯୁକ୍ତ ସମାଜ ନଥିଲା । ସେଠାରେ ଉଚ୍ଚଜାତି ଏବଂ ନୀଚଜାତି ବୋଲି କିଛି ନଥିଲା । ଉଦାହରଣ ସ୍ୱରୂପ ସମାଜରେ ବ୍ରାହ୍ମଣମାନେ ଥିଲେ ଏବଂ ସେମାନେ ବୈଦିକ କ୍ରିୟା କର୍ମ କରୁଥିଲେ । ସେମାନେ ମଧ ରାଜାଙ୍କର ଉପଦେଷ୍ଟା ରୂପେ କାର୍ଯ୍ୟ କରୁଥିଲେ । କିନ୍ତୁ ଏଥିପାଇଁ ସେମାନେ କିଛି ସ୍ୱତନ୍ତ୍ର ସୁବିଧା ଓ ସୁଯୋଗ ଉପଭୋଗ କରୁନଥିଲେ । ସେଠାକାର ଅଧିବାସୀମାନଙ୍କର ପରିଚୟ ସେମାନଙ୍କର ବୃତ୍ତି ଅନୁସାରେ ଜଣାଯାଉଥିଲା । ଉଦାହରଣ ସ୍ୱରୂପ କାରିଗର, ଲୁଣ ବ୍ୟବସାୟୀ, ତନ୍ତୀ ଏବଂ ଅନ୍ୟାନ୍ୟ ଧନୀମାନେ ଉପଯୁକ୍ତ ପରିପାଟିପୂର୍ଣ୍ଣ ଇଟାନିର୍ମିତ ବାସଗୃହ ରେ ରହିଥିଲାବେଳେ ଗରିବମାନେ ମାଟିନିର୍ମିତ ଚାଳଘରେ ବାସ କରୁଥିଲେ । ଧନୀଲୋକମାନେ ମୂଲ୍ୟବାନ ପୋଷାକ ପରିଧାନ କରୁଥିଲେ । କିନ୍ତୁ ଗରିବଲୋକମାନେ ଶସ୍ତା ବସ୍ତ୍ର ପରିଧାନ କରୁଥିଲେ ।

ଯୁଦ୍ଧବିଜୟୀ ବୀରମାନେ ସମାଜରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ । ଯୁଦ୍ଧରେ ମୃତ୍ୟୁବରଣ କରିଥିବା ସୈନିକମାନଙ୍କ ପାଇଁ ସ୍ମୃତିସୌଧମାନ ନିର୍ମିତ ହୋଇଥିଲା । ସେଗୁଡିକୁ ନାଡୁକାଲ୍ ବା ଭୀରୁକାଲ୍ କୁହାଯାଉଥିଲା । ସଂଗମ ଯୁଗରେ ନାରୀଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଥିଲା । ସଂଗମ ସାହିତ୍ୟକୁ ଅନେକ ନାରୀକବି ମାନଙ୍କର ରଚିତ କବିତାମାନ ଋଦ୍ଧିମନ୍ତ କରିଥିଲା । ସଂଗମ ଯୁଗର ନାରୀମାନେ ଅର୍ଥନୀତିକ ପ୍ରଗତିରେ ମଧ ଅଂଶ ଗ୍ରହଣ କରିଥିଲେ । ସେମାନେ ଶସ୍ୟରୋପଣ, ପଶୁପାଳନ, ଟୋକେଇ ନିର୍ମାଣ, ଲୁଗାବୁଣା ଇତ୍ୟାଦି କାର୍ଯ୍ୟରେ ସହଯୋଗ କରୁଥିଲେ । କିନ୍ତୁ ଘୃଣ୍ୟ ଏବଂ ନିଷ୍ଠୁର ସତୀପ୍ରଥା ସଂଗମଯୁଗରେ ପ୍ରଚଳିତ ଥିଲା । ଏହାକୁ ତାମିଲ ଭାଷାରେ "ଟିପୟାଦଲ" (Tippayadal) କୁହାଯାଉଥିଲା । କିନ୍ତୁ ଏହିପ୍ରଥା ବାଧ୍ୟତାମୂଳକ ନଥିଲା କାରଣ ଅନେକ ବିଧବା ସ୍ତ୍ରୀ ଲୋକ ରହିଥିବାର ଦେଖା ଯାଇଥିଲା । ସେ ଯାହାହେଉନା କାହିଁକି ସଂଗମ ସମାଜରେ ନାରୀମାନଙ୍କର ଅବସ୍ଥା ସ୍ୱଚ୍ଛଳ ନଥିଲା । ନାରୀମାନେ ନିଜକୁ ସୁସଜ୍ଜିତ କରିବା ଉପରେ କଟକଣା ଜାରି କରାଯାଇଥିଲା । ଅଧିକନ୍ତୁ ସେମାନେ କୌଣସି ଆମୋଦ ପ୍ରମୋଦରେ ଭାଗନେଇ ପାରୁ ନଥିଲେ ।

ସଂଗମ ସମାଜର ଅଧିବାସୀ ବିଭିନ୍ନ ଅର୍ଥନୀତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ, ଯଥା: କୃଷି, କାରିଗରୀ ଏବଂ ବାଣିଜ୍ୟ ବ୍ୟବସାୟ । ଧାନ ଥିଲା ସେମାନଙ୍କର ପ୍ରଧାନ ଉତ୍ପାଦିତ ଶସ୍ୟ । ଏହାଥିଲା ସେମାନଙ୍କର ମୁଖ୍ୟ ଖାଦ୍ୟ । ଧାନକୁ ମଧ ସେମାନେ ବିନିମୟର ମାଧମ ରୂପେ ଅର୍ନ୍ତଦେଶୀୟ ବାଣିଜ୍ୟରେ ବ୍ୟବହାର କରୁଥିଲେ । ତାମିଲନାଡୁରେ କୌଣସି ଚିରସ୍ଥାୟୀ ନଦୀ ପ୍ରବାହିତ ହେଉନଥିବାରୁ ରାଜା ଯେଉଁଠାରେ ସମ୍ଭବ ହେଉଥିଲା, ସେହିସ୍ଥାନରେ ଟ୍ୟାଙ୍କ୍ କିମ୍ବା ଡ୍ୟାମ୍ ନିର୍ମାଣ କରି କୃଷି କାର୍ଯ୍ୟପାଇଁ ସହାୟତା ପ୍ରଦାନ କରୁଥିଲେ । ଚୋଳରାଜା କରିକାଳ କୃଷିର ବିକାଶ ପାଇଁ କାବେରୀ ନଦୀରେ ଏକ ଡ୍ୟାମ୍ ନିର୍ମାଣ କରି ଗୌରବ ଅର୍ଜନ କରିଛନ୍ତି । ଏହାଥିଲା ଦେଶର ପ୍ରଥମ ଡ୍ୟାମ୍ । କାରିଗରୀ ଶିଳ୍ପ ମଧରେ ତନ୍ତଦ୍ୱାରା ତୁଳା ଓ ପଶମ ବସ୍ତ୍ର ବୟନ ଥିଲା ପ୍ରଧାନ । ଲୁଣ ମାରିବା ଥିଲା ଅନ୍ୟ ଏକ ପ୍ରଧାନ ବ୍ୟବସାୟ ।

ସଂଗମଯୁଗ ଅର୍ଥନୀତିକ ବ୍ୟବସ୍ଥାର ଅନ୍ୟ ଏକ ପ୍ରଧାନ ବୈଶିଷ୍ଟ୍ୟଥିଲା ରୋମୀୟଜଗତ ସହିତ ସମୃଦ୍ଧ ବାଣିଜ୍ୟିକ ସଂପର୍କ ପ୍ରତିଷ୍ଠା । ଦକ୍ଷିଣଭାରତରୁ ଆବିଷ୍କୃତ ଅସଂଖ୍ୟ ରୋମୀୟ ସ୍ୱର୍ଣ୍ଣ ମୁଦ୍ରାରୁ ଏହାର

ପ୍ରମାଣ ମିଳେ । ମୌସୁମୀ ଜଳବାୟୁକୁ ଲକ୍ଷକରି ଭାରତୀୟ ଉପକୂଳରୁ ପଶ୍ଚିମଜଗତ ସହିତ ପ୍ରତ୍ୟକ୍ଷ ସାମୁଦ୍ରିକ ଜଳପଥରେ ବ୍ୟବସାୟ ବାଣିଜ୍ୟ ଚାଲି ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା । ଏହା ଫଳରେ ବିଭିନ୍ନ ସହର ଓ ଶିଳ୍ପକେନ୍ଦ୍ର ର ପ୍ରତିଷ୍ଠା ଦେଖିବାକୁ ମିଳିଲା । ଭାଞ୍ଜିଅଞ୍ଚଳ, ଯାହା ତାମିଲନାଡୁର ଆଧୁନିକ କରୁର ଅଞ୍ଚଳ ରୂପେ ପରିଚିତ, ଚୋଳମାନଙ୍କର ରାଜଧାନୀ ଥିଲା । ଏହା ବାଣିଜ୍ୟ ଏବଂ କାରିଗରୀ ଶିଳ୍ପର ପ୍ରଧାନ କେନ୍ଦ୍ରଥିଲା । ଚେର ରାଜ୍ୟର ଅନ୍ୟତମ ପ୍ରମୁଖ ବନ୍ଦର ଥିଲା କ୍ରାଙ୍ଗନୋର । ଏହା ଦକ୍ଷିଣ ପଶ୍ଚିମ ଉପକୂଳର ମଜରିସ୍ ଠାରେ ଅବସ୍ଥିତ ଥିଲା । ଜଣାଯାଏ ଯେ ରୋମୀୟ ଜଳଜାହାଜ ଗୁଡିକ ସ୍ୱର୍ଣ୍ଣମୁଦ୍ରା ବିନିମୟରେ ବହୁଳ ପରିମାଣରେ ଗୋଲମରିଚ ନେବା ପାଇଁ ଆସୁଥିଲେ । ସଂଗମ ସାହିତ୍ୟର ବର୍ଣ୍ଣନା ଅନୁଯାୟୀ ପାଣ୍ଡ୍ୟରାଜ୍ୟର ରାଜଧାନୀ ମଦୁରାଇ ଅଞ୍ଚଳ ର ଚର୍ତୁପାର୍ଶ୍ୱରେ ପ୍ରାଚୀର ପରିବେଷ୍ଟିତ ଥିଲା । ଏହିସ୍ଥାନ ସୂକ୍ଷ୍ମବସ୍ତ୍ର ବୟନ ଏବଂ ହାତୀଦାନ୍ତ କାରୁକାର୍ଯ୍ୟ ପାଇଁ ପ୍ରସିଦ୍ଧଥିଲା । ତାମିଲନାଡୁ ର ତିରୁନେଲଭେଲି ଜିଲ୍ଲାର କୋରକାଇ ଥିଲା ପାଣ୍ଡ୍ୟ ରାଜ୍ୟର ଏକ ପ୍ରମୁଖ ବନ୍ଦର । ଏହି ସ୍ଥାନ ମୋତି ପାଇଁ ମଧ ପ୍ରସିଦ୍ଧ । ଚୋଳ ରାଜ୍ୟର ରାଜଧାନୀ ଉରାୟୁର (ତାମିଲିନାଡୁର ତିରୁଚିନ୍ନାପଲ୍ଲୀ) ସୁନ୍ଦର କୋଠା ବାଡି ପରିବେଷ୍ଟିତ ନଗର ଥିଲା । କାବେରୀପଟ୍ଟିନମ୍ ବା ପୁହାର୍ ଥିଲା ଚୋଳ ରାଜ୍ୟର ମୁଖ୍ୟ ବନ୍ଦର । ସଂଗମ କବିତାର ବର୍ଣ୍ଣନା ଅନୁସାରେ ସେ ସମୟରେ ବ୍ୟସ୍ତବହୁଳ ବଜାର ଗୁଡିକର ସୁପରିଚାଳନା ପାଇଁ ସୈନିକମାନେ ନିଯୁକ୍ତ ହୋଇଥିଲେ ।

ଧର୍ମକ୍ଷେତ୍ରରେ ସଂଗମ ଯୁଗରେ ଉତ୍ତରଭାରତ ଏବଂ ଦକ୍ଷିରଭାରତ ମଧ୍ୟରେ ଶାନ୍ତିପୂର୍ଣ୍ଣ ଭାବରେ ଆଦାନ ପ୍ରଦାନ ରହିଥିଲା । ବ୍ରାହ୍ମଣମାନେ ବିଭିନ୍ନ ଧର୍ମାନୁଷ୍ଠାନ କାର୍ଯ୍ୟ ସମ୍ପନ୍ନ କରି ବିଷ୍ଣୁ ଉପାସନା ଏବଂ ଶୈବ ଉପାସନା କୁ ଲୋକପ୍ରିୟ କରାଇଥିଲେ । ଦକ୍ଷିଣ ଭାରତରେ ତାମିଲନାଡୁରେ ବୌଦ୍ଧଧର୍ମାବଲମ୍ବୀ ଓ ଜୈନଧର୍ମାବଲମ୍ବୀ ମାନଙ୍କୁ ଦେଖିବାକୁ ମିଳୁଥିଲେ। । ତାମିଲନାଡୁର ପାହାଡିଆ ଅଞ୍ଚର ଆଞ୍ଚଳିକ ଅଧିବାସୀମାନେ ମୁରୁଗାଓଁ ନାମକ ଏକ ଦେବତାଙ୍କୁ ଉପାସନା କରୁଥିଲେ । ଉତ୍ତରଭାରତରେ ସେହି ଦେବତାଙ୍କୁ କାର୍ତ୍ତିକେୟ ତଥା ଯୁଦ୍ଧରଦେବତା ରୂପେ ଉପାସନା କରାଗଲା ।

ସଂକ୍ଷେପରେ ସଂଗମ ସାହିତ୍ୟରେ ପ୍ରେମ ଏବଂ ଯୁଦ୍ଧ ଉପରେ ଆଧାରିତ କବିତାର ବର୍ଣ୍ଣନାଏବଂ ସାମାଜିକ ଚିତ୍ର ମୋଟ ଉପରେ ଖ୍ରୀ: ପୂ: ୩୦୦ ରୁ ଖ୍ରୀଷ୍ଟାବ୍ଦ ୩୦୦ ମଧ୍ୟରେ ତାମିଲ ଅଞ୍ଚଳରେ ରାଜନୈତିକ ସଂଘର୍ଷ, ସାମାଜିକ ବୈଷମ୍ୟ ଏବଂ ଅର୍ଥନୀତିକ ପ୍ରଗତିର ଚିତ୍ର ପ୍ରଦାନ କରିଥାଏ ।

## INTEXT QUESTIONS 6.8 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ମେଗାଲିଥ୍ କ'ଣ ?

2. ସଂଗମ କହିଲେ କ'ଣ ବୁଝ ?

3. ସଂଗମ ସାହିତ୍ୟର ବିଷୟବସ୍ତୁ କ'ଣ ଥିଲା ?

4. ସଂଗମ ସାହିତ୍ୟର ବର୍ଣ୍ଣନାନୁଯାୟୀ ମୁଖ୍ୟ ରାଜ୍ୟ ଗୁଡିକର ନାମ କ'ଣ ?

5. ସଂଗମ କବିତାରେ ବର୍ଣ୍ଣିତ ୫ଟି ଅର୍ଥନୈତିକ ବିଭାଗର ନାମ ଲେଖ ।

6. କାବେରୀ ନଦୀରେ କେଉଁ ଚୋଳ ରାଜା ଡ୍ୟାମ୍ ନିର୍ମାଣ କରିଥିଲେ ?



ଟିପ୍ପଣୀ

## WHAT YOU HAVELEARNT- ଆମେ କ'ଣ ଶିଖିଲେ

ମୌର୍ଯ୍ୟ ଶାସନର ଅବସାନ ପରେ ଉତ୍ତର ଭାରତରେ ଶୁଙ୍ଗମାନେ ଶାସନକ୍ଷମତାକୁ ଆସିଲେ । ସେମାନଙ୍କ ପରେ କୁଶାଣ ବଂଶ, ଶକ ଏବଂ ପଲ୍ଲବମାନଙ୍କୁ ପରାସ୍ତ କରି ଏକ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । କୁଶାଣ ସାମ୍ରାଜ୍ୟ ମଧ୍ୟ ଏସିଆ ଠାରୁ ବାରଣାସୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । କୁଶାଣ ସମ୍ରାଟମାନଙ୍କ ମଧ୍ୟରେ କନିଷ୍କ ଥିଲେ ସର୍ବଶ୍ରେଷ୍ଠ । ସେ ବୌଦ୍ଧଧର୍ମର ଜଣେ ପ୍ରଧାନ ପୃଷ୍ଠପୋଷକ ଥିଲେ । ସେ ଚତୁର୍ଥ ବୌଦ୍ଧ ସମ୍ମିଳନୀର ଆୟୋଜନ କରିଥିଲେ । ସେ ମଥୁରକଳା ଓ ଗାନ୍ଧାରକଳା ର ଉନ୍ନତି ପାଇଁ ପୃଷ୍ଠପୋଷକତା ପ୍ରଦାନ କରିଥିଲେ । ତାଙ୍କ ସାମ୍ରାଜ୍ୟର ବିଶାଳତା ଯୋଗୁଁ ଅର୍ନ୍ତବାଣିଜ୍ୟ ଏବଂ ବର୍ହିବାଣିଜ୍ୟ ର ଉନ୍ନତି ହୋଇଥିଲା ।

ଦକ୍ଷିଣ ଭାରତରେ ସାତବାହନ ବଂଶ କୃଷ୍ଣାନଦୀ ଓ ଗୋଦାବରୀ ନଦୀର ମଧ୍ୟବର୍ତ୍ତି ଅଞ୍ଚଳରେ ଏକ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ସେମାନେ ଆଉରଙ୍ଗାବାଦ ନିକଟସ୍ଥ ପ୍ରତିଷ୍ଠାନ ନାମକ ସ୍ଥାନରେ ରାଜଧାନୀ ସ୍ଥାପନ କରିଥିଲେ । ଭାରତୀୟ ଉପଦ୍ୱୀପ ଅଞ୍ଚଳରେ ବାଣିଜ୍ୟ ଏବଂ ବ୍ୟବସାୟ ଉନ୍ନତିର ଚରମସୀମାରେ ପହଞ୍ଚିଥିଲା । ରୋମୀୟ ସାମ୍ରାଜ୍ୟ ସହିତ ଲାଭପ୍ରଦ ବହିଃବାଣିଜ୍ୟ ଯୋଗୁ ଅର୍ଥନୈତିକ ପ୍ରଗତି ସମ୍ଭବ ହୋଇଥିଲା । ଅମରାବତୀ କଳା ମଧ୍ୟ ଆନ୍ଧ୍ରପ୍ରଦେଶ ଅଞ୍ଚଳରେ ବିକାଶ ଲାଭ କରିଥିଲା ।

ନୂତନ ପ୍ରସ୍ତର ଯୁଗ ପରେ ଦକ୍ଷିଣ ଭାରତରେ ମେଗାଲିଥ୍ ସଂସ୍କୃତିର ଉତ୍‌ଥାନ ହୋଇଥିଲା । ଖ୍ରୀ: ପୂ: ୧୨୦୦ ରୁ ଖ୍ରୀ: ପୂ: ୩୦୦ ମଧ୍ୟରେ ଏହି ସଂସ୍କୃତିର କ୍ରମବିକାଶ ହୋଇଥିଲା । ମେଗାଲିଥ ସମାଧିସ୍ତମ୍ଭ ଗୁଡିକରେ ଲୌହ ର ବ୍ୟବହାର ହେବା ସଂଗେ ସଂଗେ କଳା ଓ ଲାଲ୍ ରଙ୍ଗର ମୃଣ୍ମୟପାତ୍ର ଦେଖିବାକୁ ମିଳିଥିଲା । ଏହି ସଂସ୍କୃତିର ଅଧିବାସୀମାନେ ଜୀବିକା ନିର୍ବାହ ପାଇଁ କୃଷି ଏବଂ ପଶୁପାଳନ କରୁଥିଲେ । ଖ୍ରୀ: ପୂ: ୩୦୦ରୁ ଖ୍ରୀଷ୍ଟାବ୍ଦ ୩୦୦ ମଧ୍ୟରେ ବିକଶିତ ସଂଗମ ସାହିତ୍ୟ ଦକ୍ଷିଣଭାରତର ପ୍ରାକ୍ ଇତିହାସ ଉପରେ ଆଲୋକପାତ କରିଥାଏ । ଦକ୍ଷିଣ ଭାରତର ତିନିଗୋଟି ରାଜ୍ୟ ଯଥା : ଚୋଳ, ଚେର ଏବଂ ପାଣ୍ଡ୍ୟ ଇତ୍ୟାଦି ସଂଗମ ସାହିତ୍ୟ ଦ୍ୱାରା ପ୍ରଭାବିତ ହୋଇଥିଲା । ସଂଗମ ସାହିତ୍ୟ ରେ ତାମିଲଅଞ୍ଚଳର ସମସାମୟିକ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଅବସ୍ଥା ଉପରେ ଏକ ବିସ୍ତୃତ ବର୍ଣ୍ଣନା ଦେଖିବାକୁ ମିଳେ ।

## TERMINAL QUESTIONS - ନିଜକୁ ନିଜେ ପରିଖିବା

1. ମୌର୍ଯ୍ୟମାନଙ୍କ ପରେ ଉତ୍ତର ଭାରତରେ ସଂଘଟିତ ରାଜନେତିକ ଘଟଣାବଳୀ ଉପରେ ଆଲୋଚନା କର ।
2. କୁଶାଣମାନେ କିଏ ? ଭାରତକୁ ସେମାନଙ୍କର ଅବଦାନ କ'ଣ ଥିଲା ?
3. ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ପ୍ରାରମ୍ଭରେ ଭାରତର ମଧ୍ୟ ଏସିଆ ସହିତ ସଂପର୍କ ଉପରେ ସଂକ୍ଷେପରେ ଆଲୋଚନା କର ।
4. ଗୌତମୀପୁତ୍ର ସାତକର୍ଣ୍ଣୀଙ୍କ କୃତିତ୍ୱ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।
5. ଭାରତର ଦରିଆପାରି ବାଣିଜ୍ୟର ବୈଶିଷ୍ଟ୍ୟ ବିଷୟରେ ଆଲୋଚନା କର ।
6. ମୌର୍ଯ୍ୟ ଶାସନପରେ ଭାରତରେ ବିକାଶ ଲାଭ କରିଥିବା ବିଭିନ୍ନ ଭାସ୍କର୍ଯ୍ୟକଳା ଉପରେ ଏକ ପ୍ରବନ୍ଧ ଲେଖ ।
7. ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ବେଳକୁ ସଂଗମ ସାହିତ୍ୟ ତାମିଲନାଡୁର ରାଜନୈତିକ ଓ ସାମାଜିକ ଅବସ୍ଥା ଉପରେ କି ପ୍ରକାର ଚିତ୍ର ପ୍ରଦାନ କରିଥାଏ ?



ଟିପ୍ପଣୀ



## ANSWERS TO INTEXT QUESTIONS - ପ୍ରତ୍ୟାଶିତ ପୂର୍ବଜ୍ଞାନ

**6.1**

1. ବୃହତ ରଥ ।
2. ହେଲିଓଡୋରସ୍ ଥିଲେ ଇଣ୍ଡୋ-ଗ୍ରୀକ ରାଜା ଆଣ୍ଟିଆଲ୍‌କିଦାସଙ୍କ ଜଣେ ପ୍ରତିନିଧି । ସେ ଶୁଙ୍ଗରାଜା କାଶୀପୁତ୍ର ଭାଗଭଦ୍ରଙ୍କ ଦୂତ ରୂପେ ରହି ଥିଲେ ।
3. ମେନେଣ୍ଡର ।
4. ରୁଦ୍ରଦମନଙ୍କର ଜୁନାଗଡ ବା ଗିରିନାର ପ୍ରସ୍ତର ଶିଳାଲେଖ ।
5. ମଧ୍ୟ ଏସିଆ ।

**6.2**

1. କନିଷ୍କ ।
2. କନିଷ୍କ ୭୮ ଖ୍ରୀଷ୍ଟାବ୍ଦ ।
3. କୁଣ୍ଡଳବନ (ଆଧୁନିକ ଜାମ୍ମୁ ଓ କାଶ୍ମୀର ର ଶ୍ରୀନଗର ନିକଟସ୍ଥ ହରବାନ୍) ।
4. ଆର୍ଯୁବେଦର ଜନକ ରୂପେ ପରିଗଣିତ । ଚରକସଂହିତା ନାମକ ଏକ ଭେଷଜ ବିଜ୍ଞାନ ସମ୍ବନ୍ଧୀୟ ପୁସ୍ତକ ରଚନା କରିଥିଲେ ।

**6.3**

1. ଶାସକମାନଙ୍କର ବିଷୟରେ ବର୍ଣ୍ଣିତ କିମ୍ବଦନ୍ତୀ ।
2. ଯବନାଚାର୍ଯ୍ୟ ।

**6.4**

1. ଖାରବେଳ ଚେଦି ବଂଶର ଶାସକଥିଲେ ଯେ କି ଖ୍ରୀ : ପୂ : ଦ୍ୱିତୀୟ ଶତାବ୍ଦୀ ବେଳକୁ କଳିଙ୍ଗ ଉପରେ ରାଜତ୍ୱ କରୁଥିଲେ ।
2. ଓଡିଶାର ଭୁବନେଶ୍ୱର ନିକଟରେ ।

**6.5**

1. ଗୌତମୀପୁତ୍ର ସାତକର୍ଣ୍ଣି । (ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ବେଳକୁ)
2. ପ୍ରତିଷ୍ଠାନ । (ଆଧୁନିକ ମହାରାଷ୍ଟ୍ରର ଅଉରଙ୍ଗାବାଦ ନିକଟବର୍ତ୍ତୀ ପଇଠାନ୍)
3. ଗ୍ରାମ ।
4. ସାତବାହାନ ।
5. ବ୍ରାହ୍ମଣ ।

**6.6**

1. ଉତ୍ତରପଥ ଥିଲା ଏକ ସ୍ଥଳପଥ ଯାହାକି ଭାରତର ଉତ୍ତରଭାଗ ଏବଂ ପୂର୍ବଭାଗକୁ ସଂଯୋଗ କରୁଥିଲା । ଏହାମଧ୍ୟ ଉତ୍ତର ପଶ୍ଚିମ ସୀମା ସହିତ ସଂଯୁକ୍ତ ଥିଲା ।



ଟିପ୍ପଣୀ

2. ଦକ୍ଷିଣପଥ ଥିଲା ଏକ ସ୍ଥଳପଥ ଯାହାକି ଭାରତୀୟ ଉପଦ୍ୱୀପ ଅଞ୍ଚଳ କୁ ଭାରତର ପଶ୍ଚିମାଞ୍ଚଳ ଓ ଉତ୍ତରାଞ୍ଚଳ ସହିତ ସଂଯୋଗ କରୁଥିଲା ।

3. ଏହା ରୋମ ଓ ଭାରତୀୟ ଉପକୂଳ ମଧରେ ସାମୁଦ୍ରିକ ବାଣିଜ୍ୟ କୁ ଉତ୍ସାହିତ କରୁଥିଲା ।

4. ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ଜଣେ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଲିଖିତ ଗ୍ରନ୍ଥ ଯାହାର ନାମ ଥିଲା, "ପେରିପ୍ଲସ୍ ଅଫ୍ ଦି ଏରିଥ୍ରିନ୍ ସି" ।

5. ବଣିକ ଏବଂ କାରିଗରମାନଙ୍କ ଗୋଷ୍ଠୀ ।

**6.7**

1. ସ୍ତୂପ ନିର୍ମାଣ ଏବଂ ଆଞ୍ଚଳିକ ଭାସ୍କର୍ଯ୍ୟ କଳାର ବିକାଶ ।

2. ସ୍ତୁପଥିଲା ବୌଦ୍ଧଧର୍ମାବଲମ୍ବୀମାନଙ୍କର ଉପାସନା ସ୍ଥଳୀ, ଯେହେତୁ ଏ ଗୁଡିକ ବୁଦ୍ଧ କିମ୍ବା ବୌଦ୍ଧ ସନ୍ୟାସୀଙ୍କୁ ଆଧାର କରି ନିର୍ମିତ ହୋଇଥିଲା ।

3. ସାଞ୍ଚି, ଭାରହୁତ୍, ଅମରାବତୀ ଏବଂ ନାର୍ଗାଜୁନ କୋଣ୍ଡା ସ୍ତୁପ ।

4. ବୌଦ୍ଧ ସ୍ଥାପତ୍ୟକଳାର ଚୈତ୍ୟ ଏବଂ ବିହାର ଦେଖିବାକୁ ମିଳେ । ଚୈତ୍ୟ ପ୍ରାର୍ଥନାସ୍ଥଳୀ ହୋଇଥିବା ବେଳେ ବିହାର ଥିଲା ବୌଦ୍ଧସନ୍ୟାସୀମାନଙ୍କର ବାସଗୃହ ।

5. ମଥୁରାକଳା, ଅମରାବତୀକଳା ଓ ଗାନ୍ଧାରକଳା ।

6. ଲାଲ୍ ବାଲୁକା ପ୍ରସ୍ତର ଏବଂ କଳାଛିଟ ।

7. ଶକ ଏବଂ କୁଶାଣ ।

**6.8**

1. ମେଗାଲିଥ୍ ଥିଲା କବରସ୍ଥାନ ଏବଂ ସମାଧି କୁ ନେଇ ବିରାଟ ସ୍ତମ୍ଭ ।

2. ତାମିଲ କବି ମାନଙ୍କ ମିଳିତ ସମ୍ମିଳନୀ ।

3. ପ୍ରେମ ଏବଂ ଯୁଦ୍ଧ ।

4. ଚୋଳ, ପାଣ୍ଡ୍ୟ ଏବଂ ଚେର ।

5. କୁରୁଞ୍ଜି, ପଲାଇ, ମୁଲ୍ଲାଇ, ମରୁଦମ, ନଇଁତାଲ ।

6. ସଂଗମ ଯୁଗର ଚୋଳ ରାଜା କରିକାଳ ।

## HINTS TO TERMINAL QUESTIONS

1. 6.2 କୁ ଦେଖ ।

2. 6.2.2 ର ଦ୍ୱିତୀୟ ପାରା ଦେଖ ।

3. 6.3କୁ ଦେଖ ।

4. 6.5 କୁଦେଖ ।

5. 6.6 ଦ୍ୱିତୀୟ ପାରା ଦେଖ ।

6. 6.7 ର ତୃତୀୟ ପାରା ଦେଖ ।

7. 6.8ର ଦ୍ୱୀତୀୟପାରା ଦେଖ ।

# 7

## ଗୁପ୍ତବଂଶ (ଖ୍ରୀ:ଅ:୩୦୦-ଖ୍ରୀ:ଅ:୭୫୦)

କୁଶାଣ ବଂଶର ପତନ ପରେ ଉତ୍ତର ଭାରତରେ ଗୁପ୍ତବଂଶ ନାମକ ଏକ ନୂତନ ରାଜବଂଶର ଉତ୍‌ଥାନ ହେଲା । ଏହି ବଂଶର ଶାସକମାନେ ସମଗ୍ର ଉତ୍ତର ଭାରତରେ ଏକ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିବାକୁ ସମର୍ଥ ହୋଇଥିଲେ । ତତ୍‌କାଳୀନ ସମୟ ତଥା ଅନ୍ୟାନ୍ୟ ପରିସ୍ଥିତି ସେମାନଙ୍କୁ ଏଥିପାଇଁ ସହାୟତା ପ୍ରଦାନ କରିଥିଲା । ସେମାନେ ମଧ୍ୟଭାରତ ତଥା ବିହାରରେ ଥିବା ଲୁହାପଥର ଖଣିର ସଦୁପଯୋଗ କରିଥିଲେ । ଗୁପ୍ତ ଯୁଗ ମଧ୍ୟ କଳା, ସ୍ଥାପତ୍ୟ ଓ ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦିତ କରିଥିଲା । ଗୁପ୍ତ ଶାସକ ମାନେ ୫୫୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । ସେମାନଙ୍କର ପତନ ପରେ ଉତ୍ତର ଭାରତରେ କେତେକ ଆଞ୍ଚଳିକ ରାଜ୍ୟର ଉତ୍‌ଥାନ ପରିଲକ୍ଷିତ ହୋଇଥିଲା । ସେହିପରି ୫୫୦ ଖ୍ରୀଷ୍ଟାବ୍ଦରୁ ୭୫୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଦକ୍ଷିଣ ଭାରତରେ ଚାଲୁକ୍ୟ ଏବଂ ପଲ୍ଲବମାନଙ୍କ ଅଧୀନରେ ଦୁଇଗୋଟି ପ୍ରଧାନ ରାଜବଂଶର ଉତ୍‌ଥାନ ଦେଖିବାକୁ ମିଳିଥିଲା ।

### OBJECTIVES - ଉଦ୍ଦେଶ୍ୟ

**ଏହି ବିଷୟ ଅଧ୍ୟୟନ କଲାପରେ ଆମେ ନିମ୍ନଲିଖିତ ବିଷୟ ଉପରେ ଜାଣିବାକୁ ସମର୍ଥ ହେବା ।**

- ଗୁପ୍ତବଂଶ ଉତ୍‌ଥାନର କାରଣ ଏବଂ ଗୁପ୍ତ ଶାସକମାନଙ୍କର କୃତିତ୍ୱ ।
- ଗୁପ୍ତବଂଶର ପତନପରେ ନୂତନ ଆଞ୍ଚଳିକ ରାଜ୍ୟମାନଙ୍କର ଉତ୍‌ଥାନ ।
- ଗୁପ୍ତଶାସନ ତଥା ପରବର୍ତ୍ତୀ ଶାସନର ବୈଶିଷ୍ଟ୍ୟ ।
- ଖ୍ରୀ:ଅ:୩୦୦ରୁ ଖ୍ରୀ:ଅ: ୭୫୦ ମଧ୍ୟରେ ଘଟିଥିବା ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ।
- ବ୍ରାହ୍ମଣ୍ୟ ହିନ୍ଦୁଧର୍ମର ପୁନଃଉଦ୍ଧାର ଏବଂ ପୌରାଣିକ ଧର୍ମର ଉତ୍‌ଥାନ ।
- କଳା ଓ ସାହିତ୍ୟକୁ ଆଧାରକରି ହୋଇଥିବା ସାଂସ୍କୃତିକ ବିକାଶ ।
- ବିଜ୍ଞାନ ଓ କାରିଗରି ବିଦ୍ୟାର ଉନ୍ନତି ।

### 7.1 POLITICAL HISTORY - ରାଜନୈତିକ ଇତିହାସ

ଗୁପ୍ତବଂଶର ପ୍ରତିଷ୍ଠାତା ଥିଲେ ଶ୍ରୀଗୁପ୍ତ । ସେ ବୈଶ୍ୟ ଜାତିର ଥିଲେ ବୋଲି ଅନୁମାନ କରାଯାଏ । ତାଙ୍କ ପୁତ୍ର ଘଟୋତ୍କଚ ଗୁପ୍ତ ମହାରାଜା ଉପାଧି ଧାରଣ କରି ଏକ ଛୋଟ ରାଜ୍ୟରେ ଶାସନ କରୁଥିଲେ ।

(a) Chandragupta 1- **ପ୍ରଥମ ଚନ୍ଦ୍ରଗୁପ୍ତ**

ଗୁପ୍ତବଂଶର ପ୍ରକୃତ ପ୍ରତିଷ୍ଠାତା ଥିଲେ ପ୍ରଥମ ଚନ୍ଦ୍ରଗୁପ୍ତ । ସେ ୩୧୯ ଖ୍ରୀଷ୍ଟାବ୍ଦରୁ ୩୩୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । ସେ ତାଙ୍କ ସିଂହାସନ ଆରୋହଣ ସମୟରୁ ଏକ୍ ନୂତନ ଅବ୍ଦର ପ୍ରଚଳନ କରିଥିଲେ । ତାହା ଗୁପ୍ତାବ୍ଦ ନାମରେ ପ୍ରସିଦ୍ଧ । ପ୍ରଥମ ଚନ୍ଦ୍ରଗୁପ୍ତ ନିଜକୁ ମହାରାଜାଧିରାଜ ଉପାଧିରେ ଭୂଷିତ କରିଥିଲେ । ସେ ପ୍ରସିଦ୍ଧ ଲିଚ୍ଛବୀ ବଂଶର ରାଜକନ୍ୟା କୁମାରଦେବୀଙ୍କୁ ବିବାହ କରିଥିଲେ ।

ପ୍ରଥମ ଚନ୍ଦ୍ରଗୁପ୍ତଙ୍କ ଦ୍ୱାରା ପ୍ରଚଳିତ ସ୍ୱର୍ଣ୍ଣମୁଦ୍ରାରେ ଏହି ବୈବାହିକ ଘଟଣାର ଉଲ୍ଲେଖ ଦେଖିବାକୁ ମିଳେ । ଏହି ବୈବାହିକ ସମ୍ପର୍କ ଗୁପ୍ତବଂଶର ଶକ୍ତି ଓ ସମ୍ମାନ ବୃଦ୍ଧି କରିଥିଲା । ପ୍ରଥମ ଚନ୍ଦ୍ରଗୁପ୍ତ ମଗଧ (ବିହାର), ସକେତ (ଆଧୁନିକ ଅଯୋଧ୍ୟା) ଏବଂ ପ୍ରୟାଗ (ଆଧୁନିକ ଆଲ୍ଲାହାବାଦ) ଅଞ୍ଚଳ ଉପରେ ଶାସନ କରୁଥିଲେ । ତାଙ୍କର ରାଜଧାନୀ ପାଟଳୀପୁତ୍ର (ଆଧୁନିକ ପାଟଣା)ଠାରେ ଅବସ୍ଥିତ ଥିଲା ।

## INTEXT QUESTIONS 7.1 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଗୁପ୍ତବଂଶର ପ୍ରକୃତ ପ୍ରତିଷ୍ଠାତା କିଏ ।

_______________________________________________

2. କେଉଁ ଦୁଇଟି ପାର୍ଥିବ ସୁବିଧା ଗୁପ୍ତମାନଙ୍କୁ ଏକ ସାମ୍ରାଜ୍ୟ ପ୍ରତିଷ୍ଠାକରିବା ଦିଗରେ ସହାୟକ ହୋଇଥିଲ ।

_______________________________________________

3. ଲିଚ୍ଛବୀମାନଙ୍କ ସହିତ ପ୍ରଥମ ଚନ୍ଦ୍ରଗୁପ୍ତଙ୍କରର ବୈବାହିକ ସମ୍ପର୍କ କିପରି ତାଙ୍କୁ ସାହାଯ୍ୟ କରିଥିଲା ?

_______________________________________________

### (b) Samudragupta - ସମୁଦ୍ରଗୁପ୍ତ

ପ୍ରଥମ ଚନ୍ଦ୍ରଗୁପ୍ତଙ୍କ ପରେ ତାଙ୍କ ଉତ୍ତରାଧିକାରୀ ତଥା ପୁତ୍ର ସମୁଦ୍ରଗୁପ୍ତ ୩୩୫ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ସେ ୩୭୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । ସମୁଦ୍ରଗୁପ୍ତ ଏକ ରାଜ୍ୟଜୟ ନୀତି ଅନୁସରଣ କରିଥିଲେ ଏବଂ ତାଙ୍କ ସାମ୍ରାଜ୍ୟର କଳେବର ବୃଦ୍ଧି କରିଥିଲେ । ସମୁଦ୍ରଗୁପ୍ତଙ୍କ କୃତିତ୍ୱଗୁଡ଼ିକ ଏକ ଶିଳାଲେଖ ବା ପ୍ରଶସ୍ତିରେ ବର୍ଣ୍ଣନା କରାଯାଇଛି । ତାଙ୍କ ରାଜକବି ହରିଶେଣଙ୍କ ଦ୍ୱାରା ସଂସ୍କୃତ ଭାଷାରେ ଏହା ରଚନା କରାଯାଇଥିଲା । ଆଲ୍ଲାହାବାଦଠାରେ ଏହି ଶିଳାଲେଖଟି ଖୋଦିତ ହୋଇଥିଲା । ଏହି ଶିଳାଲେଖରେ ସମୁଦ୍ରଗୁପ୍ତଙ୍କ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରାଜ୍ୟଜୟ ସମ୍ବନ୍ଧରେ ସୂଚନା ମିଳେ । ସେ ବିଭିନ୍ନ ଅଞ୍ଚଳ ଜୟକରିବା ପାଇଁ ଭିନ୍ନ ଭିନ୍ନ ନୀତି ଅନୁସରଣ କରିଥିଲେ ।

ଗଙ୍ଗା ଓ ଯମୁନା ନଦୀର ମଧ୍ୟବର୍ତ୍ତୀ ଦୋଆବ ଅଞ୍ଚଳକୁ ଅଧିକାର କରିବା ପାଇଁ ସେ ସେଠାରେ ଶାସନ କରୁଥିବା ନାଗବଂଶର ରାଜାମାନଙ୍କୁ ପରାସ୍ତ କରିଥିଲେ । ଫଳରେ ଏହି ଅଞ୍ଚଳକୁ ସେ ଗୁପ୍ତ ସାମ୍ରାଜ୍ୟରେ ମିଶାଇ ଦେଇଥିଲେ । ଏହାପରେ ଭାରତର କେନ୍ଦ୍ରାଞ୍ଚଳରେ ଅବସ୍ଥିତ ଜଙ୍ଗଲରାଜ୍ୟ ବା ଆଟବୀକରାଜ୍ୟଗୁଡ଼ିକୁ ଜୟ କରିଥିଲେ । ଏହି ରାଜ୍ୟଗୁଡ଼ିକର ଏକ ପ୍ରଧାନ ବୈଶିଷ୍ଟ୍ୟ ଥିଲା ଏହାର ଅବସ୍ଥିତି, ଦକ୍ଷିଣଭାରତକୁ ପ୍ରବେଶଦ୍ୱାର ରୂପେ ପରିଗଣିତ ହେଲା । ଏହି ପଥଦେଇ ସମୁଦ୍ରଗୁପ୍ତ ଯାତ୍ରା କରି ପୂର୍ବ ଉପକୂଳରେ ଥିବା ୧୨ଟି ରାଜ୍ୟର ରାଜାଙ୍କୁପରାସ୍ତ କରିଥିଲେ ଏବଂ ଚେନ୍ନାଇ ନିକଟସ୍ଥ କାଞ୍ଚିରେ ପହଞ୍ଚିଥିଲେ । ସମୁଦ୍ରଗୁପ୍ତ ଏହି ବିଜିତ ରାଜ୍ୟଗୁଡ଼ିକୁ ନିଜ ସାମ୍ରାଜ୍ୟରେ ମିଶାଇ ନ ଥିଲେ । ଏହି ରାଜାମାନଙ୍କୁ ମୁକ୍ତି ପ୍ରଦାନ କରି ସେମାନଙ୍କୁ ସିଂହାସନରେ ପୁନଃ ଅବସ୍ଥାପିତ କରିଥିଲେ । ସେ ଦୂରଦୃଷ୍ଟି ରଖି ଦକ୍ଷିଣ ଭାରତ ପାଇଁ ଏହି ପ୍ରକାର ପଦକ୍ଷେପ ଗ୍ରହଣ କରିଥିଲେ । କାରଣ ସେ ଜାଣିଥିଲେ ଯେ ଉତ୍ତର ଭାରତରେ ରହି ଦକ୍ଷିଣ ଭାରତରେ ପ୍ରତ୍ୟକ୍ଷ ଶାସନ କରିବା ଅସମ୍ଭବ ଥିଲା । କୃତଜ୍ଞତା ସ୍ୱରୂପ ଏହି ଶାସକମାନେ ସମୁଦ୍ରଗୁପ୍ତଙ୍କ ସାର୍ବଭୌମତ୍ୱ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ତାଙ୍କୁ କର ଓ ଉପହାର ପ୍ରଦାନ କରୁଥିଲେ ।

ଆଲ୍ଲାହାବାଦ ପ୍ରସ୍ତର ଶିଳାଲେଖ ଅନୁସାରେ ସମୁଦ୍ରଗୁପ୍ତ ପାଞ୍ଚଗୋଟି ପଡୋଶି ସୀମାନ୍ତରାଜ୍ୟ ସହିତ ପଶ୍ଚିମ ଭାରତ ଏବଂ ପଞ୍ଜାବର ନଅଗୋଟି ସାଧାରଣ ତାନ୍ତ୍ରିକ ରାଷ୍ଟ୍ରକୁ ଜୟ କରିଥିଲେ । ସେମାନେ

ସମୁଦ୍ରଗୁପ୍ତଙ୍କ ବଶ୍ୟତା ସ୍ୱୀକାର କରିବା ସହ ତାଙ୍କୁ କର ପ୍ରଦାନ କରିଥିଲେ ଏବଂ ତାଙ୍କ ଆଦେଶକୁ ବିନା ଦ୍ୱିଧାରେ ପାଳନ କରିଥିଲେ । ଏତଦ୍‌ବ୍ୟତୀତ ସମୁଦ୍ରଗୁପ୍ତଙ୍କୁ ଦକ୍ଷିଣ ପୂର୍ବ ଏସିଆର ଅନେକ ରାଜା କରଦେଉଥିଲେ ବୋଲି ଆଲ୍ଲାହାବାଦ ଶିଳାଲେଖରେ ଉଲ୍ଲେଖ କରାଯାଇଅଛି ।

ସାଧାରଣତଃ ବିଶ୍ୱାସ କରାଯାଏ ଯେ ଯଦିଓ ସମୁଦ୍ରଗୁପ୍ତ ଏକ ବିଶାଳ ଅଞ୍ଚଳଉପରେ ପ୍ରାଧାନ୍ୟ ବିସ୍ତାର କରିଥିଲେ ସେ କେବଳ ଇଣ୍ଡୋ-ଗାଙ୍ଗେୟ ସମତଳ ଅଞ୍ଚଳ ଉପରେ ପ୍ରତ୍ୟକ୍ଷ ଶାସନ କରୁଥିଲେ । ସେ ଏକ ଅଶ୍ୱମେଧ ଯଜ୍ଞ କରି ତାଙ୍କ ବିଜୟ ଉତ୍ସବ ପାଳନ କରିଥିଲେ । ସେ ମଧ ଏହି ଯଜ୍ଞର ଦୃଶ୍ୟକୁ ଖୋଦିତ କରି ମୁଦ୍ରା ପ୍ରଚଳନ କରିଥିଲେ । ସମୁଦ୍ରଗୁପ୍ତ ଯେ କେବଳ ଜଣେ ଦିଗ୍‌ବିଜୟୀ ଶାସକ ଥିଲେ ତାନୁହେଁ, ସେ ମଧ ଏକାଧାରରେ ଜଣେ ବିଶିଷ୍ଟ କବି, ସଙ୍ଗୀତଜ୍ଞ ଏବଂ ସାହିତ୍ୟର ପୃଷ୍ଠପୋଷକ ଥିଲେ । ତାଙ୍କର ସଙ୍ଗୀତ ପ୍ରତି ଅନୁରାଗ ଥିଲା ବୋଲି ତାଙ୍କ ଦ୍ୱାରା ପ୍ରଚଳିତ ମୁଦ୍ରାରୁ ପ୍ରମାଣ ମିଳେ । ଗୋଟିଏ ମୁଦ୍ରାରେ ସମୁଦ୍ରଗୁପ୍ତ ବୀଣା ବାଦନ କରୁଥିବାର ଦୃଶ୍ୟ ଦେଖିବାକୁ ମିଳେ ।


## INTEXT QUESTIONS 7.2 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ସମୁଦ୍ରଗୁପ୍ତଙ୍କ ଇତିହାସ ଜାଣିବାରେ ଆଲ୍ଲାହାବାଦ ଶିଳାସ୍ତମ୍ଭର କ'ଣ ପ୍ରାଧାନ୍ୟ ରହିଛି ?

______________________________

2. ସମୁଦ୍ରଗୁପ୍ତଙ୍କ ଦ୍ୱାରା ପ୍ରଚଳିତ ମୁଦ୍ରାରୁ ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ଆମେ କ'ଣ ଜାଣୁ ?

______________________________




ଗୁପ୍ତସାମ୍ରାଜ୍ୟ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀର ଶେଷବେଳକୁ

ମାନଚିତ୍ର ୭.୧ ଗୁପ୍ତ ସମୟ

### (c) Chandragupta-II- ଦ୍ୱିତୀୟ ଚନ୍ଦ୍ରଗୁପ୍ତ

ସମୁଦ୍ରଗୁପ୍ତଙ୍କ ପରେ ତାଙ୍କ ପୁତ୍ର ଦ୍ୱିତୀୟ ଚନ୍ଦ୍ରଗୁପ୍ତ ସିଂହାସନ ଆରୋହଣ କରିଥିଲେ । ସେ ୩୭୫ ଖ୍ରୀଷ୍ଟାବ୍ଦରୁ ୪୧୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । ସେ ଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟ ନାମରେ ମଧ ପରିଚିତ ଥିଲେ । ସେ ତାଙ୍କ ପିତାଙ୍କ ସାମ୍ରାଜ୍ୟର କଳେବର ବୃଦ୍ଧି କରିବା ସଙ୍ଗେ ସଙ୍ଗେ ତତ୍‌କାଳୀନ ପ୍ରସିଦ୍ଧ ରାଜବଂଶ ସହିତ ବୈବାହିକ ସମ୍ପର୍କ ସ୍ଥାପନ କରି ନିଜର ସ୍ଥିତି ସୁଦୃଢ଼ କରିଥିଲେ । ସେ ନାଗ ବଂଶର ରାଜକନ୍ୟା କୁବେରନାଗଙ୍କୁ ବିବାହ କରିଥିଲେ । ନାଗରାଣୀଙ୍କ ଗର୍ଭରୁ ଏକ କନ୍ୟା ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ନାମ ରଖାଗଲା ପ୍ରଭାବତୀ ଗୁପ୍ତ । ଏହି ପ୍ରଭାବତୀଗୁପ୍ତ ଦାକ୍ଷିଣାତ୍ୟର ପ୍ରସିଦ୍ଧ ବାକଟକ ରାଜବଂଶର ରାଜା ଦ୍ୱିତୀୟ ରୁଦ୍ରସେନଙ୍କୁ ବିବାହ କରିଥିଲେ । କିନ୍ତୁ ଦ୍ୱିତୀୟ ରୁଦ୍ରସେନଙ୍କ ମୃତ୍ୟୁପରେ ପ୍ରଭାବତୀଗୁପ୍ତ ନିଜର ନାବାଳକ ସନ୍ତାନର ଅଭିବାବକ ରୂପେ କାର୍ଯ୍ୟକରିଥିଲେ । ଏଥିରେ ତାଙ୍କ ପିତା ତାଙ୍କୁ ସାହାଯ୍ୟ କରିଥିଲେ । ବାକଟକ ରାଜ୍ୟ ଉପରେ ନିୟନ୍ତ୍ରଣ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ପାଇଁ ସହାୟକ ହୋଇଥିଲା । ସେ ଅନ୍ୟାନ୍ୟ ଶତ୍ରୁରାଜ୍ୟ ଉପରେ ଦୃଷ୍ଟି ନିକ୍ଷେପ କରିବାକୁ ସମର୍ଥ ହେଲେ ।

ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ପ୍ରମୁଖସାମରିକ କୃତିତ୍ୱ ଥିଲା ଶକ ରାଜାମାନଙ୍କ ବିରୁଦ୍ଧରେ ଅଭିଯାନ । ଶକମାନେ ପଶ୍ଚିମ ଭାରତରେ ଦୀର୍ଘ ୩୦୦ ବର୍ଷ ଧରି ଶାସନ କରିଆସୁଥିଲେ । ଏହି ବିଜୟ ଫଳରେ ଗୁପ୍ତ ସାମ୍ରାଜ୍ୟ ଭାରତର ପଶ୍ଚିମ ଉପକୂଳ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲେ ।

ଦିଲ୍ଲୀର ମେହେରାଲିଠାରେ ଥିବା ଲୌହସ୍ତମ୍ଭ ଶିଳାଖେଳର ଉଲ୍ଲେଖ ଅନୁଯାୟୀ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ସାମ୍ରାଜ୍ୟ ଉତ୍ତର-ପଶ୍ଚିମ ଭାରତ ଏବଂ ବଙ୍ଗ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ସେ ବିକ୍ରମାଦିତ୍ୟ ଉପାଧିରେ ନିଜକୁ ଭୂଷିତ କରିଥିଲେ । ବିକ୍ରମାଦିତ୍ୟର ଅର୍ଥ ହେଲା ସୂର୍ଯ୍ୟଙ୍କ ପରି ଶକ୍ତିଶାଳୀ । କଳା ଓ ସାହିତ୍ୟକୁ ପୃଷ୍ଠପୋଷକତା ପ୍ରଦାନ କରି ଦ୍ୱିତୀୟ ଚନ୍ଦ୍ରଗୁପ୍ତ ସ୍ମରଣୀୟ ହୋଇ ରହିଛନ୍ତି । ତାଙ୍କ ରାଜସଭା ନଅଜଣ ପଣ୍ଡିତ ବା ନବରତ୍ନଙ୍କ ଦ୍ୱାରା ମଣ୍ଡିତ ହୋଇଥିଲା । ନବରତ୍ନଙ୍କ ମଧରେ ଶ୍ରେଷ୍ଠଥିଲେ କାଳିଦାସ । ସେ ଏକାଧାରରେ ଥିଲେ ଜଣେ କବି ଓ ନାଟ୍ୟକାର। ସେ ସଂସ୍କୃତ ସାହିତ୍ୟରେ ଏକାଧିକ ଅମୂଲ୍ୟଗ୍ରନ୍ଥ ରଚନା କରିଛନ୍ତି । ଚୀନ ବୌଦ୍ଧ ପରିବ୍ରାଜକ ଫାହିୟାନ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ସମୟରେ ଭାରତ ପରିଭ୍ରମଣରେ ଆସିଥିଲେ । ସେ ୪୦୪ ଖ୍ରୀଷ୍ଟାବ୍ଦରୁ ୪୧୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଭାରତରେ ଅବସ୍ଥାନ କରିଥିଲେ । ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଭାରତ ପରିତ୍ୟାଗ ପୂର୍ବରୁ ଭାରତୀୟମାନଙ୍କ ଜୀବନଶୈଳୀ ଉପରେ ସେ ଏକ ବିବରଣୀ ଲେଖିଯାଇ ଅଛନ୍ତି ।

### INTEXT QUESTIONS 7.3 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଦ୍ୱିତୀୟ ଚନ୍ଦ୍ରଗୁପ୍ତ ତାଙ୍କ କନ୍ୟାକୁ କେଉଁ ରାଜବଂଶରେ ବିବାହ ଦେଇଥିଲେ ?

   ___________________________

2. ଏହି ବୈବାହିକ ସମ୍ପର୍କ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କୁ କପରି ସହାୟତା ପ୍ରଦାନ କରିଥିଲା ।

   ___________________________

3. ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ରାଜତ୍ୱ ସମୟରେ ଭ୍ରମଣରେ ଆସିଥିବା ଚୀନ ପରିବ୍ରାଜକଙ୍କ ନାମ କ'ଣ ଥିଲା ।

   ___________________________

4. ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ରାଜସଭାମଣ୍ଡନ କରିଥିବା ପ୍ରମୁଖ ସଂସ୍କୃତ କବି ଓ ନାଟ୍ୟକାର ଙ୍କ ନାମ କ'ଣ ଥିଲା ?

   ___________________________

### (d) Decline- ପତନ

ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ପରେ ତାଙ୍କ ପୁତ୍ର କୁମାର ଗୁପ୍ତ ୪୧୫ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ସେ ୪୫୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । ସେ ତାଙ୍କ ଶାସନ ସମୟରେ କିଛି ବର୍ଷ ପର୍ଯ୍ୟନ୍ତ ପିତାଙ୍କ ସାମ୍ରାଜ୍ୟର ପୂର୍ବାବସ୍ଥା ବଜାୟ ରଖିବାକୁ ସମର୍ଥ ହୋଇଥିଲେ । କିନ୍ତୁ ତାଙ୍କଶାସନର ଅନ୍ତିମ କାଳରେ ମଧ୍ୟ ଏସିଆ ପଟରୁ ବହୁ ଆକ୍ରମଣ ହେବାରୁ ତାଙ୍କ ସାମ୍ରାଜ୍ୟ ପ୍ରତି ବିପଦ ଦେଖାଦେଲା । ହୁନ ବା ହୁଣମାନଙ୍କ ପ୍ରଥମ ଆକ୍ରମଣକୁ ସ୍କନ୍ଦଗୁପ୍ତ ପ୍ରତିହତ କରିବାକୁ ସମର୍ଥ ହୋଇଥିଲେ । ହୁଣମାନଙ୍କ ବାରମ୍ବାର ଆକ୍ରମଣ ହେତୁ ଗୁପ୍ତ ସମ୍ରାଟ୍‌ମାନେ ସାମ୍ରାଜ୍ୟକୁ ସୁରକ୍ଷା ଦେବା କ୍ଷେତ୍ରରେ ସମର୍ଥ ହୋଇ ପାରି ନ ଥିଲେ । ଏହି ଆକ୍ରମଣ ଗୁପ୍ତ ସମ୍ରାଟ୍‌ମାନଙ୍କୁ ଦୁର୍ବଳ କରି ଦେଇଥିଲା । ଏହା ଥିଲା ଗୁପ୍ତ ସାମ୍ରାଜ୍ୟ ପତନର ମୁଖ୍ୟ କାରଣ ।

ହୁଣମାନଙ୍କ ଦ୍ୱାରା ଖୋଦିତ ଶିଳା ଲେଖଗୁଡିକ ଅନୁସାରେ ୪୮୫ ଖ୍ରୀଷ୍ଟାବ୍ଦରେ ହୁଣମାନେ ମଧ୍ୟ ଭାରତର ଏକ ବୃହତ୍ତ ଅଂଶ ଏବଂ ପୂର୍ବମାଳବ ଅଧିକାର କରିଥିଲେ । ହୁଣ ଶାସକମାନଙ୍କ ମଧ୍ୟରେ ପ୍ରଥମ ପ୍ରମୁଖ ରାଜା ଥିଲେ ତୋରାମନ । ପଞ୍ଜାବ ଏବଂ ରାଜସ୍ଥାନ ମଧ୍ୟ ସେମାନଙ୍କ ଅଧିକାରକୁ ଚାଲିଯାଇଥିଲା । ତୋରାମନ ମଧ୍ୟ ଏସିଆର ଭୋପାଳ ନିକଟବର୍ତ୍ତୀ ଏରାନ ପର୍ଯ୍ୟନ୍ତ ରାଜ୍ୟଜୟ କରିଥିଲେ । ତାଙ୍କ ପୁତ୍ର ମିହିରକୂଳ ୫୧୫ ଖ୍ରୀଷ୍ଟାବ୍ଦରେ ପିତାଙ୍କ ମୃତ୍ୟୁପରେ ସିଂହାସନ ଆରୋହଣ କରିଥିଲେ । ସେ ଜଣେ ଅତ୍ୟାଚାରୀ ଶାସକ ଥିଲେ । ମାଳବର ଯଶୋଧର୍ମ ଏବଂ ଗୁପ୍ତବଂଶର ନରସିଂହ ଗୁପ୍ତ ବାଳାଦିତ୍ୟ ଶେଷରେ ମିହିରକୂଳଙ୍କୁ ପରାସ୍ତ କରିଥିଲେ । କିନ୍ତୁ ହୁଣମାନଙ୍କ ଉପରେ ଏହି ବିଜୟ ଗୁପ୍ତ ସାମାଜ୍ୟକୁ ପତନ ମୁଖରୁ ରକ୍ଷା କରିପାରି ନ ଥିଲା ।

ହୁଣ ଆକ୍ରମଣ ବ୍ୟତୀତ ଗୁପ୍ତ ସାମ୍ରାଜ୍ୟରେ ଅର୍ଥନୈତିକ ସ୍ୱଚ୍ଛଳତା ଦିଗରେ କ୍ରମବିଲୟ ଦେଖାଯାଇଥିଲା । ପରବର୍ତ୍ତୀ ଗୁପ୍ତ ସମ୍ରାଟମାନଙ୍କ ଦ୍ୱାରା ପ୍ରଚଳିତ ସ୍ୱର୍ଣ୍ଣ ମୁଦ୍ରାଗୁଡିକରୁ ଏହାର ପ୍ରମାଣ ମିଳେ । ଆହୁରି ମଧ୍ୟ ଦେଖାଯାଏ ଯେ ପରବର୍ତ୍ତୀ ଗୁପ୍ତ ଯୁଗରେ ଏହି ମୁଦ୍ରାଗୁଡିକ ଆଉ ଦେଖିବାକୁ ମିଳି ନ ଥିଲା । ଏହି ସମୟରେ ରାଜାମାନେ ମୁଦ୍ରା ପରିବର୍ତ୍ତେ ଭୂମି ଦାନ କରୁଥିଲେ । ବ୍ରାହ୍ମଣମାନଙ୍କୁ ଏବଂ କର୍ମଚାରୀମାନଙ୍କୁ ଦିଆଯାଇଥିବା ମାଟି ତଳୁ ଆବିଷ୍କୃତ ଅସଂଖ୍ୟ ଭୂମିଦାନ ପତ୍ରରୁ ପ୍ରମାଣ ମିଳେ । ସେବା ପ୍ରତି ବଦଳରେ ଧର୍ମ ନିରପେକ୍ଷତା ଏବଂ ଅଧ୍ୟାତ୍ମିକ କାର୍ଯ୍ୟ ପାଇଁ ପ୍ରଦତ୍ତ ଭୂମିଦାନ ବ୍ୟବସ୍ଥାକୁ ସାମନ୍ତ ପ୍ରଥା କୁହାଗଲା । ଏହି ପ୍ରଥାରେ ଭୂମି ମାଲିକମାନେ କୃଷକମାନଙ୍କଠାରୁ କର ଆଦାୟ କରିବା ଏବଂ ଭୂମି ପରିଚାଳନା କରିବା ଅଧିକାର ପାଇଲେ । ଏହି ପ୍ରକାର ବ୍ୟବସ୍ଥା ସାମନ୍ତମାନଙ୍କର ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥିଲା ।

ଉତ୍ତର ଭାରତର ବିଭିନ୍ନ ଅଞ୍ଚଳରେ ଛୋଟଛୋଟ ରାଜ୍ୟଗୁଡିକର ଉତ୍‌ଥାନ ଯୋଗୁ ଗୁପ୍ତ ସାମ୍ରାଜ୍ୟର ପତନ ଘଟିଥିଲା । ଏହି ପ୍ରମୁଖ ରାଜ୍ୟଗୁଡିକ ମଧ୍ୟରେ ପ୍ରଧାନ ଥିଲେ ଥାନେଶ୍ୱରର ପୁଷ୍ୟଭୂତି ରାଜ-ବଂଶ, କନୌଜର ମାଉଖାରୀ ରାଜବଂଶ ଏବଂ ବଲ୍ଲଭିର ମଇତ୍ରକ ରାଜବଂଶ । ଭାରତର ଉପଦ୍ୱୀପ ଅଞ୍ଚଳର ରାଜନୈତିକ ଦୃଶ୍ୟ ମଧ୍ୟ ଅନୁରୂପ ଥିଲା । ଚାଲୁକ୍ୟ ବଂଶ ଏବଂ ପଲ୍ଲବବଂଶ ବଳଶାଳୀ ଆଞ୍ଚଳିକ ଶକ୍ତି ରୂପେ ଦକ୍ଷିଣ ଭାରତ ଏବଂ ଉତ୍ତର ତାମିଲ୍‌ନାଡୁରେ କ୍ଷମତା ଜାହିର୍ କରିଥିଲେ ।

### INTEXT QUESTIONS 7.4 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ତୋରମାନ କେଉଁବଂଶର ଅନ୍ତର୍ଗତ ଥିଲେ ?

_______________________________________________

2. କେଉଁ ଗୁପ୍ତ ସମ୍ରାଟ୍ ହୁଣମାନଙ୍କ ପ୍ରଥମ ଆକ୍ରମଣକୁ ପ୍ରତିହତ କରିଥିଲେ ?

_______________________________________________

3. ଗୁପ୍ତମାନଙ୍କ ପତନ ପରେ ଉତ୍ତର ଭାରତରେ ମୁଣ୍ଡଟେକି ଉଠିଥିବା ଦୁଇଟି ରାଜବଂଶର ନାମ କ'ଣ ?

_______________________________________________



ଟିପ୍ପଣୀ

## 7.2 MAITRAKAS - ମଇତ୍ରକ

ମଇତ୍ରକମାନେ ଗୁପ୍ତ ସାମ୍ରାଜ୍ୟ ଅଧୀନରେ କରଦ ରାଜାଥିଲେ । କିନ୍ତୁ ଏହାର ପତନ ବେଳକୁ ମଇତ୍ରକମାନେ ପଶ୍ଚିମ ଭାରତରେ ଏକ ସ୍ୱାଧୀନ ରାଜ୍ୟ ପ୍ରତିଷ୍ଠା କଲେ । ମଇତ୍ରକ ରାଜାମାନଙ୍କ ମଧ୍ୟରେ ଦ୍ୱିତୀୟ ଧ୍ରୁବସେନ ଥିଲେ ଅଧିକ ଶକ୍ତିଶାଳୀ । ସେ ହର୍ଷବର୍ଧନଙ୍କ ସମସାମୟିକ ଥିଲେ ଏବଂ ତାଙ୍କ କନ୍ୟାକୁ ବିବାହ କରିଥିଲେ । ହୁଏନ୍ ସାଙ୍ଗଙ୍କ ବିବରଣୀ ଅନୁସାରେ ହର୍ଷବର୍ଦ୍ଧନଙ୍କ ଆହୁତ ଧର୍ମ ସମ୍ମିଳନୀରେ ଦ୍ୱିତୀୟ ଧ୍ରୁବସେନ ଯୋଗ ଦେଇଥିଲେ । ଏହି ସମ୍ମିଳନୀ ଆଲ୍ଲାହାବାଦର ପ୍ରୟାଗଠାରେ ଅନୁଷ୍ଠିତ ହୋଇଥିଲା । ଗୁଜୁରାଟର ସୌରାଷ୍ଟ୍ର ଅଞ୍ଚଳରେ ମଇତ୍ରକମାନେ ଶାସନ କରୁଥିଲେ ଏବଂ ବଲ୍ଲଭିଠାରେ ସେମାନଙ୍କ ରାଜଧାନୀ ପ୍ରତିଷ୍ଠା କରିଥିଲା । କାଳକ୍ରମେ ବଲ୍ଲଭି ଏକ ପ୍ରମୁଖ ଶିକ୍ଷାକେନ୍ଦ୍ର ରୂପେ ପ୍ରସିଦ୍ଧି ଅର୍ଜନ କରିଥିଲେ । ଆରବସାଗର ଉପକୂଳରେ ଅବସ୍ଥିତ ଥିବାରୁ ଏହା ଏକ ସମୃଦ୍ଧ ବାଣିଜ୍ୟିକ କେନ୍ଦ୍ର ତଥା ବନ୍ଦର ରୂପେ ପ୍ରତିଷ୍ଠିତ ହେଲା । ଆରବମାନଙ୍କ ଆକ୍ରମଣଯୋଗୁ ମଇତ୍ରକମାନଙ୍କର ପତନ ଘଟିଥିଲା । ସେମାନେ ଅଷ୍ଟମ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଅବିଚ୍ଛିନ୍ନ ଶାସନ କରିଥିଲେ ।

## 7.3 MAUKHARIES - ମାଉଖାରି

ପଶ୍ଚିମ ଉତ୍ତର ପ୍ରଦେଶର କନୌଜଠାରେ ମାଉଖାରିମାନେ ଶାସନ କରୁଥିଲେ । ପାଟଳୀପୁତ୍ର ପରିବର୍ତ୍ତେ କନୌଜ ଉତ୍ତର ଭାରତର ପ୍ରଧାନ ରାଜନୈତିକ କେନ୍ଦ୍ରରୂପେ ପ୍ରସିଦ୍ଧି ଅର୍ଜନ କଲା । ମାଉଖାରିମାନେ ଗୁପ୍ତ ସମ୍ରାଟଙ୍କ ଅଧୀନରେ କରଦ ରାଜାରୂପେ ଶାସନ କରୁଥିଲେ । ସେମାନେ ସାମନ୍ତ ନାମକ ଏକ ଉପାଧିରେ ଭୂଷିତ ହୋଇଥିଲେ । ହର୍ଷବର୍ଦ୍ଧନଙ୍କ ଭଗ୍ନି ରାଜଶ୍ରୀ ଏହିବଂଶର ରାଜା ଗୃହବର୍ମନଙ୍କୁ ବିବାହ କରିଥିଲେ । ବଙ୍ଗ ବା ଗୌଡର ଶାସକ ଶଶାଙ୍କ ଏବଂ ପରବର୍ତ୍ତୀ ଗୁପ୍ତରାଜା ଦେବଗୁପ୍ତ ମିଳିତ ଭାବରେ ଗୃହବର୍ମନଙ୍କ ବିରୁଦ୍ଧରେ ଯୁଦ୍ଧ କରି ତାଙ୍କୁ ହତ୍ୟା କରିଥିଲେ । ଏହାପରେ କନୌଜ ପୁଷ୍ୟଭୂତି ରାଜ୍ୟ ସହିତ ମିଶିଯାଇଥିଲା । ହର୍ଷବର୍ଦ୍ଧନ ତାଙ୍କର ରାଜଧାନୀ ଥାନେଶ୍ୱର (କୁରୁକ୍ଷେତ୍ର)ରୁ କନୌଜକୁ ସ୍ଥାନାନ୍ତର କରିଥିଲେ ।

## 7.4 PUSHYA BHUTIS OF THANESAR - ଥାନେଶ୍ୱରର ପୁଷ୍ୟଭୂତି ରାଜବଂଶ

ଗୁପ୍ତବଂଶର ପତନ ପରେ ଆଉଏକ ପ୍ରଧାନ ରାଜବଂଶର ଉତ୍‌ଥାନ ଦେଖିବାକୁ ମିଳିଥିଲା । ଏହି ରାଜବଂଶର ନାମଥିଲା ପୁଷ୍ୟଭୂତି ରାଜବଂଶ । ସେମାନେ କୁରୁକ୍ଷେତ୍ରର ଥାନେଶ୍ୱରଠାରେ ସେମାନଙ୍କର ରାଜଧାନୀ ପ୍ରତିଷ୍ଠା କରିଥିଲେ । ପ୍ରଭାକର ବର୍ଦ୍ଧନଙ୍କ ସିଂହାସନ ଆରୋହଣ ପରେ ଏହି ରାଜବଂଶର ପ୍ରାଧାନ୍ୟ ବୃଦ୍ଧି ପାଇଥିଲା । ସେ ହୁଣମାନଙ୍କୁ ପରାସ୍ତକରି ପଞ୍ଜାବ ଏବଂ ହରିୟାଣା ଅଞ୍ଚଳରେ ନିଜର ସ୍ଥିତିକୁ ସୁଦୃଢ଼ କରିଥିଲେ । ତାଙ୍କ ମୃତ୍ୟୁପରେ ତାଙ୍କ ଜ୍ୟେଷ୍ଠପୁତ୍ର ରାଜ୍ୟବର୍ଦ୍ଧନ ସିଂହାସନ ଆରୋହଣ କରିଥିଲେ । କିନ୍ତୁ ବଂଗ ଓ ବିହାରର ରାଜା ଶଶାଙ୍କ ଷଡଯନ୍ତ୍ର କରି ରାଜ୍ୟବର୍ଦ୍ଧନଙ୍କୁ ହତ୍ୟା କରିଥିଲେ । ଏହାପରେ ୬୦୬ ଖ୍ରୀଷ୍ଟାବ୍ଦରେ ହର୍ଷବର୍ଦ୍ଧନ ସିଂହାସନ ଆରୋହଣ କରିଥିଲେ । ସେ ସମୟରେ ତାଙ୍କର ବୟସ ଥିଲା ମାତ୍ର ୧୬ ବର୍ଷ । ତଥାପି ସେ ନିଜକୁ ଜଣେ ବିଶାଳ ଯୋଦ୍ଧା ଏବଂ ସୁଦୃଢ଼ ଶାସକ ରୂପେ ପ୍ରତିପାଦିତ କରିଥିଲେ । ଆମେ ଦୁଇଟି ମୂଲ୍ୟବାନ ଉପାଦାନ ପାଇ ଅଛୁ ଯାହାକି ୬୦୬ ଖ୍ରୀଷ୍ଟାବ୍ଦରୁ ୬୭୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ହର୍ଷବର୍ଦ୍ଧନଙ୍କ ଜୀବନୀ ଓ କୃତିତ୍ୱ ଉପରେ ଆଲୋକପାତ କରିଥାଏ । ସେଥିମଧ୍ୟରୁ ଗୋଟିଏ ହେଲା ହର୍ଷବର୍ଦ୍ଧନଙ୍କ ରାଜସଭାର କବି ବାଣଭଟଙ୍କ ରଚିତ ହର୍ଷଚରିତ ଏବଂ ଅନ୍ୟଟି ହେଲା ଚୀନ୍‌ର ବୌଦ୍ଧ ପରିବ୍ରାଜକ ହୁଏନ୍‌ସାଙ୍ଗଙ୍କ ରଚିତ ଭ୍ରମଣ କାହାଣୀ ସି-ଇଉ-କି । ହୁଏନ୍ ସାଂ ୬୨୯ ଖ୍ରୀଷ୍ଟାବ୍ଦରୁ ୬୪୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଭାରତ ପରିଭ୍ରମଣ ରେ ଆସିଥିଲେ ।

ସିଂହାସନ ଆରୋହଣପରେ ହର୍ଷବର୍ଦ୍ଧନ ନିଜ ସାମ୍ରାଜ୍ୟକୁ ନିଜ ବିଧବା ଭଗ୍ନୀ ରାଜଶ୍ରୀଙ୍କ ସାମ୍ରାଜ୍ୟ ସହିତ ମିଶାଇ ଦେଇଥିଲେ ଏବଂ କନୌଜଠାରେ ନିଜର ରାଜଧାନୀ ପ୍ରତିଷ୍ଠା କରିଥିଲେ । ସେଥିପାଇଁ ତାଙ୍କୁ ଉତ୍ତରଭାରତର ସମ୍ରାଟ ବା 'ସକଳ ଉତ୍ତରପଥ ନାଥ' ଭାବେ ବର୍ଣ୍ଣନା କରାଯାଇଛି । ସେ

ପଞ୍ଜାବ, ଉତ୍ତର ପ୍ରଦେଶ, ବଂଗ, ବିହାର ଏବଂ ଓଡ଼ିଶାକୁ ନିଜ ଅଧୀନକୁ ଆଣିଥିଲେ । ହର୍ଷବର୍ଦ୍ଧନ ମଧ୍ଯ ଦକ୍ଷିଣ ଭାରତର ନିଜ ସାମ୍ରାଜ୍ୟର ସୀମା ବୃଦ୍ଧି ପାଇଁ ଉଦ୍ୟମ କରିଥିଲେ । କିନ୍ତୁ ସେ ଚାଲୁକ୍ୟ ରାଜା ଦ୍ୱିତୀୟ ପୁଲକେଶୀଙ୍କଠାରୁ ନର୍ମଦାନଦୀ କୂଳରେ ପରାଜୟ ବରଣ କରିଥିଲେ । ତେଣୁ ଏହି ନଦୀ ହର୍ଷବର୍ଦ୍ଧନଙ୍କ ସାମ୍ରାଜ୍ୟର ଦକ୍ଷିଣ ସୀମାରେଖା ରୂପେ ପରିଗଣିତ ହେଲା ।

୬୪୭ ଖ୍ରୀଷ୍ଟାବ୍ଦରେ ହର୍ଷବର୍ଦ୍ଧନଙ୍କ ମୃତ୍ୟୁପରେ ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ କ୍ରମାଗତ ରାଜନୈତିକ ଅସ୍ଥିରତା ଉତ୍ତର ଭାରତରେ ପରିଲକ୍ଷିତ ହୋଇଥିଲା । ସେତେବେଳେ ଗୁର୍ଜର ପ୍ରତିହାର ଏବଂ ରାଜପୁତ୍ ରାଜାମାନେ ଉତ୍ତର ଭାରତରେ ଏକ ବୃହତ୍ ଶକ୍ତି ରୂପେ ଆର୍ବିଭୂତ ହେଲେ ।

**INTEXT QUESTIONS 7.5 - ପ୍ରତ୍ୟାଶିତ ପୂର୍ବଜ୍ଞାନ**

1. ‘ହର୍ଷ ଚରିତ’ର ରଚୟିତା କିଏ ?

______________________________

2. କେଉଁ ରାଜାଙ୍କ ସମୟରେ ହୁଏନ୍ ସାଂ ଭାରତ ପରିଭ୍ରମଣରେ ଆସିଥିଲେ ।

______________________________

3. କେଉଁ ରାଜା ହର୍ଷବର୍ଦ୍ଧନଙ୍କୁ ପରାସ୍ତ କରିଥିଲେ ?

______________________________

## PENINSULAR INDIA- ଭାରତୀୟ ଉପଦ୍ୱୀପ ଅଞ୍ଚଳ


## 7.5 VAKATAKAS - ବାକଟକ

ଭାରତୀୟ ଉପଦ୍ୱୀପ ଅଞ୍ଚଳରେ ବାକଟକମାନେ ଆଞ୍ଚଳିକ ଶକ୍ତିରୂପେ ଉତ୍ତର ମହାରାଷ୍ଟ୍ର ଏବଂ ବିଦର୍ଭରେ ଆର୍ବିଭୂତ ହେଲେ । ତତ୍‌କାଳନୀନ ବ୍ରାହ୍ମଣମାନଙ୍କୁ ପ୍ରଦତ୍ତ ଭୂମିଦାନ ପଟ୍ଟାକୁ ଆଧାର କରି ବାକଟକମାନଙ୍କ ଇତିହାସ ବିଷୟରେ ସୂଚନା ମିଳିଥାଏ । ବାକଟକ ରାଜବଂଶର ରାଜା ଦ୍ୱିତୀୟ ରୁଦ୍ରସେନ ଗୁପ୍ତବଂଶର ରାଜା ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ କନ୍ୟା ପ୍ରଭାବତୀ ଗୁପ୍ତଙ୍କୁ ବିବାହ କରିଥିଲେ । ସାଂସ୍କୃତିକ ଦୃଷ୍ଟିକୋଣରୁ ବାକଟକରାଜ ବଂଶ ର ଗୁରୁତ୍ୱ ରହିଥିଲା । କାରଣ ଦକ୍ଷିଣ ଭାରତରେ ବ୍ରାହ୍ମଣ୍ୟ ସଂସ୍କୃତିର ପ୍ରସାର ପାଇଁ ଏହା ସହାୟକ ହୋଇଥିଲା ।

## 7.6 CHALUKYAS (SIXTH-EIGHTH CENTURY A.D.) ଚାଲୁକ୍ୟ ବଂଶ (ଷଷ୍ଠ ଖ୍ରୀଷ୍ଟାବ୍ଦରୁ ଅଷ୍ଟମ ଖ୍ରୀଷ୍ଟାବ୍ଦ)

ଷଷ୍ଠ ଖ୍ରୀଷ୍ଟାବ୍ଦର ଆରମ୍ଭରୁ ଚାଲୁକ୍ୟ ବଂଶ ପ୍ରାୟ ଦୁଇଶହ ବର୍ଷ ପର୍ଯ୍ୟନ୍ତ ଦକ୍ଷିଣ ଭାରତରେ ରାଜନୈତିକ ପ୍ରାଧାନ୍ୟ ବିସ୍ତାର କରିଥିଲା । ସେମାନେ ଦକ୍ଷିଣ ପଶ୍ଚିମ ଭାରତର ବାତାପି (କର୍ଣ୍ଣାଟକର ଆଧୁନିକ ବାଦାମି)ଠାରେ ସେମାନଙ୍କର ରାଜଧାନୀ ପ୍ରତିଷ୍ଠା କରିଥିଲେ ।

୬୧୦ ଖ୍ରୀଷ୍ଟାବ୍ଦରୁ ୬୪୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ଦ୍ୱିତୀୟ ପୁଲକେଶୀଙ୍କ ରାଜତ୍ୱ କାଳରେ ଏହି ବଂଶ ଉନ୍ନତିର ଚରମସୀମାଙ୍କୁ ସ୍ପର୍ଶ କରିଥିଲା । ସେ ମହାରାଷ୍ଟ୍ରରେ ନିଜର ସ୍ଥିତି ସୁଦୃଢ଼ କରି ଦାକ୍ଷିଣାତ୍ୟର ବୃହତ୍ ଅଞ୍ଚଳ ଜୟ କରିଥିଲେ । ୬୩୦ ଖ୍ରୀଷ୍ଟାବ୍ଦରେ ସେ ହର୍ଷବର୍ଦ୍ଧନଙ୍କୁ ପରାସ୍ତ କରି ଦକ୍ଷିଣ ପଥେଶ୍ୱର ଉପାଧିରେ ନିଜକୁ ଭୂଷିତ କରିଥିଲେ । ସେ ଯାହାହେଉ ୬୪୨ ଖ୍ରୀଷ୍ଟାବ୍ଦରେ ଦ୍ୱିତୀୟ ପୁଲକେଶୀ ପଲ୍ଲବ ରାଜା ନରସିଂହବର୍ମନ୍‌ଙ୍କ ଦ୍ୱାରା ପରାସ୍ତ ହୋଇ ମୃତ୍ୟୁବରଣ କରିଥିଲେ । ଫଳରେ ଶହ ଶହବର୍ଷ ଧରି ଚାଲୁକ୍ୟବଂଶ ଓ ପଲ୍ଲବବଂଶ ମଧ୍ୟରେ ଚାଲୁଥିବା ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀତାର ଅବସାନ ଦେଖିବାକୁ ମିଳିଲା । ପ୍ରାୟ ୭୫୭ ଖ୍ରୀଷ୍ଟାବ୍ଦ ବେଳକୁ ଏହି ଦୁଇ ପ୍ରମୁଖ ରାଜବଂଶ ଅଧୀନସ୍ଥ କରଦରାଜ୍ୟଗୁଡିକ ସେମାନଙ୍କୁ ସିଂହାସନଚ୍ୟୁତ କରିଥିଲେ । ଏହି କରଦ ରାଜ୍ୟମାନଙ୍କ ମଧ୍ୟରେ




ମାନଚିତ୍ର ୭.୨: ଡେକାନ ଓ ଦକ୍ଷିଣ ଭାରତ

ରାଷ୍ଟ୍ରକୂଟ ବଂଶ ଥିଲା ପ୍ରଧାନ । ସେହି ସମୟରେ କଳା ଏବଂ ସ୍ଥାପତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ସଂଘଠିତ ହୋଇଥିଲା ଏବଂ ସାଂସ୍କୃତିକ ଦୃଷ୍ଟିକୋଣରୁ ଏହି ବଂଶ ପ୍ରାଧାନ୍ୟ ଲାଭ କରିଥିଲା ।

## INTEXT QUESTIONS 7.6 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଚାଲୁକ୍ୟମାନଙ୍କର ରାଜଧାନୀର ନାମ କ'ଣ ଥିଲା ?

_______________________________________

2. ଦ୍ୱିତୀୟ ପୁଲକେଶୀ କେଉଁ ଉପାଧିରେ ଭୂଷିତ ହୋଇଥିଲେ ?

_______________________________________

## 7.7 PALLAVAS - ପଲ୍ଲବ ବଂଶ

ପଲ୍ଲବମାନେ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଏବଂ ଉତ୍ତର ତାମିଲନାଡୁ ଅଞ୍ଚଳରେ ସେମାନଙ୍କର ସ୍ଥିତି ସୁଦୃଢ଼ କରିଥିଲେ । କାଞ୍ଚି ଥିଲା ସେମାନଙ୍କର ରାଜଧାନୀ । ପଲ୍ଲବମାନଙ୍କ ରାଜତ୍ୱ କାଳରେ କାଞ୍ଚି ଏକ ମନ୍ଦିରମୟୀ ନଗରୀ ରୂପେ ପ୍ରାଧାନ୍ୟ ଲାଭ କରିବା ସଙ୍ଗେ ସଙ୍ଗେ ବାଣିଜ୍ୟ ଏବଂ ବ୍ୟବସାୟର ଏକ ପ୍ରମୁଖ କେନ୍ଦ୍ରରୂପେ ପ୍ରତିଷ୍ଠିତ ହୋଇଥିଲା ।

୬୦୦ ଖ୍ରୀଷ୍ଟାବ୍ଦରୁ ୬୩୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ମହେନ୍ଦ୍ରବର୍ମନଙ୍କ ରାଜତ୍ୱକାଳରେ ଏବଂ ୬୩୦ ଖ୍ରୀଷ୍ଟାବ୍ଦରୁ ୬୬୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ନରସିଂହବର୍ମନଙ୍କ ଶାସନ ସମୟରେ ପଲ୍ଲବ ବଂଶ କ୍ଷମତାର



ଟିପ୍ପଣୀ

ଶୀର୍ଷରେ ପହଂଚିପରିଥିଲା । ସେମାନଙ୍କ ରାଜତ୍ୱ କାଳରେ ସେମାନେ ଉତ୍ତରରେ ବାତାପିର ଚାଲୁକ୍ୟବଂଶ ସହିତ ଏବଂ ଦକ୍ଷିଣରେ ତାମିଲ ରାଜ୍ୟ ଚୋଳ ଏବଂ ପାଣ୍ଡ୍ୟମାନଙ୍କ ସହିତ କ୍ରମାଗତ ରାଜନୈତିକ ସଂଘର୍ଷରେ ଲିପ୍ତ ରହିଥିଲେ ।ଚୋଳବଂଶ ପଲ୍ଲବବଂଶକୁ ଦକ୍ଷିଣ ଭାରତରୁ ବିତାଡିତ କରିଥିଲେ ।ସାଂସ୍କୃତିକ ଦୃଷ୍ଟିକକୋଣରୁ ପଲ୍ଲବବଂଶ ରାଜତ୍ୱରେ ପ୍ରାଧାନ୍ୟ ପରିଲିଖିତ ହୋଇଥିଲା । ଦକ୍ଷିଣଭାରତରେ ତାମିଲ ଉକ୍ତିସାହିତ୍ୟର ସହିତ ଦ୍ରାବିଡ ଶୈଳୀରେ କଳା ଓ ସ୍ଥାପତ୍ୟର ଉନ୍ନତି ଥିଲା ପଲ୍ଲବ ରାଜତ୍ୱର ବିଶେଷତ୍ୱ ।

**INTEXT QUESTIONS 7.7 - ପ୍ରତ୍ୟାଶିତ ପୂର୍ବଜ୍ଞାନ**

1. ପଲ୍ଲବମାନଙ୍କର ରାଜଧାନୀର ନାମ କ'ଣ ଥିଲ ?

______________________________

2. ଉତ୍ତରଭାରତରେ ପଲ୍ଲବମାନଙ୍କର ମୁଖ୍ୟ ଶତ୍ରୁ କିଏ କିଏ ଥିଲେ ?

______________________________

## 7.8 ADMINISTRATIVE SYSTEM (C.A.D.300-750) ଶାସନ ବ୍ୟବସ୍ଥା ୩୦୦ ଖ୍ରୀଷ୍ଟାବ୍ଦରୁ ୭୫୦ ଖ୍ରୀଷ୍ଟାବ୍ଦ ମଧ୍ୟର

ମୌର୍ଯ୍ୟବଂଶର ରାଜତ୍ୱ କାଳରେ  ରାଜାଥିଲେ ଶାସନ ବ୍ୟବସ୍ଥାର କେନ୍ଦ୍ରବିନ୍ଦୁ ।ସମସ୍ତ ରାଜନୈତିକ କ୍ଷମତାର ସେ ଅଧିକାରୀଥିଲେ । କିନ୍ତୁ ଗୁପ୍ତବଂଶର ଶାସନ ବ୍ୟବସ୍ଥାରେ କ୍ଷମତାର ବିକେନ୍ଦ୍ରୀକରଣ ହୋଇଥିବା ଦେଖାଯାଏ ।ଅର୍ଥାତ୍ ଗୁପ୍ତ ସାମ୍ରାଜ୍ୟର ବୃହତ୍ ଅଞ୍ଚଳ କରଦରାଜା ତଥା ଆଞ୍ଚଳିକ ମୁଖ୍ୟମାନଙ୍କ ଦ୍ୱାରା ଶାସିତ ହୋଇଥିଲା । ଗୁପ୍ତ ସମ୍ରାଟମାନେ ସେଥିପାଇଁ ମହାରାଜାଧିରାଜ, ପରମଭଟ୍ଟାରକ, ପରମେଶ୍ୱର ଇତ୍ୟାଦି ଆଳକାଂରିକ ଉପାଧିରେ ନିଜକୁ ଭୂଷିତ କରିଥିଲେ ।ସେମାନଙ୍କ ଅଧୀନସ୍ଥ କରଦ ରାଜ୍ୟର ଶାସକମାନେ ନିଜକୁ ରାଜା କିମ୍ବା ମହରାଜା ରୂପେ ଭୂଷିତ କରୁଥିଲେ ।

ଏହି ସମୟ ମଧ୍ୟରେ ବଂଶାନୁକ୍ରମିକ ରାଜତନ୍ତ୍ର ପ୍ରତିଷ୍ଠିତ ହୋଇଥିଲା ।ଶାସନବ୍ୟବସ୍ଥାରେ ରାଜାଥିଲେ ମୁଖ୍ୟ ।ରାଜପୁତ୍ରମାନେ, ମନ୍ତ୍ରୀମଣ୍ଡଳ ଏବଂ ଉପଦେଷ୍ଟା ମଣ୍ଡଳୀ ରାଜାଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରୁଥିଲେ ।ରାଜପୁତ୍ରମାନେ ବିଭିନ୍ନ ପ୍ରଦେଶର ପ୍ରାଦେଶିକ ମୁଖ୍ୟ ରୂପେ ନିଯୁକ୍ତ ହେଉଥିଲେ । ସେ ସମୟରେ ପ୍ରଦେଶଗୁଡିକ ଦେଶ, ରାଷ୍ଟ୍ର ଏବଂ ଭୁକ୍ତିରୂପେ ନାମିତ ହୋଇଥିଲା ଏବଂ ଏହି ପ୍ରାଦେଶିକ ମୁଖ୍ୟଙ୍କୁ ଉପାରିକ କୁହାଯାଉଥିଲା ।ପ୍ରତ୍ୟେକ ପ୍ରଦେଶ କେତୋଗୋଟି ଜିଲ୍ଲାରେ ବିଭକ୍ତ ହୋଇଥିଲା । ଏହି ବିଭାଜିତ ଜିଲାଗୁଡିକ ପ୍ରଦେଶ ବା ବିଷୟ ନାମରେ ନାମିତ ହୋଇଥିଲା । ବିଷୟର ମୁଖ୍ୟ ଥିଲେ ବିଷୟପତି ।ପ୍ରତ୍ୟେକ ବିଷୟ କେତୋଟି ଗ୍ରାମରେ ବିଭକ୍ତ ହୋଇଥିଲା । ଗ୍ରାମର ମୁଖ୍ୟଙ୍କୁ ଗ୍ରାମାଧକ୍ଷ କୁହାଯୋଉଥିଲା ।ଗ୍ରାମାଧକ୍ଷ ଗ୍ରାମର ବରିଷ୍ଠ ବ୍ୟକ୍ତିମାନଙ୍କ ସହାୟତାରେ ଗ୍ରାମର ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ ।ଗୁପ୍ତରାଜତ୍ୱ ସମୟରେ ଶିଳ୍ପୀ ଏବଂ ବଣିକଗୋଷ୍ଠୀ ସହରୀ ଶାସନ ବ୍ୟବସ୍ଥାରେ ପ୍ରତ୍ୟକ୍ଷ ଭାବରେ ଅଂଶଗ୍ରହଣ କରୁଥିଲେ । ମୌର୍ଯ୍ୟ ଶାସନ ତନ୍ତ୍ର ତୁଳନାରେ ଗୁପ୍ତ ଶାସନତନ୍ତ୍ର ବିଶାଳ ନ ଥିଲା । ଗୁପ୍ତ ରାଜତ୍ୱ ବ୍ୟବସ୍ଥାରେ କେନ୍ଦ୍ରୀୟ ଉଚ୍ଚାଧିକାରୀମାନଙ୍କୁ କୁମାରମାତ୍ୟ କୁହାଯାଉଥିଲା । ମନ୍ତ୍ରୀ ଏବଂ ସେନାପତିଙ୍କ ପରି ପ୍ରଧାନ କର୍ମଚାରୀମାନଙ୍କୁ ଦକ୍ଷତା ଓ ଅଭିଜ୍ଞତା ଅନୁସାରେ ନିଯୁକ୍ତି ଦିଆଯାଉଥିଲା । ଶାସନଗତ ପଦବୀଗଡିକ କେବଳ ବଂଶାନୁକ୍ରମିକ ଥିଲା, ତାହା ନୁହେଁ, ଏଥିସହିତ ସେମାନଙ୍କୁ ଅଧିକ କ୍ଷମତା ମଧ୍ୟ ପ୍ରଦାନ କରାଯାଉଥିଲା ।ସମୁଦ୍ରଗୁପ୍ତଙ୍କ ରାଜସଭାର ରାଜକବି ହରିସେନ ଆଲ୍ଲାହାବାଦ ପ୍ରଶସ୍ତିର ରଚୟିତାଥିଲେ । ଏଥି ସହିତ ଗୁପ୍ତ ଶାସନ ବ୍ୟବସ୍ଥାରେ ସେ ମୁଖ୍ୟ ନ୍ୟାୟାଧୀଶ ଏବଂ ମହାସନ୍ଧି ବିଗ୍ରହକ ବା ଯୁଦ୍ଧ ଓ ଶାନ୍ତିର  ମନ୍ତ୍ରୀ ରୂପେ କାର୍ଯ୍ୟକରୁଥିଲେ । ଅନେକ ସମୟରେ ରାଜା ଉଚ୍ଚପଦାଧିକାରୀମାନଙ୍କୁ ନିଯୁକ୍ତି ଦେଉଥିଲେ ।କିନ୍ତୁ ବଂଶାନୁକ୍ରମିକ ବ୍ୟବସ୍ଥା କ୍ରମଶଃ ରାଜ୍ୟଶାସନ ବ୍ୟବସ୍ଥା ଉପରେ ରାଜାଙ୍କ ନିୟନ୍ତ୍ରଣକୁ ଦୁର୍ବଳ କରିଦେବାର ସମ୍ଭାବନା ଥିଲା ।

## ଗୁପ୍ତବଂଶ (ଖ୍ରୀ:ଅ:୩୦୦-ଖ୍ରୀ:ଅ:୭୫୦)

ଗୁପ୍ତ ରାଜତ୍ୱ କାଳରେ ଭୂମିକର ଆଶାତୀତ ଭାବରେ ବୃଦ୍ଧିପାଇଥିଲା । ଏହି ଭୂମିକରର ଅନ୍ୟନାମ ଥିଲା ବଳି । ଜମିର ଉତ୍ପାଦନ କ୍ଷମତା ଅନୁସାରେ ଏହିକର ଏକ ଚତୁର୍ଥାଂଶ ବା ଏକ ଷଷ୍ଠମାଂସ ଧାର୍ଯ୍ୟ କରାଯାଇଥିଲା । ଗୁପ୍ତ ଶିଳାଲେଖର ବର୍ଣ୍ଣନା ଅନୁସାରେ ସେ ସମୟରେ ଉପରିକର ଏବଂ ଉଦ୍‌ରଙ୍ଗ ନାମକ ଦୁଇ ପ୍ରକାର କୃଷିକର ଆଦାୟ ହେଉଥିଲା । ମାତ୍ର ଏହାର ବାସ୍ତବ ସ୍ୱରୂପ ସୁସ୍ପଷ୍ଟ ନୁହେଁ । ଏଥି ସହିତ କୃଷକ ଆଞ୍ଚଳିକ ଶାସକଙ୍କ ଦାବି ମଧ ପୂରଣ କରୁଥିଲେ । ପୁନଶ୍ଚ ରାଜାଙ୍କ ସେନାବାହିନୀର ଖର୍ଚ୍ଚ ମଧ ସେମାନେ ତୁଲାଉଥିଲେ । ବେଳେବେଳେ ଗ୍ରାମବାସୀ ଦାଦନ ଭାବରେ ମଧ କାର୍ଯ୍ୟ କରୁଥିଲେ । ଏହାକୁ ଭିଷ୍ଟି କୁହାଯାଉଥିଲା ।

ପୂର୍ବାପେକ୍ଷା ଗୁପ୍ତ ଶାସନ ସମୟରେ ନ୍ୟାୟବ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥିଲା । ଏହି ସମୟରେ ପ୍ରଥମ ଥର ପାଇଁ ପରିଷ୍କାର ଭାବରେ ଜମିଜମା ସଂକ୍ରାନ୍ତୀୟ ଆଇନ ଓ ଦଣ୍ଡବିଧି ଆଇନ୍ ପ୍ରଣିତ ହୋଇଥିଲା । ବିସ୍ତୃତ ଭାବରେ ଉତ୍ତରାଧିକାର ଆଇନ୍ ପ୍ରଣୟନ କରାଯାଇଥିଲା । ଚୋରୀ ଏବଂ ଧର୍ଷଣ ଇତ୍ୟାଦି ଅପରାଧ ପାଇଁ ଦଣ୍ଡବିଧି ଆଇନ୍ ପ୍ରଣିତ ହୋଇଥିଲା । ରାଜା ବ୍ରାହ୍ମଣମାନଙ୍କ ସହାୟତାରେ ମକଦ୍ଦମାଗୁଡିକର ବିଚାର କରୁଥିଲେ । ଶ୍ରେଣୀ ବା ଗିଲ୍ଡ, ବଣିକଗୋଷ୍ଠୀ ଏବଂ ଶିଳ୍ପୀଗୋଷ୍ଠୀ ସେମାନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା ଆଇନ୍ ଅନୁସାରେ ଶାସିତ ହେଉଥିଲେ ।

ହର୍ଷବର୍ଦ୍ଧନ ଶାସନ କ୍ଷେତ୍ରରେ ଗୁପ୍ତମାନଙ୍କର ପଦାଙ୍କ ଅନୁସରଣ କରିଥିଲେ । କିନ୍ତୁ ତାଙ୍କ ରାଜତ୍ୱ କାଳରେ ଶାସନ ବ୍ୟବସ୍ଥା ଅଧିକ ବିକେନ୍ଦ୍ରୀକରଣ ହେବା ସହିତ ଶାସକଗୋଷ୍ଠୀଙ୍କ ସଂଖ୍ୟା ବୃଦ୍ଧିପାଇଥିଲା । ହର୍ଷଙ୍କ ସମୟରେ ରାଜକୀୟ କର୍ମଚାରୀ ତଥା ଧର୍ମନିଷ୍ଠ ମୁଖ୍ୟଙ୍କୁ ଭୂମିପଟ୍ଟା ପ୍ରଦାନ କରାଯାଉଥିଲା । ଫଳରେ ହର୍ଷଙ୍କ ପରବର୍ତ୍ତୀ ସମୟରେ ସାମନ୍ତବାଦର ଉତ୍‌ଥାନ ଦେଖିବାକୁ ମିଳିଥିଲା ।

ହର୍ଷ ବର୍ଦ୍ଧନଙ୍କ ସାମ୍ରାଜ୍ୟରେ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ଉନ୍ନତଧରଣର ନ ଥିଲା । ହୁଏନ ସାଂ ତାଙ୍କ ଭାରତ ପରିଭ୍ରମଣ ସମୟରେ ଦୁଇଥର ଡକାୟତମାନଙ୍କ ଆକ୍ରମଣର ଶିକାର ହୋଇଥିଲେ । ଅନ୍ୟପକ୍ଷରେ ଫା-ହିୟାନ୍ ତାଙ୍କ ଭାରତ ପରିଭ୍ରମଣ ସମୟରେ ଗୁପ୍ତ ରାଜତ୍ୱ କାଳରେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲେ ।

### INTEXT QUESTIONS 7.8 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଗୁପ୍ତ ସମ୍ରାଟ୍‌ମାନେ କେଉଁ ଉପାଧିରେ ନିଜକୁ ଭୂଷିତ କରୁଥିଲେ ?

______________________________

2. ଗୁପ୍ତ ସମୟରେ ପ୍ରଦେଶଗୁଡିକୁ କ'ଣ କୁହାଯାଉଥିଲା ।

______________________________

3. ଗୁପ୍ତ ରାଜତ୍ୱ ସମୟରେ ସର୍ବକନିଷ୍ଠ ରାଜନୈତିକ ସଂଗଠନର ନାମ କ'ଣ ଥିଲା ?

______________________________

4. କେଉଁମାନଙ୍କୁ କୁମାରମାତ୍ୟ କୁହାଯାଉଥିଲା ?

______________________________

5. ଗୁପ୍ତ ଶାସନ ସମୟରେ ଧାର୍ଯ୍ୟ ହୋଇଥିବା ଦୁଇଟି କରର ନାମ କ'ଣ ?

______________________________

6. ହର୍ଷଙ୍କ ସମୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି କିପରି ଥିଲା ?

______________________________

## 7.9 SOCIETY - ସମାଜ

ଗୁପ୍ତ ରାଜତ୍ୱ ସମୟର ସାମାଜିକ ଅବସ୍ଥାରେ ପରିବର୍ତ୍ତନ ସଂଘଠିତ ହୋଇଥିଲା । ସମାଜରେ ବ୍ରାହ୍ମଣମାନଙ୍କ ପ୍ରାଧାନ୍ୟ ବୃଦ୍ଧି ପାଇଥିଲା । ସେମାନେ ଏହି ସମୟରେ ରାଜା ତଥା ସମ୍ଭ୍ରାନ୍ତମାନଙ୍କଠାରୁ ଭୂମିଦାନ ପାଉଥିଲେ । ଏଥି ସହିତ ବ୍ରାହ୍ମଣମାନେ ଜମିର ମାଲିକାନା ସତ୍ତ୍ୱ ପାଇବା ସହ ସେମାନଙ୍କୁ କରଭାରରୁ ମୁକ୍ତି ଦିଆଯାଉଥିଲା । ଫଳରେ ଏକ ନୂତନ ଜମିଦାର ବ୍ରାହ୍ମଣ ଶ୍ରେଣୀର ଉନ୍ମେଷ ଘଟିଲା । ରାଜାଙ୍କ ସହାୟତାରେ ସେମାନେ କୃଷକମାନଙ୍କୁ ଶୋଷଣ କରିବାକୁ ଲାଗିଲେ ।

ଏହି ସମୟରେ ଜାତିପ୍ରଥା ଜଟିଳ ଆକାର ଧାରଣା କରିଥିବା ଜଣାଯାଏ । ବ୍ରାହ୍ମଣମାନଙ୍କ ଦ୍ୱାରା ସ୍ଥିରିକୃତ ସାମାଜିକ ଶ୍ରେଣୀକୁ ସମସ୍ତେ ଗ୍ରହଣ କରିନେଇଥିଲେ । ବିଦେଶୀ ହୁଣମାନେ ମଧ ଏଥିରେ ସାମିଲ ହୋଇଯାଇଥିଲେ । ବିଦେଶୀମାନେ ଏବଂ ବିଭିନ୍ନ ସଂପ୍ରଦାୟର ମୁଖ୍ୟମାନେ କ୍ଷତ୍ରୀୟ ରୂପେ ପରିଗଣିତ ହେଉଥିଲେ । ସାଧାରଣ ଲୋକମାନେ ଶୂଦ୍ର ଜାତିର ଅର୍ନ୍ତଭୁକ୍ତ ହୋଇଥିଲେ ।

ଏହି ସମୟରେ ଶୂଦ୍ରମାନଙ୍କ ଜୀବନଧାରାରେ ଉନ୍ନତି ପରିଲକ୍ଷିତ ହେଲା । ସେମାନଙ୍କୁ ରାମାୟଣ, ମହାରାରତ ଓ ପୁରାଣ ଶୁଣିବାକୁ ଅନୁମତି ପ୍ରଦାନ କରାଗଲା । ପୂର୍ବରୁ ନିଷିଦ୍ଧ ଥିବା କେତେକ ସାମାଜିକ ଧର୍ମପାଳନ ସେମାନେ ନିଜ ଗୃହରେ କରିପାରିଲେ । ସପ୍ତମ ଶତାବ୍ଦୀରେ ହୁଏନ ସାଂ ଶୁଦ୍ରମାନଙ୍କୁ କୃଷକ ଏବଂ ବୈଶ୍ୟମାନଙ୍କୁ ବଣିକ ବୋଲି ବର୍ଣ୍ଣନା କରିଥିଲେ । ଶୂଦ୍ରମାନଙ୍କ ତଳକୁ ଆଉ ଏକ 'ନୀଚ' ଶ୍ରେଣୀ ରହିଥିଲା । ସେମାନେ ଅଛୁଆଁ ଜାତି ବୋଲି ବିବେଚିତ ହେଉଥିଲେ । ସେମାନଙ୍କର ସାମାଜିକ ସ୍ଥିତି ଶୂଦ୍ରମାନଙ୍କ ଅପେକ୍ଷା ଅଧିକ ଶୋଚନୀୟ ଥିଲା ।

ଅଛୁଆଁ ଜାତିକୁ ଚଣ୍ଡାଳ ବୋଲି କୁହାଯାଉଥିଲା । ସେମାନେ କଂସେଇ ଓ ସଫେଇ କାର୍ଯ୍ୟ ପରି ଅପରିଷ୍କାର କାର୍ଯ୍ୟ କରୁଥିଲେ । ଚୀନ୍ ପରିବ୍ରାଜକ ଫାହିୟାନଙ୍କ ବର୍ଣ୍ଣନା ଅନୁଯାୟୀ ଯେତେବେଳେ ଏହି ଚଣ୍ଡାଳମାନେ କୌଣସି ବଜାର କିମ୍ୱା ସହର ମଧକୁ ପ୍ରବେଶ କରୁଥିଲେ, ସେମାନେ କାଠରେ ତିଆରି ଏକ ବାଦ୍ୟଜନ୍ତ୍ରକୁ ବଜାଇ ନିଜର ଉପସ୍ଥିତି ଜଣାଇ ଦେଉଥିଲେ । ଫଳରେ ଅନ୍ୟଜାତିମାନେ ସତର୍କ ହେଉଥିଲେ କାଳେ ସେମାନେ ତାଙ୍କୁ ଛୁଇଁ ଦେଲେ ଛୁଆଁ ହୋଇଯିବେ ।

ସମସାୟକିକ ଧର୍ମଶାସ୍ତ୍ରମାନଙ୍କରେ କ୍ରିତଦାସ ପ୍ରଥା ସେତେବେଳେ ପ୍ରଚଳିତ ଥିଲା ବୋଲି ଜଣାଯାଏ । ନାରଦ ସ୍ମୃତିରେ ୧୫ ପ୍ରକାର କ୍ରିତଦାସଙ୍କ କଥା ବର୍ଣ୍ଣନା କରାଯାଇଅଛି । ସେମାନେ ମଖ୍ୟତଃ ଗୃହ ଚାକର ରୂପେ ସଫାକରିବା ବା ପରିଷ୍କାର ପରିଚ୍ଛନ୍ନ କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ଯୁଦ୍ଧ ବନ୍ଦୀ, ଋଣ ପରିଶୋଧ ନ କରିଥିବା ବ୍ୟକ୍ତି ଏବଂ ଦାସୀପୁତ୍ରମାନଙ୍କୁ କ୍ରିତଦାସ ବୋଲି କୁହାଯାଉଥିଲା ।

ଗୁପ୍ତ ଯୁଗରେ ନାରୀମାନଙ୍କ ସ୍ଥାନ ସମାଜରେ କ୍ରମଶଃ ନିମ୍ନଗାମୀ ହୋଇଥିଲା । ଏହାର ମୁଖ୍ୟ କାରଣ ଥିଲା ଗୁପ୍ତଯୁଗରେ ନାରୀମାନେ ସେମାନଙ୍କର ଜୀବନ ଧାରଣ ପାଇଁ ପୁରୁଷମାନଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିଲେ । ସେମାନଙ୍କର ଜମି ଉପରେ ଅଧିକାର ନ ଥିଲା । ମାତ୍ର ବିବାହ ସମୟରେ ନାରୀ ପାଇଥିବା ସ୍ତ୍ରୀଧନ ଉପହାର ଓ ଅନ୍ୟାନ୍ୟ ଦ୍ରବ୍ୟ ଉପରେ ନାରୀର ଅଧିକାର ଥିଲା । ସମାଜରେ ପରଦା ପ୍ରଥା ପ୍ରଚଳିତ ନ ଥିଲା । କାରଣ ଗୁପ୍ତଯୁଗର ନାରୀର କଳା ଭାର୍ସ୍ୟରେ ମୁକ୍ତଭାବରେ ପ୍ରତିଫଳନ ରହିଥିଲା । ସେତେବେଳେ ସତୀପ୍ରଥା ପ୍ରଚଳିତ ଥିବାର ଜଣାଯାଏ । ୫୧୦ ଖ୍ରୀଷ୍ଟାବ୍ଦରେ ମଧ ପ୍ରଦେଶର ଏରାନ୍ ଶିଳାଲେଖରେ ପ୍ରଥମ ସତୀଦାହ ପ୍ରଥାର ବର୍ଣ୍ଣନା ଦେଖିବାକୁ ମିଳେ । ବାଣଭଟ୍ଟଙ୍କ ରଚିତ ହର୍ଷଚରିତର ବର୍ଣ୍ଣନା ଅନୁଯାୟୀ ପ୍ରଭାକରବର୍ଦ୍ଧନଙ୍କ ମୃତ୍ୟୁପରେ ତାଙ୍କ ରାଣୀ ସତୀବ୍ରତ ପାଳନ କରିଥିଲେ । ଏପରିକି ହର୍ଷବର୍ଦ୍ଧନଙ୍କ ଭଗ୍ନୀ ରାଜଶ୍ରୀଙ୍କ ସ୍ୱାମୀଙ୍କ ମୃତ୍ୟୁରେ ସେ ସତୀବ୍ରତ ପାଳନ କରିବାକୁ ଯିବାବେଳେ ହର୍ଷବର୍ଦ୍ଧନ ତାଙ୍କୁ ଉଦ୍ଧାର କରିଥିଲେ ।

## INTEXT QUESTIONS 7.9 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ହୁଏନସାଂ ଶୁଦ୍ରମାନଙ୍କୁ କ'ଣ ବୋଲି ବର୍ଣ୍ଣନା କରିଛନ୍ତି ?

ଟିପ୍ପଣୀ

2. ସ୍ତ୍ରୀ ଧନ କ'ଣ ?

_______________

3. ଆମେ କେଉଁ ଶିଳାଲେଖରୁ ସତୀପ୍ରଥା ସମ୍ବନ୍ଧରେ ସୂଚନା ପାଉ ?

_______________

## 7.10 ECONOMY - ଅର୍ଥନୀତିକ ଅବସ୍ଥା

ଚତୁର୍ଥ ଖ୍ରୀଷ୍ଟାବ୍ଦଠାରୁ ଅଷ୍ଟମ ଖ୍ରୀଷ୍ଟାବ୍ଦ ମଧ୍ୟରେ କୃଷି କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ପରିଲକ୍ଷିତ ହୋଇଥିଲା । କୃଷି ହୋଇ ନ ଥିବା ବିଶାଳ ଅଞ୍ଚଳକୁ କୃଷିଉପଯୋଗୀ ଜମିରେ ରୂପାନ୍ତରିତ କରି ଉନ୍ନତ କୃଷି ପ୍ରଣାଳୀ ପ୍ରୟୋଗ କରି ପ୍ରଚୁର ଉତ୍ପାଦନ କରାଯାଇ ପାରିଲା । ଲୌହଲଙ୍ଗଳରେ ଚାଷକରିବା, ସାରପ୍ରୟୋଗ ଏବଂ ଜଳସେଚନ ଉପରେ ଲୋକମାନଙ୍କୁ ସଚେତନ କରାଯାଇ ପଶୁ ପାଳନ ଉପରେ ଗୁରୁତ୍ୱ ଦେବା ଫଳରେ ଆର୍ଥିକ ଦୃଷ୍ଟିରୁ ଅନୁନ୍ନତ ଗ୍ରାମାଞ୍ଚଳର ସମୃଦ୍ଧି କରାଯାଇ ପାରିଲା । ଏସବୁ ସତ୍ତ୍ୱେ କୃଷକମାନଙ୍କୁ କିଛି ସୁଫଳ ମିଳିପାରି ନ ଥିଲା, କାରଣ ସେ କର ଭାରରେ ଉତ୍ପୀଡିତ ହେଉଥିଲେ ।

ଗୁପ୍ତ ରାଜତ୍ୱ ତଥା ପରବର୍ତ୍ତୀ ସମୟରେ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ବିଶେଷ ଉନ୍ନତି ହୋଇ ପାରି ନ ଥିଲା । ୫୫୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଭାରତ ପ୍ରାଚୀନ ରୋମାନ୍ ସାମ୍ରାଜ୍ୟକୁ ରେଶମ ଏବଂ ମସଲା ନିରବଚ୍ଛିନ୍ନ ଭାବରେ ରପ୍ତାନୀ କରିଆସୁଥିଲା । ଷଷ୍ଠ ଖ୍ରୀଷ୍ଟାବ୍ଦ ବେଳକୁ ରୋମାନ୍‌ମାନେ ରେଶମ ତିଆରିକରିବା ଶିଖିଗଲେ । ଫଳରେ ଭାରତର ବହିଃବାଣିଜ୍ୟ ଗଭୀର ଭାବରେ କ୍ଷତିଗ୍ରସ୍ତ ହେଲା । ଉତ୍ତର ପଶ୍ଚିମ ବାଣିଜ୍ୟ ପଥ ହୁଣମାନଙ୍କ ଦ୍ୱାରା ଅବରୋଧ ହେତୁ ଭାରତୀୟ ବର୍ହିଃବାଣିଜ୍ୟର ବିଳୟ ଘଟିଲା । ଏହି କ୍ଷତିକୁ ଭରଣା କରିବା ପାଇଁ ଭାରତ ଦକ୍ଷିଣପୂର୍ବ ଏସୀୟ ରାଜ୍ୟଗୁଡିକ ସହ ବର୍ହିଃବାଣିଜ୍ୟ ସମ୍ପର୍କ ପାଇଁ ଚେଷ୍ଟା କଲା । କିନ୍ତୁ ଏହା ଦ୍ୱାରା ଅର୍ଥନୀତିକ ଅବସ୍ଥା ସୁଧୁରି ପାରିଲା ନାହିଁ । ଏହି କ୍ଷତି ଯୋଗୁ ଭାରତର ସ୍ୱର୍ଣ୍ଣ ଏବଂ ରୌପ୍ୟ ଆମଦାନୀ ମଧ୍ୟ ବାଧାପ୍ରାପ୍ତ ହେଲା । ଗୁପ୍ତମାନଙ୍କ ପରେ ଅନ୍ୟମାନେ ସେପରି ସ୍ୱର୍ଣ୍ଣମୁଦ୍ରା ଆଉ ପ୍ରଚଳନ କରିପାରିନ ଥିଲେ ।

ଗୁପ୍ତ ରାଜାମାନେ ଅସଂଖ୍ୟ ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରିଥିଲେ । ଏଗୁଡିକୁ ଦିନାର୍ ବୋଲି କୁହାଯାଉଥିଲା । କିନ୍ତୁ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ପରେ ଅନ୍ୟ ଗୁପ୍ତ ସମ୍ରାଟ୍‌ମାନଙ୍କ ଦ୍ୱାରା ପ୍ରଚଳିତ ସ୍ୱର୍ଣ୍ଣମୁଦ୍ରାରେ ଅଳ୍ପ ସ୍ୱର୍ଣ୍ଣ ଓ ଅଧିକ ଖାଦ ଥିବାର ଲକ୍ଷ୍ୟ କରାଯାଏ । ଗୁପ୍ତ ରାଜତ୍ୱପରେ ପରବର୍ତ୍ତୀ ବିଭିନ୍ନ ରାଜବଂଶର କ୍ୱଚିତ୍ ରାଜାମାନେ ଅଳ୍ପ ସଂଖ୍ୟକ ମୁଦ୍ରା ପ୍ରଚଳନ କରିଥିବାର ଦେଖାଯାଏ । ତେଣୁ ଗୁପ୍ତବଂଶର ପତନ ପରେ ମୂଲ୍ୟବାନ ମୁଦ୍ରାର ଅନୁପସ୍ଥିତି ତଥା ସୀମିତ ବ୍ୟବସାୟ ବାଣିଜ୍ୟକୁ ଲକ୍ଷ୍ୟକରି କୁହାଯାଇପାରେ ଯେ, ସେ ସମୟରେ ଏକ ଆତ୍ମନିର୍ଭରଶୀଳ ସମୃଦ୍ଧ ଅର୍ଥନୈତିକ ଅବସ୍ଥା ନ ଥିଲା ।

## INTEXT QUESTIONS 7.10 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ପ୍ରାଚ୍ୟ ରୋମାନ୍ ସାମ୍ରାଜ୍ୟକୁ ଭାରତ ରପ୍ତାନୀ କରୁଥିବା ଦ୍ରବ୍ୟଗୁଡିକ କ'ଣ କ'ଣ ଥିଲା ।

_______________

2. ଗୁପ୍ତମାନଙ୍କ ଦ୍ୱାରା ପ୍ରଚଳିତ ସ୍ୱର୍ଣ୍ଣମୁଦ୍ରାକୁ କ'ଣ କୁହାଯାଉଥିଲା ?

_______________

## 7.11 LITERATURE - ସାହିତ୍ୟ

ଗୁପ୍ତ ଯୁଗକୁ କଳା ଓ ସାହିତ୍ୟର ସୁବର୍ଣ୍ଣଯୁଗ ବୋଲି କୁହାଯାଏ ।

ଅସଂଖ୍ୟ ଧାର୍ମିକ ଓ ଧର୍ମନୀରପେକ୍ଷ ସାହିତ୍ୟିକ ରଚନାର ସୃଷ୍ଟି ଏହି ଯୁଗରେ ଦେଖିବାକୁମିଳେ । ଚତୁର୍ଥ ଖ୍ରୀଷ୍ଟାବ୍ଦରେ ରାମାୟଣ ଓ ମହାଭାରତ ପରି ବିଶାଳ ଧର୍ମଶାସ୍ତ୍ର ପୂର୍ଣ୍ଣାଙ୍ଗରୂପ ନେଇଥିଲା ।



ଟିପ୍ପଣୀ



ଏହି ଦୁଇ ମହାନ ଗ୍ରନ୍ଥରେ ପାପ ଉପରେ ପୁଣ୍ୟର ବିଜୟ କଥା ବର୍ଣ୍ଣନା କରାଯାଇଛି । ଉଭୟ ରାମ ଏବଂ କୃଷ୍ଣ ବିଷ୍ଣୁଙ୍କର ଅବତାର ବୋଲି ବର୍ଣ୍ଣନା କରାଯାଇଅଛି ।

ଗୁପ୍ତ ଯୁଗରେ ସର୍ବ ପ୍ରଥମେ ପୁରାଣ ରଚନା କରାଯାଇଥିଲା । ହିନ୍ଦୁ ଦେବାଦେବୀମାନଙ୍କୁ ଉପବାସ ଏବଂ ତୀର୍ଥ ପରିଭ୍ରମଣ ଦ୍ୱାରା କିପରି ସନ୍ତୁଷ୍ଟ କରାଯାଇପାରିବ ତାହା ପୁରାଣରେ ବର୍ଣ୍ଣନା କରାଯାଇ ଅଛି । ଏହି ସମୟରେ ରଚିତ ହୋଇଥିବା ମୁଖ୍ୟ ପୁରାଣଗୁଡିକ ହେଲା ବିଷ୍ଣୁ ପୁରାଣ, ବାୟୁ ପୁରାଣ ଏବଂ ମତ୍ସ ପୁରାଣ । ଶିବଙ୍କର ଉପାସନା ପାଇଁ ଶିବ ପୁରାଣ ରଚିତ ହୋଇଥିଲା । ବିଷ୍ଣୁଙ୍କର ବିଭିନ୍ନ ଅବତାରମାନଙ୍କର କଳା ବରାହପୁରାଣ, ବାମନ ପୁରାଣ ଏବଂ ନରସିଂହପୁରାଣରେ ବର୍ଣ୍ଣନା କରାଯାଇଅଛି । ସାଧାରଣ ଲୋକ ଏହାକୁ ଅଧ୍ୟୟନ କରି ପୂଜା କରିବା ପାଇଁ ଏହା ଉଦ୍ଦିଷ୍ଟ ଥିଲା । ଗୁପ୍ତଯୁଗରେ କେତେକ ସ୍ମୃତି ଶାସ୍ତ୍ର ବା ନ୍ୟାୟ ଶାସ୍ତ୍ର ରଚିତ ହୋଇଥିଲା । ସେଥି ମଧ୍ୟରୁ ନାରଦ ସ୍ମୃତି ପ୍ରଚଳିତ ସାମାଜିକ ଓ ଅର୍ଥନୀତିକ ନୀତି ଓ ନିୟମ ଉପରେ ଆଲୋକପାତ କରିଥାଏ ।

ଗୁପ୍ତଯୁଗର ସାହିତ୍ୟ ସଂସ୍କୃତ ଭାଷାରେ ରଚିତ ହୋଇଥିଲା । ଗୁପ୍ତଯୁଗର କବିମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଥିଲେ କାଳିଦାସ । ସେ ପଞ୍ଚମ ଖ୍ରୀଷ୍ଟାବ୍ଦରେ ଗୁପ୍ତ ସମ୍ରାଟ୍ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ରାଜସଭା ମଣ୍ଡନ କରିଥିଲେ । ତାଙ୍କ ରଚିତ କାବ୍ୟ କବିତାଗୁଡିକ ଅତ୍ୟନ୍ତ ଉଚ୍ଚକୋଟୀର ଥିବାରୁ ବିଭିନ୍ନ ଇଉରୋପୀୟ ଭାଷାରେ ଏହା ଅନୁବାଦ କରାଯାଇଅଛି । ତାଙ୍କର ପ୍ରସିଦ୍ଧ ରଚନାଗୁଡିକ ମଧ୍ୟରେ ମେଘଦୂତମ୍, ଅଭିଜ୍ଞାନସକୁନ୍ତଳମ୍, ରଘୁବଂଶମ୍, କୁମାରସମ୍ଭବମ୍ ଏବଂ ଋତୁସଂହାର ପ୍ରଧାନ ଥିଲା । ତାଙ୍କ ରଚିତ କାବ୍ୟଗୁଡିକର ମୁଖ୍ୟ କଥା ହେଉଛି ଯେ ଉଚ୍ଚଲୋକମାନେ ସଂସ୍କୃତ ଭାଷା କହିବା ବେଳେ ନିଚଜାତିର ଲୋକେ ଏବଂ ନାରୀମାନେ ପ୍ରାକୃତଭାଷାରେ କର୍ଥବାର୍ତ୍ତା କରନ୍ତି । ଏହି ଯୁଗର ଅନ୍ୟ ପ୍ରସିଦ୍ଧ ନାଟ୍ୟକାରଥିଲେ ଶୁଦ୍ରକ ଓ ବିଶାଖାଦତ୍ତ । ଶୁଦ୍ରକ 'ମୃଛକଟିକମ୍' ରଚନା କରିଥିବାବେଳେ ବିଶାଖାଦତ୍ତ 'ମୁଦ୍ରାରାକ୍ଷସ 'ନାଟକ ରଚନା କରିଥିଲେ ।

ସପ୍ତମ ଖ୍ରୀଷ୍ଟାବ୍ଦରେ ହର୍ଷବର୍ଦ୍ଧନଙ୍କ ରାଜସଭାର କବି ବାଣଭଟ୍ଟ ହର୍ଷଚରିତ ରଚନା କରିଥିଲେ । ହର୍ଷବର୍ଦ୍ଧନଙ୍କ ପୃଷ୍ଠପୋଷକତା ଯୋଗୁ ସେ ହର୍ଷବର୍ଦ୍ଧନଙ୍କୁ ପ୍ରଶଂସା କରି ଏହାକୁ ରଚନା କରିଥିଲେ । ପରବର୍ତ୍ତୀ କାଳର ଲେଖକମାନଙ୍କୁ ଏପରି ରଚନା ପ୍ରେରଣା ଯୋଗାଇଥିଲା । ହର୍ଷରଚିତକୁ ଆଧାର କରି ହର୍ଷବର୍ଦ୍ଧନଙ୍କ ଆଦ୍ୟ ଇତିହାସ ରଚନା କରାଯାଇପାରିଲା । ବାଣଭଟ୍ଟଙ୍କ ଅନ୍ୟ ଏକ ରଚନା ଥିଲା 'କାଦମ୍ବରୀ' । ହର୍ଷବର୍ଦ୍ଧନ ନିଜେ ଜଣେ ସାହିତ୍ୟାନୁରାଗୀ ସମ୍ରାଟ୍ ଥିଲେ । ସେଥିପାଇଁ ସେ 'ପ୍ରିୟଦର୍ଶୀକା' 'ନାଗାନନ୍ଦ' ଏବଂ 'ରତ୍ନାବଳୀ' ନାମକ ତିନୋଟି ନାଟକ ରଚନା କରିଛନ୍ତି ।

ଦକ୍ଷିଣ ଭାରତରେ ଖ୍ରୀଷ୍ଟାବ୍ଦ ୫୫୦ରୁ ୭୫୦ ମଧ୍ୟରେ ତାମିଲ ଭାଷାରେ ଭକ୍ତି ସାହିତ୍ୟର ଉନ୍ନତି ପରିଲକ୍ଷିତ ହୋଇଥିଲା । ବୈଷ୍ଣବ ସନ୍ଥ ଏବଂ ଶୈବସନ୍ଥ ଯଥାକ୍ରମେ ଭଗବାନ ବିଷ୍ଣୁ ଏବଂ ଶିବଙ୍କ ଉଦ୍ଦେଶ୍ୟରେ ଏହି ଭକ୍ତି ସଂଗୀତ ରଚନା କରିଥିଲେ । ଏହି ବୈଷ୍ଣବ ସନ୍ଥମାନଙ୍କୁ ଅଲଭର ଏବଂ ଶୈବ ସନ୍ଥମାନଙ୍କୁ ନୟନାର କୁହାଯାଉଥିଲା । ଅନ୍ଦଲ ଥିଲେ ଜଣେ ପ୍ରସିଦ୍ଧ ମହିଳା ବୈଷ୍ଣବ ସନ୍ଥ । ବୈଷ୍ଣବ ଭକ୍ତିସଂଗୀତଗୁଡିକ ପରବର୍ତ୍ତୀ ସମୟରେ କ୍ରମାନ୍ୱୟରେ ସଂଗୃହିତ ହୋଇ 'ନଳବୀର ପ୍ରବନ୍ଧମ୍' ନାମ-କ ଏକ ପୁସ୍ତକରେ ସ୍ଥାନ ପାଇଲା । ସେହିପରି ଶୈବ ଭକ୍ତିସଙ୍ଗୀତଗୁଡିକ ଦେବରାମା ନାମକ ଏକ ପୁସ୍ତକରେ ସନ୍ନିବେଶିତ ହୋଇଥିଲା ।

## INTEXT QUESTIONS 7.11 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ପୁରାଣ କ'ଣ ?

   ______________________________

2. ଅନ୍ଦଲ କିଏ ?

   ______________________________

3. ନୟନାର ଭକ୍ତି ସାହିତ୍ୟ କାହାକୁ କୁହାଯାଏ ?

   ______________________________

ଟିପ୍ପଣୀ

## 7.12 ART & ARCHITECTIRE- କଳା ଏବଂ ସ୍ଥାପତ୍ୟ

ପ୍ରାଚୀନ ଭାରତୀୟ କଳା ମୁଖ୍ୟତଃ ଧର୍ମ ଦ୍ୱାରା ପ୍ରଭାବିତ ହୋଇଥିଲା । ଗୁପ୍ତରାଜତ୍ୱ ସମୟରେ ବୌଦ୍ଧଧର୍ମ ଭାରତୀୟ କଳାଉପରେ ଗଭୀର ପ୍ରଭାବ ପକାଇଥିଲା । ବିହାରର ସୁଲତାନ୍‌ଗଞ୍ଜଠାରେ ମନୁଷ୍ୟ ଆକୃତିର ଏକ ମାତ୍ର ବୌଦ୍ଧ ମୂର୍ତ୍ତି ଦେଖିବାକୁ ମିଳେ । ମଥୁରା ଏବଂ ସାରନାଥଠାରେ ବୁଦ୍ଧଙ୍କର ଅସଂଖ୍ୟ ସୁନ୍ଦର ପ୍ରତିମୂର୍ତ୍ତି ଆବିଷ୍କୃତ ହୋଇଅଛି । ବୌଦ୍ଧ କଳାର ସର୍ବଶ୍ରେଷ୍ଠ ନମୁନା ଅଜନ୍ତା ଗୁମ୍ଫାରେ ଅଙ୍କିତ ଚିତ୍ରକଳାରୁ ମିଳିଥାଏ । ଦୀର୍ଘ ଚତୁର୍ଦ୍ଦଶ ଶତାବ୍ଦୀ ବିତିଯାଇଥିଲେ ମଧ ଏହି ଚିତ୍ରକଳାର ରଙ୍ଗ ଏପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ଅବସ୍ଥାରେ ରହଅଛି । ବୁଦ୍ଧଙ୍କ ଜୀବନୀ ଏବଂ ଜାତକ ଗଳ୍ପକୁ ଆଧାର କରି ଏହି ଚିତ୍ରକଳାଗୁଡିକ ଅଙ୍କିତ ହୋଇଅଛି । UNESCO ଦ୍ୱାରା ଅଜନ୍ତାଗୁମ୍ଫା ବିଶ୍ୱର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ମଧରେ ସ୍ଥାନ ପାଇଅଛି ।

ଗୁପ୍ତଯୁଗରେ ସର୍ବପ୍ରଥମେ ଉତ୍ତର ଭାରତରେ ମନ୍ଦିର ମାନ ନିର୍ମିତ ହୋଇଥିଲା । ନାଗର ଶୈଳୀରେ ଏହି ମନ୍ଦିରଗୁଡିକ ନିର୍ମିତ ହୋଇଥିଲା । ଉତ୍ତର ପ୍ରଦେଶର କାନପୁରରେ ଅବସ୍ଥିତ ଭିତାର ଗାଓଁ ଠାରେ ଇଟାରେ ନିର୍ମିତ ଏକ ମନ୍ଦିର ଏବଂ ଝାନସୀର ଦେଓଗଡଠାରେ ଏକ ପ୍ରସ୍ତର ନିର୍ମିତ ମନ୍ଦିର ଦେଖିବାକୁ ମିଳେ । ଏହି ମନ୍ଦିରର କେନ୍ଦ୍ରସ୍ଥଳରେ ମୁଖ୍ୟ ଦେବତା ରୂପେ ବିଷ୍ଣୁଙ୍କର ପ୍ରତିମୂର୍ତ୍ତିକୁ ସ୍ଥାପନ କରାଯାଇଥିଲା ।



ଚିତ୍ର ୭.୧ : ଦେଓଗଡ଼ ନର-ନାରାୟଣ

ଗୁପ୍ତଯୁଗରେ ପ୍ରଚଳିତ ମୁଦ୍ରାଗୁଡିକ ଗୁପ୍ତକଳାର ଅଂଶ ବିଶେଷ ଥିଲା । ସେଗୁଡିକ ସୁଗଠିତ ଭାବରେ ନିର୍ମିତ ହୋଇଥିଲା ଏବଂ ସୁନ୍ଦର ଭାବରେ ଖୋଦିତ ହୋଇଥିଲା । ଗୁପ୍ତ ରାଜାମାନଙ୍କର ବିଭିନ୍ନ କୀର୍ତ୍ତି ଅତି ନିଖୁଣ ଭାବରେ ଏହି ମୁଦ୍ରାଗୁଡିକରେ ଖୋଦିତ ହୋଇଥିଲା । ସମୁଦ୍ରଗୁପ୍ତଙ୍କ ପ୍ରଣୀତ ଏକ ମୁଦ୍ରାରେ ସମୁଦ୍ରଗୁପ୍ତ ବୀଣା ବାଦନ କରୁଥିବାର ଦୃଶ୍ୟ ଦେଖିବାକୁ ମିଳେ । ଏହି ଦୃଶ୍ୟ ସମୁଦ୍ରଗୁପ୍ତଙ୍କ

ସଙ୍ଗୀତ ପ୍ରତି ଅନୁରାଗର ପ୍ରମାଣ ଦିଏ । ସେ ମଧ୍ୟ ଅଶ୍ୱମେଧ ଯଜ୍ଞ କରିଥିବାର ଦୃଶ୍ୟ ତାଙ୍କ ଦ୍ୱାରା ପ୍ରଣୀତ ମୁଦ୍ରାରେ ଖୋଦିତ ହୋଇଅଛି । ସେ ସମୟରେ ଭାରତରେ ବୌଷ୍ଣବ ଧର୍ମ ଏବଂ ଶୈବ ଧର୍ମ ଲୋକପ୍ରିୟ ଧର୍ମ ରୂପେ ମାନ୍ୟତା ଲାଭ କରିଥିଲା ।

ସପ୍ତମ ଶତାବ୍ଦୀ ଓ ଅଷ୍ଟମ ଶତାବ୍ଦୀରେ ପଲ୍ଲବ ଶାସକମାନେ ଦେବାଦେବୀମାନଙ୍କ ପୂଜା ପାଇଁ ପ୍ରସ୍ତରରେ ମନ୍ଦିର ନିର୍ମାଣ କରିଥିଲେ । ଏହି ମନ୍ଦିରମାନଙ୍କ ମଧ୍ୟରେ ପ୍ରସିଦ୍ଧ ମନ୍ଦିର ଥିଲା ମହାବଳୀପୁରାମ୍‌ର ସପ୍ତରଥ ମନ୍ଦିର । ପ୍ରତ୍ୟେକ ମନ୍ଦିର ଗୋଟିଏ ପଥରରେ ନିର୍ମିତ ହୋଇଥିଲା । ପଲ୍ଲବ ରାଜା ନରସିଂହବର୍ମନ୍ ଏହି ମନ୍ଦିର ନିର୍ମାଣ କରିଥିଲେ । ଏହା ଚେନ୍ନାଇଠାରୁ ୬୫ କିଲୋମିଟର ଦୂରରେ ଅବସ୍ଥିତ । ପଲ୍ଲବରାଜାମାନେ ବହୁ କାରୁକାର୍ଯ୍ୟ ପୂର୍ଣ୍ଣ ମନ୍ଦିର ନିର୍ମାଣ କରିଥିଲେ । ସେଗୁଡିକ ମଧ୍ୟରୁ ସର୍ବପ୍ରଧାନ ମନ୍ଦିର ଥିଲା କୈଳାଶନାଥ ମନ୍ଦିର । ଏହା ଅଷ୍ଟମ ଶତାବ୍ଦୀରେ ନିର୍ମିତ ହୋଇଥିଲା ।

ବାତାପିର ଚାଲୁକ୍ୟ ରାଜାମାନେ ଅଇହୋଳ, ବାଦାମି ଏବଂ ପାଟଦକାଳଠାରେ ବିଭିନ୍ନ ପ୍ରକାର ମନ୍ଦିର ନିର୍ମାଣ କରିଥିଲେ । ସପ୍ତମ ଏବଂ ଅଷ୍ଟମ ଖ୍ରୀଷ୍ଟାବ୍ଦରେ ପାଟଦକାଳଠାରେ ଦଶଗୋଟି ମନ୍ଦିର ନିର୍ମିତ ହୋଇଥିଲା । ସେଥିମଧ୍ୟରୁ ବିରୁପାକ୍ଷ ମନ୍ଦିର ଥିଲା ପ୍ରଧାନ । ଦକ୍ଷିଣ ଭାରତୀୟ ସ୍ଥାପତ୍ୟ ଦ୍ରାବିଡ ସ୍ଥାପତ୍ୟ ରୂପେ ମାନ୍ୟତା ଲାଭ କଲା ।

**INTEXT QUESTIONS 7.12 - ପ୍ରତ୍ୟାଶିତ ପୂର୍ବଜ୍ଞାନ**

1. ଗୁପ୍ତ ମନ୍ଦିର ଗୁଡିକ ଉତ୍ତରପ୍ରଦେଶର କେଉଁଠାରେ ଦେଖିବାକୁ ମିଳେ ?

___________________________

2. ଉତ୍ତରଭାରତ ସ୍ଥାପତ୍ୟ ଶୈଳୀ ଓ ଦକ୍ଷିଣ ଭାରତ ସ୍ଥାପତ୍ୟ ଶୈଳୀର ନାମ ଲେଖ ।

___________________________

3. ମହାବଳିପୁରମ୍ କାହିଁକି ପ୍ରସିଦ୍ଧ ?

___________________________



ଚିତ୍ର ୭.୨ : ରଥ ମନ୍ଦିର-ମହାବଳିପୁରମ

## 7.13 RELIGION- ଧର୍ମ

ଗୁପ୍ତ ସମ୍ରାଟ୍‌ମାନେ ଭାଗବତ ଉପାସନା ପାଇଁ ପୃଷ୍ଠପୋଷକତା ପ୍ରଦାନ କରିଥିଲେ । ସେମାନେ ଅନ୍ୟଧର୍ମ ପ୍ରତି ମଧ୍ୟ ଉଦାରତା ପ୍ରଦର୍ଶନ କରିଥିଲେ । ଚୀନ ପରିବ୍ରାଜକ ଫାହିଆନ ଏବଂ ହୁଏନ୍‌ସାଂ ଯଥାକ୍ରମେ ଦ୍ୱିତୀୟ ଚନ୍ଦ୍ରଗୁପ୍ତ ଏବଂ ହର୍ଷବର୍ଦ୍ଧନଙ୍କ ରାଜତ୍ୱ କାଳରେ ଭାରତ ପରିଭ୍ରମଣରେ ଆସିଥିଲେ । ସେମାନେ ତାଙ୍କ ବିବରଣୀରେ ପରିଷ୍କାର ଭାବରେ ବର୍ଣ୍ଣନା କରିଛନ୍ତି ଯେ, ସେ ସମୟରେ

ବୌଦ୍ଧଧର୍ମ ଉନ୍ନତି କରିଥିଲା । ହର୍ଷବର୍ଦ୍ଧନ ପ୍ରଥମେ ଶୈବ ଉପାସକଥିଲେ । ପରେ ବୌଦ୍ଧଧର୍ମ ଗ୍ରହଣ କରି ଏହାର ପୃଷ୍ଠପୋଷକତା କରିଥିଲେ । ମହାଯାନ ବୌଦ୍ଧଧର୍ମର ପ୍ରସାର ପାଇଁ ସେ କନୌଜଠାରେ ଏକ ସମ୍ମିଳନୀ ଆହ୍ୱାନ୍ କରିଥିଲେ । ହର୍ଷବର୍ଦ୍ଧନଙ୍କ ସମୟରେ ନାଳନ୍ଦା ବିଶ୍ୱବିଦ୍ୟାଳୟ ମହାଯାନ ବୌଦ୍ଧଧର୍ମର ଏକ ପ୍ରମୁଖ ଶିକ୍ଷାକେନ୍ଦ୍ର ରୂପେ ପ୍ରସିଦ୍ଧ ଅର୍ଜନ କରିଥିଲା । ବହିଃଦେଶରୁ ଅନେକ ଛାତ୍ର ଏହି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବା ପାଇଁ ଆସିଥିଲେ । ହ୍ୟୁଏନ ସାଂଙ୍କ ବିବରଣୀ ଅନୁଯାୟୀ ଶହେଗୋଟି ଗ୍ରାମର ରାଜସ୍ୱ ଏହି ବିଶ୍ୱବିଦ୍ୟାଳୟ ପାଇଁ ଖର୍ଚ୍ଚ ହେଉଥିଲା ।

ବିଷ୍ଣୁ ଏବଂ ତାଙ୍କର ବିଭିନ୍ନ ଅବତାରଙ୍କର ପୂଜାକୁ ଭଗବତ ଧର୍ମ କୁହାଯାଉଥିଲା । ଏହି ଧର୍ମ ଅହିଂସା ଓ ଭକ୍ତି ଉପରେ ପ୍ରାଧାନ୍ୟ ଦେଇଥିଲା । ଏହା ବୈଦିକ କର୍ମକାଣ୍ଡ ଓ ପଶୁବଳୀ ସହିତ ସହମତ ନ ଥିଲା । ଏହି ନୂତନ ଧର୍ମ ଅତ୍ୟନ୍ତ ଉଦାର ଥିଲା । ସେଥିପାଇଁ ନିମ୍ନଶ୍ରେଣୀର ବହୁଲୋକ ଏହି ଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ । ଭଗବତ ଧର୍ମର ପ୍ରଧାନ ଧର୍ମଗ୍ରନ୍ଥ ଭଗବତ୍‌ଗୀତାର ବର୍ଣ୍ଣନା ଅନୁଯାୟୀ ଯେତେବେଳେ କୌଣସି ସାମାଜିକ ସମସ୍ୟା ଦେଖାଯାଏ, ସେତେବେଳେ ଭଗବାନ ବିଷ୍ଣୁ ମନୁଷ୍ୟ ରୂପରେ ଅବତାର ଗ୍ରହଣ କରି ଲୋକମାନଙ୍କୁ ରକ୍ଷା କରନ୍ତି । ଗୁପ୍ତଯୁଗରେ ନିର୍ମିତ ବିଷ୍ଣୁଙ୍କ ଭିନ୍ନ ଭିନ୍ନ ଅବତାରଙ୍କର ପ୍ରତିମୂର୍ତ୍ତି ମନ୍ଦିର ମଧରେ ରଖାଯାଇ ପୂଜାର୍ଚ୍ଚନା କରାଯାଉଥିଲା ।

ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀପରେ ଦକ୍ଷିଣ ଭାରତରେ ଅଲଭର ଏବଂ ନୟନାର ମାନଙ୍କ ପରି ତାମିଲ ସନ୍ଥମାନେ ଭକ୍ତି ଆନ୍ଦୋଳନକୁ ଲୋକପ୍ରିୟ କରାଇଥିଲେ । ଅଲଭର ସନ୍ଥମାନେ ବିଷ୍ଣୁ ଉପାସନାକୁ ଜନପ୍ରିୟ କରାଇଥିବା ବେଳେ ନୟନର ସନ୍ଥମାନେ ଶିବ ଉପାସନାକୁ ଜନାଦୃତ କରିଥିଲେ ।

ଏହି ସମୟରେ ମଧ ତନ୍ତ୍ରପୂଜାର ଅଭିବୃଦ୍ଧି ପରିଲକ୍ଷିତ ହୋଇଥିଲା । ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀଠାରୁ ବ୍ରାହ୍ମଣମାନେ ନେପାଳ, ଆସାମ, ବଙ୍ଗଳା, ଓଡ଼ିଶା, ମଧଭାରତ ଏବଂ ଦକ୍ଷିଣ ଭାରତରୁ ଭୂମିଦାନ ଗ୍ରହଣ କରିବା ଆରମ୍ଭ କଲେ । ଫଳରେ ଏହି ସ୍ଥାନର ଅଧିବାସୀ ବ୍ରାହ୍ମଣ ସମାଜର ସଂସ୍ପର୍ଶରେ ଆସିବାକୁ ଲାଗିଲେ । ବ୍ରାହ୍ମଣମାନେ ସେଠାକାର ଅଧିବାସୀଙ୍କ ପୂଜା, ପାର୍ବଣ ଓ ଉତ୍ସବ ଇତ୍ୟାଦି ପାଳନ କରିବାକୁ ଲାଗିଲେ । ବ୍ରାହ୍ମଣ୍ୟ ହିନ୍ଦୁଧର୍ମ ଏବଂ ସେଠାକାର ରିତିନୀତି ମିଶ୍ରିତ ହେବାଫଳରେ ତନ୍ତ୍ରପୂଜାର ଉତ୍ପତ୍ତି ହେଲା । ତନ୍ତ୍ରପୂଜା କୌଣସି ଜାତିଭେଦରେ ବିଶ୍ୱାସ କରୁ ନ ଥିଲା । ଏହି ପୂଜାରେ ଲିଙ୍ଗଗତ ପ୍ରଭେଦ ମଧ ଦେଖାଯାଉ ନ ଥିଲା । ଉଭୟ ନାରୀ ଏବଂ ଶୂଦ୍ରଜାତି ଏହି ପୂଜା କରୁଥିଲେ । ତନ୍ତ୍ରପୂଜାରେ ନାରୀକୁ ଶକ୍ତିର ପ୍ରଧାନଉତ୍ସ ରୂପେ ବିବେଚନା କରାଯାଉଥିଲା । ଏହି ତନ୍ତ୍ର ଉପାସନା ଶୈବଧର୍ମ, ବୈଷ୍ଣବଧର୍ମ, ବୌଦ୍ଧଧର୍ମ ଏବଂ ଜୈନଧର୍ମକୁ କ୍ଷତି ପହଂଚାଇଥିଲା । ତନ୍ତ୍ର ଉପାସନା ଫଳରେ ଦେବୀପୂଜାର ପ୍ରାଧାନ୍ୟ ପରିଲକ୍ଷିତ ହୋଇଥିଲା ।

## INTEXT QUESTIONS 7.13 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ହର୍ଷବର୍ଦ୍ଧନ କେଉଁଠାରେ ବୌଦ୍ଧ ସମ୍ମିଳନୀ ଆହ୍ୱାନ କରିଥିଲେ ?

_______________________________________________

2. ହର୍ଷବର୍ଦ୍ଧନଙ୍କ ସମୟରେ ମହାଯାନ ବୌଦ୍ଧଧର୍ମ ବିଷୟରେ ଶିକ୍ଷାଲାଭ କରିବାପାଇଁ ପ୍ରମୁଖ ଶିକ୍ଷାନୁଷ୍ଠାନର ନାମ କ'ଣ ଥିଲା ?

_______________________________________________

3. ବିଷ୍ଣୁଙ୍କର କେତେଗୋଟି ଅବତାର ଦେଖିବାକୁ ମିଳେ ?

_______________________________________________

4. ବିଷ୍ଣୁ ଉପାସନା ଏବଂ ଶୈବ ଉପାସନାକୁ ଦକ୍ଷିଣ ଭାରତରେ ଜନପ୍ରିୟ କରାଇଥିବା ସନ୍ଥଙ୍କ ନାମ କ'ଣ ଥିଲା ?

_______________________________________________







ଗୁପ୍ତ ଯୁଗରେ ରଚିତ ବିଜ୍ଞାନ ଏବଂ କାରିଗରୀ ସମ୍ବନ୍ଧୀୟ ପୁସ୍ତକଗୁଡିକ ତତ୍‌କାଳୀନ ବୈଜ୍ଞାନିକ ଓ କାରିଗରୀ ଅଭିବୃଦ୍ଧି ସମ୍ବନ୍ଧରେ ସୂଚନା ଦେଇଥାଏ । ସେହି ପୁସ୍ତକଗୁଡିକ ମଧ୍ୟରୁ ସର୍ବପ୍ରଧାନ ଥିଲା ପଞ୍ଚମ ଖ୍ରୀଷ୍ଟାବ୍ଦରେ ଆର୍ଯ୍ୟଭଟ୍ଟଙ୍କ ରଚିତ 'ଆର୍ଯ୍ୟଭଟୀୟମ୍' । ଏହା ଥିଲା ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ ଏକ ପୁସ୍ତକ । ଆର୍ଯ୍ୟଭଟ ଏକାଧାରରେ ଥିଲେ ଜଣେ ଗଣିତଜ୍ଞ ଏବଂ ଜ୍ୟୋତିର୍ବିଜ୍ଞାନୀ । ସେ ସର୍ବପ୍ରଥମେ ମତ ଦେଇଥିଲେ ଯେ ପୃଥିବୀ ନିଜ ଅକ୍ଷର ଚାରିପାଖରେ ବୁଲିବା ସଙ୍ଗେ ସଙ୍ଗେ ସୂର୍ଯ୍ୟଙ୍କ ଚାରିପାଖରେ ମଧ୍ୟ ଘୁରୁଅଛି । ସେ ପୁନଶ୍ଚ କହିଥିଲେ ଯେ ଏଥିପାଇଁ ସୂର୍ଯ୍ୟ ପରାଗ ଏବଂ ଚନ୍ଦ୍ରଗ୍ରହଣ ସଂଘଟିତ ହେଉଛି । ସେ ମଧ୍ୟ ଶୂନ '୦' ଉଦ୍ଭାବନ କରି ଦଶମିକ ପଦ୍ଧତିର ବ୍ୟବହାର ଶିଖାଇଥିଲେ । ଷଷ୍ଠ ଖ୍ରୀଷ୍ଟାବ୍ଦର ଅନ୍ୟତମ୍ ପ୍ରସିଦ୍ଧ ଜ୍ୟୋତିର୍ବିଦ ଥିଲେ ବରାହମିହିର । ସେ ଜ୍ୟୋତିର୍ବିଜ୍ଞାନ ଉପରେ ସଂଖ୍ୟାଧିକ ପୁସ୍ତକ ରଚନା କରିଛନ୍ତି । ସେଗୁଡିକ ମଧ୍ୟରୁ ପ୍ରଧାନ ଥିଲା 'ପଞ୍ଚସିଦ୍ଧାନ୍ତିକା' । ଏହି ପୁସ୍ତକ ପାଞ୍ଚ ପ୍ରକାର ଜ୍ୟୋତିର୍ବିଜ୍ଞାନ ବ୍ୟବସ୍ଥା ଉପରେ ଆଧାରିତ ଥିଲା । ଗୁପ୍ତଯୁଗରେ ବ୍ରହ୍ମଗୁପ୍ତ ନାମକ ଜଣେ ଖ୍ୟାତନାମା ଗଣିତଜ୍ଞ ମଧ୍ୟ ଥିଲେ ।

ଗୁପ୍ତଯୁଗରେ ଧାତୁବିଦ୍ୟା ଏବଂ ପ୍ରଯୁକ୍ତି ବିଦ୍ୟାର ବିକାଶ ଦେଖିବାକୁ ମିଳେ । ଏହି ଯୁଗରେ ବ୍ରୋଞ୍ଜ ଧାତୁରେ ନିର୍ମିତ ଅସଂଖ୍ୟ ବୌଦ୍ଧ ପ୍ରତିମୂର୍ତ୍ତି ତତ୍‌କାଳୀନ ଉତ୍କୃଷ୍ଟ କାରିଗରୀ ବିଦ୍ୟାର ପ୍ରମାଣ ଦିଏ । ଦିଲ୍ଲୀର ମେହେରାଲି ଲୌହସ୍ତମ୍ଭ ଥିଲା ଅନ୍ୟ ଏକ ଜ୍ୱଳନ୍ତ ନିଦର୍ଶନ । ଏହାର ଉଚ୍ଚତା ଥିଲା ୨୩ଫୁଟ୍ ଦୀର୍ଘ ପନ୍ଦରଶହ ବର୍ଷ କାଳ ଏହିସ୍ତମ୍ଭ ମୁକ୍ତ ଆକାଶ ତଳେ ଦଣ୍ଡାୟମାନ ହୋଇଥିଲେ ମଧ୍ୟ ଏଥିରେ ସାମାନ୍ୟତମ କଳଙ୍କି ଅଦ୍ୟାବଧି ଲାଗିନାହିଁ । ଅଜନ୍ତାଗୁମ୍ଫାର ଅଦ୍ଭୁତ ଚିତ୍ରକଳାରେ ବ୍ୟବହୃତ ରଙ୍ଗ ସେହିପରି ଅକ୍ଷୁର୍ଣ୍ଣ ଅବସ୍ଥାରେ ରହିଅଛି ।

## INTEXT QUESTIONS 7.14 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଆର୍ଯ୍ୟଭଟ୍ଟ କିଏ ଏବଂ ସେ କେଉଁ ମତବାଦ ଘୋଷଣା କରିଥିଲେ ?

___________________________________________

2. ବରାହମିହିରଙ୍କ ରଚିତ ପୁସ୍ତକର ନାମ କ'ଣ ଥିଲା ?

___________________________________________

3. ଗୁପ୍ତଯୁଗରେ ଆଧୁନିକ ଧାତୁବିଦ୍ୟାର ଜ୍ୱଳନ୍ତ ଉଦାହରଣ କ'ଣ ଥିଲା ?

___________________________________________

## WHAT YOU HAVELEARNT- ଆମେ କ'ଣ ଶିଖିଲେ

ଏହି ବିଷୟର ମୁଖ୍ୟ କଥାବସ୍ତୁ ଉପରେ ଚାଲ ପୁନରାବଲୋକନ କରିବା । ପ୍ରଥମ ଚନ୍ଦ୍ରଗୁପ୍ତ (ଖ୍ରୀଷ୍ଟାବ୍ଦ ୩୧୯ରୁ ଖ୍ରୀଷ୍ଟାବ୍ଦ ୩୩୪) ଥିଲେ ପ୍ରକୃତ ଗୁପ୍ତ ସାମ୍ରାଜ୍ୟର ପ୍ରତିଷ୍ଠାତା । ଗୁପ୍ତ ସମ୍ରାଟ୍‌ମାନେ ମଧ୍ୟଭାରତ ଏବଂ ବିହାରରେ ଥିବା ଲୁହାଖଣିର ସଦୁପଯୋଗ କରି ଏବଂ ଉର୍ବରାଶାଳୀ ଅଞ୍ଚଳର ସହଯୋଗରେ ଏକ ବିଶାଳ ସାମ୍ରାଜ୍ୟ ଗଠନ କରିବାକୁ ସମର୍ଥ ହୋଇଥିଲେ । ପ୍ରଥମ ଚନ୍ଦ୍ରଗୁପ୍ତଙ୍କ ମୃତ୍ୟୁପରେ ତାଙ୍କ ଉତ୍ତରାଧିକାରୀ ସମୁଦ୍ରଗୁପ୍ତ (ଖ୍ରୀଷ୍ଟାବ୍ଦ ୩୩୫ରୁ ଖ୍ରୀଷ୍ଟାବ୍ଦ ୩୭୫) ସିଂହାସନ ଆରୋହଣ କରିଥିଲେ । ସମୁଦ୍ରଗୁପ୍ତଙ୍କ ପରେ ଦ୍ୱିତୀୟ ଚନ୍ଦ୍ରଗୁପ୍ତ (ଖ୍ରୀଷ୍ଟାବ୍ଦ ୩୭୫ରୁ ଖ୍ରୀଷ୍ଟାବ୍ଦ ୪୧୪) ଗୁପ୍ତ ସିଂହାସନ ଅଳଙ୍କୃତ କରିଥିଲେ । ଚୀନ୍‌ର ବୌଦ୍ଧ ପରିବ୍ରାଜକ ଫାହିଆନ୍ (ଖ୍ରୀଷ୍ଟାବ୍ଦ ୪୦୪ରୁ ଖ୍ରୀଷ୍ଟାବ୍ଦ ୪୧୧) ଭାରତ ପରିଭ୍ରମଣରେ ଆସିଥିଲେ । ସେ ତାଙ୍କ ରହିଣିକାଳ ମଧ୍ୟରେ ଭାରତର ବିଭିନ୍ନ ଅବସ୍ଥା ସମ୍ପର୍କରେ ତାଙ୍କ ବିବରଣୀ ଏକ ପୁସ୍ତକରେ ପ୍ରଦାନ କରିଛନ୍ତି । ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ରାଜସଭା ମଣ୍ଡନ କରିଥିବା ନବରତ୍ନଙ୍କ ମଧ୍ୟରେ ପ୍ରସିଦ୍ଧ ସଂସ୍କୃତ କବି ଏବଂ ନାଟ୍ୟକାର

ଟିପ୍ପଣୀ

କାଳିଦାସ ଥିଲେ ଅତ୍ୟତମ । ମଧ୍ୟ ଏସିଆର ହୁଣ ଆକ୍ରମଣ ଯୋଗୁ ଗୁପ୍ତସାମ୍ରାଜ୍ୟ ଦୁର୍ବଳ ହୋଇପଡିଲା । ବାରମ୍ବାର ଆକ୍ରମଣ ହେତୁ ଗୁପ୍ତ ସାମାଜ୍ୟର ଆର୍ଥିକ ଅଭିବୃଦ୍ଧି ବାଧାପ୍ରାପ୍ତ ହୋଇ ଗୁପ୍ତ ସାମ୍ରାଜ୍ୟର ପତନ ଘଟିଥିଲା ।

ହର୍ଷବର୍ଦ୍ଧନ (ଖ୍ରୀଷ୍ଟାବ୍ଦ ୬୦୬ରୁ ଖ୍ରୀଷ୍ଟାବ୍ଦ ୬୪୭) ଜଣେ ବିଶାଳ ଯୋଦ୍ଧା ଏବଂ ସୁଦକ୍ଷ ଶାସକ ଭାବେ ଉତ୍ତର ଭାରତରେ ଏକ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ହର୍ଷବର୍ଦ୍ଧନଙ୍କ ରାଜସଭାର କବି ବାଣଭଟ୍ଟଙ୍କ ରଚିତ ହର୍ଷଚରିତରେ ହର୍ଷବର୍ଦ୍ଧନଙ୍କ କୃତିତ୍ୱ ବିଷୟରେ ସୂଚନା ମିଳିଥାଏ । ଚୀନ୍‌ର ବୌଦ୍ଧ ପରିବ୍ରାଜକ ଫାହିୟାନ୍ ହର୍ଷଙ୍କ ରାଜତ୍ୱ ସମୟରେ ଭାରତ ପରିଭ୍ରମଣରେ ଆସିଥିଲ । ହର୍ଷବର୍ଦ୍ଧନ ଦକ୍ଷିଣ ଭାରତର ଚାଲୁକ୍ୟ ରାଜା ଦ୍ୱିତୀୟ ପୁଲକେଶୀଙ୍କ ଦ୍ୱାରା ପରାସ୍ତ ହୋଇଥିଲେ ତେଣୁ ନର୍ମଦା ନଦୀ ହର୍ଷବର୍ଦ୍ଧନଙ୍କ ସାମ୍ରାଜ୍ୟର ଦକ୍ଷିଣ ସୀମାନ୍ତ ରୂପେ ବିବେଚିତ ହେଲା ।

ଭାରତୀୟ ଉପଦ୍ୱୀପ ଅଞ୍ଚଳରେ ପଲ୍ଲବ ବଂଶର ଉତ୍‌ଥାନ ହେଲା । ଏହି ସମୟରେ ଦକ୍ଷିଣ ଭାରତରେ ତାମିଲି ଭକ୍ତି ସାହିତ୍ୟ ଏବଂ ଦ୍ରାବିଡ ଶୈଳୀରେ କଳା ଏବଂ ସ୍ଥାପତ୍ୟର ଉନ୍ନତି ପରିଲକ୍ଷିତ ହୋଇଥିଲା ।

ଗୁପ୍ତ ସମାଜରେ କେତେକ ପରିବର୍ତ୍ତନ ସଂଘଠିତ ହୋଇଥିଲା । ବ୍ରାହ୍ମଣ ସଂସ୍କୃତି ଗୁପ୍ତ ସାମ୍ରାଜ୍ୟର ସୁଦୂର ଅଞ୍ଚଳକୁ ବ୍ୟାପିଯାଇଥିଲା । ବହୁ ସଂଖ୍ୟାରେ ଅନ୍ୟ ସମ୍ପ୍ରଦାୟ ଏହି ବ୍ରାହ୍ମଣ୍ୟ ସଂସ୍କୃତି ମଧ୍ୟରେ ମିଶିଯାଇଥିଲେ । ଏପରିକି ବିଦେଶୀ ହୁଣମାନେ ମଧ୍ୟ ଏହି ସଂସ୍କୃତିକୁ ଗ୍ରହଣ କରିଥିଲେ । ଗୁପ୍ତ ସମାଜରେ ନାରୀର ସ୍ଥାନ କ୍ରମଶଃ ନିମ୍ନଗାମୀ ହୋଇଥିଲା ।

କଳା ଏବଂ ସାହିତ୍ୟର ଦୃତ ଉନ୍ନତିଯୋଗୁ ଗୁପ୍ତ ଯୁଗକୁ ସୁବର୍ଣ୍ଣଯୁଗ ବୋଲି କୁହାଯାଏ । ଚତୁର୍ଥ ଖ୍ରୀଷ୍ଟାବ୍ଦରେ ରାମାୟଣ ଓ ମହାଭାରତ ପୂର୍ଣ୍ଣାଙ୍ଗ ଭାବରେ ପ୍ରକାଶିତ ହୋଇଥିଲା । ପୁରାଣ ରଚନା ମଧ୍ୟ ଏହି ସମୟରେ ଆରମ୍ଭ ହେଲା । ଅଲଭର ଓ ନୟନାରଙ୍କ ପରି ଦକ୍ଷିଣ ଭାରତୀୟ ସନ୍ଥମାନେ ତାମିଲ ଭାଷାରେ ଭକ୍ତି ସଙ୍ଗୀତ ଚରନା କରିଥିଲେ ।

ଉତ୍ତର ଭାରତରେ ନାଗର ଶୈଳୀରେ ଏବଂ ଦକ୍ଷିଣ ଭାରତରେ ଦ୍ରାବିଡ଼ ଶୌଳୀରେ ମନ୍ଦିରଗୁଡିକ ନିର୍ମିତ ହୋଇଥିଲା ।

ଏହି ସମୟରେ ବୁଦ୍ଧଙ୍କ ଜୀବନୀକୁ ଆଧାର କରି ଅଜନ୍ତା ଗୁମ୍ଫାରେ ଉତ୍କୃଷ୍ଟ ଚିତ୍ରକଳା ଅଙ୍କିତ ହୋଇଥିଲା । ପ୍ରସିଦ୍ଧ ମହାବଳୀପୁରମ ରଥମନ୍ଦିର ମଧ୍ୟ ଏହି ସମୟର ସୃଷ୍ଟି ।

ପଞ୍ଚମ ଖ୍ରୀଷ୍ଟାବ୍ଦରେ ବିଶିଷ୍ଟ ଜ୍ୟୋର୍ତିବିଦ୍ଧାନୀ ଏବଂ ଗଣିତଜ୍ଞ ଆର୍ଯ୍ୟଭଟ୍ଟଙ୍କ ସର୍ବଶ୍ରେଷ୍ଠ କୃତିଥିଲା ଆର୍ଯ୍ୟଭଟ୍ଟିୟମ୍ । ସେ ସର୍ବପ୍ରଥମେ କହିଥିଲେ ଯେ ପୃଥିବୀ ତାର ଅକ୍ଷ ଚାରିପଟେ ଘୁରିବ ସଂଗେ ସଂଗେ ସୂର୍ଯ୍ୟଙ୍କ ଚର୍ତୁପାର୍ଶ୍ୱରେ ମଧ୍ୟ ପରିକ୍ରମଣ କରେ । ଗୁପ୍ତ ସମୟରେ ଧାତୁବିଦ୍ୟାର ଉନ୍ନତି ସହିତ ବୈଷୟିକ ଜ୍ଞାନ ଓ କାରିଗରୀ କୌଶଳର ପରକାଷ୍ଠା ପ୍ରଦର୍ଶିତ ହୋଇଥିଲା । ଏହି ଅଭିବୃଦ୍ଧିର ଜ୍ୱଳନ୍ତ ଉଦାହରଣ ହେଲା ମେହେରାଲି ଲୌହସ୍ତମ୍ଭ ଏବଂ ବ୍ରୋଞ୍ଜ ନିର୍ମିତ ଅସଂଖ୍ୟ ବୌଦ୍ଧ ପ୍ରତିମୂର୍ତ୍ତି ।

## TERMINAL QUESTIONS - ନିଜକୁ ନିଜେ ପରିଖିବା

1. ଆଲ୍ଲାହାବାଦ ସ୍ତମ୍ଭ ଲେଖକୁ ଆଧାର କରି ସମୁଦ୍ରଗୁପ୍ତଙ୍କର କୃତିତ୍ୱ ବର୍ଣ୍ଣନା କର ।
2. ଗୁପ୍ତ ସାମ୍ରାଜ୍ୟର ପତନର କାରଣ ଦର୍ଶାଅ ।
3. ଗୁପ୍ତ ଶାସନବ୍ୟବସ୍ଥା ଉପରେ ଏକ ବିବରଣୀ ପ୍ରଦାନ କର ।
4. ଏହି ସମୟରେ, ପଠିତ ବିଷୟକୁ ଆଧାରକରି ଜାତିପ୍ରଥାର ପରିବର୍ତ୍ତନ ଉପରେ ଏକ ସଂଦର୍ଭ ଲେଖ ।



ଟିପ୍ପଣୀ

5. ଗୁପ୍ତ ରାଜତ୍ୱ ସମୟରେ ସମାଜରେ ନାରୀ ଏବଂ ଅସ୍ପୃଶ୍ୟମାନଙ୍କ ଅବସ୍ଥା କିପରି ଥିଲା ଲେଖ ।
6. କେଉଁ କାରଣ ଯୋଗୁ ଗୁପ୍ତ ଯୁଗରେ କୃଷିର ଅଗ୍ରଗତି ହୋଇଥିଲା, ବର୍ଣ୍ଣନା କର ।
7. ଗୁପ୍ତଯୁଗରେ ବାଣିଜ୍ୟର କାହିଁକି ଅବନ୍ନତି ହୋଇଥିଲା ?
8. ଗୁପ୍ତଯୁଗକୁ କାହିଁକି କଳା ଓ ସାହିତ୍ୟର ସୁବର୍ଣ୍ଣଯୁଗ ବୋଲି କୁହାଯାଏ ?
9. ଗୁପ୍ତ ମୁଦ୍ରା ଉପରେ ଏକ ଟିପ୍ପଣୀ ଲେଖ ?
10. ସ୍ଥାପତ୍ୟ କ୍ଷେତ୍ରରେ ପଲ୍ଲବ ଏବଂ ଚାଲୁକ୍ୟ ବଂଶର ଅବଦାନ ବିଷୟରେ ଆଲୋଚନା କର ।
11. ଭଗବତ୍ ଧର୍ମ ଉପରେ ଏକ ଟିପ୍ପଣୀ ପ୍ରଦାନ କର ।
12. କେଉଁ କେଉଁ କାରଣରୁ ପରବର୍ତ୍ତୀ ଗୁପ୍ତଯୁଗରେ ତନ୍ତ୍ରପୂଜାର ଉତ୍ଥାନ ହୋଇଥିଲା ।
13. ଖ୍ରୀଷ୍ଟାବ୍ଦ ୩୦୦ରୁ ଖ୍ରୀଷ୍ଟାବ୍ଦ ୭୫୦ ମଧ୍ୟରେ ବିଜ୍ଞାନ ଓ କାରିଗରୀ କ୍ଷେତ୍ରରେ ହୋଇଥିବା ଅଭିବୃଦ୍ଧି ସମ୍ବନ୍ଧରେ ଆଲୋଚନା କର ।

## ANSWERS TO INTEXT QUESTIONS - ପ୍ରତ୍ୟାଶିତ ପୂର୍ବଜ୍ଞାନ

**7.1**

1. ପ୍ରଥମ ଚନ୍ଦ୍ରଗୁପ୍ତ
2. ଉର୍ବର ଅଞ୍ଚଳ ଲୌହଖଣି
3. ନ୍ୟାର୍ଯ୍ୟପ୍ରାପ୍ୟ, ସମ୍ମାନ, ବଳ

**7.2**

1. ସମୁଦ୍ରଗୁପ୍ତଙ୍କ ସମ୍ବନ୍ଧରେ ଏହା ବିସ୍ତୃତ ବିବରଣୀ ପ୍ରଦାନ କର ।
2. କବି, ସଂଗୀତଜ୍ଞ ଏବଂ ଶିକ୍ଷାର ପୃଷ୍ଠପୋଷକ

**7.3**


1. ଭାକଟକ
2. ସେ ଅନ୍ୟ ଶତ୍ରୁମାନଙ୍କର ସମ୍ମୁଖୀନ ହେବାକୁ ସମର୍ଥ ଥିଲେ ।
3. ଫାହିୟାନ
4. କାଳିଦାସ

**7.4**

1. ହୁଣ
2. ସ୍କନ୍ଦଗୁପ୍ତ
3. ଥାନେଶ୍ୱରର ପୁଷ୍ୟଭୂତି, କନୌଜର ମାଉଖାରୀ

**7.5**

1. ବାଣଭଟ୍ଟ
2. ହର୍ଷ





୩. ଦ୍ୱିତୀୟ ପୁଲକେଶୀ

**7.6**

1. ବାତାପି
2. ଦକ୍ଷିଣ-ପଥେଶ୍ୱର

**7.7**

1. କାଞ୍ଚି
2. ଚାଲୁକ୍ୟ

**7.8**

1. ମହାରାଜାଧିରାଜ, ପରମଭଟ୍ଟାରକ, ପରମେଶ୍ୱର
2. ଦେଶ, ରାଷ୍ଟ୍ର, ଭୁକ୍ତି
3. ଗ୍ରାମ
4. ଉଚ୍ଚପଦସ୍ଥ କେନ୍ଦ୍ରୀୟ କର୍ମଚାରୀ
5. ଉପାରିକ ଏବଂ ଉଦ୍ରଙ୍ଗ
6. ହୁଏନ୍‌ସାଂ ଦୁଇଥର ଡକାୟତମାନଙ୍କ ଶିକାର ହେବା ଏକ ଦୁଃଖଦ ଘଟଣାଥିଲା ।

**7.9**

1. କୃଷକ
2. ବିବାହ ସମୟରେ ବର ଗ୍ରହଣ କରୁଥିବା ଉପହାର
3. ମଧ୍ୟପ୍ରଦେଶର ଏରାନ୍

**7.10**

1. ପଶମ, ମସଲା
2. ଦିନାର

**7.11**

1. ଏହି ଗ୍ରନ୍ଥଗୁଡିକର ହିନ୍ଦୁ ଦେବତାମାନଙ୍କ ବିଷୟରେ ଏବଂ ସେମାନଙ୍କୁ କେଉଁ ଉପାୟରେ ସନ୍ତୁଷ୍ଟ କରାଯିବ ତାହା ବର୍ଣ୍ଣନା କରାଯାଇଅଛି ।
2. ଦକ୍ଷିଣ ଭାରତୀୟ ଅଲଭର ନାରୀ ସନ୍ଥ
3. ଦେବରାମ ।

**7.12**

1. ଉତ୍ତର ପ୍ରଦେଶର କାନପୁରରେ ଭିତରଗାଓଁ ଏବଂ ଝାନସୀର ଦେଓଗଡ଼
2. ନାଗର ଏବଂ ଦ୍ରାବିଡ୍
3. ପଲ୍ଲବ ରାଜା ନରସିଂହବର୍ମନ ଦ୍ୱାରା ନିର୍ମିତ ସପ୍ତରଥ ମନ୍ଦିର ।

**7.13**

1. କନୌଜ
2. ନାଳନ୍ଦା
3. ଦଶ
4. ଅଲଭର ଏବଂ ନୟନାର

**7.14**

1. ଜ୍ୟୋର୍ତିବିଜ୍ଞାନୀ ଏବଂ ଗଣିତଜ୍ଞ ସହ ଶୂନ ଉଦ୍ଭାବନ କରି ଦଶମିକ ପ୍ରଣାଳୀ ଆବିଷ୍କାର କରିଥିଲେ । ପୃଥିବୀ ନିଜ ଅକ୍ଷର ଚାରିପଟେ ଘୁରିବା ସଙ୍ଗେ ସଙ୍ଗେ ସୂର୍ଯ୍ୟ ଚାରିପଟେ ମଧ ଘୁରୁଥାଏ ।
2. ପଞ୍ଚସିଦ୍ଧାନ୍ତିକା
1. ଦିଲ୍ଲୀର ମେହେରାଲି ଲୌହସ୍ତମ୍ଭ ।

**HINTS TO TERMINAL QUESTIONS- ନିଜକୁ ନିଜେ ପରଖିବା**

1. 7.1ର 3 ୟର ପାରା ଦେଖ ।

2.7.1 କୁ ଦେଖ ।

3. 7.8କୁ ଦେଖ ।

4.79ର ଦ୍ୱିତୀୟ ପାରାଦେଖ ।

5.7.9ର ଚତୁର୍ଥ ପାରାଦେଖ

6.7.10.ର ପ୍ରଥମ ପାରାଦେଖ

7.7.10.ର ଦ୍ୱିତୀୟ ପାରାଦେଖ

8.7.11 ଏବଂ 7.12 ଦେଖ

9.7.10ର ତୃତୀୟ ପରା ଏବଂ 7.12ର ତୃତୀୟ ପାରାଦେଖ

10.7.12.ର ଚତୁର୍ଥ ଏବଂ ପଞ୍ଚମ ପାରାଦେଖ ।

11.7.13ର ପ୍ରଥମ ପାରା ଦେଖ ।

12.7.13ର ତୃତୀୟ ପାରା ଦେଖ ।

13.7.14 କୁ ଦେଖ ।

**GLOSSARY /ଶବ୍ଦର ଅର୍ଥ ସଂଗ୍ରହ ବା ପରିଭାଷା**

DONEE - ଡ଼ୋନି-ଭୂମିଦାନ କରୁଥିବା ବ୍ୟକ୍ତି ବା ଭୂ-ଦାତା ।

EULOGY - ଇଉଲୋଜି- କୌଣସି ବ୍ୟକ୍ତିକୁ ପ୍ରସଂଶା କରି ଖଣ୍ଡେ ଲେଖା ବା ପ୍ରଶସ୍ତି ।

FEUDALISM - ଫିଉଡାଲିଜିମ୍ - ସାମନ୍ତବାଦ

LAND GRANT - ଭୂମି ଦାନପତ୍ର

CHARTERS - କୃଷକମାନଙ୍କଠାରୁ ରାଜସ୍ୱ ସଂଗ୍ରହ କାରୀ -ଭୂ ଦାତା ।

ଟିପ୍ପଣୀ

# 8

# ଖ୍ରୀଷ୍ଟାବ୍ଦ ୭୫୦ ରୁ ଖ୍ରୀଷ୍ଟାବ୍ଦ ୧୨୦୦ ମଧ୍ୟରେ ଭାରତ

ଖ୍ରୀଷ୍ଟାବ୍ଦ ୭୫୦ ରୁ ଖ୍ରୀଷ୍ଟାବ୍ଦ ୧୨୦୦ ମଧ୍ୟରେ ସମୟକୁ ପ୍ରାକ୍ ମଧ୍ୟଯୁଗୀୟ ଯୁଗ ବୋଲି କୁହାଯାଏ । ଐତିହାସିକମାନେ ପ୍ରଥମେ ଏହି ଯୁଗକୁ ଅନ୍ଧକାର ଯୁଗ ବା "Dark phase" ବୋଲି ଅଭିହିତ କରିଛନ୍ତି । କାରଣ ଏହି ସମୟରେ ଭାରତ ଅନେକ ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇ ପରସ୍ପର କଳହରେ ବ୍ୟାପୃତ ରହୁଥିଲେ । କିନ୍ତୁ ଆଧୁନିକ ଐତିହାସିକମାନଙ୍କର ମତ ଭିନ୍ନ ଅଟେ । ସେମାନଙ୍କ ମତରେ ଭାରତ ରାଜନୈତିକ ଦୃଷ୍ଟିକୋଣରୁ ବହୁ ଭାଗରେ ବିଭକ୍ତ ହୋଇଥିଲା ସତ, କିନ୍ତୁ କଳା, ସାହିତ୍ୟ ଓ ଭାଷା କ୍ଷେତ୍ରରେ ଏହି ଯୁଗ ନୂତନ ତଥା ସମୃଦ୍ଧ ସଂସ୍କୃତି ସୃଷ୍ଟି କରିଥିଲା । ଏହି ଯୁଗରେ ଉତ୍କୃଷ୍ଟତା ଲାଭ କରିଥିବା ଶ୍ରେଷ୍ଠ ନମୁନା ମନ୍ଦିର ସ୍ଥାପତ୍ୟ କଳା ଏବଂ ଭାରତୀୟ ସାହିତ୍ୟରେ ଦେଖିବାକୁ ମିଳେ । ତେଣୁ ଏହି ଯୁଗକୁ ଅନ୍ଧକାର ଯୁଗ କହିବା ପରିବର୍ତ୍ତେ, ଭାରତ ଇତିହାସରେ ଏକ ଉଜ୍ଜ୍ୱଳ ଯୁଗ କହିବା ଉଚିତ୍ ।

## OBJECTIVES - ଉଦ୍ଦେଶ୍ୟ


**ଏହି ଅଧ୍ୟାୟକୁ ପଠନ କରି ଆମେ ଜାଣିବାକୁ ସମର୍ଥ ହେବା :-**

- ଖ୍ରୀଷ୍ଟାବ୍ଦ ୭୫୦ ରୁ ଖ୍ରୀଷ୍ଟାବ୍ଦ ୧୨୦୦ ମଧ୍ୟରେ ଆତ୍ମପ୍ରକାଶ କରିଥିବା ବିଭିନ୍ନ ଆଞ୍ଚଳିକ ରାଜ୍ୟ ଗୁଡିକୁ ଚିହ୍ନଟ କରିପାରିବା ।
- ରାଜ୍ୟ ଶାସନ କିପରି ଥିଲା ପରଖିପାରିବା ।
- ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପରିବର୍ତ୍ତିତ ଅବସ୍ଥା ଉପରେ ଆଲୋକପାତ କରିପାରିବା ।
- ଏବଂ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରୁ ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଭାରତ ଓ ଦକ୍ଷିଣପୂର୍ବ ଏସିଆ ମଧ୍ୟରେ ଗଢ଼ି ଉଠିଥିବା ସଂପର୍କର ଉତ୍କର୍ଷତା ଉପରେ ମୂଲ୍ୟାୟନ କରିପାରିବା ।

## 8.1 POLITICAL DEVELOPMENT - ରାଜନୈତିକ ଉତ୍‌ଥାନ

ହର୍ଷବର୍ଦ୍ଧନଙ୍କ ପରେ ଭାରତର ରାଜନୈତିକ ଅବସ୍ଥା ସଂପର୍କରେ ଆମ୍ଭେ ପୂର୍ବ ଅଧ୍ୟାୟରେ ଅଧ୍ୟୟନ କରିଅଛେ । କିନ୍ତୁ ଏହି ବିଷୟ ଟି ଅତି ସହଜ ଓ ବୋଧଗମ୍ୟ ହୋଇପାରିବ ଯଦି ଆମେ ୭୫୦ ଖ୍ରୀଷ୍ଟାବ୍ଦରୁ ୧୨୦୦ ଖ୍ରୀଷ୍ଟାବ୍ଦ ମଧ୍ୟବର୍ତ୍ତୀ ସମୟକୁ ଦୁଇ ଭାଗରେ ବିଭକ୍ତ କରି ଅଧ୍ୟୟନ କରିବା । ପ୍ରଥମ ଭାଗକୁ ଆମେ ୭୫୦ ଖ୍ରୀଷ୍ଟାବ୍ଦରୁ ୧୦୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ଭାଗକୁ ୧୦୦୦ ଖ୍ରୀଷ୍ଟାବ୍ଦରୁ ୧୨୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଭାଗ କରି ସରଳ ଭାବରେ ବୁଝିପାରିବା । ପ୍ରଥମ ପର୍ଯ୍ୟାୟରେ ଭାରତରେ ତିନିଗୋଟି ଶକ୍ତିଶାଳୀ ରାଜନୈତିକ ଶକ୍ତିଙ୍କର ଉତ୍‌ଥାନ ଦେଖିବାକୁ ମିଳେ । ସେମାନେ ହେଲେ ଉତ୍ତରଭାରତର ଗୁର୍ଜର ବଂଶ, ପୂର୍ବଭାରତର ପାଳବଂଶ ଏବଂ ଦକ୍ଷିଣଭାରତର ରାଷ୍ଟ୍ରକୂଟ ବଂଶ । ଏହି ରାଜନୈତିକ ଶକ୍ତିଗୁଡିକ ଉତ୍ତରଭାରତର ଗାଙ୍ଗେୟ ସମତଳ ଅଞ୍ଚଳରେ ନିଜର ସ୍ଥିତି ପ୍ରତିଷ୍ଠା ପାଇଁ ପରସ୍ପର ମଧ୍ୟରେ ନିରବଚ୍ଛିନ୍ନ ସଂଘର୍ଷରେ ଲିପ୍ତ ରହିଲେ । ଏହି ତିନୋଟିଶକ୍ତି ମଧ୍ୟରେ

ସାମରିକ ସଂଘର୍ଷକୁ (Tripartite struggle) 'ଟ୍ରିପାରଟାଇଟ୍ ଷ୍ଟ୍ରଗଲ୍' ବା 'ତ୍ରିମୁଖୀ ସଂଘର୍ଷ' ବୋଲି କୁହାଯାଏ । କିନ୍ତୁ ଦ୍ୱିତୀୟ ପର୍ଯ୍ୟାୟରେ ଏହି ତିନୋଟି ଶକ୍ତିର ପତନ ହୋଇଥିଲା । ଏହାପରେ ଅନେକ ଛୋଟ ଛୋଟ ରାଜ୍ୟଗୁଡ଼ିକର ଉତ୍‌ଥାନ ହୋଇଥିଲା । ସାରା ଭାରତର ଅବସ୍ଥା ଏହିପରି ହୋଇଥିଲା । ଉଦାହରଣସ୍ୱରୂପ, ଉତ୍ତରଭାରତରେ ପ୍ରତିହାର ସାମ୍ରାଜ୍ୟର ପତନ ପରେ ବିଭିନ୍ନ ରାଜପୁତ୍ ରାଜ୍ୟ ମୁଣ୍ଡ ଟେକିଥିଲା । ସେଗୁଡ଼ିକ ମଧ୍ୟରେ ଚୌହାନ ବଂଶ, ଚାନ୍ଦେଲା ବଂଶ ଏବଂ ପାରମାର ବଂଶ ଥିଲେ ପ୍ରଧାନ । ଏହି ରାଜପୁତ୍‌ମାନେ ଏକାଦଶ ଓ ଦ୍ୱାଦଶ ଶତାବ୍ଦୀ ରେ ଗଜନୀର ସୁଲ୍‌ତାନ ମହମ୍ମଦ ଓ ମହମ୍ମଦ ଘୋରୀଙ୍କ ନେତୃତ୍ୱରେ ତୁର୍କ ଆକ୍ରମଣକୁ ପ୍ରତିହତ କରି ଉତ୍ତରପଶ୍ଚିମ ଭାରତକୁ ମୁକ୍ତ କରିଥିଲେ । କିନ୍ତୁ ଏକତାର ଅଭାବରୁ ସେମାନେ ବିଦେଶୀ ଆକ୍ରମଣକୁ ପ୍ରତିହତ କରି ନପାରି ପରାଜୟ ବରଣ କରିଥିଲେ ।




**ଭାରତ 750 A.D to 1000 A.D**

ଏହି ତିନୋଟି ଶକ୍ତି ବିଷୟରେ ସଂକ୍ଷେପରେ ଆଲୋଚନା କରିବା । ଅଷ୍ଟମ ଶତାବ୍ଦୀରେ ମାଳବରେ ପ୍ରଥମ ନାଗଭଟ୍ଟ ଗୁର୍ଜର ପ୍ରତିହାର ବଂଶ ପ୍ରତିଷ୍ଠା କରିଥିଲେ । ସେ ଏକ ରାଜପୁତ୍ ବଂଶର ଥିଲେ । ତାଙ୍କର ଉତ୍ତରାଧିକାରୀମାନଙ୍କ ମଧ୍ୟରୁ ବତ୍ସରାଜ ନାମକ ଜଣେ ଶାସକ ଉତ୍ତର ଭାରତରେ ସାମ୍ରାଜ୍ୟ ବିସ୍ତାର କରି ପଶ୍ଚିମ ଉତ୍ତର ପ୍ରଦେଶର କନୌଜଠାରେ ତା'ଙ୍କ ରାଜଧାନୀ ପ୍ରତିଷ୍ଠା କରିଥିଲେ । ବତ୍ସରାଜଙ୍କର ସାମ୍ରାଜ୍ୟ ବିସ୍ତାର ନୀତି ପାଇଁ ବଂଗ ଓ ବିହାରର ପାଳବଂଶର ରାଜା ଧର୍ମପାଳ ଓ ବତ୍ସରାଜାଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହୋଇଥିଲା । ଠିକ୍ ଏତିକି ବେଳେ ଦକ୍ଷିଣ ଭାରତର ରାଷ୍ଟ୍ରକୂଟ ରାଜବଂଶର ରାଜା ଧ୍ରୁବ ମଧ୍ୟ ଏହି ସଂଘର୍ଷରେ ଅଂଶଗ୍ରହଣ କଲେ । ଫଳରେ ତ୍ରିମୁଖୀ ସଂଘର୍ଷ ବା Tripartite struggle ଆରମ୍ଭ ହେଲା । ଏହି ସଂଘର୍ଷ ଦୀର୍ଘ ୧୫୦ ବର୍ଷ ପର୍ଯ୍ୟନ୍ତ



ଟିପ୍ପଣୀ

ଚାଲିଥିଲା । ଗୁର୍ଜର - ପ୍ରତିହାରମାନେ ଶେଷପର୍ଯ୍ୟନ୍ତ କନୌଜ ଠାରେ ସେମାନଙ୍କର ସ୍ଥିତି ସୁଦୃଢ଼ କରିପାରିଥିଲେ । ଏହି ବଂଶର ଜଣେ ପ୍ରଧାନ ରାଜା ମିହିର ଭୋଜ ଖ୍ରୀଷ୍ଟୀୟ ନବମ ଶତାବ୍ଦୀରେ ନିଜ ସାମ୍ରାଜ୍ୟକୁ ଶତ୍ରୁମାନଙ୍କ କବଳରୁ ସୁରକ୍ଷିତ ରଖିଥିଲେ । ସେଥିପାଇଁ ଆରବୀୟ ବିଦ୍ୱାନ ସୁଲେମାନ ତା'ଙ୍କୁ ପ୍ରଶଂସା କରିଛନ୍ତି ।

ପୂର୍ବ ଭାରତରେ ଅଷ୍ଟମ ଶତାବ୍ଦୀରେ ଗୋପାଳ ନାମକ ଜଣେ ରାଜା ପାଳବଂଶ ପ୍ରତିଷ୍ଠା କରିଥିଲେ । ତାଙ୍କର ପୁତ୍ର ଧର୍ମପାଳ ଏବଂ ନାତି ଦେବପାଳଙ୍କ ସମୟରେ ପାଳବଂଶର ମର୍ଯ୍ୟାଦା ବୃଦ୍ଧି ପାଇଥିଲା । ପଶ୍ଚିମରେ ସେମାନଙ୍କର ସାମ୍ରାଜ୍ୟ ବିସ୍ତାର ଯଦିଓ ପ୍ରତିହାରମାନଙ୍କ ଦ୍ୱାରା ବାଧାପ୍ରାପ୍ତ ହୋଇଥିଲା, ସ୍ୱଳ୍ପ ବ୍ୟବଧାନରେ ପାଳବଂଶ ବିହାର ଏବଂ ବଂଗରେ ନିରବଚ୍ଛିନ୍ନ ଭାବେ ଦୀର୍ଘ ୪୦୦ ବର୍ଷ କାଳ ଶାସନ କରିଥିଲେ । ପାଳବଂଶର ରାଜାମାନେ ବୌଦ୍ଧଧର୍ମାବଲମ୍ବୀ ଥିଲେ । ସେମାନେ ବୌଦ୍ଧଧର୍ମର ପ୍ରସାର ପାଇଁ ଅନେକ ବିହାର ଓ ମନ୍ଦିର ପୂର୍ବଭାରତରେ ନିର୍ମାଣ କରିଥିଲେ । ଧର୍ମପାଳ ବିହାରର ଭାଗଲପୁର ନିକଟରେ ବିକ୍ରମଶୀଳା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ନାଳନ୍ଦା ବଶ୍ୱବିଦ୍ୟାଳୟ ପରି ଏହି ବିଶ୍ୱବିଦ୍ୟାଳୟରେ ଭାରତ ବ୍ୟତୀତ ତିବ୍ବତରୁ ମଧ ବହୁ ଛାତ୍ରଙ୍କୁ ଆକର୍ଷିତ କରିଥିଲା । ଅନେକଗୁଡିଏ ସଂସ୍କୃତ ପୁସ୍ତକ ବିହାରମାନଙ୍କରେ ତିବ୍ବତୀୟ ଭାଷାରେ ଅନୁବାଦିତ ହୋଇଥିଲା । ବିକ୍ରମଶୀଳା ବିଶ୍ୱବିଦ୍ୟାଳୟରେ ସର୍ବଶେଷ୍ଠ ବିଦ୍ୱାନ ଥିଲେ ଅତିଶ ଦୀପଙ୍କର (Atisha Dipankar) । ତିବ୍ବତରେ ତାଙ୍କୁ ଗଭୀର ସମ୍ମାନ ଦିଆଯାଉଥିଲା ।

ଦକ୍ଷିଣ ଭାରତରେ ରାଷ୍ଟ୍ରକୂଟ ବଂଶର ପ୍ରତିଷ୍ଠାତା ଥିଲେ ଦନ୍ତିଦୁର୍ଗ । ସୋଲାପୁର ନିକଟସ୍ଥ ମାନ୍ୟଖେତ ବା ମାଲ୍‌ଖେଡ ଥିଲା ରାଷ୍ଟ୍ରକୂଟମାନଙ୍କର ରାଜଧାନୀ । ଏହି ବଂଶର ରାଜା ଧ୍ରୁବଙ୍କ ରାଜତ୍ୱକାଳରେ ରାଷ୍ଟ୍ରକୂଟମାନେ ଉତ୍ତରଭାରତର କନୌଜ କୁ ଅଧିକାର କରିବା ପାଇଁ ପ୍ରୟାସ କରିଥିଲେ । ଫଳରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ଆରମ୍ଭ ହୋଇଥିଲା । ରାଷ୍ଟ୍ରକୂଟ ବଂଶର ପ୍ରଧାନ ରାଜା ଥିଲେ ପ୍ରଥମ କୃଷ୍ଣ । ସେ ମହାରାଷ୍ଟ୍ରର ଅଉରଙ୍ଗାବାଦ ନିକଟସ୍ଥ ଏଲୋରା ନାମକ ସ୍ଥାନରେ ପ୍ରସିଦ୍ଧ କୈଳାସ ମନ୍ଦିର ନିର୍ମାଣ କରିଥିଲେ । ଏହା ଭଗବାନ ଶିବଙ୍କୁ ସମର୍ପିତ ହୋଇଥିଲା ଏବଂ ଏକ ଖଣ୍ଡ ପ୍ରସ୍ତରରେ ନିର୍ମିତ ହୋଇଥିଲା । ଆରବୀୟମାନଙ୍କ ବିବରଣୀରୁ ଜଣାଯାଏ ଯେ ଆରବୀୟ ବଣିକମାନଙ୍କ ସହିତ ରାଷ୍ଟ୍ରକୂଟମାନଙ୍କର ବନ୍ଧୁତ୍ୱପୂର୍ଣ୍ଣ ସମ୍ବନ୍ଧ ରହିଥିଲା । ଏହି ଆରବୀୟମାନେ ସେମାନଙ୍କର ଗୀର୍ଜା ନିର୍ମାଣ କରିବାପାଇଁ ଅନୁମତି ପାଇଥିଲେ ଏବଂ ନିର୍ବିଘ୍ନରେ ସେମାନେ ସେମାନଙ୍କର ଧର୍ମପାଳନ କରୁଥିଲେ । ଏଥିରୁ ରାଷ୍ଟ୍ରକୂଟମାନଙ୍କର ଉଦାରତା ତଥା ଦରିଆପାରି ସାମୁଦ୍ରିକ ବାଣିଜ୍ୟ ଯୋଗୁ ରାଜ୍ୟର ଅର୍ଥନୈତିକ ପ୍ରଗତି ପାଇଁ ହୋଇଥିବା ଉଦ୍ୟମ କଥା ଜଣାପଡେ ।

୧୦୦୦ ଖ୍ରୀଷ୍ଟାବ୍ଦରୁ ୧୨୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଦକ୍ଷିଣଭାରତରେ ଚୋଳମାନେ ଏକ ଶକ୍ତିଶାଳୀ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ଦକ୍ଷିଣ ଭାରତରୁ ପଲ୍ଲବ ବଂଶକୁ ବିତାଡିତ କରି ଚୋଳରାଜାମାନେ ଶାସନ କରିଥିଲେ । ଚୋଳବଂଶର ପ୍ରକୃତ ପ୍ରତିଷ୍ଠାତା ଥିଲେ ବିଜୟଲୟ । ସେ ଖ୍ରୀଷ୍ଟୀୟ ନବମ ଶତାବ୍ଦୀରେ ରାଜତ୍ୱ ପ୍ରତିଷ୍ଠା କରିଥିଲେ । କିନ୍ତୁ ଚୋଳ ସାମ୍ରାଜ୍ୟର ପ୍ରକୃତ ନିର୍ମାତା ଥିଲେ ପ୍ରଥମ ରାଜରାଜ, ସେ ୯୮୫ ଖ୍ରୀଷ୍ଟାବ୍ଦରୁ ୧୦୧୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । ତାଙ୍କ ପୁତ୍ର ତଥା ଉତ୍ତରାଧିକାରୀ ପ୍ରଥମ ରାଜେନ୍ଦ୍ର ଚୋଳ ୧୦୧୪ ଖ୍ରୀଷ୍ଟାବ୍ଦରୁ ୧୦୪୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । ତାଙ୍କ ରାଜତ୍ୱ କାଳରେ ଚୋଳ ସାମ୍ରାଜ୍ୟର କଳେବର କୃଷ୍ଣା ନଦୀର ଉପନଦୀ ତୁଙ୍ଗଭଦ୍ରା ଠାରୁ ଉତ୍ତରରେ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ଚୋଳ ରାଜାମାନେ ସଫଳତାର ସହିତ ନିଜର ନୌଶକ୍ତି ବୃଦ୍ଧିକରି ମାଲ୍‌ଡାଭିସ୍. ଲାକ୍ଷାଦ୍ୱୀପ ଏବଂ ଶ୍ରୀଲଙ୍କା ଜୟ କରିଥିଲେ । ସେମାନେ ମଧ ମାଳୟ, ଜାଭା, ଓ ସୁମାତ୍ରାର ରାଜାମାନଙ୍କୁ ପରାସ୍ତ କରିଥିଲେ । ଚୋଳରାଜା ପ୍ରଥମ ରାଜରାଜଙ୍କର ଏକ ମହାନ୍ କୃତିତ୍ୱ ଥିଲା ରାଜାରାଜେଶ୍ୱର ବା ବ୍ରିହଦେଶ୍ୱର ମନ୍ଦିର ନିର୍ମାଣ । ଏହା ତାଞ୍ଜୋରଠାରେ ଥିବା ଭଗବାନ ଶିବଙ୍କ ପାଇଁ ନିର୍ମିତ ହୋଇଥିଲା । ସେ ମଧ ତାଙ୍କ ରାଜ୍ୟରେ ଚାଷ ଜମିଗୁଡିକୁ ମାପ କରାଇ ଉତ୍ତମ ରାଜସ୍ୱ ଆଦାୟ କରିବାର ବ୍ୟବସ୍ଥା କରିଥିଲେ । ତାଙ୍କ ପୁତ୍ର ତଥା ଉତ୍ତରାଧିକାରୀ ଚୋଳରାଜା ପ୍ରଥମ ରାଜେନ୍ଦ୍ରଙ୍କ ସମୟରେ ଚୋଳ

ସାମ୍ରାଜ୍ୟ ଅଧିକ ଜାଜ୍ୱଲ୍ୟମାନ ହୋଇଥିଲା । ରାଜେନ୍ଦ୍ର ଚୋଳ ଗଙ୍ଗା ନଦୀ ଉପକୂଳରେ ଥିବା ବଂଗ ବିରୁଦ୍ଧରେ ଏକ ସାମରିକ ଅଭିଯାନ ଚଳାଇ ସେଠାରେ ରାଜତ୍ୱ କରୁଥିବା ପାଳରାଜା ମହିପାଳଙ୍କୁ ପରାସ୍ତ କରିଥିଲେ । ସେ ଏହି ସାମରିକ କୃତିତ୍ୱ କୁ ସ୍ମରଣୀୟ ରଖିବା ପାଇଁ ସେଠାରେ 'ଗଙ୍ଗାଇକୋଣ୍ଡାଚୋଳପୁରମ୍' ନାମକ ଏକ ନୂତନ ରାଜଧାନୀ ପ୍ରତିଷ୍ଠା କରିଥିଲେ । ଏଥି ସହିତ ସେ ନିଜକୁ 'ଗଙ୍ଗାଇ-କୋଣ୍ଡା' ଉପାଧିରେ ଭୂଷିତ କରିଥିଲେ । ସେ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ତାକୁ ଆବଶ୍ୟକୀୟ ପୃଷ୍ଠପୋଷକତା ପ୍ରଦାନ କରିଥିଲେ । ସେଥିପାଇଁ ମଧ ସେ 'ପଣ୍ଡିତ ଚୋଳ' ରୂପେ କଥିତ ହେଉଥିଲେ । ଚୋଳବଂଶର ଶେଷ ଦୀପଶିଖା ଥିଲେ କୂଳତୁଙ୍ଗଚୋଳ । ସେ ୧୦୭୦ ଖ୍ରୀଷ୍ଟାବ୍ଦରୁ ୧୧୧୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । ତାଙ୍କ ରାଜତ୍ୱ ସମୟରୁ ଚୋଳ ସାମ୍ରାଜ୍ୟର ପତନ ହୋଇଥିଲା ।

ଉପରୋକ୍ତ ଆଲୋଚନାରୁ ଜଣାପଡ଼େ ଯେ ଏକ ସମୟ ମଧରେ କ୍ରମାଗତ ଆଞ୍ଚଳିକ ସଂଘର୍ଷ ଜାରି ରହିଥିଲା । ଏହା ସହିତ ସାଂସ୍କୃତିକ ପ୍ରଗତିର ମଧ କ୍ରମୋନ୍ନତି ହେଉଥିଲା । ବାସ୍ତବରେ ବୃହତ ରାଜନୈତିକ ଶକ୍ତିମାନଙ୍କର ଉତ୍ଥାନ ହେତୁ ବିଭିନ୍ନ ଅଞ୍ଚଳରେ ରାଜନୈତିକ ସ୍ଥିରତା ପରିଲକ୍ଷିତ ହୋଇଥିଲା । ଫଳରେ କଳା,ସ୍ଥାପତ୍ୟ ଏବଂ ସାହିତ୍ୟର ଉନ୍ନତିଘଟି ବିଭିନ୍ନ ସଂସ୍କୃତିକୁ ପରିପୁଷ୍ଟ କରିଥିଲା ।


## INTEXT QUESTIONS 8.1 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. 'ତ୍ରିମୁଖୀ ସଂଘର୍ଷ' ରେ ଅଂଶଗ୍ରହଣ କରିଥିବା ତିନିଗୋଟି ରାଜବଂଶର ନାମ ଲେଖ । ପ୍ରତ୍ୟେକ ରାଜବଂଶ ରୁ ଜଣେ ଲେଖାଏଁ ରାଜାଙ୍କର ନାମ ଲେଖ ।

___

2. ୭୫୦ ଖ୍ରୀଷ୍ଟାବ୍ଦରୁ ୧୦୦୦ ଖ୍ରୀଷ୍ଟାବ୍ଦ ମଧରେ ଏହି ତିନୋଟି ଶକ୍ତି ମଧରେ ସଂଘର୍ଷର କାରଣ କ'ଣ ଥିଲା ?

___




Map 8.2 ଭାରତର ରାଜନୈତିକ ମାନଚିତ୍ର (୧୦୦୦ ଖ୍ରୀ:ଅ ରୁ ୧୨୦୦ ଖ୍ରୀ:ଅ)

3. କେଉଁ ପ୍ରତିହାର ରାଜାଙ୍କୁ ଆରବ ବିଦ୍ୱାନ ପ୍ରଶଂସା କରିଛନ୍ତି ?

_______________________________________________

4. କିଏ ବିକ୍ରମଶୀଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ?

_______________________________________________

5. ପାଳବଂଶ ର ରାଜାମାନେ କେଉଁ ଧର୍ମର ପୃଷ୍ଠପୋଷକତା କରିଥିଲେ ?

_______________________________________________

6. କେଉଁ ଚୋଳ ରାଜା 'ଗଙ୍ଗାଇକୋଣ୍ଡା' ଉପାଧିରେ ଭୂଷିତ ହୋଇଥିଲେ ?

_______________________________________________

## 8.2 NATURE OF STATE- ଶାସନ ବ୍ୟବସ୍ଥାର ଚରିତ୍ର

ଏହି ସମୟରେ କେନ୍ଦ୍ରୀୟ ଶାସନ ବ୍ୟବସ୍ଥା ପ୍ରଚଳିତ ଥିଲା । ରାଜା ଥିଲେ ଶାସନ ବ୍ୟବସ୍ଥାର ମୁଖ୍ୟ । ତାଙ୍କ ହସ୍ତରେ ସମସ୍ତ କ୍ଷମତା କେନ୍ଦ୍ରୀଭୂତ ଥିଲା । କିନ୍ତୁ ରାଜା ତାଙ୍କ କ୍ଷମତାକୁ ପ୍ରାଦେଶିକ ସାମନ୍ତମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ଏହି ପ୍ରାଦେଶିକ ଶାସକ ବା ସାମନ୍ତମାନେ କିଏ ଥିଲେ ? ଏମାନେ ରାଜାଙ୍କ ଦ୍ୱାରା ଯୁଦ୍ଧରେ ପରାସ୍ତ ହୋଇଥିଲେ । ଏହାପରେ ସେମାନଙ୍କ ରାଜ୍ୟ ତାଙ୍କୁ ଫେରାଇ ଦିଆଯାଇଥିଲା । କିନ୍ତୁ ସେମାନେ ରାଜାଙ୍କର ସାର୍ବଭୌମତ୍ୱ ସ୍ୱୀକାର କରିବା ସଂଗେସଂଗେ ରାଜାଙ୍କୁ ବାର୍ଷିକ କର ପ୍ରଦାନ କରୁଥିଲେ । ଆବଶ୍ୟକ ମସୟରେ ଏହି କରଦ ସାମନ୍ତମାନେ ରାଜା ଙ୍କୁ ସାମରିକ ସହାୟତା ପ୍ରଦାନ କରୁଥିଲେ । ଏହି ସାମନ୍ତ ରାଜାମାନେ ତାଙ୍କ ରାଜ୍ୟରେ ସ୍ୱାଧୀନ ଭାବରେ ଶାସନ କରୁଥିଲେ ଏବଂ ସେମାନଙ୍କ ନିଜ ଅଞ୍ଚଳରେ ସେମାନେ ଅତ୍ୟନ୍ତ କ୍ଷମତାଶାଳୀ ଥିଲେ । ଏଥିରୁ ଅନୁମାନ କରାଯାଏ ଯେ, ଯଦି କେନ୍ଦ୍ରୀୟ ବ୍ୟବସ୍ଥାରେ ଜଣେ ଦୁର୍ବଳ ରାଜାଥାନ୍ତି, ତେବେ ପ୍ରାଦେଶିକ ଶକ୍ତିଶାଳୀ ସାମନ୍ତରାଜାମାନେ ନିଜର ସ୍ୱାଧୀନତା ଘୋଷଣା କରି ସାମ୍ରାଜ୍ୟ କୁ ଖଣ୍ଡ ଖଣ୍ଡ କରିଥାନ୍ତି । ପ୍ରତିହାର ଶାସକମାନଙ୍କ କ୍ଷେତ୍ରରେ ଅନୁରୂପ ଅବସ୍ଥା ପରିଲକ୍ଷିତ ହୋଇଥିଲା ।

କେନ୍ଦ୍ରୀୟ ଶାସନ ବ୍ୟବସ୍ଥାରେ ଅନ୍ୟ ଏକ ପରିଚ୍ଛଦ ଥିଲା ରାଜାଙ୍କ ଦ୍ୱାରା ବ୍ରାହ୍ମଣ ତଥା ଅନ୍ୟମାନଙ୍କୁ ଭୂମିଦାନ ବ୍ୟବସ୍ଥା । ୧ମ ଖ୍ରୀ:ଅ ଏବଂ ୨ୟ ଖ୍ରୀ;ଅ ରେ ସାତବାହନ ରାଜବଂଶ ଦ୍ୱାରା ଏହି ବ୍ୟବସ୍ଥା ଆରମ୍ଭ ହୋଇଥିଲା । କିନ୍ତୁ ଗୁପ୍ତବଂଶର ପତନ ପରେ ଏହି ବ୍ୟବସ୍ଥା ଦେଶ ସାରା ପ୍ରଚଳିତ ହେଲା । ତେଣୁ ଏହି ଭୂମିଦାନ କେବଳ ଆଧାତ୍ମିକ ବ୍ୟକ୍ତି ବିଶେଷଙ୍କୁ ନୁହେଁ, ଏହା ବହୁ ଅନୁଷ୍ଠାନ ବା ସରକାରୀ ଅଫିସରମାନଙ୍କୁ ପ୍ରଦାନ କରାଯାଉଥିଲା । ଏହି ବ୍ୟବସ୍ଥା ସେହି ସମୟରେ ପ୍ରଚଳିତ ହେବାର କାରଣ ବିଷୟରେ ଅନୁଧାନ କରି ଜଣାପଡିଛି ଯେ ସେ  ସମୟରେ ମୁଦ୍ରାର ଅଭାବ ପଡିବାରୁ ବିଭିନ୍ନ ସେବାପାଇଁ ଏହି ଭୂମିଦାନ କରାଯାଉଥିଲା । ଏହି ଜମି ଗୁଡିକ ନିଷ୍କର ଜମିଥିଲା । ଏହି ଜମି ଉପରେ ରାଜା କିମ୍ବା ରାଜକର୍ମଚାରୀ କେହି ହସ୍ତକ୍ଷେପ କରୁ ନଥିଲେ ।

ଦକ୍ଷିଣ ଭାରତରେ ଚୋଳବଂଶର  ଶାସନ ବ୍ୟବସ୍ଥାରେ ସାମାନ୍ୟ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା ।ଏହି ସମୟରେ ଗ୍ରାମ୍ୟ ଶାସନ ବ୍ୟବସ୍ଥାରେ ଗ୍ରାମବାସୀମାନେ ସ୍ୱାଧୀନତା ଉପଭୋଗ କରୁଥିଲେ । ସେମାନଙ୍କ ଦ୍ୱାରା ନିର୍ବାଚିତ ଆଞ୍ଚଳିକ ପରିଷଦ ଦ୍ୱାରା ଶାସନ ବ୍ୟବସ୍ଥା ଚାଲୁଥିଲା । ମିଳିଥିବା ତଥ୍ୟ ଅନୁଯାୟୀ, ସେ ସମୟରେ ଦୁଇ ପ୍ରକାର ଗ୍ରାମ୍ୟ ପରିଷଦ ରହିଥିଲା । ଗୋଟିକୁ କୁହାଯାଉଥିଲା 'ସଭା' ଏବଂ ଅନ୍ୟଟିକୁ କୁହାଯାଉଥିଲା 'ଉର' । 'ସଭା'ରେ ବ୍ରାହ୍ମଣ ସଦସ୍ୟମାନଙ୍କର,'ଉର' ରେ ଅନ୍ୟାନ୍ୟ ଜାତିର ଲୋକ ସଭ୍ୟ ହେଉଥିଲେ । ଏହି ଦୁଇ ପରଷଦ ଜନହିତକର କାର୍ଯ୍ୟ, କର ଆଦାୟ ଏବଂ ମନ୍ଦିର ପରିଚାଳନା ଆଦି କାର୍ଯ୍ୟତଦାରଖ କରୁଥିଲେ । ଚୋଳଶାସନ ବ୍ୟବସ୍ଥାର ଏହାଥିଲା ଏକ ଅନନ୍ୟ ଉଦାହରଣ । ଏହି ଶାସନ ବ୍ୟବସ୍ଥା କେନ୍ଦ୍ର ଓ ଗ୍ରାମ ମଧ୍ୟରେ ଉତ୍ତମ ସନ୍ତୁଳନ ରକ୍ଷା କରୁଥିଲା ।

## INTEXT QUESTIONS 8.2 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. କେନ୍ଦ୍ରୀୟ ରାଜନୈତିକ ଶାସନ ବ୍ୟବସ୍ଥା କହିଲେ କ'ଣ ବୁଝ ? ପ୍ରାକ୍ ମଧ୍ୟଯୁଗୀୟ ଯୁଗରେ ଉତ୍ତର ଭାରତରେ ଏହି ବ୍ୟବସ୍ଥା କିପରି କ୍ଷତିକାରକ ହୋଇଥିଲା ?


___

2. କେଉଁ ରାଜ୍ୟ ଗ୍ରାମ୍ୟସ୍ୱାୟତ୍ତଶାସନ ପରିଷଦ କୁ ପ୍ରାଧାନ୍ୟ ଦେଇଥିଲା ? ଏହି ଗ୍ରାମ୍ୟ ପରିଷଦଗୁଡିକ ର ନାମ କ'ଣ ଥିଲା ?

___

## 8.3 SOCIAL AND ECONOMIC CHANGES-ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ

ପ୍ରାକ୍ ମଧ୍ୟଯୁଗରେ ଅନେକ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ସଂଗଠିତ ହୋଇଥିବାର ଦେଖାଯାଏ । ସାମାଜିକ ଦୃଷ୍ଟିକୋଣରୁ ଲକ୍ଷ୍ୟକଲେ ଦେଖାଯାଏ ଯେ ଏହି ସମୟରେ ଅନେକ ଜାତିର ଉଦ୍ରେକ ହୋଇ ଜାତିପ୍ରଥା ସୃଷ୍ଟି ହୋଇଥିଲା । ଏପରିହେବାର କାରଣ ହେଲା ବିଭିନ୍ନନୂତନ ଗୋଷ୍ଠିର ବ୍ରାହ୍ମଣ୍ୟ ସଂପ୍ରଦାୟ ସହିତ ମିଶ୍ରଣ । ଅସଂଖ୍ୟ ଭୂମିପଟ୍ଟା ପ୍ରଦାନ ଯୋଗୁ ନୂତନ ଅଞ୍ଚଳ ଗୁଡିକ କୃଷି ଉପଯୋଗୀ ହେଲା । ଫଳରେ ଏହି ଅଞ୍ଚଳର ଅଧିବାସୀମାନେ ଶିକାର ଛାଡି କୃଷିକୁ ମୁଖ୍ୟ ଜୀବିକା ରୂପେ ଗ୍ରହଣ କଲେ । ସେମାନେ କୃଷକ ଗୋଷ୍ଠିକୁ ପରିବର୍ତ୍ତିତ ହେଲେ ଏବଂ ଶୁଦ୍ର ରୂପେ ସମାଜରେ ପରିଗଣିତ ହେଲେ । ପ୍ରକୃତରେ ଏହି ଭୂମିଦାନ ପାଇଥିବା ବ୍ରାହ୍ମଣମାନେ ବିଭିନ୍ନ ଆଭ୍ୟନ୍ତରୀଣ ଅଞ୍ଚଳ ମଧ୍ୟକୁ ଚାଲିଯାଇଥିଲେ । ଏହି ଭୂମିଦାନ ପ୍ରଥା ଯୋଗୁ କାୟସ୍ଥ ନାମକ ଏକ ଗୋଷ୍ଠିର ଆର୍ବିଭାବ ହେଲା । ସେମାନେ ଏହି ଭୂମିଦାନ ପଟ୍ଟା କିପରି ଲେଖାଯାଏ ଏବଂ ହିସାବ କିପରି ରଖାଯାଏ, ସେଥିରେ ସିଦ୍ଧହସ୍ତ ଥିଲେ ।




୮.୩ ଦକ୍ଷିଣ-ପୂର୍ବ ଏସିଆ ମାନଚିତ୍ର ।



ଟିପ୍ପଣୀ

କିନ୍ତୁ ଏହି ସମୟର ପ୍ରଧାନ ବୈଶିଷ୍ଟ୍ୟ ଥିଲା ରାଜପୁତ୍ ନାମକ ଏକ ଜାତିର ଆର୍ବିଭାବ । ଏହି ଜାତି ମଧ୍ୟରେ ଥିଲେ ଚୌହାନ ବଂଶ, ପରମାର ବଂଶ, ପ୍ରତିହାର ବଂଶ ଏବଂ ଚାନ୍ଦେଲା ବଂଶ ।କେତେକ ଐତିହାସିକ ବିଶ୍ୱାସ କରନ୍ତି ଯେ ଏହି ରାଜପୁତ୍‌ମାନେ ହେଉଛନ୍ତି ଶକ, କୁଶାଣ ଏବଂ ହୁନ ମାନଙ୍କ ପରି ବୈଦେଶିକ ଜାତି ମାନଙ୍କର ବଂଶଧର । ଏହି ରାଜପୁତ୍‌ମାନେ କାଳକ୍ରମେ ରାଜସ୍ଥାନରେ ସ୍ଥାୟୀ ଭାବରେ ରହିଲେ । ସେମାନେ ଭାରତୀୟ ସମାଜ ମଧ୍ୟରେ ମିଶିଗଲେ ଏବଂ ଏକ ଯୋଦ୍ଧା ଜାତି ରୂପେ ଆତ୍ମପ୍ରକାଶ କଲେ । ଛୋଟ ଛୋଟ ଆଞ୍ଚଳିକ ରାଜ୍ୟର ମୁଖ୍ୟମାନେ ନିଜକୁ ରାଜା ଭୂମିକାରେ ଦେଖିବାପାଇଁ ଗଙ୍ଗୋତ୍ରୀରୁ ବ୍ରାହ୍ମଣମାନଙ୍କୁ ଡକାଇ ରାଜ୍ୟାଭିଷେକ କରାଇଥିଲେ । ଫଳରେ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଗଲା ।

ଅର୍ଥନୈତିକ ଦୃଷ୍ଟିକୋଣରୁ ୭୫୦ ଖ୍ରୀଷ୍ଟାବ୍ଦ ରୁ ୧୦୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଅବସ୍ଥାର ଅବନତି ପରିଲକ୍ଷିତ ହୋଇଥିଲା । କାରଣ ଏହି ସମୟ ମଧ୍ୟରେ ମୁଦ୍ରାର ବ୍ୟବହାର ହୋଇନଥିଲା ଏବଂ ସହରଗୁଡିକର ଅବସ୍ଥା ମଧ୍ୟ ଶୋଚନୀୟ ହୋଇଥିଲା । କିନ୍ତୁ ୧୦୦୦ ଖ୍ରୀଷ୍ଟାବ୍ଦର ଅନ୍ତିମ ଭାଗରେ ବାଣିଜ୍ୟ କାରବାର ର ପୁନରୋଦ୍ଧାର ହୋଇଥିବାର ଦେଖାଯାଏ । ଏହାପରେ ସ୍ୱର୍ଣ୍ଣମୁଦ୍ରା ପ୍ରଚଳିତ ହେବା ସହିତ ନୂତନ ବାଣିଜ୍ୟିକ ପଦାର୍ଥ ଏବଂ ବାଣିଜ୍ୟ କେନ୍ଦ୍ରଗୁଡିକର ଉତ୍‌ଥାନ ଦେଖିବାକୁ ମିଳିଲା । ଏହି ସବୁ ଉନ୍ନତି ହେବା ମୂଳରେ ଦୁଇଟି କାରଣ ରହିଥିଲା । ପ୍ରଥମତଃ, ନୂତନ ଅଞ୍ଚଳ ମାନଙ୍କର ଭୂମିଦାନ ଯୋଗୁ କୃଷିକାର୍ଯ୍ୟ ତ୍ୱରାନ୍ୱିତ ହୋଇ ବଳକା ଶସ୍ୟ ଉତ୍ପାଦିତ ହେଲା । ଦ୍ୱିତୀୟତଃ, ଆର୍ନ୍ତଜାତିକ ବାଣିଜ୍ୟ କ୍ଷେତ୍ରରେ ମୁଖ୍ୟଭୂମିକା ଗ୍ରହଣ କରିଥିବା ଆରବ ବଣିକମାନେ ଭାରତୀୟ ଉପକୂଳରେ ଆର୍ବିଭାବ ହେଲେ । ୭୧୨ ଖ୍ରୀଷ୍ଟାବ୍ଦରେ ଆରବୀୟମାନଙ୍କର ସିନ୍ଧୁ ପ୍ରଦେଶ ଅଧିକାର କଲାପରେ କ୍ରମଶଃ ସେମାନେ ଆରବଠାରୁ ଚୀନ ଦେଶ ପର୍ଯ୍ୟନ୍ତ ସମୁଦ୍ର ଉପକୂଳରେ ସେମାନଙ୍କର ଉପନିବେଶ ସ୍ଥାପନ କଲେ । ଏହି ଉପନିବେଶଗୁଡିକ ଭାରତୀୟ ଦ୍ରବ୍ୟର କ୍ରୟ ଓ ବିକ୍ରୟର ମୁଖ୍ୟକେନ୍ଦ୍ର ରୂପେ ପରିଗଣିତ ହେଲା । ଫଳରେ ଭାରତର ବର୍ହିଃବାଣିଜ୍ୟ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେଲା । ଦକ୍ଷିଣ ଭାରତରେ ଚୋଳରାଜାମାନେ ମାଳୟ, ଇଣ୍ଡୋନେସିଆ ଏବଂ ଚୀନ୍ ପରି ଦକ୍ଷିଣପୂର୍ବ ଏସୀୟ ରାଜ୍ୟସହିତ ଉତ୍ତମ ବାଣିଜ୍ୟିକ ସଂପର୍କ ରକ୍ଷା କରିଥିଲେ ।

### INTEXT QUESTIONS 8.3 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ରାଜପୁତ୍ ଶ୍ରେଣୀର ଉତ୍‌ଥାନର ପ୍ରଧାନ କାରଣ କ'ଣ ଥିଲା ?

## 8.4 CULTURAL DEVELOPMENTS - ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ

ନୂତନ ଆଞ୍ଚଳିକ ରାଜ୍ୟଗୁଡିକର ଉତ୍‌ଥାନ ଫଳରେ ନୂତନ ଆଞ୍ଚଳିକ ସଂସ୍କୃତିର ପରିପ୍ରକାଶ ହେଲା । ଉତ୍ତର ଭାରତରେ ବଙ୍ଗଳା ଏବଂ ଓଡିଶା ସଂସ୍କୃତିର ପ୍ରମୁଖ ଅଞ୍ଚଳରୂପେ ଖ୍ୟାତି ଲାଭ କଲାବେଳେ, ମଧ୍ୟ ଭାରତରେ ଉତ୍ତର ଗୁଜୁରାଟ ଏବଂ ମହାରାଷ୍ଟ୍ର ସଂସ୍କୃତିର ମୁଖ୍ୟକେନ୍ଦ୍ର ରୂପେ ପ୍ରତିଭାତ ହୋଇଥିଲା । ସେହିପରି ଦକ୍ଷିଣ ଭାରତର ପ୍ରମୁଖ ସାଂସ୍କୃତିକ କେନ୍ଦ୍ରଗୁଡିକ ଥିଲା ଆନ୍ଧ୍ର, କର୍ଣ୍ଣାଟକ ଏବଂ ତାମିଲନାଡୁ । ଏହି ସମୟରେ ବିଭିନ୍ନ ପ୍ରକାର କଳା, ଭାଷା,ସାହିତ୍ୟ ପ୍ରଭୃତିର ଉନ୍ନତି ପରିଲକ୍ଷିତ ହୋଇଥିଲା । ଏହି ସମୟରେ ବଙ୍ଗଳା, ଆସାମୀ, ଓଡିଆ ଏବଂ ମରାଠି ଭାଷା କଥିତଭାଷା ରୂପେ ବ୍ୟବହୃତ ହୋଇଥିଲେ । ସଂସ୍କୃତ ଭାଷା ପରିବର୍ତ୍ତେ ଏହି ସବୁ ଆଞ୍ଚଳିକ ଭାଷାରେ ଉନ୍ନତ ସାହିତ୍ୟ ସୃଷ୍ଟି ହେଲା । ଏହିସବୁ ସାହିତ୍ୟିକ କୃତିମାନ ଆଞ୍ଚଳିକ ରାଜାଙ୍କ ପୃଷ୍ଠପୋଷକତାରେ ମୁଦ୍ରିତ ହେଉଥିଲା । ଏହି ସମୟରେ ତାମିଲି କବି କାମବାଣଙ୍କ ଦ୍ୱାରା ଅନୁବାଦିତ ରାମାୟଣକୁ ଚୋଳ ରାଜାଙ୍କ ପୃଷ୍ଠପୋଷକତାରେ ତାମିଲି ଭାଷାରେ ମୁଦ୍ରିତ ହୋଇଥିଲା । ସେହିପରି କର୍ଣ୍ଣାଟକ ସାହିତ୍ୟ ଜଗତର ପ୍ରଖ୍ୟାତ କବି ପାମ୍ପ କନ୍ନଡ ଭାଷାରେ 'ବିକ୍ରମାର୍ଜୁନ ବିଜୟ' ନାମକ ଏକ ଅମୂଲ୍ୟ ଗ୍ରନ୍ଥ ରଚନା କରିଥିଲେ । ଏହି ପୁସ୍ତକ 'ପାମ୍ପ ଭାରତ' ରୂପେ ଲୋକପ୍ରିୟତା ହାସଲ କରିଥିଲା । ସେହିପରି



ଚିତ୍ର ୮.୧: ନଟରାଜ

ଆନ୍ଧ୍ରପ୍ରଦେଶରେ ନନିହା ନାମକ କବି ତେଲୁଗୁ ଭାଷାରେ ମହାଭାରତର କିଛି ଅଂଶ ଅନୁବାଦ କରିଥିଲେ । ତ୍ରୟୋଦଶ ଶତାବ୍ଦୀରେ ଟିକନ୍ନା ନାମକ କବିଙ୍କ ଦ୍ୱାରା ଏହା ସଂପୂର୍ଣ୍ଣ ହୋଇଥିଲା ।

ଏସବୁ ସତ୍ତ୍ୱେ, ସଂସ୍କୃତ ଭାଷା ଶିକ୍ଷାର ଏକ ପ୍ରମୁଖ ମାଧ୍ୟମ ରୂପେ ମାନ୍ୟତା ଲାଭ କରିଥିଲା । ଏହି ସମୟରେ ସଂସ୍କୃତ ଭାଷାରେ ରଚିତ ହୋଇଥିବା ପ୍ରଧାନ ପୁସ୍ତକ ଗୁଡିକ ଥିଲା, "କଥା ସରିତସାଗର", କଳହଣଙ୍କ କାଶ୍ମିରୀ ଉପରେ ରଚିତ "ରାଜତରଙ୍ଗିଣୀ" ଏବଂ ଜୟଦେବଙ୍କ ରଚିତ "ଗୀତ ଗୋବିନ୍ଦ" । ଏହି ପୁସ୍ତକଗୁଡିକ ପାଳ ରାଜାଙ୍କ ପୃଷ୍ଠପୋଷକତାରେ ମୁଦ୍ରିତ ହୋଇଥିଲା । 'କଥା ସରିତସାଗର' ପୁସ୍ତକ ଥିଲା କେତେକ ସଂଗୃହିତ ଗଳ୍ପର ସମାହାର । 'ରାଜତରଙ୍ଗିଣୀ' ପୁସ୍ତକରେ କାଶ୍ମୀର ରାଜ୍ୟର ବଂଶାବଳୀ ଦେଖିବାକୁ ମିଳେ । 'ଗୀତ ଗୋବିନ୍ଦ' ପୁସ୍ତକ ଥିଲା ଏକ ଆଧାତ୍ମକ ପୁସ୍ତକ ଯେଉଁଥିରେ ରାଧା ଓ କୃଷ୍ଣଙ୍କର ପ୍ରେମ ଉପରେ ବର୍ଣ୍ଣନା ଦେଖିବାକୁ ମିଳେ ।

ଏହି ସମୟରେ ରାଜକୀୟ ପୃଷ୍ଠପୋଷକତା ଲାଭକରି ଅନ୍ୟ ଏକ କୃତିତ୍ୱ ଥିଲା ମନ୍ଦିର ନିର୍ମାଣ । ଏହି ମନ୍ଦିର ଗୁଡିକ ତତ୍‌କାଳୀନ ରାଜାମାନଙ୍କର ଗୌରବର ସ୍ମାରକୀ ରୂପେ ଦଣ୍ଡାୟମାନ । ଯେଉଁ ରାଜା ଯେତିକି ଅଧିକ ଶକ୍ତିଶାଳୀ ଥିଲେ, ତାଙ୍କ ମନ୍ଦିର ସେହିପରି ବିଶାଳ ଥିଲା । ବିଶାଳ ମନ୍ଦିର ନିର୍ମାଣ ପାଇଁ ଅଧିକ ଅର୍ଥବଳ ଏବଂ ଲୋକବଳ ର ଆବଶ୍ୟକତା ଥିଲା । ଶକ୍ତିଶାଳୀ ଓ ବିତ୍ତଶାଳୀ ରାଜାମାନଙ୍କ ପକ୍ଷେ ଏହିପରି ମନ୍ଦିର କରିବା ସମ୍ଭବ ହେଉଥିଲା ।

ଏହି ସମୟରେ ତିନି ପ୍ରକାର ର ମନ୍ଦିର ସ୍ଥାପତ୍ୟ ଦେଖିବାକୁ ମିଳିଥିଲା । ପ୍ରଥମ ପ୍ରକାର ମନ୍ଦିର ନଗରଶୈଳୀ କୁହାଯାଉଥିଲା ବେଳେ ଦ୍ୱିତୀୟ ପ୍ରକାର ସ୍ଥାପତ୍ୟକୁ ଦ୍ରାବିଡ ଶୈଳୀ କୁହାଯାଉଥିଲା । ତୃତୀୟ ପ୍ରକାର ଶୈଳୀକୁ ଭେସର ଶୈଳୀ କୁହାଯାଉଥିଲା । ନଗରଶୈଳୀ ଓ ଦ୍ରାବିଡଶୈଳୀର ମିଶ୍ରିତ ଶୈଳୀ ଦେଖିବାକୁ ମିଳିଥିଲା ଭେସରଶୈଳୀରେ । ନଗର ସ୍ଥାପତ୍ୟଶୈଳୀ ର ବିଶେଷତ୍ୱ ହେଲା ଉଚ୍ଚ ସୌଧ ନିର୍ମାଣ ଯାହାକୁ କୁହାଯାଉଥିଲା ଶିଖର । ଏହି ଶୈଳୀରେ ଅସଂଖ୍ୟ ମନ୍ଦିର ଉତ୍ତର ଭାରତରେ ନିର୍ମିତ ହୋଇଥିଲା । ମୁଖ୍ୟତଃ ଏହି ମନ୍ଦିରଗୁଡିକ ମଧ୍ୟଭାରତ, ଗୁଜୁରାଟ, ରାଜସ୍ଥାନ ଏବଂ ଓଡିଶାରେ ଦେଖିବାକୁ ମିଳେ । ନଗରଶୈଳୀ ବ୍ୟତିରକେ ଆଞ୍ଚଳିକ ଶୈଳୀର ପରିପ୍ରକାଶ ମଧ ଏହି ସ୍ଥାପତ୍ୟରେ ଦେଖିବାକୁ ମିଳେ । ଏହି ନଗରଶୈଳୀର କେତେକ ଉତ୍କୃଷ୍ଟ ଦୃଷ୍ଟାନ୍ତ ହେଉଛି ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, କୋଣାର୍କର ସୂର୍ଯ୍ୟମନ୍ଦିର ଏବଂ ଖୁଜୁରାହୋର ମହାଦେବ ମନ୍ଦିର । ଖୁଜୁରାହୋର ଏହି ମନ୍ଦିର ଚାନ୍ଦେଲାର ରାଜାଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଦ୍ରାବିଡ ଶୈଳୀରେ ନିର୍ମିତ ମନ୍ଦିର



ଟିପ୍ପଣୀ

ସ୍ଥାପତ୍ୟଗୁଡ଼ିକ ଦକ୍ଷିଣ ଭାରତରେ ଦେଖିବାକୁ ମିଳେ । ଚୋଳ ରାଜବଂଶ ରାଜତ୍ୱ ସମୟରେ ଦ୍ରାବିଡ଼ଶୈଳୀର ମନ୍ଦିର ସ୍ଥାପତ୍ୟ ଉନ୍ନତିର ଚରମ ସୀମାରେ ଉପନୀତ ହୋଇଥିଲା । ଏହି ଶୈଳୀର ମୁଖ୍ୟ ବୈଶିଷ୍ଟ୍ୟ ଥିଲା ଗର୍ଭଗୃହ, ବିମନ, ମଣ୍ଡପ ଏବଂ ଗୋପୁର । ଗର୍ଭଗୃହ ରେ ମୁଖ୍ୟଦେବତା ଙ୍କୁ ସ୍ଥାପିତ କରାଯାଉଥିଲା । ଗର୍ଭଗୃହର ଉପର ଭାଗରେ ନିର୍ମିତ 'ସ୍ତର କୁ ସ୍ତର'କୁ ବିମନ କୁହାଯାଉଥିଲା । ଅନେକ ଗୁଡିଏ ସ୍ତମ୍ଭ ପରିବେଷ୍ଟିତ ଏକ ବୃହତ କୋଠରୀକୁ ମଣ୍ଡପ କୁହାଯାଉଥିଲା । ଏହି ମଣ୍ଡପ ଗର୍ଭଗୃହ ସମ୍ମୁଖରେ ନିର୍ମିତ ହୋଇଥିଲା । ମନ୍ଦିର ଚର୍ତୁପାଶ୍ୱ ପରିବେଷ୍ଟିତ ବୃହତ ପ୍ରାଚୀର ଏବଂ ଫାଟକକୁ ଗୋପୁର କୁହାଯାଉଥିଲା । ଏହି ଶୈଳୀରେ ନିର୍ମିତ ଏକ ଉଜ୍ୱଳ ଦୃଷ୍ଟାନ୍ତ ହେଉଛି ତାଞ୍ଜୋରଠାରେ ନିର୍ମିତ ବ୍ରିହଦେଶ୍ୱର ମନ୍ଦିର । ଏହା ଚୋଳରାଜା ରାଜରାଜଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ଭେସରଶୈଳୀରେ ମନ୍ଦିର ସ୍ଥାପତ୍ୟଗୁଡିକ ଚାଲୁକ୍ୟ ବଂଶର ରାଜାମାନଙ୍କ ପୃଷ୍ଠପୋଷକତାରେ ନିର୍ମିତ ହୋଇଥିଲା । କର୍ଣ୍ଣାଟକର ପାଟ୍ଟଡକଲଠାରେ ଏହି ଶୈଳୀର ମନ୍ଦିର ଦେଖିବାକୁ ମିଳେ । ଏହି ଯୁଗରେ ଭାସ୍କର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଥିଲା । ଚୋଳ ଭାସ୍କର୍ଯ୍ୟଶିଳ୍ପୀମାନଙ୍କର ମହାନ୍ ଅବଦାନ ଥିଲା ବ୍ରୋଞ୍ଜର ନଟରାଜ ମୂର୍ତ୍ତୀ । ଶିବଙ୍କର ଏହି ମୂର୍ତ୍ତୀଗୁଡିକ ତାଙ୍କ ତାଣ୍ଡବ ନୃତ୍ୟକୁ ସୂଚେଇଥାଏ ।

## INTEXT QUESTIONS 8.4 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଉତ୍ତର ଭାରତରେ କେଉଁ ପ୍ରକାର ସ୍ଥାପତ୍ୟ ଶୈଳୀ ଅନୁସୃତ ହେଉଥିଲା ?

___________________________________


2. ଭାସ୍କର୍ଯ୍ୟ କ୍ଷେତ୍ରରେ ଚୋଳମାନଙ୍କର ପ୍ରଧାନ ଅବଦାନ କ'ଣ ଥିଲା ?

___________________________________

## 8.5 CONTACT WITH SOUTHEAST ASIA- ଦକ୍ଷୀଣପୂର୍ବ ଏସିଆ ସହିତ ସଂପର୍କ

ଭାରତୀୟମାନେ କଦାପି ଗୋଟିଏ ସ୍ଥାନରେ ସ୍ଥାୟୀ ହୋଇ ରହିପାରନ୍ତି ନାହିଁ । ପ୍ରାଚୀନ କାଳରୁ ସେମାନେ ବାଣିଜ୍ୟ ଏବଂ ଅନ୍ୟାନ୍ୟ ବ୍ୟବସାୟ ପାଇଁ ପୃଥିବୀର ବିଭିନ୍ନ ସ୍ଥାନକୁ ଯାତ୍ରା କରିଥିଲେ । ଖ୍ରୀ:ପୂ; ପଞ୍ଚମ ଶତାବ୍ଦୀ ରୁ ଭାରତର ସଂପର୍କ ଦକ୍ଷିଣପୂର୍ବ ଏସିଆ ସହିତ ରହିଥିଲା । ଏହି ସମୟରେ ଜାତକ, ବୌଦ୍ଧଗ୍ରନ୍ଥର ବର୍ଣ୍ଣନା ଅନୁଯାୟୀ ଭାରତୀୟମାନେ ସୁବର୍ଣ୍ଣଦୀପକୁ ଯାତ୍ରା କରିଥିଲେ ଯାହାକି ଆଧୁନିକ ଜାଭା ରୂପେ ପରିଚିତ । ଥାଇଲାଣ୍ଡ, ଭିଏତ୍‌ନାମ ଏବଂ ଇଣ୍ଡୋନେସିଆରୁ ପ୍ରତ୍ନତତ୍ତ୍ୱ ଖନନ ଦ୍ୱାରା ଆବିଷ୍କୃତ ଅଳଙ୍କାର ଓ ମୂଲ୍ୟବାନ ପଥର ଇତ୍ୟାଦି ଭାରତର ଦକ୍ଷିଣପୂର୍ବ ଏସିଆ ସହିତ ସଂପର୍କ କଥା ପ୍ରମାଣ କରେ । ଏହି ଆବିଷ୍କୃତ ପଦାର୍ଥ ଗୁଡିକ ଖ୍ରୀ: ପୂ: ପ୍ରଥମ ଶତାବ୍ଦୀର ବୋଲି ଜଣାପଡେ । ଚୀନ୍‌ର କିମ୍ବଦନ୍ତୀ ଅନୁଯାୟୀ ଦକ୍ଷିଣପୂର୍ବ ଏସିଆରେ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ କୌଣ୍ଡିନ୍ୟ ନାମକ ବ୍ରାହ୍ମଣ ଫନନ୍ ବା କାମ୍ବୋଡିଆରେ ପ୍ରଥମେ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ସେ ଭାରତରୁ ଆସିଥିଲେ ଏବଂ ଏଠାକାର ରାଜକୁମାରୀଙ୍କୁ ବିବାହ କରିଥିଲେ । ସେ ଯାହାହେଉ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀପରେ ଭାରତ ଓ ଦକ୍ଷିଣପୂର୍ବ ଏସିଆ ମଧ୍ୟରେ ସଂପର୍କ ଅତି ନିବିଡ ହେଲା । ଏହାକୁ ଆଧାର କରି ଅନେକ ଶିଳାଲେଖ ସଂସ୍କୃତ ଭାଷାରେ ଉତ୍କୀର୍ଣ୍ଣ ହୋଇଥିଲା । ୮୦୦ ଖ୍ରୀଷ୍ଟାବ୍ଦରୁ ୧୩୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହି ସଂପର୍କ ବହୁଗୁଣିତ ହୋଇ ଶୀର୍ଷସୀମାରେ ଉପନୀତ ହେଲା । ସଂପୂର୍ଣ୍ଣ ଦକ୍ଷିଣ ପୂର୍ବ ଏସିଆରେଅନେକ ଭାରତୀୟ ରାଜା ଓ ରାଜବଂଶ ଙ୍କର ଆର୍ବିଭାବ ହୋଇଥିଲା ।

ଦକ୍ଷିଣପୂର୍ବ ଏସିଆ ସହିତ ସଂପର୍କର ପ୍ରଧାନ ଆଧାର ଥିଲା ଦରିଆପାରି ବାଣିଜ୍ୟ । ଏହି ଅଞ୍ଚଳ ଥିଲା, ଅଳେଇଚ, ଚନ୍ଦନ କାଠ, କର୍ପୂର ଏବଂ ଲବଙ୍ଗ ପ୍ରଭୃତି ଦ୍ରବ୍ୟର ଗନ୍ତାଘର । ଏହା ଥିଲା ପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ବାଣିଜ୍ୟର ମୁଖ୍ୟ ସାମଗ୍ରୀ । ପ୍ରାରମ୍ଭରେ ଭାରତୀୟମାନେ ସେଠାକାର ଉପକୂଳ ରେ ଉପନିବେଶ ସ୍ଥାପନ କରିଥିଲେ । କ୍ରମଶଃ ସେମାନେ ଦକ୍ଷିଣପୂର୍ବ ଏସିଆର



ଟିପ୍ପଣୀ



ଆଭ୍ୟନ୍ତରରେ ବସତି ସ୍ଥାପନ କଲେ । ଏହି ବଣିକମାନଙ୍କ ସହିତ ବୌଦ୍ଧଧର୍ମାବଲମ୍ବୀ ଓ ବ୍ରାହ୍ମଣ ପୁରୋହିତମାନେ ଏଠାକୁ ଆଗମନ କରିଥିଲେ । ଫଳରେ ଭାରତୀୟ ସଂସ୍କୃତି ଓ ଦକ୍ଷିଣପୂର୍ବ ଏସୀୟ ସଂସ୍କୃତିର ମିଳନ ହେଲା । ସେଠାରେ ଧର୍ମକ୍ଷେତ୍ରରେ ଏବଂ ବିଚାରାଳୟ ମାନଙ୍କରେ ସଂସ୍କୃତ ଭାଷାର ପ୍ରଚଳନ କୁ ଅନୁମତି ମିଳିଲା । ଏଥି ସହିତ ଆଞ୍ଚଳିକ ଭାଷାର ମଧ ପ୍ରଚଳନ ହେଲା । ଦକ୍ଷିଣପୂର୍ବ ଏସିଆରେ ବର୍ଣ୍ଣବ୍ୟବସ୍ଥା ପ୍ରଚଳିତ ହୋଇ ବ୍ରାହ୍ମଣମାନେ ସମାଜରେ ଉଚ୍ଚସ୍ଥାନ ଲାଭ କଲେ । କିନ୍ତୁ ଭାରତ ପରି ସେଠାରେ ବର୍ଣ୍ଣବ୍ୟବସ୍ଥା ଜଟିଳ ନଥିଲା ।

ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ଦକ୍ଷିଣପୂର୍ବ ଏସିଆରେ ପ୍ରତିଷ୍ଠା ଲାଭ କରିଥିବା ପ୍ରଖ୍ୟାତ ସାମ୍ରାଜ୍ୟ ଥିଲା ଶୈଳେନ୍ଦ୍ର ସାମ୍ରାଜ୍ୟ । ଏହି ସାମ୍ରାଜ୍ୟ ଜାଭା, ସୁମାତ୍ରା, ମାଳୟ ଅଞ୍ଚଳ ତଥା ଦକ୍ଷିଣପୂର୍ବ ଏସିଆର ଅନ୍ୟାନ୍ୟ ଅଞ୍ଚଳକୁ ନେଇ ଗଠିତ ହୋଇଥିଲା । ଏହି ସାମ୍ରାଜ୍ୟ ସେ ସମୟରେ ବୃହତ୍ ନୌଶକ୍ତି ରୂପେ ପ୍ରତିଭାତ ହୋଇ ଏହାର ଅନୁକୂଳ ଭୌଗଳିକ ଅବସ୍ଥିତି ପାଇଁ ଚୀନ୍, ଭାରତ, ଏବଂ ଅନ୍ୟାନ୍ୟ ଦେଶ ସହିତ ବାଣିଜ୍ୟକୁ ନିୟନ୍ତ୍ରଣ କରୁଥିଲେ । ଶୈଳେନ୍ଦ୍ର ରାଜାମାନେ ବୌଦ୍ଧଧର୍ମାବଲମ୍ବୀ ଥିଲେ ଏବଂ ଭାରତୀୟ ରାଜାମାନଙ୍କ ସହ ସେମାନଙ୍କର ଘନିଷ୍ଠ ସଂପର୍କ ରହିଥିଲା । ଶୈଳେନ୍ଦ୍ରବଂଶର ଜଣେ ରାଜା ଖ୍ରୀଷ୍ଟୀୟ ନବମ ଶତାବ୍ଦୀରେ ନାଳନ୍ଦାରେ ଏକ ବୌଦ୍ଧ ମଠ ନିର୍ମାଣ କରିଥିଲେ । ତାଙ୍କ ଅନୁରୋଧ କ୍ରମେ ବଂଗର ପାଳବଂଶ ର ରାଜା ଦେବପାଳ ଏହି ମଠର ରକ୍ଷଣାବେକ୍ଷଣ ପାଇଁ ପାଞ୍ଚଗୋଟି ଗ୍ରାମ ପ୍ରଦାନ କରିଥିଲେ । ସେହିପରି ତାମିଲ ଉପକୂଳରେ ପାଳବଂଶର ରାଜା ପ୍ରଥମ ରାଜରାଜଙ୍କ ଅନୁମତି ପ୍ରାପ୍ତ ହୋଇ ନାଗପଟ୍ଟମ୍ ଠାରେ, ଶୈଳେନ୍ଦ୍ରବଂଶର ଅନ୍ୟଜଣେ ରାଜା ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀରେ ଅନ୍ୟ ଏକ ବୌଦ୍ଧ ମଠ ନିର୍ମାଣ କରିଥିଲେ । ଶୈଳେନ୍ଦ୍ର ରାଜାମାନେ ଜାଭାର ବରବଦରଠାରେ ଗୌତମବୁଦ୍ଧ ଙ୍କ ଉଦ୍ଦେଶ୍ୟରେ ଏକ ସୁନ୍ଦର ମନ୍ଦିର ନିର୍ମାଣ କରିଥିଲେ । ଏହା ଏକ ପାହାଡର ଉପରିଭାଗରେ ନିର୍ମିତ ହୋଇଥିଲା ଏବଂ କ୍ରମ ଅନୁସାରେ ତଳକୁ ନଅଗୋଟି ସୋପାନ ତିଆରି ହୋଇଥିଲା ।

ବୌଦ୍ଧଧର୍ମ ବ୍ୟତୀତ ହିନ୍ଦୁଧର୍ମର ବିଷ୍ଣୁ ଏବଂ ଶିବ ମଧ ଦକ୍ଷିଣପୂର୍ବ ଏସିଆରେ ଲୋକପ୍ରିୟ ଦେବତା ରୂପେ ପୂଜା ପାଉଥିଲେ । ତାଙ୍କ ଉଦ୍ଦେଶ୍ୟରେ ନିର୍ମିତ ଅନେକ ମନ୍ଦିର ସେଠାରେ ଦେଖାଯାଏ । ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରେ କାମ୍ବୋଡିଆର ରାଜା ଦ୍ୱିତୀୟ ସୂର୍ଯ୍ୟବର୍ମନ ଅଙ୍ଗକୋରଭଟ୍ଟଠାରେ ଏକ ବିଷ୍ଣୁ ମନ୍ଦିର ନିର୍ମାଣ କରିଥିଲେ । ଏହି ମନ୍ଦିର ଚର୍ତୁପାଶ୍ୱରେ ଜଳପୂର୍ଣ୍ଣ ପରିଖା ରହିଥିଲା । ଏହି ମନ୍ଦିର ର ପ୍ରବେଶଦ୍ୱାର ବିଶାଳ ଥିଲା । ଏଥିରେ ଅସଂଖ୍ୟ ଗ୍ୟାଲେରି ରହିଥିଲା । ମହାଭାରତ ଓ ରାମାୟଣର ବର୍ଣ୍ଣନା ଅନୁଯାୟୀ ଏହାର କାନ୍ଥଗୁଡିକ ବିଭିନ୍ନ ଚିତ୍ରରେ ପରିପୂର୍ଣ୍ଣଥିଲା ।

## INTEXT QUESTIONS 8.5 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଖ୍ରୀଷ୍ଟୀୟ ନବମ ଏବଂ ଏକାଦଶ ଶତାବ୍ଦୀରେ ଦକ୍ଷିଣ-ପୂର୍ବ ଏସିଆର କେଉଁ ରାଜବଂଶ ଭାରତ ସହିତ ଘନିଷ୍ଠ ସଂପର୍କରଖିଥିଲେ ?

    ______________________________

2. ଦକ୍ଷିଣ-ପୂର୍ବ ଏସିଆର ଦୁଇଟି ପ୍ରଧାନ ମନ୍ଦିର ର ନାମ ଲେଖ । କେଉଁ ଦେବତାଙ୍କ ଉଦ୍ଦେଶ୍ୟରେ ଏହି ମନ୍ଦିରଦ୍ୱୟ ନିର୍ମିତ ହୋଇଥିଲା ?

    ______________________________

## WHAT YOU HAVELEARNT- ଆମେ କ'ଣ ଶିଖିଲେ

୭୫୦ ଖ୍ରୀଷ୍ଟାବ୍ଦରୁ ୧୨୦୦ ଖ୍ରୀଷ୍ଟାବ୍ଦ ମଧ୍ୟବର୍ତ୍ତି ସମୟକୁ ଭାରତ ଇତିହାସରେ 'ଅନ୍ଧକାର ଯୁଗ' କହିବା ଠିକ୍ ହେବନାହିଁ । ଏହି ସମୟ ମଧ୍ୟରେ ବିଭିନ୍ନ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଉନ୍ନତି ପରିଲିକ୍ଷିତ ହୋଇଥିଲା । ରାଜନୈତିକ ଦୃଷ୍ଟିକୋଣରୁ ଏହି ସମୟ ଥିଲା ପ୍ରାକ୍ ମଧ୍ୟଯୁଗ ଏବଂ ଏହି



ଟିପ୍ପଣୀ

ସମୟରେ ଅନେକ ଆଞ୍ଚଳିକ ରାଜ୍ୟର ଉତ୍‌ଥାନ ହୋଇଥିଲା । ଉତ୍ତର ଭାରତର ଗୁର୍ଜର, ପ୍ରତିହାର, ସେହିପରି ପୂର୍ବଭାରତରେ ପାଳ ବଂଶ ଏବଂ ରାଷ୍ଟ୍ରକୂଟ ବଂଶ, ଦକ୍ଷିଣଭାରତରେ କ୍ଷମତାକୁ ଆସିଥିଲେ । ପରବର୍ତ୍ତୀ ସମୟରେ ରାଜପୁତ୍ ଶକ୍ତିର ଅଭ୍ୟୁଦୟ ହୋଇଥିଲା । ଏହି ସମୟରେ କେନ୍ଦ୍ରୀୟ ଶାସନ ବ୍ୟବସ୍ଥା ପ୍ରଚଳିତଥିଲା । ରାଜାଥିଲେ ସର୍ବୋଚ୍ଚ କ୍ଷମତାର ଅଧିକାରୀ । ସାମନ୍ତ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ମୁଖ୍ୟମାନେ ରାଜାଙ୍କୁ ସାହାଯ୍ୟ କରୁଥିଲେ । ବେତନ ପରିବର୍ତ୍ତେ କର୍ମଚାରୀମାନଙ୍କୁ ଭୂମି ପ୍ରଦାନ କରାଯାଉଥିଲା ।

ଦରିଆପାରି ବାଣିଜ୍ୟ ବାଧାପ୍ରାପ୍ତ ହେବାରୁ ଏହି ସମୟରେ ଅର୍ଥନୈତିକ ଅବନତି ପରିଲକ୍ଷିତ ହୋଇଥିଲା । ଏହି ସମୟରେ କେତେକ ଜାତି ଶିକାର ତ୍ୟାଗ କରି କୃଷିକାର୍ଯ୍ୟ କଲେ ଏବଂ ବ୍ରାହ୍ମଣ ସମାଜରେ ମିଶିଗଲେ । ଏହି ସମୟରେ ସଂସ୍କୃତି ପରିପୁଷ୍ଟ ହୋଇଥିଲା । ଆଞ୍ଚଳିକ ଭାଷା ଓ ସାହିତ୍ୟରେ ପ୍ରଭୁତ ଉନ୍ନତି ଦେଖିବାକୁ ମିଳିଥିଲା । ପୁନଶ୍ଚ ଏହି ସମୟରେ ନଗର, ଦ୍ରାବିଡ ଓ ବେସର ଶୈଳୀରେ ମନ୍ଦିର ସ୍ଥାପତ୍ୟର ଉତ୍‌ଥାନ ହୋଇଥିଲା । ଦକ୍ଷିଣ-ପୂର୍ବ ଏସିଆ ସହିତ ସାଂସ୍କୃତିକ ସଂପର୍କରେ ବୃଦ୍ଧି ଯୋଗୁ ଏଠାରେ ଭାରତୀୟ ଉପନିବେଶ ପ୍ରତିଷ୍ଠା ହୋଇଥିଲା ।

## TERMINAL QUESTIONS - ନିଜକୁ ନିଜେ ପରିଖିବା

1. ଦଶମ ଓ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଦକ୍ଷିଣ ଭାରତର କେଉଁ ରାଜ୍ୟ ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା ? ଏହି ବଂଶର କେତେକ ଶାସକଙ୍କର ପ୍ରଧାନ କୃତିତ୍ୱ ଗୁଡିକ ବର୍ଣ୍ଣନା କର ।
2. ତ୍ରିମୁଖୀ ସଂଘର୍ଷରେ ଅଂଶ ଗ୍ରହଣ କରିଥିବା ତିନିଗୋଟି ରାଜବଂଶର ନାମ ଲେଖ ।
3. ରାଜପୁତ୍‌ମାନେ କାହିଁକି ଜାତି ଆଧାରରେ ରାଜକୀୟ ସିଂହାସନ ବୈଧତା ଉପରେ ଗୁରୁତ୍ୱ ଦେଇଥିଲେ ?
4. ପ୍ରାକ୍ ମଧ୍ୟଯୁଗରେ ରାଜନୈତିକ ବ୍ୟବସ୍ଥାରେ ସାମନ୍ତପ୍ରଥା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲା କାହିଁକି ?
5. ପ୍ରାକ୍ ମଧ୍ୟଯୁଗରେ କି ପ୍ରକାର ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ଦେଖାଦେଇଥିଲା ?
6. ପ୍ରାକ୍ ମଧ୍ୟଯୁଗର ମୁଖ୍ୟ ସାଂସ୍କୃତିକ ଉପଲବ୍ଧି ଉପରେ ଆଲୋକପାତ କର ।

## ANSWERS TO INTEXT QUESTIONS - ପ୍ରତ୍ୟାଶିତ ପୂର୍ବଜ୍ଞାନ

**8.1.**

1. ଗୁର୍ଜର-
   ପ୍ରତିହାର - ନଗଭଟ୍ଟ
   ପାଳ - ଗୋପାଳ
   ରଷ୍ଟ୍ରକୂଟ - ପ୍ରଥମ କୃଷ୍ଣ
2. କନୌଜ ଉପରେ ନିୟନ୍ତ୍ରଣ ରଖିବା ପାଇଁ
3. ମିହିର ଭୋଜ
4. ଧର୍ମପାଳ
5. ବୌଦ୍ଧଧର୍ମ
6. ପ୍ରଥମ ରାଜେନ୍ଦ୍ର ଯେହେତୁ ସେ ଗଙ୍ଗ ଜୟ କରିଥିଲେ ।

**8.2.**

1. ରାଜା କ୍ଷମତାର ସର୍ବାଗ୍ରେ ରହି ଅନ୍ୟ ସାମନ୍ତମାନଙ୍କ ସହାୟତାରେ ଶାସନ କରୁଥିଲେ । ଯେତେବେଳେ ଦୁର୍ବଳ ଥିଲେ, ସେ ସମୟରେ ସାମନ୍ତମାନେ ଶକ୍ତିଶାଳୀ ହୋଇ ନିଜକୁ ସ୍ୱାଧୀନ ଘୋଷଣା କରୁଥିଲେ । ଫଳରେ ସାମ୍ରାଜ୍ୟର ପତନ ଘଟିଲା ।
2. ଚୋଳମାନେ: ସଭା ଏବଂଉର୍ ।

**8.3.**

1. ରାଜସ୍ଥାନରେ କୃଷିକାର୍ଯ୍ୟର ବିସ୍ତାର

**8.4.**

1. ନାଗର
2. ନଟରାଜଙ୍କର ବ୍ରୋଞ୍ଜ ମୂର୍ତ୍ତି

**8.5.**

1. ଜାଭା, ସୁମାତ୍ରା, ମାଳୟ
2. ଅଙ୍ଗୋରଭୋଟ୍ (କାମ୍ବୋଡ଼ିଆ) ବରବଦର (ଜାଭା)

**HINTS TO TERMINAL QUESTIONS**

1. ୮.୨ ର ତୃତୀୟ ପାରା ଦେଖ
2. ୮.୧ କୁ ଲକ୍ଷ୍ୟ କର
3. ୮.୩ ର ଦ୍ୱିତୀୟ ପରା ଦେଖ
4. ୮.୨ ର ପ୍ରଥମ ପାରା ଲକ୍ଷ୍ୟ କର
5. ୮.୩ ର ପ୍ରଥମ ଏବଂ ତୃତୀୟ ପାରା ଦେଖ
6. ୮.୪ କୁ ଲକ୍ଷ୍ୟ କର

# 9

# ଦିଲ୍ଲୀ ସୁଲତାନୀ ଶାସନର ପ୍ରତିଷ୍ଠା ଏବଂ ପ୍ରସାର

୧୨୦୦ ଖ୍ରୀଷ୍ଟାବ୍ଦରୁ ୧୫୨୬ ଖ୍ରୀଷ୍ଟାବ୍ଦ ମଧ୍ୟରେ ଉତ୍ତର ଭାରତର ଏକ ବୃହତ୍ ଅଞ୍ଚଳରେ ଶାସନ କରିଥିବା ଶାସକ ମାନଙ୍କୁ ସୁଲତାନ୍ କୁହାଯାଉଥିଲା ଏବଂ ଏହି ସମୟକୁ ଦିଲ୍ଲୀ ସୁଲତାନ ଯୁଗ କୁହାଗଲା । ଏହି ସୁଲତାନ୍‌ମାନେ ତୁର୍କୀ ଏବଂ ଆଫ୍‌ଗାନ ବଂଶର ଥିଲେ । ଉତ୍ତର ଭାରତରେ ରାଜତ୍ୱ କରୁଥିବା ରାଜପୁତ୍ ମାନଙ୍କୁ ପରାସ୍ତ କରି ଏହି ସୁଲତାନ୍ ମାନେ ଦିଲ୍ଲୀରେ ସେମାନଙ୍କର ଶାସନ ପ୍ରତିଷ୍ଠା କରିଥିଲେ । ତୁର୍କୀ ସୁଲତାନ୍ ମହମ୍ମଦ ଘୋରୀ ଭାରତ ଆକ୍ରମଣ କରି ଦିଲ୍ଲୀର ଶାସକ ପୃଥ୍ୱିରାଜ ଚୌହାନଙ୍କୁ ପରାସ୍ତ କରି ଗାଦିଚ୍ୟୁତ କରିଥିଲେ । ଏହି ସୁଲତାନ୍ ମାନେ ଦୀର୍ଘ ୩୦୦ ବର୍ଷ ଧରି ଶାସନ କରିଥିଲେ । ଦିଲ୍ଲୀ ସୁଲତାନୀ ଯୁଗର ଶେଷ ଦୀପଶିଖା ଥିଲେ ଇବ୍ରାହିମ୍ ଲୋଦୀ । ମୋଗଲ ସମ୍ରାଟ୍ ବାବର ୧୫୨୬ ଖ୍ରୀଷ୍ଟାବ୍ଦରେ ତାଙ୍କୁ ପରାସ୍ତ କରି ଭାରତରେ ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ ।

ଏହି ତିନିଶହ ବର୍ଷ ସୁଲତାନୀ ଶାସନ ସମୟରେ ଦିଲ୍ଲୀରେ ପାଞ୍ଚଗୋଟି ରାଜବଂଶ ଶାସନ କରିଥିଲେ । ସେଗୁଡ଼ିକ ଥିଲେ ମାମ୍‌ଲୁକ ବା ଦାସବଂଶ (୧୨୦୬ ଖ୍ରୀଷ୍ଟାବ୍ଦ ରୁ ୧୨୯୦ ଖ୍ରୀ:ଅ:), ଖିଲିଜୀ ବଂଶ (ଖ୍ରୀ:ଅ: ୧୨୯୦ରୁ ଖ୍ରୀ:ଅ: ୧୩୨୦), ତୋଗଲକ ବଂଶ (ଖ୍ରୀ:ଅ: ୧୩୨୦ରୁ ଖ୍ରୀ:ଅ: ୧୪୧୨), ସୟଦବଂଶ (ଖ୍ରୀ:ଅ: ୧୪୧୨ ରୁ ୧୪୫୧ ଖ୍ରୀ:ଅ:) ଏବଂ ଲୋଦୀବଂଶ (ଖ୍ରୀ:ଅ: ୧୪୫୧ ରୁ ଖ୍ରୀ:ଅ: ୧୫୨୬) ସାମୁହିକ ଭାବରେ ଏହି ସମୟକୁ ଦିଲ୍ଲୀ ସୁଲତାନ୍ ଯୁଗ ବୋଲି ନାମିତ କରାଯାଏ ।

ଏହି ଅଧ୍ୟାୟରେ ରାଜ୍ୟ ଜୟ, ବିସ୍ତାର ଏବଂ ସୁଲତାନୀ ଶାସନ ପ୍ରତିଷ୍ଠା ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରାଯିବ ।

## OBJECTIVES - ଉଦ୍ଦେଶ୍ୟ

**ଏହି ବିଷୟକୁ ଅଧ୍ୟୟନ କରି ଆମେ ନିମ୍ନଲିଖିତ ବିଷୟ ଜାଣିପାରିବା ।**

- ଉତ୍ତର-ପଶ୍ଚିମ ଦିଗରୁ ଆରବୀୟ ମାନଙ୍କର ଭାରତ ଆଗମନ ଓ ପ୍ରଥମ ଆକ୍ରମଣ
- ଗଜନୀର ଶାସକ ମହାମଦ ବା ମାହମୁଦ ଗଜନିଙ୍କ ଭାରତ ଆକ୍ରମଣର ବୈଶିଷ୍ଟ୍ୟ
- ମହମ୍ମଦଘୋରୀଙ୍କ ଭାରତ ଆକ୍ରମଣର ବୈଶିଷ୍ଟ୍ୟ
- ମହମ୍ମଦଘୋରୀଙ୍କ ଦ୍ୱାରା ଭାରତରେ ତୁର୍କୀ ଶାସନ ପ୍ରତିଷ୍ଠା ପାଇଁ ସହଯୋଗ କରିଥିବା ବିଭିନ୍ନ କାରଣ ।
- ଦାସବଂଶ ଦ୍ୱାରା ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟର ପ୍ରସାରର ବିବରଣୀ
- ଖିଲିଜୀବଂଶ ଏବଂ ତୋଗଲକ ବଂଶ ଦ୍ୱାରା ସୁଲତାନୀ ସାମ୍ରାଜ୍ୟର ବିସ୍ତାର ।
- ସୁଲତାନୀଶାସନ ପ୍ରତିଷ୍ଠା ପାଇଁ ଦେଖାଦେଇଥିବା ବିଭିନ୍ନ ସମସ୍ୟା ।
- ସୁଲତାନୀ ଯୁଗର ପତନର କାରଣ ସମୂହ ।

ଟିପ୍ପଣି

## 9.1. ARAB INVASION OF INDIA - ଆରବ ମାନଙ୍କର ଭାରତ ଆକ୍ରମଣ

ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀର ପ୍ରାରମ୍ଭରେ ଆରବମାନେ ଉତ୍ତରପଶ୍ଚିମ ଦିଗରୁ ଭାରତ ଆକ୍ରମଣ କରିଥିଲେ । ଏହି ଆକ୍ରମଣର ନେତୃତ୍ୱ ନେଇଥିଲେ ମହମ୍ମଦ ବିନ୍ କାସିମ୍ ନାମକ ଜଣେ ସେନାପତି । ଭାରତ ଆକ୍ରମଣ ଥିଲା ଆରବ ପ୍ରସାର ନୀତିର ଅଂଶ ବିଶେଷ ।

ଆରବରେ ଇସ୍‌ଲାମ ଧର୍ମର ଉତ୍‌ଥାନ ଏକ ନୂତନ ରାଜନୀତିକ ବ୍ୟବସ୍ଥାର ଶୁଭାରମ୍ଭ କଲା । ଇସ୍‌ଲାମ୍ ଧର୍ମର ପ୍ରତିଷ୍ଠାତା ମହମ୍ମଦଙ୍କ ମକ୍‌କା ନଗରୀ ଅଧିକାର ପରେ ଏହି ସାମ୍ରାଜ୍ୟ ବିସ୍ତାର କାର୍ଯ୍ୟକ୍ରମ ଆରମ୍ଭ ହେଲା ଏବଂ ମହମ୍ମଦଙ୍କ ନିଧନ ପରେ ବି ଅବ୍ୟାହତ ରହିଲା ।

### RISE AND SPREAD OF SLAM : ଇସ୍‌ଲାମ ଧର୍ମର ଉତ୍‌ଥାନ ଏବଂ ପ୍ରସାର-

ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀରେ ଆରବରେ 'ଇସଲାମ୍' ନାମକ ଏକ ନୂତନ ଧର୍ମ ଜନ୍ମଲାଭ କଲା ଏବଂ ଖୁବ୍ କମ୍ ସମୟ ବ୍ୟବଧାନରେ ଏହି ଧର୍ମ ଉତ୍ତର ଆଫ୍ରିକାରୁ ଆରମ୍ଭ କରି ଇରାନ୍ ଏବଂ ଭାରତ ପର୍ଯ୍ୟନ୍ତ ଏକ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କଲା । ମହାପୁରୁଷ ମହମ୍ମଦ ଥିଲେ ଏହି ଧର୍ମର ପ୍ରତିଷ୍ଠାତା (ଖ୍ରୀଷ୍ଟାବ୍ଦ ୫୭୦ ରୁ ୬୩୨ ଖ୍ରୀଷ୍ଟାବ୍ଦ) । ଏହି ଧର୍ମ ଆରବ ସମେତ ପୃଥିବୀର ଅଧିକାଂଶ ଅଞ୍ଚଳର ଆଧାତ୍ମିକ, ରାଜନୀତିକ ଓ ସାମାଜିକ ଜୀବନରେ ପରିବର୍ତ୍ତନ ଆଣିଥିଲା । ଇସ୍‌ଲାମ୍ ଏକେଶ୍ୱରବାଦ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲା ଏବଂ ଏହାର ପବିତ୍ର ଧର୍ମଗ୍ରନ୍ଥର ନାମ ଥିଲା 'କୋରାନ୍' । ଏହି ଧର୍ମକୁ ଗ୍ରହଣ କରିଥିବା ମୁସଲମାନମାନେ ବିଶ୍ୱାସ କରନ୍ତି ଯେ ଈଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ଧର୍ମବାଣୀ ଗୁଡ଼ିକୁ ମହମ୍ମଦ କୋରାନ୍‌ରେ ବର୍ଣ୍ଣନା କରିଛନ୍ତି । ସେଥିପାଇଁ ଇସ୍‌ଲାମ୍ ଧର୍ମରେ କୋରାନ୍ କୁ ସର୍ବୋଚ୍ଚ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରାଯାଏ । ଏହି ଧର୍ମ ଅନୁସାରେ ପ୍ରତ୍ୟେକ ମୁସଲମାନ୍ ଦିନକୁ ୫ ଥର ନମାଜ ପାଠ କରୁଥିଲେ । ଏଥି ସହିତ ରମ୍‌ଜାନ୍ ମାସରେ ଉପବାସ କରିବା, ଦାନ କରିବା ଏବଂ ଥରେ ମକ୍‌କାକୁ ତୀର୍ଥଯାତ୍ରା କରିବା ପାଇଁ ନିର୍ଦ୍ଦେଶ ଥିଲା । ୬୩୨ ଖ୍ରୀଷ୍ଟାବ୍ଦରେ ମହମ୍ମଦଙ୍କ ନିଧନ ପରେ ମୁସଲମାନଙ୍କୁ ଆଧାତ୍ମିକ ଏବଂ ରାଜନୈତିକ ନେତୃତ୍ୱ ଦେବାର ଦାୟିତ୍ୱ ନ୍ୟସ୍ତ ହୋଇଥିଲା 'ଖଲିଫା'ଙ୍କ ଉପରେ । ଖଲିଫା ଏକ ଆରବୀୟ ଶବ୍ଦ ଏବଂ ଏହାର ଅର୍ଥ ହେଉଛି (Khalifa) ବା 'ଅଧସ୍ତନ' । ମହମ୍ମଦ ଙ୍କ ଉତ୍ତରାଧିକାରୀ ମାନଙ୍କୁ ଏହି ଉପାଧିରେ ଭୂଷିତ କରାଯାଇଥିଲା ।

୬୩୨ ଖ୍ରୀଷ୍ଟାବ୍ଦରୁ ୬୬୧ ଖ୍ରୀଷ୍ଟାବ୍ଦ ମଧ୍ୟରେ ଚାରିଜଣ ଖଲିଫା ଶାସନ କରିଥିଲେ । ସେମାନେ ସମସ୍ତେ ମହମ୍ମଦଙ୍କର ଘନିଷ୍ଟ ସହଯୋଗୀ ଥିଲେ । ସେମାନଙ୍କ ପରେ ୬୬୧ ଖ୍ରୀଷ୍ଟାବ୍ଦରୁ ୭୫୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଉମାୟଦ୍ ଖଲିଫାମାନେ ଶାସନ କରିଥିଲେ । ସେମାନେ ଏହି ସାମ୍ରାଜ୍ୟରେ ସ୍ଥିରତା ଏବଂ ପ୍ରଗତି ଆଣିଥିଲେ । ଏମାନଙ୍କ ପରେ ୭୫୦ ଖ୍ରୀଷ୍ଟାବ୍ଦରୁ ୧୨୫୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଆବାସେଜ୍ ଖଲିଫା ମାନେ ଶାସନ କରିଥିଲେ । ଶେଷ ପର୍ଯ୍ୟାୟକୁ ଖଲିଫା ମାନେ ରାଜନୈତିକ ନିୟନ୍ତ୍ରଣ ହରାଇଥିଲେ ଏବଂ ବିଭିନ୍ନ ଅଂଚଳରେ ସ୍ୱାଧୀନ ମୁସ୍‌ଲିମ୍ ସୁଲତାନ୍ ମାନଙ୍କର ଆବିର୍ଭାବ ହେଲା ।

ଆରବ ସାମ୍ରାଜ୍ୟ ବିସ୍ତାର ଓ ଗଠନ ଏତେ ଶୀଘ୍ର ହୋଇଥିଲା ଯେ ଏହା ଏକ ଉଲ୍ଲେଖନୀୟ ଘଟଣା ରୂପେ ପରିଗଣିତ ହୋଇଥିଲା । ୬୩୩ ଖ୍ରୀଷ୍ଟାବ୍ଦରୁ ୬୩୭ ଖ୍ରୀଷ୍ଟାବ୍ଦ ମଧ୍ୟରେ ଆରବୀୟମାନେ ପଶ୍ଚିମ ଏସିଆ, ଜୋର୍ଡ଼ାନ୍, ଶିରିଆ, ଇରାକ୍, ତୁର୍କୀ ଏବଂ ପାରସ୍ୟ ଜୟ କରିଥିଲେ । ସେମାନେ ମଧ୍ୟ ଉତ୍ତର ଆଫ୍ରିକା ଓ ଦକ୍ଷିଣ ଇଉରୋପ ଜୟ କରିଥିଲେ । ୬୩୭ ଖ୍ରୀଷ୍ଟାବ୍ଦରୁ ୬୩୯ ଖ୍ରୀଷ୍ଟାବ୍ଦ ମଧ୍ୟରେ ସେମାନେ ସ୍ପେନ୍‌ରେ ପ୍ରବେଶ କରି ଦକ୍ଷିଣ ଫ୍ରାନ୍ସ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀ ବେଳକୁ ଆରବୀୟମାନେ ସ୍ପେନ୍ ରୁ ଭାରତ ପର୍ଯ୍ୟନ୍ତ ଏକ ବିଶାଳ ଅଞ୍ଚଳର ଅଧିକାରୀ ହୋଇଥିଲେ । ସେମାନେ ଭୂ-ମଧ୍ୟସାଗର ଓ ଭାରତ ମହାସାଗର ମଧ୍ୟ ଦେଇ ଚାଲୁଥିବା ଦରିଆପାରି ବାଣିଜ୍ୟ ବ୍ୟବସାୟ ମଧ୍ୟ ନିଜ ନିୟନ୍ତ୍ରଣ ମଧ୍ୟକୁ ଆଣିଥିଲେ ।

ଟିପ୍ପଣି

ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀର ପ୍ରାରମ୍ଭରେ ଉମାଦ୍ ଖଲିଫାମାନେ କ୍ଷମତାର ଶୀର୍ଷ ସ୍ଥାନରେ ଉପନୀତ ହୋଇଥିଲେ । ସେମାନେ ବୃହତ୍ ମୁସଲିମ୍ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ଆରବୀୟ ମାନଙ୍କର ଲୋଲୁପ ଦୃଷ୍ଟି ଭାରତର ଧନରତ୍ନ ଉପରେ ପଡ଼ିଥିଲା । ଆରବ ବଣିକ ଓ ନାବିକ ମାନେ ଭାରତର ମୂଲ୍ୟବାନ୍ ସମ୍ପଦ ବିଷୟରେ ଜାଣିଥିଲେ । ଆରବ ମାନଙ୍କର ସିନ୍ଧୁ ଆକ୍ରମଣର ଏହା ଏକ ଗୁରୁତ୍ୱପୂର୍ଣ୍ଣ କାରଣ ଥିଲା । ଦେବଲର ଜଳଦସ୍ୟୁମାନେ ଆରବୀୟ ଜାହାଜ ଗୁଡ଼ିକୁ ବାରମ୍ବାର ଲୁଣ୍ଠନ କଲେ । ଆରବୀୟ ମାନଙ୍କ ଅନୁରୋଧ ସତ୍ତ୍ୱେ ରାଜା ଜାହିର ଜଳଦସ୍ୟୁମାନଙ୍କୁ ଦଣ୍ଡିତ ନ କରିବାରୁ ଆରବୀୟ ମାନେ ପ୍ରତିଶୋଧ ନେବାପାଇଁ ସିନ୍ଧୁ ଆକ୍ରମଣ କରିଥିଲେ । ଇରାକ୍‌ର ଗଭର୍ଣ୍ଣର ହଜାଜ୍ ଏକ ସୈନ୍ୟବାହିନୀ ମହମ୍ମଦ ବିନ୍ କାଶିମ୍‌ଙ୍କ ନେତୃତ୍ୱରେ ପ୍ରେରଣ କରିଥିଲେ । ସେ ୭୧୨ ଖ୍ରୀଷ୍ଟାବ୍ଦରେ ସିନ୍ଧୁ ପ୍ରଦେଶରେ ପଦାର୍ପଣ କରିଥିଲେ । ସିନ୍ଧୁନଦୀ ଉପକୂଳରେ ଅବସ୍ଥିତ ଦେବଲ ରାଜ୍ୟକୁ ସେ ଅଧିକାର କଲେ । ଏହାପରେ ସିନ୍ଧୁନଦୀ ଅତିକ୍ରମ କରି ସେ ରାବର ଅଭିମୁଖେ ଅଗ୍ରସର ହେଲେ । ସେଠାରେ ମହମ୍ମଦ ବିନ୍‌କାଶିମ ରାଜା ଜାହିରିଙ୍କୁ ପରାସ୍ତ କରିଥିଲେ । ଆରବର ସୈନ୍ୟମାନେ ଅନେକ ଭାରତୀୟ ସୈନିକ ମାନଙ୍କୁ ହତ୍ୟା କରିଥିଲେ । ରାଜା ଜାହିର ମଧ ମୃତ୍ୟୁବରଣ କରିଥିଲେ । ମହମ୍ମଦ ବିନ୍ କାଶିମ୍ ପୁନର୍ବାର ଅଗ୍ରସର ହୋଇ ସ୍ୱଳ୍ପ ସମୟ ମଧ୍ୟରେ ବ୍ରାହ୍ମଣାବାଦ ସମେତ ସିନ୍ଧୁ ଅଞ୍ଚଳର ପ୍ରଧାନ ସ୍ଥାନ ଗୁଡ଼ିକୁ ଅଧିକାର କରିଥିଲେ । ମହମ୍ମଦ ବିନ କାଶିମ୍‌ଙ୍କର ଏହି ଅପ୍ରତ୍ୟାଶିତ ଆକ୍ରମଣ ଯୋଗୁ ସିନ୍ଧୁରାଜ୍ୟରେ ଶୋଚନୀୟ ଅର୍ଥନୀତିକ ପରିସ୍ଥିତି ଦେଖାଦେଲା । ଅସଂଖ୍ୟ ବଣିକ ଓ ସାଧାରଣ ପ୍ରଜା ସିନ୍ଧୁପ୍ରଦେଶ ଛାଡ଼ି ପଳାୟନ କଲେ । ସେ ସିନ୍ଧୁପ୍ରଦେଶର ବହୁଅଞ୍ଚଳ ଏପରିକି ପଞ୍ଜାବ ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳକୁ ଅଧିକାର କରିନେଲେ । ସେ ମାତ୍ର ଦୁଇବର୍ଷ ପର୍ଯ୍ୟନ୍ତ ଶାସନ କରିଥିଲେ । ସେ ଯାହାହେଉ ଅନେକ ଆରବୀୟ ସେଠାରେ ସ୍ଥାୟୀ ବସତି ସ୍ଥାପନ କରି ଆଞ୍ଚଳିକ ଲୋକମାନଙ୍କ ସହିତ ସୁସଂପର୍କ ପ୍ରତିଷ୍ଠା କଲେ । ସିନ୍ଧୁ ପ୍ରଦେଶର ଅଧିକାଂଶ ଅଞ୍ଚଳରେ ଆରବୀୟ ମାନଙ୍କର ତଥା ମୁସ୍‌ଲିମ୍‌ମାନଙ୍କର ପ୍ରଭାବ ଦୀର୍ଘ ସମୟ ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା ।

## 9.2. MAHMUD GHAZNI - ମାହାମୁଦ୍ ଗଜନୀ

୧୦୦୦ ଖ୍ରୀଷ୍ଟାବ୍ଦରୁ ୧୦୨୬ ଖ୍ରୀଷ୍ଟାବ୍ଦ ମଧ୍ୟରେ ମାହାମୁଦ ଗଜନୀ ୧୭ ଥର ଭାରତ ଆକ୍ରମଣ କରିଥିଲେ । ସେ ଥିଲେ ତୁର୍କୀ କ୍ରିତଦାସ ମାନଙ୍କର ସେନାପତି ଏବଂ ଗଜନୀ ବଂଶର ପ୍ରତିଷ୍ଠାତା ଆଲପ୍ତଗୀନ୍‌ଙ୍କର ପୁତ୍ର ।

ମାହାମୁଦ ଗଜନୀ ୧୦୦୧ ଖ୍ରୀଷ୍ଟାବ୍ଦରେ ହିନ୍ଦୁସାହି ରାଜା ଜୟପାଲ୍‌ଙ୍କ ସହିତ ଏକ ସମ୍ମୁଖ ଯୁଦ୍ଧରେ ଅବତୀର୍ଣ୍ଣ ହୋଇଥିଲେ । ୧୦୦୪ ଖ୍ରୀଷ୍ଟାବ୍ଦରୁ ୧୦୦୬ ଖ୍ରୀଷ୍ଟାବ୍ଦ ମଧ୍ୟରେ ସେ ମୁଲତାନ୍‌ର ଶାସକଙ୍କୁ ଆକ୍ରମଣ କରିଥିଲେ । ତତ୍‌କ୍ଷଣାତ୍ ପଞ୍ଜାବ ତାଙ୍କର ଅଧିକୃତ ହେଲା । ୧୦୧୪ ଖ୍ରୀଷ୍ଟାବ୍ଦରୁ ୧୦୧୯ ଖ୍ରୀଷ୍ଟାବ୍ଦ ମଧ୍ୟରେ ସେ ନଗରକୋଟ୍, ଥାନେଶ୍ୱର, ମଥୁରା ଏବଂ କନୌଜର ମନ୍ଦିର ଗୁଡ଼ିକୁ ଲୁଣ୍ଠନ କରି ପ୍ରଚୁର ଧନ, ରତ୍ନର ଅଧିକାରୀ ହେଲେ । ୧୦୦୮ ଖ୍ରୀଷ୍ଟାବ୍ଦରେ ତାଙ୍କର ନଗରକୋଟ୍ ଆକ୍ରମଣ ଥିଲା ପ୍ରଥମ ସଫଳତା । ୧୦୨୫ ଖ୍ରୀଷ୍ଟାବ୍ଦରେ ସୌରାଷ୍ଟ୍ରର ସୋମନାଥ ମନ୍ଦିର ଲୁଣ୍ଠନ କରିଥିଲେ । ଏହି ଆକ୍ରମଣରେ ତାଙ୍କୁ ଅବରୋଧ କରିଥିବା ୫୦,୦୦୦ ସୈନିକ ମୃତ୍ୟୁବରଣ କରିଥିଲେ । ମାହାମୁଦ ସୋମନାଥ ମନ୍ଦିର ଲୁଣ୍ଠନ କରିବାର ପନ୍ଦର ଦିନ ପରେ ସେ ସ୍ଥାନ ପରିତ୍ୟାଗ କରିଥିଲେ । ସେ ଜାଣିବାକୁ ପାଇଲେ ଯେ ଗୁଜୁରାଟ୍‌ର ରାଜା ପ୍ରଥମ ଭୀମ ମାହାମୁଦ୍‌ଙ୍କୁ ବାଧା ଦେବାପାଇଁ ସମସ୍ତ ସାମରିକ ପ୍ରସ୍ତୁତି ସମାପ୍ତ କରିଥିଲେ । ମାହାମୁଦ୍‌ଙ୍କ ଭାରତ ଆକ୍ରମଣର ପ୍ରଧାନ ଲକ୍ଷ୍ୟ ଥିଲା ମଧ୍ୟ-ଏସିଆ ରାଜନୈତିକ ଦିଗ୍‌ବଳୟରେ ଗଜନୀକୁ ଏକ ବୃହତ୍ ଶକ୍ତି ରୂପେ ପ୍ରମାଣିତ କରିବା । ପୁନଶ୍ଚ କେବଳ ପ୍ରଚୁର ଧନ ସମ୍ପଦ ଲୁଣ୍ଠନ ଉଦ୍ଦେଶ୍ୟରେ ସେ ଭାରତ ଆକ୍ରମଣ କରିଥିଲେ । ଏହି ଧନଦୌଲତ ସାହାଯ୍ୟରେ ସେ ମଧ୍ୟ-ଏସିଆରେ ନିଜର ସ୍ଥିତି ସୁଦୃଢ଼ କରିବାକୁ ଚାହିଁଥିଲେ । ସେ ଭାରତରେ ସାମ୍ରାଜ୍ୟ ପ୍ରତିଷ୍ଠା କରିବାର ଆଶା ପୋଷଣ କରି ନଥିଲେ । ୧୧୩୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସେମାନଙ୍କର ପ୍ରଭାବ ପଞ୍ଜାବ ଏବଂ ସିନ୍ଧୁ ଅଞ୍ଚଳ ଉପରେ ବଳବତ୍ତର ଥିଲା । ସେ ଯାହା ହେଉନା କାହିଁକି ଏହି ଆକ୍ରମଣ ଭାରତୀୟ ରାଜାମାନଙ୍କର ସାମରିକ ଦୁର୍ବଳତାକୁ ପଦାରେ ପକାଇ

ଦେଇଥିଲେ । ସେମାନେ ମଧ ଭବିଷ୍ୟତରେ ଭାରତ ଆକ୍ରମଣ ପାଇଁ ତୁର୍କ ମାନଙ୍କ ପାଇଁ ପଥ ପରିଷ୍କାର କରିଦେଇଥିଲେ ।

## 9.3. MUHAMMAD GHORI (SAHABUDDIN MUHAMMAD) ମହମ୍ମଦ ଘୋରୀ (ସାହାବୁଦ୍ଦିନ୍ ମହମ୍ମଦ)

୧୧୭୩ ଖ୍ରୀଷ୍ଟାବ୍ଦରେ ମହମ୍ମଦ ଘୋରୀ ଗଜନୀର ସିଂହାସନ ଆରୋହଣ କରିଥିଲେ । ସେ ମଧ ସାହାବୁଦ୍ଦୀନ୍ ମହମ୍ମଦ ରୂପେ ପରିଚିତ ଥିଲେ । ସେ ୧୧୭୩ ରୁ ୧୨୦୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । କାରାଜମ୍ ରାଜ୍ୟ ତୁଳନାରେ ଘୋରୀ ବଂଶ ସାମରିକ ଦୃଷ୍ଟିକୋଣରୁ ଶକ୍ତିଶାଳୀ ନଥିଲେ । ତେଣୁ ଘୋରୀ ବଂଶ ମଧ-ଏସିଆରେ କୌଣସି ଦୃଷ୍ଟିକୋଣରୁ ସଫଳ ହୋଇପାରିବେ ନାହିଁ ବୋଲି ଅନୁଭବ କରିଥିଲେ । ତେଣୁ ମହମ୍ମଦ ଘୋରୀ ତାଙ୍କର ସାମ୍ରାଜ୍ୟବାଦ ଲିପ୍‌ସାକୁ ଚରିତାର୍ଥ କରିବା ପାଇଁ ଭାରତ ଅଭିମୁଖେ ଅଭିଯାନ ଚଳାଇଥିଲେ ।

ମହମ୍ମଦଘୋରୀ ଲୁଣ୍ଠନ ପରିବର୍ତ୍ତେ ଭାରତରେ ସ୍ଥାୟୀ ସାମ୍ରାଜ୍ୟ ସ୍ଥାପନ ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ତାଙ୍କର ସାମରିକ ଅଭିଯାନ ଗୁଡ଼ିକ ସୁସଂଗଠିତ ଏବଂ ସୁପରିଚାଳିତ ହୋଇଥିବାରୁ ସେ ଗୋଟିଏ ରାଜ୍ୟ ଅଧିକାର କଲାପରେ ସେଠାରେ ଶାସନ କରିବା ପାଇଁ ଜଣେ ଶାସକଙ୍କୁ ନିଯୁକ୍ତ କରୁଥିଲେ, ଯିଏ କି ତାଙ୍କ ଅନୁପସ୍ଥିତିରେ ସେଠାରେ ଶାସନ କରିବ । ତାଙ୍କର ସାମରିକ ଅଭିଯାନ ଫଳରେ ସେଠାରେ ତୁର୍କି ସୁଲତାନୀ ଶାସନ ସ୍ଥାୟୀ ଭାବରେ ପ୍ରତିଷ୍ଠିତ ହେଲା । ଏହି ସାମ୍ରାଜ୍ୟ ବିନ୍ଧ୍ୟପର୍ବତର ଉତ୍ତର ଭାଗ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା ।

### CONQUEST OF PUNJAB AND SINDU ପଞ୍ଜାବ ଏବଂ ସିନ୍ଧୁ ପ୍ରବେଶ ଅଧିକାର :-

୧୧୭୫ ଖ୍ରୀଷ୍ଟାବ୍ଦରେ ମହମ୍ମଦ ଘୋରୀ ତାଙ୍କର ପ୍ରଥମ ସାମରିକ ଅଭିଯାନ ଆରମ୍ଭ କରିଥିଲେ । ସେ ମୁଲତାନ୍ ବିରୋଦ୍ଧରେ ଯୁଦ୍ଧକରି ଏହାକୁ ଅଧିକାର କରିଥିଲେ । ସେହି ଅଭିଯାନ ସମୟରେ ଭଟ୍ଟି ରାଜପୁତ୍ ମାନଙ୍କୁ ପରାସ୍ତ କରି ସେ ଉଚ୍ଚ ଅଧିକାର କରିଥିଲେ । ଏହାର ତିନିବର୍ଷ ପରେ ୧୧୭୮ ଖ୍ରୀଷ୍ଟାବ୍ଦରେ ଘୋରୀ ଗୁଜୁରାଟ୍ ବିରୁଦ୍ଧରେ ଅଭିଯାନ ଚଳାଇ ସେଠାକାର ଚାଲୁକ୍ୟ ଶାସକ ଦ୍ୱିତୀୟ ଭୀମଙ୍କ ଦ୍ୱାରା ଅହିଁଲବାରା ଯୁଦ୍ଧରେ ପରାଜୟ ବରଣ କରିଥିଲେ । କିନ୍ତୁ ଏହି ପରାଜୟ ତାଙ୍କୁ ନିରୁତ୍ସାହିତ କରିନଥିଲା । ସେ ଅନୁଭବ କରିଥିଲେ ଯେ ପ୍ରଥମେ ପଞ୍ଜାବରେ ତାଙ୍କ ସ୍ଥିତି ସୁଦୃଢ଼ କଲାପରେ ଭାରତର ଅନ୍ୟାନ୍ୟ ଅଞ୍ଚଳକୁ ଅଭିଯାନ ଚଳାଇବେ ।

ମହମ୍ମଦଘୋରୀ ପ୍ରଥମେ ଗଜନୀ ମାନଙ୍କ ଅଧୀନରେ ଥିବା ପଞ୍ଜାବର ବିଭିନ୍ନ ଅଞ୍ଚଳ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୧୧୭୯ କିମ୍ବା ୧୧୮୦ ପେଶୱାର ଏବଂ ୧୧୮୬ରେ ଲାହୋର ଅଧିକାର କରିଥିଲେ । ଏହାପରେ ସେ ସିଆଲକୋର୍ଟ ଦୁର୍ଗ ଏବଂ ଦେବଳ ଦୁର୍ଗ ଅଧିକାର କରିଥିଲେ । ତେଣୁ ୧୧୯୦ ଖ୍ରୀଷ୍ଟାବ୍ଦ ବେଳକୁ ମୁଲତାନ୍, ସିନ୍ଧୁ ପ୍ରବେଶ ଏବଂ ପଞ୍ଜାବ ଅଧିକାର କରି ନିଜର ସ୍ଥିତିକୁ ସୁଦୃଢ଼ କରିଥିଲେ ଏବଂ ଗାଙ୍ଗେୟ ସମତଳ ଅଞ୍ଚଳରେ ପରବର୍ତ୍ତୀ ସାମରିକ ଅଭିଯାନ ପାଇଁ ପଥ ପରିଷ୍କାର କରିଥିଲେ ।

### The First Battle of Tarain 1191 A.D- ୧୧୯୧ ର ପ୍ରଥମ ତିରୋରୀ ଯୁଦ୍ଧ

ମହମ୍ମଦ ଘୋରୀଙ୍କର ପଞ୍ଜାବ ଅଧିକାର ଏବଂ ଗାଙ୍ଗେୟ ଉର୍ବର ସମତଳ ଅଞ୍ଚଳକୁ ଅଗ୍ରସର ଫଳରେ ତାଙ୍କର ସିଧାସଳଖ ରାଜପୁତ୍ ରାଜା ପୃଥ୍ୱୀରାଜ ଚୌହାନ୍‌ଙ୍କ ସହିତ ସଂଘର୍ଷ ଆରମ୍ଭ ହେଲା । ସେ ରାଜପୁତନାର ଛୋଟ ଛୋଟ ରାଜ୍ୟର ରାଜାମାନଙ୍କୁ ପରାଜିତ କରି ଦିଲ୍ଲୀ ଅଧିକାର କଲେ ଏବଂ ପଞ୍ଜାବ ଓ ଗାଙ୍ଗେୟ ସମତଳ ଅଞ୍ଚଳ ପର୍ଯ୍ୟନ୍ତ ତାଙ୍କ ନିୟନ୍ତ୍ରଣ ବୃଦ୍ଧି କରିବା ପାଇଁ ପ୍ରୟାସ କରିଥିଲେ । ଭଟିଣ୍ଡା କୁ କେନ୍ଦ୍ର କରି ଉଭୟଙ୍କ ମଧରେ ଦ୍ୱନ୍ଦ ସୃଷ୍ଟି ହେଲା । ଫଳରେ ୧୧୯୧ ଖ୍ରୀଷ୍ଟାବ୍ଦରେ ତିରୋରୀ ନାମକ ସ୍ଥାନରେ ମହମ୍ମଦଘୋରୀ ଏବଂ ପୃଥ୍ୱୀରାଜ ଚୌହାନ୍ ଙ୍କ ମଧରେ ଯୁଦ୍ଧ ହେଲା । ପୃଥ୍ୱୀରାଜ ମହମ୍ମଦ ଘୋରୀ ଙ୍କ ସୈନ୍ୟବାହିନୀକୁ ସଂପୂର୍ଣ୍ଣ ରୂପେ ପରାସ୍ତ କରିଥିଲେ । ମହମ୍ମଦ ଘୋରୀ

ଜୀବନ ରକ୍ଷା ପାଇଁ ପଳାୟନ କରିଥିଲେ । ପୃଥ୍ୱୀରାଜ ଚୌହାନ୍ ଭଟିଣ୍ଡା ଅଧିକାର କଲେ । କିନ୍ତୁ ଏହାର ସୁରକ୍ଷା ପାଇଁ କିଛି ପଦକ୍ଷେପ ନେଇ ନଥିଲେ । ଫଳରେ ମହମ୍ମଦ ଘୋରୀ ପୁନର୍ବାର ଆକ୍ରମଣ ପାଇଁ ସାମରିକ ପ୍ରସ୍ତୁତି କରିବାର ସୁଯୋଗ ପାଇଲେ ।

**The Second Battle of Tarain-1192 A.D - ଦ୍ୱିତୀୟ ତିରୋରୀଯୁଦ୍ଧ ୧ ୧ ୯ ୨**

୧ ୧ ୯ ୨ର ଦ୍ୱିତୀୟ ତିରୋରୀ ଯୁଦ୍ଧ ଥିଲା ଭାରତ ଇତିହାସରେ ଏକ ଗତି ପରିବର୍ତ୍ତନକାରୀ ଘଟଣା । ଏହି ଯୁଦ୍ଧ ପାଇଁ ମହମ୍ମଦ ଘୋରୀ ସତର୍କତାର ସହିତ ସମସ୍ତ ପ୍ରସ୍ତୁତି କରିଥିଲେ । ପୁନର୍ବାର ତୁର୍କ ଓ ରାଜପୁତ୍ ସୈନ୍ୟ ମାନେ ସେହି ତିରୋରୀ ଠାରେ ସମ୍ମୁଖ ଯୁଦ୍ଧରେ ଅବତୀର୍ଣ୍ଣ ହେଲେ । ରାଜପୁତ୍ ସୈନ୍ୟମାନଙ୍କ ସଂଖ୍ୟା ତୁର୍କୀ ସୈନ୍ୟମାନଙ୍କ ତୁଳନାରେ ବହୁ ଅଧିକ ଥିଲା । କିନ୍ତୁ ତୁର୍କୀ ସୈନ୍ୟମାନେ ସୁସଂଗଠିତ ଓ ଶୃଙ୍ଖଳିତ ଥିଲେ । ଏଥର ତୁର୍କୀ ସୈନ୍ୟ ମାନଙ୍କର ରଣକୌଶଳ ଆଗରେ ରାଜପୁତ୍‌ମାନେ ହାର୍‌ମାନିଥିଲେ । ବହୁସଂଖ୍ୟକ ଭାରତୀୟ ସୈନ୍ୟ ମୃତ୍ୟୁବରଣ କଲେ । ପୃଥ୍ୱୀରାଜ ଚୌହାନ ଯୁଦ୍ଧକ୍ଷେତ୍ରରୁ ଖସି ପଳାଇବାକୁ ଉଦ୍ୟମ କରି ଅସଫଳ ହେଲେ । ସେ ସରସୂତୀ ଠାରେ ଧରା ପଡ଼ିଗଲେ । ତୁର୍କୀ ସୈନ୍ୟମାନେ ହାନସି, ସରସୂତୀ ଏବଂ ସାମନ ଦୁର୍ଗକୁ ଅଧିକାର କରି ଦିଲ୍ଲୀ ଏବଂ ଆଜମୀର ପର୍ଯ୍ୟନ୍ତ ମାଡ଼ିଯାଇଥିଲେ ।

ଏହି ଦ୍ୱିତୀୟ ତିରୋରୀ ଯୁଦ୍ଧପରେ ମହମ୍ମଦ ଘୋରୀ ଗଜନୀ ପ୍ରତ୍ୟାବର୍ତ୍ତନ କରିଥିଲେ । ଭାରତର ଶାସନ ଦାୟିତ୍ୱ ତାଙ୍କର ବିଶ୍ୱସ୍ତ କ୍ରିତଦାସ କୁତ୍‌ବୁଦ୍ଦିନ ଆଇବାକ୍ ଙ୍କ ହସ୍ତରେ ଅର୍ପଣ କରିଥିଲେ । ୧ ୧ ୯ ୪ ଖ୍ରୀଷ୍ଟାବ୍ଦରେ ମହମ୍ମଦ ଘୋରୀ ପୁନର୍ବାର ଭାରତକୁ ଆସିଥିଲେ । ସେ ୫୦,୦୦୦ ଅଶ୍ୱାରୋହୀଙ୍କ ସହିତ ଯମୁନା ନଦୀ ଅତିକ୍ରମ କରି କନୌଜ ଅଭିମୁଖେ ଅଗ୍ରସର ହେଲେ । ସେ କନୌଜ ର ରାଜା ଜୟ ଚନ୍ଦ୍ରଙ୍କୁ ଚନ୍ଦୋର ନିକଟରେ ଶୋଚନୀୟ ଭାବେ ପରାସ୍ତ କରିଥିଲେ । ଫଳରେ ଦ୍ୱିତୀୟ ତିରୋରୀ ଯୁଦ୍ଧ ଏବଂ ଚନ୍ଦୋର ଯୁଦ୍ଧ ଉତ୍ତର ଭାରତରେ ତୁର୍କୀ ଶାସନର ମୂଳଭିତ୍ତି ସ୍ଥାପନ କରିଥିଲା ।

ଭାରତରେ ମହମ୍ମଦ ଘୋରୀଙ୍କ ରାଜନୈତିକ କୃତିତ୍ୱ ଗଜନୀର ମାହାମୁଦ୍‌ଙ୍କ ଅପେକ୍ଷା ଦୀର୍ଘସ୍ଥାୟୀ ଥିଲା । ଗଜନୀର ମାହାମୁଦ କେବଳ ଲୁଣ୍ଠନ ଉଦ୍ଦେଶ୍ୟରେ ଭାରତ ଆକ୍ରମଣ କରିଥିଲେ । କିନ୍ତୁ ମହମ୍ମଦ ଘୋରୀ ବିଜିତ ଅଞ୍ଚଳରେ ତାଙ୍କ ରାଜନୈତିକ ନିୟନ୍ତ୍ରଣ ପ୍ରତିଷ୍ଠା କଲେ । ୧ ୨ ୦ ୬ ଖ୍ରୀଷ୍ଟାବ୍ଦରେ ସେ ମୃତ୍ୟୁବରଣ କଲେ । କିନ୍ତୁ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ତୁର୍କ ସାମ୍ରାଜ୍ୟର ପତନ ହୋଇ ନଥିଲା । ତାଙ୍କ ପରେ ତାଙ୍କର ବିଶ୍ୱସ୍ତ କ୍ରିତଦାସ ସେନାଧକ୍ଷ କୁତ୍‌ବୁଦ୍ଦିନ୍ ଆଇବାକ୍ ଦିଲ୍ଲୀ ସିଂହାସନ ଅଳଂକୃତ କଲେ ।

**INTEXT QUESTIONS 9.1 - ପ୍ରତ୍ୟାଶିତ ପୂର୍ବଜ୍ଞାନ**

1. ଶୂନ୍ୟସ୍ଥାନ ପୂରଣ କର :

a ) ସୁଲତାନ୍ ମହମ୍ମଦ ଘୋରୀ ____________ ଦେଶର ଶାସକ ଥିଲେ ।

b ) ପ୍ରଥମ ତିରୋରୀ ଯୁଦ୍ଧ __________ ଏବଂ________ଙ୍କ ମଧ୍ୟରେ ସଂଘଟିତ ହୋଇଥିଲା ।

c ) ମହମ୍ମଦଘୋରୀ ତାଙ୍କ ଦ୍ୱାରା ଅଧିକୃତ ଭାରତୀୟ ସାମ୍ରାଜ୍ୟର ଶାସନ ଦାୟିତ୍ୱ ____________ ଙ୍କୁ ଅର୍ପଣ କରିଥିଲେ ।

2. ଦ୍ୱିତୀୟ ତିରୋରୀ ଯୁଦ୍ଧ କେବେ ସଂଘଠିତ ହୋଇଥିଲା ?

_______________________________________________

3. ଗଜନୀର ମାହାମୁଦଙ୍କ ଭାରତ ଆକ୍ରମଣ ଏବଂ ମହମ୍ମଦ ଘୋରୀଙ୍କ ଭାରତ ଆକ୍ରମଣ ମଧ୍ୟରେ ପାର୍ଥକ୍ୟ କ'ଣ ଥିଲା ?

_______________________________________________

## 9.4 THE MAMLUK SULTANS - ଦାସ ବଂଶର ସୁଲତାନଗଣ

କୁତବୁଦ୍ଦିନ୍ ଆଇବାକ୍ ଦିଲ୍ଲୀ ସିଂହାସନ ଆରୋହଣ କଲାପରେ ମାମଲୁକ୍ ସୁଲତାନ୍ ବା ଦାସବଂଶର ରାଜତ୍ୱ ଆରମ୍ଭ ହେଲା । ମାମଲୁକ୍ ଏକ ଆରବୀୟ ଶବ୍ଦ । ଏହାର ଅର୍ଥ ହେଉଛି 'ନିଜସ୍ୱ' (Owned). ଏହି ଶବ୍ଦଟି ସେହି ମାନଙ୍କ ପାଇଁ ବ୍ୟବହୃତ ହେଉଥିଲା ଯେଉଁ ତୁର୍କୀ କ୍ରିତଦାସମାନେ କେବଳ ସାମରିକ ସେବା ପାଇଁ କିଣା ହୋଇ ଆସୁଥିଲେ ଏବଂ ଗୋଟି ଶ୍ରମିକ ବା କୃଷକ ରୂପେ କାର୍ଯ୍ୟ କରୁଥିଲେ । ଏହି ଦାସବଂଶ ୧୨୦୬ ଖ୍ରୀଷ୍ଟାବ୍ଦରୁ ୧୨୯୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ ।

### Qutbuddin Aibak (AD 1206-1210)
### କୁତ୍‌ବୁଦ୍ଧିନ ଆଇବାକ୍ ୧୨୦୬ ଖ୍ରୀ:ଅ: ରୁ ୧୨୧୦

କୁତ୍‌ବୁଦ୍ଦିନ୍ ଆଇବାକ୍ ଜଣେ କ୍ରିତଦାସ ଥିଲେ । ସେ ନିଜର ଅଧବସାୟ ବଳରେ ମହମ୍ମଦ ଘୋରୀଙ୍କ ସୈନ୍ୟ ବାହିନୀରେ ଉଚ୍ଚପଦବୀରେ ଅବସ୍ଥାପିତ ହୋଇଥିଲେ । ମହମ୍ମଦ ଘୋରୀ ଙ୍କର ମୃତ୍ୟୁପରେ ୧୨୦୬ ଖ୍ରୀଷ୍ଟାବ୍ଦରେ ସେ ଘୋରୀଙ୍କ ଭାରତୀୟ ସାମ୍ରାଜ୍ୟର ଶାସକ ରୂପେ ମନୋନିତ ହୋଇଥିଲେ । ସେ ଥିଲେ ଉତ୍ତର ଭାରତର ପ୍ରଥମ ସ୍ୱାଧୀନ ମୁସଲିମ୍ ଶାସକ ଏବଂ ଦିଲ୍ଲୀ ସୁଲତାନୀ ଶାସନ ର ପ୍ରତିଷ୍ଠାତା ।

କୁତ୍‌ବୁଦ୍ଦିନ୍ ଆଇବାକ୍ ଙ୍କୁ ରାଜପୁତ୍ ତଥା ଅନ୍ୟାନ୍ୟ ଭାରତୀୟ ଶାସକଙ୍କ ଦ୍ୱାରା ସୃଷ୍ଟ ବିଦ୍ରୋହର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଗଜନୀର ଶାସକ ତାଜ୍‌ଉଦ୍ଦିନ ଏଲଡ଼ୋଜ୍ ଦିଲ୍ଲୀ ସିଂହାସନ ତାଙ୍କର ବୋଲି ଦାବିକଲେ । ମୁଲତାନ୍‌ର ଶାସକ ନାସିରୁଦ୍ଦିନ୍ କ୍ୱାବାଚ୍ଛା ନିଜକୁ ସ୍ୱାଧୀନ ବୋଲି ଘୋଷଣା କଲେ । ଆଇବାକ୍ ଯୁଦ୍ଧନୀତି ଓ ସନ୍ଧିଦ୍ୱାରା ଏସବୁ ସମସ୍ୟାର ସମାଧାନ କରିଥିଲେ । ସେ ତାଜ୍‌ଉଦ୍ଦିନ୍ ୟାଲ୍‌ଡ଼ୋଜ୍‌ଙ୍କୁ ପରାସ୍ତ କରି ଗଜନୀ ଅଧିକାର କଲେ । ଜୟଚ୍ଚନ୍ଦଙ୍କ ଉତ୍ତରାଧିକାରୀ ହରିଶ୍ ଚନ୍ଦ୍ର ତୁର୍କମାନଙ୍କୁ ବାଦାଉନ୍ ଏବଂ ଫାରୁକାବାଦ୍ ରୁ ବିତାଡ଼ିତ କଲେ । ଆଇବାକ୍ ସଂଗେ ସଂଗେ ଅଭିଜାନ ଚଳାଇ ଏହି ଦୁଇଟି ଅଞ୍ଚଳକୁ ପୁନର୍ବାର ଅଧିକାର କଲେ । କୁତବୁଦ୍ଦିନ୍ ଆଇବାକ୍ ଥିଲେ ସାହାସୀ, ବିଶ୍ୱସ୍ତ ଏବଂ ଦୟାବନ୍ତ । ତାଙ୍କର ଦୟାବନ୍ତ ଗୁଣପାଇଁ ସେ 'ଲାଖ୍ ବକ୍ଷ'(Lakh Baksh) ' ରୂପେ ସୁପରିଚିତ । ବହୁ ବିଦ୍ୱାନମାନେ ଆଇବାକ୍ ଙ୍କୁ ଭାରତରେ ମୁସଲମାନ ଶାସନର ପ୍ରକୃତ ପ୍ରତିଷ୍ଠାତା ବୋଲି ମତବ୍ୟକ୍ତ କରିଛନ୍ତି ।

### Iltutmish (1210-1236 A.D) - ଇଲତୁତ୍‌ମିସ୍ (୧୨୧୦ ଖ୍ରୀଷ୍ଟାବ୍ଦରୁ ୧୨୩୬)

୧୨୧୦ ଖ୍ରୀଷ୍ଟାବ୍ଦରେ ଆଇବାକ୍ ପୋଲୋ ଖେଳୁଥିବା ସମୟରେ ଅଶ୍ୱପୃଷ୍ଠରୁ ପଡ଼ିଯାଇ ଗୁରୁତର ଆହତ ଯୋଗୁ ମୃତ୍ୟୁବରଣ କରିଥିଲେ । ତାଙ୍କ ମୃତ୍ୟୁ ପରେ ଅଳ୍ପ ସଂଖ୍ୟକ ଅମିର ଆଇବାକ୍ ଙ୍କ ପୁତ୍ର ଆରାମଶାହାଙ୍କୁ ଲାହୋର ରେ ସିଂହାସନ ଆରୋହଣ କରିବା ପାଇଁ ଚାହିଁଲେ । କିନ୍ତୁ ସେ ଜଣେ ଅଯୋଗ୍ୟ ଶାସକ ଥିବାରୁ ତୁର୍କ ଅମିରମାନେ ତାଙ୍କୁ ବିରୋଧ କଲେ । ତେଣୁ ଦିଲ୍ଲୀର ତୁର୍କ ଅମିର୍‌ମାନେ ବାଦାଉନ୍ ପ୍ରଦେଶର ଗର୍ଭର୍ଣ୍ଣର ଇଲତୁତ୍‌ମିସ୍ ଙ୍କୁ ଦିଲ୍ଲୀ ସିଂହାସନ ଅଧିକାର କରିବା ପାଇଁ ନିମନ୍ତ୍ରଣ କଲେ । ଇଲତୁତ୍‌ମିସ୍ ଥିଲେ କୁତ୍‌ବୁଦ୍ଦିନ ଆଇବାକ୍ ଙ୍କର ଜାମାତା । ଇଲତୁତ୍‌ମିସ ଦିଲ୍ଲୀ ଅଭିମୁଖେ ଅଗ୍ରସର ହେଲେ । ଆରାମ୍‌ଶାହା ଏହି କଥା ଜାଣି ଏକ ସୈନ୍ୟବାହିନୀ ନେଇ ଇଲତୁତ୍‌ମିସ ଙ୍କ ବିରୋଧରେ ଯୁଦ୍ଧ କଲେ । ଇଲତୁତ୍‌ମିସ୍ ଆରାମ ଶାହାଙ୍କୁ ପରାସ୍ତ କରି 'ଶାମସୁଦ୍ଦୀନ' ଉପାଧି ଧାରଣ କରି ଦିଲ୍ଲୀ ସିଂହାସନ ଆରୋହଣ କଲେ । ଦିଲ୍ଲୀ ସୁଲ୍‌ତାନୀ ଶାସନ କୁ ସଂଗଠିତ କରିବାର ଗୌରବର ସେ ପ୍ରକୃତ ଅଧିକାରୀ ଅଟନ୍ତି ।

ଇଲତୁତ୍‌ମିସ ଦିଲ୍ଲୀ ସିଂହାସନ ଆରୋହଣ କଲାପରେ ଲକ୍ଷ କଲେ ଯେ ତାଙ୍କ ଚର୍ତୁପାର୍ଶ୍ୱରେ ଅନେକ ସମସ୍ୟା ରହିଅଛି । ମହମ୍ମଦ ଘୋରୀ ଙ୍କର ଅନ୍ୟାନ୍ୟ ସେନାଧକ୍ଷ ଯଥା ୟାଲ୍‌ଡ଼ୋଜ୍, କ୍ୱବାଚ୍ଚ ଏବଂ ଆଲି ମର୍ଦ୍ଦନ ପ୍ରଭୃତି ଇଲତୁତ୍‌ମିସ ଙ୍କ ବିରୋଧରେ ବିଦ୍ରୋହ 'ଘୋଷଣା' କଲେ । ଜାଲୋର, ରନ୍ଥମ୍ବର,

ଗୋଆଲିୟର ଏବଂ କାଲିଞ୍ଜର ର ରାଜପୁତ୍ ରାଜାମାନେ ନିଜକୁ ସ୍ୱାଧୀନ ଘୋଷଣା କଲେ । ଏଥି ସହିତ, ଦୁର୍ଦ୍ଧର୍ଷ ମଙ୍ଗୋଲବୀର ଚେଙ୍ଗିଜ୍ ଖାଁ ଙ୍କର ଶକ୍ତି ବୃଦ୍ଧି ଉତ୍ତର ପଶ୍ଚିମ ସୀମାନ୍ତ ରୁ ସୁଲତାନ ସାମ୍ରାଜ୍ୟ ପ୍ରତି ଆକ୍ରମଣର ଭୟ ସୃଷ୍ଟି କରିଥିଲା ।

ଇଲତୁତ୍‌ମିସ୍ ନିଜର ସ୍ଥିତି କୁ ସୁଦୃଢ଼ କରିବାକୁ ଚେଷ୍ଟା କଲେ ।ସେ ୧ ୨ ୧ ୫ ଖ୍ରୀଷ୍ଟାବ୍ଦରେ ତିରୋରୀ ଯୁଦ୍ଧରେ ୟାଲଡ଼ୋଜ୍‌ଙ୍କୁ ପରାସ୍ତ କଲେ ।ସେ ୧ ୨ ୧ ୭ ଖ୍ରୀଷ୍ଟାବ୍ଦରେ କ୍ୱାବାଚ୍ଚଙ୍କୁ ପଞ୍ଜାବରୁ ବିତାଡ଼ିତ କଲେ । ୧ ୨ ୨ ୦ ଖ୍ରୀଷ୍ଟାବ୍ଦରେ ଚେଙ୍ଗିଜ୍ ଖାଁ କାରାଜମ୍ ରାଜ୍ୟକୁ ଧ୍ୱଂସ କରିଦେଇଥିଲେ । ଇଲତୁତ୍‌ମିସ୍ ରାଜନୈତିକ ଆବଶ୍ୟକତା ଦୃଷ୍ଟିରୁ ମଙ୍ଗୋଲମାନଙ୍କ ସହିତ ଯୁଦ୍ଧ କରିନଥିଲେ । କାରାଜମ୍‌ର ଶାସକ ଙ୍କ ପୁତ୍ର ଜାଲାଲୁଦ୍ଧୀନ ମଙ୍ଗବାର୍ଣ୍ଣି ମଙ୍ଗୋଲମାନଙ୍କ ଭୟରେ ଇଲତୁତ୍‌ମିସଙ୍କୁ ରାଜନୈତିକ ଆଶ୍ରୟ ଦେବା ପାଇଁ ଅନୁରୋଧ କରିଥିଲେ । କିନ୍ତୁ ଇଲତୁତ୍‌ମିସ କୂଟନୈତିକ ବୁଦ୍ଧି ପ୍ରୟୋଗ କରି ତାଙ୍କ ଅନୁରୋଧ କୁ ପ୍ରତ୍ୟାଖ୍ୟାନ କରି ଏକ ନିଶ୍ଚିତ ଧ୍ୱଂସମୁଖରୁ ଦିଲ୍ଲୀ ସାମ୍ରାଜ୍ୟକୁ ରକ୍ଷା କରିପାରିଥିଲେ ।

୧ ୨ ୨ ୫ ଖ୍ରୀଷ୍ଟାବ୍ଦ ପରଠାରୁ ଇଲତୁତ୍‌ମିସ ତାଙ୍କ ସୈନ୍ୟବାହିନୀ ସାହାଯ୍ୟରେ ପୂର୍ବଭାରତରେ ଦେଖାଦେଇଥିବା ବିଦ୍ରୋହକୁ ଦମନ କରିଥିଲେ । ୧ ୨ ୨ ୬-୨ ୭ ଖ୍ରୀଷ୍ଟାବ୍ଦରେ ଇଲତୁତ୍‌ମିସ୍ ତାଙ୍କ ପୁତ୍ର ନାସିରୁଦ୍ଧିନ ମହମ୍ମଦଙ୍କ ନେତୃତ୍ୱରେ ଏକ ବିଶାଳ ସୈନ୍ୟବାହିନୀ ପ୍ରେରଣ କରିଥିଲେ । ନାସିରୁଦ୍ଧିନ ମହମ୍ମଦ ଇଓ୍ୱାଜ୍ ଖାଁ ଙ୍କୁ ପରାସ୍ତ କରି ବଂଗ ଏବଂ ବିହାରକୁ ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟର ଅର୍ନ୍ତଭୁକ୍ତ କରିଥିଲେ । ସେହିପରି ରାଜପୁତ୍ ମାନଙ୍କ ବିରୁଦ୍ଧରେ ଇଲତୁତ୍‌ମିସ୍ ସାମରିକ ଅଭିଯାନ ଚଳାଇ ୧ ୨ ୨ ୬ ଖ୍ରୀଷ୍ଟାବ୍ଦରେ ରନ୍ଥମ୍ବର ଅଧିକାର କରିଥିଲେ । ୧ ୨ ୩ ୧ ଖ୍ରୀଷ୍ଟାବ୍ଦ ବେଳକୁ ଇଲତୁତ୍‌ମିସ୍ ମାଣ୍ଡୋର, ଜାଲୋର, ବେୟନା ଏବଂ ଗୋଆଲିୟର ଉପରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ ।

ନିସନ୍ଦେହରେ କୁହାଯାଇପାରେ ଯେ ଇଲତୁତ୍‌ମିସ୍ କୁତ୍‌ବୁଦ୍ଧିନ୍ ଆଇବାକ୍‌ଙ୍କର ଅସଂପୂର୍ଣ୍ଣ କାର୍ଯ୍ୟକୁ ସଂପୂର୍ଣ୍ଣ କରିଥିଲେ । ବର୍ତ୍ତମାନ ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟର କଳେବର ଆଖିଦୃଷ୍ଟିଆ ହେଲା । ଏତଦ୍‌ବ୍ୟତୀତ, ଇଲତୁତ୍‌ମିସ୍ ତାଙ୍କର ବିଶ୍ୱସ୍ତ ସାମନ୍ତ ଏବଂ କର୍ମଚାରୀ ମାନଙ୍କୁ ନେଇ 'ଚାଲିଶ' ବାହିନୀ ଗଠନ କରିଥିଲେ । ସେ ଜଣେ ଦୂରଦ୍ରଷ୍ଟା ସୁଲତାନ୍ ଥିଲେ ଏବଂ ନୂତନ ଭାବେ ଗଠିତ ସୁଲତାନୀ ସାମ୍ରାଜ୍ୟକୁ ସୁସଂଗଠିତ କରିବା ସଙ୍ଗେ ସଙ୍ଗେ ଏକ ସୁ-ଶାସନ ପ୍ରତିଷ୍ଠା କରି ଇତିହାସରେ ଅବିସ୍ମରଣୀୟ ହୋଇ ରହିଛନ୍ତି ।

> ଇଲତୁତ୍‌ମିସ୍ 'ଚାଲିଶ' ବାହିନୀ ଗଠନ କରିଥିଲେ । ଏଥିରେ ତାଙ୍କର ବିଶ୍ୱସ୍ତତୁର୍କ ସାମନ୍ତମାନେ ରହିଥିଲେ । ସେମାନେ ଶାସନ କାର୍ଯ୍ୟରେ ସୁଲତାନ୍‌ଙ୍କୁ ସାହାଯ୍ୟ କରୁଥିଲେ । ଇଲତୁତ୍‌ମିସ୍‌ଙ୍କ ମୃତ୍ୟୁପରେ ଏହି ବାହିନୀ ପ୍ରଭୂତ କ୍ଷମତାର ଅଧିକାରୀ ହୋଇଥିଲେ । ଅଳ୍ପ କିଛି ବର୍ଷ ପାଇଁ ସୁଲତାନ୍‌ଙ୍କ ମନୋନୟନ ଅନୁସାରେ ଜଣକ ପରେ ଜଣେ ଶାସନ କରୁଥିଲେ । ବଲବନ କ୍ଷମତାକୁ ଆସିଲା ପରେ ଏହି ବାହିନୀକୁ ଧ୍ୱଂସ କରିଦେଇଥିଲେ ।

ଇଲତୁତ୍‌ମିସ୍ ଗର୍ବୀ ଓ ଅହଂକାରୀ ଅମିର ମାନଙ୍କୁ ଦିଲ୍ଲୀରେ ଦୃଢ଼ ହସ୍ତରେ ଦମନ କରିଥିଲେ । ସେ ମଧ-ଏସିଆ, ଗଜନୀ ଓ ଘୋର ଇତ୍ୟାଦି ରାଜନୀତି ଠାରୁ ଦିଲ୍ଲୀ କୁ ଅଲଗା କରିଦେଇଥିଲେ । ସେ ୧ ୨ ୨ ୯ ଖ୍ରୀଷ୍ଟାବ୍ଦରେ ବାଗ୍‌ଦାଦ୍ ଖଲିଫା ଆବାସିଦ୍ ଙ୍କ ଠାରୁ 'ଏକ ସ୍ୱୀକୃତିପତ୍ର' (Letter of investiture) ପାଇଲା ପରେ ଦିଲ୍ଲୀ ସିଂହାସନର ବାସ୍ତବ ଅଧିକାରୀ ରୂପେ ପରିଗଣିତ ହେଲେ ।

ଇଲତୁତ୍‌ମିସ୍ ଏକ ସୁଦୃଢ଼ ଏବଂ ସୁଚିନ୍ତିତ ଶାସନ ପ୍ରଣାଳୀ ପ୍ରଣୟନ କରି ଦୃଷ୍ଟାନ୍ତ ମୂଳକ ଅବଦାନ ଦେଇଯାଇଛନ୍ତି । ସେ ଇକଟସ୍, ସେନା ଓ ମୁଦ୍ରା ନୀତି ପ୍ରଣୟନ କରି ଯାଇଅଛନ୍ତି । ସେ ଦୁଇପ୍ରକାର ମୁଦ୍ରା ପ୍ରଚଳନ କରିଥିଲେ । ସେଥିମଧ୍ୟରୁ ଗୋଟିଏ ଥିଲା ରୂପା ର 'ଟଙ୍କା' ଏବଂ ଅନ୍ୟଟି ହେଉଛି ତମ୍ବାର 'ଜିତଲ୍' । ନୂତନ ବିଜିତ ରାଜ୍ୟ ଗୁଡ଼ିକ ଉପରେ ନିୟନ୍ତ୍ରଣରେ ରଖିବା ପାଇଁ ସେ 'ଇକତା' ମଞ୍ଜୁର କରୁଥିଲେ । ମୁଦ୍ରା ଆକାରରେ ବେତନ ପରିବର୍ତ୍ତେ ସେ ଭୂମିଦାନ କରୁଥିଲେ । 'ଇକତା'



ଟିପ୍ପଣୀ

ଗ୍ରହଣ କରୁଥିବା ତୁର୍କ କର୍ମଚାରୀ ମାନଙ୍କୁ 'ଇକତାଦାର' କୁହାଯାଉଥିଲା । ସେମାନଙ୍କ ଅଧିନସ୍ଥ ଅଞ୍ଚଳରୁ ସେମାନେ ଭୂ-ରାଜସ୍ୱ ଆଦାୟ କରିବାର କ୍ଷମତା ପାଇଥିଲେ । ଏହି ଅର୍ଥରୁ ସେମାନେ ସମସ୍ତ ସୈନ୍ୟବାହିନୀର ପରିଚାଳନା କରୁଥିଲେ । ପୁନଶ୍ଚ ସେମାନେ ଆଇନ୍‌କୁ କାର୍ଯ୍ୟକାରୀ କରିବା ସହ ଶାନ୍ତିରକ୍ଷା କରୁଥିଲେ । ଇଲତୁତ୍‌ମିସ୍ ଙ୍କ ସାମ୍ରାଜ୍ୟ ମଧ ଅର୍ଥନୀତିକ ଦୃଷ୍ଟିକୋଣରୁ ସର୍ବାପେକ୍ଷା ଉର୍ବରଶାଳୀ ଓ ସମୃଦ୍ଧିଶାଳୀ ଅଞ୍ଚଳ ଥିଲା ଦୋଆବ ଅଞ୍ଚଳ । ଏହି ଅଞ୍ଚଳରୁ ପ୍ରଭୂତ ରାଜସ୍ୱ ଆଦାୟ ହେଉଥିଲା । ଫଳରେ ଉକ୍ତ ଅଞ୍ଚଳ ଉପରେ ଇଲତୁତ୍‌ମିସ୍ ଆର୍ଥିକ ଓ ଶାସନଗତ ନିୟନ୍ତ୍ରଣ ରଖି ଥିଲେ ।

**Raziya (1236 A.D to 1240 A.D)- ରେଜିଆ ୧୨୩୬ - ଖ୍ରୀଷ୍ଟାବ୍ଦରୁ ୧୨୪୦**

ଇଲତୁତ୍‌ମିସ୍‌ଙ୍କ ଶେଷଜୀବନରେ ଉତ୍ତରାଧିକାର ପ୍ରଶ୍ନକୁ ନେଇ ଅନେକ ସମସ୍ୟା ଉପୁଜିଥିଲା । ତାଙ୍କର କୌଣସି ପୁତ୍ର ସିଂହାସନ ପାଇଁ ଯୋଗ୍ୟ ନଥିଲେ । ସେଥିପାଇଁ ସେ ତାଙ୍କର କନ୍ୟା ରେଜିଆକୁ ମନୋନୀତ କରିଥିଲେ । କିନ୍ତୁ ଇଲତୁତ୍‌ମିସ୍ ଙ୍କର ମୃତ୍ୟୁପରେ ତାଙ୍କ ପୁତ୍ର ରୁକ୍‌ବୁଦ୍ଦିନ୍ ଫିରୋଜ୍ ସେନାବାହିନୀ ମୁଖ୍ୟମାନଙ୍କ ସହାୟତାରେ ସିଂହାସନ ଆରୋହଣ କରିଥିଲେ । ଏହାପରେ ଦିଲ୍ଲୀ ଜନସାଧାରଣ ଏବଂ କେତେକ ସାମରିକ ମୁଖ୍ୟଙ୍କ ସହାୟତା ରେ ରେଜିଆ ସିଂହାସନ ଆରୋହଣ କରିଥିଲେ ।

ରେଜିଆ ତାଙ୍କର ସହଜାତ ଗୁଣ ସତ୍ତ୍ୱେ ଅନେକ ନିଷ୍ପତ୍ତି ନେଉଥିଲେ ଯାହା ଅନ୍ୟମାନଙ୍କୁ ଅସନ୍ତୁଷ୍ଟ କରିଥିଲା । ସେ ଅଣତୁର୍କ ମାନଙ୍କର ଏକ ସାମନ୍ତ ଗୋଷ୍ଠୀ ସୃଷ୍ଟି କରିବାକୁ ଚାହିଁଥିଲେ । ଏହା ତୁର୍କ ସାମନ୍ତ ମାନଙ୍କୁ ବ୍ୟଥିତ କରିଥିଲା । ଯେତେବେଳେ ରେଜିଆ ଆବିସିନିଆର ମାଲିକ୍ ଜମାଲୁଦ୍ଦୀନ୍ ବକତ୍ ଙ୍କୁ 'ଅମିର-ଇ-ଆଖୋର' ରୂପେ ନିଯୁକ୍ତି ଦେଲେ ଏବଂ ଅଳ୍ପ କେତେକ ଅଣତୁର୍କ ଙ୍କୁ ଉଚ୍ଚ ପଦବୀରେ ନିଯୁକ୍ତି ଦେଲେ ସେତେବେଳେ ପ୍ରବଳ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ ହେଲା ।

ସାମନ୍ତମାନେ ଅନୁଭବ କଲେ ଯେ, ଯଦିଓ ଜଣେ ସେ ସ୍ତ୍ରୀ ଲୋକ, ରେଜିଆ ସେମାନଙ୍କ ହାତରେ କଣ୍ଢେଇ ହୋଇ ନାଚିବାକୁ ଚାହାନ୍ତି ନାହିଁ । ତେଣୁ ସାମନ୍ତମାନେ ରେଜିଆ ଙ୍କ ବିରୋଧରେ ବିଦ୍ରୋହ କରିବା ପାଇଁ ଅଗ୍ରସର ହେଲେ । ସେମାନେ ତାଙ୍କୁ ଭର୍ତ୍ସନା କଲେ ଏବଂ ତାଙ୍କର ଅଣତୁର୍କ ଆବିସିନିଆନ୍ ସାମନ୍ତ ବକତ୍‌ଙ୍କ ସହିତ ବନ୍ଧୁତାକୁ ଆଧାର କରି କୁତ୍ସାରଟନା କଲେ । ଶେଷରେ ତୁର୍କ ସାମନ୍ତ ମାନେ ରେଜିଆଙ୍କୁ ହତ୍ୟା କଲେ । ତେଣୁ ରେଜିଆ ସ୍ୱଳ୍ପ ସମୟ ପାଇଁ ଶାସନ କରି ୧୨୪୦ ଖ୍ରୀଷ୍ଟାବ୍ଦରେ ଏହି ଇହଧାମରୁ ବିଦାୟ ନେଇଥିଲେ ।

**Nasiruddion Mahmud (1246-1266-D) ନାସିରୁଦ୍ଦିନ୍ ମହମ୍ମଦ (୧୨୪୬-୧୨୬୬ AD)**

ରେଜିଆଙ୍କ ପରେ, ଇଲତୁତ୍‌ମିସ୍‌ଙ୍କ 'ଚାଳିଶ' ବାହିନୀ ମଧରେ ସିଂହାସନ ଆରୋହଣଙ୍କୁ କେନ୍ଦ୍ରକରି ସଂଘର୍ଷ ଚାଲୁରହିଲା । ସେମାନଙ୍କ ଶକ୍ତି ବୃଦ୍ଧି ହେବା ସହିତ ସୁଲତାନ କିଏ ହେବ ସେମାନେ ସ୍ଥିର କରୁଥିଲେ । ବେହେରାମ ଶାହା ୧୨୪୦ ଖ୍ରୀଷ୍ଟାବ୍ଦରେ, ୧୨୪୨ ଖ୍ରୀ:ଅ: ପରେ ମାସୁଦ ସାହା, ୧୨୪୨ ଖ୍ରୀ:ଅ: ରୁ ୧୨୪୬ ଖ୍ରୀ:ଅ: ପଯ୍ୟନ୍ତ ସୁଲତାନ ରୂପେ ଶାସନ କାର୍ଯ୍ୟ କରିଥିଲେ । ସେମାନଙ୍କ ପରେ ଉଲଘ ଖାଁ ଇଲତୁତ୍‌ମିସ୍ ଙ୍କ ନାତି ଯୁବକ ନାସିରୁଦ୍ଦିନ୍‌ଙ୍କୁ ସିଂହାସନରେ ଅବସ୍ଥାପିତ କରି ନିଜେ ନାଏବ (Naib) ବା ଡେ଼ପୁଟି ରୂପେ ଦାୟିତ୍ୱ ବହନ କରିଥିଲେ । ଉଲଘ ଖାଁ ନିଜର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ସୁଲତାନ୍ ନାସିରୁଦ୍ଦିନ୍‌ଙ୍କ କନ୍ୟାକୁ ବିବାହ କରିଥିଲେ । ୧୨୬୫ ଖ୍ରୀଷ୍ଟାବ୍ଦରେ ସୁଲତାନ୍ ନାସିରୁଦ୍ଦିନ୍ ମୃତ୍ୟୁବରଣ କରିଥିଲେ । ଇବନ ବତୁତା ଏବଂ ଇସାମିଙ୍କ ବର୍ଣ୍ଣନା ଅନୁଯାୟୀ ଉଲଘ ଖାଁ ନାସିରୁଦ୍ଦିନଙ୍କୁ ବିଷ ଦେଇ ହତ୍ୟା କରିଥିଲେ ଏବଂ "ବଲବନ" ଉପାଧି ଧାରଣ କରି ସିଂହାସନ ଆରୋହଣ କରିଥିଲେ ।

**Balban (AD 1266-87) ବଲବନ୍ ୧୨୬୬ ଖ୍ରୀ:ଅ: ରୁ ୧୨୮୭ ଖ୍ରୀ:ଅ:**

ସୁଲତାନ୍ ଏବଂ ତୁର୍କ ସାମନ୍ତ ମାନଙ୍କ ମଧରେ କ୍ଷମତା ପାଇଁ 'ଦୀର୍ଘ ଦିନର ସଂଘର୍ଷ ପରେ ଉଲୁଘ୍ ଖାଁ ନାମକ ଜଣେ ଶକ୍ତିଶାଳୀ ସାମନ୍ତ ବଲବନ୍ ନାମ ଧାରଣ କରି ସିଂହାସନ ଆରୋହଣ କରିଥିଲେ ।

କ୍ରମଶଃ ସମସ୍ତ କ୍ଷମତା ଆହରଣ ପୂର୍ବକ ୧୨୬୬ ଖ୍ରୀଷ୍ଟାବ୍ଦରେ ଶେଷରେ ସିଂହାସନ ଅଳଂକୃତ କରିଥିଲେ । ସେ ସିଂହାସନ ଆରୋହଣ କଲାପରେ ତାଙ୍କ ସ୍ଥିତି ସେତେ ସୁଦୃଢ଼ ନଥିଲା । ଅନେକ ତୁର୍କ ସାମନ୍ତ ତାଙ୍କର ଶତ୍ରୁତା କଲେ । ପୁନଶ୍ଚ ମଙ୍ଗୋଲମାନେ ମଧ ଦିଲ୍ଲୀ ଆକ୍ରମଣ କରିବାକୁ ସୁଯୋଗ ଅପେକ୍ଷାରେ ଥିଲେ । ଦିଲ୍ଲୀ ସୁଲତାନେଟ୍ ର ଦୂର ଦୂରାନ୍ତ ପ୍ରାଦେଶିକ ଶାସନକର୍ତ୍ତା ମାନେ ନିଜକୁ ସ୍ୱାଧୀନ ଘୋଷଣା କରିବାକୁ ଉପକ୍ରମ କରୁଥିଲେ । ଭାରତୀୟ ରାଜାମାନେ ମଧ ଟିକେ ସୁଯୋଗ ପାଇଲେ ବିଦ୍ରୋହ କରିବା ପାଇଁ ପ୍ରସ୍ତୁତ ଥିଲେ ।

ଦିଲ୍ଲୀ ର ଚର୍ତୁପାର୍ଶ୍ୱ ଏବଂ ଦୋଆବ ଅଞ୍ଚଳରେ ଆଇନ୍ ଶୃଙ୍ଖଳା ପରିସ୍ଥିତିରେ ଅବନତି ଦେଖାଦେଇଥିଲା । ଗଙ୍ଗା ଓ ଯମୁନା ନଦୀ ପାର୍ଶ୍ୱସ୍ଥ ଦୋଓ୍ୱାବ ଅଞ୍ଚଳ ଏବଂ ଅଯୋଧାର ରାସ୍ତା ଗୁଡ଼ିକ ଚୋର ଏବଂ ଡ଼କାୟତଙ୍କର ଆଡ଼ାସ୍ଥଳୀ ପାଲଟିଥିଲା । ଫଳରେ ପୂର୍ବାଞ୍ଚଳ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଲା । ଦିଲ୍ଲୀ ବାହାରେ ମେଓ୍ୱାଟିମାନେ ଲୁଣ୍ଠନ କରିବାକୁ ଲାଗିଲେ । ଜୀବନ ଦୁର୍ବିସହ ହୋଇପଡ଼ିଲା । ବଲବନ୍ ଏହାକୁ ଦମନ କରିବାକୁ ଦୃଢ଼ ପଦକ୍ଷେପ ନେଲେ । ମେଓ୍ୱାଟ ରେ ଅନେକ ଆତତାୟୀଙ୍କୁ ହତ୍ୟାକରାଗଲା । ବାଦାଉନ୍ ଚର୍ତୁପାର୍ଶ୍ୱରେ ଥିବା ରାଜପୁତ୍ ଶକ୍ତିମାନଙ୍କୁ ଧ୍ୱଂସ କରି ଦିଆଗଲା ।

ବଲବନ୍ ଜଣେ ଏକଛତ୍ରବାଦୀ ଶାସକ ପରି ଶାସନ କଲେ ଏବଂ ସୁଲତାନ୍ଙ୍କର ପୂର୍ବ ଗୌରବ ଫେରାଇ ଆଣିବା ପାଇଁ କଠିନ ପରିଶ୍ରମ କରିଥିଲେ । ସେ କୌଣସି ସାମନ୍ତକୁ ଶକ୍ତିଶାଳୀ ହେବାପାଇଁ ସୁଯୋଗ ଦେଇ ନଥିଲେ । ବଲବନ ନିଜେ ରାଜତନ୍ତ୍ରର ନିୟମ ରଚନା କରିଥିଲେ । ଐତିହାସିକ ବରାନୀ ଏହି ବିଷୟରେ ଉଲ୍ଲେଖ କରି କହିଛନ୍ତି ଯେ ବଲବନ୍ ତୁର୍କ ସାମନ୍ତ ମାନଙ୍କର ଦୃଢ଼ ସମର୍ଥକ ଥିଲେ ଏବଂ ଅଣତୁର୍କ ସାମନ୍ତ ମାନଙ୍କୁ ଅତି ଘୃଣା ଚକ୍ଷୁରେ ଦେଖୁଥିଲେ । ବଲବନ କୌଣସି ବ୍ୟକ୍ତିକୁ କ୍ଷମତା ଦେବାକୁ ଚାହୁଁ ନଥିଲେ ।

ବଲବନ୍ ଚାଳିଶ ବାହିନୀର ଶକ୍ତିକୁ ପ୍ରତିହତ କରିବା ପାଇଁ ପ୍ରତିଜ୍ଞା କରିଥିଲେ । ସେ ସମସ୍ତ ଖବର ପାଇବା ପାଇଁ ସବୁ ବିଭାଗରେ ଗୁପ୍ତଚର ନିଯୁକ୍ତ କରିଥିଲେ ।

ସେ ମଧ ଏକ ଶକ୍ତିଶାଳୀ ସୈନ୍ୟ ବାହିନୀ ଗଠନ କରିଥିଲେ । ଏହି ସୈନ୍ୟବାହିନୀ ଆଭ୍ୟନ୍ତରୀଣ ବିଦ୍ରୋହ ଏବଂ ବହିଃଶତ୍ରୁ ଆକ୍ରମଣର ମୁକୁଳିଲା କରିବାକୁ ସମର୍ଥ ଥିଲା । ଏହି ସୈନ୍ୟବାହିନୀ ପଞ୍ଜାବରେ ରହିଥିବା ମଙ୍ଗୋଲମାନଙ୍କୁ ବିତାଡ଼ିତ କରି ଦିଲ୍ଲୀ ପ୍ରତି ଆକ୍ରମଣର ଭୟକୁ ଦୂର କରିଥିଲେ । ବଲବନ୍ ସାମରିକ ବିଭାଗର ପୁର୍ନଗଠନ କରି ତାଙ୍କ ସାମ୍ରାଜ୍ୟର ବିଭିନ୍ନ ସ୍ଥାନରେ ସେମାନଙ୍କୁ ଅବସ୍ଥାପିତ କରିଥିଲେ । ଫଳରେ କୌଣସି ସ୍ଥାନରେ ସୃଷ୍ଟି ହେଉଥିବା ବିଦ୍ରୋହକୁ ସେମାନେ ସହଜରେ ଦମନ କରିପାରୁଥିଲେ । ମେଓ୍ୱାଟ୍, ଦୋଆବ, ଅଯୋଧା ଏବଂ କଟିହାରରେ ସଂଗଠିତ ବିଦ୍ରୋହକୁ ସେ ଦୃଢ଼ ହସ୍ତରେ ଦମନ କରିଥିଲେ । ବଲବନ୍ ପୂର୍ବ ରାଜପୁତନାର ଆଜମିର ଏବଂ ନଗଉର୍କୁ ନିଜ ନିୟନ୍ତ୍ରଣ କୁ ଆଣିଥିଲେ ମଧ ରନ୍ଥମ୍ବର ଏବଂ ଗୋଆଲିୟର ଅଧିକାର କରିପାରି ନଥିଲେ । ୧୨୭୯ ଖ୍ରୀଷ୍ଟାବ୍ଦରେ ବଂଗର ଗଭର୍ଣ୍ଣର ତୁଘ୍ରିଲ୍ ବେଗ୍ ବଲବନ୍ ବିରୋଧରେ ବିଦ୍ରୋହ କଲେ । ଦିଲ୍ଲୀ ସାମ୍ରାଜ୍ୟ ପ୍ରତି ମଙ୍ଗୋଲ ଆକ୍ରମଣର ଭୟ ଏବଂ ବଲବନ୍ଙ୍କ ବାର୍ଦ୍ଧକ୍ୟ ଅବସ୍ଥା ତାଙ୍କୁ ବିଦ୍ରୋହ କରିବାକୁ ଉତ୍ସାହିତ କରିଥିଲା । ବଲବନ୍ ତାଙ୍କ ସୈନ୍ୟବାହିନୀକୁ ବଂଗ ଅଭିମୁଖେ ପ୍ରେରଣ କଲେ । ତୁଘ୍ରିଲ୍ ବେଗ୍ ଯୁଦ୍ଧରେ ପରାଜିତ ହେଲେ ଏବଂ ତାଙ୍କୁ ହତ୍ୟା କରାଗଲା । ଫଳରେ ବଲବନ୍ ନିଜର ପୁତ୍ର ବୁଘ୍ରା ଖାଁ ଙ୍କୁ ବଂଗର ପ୍ରାଦେଶିକ ଶାସକକର୍ତ୍ତା ବା ଗଭର୍ଣ୍ଣର ରୂପେ ନିଯୁକ୍ତ କଲେ ।

ଏହି ପ୍ରକାର କଠୋର ପଦକ୍ଷେପମାନ ଗ୍ରହଣ କରି ବଲବନ୍ ପରିସ୍ଥିତିକୁ ନିୟନ୍ତ୍ରଣ କୁ ଆଣିଥିଲେ । ପ୍ରଜାମାନଙ୍କୁ ଆକର୍ଷିତ କରିବା ପାଇଁ ତଥା ବଲବନ୍ ତାଙ୍କ ସରକାର ର ସାମର୍ଥ୍ୟ କୁ ପରିପ୍ରକାଶ କରିବା ପାଇଁ ଏକ ସୁନ୍ଦର ଦରବାର ପ୍ରତିଷ୍ଠା କରିଥିଲେ । ସେ ଦରବାର ମଧରେ ହସିବା କିମ୍ବା ଥଟ୍ଟାମଜା କରିବା ଉପରେ ସେ ନିଷେଧାଜ୍ଞା ଜାରି କରିଥିଲେ । ସେ ଦରବାରରେ ମଦ୍ୟପାନ କରୁନଥିଲେ । ସେ ଦରବାରରେ ସମସ୍ତଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରିବା ଏବଂ ସୁଲତାନଙ୍କ ପାଦଚୁମ୍ବନ କରିବା ପ୍ରଥାକୁ ଉତ୍ସାହିତ କରୁଥିଲେ ।



ଟିପ୍ପଣି



ବଲବନ ନିଃସନ୍ଦେହରେ ଦିଲ୍ଲୀ ସୁଲତାନୀ ଶାସନର ଅନ୍ୟ ଜଣେ ପ୍ରଧାନ ନିର୍ମାତା ଥିଲେ । ତାଙ୍କ ନିଜସ୍ୱ ସୃଷ୍ଟ ସରକାରୀ ବ୍ୟବସ୍ଥା ଏବଂ ଅନୁଷ୍ଠାନ ଯୋଗୁ ଏହା ସମ୍ଭବ ହୋଇଥିଲା । ରାଜତନ୍ତ୍ରର କ୍ଷମତାକୁ ନିଜ ହାତକୁ ଆଣି ବଲବନ୍ ଦିଲ୍ଲୀ ସୁଲତାନୀ ବ୍ୟବସ୍ଥାକୁ ସୁଦୃଢ଼ କରିଥିଲେ । କିନ୍ତୁ ସେ ସଂପୂର୍ଣ୍ଣରୂପେ ଉତ୍ତର ଭାରତକୁ ମଙ୍ଗୋଲ ଆକ୍ରମଣରୁ ସୁରକ୍ଷା ପ୍ରଦାନ କରିପାରି ନଥିଲେ । ଅଧିକନ୍ତୁ, ଅଣତୁର୍କମାନଙ୍କୁ ସଂପୂର୍ଣ୍ଣ ରୂପେ ସେମାନଙ୍କ ପଦ ପଦବୀରୁ ବହିଷ୍କାର କରି ଏବଂ କେବଳ ସଂଖ୍ୟାଲଘୁ ତୁର୍କ ମାନଙ୍କୁ ବିଶ୍ୱାସ କରି ସେ ବହୁଲୋକଙ୍କର ଅସନ୍ତୋଷ ର କେନ୍ଦ୍ରବିନ୍ଦୁଥିଲେ । ତେଣୁ ତାଙ୍କ ମୃତ୍ୟୁପରେ ପୁନର୍ବାର ସମସ୍ୟା ଗୁଡ଼ିକ ଦେଖାଦେଲା ।

ବଲବନ ସାମ୍ରାଜ୍ୟ ବିସ୍ତାର ନୀତି ପରିବର୍ତ୍ତେ ସାମ୍ରାଜ୍ୟ ଗଠନ ନୀତି ଗ୍ରହଣ କରିଥିଲେ । ଏକ ନୂତନ ରାଜତନ୍ତ୍ରତତ୍ତ୍ୱ ପ୍ରଣୟନ କରିଥିଲେ । ସେ ମଧ ସୁଲତାନ୍ ଏବଂ ସାମନ୍ତ ମଧରେ ସଂପର୍କର ସଜ୍ଞା ବାହାର କରିଥିଲେ । ଏହି ପ୍ରକାର ପଦକ୍ଷେପ ଦ୍ୱାରା ସେ ଦିଲ୍ଲୀ ସୁଲତାନୀ ବ୍ୟବସ୍ଥାକୁ ସୁଦୃଢ଼ କରିଥିଲେ ।

୧ ୨ ୮ ୭ ଖ୍ରୀଷ୍ଟାବ୍ଦରେ ବଲବନ୍ ମୃତ୍ୟୁବରଣ କରିଥିଲେ । ଏହାପରେ ସାମନ୍ତମାନେ ବଲବନ୍ଙ୍କ ନାତି କାଇକୋବାଦ୍ଙ୍କୁ ସିଂହାସନ ଆରୋହଣ କରିବା ପାଇଁ ଅନୁରୋଧ କଲେ । କାଇକ୍ୱାବାଦ୍ ତା'ଙ୍କ ନିଜ ପୁତ୍ର କାଇମରସ୍ଙ୍କ ଦ୍ୱାରା ଗାଦିଚ୍ୟୁତ ହୋଇଥିଲେ । ହେଲେ କାଇମରସ୍ ମାତ୍ର ତିନିମାସ ପାଇଁ ସିଂହାସନ ଆରୋହଣ କରିଥିଲେ । କାରଣ ୧ ୨ ୯ ୦ ଖ୍ରୀଷ୍ଟାବ୍ଦରେ ଫିରୋଜ ଏକ ଦୁଃସାହସିକ ପଦକ୍ଷେପ ନେଇ କାଇମରସ୍ଙ୍କୁ ହତ୍ୟାକରି ଦିଲ୍ଲୀ ସିଂହାସନ ଅଧିକାର କଲେ । ବଲବନ୍ଙ୍କ ରାଜତ୍ୱ କାଳରେ ଫିରୋଜ ସାମରିକ ବିଭାଗର ୱାର୍ଡ଼େନ୍ ଥିଲେ ଏବଂ ସେ ମଙ୍ଗୋଲ ମାନଙ୍କ ବିରୋଧରେ ଅଭିଯାନ ଚଳାଇ ବହୁ ସଫଳତା ହାସଲ କରିଥିଲେ । ସେ ଦିଲ୍ଲୀ ରେ ଯୁଦ୍ଧମନ୍ତ୍ରୀ (Minister of war) ରୂପେ କାର୍ଯ୍ୟ କରିବାକୁ ନିମନ୍ତ୍ରିତ ହୋଇଥିଲେ । ଖିଲ୍‌ଜୀ ସାମନ୍ତ ମାନଙ୍କର ଏକ ଗୋଷ୍ଠୀ ତାଙ୍କ ଦ୍ୱାରା ପରିଚାଳିତ ହୋଇ ଖିଲ୍‌ଜୀ ବଂଶର ପ୍ରତିଷ୍ଠା ହେଲା । କେତେକ ବିଦ୍ୱାନଙ୍କ ମତରେ ଏହି ଘଟଣା ଥିଲା ୧ ୨ ୯ ୦ ଖ୍ରୀଷ୍ଟାବ୍ଦର ଏକ ବଂଶଗତ ବିଦ୍ରୋହ । ଫଳରେ ଦାସବଂଶର ପତନ ଘଟିଲା ଏବଂ ଫିରୋଜ ଜଲାଲ୍‌ଉଦ୍ଦୀନ ଖିଲ୍‌ଜୀ ଉପାଧି ଧାରଣ କରି ସିଂହାସନ ଆରୋହଣ କଲେ ।

## INTEXT QUESTIONS 9.2 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଇଲତୁତ୍‌ମିସ୍ ସିଂହାସନ ଆରୋହଣ କଲାପରେ କେଉଁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ? ସେଥିମଧ୍ୟରୁ ଦୁଇଟି ବିଷୟରେ ଆଲୋଚନା କର ।

2. ଇଲତୁତ୍‌ମିସ୍ କାହିଁକି 'ଚାଳିଶବାହିନୀ' ଗଠନ କରିଥିଲେ ?

3. ଦିଲ୍ଲୀ ସୁଲତାନୀ ବ୍ୟବସ୍ଥାର ପ୍ରଥମ ସୁଲତାନ୍ କିଏ ଥିଲେ ବୋଲି ତୁମର ମତ ?

4. ସୁଲତାନଙ୍କ ନିରଙ୍କୁଶ କ୍ଷମତା ଜାହିର କରିବାକୁ ଯାଇ ବଲବନ୍ କି କି ପଦକ୍ଷେପ ନେଇଥିଲେ ?

## 9.5 THE KHLJIS (AD 1290-1320)- ଖିଲିଜୀ ବଂଶ (୧ ୨ ୯ ୦ ଖ୍ରୀ:ଅ ରୁ ୧୩୨୦)

### ଜଲାଲ୍‌ଉଦ୍ଦୀନ ଖିଲିଜୀ (୧ ୨ ୯ ୦-୧ ୨ ୯ ୬)

ଜଲାଲ୍‌ଉଦ୍ଦିନ୍ ଖିଲିଜୀ ଥିଲେ ଖିଲିଜୀ ବଂଶର ପ୍ରତିଷ୍ଠାତା । ସେ ୭୦ ବର୍ଷ ବୟସରେ ସିଂହାସନ ଆରୋହଣ କରିଥିଲେ । ଯଦିଓ ଜଲାଲ୍‌ଉଦ୍ଦୀନ ପୁରାତନ ସାମନ୍ତଗୋଷ୍ଠୀକୁ ରଖିଥିଲେ, କିନ୍ତୁ ଖିଲିଜୀ ବଂଶର ଉତ୍‌ଥାନ ଯୋଗୁ କ୍ରିତଦାସ ସାମନ୍ତ ମାନଙ୍କର ଏକଚାଟିଆ ନୀତିର ପରିସମାପ୍ତି ଘଟିଥିଲା । ସେମାନେ ଉଚ୍ଚ ପଦବୀ ଆଉ ପାଇପାରିଲେ ନାହିଁ । ଜଲାଲ୍ ଉଦ୍ଦିନ୍ ମାତ୍ର ୬ ବର୍ଷ ପାଇଁ ଶାସନ କରିଥିଲେ । ସେ ବଲବନ୍ଙ୍କ ରାଜତ୍ୱ ସମୟରେ ପ୍ରଣୀତ କେତେକ କଠୋର ନୀତିକୁ ଉଚ୍ଛେଦ କରିଥିଲେ । ଦିଲ୍ଲୀ ସୁଲତାନୀ ଶାସନର

ସେ ଥିଲେ ପ୍ରଥମ ଶାସକ ଯେ କି କହିଥିଲେ ଯେ ରାଷ୍ଟ୍ର ପ୍ରଜାମାନଙ୍କ ସଦିଚ୍ଛା ଓ ସହଯୋଗ ଉପରେ ଗଠିତ ହେବା ଉଚିତ୍ । ସେ ପୁନଶ୍ଚ କହିଥିଲେ ଯେ ଭାରତର ହିନ୍ଦୁଙ୍କ ସଂଖ୍ୟା ଅଧିକ ହୋଇଥିବାରୁ ଭାରତକୁ ପ୍ରକୃତରେ ଇସ୍‌ଲାମୀୟ ରାଷ୍ଟ୍ର କହିବା ସମୀଚିନ ହେବ ନାହିଁ ।

ଟିପ୍ପଣି

ଜଲାଲ୍‌ଉଦ୍ଦୀନ୍ ଉଦାରନୀତି ପ୍ରଣୟନ କରି ସାମନ୍ତମାନଙ୍କ ହୃଦୟକୁ ଜୟ କରିଥିଲେ । ସେ କଠୋର ଦଣ୍ଡ ବ୍ୟବସ୍ଥାକୁ ଉଠାଇ ଦେଇଥିଲେ । ତାଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିବା ବିଦ୍ରୋହୀ ମାନଙ୍କୁ ସେ କ୍ଷମା କରିଦେଇଥିଲେ । ଏଥି ସହିତ ସେମାନଙ୍କର ସହଯୋଗ ପାଇବା ପାଇଁ ସେମାନଙ୍କୁ ପୁରସ୍କାର ପ୍ରଦାନ କରୁଥିଲେ । ସେ ଯାହା ହେଉନା କାହିଁକି ତାଙ୍କ ସମର୍ଥକଙ୍କ ସମେତ ଅନେକ ଲୋକ ତାଙ୍କୁ ଜଣେ ଦୁର୍ବଳ ସୁଲ୍‌ତାନ ବୋଲି ବିବେଚନା କରିଥିଲେ ।

ଜଲ୍ଲାଲଉଦ୍ଦୀନ ଙ୍କ ବିପରୀତ ଥିଲେ ଆଲାଉଦ୍ଦୀନ ଖିଲିଜୀ । ଯେଉଁ ବ୍ୟକ୍ତି ଆଲାଉଦ୍ଦୀନ ଙ୍କ ବିରୁଦ୍ଧରେ ଯିବାପାଇଁ ସାହସ କରୁଥିଲେ, ତାକୁ ସେ କଠୋର ଦଣ୍ଡରେ ଦଣ୍ଡିତ କରୁଥିଲେ ।

## ALAUDDIN KHALJI (AD 1296-1316)

### ଆଲାଉଦ୍ଦୀନ ଖିଲିଜୀ- ୧୨୯୬ ଖ୍ରୀ:ଅ: ରୁ ୧୩୧୬ ଖ୍ରୀ:ଅ:

ଆଲାଉଦ୍ଦୀନ ଖିଲିଜୀ ଥିଲେ ଜଲାଲ୍‌ଉଦ୍ଦୀନଙ୍କ ଜଣେ ଉଚ୍ଚାଭିଳାଷୀ ପୁତୁରା ଏବଂ ଜାମାତା । ସେ ତାଙ୍କ ଶ୍ୱଶୁରଙ୍କୁ କ୍ଷମତା ହାସଲ ପାଇଁ ସାମରିକ ସହାୟତା ପ୍ରଦାନ କରିଥିଲେ ଏବଂ 'ଆରିଜ୍-ଇ-ମମାଲିକ୍' ପଦରେ ନିଯୁକ୍ତି ପାଇଥିଲେ । ଜଲାଲ୍‌ଉଦ୍ଦିନ୍ ଙ୍କ ଶାସନ ସମୟରେ ଆଲାଉଦ୍ଦିନ୍ ଦୁଇଟି ସାମରିକ ଅଭିଯାନ ଚଳାଇ ସଫଳତା ହାସଲ କରିଥିଲେ । ୧୨୯୨ ଖ୍ରୀଷ୍ଟାବ୍ଦରେ ସେ ବିଦିଶା ବିରୁଦ୍ଧରେ ପ୍ରଥମ ଅଭିଯାନ ଚଳାଇ ସଫଳ ହେଲାପରେ ତାଙ୍କୁ ଅଯୋଧା ଏବଂ କାରା ର ଇକ୍‌ତା ପ୍ରଦାନ କରାଯାଇଥିଲା । ସେ ମଧ ଯୁଦ୍ଧ ମନ୍ତ୍ରୀ ରୂପେ ନିଯୁକ୍ତି ପାଇଥିଲେ । ୧୨୯୪ ଖ୍ରୀଷ୍ଟାବ୍ଦରେ ସେ ପ୍ରଥମ ଥର ପାଇଁ ସେ ଦକ୍ଷିଣ ଭାରତ ବିରୋଦ୍ଧରେ ସାମରିକ ଅଭିଯାନ ଚଳାଇ ଦେବଗିରି ରାଜ୍ୟକୁ ଲୁଣ୍ଠନ କରିଥିଲେ । ଏହି ସାମରିକ ଅଭିଯାନର ସଫଳତା ଆଲାଉଦ୍ଦିନ୍ ଙ୍କୁ ଜଣେ ସୁଦକ୍ଷ ସେନାଧକ୍ଷ ଏବଂ ଯୋଗ୍ୟ ସଂଗଠକରେ ପରିଚୟ କଲା । ୧୨୯୬ ଖ୍ରୀଷ୍ଟାବ୍ଦ ଜୁଲାଇ ମାସରେ ଆଲାଉଦ୍ଦୀନ୍ ତାଙ୍କ କାକା ତଥା ଶ୍ୱଶୁରଙ୍କୁ ହତ୍ୟା କରି ଦିଲ୍ଲୀ ସିଂହାସନ ଅଧିକାର କଲେ ।

ଆଲାଉଦ୍ଦିନ୍ ବଲବନ୍‌ଙ୍କ କଠୋର ଶାସନ ପ୍ରଣାଳୀକୁ ପୁନଃ ପ୍ରଚଳନ କରିବା ପାଇଁ ଚାହିଁଲେ । ଶାସନ କ୍ଷେତ୍ରରେ ସାମନ୍ତ ଏବଂ ଉଲେମା ମାନଙ୍କ ହସ୍ତକ୍ଷେପ କୁ ଦୃଢ଼ ଭାବରେ ଦମନ କଲେ । ସିଂହାସନ ଆରୋହଣ ର ପ୍ରାରମ୍ଭରେ ସେ କେତେକ ବିଦ୍ରୋହର ସମ୍ମୁଖୀନ ହୋଇଥିଲେ । ଐତିହାସିକ ବରାନୀ ତାଙ୍କ ପୁସ୍ତକ 'ତାରିଖ-ଇ-ଫିରୋଜ ସାହି' ପୁସ୍ତକରେ ଆଲାଉଦ୍ଦିନ୍ ଙ୍କ ବିଷୟରେ ବର୍ଣ୍ଣନା କରି ଲେଖିଛନ୍ତି ଯେ ଆଲାଉଦ୍ଦିନଙ୍କର ବିଶ୍ୱାସ ଥିଲା ଯେ ଚାରିଗୋଟି କାରଣ ପାଇଁ ବିଦ୍ରୋହ ସୃଷ୍ଟି ହେଉଛି । ପ୍ରଥମ କାରଣ ଥିଲା ଦୁର୍ବଳ ଓ ଅଯୋଗ୍ୟ ଗୁପ୍ତଚର ବ୍ୟବସ୍ଥା, ଦ୍ୱିତୀୟତଃ ମଦ୍ୟପାନର ଅଭ୍ୟାସ, ତୃତୀୟତଃ ସାମନ୍ତମାନଙ୍କ ମଧରେ ବୈବାହିକ ସଂପର୍କ ସ୍ଥାପନ ଏବଂ ଚତୁର୍ଥତଃ କେତେକ ସାମନ୍ତ ପାଖରେ ଠୁଳ ହୋଇ ରହିଥିବା ପର୍ଯ୍ୟାପ୍ତ ଧନ ସମ୍ପତ୍ତି ।

ତେଣୁ ବିଦ୍ରୋହ କୁ ସଂପୂର୍ଣ୍ଣ ରୂପେ ଧ୍ୱଂସ କରିବା ପାଇଁ ଆଲାଉଦ୍ଦିନ୍ କେତେକ ଆଇନ୍ ପ୍ରଣୟନ କରି ତାକୁ କାର୍ଯ୍ୟକାରୀ କଲେ । ପ୍ରଥମତଃ, ଯେଉଁ ପରିବାର ଗୁଡ଼ିକ ନିସ୍କର ଜମି ଭୋଗ କରୁଥିଲେ ସେମାନେ କରଦେବାର ବ୍ୟବସ୍ଥା ହେଲା । ତେଣୁ ସେମାନଙ୍କ ପାଖରେ ଆଉ ବଳକା ଧନ ରହିଲା ନାହିଁ । ଦ୍ୱିତୀୟତଃ ସୁଲତାନ୍ ଗୁପ୍ତଚର ବିଭାଗର ପୁର୍ନଗଠନ କରି ଏହାକୁ ଅଧିକ କ୍ରିୟାଶୀଳ କରାଇଲେ । ତୃତୀୟତଃ ମଦ୍ୟପାନ ସଂପୂର୍ଣ୍ଣ ନିଷେଧ କରାଗଲା । ଚତୁର୍ଥତଃ, ସାମନ୍ତମାନେ କୌଣସି ସ୍ଥାନରେ ଏକତ୍ରିତ ହୋଇପାରିବେ ନାହିଁ ଏବଂ ସେମାନେ ବିବାହ କଲେ ସୁଲତାନ୍ ଙ୍କ ଅନୁମତି ନେବାକୁ ହେବ ବୋଲି ଆଇନ୍ ପ୍ରଣୟନ ହେଲା ।

ଆଲାଉଦ୍ଦୀନ୍ ତାଙ୍କ ବିଶାଳ ସାମ୍ରାଜ୍ୟକୁ ମଙ୍ଗୋଲ ଆକ୍ରମଣରୁ ରକ୍ଷା କରିବା ଏବଂ ନିଜର ଦୁର୍ବାର ସାମ୍ରାଜ୍ୟବାଦ୍ ଲିପ୍‌ସା କୁ ଚରିତାର୍ଥ କରିବା ପାଇଁ ଏକ ବୃହତ, ଶକ୍ତିଶାଳୀ ସୈନ୍ୟବାହିନୀ ଗଠନ କରିଥିଲେ ।

ଟିପ୍ପଣୀ

**ଆଲୁଦ୍ଦୀନ୍ ଙ୍କ ବଜାର ନିୟନ୍ତ୍ରଣ ନୀତି :**

ଆଲାଉଦ୍ଦୀନ୍ ବଜାରକୁ ନିୟନ୍ତ୍ରଣରେ ରଖିବା ପାଇଁ ଏକ ନୀତି ପ୍ରଣୟନ କରିଥିଲେ । ଏହା ଥିଲା ଏକ ପ୍ରଧାନ ନୀତି । ଆଲାଉଦ୍ଦୀନ୍‌ଙ୍କର ଏକ ବିଶାଳ ସୈନ୍ୟବାହିନୀ ଥିଲା । ଏହି ସୈନ୍ୟମାନଙ୍କୁ ଉଚ୍ଚମାନର ବେତନ ଦେଇ ସନ୍ତୁଷ୍ଟ କରି ରଖିବା ସମ୍ଭବ ଥିଲା । ତେଣୁ ବଜାର ରେ ଉପଲବ୍ଧ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡ଼ିକର ଦର ନିଜେ ସ୍ଥିର କରିଥିଲେ । ଦରଦାମ୍ ଉପରେ ନିୟନ୍ତ୍ରଣ ରଖିବା ପାଇଁ ସେ ଭିନ୍ନ ଭିନ୍ନ ତିନୋଟି ବଜାର ସୃଷ୍ଟି କରିଥିଲେ ଦିଲ୍ଲୀରେ । ଏହି ବଜାର ଗୁଡ଼ିକ ଯଥାକ୍ରମେ ଥିଲା ; ୧ - ମଣ୍ଡି ୨ - ଲୁଗା ବଜାର ଏବଂ ୩- କ୍ରିତଦାସ, ଗୋରୁଗାଈ ଏବଂ ଘୋଡ଼ା ବଜାର, ଏ ସବୁର ସୁପରିଚାଳନା ପାଇଁ ଆଲାଉଦ୍ଦୀନ୍ ସାହାନ୍-ଇ-ମଣ୍ଡି ନାମକ କର୍ମଚାରୀ ଙ୍କୁ ନିଯୁକ୍ତି ଦେଇଥିଲେ । ଆଲାଉଦ୍ଦୀନ୍ ପ୍ରତିଦିନ ବଜାର ଦର ବିଷୟରେ ବୁଝୁଥିଲେ । ସେ ଦୁଇ ପ୍ରକାର ଗୁପ୍ତଚର ଏଥିପାଇଁ ନିଯୁକ୍ତ କରିଥିଲେ । ପ୍ରଥମ ପ୍ରକାର ଗୁପ୍ତଚର ଥିଲେ 'ବାରିଦ୍' (Barid) ଏବଂ ଦ୍ୱିତୀୟ ପ୍ରକାର ଗୁପ୍ତଚର ଥିଲେ 'ମନହିୟାନସ୍' ସୁଲତାନ୍‌ଙ୍କ ଆଦେଶ କୁ ଅମାନ୍ୟ କଲେ କଠୋର ଦଣ୍ଡରେ ଦଣ୍ଡିତ କରାଯାଉଥିଲା । ସେମାନଙ୍କୁ ଦେଶାନ୍ତର, ଅର୍ଥଦଣ୍ଡ ଏବଂ ଶାରିରୀକ ଦଣ୍ଡ ଦିଆଯାଉଥିଲା । ଅଶ୍ୱ ମାନଙ୍କର ମୂଲ୍ୟ ସୁଲତାନ୍ ନିଜେ ଧାର୍ଯ୍ୟ କରିଥିଲେ । କାରଣ ତାଙ୍କ ସୈନ୍ୟବାହିନୀ ପାଇଁ ଅଶ୍ୱମାନଙ୍କର ଆବଶ୍ୟକତା ଅପରିହାର୍ଯ୍ୟ ଥିଲା ଏବଂ ଭଲ ଅଶ୍ୱ ବିନା ସୈନ୍ୟବାହିନୀ ଦକ୍ଷତା ବୃଦ୍ଧି ହୋଇପାରିବ ନାହିଁ ବୋଲି ସୁଲତାନ୍ ଅନୁଭବ କରୁଥିଲେ । ଘୋଡ଼ାବେପାରି ଏବଂ ଦଲାଲ୍ ମାନେ ଘୋଡ଼ାର ବିକ୍ରି ଖର୍ଦ୍ଦି ଉପରେ ଦିଲ୍ଲୀରେ ନିଷେଧାଜ୍ଞା ଜାରି କରାଯାଇଥିଲା । ଫଳରେ ଅଶ୍ୱମାନଙ୍କର ଦାମ୍ କମ୍ ଥିଲା ।

## Expansion of Delhi Saltanate- ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟର ବିସ୍ତାର

ଆଲାଉଦ୍ଦିନ୍ ଖିଲିଜୀ ଙ୍କ ସମୟରେ ସୁଲତାନ ସାମ୍ରାଜ୍ୟର କାୟା ବୃଦ୍ଧି ଥିଲା ତାଙ୍କର ଏକ ଉଲ୍ଲେଖନୀୟ କୃତିତ୍ୱ । ଆଲାଉଦ୍ଦୀନ୍ ସର୍ବପ୍ରଥମେ ଗୁଜୁରାଟ ବିରୁଦ୍ଧରେ ତାଙ୍କର ସାମରିକ ଅଭିଯାନ ଚଳାଇ ସାମ୍ରାଜ୍ୟ ବିସ୍ତାର କରିଥିଲେ । ଆଲାଉଦ୍ଦିନ୍ ଏକ ବିଶାଳ ସାମ୍ରାଜ୍ୟ ଗଠନ କରିବାର ସ୍ୱପ୍ନ ନେଇ ଗୁଜୁରାଟରୁ ପ୍ରଚୁର ଧନ ସମ୍ପଦ ଲାଭ କରିଥିଲେ । ଗୁଜୁରାଟର ଧନୀଲୋକ ମାନେ ଭବିଷ୍ୟତର ସାମରିକ ଅଭିଯାନ ଖର୍ଚ୍ଚ ବହନ କରିବେ ଏବଂ ଗୁଜୁରାଟ ର ସାମୁଦ୍ରିକ ବନ୍ଦର ନିୟମିତ ଭାବେ ଆରବୀୟ ଘୋଡ଼ା ଆଲାଉଦ୍ଦିନ୍ ଙ୍କୁ ପ୍ରଦାନ କରିବେ । ୧ ୨ ୯ ୯ ଖ୍ରୀ :ଅ :ରେ ଆଲାଉଦ୍ଦିନ୍ ଙ୍କ ଦୁଇ ପ୍ରମୁଖ ସେନାଧକ୍ଷ ଉଲୁଘ୍ ଖାଁ ଏବଂ ନସରତ ଖାଁ ଙ୍କ ନେତୃତ୍ୱରେ ସେ ଏକ ସୈନ୍ୟବାହିନୀ ଗୁଜୁରାଟ ବିରୁଦ୍ଧରେ ସାମରିକ ଅଭିଯାନ ଚଳାଇଥିଲେ । ଗୁଜୁରାଟର ଶାସକ ରାୟ କିରଣ ପଳାୟନ କଲେ ଏବଂ ସୋମନାଥ ମନ୍ଦିର ଅଧିକୃତ ହେଲା । ବହୁତ ଧନ ରତ୍ନ ସଂଗୃହୀତ ହେଲା । ଏପରିକି ଗୁଜୁରାଟର ଧନୀ ମୁସଲମାନ ବଣିକମାନେ ମଧ ଛାଡ଼ ପାଇଲେ ନାହିଁ । ଅନେକ କ୍ରିତଦାସ ମାନଙ୍କୁ ନିଆଗଲା । ମାଲିକାପୁର ଥିଲେ ଏହି କ୍ରିତଦାସ ମାନଙ୍କ ମଧରୁ ଜଣେ । ପରବର୍ତ୍ତୀ ଅବସ୍ଥାରେ ସେ ଖିଲିଜୀ ସୈନ୍ୟବାହିନୀର ଜଣେ ବିଶ୍ୱସ୍ତ ସେନାଧକ୍ଷ ରୂପେ କାର୍ଯ୍ୟ କରିଥିଲେ । ତାଙ୍କୁ ଦକ୍ଷିଣଭାରତ ଅଭିଯାନ ପାଇଁ ଅଧିକାର ଦିଆଯାଇଥିଲା । ଗୁଜୁରାଟ୍ ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟର ଅନ୍ତର୍ଗତ ହେଲା ।

ଗୁଜୁରାଟ୍ ଅଧିକାର କଲାପରେ ଆଲାଉଦ୍ଦିନ୍ ରାଜସ୍ଥାନ ଉପରେ ଦୃଷ୍ଟିନିକ୍ଷେପ କଲେ । ସେ ସର୍ବପ୍ରଥମେ ରାଜସ୍ଥାନର ଦୁର୍ଭେଦ୍ୟ ଏବଂ ଶକ୍ତିଶାଳୀ ରନ୍ଥମ୍ବର ଉପରେ ଆକ୍ରମଣ କଲେ । ରାଜପୁତ୍ ମାନଙ୍କ ନୈତିକ ବଳ ଓ ଶକ୍ତିକୁ ଦୁର୍ବଳ କରିବାକୁ ହେଲେ ରନ୍ଥମ୍ବର ଆକ୍ରମଣ ଜରୁରୀ ଥିଲା । ରନ୍ଥମ୍ବର ଆକ୍ରମଣର ଆଶୁକାରଣ ଥିଲା ଏଠାକାର ରାଜା ହମିରଦେବ ଦୁଇଜଣ ବିଦ୍ରୋହୀ ମଙ୍ଗୋଲ ସୈନିକଙ୍କୁ ଆଶ୍ରୟ ଦେଇଥିଲେ ଏବଂ ସେ ଦୁଇଜଣଙ୍କୁ ଖିଲିଜୀ ସୁଲତାନ୍‌ଙ୍କୁ ହସ୍ତାନ୍ତର କରିବା ପାଇଁ ମନା କରି ଦେଲେ । ରନ୍ଥମ୍ବର ଆକ୍ରମଣର ପ୍ରାରମ୍ଭରେ ଖିଲିଜୀ ସୈନିକମାନେ ଅନେକ କ୍ଷୟ କ୍ଷତିର ସମ୍ମୁଖୀନ ହୋଇଥିଲେ । ନୁସୁରତ ଖାଁ ଏହି ଯୁଦ୍ଧରେ ମୃତ୍ୟୁବରଣ କରିଥିଲେ । ଶେଷରେ ଆଲାଉଦ୍ଦିନ୍ ନିଜେ ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ୧ ୩ ୦ ୧ ଖ୍ରୀଷ୍ଟାବ୍ଦରେ ରନ୍ଥମ୍ବର ଦୁର୍ଗ ଅଧିକାର କରିଥିଲେ ।

## ଦିଲ୍ଲୀ ସୁଲତାନୀ ଶାସନର ପ୍ରତିଷ୍ଠା ଏବଂ ପ୍ରସାର

୧୩୦୩ ଖ୍ରୀଷ୍ଟାବ୍ଦରେ ଆଲ୍ଲାଉଦ୍ଦିନ ରାଜପୁତନାର ଶକ୍ତିଶାଳୀ ଚିତୋର ଦୁର୍ଗକୁ ଅଧିକାର କରିଥିଲେ । ଆଲାଉଦ୍ଦିନଙ୍କ ଚିତୋର ଦୁର୍ଗ ଆକ୍ରମଣର କାରଣ ଥିଲେ ସେଠାକାର ରାଜା ରତନ ସିଂଙ୍କର ଦିବ୍ୟସୁନ୍ଦରୀ ପତ୍ନୀ ପଦ୍ମିନୀ । ଆଲାଉଦ୍ଦିନ ପଦ୍ମିନୀଙ୍କୁ ହାସଲ କରିବା ପାଇଁ ଚାହିଁଥିଲେ । କିନ୍ତୁ ଅନେକ ବିଦ୍ୱାନ ଏହି କାହାଣୀକୁ କପୋଳକଳ୍ପିତ ବୋଲି ବର୍ଣ୍ଣନା କରିଛନ୍ତି । ଐତିହାସିକ ଅମୀର ଖୁସ୍ରୁଙ୍କ ବର୍ଣ୍ଣନା ଅନୁଯାୟୀ ଜଣାଯାଏ ଯେ ସୁଲତାନ ଏକ ଗଣହତ୍ୟା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଚିତୋରର ନୂତନ ନାମକରଣ କରାଗଲା । ସୁଲତାନ୍‌ଙ୍କ ପୁତ୍ର ଖିଜିର୍ ଖାଁ ନାମ ଅନୁସାରେ ଏହାର ନାମ ରଖାଗଲା ଖିଜିରାବାଦ୍ । ସେ ଯାହାହେଉ ମଙ୍ଗୋଲମାନେ ଦିଲ୍ଲୀ ଅଭିମୁଖେ ଅଗ୍ରସର ହେବା ଖବର ପାଇ ତତ୍‌କ୍ଷଣାତ୍ ଆଲାଉଦ୍ଦିନ୍ ଦିଲ୍ଲୀକୁ ପ୍ରତ୍ୟାବର୍ତ୍ତନ କରିଥିଲେ ।

୧୩୦୫ ଖ୍ରୀଷ୍ଟାବ୍ଦରେ ଆନ୍-ଉଲ୍-ମୁଲକ୍ ଙ୍କ ନେତୃତ୍ୱରେ ଖିଲିଜୀ ବାହିନୀ ମାଳବ ଅଧିକାର କରିଥିଲେ । ଏଥି ସହିତ ଉଜ୍ଜୟିନୀ, ମାଣ୍ଡୁ, ଧର ଏବଂ ଚାନ୍ଦେରୀ ଇତ୍ୟାଦି ଆଲାଉଦ୍ଦିନ୍‌ଙ୍କ ଅଧିକୃତ ହୋଇଥିଲା । ମାଳବ ବିଜୟ ପରେ ଆଲ୍ଲାଉଦ୍ଦିନ ମାଲିକାଫୁର ଙ୍କୁ ଦାକ୍ଷିଣାତ୍ୟ ଅଭିଯାନ ପାଇଁ ପ୍ରେରଣ କରି ନିଜେ ଶିବନା ଦୁର୍ଗକୁ ଆକ୍ରମଣ କଲେ । ଏଠାକାର ରାଜା ଶିତଳଦେବ ସାହସ ସହିତ ଦୁର୍ଗକୁ ରକ୍ଷାକରିବା ପାଇଁ ଯୁଦ୍ଧ କରିଥିଲେ ହେଁ ଶେଷରେ ପରାସ୍ତ ହୋଇଥିଲେ । ୧୩୧୧ ଖ୍ରୀଷ୍ଟାବ୍ଦରେ ଜାଲୋର ନାମକ ଅନ୍ୟ ଏକ ରାଜପୁତ୍ ରାଜ୍ୟ ଆଲାଉଦ୍ଦିନ୍ ଅଧିକାର କରିଥିଲେ । ୧୩୧୧ ଖ୍ରୀଷ୍ଟାବ୍ଦ ବେଳକୁ ଆଲାଉଦ୍ଦିନ ରାଜପୁତନାର ବୃହତ୍ ଅଞ୍ଚଳ ଜୟକରି ସମଗ୍ର ଉତ୍ତରଭାରତର ଅଧିଶ୍ୱର ହୋଇଥିଲେ ।


**ଦାକ୍ଷିଣାତ୍ୟ ବା ଦକ୍ଷିଣ ଭାରତ ଜୟ :**

କେବଳ ଉତ୍ତର ଭାରତ ଜୟ କରି ଆଲାଉଦ୍ଦୀନ୍‌ଙ୍କ ଉଗ୍ରରାଜ୍ୟ ଜୟ ଲିପ୍‌ସା ସଂପୂର୍ଣ୍ଣ ହୋଇନଥିଲା । ସେ ଦକ୍ଷିଣ ଭାରତ ଜୟ କରିବାକୁ ମନୋନିବେଶ କଲେ । ଦକ୍ଷିଣ ଭାରତର ଧନସମ୍ପଦର ଆକର୍ଷଣ ତାଙ୍କୁ ଦକ୍ଷିଣ ଭାରତ ଆକ୍ରମଣ ପାଇଁ ଉତ୍ସାହିତ କଲା । ସେଥିପାଇଁ ତାଙ୍କର ଦକ୍ଷିଣ-ଭାରତ ଅଭିଯାନର ଦାୟିତ୍ୱ ତାଙ୍କର ବିଶ୍ୱସ୍ତ ସେନାଧକ୍ଷ ମାଲିକାଫୁରଙ୍କ ଉପରେ ନ୍ୟସ୍ତ କଲେ । ମାଲିକାଫୁର ନାଏବ ପଦବୀରେ ନିଯୁକ୍ତ ହୋଇଥିଲେ ।

୧୩୦୬-୦୭ ଖ୍ରୀଷ୍ଟାବ୍ଦରେ ଆଲାଉଦ୍ଦିନ ନୂତନ ପ୍ରଣାଳୀରେ ଦାକ୍ଷିଣାତ୍ୟ ଆକ୍ରମଣ କଲେ । ତାଙ୍କ ଆକ୍ରମଣର ପ୍ରଥମ ଶିକାର ଥିଲେ ଗୁଜୁରାଟର ଶାସକ ରାୟ କରଣ । ସେ ତାଙ୍କୁ ପରାସ୍ତ କରି ବଗଲାନ୍ ଅଧିକାର କଲେ । ଏହାପରେ ସେ ଦେବଗିରିରୁ ରାଜା ରାୟ ରାମଚନ୍ଦ୍ରଙ୍କ ବିରୁଦ୍ଧରେ ସାମରିକ ଅଭିଯାନ ଚଳାଇଲେ । କାରଣ ପୂର୍ବରୁ ଆଲାଉଦ୍ଦିନ୍‌ଙ୍କୁ ବାର୍ଷିକ କର ଦେବାକୁ କହି ଦେଇନଥିଲେ । ରାମଚନ୍ଦ୍ର ମାଲିକାଫୁରଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ । ସେ ଆଲାଉଦ୍ଦିନଙ୍କ ଦରବାରରେ ଅତିଥି ହୋଇଥିଲେ । ଆଲାଉଦ୍ଦିନ୍ ତାଙ୍କୁ ରାୟ ରେୟନ ଉପାଧିରେ ଭୂଷିତ ବହୁତ ଅର୍ଥ ଉପହାର ଦେଇଥିଲେ । ରାମଚନ୍ଦ୍ରଙ୍କର ଏକ କନ୍ୟାକୁ ଆଲାଉଦ୍ଦିନ୍ ବିବାହ କରିଥିଲେ । ଆଲାଉଦ୍ଦିନ୍ ରାମଚନ୍ଦ୍ରଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିଥିଲେ, କାରଣ ତାଙ୍କର ଦକ୍ଷିଣ-ଭାରତ ଅଭିଯାନରେ ରାମଚନ୍ଦ୍ର ତାଙ୍କୁ ସହାୟତା ଦେବେ ବୋଲି ସେ ଆଶା କରିଥିଲେ ।

୧୩୦୯ ଖ୍ରୀଷ୍ଟାବ୍ଦ ପରେ ଦକ୍ଷିଣ ଭାରତ ଅଭିଯାନ ପାଇଁ ଆଲାଉଦ୍ଦିନ୍ ମାଲିକାଫୁରଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ । ତେଲେଙ୍ଗାନା ଅଞ୍ଚଳର ଓ୍ୱାରଙ୍ଗଲର ରାଜା ପ୍ରତାପରୁଦ୍ରଦେବଙ୍କ ବିରୋଦ୍ଧରେ ପ୍ରଥମ ଅଭିଯାନ ଆରମ୍ଭ ହେଲା । ଏହି ଅଭିଯାନ ଦୀର୍ଘ ଦିନ ପର୍ଯ୍ୟନ୍ତ ଚାଲିଥିଲା ଏବଂ ଏହାର ପରିସମାପ୍ତି ଘଟିଲା ଯେତେବେଳେ ରାଜା ତାଙ୍କ ରାଜକୋଷର ଅର୍ଦ୍ଧେକ ପ୍ରଦାନ କଲାପରେ ସୁଲତାନ୍‌ଙ୍କୁ କର ଦେବାକୁ ରାଜି ହେଲେ । ତାଙ୍କର ଦ୍ୱିତୀୟ ଦାକ୍ଷିଣାତ୍ୟ ଅଭିଯାନ ହୋଇଥିଲା ଦ୍ୱାର ସମୁଦ୍ର ଏବଂ ମାରବାର ବିରୋଦ୍ଧରେ । ଏଠାକାର ଶାସକ ତୃତୀୟବୀର ବଲ୍ଲାଳ ଅନୁଭବ କରିଥିଲେ ଯେ ମାଲିକାଫୁରଙ୍କୁ ଯୁଦ୍ଧରେ ପରାସ୍ତ କରିବା ସମ୍ଭବ ନୁହେଁ । ତେଣୁ ସେ ସୁଲତାନ୍‌ଙ୍କୁ କରଦେବା ପାଇଁ ରାଜି ହୋଇଗଲେ । ଏହାପରେ ପାଣ୍ଡ୍ୟରାଜ୍ୟ ଆକ୍ରମଣ କରିଥିଲେ ମାଲିକାଫୁର । ମାଲିକାଫୁର

ବହୁତ ଗୁଡ଼ିଏ ମନ୍ଦିର ଲୁଣ୍ଠନ କରିଥିଲେ । ଏହା ମଧ୍ୟରେ ଚିଦାମ୍ବରମ୍ ମନ୍ଦିର ଥିଲା ଅନ୍ୟତମ । ଅମୀର ଖୁସ୍ରୁଙ୍କ ବର୍ଣ୍ଣନା ଅନୁଯାୟୀ ମାଲିକାଫୁର ଯେତେବେଳେ ଦାକ୍ଷିଣାତ୍ୟ ଅଭିଯାନରୁ ପ୍ରତ୍ୟାବର୍ତ୍ତନ କଲେ ସେ ତାଙ୍କ ସହିତ ଆଣିଥିଲେ ୫ ୧ ୨ ହସ୍ତୀ, ୭୦୦୦ ଅଶ୍ୱ ଏବଂ ୫୦୦ ମହଣ ମୂଲ୍ୟବାନ ପ୍ରସ୍ତର । ସୁଲତାନ୍ ଅତ୍ୟନ୍ତ ଖୁସି ହୋଇ ମାଲିକାଫୁରଙ୍କୁ ସାମ୍ରାଜ୍ୟର ମାଲିକ ନାଏବ୍ ରୂପେ ନିଯୁକ୍ତି ଦେଇଥିଲେ । ମାଲିକାଫୁରଙ୍କ ଦାୟିତ୍ୱରେ ଆଲାଉଦ୍ଦିନ୍‌ଙ୍କ ସୈନ୍ୟବାହିନୀ ଦକ୍ଷିଣ-ଭାରତରେ ନିୟନ୍ତ୍ରଣ ରକ୍ଷା କରିଥିଲେ ।




## INTEXT QUESTIONS 9.3 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. କାହିଁକି ରନ୍ଥମ୍ବର ଅଧିକାର କରିବା ନିହାତି ଆବଶ୍ୟକ ଥିଲା ?

______________________________

2. ଆଲାଉଦ୍ଦିନଙ୍କ ରାଜତ୍ୱ କାଳରେ ଦକ୍ଷିଣ-ଭାରତ ଅଭିଯାନର ଦାୟୀତ୍ୱ କାହା ଉପରେ ଅର୍ପଣ କରାଯାଇଥିଲା ?

______________________________

3. ଆଲାଉଦ୍ଦିନଙ୍କ ରାଜତ୍ୱ ସମୟରେ ହୋଇଥିବା ଦୁଇଟି ଅଭିଯାନ ସ୍ଥାନର ନାମ ଲେଖ ।

______________________________

4. ଆଲାଉଦ୍ଦୀନ ବିଦ୍ରୋହ ଦମନ ପାଇଁ ଯେଉଁ ୪ ଗୋଟି ନୀତି ପ୍ରଣୟନ କରିଥିଲେ ତା'ର ନାମ ଲେଖ ।

______________________________



ଟିପ୍ପଣି

## ଦିଲ୍ଲୀ ସୁଲତାନୀ ଶାସନର ପ୍ରତିଷ୍ଠା ଏବଂ ପ୍ରସାର

୧୩୧୬ ଖ୍ରୀଷ୍ଟାବ୍ଦରେ ଆଲାଉଦ୍ଦିନ୍‌ଙ୍କ ମୃତ୍ୟୁପରେ ଦିଲ୍ଲୀ ସୁଲତାନୀ ରାଜତ୍ୱରେ ପୁର୍ନବାର ଅସ୍ଥିରତା ଦେଖାଦେଲା । ମାଲିକାଫୁର ଅଳ୍ପଦିନ ପାଇଁ ସିଂହାସନରେ ବସିଥିଲେ । କୁତବୁଦ୍ଦୀନ ମୁବାରକ ଶାହା ତାଙ୍କୁ ବିତାଡ଼ିତ କରି ସିଂହାସନ ଆରୋହଣ କଲେ । ତାଙ୍କ ସମୟରେ ଦେବଗିରି ରାଜ୍ୟରେ ଏକ ବିଦ୍ରୋହ ସୃଷ୍ଟି ହେଲା । ମୁବାରକ ଶାହା ଏହାକୁ ଦୃଢ଼ ହସ୍ତରେ ଦମନ କରିଥିଲେ । କିନ୍ତୁ ମୁବାରକ ଶାହାଙ୍କୁ ହତ୍ୟାକରି ଖୁସ୍ରୁ ଦିଲ୍ଲୀ ସିଂହାସନ ଆରୋହଣ କଲେ । ସେ ମଧ ବେଶୀଦିନ ସିଂହାସନରେ ରହି ପାରିଲେ ନାହିଁ । ଗୀୟାସୁଦ୍ଦୀନ୍ ତୋଗଲକଙ୍କ ନେତୃତ୍ୱରେ ଅସଂଖ୍ୟ ଅସନ୍ତୁଷ୍ଟ କର୍ମଚାରୀ ଖୁସ୍ରୁଙ୍କ ବିରୁଦ୍ଧରେ ଯୁଦ୍ଧ କରି ତାଙ୍କୁ ପରାସ୍ତ ଏବଂ ହତ୍ୟା କଲେ । ଆଲଉଦ୍ଦିନ୍‌ଙ୍କ ମୃତ୍ୟୁର ଚାରିବର୍ଷ ପରେ ଖିଲିଜୀ ବଂଶର ପତନ ଘଟିଥିଲା ଏବଂ ଦିଲ୍ଲୀ ସିଂହାସନର କ୍ଷମତା ତୋଗଲକ ବଂଶ ହାତକୁ ଚାଲିଯାଇଥିଲା ।

## 9.6. The Tughlugs (A.D. 1320-1412) – ତୋଗଲକ ବଂଶ

ତୋଗଲକ ବଂଶର ପ୍ରତିଷ୍ଠାତା ଥିଲେ ଘାଜୀ ମାଲିକ୍ । ସେ ୧୩୨୦ ଖ୍ରୀଷ୍ଟାବ୍ଦରେ ସେ ଗିୟାସୁଦ୍ଦୀନ୍ ତୋଗଲକ୍ ନାମ ଧାରଣ କରି ସିଂହାସନ ଆରୋହଣ କରିଥିଲେ । ଏହିବଂଶ ୧୪୧୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । ଆଲାଉଦ୍ଦିନ୍‌ଙ୍କ ରାଜତ୍ୱ ସମୟରେ ଗିୟାସୁଦ୍ଦୀନ ଉଚ୍ଚପଦ ଲାଭ କରିଥିଲେ । ସ୍ୱଳ୍ପ ସମୟ ପାଇଁ ଶାସନ କରି ଗିୟାସୁଦ୍ଦୀନ୍ ତୋଗଲକ ୧୩୨୫ ଖ୍ରୀଷ୍ଟାବ୍ଦରେ ମୃତ୍ୟୁବରଣ କରିଥିଲେ । ଏହାପରେ ମହମ୍ମଦ ବିନ୍ ତୋଗଲକ ସିଂହାସନ ଆରୋହଣ କରିଥିଲେ । ଅନେକ ବାହାର ଅଞ୍ଚଳ ସୁଲତାନ୍‌ଙ୍କ ପ୍ରତ୍ୟକ୍ଷ ଶାସନ ଭିତରକୁ ଆସିଥିଲେ ।

### The Deccan and south - ଦାକ୍ଷିଣାତ୍ୟ ଓ ଦକ୍ଷିଣ ଭାରତ

ଖିଲିଜୀ ରାଜତ୍ୱ ସମୟରେ ଦକ୍ଷିଣ ଭାରତର ଯେଉଁ ରାଜ୍ୟ ଗୁଡ଼ିକ କରଦ ରାଜ୍ୟ ରୂପେ ବାର୍ଷିକ କର ଦେଉଥିଲେ । ସେହି ରାଜ୍ୟଗୁଡ଼ିକ ଏବେ କରଦେବାକୁ ପ୍ରତ୍ୟାଖ୍ୟାନ କଲେ ଏବଂ ନିଜକୁ ସ୍ୱାଧୀନ ବୋଲି ଘୋଷଣା କଲେ । ମହମ୍ମଦ ତୋଗଲକ୍ ଓ୍ୟାରଙ୍ଗଲ୍‌ର ଶାସକ ରାୟ ରୁଦ୍ରଦେବଙ୍କ ବିରୁଦ୍ଧରେ ଯୁଦ୍ଧାଭିଯାନ କରି ତାଙ୍କୁ ପରାସ୍ତ କରିଥିଲେ । ଫଳରେ ଔରଙ୍ଗଲ ସୁଲତାନ୍‌ଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣକୁ ଆସିଲା । ମହମ୍ମଦ ବିନ୍ ତୋଗଲଙ୍କ ବାଲ୍ୟନାମ ଥିଲା ଜୁନା ଖାଁ । ମାରବାର ମଧ ପରାଜିତ ହେଲା । ତେଲେଙ୍ଗାନାର ସମସ୍ତ ଅଞ୍ଚଳକୁ କେତେକ ଭାଗରେ ବିଭକ୍ତ କରାଯାଇ ଶାସନ କରାଗଲା ଏବଂ ଦିଲ୍ଲୀ ସୁଲତାନୀ ଶାସନର ଅର୍ନ୍ତଗତ ହେଲା । ତୋଗଲକମାନେ ଦାକ୍ଷିଣାତ୍ୟକୁ ଜୟ କରିଥିଲେ । ଏପରିକି ମହମ୍ମଦ ତୋଗଲକ ଦିଲ୍ଲୀରୁ ଦେବଗିରିକୁ ରାଜଧାନୀ ପରିବର୍ତ୍ତନ କରି ଏହାର ନୂତନ ନାମ ଦେଇଥିଲେ ଦୌଲତାବାଦ । ପ୍ରକୃତରେ ଏହି ସ୍ଥାନରେ ରହି ସେ ଉତ୍ତର ଭାରତକୁ ଶାସନ କରିବାକୁ ଚାହିଁଥିଲେ । ଆବଶ୍ୟକ ସଂଖ୍ୟକ ସାମନ୍ତ, ଉଲେମା ଏବଂ କାରିଗର ରାଜଧାନୀକୁ ସ୍ଥାନାନ୍ତରୀତ ହୋଇଥିଲେ । ଏଥିରୁ ଯାହା ଜଣାଯାଏ ଯେ ଦୌଲତାବାଦକୁ ଦ୍ୱିତୀୟ ରାଜଧାନୀ ରୂପେ ମାନ୍ୟତା ପ୍ରଦାନ କରି ଦିଲ୍ଲୀକୁ ସଂପୂର୍ଣ୍ଣ ରୂପେ ଛାଡ଼ିଦେଇ ନଥିଲେ । ପରବର୍ତ୍ତୀ ସମୟରେ ଏହି ପଦକ୍ଷେପକୁ ସଂପୂର୍ଣ୍ଣ ରୂପେ ବନ୍ଦ କରି ଦିଆଯାଇଥିଲା । କିନ୍ତୁ ସେ ଯାହାହେଉ ଏହି ଯୋଜନା ଉତ୍ତର ଭାରତ ଓ ଦକ୍ଷିଣ ଭାରତ ମଧରେ ସଂପର୍କ ବୃଦ୍ଧି କରିଥିଲା । ଆଞ୍ଚଳିକ ବିସ୍ତାର ସହିତ ସାମାଜିକ, ସାଂସ୍କୃତିକ ଏବଂ ଅର୍ଥନୀତିକ ଆଦାନ ପ୍ରଦାନରେ ଅଗ୍ରଗତି ପରିଲକ୍ଷିତ ହୋଇଥିଲା ।

### East India - ପୂର୍ବ ଭାରତ

ଓଡ଼ିଶାର ଯାଜନଗରର ଶାସକ ଦ୍ୱିତୀୟ ଭାନୁଦେବ ଔରଙ୍ଗଲର ଶାସକ ରାୟ ଭାନୁଦେବଙ୍କୁ ଦିଲ୍ଲୀ ସୁଲତାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ସାହାଯ୍ୟ କରିଥିଲେ । ତେଣୁ ଉଲଘ ଖାଁ ଦ୍ୱିତୀୟ ଭାନୁଦେବଙ୍କ ବିରୁଦ୍ଧରେ ଏକ ଯୁଦ୍ଧାଭିଯାନ କରି ତାଙ୍କୁ ପରାସ୍ତ କରିଥିଲେ ଏବଂ ଯାଜନଗର ସୁଲତାନୀ ସାମ୍ରାଜ୍ୟରେ ମିଶିଯାଇଥିଲା । ବେଙ୍ଗଲ ସୁଲତାନଙ୍କ ପ୍ରତି ସେଠାକାର ସାମନ୍ତମାନେ ଅସନ୍ତୁଷ୍ଟ ଥିଲେ ।



ଟିପ୍ପଣି

ତେଣୁ ଏହି ଅସନ୍ତୁଷ୍ଟ ସାମନ୍ତମାନେ ବଂଗଳ ସୁଲତାନ୍‌ଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ତୋଗଲକ ସୁଲତାନ୍‌ଙ୍କୁ ନିମନ୍ତ୍ରଣ କଲେ । ଫଳରେ ବେଙ୍ଗଲର ସେନାବାହିନୀ ପରାଜିତ ହେଲେ ନାସିରୁଦ୍ଦୀନ୍ ନାମକ ସାମନ୍ତଙ୍କୁ ବଂଗଳ ଶାସକ ରୂପେ ନିଯୁକ୍ତ କରାଗଲା ।

**North West - ଉତ୍ତର ପଶ୍ଚିମ ଭାରତ**

ଉତ୍ତର-ପଶ୍ଚିମ ଦିଗରୁ ବାରମ୍ବାର ମଙ୍ଗୋଲ ଆକ୍ରମଣ ଦିଲ୍ଲୀ ସାମ୍ରାଜ୍ୟର କ୍ଷତି କରୁଥିଲା । ୧୩୨୬-୨୭ ଖ୍ରୀଷ୍ଟାବ୍ଦରେ ଟରମାସିରିନ୍ ଖାଁ ଙ୍କ ନେତୃତ୍ୱରେ ମଙ୍ଗୋଲ ମାନେ ଭାରତ ଆକ୍ରମଣ କରିଥିଲେ ।

**Transfer of capital - ରାଜଧାନୀ ପରିବର୍ତ୍ତନ**

ମହମ୍ମଦ ବିନ୍ ତୋଗଲକଙ୍କର ଦିଲ୍ଲୀରୁ ଦେବଗିରି (ଦୌଲତାବାଦ)କୁ ରାଜଧାନୀ ପରିବର୍ତ୍ତନ ଥିଲା ଏକ ବିବାଦମାନ ପଦକ୍ଷେପ । ଡ଼. ମହଦୀ ହୁସେନ୍‌ଙ୍କ ବର୍ଣ୍ଣନା ଅନୁଯାୟୀ ସୁଲତାନ୍ ଉଭୟ ଦିଲ୍ଲୀ ଓ ଦୌଲତାବାଦକୁ ରାଜଧାନୀ କରିବାକୁ ଚାହୁଁଥିଲେ । କିନ୍ତୁ ଐତିହାସିକ ବରାନୀ ବର୍ଣ୍ଣନା କରି ଲେଖିଛନ୍ତି ଯେ ୧୩୨୬-୨୭ ଖ୍ରୀଷ୍ଟାବ୍ଦରେ ଦେବଗିରି (ଦୌଲତାବାଦ୍) ସାମ୍ରାଜ୍ୟର କେନ୍ଦ୍ରସ୍ଥଳରେ ଅବସ୍ଥିତ ଥିବାରୁ ସୁଲତାନ୍ ଦିଲ୍ଲୀରୁ ଦୌଲାତ୍‌ବାଦ୍‌କୁ ରାଜଧାନୀ ସ୍ଥାନାନ୍ତରୀତ କରିବାକୁ ଚାହିଁଥିଲେ । ଇବନ୍ ବତୁତାଙ୍କ ମତରେ ଦିଲ୍ଲୀର ଅଧିବାସୀ ସୁଲତାନଙ୍କୁ ଭତ୍ସନା କରି ବାରମ୍ବାର ପତ୍ର ଲେଖିଥିଲେ । ତେଣୁ ସେମାନଙ୍କୁ ଦଣ୍ଡିତ କରିବା ପାଇଁ ସୁଲତାନ୍ ରାଜଧାନୀ ସ୍ଥାନାନ୍ତରୀତ କରିବାକୁ ଚାହିଁଥିଲେ । ଇସାମିଙ୍କ ମତରେ ଦେବଗିରି ରାଜ୍ୟ ଉତ୍ତର-ପଶ୍ଚିମ ସୀମାନ୍ତ ଠାରୁ ବହୁ ଦୂରରେ ଅବସ୍ଥିତ ଥିଲା । ତେଣୁ ମଙ୍ଗୋଲ ଆକ୍ରମଣର ଭୟ ନଥିଲା । ଦିଲ୍ଲୀକୁ ମଙ୍ଗୋଲମାନେ ବାରମ୍ବାର ଆକ୍ରମଣର ଭୟ ସୃଷ୍ଟି କରୁଥିଲେ । ସେଥିପାଇଁ ସେ ଦୌଲତାବାଦକୁ ରାଜଧାନୀ କରିବାକୁ ଚାହୁଁଥିଲେ । ତେଣୁ ଏହି ପ୍ରକାର ଭିନ୍ନ ଭିନ୍ନ ମତକୁ ବିଚାରକୁ ନେଲେ ରାଜଧାନୀ ସ୍ଥାନାନ୍ତରର ପ୍ରକୃତ କାରଣ ନିର୍ଣ୍ଣୟ କରିବା କଷ୍ଟସାଧ ଅଟେ ।

ଦିଲ୍ଲୀର ସମସ୍ତ ନାଗରିକମାନଙ୍କୁ ସ୍ଥାନାନ୍ତର ପାଇଁ ଆଦେଶ ଦିଆଯାଇ ନଥିଲା । କେବଳ ଉଚ୍ଚଶ୍ରେଣୀ ଯଥା- ଶେଖସାମନ୍ତ, ଉଲେମା ମାନଙ୍କୁ ସ୍ଥାନାନ୍ତର କରାଯାଇଥିଲା । ଅବଶିଷ୍ଟ ଜନତାଙ୍କର ସ୍ଥାନାନ୍ତର ପାଇଁ କିଛି ବ୍ୟବସ୍ଥା ମଧ କରାଯାଇ ନଥିଲା । ଯଦିଓ ମହମ୍ମଦ ବିନ୍ ତୋଗଲକ ଦିଲ୍ଲୀରୁ ଦେବଗିରିକୁ ଏକ ସଡ଼କ ନିର୍ମାଣ କରିଥିଲେ ଏବଂ ବିଶ୍ରାମାଳୟମାନ ନିର୍ମାଣ କରିଥିଲେ ତଥାପି ସାଧାରଣ ଲୋକଙ୍କ ପାଇଁ ଏହି ଯାତ୍ରା ଅତ୍ୟନ୍ତ କଷ୍ଟକର ଥିଲା । ଏହି କଷ୍ଟସାଧ ଯାତ୍ରା ଦ୍ୱାରା ଅନେକ ଲୋକ ମୃତ୍ୟୁବରଣ କରିଥିଲେ । ଅସହ୍ୟ ଗରମ ମଧ ଏଥିପାଇଁ ଦାୟୀ ଥିଲା । ଦୌଲତାବାଦ୍‌ରୁ ଉତ୍ତରଭାରତକୁ ନିୟନ୍ତ୍ରଣ କରିହେବ ନାହିଁ, ଏହି କଥା ଅସନ୍ତୋଷକୁ ବୃଦ୍ଧି କରାଇଲା । ତେଣୁ ମହମ୍ମଦ ବିନ୍ ତୋଗଲକ୍ ପୁନଶ୍ଚ ଏହି ପଦକ୍ଷେପକୁ ବାତିଲ୍ କରିଥିଲେ ।

ମହମ୍ମଦ ତୋଗଲକ ତାଙ୍କ ସାମ୍ରାଜ୍ୟର ସୀମାନ୍ତର ସୁରକ୍ଷା ପାଇଁ କେତେକ ପଦକ୍ଷେପ ନେବା ପାଇଁ ସ୍ଥିର କଲେ । ଏଥିପାଇଁ ସେ ଲାହୋର ଠାରୁ କାଲାନୁର ଏବଂ ପେଶୱାର ଅଧିକାର କରି ଏଠାରେ ନୂତନ ପ୍ରକାର ଶାସନ ନିୟନ୍ତ୍ରଣ ବ୍ୟବସ୍ଥା ପ୍ରତିଷ୍ଠା କଲେ । ଏତଦ୍ ବ୍ୟତୀତ ସୁଲତାନ୍ ମଧ କରାଚିଲ୍ (ଆଧୁନିକ ହିମାଚଳ) ଏବଂ କାଲାହାର ଆକ୍ରମଣ ପାଇଁ ଯୋଜନା କଲେ । କିନ୍ତୁ ସେ ଏଥିରେ ଅସଫଳ ହେଲେ ଏବଂ ବହୁତ କ୍ଷତି ସହିଥିଲେ । ନୂତନ ନୀତି ସବୁ ପ୍ରଣୟନ କରିବା ମହମ୍ମଦ ତୋଗଲକଙ୍କର ଅଭ୍ୟାସ ଥିଲା । କୃଷିର ଉନ୍ନତି ପାଇଁ ସେ ଏକ ନୂତନ କୃଷି ବିଭାଗ ପ୍ରତିଷ୍ଠା କରିଥିଲେ । ଏହି ବିଭାଗର ନାମ ଥିଲା ଦିୱାନ-ଇ-କୋହି । କୃଷକ ମାନଙ୍କୁ କୃଷି କାର୍ଯ୍ୟ ସୁଚାରୁ ରୂପେ କରିବା ପାଇଁ କୃଷିଋଣ ପ୍ରଦାନ କରାଗଲା । କୌଣସି କାରଣରୁ ଫସଲ ହାନି ଘଟିଲେ ଏହି ଋଣ ପ୍ରଦାନ କରାଯାଉଥିଲା । ଅନ୍ୟ ଏକ ପଦକ୍ଷେପ ଥିଲା ମୁଦ୍ରାର ପ୍ରଚଳନ ରୂପା ଧାତୁର ଅଭାବ ଦେଖାଦେବାରୁ ସେ ତାମ୍ରଧାତୁର ମୁଦ୍ରା ପ୍ରଚଳନ କରିବାକୁ ପଦକ୍ଷେପ ନେଇଥିଲେ । କିନ୍ତୁ ଏହି ପଦକ୍ଷେପ ବିଫଳତାରେ ପରିଣତ ହେଲା । ରାଜ୍ୟର ଅଶେଷ କ୍ଷତି ହୋଇଥିଲା ।



ଟିପ୍ପଣି

**Token Currency- ତାମ୍ର ମୁଦ୍ରା ପ୍ରଚଳନ**

ମହମ୍ମଦ ବିନ୍ ତୋଗଲକଙ୍କର ଅନ୍ୟଏକ ବିବାଦମାନ ପଦକ୍ଷେପ ଥିଲା ତାମ୍ର ମୁଦ୍ରାର ପ୍ରଚଳନ । ବରାନୀଙ୍କ ବର୍ଣ୍ଣନା ଅନୁଯାୟୀ ସୁଲତାନଙ୍କର ବାରମ୍ବାର ସାମରିକ ଅଭିଯାନ ଏବଂ ଅନିୟନ୍ତ୍ରିତ ଦାନ ବ୍ୟବସ୍ଥା ଯୋଗୁ ରାଜକୋଷ ପ୍ରାୟ ଶୂନ୍ୟ ହୋଇଯାଇଥିଲା । କେତେକ ଐତିହାସିକଙ୍କ ମତରେ ସେହି ସମୟରେ ସାରିଆଡ଼େ ରୂପା ଧାତୁର ଅଭାବ ଦେଖାଦେଇଥିଲା । ତେଣୁ ସୁଲତାନ୍ ସେହି ସମୟରେ ରୂପାମୁଦ୍ରା ପରିବର୍ତ୍ତେ ତାମ୍ରମୁଦ୍ରା ପ୍ରଚଳନ ପାଇଁ ନିର୍ଦ୍ଦେଶ ଦେଲେ ।

ମହମ୍ମଦ ତୋଗଲକ 'ଜିତଲ' ନାମକ ଏକ ତାମ୍ରମୁଦ୍ରା ପ୍ରଚଳନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ମୁଦ୍ରା ରୂପା ମୁଦ୍ରା 'ଟଙ୍କା' ପରିବର୍ତ୍ତେ ପ୍ରଚଳିତ ହେଲା । କିନ୍ତୁ ଏହାର ମୂଲ୍ୟ 'ଟଙ୍କା' ସହ ସମାନ ରହିଲା । ଭାରତରେ ଏହି ମୁଦ୍ରା ପ୍ରଚଳନ ସଂପୂର୍ଣ୍ଣରୂପେ ନୂଆ ଥିଲା । ବ୍ୟବସାୟୀ ଓ ସାଧାରଣ ଲୋକଙ୍କ ପକ୍ଷେ ଏହାକୁ ଗ୍ରହଣ କରିବା କଷ୍ଟସାଧ ଥିଲା । ରାଷ୍ଟ୍ର ମଧ ଏହି ଟଙ୍କାର ଅବିକଳ ନକଲ କିପରି ଅନ୍ୟ ମୁଦ୍ରାଶାଳାରେ ତିଆରି ନହୋଇ ପାରିବ ସେ ବିଷୟରେ ପଦକ୍ଷେପ ନେଇ ନଥିଲା । ସାଧାରଣ ଲୋକ ଏହିପରି ମୁଦ୍ରା ତିଆରି କରି ବଜାରକୁ ଛାଡ଼ିଦେଲେ । ସରକାର କିଛି କଟକଣା ଜାରି କରିପାରିଲେ ନାହିଁ । ବଜାରରେ ଏହି ମୁଦ୍ରା ବହୁଳ ପରିମାଣରେ ଦେଖାଦେଲା । ବରାନୀଙ୍କ ବର୍ଣ୍ଣନା ଅନୁଯାୟୀ ଜନସାଧାରଣ ନିଜ ଗୃହରେ ଏହି ମୁଦ୍ରା ସହଜରେ ତିଆରି କରିପାରୁଥିଲେ । ସରକାରଙ୍କ ପ୍ରଚଳିତ ମୁଦ୍ରା ଏବଂ ସାଧାରଣ ଲୋକ ତିଆରି କରୁଥିବା ମୁଦ୍ରା ମଧରେ କିଛି ପାର୍ଥକ୍ୟ ପରିଲକ୍ଷିତ ହୋଇନଥିଲା । ଫଳରେ ସୁଲତାନ ବାଧ ହୋଇ ଏହି ପଦକ୍ଷେପକୁ ପ୍ରତ୍ୟାହାର କରିନେଲେ ।

ମହମ୍ମଦ ବିନ୍ ତୋଗଲକଙ୍କ ପରେ ତାଙ୍କ ସଂପର୍କୀୟ ଫିରୋଜ ତୋଗଲକ ଦିଲ୍ଲୀ ସିଂହାସନ ଆରୋହଣ କରିଥିଲେ । ତାଙ୍କ ସମୟରେ କୌଣସି ନୂତନ ରାଜ୍ୟ ଦିଲ୍ଲୀ ସାମ୍ରାଜ୍ୟରେ ସଂଯୁକ୍ତ ହୋଇନଥିଲା । ସେ ବହୁଚେଷ୍ଟା କରି ତାଙ୍କ ସାମ୍ରାଜ୍ୟର ସ୍ଥିତାବସ୍ଥାକୁ ସୁରକ୍ଷିତ ରଖିଥିଲେ । କିନ୍ତୁ ଫିରୋଜ ତୋଗଲକଙ୍କ ଉତ୍ତରାଧିକାରୀ ମାନଙ୍କ ସମୟରେ ଦିଲ୍ଲୀ ଉପରେ ରାଜନୈତିକ ନିୟନ୍ତ୍ରଣ କ୍ରମଶଃ ଦୁର୍ବଳ ହୋଇପଡ଼ିଲା । ୧୩୯୮ ଖ୍ରୀଷ୍ଟାବ୍ଦରେ ତୈମୁରଲଙ୍ଗଙ୍କ ଭାରତ ଆକ୍ରମଣ ଦିଲ୍ଲୀର ସ୍ଥିତିକୁ ଦୋହଲାଇ ଦେଲା । ୧୪୧୨ ଖ୍ରୀଷ୍ଟାବ୍ଦ ବେଳକୁ ତୋଗଲକ ଶାସନ ଉତ୍ତର ଭାରତର ଏକ ଛୋଟ ଅଞ୍ଚଳ ମଧରେ ସୀମିତ ଥିଲା । ଅନେକ ଗୁଡ଼ିଏ ପ୍ରାଦେଶିକ ରାଜ୍ୟ ସେମାନଙ୍କର ସ୍ୱାଧୀନତା ଘୋଷଣା କଲେ । ପୂର୍ବ ଭାରତରେ ବେଙ୍ଗଲ ଏବଂ ଓଡ଼ିଶା ସ୍ୱାଧୀନତା ଘୋଷଣା କଲେ । ପୂର୍ବ ଉତ୍ତରପ୍ରଦେଶରେ ସର୍କି ନାମକ ଏକ ବିଶାଳ ରାଜ୍ୟରେ ଉତ୍ଥାନ ଦେଖିବାକୁ ମିଳିଥିଲା । ଦାକ୍ଷିଣାତ୍ୟରେ ବିଜୟନଗର ଓ ବାହାମନି ରାଜ୍ୟ ନୂତନ ରାଜନୈତିକ ଶକ୍ତି ରୂପେ ପ୍ରତିଭାତ ହେଲେ । ପଞ୍ଜାବର ବିଶାଳ ଅଞ୍ଚଳ ସ୍ୱାଧୀନ ସାମନ୍ତ ମାନଙ୍କ ଦ୍ୱାରା ଅଧିକୃତ ହୋଇଥିଲା । ଗୁଜୁରାଟ ଏବଂ ମାଳବ ସଂପୂର୍ଣ୍ଣ ସ୍ୱାଧୀନ ରାଜ୍ୟ ରୂପେ ପରିଗଣିତ ହେଲେ । ରାଜସ୍ଥାନର ରାଜପୁତ୍ ରାଜ୍ୟ ଗୁଡ଼ିକ ମଧ ସ୍ୱାଧୀନ ହୋଇଗଲେ ଏବଂ ଦିଲ୍ଲୀର ସୁଲତାନଙ୍କୁ ଆଉ ମାନିଲେ ନାହିଁ ।

## INTEXT QUESTIONS 9.4 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. 1320 ଖ୍ରୀଷ୍ଟାବ୍ଦରେ ଗାଜି ମାଲିକ୍ କେଉଁ ଉପାଧି ଧାରଣ କରି ସିଂହାସନ ଆରୋହଣ କରିଥିଲେ ?

2. ଦକ୍ଷିଣଭାରତ ଜୟ କରିବାକୁ ନାସିରୁଦ୍ଦୀନଙ୍କୁ କିଏ ପ୍ରେରଣ କରିଥିଲେ ?

3. ମାହାମୁଦଙ୍କ ରାଜଧାନୀ ପରିବର୍ତ୍ତନର ରାଜନୈତିକ ଆଭିମୁଖ୍ୟ କ'ଣ ଥିଲା ?

4. ତାମ୍ରମୁଦ୍ରା ପ୍ରଚଳନ କହିଲେ କ'ଣ ବୁଝ ?



ଟିପ୍ପଣି

## 9.7. SAYYID DYNASTY-1414-1450 A.D
## ସୟଦ ବଂଶ- ୧୪୧୪ ଖ୍ରୀଷ୍ଟାବ୍ଦରୁ ୧୪୫୦ ଖ୍ରୀ:ପୂ:

୧୩୯୮ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀର ସୈନ୍ୟବାହିନୀକୁ ପରାସ୍ତ କଲାପରେ ତୈମୁରଲଙ୍ଗ ଖିଜ୍ରି ଖାଁଙ୍କୁ ସୁଲତାନ୍‌ର ଶାସକ ରୂପେ ନିଯୁକ୍ତ କରିଥିଲେ । ସେ ଦିଲ୍ଲୀ ଅଧିକାର କରି ସେଠାରେ ସୟଦ ବଂଶର ଶାସନ ପ୍ରତିଷ୍ଠା କରିଥିଲେ । ସେ ସୁଲତାନ୍ ଉପାଧି ଅଳଂକୃତ କରିନଥିଲେ । ସେ କିନ୍ତୁ ରେୟତ୍-ଇ-ଆଲା ଉପାଧି ଗ୍ରହଣ କରିବାକୁ ଭଲ ପାଉଥିଲେ । ତାରିଖି-ଇ-ମୁବାରକ ସାହିର ଲେଖକ ୟାହିଆ ସିରିହିନ୍ଦଙ୍କ ମତରେ ଯେ ସୟଦ ବଂଶର ପ୍ରତିଷ୍ଠାତା ଥିଲେ ଏବଂ ଇସଲାମ୍ ଧର୍ମର ପ୍ରତିଷ୍ଠାତା ମହମ୍ମଦଙ୍କ ବଂଶଧର ଥିଲେ ।

ସୟଦବଂଶର ଶାସକ ମାନଙ୍କ ମଧ୍ୟରେ ଖିଜ୍ରି ଖାଁ ଥିଲେ ଜଣେ ଦକ୍ଷ ଶାସକ । ତାଙ୍କ ମୃତ୍ୟୁ ପରେ ମୁବାରକ ଶାହା ସିଂହାସନ ଆରୋହଣ କରି ୧୪୩୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । ତାଙ୍କ ପରେ ମହମ୍ମଦ ଶାହା ୧୪୩୪ ଖ୍ରୀ:ଅ:ରୁ ୧୪୪୫ ପର୍ଯ୍ୟନ୍ତ ଶାସନ କରିଥିଲେ । ଉପରୋକ୍ତ ଶାସକ ମାନେ କେବଳ କଟେହାର, ବାଦାଉନ୍, ଇଟାୱା, ପଟିଆଲା, ଗୋଆଲିୟର, କାମ୍ପିଲ, ନଗଉର ଏବଂ ମେୱାଟରେ ସୃଷ୍ଟି ହୋଇଥିବା ବିଦ୍ରୋହକୁ ଦମନ କରିବାକୁ ଅଗ୍ରସର ହୋଇଥିଲେ । କିନ୍ତୁ ସାମନ୍ତମାନଙ୍କ ଷଡ଼ଯନ୍ତ୍ର ଯୋଗୁ ସେମାନେ ବିଫଳ ହୋଇଥିଲେ ।

୧୪୪୫ ଖ୍ରୀଷ୍ଟାବ୍ଦରେ ଆଲାମ ଶାହା ସିଂହାସନ ଆରୋହଣ କରି ନିଜକୁ ସୁଲତାନ୍ ବୋଲି ଘୋଷଣା କଲେ । ସେ ନିଜକୁ ଜଣେ ଅଯୋଗ୍ୟ ଶାସକ ବୋଲି ପ୍ରମାଣିତ କରିଥିଲେ । ଆଲାମ୍‌ସାହାଙ୍କ ଓଜିର ହମିଦ୍ ଖାଁ ବାହାଲୋଲ ଲୋଦୀଙ୍କୁ ସୈନ୍ୟବାହିନୀର ନେତୃତ୍ୱ ନେବାକୁ ଆମନ୍ତ୍ରଣ କଲେ । ଫଳରେ ଆଲମ ଖାଁ ବୁଝିପାରିଲେ ଯେ ଆଉ ସୁଲତାନ୍ ହୋଇ କାର୍ଯ୍ୟ କରିବା ସମ୍ଭବ ନୁହେଁ । ତେଣୁ ସେ ବାଦାଉନ୍‌କୁ ପଳାୟନ କଲେ ।

## 9.8 RECONSOLIDATION UNDER LODY DYNOSTY 1451 A.D TO 1526 A.D- ଲୋଦୀବଂଶ ଦ୍ୱାରା ସୁଲତାନୀ ଶାସନର ପୁର୍ନଗଠନ- ୧୪୫୧ ରୁ ୧୫୨୬

ଅଳ୍ପସଂଖ୍ୟକ ସାମନ୍ତଙ୍କ ସହାୟତାରେ ବାହାଲୋଲ ଲୋଦୀ ସୈନ୍ୟବାହିନୀର ମୁଖ୍ୟ ଦାୟିତ୍ୱ ନେଇ ସୁଲତାନ୍ ହେଲେ । ସେ ୧୪୫୧ ରୁ ୧୪୮୯ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସେ ଶାସନ କରିଥିଲେ । ସେ ଲୋଦୀବଂଶର ପ୍ରତିଷ୍ଠା କରିଥିଲେ ଏବଂ ଏହି ବଂଶର ଶାସକ ମାନେ ଆଫଗାନ୍ ଥିଲେ । ସେମାନେ ସୁଲତାନୀ ଯୁଗର ଶେଷ ଶାସକ ବଂଶ ଥିଲେ ଏବଂ ପ୍ରଥମ ଆଫଗାନ ଶାସକ ଥିଲେ ।

ସୁଲତାନ୍ ବାହାଲୋଲ ଲୋଦୀ ଜଣେ ଦକ୍ଷ ସେନାପତି ଥିଲେ । ସେ ଏହା ଠିକ୍ ଭାବରେ ହୃଦୟଙ୍ଗମ କରିଥିଲେ ଯେ ସୁଲତାନୀ ସାମ୍ରାଜ୍ୟ ଉପରେ ନିୟନ୍ତ୍ରଣ ପ୍ରତିଷ୍ଠା କରିବାକୁ ହେଲେ ଆଫଗାନ୍ ସାମନ୍ତ ମାନଙ୍କର ସାହାଯ୍ୟ ଓ ସହଯୋଗ ନିତାନ୍ତ ଆବଶ୍ୟକ । ଆଫଗାନ୍ ସାମନ୍ତ ମାନେ ବାହାଲୋଲ ଲୋଦୀଙ୍କୁ କହିଥିଲେ ଯେ ସେ ତାଙ୍କୁ ସୁଲତାନ୍ ରୂପେ ଆଦେଶ ନଦେଇ ଶାସନ କ୍ଷେତ୍ରରେ ସମାନ ଅଂଶୀଦାର ରୂପେ ବିବେଚନା କରନ୍ତୁ । ତେଣୁ ଆଫଗାନ୍ ସାମନ୍ତ ମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ବାହାଲୋଲ ଲୋଦୀ ଘୋଷଣା କରିଥିଲେ ଯେ ସେ ନିଜକୁ ସୁଲତାନ୍ ବୋଲି ନଭାବି ଜଣେ ଆଫଗାନ୍ ବୋଲି ଭାବନ୍ତି । ସେ ସିଂହାସନରେ ବସି ନଥିଲେ କିମ୍ବା ଦରବାରରେ ବସି କାହାକୁ ଆଦେଶ ଦେଇ ନଥିଲେ । ତାଙ୍କ ଶାସନ କାଳ ମଧ୍ୟରେ ସେ ଏହି ନୀତିକୁ ବଳବତ୍ତର ରଖି ଥିଲେ । ଫଳରେ ସେ କୌଣସି ସମସ୍ୟାର ସମ୍ମୁଖୀନ ହୋଇନଥିଲେ । ମେୱାଟ୍ ଏବଂ ଦୋଆବ ଅଞ୍ଚଳରେ ଦେଖା ଦେଇଥିବା ବିଦ୍ରୋହକୁ ସେ ଦୃଢ଼ହସ୍ତରେ ଦମନ କରିଥିଲେ । ୧୪୭୬ ଖ୍ରୀ:ଅ:ରେ ସେ ଜୌନପୁରର ସୁଲତାନ୍‌ଙ୍କୁ ପରାସ୍ତ କରି ଦିଲ୍ଲୀ ସାମ୍ରାଜ୍ୟରେ ମିଶାଇ ଦେଇଥିଲେ । ଏଥି ସହିତ ସେ ମଧ କଲ୍ପୀ ଓ ଧୋଲପୁରକୁ କରଦ ରାଜ୍ୟ ରୂପେ ଶାସନ କରିଥିଲେ । କିନ୍ତୁ ସେ ବଂଗ, ଗୁଜୁରାଟ ଏବଂ ଦାକ୍ଷିଣାତ୍ୟକୁ ଜୟ କରିପାରି ନଥିଲେ ।

ବାହାଲୋଲ ଲୋଦୀଙ୍କ ମୃତ୍ୟୁପରେ ସିକନ୍ଦର ଲୋଦୀ ୧୪୮୯ ଖ୍ରୀ:ଅ:ରେ ସିଂହାସନ ଆରୋହଣ କରିଥିଲେ । ସେ ୧୫୧୭ ପର୍ଯ୍ୟନ୍ତ ଶାସନ କରିଥିଲେ । ସିକନ୍ଦର ଲୋଦୀ ଅଣମୁସଲମାନ ମାନଙ୍କୁ ଭଲ ଚକ୍ଷୁରେ ଦେଖୁ ନଥିଲେ । ସେ ଅଣମୁସଲମାନ୍ ମାନଙ୍କ ଉପରେ 'ଜିଜିଆ'ନାମକ କର ବସାଇଥିଲେ ।

ସିକନ୍ଦର ଲୋଦୀ ସୁଲତାନ୍‌ଙ୍କ ଆସନ ସାମନ୍ତ ମାନଙ୍କ ଅପେକ୍ଷା ଉଚ୍ଚରେ ବୋଲି କହିଥିଲେ । ସେ ଦରବାରରେ ଏବଂ ବାହାରେ ସୁଲତାନ୍‌ଙ୍କୁ ଯଥା ସମ୍ମାନ ପ୍ରଦର୍ଶନ କରିବାକୁ ସାମନ୍ତ ଓ ଅମୀର ମାନଙ୍କୁ ବାଧ କରିଥିଲେ । ଯେଉଁମାନେ ଏହାକୁ ଅମାନ୍ୟ କରୁଥିଲେ, ସେମାନଙ୍କ ପ୍ରତି ସେ ଅତ୍ୟନ୍ତ କଠୋର ହେଉଥିଲେ । ସେ ପୁନର୍ବାର ବିହାର, ଧୋଲପୁର, ନରୱାର, ଗୋଆଲିୟର ଏବଂ ନାଗୋର ର କିଛି ଅଞ୍ଚଳ ଦିଲ୍ଲୀ ସାମ୍ରାଜ୍ୟ ସହିତ ମିଶାଇ ଦେଇଥିଲେ ।

୧୫୧୭ ଖ୍ରୀଷ୍ଟାବ୍ଦରେ ସିକନ୍ଦରଲୋଦୀଙ୍କ ମୃତ୍ୟୁପରେ ସାମନ୍ତମାନଙ୍କ ସହଯୋଗ କ୍ରମେ ଇବ୍ରାହିମ୍‌ଲୋଦୀ ସୁଲତାନ୍ ଆସନ ଅଳଙ୍କୃତ କଲେ । ତାଙ୍କ ରାଜତ୍ୱ ସମୟ କେବଳ ବିଦ୍ରୋହ ପରିପୂର୍ଣ୍ଣ ଥିଲା । ସର୍ବ ପ୍ରଥମେ ତାଙ୍କ ନିଜ ଭ୍ରାତା ଜଲାଲ୍ ଖାଁ ବିଦ୍ରୋହ କରିଥିଲେ ତାଙ୍କ ବିରୁଦ୍ଧରେ । ଇବ୍ରାହିମ୍ ଲୋଦୀ ତାଙ୍କୁ ହତ୍ୟା କରିଥିଲେ । ବିହାର ରାଜ୍ୟ ତା'ର ସ୍ୱାଧୀନତା ଘୋଷଣା କଲା । ପଞ୍ଜାବର ଗଭର୍ଣ୍ଣର ଦୌଲତ ଖାଁ ସୁଲତାନ୍‌ଙ୍କ ବ୍ୟବହାରରେ ଅତ୍ୟନ୍ତ କ୍ଷୁବ୍ଧ ହୋଇ ବିଦ୍ରୋହ କରିଥିଲେ । ସୁଲତାନ୍‌ଙ୍କ ବ୍ୟବହାର ଯୋଗୁ ରାଜ୍ୟରେ ଘୋର ଅସନ୍ତୋଷ ସୃଷ୍ଟି ହେଲା । ଦୌଲତ ଖାଁ କାବୁଲ୍‌ରେ ଥିବା ବାବରଙ୍କୁ ଭାରତ ଆକ୍ରମଣ ପାଇଁ ନିମନ୍ତ୍ରଣ କଲେ । ଫଳରେ ବାବର ୧୫୨୬ ଖ୍ରୀଷ୍ଟାବ୍ଦରେ ଇବ୍ରାହୀମ୍ ଲୋଦୀଙ୍କୁ ପାନିପଥ ନାମକ ସ୍ଥାନରେ ଯୁଦ୍ଧରେ ପରାସ୍ତ କରିଥିଲେ ।

## INTEXT QUESTIONS 9.5 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଆଫଗାନ ସାମନ୍ତ ମାନଙ୍କ ସହଯୋଗ ପାଇବା ପାଇଁ ବାହାଲୋଲ ଲୋଦୀ କେଉଁ ନୀତି ପ୍ରଣୟନ କରିଥିଲେ ?

2. ସୟଦ ବଂଶ କିଏ ପ୍ରତିଷ୍ଠା କରିଥିଲେ ?

3. ତାରିଖ୍-ଇ-ମୁବାରକ ସାହି ପୁସ୍ତକର ଲେଖକ କିଏ ଥିଲେ ?

4. ସୁଲତାନ୍‌ଙ୍କ ଗୌରବ ଓ ସମ୍ମାନ ବୃଦ୍ଧି କରିବା ପାଇଁ ସିକନ୍ଦର ଲୋଦୀ କି କି ପଦକ୍ଷେପ ନେଇଥିଲେ ?

## 9.9 CHALLENGES FACED BY THE SULTANATE
## ସୁଲତାନୀ ରାଜତ୍ୱ ସମ୍ମୁଖରେ ଥିବା ଆହ୍ୱାନ୍

ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା ହେଲାପରେ ଦିଲ୍ଲୀ ସୁଲତାନୀ ଶାସନର ଅନ୍ତ ଘଟିଲା । ୩୦୦ ବର୍ଷ ଶାସନ କାଳରେ ଦିଲ୍ଲୀ ସୁଲତାନୀ ଶାସନ ଅନେକ ଉତ୍‌ଥାନ ଓ ପତନ ମଧ ଦେଇ ଗତିକରି ଏକ ରାଜନୈତିକ ଶକ୍ତି ରୂପେ ଆର୍ବିଭୂତ ହୋଇଥିଲା । ନିମ୍ନରେ ସୁଲତାନୀ ରାଜତ୍ୱ ସମ୍ମୁଖୀନ ହୋଇଥିବା କେତେକ ପ୍ରମୁଖ ଆହ୍ୱାନ ବିଷୟରେ ଆଲୋଚନା କରାଗଲା ।

### Attacks by Mongols and others-ମଙ୍ଗୋଲ ଏବଂ ଅନ୍ୟାନ୍ୟ ଆକ୍ରମଣ

ସୁଲତାନୀ ରାଜତ୍ୱ ଆରମ୍ଭରୁ ମଙ୍ଗୋଲ ଆକ୍ରମଣର ଭୟ ଦିଲ୍ଲୀ ସିଂହାସନ ପ୍ରତି ସୃଷ୍ଟି ହୋଇଥିଲା । ମଙ୍ଗୋଲ ମାନେ ଏକ ପାହାଡ଼ିଆ ଜାତି ଥିଲେ । ସେମାନେ ଚୀନର ଉତ୍ତରାଞ୍ଚଳ ଏବଂ ବୈକାଲ୍

ହ୍ରଦର ପୂର୍ବାଞ୍ଚଳରେ ବାସ କରୁଥିଲେ । ଚେଙ୍ଗିଜ୍ ଖାଁ ଙ୍କ ନେତୃତ୍ୱରେ ସେମାନେ ଏକ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ଦ୍ୱାଦଶ ଶତାବ୍ଦୀରେ ଏହି ସାମ୍ରାଜ୍ୟ ପ୍ରତିଷ୍ଠା କରି ତ୍ରୟୋଦଶ ଶତାବ୍ଦୀର ପ୍ରାରମ୍ଭରୁ ସେମାନେ ବାରମ୍ବାର ଦିଲ୍ଲୀ ସୁଲତାନୀ ଶାସନକୁ ଆକ୍ରମଣ କଲେ । ଦିଲ୍ଲୀ ସୁଲତାନ୍‌ମାନେ ଅଧିକାଂଶ ସମୟରେ ମଙ୍ଗୋଲମାନଙ୍କୁ ତୁଷ୍ଟିକରଣ ନୀତି ଦ୍ୱାରା ସନ୍ତୁଷ୍ଟ କରୁଥିଲେ ଅନେକ ସମୟରେ ତାଙ୍କ ସହ ସମ୍ମୁଖ ଯୁଦ୍ଧରେ ଅବତୀର୍ଣ୍ଣ ମଧ ହେଉଥିଲେ । ବଲବନ୍ ଏବଂ ଆଲାଉଦ୍ଦିନ୍ ଖିଲିଜୀ ସଂପୂର୍ଣ୍ଣ ସାମରୀକ ପ୍ରସ୍ତୁତି ସହ ସେମାନଙ୍କର ପ୍ରତିରୋଧ କରିଥିଲେ । ଖିଲିଜୀ ରାଜତ୍ୱ ସମୟରେ ମଙ୍ଗୋଲମାନେ କୁତୁଲୁଘ୍ ଖ୍ୱାଜାଙ୍କ ନେତୃତ୍ୱରେ ଦିଲ୍ଲୀ ଅଧିକାର କରି ଅନେକ କ୍ଷତି ପହଞ୍ଚାଇଥିଲେ । ମହମ୍ମଦବିନ୍ ତୋଗଲକଙ୍କ ରାଜତ୍ୱ କାଳରେ ମଙ୍ଗୋଲମାନେ ତରମାସିରିନ୍‌ଙ୍କ ନେତୃତ୍ୱରେ ଶେଷଥର ପାଇଁ ଏକ ଦୃଷ୍ଟାନ୍ତମୂଳକ ଆକ୍ରମଣ କରିଥିଲେ । ଏଥିରେ ସୁଲତାନ୍‌ଙ୍କର ଅଶେଷ ଅର୍ଥ ଏବଂ ଶକ୍ତି ଅପଚୟ ହୋଇଥିଲା । କିନ୍ତୁ ଦିଲ୍ଲୀକୁ ସେମାନେ ସଂପୂର୍ଣ୍ଣ ରୂପେ ଧ୍ୱଂସ କରିପାରିନଥିଲେ ।

ଅନ୍ୟ ଏକ ପ୍ରଧାନ ଆକ୍ରମଣ ଯାହାଦ୍ୱାରା କି ଦିଲ୍ଲୀ ସୁଲତାନୀ ରାଜତ୍ୱର ମୂଳଭିତ୍ତି ଦୋହଲି ଯାଇଥିଲା ।, ତାହା ହେଉଛି ୧୩୯୮ ଖ୍ରୀଷ୍ଟାବ୍ଦରେ ତୈମୁରଲଙ୍ଗଙ୍କ ଭାରତ ଆକ୍ରମଣ । ଏହି ଆକ୍ରମଣ ଦ୍ୱାରା ଦିଲ୍ଲୀ ସୁଲତାନୀ ରାଜ୍ୟ ଦୁର୍ବଳରୁ ଆହୁରି ଦୁର୍ବଳତର ହୋଇଗଲା । ତୈମୁରଲଙ୍ଗ ଥିଲେ ଚଗତାଇ ତୁର୍କମାନଙ୍କର ଜଣେ ମୁଖ୍ୟଙ୍କର ପୁତ୍ର । ସେ ଭାରତ ଆକ୍ରମଣ କଲାବେଳକୁ ସଂପୂର୍ଣ୍ଣ ମଧ-ଏସିଆର ପ୍ରଭୁ ହୋଇସାରିଥିଲେ । ତୈମୁରଲଙ୍ଗ କେବଳ ଲୁଣ୍ଠନ ଉଦ୍ଦେଶ୍ୟରେ ଦିଲ୍ଲୀ ଆକ୍ରମଣ କରିଥିଲେ । ସୁଲତାନ୍ ନାସିରୁଦ୍ଦୀନ ଏବଂ ତାଙ୍କ ଓ୍ୱାଜିର ମଲ୍ଲୁ ଇକ୍‌ବାସଲ ତୈମୁରଲଙ୍ଗଙ୍କ ସହ ଯୁଦ୍ଧ କରି ପରାସ୍ତ ହୋଇଥିଲେ । ତୈମୁର ଦିଲ୍ଲୀରେ ପ୍ରବେଶ କରି ୧୫ଦିନ ରହିଥିଲେ । ସେ ଗଣ ହତ୍ୟା ପାଇଁ ଆଦେଶ ଦେଇଥିଲେ । ଫଳରେ ହଜାର ହଜାର ହିନ୍ଦୁ, ମୁସଲମାନ, ମହିଳା ଏବଂ ଶିଶୁମାନଙ୍କୁ ହତ୍ୟା କରାଯାଇଥିଲା । ତୈମୁରଲଙ୍ଗ ଭାରତ ଛାଡ଼ିବା ପୂର୍ବରୁ ଦିଲ୍ଲୀ ସୁଲତାନୀ ଶାସନ ର ଅନ୍ତ ହୋଇଯିବ ବୋଲି ଜଣାପଡୁଥିଲା । ପଞ୍ଜାବ ଉପରେ ଦିଲ୍ଲୀର ନିୟନ୍ତ୍ରଣ ଆଉ ନଥିଲା । ତୈମୁରଲଙ୍ଗ ଖିଜ୍ରି ଖାଁଙ୍କୁ ସୁଲତାନୀ ରାଜ୍ୟର ଶାସକ ରୂପେ ନିଯୁକ୍ତି ଦେଲେ । ସେ ମଧ ପଞ୍ଜାବକୁ ନିୟନ୍ତ୍ରଣ କଲେ । ତୋଗଲକ ବଂଶର ପତନ ପରେ ସେ ଦିଲ୍ଲୀ ଅଧିକାର କଲେ ଏବଂ ଦିଲ୍ଲୀର ସୁଲତାନ୍ ହେଲେ । ସେ ସୟଦ ବଂଶର ମୂଳଭିତ୍ତି ସ୍ଥାପନ କରିଥିଲେ ।

## Inner Conflict of Nobility- ସାମନ୍ତ ମାନଙ୍କ ମଧରେ ସଂଘର୍ଷ

ଦିଲ୍ଲୀ ସୁଲତାନୀ ରାଜତ୍ୱର ୩୦୦ ବର୍ଷ ଶାସନ ମଧରେ ୫ଗୋଟି ରାଜବଂଶ ଶାସନ କରିଥିଲେ । ବିଭିନ୍ନ ରାଜବଂଶ ଭିନ୍ନ ଭିନ୍ନ ସମୟରେ ଶାସନ କରିବାର ମୁଖ୍ୟ କାରଣ ଥିଲା ସୁଲତାନ୍ ଓ ସାମନ୍ତ ମାନଙ୍କ ମଧରେ କ୍ରମାଗତ ସଂଘର୍ଷ । ଆଇବାକ୍‌ଙ୍କ ମୃତ୍ୟୁପରେ ସିଂହାସନ ଆରୋହଣକୁ କେନ୍ଦ୍ରକରି ସାମନ୍ତ ମାନଙ୍କ ମଧରେ ବିବାଦ ଆରମ୍ଭ ହେଲା । ଶେଷରେ ଇଲତୁତ୍‌ମିସ ଜୟଲାଭ କଲେ ଏବଂ ଅନୁଗତ ସାମନ୍ତମାନଙ୍କୁ ନେଇ 'ତୁର୍କନ-ଇ-ଛିଇଲିଗାନି' ବା 'ଚାଳିଶ ବାହିନୀ' 'The forty' ଗଠନ କରିଥିଲେ । ଇଲତୁତ୍‌ମିସ୍‌ଙ୍କ ମୃତ୍ୟୁପରେ ଏହି ସାମନ୍ତ ମାନଙ୍କ ମଧରେ ବିଭାଜନ ହୋଇ ସେମାନେ ନିଜର ପୁତ୍ର କିମ୍ବା କନ୍ୟାକୁ ସିଂହାସନରେ ବସାଇବା ପାଇଁ ଉଦ୍ୟମ କଲେ । ୧୦ବର୍ଷ ମଧରେ ୫ଜଣ ସୁଲତାନ୍ ବଦଳି ଥିଲେ । ଏହାପରେ ନାସିରୁଦ୍ଦୀନ୍ ମହମ୍ମଦ ଦୀର୍ଘ ୨୦ ବର୍ଷ କାଳ ଶାସନ କରିଥିଲେ । ବଲବନ୍ ନାମକ ଜଣେ ଶକ୍ତିଶାଳୀ ଶାସକ ଏହାପରେ ସୁଲତାନ ପଦରେ ଅଭିଶିକ୍ତ ହୋଇଥିଲେ । ନାସିରୁଦ୍ଦୀନ୍‌ଙ୍କ ମୃତ୍ୟୁପରେ ବଲବନ୍ ସିଂହାସନ ଆରୋହଣ କରିଥିଲେ । ବଲବନ, ଆଲାଉଦ୍ଦିନ ଖିଲଜୀ, ଫିରୋଜ ତୋଗଲକଙ୍କ ପରି ଶକ୍ତିଶାଳୀ ସୁଲତାନଙ୍କ ପରେ ପୁନଶ୍ଚ ଅନୁରୂପ ଅବସ୍ଥା ସୃଷ୍ଟି ହେଲା । ସିଂହାସନ ଆରୋହଣ ପାଇଁ କିଛି ନିର୍ଦ୍ଦିଷ୍ଟ ନୀତି କିମ୍ବା ନିୟମ ନଥିବାରୁ ପ୍ରତ୍ୟେକ ସାମନ୍ତ ନିଜେ ସିଂହାସନ ଆରୋହଣ କରିବାକୁ ଚାହୁଁଥିଲେ କିମ୍ବା ମୃତ ସୁଲତାନଙ୍କ ଉତ୍ତରାଧିକାରୀଙ୍କୁ ସିଂହାସନ ଆରୋହଣ ପାଇଁ ସହଯୋଗ କରୁଥିଲେ । ସର୍ବଶେଷରେ ଆଫଗାନ ମାନେ ତୁର୍କମାନଙ୍କୁ ବହିଷ୍କାର କରି ଦିଲ୍ଲୀ ସିଂହାସନ ଆରୋହଣ କଲେ । ଆଫଗାନ ନେତା ବାହାଲୋଲ ଲୋଦୀ ସୁଲତାନ୍ ରୂପେ ଦିଲ୍ଲୀ ସିଂହାସନ ଆରୋହଣ କରିଥିଲେ ।



ଟିପ୍ପଣି

**Provincial Kingdom - ପ୍ରାଦେଶିକ ରାଜ୍ୟ**

ଦିଲ୍ଲୀ ସାମନ୍ତମାନଙ୍କ ମଧ୍ୟରେ ଅର୍ନ୍ତବିବାଦ ଯୋଗୁ ଅନେକ ପ୍ରାଦେଶିକ ଶାସନକର୍ତ୍ତା ନିଜକୁ ସ୍ୱାଧୀନ ବୋଲି ଘୋଷଣା କରୁଥିଲେ । ଫଳରେ ଅନେକ ସ୍ୱାଧୀନ ଆଫଗାନ ଓ ତୁର୍କୀ ରାଜ୍ୟର ଉଦ୍ଭବ ହେଲା । ଏମାନଙ୍କ ମଧ୍ୟରୁ ପ୍ରଧାନ ରାଜ୍ୟ ଥିଲା ବଂଗ (ଲାଖନଉଟି), ଜୌନପୁର, ମାଳବ, ଗୁଜୁରାଟ ଏବଂ ଦାକ୍ଷିଣାତ୍ୟର ବାହାମନି ରାଜ୍ୟ । ବେଳେବେଳେ ଏହି ରାଜ୍ୟ ଗୁଡ଼ିକ ସୁଲତାନ୍‌ଙ୍କ ସହିତ ଯୁଦ୍ଧ କରୁଥିଲେ । ଏହି ସବୁ ବ୍ୟବସ୍ଥା ସୁଲତାନୀ ଶାସନକୁ ଦୁର୍ବଳ କରିଦେଇଥିଲା ।

**Resistance by Indian Chiefs - ଭାରତୀୟ ରାଜାମାନଙ୍କର ବିରୋଧ**

କ୍ରମାଗତ ଭାବରେ ଭାରତୀୟ ରାଜାମାନେ ସୁଲତାନ ମାନଙ୍କୁ ବିରୋଧ କରିଥିଲେ । ରାଜପୁତନାର ବିଭିନ୍ନ ରାଜ୍ୟ ଯଥା ମିୱାର, ରନ୍ଥମ୍ବର ଏବଂ ଚିତୋରର ରାଜାମାନେ, ୱାରଙ୍ଗଲ, ଦେବଗିରି ଏବଂ ମାରବାରର ଦକ୍ଷିଣ ଭାରତୀୟ ରାଜାମାନେ ; ମଧ୍ୟ-ଭାରତର ଧର ଏବଂ ମାଳବର ରାଜାମାନେ ଏବଂ ଓଡ଼ିଶାର ଯାଜପୁରର ରାଜା ଏବଂ ଅନେକ ଛୋଟ ଛୋଟ ଦଳମୁଖ୍ୟମାନେ ବାରମ୍ବାର ପରାଜିତ ହୋଇମଧ୍ୟ ପୁର୍ନବାର ସୁଲତାନ୍‌ଙ୍କ ବିରୁଦ୍ଧରେ ଯୁଦ୍ଧ କରୁଥିଲେ । ଏହି ସବୁ ସଂଘର୍ଷ ଦିଲ୍ଲୀ ସୁଲତାନୀ ଶାସନକୁ ଦୁର୍ବଳ କରି ଦେଇଥିଲା ।

ଖିଲିଜୀ ଏବଂ ତୋଗଲକ ରାଜତ୍ୱ ପରେ ଦିଲ୍ଲୀ ସୁଲତାନୀ ଶାସନ ବହୁଳ ଭାବରେ ଦୁର୍ବଳ ହୋଇପଡ଼ିଲା । ଶେଷରେ ୧୫୨୬ ଖ୍ରୀଷ୍ଟାବ୍ଦରେ ବାବରଙ୍କ ଭାରତ ଆକ୍ରମଣ ସୁଲତାନୀ ଶାସନର ପତନ ଘଟାଇଥିଲା । ଏହା ପରେ ଏକ ଶକ୍ତିଶାଳୀ ସାମ୍ରାଜ୍ୟ ମୋଗଲ ମାନଙ୍କ ଦ୍ୱାରା ପ୍ରତିଷ୍ଠା ହେଲା ଏବଂ ମୋଗଲମାନେ ପରବର୍ତ୍ତୀ ୨୦୦ ବର୍ଷ ପର୍ଯ୍ୟନ୍ତ ଶାସନ କରିଥିଲେ । ଏହା ଆମେ ପରେ ଅଧ୍ୟୟନ କରିବା ତା ପୂର୍ବରୁ କେତେଗୁଡ଼ିଏ ଆଞ୍ଚଳିକ ରାଜ୍ୟ ଗୁଡ଼ିକର ଉତ୍‌ଥାନ ବିଷୟରେ ଜାଣିବା ।

**Rise of Provincial kingdom- ଆଞ୍ଚଳିକ ରାଜ୍ୟ ଗୁଡ଼ିକର ଉତ୍‌ଥାନ**

ଆମେ ପଢ଼ିଛେ ଯେ ମହମ୍ମଦ ବିନ୍ ତୋଗଲକଙ୍କ ରାଜତ୍ୱ ସମୟରୁ ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟର ପତନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଫିରୋଜ ସାହା ତୋଗଲକ ଏହାକୁ ନିୟନ୍ତ୍ରଣ କରିବା ପାଇଁ ବହୁ ଚେଷ୍ଟା କରି ବିଫଳ ହୋଇଥିଲେ । ଏହି ସମୟରେ କେତେଜଣ ପ୍ରାଦେଶିକ ଶାସନକାରୀ ସୁଲତାନ୍‌ଙ୍କ ଠାରୁ ଆନୁଗତ୍ୟ ପ୍ରତ୍ୟାହାର କରି ସ୍ୱାଧୀନ ଭାବରେ ଶାସନ କଲେ ।

**ଜୌନପୁର :** ଦିଲ୍ଲୀ ସୁଲ୍‌ତାନୀ ସାମ୍ରାଜ୍ୟର ଏକ ସମୃଦ୍ଧିଶାଳୀ ପ୍ରଦେଶ ଥିଲା ଜୌନପୁର । ମାଲିକ୍ ସରୱାର ଥିଲେ ଏହାର ଗଭର୍ଣ୍ଣର । ସେ ସଙ୍ଗେ ସଙ୍ଗେ କନୌଜ, କାରା, ଅଯୋଧ୍ୟା, ସାଣ୍ଡିଲ, ଜାଲମାଉ, ବାହାରକ୍, ବିହାର ଏବଂ ତିରୁହୁତ୍‌ର ଶାସକ ହେଲେ । ସେ ଯଦିଓ ସୁଲତାନ୍ ପଦବୀରେ ନିଜକୁ ଅଧିଷ୍ଠିତ କରି ନଥିଲେ, ସେ ସରକି ବଂଶ ରାଜତ୍ୱର ମୂଳଭିତ୍ତି ସ୍ଥାପନ କରିଥିଲେ ।

୧୩୯୯ ଖ୍ରୀଷ୍ଟାବ୍ଦରେ ମାଲିକ୍ ସରୱାରଙ୍କ ମୃତ୍ୟୁପରେ ତାଙ୍କ ପୋଷ୍ୟପୁତ୍ର ମାଲିକ୍ କରନ୍‌ଫୁଲ ସିଂହାସନ ଆରୋହଣ କରିଥିଲେ । ସେ ମୁବାରକ୍ ସାହା ଉପାଧିରେ ନିଜକୁ ଭୂଷିତ କରିଥିଲେ ଏବଂ ସେ ଥିଲେ ସରକି ବଂଶର ପ୍ରଥମ ଶାସକ । ସେହି ସମୟରେ ଦିଲ୍ଲୀର ସୁଲତାନ ମହମ୍ମଦ ତୋଗଲକଙ୍କୁ ମଲ୍ଲୁ ଇକ୍‌ବାଲ୍ କଣ୍ଟେଇ ପରି ନଚଉ ଥିଲେ । ମଲ୍ଲୁ ଇକ୍‌ବାଲ୍ ଜୌନପୁର ବିରୁଦ୍ଧରେ ସାମରିକ ଅଭିଯାନ କରି ବିଫଳ ହୋଇଥିଲେ । ୧୪୦୨ ଖ୍ରୀଷ୍ଟାବ୍ଦରେ ମୁବାରକ ସାହାଙ୍କର ମୃତ୍ୟୁପରେ ତାଙ୍କ ସାନଭାଇ ଇବ୍ରାହିମ୍ ସିଂହାସନ ଆରୋହଣ କରି ୩୪ ବର୍ଷ ଶାସନ କରିଥିଲେ ।

ଇବ୍ରାହିମ୍‌ଙ୍କ ଶାସନ କାଳ ମଧ୍ୟରେ ଦିଲ୍ଲୀ ଓ ଜୌନପୁର ମଧ୍ୟରେ ସଂପର୍କ ଅତ୍ୟନ୍ତ ତିକ୍ତ ହେଲା । ସରକୀ ରାଜବଂଶର ଶ୍ରେଷ୍ଠ ଶାସକ ଇବ୍ରାହିମ୍‌ଙ୍କ ଶାସନ କାଳରେ ଜୌନପୁର ଶିକ୍ଷାର ଏକ ପ୍ରମୁଖ କେନ୍ଦ୍ର ରୂପେ ପ୍ରତିଷ୍ଠା ଲାଭ କରିଥିଲା । ପୁନଶ୍ଚ ତାଙ୍କ ରାଜତ୍ୱ ସମୟରେ ଏଠାରେ ଏକ ଅଭିନବ ସ୍ଥାପତ୍ୟ କଳାର ଆର୍ବିଭାବ ହେଲା । ଏହା ସରକୀ ସ୍ଥାପତ୍ୟ ରୂପେ ମାନ୍ୟତା ଲାଭ କଲା । ସେମାନଙ୍କ ନିର୍ମିତ ସ୍ଥାପତ୍ୟ ମଧ୍ୟରେ ଜୌନପୁରର ଅଟଳ ମସ୍‌ଜିଦ୍ ଥିଲା ପ୍ରସିଦ୍ଧ ।

ଇବ୍ରାହିମ୍‌ଙ୍କର ଉତ୍ତରାଧିକାରୀ ମାହମୁଦ ଚୁନାର ଦୁର୍ଗକୁ ଜୟ କରିଥିଲେ । ସେ ମଧ କଲ୍ପୀ ଜୟ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ସେ ଦିଲ୍ଲୀ ବିରୁଦ୍ଧରେ ଯୁଦ୍ଧ ଯାତ୍ରା କରିଥିଲେ କିନ୍ତୁ ବାହାଲୋଲ୍ ଲୋଦୀ ଠାରୁ ପରାସ୍ତ ହୋଇଥିଲେ । ମାହମୁଦଙ୍କ ପରେ ମହମ୍ମଦ ସାହା ଜୌନପୁରରେ ଶାସନ କରିଥିବାର ଦେଖାଯାଇଥିଲା । ଏହା ପରେ ହୁସେନ ସାହା ରାଜତ୍ୱ କରିଥିଲେ । ୧୫୦୦ ଖ୍ରୀଷ୍ଟାବ୍ଦରେ ହୁସେନ ସାହାଙ୍କର ମୃତ୍ୟୁପରେ ସରକୀ ବଂଶର ରାଜତ୍ୱ ସମାପ୍ତ ହୋଇଥିଲା ।

## Kashmir - କାଶ୍ମୀର

କାଶ୍ମୀରର ପ୍ରଥମ ମୁସଲିମ୍ ଶାସକ ଥିଲେ ସାମ୍‌ଶୁଦ୍ଦୀନ୍ ଶାହା । ସେ ୧୩୩୯ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ୧୩୮୯ ଖ୍ରୀଷ୍ଟାବ୍ଦରେ ସିକନ୍ଦର ସିଂହାସନ ଆରୋହଣ କରିଥିଲେ । ସେ ଜଣେ ଶକ୍ତିଶାଳୀ ଏକଛତ୍ରବାଦୀ ଶାସକ ଥିଲେ । ୧୪୧୬ ଖ୍ରୀଷ୍ଟାବ୍ଦରେ ସେ ମୃତ୍ୟୁବରଣ କଲାପରେ ତାଙ୍କ ପୁତ୍ର ଅଲ୍ଲୀ ଶାହା ସିଂହାସନ ଆରୋହଣ କରିଥିଲେ । କିଛି ବର୍ଷ ପରେ ତାଙ୍କ ଭ୍ରାତା ଶାହା ଖାଁ 'ଜୈନୁଲ ଆବିଦୀନ୍' ଉପାଧି ଧାରଣ କରି ସିଂହାସନ ଆରୋହଣ କରିଥିଲେ ।

ଜୈନୁଲ ଆବିଦୀନ୍ ଜଣେ ଉଦାର ଓ ସଂସ୍କୃତି ସମ୍ପନ୍ନ ଶାସକ ଥିଲେ । ରାଜ୍ୟରେ ସମସ୍ତ ବର୍ଗଙ୍କର ସହଯୋଗ ଓ ସମର୍ଥନ ପାଇଁ ସେ ସିକନ୍ଦରଙ୍କ ଦ୍ୱାରା ବିତାଡ଼ିତ ଗୋଷ୍ଠିଙ୍କୁ ପୁନଃସ୍ଥାପିତ କରିଥିଲେ । ସେ 'ଜିଜିୟା'ର ଉଚ୍ଛେଦ କରି ଗୋହତ୍ୟା ନିଷେଧ କରିଥିଲେ । ସେ କାଶ୍ମୀରର ଅର୍ଥନୀତିକ ପ୍ରଗତି ପ୍ରତି ଦୃଷ୍ଟି ଦେଇଥିଲେ । ସେ ନିଜେ ପାର୍ଶୀ, ସଂସ୍କୃତ, ତୀବ୍ବତୀୟ ଓ କାଶ୍ମୀର ଭାଷାରେ ପାରଦର୍ଶିତା ଅର୍ଜନ କରିଥିଲେ । ସେ ମହାଭାରତ ଓ ରାଜତରଙ୍ଗୀଣୀକୁ ପାର୍ଶି ଭାଷାରେ ଅନୁବାଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ରାଜତରଙ୍ଗିଣୀ ପୁସ୍ତକରେ କାଶ୍ମୀରର ଇତିହାସ ବର୍ଣ୍ଣିତ । ଜୈନୁଲ ଆବେଦୀନ୍‌ଙ୍କ ଉତ୍ତରାଧିକାରୀ ଜଣେ ଦୁର୍ବଳ ଶାସକ ଥିଲେ । ତାଙ୍କ ଦୁର୍ବଳତାର ସୁଯୋଗ ନେଇ ବାବରଙ୍କର ଜଣେ ବନ୍ଧୁ ମିର୍ଜାହାଇଦର କାଶ୍ମୀର ଜୟ କଲେ, ୧୫୮୬ ଖ୍ରୀ:ଅ:ରେ ଆକବର କାଶ୍ମୀରକୁ ନିଜ ସାମ୍ରାଜ୍ୟରେ ମିଶାଇଥିଲେ । ଫଳରେ କାଶ୍ମୀର ମୋଗଲ ସାମ୍ରାଜ୍ୟର ଏକ ଅଂଶ ବିଶେଷ ହେଲା ।

## Malwa - ମାଳବ

ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟର ଦକ୍ଷିଣ-ପଶ୍ଚିମ କୋଣରେ ମାଳବ ପ୍ରଦେଶ ଅବସ୍ଥିତ । ୧୩୧୦ ଖ୍ରୀଷ୍ଟାବ୍ଦରେ ଆଲାଉଦ୍ଦିନ୍ ଏହାକୁ ଜୟ କରିଥିଲେ । ଫଳରେ ମାଳବ ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟର ଏକ ଅଂଶ ରୂପେ ଫିରୋଜ ତୋଗଲକଙ୍କ ମୃତ୍ୟୁ ପର୍ଯ୍ୟନ୍ତ ରହିଥିଲା । ୧୪୦୧ ଖ୍ରୀଷ୍ଟାବ୍ଦରେ ଦିଲୱାର୍ ଖାଁ ଦିଲ୍ଲୀ ସୁଲତାନଙ୍କ ଠାରୁ ଆନୁଗତ୍ୟ ପ୍ରତ୍ୟାହାର କରି ନେଇଥିଲେ । ଏହା ତୈମୁରଲଙ୍ଗଙ୍କ ଭାରତ ଆକ୍ରମଣ ପରେ ହୋଇଥିଲା । କିନ୍ତୁ ଦିଲୱାର ଖାଁ ନିଜକୁ ସୁଲତାନ୍ ବୋଲି ଘୋଷଣା କରିନଥିଲେ । ୧୪୦୫ରେ ଦିଲୱାର ଖାଁଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ଆଲା ଖାଁ ସିଂହାସନ ଆରୋହଣ କରି ନିଜକୁ ହୋସାଙ୍ଗ୍ ଶାହା ଉପାଧିରେ ଭୂଷିତ କରିଥିଲେ । ସେ ମାଣ୍ଡୁକୁ ତାଙ୍କ ରାଜ୍ୟର ରାଜଧାନୀ କରିଥିଲେ । ହିନ୍ଦମହଲ, ଜୁମା ମସ୍‌ଜିଦ୍, ଜାହାଜମହଲ ହେଉଛି ମାଣ୍ଡୁ ସ୍ଥାପତ୍ୟର ଉଦାହରଣ ।

ହୋସାଙ୍ଗ ଖାଁ ଙ୍କ ପରେ ତାଙ୍କ ଉତ୍ତରାଧିକାରୀ ଘାଜି ଖାଁ ସିଂହାସନ ଆରୋହଣ କଲେ, କିନ୍ତୁ ତାଙ୍କ ମନ୍ତ୍ରୀ ମହମ୍ମଦ ଖାଁ ଖାଲଜୀ ୧୪୩୬ ଖ୍ରୀଷ୍ଟାବ୍ଦରେ ତାଙ୍କୁ ଗାଦିଚ୍ୟୁତ କରି ଶାହା ଉପାଧି ଧାରଣ ପୂର୍ବକ ମାଳବରେ ଖିଲିଜୀ ବଂଶର ଶାସନ ପ୍ରତିଷ୍ଠା କରିଥିଲେ । ମହମ୍ମଦ ଖିଲିଜୀଙ୍କ ଶାସନ କାଳ ମଧ୍ୟରେ ମାଳବ ଏକ ଶକ୍ତିଶାଳୀ ଓ ସମୃଦ୍ଧିଶାଳୀ ରାଜ୍ୟରେ ପରିଣତ ହେଲା । ସେ ଜଣେ ଦୟାବନ୍ତ ରାଜା ଥିଲେ । ଫରିସ୍ତାଙ୍କ ବର୍ଣ୍ଣନାନୁଯାୟୀ ସେ ଅତ୍ୟନ୍ତ ଭଦ୍ର, ସାହସୀ ଏବଂ ବିଦ୍ୱାନ ବ୍ୟକ୍ତିଥିଲେ । ତାଙ୍କ ପରେ ଘିଆସୁଦ୍ଦୀନ୍ ଏବଂ ନାସିରୁଦ୍ଦୀନ୍ ଶାସନ କରିଥିଲେ । ୧୫୧୦ ଖ୍ରୀଷ୍ଟାବ୍ଦରେ ଦ୍ୱିତୀୟ ମାହାମୁଦ ସିଂହାସନ ଆରୋହଣ କରିଥିଲେ । ସେ ମେଦୀନ୍‌ରାୟ ନାମକ ଜଣେ ଶକ୍ତିଶାଳୀ ରାଜପୁତ୍‌ଙ୍କୁ ଡ଼ାକି ବିଦ୍ରୋହୀ ସାମନ୍ତମାନଙ୍କୁ ଉଚିତ୍ ଶିକ୍ଷା ପ୍ରଦାନ କରିଥିଲେ ଏବଂ ମେଦୀନ୍ ରାଓଙ୍କୁ ପ୍ରଧାନ ମନ୍ତ୍ରୀ ରୂପେ ନିଯୁକ୍ତି ଦେଇ ଥିଲେ । ରାଜଦରବାରରେ ରାଜପୁତ୍‌ମାନଙ୍କର ପ୍ରାର୍ଦୁଭାବ ମୁସଲିମ୍ ସାମନ୍ତ



ଟିପ୍ପଣି

ମାନଙ୍କ ମଧରେ ଇର୍ଷା ଜାତ କଲା । ଗୁଜୁରାଟର ସୁଲତାନ୍ ମାଳବକୁ ପରାସ୍ତ କରି ଏହାକୁ ଗୁଜୁରାଟ ସାମ୍ରାଜ୍ୟରେ ମିଶାଇ ଦେଇଥିଲେ ।

### Gujurat - ଗୁଜୁରାଟ

ଗୁଜୁରାଟ ସର୍ବଦା ନିଜର ଭୌଗଳିକ ଅବସ୍ଥିତି ଯୋଗୁ ବାହ୍ୟ ଆକ୍ରମଣର ଶିକାର ହୋଇ ଆସିଅଛି । ଏହାର ଉର୍ବରତା ଓ ସମୃଦ୍ଧି ବାହ୍ୟଶତ୍ରୁଙ୍କୁ ଆକର୍ଷିତ କରି ଆସିଛି । ଆଲାଉଦ୍ଦିନ ଖିଲିଜୀ ଥିଲେ ପ୍ରଥମ ସୁଲତାନ୍ ଯେ କି ଗୁଜୁରାଟକୁ ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟରେ ମିଶାଇ ଥିଲେ । ତାହା ପରଠାରୁ ଏହା ତୁର୍କୀ ପ୍ରାଦେଶିକ ଶାସନ କର୍ତ୍ତା ମାନଙ୍କ ଦ୍ୱାରା ଶାସିତ ହେଉଥିଲା । ତୈମୁରଲଙ୍ଗ ଯେତେବେଳେ ଭାରତ ଆକ୍ରମଣ କଲେ ଏହି ପ୍ରଦେଶର ଶାସନ କର୍ତ୍ତା ଥିଲେ ଜାଫର ଖାଁ । ସେ ଦିଲ୍ଲୀ ସୁଲତାନ୍‌ଙ୍କ ଠାରୁ ଆନୁଗତ୍ୟ ପ୍ରତ୍ୟାହାର କରିନେଲେ । ୧୪୧୦ ଖ୍ରୀଷ୍ଟାବ୍ଦରେ ସେ ମାଳବରେ ସ୍ୱାଧୀନ ରାଜାରୂପେ ଶାସନ କଲେ । ଗୁଜୁରାଟ ଶାସକ ମାନଙ୍କ ମଧରେ ସର୍ବଶ୍ରେଷ୍ଠ ପ୍ରସିଦ୍ଧ ଶାସକ ଥିଲେ ଅହମ୍ମଦ ଶାହା । ସେ ୧୪୧୧ ଖ୍ରୀ:ଅ: ରୁ ୧୪୪୧ ଖ୍ରୀ:ଅ: ପର୍ଯ୍ୟନ୍ତ ଶାସନ କରିଥିଲେ । ତାଙ୍କ ସାମ୍ରାଜ୍ୟର ଅଭିବୃଦ୍ଧି ପାଇଁ ସେ ରାଜପୁତ୍ ରାଜ୍ୟ ଗୁଡ଼ିକୁ ପ୍ରତିରୋଧ କରିଥିଲେ । ସେ ଅହମ୍ମଦାବାଦ ସହର ପ୍ରତିଷ୍ଠା କରିଥିଲେ । ୧୪୪୧ ଖ୍ରୀଷ୍ଟାବ୍ଦରେ ଅହମ୍ମଦ ଶାହାଙ୍କର ମୃତ୍ୟୁ ପରେ ତାଙ୍କ ଜ୍ୟେଷ୍ଠ ପୁତ୍ର ମହମ୍ମଦ ଶାହା ସିଂହାସନ ଆରୋହଣ କରିଥିଲେ । ସେ 'ଜାର-ବକ୍ଷ' (Zar-Bakh) ରୂପେ ଜଣାଶୁଣା ଥିଲେ । ୧୪୫୧ ଖ୍ରୀ:ଅ: ରେ ଷଡ଼ଯନ୍ତ୍ରକାରୀମାନେ ତାଙ୍କୁ ହତ୍ୟା କରିଥିଲେ । ତାଙ୍କ ପରେ ଦୁଇଜଣ ଦୁର୍ବଳ ଶାସକ ଶାସନ କରିଥିଲେ । ଫଳରେ ଅହମ୍ମଦ ଶାହାଙ୍କ ଜଣେ ନାତିଙ୍କୁ ସାମନ୍ତମାନେ ସିଂହାସନରେ ଅଧିଷ୍ଠିତ କରାଇଲେ । ତାଙ୍କ ନାମ ଥିଲା ଫତେହେ ଖାଁ । ସେ ମହମ୍ମଦ ନାମରେ ଜଣେ ସୁଦକ୍ଷ ଶାସକ ରୂପେ ଶାସନ ଚଳାଇଲେ । ସେ ଦୀର୍ଘ ୫୨ ବର୍ଷ ଶାସନ କରିଥିଲେ ଏବଂ ୧୫୧୧ ଖ୍ରୀଷ୍ଟାବ୍ଦରେ ମୃତ୍ୟୁବରଣ କରିଥିଲେ । ତାଙ୍କ ପରେ ଅନେକ ଶାସକ ଜଣକ ପରେ ଜଣେ ସ୍ୱଳ୍ପ ସମୟ ପାଇଁ ଶାସନ କରିଥିଲେ । ଶେଷରେ ଆକବର ୧୫୭୨ ଖ୍ରୀଷ୍ଟାବ୍ଦରେ ଗୁଜୁରାଟ ଜୟକରି ମୋଗଲ ସାମ୍ରାଜ୍ୟରେ ମିଶାଇ ଦେଇଥିଲେ ।

### Bengal - ବଂଗ

ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟର ପୂର୍ବ ପ୍ରାନ୍ତରେ ବେଙ୍ଗଲ୍ ଅବସ୍ଥିତ ଥିଲା । ଗମନାଗମନ ଓ ପରିବହନର ଅସୁବିଧା ପାଇଁ ଏହି ରାଜ୍ୟକୁ ନିୟନ୍ତ୍ରଣରେ ରଖିବା କଷ୍ଟସାଧ ଥିଲା । ଯଦିଓ ବଂଗ ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟର ଏକ ଅଂଶ ବିଶେଷ ଥିଲା । ତଥାପି ଅଧିକାଂଶ ସମୟରେ ଏହା ସ୍ୱାଧୀନ ରାଜ୍ୟ ରୂପେ ଶାସିତ ହୋଇଛି । ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ ମହମ୍ମଦ ଜିନ୍ ବଖତିଆର ବଂଗକୁ ଜୟକରି ମହମ୍ମଦ ଘୋରୀଙ୍କ ବିଜିତ ସାମ୍ରାଜ୍ୟରେ ମିଶାଇ ଦେଇଥିଲେ । କିନ୍ତୁ ତାଙ୍କ ମୃତ୍ୟୁପରେ ତାଙ୍କ ଉତ୍ତରାଧିକାରୀମାନେ ନିଜକୁ ସ୍ୱାଧୀନ ବୋଲି ଘୋଷଣା କଲେ । ଏଥିପାଇଁ ଆଞ୍ଚଳିକ ଅଧିବାସୀମାନେ ତାଙ୍କୁ ସହାୟତା ପ୍ରଦାନ କରିଥିଲେ । ବଲବନ୍ ବଳ ପ୍ରୟୋଗ କରି ବଂଗକୁ ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟର ଆନୁଗତ୍ୟ ସ୍ୱୀକାର କରିବାକୁ ବାଧ କରିଥିଲେ ଏବଂ ନିଜର ପୁତ୍ର ବୁଘ୍ରା ଖାଁ ଙ୍କୁ ବଂଗର ଗଭର୍ଣ୍ଣର ରୂପେ ନିଯୁକ୍ତ କରିଥିଲେ । କିନ୍ତୁ ବଲବନ୍‌ଙ୍କ ମୃତ୍ୟୁପରେ ସେ ନିଜକୁ ସ୍ୱାଧୀନ ଘୋଷଣା କଲେ । ଗିୟାସୁଦ୍ଦୀନ୍ ତୋଗଲକ୍ ଏହି ସମସ୍ୟାକୁ ସମାଧାନ କରିବା ପାଇଁ ବଂଗକୁ ତିନିଗୋଟି ସ୍ୱାଧୀନ ଛୋଟ ରାଜ୍ୟରେ ବିଭକ୍ତ କରିଥିଲେ । ସେଗୁଡ଼ିକ ଥିଲା ଲାଖନଉଟି, ସତ୍‌ଗାଁଓ ଏବଂ ସୋନାରଗାଓଁ । ମହମ୍ମଦ ବିନ୍ ତୋଗଲକ ଏହି ଅଞ୍ଚଳ ଉପରେ ଦିଲ୍ଲୀ ସୁଲତାନୀ ଶାସନର ପ୍ରଭୁତ୍ୱ ଘୋଷଣା କରିଥିଲେ । କିନ୍ତୁ ଯେତେବେଳେ ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ବିଦ୍ରୋହ ଦମନ ପାଇଁ ସେ ବ୍ୟସ୍ତ ରହୁଥିଲେ, ଦିଲ୍ଲୀ ସହ ବଂଗ ସଂପର୍କ ଛିନ୍ନ କରିଥିଲା ।

ହାଜୀ ଇଲିଆସ୍ ନାମକ ବଂଗର ଜଣେ ସାମନ୍ତ ସାମସୁଦ୍ଦୀନ୍ ଇଲଆସ ଶାହା ଉପାଧି ଧାରଣ କରି ନିଜକୁ ଶାସକ ରୂପେ ଘୋଷଣା କଲେ । ଫିରୋଜ ତୋଗଲକ ତାଙ୍କୁ ଦମନ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ । ସେ ଇଲିଆସ୍‌ଙ୍କ ସହିତ ଏକ ସନ୍ଧିସ୍ୱାକ୍ଷର କଲେ । ଏହି ଚୁକ୍ତି ଅନୁସାରେ କୋଷି

ନଦୀକୁ ଦୁଇଟି ଜାକ ରାଜ୍ୟର ସୀମା ରୂପେ ଗ୍ରହଣ କରାଗଲା । ହାଜୀ ଇଲିଆସ୍ ୧୩୫୭ ଖ୍ରୀଷ୍ଟାବ୍ଦରେ ମୃତ୍ୟୁବରଣ କଲେ । ଏହାପରେ ତାଙ୍କ ପୁତ୍ର ସିକନ୍ଦର ସିଂହାସନ ଆରୋହଣ କଲେ । ତାଙ୍କ ରାଜତ୍ୱ ସମୟରେ ଫିରୋଜ ଶାହା ତୋଗଲକ ବଂଗକୁ ସୁଲତାନୀ ସାମ୍ରାଜ୍ୟରେ ପୁର୍ନବାର ସଂଯୁକ୍ତ କରିବା ପାଇଁ ଉଦ୍ୟମ କରି ବିଫଳ ହେଲେ । ସିକନ୍ଦରଙ୍କ ମୃତ୍ୟୁପରେ ଗୀୟାସୁଦ୍ଦୀନ୍ ଆଜାମ୍ ସିଂହାସନ ଆରୋହଣ କରିଥିଲେ । ସେ ଚୀନ୍‌ର ରାଜାଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରଖିଥିଲେ । ଫଳରେ ବୈଦେଶିକ ବାଣିଜ୍ୟ କ୍ଷେତ୍ରରେ ଅଗ୍ରଗତି ହୋଇଥିଲା । ଏହାପରେ ହାଜୀ ଇଲିଆସ୍‌ଙ୍କର ନାତି ନାସିରୁଦ୍ଦୀନ୍ ବଂଗର ଶାସକ ହେଲେ । ସେ ଦୀର୍ଘ ୧୭ ବର୍ଷଧରି ନିର୍ବିଘ୍ନରେ ଶାସନ କରିଥିଲେ ।

ଆଲ୍ଲାଉଦ୍ଦୀନ୍ ହୁସେନ୍ ଶାହାଙ୍କ ଶାସନ ସମୟରେ ବଂଗ ଏକ ଧନଶାଳୀ ଓ ସମୃଦ୍ଧିଶାଳୀ ରାଜ୍ୟରେ ପରିଣତ ହୋଇଥିଲା । ୧୫୧୮ ଖ୍ରୀଷ୍ଟାବ୍ଦରେ ତାଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ନସିବ୍ ଖାଁ 'ନାସିରୁଦ୍ଦୀନ୍ ନୁସ୍‌ରତ ଖାଁ' ଉପାଧି ଧାରଣ କରି ସିଂହାସନ ଅଳଂକୃତ କଲେ । ୧୫୩୮ ଖ୍ରୀଷ୍ଟାବ୍ଦରେ ଶେରଶାହା ସୁରି ଗିୟାସୁଦ୍ଦୀନ୍ ମହମ୍ମଦ ଶାହାଙ୍କୁ ପରାସ୍ତ କରି ବଂଗକୁ ନିଜ ରାଜ୍ୟରେ ମିଶାଇ ଦେଇଥିଲେ ।

## INTEXT QUESTIONS 9.6 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ମଙ୍ଗୋଲମାନେ ଦିଲ୍ଲୀ ସୁଲତାନୀ ରାଜ୍ୟକୁ କାହିଁକି ଆକ୍ରମଣ କରୁଥିଲେ ?

______________________________

2. ସାମନ୍ତମାନଙ୍କ ମଧରେ ଉପୁଜୁଥିବା ସଂଘର୍ଷର ମୁଖ୍ୟକାରଣ କ'ଣ ଥିଲା ?

______________________________

3. ଜୌନପୁର ରାଜବଂଶ ଶାସକମାନେ କେଉଁ ନାମରେ ନାମିତ ହେଉଥିଲେ ?

______________________________

4. ବୁଘ୍ରା ଖାଁ ବଂଗରେ ସ୍ୱାଧୀନତା ଘୋଷଣା କଲାପରେ ଏହି ସମସ୍ୟାକୁ ସମାଧାନ କରିବା ପାଇଁ ଗୀୟାସୁଦ୍ଦୀନ୍ ତୋଗଲକ କି ପଦକ୍ଷେପ ନେଇଥିଲେ ?

______________________________

## WHAT YOU HAVELEARNT- ଆମେ କ'ଣ ଶିଖିଲେ

ଇସ୍‌ଲାମ୍ ଧର୍ମର ଆରବରେ ଉତ୍‌ଥାନ ହୋଇ ଖଲିଫା ମାନଙ୍କ ଦ୍ୱାରା ପୃଥିବୀର ବିଭିନ୍ନ ଦେଶରେ ଏହା ବିସ୍ତାର ଲାଭ କରିଥିଲା । ଆରବ ସେନା ବାହିନୀ ମଧ-ଏସିଆର ବିଶାଳ ଅଞ୍ଚଳ ଜୟକରି ୭୧୨ ଖ୍ରୀଷ୍ଟାବ୍ଦରେ ଭାରତ ଆକ୍ରମଣ କରିଥିଲା । ଏହାପରେ ଗଜନୀର ମାହାମୁଦ ଭାରତ ଆକ୍ରମଣ କରିଥିଲେ । ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା ଭାରତରୁ ଲୁଣ୍ଠିତ ଧନକୁ ଗଜନୀକୁ ନେଇଯିବା ।

ଦ୍ୱାଦଶ ଶତାବ୍ଦୀରେ ଭାରତ ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇଥିଲା । ଏହି ରାଜ୍ୟ ଗୁଡ଼ିକ ମୁଖ୍ୟତଃ ରାଜପୁତ୍ ରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା । ଏହି ସମୟରେ ମଧ-ଏସିଆର ରାଜନୈତିକ ଅବସ୍ଥା ଭଲ ନଥିଲା । ସେଥିପାଇଁ ମହମ୍ମଦ ଘୋରି ଭାରତରେ ସାମ୍ରାଜ୍ୟ ବିସ୍ତାର ପାଇଁ ମନୋନିବେଶ କରିଥିଲେ । ୧୧୯୨ ଖ୍ରୀଷ୍ଟାବ୍ଦ ପ୍ରଥମ ତିରୋରୀ ଯୁଦ୍ଧରେ ମହମ୍ମଦ ଘୋରୀ ପୃଥିରାଜ ଚୌହାନଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । କିନ୍ତୁ ୧୧୯୨ ଖ୍ରୀଷ୍ଟାବ୍ଦ ଦ୍ୱିତୀୟ ତିରୋରୀ ଯୁଦ୍ଧରେ ମହମ୍ମଦ ଘୋରୀ ରାଜପୁତ୍ ମାନଙ୍କୁ ପରାସ୍ତ କରିଥିଲେ । ତେଣୁ ଦିଲ୍ଲୀର ଶାସନ ତୁର୍କମାନଙ୍କ ହାତକୁ ଚାଲିଗଲା । ମହମ୍ମଦ ଘୋରି ତାଙ୍କର ଭାରତ ବିଜିତ ଅଞ୍ଚଳ ଗୁଡ଼ିକ ତାଙ୍କର ବିଶ୍ୱସ୍ତ କ୍ରିତଦାସ ସେନାଧକ୍ଷ

କୁତବୁଦ୍ଦିନ୍ ଆଇବାକ୍‌ଙ୍କ ଦାୟିତ୍ୱରେ ଛାଡ଼ିଯାଇଥିଲେ । ଫଳରେ ଦିଲ୍ଲୀସୁଲତାନୀ ଶାସନ ପ୍ରତିଷ୍ଠିତ ହେଲା । ଇଲତୁତ୍‌ମିସ୍ ଏହାପରେ ଦିଲ୍ଲୀ ସୁଲତାନୀ ଶାସନକୁ ସୁଦୃଢ଼ କରିଥିଲେ । ସେ ଆଭ୍ୟନ୍ତରୀଣ ବିଦ୍ରୋହ ଦମନ କରି 'ଚ୍ଛଲିସ୍' ବାହିନୀ ଗଠନ କରି ସାମନ୍ତ ମାନଙ୍କୁ ସନ୍ତୁଷ୍ଟ କରିଥିଲେ । ଦାସବଂଶର ଶେଷ ଏବଂ ଶ୍ରେଷ୍ଠ ସୁଲତାନ୍ ଥିଲେ ବଲବନ୍ ଯେ କି ୧୨୬୬ ଖ୍ରୀଷ୍ଟାବ୍ଦରେ ସୁଲତାନ ହେଲେ । ୧୨୮୭ ଖ୍ରୀଷ୍ଟାବ୍ଦରେ ବଳବନ୍‌ଙ୍କ ମୃତ୍ୟୁପରେ ୧୨୯୦ ଖ୍ରୀଷ୍ଟାବ୍ଦରେ ଖିଲିଜୀ ବଂଶ କ୍ଷମତାକୁ ଆସିଥିଲା ।

ଖିଲିଜୀ ବଂଶ କ୍ଷମତାକୁ ଆସିଲା ପରେ ଦିଲ୍ଲୀ ସୁଲତାନୀ ଶାସନରେ ତୁର୍କମାନଙ୍କ ଏକ ଚାଟିଆ ମନୋଭାବର ପରିସମାପ୍ତି ଘଟିଲା । ଜଲାଲଉଦ୍ଦୀନ ଖିଲ୍‌ଜୀ ଖିଲିଜୀ ବଂଶର ପ୍ରତିଷ୍ଠା କରିଥିଲେ । ୧୨୯୬ ଖ୍ରୀଷ୍ଟାବ୍ଦରେ ଆଲାଉଦ୍ଦିନ୍ ଖିଲ୍‌ଜୀ ତାଙ୍କ କକା ତଥା ଶ୍ୱଶୁର ଜଲାଲ୍‌ଉଦ୍ଦିନ୍‌ଙ୍କୁ ହତ୍ୟା କରି ସିଂହାସନ ଆରୋହଣ କଲେ । ସେ ରାଜାଙ୍କର ସମ୍ମାନକୁ ଫେରାଇ ଆଣିଥିଲେ । ସେ ସାମନ୍ତମାନଙ୍କ ପ୍ରାଧାନ୍ୟକୁ ଚୂର୍ଣ୍ଣକରି ଜଣେ ଏକଛତ୍ରବାଦୀ ଭାବେ ଶାସନ କଲେ । ତାଙ୍କର ସୁଦକ୍ଷ ସେନାଧ୍ୟକ୍ଷ ଗଣ ଯଥା ଆଲବ ଖାଁ, ନୁସରତ୍ ଖାଁ, ଜାଫର ଖାଁ, ଉଲୁଘ ଖାଁ ଏବଂ ମାଲିକାପୁର, ଅନେକ ଯୁଦ୍ଧରେ ତାଙ୍କୁ ବିଜୟର ଟିକା ପିନ୍ଧାଇଥିଲେ । ଆଲାଉଦ୍ଦିନ୍‌ଙ୍କର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା ବଜାର ନିୟନ୍ତ୍ରଣ ନୀତି । ସେ ବଜାର ପ୍ରତିଷ୍ଠା କରି ପ୍ରତ୍ୟେକ ଦ୍ରବ୍ୟର ମୂଲ୍ୟ ନିଜେ ନିର୍ଦ୍ଧାରଣ କରିଥିଲେ । ସେ ବିଭିନ୍ନ ଦ୍ରବ୍ୟ ପାଇଁ ଭିନ୍ନ ଭିନ୍ନ ବଜାର ପ୍ରତିଷ୍ଠା କରିଥିଲେ ।

ଖିଲିଜୀ ବଂଶର ପତନ ପରେ ତୋଗଲକ ବଂଶ କ୍ଷମତାକୁ ଆସିଲା । ୧୩୨୦ ଖ୍ରୀ:ଅ:ରେ ଗୀୟାସୁଦ୍ଦୀନ୍ ତୋଗଲକ ସିଂହାସନ ଆରୋହଣ କରିଥିଲେ । ତାଙ୍କ ପରେ ୧୩୨୫ ଖ୍ରୀ:ଅ:ରେ ମହମ୍ମଦ୍ ବିନ୍ ତୋଗଲକ ସିଂହାସନ ଆରୋହଣ କଲେ । ମହମ୍ମଦ ବିନ୍ ତୋଗଲକ ତାଙ୍କର ଆଧୁନିକ ଚିନ୍ତାଧାରା ପାଇଁ ପ୍ରସିଦ୍ଧ ଥିଲେ । ତାଙ୍କର ଅତ୍ୟାଧୁନିକ ପଦକ୍ଷେପ ମଧ୍ୟରେ ଦିଲ୍ଲୀରୁ ଦୌଲତାବାଦ୍ ରାଜଧାନୀ ପରିବର୍ତ୍ତନ; ତାମ୍ରମୁଦ୍ରା ପ୍ରଚଳନ ଥିଲା ପ୍ରଧାନ । ମହମ୍ମଦ ତୋଗଲକଙ୍କ ମୃତ୍ୟୁପରେ ଦିଲ୍ଲୀର ଅମୀର ଓ ଉଲେମାମାନେ ଫିରୋଜ ତୋଗଲକଙ୍କୁ ସିଂହାସନରେ ଅଧିଷ୍ଠିତ କରାଇଲେ । ତାଙ୍କରି ରାଜତ୍ୱ କାଳରେ ସୁଲତାନୀ ଶାସନର ପତନ ପାଇଁ ଅନେକ ଶକ୍ତି ମୁଣ୍ଡ ଟେକିଲେ । ୧୩୯୮ ଖ୍ରୀ:ଅ: ତୈମୁରଲଙ୍ଗ ଦିଲ୍ଲୀ ଆକ୍ରମଣ କରି ଏହାକୁ ଲୁଣ୍ଠନ କଲେ । ଏହି ଆକ୍ରମଣ ଯୋଗୁ ଦିଲ୍ଲୀର ଅଧୀନ ଥିବା ପ୍ରଦେଶ ଗୁଡ଼ିକ ସ୍ୱାଧୀନତା ଘୋଷଣା କଲେ ।

ଜୌନପୁରର ଶାସକ ଭାବେ ମାଲିକ୍ ସରବାର୍ ଶାସନ କଲେ । ମାଳବ ମଧ ଦିଲ୍ଲୀ ସୁଲତାନୀ ଶାସନରୁ ଆନୁଗତ୍ୟ ପ୍ରତ୍ୟାହାର କରିନେଲା । ମାଳବର ଶାସକ ମହମ୍ମଦ ଖିଲଜୀ ମାଳବ ରାଜ୍ୟର ସୀମା ବୃଦ୍ଧି କରିଥିଲେ । ଏହି ଆଞ୍ଚଳିକ ରାଜାମାନଙ୍କ ମଧ୍ୟରେ ସବୁଠାରୁ ପ୍ରସିଦ୍ଧ ଥିଲେ କାଶ୍ମୀରର ଶାସକ ଜଇନୁଲ ଆବିଦୀନ୍ । ତାଙ୍କ ନେତୃତ୍ୱରେ କାଶ୍ମୀର ଏକ ଶକ୍ତିଶାଳୀ ଓ ସମୃଦ୍ଧିଶାଳୀ ରାଷ୍ଟ୍ରରେ ପରିଣତ ହୋଇଥିଲା । ସୁଲତାନୀ ସାମ୍ରାଜ୍ୟର ପୂର୍ବ ପ୍ରାନ୍ତରେ ଅବସ୍ଥିତ ବଂଗଳ ରାଜ୍ୟ ଅଧିକାଂଶ ସମୟ ଦିଲ୍ଲୀ ସାମ୍ରାଜ୍ୟରେ ମିଶୁଥିଲା ଏବଂ ପୁନଶ୍ଚ ଅନେକ ସମୟରେ ସ୍ୱାଧୀନତା ଘୋଷଣା କରୁଥିଲା । ସୁଲତାନୀ ଶାସନ ଦ୍ୱାରା ତିନି ଭାଗରେ ବିଭାଜିତ ହୋଇଥିବା ବଂଗକୁ ହାଜୀ ଇଲିଆସ୍ ଏକତ୍ରୀତ କରିଥିଲେ ।

ତୈମୁରଲଙ୍ଗ ଖିଜ୍ରି ଖାଁ ଙ୍କୁ ମୁଲତାନ୍‌ର ଶାସକ ରୂପେ ନିଯୁକ୍ତ କରିଥିଲେ । ଫଳରେ ସୟଦବଂଶର ଶାସନ ପ୍ରତିଷ୍ଠା ହେଲା । ୧୪୫୧ ଖ୍ରୀଷ୍ଟାବ୍ଦରେ ବାହାଲୋଲ ଲୋଦୀ ଆଫଗାନ ମାନଙ୍କ ସହାୟତରେ ସୟଦ୍ ମାନଙ୍କୁ ଗାଦିଚ୍ୟୁତ କରି ଲୋଦୀ ବଂଶର ଶାସନ ପ୍ରତିଷ୍ଠା କଲେ । ସେ ଜଣେ ଦକ୍ଷ ଶାସକ ଥିଲେ । ସେ ସାମନ୍ତ ମାନଙ୍କର ସହଯୋଗ ପାଇଥିଲେ । ତାଙ୍କ ପରେ ସିକନ୍ଦର ଲୋଦୀ ଶାସନ କରିଥିଲେ । ଲୋଦୀ ବଂଶର ଶେଷ ସୁଲତାନ୍ ଇବ୍ରାହିମ୍ ଲୋଦୀଙ୍କୁ ୧୫୨୬ ଖ୍ରୀଷ୍ଟାବ୍ଦ ପ୍ରଥମ ପାନିପଥ ଯୁଦ୍ଧରେ ବାବର ପରାସ୍ତ କରିଥିଲେ । ୧୧୯୨ ଖ୍ରୀଷ୍ଟାବ୍ଦରେ ଜନ୍ମ ନେଇଥିବା ସୁଲତାନୀ ସାମ୍ରାଜ୍ୟ ୧୫୨୬ ଖ୍ରୀଷ୍ଟାବ୍ଦରେ ଶେଷ ନିଶ୍ୱାସ ତ୍ୟାଗ କଲା । ଫଳରେ ଦିଲ୍ଲୀରେ ମୋଗଲ ସାମ୍ରାଜ୍ୟର ପ୍ରତିଷ୍ଠା ହେଲା ।

## TERMINAL QUESTIONS - ନିଜକୁ ନିଜେ ପରିଖିବା

1. ଗଜନୀ ମାହାମୁଦ କିଏ ? ସେ କାହିଁକି ଭାରତ ଆକ୍ରମଣ କରିଥିଲେ ?
2. କେଉଁମାନଙ୍କୁ ମାମଲୁକ୍ ସୁଲତାନ୍ କୁହାଯାଉଥିଲା ? ଇଲତୁତ୍‌ମିସ୍ କିପରି ନିଜ ସ୍ଥିତିକୁ ସୁଦୃଢ଼ କରିଥିଲେ ?
3. ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟରେ ଏକ କେନ୍ଦ୍ରୀୟ ସରକାରୀ ଶାସନ ପ୍ରତିଷ୍ଠା ପାଇଁ ବଲବନ୍ କି କି ପଦକ୍ଷେପ ନେଇଥିଲେ ?
4. ଆଲାଉଦ୍ଦିନ୍ ଖିଲିଜୀଙ୍କ ବଜାର ନିୟନ୍ତ୍ରଣ ନୀତି ବିଷୟରେ ସଂକ୍ଷେପରେ ବର୍ଣ୍ଣନା କର ।
5. ମହମ୍ମଦ ବିନ ତୋଗଲକ ଙ୍କର ରାଜଧାନୀ ପରିବର୍ତ୍ତନ ଏବଂ ତାମ୍ରମୁଦ୍ରା ପ୍ରଚଳନ ପଦକ୍ଷେପ ଉପରେ ବର୍ଣ୍ଣନା କର ।
6. ତୈମୁଲଲଙ୍ଗଙ୍କ ଭାରତ ଆକ୍ରମଣର ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟ ଉପରେ କ'ଣ ସବୁ ପ୍ରଭାବ ପଡ଼ିଥିଲା ?
7. ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟରେ ବଂଗ କାହିଁକି ଏକ ସମସ୍ୟା ରୂପେ ଦେଖାଦେଲା ।

## ANSWERS TO INTEXT QUESTIONS - ପ୍ରତ୍ୟାଶିତ ପୂର୍ବଜ୍ଞାନ

**9.1.**

1. a) ଘାଜୀ

   b) ପୃଥ୍ୱିରାଜ ଚୌହାନ୍ ଓ ମହମ୍ମଦ ଘୋରୀ

   c) କୁତ୍‌ବୁଦ୍ଦୀନ୍ ଆଇବାକ୍

2. ୧ ୧ ୯ ୨ ଖ୍ରୀଷ୍ଟାବ୍ଦ
3. ଗଜନୀର ମାହାମୁଦ ଭାରତରୁ ଧନରତ୍ନ ଲୁଣ୍ଠନ କରିବା ପାଇଁ ଆଗ୍ରହୀ ଥିଲେ କିନ୍ତୁ ମହମ୍ମଦ ଘୋରୀ ଭାରତରେ ତୁର୍କ ଶାସନ ପ୍ରତିଷ୍ଠା କରିବାକୁ ଚାହିଁଥିଲେ ।

**9.2.**

1. i) ଅମୀର ଓ ସାମନ୍ତ ମାନଙ୍କ ଅସନ୍ତୋଷ ଓ ବିଦ୍ରୋହ ।

   ii) ଅସଂଗଠିତ ଶାସନ ବ୍ୟବସ୍ଥା

   iii) ସୁଲତାନୀ ସାମ୍ରାଜ୍ୟର ଯେକୌଣସି ଦୁଇଟି ସୀମା ଚିହ୍ନିତ କର

2. ରାଜତନ୍ତ୍ରକୁ ସମର୍ଥନ ଜଣାଇବାକୁ ।
3. କୁତ୍‌ବୁଦ୍ଦୀନ୍ ଆଇବାକ୍ ।
4. i) କଡ଼ାନିୟମ୍ ଏବଂ ବିଳାସପୂର୍ଣ୍ଣ ଦରବାର

   ii) ରାଜତନ୍ତ୍ରର 'ନିୟମ' ଗଠନ କରିଥିଲେ ଏବଂ ସୁଲତାନ୍ ଓ ସାମନ୍ତ ମଧରେ ସଂପର୍କ ବିଷୟରେ ଉଲ୍ଲେଖ କରିଦେଲେ ।

9.3.

1. ରାଜପୁତ୍ ମାନଙ୍କର ନୈତିକ ବଳ ଓ ଶକ୍ତିକୁ ପ୍ରତିହତ କରିବା ପାଇଁ ରନ୍ଥମ୍ଭର ଅଧିକାର କରିବା ନିହାତି ଆବଶ୍ୟକ ଥିଲା ।

2. ମାଲିକାଫୁର

3. ଦେବଗିରି ଏବଂ ଭିଲସା

4. (i) ନିସ୍କର ଜମି ଭୋଗ କରୁଥିବା ପରିବାରମାନେ ଏଥର ଭୋଗ କରୁଥିବା ଜମି ଉପରେ ଖଜଣା ପ୍ରଦାନ କରିବେ ।

   (ii) ସୁଲତାନ୍ ଗୁପ୍ତଚର ବ୍ୟବସ୍ଥାର ପୁର୍ନଗଠନ କରି ଏହାକୁ ଅଧିକ କ୍ରିୟାଶୀଳ କରାଇଥିଲେ ।

   (iii) ମଦ୍ୟପାନ ନିଷେଧ କରାଗଲା ।

   (iv) ସୁଲତାନ୍‌ଙ୍କ ଅନୁମତି ବିନା ସାମନ୍ତମାନେ କୌଣସି ଜାଗାରେ ଏକତ୍ରିତ ହୋଇପାରିବେ ନାହିଁ କିମ୍ବା ବିବାହ କରିପାରିବେ ନାହିଁ ।

**9.4.**

1. ଗିୟାସୁଦ୍ଦୀନ୍ ତୋଗଲକ

2. ତାଙ୍କ ପୁତ୍ର ଜୁନା ଖାଁ

3. (a) ଦାକ୍ଷିଣାତ୍ୟ ଉପରେ ନିୟନ୍ତ୍ରଣ ରଖିବାକୁ

   (b) ସାମ୍ରାଜ୍ୟର କେନ୍ଦ୍ରସ୍ଥଳରେ ରାଜଧାନୀ ପ୍ରତିଷ୍ଠା କରିବାକୁ ।

4. ସୁଲତାନ୍‌ଙ୍କ ଦ୍ୱାର ପ୍ରଣିତ ତାମ୍ରମୁଦ୍ରା (ଜିତଲ)ର ମୂଲ୍ୟ ରୂପାମୁଦ୍ରା (ଟଙ୍କା) ସହ ସମାନ କରାଯାଇଥିଲା କାରଣ ରୂପା ଧାତୁର ଅଭାବ ଦେଖାଦେଇଥିଲା ।

**9.5**

1. ସାମନ୍ତମାନଙ୍କ ସହ ସମାନ ଆସନ

2. ଖିଜ୍ରି ଖାଁ

3. ୟାହିଆ ସିରିହିନ୍ଦ୍

4. ସାମନ୍ତମାନେ ଦରବାରରେ ଠିଆ ହୋଇ ସମ୍ମାନ ପ୍ରଦର୍ଶନ କରିବେ ଏବଂ ସୁଲତାନ୍‌ଙ୍କୁ ମାନିବେ ।

**9.6.**

1. ମଧ-ଏସିଆ ରାଜନୀତିରେ ପରିବର୍ତ୍ତନ ଏବଂ ଧନୀଲୋକ ମାନଙ୍କୁ ଲୁଣ୍ଠନ ।

2. ଉତ୍ତରାଧିକାର ପ୍ରଶ୍ନ ଥିଲା ସାମନ୍ତମାନଙ୍କ ମଧରେ ବିବାଦର କାରଣ ।

3. ସର୍‌କୀ ବଂଶ


4. ଗୀୟାସୁଦ୍ଦୀନ୍ ତୋଗଲକ ବଂଗକୁ ଲାଖନଉଟି, ସତଗାଁଓ ଏବଂ ସୋନାର ଗାଁଓ ଏହିପରି ତିନି ଭାଗରେ ବିଭକ୍ତ କରି ବଂଗଲ ସମସ୍ୟାକୁ ସମାଧାନ କରିବାକୁ ଚାହୁଁଥିଲେ ।

**HINTS TO TERMINAL QUESTIONS: ସଂକେତ**

1. ସେକ୍ସନ ୯.୨ ର ପାରା ୧ ଏବଂ ୨

2. ସେକ୍ସନ ୯.୪

3. ସେକ୍ସନ ୯.୪



ଟିପ୍ପଣି

4. ସେକ୍ସନ ୯.୫
5. ସେକ୍ସନ ୯.୬ ର ପ୍ରଥମ ପାରା ଓ ପ୍ରଥମ ବକ୍ସ, ଦ୍ୱିତୀୟ ପାରା ଓ ଦ୍ୱିତୀୟ ବକ୍ସ ।
6. ସେକ୍ସନ ୯.୯ର ପାରା ୩
7. ସେକ୍ସନ ୯.୯ର ପାରା ୧

**GLOSSARY:-**

| | |
|---|---|
| ଅମୀର | : କମାଣ୍ଡର୍, ଦିଲ୍ଲୀ ସୁଲତାନୀ ସରକାରର ତୃତୀୟ ଉଚ୍ଚପଦବୀ । |
| ଆରିଜ-ଇ-ମାମଲୁକ୍ | : ସାମରିକ ବିଭାଗର ମନ୍ତ୍ରୀ |
| ଅମୀର-ଇ-ଅଖୁର୍ | : ଅଶ୍ୱବିଭାଗର ମନ୍ତ୍ରୀ |
| ଅମୀର-ଇ-ତୁଜୁକ୍ | : ବିଭିନ୍ନ ଉତ୍ସବର ମନ୍ତ୍ରୀ |
| ବରିଦ୍ | : ଗୁପ୍ତଚର ବିଭାଗର ଅଫିସର୍ |
| ଚୌଗନ୍ | : ପୋଲୋଖେଳ |
| ଦଲାଲ୍ | : ଦଲାଲ୍ |
| ଦରବାର | : ରାଜାଙ୍କ ଦରବାର |
| ଦୋଆବ | : ଗଙ୍ଗା ଓ ଯମୁନା ନଦୀର ମଧ୍ୟବର୍ତ୍ତୀ ସ୍ଥାନ |
| ଦିୱାନ୍-ଇ-ଆରଜୁ | : ବଲବନଙ୍କ ସମୟରେ ଉନ୍ନୟନ ବିଭାଗର ମନ୍ତ୍ରୀ |
| ଇକତାଦାର | : (ଇକତାଧାରୀ) ଟଙ୍କା ବଦଳରେ ବେତନ ଆକାରରେ ମିଳିଥିବା ଜମିଇକ୍ତା ପାଇଥିବା ବ୍ୟକ୍ତି |
| ଜିଜିୟା | : ଅଣମୁସଲମାନଙ୍କ ଉପରେ ଧାର୍ଯ୍ୟ କର |
| ଜିତ୍ତଲ | : ତାମ୍ରମୁଦ୍ରା |
| ଖୁତୁବା | : ପ୍ରାର୍ଥନା |
| ଖ୍ୱାଜା | : ପ୍ରଭୁ, ବଣିକ |
| ମାଲିକ୍ | : ସୁଲତାନୀ ସରକାରର ଦ୍ୱିତୀୟ ଉଚ୍ଚ ପଦବୀ |
| ମାମଲୁକ | : କ୍ରିତଦାସ କର୍ମଚାରୀ |
| ମଣ୍ଡି | : ଶସ୍ୟ ବଜାର |
| ମୁନ୍‌ହିଆନ୍‌ସ | : ଗୁପ୍ତଚର |
| ନାଏବ୍ | : ଅଧସ୍ତନ କର୍ମଚାରୀ |
| ପାୟବସ୍ | : ପଦଚୁମ୍ବନ |
| ରାୟ ରେୟାନସ୍ | : ଦେବଗିରିର ରାମଦେବଙ୍କୁ ଆଲାଉଦ୍ଦିନ୍‌ଙ୍କ ପ୍ରଦତ୍ତ ଉପାଧି । |
| ସରାଇ ଆଦିଲ୍ | : ଲୁଗା ବଜାର |
| ଟଙ୍କା | : ସୁଲତାନୀ ଶାସନ ସମୟରେ ପ୍ରଚଳିତ ରୂପା ଟଙ୍କା |
| ଉଲେମା | : ମୁସଲମାନ୍ ଧର୍ମଯାଜକ |
| ଉମରା | : ଅମୀରମାନେ । ଅମୀର ଅର୍ଥ ସାମନ୍ତ ବା ଦିଲ୍ଲୀ ସୁଲତାନୀ ଶାସନର ଶାସକ ଗୋଷ୍ଠୀ । |

# 10

## ମୋଗଲ ଶାସନ ପ୍ରତିଷ୍ଠା

ପୂର୍ବ ଅଧ୍ୟାୟରେ ୧୨୦୬ ଖ୍ରୀ:ଅ: ରୁ ୧୫୨୬ ଖ୍ରୀ:ଅ: ମଧ୍ୟରେ ଆମେ ଦିଲ୍ଲୀରେ ସୁଲତାନୀ ସାମ୍ରାଜ୍ୟର ପ୍ରତିଷ୍ଠା ଓ ଗଠନ ସମ୍ବନ୍ଧରେ ଅଧ୍ୟୟନ କଲେ । ଏହି ସମୟ ମଧ୍ୟରେ ତୁର୍କ ଓ ଆଫଗାନ ବଂଶର ଶାସକ ମାନେ ଶାସନ କରିଥିଲେ । ଏହି ସମୟ ମଧ୍ୟରେ ତୁର୍କ ଓ ଆଫଗାନ୍ ମାନଙ୍କ ମଧ୍ୟରେ ଅବିରତ ସଂଘର୍ଷ ଲାଗି ରହିଥିଲା । ବିଭିନ୍ନ ଆଞ୍ଚଳିକ ଶକ୍ତିମାନଙ୍କର ଉତ୍‌ଥାନ ହେତୁ ଦିଲ୍ଲୀସୁଲତାନୀ ଶାସନର ପତନ ହୋଇଥିଲା । ତେଣୁ ବାବର ଯେତେବେଳେ ଭାରତ ଆକ୍ରମଣ କଲେ ସେତେବେଳେ ୧୫୨୬ ଖ୍ରୀଷ୍ଟାବ୍ଦ ବେଳକୁ ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟ ଦୁର୍ବଳ ହୋଇ ପଡ଼ିଥିଲା ଏବଂ ଅନେକ ସ୍ୱାଧୀନ ରାଜ୍ୟ ମଧ୍ୟ ସେ ସମୟରେ ମୁଣ୍ଡ ଟେକି ଉଠିଥିଲା । କେବଳ ଦିଲ୍ଲୀ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ସୁଲତାନ୍ ଇବ୍ରାହିମ୍ ଲୋଦୀଙ୍କ ଅଧୀନରେ ଥିଲା । ଅନ୍ୟାନ୍ୟ ପ୍ରଧାନ ରାଜ୍ୟ ଗୁଡ଼ିକ ହେଲା ଗୁଜୁରାଟ, ମାଳବ, ବଂଗ, ବିଜାପୁର, ଗୋଲକୁଣ୍ଡା, ଅହମ୍ମଦନଗର, ବେରାର, ମେବାର ଏବଂ ଦକ୍ଷିଣର ବିଜୟନଗର ଇତ୍ୟାଦି । ଏତଦ୍‌ବ୍ୟତୀତ ଦେଶର ଅଧିକାଂଶ ସ୍ଥାନରେ ଛୋଟ ଛୋଟ ସ୍ୱୟଂଶାସିତ ରାଜ୍ୟମାନ ଦେଖିବାକୁ ମିଳିଥିଲା ।

ଆମେ ଏହି ଅଧ୍ୟାୟରେ ମୋଗଲବଂଶ ନାମକ ଏକ ନୂତନ ରାଜବଂଶ କିପରି ଭାରତ ଜୟକରି ଶାସନ ପ୍ରତିଷ୍ଠା କଲା, ସେହି ବିଷୟରେ ପଢ଼ିବା । ଜାହିରୁଦ୍ଦିନ୍ ମହମ୍ମଦ ବାବର ନାମକ ଜଣେ ସୁଦକ୍ଷ ସାମରିକ ସେନାଧ୍ୟକ୍ଷ ଏବଂ ଦକ୍ଷ ପ୍ରଶାସକଙ୍କ ନେତୃତ୍ୱରେ ମୋଗଲ ମାନେ ମଧ୍ୟ-ଏସିଆରୁ ଆସି ଭାରତ ଆକ୍ରମଣ କରିଥିଲେ । କ୍ରମଶଃ ତାଙ୍କ ଉତ୍ତରାଧିକାରୀ ମାନେ ଭାରତରେ ଏକ ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିବାରେ ସଫଳତା ହାସଲ କରିଥିଲେ । ଆମେ ଏହି ଅଧ୍ୟାୟରେ ବିସ୍ତୃତ ଭାବେ ସେମାନଙ୍କର ରାଜ୍ୟଜୟ ଓ ଶାସନ ପ୍ରଣାଳୀ ସମ୍ପର୍କରେ ପଢ଼ିବା । ବାବରଙ୍କ ଭାରତ ବିଜୟ ସହିତ ଆମେ ପାଠ ଆରମ୍ଭ କରିବା ।

### OBJECTIVES - ଉଦ୍ଦେଶ୍ୟ

**ଆମେ ଏହି ବିଷୟ ଅଧ୍ୟୟନ କରି ନିମ୍ନଲିଖିତ ବିଷୟରେ ଅବଗତ ହୋଇପାରିବା ।**

- କେଉଁ ପରିସ୍ଥିତିରେ ବାବର ଭାରତ ଜୟ କଲେ ।
- ଭାରତୀୟ ଶାସକ ମାନଙ୍କ ବିରୁଦ୍ଧରେ ମୋଗଲ ମାନଙ୍କର ସଫଳତାର କାରଣ ।
- ବାବରଙ୍କ ମୃତ୍ୟୁପରେ ହୁମାୟୁନ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟା ।
- ହୁମାୟୁନଙ୍କର ପରାଜୟ ଏବଂ ଆଫଗାନ ଶକ୍ତିର ଉତ୍‌ଥାନର କାରଣ ।
- ହୁମାୟୁନଙ୍କର ପୁନର୍ବାର ଭାରତ ଅଧିକାରର ଘଟଣାବଳୀ ।
- ଆକବରଙ୍କ ସମୟରେ ମୋଗଲ ସାମ୍ରାଜ୍ୟର ବିସ୍ତାର ଓ ଗଠନ ।
- ଆଉରଙ୍ଗଜେବ୍‌ଙ୍କ ରାଜତ୍ୱ ପର୍ଯ୍ୟନ୍ତ ମୋଗଲ ସାମ୍ରାଜ୍ୟର ସୀମା ବିସ୍ତାର ଏବଂ
- ମୋଗଲ ସାମ୍ରାଜ୍ୟ ଗଠିତ ହେବା ପାଇଁ ସମ୍ମୁଖୀନ ହୋଇଥିବା ବାଧା ଓ ପ୍ରତିବନ୍ଧକ

## 10.1 ADVENT OF BABUR (1526-30)
## ବାବରଙ୍କ ଆର୍ବିଭାବ ୧୫୨୬ ଖ୍ରୀ:ଅ: ରୁ ୧୫୩୦ ଖ୍ରୀ:ଅ:

ବାବର ତାଙ୍କ ପିତାଙ୍କ ମୃତ୍ୟୁ ପରେ ମାତ୍ର ୧୨ ବର୍ଷ ବୟସରେ ୧୪୯୪ ଖ୍ରୀଷ୍ଟାବ୍ଦରେ ଟ୍ରାନ୍ସ ଅକ୍ସିଆନାର ଫରଗଣା ନାମକ ଏକ ଛୋଟ ରାଜ୍ୟର ସିଂହାସନ ଆରୋହଣ କରିଥିଲେ । ସେ ସମୟରେ ମଧ ଏସିଆର ପରିସ୍ଥିତି ଭଲ ନଥିଲା । ତେଣୁ ବାବର ସେଠାକାର ସାମନ୍ତମାନଙ୍କ ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ । ସେ ପ୍ରଥମେ ଯଦିଓ ସମରକନ୍ଦ ଅଧିକାର କରିବାକୁ ସମର୍ଥ ହୋଇଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ହରାଇଥିଲେ । ସେ ମଧ ନିଜ ପୈତୃକ ରାଜ୍ୟ ଫରଗଣାକୁ ମଧ ଉଜୁବେଗ୍‌ମାନଙ୍କ କବଳରୁ ରକ୍ଷା କରିପାରି ନଥିଲେ ।

ତେଣୁ, ବାବରଙ୍କ ପାଇଁ ମଧ-ଏସିଆରେ କିଛି କରିବା ସମ୍ଭବ ନଥିଲା । ତେଣୁ ସେ ହିନ୍ଦୁସ୍ଥାନ୍ ଆକ୍ରମଣ ପାଇଁ ଏହି ସମୟରେ ଯୋଜନା କରିଥିଲେ । ଶେଷରେ ୧୫୧୭ ପରଠାରୁ ସେ ଭାରତ ଅଭିମୁଖେ ଯାତ୍ରା ପାଇଁ ପ୍ରସ୍ତୁତ ହେଲେ । ସେତେବେଳେ ଭାରତର କେତେକ ଘଟଣା ତାଙ୍କୁ ଭାରତ ଆକ୍ରମଣ ପାଇଁ ଉତ୍ସାହିତ କରିଥିଲା ।

### ତୈମୁରଲଙ୍ଗଙ୍କ ବଂଶଧର

ବାବର ଉଭୟ ତୈମୁରଲଙ୍ଗ ଏବଂ ଚେଙ୍ଗିଜ୍ ଖାଁ ଙ୍କର ବଂଶଧର ଥିଲେ । ସେ ପିତାଙ୍କ ଆଡ଼ୁ ତୈମୁରଲଙ୍ଗଙ୍କ ବଂଶଧର ଥିବାବେଳେ ମାତାଙ୍କ ଆଡ଼ୁ ଦୁର୍ଦ୍ଧର୍ଷ ମଙ୍ଗୋଲ ବୀର ଚେଙ୍ଗିଜ ଖାଁ ଙ୍କର ବଂଶଧର ଥିଲେ ।

ସିକନ୍ଦର ଲୋଦୀଙ୍କର ମୃତ୍ୟୁ ପରେ ଭାରତର ରାଜନୈତିକ ଅସ୍ଥିରତା ତଥା ପ୍ରଜାଙ୍କ ଅସନ୍ତୋଷ ବିଷୟରେ ବାବର ଭଲ ଭାବରେ ହୃଦୟଙ୍ଗମ କରିଥିଲେ । ଏହି ସମୟରେ କେତେକ ଆଫଗାନ ନେତାଙ୍କ ସହ ଇବ୍ରାହିମ୍ ଲୋଦୀଙ୍କ ସଂଘର୍ଷ ହେଲା । ସେମାନଙ୍କ ମଧରେ ପ୍ରଧାନ ଥିଲେ ପଞ୍ଜାବର ଗଭର୍ଣ୍ଣର ଦୌଲତ ଖାଁ ଲୋଦୀ । ମେବାରର ରାଜପୁତ୍ ରାଜା ରାଣାସଂଘ ମଧ ନିଜର ସ୍ୱାଧୀନତା ଘୋଷଣା କରିଥିଲେ ଏବଂ ଉତ୍ତର ଭାରତ ଆଡ଼କୁ ନିଜ ସାମ୍ରାଜ୍ୟର ସୀମା ବୃଦ୍ଧି କରିବା ପାଇଁ ଉଦ୍ୟମ କରୁଥିଲେ । ସେ ଉଭୟ ବାବରଙ୍କୁ ଭାରତ ଆକ୍ରମଣ କରିବା ପାଇଁ ନିମନ୍ତ୍ରଣ କରିଥିଲେ ।

ବାବର ୧୫୧୯-୨୦ ଖ୍ରୀଷ୍ଟାବ୍ଦରେ ସଫଳତାର ସହିତ ଭୀରା ଅଧିକାର କଲେ । ୧୫୨୦ ରେ ସିଆଲକୋଟ୍ ଏବଂ ୧୫୨୪ରେ ଲାହୋର ଅଧିକାର କଲେ ଯାହାକି ପଞ୍ଜାବରେ ଥିଲା । ସର୍ବଶେଷରେ ୧୫୨୬ ଖ୍ରୀଷ୍ଟାବ୍ଦରେ ପାନିପଥ ନାମକ ସ୍ଥାନରେ ବାବର ଏବଂ ଇବ୍ରାହିମ୍ ଲୋଦୀଙ୍କ ସୈନ୍ୟବାହିନୀ ମଧରେ ଯୁଦ୍ଧ ଆରମ୍ଭ ହେଲା । ବାବରଙ୍କ ସୈନ୍ୟବାହିନୀର ସଂଖ୍ୟା କମ୍ ଥିଲା । କିନ୍ତୁ ବାବରଙ୍କ ଯୁଦ୍ଧ ପରିଚ୍ଚାଳନା ଅତ୍ୟନ୍ତ ଉଚ୍ଚକୋଟୀର ଥିଲା । ଫଳରେ ପାନିପଥ ଯୁଦ୍ଧରେ ଇବ୍ରାହିମ୍ ଲୋଦୀ ପରାସ୍ତ ହେଲେ । ବାବରଙ୍କ ପାନିପଥ ଯୁଦ୍ଧରେ ବିଜୟ ଥିଲା ଏକ ସ୍ମରଣୀୟ କୃତିତ୍ୱ । ବାବର ସୈନ୍ୟ ସଂଖ୍ୟା ମାତ୍ର ୧୨୦୦୦ ଥିଲାବେଳେ ଇବ୍ରାହିମ୍‌ଙ୍କ ସୈନ୍ୟ ସଂଖ୍ୟା ଥିଲା ଏକ ଲକ୍ଷ । କିନ୍ତୁ ବାବରଙ୍କ କମାଣ ବାହିନୀ ଆଗ୍ନେୟାସ୍ତ୍ର ପ୍ରୟୋଗ କରି ଇବ୍ରାହିମ୍‌ଙ୍କ ସୈନ୍ୟବାହିନୀର ଅଶେଷ କ୍ଷତି କରିଥିଲା । ଇବ୍ରାହିମ୍ ଲୋଦୀ ଯୁଦ୍ଧ କ୍ଷେତ୍ରରେ ପ୍ରାଣ ତ୍ୟାଗ କଲେ । ତେଣୁ ବାବର ଉଭୟ ଦିଲ୍ଲୀ ଏବଂ ଆଗ୍ରା ଅଧିକାର କଲେ ଏବଂ ଅଜସ୍ର ଧନସମ୍ପଦ ଲାଭ କଲେ । ଏହି ଧନକୁ ସେନାଧକ୍ଷ ଏବଂ ସୈନ୍ୟ ମାନଙ୍କ ମଧରେ ବାବର ବାଣ୍ଟିଦେଲେ ।


ପାନିପଥ ବିଜୟ ବାବରଙ୍କୁ ଏକ ପ୍ରକୃଷ୍ଟ କ୍ଷେତ୍ର ପ୍ରଦାନ କଲା ସାମ୍ରାଜ୍ୟ ଗଠନ ପାଇଁ । କିନ୍ତୁ ବାବରଙ୍କ ସମ୍ମୁଖରେ କେତେଗୁଡ଼ିଏ ସମସ୍ୟା ଥିଲା ।

*i)* ବାବରଙ୍କ ସେନାଧକ୍ଷ ଓ ସୈନ୍ୟମାନେ ମଧ-ଏସିଆକୁ ପ୍ରତ୍ୟାବର୍ତ୍ତନ କରିବାକୁ ଆଗ୍ରହୀ ଥିଲେ । ତାଙ୍କୁ ଭାରତର ଜଳବାୟୁ ଭଲଲାଗୁ ନଥିଲା । ସେମାନେ ମଧ ଭାରତୀୟ ସଂସ୍କୃତି ସହିତ ନିଜକୁ ଖାପ ଖୁଆଇ ଚଳି ପାରୁନଥିଲେ ।

*ii)* ରାଜପୁତ୍ ରାଜାମାନେ ମେବାରର ରାଜା ରାଣା ସଂଘଙ୍କ ନେତୃତ୍ୱରେ ଏକତ୍ରିତ ହୋଇ ମୋଗଲମାନଙ୍କୁ ଭାରତରୁ ବିତାଡ଼ିତ କରିବା ପାଇଁ ଚାହୁଁଥିଲେ ।

*iii)* ଆଫଗାନ୍‌ମାନେ ଯଦିଓ ପ୍ରଥମ ପାନିପଥ ଯୁଦ୍ଧରେ ପରାଜିତ ହୋଇଥିଲେ, ତଥାପି ସେମାନେ ଏକ ବୃହତ୍ ଶକ୍ତିରୂପେ ପୂର୍ବ ଉତ୍ତରପ୍ରଦେଶ, ବିହାର ଓ ବଂଗରେ ପ୍ରତିଭାତ ହୋଇଥିଲେ । ସେମାନେ ତାଙ୍କ ହରାଇଥିବା ଶକ୍ତିକୁ ପୁର୍ନବାର ଫେରିପାଇବା ପାଇଁ ଉଦ୍ୟମ କରୁଥିଲେ ।

ପ୍ରଥମ ସମସ୍ୟାକୁ ସମାଧାନ କରିବାକୁ ଯାଇ ବାବର ତାଙ୍କର ସହଯୋଗୀ ଓ ସାମନ୍ତ ମାନଙ୍କୁ ବୁଝା ସୁଝା କରି ବିଜିତ ରାଜ୍ୟ ଗୁଡ଼ିକର ଗଠନରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ଏଥିରେ ସେ ସଫଳତା ପାଇଥିଲେ । ସେ ନିଜର ପୁତ୍ର ହୁମାୟୁନ୍‌ଙ୍କୁ ପୂର୍ବରେ ଥିବା ଆଫଗାନ ମାନଙ୍କ ବିରୁଦ୍ଧରେ ପ୍ରେରଣ କରିଥିଲେ । ମେବାର ରାଜା ରାଣାସଂଘ ଅସଂଖ୍ୟ ରାଜପୁତ୍ ରାଜାମାନଙ୍କର ସହାୟତା ଲାଭ କରିଥିଲେ । ଏହିମାନଙ୍କ ମଧ୍ୟରେ ମୁଖ୍ୟ ରାଜ୍ୟ ଗୁଡ଼ିକ ଥିଲା ଜାଲୋର, ସିରୋହିନ୍ଦ୍, ଡୁଙ୍ଗରପୁର, ଅମ୍ବର, ମିରଟ ଇତ୍ୟାଦି । ଚାନ୍ଦେରୀର ମେଦିନ୍ ରାୟ, ମେୱାଟ୍‌ର ହାସନ୍ ଖାଁ, ସିକନ୍ଦର ଲୋଦୀଙ୍କର କନିଷ୍ଠ ପୁତ୍ର ମାହମୁଦ ଲୋଦୀ ରାଣାଙ୍କ ସହ ଯୋଗ ଦେଇଥିଲେ । ରାଣାସଂଘ ଆଶା କରିଥିଲେ ଯେ ବାବର କାବୁଲକୁ ପ୍ରତ୍ୟାବର୍ତ୍ତନ କରିବେ । କିନ୍ତୁ ବାବରଙ୍କ ଏଠାରେ ରହିବାର କଥା ଲକ୍ଷ୍ୟ କରି ରାଣସଂଘ ନିରାଶ ହୋଇଥିଲେ । ବାବର ମଧ୍ୟ ଅନୁଭବ କରିଥିଲେ ଯେ ରାଣାସଂଘ ଙ୍କର ଶକ୍ତିକୁ ଧ୍ୱଂସ ନ କରିବା ଯାଏ ଭାରତରେ ସାମ୍ରାଜ୍ୟ ପ୍ରତିଷ୍ଠା କରିବା ସମ୍ଭବ ନୁହେଁ । ବାବରଙ୍କ ସୈନ୍ୟ ବାହିନୀ ଓ ରାଣା ଙ୍କ ସୈନ୍ୟ ବାହିନୀ ଖାନୁଆ ନାମ ସ୍ଥାନରେ ଯୁଦ୍ଧ ପାଇଁ ମୁହାଁମୁହିଁ ହେଲେ । ଏହି ସ୍ଥାନଟି ଫତେପୁର ସିକ୍ରିଠାରେ ଅବସ୍ଥିତ ଥିଲା । ୧୫୨୭ ଖ୍ରୀ:ଅ:ରେ ରାଣାସଂଘ ପରାସ୍ତ ହେଲେ । ପୁନଶ୍ଚ ବାବରଙ୍କ ସାମରିକ ସୁପରିଚାଳନା ପାଇଁ ସେ ସଫଳତା ହାସଲ କଲେ । ରାଣାସଂଘଙ୍କ ପରାଜୟ ପରେ ମୋଗଲ ସାମ୍ରାଜ୍ୟର ପ୍ରତିଷ୍ଠା ପାଇଁ ଥିବା ବିରାଟ ସମସ୍ୟା ଦୂର ହୋଇଗଲା ।




ମାନଚିତ୍ର ୧୦.୧. ମୋଗଲମାନଙ୍କର ପ୍ରଥମ ଅଭିଯାନ :-

ଯଦିଓ ମେବାରର ରାଜପୁତ୍‌ମାନେ ଖାନୁଆ ଯୁଦ୍ଧର ପରାଜୟର ଗ୍ଳାନିରେ ଗଭୀର ଭାବେ ମର୍ମାହତ ହୋଇଥିଲେ, ମାଳବର ଶାସକ ମେଦିନ ରାୟ ତଥାପି ବାବରଙ୍କୁ ପ୍ରତିରୋଧ କରିବାକୁ ଶକ୍ତି ସଂଚୟ କରିଥିଲେ । ୧୫୨୮ ଖ୍ରୀ:ଅ:ରେ ବାବରଙ୍କ ଚନ୍ଦେରୀ ଦୁର୍ଗ ଅବରୋଧ ସମୟରେ ରାଜପୁତ୍ ମାନେ ଯେପରି ବୀରତ୍ୱର ପରକାଷ୍ଠା ପ୍ରଦର୍ଶନ କରିଥିଲେ, ବାବରଙ୍କୁ ମେଦିନ ରାଓଙ୍କ ବିରୁଦ୍ଧରେ ବିଶେଷ କଷ୍ଟକରିବାକୁ ପଡ଼ି ନଥିଲା । ମେଦିନ ରାଓଙ୍କ ପରାଜୟ ପରେ ରାଜପୁତନା ବାବରଙ୍କୁ ବାଧା ଦେବାରେ ସକ୍ଷମ ହୋଇ ନଥିଲେ । ଏହା ସଂପୂର୍ଣ୍ଣ ରୂପେ ଛାରଖାର ହୋଇଯାଇଥିଲା । କିନ୍ତୁ ବାବରଙ୍କୁ ଆଫଗାନ ମାନଙ୍କ ସହିତ ସମ୍ମୁଖୀନ ହେବାର ଥିଲା । କିନ୍ତୁ ଆଫଗାନ ମାନେ ଦିଲ୍ଲୀ ସହ ଆତ୍ମସମର୍ପଣ କଲେ । କିନ୍ତୁ ସେମାନେ ବିହାର ଏବଂ ଜୌନପୁରରେ ଶକ୍ତିଶାଳୀ ଥିଲେ । ଖାନୁଆ ଠାରେ ଆଫଗାନ ଓ ରାଜପୁତ୍ ମାନଙ୍କ ମିଳିତବାହିନୀର ପରାଜୟର ଫଳାଫଳ ଅତ୍ୟନ୍ତ ସୁଦୂର-ପ୍ରସାରୀ ଥିଲା । ତଥାପି ପ୍ରତିରୋଧ କମି ନଥିଲା । ସେ ଯାହା ହେଉନା କାହିଁକି, ଏହି ବିଜୟ ଗୁଡ଼ିକ ମୋଗଲ ସାମ୍ରାଜ୍ୟ ଗଠନ ଦିଗରେ ଥିଲା ପ୍ରଥମ ସୋପାନ । ବାବର ୧୫୩୦ ଖ୍ରୀଷ୍ଟାବ୍ଦରେ ମୃତ୍ୟୁବରଣ କରିଥିଲେ । ତଥାପି ଗୁଜୁରାଟ ମାଳବ ଏବଂ ବଂଗ ସାମରିକ ଦୃଷ୍ଟିକୋଣରୁ ଶକ୍ତିଶାଳୀ ଥିଲେ ଏବଂ ସେମାନଙ୍କୁ ସଂପୂର୍ଣ୍ଣ ରୂପେ ଦମନ କରାଯାଇ ପାରିନଥିଲା । ଏହି ଅସମାପ୍ତ କାର୍ଯ୍ୟକୁ ସମାପ୍ତ କରିବା ପାଇଁ ହୁମାୟୁନଙ୍କ ଦାୟିତ୍ୱ ଥିଲା ।

### INTEXT QUESTIONS 10.1 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ବାବର କାହିଁକି ଭାରତ ଆକ୍ରମଣ କରିଥିଲେ ?

   ______________________________

2. ପାନିପଥ ଠାରେ ବାବରଙ୍କ ଯୁଦ୍ଧ କୌଶଳ କ'ଣ ଥିଲା ?

   ______________________________

3. ପାନିପଥ ଯୁଦ୍ଧପରେ ବାବର କେଉଁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ?

   ______________________________

4. ରାଜପୁତନାର କେଉଁ ଦୁଇରାଜା ବାବରଙ୍କ ଦ୍ୱାରା ପରାସ୍ତ ହୋଇଥିଲେ ?

   ______________________________

## 2.2. HUMAYUN'S RETREAT AND AFGHAN REVIVAL - 1530-1540
## ହୁମ୍ମାୟୁନଙ୍କର ପଛ ଘୁଞ୍ଚା ଏବଂ ଆଫଗାନ ଶକ୍ତିର ଉତ୍‌ଥାନ - ୧୫୩୦-୧୫୪୦

୧୫୩୦ ଖ୍ରୀ:ଅ:ରେ ବାବରଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ର ତଥା ଉତ୍ତରାଧିକାରୀ ହୁମାୟୁନ ସିଂହାସନ ଆରୋହଣ କଲେ । ହୁମାୟୁନଙ୍କ ସମୟରେ ପରିସ୍ଥିତି ଅତ୍ୟନ୍ତ ଦୟନୀୟ ଥିଲା । ତାଙ୍କ ସମ୍ମୁଖରେ ଥିବା ସମସ୍ୟା ଗୁଡ଼ିକ ଥିଲା ନିମ୍ନ ପ୍ରକାରର ।

1. ନୂତନ ଭାବେ ବିଜିତ ରାଜ୍ୟ ଗୁଡ଼ିକର ପୁର୍ନଗଠନ ହୋଇନଥିଲା ଏବଂ ସେଠାରେ ଶାସନ ବ୍ୟବସ୍ଥା ପ୍ରଣୟନ କରାଯାଇନଥିଲା ।

2. ବାବରଙ୍କ ପରି ହୁମାୟୁନ ସମ୍ମାନ ମୋଗଲ ସାମନ୍ତଙ୍କ ଠାରୁ ପାଇ ନଥିଲେ ।

3. ଚଗତାଇ ସାମନ୍ତମାନେ ହୁମାୟୁନଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରୁନଥିଲେ । ଯେଉଁ ଭାରତୀୟ ସାମନ୍ତମାନେ ବାବରଙ୍କ ଶାସନରେ ଯୋଗ ଦେଇଥିଲେ, ହୁମାୟୁନ ସିଂହାସନ ଆରୋହଣ କଲାପରେ ସେମାନେ ଛାଡ଼ି ଚାଲିଗଲେ ।


4. ହୁମାୟୁନ ଗୋଟିଏ ପଟେ ବିହାରରେ ଆଫଗାନ ନେତା ସେର ଖାଁଙ୍କ ବିରୁଦ୍ଧର ସମ୍ମୁଖୀନ ହେଲାବେଳେ ଅନ୍ୟ ଗୋଟିଏ ପଟେ ଗୁଜୁରାଟ୍‌ର ଶାସକ ବାହାଦୂରଶାହାଙ୍କ ବିରୁଦ୍ଧରେ ସମ୍ମୁଖୀନ ହୋଇଥିଲେ ।

5. ତିମୁରମାନଙ୍କ କୀମ୍ବଦନ୍ତୀ ଅନୁଯାୟୀ ହୁମାୟୁନ ତାଙ୍କ ଭାଇମାନଙ୍କ ମଧ୍ୟରେ କ୍ଷମତା ବଣ୍ଟି ଦେବାର ଥିଲା । ନୂତନଭାବେ ପ୍ରତିଷ୍ଠିତ ମୋଗଲ ସାମ୍ରାଜ୍ୟର ଦୁଇଟି କ୍ଷମତା କେନ୍ଦ୍ର ହେଲା । ହୁମାୟୁନ ଦିଲ୍ଲୀ, ଆଗ୍ରା ଏବଂ ମଧ୍ୟ-ଭାରତରେ ଥିଲାବେଳେ ତାଙ୍କ ଭାଇ କାମରାନଙ୍କ ଅଧୀନରେ ଆଫଗାନସ୍ଥାନ ଏବଂ ପଞ୍ଜାବ ଅବସ୍ଥିତ ଥିଲା ।

ହୁମାୟୁନ ଅନୁଭବ କଲେ ଯେ ଆଫଗାନମାନେ ହେଉଛନ୍ତି ମୋଗଲ ସାମ୍ରାଜ୍ୟ ପାଇଁ ଭୟଙ୍କର ବିପଦ । ସେ ପୂର୍ବ ଏବଂ ପଶ୍ଚିମରେ ଆଫଗାନ୍ ମାନଙ୍କ ସହିତ ମିଳିତ ଯୁଦ୍ଧକୁ ଏଡ଼ାଇ ଦେଇ ଯାଇଥିଲେ । ସେହି ସମୟରେ ବାହାଦୁର ଶାହା ଭିଲ୍‌ସା, ରାଇସିନ୍, ଉଜ୍ଜୟିନୀ ଏବଂ ଗାଗରନ୍ ଇତ୍ୟାଦି ଅଧିକାର କରି ନେଇଥିଲେ ଏବଂ ସେଠାରେ ନିଜର ଶାସନ ପ୍ରତିଷ୍ଠା କରିଥିଲେ । ଯେତେବେଳେ ହୁମାୟୁନ ପୂର୍ବରେ ଚୂନାର ଅଧିକାର କଲେ ସେତେବେଳେ ବାହାଦୁର ଶାହା ମାଳବ ଏବଂ ରାଜପୁତନା ଆଡ଼କୁ ସାମ୍ରାଜ୍ୟ ବିସ୍ତାର କଲେ । ଏହି ପରିପ୍ରେକ୍ଷୀରେ ହୁମାୟୁନ୍ ୧୫୩୨-୩୩ ଖ୍ରୀଷ୍ଟାବ୍ଦରେ ଆଗ୍ରାକୁ ପ୍ରତ୍ୟାବର୍ତ୍ତନ କଲେ । ସାମ୍ରାଜ୍ୟ ବିସ୍ତାର ନୀତିକୁ ଚାଲୁରଖି ବାହାଦୁରଶାହା ୧୫୩୪ ଖ୍ରୀଷ୍ଟାବ୍ଦରେ ଚିତୋର ଆକ୍ରମଣ କଲେ । ଚିତୋରର ଅବସ୍ଥିତି ଅତ୍ୟନ୍ତ ଶକ୍ତିଶାଳୀ ଥିଲା । ଫଳରେ ରାଜସ୍ଥାନର ଆଜମୀର, ନାଗୋର ଏବଂ ରନ୍ଥମ୍ବର ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର ପାଇଁ ସହାୟକ ହୋଇଥିଲା । ହୁମାୟୁନ ମାଣ୍ଡୁ ଅଧିକାର କରି ସେଠାରେ ଶିବିର ପକାଇ ରହିଲେ । କାରଣ ସେ ଚିନ୍ତା କଲେ ଯେ ସେ ଏହିଠାରେ ରହି ବାହାଦୁର ଶାହାଙ୍କର ଗତିରୋଧ କରିବେ, ଯେପରି ବାହାଦୁର ଶାହା ଗୁଜୁରାଟକୁ ପ୍ରତ୍ୟାବର୍ତ୍ତନ କରିପାରିବେ ନାହିଁ । ହୁମାୟୁନଙ୍କର ଦୀର୍ଘଦିନର ଅନୁପସ୍ଥିତି ପାଇଁ ଆଗ୍ରା ଏବଂ ଦୋଆବରେ ବିଦ୍ରୋହ ଦେଖାଦେଲା । ତତ୍‌କ୍ଷଣାତ୍ ହୁମାୟୁନ୍ ସେଠାକୁ ପ୍ରତ୍ୟାବ□ନ କଲେ । ହୁମାୟୁନ ତାଙ୍କ ଭାଇ ମିର୍ଜା ଆସ୍‌କାରୀଙ୍କୁ ମାଣ୍ଡୁର ଶାସକ ଭାବେ ନିଯୁକ୍ତ କଲେ । ବାହାଦୁର ଶାହାଙ୍କୁ ଗୁଜୁରାଟରେ ଅବରୋଧ ପାଇଁ ହୁମାୟୁନ ବ୍ୟସ୍ତ ଥିଲାବେଳେ ଶେରଶାହ ବିହାର ଏବଂ ବଂଗରେ ନିଜର ସ୍ଥିତି ସୁଦୃଢ଼ କରିବା ପାଇଁ ଉଦ୍ୟମ କଲେ ।

### ଶେରଶାହା ସୁରୀଙ୍କ ଉତ୍‌ଥାନ

ଶେରଶାହା ଥିଲେ ଜୌନପୁର ରାଜ୍ୟର ଜଣେ ଜାଗିରଦାରଙ୍କ ପୁତ୍ର । ତାଙ୍କର ବାଲ୍ୟନାମ ଥିଲା ଫରିଦ୍ । ସେ ମଧ୍ୟ ଶେର ଖାଁ ରୂପେ ପରିଚିତ ଥିଲେ । ଲୋଦୀ ବଂଶର ଶାସନ ସମୟରେ ଶେର ଶାହଙ୍କ ପିତା ହାସନ ଖାଁ ବିହାରର ସାସାରାମର ଜାଗିରଦାର ରୂପେ କାର୍ଯ୍ୟ କରୁଥିଲେ । ଜାଗିରି ପରିଚାଳନାରେ ଶେରଶାହ ତାଙ୍କ ପିତାଙ୍କୁ ସାହାଯ୍ୟ କରୁଥିଲେ । ପରବର୍ତ୍ତୀ ଅବସ୍ଥାରେ ତାଙ୍କ ବାପାଙ୍କ ସହିତ ତାଙ୍କର କୌଣସି କାରଣରୁ ମନୋମାଳିନ୍ୟ ହୋଇ ସେ ପିତାଙ୍କୁ ଛାଡ଼ି ଚାଲିଗଲେ । ସେ ଜଣେ ଆଫଗାନ୍ ସାମନ୍ତଙ୍କ ନିକଟରେ ଚାକିରୀ କଲେ । ୧୫୨୪ ଖ୍ରୀଷ୍ଟାବ୍ଦରେ ତାଙ୍କ ପିତାଙ୍କ ମୃତ୍ୟୁପରେ ଇବ୍ରାହିମ୍ ଲୋଦୀ ତାଙ୍କୁ ତାଙ୍କ ପିତାଙ୍କ ଜାଗିରି ଫେରାଇ ଦେଇଥିଲେ । ଏହି ଜାଗିରିକୁ ଅଧିକାର କରିବା ପାଇଁ ଏକ ପାରିବାରିକ ସଂଘର୍ଷ ସୃଷ୍ଟି ହୋଇଥିଲା । ସେ ଦକ୍ଷତାର ସହିତ ତାଙ୍କ ପିତାଙ୍କ ଜାଗିରିର ସୁପରିଚାଳନା କରିଥିଲେ । ସେ ମଧ୍ୟ ଉଚ୍ଚକୋଟୀର ସାମରିକ ଏବଂ ପ୍ରଶାସନିକ ତାଲିମ୍ ପ୍ରାପ୍ତ ହୋଇଥିଲେ । ତାଙ୍କର ସାମର୍ଥ୍ୟ ତାଙ୍କୁ ଆଫଗାନମାନଙ୍କର ନେତୃତ୍ୱ ନେବା ପାଇଁ ବାଧ କରିଥିଲା । ସେ କ୍ରମେ କ୍ରମେ ତାଙ୍କର ପ୍ରାଧାନ୍ୟ ବୃଦ୍ଧି କରିଥିଲେ ଏବଂ ବଂଗର ଶାସକ ସୁଲତାନ୍ ମାହାମୁଦ ଶାହାଙ୍କୁ ପରାସ୍ତ କରିଥିଲେ । ପୂର୍ବାଞ୍ଚଳର ଜଣେ ଶକ୍ତିଶାଳୀ ସାମରିକ ସେନାଧ୍ୟକ୍ଷ ରୂପେ ତାଙ୍କର ଉତ୍‌ଥାନ ହେଲା । ଶେରଶାହା ବିହାରରେ ନିଜର ସ୍ଥିତିକୁ ସୁଦୃଢ଼ କରିବା ଆରମ୍ଭ କଲେ । ଶେଷରେ ଶେରଶାହ ପୂର୍ବଭାରତର ଜଣେ ଶକ୍ତିଶାଳୀ ଆଫଗାନ୍ ନେତା ରୂପେ ନିଜକୁ ପ୍ରତିଷ୍ଠିତ କରିବାରେ ସଫଳତା ହାସଲ କରିଥିଲେ ।




ଶେରଶାହା ନିଜକୁ ଆଫଗାନ୍ ମାନଙ୍କର ଜଣେ ଅପ୍ରତିଦ୍ୱନ୍ଦୀ ନେତା ରୂପେ ପ୍ରତିଷ୍ଠିତ କରିବାକୁ ଚାହୁଁଥିଲେ । ସେ ବେଙ୍ଗଲ ସୈନ୍ୟବାହିନୀ ଉପରେ ଆକ୍ରମଣ କରି ସୁରଜଗଡ଼ ଯୁଦ୍ଧରେ ପରାସ୍ତ କରିଥିଲେ । ସେ ବେଙ୍ଗଲରୁ ଅନେକ ଧନ ସମ୍ପଦ ଆଣି ଏକ ବିଶାଳ ସୈନ୍ୟବାହିନୀ ଗଠନ କରିଥିଲେ । ବନାରସ ଏବଂ ଅନ୍ୟାନ୍ୟ ମୋଗଲ ଅଧିକୃତ ଅଞ୍ଚଳକୁ ସେ ଆକ୍ରମଣ କରିବା ଆରମ୍ଭ କଲେ । ହୁମାୟୁନ ଶେରଶାହଙ୍କୁ ସନ୍ଦେହ କରିବାକୁ ଲାଗିଲେ କିନ୍ତୁ ତାଙ୍କ ସାମର୍ଥ୍ୟ ଆକଳନ କରିପାରିଲେ ନାହିଁ । ତେଣୁ ସେ ଜୌନପୁରର ଗଭର୍ଣ୍ଣର ହିନ୍ଦୁବେଗ୍‌ଙ୍କୁ ଶେରଶାହଙ୍କର ଗତିରୋଧ କରିବା ପାଇଁ ନିର୍ଦ୍ଦେଶ ଦେଲେ । ଏତିକିବେଳେ ଶେରଶାହ ବଂଗର ରାଜଧାନୀ ଗୌଡ଼କୁ ୧୫୩୮ ଖ୍ରୀଷ୍ଟାବ୍ଦରେ ଅଧିକାର କଲେ । ଯେତେବେଳେ ହୁମାୟୁନ ବଂଗ ଅଭିମୁଖେ ଯାତ୍ରା କଲେ, ସେତିକିବେଳେ ଶେରଶାହ ଆଗ୍ରାର ପଥକୁ ଅବରୋଧ କଲେ । ଫଳରେ ହୁମାୟୁନ ବଂଗ ଯାଇପାରିଲେ ନାହିଁ । ଅନ୍ୟପକ୍ଷରେ ହୁମାୟୁନଙ୍କର ଭ୍ରାତା ହିନ୍ଦଲ ମିର୍ଜା ଯିଏ ସୈନ୍ୟବାହିନୀ ପାଇଁ ଯୋଗାଣ ଦାୟୀତ୍ୱ ନେଇଥିଲେ, ସେ ନିଜକୁ ସ୍ୱାଧୀନ ଘୋଷଣା କଲେ । ଏହି ପରିପ୍ରେକ୍ଷୀରେ ହୁମାୟୁନ୍ ଚୁନାରକୁ ପ୍ରତ୍ୟାବର୍ତ୍ତନ ପାଇଁ ସ୍ଥିର କଲେ । ସେ ଯେତେବେଳେ ୧୫୩୯ ଖ୍ରୀଷ୍ଟାବ୍ଦରେ ଚୌସା ନାମକ ସ୍ଥାନରେ ପଦାର୍ପଣ କଲେ, ସେ ଦେଖିଲେ କର୍ମସନଦୀର ପଶ୍ଚିମରେ ଶେରଶାହଙ୍କ ସେନା ଛାଉଣୀ । ଶେରଶାହ ସେହି ନଦୀ କୂଳରେ ହୁମାୟୁନଙ୍କୁ ଆକ୍ରମଣ କଲେ ଏବଂ ପରାସ୍ତ କଲେ । ଶେରଶାହ ନିଜକୁ ସ୍ୱାଧୀନ ରାଜା ରୂପେ ଘୋଷଣା କଲେ । ହୁମାୟୁନ ଯୁଦ୍ଧକ୍ଷେତ୍ରରୁ ପଳାୟନ କଲେ ସତ କିନ୍ତୁ ସୈନ୍ୟବାହିନୀର ଅଶେଷ କ୍ଷତି ହୋଇଥିଲା । ହୁମାୟୁନ ବହୁକଷ୍ଟରେ ଆଗ୍ରାରେ ପହଞ୍ଚିଲେ । ତାଙ୍କ ଭ୍ରାତା କାମରାନ୍ ଆଗ୍ରା ଛାଡ଼ି ଲାହୋର ଅଭିମୁଖେ ଯାତ୍ରା କଲେ । ହୁମାୟୁନଙ୍କ ପାଖରେ ଅଳ୍ପ



ଟିପ୍ପଣି

ସଂଖ୍ୟକ ସୈନ୍ୟ ଛାଡ଼ି ଦେଇଗଲେ । ଶେରଶାହା ବର୍ତ୍ତମାନ ଆଗ୍ରା ଅଭିମୁଖେ ଯାତ୍ରା କରିଥିଲେ । ହୁମାୟୁନ ତାଙ୍କ ସୈନ୍ୟମାନଙ୍କ ସହ ତାଙ୍କର ସମ୍ମୁଖୀନ ହେଲେ । ଫଳରେ କନୌଜ ନାମକ ସ୍ଥାନରେ ଉଭୟଙ୍କ ସୈନ୍ୟବାହିନୀ ମଧ୍ୟରେ ଯୁଦ୍ଧ ହେଲା । ୧୫୪୦ ଖ୍ରୀଷ୍ଟାବ୍ଦରେ କନୌଜ ଠାରେ ହୁମାୟୁନ ଶେରଶାହଙ୍କ ଠାରୁ ଅତି ଶୋଚନୀୟ ଭାବେ ପରାଜୟ ବରଣ କରିଥିଲେ ।

## 10.3 SECOND AFGHAN EMPIRE (1540-1555)
## ଦ୍ୱିତୀୟ ଆଫଗାନ୍ ସାମ୍ରାଜ୍ୟ (୧୫୪୦ ରୁ ୧୫୫୫)

### Sher Shah- ଶେରଶାହ

ଆମେ ଆଗରୁ ପଢ଼ିଅଛେ ଯେ ପ୍ରଥମ ଆଫଗାନ୍ ସାମ୍ରାଜ୍ୟ ଭାରତରେ ଲୋଦୀବଂଶ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ୧୫୨୬ ଖ୍ରୀଷ୍ଟାବ୍ଦରେ ମୋଗଲବୀର ବାବର ପ୍ରଥମ ପାନିପଥ ଯୁଦ୍ଧରେ ଇବ୍ରାହିମ୍ ଲୋଦୀଙ୍କୁ ପରାସ୍ତ କରି ଏହି ବଂଶର ଯବନିକା ପାତ କରିଥିଲେ । କିନ୍ତୁ ଠିକ୍ ୧୪ ବର୍ଷ ବ୍ୟବଧାନ ପରେ ୧୫୪୦ ଖ୍ରୀଷ୍ଟାବ୍ଦରେ ଶେରଶାହ ଭାରତରେ ଦ୍ୱିତୀୟ ଆଫଗାନ୍ ସାମ୍ରାଜ୍ୟ ପ୍ରତିଷ୍ଠା କରିବାରେ ସଫଳ ହୋଇଥିଲେ । ଶେରଶାହ ଏବଂ ତାଙ୍କ ଉତ୍ତରାଧିକାରୀମାନେ ଦୀର୍ଘ ୧୫ ବର୍ଷ ଶାସନ କରିଥିଲେ । ସେଥିପାଇଁ ଏହି ସମୟକୁ ଦ୍ୱିତୀୟ ଆଫଗାନ୍ ସାମ୍ରାଜ୍ୟର ସମୟ ବୋଲି ବିବେଚନା କରାଯାଏ ।

ଶେରଶାହ ଥିଲେ ଦ୍ୱିତୀୟ ଆଫଗାନ୍ ରାଜତ୍ୱର ପ୍ରତିଷ୍ଠାତା । ସେ ଥିଲେ ଜଣେ କୌଶଳୀ ଏବଂ ଦକ୍ଷ ସାମରିକ ସେନାଧକ୍ଷ । ଆମେ ଶେରଶାହଙ୍କର ହୁମାୟୁନଙ୍କ ସହିତ ସଂଘର୍ଷ ବିଷୟରେ ଅଧ୍ୟୟନ କରିଅଛେ । ହୁମାୟୁନଙ୍କୁ ପରାସ୍ତ କଲାପରେ ଶେରଶାହ ୧୫୪୦ ଖ୍ରୀଷ୍ଟାବ୍ଦରେ ଭାରତର ସାର୍ବଭୌମ ଶାସକ ହେଲେ ଏବଂ ନିଜକୁ ଶେରଶାହା ଉପାଧିରେ ଭୂଷିତ କଲେ ।

ହୁମାୟୁନ୍ ପଳାୟନ କଲାବେଳେ ଶେରଶାହ ତାଙ୍କୁ ଉତ୍ତର-ପଶ୍ଚିମ ଦିଗରେ ସିନ୍ଧୁପ୍ରଦେଶ ପର୍ଯ୍ୟନ୍ତ ଅନୁସରଣ କରିଥିଲେ । ହୁମାୟୁନଙ୍କୁ ବିତାଡ଼ିତ କଲାପରେ ଶେରଶାହ ନିଜର ସ୍ଥିତିକୁ ଉତ୍ତର ଓ ପୂର୍ବ-ଭାରତରେ ସୁଦୃଢ଼ କରିବାକୁ ଲାଗିଲେ । ସେ ୧୫୪୨ ଖ୍ରୀଷ୍ଟାବ୍ଦରେ ମାଳବ ବରୁଦ୍ଧରେ ଅଭିଯାନ କରି ଏହାକୁ ଅଧିକାର କଲେ । ଏହାପରେ ଚନ୍ଦେରୀ ମଧ ତାଙ୍କ ଅଧିକାରକୁ ଆସିଥିଲା । ସେ ରାଜସ୍ଥାନର ମାରଓ୍ୱାର, ରନ୍ଥମ୍ବର, ନାଗୋର, ଆଜମୀର, ମେରୁଟ୍, ଜୋଧପୁର ବିରୁଦ୍ଧରେ ଯୁଦ୍ଧଭିଯାନ ଚଳାଇ ଥିଲେ । ସେ ବିକାନୀର୍ ମଧ ଅଧିକାର କରିଥିଲେ । ସେ ବଂଗରେ ବିଦ୍ରୋହୀ ଆଫଗାନ୍ ମାନଙ୍କୁ ପରାସ୍ତ କରିଥିଲେ । ୧୫୪୫ ଖ୍ରୀ:ଅ: ବେଳକୁ ସେ ସିନ୍ଧୁ ଏବଂ ପଞ୍ଜାବ ଠାରୁ ଆରମ୍ଭ କରି ସଂପୂର୍ଣ୍ଣ ରାଜପୁତନା ସହିତ ପଶ୍ଚିମ -ଭାରତ ଏବଂ ପୂର୍ବରେ ବେଙ୍ଗଲ ପର୍ଯ୍ୟନ୍ତ ବିସ୍ତିର୍ଣ୍ଣ ଅଞ୍ଚଳର ପ୍ରଭୁ ରୂପେ ନିଜକୁ ପ୍ରତିଷ୍ଠା କରିଥିଲେ । ବର୍ତ୍ତମାନ ସେ ବୁନ୍ଦେଲଖଣ୍ଡ ଅଭିମୁଖେ ଯୁଦ୍ଧଯାତ୍ରା କଲେ । ସେଠାରେ କାଳିଞ୍ଜର ଦୁର୍ଗକୁ ଅଧିକାର କରିବା ସମୟରେ ୧୫୪୫ ଖ୍ରୀଷ୍ଟାବ୍ଦରେ ବାରୁଦ ବିସ୍ଫୋରଣରେ ମୃତ୍ୟୁବରଣ କରିଥିଲେ ।

ଶେରଶାହା ତାଙ୍କ ସଂକ୍ଷିପ୍ତ ଶାସନ ସମୟରେ ଶାସନ କ୍ଷେତ୍ରରେ ତଥା ରାଜସ୍ୱ ବ୍ୟବସ୍ଥାରେ ଅନେକ ପ୍ରଧାନ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଥିଲେ ।

### 1. Judicial system (ବିଚାର ବ୍ୟବସ୍ଥା)

ଶେରଶାହଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ଇସ୍‌ଲାମ୍ ଶାହା ସିଂହାସନ ଆରୋହଣ କରିଥିଲେ । ଇସ୍‌ଲାମ୍ ଶାହା ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ତାଙ୍କର ନିଜ ଭାଇ ଆଦିଲ ଖାଁ ଏବଂ ଅନେକ ଆଫଗାନ୍ ସାମନ୍ତଙ୍କ ସହିତ ସଂଘର୍ଷ ହୋଇଥିଲା । ସେ ୧୫୫୩ ଖ୍ରୀ:ଅ:ରେ ମୃତ୍ୟୁବରଣ କରିଥିଲେ । ଏହାପରେ ଆଫଗାନ୍ ସାମ୍ରାଜ୍ୟ ଦୁର୍ବଳ ହୋଇପଡ଼ିଲା । ଏହି ଦୁର୍ବଳତାକୁ ସୁଯୋଗ ବୋଲି ମନେକରି ହୁମାୟୁନ୍ ଭାରତ ବିରୁଦ୍ଧରେ ଯାତ୍ରା କଲେ । ୧୫୫୫ ଖ୍ରୀଷ୍ଟାବ୍ଦ ବେଳକୁ ହୁମାୟୁନ ପୁର୍ନବାର ତାଙ୍କର ରାଜ୍ୟ ଫେରି ପାଇଥିଲେ ଏବଂ ଆଫଗାନ ଶାସନର ଅନ୍ତଃ ହୋଇଥିଲା ।

୧୫୫୫ ଖ୍ରୀଷ୍ଟାବ୍ଦରେ ହୁମାୟୁନ ଆଗ୍ରା ଏବଂ ଦିଲ୍ଲୀ ଅଧିକାର କଲେ ଏବଂ ସେ ନିଜର ସ୍ଥିତିକୁ ସୁଦୃଢ଼ କରିଥିଲେ । ୧୫୫୬ ଖ୍ରୀ:ଅ:ରେ ସେ ତାଙ୍କ ପୁସ୍ତକାଗାରର ପାହାଚରୁ ପଡ଼ି ମୃତ୍ୟୁବରଣ କରିଥିଲେ । ହୁମାୟୁନଙ୍କ ପୁସ୍ତକାଗାର ଦିଲ୍ଲୀରେ ସେର ମଣ୍ଡଳରେ ଅବସ୍ଥିତ ଥିଲା ।

**INTEXT QUESTIONS 10.2 - ପ୍ରତ୍ୟାଶିତ ପୂର୍ବଜ୍ଞାନ**

1. କାହିଁକି ହୁମାୟୁନ ଶେରଶାହାଙ୍କୁ ପରାସ୍ତ କରିପାରିଲେ ନାହିଁ ?

 ______________________________

2. ଶେର ଖାଁ କିପରି ଆଫଗାନ୍ ମାନଙ୍କର ନେତୃତ୍ୱ ନେଲେ ?

 ______________________________

3. ଶେରଶାହାଙ୍କ ହାତକୁ କେଉଁ ଅଞ୍ଚଳ ଗୁଡ଼ିକ ଆସିଥିଲା ?

 ______________________________

4. ଶେରଶାହାଙ୍କର ଦୁଇଟି ମୁଖ୍ୟ କୃତିତ୍ୱ ଉଲ୍ଲେଖ କର ?

 ______________________________

## 10.4.THE MUGHAL EMPIRE FROM AKBER TO AURANGZEB
## ମୋଗଲ ସାମ୍ରାଜ୍ୟ - ଆକବରଙ୍କ ଠାରୁ ଆଉରଙ୍ଗଜେବ୍

### AKBAR - ଆକବର

ହୁମାୟୁନ୍‌ଙ୍କ ମୃତ୍ୟୁ ସମୟରେ ଆକବରଙ୍କୁ ମାତ୍ର ୧୩ ବର୍ଷ ବୟସ ହୋଇଥିଲା । ଆକବର ସେହି ସମୟରେ ପଞ୍ଜାବର କଲନୌର ଠାରେ ଥିଲେ । ତେଣୁ ୧୫୫୬ ଖ୍ରୀଷ୍ଟାବ୍ଦରେ ସେହିଠାରେ ତାଙ୍କର ଅଭିଷେକ ଉତ୍ସବ ପାଳିତ ହୋଇଥିଲା । ଆକବର ଙ୍କର ଗୃହଶିକ୍ଷକ ତଥା ହୁମାୟୁନଙ୍କର ବିଶ୍ୱସ୍ତ ମନ୍ତ୍ରୀ ବୈରାମ ଖାଁ ୧୫୫୬ ରୁ ୧୫୬୦ ପର୍ଯ୍ୟନ୍ତ ମୋଗଲ ସାମ୍ରାଜ୍ୟର ରାଜପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ । ବୈରାମ ଖାଁ ଖାନ୍-ଇ-ଖାନନ୍ ଉପାଧି ଧାରଣ କରି ସାମ୍ରାଜ୍ୟର 'ଓ୍ୱକିଲ' ଭାବେ କାର୍ଯ୍ୟ କଲେ । ତାଙ୍କ ସମୟର ପ୍ରଧାନ କୃତିତ୍ୱ ଥିଲା ୧୫୫୬ ଦ୍ୱିତୀୟ ପାନିପଥ ଯୁଦ୍ଧରେ ହିମୁ ଏବଂ ଆଫଗାନ ଶକ୍ତିର ସଂପୂର୍ଣ୍ଣ ପରାଜୟ, ଯେଉଁ ଶକ୍ତି ମୋଗଲ ସାମ୍ରାଜ୍ୟ ପ୍ରତି ଭୟ ଓ ଆଶଙ୍କା ସୃଷ୍ଟି କରୁଥିଲେ ।

**REGENCY OF BAIRAM KHAN- 1556-1560**
**୧୫୫୬ ରୁ ୧୫୬୦ ପର୍ଯ୍ୟନ୍ତ ବୈରାମ ଖାଁଙ୍କର ରାଜପ୍ରତିନିଧି ରୂପେ କାର୍ଯ୍ୟ**

ବୈରାମ ଖାଁ ପ୍ରାୟ ଚାରିବର୍ଷ ପର୍ଯ୍ୟନ୍ତ ମୋଗଲ ସାମ୍ରାଜ୍ୟ ଶାସନ ବ୍ୟବସ୍ଥାର ସର୍ବୋଚ୍ଚ ସ୍ଥାନରେ ରହିଥିଲେ । ସେହି ସମୟକୁ ସାଧାରଣତଃ ବୈରମ ଖାଁ ଙ୍କ ରାଜପ୍ରତିନିଧିତ୍ୱର ସମୟ ବୋଲି କୁହାଯାଏ । ଏହି ସମୟରେ ବୈରାମ ଖାଁ ତାଙ୍କର ବିଶ୍ୱସ୍ତ ସାମନ୍ତ ମାନଙ୍କୁ ଉଚ୍ଚ ପଦ ପଦବୀରେ ନିଯୁକ୍ତ କରିଥିଲେ । ବୈରମ ଖାଁ ନିଜେ ଜଣେ ଶକ୍ତିଶାଳୀ ସାମନ୍ତ ରୂପେ ଖ୍ୟାତି ଲାଭ କରିଥିଲେ । ସେଥିପାଇଁ ସେ ବହୁତ ଉଦ୍ଧତ ଓ ଗର୍ବୀ ହୋଇଗଲେ । ସେଥିପାଇଁ ଗୋଟିଏ ସାମନ୍ତ ଗୋଷ୍ଠୀ ତାଙ୍କୁ ବିରୋଧ କଲେ । ସେମାନେ ଏଥିପାଇଁ ଆକବରଙ୍କ ଉପରେ ପ୍ରଭାବ ପକାଇବା ପାଇଁ ଚେଷ୍ଟା କଲେ । କ୍ରମଶଃ ଆକବର ସମସ୍ତ କ୍ଷମତା ନିଜ ହାତକୁ ନେବାକୁ ମଧ ଚାହିଁଲେ । ସେ ବୈରାମ ଖାଁ ଙ୍କୁ ବହିଷ୍କାର କଲେ । ବୈରାମ ଖାଁ ବିଦ୍ରୋହ କଲେ ଏବଂ ପରାସ୍ତ ହେଲେ । ଆକବର ତାଙ୍କୁ କ୍ଷମା ଦେଲେ ଏବଂ ଅବସର ନେବା ପାଇଁ କହିଲେ । ବୈରାମ ଖାଁ ମକା କୁ ତୀର୍ଥଯାତ୍ରା କରିବା ପାଇଁ ସ୍ଥିର କଲେ । ଅହମ୍ମଦବାଦ ନିକଟରେ ଜଣେ ଆଫଗାନ ତାଙ୍କୁ ହତ୍ୟା କଲା । ପରବର୍ତ୍ତୀ ସମୟରେ ବୈରାମ ଖାଁ ଙ୍କ ପୁତ୍ର ଆକବରଙ୍କ ଅଧୀନରେ ଜଣେ ପ୍ରଭାବଶାଳୀ ସାମନ୍ତ ରୂପେ କାର୍ଯ୍ୟ କଲେ । ତାଙ୍କର ନାମ ଥିଲା ଅବଦୁର ରହିମ୍ ଖାଁ-ଇ-ଖାନ୍ ।



ଟିପ୍ପଣି

ଆକବର ଆଭ୍ୟନ୍ତରୀଣ ପ୍ରାରମ୍ଭିକ ସମସ୍ୟା ଗୁଡ଼ିକ ସମାଧାନ କଲାପରେ ସାମ୍ରାଜ୍ୟ ବିସ୍ତାର ନୀତି ଆରମ୍ଭ କଲେ । ମୋଗଲ ସାମ୍ରାଜ୍ୟର ବିଭିନ୍ନ ସ୍ଥାନରେ ମୁଖ୍ୟ ରାଜନୈତିକ ଶକ୍ତିଗୁଡ଼ିକ ଥିଲେ ନିମ୍ନ ପ୍ରକାରର ।

*(i)* ସ୍ୱାଧୀନ ଭାବେ ନିଜକୁ ଘୋଷଣା କରି ରାଜପୁତମାନେ ସାମ୍ରାଜ୍ୟର ଚାରିଆଡ଼େ ବ୍ୟାପିଯାଇଥିଲେ କିନ୍ତୁ ସେମାନେ ସମସ୍ତେ ରାଜସ୍ଥାନରେ କେନ୍ଦ୍ରୀତ ହୋଇଥିଲେ ।

*(ii)* ଆଫଗାନ୍‌ମାନେ ମୁଖ୍ୟତଃ ଗୁଜୁରାଟ, ବିହାର ଏବଂ ବଂଗରେ ରାଜନୈତିକ ନିୟନ୍ତ୍ରଣ ରଖି ଥିଲେ ।

*(iii)* ଖାନ୍ଦେଶ, ଅହମ୍ମଦ ନଗର, ବିଜାପୁର, ଗୋଲକୁଣ୍ଡା ଏବଂ ଦକ୍ଷିଣ ଭାରତ ତଥା ଦାକ୍ଷିଣାତ୍ୟର ଅଳ୍ପ କେତେକ ରାଜ୍ୟ ସଂପୂର୍ଣ୍ଣ ରୂପେ ଶକ୍ତିଶାଳୀ ଥିଲେ ।

*(iv)* କାବୁଲ ଓ କାନ୍ଦାହାର ମୋଗଲ ମାନଙ୍କ ଦ୍ୱାରା ଶାସିତ ହେଉଥିଲେ ମଧ ସେମାନେ ଆକବର ଙ୍କର ବିରୁଦ୍ଧାଚରଣ କରୁଥିଲେ ।

ଆକବର ଏକ ସୁଚିନ୍ତିତ ନୀତି ମାଧମରେ ସାମ୍ରାଜ୍ୟ ବିସ୍ତାର କାର୍ଯ୍ୟ ଆରମ୍ଭ କଲେ । ତାଙ୍କର ପ୍ରଥମ ପଦକ୍ଷେପ ଥିଲା ବୈରାମ ଖାଁ ଙ୍କୁ ନିଲମ୍ବିତ କରି ସାମନ୍ତଗୋଷ୍ଠୀ ମଧରେ ଥିବା ବିବାଦର ଅନ୍ତ କରିବା । ଏଥିପାଇଁ ସେ ନିଜର କୂଟନୈତିକ କୌଶଳ ଏବଂ ସାଂଗଠନିକ ଦକ୍ଷତା ପ୍ରଦର୍ଶନ କରିଥିଲେ । ସେ ପ୍ରଥମେ ମଧଭାରତରୁ ତାଙ୍କର ବିଜୟ ଯାତ୍ରା ଆରମ୍ଭ କରିଥିଲେ । ୧୫୫୯-୬୦ ଖ୍ରୀଷ୍ଟାବ୍ଦରେ ସେ ପ୍ରଥମେ ଗୋଆଲିୟର ଅଧିକାର ପାଇଁ ସାମରିକ ଅଭିଯାନ କରିଥିଲେ । ଏହାପରେ ମାଳବ ଅଭିମୁଖେ ଯୁଦ୍ଧଯାତ୍ରା କରି ସେଠାକାର ଶାସକ ବାଜ୍‌ବାହାଦୂରଙ୍କ ଉପରେ ଆକ୍ରମଣ କଲେ । ବାଜ୍‌ବାହାଦୂର ପରାଜିତ ହୋଇ ବୁରହନପୁର ଆଡ଼େ ପଳାୟନ କଲେ । ମାଳବ ଅଭିଯାନ ପାଇଁ ଆକବର ଅଧାମ ଖାଁ ଙ୍କୁ ନିଯୁକ୍ତ କରିଥିଲେ । ୧୫୬୪ ଖ୍ରୀଷ୍ଟାବ୍ଦରେ ମଧ-ଏସିଆରେ ଅବସ୍ଥିତ ଗଣ୍ଡଓ୍ୱାନା ନାମକ ଏକ ସ୍ୱାଧୀନ ରାଜ୍ୟ ବିରୁଦ୍ଧରେ ଆକବର ସାମରିକ ଅଭିଯାନ ଚଳାଇଥିଲେ । ସେଠାକାର ଶାସକ ଦଲପତ ସାହାଙ୍କ ବିଧବା ପତ୍ନୀ ରାଣୀ ଦୁର୍ଗାବତୀ ଯୁଦ୍ଧରେ ପରାଜିତ ହେଲେ । ଫଳରେ ଏହି ରାଜ୍ୟ ମୋଗଲ ସାମ୍ରାଜ୍ୟର ଅର୍ନ୍ତଭୁକ୍ତ ହେଲା ।

**Rajasthan-** ରାଜସ୍ଥାନ

ଆକବର ରାଜପୁତ୍ ରାଜ୍ୟ ଗୁଡ଼ିକର ପ୍ରାଧାନ୍ୟ ବିଷୟରେ ସଂପୂର୍ଣ୍ଣ ଅବଗତ ଥିଲେ । ତେଣୁ ସେମାନଙ୍କ ସହିତ ମିତ୍ରତା କରି ବିଶାଳ ମୋଗଲ ସାମ୍ରାଜ୍ୟ ଗଠନ କରିବାର ଆଶାକୁ ବାସ୍ତବ ରୂପ ଦେବାକୁ ସେ ଇଚ୍ଛା କଲେ । ସେ ପ୍ରଥମେ ରାଜପୁତ୍‌ମାନଙ୍କର ହୃଦୟକୁ ଜୟ କରିବା ପାଇଁ ମୋଗଲ ଶାସନ ବ୍ୟବସ୍ଥାର ଉଚ୍ଚ ପଦପଦବୀରେ ସେମାନଙ୍କୁ ନିଯୁକ୍ତ କଲେ । ସେ ବିହାରୀ ମଲ୍ଲଙ୍କ ପରି ରାଜପୁତ୍ ରାଜାଙ୍କ ସହିତ ବୈବାହିକ ସଂପର୍କ ସୃଷ୍ଟି କଲେ । ଅମ୍ବରର ରାଜା ବିହାରୀମଲ୍ଲ ସର୍ବପ୍ରଥମ ରାଜପୁତ୍ ରାଜା ଯେ କି ଆକବରଙ୍କ ସହିତ ମିତ୍ରତା ସ୍ଥାପନ କଲେ । ଏହାପରେ ଆକବର ସାମାନ୍ୟ ବାଧା ସତ୍ତ୍ୱେ ମେରୁଟ୍ ଏବଂ ଯୋଧପୁର ଅଧିକାର କଲେ । କିନ୍ତୁ ମେବାରର ରାଜା ମହାରାଣା ପ୍ରତାପ, ମୋଗଲ ସମ୍ରାଟ ଆକବରଙ୍କର ବଶ୍ୟତା ସ୍ୱୀକାର ନକରି ତାଙ୍କୁ ଆହ୍ୱାନ କରିଥିଲେ । ଦୀର୍ଘଦିନ ସଂଘର୍ଷ ପରେ ଆକବର ଚିତୋର ଦୁର୍ଗ ଅଧିକାର କଲେ । ମେବାର ସାମରିକ ଶକ୍ତିକୁ ସେ ପରାସ୍ତ କଲେ । ଅସଂଖ୍ୟ ରାଜପୁତ୍ ସୈନ୍ୟ ଏହି ଯୁଦ୍ଧରେ ମୃତ୍ୟୁବରଣ କରିଥିଲେ । ସେ ଯାହାହେଉ, ଏହା ସଂପୂର୍ଣ୍ଣ ରୂପେ ଅଧିକୃତ ହୋଇ ନଥିଲା । ମେବାର ପକ୍ଷରୁ ଦୀର୍ଘଦିନ ପର୍ଯ୍ୟନ୍ତ ପ୍ରତିରୋଧ ଜାରି ରହିଲା । ଚିତୋର ଦୁର୍ଗର ପତନ ପରେ ରନ୍ଥମ୍ବର ଏବଂ କାଲିଞ୍ଜର ଅଧିକୃତ ହେଲା । ମାରବାର, ବିକାନିର୍ ଏବଂ ଜୟସାଲମାର ଆକବରଙ୍କ ବଶ୍ୟତା ସ୍ୱୀକାର କଲେ । ୧୫୭୦ ଖ୍ରୀଷ୍ଟାବ୍ଦ ବେଳକୁ ଆକବର ରାଜସ୍ଥାନର ସମସ୍ତ ଅଞ୍ଚଳ ଅଧିକାର କରିଥିଲେ । ଆକବରଙ୍କ ଏକ ପ୍ରଧାନ କୃତିତ୍ୱ ଥିଲା ଯେ ରାଜସ୍ଥାନର ସମସ୍ତ ଅଞ୍ଚଳ ମୋଗଲ ସାମ୍ରାଜ୍ୟରେ ମିଶାଇଲା ବେଳେ ମୋଗଲ ଏବଂ ରାଜପୁତ୍‌ମାନଙ୍କ ମଧରେ କୌଣସି ଶତ୍ରୁତା ହୋଇନଥିଲା ।

## AFGHANS (GUJRAT, BIHAR AND BENGAL)
## ଆଫଗାନ୍‌ମାନେ (ଗୁଜୁରାଟ, ବିହାର ଏବଂ ବଂଗ)

୧୫୭୨ ଖ୍ରୀଷ୍ଟାବ୍ଦରେ ଆକବର ପ୍ରଥମେ ଆଫଗାନ୍ ରାଜ୍ୟ ଗୁଜୁରାଟ ବିରୁଦ୍ଧରେ ସାମରିକ ଅଭିଯାନ ଆରମ୍ଭ କଲେ । ଇତ୍‌ମଦ ଖାଁ ନାମକ ଜଣେ ଯୁବରାଜ ଆକବରଙ୍କୁ ନିମନ୍ତ୍ରଣ କରିଥିଲେ ଗୁଜୁରାଟ ଆକ୍ରମଣ କରିବାକୁ । ଆକବର ନିଜେ ଅହମ୍ମଦାବାଦ୍ ଆଡ଼କୁ ଅଗ୍ରସର ହେଲେ । ଏହି ସହରଟି ବିନା ପ୍ରତିବନ୍ଧକରେ ଅଧିକୃତ ହେଲା । ସୁରାଟ ଥିଲା ଏକ ଶକ୍ତିଶାଳୀ ଦୁର୍ଗ । ଆକବରଙ୍କ ଏହା ଦୃଢ଼ ପ୍ରତିରୋଧ କରିଥିଲା । କିନ୍ତୁ ଏହା ଅଧିକୃତ ହେଲା । ସ୍ୱଳ୍ପ ସମୟ ମଧ୍ୟରେ ଗୁଜୁରାଟର ଅଧିକାଂଶ ଅଞ୍ଚଳ ଆକବରଙ୍କ ସାମ୍ରାଜ୍ୟର ଅର୍ନ୍ତଭୁକ୍ତ ହେଲା । ଆକବର ଗୁଜୁରାଟର ବିଜିତ ଅଞ୍ଚଳକୁ ଏକତ୍ରିତ କରି ଗୋଟିଏ ପ୍ରଦେଶରେ ପରିଣତ କଲେ ଏବଂ ମିର୍ଜା ଅଜିଜ୍ କୋକା ଙ୍କୁ ଏହାର ଶାସକ ରୂପେ ନିଯୁକ୍ତ କରି ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କଲେ । ଛଅ ମାସ ମଧ୍ୟରେ ବିଭିନ୍ନ ବିଦ୍ରୋହୀ ଗୋଷ୍ଠୀ ଏକତ୍ରିତ ହୋଇ ମୋଗଲ ଶାସନ ବିରୋଧରେ ବିଦ୍ରୋହ କଲେ । ଫଳରେ ମୋଗଲ ଗଭର୍ଣ୍ଣର ଅନେକ ଅଞ୍ଚଳ ହରାଇଲେ । ଏହି ବିଦ୍ରୋହରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ନେତାମାନେ ଥିଲେ ଇଖତିଆର-ଉଲ-ମୁଲ୍‌କ ଏବଂ ମହମ୍ମଦ ହୁସେନ୍ ମିର୍ଜା । ଆକବର ଆଗ୍ରାରେ ବିଦ୍ରୋହର କଥା ଶୁଣି ଅହମ୍ମଦାବାଦ ଅଭିମୁଖେ ଯାତ୍ରା କଲେ । ଆକବର ଦ୍ରୁତଗତିରେ ଯାତ୍ରାକରି ମାତ୍ର ୧୦ ଦିନ ମଧ୍ୟରେ ଅହମ୍ମଦାବାଦରେ ପହଁଞ୍ଚିଲେ । ସମ୍ରାଟ୍ ନିଜେ ଏହି ବିଦ୍ରୋହକୁ ଦମନ କଲେ ।

ଏହାପରେ ଆକବର ବଂଗ ଓ ବିହାର ଉପରେ ଦୃଷ୍ଟି ନିକ୍ଷେପ କଲେ । ୧୫୭୪ ଖ୍ରୀଷ୍ଟାବ୍ଦରେ ଆକବର ମୁନିମ୍ ଖାଁ ଖାନ୍-ଇ-ଖାନନ୍ ସହିତ ବିହାର ଅଭିମୁଖେ ଯୁଦ୍ଧଯାତ୍ରା କଲେ । କମ୍ ସମୟ ମଧ୍ୟରେ ହାଜିପୁର ଏବଂ ପାଟଣା ତାଙ୍କର ଅଧିକାରକୁ ଆସିଲା । ବଂଗ ମଧ୍ୟ ଅଧିକୃତ ହେଲା । ଫଳରେ ୧୫୭୬ ଖ୍ରୀଷ୍ଟାବ୍ଦରେ ବଂଗରେ ଚାଲିଥିବା ସ୍ୱାଧୀନ ଶାସନର ଅନ୍ତ ହେଲା । ୧୫୯୨ ଖ୍ରୀଷ୍ଟାବ୍ଦ ବେଳକୁ ମୋଗଲ ମନ୍‌ସବଦାର ରାଜା ମାନ୍‌ସିଂ ଓଡ଼ିଶାର ସମସ୍ତ ଅଞ୍ଚଳ ମୋଗଲଶାସନ ଅଧୀନକୁ ନେଇ ଆସିଥିଲେ । ୧୫୮୧ ଖ୍ରୀଷ୍ଟାବ୍ଦ ବେଳକୁ ମୋଗଲ ସାମ୍ରାଜ୍ୟର କେତେକ ଅଞ୍ଚଳରେ ବ୍ୟାପକ ବିଦ୍ରୋହର ଧ୍ୱନୀ ଶୁଣାଗଲା । ବିହାର, ଗୁଜୁରାଟ ଏବଂ ଉତ୍ତରପଶ୍ଚିମାଞ୍ଚଳ ଥିଲା ଏହି ବିଦ୍ରୋହର ପ୍ରଧାନ କେନ୍ଦ୍ର । ଆଫଗାନମାନେ ଥିଲେ ଏହି ବିଶୃଙ୍ଖଳାର ମୂଳ । କାରଣ ସେମାନେ ମୋଗଲମାନଙ୍କ ଦ୍ୱାରା ପ୍ରତ୍ୟେକ ଜାଗାରେ ଗାଦିଚ୍ୟୁତ ହୋଇଥିଲେ । ଏତଦ୍‌ବ୍ୟତୀତ, ଆକବରଙ୍କ କଡ଼ା ଜାଗିର ବ୍ୟବସ୍ଥା ମଧ୍ୟ ବିଦ୍ରୋହ ପାଇଁ ଦାୟୀ ଥିଲା । ଏଥିପାଇଁ ଏକ ନୂତନ ନୀତି ପ୍ରଣୟନ କରାଯାଇଥିଲା । ଏହି ନୀତି ଅନୁସାରେ ଜାଗିରଦାରମାନେ ଜାଗିରୀର ହିସାବ ସୁଲତାନଙ୍କୁ ଦେଉଥିଲେ । ଏହି ନୀତି ପ୍ରଣୟନ ହେବା ପରେ ଜାଗିରିଦାରମାନେ ବିଦ୍ରୋହ କରି ଉଠିଲେ । ମୌସମ୍ ଖାଁ କାବୁଲୀ, ରୋସନ୍ ବେଗ୍, ମିର୍ଜା ସର୍ଫଉଦ୍ଦୀନ୍ ଏବଂ ଆରବ ବାହାଦୂର ଥିଲେ ଏହି ବିଦ୍ରୋହର ନେତୃସ୍ଥାନୀୟ ବ୍ୟକ୍ତି । ସେଠାରେ ନିଯୁକ୍ତ ରାଜକର୍ମଚାରୀ ଏହି ବିଦ୍ରୋହକୁ ଦମନ କରି ଦେବାପାଇଁ ଚେଷ୍ଟା କଲେ କିନ୍ତୁ ବିଫଳ ହେଲେ । ଆକବର ତତ୍‌କ୍ଷଣାତ୍ ରାଜା ତୋଦରମଲ୍ଲ ଏବଂ ସେଖ୍ ଫରିଦ୍ ବକ୍‌ସୀଙ୍କ ନେତୃତ୍ୱରେ ଏକ ବିଶାଳ ସୈନ୍ୟ ବାହିନୀ ପ୍ରେରଣ କଲେ । ଏଥି ସହିତ ଅଜିଜ୍ କୋକା ଏବଂ ସାହାବାଜ୍ ଖାଁ ଙ୍କୁ ମଧ୍ୟ ତୋଦରମଲ୍ଲଙ୍କୁ ସାହାଯ୍ୟ କରିବାକୁ ପ୍ରେରଣ କରାଗଲା । ବିଦ୍ରୋହୀମାନେ ଆକବରଙ୍କ ଭ୍ରାତା ହାକିମ୍ ମିର୍ଜାଙ୍କୁ ତାଙ୍କର ରାଜା ରୂପେ ଘୋଷଣା କଲେ । ମିର୍ଜା ସେତେବେଳେ କାବୁଲରେ ଥିଲେ । କିନ୍ତୁ ମୋଗଲ ସୈନ୍ୟ ବାହିନୀ ସଫଳତାର ସହିତ ବିହାର, ବଂଗ ଏବଂ ତତ୍‌ସଂଲଗ୍ନ ଅଞ୍ଚଳରେ ଏହି ବିଦ୍ରୋହକୁ ଦମନ କରିଥିଲେ ।

## PUNGAB AND NORTH-WEST - ପଞ୍ଜାବ ଏବଂ ଉତ୍ତର ପଶ୍ଚିମାଞ୍ଚଳ ରାଜ୍ୟ

ପଞ୍ଜାବରେ ମିର୍ଜା ହାକିମ୍ ଆକବରଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିଲେ ଏବଂ ସେ ଲାହୋର ଆକ୍ରମଣ କଲେ । ମିର୍ଜା ଆଶା କରିଥିଲେ ଯେ ବହୁସଂଖ୍ୟାରେ ମୋଗଲ କର୍ମଚାରୀ ତାଙ୍କ ସହ ଯୋଗଦେବେ ।



ଟିପ୍ପଣି

କିନ୍ତୁ ଏହା ସଂଭବପର ହୋଇ ନଥିଲା । ଆକବର ନିଜେ ଲାହୋର ଅଭିମୁଖେ ଯାତ୍ରା କରିବା ପାଇଁ ସ୍ଥିର କଲେ । ଫଳରେ ହାକିମ୍ ମିର୍ଜା ପଛଘୁଞ୍ଚା ଦେଲେ ଏବଂ ଏ ସମସ୍ତ ଅଞ୍ଚଳ ଆକବର ଙ୍କ ନିୟନ୍ତ୍ରଣକୁ ଆସିଗଲା । ସେ ଉତ୍ତର-ପଶ୍ଚିମ ସୀମାର ସୁରକ୍ଷା ପାଇଁ ପ୍ରଥମେ ପଦକ୍ଷେପ ନେଲେ । ଏହାପରେ ସେ କାବୁଲ ଅଭିମୁଖେ ଅଭିଯାନ ଚଳାଇ ଏହାକୁ ଅଧିକାର କଲେ । ଆକବର କାବୁଲ୍‌ର ଶାସନ ଦାୟିତ୍ୱ ନିଜର ଭଗ୍ନୀ ଭକ୍ତ ଉନ୍ନିସା ବେଗମଙ୍କ ହସ୍ତରେ ଅର୍ପଣ କଲେ । ଏହାପରେ ରାଜାମାନସିଂ କାବୁଲର ଗଭର୍ଣ୍ଣର ରୂପେ ନିଯୁକ୍ତ ହୋଇଥିଲେ ଏବଂ ଏହି ଅଞ୍ଚଳକୁ ତାଙ୍କୁ ଜାଗିର ରୂପେ ପ୍ରଦାନ କରାଯାଇଥିଲା ।

ଉତ୍ତର ପଶ୍ଚିମାଞ୍ଚଳର ଅନ୍ୟ ଏକ ପ୍ରଧାନ ଘଟଣା ଥିଲା ରୋସନାଇଙ୍କ ବିଦ୍ରୋହ । ସେ କାବୁଲ ଏବଂ ହିନ୍ଦୁସ୍ଥାନ ମଧ୍ୟରେ ଥିବା ରାସ୍ତାକୁ ଅଧିକାର କରିନେଲେ । ରୋସନାଇ ଥିଲା ଏକ ଧର୍ମୀୟ ସଂପ୍ରଦାୟ ଏହି ଧର୍ମକୁ ଜଣେ ସୈନିକ ପ୍ରତିଷ୍ଠା କରିଥିଲେ । ସେହି ଅଞ୍ଚଳରେ ସେ ପୀର ରୋସନାଇ ରୂପେ କଥିତ ହେଉଥିଲେ । ତାଙ୍କ ପୁତ୍ର ଜଲାଲ୍ ଏହି ଧର୍ମଗୋଷ୍ଠୀର ନେତୃତ୍ୱ ନେଉଥିଲେ । ଜଲାଲଙ୍କର ବହୁତ ଶିଷ୍ୟ ରହିଥିଲେ । ଆକବର ଜେନ୍ ଖାଁ ନାମକ ଜଣେ ସେନାଧକ୍ଷଙ୍କ ନେତୃତ୍ୱରେ ଏକ ଶକ୍ତିଶାଳୀ ମୋଗଲ ବାହିନୀ ରୋସନାଇମାନଙ୍କୁ ଦମନ କରି ସେଠାରେ ମୋଗଲ ନିୟନ୍ତ୍ରଣ ଜାରି କରିବା ପାଇଁ ପ୍ରେରଣ କଲେ । ସଇଦ୍ ଖାଁ ଗାଖର ଏବଂ ରାଜା ବୀରବଲଂକୁ ମଧ ଅଲଗା ଅଲଗା ସେନାବାହିନୀ ସହ ଜେନ୍ ଖାଁ ଙ୍କୁ ସାହାଯ୍ୟ କରିବାକୁ ପ୍ରେରଣ କରାଗଲା । ପ୍ରଥମ କାର୍ଯ୍ୟଧାରାରେ ବୀରବଲ ତାଙ୍କ ଅନୁଗାମୀ ସହ ମୃତ୍ୟୁବରଣ କଲେ । ଆକବର ତାଙ୍କର ବିଶ୍ୱସ୍ତ ବନ୍ଧୁ ବିରବଲଙ୍କ ମୃତ୍ୟୁ ଯୋଗୁ ମାନସିକ ସନ୍ତୁଳନ ହରାଇଥିଲେ । ଏହାପରେ ସେ ରାଜା ତୋଦାରମଲ୍ଲ ଏବଂ ରାଜା ମାନ୍ ସିଂ ଙ୍କୁ ଏହି ବିଦ୍ରୋହ ଦମନ ପାଇଁ ନିଯୁକ୍ତ କଲେ । ସେମାନେ ରୋସନାଇ ମାନଙ୍କୁ ପରାସ୍ତ କରି ସଫଳତା ହାସଲ କରିଥିଲେ । ଆକବର କାଶ୍ମୀର ଅଧିକାର କରିବା ପାଇଁ ଦୀର୍ଘ ଦିନ ପ୍ରତିକ୍ଷା କରିଥିଲେ । ୧୫୮୬ ଖ୍ରୀଷ୍ଟାବ୍ଦରେ କାଶ୍ମୀର ମୋଗଲ ସାମ୍ରାଜ୍ୟରେ ମିଶିଥିଲା ।

ଉତ୍ତର-ପଶ୍ଚିମାଞ୍ଚଳ ଅନ୍ତର୍ଗତ ସିନ୍ଧୁ ଅଞ୍ଚଳର କେତେକ ସ୍ଥାନ ସ୍ୱାଧୀନ ରୂପେ ଶାସିତ ହେଉଥିଲା । ୧୫୯୦ ଖ୍ରୀଷ୍ଟାବ୍ଦରେ ଆକବର ଖାନ-ଇ-ଖାନନ୍ ଙ୍କୁ ମୁଲତାନ୍‌ର ଗଭର୍ଣ୍ଣର ରୂପେ ନିଯୁକ୍ତି ଦେଇଥିଲେ । ଆକବର ମଧ ତାଙ୍କୁ କହିଥିଲେ ଯେ ବିଲୋଛିସ ନାମକ ଏକ ଜନଜାତି ବାସ କରୁଥିବା ଅଞ୍ଚଳକୁ ଜୟକରି ମୋଗଲ ଶାସନାଧୀନ କରିବା ପାଇଁ । ପ୍ରଥମେ ଥାଟାକୁ ଅଧିକାର କରି ମୁଲତାନ୍‌ର ଏକ ସୁବାର ସରକାର ରୂପେ ଗଠନ କରାଗଲା । ବିଲୋଛିସ୍ ମାନଙ୍କ ସହିତ ଗଭର୍ଣ୍ଣରଙ୍କ ଏହାର ଆଖ ପାଖ ଅଞ୍ଚଳରେ ଦ୍ୱନ୍ଦ ସୃଷ୍ଟି ହେଲା । ପରିଶେଷରେ, ୧୫୯୫ ଖ୍ରୀଷ୍ଟାବ୍ଦ ବେଳକୁ ସଂପୂର୍ଣ୍ଣ ଉତ୍ତର-ପଶ୍ଚିମାଞ୍ଚଳରେ ମୋଗଲ ସାର୍ବଭୌମତ୍ୱ ପ୍ରତିଷ୍ଠା ହେଲା ।

## DECCAN - ଦାକ୍ଷିଣାତ୍ୟ

୧୫୯୦ ଖ୍ରୀଷ୍ଟାବ୍ଦ ପରେ ଆକବର ତାଙ୍କର ଦାକ୍ଷିଣାତ୍ୟ ନୀତିକୁ ଏକ ନୂତନ ରୂପ ପ୍ରଦାନ କଲେ । ସେ ଦାକ୍ଷିଣାତ୍ୟକୁ ସଂପୂର୍ଣ୍ଣ ରୂପେ ଦଖଲ କରିବା ପାଇଁ ଏହି ନୀତି ପ୍ରଣୟନ କରିଥିଲେ । ଏହି ସମୟରେ ଦାକ୍ଷିଣାତ୍ୟ ରାଜ୍ୟ ଗୁଡ଼ିକ ଆଭ୍ୟନ୍ତରୀଣ ବିଶୃଙ୍ଖଳା ଏବଂ ନିୟମିତ ସଂଘର୍ଷରେ ବ୍ୟାପୃତ ରହୁଥିଲେ । ୧୫୯୧ ଖ୍ରୀଷ୍ଟାବ୍ଦରେ ଆକବର ଦାକ୍ଷିଣାତ୍ୟର ରାଜ୍ୟ ଗୁଡ଼ିକୁ ତାଙ୍କ କର୍ମଚାରୀ ମାନଙ୍କୁ ପ୍ରେରଣ କରିଥିଲେ । ସେଠାରେ ସେମାନେ ମୋଗଲ ସାର୍ବଭୌମତ୍ୱକୁ ଗ୍ରହଣ କରିବା ପାଇଁ ସେଠାକାର ଶାସକ ମାନଙ୍କୁ ପ୍ରବର୍ତ୍ତାଇ ଥିଲେ । କିନ୍ତୁ ସେମାନେ ବିଶେଷ ସଫଳ ହୋଇ ନଥିଲେ । ବର୍ତ୍ତମାନ ଆକବର ଆକ୍ରମଣାତ୍ମକ ନୀତି ଗ୍ରହଣ କରିବା ପାଇଁ ଚାହିଁଲେ । ସେଥିପାଇଁ ପ୍ରଥମ ସାମରିକ ଅଭିଯାନ ଅହମ୍ମଦ ନଗର ବିରୁଦ୍ଧରେ ହୋଇଥିଲା । ଏହି ଅଭିଯାନର ନେତୃତ୍ୱ ନେଇଥିଲେ ଯୁବରାଜ ମୁରାଦ୍ ଏବଂ ଅବଦୁଲ୍ ରହିମ୍ ଖାନ୍ ଖାନନ୍ । ୧୫୯୫ ଖ୍ରୀଷ୍ଟାବ୍ଦରେ ମୋଗଲ ବାହିନୀ ଅହମ୍ମଦନଗର ଆକ୍ରମଣ କଲେ । ଏଠାକାର ରାଣୀ ଚାନ୍ଦ ବିବି ମୋଗଲ ମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ସ୍ଥିର କଲେ । ସେ ବିଜାପୁରର ଶାସକ



ଟିପ୍ପଣି



ଇବ୍ରାହିମ୍ ଆଦିଲ୍ ଶାହା ଏବଂ ଗୋଲକୁଣ୍ଡାର ଶାସକ କୁତବ୍ ଶାହାଙ୍କ ସାହାଯ୍ୟ ପାଇଁ ଅନୁରୋଧ କଲେ । କିନ୍ତୁ ସେ ସାହାଯ୍ୟ ପାଇଲେ ନାହିଁ । ଏକ ଭୟଙ୍କର ଯୁଦ୍ଧ ସଂଘଠିତ ହେଲା । ଉଭୟ ପକ୍ଷର ବହୁତ କ୍ଷତି ହେଲା ଏବଂ ଏକ ସନ୍ଧି ସ୍ୱାକ୍ଷରିତ ହେଲା । ଚାନ୍ଦ ବିବି ମୋଗଲମାନଙ୍କୁ ବେରାର ହସ୍ତାନ୍ତର କଲେ । କିଛିଦିନ ପରେ ଚାନ୍ଦବିବି ବେରାର ଆକ୍ରମଣ କରି ତାକୁ ନିଜ ଅଧିକାରକୁ ନେଇ ଆସିଲେ । ଠିକ୍ ଏହି ସମୟରେ ନିଜାମ୍‌ସାହି, କୁତବସାହି ଏବଂ ଆଦିଲ ସାହି ମିଳିତ ବାହିନୀ ଗଠନ କଲେ । ମୋଗଲ ମାନଙ୍କର ଗଭୀର କ୍ଷତିହେଲା । କିନ୍ତୁ ସେମାନଙ୍କର ସ୍ଥିତି ବଜାୟ ରହିଲା । ଏହି ପରିପ୍ରେକ୍ଷୀରେ ଯୁବରାଜ ମୁରାଦ ଏବଂ ଖାନ୍ ଖାନନ୍ ମଧ୍ୟରେ ମନୋମାଳିନ୍ୟ ଘଟି ମୋଗଲ ସ୍ଥିତିକୁ ସେଠାରେ ଦୁର୍ବଳ କରିଦେଲା । ତେଣୁ ଆକବର ଖାନ୍ ଖାନନ୍‌ଙ୍କୁ ସେଠାରୁ ପ୍ରତ୍ୟାହାର କରିଆଣି ତାଙ୍କ ଜାଗାରେ ଆବୁଲ ଫାଜଲଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ । ୧୫୯୮ ଖ୍ରୀଷ୍ଟାବ୍ଦରେ ଯୁବରାଜ ମୁରାଦ୍‌ଙ୍କ ମୃତ୍ୟୁପରେ ଯୁବରାଜ ଡ଼ାନିଏଲ୍ ଏବଂ ଖାନ୍ ଖାନନ୍‌ଙ୍କୁ ଦାକ୍ଷିଣାତ୍ୟକୁ ପ୍ରେରଣ କରିଥିଲେ । ଅହମ୍ମଦ ନଗର ଅଧିକୃତ ହେଲା । ପୁନଶ୍ଚ ମୋଗଲମାନେ ଅସିରଗଡ଼ ଦୁର୍ଗ ତଥା ତା'ର ଆଖ ପାଖ ଅଞ୍ଚଳକୁ ଅଧିକାର କରିନେଲେ । ବିଜାପୁରର ଆଦିଲ ଶାହା ଆନୁଗତ୍ୟ ପ୍ରକାଶ ପୂର୍ବକ ନିଜର କନ୍ୟାକୁ ଯୁବରାଜ ଡ଼ାନିଏଲଙ୍କ ସହିତ ବିବାହ ଦେଇଥିଲେ । ଠିକ୍ ଏହି ସମୟରେ ଚାନ୍ଦ ବିବିଙ୍କର ମୃତ୍ୟୁ ହେଲା । ବର୍ତ୍ତମାନ ଦାକ୍ଷିଣାତ୍ୟରେ ମୋଗଲଶାସନର ଅନ୍ତର୍ଗତ ହେଲା ଅସିରିଗଡ଼, ବୁରହନ୍‌ପୁର, ଅହମ୍ମଦ ନଗର ଏବଂ ବେରାର୍ ।

ଆକବର ମୋଗଲ ସାମ୍ରାଜ୍ୟର ସୀମା ବୃଦ୍ଧି କରିବା ସହିତ କେତେକ ମୁଖ୍ୟଙ୍କୁ ମୋଗଲ ସାମନ୍ତ ରୂପରେ ନିଯୁକ୍ତ କରିଥିଲେ । ତାଙ୍କର ଏହି ନୀତି ସାମ୍ରାଜ୍ୟର ଅଶେଷ ଉନ୍ନତି କରିଥିଲା । ସମ୍ରାଟ ମଧ୍ୟ ଏହି ସାମନ୍ତ ତଥା ତାଙ୍କ ସେନାବାହିନୀର ସହାୟତା ଲାଭ କରି ନୂତନ ରାଜ୍ୟଜୟ କରିଥିଲେ । ମୋଗଲ ସାମନ୍ତ ଗୋଷ୍ଠୀର ଏକ ଅଂଶ ରୂପେ ଏହି ବିଶାଳ ମୋଗଲ ସାମ୍ରାଜ୍ୟର ଶାସନ ବ୍ୟବସ୍ଥାରେ ମଧ୍ୟ ସେମାନଙ୍କର ସହଯୋଗ ମିଳିଥିଲା । ଏଥି ସହିତ ସେମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ସାମ୍ରାଜ୍ୟରେ ଶାନ୍ତି ଓ ସ୍ଥିରତା ବଜାୟ ରଖିଲା । ଏହି ମୁଖ୍ୟମାନେ ଆକବରଙ୍କ ଏହି ନୀତି ଦ୍ୱାରା ଉପକୃତ ହୋଇଥିଲେ । ବର୍ତ୍ତମାନ ସେମାନେ ନିଜ ନିଜ ଅଞ୍ଚଳ ଫେରିପାଇଲେ ଏବଂ ନିଜ ଇଚ୍ଛାରେ ସେହି ଜାଗାରେ ଶାସନ କଲେ । ପୁନଶ୍ଚ ଏଥି ସହିତ ସେମାନେ ଜାଗିର ଓ ମନସବ୍ ଗ୍ରହଣ କଲେ । ବେଳେବେଳେ ସେମାନେ ପାଇଥିବା ଜାଗିର ସେମାନଙ୍କ ରାଜ୍ୟ ଠାରୁ ବଡ଼ ଥିଲା । ପୁନଶ୍ଚ ଏଠାରେ ଆଭ୍ୟନ୍ତରୀଣ ବିଦ୍ରୋହ କିମ୍ବା ବିହିଃଶତ୍ରୁ ଆକ୍ରମଣ କରିବା ଭୟ ନଥିଲା । ଅନେକ ରାଜପୁତ୍ ମନସବ୍‌ଦାର ତାଙ୍କ ନିଜ ରାଜ୍ୟକୁ ୱତନ୍ ଜାଗିର ରୂପେ ପାଇଥିଲେ । ଏହା ବଂଶାନୁକ୍ରମିକ ଥିଲା ଏବଂ ଏହାକୁ ହସ୍ତାନ୍ତର କରାଯାଇ ପାରୁନଥିଲା ।

ଆକବରଙ୍କ ରାଜ୍ୟଜୟ ନୀତି ମୋଗଲ ସାମ୍ରାଜ୍ୟକୁ ଏକ ନିର୍ଦ୍ଦିଷ୍ଟ ସ୍ୱରୂପ ପ୍ରଦାନ କଲା । ଆକବରଙ୍କ ପରେ ଯେଉଁ ବିସ୍ତାର ହୋଇଥିଲା ତାହା ଅତି ନଗଣ୍ୟ । ଶାହାଜାହାନ ଏବଂ ଆଉରଙ୍ଗଜେବଙ୍କ ସମୟରେ ଦାକ୍ଷିଣାତ୍ୟ ଏବଂ ଉତ୍ତରପୂର୍ବ ଭାରତର କିଛି ଅଞ୍ଚଳ ମୋଗଲ ସାମ୍ରାଜ୍ୟ ସହ ମିଶିଥିଲା ।


## INTEXT QUESTIONS 10.3 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଆକବର ବୈରାମ ଖାଁ ଙ୍କୁ କାହିଁକି ନିଲମ୍ବିତ କରିଥିଲେ ?

   ______________________________

2. ଆକବରଙ୍କ ରାଜ୍ୟାଭିଷେକ ସମୟରେ କେଉଁମାନେ ଭାରତର ବୃହତ୍ ରାଜନୈତିକ ଶକ୍ତି ରୂପେ ପରିଗଣିତ ହେଉଥିଲେ ।

   ______________________________




ମାନଚିତ୍ର ୧୦.୩.

3. କେଉଁ ରାଜପୁତ୍ ରାଜା ଆକବରଙ୍କ ବଶ୍ୟତା ସ୍ୱୀକାର ନ କରି ସ୍ୱାଧୀନ ଭାବେ ରହିବାକୁ ଚାହିଁଥିଲେ ?

_______________________________________________

4. ମୋଗଲମାନଙ୍କ ସହିତ ଯୁଦ୍ଧ କରିଥିବା ମହିଳା ଶାସିକାଙ୍କ ନାମ କ'ଣ ଥିଲା ? ତାଙ୍କ ରାଜ୍ୟର ନାମ କ'ଣ ଥିଲା ?

_______________________________________________

## JAHANGIR AND SHAHGAHAN-ଜାହାଙ୍ଗୀର ଏବଂ ଶାହାଜାହାନ୍

ଜାହାଙ୍ଗୀର ଆକବରଙ୍କର ସାମ୍ରାଜ୍ୟ ବିସ୍ତାର ନୀତିକୁ ଅନୁସରଣ କରି ଦାକ୍ଷିଣାତ୍ୟରେ ତାକୁ ପ୍ରୟୋଗ କରିଥିଲେ । କେତେକ ଅସୁବିଧା ହେତୁ ଜାହାଙ୍ଗୀର ଦାକ୍ଷିଣାତ୍ୟରେ କମ୍ ସଫଳତା ପାଇଥିଲେ । ଖୁରମ୍‌ଙ୍କର ବିଦ୍ରୋହ ଯୋଗୁ ସେ ରାଜ୍ୟ ବିସ୍ତାର ପାଇଁ ଅଧିକ ଧ୍ୟାନ ଦେଇପାରି ନଥିଲେ । ମୋଗଲ ସାମନ୍ତ ମାନେ ଦାକ୍ଷିଣାତ୍ୟର କିଛି କିଛି ସୁବିଧା ହାସଲ ପାଇଁ ଅଧିକାଂଶ ସମୟରେ ଷଡ଼ଯନ୍ତ୍ର ଏବଂ ସଂଘର୍ଷରେ ବ୍ୟାପୃତ ଥିଲେ ।

ପ୍ରଥମ ତିନିବର୍ଷ ମଧ୍ୟରେ ଦାକ୍ଷିଣାତ୍ୟ ବାଲ୍‌ଘାଟର ଅର୍ଦ୍ଧେକ ଏବଂ ଅହମ୍ମଦ ନଗରର ଅନେକ ଜିଲ୍ଲା ଅଧିକାର କରି ଦେଇଥିଲେ । ମାଲିକ୍ ଅମ୍ବର ଥିଲେ ସେଠାକାର ପ୍ରଧାନ ଶାସକ ଯେକି ମୋଗଲ ସୈନ୍ୟ ମାନଙ୍କୁ ପରାସ୍ତ କରି ବେରାର, ବାଲଘାଟ୍ ଏବଂ ଅହମ୍ମଦ ନଗରର କେତେକ ଅଂଶ ଅଧିକାର କରିନେଇଥିଲେ । ମୋଗଲମାନେ ହରାଇଥିବା ଅଞ୍ଚଳ ଗୁଡ଼ିକ ପୁନଃ ଅଧିକାର କରିପାରି ନଥିଲେ । ଏହି ସମୟରେ ଶାହାଜାହାନ ମାଲିକ ଅମ୍ବରଙ୍କ ସହିତ ବନ୍ଧୁତା କରି ଜାହାଙ୍ଗୀରଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ ।

ଟିପ୍ପଣି

ମାଲିକ୍ ଅମ୍ବର ଅହମ୍ମଦନଗର ଅଧିକାର କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ବିଫଳ ହେଲେ । ଏହାପରେ ସେ ଆଦିଲ ଶାହାଙ୍କ ଠାରୁ ସୋଲାପୁର ଅଧିକାର କରିଥିଲେ । ଏହାପରେ ଶାହାଜାହାନଙ୍କ ସହିତ ମିତ୍ରତା କରି ବୁରହନ୍‌ପୁର ଅଧିକାର କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ । ଜାହାଙ୍ଗୀର ଓ ଶାହାଜାହାନଙ୍କ ମଧ୍ୟରେ ଶାନ୍ତି ବୁଝାମଣା ହେଲାପରେ ମାଲିକ ଅମ୍ବର ଶାନ୍ତ ପଡ଼ିଯାଇଥିଲେ । ୧୬୨୭ ଖ୍ରୀଷ୍ଟାବ୍ଦରେ ମାଲିକ ଅମ୍ବରଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ତଥା ଉତ୍ତରାଧିକାରୀ ଫତେ ଖାଁ ୱକିଲ ଏବଂ ପେଶବା ଭାବେ ଦାୟିତ୍ୱ ଗ୍ରହଣ କଲେ । ଫତେ ଖାଁ ଜଣେ ଅତ୍ୟନ୍ତ ଗର୍ବୀ ଓ ଅହଂକାରୀ ବ୍ୟକ୍ତି ଥିଲେ । ତେଣୁ ତାଙ୍କ ସମୟରେ ଦାକ୍ଷିଣାତ୍ୟର ଏବଂ ଅନ୍ୟ ସାମନ୍ତମାନଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା ।

ଜାହାଙ୍ଗୀରଙ୍କ ରାଜତ୍ୱ କାଳରେ ଦାକ୍ଷିଣାତ୍ୟର କୌଣସି ରାଜ୍ୟ ମୋଗଲ ସାମ୍ରାଜ୍ୟ ସହିତ ସଂଯୁକ୍ତ ହୋଇ ନଥିଲା । ବାସ୍ତବରେ ଦାକ୍ଷିଣାତ୍ୟର ଶାସକ ମାନେ ମୋଗଲ ଶାସକ ମାନଙ୍କୁ ତାଙ୍କ ରାଜ୍ୟରେ ଦୁର୍ବଳ କରିଦେଇଥିଲେ । ମାଲିକ ଅମ୍ବରଙ୍କ ଉଚ୍ଚାଭିଳାଷ ଦାକ୍ଷିଣାତ୍ୟ ରାଜ୍ୟ ଗୁଡ଼ିକର ଏକ ମିଳିତବାହିନୀ ଗଠନ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା ।

ଜାହାଙ୍ଗୀରଙ୍କ ମୃତ୍ୟୁ ଏବଂ ଶାହାଜାହାନଙ୍କ ସିଂହାସନ ଆରୋହଣ କରିବା ସମୟ ମଧ୍ୟରେ ଦାକ୍ଷିଣାତ୍ୟର ମୋଗଲ ଗଭର୍ଣ୍ଣର ଖାଁ ଜାହାନ୍ ଲୋଦୀ ନିଜାମ ସାହିଙ୍କୁ ବାଲଘାଟ ପ୍ରଦାନ କରିଥିଲେ ।

ଏହାକୁ ଦେବାର ଉଦ୍ଦେଶ୍ୟ ଥିଲା ଆବଶ୍ୟକ ବେଳେ ନିଜାମ ସାହି ତାଙ୍କୁ ସାହାଯ୍ୟ କରିବେ । ଶାହାଜାହାନ୍ ସିଂହାସନ ଆରୋହଣ କଲାପରେ ଖାଁ ଜାହାନ୍ ଲୋଦୀଙ୍କୁ ବାଲଘାଟକୁ ପୁର୍ନଦଖଲ କରିବାକୁ ନିର୍ଦ୍ଦେଶ ଦେଲେ । କିନ୍ତୁ ସେ ବିଫଳ ହେଲେ । ତେଣୁ ଶାହାଜାହାନ୍ ତାଙ୍କୁ ଦରବାରକୁ ଡ଼କାଇ ପଠାଇଲେ । କିନ୍ତୁ ଖାଁ ଜାହାନ ତାଙ୍କୁ ବିରୋଦ୍ଧ କରି ବିଦ୍ରୋହ କଲେ ଏବଂ ନିଜାମ ଶାହାଙ୍କ ପାଖରେ ଆଶ୍ରୟ ନେଲେ । ଏହି କଥା ଦେଖି ଶାହାଜାହାନ୍ କ୍ରୋଧରେ ଜର୍ଜରିତ ହେଲେ ଏବଂ ଦାକ୍ଷିଣାତ୍ୟ ବିରୋଦ୍ଧରେ ଯୁଦ୍ଧାଭିଯାନ ପାଇଁ ପ୍ରସ୍ତୁତ ହେଲେ । ଶାହାଜାହାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା ମୋଗଲ ସାମ୍ରାଜ୍ୟ ଶାସନାଧୀନ ଦାକ୍ଷିଣାତ୍ୟ ରାଜ୍ୟ ଗୁଡ଼ିକୁ ପୁର୍ନଅଧିକୃତ କରିବା । ସେ ବିଶ୍ୱାସ କରୁଥିଲେ ଯେ ଅହମ୍ମଦନଗର ସ୍ୱାଧୀନ ହୋଇଗଲେ ଦାକ୍ଷିଣାତ୍ୟ ମୋଗଲ ନିୟନ୍ତ୍ରଣକୁ ଆସିଯିବ । ସେ ଅହମ୍ମଦନଗରକୁ ଅଲଗା କରି ସେ ବିଜାପୁର ଏବଂ ମରଠା ମାନଙ୍କୁ ପରାସ୍ତ କରିବାକୁ ଚାହିଁଥିଲେ । ସେ ମଧ ସଫଳ ହେଲେ । ମାଲିକ ଅମ୍ବରଙ୍କ ପୁତ୍ର ଫତେ ଖାଁ ମୋଗଲମାନଙ୍କ ସହ ଶାନ୍ତିଚୁକ୍ତି ସ୍ୱାକ୍ଷର କଲେ । ବର୍ତ୍ତମାନ ମୋହବତ୍ ଖାଁ ଦାକ୍ଷିଣାତ୍ୟର ଗଭର୍ଣ୍ଣର ରୂପେ ନିଯୁକ୍ତ ହେଲେ । କିନ୍ତୁ ଦାକ୍ଷିଣାତ୍ୟର ରାଜ୍ୟଗୁଡ଼ିକ ସହିତ ବିବାଦ ଲାଗି ରହିଲା । ଶେଷରେ ୧୬୩୬ ଖ୍ରୀଷ୍ଟାବ୍ଦରେ ବିଜାପୁର ଓ ଗୋଲକୁଣ୍ଡା ସହିତ ସନ୍ଧିହେଲା । ବିଜାପୁର ସହିତ ହୋଇଥିବା ସନ୍ଧିର ଚୁକ୍ତି ଗୁଡ଼ିକ ନିମ୍ନ ପ୍ରକାରର ଥିଲା ।

1. ଆଦିଲ ଶାହା ମୋଗଲ ସାର୍ବଭୌମତ୍ୱକୁ ଗ୍ରହଣ କଲେ ।
2. ଯୁଦ୍ଧର କ୍ଷତିପୂରଣ ବାବତକୁ ସେ ୨୦ ଲକ୍ଷ ଟଙ୍କା ଦେବେ ।
3. ସେ ଗୋଲକୋଣ୍ଡା ବ୍ୟାପାରରେ ହସ୍ତକ୍ଷେପ କରିବେ ନାହିଁ ।
4. ବିଜାପୁର ଏବଂ ଗୋଲକୋଣ୍ଡା ମଧ୍ୟରେ ଯଦି କିଛି ବିବାଦ ଉପୁଜେ ତେବେ ମୋଗଲ ସମ୍ରାଟ୍ ଏଥିରେ ମଧ୍ୟସ୍ଥତା କରି ସମାଧାନ କରିବେ ।
5. ସାହାଜୀ ଭୋନସ୍‌ଲେ ସହିତ ସଂଘର୍ଷରେ ଆଦିଲ ଶାହା ମୋଗଲ ମାନଙ୍କୁ ସାହାଯ୍ୟ କରିବେ ।

   ଗୋଲକୁଣ୍ଡା ମଧ ଗୋଟିଏ ଅଲଗା ଚୁକ୍ତି କରିଥିଲା । ଏହି ଚୁକ୍ତିର ସର୍ତ୍ତଗୁଡ଼ିକ ନିମ୍ନପ୍ରକାରର ଥିଲା ।

1. ଗୋଲକୋଣ୍ଡା ମୋଗଲ ସମ୍ରାଟ୍‌ଙ୍କ ପ୍ରତି ଆନୁଗତ୍ୟ ରକ୍ଷା କରିବା ପାଇଁ ଶପଥ ନେଲା । ସେ ମଧ ମୋଗଲ ସମ୍ରାଟ୍‌ଙ୍କ ନାମ ଖୁତୁବା ରେ ରଖି ଇରାନ୍‌ର ଶାହାଙ୍କ ନାମ କାଟିଦେଲା ।

ଟିପ୍ପଣି

2. ଗୋଲକୋଣ୍ଡା ମୋଗଲମାନଙ୍କୁ ବର୍ଷକୁ ଦୁଇଲକ୍ଷ ଟଙ୍କା ଦେବାକୁ ରାଜି ହୋଇଥିଲା । ଏହି ସନ୍ଧି ସ୍ୱାକ୍ଷରିତ ହେଲାପରେ ଦାକ୍ଷିଣାତ୍ୟ ସହିତ ବିବାଦର ଅନ୍ତ ଘଟିଲା । ମୋଗଲମାନେ ଦକ୍ଷିଣ ଭାରତର ବୃହତ ଅଞ୍ଚଳରେ ସେମାନଙ୍କ ସାମ୍ରାଜ୍ୟର କଳେବର ବୃଦ୍ଧି କଲେ । ୧୬୫୬ ଏବଂ ୧୬୫୭ରେ ମୋଗଲ ନୀତିରେ ପରିବର୍ତ୍ତନ ଦେଖାଗଲା । ଦାକ୍ଷିଣାତ୍ୟ ସହିତ ହୋଇଥିବା ସନ୍ଧିର ସର୍ତ୍ତ ଖିଲାପ କରାଗଲା । ଏବେ ଶାହାଜାହାନ ଆଉରଙ୍ଗଜେବଙ୍କୁ ଦାକ୍ଷିଣାତ୍ୟର ରାଜ୍ୟଗୁଡ଼ିକ ଅଧିକାର କରି ମୋଗଲ ସାମ୍ରାଜ୍ୟରେ ମିଶାଇ ଦେବା ପାଇଁ ନିର୍ଦ୍ଦେଶ ଦେଲେ । କେତେକ ଐତିହାସିକ ଯୁକ୍ତି କରି କହନ୍ତି ଯେ ଦାକ୍ଷିଣାତ୍ୟର ମୂଲ୍ୟବାନ ସମ୍ପଦକୁ ହାସଲ କରିବା ପାଇଁ ମୋଗଲମାନେ ନୀତି ପରିବର୍ତ୍ତନ କରିଥିଲେ । ସେ ଯାହାହେଉ, ଏହି ପରିବର୍ତ୍ତୀତ ନୀତି କୌଣସି ଦୃଷ୍ଟି କୋଣରୁ ମୋଗଲମାନଙ୍କ ପାଇଁ ଲାଭଦାୟକ ହୋଇ ନଥିଲା । ବରଂ ଭବିଷ୍ୟତରେ ଅନେକ ସମସ୍ୟା ସୃଷ୍ଟି କରିଥିଲା ।

**AURANGZEB - ଆଉରଙ୍ଗଜେବ୍**

ଆଉରଙ୍ଗଜେବ ଦାକ୍ଷିଣାତ୍ୟ ପ୍ରତି ଉଗ୍ର ସାମ୍ରାଜ୍ୟବାଦ ନୀତି ପ୍ରଣୟନରେ ବିଶ୍ୱାସ ରଖିଲେ । ପ୍ରଧାପକ ସତିଶ ଚନ୍ଦ୍ର ଆଉରଙ୍ଗଦେବଙ୍କ ଦାକ୍ଷିଣାତ୍ୟ ପ୍ରତି ତିନୋଟି ଭିନ୍ନ ଭିନ୍ନ ନୀତି ବିଷୟରେ ଉଲ୍ଲେଖ କରିଛନ୍ତି ।

1. ୧୬୫୮ ଖ୍ରୀଷ୍ଟାବ୍ଦରୁ ୧୬୬୮ ଖ୍ରୀଷ୍ଟାବ୍ଦ ମଧ୍ୟରେ କଲ୍ୟାଣି ବିଦର୍ଭ ଏବଂ ପାରେଣ୍ଡ ଅଞ୍ଚଳ ଅଧିକାର ଉପରେ ଗୁରୁତ୍ୱ ପ୍ରଦାନ କରାଗଲା । ଏଗୁଡ଼ିକ ବିଜାପୁରରେ ଥିଲା । ଏହି ସମୟସୀମା ମଧ୍ୟରେ ମରହଟ୍ଟା ମାନଙ୍କ ବିରୋଦ୍ଧରେ ଦାକ୍ଷିଣାତ୍ୟ ରାଜ୍ୟ ଗୁଡ଼ିକର ସାହାଯ୍ୟ ସହଯୋଗ ପାଇବା ପାଇଁ ଉଦ୍ୟମ କରାଗଲା । ବିଜାପୁର ଅଧିକାର କରିବା ପାଇଁ ଦାକ୍ଷିଣାତ୍ୟର ଗଭର୍ଣ୍ଣର ଜୟ ସିଂହ ଉଦ୍ୟମ କରି ବିଫଳ ହୋଇଥିଲେ ।

2. ୧୬୬୮ ଖ୍ରୀଷ୍ଟାବ୍ଦରୁ ୧୬୮୪ ଖ୍ରୀଷ୍ଟାବ୍ଦ ମଧ୍ୟରେ ମୋଗଲ ନୀତିରେ ପରିବର୍ତ୍ତନ ଦେଖାଦେଲା । ବିଜାପୁରର ଶାସକ ଆଦିଲଶାହାଙ୍କର ମୃତ୍ୟୁ, ଶିବାଜୀଙ୍କ ଶକ୍ତି ବୃଦ୍ଧି, ଗୋଲକୋଣ୍ଡା ଶାସନବ୍ୟବସ୍ଥାରେ ଆଖନ୍ନ ଏବଂ ମଦନ୍ନ ଭ୍ରାତୃଦ୍ୱୟଙ୍କର ଅଖଣ୍ଡ ପ୍ରଭାବ ମୋଗଲ ନୀତିକୁ ପ୍ରଭାବିତ କଲା । ଗୋଲକୁଣ୍ଡା ଶିବାଜୀ ଏବଂ ବିଜାପୁର ସହ ଏକ ସନ୍ଧି କଲା । ଆଉରଙ୍ଗଜେବ୍‌ଙ୍କର ମରହଟ୍ଟା ତୁଷ୍ଟିକରଣ ନୀତି ତାଙ୍କୁ ସଫଳତା ପ୍ରଦାନ କରିନଥିଲା । ଫଳରେ ଛୋଟ ବଡ଼ କ୍ରମାଗତ ସମସ୍ୟା ସେଠାରେ ଲାଗି ରହିଲା । ଆଉରଙ୍ଗଜେବ୍ ଦାକ୍ଷିଣାତ୍ୟ ରାଜ୍ୟ ଗୁଡ଼ିକୁ ସଂଯୋଗ କରିବା ପାଇଁ କୁଣ୍ଠା ପ୍ରକାଶ କଲେ ।

3. ୧୬୮୪ ରୁ ୧୬୮୭ ମଧ୍ୟରେ ଆଉରଙ୍ଗଜେବ୍ ଦାକ୍ଷିଣାତ୍ୟ ରାଜ୍ୟ ଗୁଡ଼ିକର ମିଶ୍ରଣ ପାଇଁ ହଠାତ୍ ପଦକ୍ଷେପ ଗ୍ରହଣ କଲେ । ସେ ନିଜେ ସୈନ୍ୟବାହିନୀର ନେତୃତ୍ୱ ନେଇ ୧୬୮୭ ଖ୍ରୀଷ୍ଟାବ୍ଦରେ ବିଜାପୁର, ଗୋଲକୋଣ୍ଡା ଏବଂ କର୍ଣ୍ଣାଟକ ଅଞ୍ଚଳକୁ ମୋଗଲ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ କରିଥିଲେ । ଆଉରଙ୍ଗଜେବଙ୍କର ମରହଟ୍ଟା ମାନଙ୍କ ସହିତ ସଂଘର୍ଷ ୧୬୮୭ ରୁ ୧୭୦୭ ପର୍ଯ୍ୟନ୍ତ ଚାଲିଥିଲା । ଆଉରଙ୍ଗଦେବ ଅଧିକାଂଶ ସମୟ ଦାକ୍ଷିଣାତ୍ୟରେ ରହି ଏହି ଅଞ୍ଚଳକୁ ମୋଗଲ ନିୟନ୍ତ୍ରଣାଧୀନ କରିଥିଲେ । ୧୭୦୭ ଖ୍ରୀଷ୍ଟାବ୍ଦରେ ଆଉରଙ୍ଗଜେବ୍‌ଙ୍କର ମୃତ୍ୟୁପରେ ଦାକ୍ଷିଣାତ୍ୟ ରାଜ୍ୟ ଗୁଡ଼ିକ ଖୁବ୍ ଅଳ୍ପ ସମୟ ମଧ୍ୟରେ ସ୍ୱାଧୀନତା ଘୋଷଣା କରିଥିଲେ ।

ଦାକ୍ଷିଣାତ୍ୟ ବ୍ୟତୀତ ଆଉରଙ୍ଗଜେବ ଭାରତର ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଆସାମ୍ ପର୍ଯ୍ୟନ୍ତ ମୋଗଲ ସାମ୍ରାଜ୍ୟର ବିସ୍ତାର କରିପାରିଥିଲେ । ଏହି ଅଞ୍ଚଳରେ ମୋଗଲ ମାନଙ୍କର ମୁଖ୍ୟ କୃତିତ୍ୱ ଥିଲା ବଙ୍ଗଳାର ଗଭର୍ଣ୍ଣର ମିର୍ ଜୁମୁଲାଙ୍କ ନେତୃତ୍ୱରେ ଆସାମ ଅଧିକାର । ସେହିପରି ଉତ୍ତର ପୂର୍ବ ଭାରତରେ ଅନ୍ୟ ଏକ ଉଲ୍ଲେଖନୀୟ କୃତିତ୍ୱ ଥିଲା ବେଙ୍ଗଲର ନୂତନ ଭାବେ ନିଯୁକ୍ତ ଭଗର୍ଣ୍ଣର ସାହିସ୍ତା ଖାଁଙ୍କ ନେତୃତ୍ୱରେ ୧୬୬୪ ଖ୍ରୀ:ଅ:ରେ ଚିଟାଗଙ୍ଗ ଅଧିକାର । ଆସାମ ଦୀର୍ଘଦିନ ପର୍ଯ୍ୟନ୍ତ



ଟିପ୍ପଣି

ପ୍ରତ୍ୟେକ୍ଷ ଶାସନ ମଧ୍ୟରେ ରହିପାରି ନଥିଲା । ସେଠାରେ ନିଯୁକ୍ତ ମୋଗଲ ଫୌଜଦାର ମାନେ ସେଠାରେ ବିରୋଧର ସମ୍ମୁଖୀନ ହେଲେ ଏବଂ ସେଠାରେ ନିୟମିତ ସଂଘର୍ଷ ଲାଗି ରହିଲା । ୧୮୬୦ ବେଳକୁ ଆସାମ୍ କାମ ରୂପ ଅଧିକାର କରିବାରୁ ମୋଗଲ ନିୟନ୍ତ୍ରଣର ଅବଧି ସମାପ୍ତ ହେଲା ।

## INTEXT QUESTIONS 10.4 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. କେଉଁ ଦାକ୍ଷିଣାତ୍ୟ ଶାସକ ଜାହାଙ୍ଗୀରଙ୍କର ମୋଗଲ ବାହିନୀକୁ ପରାସ୍ତ କରିଥିଲେ ?

   ______________________

2. ୧୬୩୬ ଖ୍ରୀଷ୍ଟାବ୍ଦରେ ମୋଗଲମାନେ ଦାକ୍ଷିଣାତ୍ୟର କେଉଁ ଦୁଇଟି ରାଜ୍ୟ ସହିତ ସନ୍ଧି କରିଥିଲେ ?

   ______________________

3. କେଉଁ ମୋଗଲ ସେନାଧ୍ୟକ୍ଷ ଅହମ୍ ରାଜ୍ୟ (ଆସାମ୍) କୁ ମୋଗଲ ନିୟନ୍ତ୍ରଣକୁ ଆଣିଥିଲେ ?

   ______________________

4. କେଉଁ ଦାକ୍ଷିଣାତ୍ୟ ରାଜ୍ୟ ସହିତ ଆଉରଙ୍ଗଜେବ୍ ଦୀର୍ଘଦିନ ପର୍ଯ୍ୟନ୍ତ ସଂଘର୍ଷରେ ଲିପ୍ତ ରହିଥିଲେ ?

   ______________________

## 10.5. CHALLENGES TO MUGHAL RULE : CONFLICTS AND NEGOTIATIONS - ମୋଗଲ ଶାସନ ପ୍ରତି ଆହ୍ୱାନ : ସଂଘର୍ଷ ଏବଂ ସନ୍ଧି :

ଆଉରଙ୍ଗଜେବଙ୍କ ଅଧୀନରେ ମୋଗଲ ସାମ୍ରାଜ୍ୟର ସୀମା ଆଶାତୀତ ଭାବେ ବୃଦ୍ଧିପାଇଥିଲା । ଏହା ବର୍ତ୍ତମାନ ଭାରତର ସମସ୍ତ ଅଞ୍ଚଳ କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ଏହି ବିଶାଳ ସାମ୍ରାଜ୍ୟ ଆଞ୍ଚଳିକ ବିଦ୍ରୋହ ଦ୍ୱାରା ପ୍ରଭାବିତ ହୋଇଥିଲା । ଜାଟ୍, ସତନାମୀ, ଆଫଗାନ୍, ଶିଖ୍ ଏବଂ ମରହଟ୍ଟା ମାନେ ବିଦ୍ରୋହ କରିଥିଲେ । ଆକବରଙ୍କ ରାଜତ୍ୱ ସମୟରେ ରାଜପୁତ୍ ମାନେ ଏକ ପ୍ରଧାନ ଶକ୍ତି ରୂପେ ଉଭା ହୋଇଥିଲେ । ସେମାନେ ଜାହାଙ୍ଗୀର ଏବଂ ଶାହାଜାହାନଙ୍କ ସମୟରେ ମଧ ଅନୁରୂପ ସହାୟତା ପ୍ରଦାନ କରିଥିଲେ । କିନ୍ତୁ ଆଉରଙ୍ଗଜେବ୍ ଙ୍କ ସମୟରେ ସେମାନଙ୍କ ପ୍ରତି ପ୍ରାଧାନ୍ୟ ଦିଆ ନଯିବାରୁ ସେମାନେ ଅଲଗା ହୋଇ ରହିଗଲେ ଏବଂ ସେମାନଙ୍କ ଶକ୍ତି ହ୍ରାସ ହୋଇପଡ଼ିଲା । ସେମାନଙ୍କୁ ମଧ ଆଉରଙ୍ଗଜେବ୍‌ଙ୍କ ଶାସନ ବ୍ୟବସ୍ଥାରେ ଉଚ୍ଚପଦବୀ ମିଳି ନଥିଲା । ମରହଟ୍ଟା ମାନେ ଏକ ବୃହତ୍ ଶକ୍ତି ରୂପେ ଆର୍ବିଭୂତ ହୋଇ ଆଉରଙ୍ଗଜେବ୍‌ଙ୍କ ଶକ୍ତିକୁ ଆହ୍ୱାନ କରିଥିଲେ । ଦାକ୍ଷିଣାତ୍ୟର ରାଜ୍ୟଗୁଡ଼ିକ ମୋଗଲମାନଙ୍କ ସାମ୍ରାଜ୍ୟ ବିସ୍ତାର ନୀତିକୁ ଦୃଢ଼ ପ୍ରତିରୋଧ କରାଇଥିଲେ । ଉତ୍ତର-ପଶ୍ଚିମ ସୀମାନ୍ତ ରାଜ୍ୟ ମଧ ମୋଗଲ ସାମ୍ରାଜ୍ୟ ପ୍ରତି ଅସ୍ଥିରତା ସୃଷ୍ଟି କରିଥିଲା । ତେଣୁ ମୋଗଲମାନେ ଏହାକୁ ଦୃଢ଼ ହସ୍ତରେ ଦମନ କରିଥିଲେ । ତେଣୁ ଲକ୍ଷ୍ୟ କରିବାର କଥା ଯେ ମୋଗଲ ସାମ୍ରାଜ୍ୟର ବିସ୍ତାର ପାଇଁ ମୋଗଲମାନେ ବିଭିନ୍ନ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ । ସେମାନେ ତାଙ୍କ ଲକ୍ଷ୍ୟରେ ପହଞ୍ଚିବା ପାଇଁ କେଉଁଠି ସନ୍ଧି କରୁଥିଲେ ତ କେଉଁଠାରେ ସାମରିକ ଶକ୍ତିର ଉପଯୋଗ କରୁଥିଲେ । ଏ ସଂବଂଧରେ ଆମେ ସଂକ୍ଷେପରେ ନିମ୍ନରେ ଆଲୋଚନା କରିବା ।

### RAJPUTS - ରାଜପୁତମାନେ

ରାଜପୁତନାର ମେବାର ଥିଲା ଏକମାତ୍ର ରାଜ୍ୟ ଯାହା ଆକବରଙ୍କ ରାଜତ୍ୱ ସମୟରେ ମୋଗଲ ଶାସନାଧୀନ ହୋଇନଥିଲା । ଜାହାଙ୍ଗୀର ଏହାକୁ ଅଧିକାର କରିବା ପାଇଁ ଏକ ନୀତି ଅନୁସରଣ କଲେ । ଅନେକ ସଂଘର୍ଷ ପରେ ରାଣା ଆମର ସିଂହ ମୋଗଲ ସାର୍ବଭୌମତ୍ୱକୁ ସ୍ୱୀକାର କରିବା ପାଇଁ ରାଜି ହେଲେ । ମେବାରର ଯେତେ ଅଞ୍ଚଳ ମୋଗଲମାନେ ଅଧିକାର କରିଥିଲେ ସେ ସମସ୍ତ ଅଞ୍ଚଳ

ଚିତୋର ଦୁର୍ଗ ସହିତ ରାଣା ଅମର ସିଂହଙ୍କୁ ଫେରାଇଦିଆଗଲା ଏବଂ ରାଣା ଅମର ସିଂହଙ୍କ ପୁତ୍ର କରଣ ସିଂହଙ୍କୁ ଏକ ଜାଗିର ପ୍ରଦାନ କରାଗଲା । ଜାହାଙ୍ଗୀର ଏବଂ ଶାହାଜାହାନ୍‌ଙ୍କ ରାଜତ୍ୱ କାଳରେ ରାଜପୁତ୍‌ମାନେ ମୋଗଲ ମାନଙ୍କର ବନ୍ଧୁ ଭାବେ ରହିଥିଲେ ଏବଂ ଉଚ୍ଚ ମନସବ୍ ପଦବୀ ଅଳଂକୃତ କରିଥିଲେ । ଶାହାଜାହାନଙ୍କ ଦାକ୍ଷିଣାତ୍ୟ ଅଭିଯାନ ପାଇଁ ସେ ରାଜପୁତ୍ ସୈନ୍ୟମାନଙ୍କ ଉପରେ ବିଶ୍ୱାସ ଓ ଆସ୍ଥା ରଖିଥିଲେ । ଉତ୍ତର ପୂର୍ବାଞ୍ଚଳ ଅଭିଯାନରେ ମଧ ରାଜପୁତ୍‌ମାନେ ସେମାନଙ୍କ ବିଶ୍ୱସ୍ତତା ପ୍ରଦର୍ଶନ କରିଥିଲେ । ଆଉରଙ୍ଗଜେବ୍‌ଙ୍କ ରାଜତ୍ୱ ସମୟରେ ମୋଗଲ ଏବଂ ରାଜପୁତ୍ ସଂପର୍କରେ ବାଧା ସୃଷ୍ଟି ହେଲା । ବିଶେଷ କରି ମାରୱାରର ଉତ୍ତରାଧିକାର ପ୍ରଶ୍ନକୁ ନେଇ ଉଭୟଙ୍କ ମଧରେ ତିକ୍ତତା ସୃଷ୍ଟି ହେଲା । ଆଉରଙ୍ଗଜେବଙ୍କର ଅଯଥା ହସ୍ତକ୍ଷେପ ଏବଂ ରାଜପୁତ୍‌ମାନେ ବିରୋଧ କରୁଥିବା ବ୍ୟକ୍ତିଙ୍କୁ ଆଉରଙ୍ଗଜେବ ମାରୱାର ସିଂହାସନରେ ଅଧିଷ୍ଠିତ କରାଇବା ହେତୁ ରାଜପୁତ୍‌ମାନେ ମୋଗଲ ଶାସନ ବ୍ୟବସ୍ଥାରୁ ନିଜକୁ ପ୍ରତ୍ୟାହାର କରିନେଲେ । ପ୍ରକୃତରେ, ଶକ୍ତିଶାଳୀ ରାଜପୁତ୍ ସାମନ୍ତ ଗୋଷ୍ଠୀର ଅନୁପସ୍ଥିତି ଯୋଗୁ ବିଭିନ୍ନ ସ୍ଥାନରେ ମୋଗଲ ନିୟନ୍ତ୍ରଣ ପ୍ରତି ବିପଦ ଦେଖାଦେଲା ଏବଂ ବାଧହୋଇ ମୋଗଲମାନେ ସ୍ୱତନ୍ତ୍ର ଭାବେ ମରହଟ୍ଟା ମାନଙ୍କ ସହିତ ସନ୍ଧି କରିଥିଲେ ।

## DECCAN - ଦାକ୍ଷିଣାତ୍ୟ

ଆକବରଙ୍କ ରାଜତ୍ୱର ଶେଷ ବର୍ଷରେ ଏବଂ ଜାହାଙ୍ଗୀରଙ୍କ ରାଜତ୍ୱର ପ୍ରାରମ୍ଭରେ ମାଲିକ୍ ଅମ୍ବରଙ୍କ ନେତୃତ୍ୱରେ ଅହମ୍ମଦ ନଗର ମୋଗଲ ଶକ୍ତିକୁ ଆହ୍ୱାନ କରିଥିଲା । ଏହି କାର୍ଯ୍ୟରେ ମାଲିକ୍ ଅମ୍ବର ବିଜାପୁରର ସହାୟତା ମଧ ଲାଭ କରିଥିଲେ । ଜାହାଙ୍ଗୀର ବାରମ୍ବାର ଦାକ୍ଷିଣାତ୍ୟ ବିରୁଦ୍ଧରେ ଅଭିଯାନ ଚଳାଇଥିଲେ ମଧ କୃତକାର୍ଯ୍ୟ ହୋଇପାରି ନଥିଲେ । ଶାହାଜାହାନଙ୍କ ରାଜତ୍ୱ କାଳରେ ମଧ ମୋଗଲ ମାନଙ୍କର ଦାକ୍ଷିଣାତ୍ୟର ଅହମ୍ମଦ ନଗର, ବିଜାପୁର ଏବଂ ଗୋଲକୋଣ୍ଡା ସହିତ ସଂଘର୍ଷର ପୁନରାବୃତ୍ତି ହେଲା । ସର୍ବପ୍ରଥମେ ଅହମ୍ମଦନଗର ପରାସ୍ତ ହୋଇ ଏହାର ଅନେକ ଅଂଚଳ ମୋଗଲ ସାମ୍ରାଜ୍ୟ ସହିତ ମିଶିଗଲା । ୧୬୩୬ ଖ୍ରୀଷ୍ଟାବ୍ଦ ବେଳକୁ ବିଜାପୁର ଏବଂ ଗୋଲକୋଣ୍ଡା ମଧ ମୋଗଲ ମାନଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । କିନ୍ତୁ ମୋଗଲ ସାମ୍ରାଜ୍ୟ ସହିତ ସଂଯୁକ୍ତ ହୋଇନଥିଲେ । ସେମାନଙ୍କ ମଧରେ ସନ୍ଧି ହୋଇଥିଲା । ଏହି ସନ୍ଧି ଅନୁସାରେ ପରାଜିତ ରାଜ୍ୟ ଗୁଡ଼ିକ ମୋଗଲ ସାର୍ବଭୌମତ୍ୱକୁ ସ୍ୱୀକାର କରିବା ସଂଗେ ସଂଗେ ବାର୍ଷିକ କର ଦେବେ ବୋଲି ସ୍ଥିର ହେଲା । ଶାହାଜାହାନ ୧୦ ବର୍ଷ ପର୍ଯ୍ୟନ୍ତ ତାଙ୍କ ପୁତ୍ର ଆଉରଙ୍ଗଜେବ୍‌ଙ୍କୁ ଏହି ଅଞ୍ଚଳରେ ଅବସ୍ଥାପିତ କରିଥିଲେ । କିନ୍ତୁ ଆଉରଙ୍ଗଜେବଙ୍କ ଶାସନ କାଳରେ ଦାକ୍ଷିଣାତ୍ୟ ରାଜ୍ୟ ଏବଂ ମରହଟ୍ଟା ମାନଙ୍କ ସହିତ ସଂଘର୍ଷ ଆହୁରି ଉଗ୍ର ରୂପ ଧାରଣ କଲା । ବାସ୍ତବରେ ଆଉରଙ୍ଗଜେବ ତାଙ୍କ ରାଜତ୍ୱର ଶେଷ କୋଡ଼ିଏ ବର୍ଷ ଦାକ୍ଷିଣାତ୍ୟରେ ସେମାନଙ୍କ ସହିତ ସଂଘର୍ଷ କରି କଟାଇଥିଲେ । ୧୬୮୭ ଖ୍ରୀଷ୍ଟାବ୍ଦ ବେଳକୁ ଦାକ୍ଷିଣାତ୍ୟର ବିଜାପୁର ଏବଂ ଗୋଲକୋଣ୍ଡା ରାଜ୍ୟ ମୋଗଲ ସାମ୍ରାଜ୍ୟ ସହିତ ମିଶି ଯାଇଥିଲା । ସେ ଯାହା ହେଉ ଆଉରଙ୍ଗଜେବ ଦାକ୍ଷିଣାତ୍ୟରେ ଯେତିକି ସମୟ ଓ ଅର୍ଥ ବ୍ୟୟ କରିଥିଲେ ତାହା ମୋଗଲ ରାଜକୋଷକୁ ଦୁର୍ବଳ କରିଦେଇଥିଲା ।

## THE MARTHAS -ମରହଟ୍ଟାମାନେ

ମରହଟ୍ଟାମାନେ ଦାକ୍ଷିଣାତ୍ୟରେ ଏକ ପ୍ରଧାନ ଶକ୍ତି ରୂପେ ଶିବାଜୀଙ୍କ ନେତୃତ୍ୱରେ ସପ୍ତଦଶ ଶତାବ୍ଦୀର ମଧ ଭାଗରେ ଆବିର୍ଭାବ ହେଲେ । ସେମାନେ ମୋଗଲ ଶକ୍ତିକୁ ଆହ୍ୱାନ କଲେ । ଶିବାଜୀ ତାଙ୍କର ଅଭିଯାନ ଆରମ୍ଭ କରି ୧୬୫୬ ଖ୍ରୀଷ୍ଟାବ୍ଦରେ ଜାଭଲି ଅଞ୍ଚଳ ଅଧିକାର କଲେ । କିଛିଦିନ ପରେ ଶିବାଜୀ ବିଜାପୁର ଆକ୍ରମଣ କଲେ । ୧୬୫୯ ଖ୍ରୀଷ୍ଟାବ୍ଦରେ ବିଜାପୁରର ସୁଲତାନ ତାଙ୍କ ସେନାଧକ୍ଷ ଆଫଜଲ ଖାଁ ଙ୍କୁ ଶିବାଜୀଙ୍କୁ ଧରିବା ପାଇଁ ପ୍ରେରଣ କଲେ । ଶିବାଜୀ ଖୁବ୍ ଚତୁର ଥିଲେ । ତେଣୁ ସେ ଆଫଜଲ ଖାଁ ଙ୍କୁ ହତ୍ୟା କଲେ । ଫଳରେ ୧୬୬୨ ଖ୍ରୀଷ୍ଟାବ୍ଦରେ ବିଜାପୁରର ସୁଲତାନ ଶିବାଜୀଙ୍କ ସହିତ ଏକ ଶାନ୍ତିଚୁକ୍ତି ସ୍ୱାକ୍ଷର କଲେ ଏବଂ ଶିବାଜୀଙ୍କୁ ଜଣେ ସ୍ୱାଧୀନ ରାଜା ବୋଲି ସ୍ୱୀକାର କଲେ ।



ଟିପ୍ପଣି

ବର୍ତ୍ତମାନ ଶିବାଜୀ ମୋଗଲ ଅଧିକୃତ ଅଞ୍ଚଳ ଉପରେ ଆକ୍ରମଣ ଚଳାଇଲେ । ଫଳରେ ଆଉରଙ୍ଗଜେବ ଦାକ୍ଷିଣାତ୍ୟର ରାଜ୍ୟପାଳ ସାହିସ୍ତା ଖାଁ ଙ୍କୁ ଏକ ବିଶାଳ ସୈନ୍ୟବାହିନୀ ସହ ଶିବାଜୀଙ୍କ ବିରୁଦ୍ଧରେ ପ୍ରେରଣ କଲେ । ୧୬୬୫ ଖ୍ରୀଷ୍ଟାବ୍ଦ ଉଭୟଙ୍କ ମଧ୍ୟରେ ପୁରନ୍ଦର ସନ୍ଧି ସ୍ୱାକ୍ଷରିତ ହେଲା । ଏହି ସନ୍ଧି ଅନୁସାରେ ଶିବାଜୀଙ୍କ ଅଧିକୃତ ୩୫ଟି ଦୁର୍ଗ ମଧ୍ୟରୁ ୨୩ଟି ଦୁର୍ଗ ମୋଗଲ ମାନଙ୍କୁ ଦେବାକୁ ଶିବାଜୀ ରାଜିହୋଇଥିଲେ । ଅବଶିଷ୍ଟ ୧୨ ଗୋଟି ଦୁର୍ଗ ସହିତ ବାର୍ଷିକ ଏକ ଲକ୍ଷ ମୁଦ୍ରା ଆୟ ଶିବାଜୀଙ୍କ ହସ୍ତରେ ରହିଲା । ଶିବାଜୀଙ୍କୁ ଆଗ୍ରାର ମୋଗଲ ଦରବାରକୁ ପରିଦର୍ଶନ ପାଇଁ ନିମନ୍ତ୍ରଣ କରାଗଲା । କିନ୍ତୁ ଯେତେବେଳେ ଶିବାଜୀ ସେଠାକୁ ଗଲେ, ସେଠାରେ ତାଙ୍କୁ ଖରାପ ବ୍ୟବହାର କରାଯାଇ ବନ୍ଦିଶାଳାରେ ନିକ୍ଷେପ କରାଗଲା । ସେ ଯାହାହେଉ ଶିବାଜୀ କୌଶଳ କ୍ରମେ ସେଠାରୁ ଖସିଆସିଲେ ଏବଂ ୧୬୬୬ ଖ୍ରୀଷ୍ଟାବ୍ଦରେ ରାୟଗଡ଼ ଦୁର୍ଗରେ ପହଞ୍ଚିଲେ । ସେହିଦିନଠାରୁ ସେ ମୋଗଲ ମାନଙ୍କ ବିରୁଦ୍ଧରେ ଅବିରାମ ସଂଗ୍ରାମ କଲେ । ସେ ବହୁତ ଶୀଘ୍ର ସମସ୍ତ ଦୁର୍ଗକୁ ଅଧିକାର କରିନେଲେ (ଯେଉଁ ଦୁର୍ଗକୁ ମୋଗଲମାନଙ୍କୁ ଦେଇଥିଲେ) । ୧୬୭୦ ଖ୍ରୀଷ୍ଟାବ୍ଦରେ ସେ ଦ୍ୱିତୀୟଥର ପାଇଁ ସୁରାଟ୍ ଲୁଣ୍ଠନ କରିଥିଲେ ।

୧୬୭୪ ଖ୍ରୀଷ୍ଟାବ୍ଦରେ ଶିବାଜୀ ରାୟଗଡ଼କୁ ନିଜର ରାଜଧାନୀ ବୋଲି ଘୋଷଣା କଲେ ଏବଂ ସେଠାରେ ନିଜର ଅଭିଷେକ ଉତ୍ସବ ପାଳନ କଲେ ତଥା ନିଜକୁ ଛତ୍ରପତି ଉପାଧିରେ ଭୂଷିତ କଲେ । ଏହାର ଖୁବ୍ କମ୍ ସମୟ ମଧ୍ୟରେ ସେ ଦକ୍ଷିଣ ଭାରତ ବିରୁଦ୍ଧରେ ଏକ ବିଶାଳ ସାମରିକ ଅଭିଯାନ କରି ଜିଞ୍ଜି, ଭେଲୋର ଏବଂ କର୍ଣ୍ଣାଟକର ଅନେକ ଦୁର୍ଗ ଅଧିକାର କଲେ । ସେ ରାୟଗଡ଼ଠାରେ ୧୬୮୦ ଖ୍ରୀଷ୍ଟାବ୍ଦରେ ମାତ୍ର ଛଅ ବର୍ଷ ଶାସନ କଲାପରେ ମୃତ୍ୟୁବରଣ କରିଥିଲେ । ସ୍ୱଳ୍ପ ସମୟ ମଧ୍ୟରେ ସେ ମରହଟ୍ଟା ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ ଯାହାକି ପଶ୍ଚିମ ଭାରତରେ ୧୫୦ ବର୍ଷ ପର୍ଯ୍ୟନ୍ତ ପ୍ରଭୁତ୍ୱ ବିସ୍ତାର କରିଥିଲା ।


ଶିବାଜୀଙ୍କ ପରେ ତାଙ୍କ ପୁତ୍ର ତଥା ଉତ୍ତରାଧିକାରୀ ଶମ୍ଭୁଜୀ ସିଂହାସନ ଆରୋହଣ କରିଥିଲେ । ଅନେକ ମରହଟ୍ଟା ମୁଖ୍ୟମାନେ ଶମ୍ଭୁଜୀଙ୍କୁ ସମର୍ଥନ ନକରି ଶିବାଜୀଙ୍କ ଅନ୍ୟ ଏକ ପୁତ୍ର ରାଜାରାମ୍‌ଙ୍କୁ ସହାୟତ କରିଥିଲେ । ଏହି ଧରଣର ଅର୍ନ୍ତଦ୍ୱନ୍ଦ ମରହଟ୍ଟା ଶକ୍ତିକୁ ଦୁର୍ବଳ କରିଦେଲା । ଶେଷରେ ଆଉରଙ୍ଗଜେବ୍ ଶମ୍ଭୁଜୀଙ୍କୁ ଗିରଫ କଲେ ଏବଂ ୧୬୮୯ ଖ୍ରୀଷ୍ଟାବ୍ଦରେ ତାଙ୍କୁ ହତ୍ୟା କରାଗଲା । ଏହାପରେ ଶମ୍ଭୁଜୀଙ୍କ ପୁତ୍ର ସାହୁଜୀ ଅତି ଛୋଟଥିବାରୁ ରାଜାରାମ ସିଂହାସନ ଆରୋହଣ କଲେ । କିନ୍ତୁ ରାଜାରାମ୍ ୧୭୦୦ ଖ୍ରୀଷ୍ଟାବ୍ଦରେ ମୃତ୍ୟୁବରଣ କଲେ । ତାଙ୍କ ପରେ ତାଙ୍କ ନାବାଳକ ପୁତ୍ର ତୃତୀୟ ଶିବାଜୀ ସିଂହାସନ ଆରୋହଣ କଲେ । କିନ୍ତୁ ତାରାବାଈ ରାଜ ପ୍ରତିନିଧି ରୂପେ କାର୍ଯ୍ୟ କଲେ । ତାରାବାଈ ଥିଲେ ତୃତୀୟ ଶିବାଜୀଙ୍କର ମାତା । ତାରାବାଈଙ୍କ ଶକ୍ତି ଏବଂ ଦକ୍ଷଶାସନ ବ୍ୟବସ୍ଥା ଯୋଗୁ ଆଉରଙ୍ଗଜେବ୍ ମରହଟ୍ଟା ମାନଙ୍କ ବିରୁଦ୍ଧରେ ସଫଳ ହୋଇପାରି ନଥିଲେ । କିନ୍ତୁ ମୋଗଲମାନେ କୂଟନୀତି ପ୍ରୟୋଗ କରି ମରହଟ୍ଟା ମାନଙ୍କୁ ଦୁଇ ଭାଗରେ ବିଭକ୍ତ କରିଥିଲେ । ଗୋଟିଏ ଗୋଷ୍ଠୀ ତାରାବାଈଙ୍କୁ ସମର୍ଥନ କରୁଥିବା ବେଳେ ଅନ୍ୟ ଗୋଷ୍ଠୀଟି ସାହୁଜୀଙ୍କୁ ସମର୍ଥନ କରୁଥିଲେ । ସାହୁଜୀ ଦୀର୍ଘଦିନ ମୋଗଲ ଦରବାରରେ ରହିବା ପରେ ମୁକ୍ତ ହୋଇଥିଲେ ଏବଂ ଚିତାପବନ ବ୍ରାହ୍ମଣ ବାଲାଜୀ ବିଶ୍ୱନାଥଙ୍କ ସହାୟତାରେ ତାରାବାଈଙ୍କୁ ଗାଦିଚ୍ୟୁତ କରିଥିଲେ ।

### North west- ଉତ୍ତର ପଶ୍ଚିମାଞ୍ଚଳ

ଆକବର ସର୍ବଦା କାବୁଲ-ଗଜନୀ-କାନ୍ଦାହାର ଅଞ୍ଚଳକୁ ଏକ ମହତ୍ତ୍ୱପୂର୍ଣ୍ଣ ସିମାନ୍ତ ଅଞ୍ଚଳ ରୂପେ ବିବେଚନା କରୁଥିଲେ ଏବଂ ସେହି ଆଧାରରେ ୧୫୯୫ ଖ୍ରୀଷ୍ଟାବ୍ଦରେ କାନ୍ଦାହାର ଅଧିକାର କରିଥିଲେ ।

ସପ୍ତଦଶ ଶତାବ୍ଦୀରେ ଉତ୍ତରପଶ୍ଚିମ ସୀମାନ୍ତ ଅଞ୍ଚଳ ମୋଗଲ ମାନଙ୍କର ରାଜନୈତିକ କ୍ରିଡ଼ାଭୂମି ରୂପେ ବିବେଚିତ ହୋଇଥିଲା । ଏଠାରେ ୧୬୨୫-୨୬ ଖ୍ରୀଷ୍ଟାବ୍ଦରେ ରୋସନାଇ ମାନେ ପରାସ୍ତ ହୋଇଥିଲେ । କିନ୍ତୁ କାନ୍ଦାହାରରେ ପାରସୀ ଅଧିବାସୀ ଏବଂ ମୋଗଲ ମାନଙ୍କ ମଧ୍ୟରେ ଦ୍ୱନ୍ଦ ସୃଷ୍ଟି

ହେଲା । ଆକବରଙ୍କ ମୃତ୍ୟୁପରେ ପାରସ୍ୟମାନେ କାନ୍ଦାହାର ଅଧିକାର କରିବା ପାଇଁ ଚେଷ୍ଟା କଲେ । କିନ୍ତୁ ପ୍ରଥମ ଶାହା ଆବାଶ୍ ଙ୍କ ନେତୃତ୍ୱରେ ସେମାନେ ପରାଜୟ ବରଣ କରିଥିଲେ ।




ଏହାକୁ ପାଥେୟ କରି ସାଫରି ଶାସକ ପ୍ରଥମ ଶାହା ଆବାଶ ୧୬୨୦ ଖ୍ରୀଷ୍ଟାବ୍ଦରେ କାନ୍ଦାହାର ଫେରସ୍ତ କରିବା ପାଇଁ ଜାହାଙ୍ଗୀରଙ୍କୁ ଅନୁରୋଧ କରିଥିଲେ । କିନ୍ତୁ ଜାହାଙ୍ଗୀର ଏଥିପାଇଁ ରାଜି ହୋଇ ନଥିଲେ । ୧୬୨୨ ଖ୍ରୀଷ୍ଟାବ୍ଦରେ ଅନ୍ୟ ଏକ ଆକ୍ରମଣ ଦ୍ୱାରା କାନ୍ଦାହାର ପାରସ୍ୟ ମାନଙ୍କ ଦ୍ୱାରା ଅଧିକୃତ ହେଲା, କିନ୍ତୁ ଶାହାଜାହାନଙ୍କ ରାଜତ୍ୱ କାଳରେ କାନ୍ଦାହାର ପୁନଶ୍ଚ ମୋଗଲ ମାନଙ୍କ ଅଧିକାରକୁ ଆସିଗଲା । ଏହାପରେ ୧୬୪୯ ଖ୍ରୀଷ୍ଟାବ୍ଦରେ କାନ୍ଦାହାର ପୁର୍ନବାର ପାରସ୍ୟ ମାନଙ୍କ ହସ୍ତଗତ ହେଲା । କାନ୍ଦାହାରକୁ ଅଧିକାର କରିବା ପାଇଁ ପାରସ୍ୟ ଓ ମୋଗଲ ମାନଙ୍କ ମଧ୍ୟରେ ଆଉରଙ୍ଗଜେବ୍ଙ୍କ ଶାସନକାଳ ପର୍ଯ୍ୟନ୍ତ ସଂଘର୍ଷ ଜାରି ରହିଲା । ମୋଗଲ ମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ । ଉଜ୍‌ବେଗ୍ ମାନଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ଶାହାଜାହାନ୍ଙ୍କ ବଲ୍‌ଖ ଅଭିଯାନ ବିଫଳତାରେ ପରିଣତ ହେଲା । ଏହି ଅଭିଯାନରେ ମୋଗଲମାନେ ବହୁ ପରିମାଣରେ ଅର୍ଥବଳ ଓ ଲୋକବଳ ହରାଇଥିଲେ । ଆଉରଙ୍ଗଜେବ୍ଙ୍କ ରାଜତ୍ୱ କାଳରେ, କାନ୍ଦାହାର କଥାକୁ ସ୍ଥଗିତ ରଖାଗଲା । ପାରସ୍ୟ ସହିତ କୂଟନୈତିକ ସଂପର୍କ ରକ୍ଷା କରାଗଲା ।

ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ଆକବରଙ୍କ ସମୟରେ ମୋଗଲ ସାମ୍ରାଜ୍ୟର କଳେବର ଯେତିକି ବୃଦ୍ଧି ହୋଇଥିଲା, ଶାହାଜାହାନଙ୍କ ପର୍ଯ୍ୟନ୍ତ ସେତିକି ରହିଥିଲା । ଆଉରଙ୍ଗଜେବ୍ଙ୍କ ଶାସନ କାଳ ମଧ୍ୟରେ ଦାକ୍ଷିଣାତ୍ୟ ଏବଂ ଉତ୍ତର-ପୂର୍ବାଞ୍ଚଳର କେତେକ ରାଜ୍ୟ ମୋଗଲ ସାମ୍ରାଜ୍ୟ ସହିତ ମିଶିଯାଇଥିଲା । ତାଙ୍କ ଶାସନ କାଳରେ ମୋଗଲ ସାମ୍ରାଜ୍ୟର କଳେବର ସର୍ବାପେକ୍ଷା ଅଧିକ ଥିଲା । ସେ ଯାହାହେଉନା

କାହିଁକି, ମୋଗଲ ସାମ୍ରାଜ୍ୟର ପତନ ମଧ ତାଙ୍କରି ରାଜତ୍ୱରୁ ଆରମ୍ଭ ହେଲା । ଶକ୍ତିଶାଳୀ ଆଞ୍ଚଳିକ ଦଳମାନଙ୍କ ସହ ସଂପର୍କ ଛିନ୍ନକରି ଆଉରଙ୍ଗଜେବ୍ ରାଜପୁତ୍‌ମାନଙ୍କ ସହଯୋଗ ହରାଇ ମୋଗଲ ସାମ୍ରାଜ୍ୟର ପତନକୁ ନିମନ୍ତ୍ରଣ କରିଥିଲେ । ସେହି ଦାକ୍ଷିଣାତ୍ୟ ଓ ମରହଟ୍ଟା ମାନଙ୍କ ସହିତ ସୁସଂପର୍କ ପ୍ରତିଷ୍ଠା କରି ନପାରି ମୋଗଲ ସାମ୍ରାଜ୍ୟର ଏକତା ଓ ସ୍ଥିରତାକୁ ଆଉରଙ୍ଗଜେବ୍ ଦୋହଲାଇ ଦେଇଥିଲେ । ତାଙ୍କର ପରବର୍ତ୍ତୀ ଦୁର୍ବଳ ଉତ୍ତରାଧିକାରୀ ମାନଙ୍କ ସମୟରେ ମୋଗଲ ସାମ୍ରାଜ୍ୟର କ୍ରମଶଃ ପତନ ହେଲା ।

ଟିପ୍ପଣି

## INTEXT QUESTIONS 10.5 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. କେଉଁ ସର୍ତ୍ତ ଆଧାରରେ ଶାହାଜାହାନ୍ ବିଜାପୁର ଓ ଗୋଲକୋଣ୍ଡା ସହିତ ଶାନ୍ତି ପ୍ରତିଷ୍ଠା କଲେ ?

   ______________________________

2. ଆଉରଙ୍ଗଜେବଙ୍କ ଦାକ୍ଷିଣାତ୍ୟ ନୀତି କ'ଣ ଥିଲା ?

   ______________________________

3. କେଉଁଠାରେ ଶିବାଜୀଙ୍କର ଅଭିଷେକ ଉତ୍ସବ ପାଳିତ ହେଲା ? ସେ କେଉଁ ଉପାଧିରେ ନିଜକୁ ଭୂଷିତ କଲେ ?

   ______________________________

4. କେଉଁ ମୋଗଲ ସମ୍ରାଟ ଉତ୍ତର ପଶ୍ଚିମ ସୀମାନ୍ତ ରାଜ୍ୟ ସହିତ ସଂଘର୍ଷ କରି ବହୁଳ ପରିମାଣରେ ଅର୍ଥବଳ ଓ ଲୋକବଳ ହରାଇଥିଲେ । ?

   ______________________________

## WHAT YOU HAVELEARNT- ଆମେ କ'ଣ ଶିଖିଲେ

ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟର ପତନ ପରେ ୧୫୨୬ ଖ୍ରୀଷ୍ଟାବ୍ଦରେ ବାବର ଭାରତରେ ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା କରିବାକୁ ସମର୍ଥ ହେଲେ । ମଧ୍ୟଏସିଆ ଏବଂ ଭାରତର ତତ୍‌କାଳୀନ ପରିସ୍ଥିତି ଭାରତରେ ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ବାବର ମୋଗଲ ସାମ୍ରାଜ୍ୟ ଶିଳାନ୍ୟାସ କରିବା ପୂର୍ବରୁ ସେଠାରେ ଶାସନ କରୁଥିବା ଅନେକ ରାଜାଙ୍କ ସହିତ ତାଙ୍କୁ ଯୁଦ୍ଧ କରିବାକୁ ପଡ଼ିଥିଲା । ସେ ୧୫୨୬ ଖ୍ରୀଷ୍ଟାବ୍ଦରେ ଉତ୍ତରଭାରତର ସର୍ବବୃହତ୍ ଶକ୍ତି ରାଣା ସଂଘଙ୍କୁ ପରାସ୍ତ କରିଥିଲେ । ୧୫୩୦ ଖ୍ରୀଷ୍ଟାବ୍ଦରେ ବାବରଙ୍କ ମୃତ୍ୟୁପରେ ତାଙ୍କ ପୁତ୍ର ହୁମାୟୁନ ସିଂହାସନ ଆରୋହଣ କଲେ । ହୁମାୟୁନ ଯେତେବେଳେ ଗୁଜୁରାଟ୍‌ରେ ବ୍ୟସ୍ତ ରହିଲେ, ସେତେବେଳେ ଶେରଶାହ ନିଜସ୍ଥିତିକୁ ବିହାର ଏବଂ ବଙ୍ଗରେ ସୁଦୃଢ଼ କରି ଆଗ୍ରା ପର୍ଯ୍ୟନ୍ତ ଗତି କରିଥିଲେ । ୧୫୪୦ ଖ୍ରୀଷ୍ଟାବ୍ଦରେ ହୁମାୟୁନ କନୌଜ ଯୁଦ୍ଧକ୍ଷେତ୍ରରେ ପରାଜୟବରଣ କରିଥିଲେ । ଫଳରେ ଶେରଶାହ ଦ୍ୱିତୀୟ ଆଫଗାନ୍ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ, ଯାହାକି ୧୫୪୦ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହୋଇ ୧୫୫୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଚାଲିଥିଲା । ସେ ଯାହାହେଉ, ୧୫୫୫ ଖ୍ରୀଷ୍ଟାବ୍ଦରେ ହୁମାୟୁନ ପୁନର୍ବାର ଆଗ୍ରା, ଦିଲ୍ଲୀ ଏବଂ ଅନ୍ୟାନ୍ୟ ଅଞ୍ଚଳ ଆଫଗାନ୍ ମାନଙ୍କଠାରୁ ଅଧିକାର କରିଥିଲେ ଏବଂ ପୁନର୍ବାର ମୋଗଲ ଶାସନ ପ୍ରତିଷ୍ଠା କଲେ । ହୁମାୟୁନଙ୍କ ଆକସ୍ମିକ ମୃତ୍ୟୁପରେ ଆକବର ମାତ୍ର ୧୩ ବର୍ଷ ବୟସରେ ସିଂହାସନ ଆରୋହଣ କଲେ । କିନ୍ତୁ ବୈରାମ ଖାଁ ତାଙ୍କର ରାଜପ୍ରତିନିଧି ରୂପେ ନିଯୁକ୍ତ ହୋଇଥିଲେ । ଆକବର ସିଂହାସନରେ ନିଜର ସ୍ଥିତି ସୁଦୃଢ଼ କଲା ପରେ ରାଜ୍ୟଜୟ ନୀତିରେ ମନୋନିବେଶ କଲେ । ସେ ରାଜପୁତ୍ ରାଜ୍ୟ ଗୁଡ଼ିକୁ ଦୁଇ ପ୍ରକାର ନୀତି ପ୍ରଣୟନ କରି ନିଜ ଅକ୍ତିଆରକୁ ଆଣିଥିଲେ । ସେ ବୈବାହିକ ନୀତି ପ୍ରଣୟନ କରି ଏବଂ ଆବଶ୍ୟକ ସ୍ଥଳେ ସାମରିକ ଶକ୍ତି ପ୍ରୟୋଗ ପୂର୍ବକ ରାଜପୁତ୍ ରାଜ୍ୟଗୁଡ଼ିକ ଅଧିକାର କରିଥିଲେ । ସେ ରାଜ୍ୟଜୟ ନୀତି ଦ୍ୱାରା ଗୁଜୁରାଟ, ବିହାର,



ଟିପ୍ପଣି

ବଙ୍ଗ, ପଞ୍ଜାବ ଏବଂ ସମଗ୍ର ଉତ୍ତର ପଶ୍ଚିମାଞ୍ଚଳକୁ ମୋଗଲ ନିୟନ୍ତ୍ରଣକୁ ଆଣିଥିଲେ । ସେ ଦାକ୍ଷିଣାତ୍ୟର ଅହମ୍ମଦ ନଗର, ବେରାର, ବରହନ୍‌ପୁର ଏବଂ ଅସିର୍‌ଗଡ଼ ଇତ୍ୟାଦିକୁ ମୋଗଲ ସାମ୍ରାଜ୍ୟ ସହିତ ସଂଯୁକ୍ତ କରିଥିଲେ । ଜାହାଙ୍ଗୀର ମଧ ଦାକ୍ଷିଣାତ୍ୟରେ ଏହି ସାମ୍ରାଜ୍ୟ ବିସ୍ତାର ନୀତି ଅନୁସରଣ କରିଥିଲେ । କିନ୍ତୁ ସେ ବେଶୀ କିଛି ସଫଳତା ପାଇନଥିଲେ, ବରଂ କିଛି ଅଞ୍ଚଳ ହରାଇଥିଲେ । ଶାହାଜାହାନ ୧୬୩୬ ଖ୍ରୀଷ୍ଟାବ୍ଦରେ ଦାକ୍ଷିଣାତ୍ୟର ବିଜାପୁର ଓ ଗୋଲକୋଣ୍ଡା ଉପରେ ନିଜର ନିୟନ୍ତ୍ରଣ ରଖିବାକୁ ସମର୍ଥ ହୋଇଥିଲେ । ଆଉରଙ୍ଗଜେବ୍ ମଧ ଉଗ୍ର ସାମ୍ରାଜ୍ୟ ବିସ୍ତାର ନୀତି ଦାକ୍ଷିଣାତ୍ୟ ପାଇଁ ଅନୁସରଣ କରିଥିଲେ ଏବଂ ତାଙ୍କ ଶାସନ କାଳ ମଧ୍ୟରେ ଦୀର୍ଘଦିନ ପର୍ଯ୍ୟନ୍ତ ମରହଟ୍ଟା ମାନଙ୍କ ସହିତ ସଂଘର୍ଷରେ ଲିପ୍ତ ରହିଥିଲେ । ଆଉରଙ୍ଗଜେବଙ୍କ ରାଜତ୍ୱ ସମୟରେ ମୋଗଲ ସାମ୍ରାଜ୍ୟର ଆୟତନ ସର୍ବାପେକ୍ଷା ବୃଦ୍ଧି ହୋଇଥିଲା । ସତ କହିବାକୁ ଗଲେ, ମୋଗଲ ସାମ୍ରାଜ୍ୟର ପତନ ମଧ ଆଉରଙ୍ଗଜେବ୍‌ଙ୍କ ସମୟରୁ ହିଁ ଆରମ୍ଭ ହେଲା । ରାଜପୁତ୍ ଏବଂ ମରହଟ୍ଟା ମାନଙ୍କ ପରି ଶକ୍ତିଶାଳୀ ଆଞ୍ଚଳିକ ଶକ୍ତିମାନଙ୍କ ସହ ମୋଗଲ ମାନଙ୍କର ସଂପର୍କ ଛିନ୍ନ ହୋଇଗଲା ।

## TERMINAL QUESTIONS - ନିଜକୁ ନିଜେ ପରିଖିବା

୧. ବାବରଙ୍କ ସମୟରେ ଭାରତରେ ମୋଗଲ ସାମ୍ରାଜ୍ୟର ପ୍ରତିଷ୍ଠା କିପରି ହୋଇଥିଲା ବର୍ଣ୍ଣନା କର ।

୨. କିଏ ଆକବରଙ୍କର ରାଜ ପ୍ରତିନିଧି ଥିଲେ ? ଆକବର ରାଜତ୍ୱର ପ୍ରାରମ୍ଭରେ କେଉଁମାନେ ଭାରତରେ ମୁଖ୍ୟ ରାଜନୈତିକ ଶକ୍ତି ରୂପେ ବିବେଚିତ ହେଉଥିଲେ ?

୩. ଆକବର ଦାକ୍ଷିଣାତ୍ୟରେ ମୋଗଲ ସାର୍ବଭୌମତ୍ୱ କିପରି ପ୍ରତିଷ୍ଠା କରିଥିଲେ ?

୪. ଆକବରଙ୍କ ଅପେକ୍ଷା ଆଉରଙ୍ଗଜେବ୍‌ଙ୍କ ରାଜପୁତ୍ ନୀତି କିପରି ଭିନ୍ନ ଥିଲା ?

୫. ଆଉରଙ୍ଗଜେବ୍ ମରହଟ୍ଟା ମାନଙ୍କୁ କିପରି ସମ୍ମୁଖୀନ ହୋଇଥିଲେ ?

## ANSWERS TO INTEXT QUESTIONS - ପ୍ରତ୍ୟାଶିତ ପ୍ରଶ୍ନୋତ୍ତର

**10.1**

1. ବାବର ଭାରତ ଆକ୍ରମଣ କରିଥିଲେ, କାରଣ ମଧ-ଏସିଆରେ ସେ ପ୍ରତିକୂଳ ଅବସ୍ଥାର ସମ୍ମୁଖୀନ ହୋଇଥିଲେ । ଭାରତର ତତ୍‌କାଳୀନ ଅସ୍ଥିର ରାଜନୈତିକ ଅବସ୍ଥା ମଧ ବାବରଙ୍କ ଭାରତ ଅଭିଯାନ ପାଇଁ ସହାୟକ ହୋଇଥିଲା ।

2. ବାବର ଯୁଦ୍ଧରେ ସଫଳତାର ସହିତ ଅଟୋମାନ୍ ପ୍ରଣାଳୀ ପ୍ରୟୋଗ କରିଥିଲେ ।

3. ବାବର ସମ୍ମୁଖୀନ ହୋଇଥିବା ସମସ୍ୟାଗୁଡ଼ିକ ଥିଲା ନିମ୍ନ ପ୍ରକାରର ।

   (କ) ତାଙ୍କ ସାମନ୍ତ ଏବଂ ସେନାଧକ୍ଷମାନେ ମଧ-ଏସିଆକୁ ପ୍ରତ୍ୟାବର୍ତ୍ତନ ପାଇଁ ଆଗ୍ରହୀଥିଲେ ।

   (ଖ) ରାଜପୁତ୍‌ମାନେ ରାଣାସଂଘଙ୍କ ନେତୃତ୍ୱରେ ବାବରଙ୍କ ବିରୁଦ୍ଧରେ ଏକତ୍ରିତ ହେଉଥିଲେ ।

1. ରାଣାସଂଘ ଏବଂ ମେଦିନ ରାୟ ।

**10.2**

1. ହୁମାୟୁନ ଶେରଶାହଙ୍କୁ ପରାସ୍ତ କରିବାକୁ ବିଫଳ ହୋଇଥିଲେ କାରଣ ହୁମାୟୁନଙ୍କ ଭାଇ ହିନ୍ଦାଲ ମିର୍ଜା, ଯିଏ ହୁମାୟୁନଙ୍କ ସୈନ୍ୟବାହିନୀ ପାଇଁ ଯୋଗାଣ ଦାୟିତ୍ୱରେ ଥିଲେ, ସେ ନିଜର ସ୍ୱାଧୀନତା ଘୋଷଣା କରିଥିଲେ ।







2. ଶେରଶାହ ଜଣେ ବଡ଼ କୌଶଳୀ ଏବଂ ଦକ୍ଷ ସାମରିକ ସେନାଧ୍ୟକ୍ଷ ଥିଲେ । ହୁମାୟୁନଙ୍କୁ ପରାସ୍ତ କରି ସେ ଆଫ୍‌ଗାନ୍ ମାନଙ୍କର ନେତା ରୂପେ ଆବିର୍ଭୂତ ହେଲେ ।

3. (କ) ମାଳବ
   (ଖ) ରାଜପୁତନା
   (ଗ) ସିନ୍ଧୁଅଞ୍ଚଳ
   (ଘ) ପଞ୍ଜାବ
   (ଙ) ବଙ୍ଗ

4. (କ) ସେ ସରକାର ଏବଂ ପ୍ରଗଣା ସ୍ତରରେ ଆଞ୍ଚଳିକ ଶାସନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିଥିଲେ ।
   (ଖ) ସେ ଗ୍ରାଣ୍ଡଟ୍ରଙ୍କ ରୋଡ଼ ନିର୍ମାଣ କରିଥିଲେ ।

**10.3.**

1. ଆକବର ବୈରାମ ଖାଁ ଙ୍କୁ ନିଲମ୍ବିତ କରିଥିଲେ କାରଣ ସେ ସମସ୍ତ କ୍ଷମତା ନିଜ ହସ୍ତକୁ ନେଇ ସ୍ୱାଧୀନ ଭଳି ବ୍ୟବହାର ଦେଖାଇବା ଆରମ୍ଭ କଲେ ।
2. ରାଜପୁତ, ଆଫଗାନ, ଅହମ୍ମଦନଗର, କାବୁଲ ଏବଂ କାନ୍ଦାହାର ।
3. ମେବାରର ମହାରାଣୀ ପ୍ରତାପ୍ ।
4. ଚାନ୍ଦବିବି : ଅହମ୍ମଦ ନଗର

**10.4.**

1. ମାଲିକ୍ ଅମ୍ବର
2. ବିଜାପୁର ଏବଂ ଗୋଲକୋଣ୍ଡା
3. ମିର୍ ଜୁମୁଲା
4. ମରହଟ୍ଟା

**10.5.**

1. ବିଜାପୁର ଏବଂ ଗୋଲକୋଣ୍ଡା ମୋଗଲ ସାର୍ବଭୌମତ୍ୱ ସ୍ୱୀକାର କରି ବାର୍ଷିକ କର ଦେବାପାଇଁ ରାଜି ହେଲେ ।
2. ଆଉରଙ୍ଗଜେବ୍ ଏକ ଉଗ୍ରରାଜ୍ୟ ବିସ୍ତାର ନୀତି ଅନୁସରଣ କଲେ ଏବଂ ସଂଘର୍ଷରେ ନିଜକୁ ଲିପ୍ତ ରଖିଲେ ।
3. ରାୟଗଡ଼, ଛତ୍ରପତି
4. ଶାହାଜାହାନ୍

**HINTS TO TERMINAL QUESTIONS**

1. ଭାଗ ୧୦.୧ ର ଚତୁର୍ଥ ଏବଂ ପଞ୍ଚମ ପାରା ଦେଖ ।
2. ବୈରାମ୍ ଖାଁ - ଭାଗ ୧୦.୪ ଆକବରଙ୍କ ବିଷୟ ଦେଖ ।
3. ଭାଗ ୧୦.୪ (ଦାକ୍ଷିଣାତ୍ୟ) ଦେଖ ।
4. ଭାଗ ୧୦.୫ (ରାଜପୁତ) ଦେଖ ।
5. ଭାଗ ୧୦.୫ (ମରହଟ୍ଟା) ଦେଖ ।

# 11



ଟିପ୍ପଣି

# ଭାରତରେ ଆଞ୍ଚଳିକ ରାଜ୍ୟଗୁଡିକର ଉତ୍‌ଥାନ : ଦ୍ୱାଦଶରୁ ଅଷ୍ଟାଦଶ ଶତାବ୍ଦୀ

ବର୍ତ୍ତମାନ ଭାରତରେ ୨୮ ଟି ରାଜ୍ୟ ରହିଅଛି । ଏହି ରାଜ୍ୟଗୁଡିକ ମଧ୍ୟରୁ ପ୍ରତ୍ୟେକ ରାଜ୍ୟର ଏକ ସ୍ୱତନ୍ତ୍ର ଭାଷା, ଭୂଗୋଳ, ଖାଦ୍ୟ ଓ ସଂସ୍କୃତି ରହିଅଛି ଯାହାକି ଭାରତର ସଂସ୍କୃତିକୁ ବିଭିନ୍ନ ଦୃଷ୍ଟିକୋଣରୁ ଋଦ୍ଧିମନ୍ତ କରିଅଛି । ଆମକୁ ଆଶ୍ଚର୍ଯ୍ୟ ଲାଗେ ଯେ କିପରି ଏହି ଭିନ୍ନ ଭିନ୍ନ ରାଜ୍ୟଗୁଡିକ ଏବଂ ଆଞ୍ଚଳିକ ସଂସ୍କୃତିଗୁଡ଼ିକ ଉନ୍ନତି କରିଥିଲେ । ଆବହମାନକାଳରୁ ଏହା କ୍ରମାଗତ ଭାବେ ଏପରି ଚାଲିଆସୁଥିଲା କି ନାହିଁ ସେ ନେଇ ମନରେ ପ୍ରଶ୍ନ ଉଠେ । ଆମେ ଯଦି ଇତିହାସ ପୃଷ୍ଠାକୁ ଅନୁଭବ କରିବା ଯେ ଏହି ରାଜ୍ୟଗୁଡିକ ଭିନ୍ନ ଭିନ୍ନ ଜାଗାରେ ଅବସ୍ଥିତ ଥିଲେ ଏବଂ ସମୟର ସ୍ରୋତରେ ଏଠାରେ କ୍ରମାନ୍ୱୟରେ ପରିବର୍ତ୍ତନର ସ୍ରୋତ ପ୍ରବାହିତ ହୋଇଥିଲା ।

ଏହି ଅଧ୍ୟାୟରେ ଆମେ ଦ୍ୱାଦଶ ଶତାବ୍ଦୀଠାରୁ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ଉତ୍‌ଥିତ ହୋଇଥିବା ବିଭିନ୍ନ ଆଞ୍ଚଳିକ ରାଜ୍ୟଗୁଡ଼ିକ ର ଇତିହାସ ସମ୍ବନ୍ଧରେ ଅଧ୍ୟୟନ କରିବା । ତତ୍‌କାଳୀନ ଆଞ୍ଚଳିକ ରାଜ୍ୟଗୁଡିକ ଆଧୁନିକ ରାଜ୍ୟର ଏକ ଅଂଶ ବିଶେଷ ଅଟେ । ଉଦାହରଣ ସ୍ୱରୂପ ଜୟପୁର, ଯୋଧପୁର ଏବଂ ଉଦୟପୁର ମଧ୍ୟଯୁଗରେ ସ୍ୱାଧୀନ ରାଜ୍ୟ ରୂପେ ପରିଗଣିତ ହେଉଥିଲେ । କିନ୍ତୁ ବର୍ତ୍ତମାନ ସମୟରେ ଏହି ରାଜ୍ୟଗୁଡିକ ରାଜସ୍ଥାନ ରାଜ୍ୟର ଜିଲ୍ଲାରୂପେ ପରିଗଣିତ । ସେହିପରି ସେତେବେଳର କେତେକ ଆଞ୍ଚଳିକ ରାଜ୍ୟଗୁଡ଼ିଏ ଆଧୁନିକ ଭିନ୍ନ ଭିନ୍ନ ରାଜ୍ୟର ଅଂଶରୂପେ ପରିଗଣିତ । ଉଦାହରଣ ସ୍ୱରୂପ (୧୩୩୬ - ୧୫୬୫) ତତ୍‌କାଳୀନ ବିଜୟନଗର ସାମ୍ରାଜ୍ୟ 'ଆଧୁନିକ କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶରେ ଏବଂ ତାମିଲନାଡୁର ଅଂଶବିଶେଷ ଅଟେ । ଆଉ କେତେକ ଆଞ୍ଚଳିକ ରାଜ୍ୟଥିଲା ଯାହାର ନାମ ଏବେବି ଅପରିବର୍ତ୍ତିତ ରହିଛି କିନ୍ତୁ ଆୟତନରେ ତାରତମ୍ୟ ଦେଖାଯାଇଛି । ଉଦାହରଣ ସ୍ୱରୂପ ଗୁଜରାଟ, ବଂଗ, କାଶ୍ମୀର ଏବଂ ଓଡ଼ିଶା ପରି ଆଧୁନିକ ରାଜ୍ୟଗୁଡିକ ଦ୍ୱାଦଶ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ଏହି ନାମରେ ପ୍ରତିଷ୍ଠିତ ଥିଲେ । କିନ୍ତୁ ସେମାନଙ୍କର ଭୌଗଳିକ ଅବସ୍ଥିତି ସେତେବେଳେ ଯାହାଥିଲା, ତାହା ଅପରିବର୍ତ୍ତିତ ରହିଛି ।

## OBJECTIVES - ଉଦ୍ଦେଶ୍ୟ

**ଆମେ ଏହି ବିଷୟ ଅଧ୍ୟୟନ ପରେ :**

- ଦ୍ୱାଦଶ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ବିଭିନ୍ନ ରାଜ୍ୟମାନଙ୍କ ବିଷୟରେ ଜାଣିପାରିବା ।
- ଆଞ୍ଚଳିକ ରାଜ୍ୟର ଅର୍ଥ ବୁଝିବା ।
- ଆଞ୍ଚଳିକ ରାଜ୍ୟମାନଙ୍କ ମଧ୍ୟରେ ସଂପର୍କ ଏବଂ ଆଞ୍ଚଳିକ ରାଜ୍ୟ ଗୁଡିକର ଦିଲ୍ଲୀ ସୁଲ୍‌ତାନୀ ଶାସନ ଏବଂ ମୋଗଲ ସାମ୍ରାଜ୍ୟ ସହିତ ସଂପର୍କ କଥା ଜାଣି ପାରିବା ।
- ବିଭିନ୍ନ ଆଞ୍ଚଳିକ ରାଜ୍ୟ ମଧ୍ୟରେ ସଂପର୍କର ଅବତାରଣା କରିପାରିବା ।
- ଆଞ୍ଚଳିକ ରାଜ୍ୟ ଗୁଡିକର ରାଜନୈତିକ ଆଦର୍ଶ ଓ ସଂଗଠନ ବିଷୟରେ ବିସ୍ତୃତ ବର୍ଣ୍ଣନା କରିପାରିବା ।



ଟିପ୍ପଣୀ



- ଆଞ୍ଚଳିକ ରାଜ୍ୟ ଗୁଡିକର ଅର୍ଥନୈତିକ ଓ ସାଂସ୍କୃତିକ ଅବସ୍ଥା ସମ୍ପର୍କରେ ଧାରଣା କରିପାରିବା ।
- ଆଞ୍ଚଳିକ ରାଜ୍ୟ ବିଷୟରେ ସୂଚନା ପ୍ରଦାନ କରୁଥିବା ଉପାଦାନ ଓ ତଥ୍ୟଗୁଡ଼ିକ କଥା ଜାଣି ପାରିବା ।

ଗୋଟିଏ ଛୋଟିଆ ଅଧ୍ୟାୟରେ ଆଞ୍ଚଳିକ ରାଜ୍ୟ ଗୁଡିକ ବିଷୟରେ ସମସ୍ତ ତଥ୍ୟ ଉପସ୍ଥାପନା କରିବା ସମ୍ଭବ ନୁହେଁ । ତେଣୁ ସେଗୁଡିକ ନିମ୍ନରେ ପ୍ରଦତ୍ତ ହେଲା ।

୧. ଉତ୍ତର ଭାରତରେ ଆମେ ଦୁଇଟି ଆଞ୍ଚଳିକ ରାଜ୍ୟର ଇତିହାସ ପ୍ରତି ଆଲୋକପାତ କରିବା । ସେଥିମଧ୍ୟରୁ ଗୋଟିଏ ହେଉଛି ଜୈନପୁର (ଆଧୁନିକ ଉତ୍ତର ପ୍ରଦେଶ) ଏବଂ ଅନ୍ୟଟି ହେଉଛି କାଶ୍ମିର ।

୨. ଦକ୍ଷିଣ ଭାରତରେ ଆମେ ବିଜୟନଗର ଏବଂ ବାହାମନୀ ରାଜ୍ୟର ଇତିହାସ ଅଧ୍ୟୟନ କରିବା । ପୂର୍ବ ବର୍ଣ୍ଣନାନୁଯାୟୀ ତତ୍କାଳୀନ ବିଜୟନଗର ସାମ୍ରାଜ୍ୟ ଏବେ ଆଧୁନିକ କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଏବଂ ତାମିଲ୍‌ନାଡୁରେ ମିଶି ରହିଅଛି । ସେହିପରି ବାହାମନୀ ରାଜ୍ୟ ମଧ୍ୟ ଆଧୁନିକ କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଏବଂ ମହାରାଷ୍ଟ୍ରରେ ଦେଖିବାକୁ ମିଳେ ।

୩. ପଶ୍ଚିମ ଭାରତରେ ଆମେ ଗୁଜୁରାଟ ଏବଂ ମରହଟ୍ଟା ମାନଙ୍କ ବିଷୟରେ ଅଧ୍ୟୟନ କରିବା । ଗୁଜୁରାଟ ତାର ପୁରାତନ ନାମକୁ ଆଧୁନିକ ଯୁଗରେ ମଧ୍ୟ ବଜାୟ ରଖିଛି ଏବଂ ମରହଟ୍ଟା ମାନଙ୍କ ଅଧୀନରେ, ଆଧୁନିକ ମହାରାଷ୍ଟ୍ର, ତାମିଲନାଡୁ ଏବଂ ଭାରତର ଅନ୍ୟ କେତେକ ଅଞ୍ଚଳ ରହିଥିଲା ।

୪. ଶେଷରେ, ପୂର୍ବଭାରତ ସ୍ଥିତ ବଂଗ ବିଷୟରେ ଆମେ ଇତିହାସ ପଢ଼ିବା ।

## 11.1 THE UNDERSTANDING OF THE TERM REGIONAL STATE AND REGIONALISM - ଆଞ୍ଚଳିକ ରାଜ୍ୟର ଅର୍ଥ ଏବଂ ଆଞ୍ଚଳିକବାଦ

ଭାରତ ଇତିହାସରେ ଆଞ୍ଚଳିକବାଦ ଏବଂ ଆଞ୍ଚଳିକ ରାଜ୍ୟଗୁଡ଼ିକର ଅଭ୍ୟୁତ୍ଥାନ ଓ ପ୍ରଗତି ନିରବଚ୍ଛିନ୍ନ ଭାବେ ହୋଇଥିବାର ଲକ୍ଷ୍ୟ କରାଯାଇଅଛି । ଆଞ୍ଚଳିକ ରାଜ୍ୟର ଉତ୍ଥାନ ବିଷୟରେ କିପରି ଜଣେ ବୁଝାଇପାରିବ ? ସପ୍ତମ ଶତାବ୍ଦୀ ଅର୍ଥାତ ପ୍ରାକ୍ ମଧ୍ୟଯୁଗଠାରୁ ସପ୍ତଦଶ ଶତାବ୍ଦୀ ଏବଂ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ କୃଷି ଏବଂ କୃଷିକାର୍ଯ୍ୟ ଆଞ୍ଚଳିକ ରାଜ୍ୟଗୁଡ଼ିକର ପ୍ରଗତିରେ ପ୍ରଧାନ ଭୂମିକା ଗ୍ରହଣ କରିଥିଲା । ଯେଉଁଠାରେ ଉନ୍ନତ କୃଷିକାର୍ଯ୍ୟ କରାଯାଉଥିଲା, ସେଠାକାର ଲୋକ ଖାଦ୍ୟ ଆବଶ୍ୟକତାକୁ ପୂରଣ କଲାପରେ ବଳକା ଶସ୍ୟକୁ ବିକ୍ରି କରି ଧନ ଆହରଣ କରୁଥିଲେ । ବାଣିଜ୍ୟ ଏବଂ ବାଣିଜ୍ୟିକ କାର୍ଯ୍ୟ ଉଭୟ ସ୍ଥଳପଥ ଓ ଜଳପଥରେ ଚାଲୁଥିବାରୁ ଏହା ରାଜସ୍ୱର ପ୍ରଧାନ ଉତ୍ସ ରୂପେ ପରିଗଣିତ ହେଲା । ସମାଜରେ କେତେକ ଶକ୍ତିଶାଳୀ ଗୋଷ୍ଠୀଙ୍କର ଆର୍ବିଭାବ ହୋଇଥିଲା, ଯେଉଁମାନେ ଉତ୍ପାଦିତ ବଳକା କୃଷିଜାତ ଦ୍ରବ୍ୟକୁ ନିୟନ୍ତ୍ରଣ କରୁଥିଲେ । କେତେକ ସମୟରେ ଏହି ଶକ୍ତିଶାଳୀ ଗୋଷ୍ଠୀର କେତେକ ସଦସ୍ୟ ରାଜନୈତିକ କ୍ଷମତା ହାତକୁ ନେଇ ନିଜକୁ ରାଜା ବୋଲି ଘୋଷଣା କରି ରାଜବଂଶ ପ୍ରତିଷ୍ଠା କରୁଥିଲେ । ଏହା ରାଜ୍ୟର ମୂଳଭିତ୍ତିପ୍ରସ୍ତର ସ୍ଥାପନ କରିଥିଲା । କେତେକ ଦଳ ବାହାରୁ ଆସି ଏହି ଅଞ୍ଚଳକୁ ଜୟ କରି, ଶାସନ କୁ ନିୟନ୍ତ୍ରଣ କୁ ଆଣି କ୍ଷମତାଶାଳୀ ହୋଇଥିଲେ ।

ଏହା ସତ ଯେ ଦିଲ୍ଲୀ ସୁଲତାନୀ ଶାସନର ଦୁର୍ବଳତା ପାଇଁ ତ୍ରୟୋଦଶ ଶତାବ୍ଦୀ ପରେ ଅସଂଖ୍ୟ ଆଞ୍ଚଳିକ ରାଜ୍ୟଗୁଡିକର ଉତ୍ଥାନ ଦେଖିବାକୁ ମିଳିଥିଲା । ସେହିପରି ମୋଗଲ ସାମ୍ରାଜ୍ୟ ର ପତନ ପରେ ଅଷ୍ଟାଦଶ ଶତାବ୍ଦୀ ବେଳକୁ ପ୍ରଧାନ ରାଜ୍ୟ ଗୁଡ଼ିକ ର ଉତ୍ଥାନ ଦେଖିବାକୁ ମିଳିଥିଲା । କିନ୍ତୁ ଏହି ରାଜ୍ୟଗୁଡ଼ିକର ଆଞ୍ଚଳିକ ଇତିହାସ ଥିଲା ଯାହାକି ସୁଲତାନୀ ଶାସନର ପୂର୍ବାବସ୍ଥାକୁ ବୁଝାଇଥାଏ । ଉଦାହରଣ ସ୍ୱରୂପ, ଅଷ୍ଟମ ଶତାବ୍ଦୀ ଏବଂ ନବମ ଶତାବ୍ଦୀ ବେଳକୁ ବଂଗ ଏକ ପ୍ରଧାନ ରାଜ୍ୟ ରୂପେ ପାଳବଂଶ ଦ୍ୱାରା ଶାସିତ ହେଉଥିଲା ଏବଂ ଦ୍ୱାଦଶ ଶତାବ୍ଦୀ ବେଳକୁ ଏହା ସୋମ

ମାନଙ୍କ ଦ୍ୱାରା ଶାସିତ ହେଉଥିଲା । ତ୍ରୟୋଦଶ ଶତାବ୍ଦୀ ଏବଂ ପଞ୍ଚଦଶ ଶତାବ୍ଦୀ ବେଳକୁ ଏହା ଏକ ପ୍ରଧାନ ସ୍ୱାଧୀନ ଆଞ୍ଚଳିକ ରାଜ୍ୟଥିଲା ଏବଂ ଅଷ୍ଟାଦଶ ଶତାବ୍ଦୀ ବେଳକୁ ଏହା ଏକ ଶକ୍ତିଶାଳୀ ପ୍ରାଦେଶିକ ରାଜ୍ୟ ରୂପେ ପରିଗଣିତ ହେଲା । ଆମେ ଜାଣିଅଛେ ଯେ ଦିଲ୍ଲୀ ସୁଲ୍‌ତାନୀ ଶାସନ ବ୍ୟବସ୍ଥା ଏବଂ ମୋଗଲମାନେ ବିଭିନ୍ନ ସାଂସ୍କୃତିକ ଅଞ୍ଚଳ ଉପରେ ଶାସନ କରୁଥିଲେ । ଏପରିକି ବିଜୟନଗର ଆଞ୍ଚଳିକ ରାଜ୍ୟ ବିଭିନ୍ନ ସାଂସ୍କୃତିକ ଅଞ୍ଚଳ ଉପରେ ନିୟନ୍ତ୍ରଣ ରଖିପାରିଥିଲା । ତେଣୁ ଏହା ସ୍ମରଣ କରାଯାଇପାରେ ଯେ ଆଞ୍ଚଳିକବାଦର କଦାପି ପତନ ହୋଇନଥିଲା । ଯଦିଓ ଆଞ୍ଚଳିକ ରାଜ୍ୟଗୁଡ଼ିକ ଶକ୍ତି ହରାଉଥିଲେ କିମ୍ବା ଶକ୍ତି ଲାଭ କରୁଥିଲେ, କେବଳ ଏହି ଅଞ୍ଚଳଗୁଡ଼ିକର ସୀମାରେଖାରେ ପରିବର୍ତ୍ତନ ହେଉଥିଲା ।

ଆଞ୍ଚଳିକତାବାଦ କ'ଣ ? ରାଜନୈତିକ ଧାରା, ଯେପରିକି ଶାସନ କରୁଥିବା ରାଜବଂଶକୁ ଛାଡ଼ିଦେଲେ, ଆଞ୍ଚଳିକବାଦର ଆଉ କେତେଗୁଡ଼ିଏ ପ୍ରଧାନ ବୈଶିଷ୍ଟ୍ୟ ରହିଅଛି ଯାହାକି ସେ ସମୟରେ ଉନ୍ନତି କରିଥିଲା ଏବଂ ଏହା ଉତ୍‌ଥିତ ହୋଇ ପରିବର୍ତ୍ତିତ ଅବସ୍ଥାରେ ଦୀର୍ଘଦିନ ପର୍ଯ୍ୟନ୍ତ ଆଞ୍ଚଳିକ ରାଜ୍ୟଗୁଡ଼ିକରେ ପରିଲକ୍ଷିତ ହୋଇଥିଲା । ଆଞ୍ଚଳିକବାଦର କେତେଗୁଡ଼ିଏ ବୈଶିଷ୍ଟ୍ୟ ନିମ୍ନରେ ବର୍ଣ୍ଣନା କରାଗଲା ।

1) ଗୋଟିଏ ପ୍ରଧାନ ବୈଶିଷ୍ଟ୍ୟ ହେଉଛି ଭାଷା । ଉଦାହରଣସ୍ୱରୂପ ଓଡ଼ିଆ, ଗୁଜୁରାଟୀ, ବେଙ୍ଗଲୀ, ତାମିଲ, ତେଲୁଗ. କନ୍ନଡ଼ ଏବଂ ମରାଠୀ ତଥା ଆହୁରି ଅନେକ ଭାରତୀୟ ଭାଷା ଭାରତର ବିଭିନ୍ନ ଅଞ୍ଚଳର ଆଞ୍ଚଳିକ ଭାଷା ରୂପେ ମାନ୍ୟତା ଲାଭ କରିଅଛି । ଏହି ଭାଷା ଗୁଡିକର ଉନ୍ନତି ପ୍ରାକ୍ ମଧ୍ୟଯୁଗ ଏବଂ ମଧ୍ୟଯୁଗରେ ହୋଇଥିଲା ଏବଂ ନିର୍ଦ୍ଦିଷ୍ଟ ଆଞ୍ଚଳିକ ରାଜ୍ୟଗୁଡିକରେ ଦେଖିବାକୁ ମିଳିଥିଲା । ଯଦିଓ ଏହି ଭାଷାଗୁଡ଼ିକ ଭିନ୍ନ ରୂପରେ ରହିଥିଲା, ଏକାଦଶ ଓ ଦ୍ୱାଦଶ ଶତାବ୍ଦୀ ପରେ ଏହି ଆଞ୍ଚଳିକ ଭାଷାଗୁଡିକ ସରକାରୀ ଦସ୍ତାବିଜ୍‌ରେ ବ୍ୟବହାର କରାଗଲା । ଏହି ଆଞ୍ଚଳିକ ଭାଷାରେ ସାହିତ୍ୟିକ ଲେଖାମାନ ଆତ୍ମପ୍ରକାଶ କଲା । ମଧ୍ୟଯୁଗରେ ଆଞ୍ଚଳିକ ଭାଷା ସହିତ ସଂସ୍କୃତ ଭାଷାରେ ଅନେକ ମୂଲ୍ୟବାନ ପୁସ୍ତକ ମଧ ରଚିତ ହେଲା । ସେହିପରି ଦିଲ୍ଲୀ ସୁଲତାନୀ ରାଜ୍ୟର ବହୁତ ସରକାରୀ ରେକର୍ଡପତ୍ର ଏବଂ ମୋଗଲ ସାମ୍ରାଜ୍ୟର କେତେକ ସରକାରୀ ରେକର୍ଡ ପାରସ୍ୟ ଭାଷାରେ ଲେଖାଯାଇଥିବାର ଦେଖାଯାଇଛି ।

2) ଆଞ୍ଚଳିକବାଦର ଅନ୍ୟ ଏକ ବୈଶିଷ୍ଟ୍ୟଥିଲା ଆଞ୍ଚଳିକ ଧର୍ମ ପ୍ରତି ଅନୁରକ୍ତି । ଉଦାହରଣସ୍ୱରୂପ, ଓଡ଼ିଶାରେ ଜଗନ୍ନାଥ ଧର୍ମ ଆଞ୍ଚଳିକ ଧର୍ମ ରୂପେ ବିଖ୍ୟାତ । ଏହି ଧର୍ମ କ୍ରମଶଃ ରାଜ୍ୟ ଧର୍ମରେ ପରିଣତ ହେଲା । ଏହି ଧର୍ମକୁ ଶାସକମାନେ ଗ୍ରହଣକରି ଏକ ବିଶାଳ ମନ୍ଦିର ନିର୍ମାଣ କରିଥିଲେ ଏବଂ ପ୍ରତିବର୍ଷ ଏହାର ଉତ୍ସବ ପାଳନ କରିଥିଲେ । ଐତିହାସିକ ମାନେ କହନ୍ତି ଯେ ଜଗନ୍ନାଥ ଆଦିବାସୀ ମାନଙ୍କର ଦେବତା ଥିଲେ । ଏହି ଜଗନ୍ନାଥଙ୍କ ଲୋକପ୍ରିୟତା ଶାସକମାନଙ୍କୁ ଆକୃଷ୍ଟ କରିଥିଲା ଏବଂ ସେମାନେ ଏହି ଧର୍ମ ଗ୍ରହଣ କରିଥିଲେ ଏବଂ ଏହାକୁ ରାଜ୍ୟଧର୍ମରେ ପରିଣତ କରିଥିଲେ । ଆମେ ପରବର୍ତ୍ତୀ ଭାଗରେ ରାଷ୍ଟ୍ର ଓ ଧର୍ମ ମଧରେ ସଂପର୍କ ବିଷୟରେ ଅଧ୍ୟୟନ କରିବା । ଅନେକ ଧର୍ମୀୟ ସଂପ୍ରଦାୟ ଏବଂ ଭକ୍ତିଧର୍ମର ଉନ୍ମେଷ ଆଞ୍ଚଳିକ ରାଜ୍ୟମାନଙ୍କ ରେ ଦେଖିବାକୁ ମିଳିଥିଲା । ଉଦାହରଣସ୍ୱରୂପ ନାମଦେବ, ରାୟଦାସ୍, ତୁକାରାମ, ଗୁରୁନାନକ ପ୍ରଭୃତି ବିଭିନ୍ନ ଆଞ୍ଚଳିକ ରାଜ୍ୟଗୁଡ଼ିକରେ ଦେଖିବାକୁ ମିଳିଥିଲେ । ପ୍ରତ୍ୟେକ ଧର୍ମର ସ୍ୱତନ୍ତ୍ର ପୃଷ୍ଠଭୂମି, କିମ୍ବଦନ୍ତୀ, ଅବତାରଣା ଏବଂ ନୀତି ରହିଥିଲା । ତୁମେ ଜାଣିଛ, କି ଉତ୍ତର ଭାରତରେ ଶିବ ଓ ପାର୍ବତୀଙ୍କ ପୁତ୍ର କାର୍ତ୍ତିକେୟ ଆଜନ୍ମ ବ୍ରହ୍ମଚାରୀ ରୂପେ ପୂଜା ପାଉଥିଲେ । କିନ୍ତୁ ତାମିଲନାଡୁ ରାଜ୍ୟରେ ସେହି କାର୍ତ୍ତିକେୟଙ୍କର ଦେବଜାନୀ ଏବଂ ଭାଳୀ ନାମକ ଦୁଇଜଣ ପତ୍ନୀ ଥିଲେ । ପ୍ରତ୍ୟେକ ରାଜ୍ୟର ଭିନ୍ନଭିନ୍ନ ଦେବାଦେବୀ ରହିଥିଲେ ଏବଂ ବିଭିନ୍ନ ମନ୍ଦିର ଓ ମସ୍‌ଜିଦ ପରି ସ୍ଥାପତ୍ୟ ମଧ ଦେଖାଯାଏ । କୌତୁହଳର ବିଷୟ ଏହି ଯେ ଆଞ୍ଚଳିକ ବୈଷମ୍ୟ ରହିଥିଲେ ସୁଦ୍ଧା ଆଞ୍ଚଳିକ ପରମ୍ପରାରେ ସମାନତା ପ୍ରତିପାଦିତ ହୋଇଥାଏ । ବଭିନ୍ନ ଧର୍ମର

ସନ୍ୟାସୀ ଓ ଧର୍ମଯାଜକ ମାନେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଗମନ କରିଥାନ୍ତି । ଉଦାହରଣ ସ୍ୱରୂପ ଜେସୁ ଦରାଜ ନାମକ ଜଣେ ସୁଫି ସନ୍ଥ ଚିସ୍ତି ସିଲସିଲହା ସଂପ୍ରଦାୟର ଥିଲେ, ଯେ କି ଦିଲ୍ଲୀ ରେ ଆସି ଅବସ୍ଥାନ କରିଥିଲେ । ସେ ଦିଲ୍ଲୀରୁ ଦୌଲତାବାଦ କୁ ୧୩୨୮ ଖ୍ରୀଷ୍ଟାବ୍ଦରେ ନାବାଳକ ଥିଲାବେଳେ ଯାଇଥିଲେ । ସାତବର୍ଷ ପରେ ୧୩୩୫ ଖ୍ରୀଷ୍ଟାବ୍ଦରେ ସେ ଦିଲ୍ଲୀକୁ ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ୬୩ ବର୍ଷ ସେଠାରେ ଅବସ୍ଥାନ କରିଥିଲେ । ୧୩୯୮ ଖ୍ରୀଷ୍ଟାବ୍ଦ ବେଳକୁ, ଯେତେବେଳେ ତୁର୍କୀ ଆକ୍ରମଣକାରୀ ତୈମୁରୁଲଙ୍ଗ ଦିଲ୍ଲୀ ଆକ୍ରମଣ କଲେ, ସେତେବେଳେ ସେ ପୁର୍ନବାର ଦାକ୍ଷିଣାତ୍ୟକୁ ଫେରି ଆସିଥିଲେ ।

3) ଆଞ୍ଚଳିକ ରାଜ୍ୟଗୁଡ଼ିକ ମଧ୍ୟରେ ଅନେକ ଦୂରତ୍ୱ ରହିଥିଲା । ଧର୍ମୀୟ ଆଦାନପ୍ରଦାନ ସହିତ ବ୍ୟବସାୟ ଓ ବାଣିଜ୍ୟ କାରବାର ମଧ୍ୟ ଚାଲିଥିଲା । ଶିଳ୍ପମାନେ ମଧ୍ୟ ଗୋଟିଏ ରାଜ୍ୟରୁ ଅନ୍ୟରାଜ୍ୟ କୁ ଯିବାର ଦୃଷ୍ଟାନ୍ତ ରହିଅଛି । ଉଦାହରଣସ୍ୱରୂପ ପଞ୍ଚଦଶ ଶତାବ୍ଦୀରେ ଗୁଜରାଟର ପଶମ ବୁଣାକାରମାନେ (ପଟ୍ଟାନୁଲକରସ୍) ବିଜୟନଗର ରାଜ୍ୟକୁ ଚାଲିଯାଇଥିଲେ । ଆଫ୍ରିକୀୟ ଏବଂ ଇରାନୀୟମାନେ ମଧ୍ୟ ବିଜୟନଗର ଓ ବାହାମନୀ ରାଜ୍ୟକୁ ଆଗମନ କରିଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳେ ।

4) ଆଞ୍ଚଳିକତାବାଦର ଅନ୍ୟ ଏକ ବୈଶିଷ୍ଟ୍ୟ ଥିଲା ଆଞ୍ଚଳିକ କଳାର ବିକାଶ । ବିଶେଷ କରି ବିହାର, ବେଙ୍ଗଲ, ଆସାମ, ମଧ୍ୟଭାରତ ଏବଂ ରାଜସ୍ଥାନରେ ଏହି ପ୍ରକାର କଳା ଓ ସ୍ଥାପତ୍ୟର ଉନ୍ନତି ପରିଲକ୍ଷିତ ହୋଇଥିଲା । ଏହି କଳାରେ ଆଞ୍ଚଳିକତାର ଚିହ୍ନ ପରିସ୍ଫୁଟ ହୋଇଥିଲା । ସେଗୁଡିକ ଅତୀତ କାଳରୁ ସୃଷ୍ଟି ହୋଇ ନଥିଲା, ବିଭିନ୍ନ ଆଞ୍ଚଳିକ ରାଜବଂଶର ପୃଷ୍ଠପୋଷକତା ଲାଭକରି କଳା, ସଂସ୍କୃତି, ସାହିତ୍ୟ ଏବଂ ସ୍ଥାପତ୍ୟ ସ୍ୱକୀୟ ପରିଚୟ ସହ ଉନ୍ନତି ଲାଭ କରିଥିଲା ।

ତେଣୁ, ବିଭିନ ଆଞ୍ଚଳିକ ରାଜ୍ୟ ଗୁଡ଼ିକ ମଧ୍ୟରେ କୌଣସି ପ୍ରକାର ଦ୍ୱନ୍ଦ ସୃଷ୍ଟି ହୋଇଥିବାର ଦେଖାଯାଇନଥିଲା । ସେମାନେ ପରସ୍ପର ମଧ୍ୟରେ ଯୁଦ୍ଧରେ ସଂପୃକ୍ତ ହୋଇନଥିଲେ । କିନ୍ତୁ ତାଙ୍କ ନିଜ ରାଜ୍ୟର ସ୍ଥିରତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଉପରୋକ୍ତ ବର୍ଣ୍ଣନାନୁଯାୟୀ ସେମାନଙ୍କର ସଂସ୍କୃତି ଭିନ୍ନଭିନ୍ନ ଥିଲା । ଆଞ୍ଚଳିକ ରାଜ୍ୟମାନେ ନିଜର ସ୍ଥାପତ୍ୟ ଓ ରାଜନୈତିକ ସଂସ୍କୃତିଦ୍ୱାରା ପରସ୍ପରକୁ ପ୍ରଭାବିତ କରୁଥିଲେ । ଉଦାହରଣସ୍ୱରୂପ, ବିଜୟନଗର ର ଶାସକମାନେ ନିଜକୁ ହିନ୍ଦୁ ସୁରତ୍ରାଣ ଉପାଧିରେ ଭୂଷିତ କରିଥିଲେ । ଏହାର ଅର୍ଥ ଥିଲା ହିନ୍ଦୁ ସୁଲ୍‌ତାନ । ଏହି ସୁଲ୍‌ତାନ ଶବ୍ଦ ଦିଲ୍ଲୀ ସୁଲତାନୀ ବ୍ୟବସ୍ଥାରୁ ଆନୀତ ହୋଇଥିଲା । ସେହିପରି ସୁଲତାନୀ ଶାସନର ଇକ୍‌ତାଦାର ବ୍ୟବସ୍ଥା ବିଜୟନଗର ଓ ବାହାମନୀ ରାଜ୍ୟର ଶାସନ ବ୍ୟବସ୍ଥାକୁ ପ୍ରଭାବିତ କରିଥିଲା । ଆଞ୍ଚଳିକ ରାଜ୍ୟ, ଦିଲ୍ଲୀ ସୁଲତାନୀରାଜ୍ୟ ଏବଂ ମୋଗଲ ସାମ୍ରାଜ୍ୟ ମଧ୍ୟରେ ତଫାତ୍ କ'ଣ ଥିଲା ? ଉପରୋକ୍ତ ବୈଶିଷ୍ଟ୍ୟଗୁଡ଼ିକୁ ଛାଡିଦେଲେ, ଏହି ରାଜ୍ୟଗୁଡିକର ରାଜନୈତିକ ଓ ସାମରିକ ପ୍ରଭାବ ସେମାନଙ୍କର ଆଞ୍ଚଳିକ ସୀମା ମଧ୍ୟରେ ସୀମିତ ଥିଲା ।

## INTEXT QUESTIONS 11.1 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଭାରତରେ ଆଞ୍ଚଳିକବାଦର ଚାରି ଗୋଟି ବୈଶିଷ୍ଟ୍ୟ ଲେଖ ।

2. ମଧ୍ୟଯୁଗରେ ବିକାଶ ଲାଭ କରିଥିବା ଆଞ୍ଚଳିକ କଳା ବିଷୟରେ ବର୍ଣ୍ଣନା କର ।

3. ମଧ୍ୟଯୁଗୀୟ ଧାରାରେ କେଉଁ ଭକ୍ତିଧର୍ମର ବିକାଶ ହୋଇଥିଲା ?

4. ଭାରତରେ ବିକାଶ ଲାଭକରିଥିବା ଆଞ୍ଚଳିକବାଦର ଚାରିଗୋଟି ବୈଶିଷ୍ଟ୍ୟ ଉଲ୍ଲେଖ କର ।



ଟିପ୍ପଣି

## 11.2 RISE OF REGIONAL STATES : A GENERAL HISTORY
## ଆଞ୍ଚଳିକ ରାଜ୍ୟଗୁଡ଼ିକ ଉତ୍‌ଥାନ : ଏହାର ଇତିହାସ

ଆମେ ଏହି ଅଧ୍ୟାୟରେ ସପ୍ତମ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ଆଞ୍ଚଳିକ ରାଜ୍ୟଗୁଡ଼ିକ ବିଷୟରେ ପଢ଼ିଲେ । ଏହି ରାଜ୍ୟଗୁଡ଼ିକର ଅବସ୍ଥା କ'ଣ ହେଲା ? ସେମାନେ କ'ଣ ସଂପୂର୍ଣ୍ଣ ରୂପେ ମଧ୍ୟଯୁଗୀୟ ରାଜନୈତିକ ପ୍ରକ୍ରିୟାରୁ ନିଶ୍ଚିହ୍ନ ହୋଇଯାଇଥିଲେ ? ଅନେକ ଆଞ୍ଚଳିକ ରାଜ୍ୟ ତ୍ରୟୋଦଶ ଶତାବ୍ଦୀ ପରେ ନିଜର ସ୍ଥିତାବସ୍ଥା ରକ୍ଷା କରିଥିଲେ କିନ୍ତୁ ସେଠାରେ ରାଜବଂଶମାନଙ୍କର ପରିବର୍ତ୍ତନ ଓ ଭୌଗଳିକ ସୀମାରେଖା ର ପରବର୍ତ୍ତନ ଦେଖାଯାଇଥିଲା । ଏହି ଭାଗରେ, ତ୍ରୟୋଦଶ ଶତାବ୍ଦୀ ଠାରୁ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ଆଞ୍ଚଳିକ ରାଜ୍ୟଗୁଡ଼ିକ ସଂବଂଧରେ ଏକ ବିହଙ୍ଗାବଲୋକନ କରିବା ।

ଦିଲ୍ଲୀ ସୁଲ୍‌ତାନୀ ଶାସନ ବଙ୍ଗ, ବିହାର, ଗୁଜୁରାଟ, ମାଳବ ଏବଂ ରାଜପୁତନାର ବିଭିନ୍ନ ରାଜପୁତ୍ ରାଜ୍ୟ ଯଥା: ରନ୍ଥମ୍ବର, ଜାଲୋର, ନାଗୋର, ଆଜମୀର ଏବଂ ଦାକ୍ଷିଣାତ୍ୟର ଓ୍ୱାରଙ୍ଗଲ୍, ତେଲେଙ୍ଗାନା, ଦେବଗିରି, ଏବଂ ଦକ୍ଷିଣ ଭାରତର ଦ୍ୱାର ସମୁଦ୍ର, ମଦୁରାଇ ଏବଂ ଅନ୍ୟାନ୍ୟ ରାଜ୍ୟ ଅଧିକାର କରି ଏହାର ସୀମାକୁ ପ୍ରସାରିତ କରିଥିଲେ । ଆମେ ଆଲାଉଦ୍ଦିନ ଖିଲିଜୀଙ୍କର ବିଭିନ୍ନ ସାମରିକ ଅଭିଯାନ ଏବଂ ମହମ୍ମଦ ବିନ୍ ତୋଗଲକଙ୍କର ଦିଲ୍ଲୀରୁ ଦୌଲତାବାଦ ରାଜଧାନୀ ପରିବର୍ତ୍ତନ ବିଷୟରେ ଅଧ୍ୟୟନ କରିଅଛେ । ଏହି ରାଜ୍ୟଗୁଡ଼ିକ ସୁଲ୍‌ତାନୀ ଶାସନ ସହିତ ସଂଯୁକ୍ତ ହେଲା ଏବଂ ପ୍ରାଦେଶିକ ଗଭର୍ଣ୍ଣରଙ୍କ ଦ୍ୱାରା ଶାସିତ ହେଲା । ଦିଲ୍ଲୀ ସୁଲ୍‌ତାନୀ ଶାସନ ପ୍ରତିଷ୍ଠା ହେବା ଦିନଠାରୁ ଅର୍ଥାତ ତ୍ରୟୋଦଶ ଶତାବ୍ଦୀଠାରୁ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ଅର୍ଥାତ ସୁଲତାନୀ ବ୍ୟବସ୍ଥାର ପତନ ହେବା ପର୍ଯ୍ୟନ୍ତ ଏହି ଆଞ୍ଚଳିକ ରାଜ୍ୟମାନଙ୍କ ମଧ୍ୟରେ ଅବିରତ ଆଦାନ ପ୍ରଦାନ ବ୍ୟବସ୍ଥା ଜାରି ରହିଥିଲା । ଏକଦା ଏହି ରାଜ୍ୟଗୁଡ଼ିକ କେନ୍ଦ୍ରୀୟ ଦିଲ୍ଲୀ ଅଧୀନରେ ସ୍ୱାଧୀନ ରୂପେ ଶାସିତ ହେଉଥିଲେ । ସେ ଯାହାହେଉ, ଏହି ଅଞ୍ଚଳଗୁଡ଼ିକରେ ସୃଷ୍ଟ ବିଦ୍ରୋହ କୁ ସଂପୂର୍ଣ୍ଣରୂପେ ଦମନ କରାଯାଇନଥିଲା । ମହମ୍ମଦ ବିନ୍ ତୋଗଲକ ତାଙ୍କ ଜୀବନର ସମସ୍ତ ସମୟ ଦାକ୍ଷିଣାତ୍ୟ, ଓଡିଶା ଏବଂ ବଂଗର ବିଦ୍ରୋହ ଦମନ କାର୍ଯ୍ୟରେ ନିୟୋଜିତ କରିଥିଲେ ।

ଏହି ଆଞ୍ଚଳିକ ରାଜ୍ୟଗୁଡ଼ିକ ଦିଲ୍ଲୀ ସୁଲତାନୀ ଶାସନର ଅଂଶବିଶେଷ ହୋଇଥିଲେ ମଧ ଏହାର ଭାଷା, କଳା, ସାହିତ୍ୟ ଓ ଧର୍ମ ଅପରିବର୍ତ୍ତିତ ରହିଥିଲା । ପ୍ରକୃତରେ ଯେତେବେଳେ ଇସ୍‌ଲାମ ଧର୍ମ ଏଠାରେ ପ୍ରବେଶ କଲା, ଏହା ଆଞ୍ଚଳିକ ଧର୍ମର ମାନ୍ୟତା ଲାଭକଲା । ଏହି ରାଜ୍ୟଗୁଡ଼ିକରେ ପୂର୍ବରୁ ମୁସଲମାନ ବଣିକଗୋଷ୍ଠୀ ଏବଂ ସୈନ୍ୟବାହିନୀରେ ନିଯୁକ୍ତ ମୁସଲମାନ ମାନେ ବସତି ସ୍ଥାପନ କରିଥିଲେ । ଯଦିଓ ସେତେବେଳେ କୌଣସି ଶାସକ ରାଜବଂଶ ନଥିଲା, ପ୍ରାଦେଶିକ ଗଭର୍ଣ୍ଣରମାନେ ଆଞ୍ଚଳିକ ରାଜା ଏବଂ ଜମିଦାର ମାନଙ୍କ ସହିତ ବନ୍ଧୁତା କରି ସେମାନଙ୍କୁ ସ୍ୱାଧୀନ ରୂପେ କାର୍ଯ୍ୟକରିବାକୁ ଅନୁମତି ଦେଇଥିଲେ । ଚର୍ତୁଦ୍ଦଶ ଶତାବ୍ଦୀ ବେଳକୁ ଦିଲ୍ଲୀ ସୁଳତାନୀ ଶାସନର କ୍ରମଶଃ ପତନ ହେଉଥିଲା ଏବଂ ସେତିକିବେଳେ କିଛି ଆଞ୍ଚଳିକ ରାଜ୍ୟର ଉତ୍‌ଥାନ ଦେଖିବାକୁ ମିଳିଥିଲା । ପ୍ରାଦେଶିକ ଗଭର୍ଣ୍ଣରମାନଙ୍କ ବିଦ୍ରୋହ ହେତୁ ଦିଲ୍ଲୀ ସୁଲତାନୀ ଶାସନର ପତନ ହୋଇଥିଲା । ହରିହର, ବୁକ୍‌କା ଏବଂ ଆଲାଉଦ୍ଦିନ ହାସନ୍ ବହମାନ୍ ସାହାଙ୍କ ପ୍ରାଦେଶିକ ଅଫିସରମାନଙ୍କ କ୍ଷମତା ହାସଲ ଯୋଗୁ ବିଜୟନଗର ଓ ବାହମନୀ ରାଜ୍ୟର ପ୍ରତିଷ୍ଠା ହୋଇପାରିଲା । ସେହି ସମୟରେ ପୂର୍ବରେ ବଂଗ ଏବଂ ପଶ୍ଚିମରେ ମୁଲ୍‌ତାନ୍ ଏବଂ ସିନ୍ଧୁ ସ୍ୱାଧୀନ ହେଲେ । ଫିରୋଜଶାହା ତୋଗଲକ ଏହି ହରାଇଥିବା ରାଜ୍ୟଗୁଡ଼ିକୁ ପୁର୍ନବାର ହାସଲ କରିବା ପାଇଁ ଉଦ୍ୟମ କରି ବିଫଳ ହେଲେ । ସେ ବଂଗ ଆକ୍ରମଣ କରି ବିଫଳ ହୋଇଥିଲେ । ସେ ଓଡ଼ିଶା ଆକ୍ରମଣ କରି ଯାଜନଗରକୁ ଲୁଣ୍ଠନ କରିଥିଲେ କିନ୍ତୁ ଏହାକୁ ଅଧିକାର କରିପାର ନଥିଲେ । ସେ କାଙ୍ଗ୍ରା ଲୁଣ୍ଠନ କଲେ ଏବଂ ଗୁଜୁରାଟ ଓ ଥାଟ୍ଟାରେ ବିଦ୍ରୋହକୁ ଦମନ କରିଥିଲେ ।

୧୩୩୮ ଖ୍ରୀଷ୍ଟାବ୍ଦରେ ଫିରୋଜଶାହା ତୋଗଲକଙ୍କ ମୃତ୍ୟୁପରେ ସୁଲତାନୀ ରାଜ୍ୟର ପତନ ଆରମ୍ଭ ହେଲା । ପୂର୍ବ ଆଲୋଚନା ଅନୁଯାୟୀ ପ୍ରାଦେଶିକ ଗଭର୍ଣ୍ଣରମାନେ ଶକ୍ତିଶାଳୀ ହୋଇ ସ୍ୱାଧୀନତା

ଘୋଷଣା କଲେ । ସୁଲତାନ ଓ ସାମନ୍ତମାନଙ୍କ ମଧ୍ୟରେ ସୁସଂପର୍କ ରହିଲା ନାହିଁ । ସୁଲତାନଙ୍କର ଆଞ୍ଚଳିକ ଶାସକ ଓ ଜମିଦାରମାନଙ୍କ ସହିତ ସଂଘର୍ଷ ସୁଲତାନୀ ଶାସନକୁ ଆହୁରି ଦୁର୍ବଳ କରିଦେଲା । ସୁଲ୍‌ତାନୀ ଶାସନର ପତନ ହେଉଥିବା ବେଳେ ୧୩୯୮ ଖ୍ରୀଷ୍ଟାବ୍ଦରେ ତୈମୁରଲଙ୍ଗଙ୍କ ଦିଲ୍ଲୀ ଆକ୍ରମଣ ଶେଷ ଝଟକା ଦେଇଥିଲା । ତୈମୁରଲଙ୍ଗ ଜଣେ ତୁର୍କ ଥିଲେ, ଯେ କି ଏସିଆ ଆସି କେବଳ ଲୁଣ୍ଠନ ଉଦ୍ଦେଶ୍ୟରେ ଭାରତ ଆକ୍ରମଣ କରିଥିଲେ । ତୈମୁରଲଙ୍ଗ ଦିଲ୍ଲୀରେ ପ୍ରବେଶ କରି ଅତି ନୃଶଂସ ଭାବରେ ହିନ୍ଦୁ, ମୁସଲମାନ, ସ୍ତ୍ରୀଲୋକ ଏବଂ ଛୋଟ ପିଲାମାନଙ୍କୁ ହତ୍ୟା କରିଥିଲେ ।

ତୈମୁରଲଙ୍ଗଙ୍କ ଦିଲ୍ଲୀ ଆକ୍ରମଣ ର ୧୫ ବର୍ଷପରେ ଦିଲ୍ଲୀ ସୁଲତାନୀ ଶାସନର ପତନ ହେଲା । ଗୁଜୁରାଟ, ମାଳବ ଏବଂ ବାରାଣସୀ ନିକଟବର୍ତ୍ତୀ ଜୈନପୁର ଶକ୍ତିଶାଳୀ ଆଞ୍ଚଳିକ ରାଜ୍ୟ ଭାବେ ଆର୍ବିଭୁତ ହେଲେ । ଗୁଜୁରାଟ ଏବଂ ଜୌନପୁର ନିରବଚ୍ଛିନ୍ନ ଭାବେ ଲୋଦୀ ବଂଶର ସୁଲତାନ୍‌ମାନଙ୍କ ସହିତ ସଂଘର୍ଷରେ ଲିପ୍ତ ରହିଥିଲେ । ଦିଲ୍ଲୀଠାରୁ ସ୍ୱାଧୀନ ହୋଇ ମଧ ଭାରତର ଏବଂ ଦକ୍ଷିଣ ଭାରତର ଅନେକ ରାଜ୍ୟର ଉତ୍‌ଥାନ ଦେଖିବାକୁ ମିଳିଲା । ସେମାନଙ୍କ ମଧ୍ୟରେ ପ୍ରଧାନ ଥିଲା ଓଡିଶାର ଗଜପତିମାନଙ୍କ ଦ୍ୱାରା ଶାସିତରାଜ୍ୟ, ବାହାମନି ରାଜ୍ୟ ଏବଂ ବିଜୟନଗର ସାମ୍ରାଜ୍ୟ । ବାହାଲୋଲ ଲୋଦୀ ( ୧୪୫୧ - ୧୪୮୫ ) ଏବଂ ସିକନ୍ଦର ଲୋଦୀ ( ୧୪୯୮ - ୧୫୧୬ ) ଏହି ଆଞ୍ଚଳିକ ରାଜ୍ୟଗୁଡିକୁ ନିୟନ୍ତ୍ରଣ ରେ ରଖିବା ପାଇଁ ଚେଷ୍ଟା କରିଥିଲେ । ଶେଷରେ ଇବ୍ରାହିମ୍ ଲୋଦୀ ( ୧୫୧୭ - ୧୫୨୬ ) ଙ୍କ ରାଜତ୍ୱକାଳରେ ବିହାର ରାଜ୍ୟ ତା'ର ସ୍ୱାଧୀନତା ଘୋଷଣା କଲା । ପଞ୍ଜାବର ଗଭର୍ଣ୍ଣର ଦୌଲତ ଖାଁ ଲୋଦୀ ବିଦ୍ରୋହ କରିବା ସହିତ ବାବରଙ୍କୁ ଭାରତ ଆକ୍ରମଣ କରିବା ପାଇଁ ୧୫୨୬ ଖ୍ରୀଷ୍ଟାବ୍ଦରେ ନିମନ୍ତ୍ରଣ କରିଥିଲେ ।

୧୫୨୬ ଖ୍ରୀଷ୍ଟାବ୍ଦରେ ମୋଗଲ ସାମ୍ରାଜ୍ୟର ପ୍ରତିଷ୍ଠା ଏବଂ ପରବର୍ତ୍ତୀ ସମୟରେ ସାମ୍ରାଜ୍ୟ ବିସ୍ତାର ନୀତିଯୋଗୁ ଆଞ୍ଚଳିକ ରାଜ୍ୟମାନଙ୍କରେ ଶାସନ କରୁଥିବା ରାଜବଂଶ ଗୁଡିକ କ୍ରମଶଃ ଦୁର୍ବଳ ହୋଇ ପଡିଲେ ଏବଂ ଏହି ରାଜ୍ୟ ଗୁଡ଼ିକ ମୋଗଲସାମ୍ରାଜ୍ୟରଅଂଶ ରୂପେ ବିବେଚିତ ହେଲେ । କିନ୍ତୁ ଆଞ୍ଚଳିକ ବୈଶିଷ୍ଟ୍ୟ ଗୁଡିକ ଯଥା :- କଳା, ସାହିତ୍ୟ ଏବଂ ଧର୍ମ କିଛି ପରିବର୍ତ୍ତନ ସହିତ ସେହିପରି ରହିଥିଲା । ଅଷ୍ଟାଦଶ ଶତାବ୍ଦୀରେ ମୋଗଲ ସାମ୍ରାଜ୍ୟର ପତନ ପରେ ପ୍ରାଦେଶିକ ଗଭର୍ଣ୍ଣର ମାନେ ଏବଂ ଅଳ୍ପ କେତେକ ଅଧିକୃତ ରାଜ୍ୟ ସେମାନଙ୍କର ସ୍ୱାଧୀନତା ଘୋଷଣା କଲେ । ଫଳରେ ନୂତନ ଆଞ୍ଚଳିକ ରାଜ୍ୟଗୁଡ଼ିକର ଉନ୍ମେଷ ହେଲା । ଏହି ରାଜ୍ୟଗୁଡ଼ିକ ଥିଲା, ପଞ୍ଜାବ, ବଂଗ, ଅଯୋଧା, ହାଇଦରାବାଦ୍, ମହିଶୁର ଏବଂ ମରହଟ୍ଟା ରାଜ୍ୟ ।

**INTEXT QUESTIONS 11.2 - ପ୍ରତ୍ୟାଶିତ ପୂର୍ବଜ୍ଞାନ**

1. ଦିଲ୍ଲୀ ସୁଲତାନୀ ଶାସନର ପତନ କେବେ ଆରମ୍ଭ ହେଲା ?

___________________________________________

2. ଇବ୍ରାହିମ୍ ଲୋଦୀଙ୍କ ଶାସନକାଳରେ କେଉଁ ଦୁଇଟି ରାଜ୍ୟ ନିଜକୁ ସ୍ୱାଧୀନ ବୋଲି ଘୋଷଣା କଲେ ?

___________________________________________

## HISTORY OF THE REGIONAL STATES -A FEW CASE STUDIES
## କେତେକ ଆଞ୍ଚଳିକ ରାଜ୍ୟଗୁଡିକର ଇତିହାସ


### 11.3 JAUNPUR- ଜୌନପୁର

ଗୋମତି ନଦୀ ଉପକୂଳ ରେ ଥିବା ପୂର୍ବ ଉତ୍ତର ପ୍ରଦେଶ ର ଆଧୁନିକ ବାରଣାସୀ ଅଞ୍ଚଳରେ ଜୌନପୁର ଅବସ୍ଥିତ । ଦିଲ୍ଲୀ ସୁଲ୍‌ତାନୀ ସାମ୍ରାଜ୍ୟର ପୂର୍ବଖଣ୍ଡରେ ଏହି ପ୍ରଦେଶ ଥିଲା ଏକ ଶକ୍ତିଶାଳୀ ରାଜ୍ୟ । ଫିରୋଜ ଶାହା ତୋଗଲକ ଙ୍କ ଜଣେ ପ୍ରଖ୍ୟାତ ସାମନ୍ତ ମାଲିକ୍ ସରୱାର ଜୌନପୁରର ର ଗଭର୍ଣ୍ଣର ଥିଲେ । ୧୩୯୪ ଖ୍ରୀଷ୍ଟାବ୍ଦରେ ସୁଲତାନ ନସିରୁଦ୍ଦିନ୍ ମହମ୍ମଦ ଶାହା ତୋଗଲକ୍

ତାଙ୍କୁ ଏକ ମନ୍ତ୍ରୀ ପଦ ପ୍ରଦାନ କରି ସୁଲତାନୁ - ସରକ୍ ଉପାଧିରେ ଭୂଷିତ କରିଥିଲେ । ଏହି ଉପାଧିର ଅର୍ଥ ଥିଲା 'ପୂର୍ବର ପ୍ରଭୁ' (Master of East) । ତେଣୁ ସେ ମାଲିକ୍ ସରୱାର ସୁଲତାନୁ ସରକ୍ ରୂପେ ପରିଚିତ ହେଲେ । ତୈମୁରଲଙ୍ଗ ଦିଲ୍ଲୀ ଆକ୍ରମଣ ପରେ ଏବଂ ସୁଲତାନୀ ରାଜ୍ୟର ପତନ ସମୟରେ ଦୁର୍ବଳ ରାଜନୈତିକ ଅବସ୍ଥାରୁ ଫାଇଦା ଉଠାଇବା ଚେଷ୍ଟା କରିଥିଲେ । ସେଥିପାଇଁ ସେ ନିଜର ସ୍ୱାଧୀନତା ଘୋଷଣା କଲେ । ତାଙ୍କ ପରେ ତାଙ୍କ ପୁତ୍ର ମୁବାରକ ଶାହା ସରକୀ ସିଂହାସନ ଆରୋହଣ କଲେ । ସୁଲତାନ୍ ତାଙ୍କ ନିଜ ନାମରେ ମୁଦ୍ରା ପ୍ରଚଳନ କଲେ । ତାଙ୍କରି ଶାସନ କାଳ ମଧରେ ଦିଲ୍ଲୀର ସୁଲତାନ୍ ମହମ୍ମଦ ଶାହା ତୋଗଲକ ଜୌନପୁର କୁ ଅଧିକାର କରିବା ପାଇଁ ପ୍ରୟାସ କରି ବିଫଳ ହୋଇଥିଲେ । ଏହାପରେ ଜୌନପୁର ର ବିଭିନ୍ନ ଶାସକଙ୍କ ସମୟରେ ଦିଲ୍ଲୀ ସହିତ ଅନବରତ ଦ୍ୱନ୍ଦ ଲାଗିରହିଥିଲା । ସରକୀ ସୁଲତାନ ମାନେ ମଧ ଦିଲ୍ଲୀ ଅଧିକାର କରିବା ପାଇଁ ବହୁତ ଉଦ୍ୟମ କରି ବିଫଳ ହୋଇଥିଲେ । ୧୪୦୨ ଖ୍ରୀଷ୍ଟାବ୍ଦରେ ଇବ୍ରାହିମ୍ ଶାହା ସରକୀ ଜୌନପୁର ର ସୁଲତାନ ହୋଇ ଚାରିବର୍ଷ ଶାସନ କରିଥିଲେ । ସେ ଥିଲେ ମୁବାରକ ଶାହାଙ୍କର ଭ୍ରାତା । ଇବ୍ରାହିମ୍ ଜଣେ ବିଦ୍ୱାନ ବ୍ୟକ୍ତି ଥିଲେ । ସେ ଇସଲାମ ଧର୍ମର ତତ୍ତ୍ୱ, ଆଇନ, ସଂଗୀତ ଓ ସୂକ୍ଷ୍ମକଳାରେ ବିଶେଷ ପାରଦର୍ଶିତା ଅର୍ଜନ କରିଥିଲେ । ସେ ସ୍ଥାପତ୍ୟର ଜଣେ ବଡ ପୃଷ୍ଠପୋଷକ ଥିଲେ । ସରକୀ ଶୈଳୀ ନାମକ ଏକ ନୂତନ ସ୍ଥାପତ୍ୟ ଶୈଳୀର ଉଦ୍ଭବ ହୋଇଥିଲା । ଏହି ଶୈଳୀ ହିନ୍ଦୁ ଶୈଳୀ ଦ୍ୱାରା ପ୍ରଭାବିତ ହୋଇଥିଲା । ସର୍କୀ ସୁଲତାନୀ ରାଜ୍ୟ ପଶ୍ଚିମରେ ଉତ୍ତରପ୍ରଦେଶ ର ଆଲିଗଡ଼ ଠାରୁ ପୂର୍ବରେ ଉତ୍ତର ବିହାରର ଦରଭଙ୍ଗା ପର୍ଯ୍ୟନ୍ତ ଏବଂ ଉତ୍ତରରେ ନେପାଳ ଠାରୁ ଦକ୍ଷିଣରେ ବୁନ୍ଦେଲଖଣ୍ଡ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ହୁସେନ୍ ଶାହା ସରକୀଙ୍କ ରାଜତ୍ୱ ସମୟରେ (୧୪୫୮ - ୧୫୦୫) ବାହାଲୋଲ ଲୋଦୀ ଙ୍କ ସହିତ ଦୀର୍ଘଦିନ ପର୍ଯ୍ୟନ୍ତ ଯୁଦ୍ଧ ଲାଗିଥିଲା । ବାହାଲୋଲ ଲୋଦୀ ୧୪୮୪ ଖ୍ରୀଷ୍ଟାବ୍ଦ ଜୌନପୁର ଆକ୍ରମଣ କଲେ । ହୁସେନ ଶାହା ପଳାୟନ କଲେ । ଶେଷରେ ବାହାଲୋଲ ଲୋଦୀଙ୍କ ଉତ୍ତରାଧିକାରୀ ସିକନ୍ଦର ଲୋଦୀ ଜୌନପୁରକୁ ସୁଲତାନୀ ଶାସନର ସଂଯୁକ୍ତ କରିଥିଲେ । ହୁସେନ ଶାହା ମୃତ୍ୟୁବରଣ କଲେ ଏବଂ ସରକୀ ରାଜବଂଶର ବିଲୟ ହେଲା ।

## 11.4 KASHMIR - କାଶ୍ମୀର

ଭାରତର ଉତ୍ତର ଭାଗରେ କାଶ୍ମୀର ଅବସ୍ଥିତ । ଏକାଦଶ ଶତାବ୍ଦୀରେ କାଶ୍ମୀର ର ଶାସକ ମାନେ ଶୈବ ଭକ୍ତ ଥିଲେ ଏବଂ ଶୈବଧର୍ମ କାଶ୍ମୀର ର ରାଜ୍ୟଧର୍ମ ରୂପେ ପରିଗଣିତ ହୋଇଥିଲା । ଆରବ ପରିବ୍ରାଜକ ଆଲ୍‌ବେରୁଣୀ ତାଙ୍କ ଭାରତ ଭ୍ରମଣ ବୃତାନ୍ତରେ ଲେଖିଛନ୍ତି ଯେ କୌଣସି ବ୍ୟକ୍ତି ସେହି ସମୟରେ କାଶ୍ମୀର କୁ ଯିବାପାଇଁ ଅନୁମତି ପାଉନଥିଲା । ଏପରିକି ହିନ୍ଦୁମାନଙ୍କ ଉପରେ ମଧ ନିଷେଧାଜ୍ଞା ଜାରି କରାଯାଇଥିଲା । ୧୩୨୦ ଖ୍ରୀଷ୍ଟାବ୍ଦରେ କାଶ୍ମୀରରେ ଶାସନ କରୁଥିବା ରାଜବଂଶ ଦୁର୍ଦ୍ଧର୍ଷ ମଙ୍ଗୋଲ ଆକ୍ରମଣକୁ ପ୍ରତିହତ କରିପାରି ନଥିଲା । ତେଣୁ ଏ ବଂଶ ଜନସାଧାରଣଙ୍କର ଆସ୍ଥା ହରାଇଥିଲା । ୧୩୩୯ ଖୀଷ୍ଟାବ୍ଦରେ ଶାମସୁଦ୍ଦୀନ୍ ଶାହା ଶୈବ ଶାସକଙ୍କୁ ଗାଦିଚ୍ୟୁତ କରି କାଶ୍ମୀରର ଶାସକ ହେଲେ । ଏହି ସମୟଠାରୁ ଆଗକୁ ଇସଲାମ ଧର୍ମ କାଶ୍ମୀର ସମାଜକୁ ପ୍ରଭାବିତ କରିଥିଲା । ସୁଫିସନ୍ଥ ମାନଙ୍କୁ ଋଷି ବୋଲି କୁହାଯାଉଥିଲା । ସେମାନେ ହିନ୍ଦୁ ଧର୍ମ ଓ ଇସଲାମ ଧର୍ମର ମୌଳିକ ନୀତି ଗୁଡ଼ିକୁ ଏକତ୍ରିତ କରି ଏକ ନୂତନ ଧର୍ମର ପ୍ରଚାର କଲେ । ଏହି ସୁଫିସନ୍ଥ ମାନେ ମଧ୍ୟଏସିଆରୁ କାଶ୍ମୀରକୁ ଚାଲିଆସିଥିଲେ ଏବଂ ପରେ ସମାଜ ଓ ଧର୍ମକୁ ପ୍ରଭାବିତ କରିଥିଲେ । କ୍ରମଶଃ ଗରିବ ଶ୍ରେଣୀ ଇସ୍‌ଲାମ ଧର୍ମ ଗ୍ରହଣ କରିବାକୁ ଲାଗିଲେ । ରାଜ୍ୟଶାସନ ଦ୍ୱାରା ଇସଲାମ ଧର୍ମର ପ୍ରସାର ପାଇଁ ଉଦ୍ୟମ କରାଗଲା । କାଶ୍ମୀର ସୁଲତାନ ସିକନ୍ଦର ଶାହା (୧୩୯୮ -୧୪୦୭) ଏକ ଆଦେଶନାମା ଜାରି କରିଥିଲେ । ଏଥିରେ କୁହାଗଲା ଯେ ବ୍ରାହ୍ମଣମାନଙ୍କ ସହିତ ସମସ୍ତ ହିନ୍ଦୁ ଇସଲାମ ଧର୍ମ ଗ୍ରହଣ କରିବେ ନଚେତ ରାଜ୍ୟଛାଡି ଚାଲିଯିବେ । କୁହାଯାଏ ଯେ ସୁହାଭଟ୍ଟ ନାମକ ଜଣେ ହିନ୍ଦୁ ମନ୍ତ୍ରୀଙ୍କ ଇଙ୍ଗିତରେ ସୁଲ୍‌ତାନ ଏହି ଆଦେଶନାମା ଜାରୀ କରିଥିଲେ । ସେହିମନ୍ତ୍ରୀ ଇସଲାମ ଧର୍ମ ଗ୍ରହଣ କରିଥିଲେ ।



ଟିପ୍ପଣୀ



ସମ୍ଭବତଃ କାଶ୍ମୀରର ସବୁଠାରୁ ଶକ୍ତିଶାଳୀ ରାଜାଥିଲେ ଜଇନୁଲ ଆବିଦୀନ (୧୪୨୦ - ୧୪୭୦) । ସେ ଜଣେ ବିଜ୍ଞ ଶାସକ ଥିଲେ । ସିକନ୍ଦର ଶାହାଙ୍କ ସମୟରେ କାଶ୍ମୀର ଛାଡି ଚାଲି ଯାଇଥିବା ଲୋକମାନଙ୍କୁ ପୁର୍ନବାର ଫେରାଇଆଣିବାକୁ ଆଦେଶ ଦେଇଥିଲେ । ସେ ଜିଜିୟା କରକୁ ଉଚ୍ଛେଦ କରିଥିଲେ । ସେ ଗୋ-ହତ୍ୟା ବନ୍ଦ କରିଥିଲେ । ସେ ହିନ୍ଦୁମାନଙ୍କୁ ଉଚ୍ଚ ପଦ ପଦବୀରେ ନିଯୁକ୍ତି ଦେଇଥିଲେ । ଅସଂଖ୍ୟ ମନ୍ଦିର ଗୁଡ଼ିକର ମରାମତି କରାଗଲା ଏବଂ ନୂତନ ମନ୍ଦିରମାନ ନିର୍ମିତ ହେଲା । ମୋଗଲ ସମ୍ରାଟ ଆକବରଙ୍କ ଦରବାରର ଐତିହାସିକ ବର୍ଣ୍ଣନା କରି କହିଛନ୍ତି, ଯେ କାଶ୍ମୀରରେ ୧୫୦ଟି ବୃହତ ମନ୍ଦିର ଥିଲା । ସୁଲତାନ ଜଇନୁଲ ଆବିଦୀନ ଜାମ୍ମୁର ହିନ୍ଦୁରାଜାଙ୍କର କନ୍ୟାକୁ ବିବାହ କରିଥିଲେ । କେତେକ ବିଶେଷଜ୍ଞ ଜଇନୁଲ ଆବିଦୀନଙ୍କୁ କାଶ୍ମୀରର ଆକବର ବୋଲି ବର୍ଣ୍ଣନା କରିଛନ୍ତି । ତାଙ୍କ ରାଜତ୍ୱ ସମୟରେ କାଶ୍ମୀର ଏକ ସମୃଦ୍ଧିଶାଳୀ ରାଜ୍ୟରେ ପରିଣତ ହୋଇଥିଲା । ତେଣୁ ତାଙ୍କୁ କାଶ୍ମୀରର ବାଦଶାହା ବା କାଶ୍ମୀରର ମହାନ୍ ରାଜାରୂପେ ଉଲ୍ଲେଖ କରାଯାଇଛି ।

କାଶ୍ମୀରରେ କୃଷିର ଉନ୍ନତି ପାଇଁ ସୁଲ୍‌ତାନଙ୍କ ଅବଦାନ ଅତୁଳନୀୟ । ସେ କେନାଲ ଏବଂ ଡ୍ୟାମ୍ ନିର୍ମାଣ କରିଥିଲେ । କୃଷିର ବିବରଣୀ ରଖାଯାଉଥିଲା । ଦୁର୍ଭିକ୍ଷ କିମ୍ବା ପ୍ରାକୃତିକ ଦୁର୍ବିପାକ ସମୟରେ ଋଣ ବା ଶସ୍ୟ ଆକାରରେ ରିଲିଫ ଦିଆଯାଉଥିଲା । ପଶୁଖାଦ୍ୟ, ଗୋଖାଦ୍ୟ ଇତ୍ୟାଦି ଦିଆଯାଉଥିଲା । ସୁଲତାନ ମଧ ମୁଦ୍ରା ପ୍ରଚଳନରେ ସଂସ୍କାର ଆଣିଥିଲେ । ସେ ବଜାର ନିୟନ୍ତ୍ରଣ ନୀତି ପ୍ରଣୟନ କରି ପ୍ରତ୍ୟେକ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ କରିଥିଲେ । ସେ ନିଜ ରାଜ୍ୟରେ ମିଳୁନଥିବା ଦ୍ରବ୍ୟର ଆମଦାନୀ ଉପରେ ରିହାତିକର ବ୍ୟବସ୍ଥା କରିଥିଲେ । ସେ ଲୁଣର ଅଭାବକୁ ମେଣ୍ଟେଇବା ପାଇଁ ଲଦାଖ୍‌ରୁ ଲୁଣ ଆମଦାନି କରୁଥିଲେ ଏବଂ ବଣିକମାନଙ୍କୁ ଯଥା ସମ୍ଭବ ସାହାଯ୍ୟ କରୁଥିଲେ । ହସ୍ତଶିଳ୍ପର ବିକାଶ ପାଇଁ ସୁଲ୍‌ତାନ ବିଶେଷ ଧାନ ଦେଉଥିଲେ । ସେ କାଗଜ ତିଆରି ଓ ବହି ବନ୍ଧେଇ ବିଷୟରେ ତାଲିମ ଦେବାପାଇଁ କିଛି ଲୋକଙ୍କୁ ସମରକନ୍ଦ ପଠାଇଥିଲେ । ସୁଲତାନ ମଧ ପ୍ରସ୍ତର କାଟିବା ଏବଂ ମସୃଣ କରିବା ଶିଳ୍ପକୁ ଉତ୍ସାହିତ କରିଥିଲେ । ସେ ବିଛଣା ଓ ଶାଲ ନିର୍ମାଣ କୁ ଉତ୍ସାହ ପ୍ରଦାନ କରିଥିଲେ । ସେଥିପାଇଁ ଏବେ ମଧ କାଶ୍ମୀର ପ୍ରସିଦ୍ଧ । ସୁଲତାନ୍ ମଧ ଜେଙ୍ଗୀର, ଜେଙ୍କଟ୍ ଏବଂ ଜେନ୍‌ପୁର ନାମକ ତିନିଗୋଟି ସହର ପ୍ରତିଷ୍ଠା କରିଥିଲେ ଏବଂ ଡାଲ୍‌ହ୍ରଦରେ ଏକ ଉପଦୀପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଯାହାକି ଅଦ୍ୟାବଧି ବିଦ୍ୟମାନ । ତାଙ୍କର ପ୍ରଧାନ କୃତିତ୍ୱ ଥିଲା ବାଲୋର ହ୍ରଦରେ ଯାନ୍ତ୍ରିକ ଶୈଳୀରେ ଜଇନ୍ ଲଙ୍କା ନାମକ ଏକ କୃତ୍ରିମ ଉପଦ୍ୱୀପର ପ୍ରତିଷ୍ଠା । ସେ ତାଙ୍କର ପ୍ରାସାଦ ଓ ସମାଧି ନିର୍ମାଣ କରିଥିଲେ ।

ସେ ପାର୍ସୀ ଓ ସଂସ୍କୃତରେ ଅଗାଧ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ସେ ତିବ୍ବତ ଓ ଆରବ ଭାଷା ଜାଣିବା ସହିତ ପାର୍ସୀ ପଣ୍ଡିତ ଓ ସଂସ୍କୃତ ପଣ୍ଡିତମାନଙ୍କୁ ପୃଷ୍ଠପୋଷକତା ପ୍ରାଦନ କରିଥିଲେ । ତାଙ୍କରି ପୃଷ୍ଠପୋଷକତାରେ ମହାଭାରତ ଏବଂ କଲହଣଙ୍କ ରଚିତ ରାଜତରଙ୍ଗୀଣି ପାରସ୍ୟ ଭାଷାରେ ଅନୁବାଦିତ ହୋଇଥିଲା । ସେହିପରି ଅନେକ ପାରମ୍ପରିକ ଗ୍ରନ୍ଥ ଓ ଆରବୀୟ ଗ୍ରନ୍ଥ ହିନ୍ଦିଭାଷାରେ ଅନୁବାଦିତ ହୋଇଥିଲା । ସେ ନିଜେ ମଧ ଜଣେ କବିଥିଲେ ଏବଂ ଅନେକ କବିତା ରଚନା କରିଯାଇଛନ୍ତି । 'କୁତବ' ନାମକ ଏକ ପୁସ୍ତକରେ ତାଙ୍କ କବିତା ଗୁଡ଼ିକ ସଂକଳିତ ହୋଇଥିଲା ।

ତାଙ୍କପରେ ଦୁର୍ବଳ ଶାସକମାନେ କାଶ୍ମୀର ର ସିଂହାସନ ଆରୋହଣ କରିଥିଲେ । ଫଳରେ ସେଠାରେ ଅସ୍ଥିରତା ବିରଜମାନ କଲା । ଏହି ଅସ୍ଥିରତାର ସୁଯୋଗ ନେଇ ମିର୍ଜା ହାଇଦର ନାମକ ବାବରଙ୍କର ଜଣେ ବନ୍ଧୁ ୧୫୮୬ ଖ୍ରୀଷ୍ଟାବ୍ଦରେ କାଶ୍ମୀର ଅଧିକାର କରିଥିଲେ । ଏହାପରେ ଆକବର କାଶ୍ମୀର ଅଧିକାର କରି ତାକୁ ମୋଗଲ ସାମ୍ରାଜ୍ୟରେ ଅର୍ନ୍ତଭୁକ୍ତ କରି ଦେଇଥିଲେ ।

## 11.5 BENGAL - ବଂଗ

ଅଷ୍ଟମ ଶତାବ୍ଦୀରେ ପାଳବଂଶ ଅଧୀନରେ ବଂଗ ଏକ ପ୍ରଧାନ ଆଞ୍ଚଳିକ ରାଜ୍ୟ ଥିଲା ଏବଂ ଦ୍ୱାଦଶ ଶତାବ୍ଦୀ ବେଳକୁ ଏହା ସେନମାନଙ୍କ ଦ୍ୱାରାଶାସିତ ହେଉଥିଲା । ଦିଲ୍ଲୀ ସୁଲ୍‌ତାନୀ ସାମ୍ରାଜ୍ୟର

ଟିପ୍ପଣି

ଏହିରାଜ୍ୟ ପୂର୍ବପ୍ରାନ୍ତରେ ଅବସ୍ଥିତ ଥିଲା । ଦୀର୍ଘ ଦୂରତ୍ୱ, ପ୍ରତିକୂଳ ଜଳବାୟୁ ଏବଂ ଗମନାଗମନର ଅସୁବିଧା ହେତୁ, ଏହି ପ୍ରଦେଶକୁ ନିୟନ୍ତ୍ରଣରେ ରଖିବା ସମ୍ଭବ ନଥିଲା । ତେଣୁ ବଂଗ ଅନେକ ସମୟରେ ସ୍ୱାଧୀନତା ଘୋଷଣା କରୁଥିଲା । ଗୀୟାସୁଦ୍ଦିନ ତୋଗଲକ ବଂଗକୁ ତିନୋଟି ସ୍ୱାଧୀନ ଶାସିତ ଭାଗରେ ବିଭକ୍ତ କରି ଏହି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିଥିଲେ । ଏ ଗୁଡ଼ିକ ଥିଲା ଲାଖନଉଟି, ସତ୍‌ଗାଓଁ ଏବଂ ସୋନାର ଗାଓଁ । ସେ ଯାହାହେଉ ସେଠାରେ ଏହି ସମସ୍ୟା ବଳବତ୍ତର ରହିଲା, ଏବଂ ଚର୍ତୁଦଶ ଶତାବ୍ଦୀ ବେଳକୁ ବଂଗ ଏକ ସ୍ୱାଧୀନ ଆଞ୍ଚଳିକ ରାଜ୍ୟ ରୂପେ ପ୍ରତିଷ୍ଠିତ ହୋଇଥିଲା ।

୧୩୪୬ ଖ୍ରୀଷ୍ଟାବ୍ଦରେ ହାଜୀ ଇଲିଆସ ଖାଁ ନାମକ ଜଣେ ସାମନ୍ତ ବଂଗକୁ ଏକତ୍ରିତ କରି ଏହାକୁ ଶାସନ କଲେ ଏବଂ ନିଜକୁ ସାମସୁଦ୍ଦୀନ ଇଲିଆସ ଶାହା ଉପାଧିରେ ଭୂଷିତ କରି ଇଲିଆସ୍ ଶାହା ବଂଶର ମୂଳଭିତ୍ତି ସ୍ଥାପନ କରିଥିଲେ । ସେ ବଂଗକୁ ଅଧିକାର କଲାପରେ ଓଡିଶା ଏବଂ ତିରିହୁତ୍ ଆକ୍ରମଣ କଲେ ଏବଂ ସେମାନଙ୍କୁ ବାର୍ଷିକ କର ଦେବାପାଇଁ ବାଧ କଲେ । ତାଙ୍କର ସାମ୍ରାଜ୍ୟ ବିସ୍ତାର ଦିଲ୍ଲୀ ସୁଲତାନୀ ସାମାଜ୍ୟ ପାଇଁ ସର୍ତକ ଘଣ୍ଟି ବଜାଇଲା । ଫଳରେ ସୁଲତାନମାନେ ବଂଗ ଅଧିକାର କରିବାକୁ ବହୁବାର ଚେଷ୍ଟାକରି ବିଫଳ ହେଲେ । ଗିୟାସୁଦ୍ଦିନ ଆଜମ ଥିଲେ ଇଲିଆସ ଶାହି ରାଜବଂଶର ଅନ୍ୟ ଜଣେ ପ୍ରଧାନ ଶାସକ । ସେ ଜଣେ ବିଦ୍ୱାନ ବ୍ୟକ୍ତି ଥିଲେ । ଏବଂ ପାର୍ସୀ ସାହିତ୍ୟର ଉନ୍ନତି ପାଇଁ ପୃଷ୍ଠପୋଷକତା ପ୍ରଦାନ କରିଥିଲେ । ସେ ପ୍ରଜାମାନଙ୍କୁ ଯଥାର୍ଥ ନ୍ୟାୟ ପ୍ରଦାନକାରୀ ରୂପେ ଖ୍ୟାତି ଅର୍ଜନ କରିଥିଲେ । କୁହାଯାଏ ଯେ , ସେ ଦୁର୍ଘଟଣା ଘଟାଇ ଜଣେ ବିଧବା ନାରୀଙ୍କ ପୁତ୍ରକୁ ହତ୍ୟା କରିଥିଲେ । ଉକ୍ତ ବିଧବା ନାରୀ କାଜୀଙ୍କ ନିକଟରେ ଅଭିଯୋଗ କରିଥିଲେ । କାଜୀ ସୁଲତାନଙ୍କୁ ନ୍ୟାୟାଳୟରେ ହାଜର ହେବା ପାଇଁ ସମନ ପଠାଇଥିଲେ । ଯେତେବେଳେ ଏହି ମକଦ୍ଦମାର ବିଚାର ହେଲା, ଆଜମ୍ କାଜୀଙ୍କୁ କହିଥିଲେ ଯେ କାଜୀ ଯଦି ତାଙ୍କ କର୍ତ୍ତବ୍ୟ ଠିକ୍ ଭାବରେ ପାଳନ ନ କରିଥାନ୍ତେ ତାକୁ ହତ୍ୟା କରାଯାଇଥାନ୍ତା । ଆଜମ୍‌ଙ୍କ ଚୀନ ସହିତ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ରହିଥିଲା । ବଂଗ ଓ ଚୀନ ମଧରେ ଏକ ସମୃଦ୍ଧଶାଳୀ ବାଣିଜ୍ୟିକ ସଂପର୍କ ରହିଥିଲା । ମାଲପରିବହନ ଓ ଆଦାନପ୍ରଦାନ ପାଇଁ ଚିଟାଗଙ୍ଗ ବନ୍ଦର ଏକ ପ୍ରଧାନ କେନ୍ଦ୍ର ରୂପେ ମାନ୍ୟତା ଲାଭ କରିଥିଲା । ଚୀନ ଶାସକଙ୍କ ଦାବୀ ଅନୁଯାୟୀ ଆଜମ ବୌଦ୍ଧ ସନ୍ୟାସୀ ମାନଙ୍କୁ ଚୀନ କୁ ପ୍ରେରଣ କରିଥିଲେ । ପାଣ୍ଡୁଆ ଏବଂ ଗୌଡ ବଂଗର ରାଜଧାନୀ ଥିଲା ।

୧୫୩୮ ଖ୍ରୀଷ୍ଟାବ୍ଦରେ ଶେରଶାହା ସୁରୀ ବେଙ୍ଗଲ ଅଧିକାର କରିଥିଲେ । ୧୫୮୬ ଖ୍ରୀଷ୍ଟାବ୍ଦରେ ଆକବର ବଂଗ ଅଧିକାର କରି ଏହାକୁ ଏକ ସୁବାରେ ପରିଣତ କରିଥିଲେ । ପାର୍ସୀଭାଷା ସେତେବେଳେ ସରକାରୀ ଭାଷା ରୁପେ ପ୍ରଚଳିତ ଥିଲା କିନ୍ତୁ ବଙ୍ଗଳା ଭାଷା ଆଞ୍ଚଳିକ ଭାଷା ରୂପେ ପ୍ରଚଳିତ ଥିଲା । ବଙ୍ଗ ମୋଗଲ ଅଧିକୃତ ହେଲାପରେ ଏହାର ଦକ୍ଷିଣ ଭାଗରେ ବଣ ଜଙ୍ଗଲ ଓ ସନ୍ତସନ୍ତିଆ ସ୍ଥାନରେ କୃଷିଭିତ୍ତିକ ବସତି ଗୁଡ଼ିକ ସ୍ଥାପିତ ହେବାର ଦେଖାଗଲା । ଏହାପରେ ଧାନଚାଷର ପ୍ରସାର ହେତୁ ଏଠାରେ ଘନ ଜନବସତି ଦେଖାଗଲା । ସେଠାରେ ମଧ କୃଷକ ଗୋଷ୍ଠୀ ଏବଂ କେଉଟମାନେ ବସତି ସ୍ଥାପନ କରିଥିଲେ । ମୋଗଲମାନେ ଢ଼ାକାଠାରେ ସେମାନଙ୍କର ରାଜଧାନୀ ପ୍ରତିଷ୍ଠା କରିଥିଲେ । ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ସେଠାରେ ବାସ କଲେ । ସେଠାରେ ସେମାନଙ୍କୁ ଭୂମି ପ୍ରଦାନ କରାଗଲା । ଆଲ୍ଲାଉଦ୍ଦୀନ ହୁସେନ ଶାହା (୧୪୩୯ - ୧୫୧୯) ବଙ୍ଗର ଅନ୍ୟତମ ପ୍ରମୁଖ ଶାସକ ଥିଲେ । ସେ ଜଣେ ଦକ୍ଷ ପ୍ରଶାସକ ଥିଲେ ଏବଂ ହିନ୍ଦୁମାନଙ୍କୁ ପ୍ରଶାସନିକ କ୍ଷେତ୍ରରେ ଉଚ୍ଚପଦବୀରେ ନିଯୁକ୍ତି ପ୍ରଦାନ କରିଥିଲେ । ସେ ବୈଷ୍ଣବ ଧର୍ମର ପ୍ରତିଷ୍ଠାତା ଶ୍ରୀ ଚୈତନ୍ୟଙ୍କୁ ଗଭୀର ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରିଥିଲେ । ସେ ସିକନ୍ଦର ଲୋଦୀଙ୍କ ସହିତ ସଂଘର୍ଷରେ ଲିପ୍ତ ହୋଇଥିଲେ ଏବଂ ପରେ ତାଙ୍କସହିତ ଶାନ୍ତି ଚୁକ୍ତି କରିଥିଲେ ।

## 11.6 GUJRAT- ଗୁଜୁରାଟ

ଗୁଜୁରାଟ ଥିଲା ଏକ ଉର୍ବରଶାଳୀ ଓ ସମୃଦ୍ଧିଶାଳୀ ପ୍ରଦେଶ । ଏହାର ଉନ୍ନତ ବନ୍ଦର ଗୁଡ଼ିକ ଥିଲା ଏବଂ ଏହା ହସ୍ତଶିଳ୍ପ ପାଇଁ ପ୍ରସିଦ୍ଧ ଥିଲା । ଆଲାଉଦ୍ଦିନ ଖିଲିଜୀ ପ୍ରଥମ ସୁଲତାନ ଥିଲେ, ଯିଏକି ଗୁଜୁରାଟକୁ ଦିଲ୍ଲୀ ସୁଲତାନୀ ଶାସନରେ ମିଶାଇଥିଲେ । ତାପରଠାରୁ ଏଠାରେ ତୁର୍କୀ ଗଭର୍ଣ୍ଣର

ଟିପ୍ପଣୀ

ମାନେ ଶାସନ କରିଆସୁଥିଲେ । ତୈମୁରଲଙ୍ଗ ଙ୍କ ଦିଲ୍ଲୀ ଆକ୍ରମଣ ପରେ ୧୪୦୭ ରେ ଜାଫର ଖାଁ ଥିଲେ ଗୁଜୁରାଟର ଗଭର୍ଣ୍ଣର । ସେ ନିଜକୁ ସ୍ୱାଧୀନ ଘୋଷଣା କରି ମୁଜାଫର ସାହା ଉପାଧିରେ ନିଜକୁ ଭୂଷିତ କରିଥିଲେ । ଜାଫର ଖାଁ ଙ୍କ ପିତା ଜଣେ ରାଜପୁତ୍ ଥିଲେ । ସେ ତାଙ୍କ ଭଗ୍ନୀଙ୍କୁ ଫିରୋଜ ଶାହା ତୋଗଲକଙ୍କ ସହିତ ବିବାହ ଦେଇଥିଲେ ।

ଅହମ୍ମଦ ଶାହା (୧୪୧୧-୧୪୪୧) ଥିଲେ ଗୁଜୁରାଟର ଜଣେ ପ୍ରଧାନ ଶାସକ । ସେ ଅହମ୍ମଦ ନଗର ସହର ପ୍ରତିଷ୍ଠା କରି ୧୪୧୩ ଖ୍ରୀଷ୍ଟାବ୍ଦରେ ଏଠାରେ ରାଜଧାନୀ ପ୍ରତିଷ୍ଠା କରିଥିଲେ । ସେ ଜାମା ମସ୍‌ଜିଦ୍ ଏବଂ ତିନ୍ ଦରୱାଜାପରି ସୁନ୍ଦର ସୁନ୍ଦର କୋଠାମାନ, ନିର୍ମାଣ କରିଥିଲେ ଏବଂ ଉଦ୍ୟାନ, ପ୍ରାସାଦ ଓ ବଜାର ଦ୍ୱାରା ସହରକୁ ସୁସଜ୍ଜିତ କରିଥିଲେ । ଗୁଜୁରାଟର ଜୈନ ସ୍ଥାପତ୍ୟ ଦ୍ୱାରା ଅହମ୍ମଦ ଶାହା ପ୍ରଭାବିତ ହୋଇଥିଲେ । ସେ ଜଣେ ଦକ୍ଷ ପ୍ରଶାସକ ଥିଲେ ଏବଂ ଗୁଜୁରାଟର ଆଞ୍ଚଳିକ ରାଜ୍ୟଗୁଡ଼ିକୁ ସଂଗଠିତ କରିଥିଲେ । ସେ ରାଜପୁତ ରାଜ୍ୟ ଜଲ୍‌ୱାର, ବୁନ୍ଦି ଏବଂ ଦୁର୍ଗାପୁର କୁ ଗୁଜୁରାଟ ସାଙ୍ଗରେ ମିଶାଇ ଦେଇଥିଲେ । କୁହାଯାଏ, ସେ ଜଣେ ରକ୍ଷଣଶୀଳ ମୁସଲମାନ ଥିଲେ । ସେ ହିନ୍ଦୁମାନଙ୍କ ଉପରେ ଜିଜିଆ କର ବସାଇବା ସହିତ ଅନେକ ହିନ୍ଦୁ ମନ୍ଦିର ନଷ୍ଟ କରିଦେଇଥିଲେ । ଏହି ତଥ୍ୟ ବିବାଦମାନ ମନେହୁଏ । କାରଣ ସେ ହିନ୍ଦୁମାନଙ୍କୁ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ କରୁଥିଲେ । ଅହମ୍ମଦ ଶାହା ଉଭୟ ହିନ୍ଦୁ ଓ ମୁସଲିମ୍ ଶାସକ ମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିଲେ । ତାଙ୍କର ପ୍ରଧାନ ଶତ୍ରୁ ଥିଲେ ମାଳବର ମୁସଲିମ୍ ଶାସକ । ଉତ୍ତର ଭାରତ ରାଜନୀତିରେ ସାମ୍ରାଜ୍ୟ ବିସ୍ତାର ତଥା ପ୍ରାଧାନ୍ୟ ବିସ୍ତାର କୁ କେନ୍ଦ୍ର କରି ଗୁଜୁରାଟ ଏବଂ ମାଳବ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା । ସେ ନ୍ୟାୟ ପ୍ରଦାନ ପାଇଁ ପ୍ରସିଦ୍ଧ ଥିଲେ । ଜଣେ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ହତ୍ୟା ଅଭିଯୋଗରେ ସେ ନିଜ ଜମାତା ଙ୍କୁ ସର୍ବସମ୍ମୁଖରେ ଫାଶୀ ଦେଇଥିଲେ । ମିରାଟ୍-ଇ-ଅହମ୍ମଦୀ ର ଲେଖକ ସଠିକ୍ ଭାବରେ କହିଛନ୍ତି ଯେ ଏହି ନ୍ୟାୟର ପ୍ରଭାବ ତାଙ୍କ ରାଜତ୍ୱର ଶେଷ ପର୍ଯ୍ୟନ୍ତ ବଳବତ୍ତର ଥିଲା ।

ସମ୍ଭବତଃ ଗୁଜୁରାଟର ର ସର୍ବପ୍ରଧାନ ଶାସକଥିଲେ ମାମୁଦ ବେଗଡ଼ା । ସେ ଦୁଇଟି ଗଡ ଜୟ କରିଥିଲେ ବୋଲି ତାଙ୍କର ନାମ ଏହିପରି ହୋଇଥିଲା । ସେ ସୌରାଷ୍ଟ୍ରରେ ଜୁନାଗଡ ଏବଂ ଦକ୍ଷିଣ ଗୁଜୁରାଟର ରାଜପୁତ୍ ମାନଙ୍କଠାରୁ ଚମ୍ପାନର ଦୁର୍ଗ ଅଧିକାର କରିଥିଲେ । ଏହି ଦୁଇଟି ଦୁର୍ଗର ସାମରିକ ଦୃଷ୍ଟିକୋଣରୁ ବିଶେଷ ପ୍ରାଧାନ୍ୟ ରହିଥିଲା । ଗୀରନାର ଦୁର୍ଗ ସୌରାଷ୍ଟ୍ରରେ ଅବସ୍ଥିତ ଥିଲା । ସିନ୍ଧୁକୁ ଆକ୍ରମଣ କରିବାପାଇଁ ଏହା ସାମରିକ ପୃଷ୍ଠଭୂମି ରୂପେ କାର୍ଯ୍ୟ କରୁଥିଲା । ସୁଲତାନ ଏହି ପାହାଡର ପାଦଦେଶରେ ମୁସ୍ତାଫାବାଦ୍ ନାମକ ଏକ ସହର ପ୍ରତିଷ୍ଠା କରିଥିଲେ । ଏହି ନୂତନ ସହରଟି ବହୁ କୀର୍ତ୍ତି ସୌଧ ଦ୍ୱାରା ମଣ୍ଡିତ ହୋଇ ଗୁଜୁରାଟର ଦ୍ୱିତୀୟ ରାଜଧାନୀ ରୂପେ ପରିଗଣିତ ହେଲା । ସେହିପରି ମାଳବ ଏବଂ ଖାନ୍ଦେସ୍ ଉପରେ ନିୟନ୍ତ୍ରଣ ରଖିବାକୁ ଚମ୍ପାରନ୍ ଦୁର୍ଗ ଏକ ସ୍ୱତନ୍ତ୍ର ସ୍ଥାନର ମାନ୍ୟତା ଲାଭ କରିଥିଲା । ମାମୁଦ ମଧ ଚମ୍ପାରନ ନିକଟରେ ମହମଦାବାଦ ନାମକ ଏକ ନୂତନ ସହର ପ୍ରତିଷ୍ଠା କରିଥିଲେ ।

ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ତାଙ୍କୁ ବେଗଡ କୁହାଯିବାର କାରଣ ଥିଲା ତାଙ୍କ ନିଶ । ତାଙ୍କ ନିଶ ଗାଈର ଶିଙ୍ଗପରି ଦେଖାଯାଉ ଥିବାରୁ ତାଙ୍କୁ ଏପରି ନାମରେ ଡକା ଯାଉଥିଲା । ସେ ମଧ ଲମ୍ବା ଦାଢ଼ି ରଖିଥିଲେ । ତାଙ୍କ ନିଶ ଏତେ ଲମ୍ବା ଥିଲା ଯେ ତାକୁ ସେ ମୁଣ୍ଡ ଉପରେ ଗଣ୍ଠି ପକାଇ ରଖୁଥିଲେ । ବିଦେଶୀ ପରିବ୍ରାଜକ ଦୁଆର୍ତ୍ତୋ ବାରବୋସାଙ୍କ ମତାନୁସାରେ ମାମୁଦ ବାଲ୍ୟକାଳରେ ଏକପ୍ରକାର ବିଷ ଖାଦ୍ୟ ସାଙ୍ଗରେ ଖାଇଦେଇଥିଲେ । ଫଳରେ ତାଙ୍କ ଶରୀର ଏପରି ବିଷାକ୍ତ ହୋଇଯାଇଥିଲା ଯେ, ଯଦି ଗୋଟିଏ ମାଛି ତାଙ୍କ ମୁଣ୍ଡରେ ବସି ଯାଉଥିଲା, ତେବେ ତା'ର ସାଙ୍ଗେସାଙ୍ଗେ ମୃତ୍ୟୁ ହୋଇଯାଉଥିଲା । ମାମୁଦ ତାଙ୍କର ଖାଇବା ଗୁଣ ପାଇଁ ପ୍ରସିଦ୍ଧ ଥିଲେ । କୁହାଯାଏ ଯେ ମହମ୍ମଦଙ୍କ ଜଳଖିଆ ଥିଲା ଏକ କପ୍ ମହୁ, ଏକ କପ୍ ଲହୁଣୀ ଏବଂ ୧୦୦ ରୁ ୧୫୦ ଟି ପାଚିଲା କଦଳୀ । ସମୁଦାୟ ଦିନକୁ ସିଏ ୧୦ ରୁ ୧୫ କିଲୋ ଖାଦ୍ୟ ଖାଉଥିଲେ । ସେ ଦୀର୍ଘ ୫୨ ବର୍ଷ ଶାସନ କରିଥିଲେ । ସେ ମଧ କଳା ଓ ସାହିତ୍ୟର ଜଣେ ବଡ ପୃଷ୍ଠପୋଷକ ଥିଲେ । ତାଙ୍କ ଦରବାରରେ ଅନେକ ପୁସ୍ତକ ଆରବରୁ ପାର୍ସୀ ଭାଷାକୁ ଅନୁବାଦିତ ହୋଇଥିଲା । ତାଙ୍କ ଦରବାର ର ରାଜକବି ଉଦୟରାଜ ସଂସ୍କୃତରେ ଅନେକ କବିତା ରଚନା କରିଥିଲେ ।



ଟିପ୍ପଣି

୧୫୦୭ ଖ୍ରୀଷ୍ଟାବ୍ଦରେ ମାମୁଦ ପର୍ତ୍ତୁଗୀଜ ମାନଙ୍କ ବିରୋଧରେ ଏକ ଯୁଦ୍ଧାଭିଯାନ କରିଥିଲେ । ପର୍ତ୍ତୁଗୀଜମାନେ ପଶ୍ଚିମ ଉପକୂଳରେ ବସତି ସ୍ଥାପନ କରି ଏକଚାଟିଆ ବାଣିଜ୍ୟ ଚଳାଇଥିଲେ । ଫଳରେ ମୁସଲିମ ବଣିକମାନେ ବହୁତ କ୍ଷତିଗ୍ରସ୍ତ ହେଉଥିଲେ । ପର୍ତ୍ତୁଗୀଜ ମାନଙ୍କର ଏକଚାଟିଆ ବାଣିଜ୍ୟ ନୀତିକୁ ଭାଙ୍ଗିବା ପାଇଁ ସେ ତୁର୍କୀ ସୁଲତାନଙ୍କର ସାହାଯ୍ୟ ଲୋଡିଥିଲେ, କିନ୍ତୁ କିଛି ସାହାଯ୍ୟ ନପାଇବାରୁ ଡିଉ ରେ ଏକ କାରଖାନା ପ୍ରତିଷ୍ଠା କରିବାପାଇଁ ପର୍ତ୍ତୁଗୀଜମାନଙ୍କୁ ଗୋଟିଏ ଜାଗା ଦେଇଥିଲେ । ସେ ୧୫୧୧ ରେ ମୃତ୍ୟୁବରଣ କରିଥିଲେ । ତାଙ୍କ ଉତ୍ତରାଧିକାରୀବାନଙ୍କ ଶାସନ ସମୟରେ ଆକବର ୧୫୭୨ ଖ୍ରୀଷ୍ଟାବ୍ଦରେ ଗୁଜୁରାଟ ଆକ୍ରମଣ କରି ତାକୁ ମୋଗଲ ସାମ୍ରାଜ୍ୟରେ ମିଶାଇଦେଇଥିଲେ ।

## INTEXT QUESTIONS 11.3 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ସରକୀ ସାମ୍ରାଜ୍ୟ କେଉଁ ଆଡକୁ ବିସ୍ତାର ଲାଭ କରିଥିଲା ?

______________________________

2. କାହାଙ୍କୁ କାଶ୍ମୀର ର ଆକବର ବୋଲି କୁହାଯାଏ ?

______________________________

3. ଇଲିଆସ ଶାହା ରାଜବଂଶର ପ୍ରତିଷ୍ଠାତା କିଏ ଥିଲେ ?

______________________________

4. ଅହମ୍ମଦ ଶାହା କେଉଁ ସହର ପ୍ରତିଷ୍ଠା କରିଥିଲେ ?

______________________________

## 11.7 THE BAHAMANI SULTANATE - ବାହାମନୀ ସୁଲତାନୀ ସାମ୍ରାଜ୍ୟ

ଚର୍ତୁଦ୍ଦଶୀ ଶତାବ୍ଦୀରେ ଦକ୍ଷିଣ ଭାରତର ଦୁଇଟି ଶକ୍ତିଶାଳୀ ରାଜ୍ୟର ଉନ୍ମେଷ ହୋଇଥିଲା । ସେଥିମଧ୍ୟରୁ ଗୋଟିଏ ଥିଲା ବାହାମନୀ ସୁଲତାନୀ ରାଜ୍ୟ ଏବଂ ଅନ୍ୟଟି ଥିଲା ବିଜୟନଗର ସାମ୍ରାଜ୍ୟ । ଏହୀ ଦୁଇଗୋଟି ରାଜ୍ୟ ୩୦୦ବର୍ଷ ପର୍ଯ୍ୟନ୍ତ ଶାସନ କରିଥିଲେ । ଏହି ଭାଗରେ ଆମେ ବାହାମନୀ ସୁଲତାନୀ ରାଜ୍ୟର ଇତିହାସ ଏବଂ ଶାସନ ବ୍ୟବସ୍ଥା ଉପରେ ଆଲୋଚନା କରିବା ।

ଦିଲ୍ଲୀ ସୁଲତାନୀ ପ୍ରାଦେଶିକ ଶାସନ ବ୍ୟବସ୍ଥାର ଏକ ଅଂଶ ରୂପେ ଦାକ୍ଷିଣାତ୍ୟ ଅଞ୍ଚଳ ରହିଥିଲା । ଏଠାରେ ଏକ ସ୍ଥିର ଶାସନ ବ୍ୟବସ୍ଥା ପ୍ରଣୟନ ପାଇଁ ମହମ୍ମଦ ବିନ୍ ତୋଗଲକ ଅମିରନ୍-ଇ-ସଦା ବା ସଦା ଅମୀର ମାନଙ୍କୁ ନିଯୁକ୍ତ କରିଥିଲେ । ଜଣେ ସଦା ଅମୀର ୧୦୦ ଗୋଟି ଗ୍ରାମର ମୁଖ୍ୟଶାସକ ରୂପେ କାର୍ଯ୍ୟ କରୁଥିଲେ । ୧୩୩୭ ଖ୍ରୀଷ୍ଟାବ୍ଦରୁ ଦାକ୍ଷିଣାତ୍ୟର ଏହି ଅଧିକାରୀ ଏବଂ ଦିଲ୍ଲୀ ସୁଲତାନୀ ଶାସନ ମଧ୍ୟରେ ବିବାଦ ଘନିଭୂତ ହେଲା । ଏହା ଫଳରେ ୧୩୪୭ ଖ୍ରୀଷ୍ଟାବ୍ଦରେ ଦାକ୍ଷିଣାତ୍ୟରେ ଏକ ସ୍ୱାଧୀନ ରାଜ୍ୟ ସୃଷ୍ଟି ହେଲା । ଏହି ସ୍ୱାଧୀନ ରାଜ୍ୟର ରାଜଧାନୀ ଆନ୍ଧ୍ରପ୍ରଦେଶର ଗୁଲବର୍ଗାଠାରେ ସ୍ଥାପିତ ହେଲା । ଏହି ସ୍ୱାଧୀନ ରାଜ୍ୟର ପ୍ରତିଷ୍ଠାତା ଥିଲେ ହାରନ କାଙ୍ଗୁ । ସେ ଆଲାଉଦ୍ଦିନ୍ ହାସନ ବାହାମନ ଶାହା ଉପାଧି ଧାରଣ କରି ସିଂହାସନ ଆରୋହଣ କରିଥିଲେ । ସେ ଇରାନ୍‌ର କିଂବଦନ୍ତୀ ପୁରୁଷ ବାହାମାନ ଶାହାଙ୍କର ବଂଶଧର ବୋଲି ଦାବୀ କରୁଥିଲେ । ତାଙ୍କରି ନାମ ଅନୁସାରେ ରାଜ୍ୟର ନାମ ମଧ ବାହାମନୀ ରଖିଲେ । ମହମ୍ମଦ ବିନ୍ ତୋଗଲକ ଙ୍କ ପରେ ଦିଲ୍ଲୀ ସୁଲତାନୀ ଶାସନ ପକ୍ଷରୁ ଦାକ୍ଷିଣାତ୍ୟ ଅଞ୍ଚଳକୁ ନିୟନ୍ତ୍ରଣ କୁ ଆଣିବା ପାଇଁ କୌଣସି ଉଦ୍ୟମ ହୋଇନଥିଲା । ତେଣୁ ବାହାମନୀ ସୁଲତାନମାନେ ବିନା ପ୍ରତିବନ୍ଧକରେ ଅନେକ ରାଜ୍ୟ ଅଧିକାର କଲେ । ଗୋଟିଏ ପ୍ରଧାନ ପ୍ରାପ୍ତି ଥିଲା ପଶ୍ଚିମ ଉପକୂଳରେ ଥିବା ଦାବହୋଲ ନାମକ ପ୍ରଧାନ ବନ୍ଦର ।

ବାହମନ ଶାହା ଏବଂ ତାଙ୍କ ପୁତ୍ର ମହମ୍ମଦ ଶାହାଙ୍କ ରାଜତ୍ୱରେ ଏକ ସୁସଂଗଠିତ ଶାସନ ପ୍ରଣାଳୀ ପ୍ରଣୟନ କରାଯାଇଥିଲା । ଶାସନଗତସୁବିଧା ପାଇଁ ସମ୍ପୂର୍ଣ୍ଣ ରାଜ୍ୟକୁ ୪ ଟି ଭାଗରେ ବିଭକ୍ତ କରାଯାଇଥିଲା । ପ୍ରତ୍ୟେକ ବିଭାଗକୁ 'ତରଫ'ବା ପ୍ରଦେଶ କୁହାଗଲା । ଏହି ପ୍ରଦେଶଗୁଡିକ ଯଥାକ୍ରମେ







ଥିଲା, ଦୌଲତାବାଦ୍, ବିଦର, ବେରାର୍, ଏବଂ ଗୁଲବର୍ଗା । ପ୍ରଥମ ମହମ୍ମଦ ବିଜୟନଗର ରାଜ୍ୟକୁ ପରାସ୍ତ କରି ଗୋଲ୍‌କୋଣ୍ଡାକୁ ବାହମନୀ ରାଜ୍ୟରେ ମିଶାଇ ଦେଇଥିଲେ । ପ୍ରତ୍ୟେକ ପ୍ରଦେଶ ଜଣେ ତରଫଦାରଙ୍କ ଅଧୀନରେ ଶାସିତ ହେଉଥିଲା । ଏହି ତରଫଦାରମାନଙ୍କୁ ସୁବେଦାର ମଧ କୁହାଯାଉଥିଲା । ତରଫଦାରଙ୍କ ଅଧୀନରେ ଥିବା କିଛି ଭୂମିକୁ ଖାଲିସା ଭୂମିରେ ପରିଣତ କରାଗଲା । ଏହି ଖାଲିସା ଭୂମି ରାଜା ଏବଂ ରାଜପରିବାରର ଖର୍ଚ୍ଚପାଇଁ ଉଦ୍ଦିଷ୍ଟଥିଲା । ଏହାପରେ, ପ୍ରତ୍ୟେକ ସାମନ୍ତମାନଙ୍କର ଚାକିରୀ ଓ ବେତନ ସ୍ଥିରିକୃତ ହୋଇଥିଲା । ଯେଉଁ ସାମନ୍ତମାନେ ୫୦୦ ଅଶ୍ୱ ରଖିଥିଲେ ସେମାନେ ବାର୍ଷିକ ୧୦୦୦,୦୦୦ ମୁଦ୍ରା (ହନ୍‌ସ) ପାଉଥିଲେ । ଯଦି ଆବଶ୍ୟକୀୟ ସୈନ୍ୟମାନେ ନଥିବେ ତେବେ ତରଫଦାର ଅବଶିଷ୍ଟ ଅର୍ଥକୁ କେନ୍ଦ୍ରସରକାରଙ୍କୁ ଦେବେ । ସାମନ୍ତମାନେ ସେମାନଙ୍କର ବେତନ ସାଧାରଣତଃ ମୁଦ୍ରା ଆକାରରେ କିମ୍ବା ଜାଗିରୀ ଆକାରରେ ପାଉଥିଲେ । ବାହମନୀ ଶାସକ ସାମରିକ ସହଯୋଗ ପାଇଁ ଅମୀରମାନଙ୍କ ଉପରେ ନିର୍ଭର କରୁଥିଲେ । ସେଠାରେ ଦୁଇପ୍ରକାର ଅମୀର ରହିଥିଲେ । ସେମାନଙ୍କ ମଧ୍ୟରୁ ଗୋଟିଏ ଦଳ ହେଲେ ଡେକାନୀ ଅମୀର ବା ଯେଉଁ ମୁସଲମାନମାନେ ଏଠାକୁ ଆସି ଦୀର୍ଘଦିନ ହେଲା ବାସ କରିଆସୁଛନ୍ତି । ଅନ୍ୟଦଳଟି ହେଉଛି 'ଆଫାକୁଇସ୍' ବା ପରଦେଶୀ । ସେମାନେ ନିକଟରେ କେନ୍ଦ୍ର ଏସିଆରୁ ଆସି ଏଠାରେ ସ୍ଥାୟୀବସତି ସ୍ଥାପନ କରିଛନ୍ତି । ଏହି ଉଭୟ ଗୋଷ୍ଠୀମଧ୍ୟରେ ସର୍ବଦା କଳହ ଲାଗି ରହୁଥିଲା । ଫଳରେ ବାହମନୀ ସାମ୍ରାଜ୍ୟର ସ୍ଥିରତା ପ୍ରତି ଆଶଙ୍କା ସୃଷ୍ଟି ହେଉଥିଲା । ଭାରତରେ ପ୍ରଥମଥର ପାଇଁ ଏହି ଦୁଇଟି ରାଜ୍ୟ ଯୁଦ୍ଧରେ ଆଗ୍ନେୟାସ୍ତ୍ର ବ୍ୟବହାର କରିଥିଲେ । ବାହାମନି ରାଜ୍ୟ ଆଗ୍ନେୟାସ୍ତ୍ର ପ୍ରୟୋଗରେ ସିଦ୍ଧହସ୍ତ ଥିଲେ । ସେମାନେ ତୁର୍କୀ ଓ ପର୍ତ୍ତୁଗୀଜ ବିଶେଷଜ୍ଞ ମାନଙ୍କୁ ନିଯୁକ୍ତି ଦେଇ ନିଜ ସୌନ୍ୟମାନଙ୍କୁ ଏ ବିଷୟରେ ତାଲିମ ପ୍ରଦାନ କରିଥିଲେ ।

ମହମ୍ମଦ ଗାବନ ଥିଲେ ବାହମନୀ ରାଜ୍ୟର ଜଣେ ପ୍ରଧାନ ବ୍ୟକ୍ତି । ତାଙ୍କ ବାଲ୍ୟକାଳ ବିଷୟରେ ଇତିହାସ ନୀରବ । ସେ ଇରାନ୍ ରେ ଜନ୍ମଗ୍ରହଣ କରିଥିଲେ । ଦାକ୍ଷିଣାତ୍ୟରେ ସେ ଜଣେ ବଣିକରୂପେ ପହଞ୍ଚିଲେ । ତାଙ୍କୁ 'ବଣିକ ମାନଙ୍କର ମୂଖ୍ୟ' ବା 'ମାଲିକ୍-ଉର-ତୁଜର' ଉପାଧି ପ୍ରଦାନ କରାଗଲା । ବାହାମନୀ ଶାସକ ହୁମାୟୁନ ଶାହା ତାଙ୍କୁ ଏହି ଉପାଧି ପ୍ରଦାନ କରିଥିଲେ । ହୁମାୟୁନ ଶାହାଙ୍କର ଆକସ୍ମିକ ମୃତ୍ୟୁପରେ ତା'ଙ୍କ ନାବାଳକ ପୁତ୍ର ତୃତୀୟ ଅହମ୍ମଦଙ୍କ ଅଭିଷେକ ଉତ୍ସବ ପାଳିତ ହୋଇଥିଲା । ସେଥିପାଇଁ ଏକ ପ୍ରତିନିଧି ପରିଷଦ ଶାସନ କାର୍ଯ୍ୟ ପରିଚାଳନା କରିବା ପାଇଁ ଗଠିତ ହୋଇଥିଲା । ମହମ୍ମଦ ଗାବନ ଏହି ପରିଷଦର ଜଣେ ପ୍ରଧାନ ସଦସ୍ୟ ଥିଲେ । ଏହାପରେ ତାଙ୍କୁ ଓ୍ୱାଜିର ବା ପ୍ରଧାନ ମନ୍ତ୍ରୀ ରୂପେ ମନୋନିତ କରାଗଲା । ସେ ଏଥିପାଇଁ 'ଖ୍ୱାଜୁ-ଇ-ଜାହାନ୍' ଉପାଧିରେ ଭୂଷିତ ହୋଇଥିଲେ । ଏହି ସମୟରେ ବାହାମନୀ ରାଜ୍ୟର ଇତିହାସ ହେଉଛି ମହମ୍ମଦ ଗାବନଙ୍କର କୃତିତ୍ୱର ଇତିହାସ । ସେ ଜଣେ ପରଦେଶୀ ହୋଇଥିଲେ ମଧ ବହୁତ ଉଦାର ଥିଲେ ଏବଂ ଡେକାନୀ ଓ ପରଦେଶୀମାନଙ୍କ ମଧ୍ୟରେ ଏକ ବୁଝାମଣା ଚୁକ୍ତି ପାଇଁ ଇଚ୍ଛା କରିଥିଲେ । ସେ ଦକ୍ଷତାର ସହିତ ରାଜ୍ୟକୁ ନିୟନ୍ତ୍ରଣରେ ରଖିଥିଲେ ଏବଂ ସ୍ଥିରତା ପ୍ରଦାନ କରିଥିଲେ । ଗାବନ କାଞ୍ଚି ପର୍ଯ୍ୟନ୍ତ ବିଜୟନଗର ରାଜ୍ୟର କେତେକ ଅଞ୍ଚଳ ଜୟ କରିଥିଲେ । ପଶ୍ଚିମ ଉପକୂଳରେ ଥିବା ଗୋଆ ଏବଂ ଢ଼ାବଲ ମଧ ତାଙ୍କ ଦ୍ୱାରା ଅଧିକୃତ ହୋଇଥିଲା । ଏହି ବନ୍ଦରକୁ ହରାଇଲାପରେ ବିଜୟନଗର ସାମ୍ରାଜ୍ୟର ବହୁତ କ୍ଷତି ହେଲା । ବାହାମନି ରାଜ୍ୟ ଗୋଆ ଏବଂ ଦାବହୋଲ ବନ୍ଦର ଅଧିକାର କଲାପରେ ଇରାକ ଏବଂ ଇରାନ ସହିତ ସୁଦୃଢ଼ ବାଣିଜ୍ୟିକ ସଂପର୍କ ପ୍ରତିଷ୍ଠା କଲା ।

ଗାବନ ଆଭ୍ୟନ୍ତରୀଣ କ୍ଷେତ୍ରରେ ଅନେକ ସଂସ୍କାର ଆଣିଥିଲେ । ସେ ସାମନ୍ତମାନଙ୍କ ମଧ୍ୟରେ ଥିବା ତିକ୍ତତା ଦୂର କରିବାରେ ସଫଳ ହୋଇଥିଲେ । ତରଫଦାର ମାନଙ୍କର ସାମରିକ ଶକ୍ତି କୁ ଦୁର୍ବଳ କରିବା ପାଇଁ ଗାବନ୍ ପ୍ରତ୍ୟେକ ପ୍ରଦେଶ ଅଧୀନରେ କେବଳ ଗୋଟିଏ ମାତ୍ର ଦୁର୍ଗକୁ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଦୁର୍ଗଟି ତରଫଦାରମାନଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ରଖାଗଲା । ପ୍ରତ୍ୟେକ ପ୍ରଦେଶରେ ଥିବା ଅନ୍ୟାନ୍ୟ ଦୁର୍ଗଗୁଡ଼ିକୁ କିଲାଦାର ବା ସେନାଧକ୍ଷ ଙ୍କ ଅଧୀନରେ



ଟିପ୍ପଣି

ରଖାଗଲା । କେନ୍ଦ୍ର ସରକାରଙ୍କ ଦ୍ୱାରା କିଲାଦାର ମାନେ ନିଯୁକ୍ତି ପାଉଥିଲେ । ସେ ଯାହାହେଉ, ଠିକ୍ ତାଙ୍କ ମୃତ୍ୟୁପରେ , ଗଭର୍ଣ୍ଣରମାନେ ନିଜର ସ୍ୱାଧୀନତା ଘୋଷଣା କଲେ ଏବଂ ବାହମନୀ ରାଜ୍ୟ ଖଣ୍ଡ ବିଖଣ୍ଡିତ ହୋଇଗଲା । ପଞ୍ଚଦଶ ଏବଂ ଷୋଡଶ ଶତା ବ୍ଦୀରେ ବିଦର, ଅହମ୍ମଦନଗର, ଗୋଲକଣ୍ଡା, ବିଜାପୁର ଏବଂ ବେରାରର କେତେକ ଅମୀର ସେମାନଙ୍କର ସ୍ୱାଧୀନତା ଘୋଷଣା ପୂର୍ବକ ନୂତନ ରାଜ୍ୟ ଗଠନ କଲେ । ସେମାନେ ହେଲେ ଅହମ୍ମନଗରର ନିଜାମସାହୀ, ବିଜାପୁରର ଆଦିଲସାହୀ, ଗୋଲକୋଣ୍ଡାର କୁତବସାହୀ, ବେରାରର ଇମାଦସାହୀ ଏବଂ ବିଦରର ବାରିଦସାହୀ ଇତ୍ୟାଦି ।ସେମାନେ ଏକ ରାଜ୍ୟସଂଘ ଗଠନକରି ପରସ୍ପର ମଧ୍ୟରେ ବୈବାହିକ ସଂପର୍କ ଦ୍ୱାରା ବାନ୍ଧିହୋଇ ନିଜକୁ ଶକ୍ତିଶାଳୀ କରିଥିଲେ । ସେ ବିଜୟନଗର ଶାସକମାନଙ୍କ ସହିତ ପାରମ୍ପରିକ ଶତ୍ରୁତା ବଜାୟ ରଖିଥିଲେ । ଗୋଲକୋଣ୍ଡା ଏବଂ ବିଜାପୁର ବୈବାହିକ ସଂପର୍କରେ ବାନ୍ଧିହେଲେ । ଉଭୟ ଶକ୍ତି ଏକ ମିଳିତ ଅଭିଯାନରେ ବିଜୟନଗର ରାଜ୍ୟକୁ ତଳିକୋଟା ଯୁଦ୍ଧ କ୍ଷେତ୍ରରେ ପରାସ୍ତ କରିଥିଲେ । ମାତ୍ର ସେମାନେ ମୋଗଲମାନଙ୍କ ଦ୍ୱାରା ପରାଜିତ ହୋଇଥିଲେ ।

## INTEXT QUESTIONS 11.4 - ପ୍ରତ୍ୟାଶିତ ପ୍ରଶ୍ନ

1. ସଦା ଅମୀର ମାନଙ୍କୁ କିଏ ଏବଂ କେଉଁ ଅଞ୍ଚଳ ପାଇଁ ନିଯୁକ୍ତି ଦେଇଥିଲେ ?

2. ମାମୁଦଗାବନ କି'ଏ ?

## 11.8 THE VIJAYANAGAR EMPIRE - ବିଜୟନଗର ସାମ୍ରାଜ୍ୟ

୧୩୩୬ ଖ୍ରୀଷ୍ଟାବ୍ଦରେ ହରିହର ଏବଂ ବୁକ୍କା ନାମକ ଭାତୃଦ୍ୱୟ ବିଜୟନଗର ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ସେମାନେ ମହମ୍ମଦ -ବିନ୍-ତୋଗଲକଙ୍କ ସେନା ବାହିନୀରେ କାର୍ଯ୍ୟ କରୁଥିଲେ । ଦିଲ୍ଲୀ ସୁଲ୍‌ତାନୀ ସଂପର୍କ ଛିନ୍ନ କରି କର୍ଣ୍ଣାଟକରେ ସେମାନେ ସେମାନେ ଏକ ସ୍ୱାଧୀନ ରାଜ୍ୟ ପ୍ରତିଷ୍ଠା କଲେ । ଏହାର ରାଜଧାନୀ ତୁଙ୍ଗଭଦ୍ରା ନଦୀ କୂଳରେ ଥିବା ବିଜୟନଗରରେ ୧୩୩୬ଖ୍ରୀ:ଅ: ରେ ପ୍ରତିଷ୍ଠା ଲାଭ କରିଥିଲା ।ସେମାନଙ୍କ ରାଜବଂଶର ନାମ ଥିଲା ସଂଗମ ରାଜବଂଶ । ଏହି ରାଜବଂଶ ର ଉତ୍ପତ୍ତି ସମ୍ବନ୍ଧରେ ଅନେକ ବିବାଦ ରହିଛି । କେତେକ ବିଦ୍ୱାନଙ୍କ ମତରେ ଓ୍ୱାରଙ୍ଗଲର କାକତୀୟ ବଂଶ ଶାସନ କାଳରେ ସେମାନେ କରଦ ରାଜା ରୂପେ ଶାସିତ ହେଉଥିଲେ । କିନ୍ତୁ ସେମାନଙ୍କର ପତନ ପରେ ସେମାନେ କାମ୍ପିଲ୍ୟ ରାଜ୍ୟ ଅଧୀନରେ କାର୍ଯ୍ୟକଲେ । ଅନ୍ୟ ଏକ ଉତ୍ସ ଅନୁସାରେ କର୍ଣ୍ଣାଟକର ହୟଶାଳ ବଂଶ ଅଧୀନରେ ସେମାନେ କରଦ ରାଜା ରୂପେ ରହିଥିଲେ । ବିଦ୍ୟାରଣ୍ୟ ନାମକ ଜଣେ ବିଦ୍ୱାନ ସନ୍ୟାସୀ ଙ୍କ ଦ୍ୱାରା ପ୍ରଭାବିତ ହୋଇ ହରିହର ଏବଂ ବୁକ୍କା ଏକ ରାଜ୍ୟ ପ୍ରତିଷ୍ଠା କରିଥିଲେ । ବିଶ୍ୱାସ କରାଯାଏ ଯେ ଗୁରୁଙ୍କ ସ୍ମୃତି କୁ ସ୍ମରଣୀୟ ରଖିବା ପାଇଁ ଗୁରୁଙ୍କ ନାମାନୁସାରେ ତୁଙ୍ଗଭଦ୍ରା ନଦୀ ଉପକୂଳରେ ବିଦ୍ୟାନଗର ବା ବିଜୟନଗର ସହର ପ୍ରତିଷ୍ଠା କରିଥିଲେ । ଏହି ସାମ୍ରାଜ୍ୟରେ ବିଭିନ୍ନ ସଂସ୍କୃତିର ଲୋକ ବାସ କରୁଥିଲେ । ତାମିଲ, ତେଲୁଗୁ,.କନ୍ନଡ ଏବଂ ଅନ୍ୟାନ୍ୟ ସଂସ୍କୃତର ଲୋକ ଏଠାରେ ବାସ କରୁଥିଲେ । ୧୩୩୬ ରୁ ୧୫୫୬ ଖ୍ରୀଷ୍ଟାବ୍ଦ ମଧ୍ୟରେ ବିଜୟନଗର ସାମ୍ରାଜ୍ୟ ତିନୋଟି ରାଜବଂଶ ଦ୍ୱାରା ଶାସିତ ହୋଇଥିଲା । ସଙ୍ଗମ ରାଜବଂଶ ୧୪୮୫ ଖ୍ରୀ:ଅ: ପର୍ଯ୍ୟନ୍ତ ଶାସନରେ ରହିଥିବା ବେଳେ ସାଲୁବଂଶ ଏବଂ ତାଳବଂଶ ୧୫୦୩ ପର୍ଯ୍ୟନ୍ତ କ୍ଷମତାରେ ରହିଥିଲେ । ତୃତୀୟ ରାଜବଂଶର ନାମଥିଲା ଆରାଭିଡୁ ରାଜବଂଶ ଯାହା କି ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ଶାସନ କରିଥିଲେ । ବିଦେଶୀ ପରିବ୍ରାଜକ ନିକୋଲୋ କୋଣ୍ଟି, ଫରନାଓ ନନିଜ, ଡୋମିଙ୍ଗୋ ପେସ, ଦୁଆର୍ତୋ ବାରବସା ଏବଂ ଅବଦୁର ରଜାକ୍ ଇତ୍ୟାଦି ବିଜୟନଗର ସାମ୍ରାଜ୍ୟର ଉତ୍କର୍ଷତା ସଂବଂଧରେ ବର୍ଣ୍ଣନା କରିଛନ୍ତି ।

ବିଜୟନଗର ରାଜ୍ୟର ଜଣେ ପ୍ରଧାନ ଶାସକ ଥିଲେ କୃଷ୍ଣଦେବରାୟ । ସେ ତାଲୁ ରାଜବଂଶର ପ୍ରତିଷ୍ଠାତା ଥିଲେ । ସେ ଜଣେ ସଫଳ ସେନାଧ୍ୟକ୍ଷ ଏବଂ ଦକ୍ଷ ପ୍ରଶାସକ ଥିଲେ । ସେ ଅନେକ ଯୁଦ୍ଧରେ



ଟିପ୍ପଣି

ଅଂଶ ଗ୍ରହଣ କରିଥିଲେ, ଯାହା ଫଳରେ ବାହାମନୀ ରାଜ୍ୟର ଧ୍ୱଂସ ସ୍ତୁପ ଉପରେ ଗଠିତ ଅନେକୁ କ୍ଷୁଦ୍ର ରାଜ୍ୟ ତାଙ୍କ ଶାସନାଧୀନ ହେଲା । ସେ ରାଜ୍ୟରେ ଆଇନ୍‌ଶୃଙ୍ଖଳା ପରିସ୍ଥିତିର ନିୟନ୍ତ୍ରଣ କରିଥିଲେ । ସେ ଦାକ୍ଷିଣାତ୍ୟରେ ପର୍ତ୍ତୁଗୀଜ ମାନଙ୍କର ପ୍ରାଧାନ୍ୟକୁ ପ୍ରତିରୋଧ କରିଥିଲେ । ସେ ବିଜାପୁରର ଆଦିଲ୍‌ସାହୀ ବାହିନୀକୁ ସମ୍ପୂର୍ଣ୍ଣରୂପେ ଧ୍ୱଂସ କରିଦେଇଥିଲେ । ଏହାପରେ ସେ ଗୁଲବର୍ଗା ଆକ୍ରମର କରି ସେଠାରେ ବନ୍ଦୀ ଭାବରେ ଥିବା ୩ ଜଣ ରାଜପୁତ୍ରଙ୍କୁ ମୁକ୍ତ କରିଥିଲେ । ଗୁଲବର୍ଗା ପୁର୍ନଦଖଲ ପାଇଁ ସେ ସେମାନଙ୍କୁ ସାହାଯ୍ୟ କରିଥିଲେ । ଏହା ପରେ କୃଷ୍ଣଦେବ ରାୟ ନିଜକୁ, 'ଯବନରାଜ୍ୟ ସ୍ଥାପନାଚାର୍ଯ୍ୟ' ଉପାଧିରେ ଭୂଷିତ କରିଥିଲେ ।

କୃଷ୍ଣଦେବ ରାୟ କେତକ ସୁନ୍ଦର ପ୍ରସ୍ତର ମନ୍ଦିର ନିର୍ମାଣ କରିଥିଲେ । ଏହି ମନ୍ଦିରମାନଙ୍କରେ ଆର୍କଷଣୀୟ ଗୋପୁର ଯୋଗ କରିଥିଲେ, ମୁଖ୍ୟତଃ ଦକ୍ଷିଣ ଭାରତୀୟ ମନ୍ଦିରରେ । ସେ ବିଜୟନଗର ନିକଟରେ ନାଗଲପୁରମ୍ ନାମକ ଏକ ସହର ପ୍ରତିଷ୍ଠା କରିଥିଲେ । ସେ ତାଙ୍କ ମାତାଙ୍କ ନାମାନୁସାରେ ଏହି ସହରର ନାମକରଣ କରିଥିଲେ । ତାଙ୍କରି ରାଜତ୍ୱ ସମୟରେ ବିଜୟନଗର ରାଜ୍ୟର ସଂପୂର୍ଣ୍ଣ ଇତିହାସ ଜଣାପଡେ । ପ୍ରସିଦ୍ଧ ତିରୁପତି ମନ୍ଦିର ତାଙ୍କରି ସମୟରେ ଉନ୍ନତିର ଚରମ ସୀମାରେ ପହଞ୍ଚିଥିଲା । କୃଷ୍ଣ ଦେବରାୟଙ୍କ ପରେ ତାଙ୍କ ଭାଇ ଅଚ୍ୟୁତ ଦେବରାୟ ୧୫୩୦ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ସେ ମଧ ଜଣେ ପ୍ରଧାନ ଶାସକ ଥିଲେ । ତାଙ୍କରି ରାଜତ୍ୱ କାଳରେ ପ୍ରତିଦ୍ୱନ୍ଦୀ ଗୋଷ୍ଠିଙ୍କର ଆର୍ବିଭାବ ହେଲା । । ସାଲ୍ୱବୀର ନରସିଂହ ଏବଂ ଆରଭିଡୁ ରାମାରାୟଙ୍କ ମଧରେ କ୍ଷମତାହାସଲ ପାଇଁ ସଂଘର୍ଷ ହେଲା । ରାମାରାୟ ଏହି ସଂଘର୍ଷରେ ବିଜୟଲାଭ କଲେ । ଯଦିଓ ରାମାରାୟ ସିଂହାସନ ଆରୋହଣ କରିନଥିଲେ, ସେ ସଦାଶିବ ରାୟଙ୍କୁ ସିଂହାସନରେ ଅବସ୍ଥାପିତ କରି ନିଜେ ଶାସନକାର୍ଯ୍ୟ ପରିଚାଳନା କରିଥିଲେ । ସେ ପୁରାତନ ସାମନ୍ତ ଗୋଷ୍ଠୀଙ୍କୁ ବହିଷ୍କାର କରି ତାଙ୍କ ଅନୁରକ୍ତ ବ୍ୟକ୍ତିମାନଙ୍କୁ ସେହି ସ୍ଥାନରେ ଅବସ୍ଥାପିତ କଲେ । ରାମାରାୟ ଦାକ୍ଷିଣାତ୍ୟରେ କ୍ଷମତାର ଭାରସାମ୍ୟ ରକ୍ଷାକରିବାକୁ ଯାଇ ଜଣକ ବିରୁଦ୍ଧରେ ଆଉଜଣକୁ ବ୍ୟବହାର କରୁଥିଲେ । ଏହିନୀତି ବେଶୀଦିନ ଚାଲି ପାରିଲା ନାହିଁ । ଦାକ୍ଷିଣାତ୍ୟ ରାଜ୍ୟ ଗୁଡିକ ଗୋଟିଏ ରାଷ୍ଟ୍ରସଂଘ ଗଠନ କଲେ ଏବଂ ତଳିକୋଟ୍ ଯୁଦ୍ଧରେ ବିଜୟନଗର ବାହିନୀକୁ ଅତି ଶୋଚନୀୟ ଭାବେ ପରାସ୍ତ କରିଥିଲେ । ରାମାରାୟଙ୍କୁ ହତ୍ୟା କରାଗଲା । ଦାକ୍ଷିଣାତ୍ୟର ସେନାବାହିନୀ ବିଜୟନଗର ରାଜ୍ୟରେ ପ୍ରବେଶ କରି ଏହାକୁ ଧୂଳିସାତ୍ କରିଦେଇଥିଲେ । ବର୍ତ୍ତମାନ ପୂର୍ବରେ ଶାସନ କରୁଥିବା ଆରାଭିଡୁ ବଂଶ ଉପରେ ଦୃଷ୍ଟି ପକାଇବା । ସେମାନେ ପ୍ରଥମେ ପେନୁକୋଣ୍ଡା ଏବଂ ପରେ ଚନ୍ଦ୍ରଗିରିଠାରୁ ଶାସନ କରୁଥିଲେ ।

## ARMY AND MILITARY ORGANISATION OF THE VIJAYANAGAR EMPIRE – ବିଜୟନଗର ସାମ୍ରାଜ୍ୟର ସୈନ୍ୟବାହିନୀ ଓ ସାମରିକ ସଂଗଠନ

ଅବିରତ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ବିଶାଳ ସୈନ୍ୟବାହିନୀ ଗଠନ କରି ରଖିବା ନିହାତି ଆବଶ୍ୟକ ଥିଲା । ଅଶ୍ୱାରୋହୀ ବାହିନୀ ଥିଲେ ପ୍ରଧାନ ଏବଂ ଉତ୍ତମ ତାଲିମ୍‌ପ୍ରାପ୍ତ ଅଶ୍ୱମାନଙ୍କୁ ରଖାଯାଇଥିଲା । ଆରବ ତଥା ଅନ୍ୟାନ୍ୟ ଗଲ୍ଫ ଦେଶରୁ ବିଜୟନଗରର ଶାସକମାନେ ଉଚ୍ଚକୋଟିର ଅଶ୍ୱ ଆମଦାନୀ କରୁଥିଲେ । ଏହି ବାଣିଜ୍ୟ ପାଇଁ ମାଳବାର ବନ୍ଦରଥିଲା ମୁଖ୍ୟ କେନ୍ଦ୍ର । ଏହି ବନ୍ଦର ମଧ ଦେଇ ଅନେକ ବିଳାସ ସାମଗ୍ରୀ ମଧ ଆମଦାନୀ କରାଯାଉଥିଲା । ବିଜୟନଗରର ଶାସକମାନେ ସର୍ବଦା ମାଳବାର ବନ୍ଦରକୁ ନିଜ ଅଧିକାର କୁ ଆଣିବାପାଇଁ ଉଦ୍ୟମ କରିଥିଲେ ।

ବାହାମନୀ ରାଜ୍ୟପରି ବିଜୟନଗର ମଧ ଆଗ୍ନେୟାସ୍ତ୍ର ବ୍ୟବହାରରେ ସିଦ୍ଧହସ୍ତ ଥିଲେ । ସେମାନେ ଏ ବିଷୟରେ ସୈନ୍ୟମାନଙ୍କୁ ତାଲିମ ଦେବାପାଇଁ ତୁର୍କୀ ଓ ପର୍ତ୍ତୁଗୀଜ ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦେଇଥିଲେ । ଦ୍ୱିତୀୟ ଦେବରାୟ ମୁସଲମାନ୍‌ମାନଙ୍କୁ ତାଙ୍କ ସୈନ୍ୟବାହିନୀରେ ନିଯୁକ୍ତି ଦେଇ ସେମାନଙ୍କୁ ଜାଗିରୀ ପ୍ରଦାନ କଲେ । ସେ ମଧ ମୁସଲମାନମାନଙ୍କ ପାଇଁ ମସ୍‌ଜିଦ ନିର୍ମାଣ କରିଥିଲେ । ଏହି ନୂତନ କୌଶଳଯୋଗୁ ଯୁଦ୍ଧ ପ୍ରଣାଳୀରେ ଏକ ବୈଷୟିକ ପରିବର୍ତ୍ତନ ସଂଭବ ହେଲା । ଦୁର୍ଗର

କାନ୍ଥଗୁଡିକ ଯେପରି ଆଗ୍ନେୟାସ୍ତ୍ରରେ କ୍ଷତିଗ୍ରସ୍ତ ନହେବ ସେହିପରି ତିଆରି କରାଗଲା । ପୁନଶ୍ଚ ଦୁର୍ଗର କାନ୍ଥମାନଙ୍କରେ ସ୍ୱତନ୍ତ୍ର ପ୍ରକାରର ବଡବଡ କଣା ରଖାଗଲା ।ସେ ବନ୍ଧୁକ ଗୁଡିକୁ ରଖିବାର ବ୍ୟବସ୍ଥା କରାଯାଇଥିଲା । କମାଣ ଗୁଡିକୁ ରଖିବାପାଇଁ ସ୍ୱତନ୍ତ୍ର ପ୍ରକାର ପାରାପିଟ୍ ନିର୍ମାଣ କରାଯାଇଥିଲା । ଆଗ୍ନେୟାସ୍ତ୍ର ବ୍ୟବହୃତ ହେଉଥିଲା । ରାଇଫଲ ଏବଂ ପିସ୍ତଲକୁ ନେଇ ଆଗ୍ନେୟାସ୍ତ୍ର ବାହିନୀ ଗଠିତ ହୋଇଥିଲା । କେତେକ କମାଣ ଅତି ଓଜନିଆ ଥିଲା । ଏଗୁଡିକୁ ଶଗଡଗାଡି କିମ୍ବା ହାତୀ ସାହାଯ୍ୟରେ ଯୁଦ୍ଧକ୍ଷେତ୍ରକୁ ନିଆଯାଉଥିଲା ।

ବିଜୟନଗର ସାମ୍ରାଜ୍ୟ ଶାସନବ୍ୟବସ୍ଥାର ଗୋଟିଏ ପ୍ରଧାନ ବୈଶିଷ୍ଟ୍ୟ ଥିଲା ଅମର ନାୟକ ବ୍ୟବସ୍ଥା । ଏହି ବ୍ୟବସ୍ଥାରେ ବିଜୟନଗର ସେନାବାହିନୀର ସେନାଧ୍ୟକ୍ଷ ଙ୍କୁ ନାୟକ କୁହାଯାଉଥିଲା । ପ୍ରତ୍ୟେକ ନାୟକଙ୍କୁ ଶାସନ କରିବା ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳ ପ୍ରଦାନ କରାଯାଇଥିଲା । ନିଜନିଜ ଅଞ୍ଚଳର କୃଷିର ବିକାଶ ଏବଂ ପ୍ରସାର ଦାୟିତ୍ୱ ନାୟକଙ୍କ ଉପରେ ନ୍ୟସ୍ତ ଥିଲା । ସେ ତାଙ୍କ ନିଜ ଅଞ୍ଚଳରୁ କର ଆଦାୟକରି, ଏହି ଅର୍ଥରେ ସୈନ୍ୟବାହିନୀ ପରିଚାଳନା କରୁଥିଲେ । ସେ ବିଜୟନଗର ଶାସକଙ୍କ ନିକଟକୁ ସୈନ୍ୟ, ଅଶ୍ୱ, ହସ୍ତୀ ଏବଂ ଯୁଦ୍ଧାସ୍ତ୍ର ପଠାଉଥିଲେ । ନାୟକ ମଧ ଦୁର୍ଗର ସେନାଧ୍ୟକ୍ଷଥିଲେ । କିଛି ରାଜସ୍ୱ ମନ୍ଦିର ପରିଚାଳନା ଏବଂ ଜଳସେଚନ କାର୍ଯ୍ୟପାଇଁ ଖର୍ଚ୍ଚ ହେଉଥିଲା । ଅମରନାୟକମାନେ ରାଜାଙ୍କୁ ବାର୍ଷିକ କର ଦେଉଥିଲେ । ସେମାନେ ରାଜଦରବାରରେ ବ୍ୟକ୍ତିଗତ ଭାବେ ହାଜର ହୋଇ କିଛି ଉପହାର ପ୍ରଦାନ କରି ନିଜର ଆନୁଗତ୍ୟ ପ୍ରକାଶ କରୁଥିଲେ । ସପ୍ତଦଶ ଶତାବ୍ଦୀରେ ଏହି ନାୟକମାନଙ୍କ ମଧ୍ୟରୁ କେତେକ ସ୍ୱାଧୀନତା ଘୋଷଣା କରି ଅଲଗା ରାଜ୍ୟ ପ୍ରତିଷ୍ଠା କଲେ । ସାମନ୍ତମାନେ ସେମାନଙ୍କ ନିଜ ସୈନ୍ୟ, ଅଶ୍ୱ ଓ ହସ୍ତୀମାନଙ୍କର ପରିଚାଳନା କଲେ । ସେମାନେ ଏକ ଶକ୍ତିଶାଳୀ ଗୋଷ୍ଠୀରେ ରୂପାନ୍ତରୀତ ହୋଇ ବିଜୟନଗର ସାମ୍ରାଜ୍ୟର ଶକ୍ତିକୁ ଯୁଦ୍ଧ ପାଇଁ ଆହ୍ୱାନ କରିଥିଲେ । ସେମାନେ ବିଜୟନଗର ସାମ୍ରାଜ୍ୟର ଆଭ୍ୟନ୍ତରୀଣ ବ୍ୟବସ୍ଥାକୁ ଦୁର୍ବଳ କରିଦେଇ ତଳିକୋଟ ଯୁଦ୍ଧରେ ଏହାକୁ ପରାସ୍ତ କରିଥିଲେ ।

## 11.8.2 CONFLICT BETWEEN THE VIJAYANAGAR AND THE BAHAMANIS - ବିଜୟନଗର ଓ ବାହମନୀ ରାଜ୍ୟ ମଧ୍ୟରେ ସଂଘର୍ଷ

କୃଷ୍ଣା ଓ ତୁଙ୍ଗଭଦ୍ରା ନଦୀଦ୍ୱୟର ମଧ୍ୟବର୍ତ୍ତୀ ଅଞ୍ଚଳ ଉପରେ ନିୟନ୍ତ୍ରଣ ପାଇଁ ବିଜୟନଗର ରାଜ୍ୟ ଓ ବାହାମନୀ ରାଜ୍ୟ ମଧ୍ୟରେ ଅବିରତ ସଂଘର୍ଷ ଜାରି ରହିଥିଲା । ଏହି ଅଞ୍ଚଳ ଉର୍ବରଶାଳୀ ଥିଲା ଏବଂ ମୂଲ୍ୟବାନ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଥିଲା । ଗୋଲକୋଣ୍ଡାର ପ୍ରଧାନ ହୀରା ଖଣି ଦୋଆବ ଅଞ୍ଚଳର ପୂର୍ବ ଭାଗରେ ରହିଥିଲା । ଉଭୟ ରାଜ୍ୟର ଭୌଗଳିକ ଅବସ୍ଥିତି ଏପରି ଥିଲାଯେ ସାମ୍ରାଜ୍ୟ ବିସ୍ତାର ପାଇଁ ଦାକ୍ଷିଣାତ୍ୟରେ ତୁଙ୍ଗଭଦ୍ରା ଅତିକ୍ରମ କରିବାକୁ ପଡୁଥିଲା । ଦେଖାଯାଏ ଯେ ଉଭୟଙ୍କ ମଧ୍ୟରେ ହେଉଥିବା ଯୁଦ୍ଧର ପରିସମାପ୍ତି ହେଉନଥିଲା, ଏବଂ ପୂର୍ବାବସ୍ଥା ବଳବତ୍ତର ରହୁଥିଲା । କେତେବେଳେ ବାହାମନୀ ରାଜ୍ୟ ପାଇଁ ସୁଯୋଗ ସୃଷ୍ଟି ହେଉଥିଲା ତ କେତେବେଳେ ବିଜୟନଗର ସାମ୍ରାଜ୍ୟ ପାଇଁ ସୁଯୋଗ ସୃଷ୍ଟି ହେଉଥିଲା । ଉଦାହରଣସ୍ୱରୂପ ୧୫୦୪ ଖ୍ରୀଷ୍ଟାବ୍ଦରେ ବାହମନୀ ରାଜ୍ୟ ଦୋଆବର ରାୟଚୁର ଅଞ୍ଚଳକୁ ଜୟ କଲା । କୃଷ୍ଣ ଦେବରାୟ ସିଂହାସନ ଆରୋହଣ କଲାପରେ ବାହମନୀ ରାଜ୍ୟ ରାୟଚୁର, ମୁଦୁକାଲ୍, ନାଲଗୋଣ୍ଡା ଅନ୍ୟାନ୍ୟ ସହର ଗୁଡିକୁ ହରାଇଥିଲା । ଏହି ଯୁଦ୍ଧ ଗୁଡିକର ପ୍ରଧାନ ଫଳ ହେଉଛି ଉଭୟ ଶକ୍ତି ଯୁଦ୍ଧରେ ଏପରି ମାତିଯାଇଥିଲେ ଯେ ଦକ୍ଷିଣଭାରତ ଉପକୂଳରେ ପର୍ତ୍ତୁଗୀଜ ମାନଙ୍କର ଶକ୍ତି ବୃଦ୍ଧି ବିଷୟରେ କଦାପି ଜାଣିପାରିନଥିଲେ । ଏତଦ୍ ବ୍ୟତୀତ କ୍ରମାଗତ ସଂଘର୍ଷ ଉଭୟ ରାଜ୍ୟର ଆର୍ଥିକ ଅବସ୍ଥାକୁ ଶୋଚନୀୟ କରି ସେମାନଙ୍କୁ ଦୁର୍ବଳ କରିଦେଇଥିଲା ।

ଅନ୍ୟାନ୍ୟ ବିବାଦୀୟ ଅଞ୍ଚଳ ଥିଲେ, ମରାଠାୱାଡା ଅଞ୍ଚଳ ଏବଂ କୃଷ୍ଣା - ଗୋଦାବରୀ ନଦୀର ଡେଲ୍ଟା ଅଞ୍ଚଳ । ଉଭୟ ଅଞ୍ଚଳ ଉର୍ବରଶାଳୀ ଥିଲେ ଏବଂ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ବନ୍ଦର ରହିଥିଲା । ଏହି ବନ୍ଦର ଗୁଡିକ ବୈଦେଶିକ ବାଣିଜ୍ୟ କୁ ନିୟନ୍ତ୍ରଣ କରୁଥିଲେ । ଉଦାହରଣ ସ୍ୱରୂପ ମରାଠାୱାଡାର ଉର୍ବରଶାଳୀ ଅଞ୍ଚଳ ଥିଲା କୋଙ୍କଣ ଉପକୂଳ ଏବଂ ସେଠାରେ ରହିଥିଲା ପ୍ରଧାନ ଗୋଆ ବନ୍ଦର ଯାହା



ଟିପ୍ପଣି

ମାଧ୍ୟମରେ ବାଣିଜ୍ୟିକ ରପ୍ତାନୀ ଓ ଆମଦାନୀ ଚାଲୁଥିଲା । ବିଶେଷତଃ ଅଶ୍ୱଗୁଡ଼ିକୁ ଇରାକ୍ ଓ ଇରାନ୍‌ରୁ ଆମଦାନୀ କରାଯାଉଥିଲା ।

ବେଳେବେଳେ ବିଜୟନଗର ଓ ବାହମନୀ ରାଜ୍ୟ ମଧ୍ୟରେ ସଂଘର୍ଷ ହିନ୍ଦୁ-ମୁସ୍‌ଲିମ୍ ସଂଘର୍ଷ ପରି ପ୍ରତୀୟମାନ ହେଉଥିଲା । ମାତ୍ର ତର୍ଜମା କଲେ ଜଣାପଡେ ଯେ ଏହି ସଂଘର୍ଷ ଧର୍ମ ଆଧାରିତ ନୁହେଁ । ଏହି ସଂଘର୍ଷର ମୂଖ୍ୟ କାରଣ ଥିଲା ଅର୍ଥନୈତିକ କାରଣ ଏବଂ ଆଞ୍ଚଳିକ କାରଣ । ସେମାନଙ୍କ ମଧ୍ୟରେ ଶତ୍ରୁତା ରହିଥିଲେ ମଧ୍ୟ ସମୟ ଆସୁଥିଲା, ଯେତେବେଳେ ସେମାନେ ପରସ୍ପରକୁ ସାହାଯ୍ୟ କରୁଥିଲେ । ଉଦାହରଣ ସ୍ୱରୂପ, କୃଷ୍ଣ ଦେବରାୟ ବାହମନୀ ସିଂହାସନ ପାଇଁ ଦାବିଦାର ଥିବା ବ୍ୟକ୍ତିମାନଙ୍କୁ ସହାୟତା କରିଥିଲେ ଏବଂ ଗର୍ବରେ ସହିତ 'ଯବନରାଜ୍ୟର ପ୍ରତିଷ୍ଠାତା' ଉପାଧି ଗ୍ରହଣ କରିଥିଲେ । ସେହିପରି ବିଜାପୁରର ସୁଲ୍‌ତାନ ବିଜୟନଗରରେ ଉତ୍ତରାଧିକାର ପ୍ରଶ୍ନ କୁ ନେଇ ଉପୁଜୁଥିବା ବିବାଦକୁ ସମାଧାନ କରିବା ପାଇଁ କୃଷ୍ଣ ଦେବରାୟଙ୍କ ମୃତ୍ୟୁପରେ ସାହାଯ୍ୟ କରିଥିଲେ । କଳା, ସାହିତ୍ୟ ଓ ସ୍ଥାପତ୍ୟ କ୍ଷେତ୍ରରେ ବିଶେଷ ଭାବରେ ଉଭୟଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ହେଉଥିଲା ।

**INTEXT QUESTIONS 11.5 - ପ୍ରତ୍ୟାଶିତ ପ୍ରଶ୍ନ**

1. ବିଜୟନଗର ରାଜ୍ୟର ସୌନ୍ଦର୍ଯ୍ୟ ବିଷୟରେ ବର୍ଣ୍ଣନା କରିଥିବା ୪ ଜଣ ବିଦେଶୀ ପରିବ୍ରାଜକଙ୍କ ନାମ ଲେଖ ।

   ______________________________

2. କେଉଁ ରାଜାଙ୍କ ଶାସନକାଳରେ ତିରୁପତି ମନ୍ଦିର ଉନ୍ନତି ଲାଭ କରିଥିଲା ?

   ______________________________

3. କେଉଁଠାରେ ଅମୀରନାୟକ ବ୍ୟବସ୍ଥା ପ୍ରଚଳିତ ଥିଲା ?

   ______________________________

## 11.8. REGIONAL STATES IN THE EIGHTEENTH CENTURY
## ଅଷ୍ଟାଦଶ ଶତାବ୍ଦୀରେ ଥିବା ଆଞ୍ଚଳିକ ରାଜ୍ୟମାନେ

ଅଷ୍ଟାଦଶ ଶତାବ୍ଦୀରେ ମୋଗଲ ସାମ୍ରାଜ୍ୟ ରେ ସୃଷ୍ଟିହୋଇଥିବା ଦୂରବସ୍ଥା ବିଷୟରେ ଆମେ ଅଧ୍ୟୟନ କରିଅଛେ । ଶେଷରେ ଏପରି ଅବସ୍ଥା ମୋଗଲ ସାମ୍ରାଜ୍ୟର ପତନକୁ ଡାକିଆଣିଥିଲା । ମୋଗଲଶାସକ ଦୁର୍ବଳ ହୋଇପଡିବା ଫଳରେ ପ୍ରାଦେଶିକ ଗଭର୍ଣ୍ଣର, ସୁବେଦାର ଏବଂ ବଡବଡ ଜମିଦାର ମାନେ କ୍ରମଶଃ ଶକ୍ତିଶାଳୀ ହୋଇ ନିଜକୁ ସ୍ୱାଧୀନ ଘୋଷଣା କଲେ । ଏହି ସମୟରେ ଆଞ୍ଚଳିକ ରାଜ୍ୟଗୁଡ଼ିକୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ ।

1. କେତେଗୁଡିଏ ରାଜ୍ୟର ପ୍ରତିଷ୍ଠାତା ଥିଲେ ପ୍ରଧାନ ମୋଗଲ ସାମନ୍ତମାନେ । ସେମାନେ ଉଚ୍ଚ ମନ୍‌ସବ୍ ପଦବୀ ଧାରଣ କରିଥିଲେ । ଯଦିଓ ସେମାନେ ନିଜକୁ ସ୍ୱାଧୀନ ବୋଲି ଘୋଷଣା କରିଥିଲେ, ସେମାନେ ମୋଗଲ ସାମ୍ରାଜ୍ୟ ସହିତ ସାଧାରଣ ବନ୍ଧୁତା ଭାଙ୍ଗିପାରିନଥିଲେ । ଏହି ପ୍ରକାରର ଆଞ୍ଚଳିକ ରାଜ୍ୟଗୁଡିକ ଥିଲା, ଅଯୋଧ୍ୟା, ବଙ୍ଗ ଓ ହାଇଦ୍ରାବାଦ । ଅଯୋଧ୍ୟାର ପ୍ରତିଷ୍ଠାତା ଥିଲେ ସାଦତ୍ ଖାଁ । ବଙ୍ଗର ପ୍ରତିଷ୍ଠାତା ଥିଲେ ମୁର୍ସିଦ୍ କୁଲି ଖାଁ ଏବଂ ହାଇଦ୍ରାବାଦର ପ୍ରତିଷ୍ଠାତା ଥିଲେ ନିଜାମ -ଉଲ୍ - ମୁଲ୍‌କ - ଆସଫ୍ ଝା । ଏହି ତିନିଜଣଯାକ ଥିଲେ ମୋଗଲ ସାମନ୍ତ ଗୋଷ୍ଠୀର ଶକ୍ତିଶାଳୀ ସଦସ୍ୟ । ସେ ଏହି ତିନୋଟି ପ୍ରଦେଶର ଗଭର୍ଣ୍ଣର ଥିଲେ । ମୋଗଲ ସାମ୍ରାଜ୍ୟ ଦୁର୍ବଳ ହୋଇପଡ଼ିଲା ପରେ ସୈନ୍ୟମାନେ ବହୁସଂଖ୍ୟାରେ ସୈନ୍ୟବାହିନୀ ଛାଡି ନୂତନ ରାଜ୍ୟ ଗୁଡିକୁ ପଳାଇ ଯାଇଥିଲେ ।

   ଏହି ରାଜ୍ୟମାନଙ୍କରେ ପୂର୍ବ ଜମିଦାରମାନଙ୍କ ପରିବର୍ତ୍ତନ ହେଲା । ଉଦାହରଣ ସ୍ୱରୂପ, ସାଦତ୍ ଖାଁ ଅନେକ ରାଜପୁତ୍ ଜମିଦାରମାନଙ୍କୁ ଅଧିକାର କରିଥିଲେ । ଏଥିସହିତ ଆଫଗାନ୍‌ମାନଙ୍କ

ଠାରୁ ରୋହିଲାଖଣ୍ଡ ନାମକ କୃଷିଉପଯୋଗୀ ଉର୍ବର ଅଞ୍ଚଳ ମଧ ଅଧିକାର କରିଥିଲେ । ସେହିପରି ବଂଗରେ ମୋଗଲ ପ୍ରାଧାନ୍ୟ ହ୍ରାସ କରିବା ପାଇଁ ମୁସଦ୍ କୁଲି ଖାଁ ମୋଗଲ ଜାଗିରିଦାରମାନଙ୍କୁ ଓଡିଶାକୁ ବଦଳି କରିଥିଲେ । ଏଥିସହିତ ସେ ବଂଗର ସମୁଦାୟ ରାଜସ୍ୱ ଠିକ୍ ଆକଳନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜମିଦାରମାନଙ୍କ ଠାରୁ ଠିକ୍ ଭାବରେ ମୁଦ୍ରା ଆକାରରେ ରାଜସ୍ୱ ଆଦାୟ କରାଯାଉଥିଲା । ଏହାଫଳରେ ଜମିଦାରମାନେ ରାଜସ୍ୱ ଦେୟ ପାଇଁ ଋଣଦାତା ଏବଂ ବ୍ୟାଙ୍କମାନଙ୍କରୁ ଅର୍ଥ ଉଧାର ସୂତ୍ରରେ ଆଣୁଥିଲେ । ଯେଉଁମାନେ ରାଜସ୍ୱ ଦେବାକୁ ଅସମର୍ଥ ହେଉଥିଲେ, ସେମାନଙ୍କ ନିଜ ଜମିକୁ ବଡ ବଡ ଜମିଦାରମାନଙ୍କୁ ବିକ୍ରିକରି ରାଜସ୍ୱ ଦେବାକୁ ବାଧ କରାଯାଉଥିଲା ।

ଏହି ସବୁ ଆଞ୍ଚଳିକ ରାଜ୍ୟଗୁଡିକରେ ଅନ୍ୟ ଏକ ପରିବର୍ତ୍ତନ ମଧ ଦେଖିବାକୁ ମିଳିଥିଲା । ତାହାଥିଲା ବ୍ୟାଙ୍କ, ଋଣଦାତା ବା ମହାଜନ ଗୋଷ୍ଠୀର ଆର୍ବିଭାବ । ରାଜ୍ୟ ଏବଂ ଜମି ମାଲିକମାନେ ଋଣ ପାଇଁ ସେମାନଙ୍କ ଉପରେ ନିର୍ଭର କରୁଥିଲେ । ଏହି ଗୋଷ୍ଠୀ କ୍ରମଶଃ ଶକ୍ତିଶାଳୀ ହୋଇ ଶାସନବ୍ୟବସ୍ଥା କୁ ପ୍ରଭାବିତ କଲେ । ରାଜ୍ୟ ଏହି ଆର୍ଥିକ ଅନୁଷ୍ଠାନ ଗୁଡିକୁ କର ଆଦାୟ କରିବାର କ୍ଷମତା ପ୍ରଦାନ କଲା । ଏହାରି ପ୍ରତିବଦଳରେ ଏହି ଅନୁଷ୍ଠାନ ରାଜ୍ୟକୁ ନିର୍ଦ୍ଧିଷ୍ଟ ପରିମାଣର ଅର୍ଥ ପ୍ରଦାନ କରିବାକୁ ଅଙ୍ଗୀକାର ବଦ୍ଧ ହେଲା । ତେଣୁ ରାଜ୍ୟ ନିର୍ଦ୍ଧିଷ୍ଟ ପରିମାଣର ରାଜସ୍ୱ ପାଇ ଆଶ୍ୱସ୍ତ ହେଲା । ଏହି ବ୍ୟବସ୍ଥାକୁ ଇଜାରାଦାରୀ ବ୍ୟବସ୍ଥା ବୋଲି କୁହାଯାଉଥିଲା । ଯେଉଁମାନଙ୍କୁ ଏହି କର ଆଦାୟର କ୍ଷମତା ଦିଆଯାଇଥିଲା, ତାଙ୍କୁ ଇଜାରାଦାର ବୋଲି କୁହାଯାଉଥିଲା । ମୋଗଲ ରାଜ୍ୟସର୍ବଦା ଏହି ବ୍ୟବସ୍ଥାକୁ ନିରୁତ୍ସାହିତ କରୁଥିଲା । ଇଜାରାଦାରମାନେ ଧାର୍ଯ୍ୟ ପରିମାଣଠାରୁ ଅଧିକ କର ଆଦାୟ କରିବାର ସମ୍ଭାବନା ଥିଲା । ସେମାନେ କୃଷକମାନଙ୍କୁ ଶୋଷଣ କରିବାର ସମ୍ଭାବନାକୁ ମଧ ଏଡାଇ ଦିଆଯାଇ ପାରୁନଥିଲା । ସେମାନେ ଧାର୍ଯ୍ୟଦେୟଠାରୁ କମ୍ କର ରାଜ୍ୟ ପାଣ୍ଠିକୁ ଦେଇ ରାଜସ୍ୱହାନୀ କରିବାର ସମ୍ଭାବନା ମଧ ଥିଲା ।

୨. ଦ୍ୱିତୀୟପ୍ରକାର ଆଞ୍ଚଳିକ ରାଜ୍ୟଥିଲା ବତନ୍ ଜାଗିର । ଅଷ୍ଟାଦଶ ଶତାବ୍ଦୀରେ ମୋଗଲ ରାଜତ୍ୱ ସମୟରେ ସେମାନେ ଆଶାତୀତ ସ୍ୱାଧୀନତା ଉପଭୋଗ କରିଥିଲେ । ରାଜପୁତ୍ ରାଜ୍ୟଗୁଡିକ ଏହି ଶ୍ରେଣୀରେ ଅର୍ନ୍ତଭୁକ୍ତ ।

୩. ତୃତୀୟପ୍ରକାରର ଆଞ୍ଚଳିକ ରାଜ୍ୟଗୁଡିକ ମୋଗଲମାନଙ୍କ ବିରୋଧରେ ବିଦ୍ରୋହ କରି ସ୍ୱାଧୀନତା ହାସଲ କରିଥିଲେ । ଶିଖ୍, ମରହଟ୍ଟା ଏବଂ ଜାଟ୍ମାନେ ଏହି ଶ୍ରେଣୀରେ ଅର୍ନ୍ତଭୁକ୍ତ ଥିଲେ । ଉଦାହରଣ ସ୍ୱରୂପ ମୋଗଲମାନଙ୍କ ବିରୁଦ୍ଧରେ ଶିଖ ବିଦ୍ରୋହ ଯୋଗୁ ଆଞ୍ଚଳିକ ରାଜ୍ୟ ପଂଜାବର ଉତ୍ଥାନ ହୋଇଥିଲା ।

## INTEXT QUESTIONS 11.6 - ପ୍ରତ୍ୟାଶିତ ପ୍ରଶ୍ନ

1. ଅଷ୍ଟାଦଶ ଶତାବ୍ଦୀରେ ଆଞ୍ଚଳିକ ରାଜ୍ୟଗୁଡିକ କେଉଁ ଶ୍ରେଣୀର ଥିଲେ ?

______________________________

## WHAT YOU HAVELEARNT- ଆମେ କ'ଣ ଶିଖିଲେ

ମୋଗଲ ସାମ୍ରାଜ୍ୟର ପତନ ତଥା ଦିଲ୍ଲୀ ସୁଲତାନୀର ଦୁର୍ବଳ ଶାସନ ଯୋଗୁ ଆଞ୍ଚଳିକ ରାଜ୍ୟଗୁଡିକର ଉତ୍ଥାନ ହୋଇଥିଲା ଅଷ୍ଟାଦଶ ଶତାବ୍ଦୀରେ । ଏହି ଆଞ୍ଚଳିକ ରାଜ୍ୟଗୁଡିକର ପୃଷ୍ଠଭୂମିକୁ ଲକ୍ଷ୍ୟକଲେ ସେମାନଙ୍କର ଶକ୍ତି ଏବଂ ଦିଲ୍ଲୀ ସୁଲତାନୀ ଶାସନ ଓ ମୋଗଲ ସାମ୍ରାଜ୍ୟର ସ୍ଥିତି ବିଷୟରେ ଆମେ

ଟିପ୍ପଣୀ

ପରିଷ୍କାର ଚିତ୍ର ପାଇପାରିବା । ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଗଢ଼ି ଉଠିଥିବା ଆଞ୍ଚଳିକ ରାଜ୍ୟଗୁଡିକ ପୁର୍ନବାର ତ୍ରୟୋଦଶ ଖ୍ରୀଷ୍ଟାବ୍ଦରୁ ଅଷ୍ଟାଦଶ ଖ୍ରୀଷ୍ଟାବ୍ଦ ମଧ୍ୟରେ ଜାଗ୍ରତ ହୋଇଉଠିଥିଲା । ଆଞ୍ଚଳିକ ରାଜ୍ୟଗୁଡିକ ବିଷୟରେ ଜାଣିବା ପୂର୍ବରୁ, ପ୍ରଥମେ ଜଣକୁ ଆଞ୍ଚଳିକତା ଶବ୍ଦର ଅର୍ଥ ବୁଝିବାକୁ ପଡିବ । ଏଥିରେ ରାଜନୈତିକଧାରା, ଭାଷା, ଧର୍ମୀୟ ଅନୁରକ୍ତି, କଳା ଏବଂ ସଂସ୍କୃତି ଉନ୍ନତି ତଥା ବିଭିନ୍ନ ସମୟରେ ଏଗୁଡିକର ଉନ୍ନତି ବିଷୟରେ ଲକ୍ଷ୍ୟ କରିବାକୁ ପଡିବ । ଏହିପରି ଅନେକ ରାଜ୍ୟ ରହିଥିଲା, କେବଳ ଆମେ ଉଦାହରଣ ରୂପେ ଜୌନପୁର, କାଶ୍ମୀର, ଗୁଜୁରାଟ, ବେଙ୍ଗଲ, ବିଜୟନଗର ଏବଂ ବାହମନି ରାଜ୍ୟକୁ ଆଲୋଚନା ପାଇଁ ବର୍ଣ୍ଣନା କଲୁ । ଏହା ସ୍ମରଣ ରଖିବାର କଥା ଯେ, ଯଦିଓ ଏହି ରାଜ୍ୟଗୁଡିକ ପରସ୍ପର ମଧ୍ୟରେ ସଂଘର୍ଷ କରୁଥିଲେ, ତଥାପି ସେମାନେ କଳା, ସ୍ଥାପତ୍ୟ ଏବଂ ଧର୍ମ କ୍ଷେତ୍ରରେ ପରସ୍ପରର ଉଦ୍ଭୃତ ଚିନ୍ତାଧାରାର ବିନିଯୋଗ କରୁଥିଲେ । ସମୟକ୍ରମେ ସେମାନଙ୍କର କେନ୍ଦ୍ରୀୟ ଶକ୍ତି ସହିତ ସଂପର୍କ ଏବଂ ପରସ୍ପର ମଧ୍ୟରେ ସଂପର୍କରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା ।

## TERMINAL QUESTIONS - ନିଜକୁ ନିଜେ ପରିଖିବା

1. ଭାରତରେ ତ୍ରୟୋଦଶ ଖ୍ରୀଷ୍ଟାବ୍ଦରୁ ଅଷ୍ଟାଦଶ ଖ୍ରୀଷ୍ଟାବ୍ଦ ମଧ୍ୟରେ ଆଞ୍ଚଳିକ ରାଜ୍ୟ ଗୁଡିକର ଉତ୍‌ଥାନ ଉପରେ ଆଲୋକପାତ କର ।
2. ଆଞ୍ଚଳିକ ରାଜ୍ୟଗୁଡିକ କିପରି କେନ୍ଦ୍ରୀୟ ସାମ୍ରାଜ୍ୟ ଠାରୁ ପୃଥକ ଥିଲେ ?
3. ବଂଗ କିପରି ସହଜରେ ସ୍ୱାଧୀନତା ହାସଲ କରିପାରିଥିଲା ?
4. ମାମୁଦ ବେଗଡା ବିଷୟରେ ନୂଆକଥା କ'ଣ ଥିଲା ? କାହିଁକି ତାଙ୍କୁ ଗୁଜୁରାଟର ଜଣେ ପ୍ରଧାନ ଶାସକ ବୋଲି ବିବେଚିତ କରାଯାଏ ?
5. ଅମର - ନାୟକ ଶାସନ ବ୍ୟବସ୍ଥା ଉପରେ ବର୍ଣ୍ଣନା କର ?
6. ବିଜୟନଗର ଓ ବାହମନୀ ରାଜ୍ୟ ପଡୋଶି ଥିଲେ କିନ୍ତୁ ଶାନ୍ତିରେ ନଥିଲେ । କାହିଁକି ଏହି ଉକ୍ତିର ଆଲୋଚନା କର ?

## ANSWERS TO INTEXT QUESTIONS - ପ୍ରତ୍ୟାଶିତ ପ୍ରଶ୍ନୋତ୍ତର

**11.1**

1. ଭାଷା ଓ ଧର୍ମୀୟ ଅନୁରକ୍ତି, ବାଣିଜ୍ୟ ବ୍ୟବସାୟ ଦ୍ୱାରା, ଭାବର ଆଦାନ ପ୍ରଦାନ, ଆଞ୍ଚଳିକ କଳାର ବିକାଶ ।
2. ବିହାର, ବଂଗ ଆସାମ, ମଧ୍ୟଭାରତ ଏବଂ ରାଜସ୍ଥାନ ।
3. ନାମଦେବ, ରାୟଦାସ, ତୁକାରାମ, ଗୁରୁନାନକ

**11.2**

1. ୧୩୩୮ ଖ୍ରୀଷ୍ଟାବ୍ଦରେ ଫିରୋଜ ଶାହା ତୋଗଲକଙ୍କ ମୃତ୍ୟୁପରେ ।
2. ବିହାର ଏବଂ ପଂଜାବ ।

**11.3**

1. ପଶ୍ଚିମରେ ଆଲିଗଡ, ପୂର୍ବରେ ଦରଭଙ୍ଗା, ଉତ୍ତରରେ ନେପାଳ ଏବଂ ଦକ୍ଷିଣରେ ବୁନ୍ଦେଲଖଣ୍ଡ ।
2. ଜଇନୁଲ୍ ଆବିଦୀନ ।



ଟିପ୍ପଣି

୩. ହାଜି ଇଲିଆସ୍ ଖାନ୍ ।

୪. ଅହମ୍ମଦାବାଦ୍

**11.4**

୧. ମହମ୍ମଦ ବିନ୍ ତୋଗଲକ୍, ଦାକ୍ଷିଣାତ୍ୟ

୨. ଜଣେ ବଣିକଭାବେ ଦାକ୍ଷିଣାତ୍ୟରେ ପହଞ୍ଚିଲେ, ମାଲିକ୍ - ଉତ୍ - ତୁଜର ଏବଂ ପରେ ଓ୍ୱାଜିର ହେଲେ ।

**11.5**

୧. ନିକଲୋ କଣ୍ଟି, ଫରନାଓ ନୁନିଜ୍, ଡୋମିନ୍‌ଗୋ ପେଶ୍, ଦୁଆତୋ ବାରବୋସ ଏବଂ ଅବଦୂର ରଜାକ୍ ।

୨. କୃଷ୍ଣଦେବରାୟ ।

୩. ବିଜୟନଗର ଶାସନ

୪. ଦୋଆବର ରାୟଚୁର, ମରଠାଓ୍ୱାଡା ଅଞ୍ଚଳ ଏବଂ କୃଷ୍ଣା-ଗୋଦାବରୀର ଡେଲ୍‌ଟା ଅଞ୍ଚଳ ଉପରେ ନିୟନ୍ତ୍ରଣ ।

**11.6**

1. ମୋଗଲ ସାମନ୍ତମାନଙ୍କ ଦ୍ୱାରା ପ୍ରତିଷ୍ଠା, ବତନ ଜାଗିର, ମୋଗଲ ଶକ୍ତି ବିରୋଧରେ ବିଦ୍ରୋହ ।

HINTSTO TERMINAL QUESTIONS- **ସଂକେତ**

1. ୧୧.୨. କୁ ଦେଖ ।
2. ୧୧.୧. ଶେଷ ଦୁଇପାରା ଦେଖ ।
3. ୧୧.୫. କୁ ଦେଖ ।
4. ୧୧,୬. କୁ ଦେଖ ।
5. ୧୧.୮. ର ପ୍ରଥମ ପାରା ଦେଖ ।
6. ୧୧.୮. ର ଦ୍ୱିତୀୟ ପାରା ଦେଖ ।

## GLOSSARY

ସିଲ୍‌ସିଲା - ସୁଫିମାନଙ୍କର ବିଭିନ୍ନ ଗୋଷ୍ଠୀ

ଜମିଦାର - ବଂଶାନୁକ୍ରମିକ ଅଧିକାର ଅନୁସାରେ ବେସରକାରୀ ଭୂମିମାଲିକ

ସୁଲତାନୁ - ସର୍କ - ପୂର୍ବାଂଚଳର ପ୍ରଭୁ

ଜିଜିଆ - ସାମରିକ ସେବା ଯୋଗାଇପାରୁନଥିବା ଅଣ ମୁସଲମାନ୍‌ମାନଙ୍କ ଉପରେ ଧାର୍ଯ୍ୟ କର ।

ଖାଲ୍‌ସା - ସୁଲତାନ୍‌ଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ଥିବା ଜମି । ଏହି ଜମି କୌଣସି ଜମିଦାର ବା ଅଧିକାରୀଙ୍କୁ ଦିଆଯାଉ ନଥିଲା ।

ତରଫଦାର - ପ୍ରାଦେଶିକ ମୁଖ୍ୟ

ଜାଗିର - ରାଜ୍ୟଦ୍ୱାରା ସରକାରୀ ଅଧିକାରୀଙ୍କୁ ପ୍ରଦତ୍ତ ଭୂଖଣ୍ଡ

ଅମୀର - ସେନାଧକ୍ଷ, ଦିଲ୍ଲୀ ସୁଲତାନୀ ଶାସନ ବ୍ୟବସ୍ଥାର ତୃତୀୟ ଉଚ୍ଚଅଧିକାରୀ ।

# 12

## ଶାସନ ବ୍ୟବସ୍ଥା ଏବଂ ଅନୁଷ୍ଠାନ

ଦିଲ୍ଲୀରେ ସୁଲତାନ ଶାସନ ପ୍ରତିଷ୍ଠା ହେଲାପରେ ଭାରତରେ ଏକ ନୂତନ ଶାସକ ଗୋଷ୍ଠୀଙ୍କର ଉଦ୍ମେଷ ହେଲା । ଏହି ନୂତନ ଶ୍ରେଣୀ ଏକ ନୂତନ ଶାସନ ବ୍ୟବସ୍ଥା ପ୍ରଣୟନ କଲେ । କେତେକ ନୂଆ ଅନୁଷ୍ଠାନ ମଧ ସୃଷ୍ଟିହେଲା । ମୋଗଲମାନେ କ୍ଷମତାକୁ ଆସିଲା ପରେ ଏହି ଶାସନ ବ୍ୟବସ୍ଥାରେ କେତେକ ପରିବର୍ତ୍ତନ ସଂଘଠିତ ହେଲା ଏବଂ କେତେକ ନୂଆ ଶାସନ ପ୍ରଣୀତ ହେଲା । ଅଳ୍ପ କେତେକ ପ୍ରଶାସନିକ ଅନୁଷ୍ଠାନ ଆରବ ଏବଂ ମଧ ଏସିଆର ଢ଼ାଞ୍ଚାରେ ଗଢ଼ିଉଠିଥିଲା । ଏହି ନୂତନ ଶାସକ ଗୋଷ୍ଠୀ ମଧ ଆରବ ଓ ମଧଏସିଆରୁ ଭାରତକୁ ଆସିଥିଲେ । ଆଉ କେତେକ ଶାସନ ବ୍ୟବସ୍ଥା ଭାରତୀୟ ଢ଼ାଞ୍ଚାରେ ପ୍ରଣିତ ହୋଇଥିଲା । ଏହି ବ୍ୟବସ୍ଥାର ଏକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ଥିଲା । ଏହି ଶାସନ ବ୍ୟବସ୍ଥା ମଧରୁ ଅନେକ ସମୟକ୍ରମେ ଭାରତୀୟ ଦୃଷ୍ଟିକୋଣରୁ ପରିବର୍ତ୍ତିତ ହୋଇ ଉନ୍ନତି ଲାଭ କରିଥିଲା ।

ଏହି ନୂତନ ପ୍ରଶାସନିକ ବ୍ୟବସ୍ଥା ଏବଂ ଅନୁଷ୍ଠାନ ଯୋଗୁ ଦିଲ୍ଲୀ ସୁଲତାନୀ ଶାସନ ଏବଂ ମୋଗଲ ସାମ୍ରାଜ୍ୟର ଗଠନ ହୋଇଥିଲା । ଗୋଟିଏ ଛୋଟ ଅଧ୍ୟାୟରେ ୫୦୦ ବର୍ଷର ଶାସନ ବ୍ୟବସ୍ଥାର ସଂପୂର୍ଣ୍ଣ ପ୍ରତିଛବି ବର୍ଣ୍ଣନା କରିବା ସମ୍ଭବ ନୁହେଁ । ସେ ଯାହାହେଉ ଆମେ ଶାସନ ବ୍ୟବସ୍ଥାର ମୌଳିକ ବୈଶିଷ୍ଟ୍ୟ, ପରିବର୍ତ୍ତୀତ ଶାସନ ପ୍ରଣାଳୀ ଏବଂ କେତେକ ପ୍ରଧାନ ଅନୁଷ୍ଠାନ ବିଷୟରେ ଆଲୋକପାତ କରିବା ।

ଏହି ସମୟରେ ଶାସକମାନଙ୍କର ପରିବର୍ତ୍ତନ ହେଉଥିଲା । ବିଭିନ୍ନ ଶାସକଙ୍କ ଦ୍ୱାରା ଏହି ଅନୁଷ୍ଠାନ ଗୁଡ଼ିକ ଶାସକଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ବ୍ୟବହୃତ ହେଉଥିଲା । ଶାସକମାନେ ସାମାଜିକ ସଂଗତି ରକ୍ଷାପାଇଁ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ଶାସନତନ୍ତ୍ରରେ ନିଯୁକ୍ତ ଦେଉଥିଲେ । ସ୍ୱଭାବତଃ ଏହି ଶ୍ରେଣୀ ଶାସନତନ୍ତ୍ର ପାଇଁ ଭବିଷ୍ୟତରେ ଦାବିଦାର ହେଉଥିଲେ । ଫଳରେ ବିଭିନ୍ନ ଶାସକମାନେ ସେମାନଙ୍କୁ ତୁରନ୍ତ ନିଯୁକ୍ତି ପ୍ରଦାନ କରୁଥିଲେ । ଫଳରେ ଏହି ଗୋଷ୍ଠୀ ସମାଜରେ ଅସ୍ଥିରତା ସୃଷ୍ଟିପାଇଁ ଏକ ଅସ୍ତ୍ର ରୂପେ କାର୍ଯ୍ୟ କରିପାରୁଥିଲେ । ଶାସକମାନେ ସେମାନଙ୍କର ଆବଶ୍ୟକତା ଅନୁସାରେ ଏହି ଅନୁଷ୍ଠାନଗୁଡ଼ିକୁ ବ୍ୟବହାର କରୁଥିଲେ ।

### OBJECTIVES - ଉଦ୍ଦେଶ୍ୟ

**ଏହି ବିଷୟଟି ଅଧ୍ୟୟନପରେ ଆମେ ନିମ୍ନଲିଖିତ ବିଷୟରେ ଜାଣିପରିବା ।**

- ସୁଲତାନୀ ଶାସନ ଓ ମୋଗଲ ଶାସକ ଶ୍ରେଣୀଙ୍କ ପ୍ରକୃତି ଓ ଗଠନ
- ଦିଲ୍ଲୀ ସୁଲତାନୀ ଶାସନ ବ୍ୟବସ୍ଥା ସମ୍ବନ୍ଧରେ
- ସୁଲତାନୀ ସମୟର ମୁଖ୍ୟ ପ୍ରଶାସନିକ ବିଭାଗ ବିଷୟରେ
- ସୁଲତାନୀ ଯୁଗର ପ୍ରାଦେଶିକ ଓ ଆଞ୍ଚଳିକ ଶାସନ ବ୍ୟବସ୍ଥା ବିଷୟରେ
- ଇକ୍ତା ବ୍ୟବସ୍ଥାରେ ଥିବା ମୁଖ୍ୟ ବୈଶିଷ୍ଟ୍ୟ ବିଷୟରେ

- ଆଲାଉଦ୍ଦିନ୍ ଖିଲିଜୀଙ୍କ ବଜାର ନିୟନ୍ତ୍ରଣ ନୀତି
- ମୋଗଲ ମାନଙ୍କ କେନ୍ଦ୍ରୀୟ ଶାସନ ଓ ପ୍ରାଦେଶିକ ଶାସନ
- ଜାଗିର ବ୍ୟବସ୍ଥାର ମୁଖ୍ୟ ଲକ୍ଷଣ
- ମରହଟ୍ଟା ମାନଙ୍କ ଶାସନ ପ୍ରଣାଳୀ

## 12.1 EVOLUTION OF THE ADMINISTRATIVE STRUCTURE UNDER DELHI SULTANATE- ଦିଲ୍ଲୀ ସୁଲତାନୀ ବ୍ୟବସ୍ଥାର ପ୍ରଶାସନିକ ଗଠନ ପ୍ରଣାଳୀରେ କ୍ରମ ବିକାଶ :

କୁତ୍‌ବୁଦ୍ଦୀନ୍ ଆଇବାକ୍ ଲାହୋରରେ ନିଜକୁ ସ୍ୱାଧୀନ ସୁଲତାନ୍ ରୂପେ ପ୍ରତିଷ୍ଠା କଲାପରେ ପ୍ରାଥମିକ ଅବସ୍ଥାରେ ପୂର୍ବପ୍ରଚଳିତ ଶାସନ ବ୍ୟବସ୍ଥା ଚାଲିଥିଲା । ପ୍ରଚଳିତ ଶାସନ ବ୍ୟବସ୍ଥାକୁ ପରିବର୍ତ୍ତନ କରାଗଲା ନାହିଁ ଯେପର୍ଯ୍ୟନ୍ତ ଆଞ୍ଚଳିକ ଶାସକମାନେ ସୁଲତାନ୍‌ଙ୍କ ବଶ୍ୟତା ସ୍ୱୀକାର କରି ବାର୍ଷିକ କର କେନ୍ଦ୍ରୀୟ ରାଜକୋଷରେ ପୈଠ କରୁଥିଲେ । ଏହି ଆଞ୍ଚଳିକ ଶାସକମାନେ କର ଆଦାୟ କରିବାର କ୍ଷମତା ପାଇଥିଲେ । ଏହି ଅଞ୍ଚଳମାନଙ୍କରେ ଆଞ୍ଚଳିକ ଶାସକମାନଙ୍କୁ ସାହାଯ୍ୟ କରିବା ପାଇଁ କେନ୍ଦ୍ରୀୟ ଅଧିକାରୀମାନେ ନିଯୁକ୍ତି ପାଇଥିଲେ । ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟର ବିସ୍ତାର ଓ ଗଠନ ଫଳରେ ନୂତନ ପ୍ରଶାସନିକ ଅନୁଷ୍ଠାନମାନ ଗଢ଼ି ଉଠିଲା । ଭାରତରେ ଗଢ଼ିଉଠିଥିବା ଶାସନଗତ ଗଠନ ପ୍ରଣାଳୀ ମଙ୍ଗୋଲ ଏବଂ ସେଲଜୁକମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲା । ଏହି ପ୍ରଣାଳୀ ନୂତନ ଶାସକମାନେ ପ୍ରଣୟନ କରିଥିଲେ । ଦେଶର ବିଭିନ୍ନ ଅଂଶରେ ପ୍ରଚଳିତ ଭିନ୍ନ ଭିନ୍ନ ଶାସନ ପ୍ରଣାଳୀ ନୂତନ ଭାବେ ଗଠିତ ପ୍ରଶାସନିକ ବ୍ୟବସ୍ଥାକୁ ମଧ ପ୍ରଭାବିତ କରିଥିଲା ।

ସୁଲତାନ୍‌ମାନେ ଜାଣିଥିଲେ ଯେ ସେମାନେ ମୁସଲମାନ ହେଲେ ମଧ ଏକ ବିଶାଳ ଅଣ-ମୁସଲମାନ ସାମ୍ରାଜ୍ୟ ଉପରେ ଶାସନ କରିବେ । ତେଣୁ ସେମାନେ ପ୍ରଚଳିତ ଅବସ୍ଥାକୁ ଲକ୍ଷ୍ୟ କରି ସମୟପୋଯୋଗୀ ଶାସନ ବ୍ୟବସ୍ଥା ପ୍ରଣୟନ କରୁଥିଲେ । ଶାସନଗତ ଦୃଷ୍ଟିକୋଣରୁ ଲକ୍ଷ୍ୟକଲେ ଜଣାଯାଏ ଯେ ଆଞ୍ଚଳିକ ଶାସନ ଭାର ମୁଖ୍ୟତଃ ଗ୍ରାମମୁଖ୍ୟଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ସୁଲତାନୀ ସାମ୍ରାଜ୍ୟର ବିସ୍ତାର ହେଲାପରେ କେନ୍ଦ୍ର ଏବଂ ପ୍ରଦେଶ ପାଇଁ ନୂତନ ଶାସନ ଗଠନ ପ୍ରଣାଳୀ ପ୍ରଣୟନ କରାଗଲା । ତେଣୁ ସୁଲତାନୀ ରାଜତ୍ୱ ସମୟରେ ଶାସନଭିତ୍ତିକ ଅନୁଷ୍ଠାନ ଗୁଡ଼ିକ କେନ୍ଦ୍ରୀୟ, ପ୍ରାଦେଶିକ ଓ ଆଞ୍ଚଳିକ ସ୍ତରରେ ଗଢ଼ି ଉଠିଥିଲେ ।

## 12.2 ADMINISTRATIVE SYSTEM - ଶାସନ ବ୍ୟବସ୍ଥା

ସୁଲତାନୀ ରାଜତ୍ୱ ସମୟରେ ସୁଲତାନ୍ ଥିଲେ ଶାସନ ବ୍ୟବସ୍ଥାର ମୁଖ୍ୟ । ତାଙ୍କୁ ଶାସନ କାର୍ଯ୍ୟରେ ସାମନ୍ତ ଗୋଷ୍ଠୀ ସାହାଯ୍ୟ କରୁଥିଲେ । ସୁଲତାନ୍‌ଙ୍କ କାର୍ଯ୍ୟାଳୟ ସହିତ ଅନ୍ୟାନ୍ୟ କାର୍ଯ୍ୟାଳୟମାନ ମଧ ରହିଥିଲା । ଏତଦ୍‌ବ୍ୟତୀତ ସୁଲତାନଙ୍କୁ ଶାସନ କାର୍ଯ୍ୟରେ ସହଯୋଗ କରିବା ପାଇଁ ଗୋଟିଏ ମନ୍ତ୍ରୀ ପରିଷଦ ରହିଥିଲା ।

**(1) ସୁଲତାନ୍ :** ସଂପୂର୍ଣ୍ଣ ସୁଲତାନୀ ଶାସନ ବ୍ୟବସ୍ଥାର କେନ୍ଦ୍ରବିନ୍ଦୁଥିଲେ ସୁଲତାନ । ସାଧାରଣ ଶାସନ ବ୍ୟବସ୍ଥାର ସେ ଥିଲେ ମୁଖ୍ୟ । ସେ ଥିଲେ ସର୍ବୋଚ୍ଚ ସାମରିକ ସେନାଧକ୍ଷ ସମସ୍ତ ନିଯୁକ୍ତି ଓ ପଦୋନ୍ନତି ତାଙ୍କରି ଦ୍ୱାରା ହେଉଥିଲା । ସେ ମଧ ଯେ କୌଣସି ବ୍ୟକ୍ତିକୁ ଚାକିରିରୁ ବହିଷ୍କାର କରିପାରୁଥିଲେ । ତାଙ୍କ ହସ୍ତରେ ନିରଙ୍କୁଶ କ୍ଷମତା ରହିଥିଲା । ସେ ମଧ ବିଚାର ବିଭାଗର ମୁଖ୍ୟଥିଲେ । ସେ ମଧ ଯୋଗ୍ୟ ବ୍ୟକ୍ତି ବିଶେଷଙ୍କୁ ଉପାଧି ଓ ସମ୍ମାନ ଦେଉଥିଲେ । ତାତ୍ତ୍ୱିକ ଦୃଷ୍ଟିକୋଣରୁ ସୁଲତାନ ବହୁ କ୍ଷମତାର ଅଧିକାରୀ ଥିଲେ କିନ୍ତୁ ବାସ୍ତବ କ୍ଷେତ୍ରରେ ବିଭିନ୍ନ ସୁଲତାନମାନେ ଭିନ୍ନ ଭିନ୍ନ କ୍ଷମତାର ଅଧିକାରୀ ଥିଲେ । ଶକ୍ତିଶାଳୀ ସାମନ୍ତ ଗୋଷ୍ଠୀ ଏବଂ ଉଲେମାମାନଙ୍କ ପାଇଁ ସୁଲତାନ୍ ସର୍ବଦା ଚାପରେ ରହୁଥିଲେ । ଦିଲ୍ଲୀ ସୁଲତାନ୍‌ମାନେ ବିଶେଷ କରି ଶକ୍ତିଶାଳୀ ସୁଲତାନ୍‌ମାନେ ଏହି ଗୋଷ୍ଠୀଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ବିଭିନ୍ନ ସାମରିକ କୌଶଳ ଅବଲମ୍ବନ କରୁଥିଲେ । ବଲବନ୍



ଟିପ୍ପଣି

ଦୃଢ଼ତାର ସହିତ ଏହି ସାମନ୍ତମାନଙ୍କୁ ନିୟନ୍ତ୍ରଣ ରଖିଥିଲେ । ସୁଲତାନୀ ଶାସନ ବ୍ୟବସ୍ଥାରେ ସୁଲତାନ୍‌ଙ୍କ ବ୍ୟକ୍ତିତ୍ୱର ଗୁରୁତ୍ୱ ରହିଥିଲା । ଯୋଗ୍ୟ ସୁଲତାନ୍‌ମାନଙ୍କ ଅଧୀନରେ ସୁଲତାନୀ ଶାସନ ବ୍ୟବସ୍ଥା ସୁଚାରୁ ରୂପେ ପରିଚାଳିତ ହେଉଥିଲା । କିନ୍ତୁ ଦୁର୍ବଳ ସୁଲତାନମାନେ ଘପରେ ରହୁଥିଲେ ।

### *(ii)* THE NOBILITY - ସାମନ୍ତଗୋଷ୍ଠୀ :

ସାମନ୍ତମାନେ ସୁଲତାନୀ ଶାସନ ବ୍ୟବସ୍ଥାର ପ୍ରଧାନ ଅଙ୍ଗଥିଲେ ଏବଂ ସମାଜରେ ଉଚ୍ଚଆସନ ଉପଭୋଗ କରୁଥିଲେ । ପ୍ରାରମ୍ଭିକ ଅବସ୍ଥାରେ ସେମାନେ ସେନାଧ୍ୟକ୍ଷ ରୂପେ ବହୁ ବିଜୟର ସ୍ମାରକୀ ବହନ କରିଥିଲେ । କେତେକ ସମୟରେ ସେମାନଙ୍କର ବଂଶଧରମାନେ ଏକ ଶକ୍ତିଶାଳୀ ଗୋଷ୍ଠୀ ଗଠନ କରିଥିଲେ ଏବଂ କେତେକ ଭାରତୀୟ ଗୋଷ୍ଠୀଙ୍କର ଉତ୍‌ଥାନ ହୋଇଥିଲା । ବିଶେଷ କରି ଦିଲ୍ଲୀରେ ଅବସ୍ଥାନ କରୁଥିବା ସାମନ୍ତମାନେ ପ୍ରଭୃତି ଶକ୍ତିଶାଳୀ ଥିଲେ । ବେଳେବେଳେ ସୁଲତାନର ମନୋନୟନରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲେ । ସାମନ୍ତମାନେ ଗୋଟିଏ ଜାତିର ନଥିଲେ । ଏହି ସାମନ୍ତମାନଙ୍କ ମଧ୍ୟରେ ବିଭିନ୍ନ ଗୋଷ୍ଠୀର ଲୋକ ରହିଥିଲେ । ସେମାନଙ୍କ ମଧ୍ୟରେ ବିଭିନ୍ନ ସମସ୍ୟାକୁ ନେଇ ଅର୍ନ୍ତଯୁଦ୍ଧ ଏବଂ ପ୍ରତିଦ୍ୱନ୍ଦିତା ଚାଲୁଥିଲା । ଇଲତୁତ୍‌ମିସ୍‌ଙ୍କ ରାଜତ୍ୱ କାଳରେ ତୁର୍କୀ ସାମନ୍ତ ଏବଂ ତାଜିକ୍ ସାମନ୍ତ ମାନଙ୍କ ମଧ୍ୟରେ ଦ୍ୱନ୍ଦ ଆରମ୍ଭ ହୋଇଥିଲା । ତାଙ୍କ ମୃତ୍ୟୁପରେ ଏହି ସଂଘର୍ଷ ଉଗ୍ରରୂପ ଧାରଣ କଲା । ଇଲତୁତ୍‌ମିସ୍ ଅନୁରକ୍ତ ସାମନ୍ତମାନଙ୍କୁ ନେଇ ଚାହାଲଗନ ବା ଚାଳିଶବାହିନୀ (Group of 40 nobles) ଗଠନ କରିଥିଲେ । ସେମାନେ ଏକ ଶକ୍ତିଶାଳୀ ଗୋଷ୍ଠୀ ରୂପେ ଉନ୍ନୀତ ହୋଇଥିଲେ ।

ବଲବନ୍ ଥିଲେ ପ୍ରଥମ ସୁଲତାନ ଯିଏ କି ଦୃଢ଼ତାର ସହିତ ସାମନ୍ତମାନଙ୍କୁ ନିଜ ନିୟନ୍ତ୍ରଣରେ ରଖିଥିଲେ । କୌତୁହଳର ବିଷୟ ଏହି ଯେ ସେ ନିଜେ 'ଚାଳିଶ ବାହିନୀ' ରୁ ଜଣେ ସଦସ୍ୟ ଥିଲେ । କୁତବୁଦ୍ଦିନ୍ ଆଇବାକ୍ ଏବଂ ଇଲତୁତ୍‌ମିସ୍ ସାମନ୍ତମାନଙ୍କ ସହ ସୁସଂପର୍କ ରଖିଥିଲାବେଳେ ବଲବନ୍ ସେମାନଙ୍କ ଠାରୁ ଦୂରତ୍ୱ ରକ୍ଷା କରୁଥିଲେ ତଥା ସେମାନଙ୍କ ପାଇଁ କଠୋର ଅନୁଶାସନ ପ୍ରବର୍ତ୍ତନ କରିଥିଲେ । କୌଣସି ପ୍ରକାର ଅର୍ଥହୀନ ଆଲୋଚନା ଏବଂ ହାସ୍ୟରୋଳକୁ ଦରବାରରେ ନିଷେଧ କରାଯାଇଥିଲା । ସେ ଉଚ୍ଚଜାତି ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ ଏବଂ ଉଚ୍ଚ ପଦ ପଦବୀ ସେମାନେ ପାଇବେ ବୋଲି ଏକ ପ୍ରକାର ବ୍ୟବସ୍ଥା କରିଥିଲେ ।

ଦିଲ୍ଲୀ ସୁଲତାନୀ ସାମ୍ରାଜ୍ୟର ସଂପ୍ରସାରଣ ସହିତ ସମାଜର ବିଭିନ୍ନ ବର୍ଗର ଅଧିବାସୀ ସାମନ୍ତ ଗୋଷ୍ଠୀର ଅନ୍ତର୍ଭୁକ୍ତ ହେବା ପାଇଁ ଦାବୀ କରିଥିଲେ । ପ୍ରାରମ୍ଭରେ କେବଳ ତୁର୍କୀମାନେ ଏହି ପଦବୀ ପାଉଥିଲେ । ଖିଲିଜୀ ବଂଶ ଏବଂ ତୋଗଲକ ବଂଶ ଶାସନ ସମୟରେ ସାମନ୍ତ ଗୋଷ୍ଠୀରେ ଅନ୍ତର୍ଭୁକ୍ତ ହେବାପାଇଁ ସମସ୍ତ ସାମାଜିକ ଗୋଷ୍ଠୀଙ୍କୁ ସୁଯୋଗ ମିଳିଥିଲା । ନିଜ ଜାତିର ଉଭୟ ହିନ୍ଦୁ ଏବଂ ମୁସଲମାନ୍‌ମାନେ ମଧ୍ୟ ସାମନ୍ତ ଗୋଷ୍ଠୀରେ ଯୋଗଦେଇ ଉଚ୍ଚସ୍ଥାନକୁ ଉନ୍ନୀତ ହୋଇଥିଲେ । ବିଶେଷ କରି ମହମ୍ମଦ ବିନ୍ ତୋଗଲକଙ୍କ ସମୟରେ ଏହା ସମ୍ଭବ ହୋଇପାରିଥିଲା । ଲୋଦୀବଂଶର ଶାସନ ସମୟରେ ଆଫଗାନମାନଙ୍କ ଏକତା ତତ୍ତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରାଗଲା । ଫଳରେ ଆଫଗାନମାନେ ସୁଲତାନଙ୍କ ପରି ସମାଜରେ ଉଚ୍ଚଆସନ ପାଇଲେ । ସିକନ୍ଦର ଲୋଦୀ ଓ ଇବ୍ରାହିମ୍ ଲୋଦୀଙ୍କ ପରି ସୁଲତାନ୍‌ମାନେ ଏହି ବ୍ୟବସ୍ଥାକୁ ନାପସନ୍ଦ କରି ଦୃଢ଼ତାର ସହିତ ସାମନ୍ତମାନଙ୍କୁ ନିୟନ୍ତ୍ରଣକୁ ଆଣିଥିଲେ । ଫଳରେ ସାମନ୍ତ ଓ ସୁଲତାନ୍‌ଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହେଲା ।

### *(iii)* ULEMA - ଉଲେମା :

ଇସଲାମ୍ ଧର୍ମର ବିଦ୍ୱାନ ମୁସଲମାନ ମାନଙ୍କୁ ଉଲେମା କୁହାଯାଉଥିଲା । ଏହି ଉଲେମାମାନେ ଧର୍ମ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିଲେ । ସେମାନେ ସୁଲତାନ୍‌ଙ୍କ ପାଇଁ ଧର୍ମୀୟ ଅନୁଶାସନ ତିଆରି କରୁଥିଲେ । ସେମାନେ ବିଚାର ବିଭାଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ । ବିଭିନ୍ନ ସ୍ଥାନରେ ସେମାନେ ବିଚାର ବିଭାଗର କାଜି ରୂପେ ନ୍ୟାୟପ୍ରଦାନ କରିଥିଲେ । ଉଲେମାମାନେ ଶାସନ କ୍ଷେତ୍ରରେ ଏପରି ପ୍ରାଧାନ୍ୟ ବିସ୍ତାର କରିଥିଲେ ଯେ ସେମାନେ ସୁଲତାନ୍ ଏବଂ ସାମନ୍ତଗୋଷ୍ଠୀଙ୍କ



ଟିପ୍ପଣି

ଦ୍ୱାରା ସମ୍ମାନିତ ହେଉଥିଲେ । ସମସ୍ତ ଇସ୍‌ଲାମ ଜଗତ ଉପରେ ସେମାନଙ୍କର ଅଖଣ୍ଡ ପ୍ରଭାବ ରହିଥିଲା । ଉଲେମାମାନେ ଇସ୍‌ଲାମର ନିୟମ ଅନୁସାରେ ଶାସନ କରିବା ପାଇଁ ସୁଲତାନ୍‌ଙ୍କ ଉପରେ ଚାପ ପ୍ରୟୋଗ କରୁଥିଲେ । ସୁଲତାନ୍ ଏବଂ ସାମନ୍ତମାନେ ରାଜ୍ୟର ଆବଶ୍ୟକତା ଅନୁସାରେ ଶାସନ କରୁଥିଲେ । ଧର୍ମୀୟ ନିୟମ ପ୍ରତି ବିଶେଷ ଦୃଷ୍ଟି ଦେଉନଥିଲେ । ସୁଲତାନ୍ ଆଲାଉଦ୍ଦିନ୍ ଖିଲିଜୀ ଉଲେମା ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଉପେକ୍ଷା କରି ଶାସନ କାର୍ଯ୍ୟ ପରିଚାଳନା କରିଥିଲେ, କିନ୍ତୁ କେତେକ ସୁଲତାନ୍ ଉଲେମା ମାନଙ୍କ କଥାରେ ପରିଚାଳିତ ହୋଇଥିଲେ ।

## INTEXT QUESTIONS 12.1 - ପ୍ରତ୍ୟାଶିତ ପ୍ରଶ୍ନ

1. ଚାହାଲଗନ କ'ଣ ଏବଂ ଏହାକୁ କିଏ ସୃଷ୍ଟି କରିଥିଲେ ?

______________________________

2. କିଏ ପ୍ରଥମ ସୁଲତାନ୍ ଭାବେ ସାମନ୍ତଗୋଷ୍ଠୀକୁ ନିଜ ନିୟନ୍ତ୍ରଣକୁ ଆଣିଥିଲେ ?

______________________________

3. ଆଫଗାନମାନଙ୍କ ସାର୍ବଭୌମତ୍ୱ ଚିନ୍ତନ ଅନୁସାରେ ସୁଲତାନ ଓ ସାମନ୍ତମାନଙ୍କଙ୍କ ସ୍ଥିତି କ'ଣ ଥିଲା ?

______________________________

୪. ଉଲେମା ମାନେ କିଏ ଥିଲେ ?

______________________________

## 12.3. CENTRAL ADMINISTRATION- କେନ୍ଦ୍ରୀୟ ଶାସନ ବ୍ୟବସ୍ଥା

ଆମେ ପୂର୍ବ ଆଲୋଚନାରୁ ଜାଣିଅଛେ ଯେ ସୁଲତାନ୍ ହେଉଛନ୍ତି ଶାସନ ବ୍ୟବସ୍ଥାର ମୁଖ୍ୟ । କିନ୍ତୁ ଏହି ଶାସନ କାର୍ଯ୍ୟ ଚଳାଇବା ପାଇଁ ବିଭିନ୍ନ ଦାୟିତ୍ୱ ସହିତ ଅନେକ ବିଭାଗ ରହିଥିଲା । ଏହି ବିଭାଗ ଗୁଡ଼ିକ ପ୍ରଭାବଶାଳୀ ସାମନ୍ତମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା । କେତେକ ବିଭାଗ ସଂବଂଧରେ ସଂକ୍ଷେପରେ ଅଧ୍ୟୟନ କରିବା ।

**(୧) ୱିଜାରତ୍ :** ସୁଲତାନଙ୍କ ପରେ ମୁଖ୍ୟ ଶାସନ ବିଭାଗ ଥିଲା ଦ୍ୱିୱାନ-ଇ-ୱିଜାରତ୍ । ଏହି ବିଭାଗର ମୁଖ୍ୟ ଥିଲେ ୱାଜିର । ଏହି ପଦବୀ ରାଜଦରବାରର ଏକ ମୁଖ୍ୟ ପଦବୀ ଥିଲା । କାରଣ ୱାଜିର ସମସ୍ତ ବିଭାଗ ଉପରେ ପରିଚାଳନା ଦାୟିତ୍ୱ ନିର୍ବାହ କରୁଥିଲେ ଯଦିଓ ସେ ଚାରିଗୋଟି ପ୍ରଧାନ ବିଭାଗ ମଧ୍ୟରୁ ଗୋଟିକର ମୁଖ୍ୟଥିଲେ । ସେ ସୁଲତାନ୍‌ଙ୍କର ମୁଖ୍ୟ ପରାମର୍ଶଦାତା ଥିଲେ । ୱାଜିରଙ୍କର ମୁଖ୍ୟକାର୍ଯ୍ୟ ହେଲା ରାଜ୍ୟର ଆର୍ଥିକ ବ୍ୟବସ୍ଥାର ପରିଚାଳନା । ସୁଲତାନ୍‌ଙ୍କୁ ଉପଦେଶ ଦେବା ସଂଗେ ସଂଗେ ଆବଶ୍ୟକ ସମୟରେ ସୁଲତାନ୍‌ଙ୍କ ତରଫରୁ ସେ ସାମରିକଅଭିଯାନର ନେତୃତ୍ୱ ନେଉଥିଲେ । ସେ ମଧ ସୈନ୍ୟବାହିନୀର ବେତନ ପ୍ରଦାନ କଥା ବୁଝୁଥିଲେ । ଦ୍ୱିୱାନ-ଇ-ୱିଜାରତ୍ ମଧ ଭୂ-ରାଜସ୍ୱ ଆଦାୟ ହିସାବ ତଦାରଖ କରୁଥିଲେ । ଏହି ବିଭାଗ ରାଜ୍ୟର ସମସ୍ତ ଆୟ ଓ ବ୍ୟୟ ହିସାବ ରଖୁଥିଲେ । ଏହିପରି ଭାବେ ରାଜକର୍ମଚାରୀ ମାନଙ୍କର ବେତନ, ୱାକଫ୍, ଇନାମ ପ୍ରଭୃତି ରାଜକୀୟ ଦାନ ଇତ୍ୟାଦି ଏହି ବିଭାଗ ଦ୍ୱାରା ନିୟନ୍ତ୍ରିତ ହେଉଥିଲା । ଅଧିକନ୍ତୁ, ଖଣି, ଗୁପ୍ତଚର ବିଭାଗ, ରାଜ ପ୍ରାସାଦ ଏବଂ ରାଜଦରବାର ସହ ସଂଶ୍ଳିଷ୍ଟ ବିଭାଗର ପରିଚାଳନା ଦାୟିତ୍ୱ ମଧ ଏହି ବିଭାଗ ଉପରେ ନ୍ୟସ୍ତ ଥିଲା । ୱାଜିର ଯେ କୌଣସି ସମୟରେ ସୁଲତାନ୍‌ଙ୍କ ପାଖକୁ ଯାଇପାରୁଥିଲେ ଏବଂ ସୁଲତାନଙ୍କ ସ୍ଥିତି ମୁଖ୍ୟତଃ ୱାଜିରଙ୍କ ବିଜ୍ଞତା, କର୍ମପ୍ରବଣତା ଓ ରାଜଅନୁରକ୍ତି ଉପରେ ନିର୍ଭର କରୁଥିଲା ।

ୱିଜାରତ୍‌ଙ୍କ ଅଧୀନରେ ଅନ୍ୟ କେତେକ ବିଭାଗ କାର୍ଯ୍ୟ କରୁଥିଲେ । ସେମାନଙ୍କୁ ନିର୍ଦ୍ଦିଷ୍ଟ କେତେକ ଦାୟିତ୍ୱ ନିର୍ବାହ କରିବାକୁ ଦିଆଯାଇଥିଲା । ସେହି କାର୍ଯ୍ୟକର୍ତ୍ତାମାନେ ହେଲେ ମୁସ୍ତାଉଫି-ଇ-ମୁମାଲିକ୍ (Auditor General), ମୁସ୍‌ରିଫ୍-ଇ-ମୁମାଲିକ୍ (Accountat General), ମୁଜୁମୁଆଦାର୍ (Keeper of loan and balances from Treasury) ଏହାପରେ କେତେଗୁଡ଼ିଏ କର୍ମଶାଳା ୱିଜାରତ୍‌ଙ୍କ ସୁପରିଚାଳନାରେ କାର୍ଯ୍ୟ କରୁଥିଲେ । ସେଗୁଡ଼ିକ ହେଲା ଦିୱାନ-ଇ-ଓ୍ୱାକ୍‌ଫ (to supevise exendture), ଦ୍ୱିଓ୍ୱାନ-ଇ-ମୁସ୍ତକହାରାଜ (to look into the arrears of revenue payment), ଦ୍ୱିୱାନ-ଇ-ଅମିରକୋହି (to bring uncultivated land into cultivation through state support) ।

### *(ii)* DIWAN - I - ARZ - ଦ୍ୱିୱାନ-ଇ-ଆର୍‌ଜ :

ଦିୱାନ-ଇ-ଆରଜ ବିଭାଗର ମୁଖ୍ୟ କାର୍ଯ୍ୟଥିଲା ସୁଲତାନୀ ସାମ୍ରାଜ୍ୟର ସାମରିକ ବିଭାଗର ପରିଚାଳନା କରିବା । ଏହି ବିଭାଗର ମୁଖ୍ୟ ଥିଲେ ଆରିଜ୍ -ଇ-ମୁମାଲିକ୍ । ସାମାରିକ ଶାସନ ଦାୟିତ୍ୱରେ ସେ ରହିଥିଲେ । ସେ ରାଜକୀୟ ଆକସ୍ମିକ ପାଣ୍ଠିକୁ ପରିଚାଳନା କରୁଥିଲେ । ସୈନ୍ୟମାନଙ୍କୁ ସେ ନିଯୁକ୍ତି ପ୍ରଦାନ କରୁଥିଲେ । ସେ ସୈନ୍ୟବାହନୀରେ ଶୃଙ୍ଖଳା ଓ ଶାରିରୀକ ଦକ୍ଷତା ଉପରେ ନଜର ରଖୁଥିଲେ । ଇକ୍‌ତାମାନଙ୍କ ଦାୟିତ୍ୱରେ ଥିବା ସାମରିକ ବାହିନୀର ପରିଚାଳନା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ଥିଲା । ସେ ଯୁଦ୍ଧାଶ୍ୱମାନଙ୍କୁ ପରୀକ୍ଷା କରି ରାଜକୀୟ ସଙ୍କେତ ପ୍ରଦାନ କରୁଥିଲେ । ଯୁଦ୍ଧ ଚାଲିଥିଲା ବେଳେ ଆରଜ ସାମରିକ ସର୍ତ୍ତ ଗୁଡ଼ିକ ପ୍ରଣୟନ କରୁଥିଲେ । ଏଥି ସହିତ ମାଲପରିବହନ ଓ ସାମରିକ ଶାସନ ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ । ନିୟମିତ ଖାଦ୍ୟ ପଦାର୍ଥ ଯୋଗାଇବା ସହିତ ଯୁଦ୍ଧରୁ ଲବ୍ଧ ଧନ ସମ୍ପଦର ରକ୍ଷକ ଭାବେ କାର୍ଯ୍ୟ କରୁଥିଲେ । ଦିଲ୍ଲୀରେ ଅବସ୍ଥାପିତ ସୈନ୍ୟବାହିନୀକୁ ହାସମ୍-ଇ-କ୍ୱାଲ୍‌ବ କୁହାଯାଉଥିଲାବେଳେ ପ୍ରାଦେଶିକ ସ୍ତରରେ ଥିବା ବାହିନୀକୁ ହାସମ୍-ଇ-ଆତରଫ କୁହାଯାଉଥିଲା ।

### *(iii)* DIWAN - I - INSHA -ଦିୱାନ-ଇ-ଇନ୍‌ସା :

ଏହି ବିଭାଗ ରାଜ୍ୟର ଚିଠିପତ୍ର ଆଦାନ ପ୍ରଦାନ କାର୍ଯ୍ୟ ତଦାରଖ କରୁଥିଲା । ଏହି ବିଭାଗର ମୁଖ୍ୟଙ୍କୁ ଦାବିର୍-ଇ-ଖାସ୍ କୁହାଯାଉଥିଲା । ସେ ରାଜକୀୟ ଆଦେଶନାମାକୁ ଲେଖି ପ୍ରେରଣ କରୁଥିଲେ ଏବଂ ବିଭିନ୍ନ ଅଧିକାରୀମାନଙ୍କ ଠାରୁ ଖବର ମଧ ଗ୍ରହଣ କରୁଥିଲେ । କେନ୍ଦ୍ର ଏବଂ ରାଜ୍ୟ ମଧରେ ସେ ଖବରଦାତା ରୂପେ କାର୍ଯ୍ୟକରୁଥିଲେ । ସେ ସୁଲତାନ୍‌ଙ୍କର ଏକ ପ୍ରକାର ବେସରକାରୀ ସଚିବଭାବେ କାର୍ଯ୍ୟ କରୁଥିଲେ ଏବଂ ଦାୟିତ୍ୱର ସହିତ ରାଜାଙ୍କ ଆଦେଶ ଗୁଡ଼ିକ ଲିପିବଦ୍ଧ କରୁଥିଲେ ।

ବାରିଦ-ଇ-ମୁମାଲିକ୍ ରାଜ୍ୟର ସମ୍ବାଦ ସଂଗ୍ରହର ମୁଖ୍ୟ ଥିଲେ ଏବଂ ଗୁପ୍ତଚର ବିଭାଗ ସହିତ ତାଙ୍କର ସମ୍ପୃକ୍ତି ରହୁଥିଲା । ସୁଲତାନୀ ସାମ୍ରାଜ୍ୟରେ ଘଟୁଥିବା ପ୍ରତ୍ୟେକ ଘଟଣାର ସମ୍ବାଦ ସେ ରଖୁଥିଲେ । ଆଞ୍ଚଳିକ ସ୍ତରରେ ଏହି ବିଭାଗରେ ନିଯୁକ୍ତି ପାଇଥିବା ଅଧିକାରୀଙ୍କୁ ବରିଦ୍ କୁହାଯାଉଥିଲା । ସେମାନେ ଅଞ୍ଚଳର ଦୈନନ୍ଦିନ ଖବର କେନ୍ଦ୍ରୀୟ କାର୍ଯ୍ୟାଳୟକୁ ପ୍ରେରଣ କରୁଥିଲେ । ଏମାନଙ୍କ ବ୍ୟତୀତ ମୁନିହିୟାନ୍ ନାମକ ଏକ ସାମ୍ବାଦିକ ଗୋଷ୍ଠୀ ସେ ସମୟରେ କାର୍ଯ୍ୟ କରୁଥିଲେ ।

### *(iv)* DIWAN-I-RASALAT -ଦିୱାନ୍-ଇ-ରସାଲତ୍ :-

ଦିୱାନ-ଇ-ଇସାଲତ୍ ବିଭାଗ ବିଚାର ବ୍ୟବସ୍ଥା ଦାୟିତ୍ୱରେ ଥିଲା । ଏହି ବିଭାଗର ମୁଖ୍ୟ ଥିଲେ ସଦର-ଅସ୍-ସଦର । ତାଙ୍କୁ ମଧ କାଜୀ-ଇ-ମୁମାଲିକ୍ କୁହାଯାଉଥିଲା । ସେ ଆଧାତ୍ମିକ ଜଗତର ମୁଖ୍ୟ ଅଧିକାରୀ ଥିଲେ । ସେ ଧର୍ମୀୟ ବ୍ୟାପାରର ଯତ୍ନ ନେଉଥିଲେ । ସେ କାଜୀ ବା ବିଚାରପତିମାନଙ୍କୁ ନିଯୁକ୍ତି ପ୍ରଦାନ କରୁଥିଲେ ଏବଂ ଓ୍ୟାକଫ୍, ୱାଜିଫା ଏବଂ ଇଦ୍‌ରାର ପ୍ରଭୃତି ଦାତବ୍ୟ ଅନୁଦାନ ଦେବାପାଇଁ ଅନୁମୋଦନ କରୁଥିଲେ ।

ଉଭୟ ଜମିଜମା ଓ ଫୌଜଦାରୀ ମକଦ୍ଦମା ଗୁଡ଼ିକର ବିଚାର ପାଇଁ ସୁଲତାନ୍‌ଙ୍କ ବିଚାରାଳୟ ଥିଲା ସର୍ବୋଚ୍ଚ ନ୍ୟାୟାଳୟ । ତାଙ୍କ ତଳକୁ ଥିଲେ କାଜୀ-ଇ-ମୁମାଲିକ୍ । ମୁହତାସିବ୍‌ମାନେ ବିଚାରାଳୟ ଗୁଡ଼ିକୁ



ଟିପ୍ପଣି

ସହାୟତା ପ୍ରଦାନ କରୁଥିଲେ । ସେମାନଙ୍କର ମୁଖ୍ୟକାର୍ଯ୍ୟ ଥିଲା ଇସଲାମ୍ ଧର୍ମର ନୀତି କିପରି ଏହି ବିଚାର ବ୍ୟବସ୍ଥା ଦ୍ୱାରା ଖଣ୍ଡିତ ନହେବ, ତାକୁ ଲକ୍ଷ୍ୟ କରିବା । ସେ ମଧ ଏହାକୁ ପରିଚାଳନା କରିବା ସଂଗେ ସଂଗେ ଜନସାଧାରଣଙ୍କର ଆଦର୍ଶ ଓ କର୍ତ୍ତବ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ ।

### *(v)* OTHER DEPANTMENTS - ଅନ୍ୟାନ୍ୟ ବିଭାଗ :

ଉପରୋକ୍ତ ବିଭାଗ ବ୍ୟତିରେକ କେନ୍ଦ୍ରରେ କେତେଗୁଡ଼ିଏ ଛୋଟ ଛୋଟ ବିଭାଗ ରହିଥିଲା । ଯେଉଁଗୁଡ଼ିକ ସୁଲତାନୀ ସାମ୍ରାଜ୍ୟର ଦୈନନ୍ଦିନ ଶାସନ ବ୍ୟବସ୍ଥାରେ ସାହାଯ୍ୟ କରୁଥିଲା । ଓ୍ୟକିଲ୍-ଇ-ଦାର୍ ରାଜପରିବାର ଦାୟିତ୍ୱରେ ଥିଲେ ଏବଂ ସୁଲତାନ୍‌ଙ୍କର ବ୍ୟକ୍ତିଗତ ସେବା କାର୍ଯ୍ୟ କଥା ସେ ବୁଝୁଥିଲେ । ଅସୀର-ଇ-ହାଜିବ୍ ରାଜକୀୟ ଉତ୍ସବପାଳନ ଦାୟିତ୍ୱରେ ଥିଲେ । ସେ ସୁଲତାନ୍ ଏବଂ ଅଧସ୍ତନ ଅଧିକାରୀଙ୍କ ମଧରେ ମଧସ୍ଥତା କରୁଥିଲେ ଏବଂ ସାଧାରଣପ୍ରଜା ଏବଂ ସୁଲତାନ୍‌ଙ୍କ ମଧରେ ସେ ଅନୁରୂପ କାର୍ଯ୍ୟ ତୁଲାଉ ଥିଲେ । ସର-ଇ-ଜାନଦାର ସୁଲତାନ୍‌ଙ୍କ ଅଙ୍ଗରକ୍ଷୀମାନଙ୍କ ଦାୟିତ୍ୱରେ ଥିଲେ । ଅମୀର-ଇ-ଅଖୁର ଘୋଡ଼ାଶାଳ ଦାୟିତ୍ୱରେ ଏବଂ ସାହାନାହା -ଇ-ଫିଲ୍ ହସ୍ତୀ-ଶାଳ ଦାୟିତ୍ୱରେ ଥିଲେ । ଅମୀର-ଇ-ମଜଲିସ୍ ସଭାପରିଚାଳନା ତଥା ସ୍ୱତନ୍ତ୍ର ଉତ୍ସବ ପାଇଁ ଯୋଗାଡ଼ ଦାୟିତ୍ୱରେ ଥିଲେ । ରାଜକୀୟ କର୍ମଶାଳା ବା 'କାରଖାନା' ସୁଲତାନୀ ଶାସନ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା । ରାଜପରିବାରର ଆବଶ୍ୟକତା ରାଜକୀୟ କର୍ମଶାଳା ପୂରଣ କରୁଥିଲା । ରାଜକୀୟ କର୍ମଶାଳା ଦୁଇଭାଗରେ ବିଭକ୍ତ ହୋଇଥିଲା । ଯଥା - ୧ - ନିର୍ମାଣଶାଳା ( ୨ ) ଭଣ୍ଡାରଘର । ଫିରୋଜ ତୋଗଲକଙ୍କ ରାଜତ୍ୱ କାଳରେ ୩୬ ଗୋଟି ରାଜକୀୟ କର୍ମଶାଳା ରହିଥିଲା । ପ୍ରତ୍ୟେକ ରାଜକୀୟ କର୍ମଶାଳା ଜଣେ ସାମନ୍ତ ଦ୍ୱାରା ପରିଚାଳିତ ହେଉଥିଲା । ମାଲିକ୍ କିମ୍ବା ଖାନ୍ ଉପାଧିରେ ସେ ଭୂଷିତ ହୋଇଥିଲେ । ମୁତାସରିଫ ହିସାବରକ୍ଷକ ରୂପେ କାର୍ଯ୍ୟ କରୁଥିଲେ ଏବଂ ବେଳେବେଳେ ହଠାତ୍ ପରିଚାଳକ ରୂପେ ବିଭିନ୍ନ ବିଭାଗରେ ନିଯୁକ୍ତି ପାଉଥିଲେ ।

### INTEXT QUESTIONS 12.2 - ପ୍ରତ୍ୟାଶିତ ପ୍ରଶ୍ନ

1. ୱିଜାରତ୍ ଅଧୀନରେ କାର୍ଯ୍ୟ କରୁଥିବା ଦୁଇଟି ବିଭାଗର ନାମ ଲେଖ ।

___________________________

2. ଆଲଉଦ୍ଦିନ୍ ଖିଲିଜୀ ସୈନ୍ୟବାହିନୀ ପାଇଁ କେଉଁ ବ୍ୟବସ୍ଥା ପ୍ରଣୟନ କରିଥିଲେ ?

___________________________

3. କେଉଁ ବିଭାଗ ବିଚାର ବ୍ୟବସ୍ଥା ସହିତ ସଂଶ୍ଳିଷ୍ଟ ଥିଲା ଏବଂ ଏହି ବିଭାଗର ମୁଖ୍ୟ କିଏ ଥିଲେ ?

___________________________

## 12.4 PROVINCIAL ADMINISTRATION AN IQTA SYSTEM ପ୍ରାଦେଶିକ ଶାସନ ଏବଂ ଇକ୍ତା ବ୍ୟବସ୍ଥା

କେନ୍ଦ୍ରଠାରୁ ଦୂର ଦୂରାନ୍ତର ଅଞ୍ଚଳ ଗୁଡ଼ିକରେ ଶାସନ ବ୍ୟବସ୍ଥା ବିଭିନ୍ନ ଉପାୟରେ ପ୍ରଣୟନ କରାଯାଉଥିଲା । ଏହା ରାଜକୀୟ ନିୟନ୍ତ୍ରଣ ଶକ୍ତି ଉପରେ ଆଧାରିତ ଥିଲା ଯାହାକି ସମସ୍ତ ଅଞ୍ଚଳ ଉପରେ ପ୍ରତିଫଳିତ ହେଉଥିଲା । ତ୍ରୟୋଦଶ ଶତାବ୍ଦୀ ଓ ଚତୁର୍ଦ୍ଦଶ ଶତାବ୍ଦୀରେ ସୁଲତାନୀ ସାମ୍ରାଜ୍ୟର ବିସ୍ତାର ଓ ଗଠନ ପ୍ରକ୍ରିୟା ଜାରି ରହିଥିଲା । ନୂତନଭାବେ ବିଜିତ କେତେକ ଅଞ୍ଚଳ ସୁଲତାନ୍‌ଙ୍କର ପ୍ରତ୍ୟକ୍ଷ ନିୟନ୍ତ୍ରଣକୁ ଆସିଥିଲା ଏବଂ ଅନ୍ୟକେତେକ ଅଞ୍ଚଳ ସୁଲତାନ୍‌ଙ୍କର କରଦ ରାଜ୍ୟ ରୂପେ ସ୍ୱୟଂଶାସିତ ଥିଲା । ତେଣୁ ଏହି ଅଞ୍ଚଳ ଗୁଡ଼ିକ ପାଇଁ ବିଭିନ୍ନ ପ୍ରକାର ପ୍ରଶାସନିକ କଳ କାର୍ଯ୍ୟକରିବା ପାଇଁ ବ୍ୟବସ୍ଥା ହୋଇଥିଲା । ଆଉକେତେକ ପରାଜିତ ଅଞ୍ଚଳ ସୁଲତାନଙ୍କ ଆନୁଗତ୍ୟ ସ୍ୱୀକାର କଲାପରେ ରାଜକୀୟ ଉପସ୍ଥିତିର ଚିହ୍ନ ସ୍ୱରୂପ କେତେକ ଅଧିକାରୀଙ୍କୁ କେନ୍ଦ୍ରଦ୍ୱାରା ନିଯୁକ୍ତି ପ୍ରଦାନ







କରାଯାଉଥିଲା । କିନ୍ତୁ ସେଠାରେ ଶାସନ କାର୍ଯ୍ୟ ଆଞ୍ଚଳିକ ଶାସନ କର୍ତ୍ତାମାନଙ୍କ ଦ୍ୱାରା ନିର୍ବାହ ହେଉଥିଲା । କିନ୍ତୁ ସେଠାରେ ଶାସନ କାର୍ଯ୍ୟ ଆଞ୍ଚଳିକ ଶାସନକର୍ତ୍ତାମାନଙ୍କ ଦ୍ୱାରା ନିର୍ବାହ ହେଉଥିଲା । ଏହି ଅଞ୍ଚଳଗୁଡ଼ିକ ଉପରେ ନିୟନ୍ତ୍ରଣ ରଖିବାର କାରଣ ଥିଲା ମୁଖ୍ୟତଃ ଅର୍ଥନୀତିକ ସ୍ୱାର୍ଥ । ଏଠାରୁ ଆଦାୟ ହେଉଥିବା ରାଜସ୍ୱ ଦ୍ୱାରା କେନ୍ଦ୍ରୀୟ ରାଜକୋଷ ବୃଦ୍ଧି ହେଉଥିଲା । ଏହି ପ୍ରଦେଶଗୁଡ଼ିକ ମୁଖ୍ୟତଃ ଗଭର୍ଣ୍ଣରମାନଙ୍କ ଅଧୀନରେ ରହିଥିଲା । ସେମାନେ ଏହି ଅଞ୍ଚଳର ଶାସନ ଦାୟିତ୍ୱରେ ରହିଥିଲେ । ସେମାନଙ୍କର ମୁଖ୍ୟକାର୍ଯ୍ୟଥିଲା ରାଜସ୍ୱ ଆଦାୟ ପାଇଁ ଉତ୍ସାହିତ କରିବା, ଆଇନ୍ ଶୃଙ୍ଖଳା ରକ୍ଷା କରିବା ଏବଂ ବିଦ୍ରୋହୀମାନଙ୍କୁ ନିୟନ୍ତ୍ରଣ ମଧରେ ରଖିବା । ସେ ସୁଲତାନ୍‌ଙ୍କ ଅଧସ୍ତନ କର୍ମଚାରୀ ରୂପେ ସେହି ଅଞ୍ଚଳରେ କାର୍ଯ୍ୟ କରୁଥିଲେ ଯେହେତୁ ଏହି ଅଧିକାରୀମାନେ ବାରମ୍ବାର ସ୍ଥାନାନ୍ତରୀତ ହେଉଥିଲେ । ସେମାନେ ଆଞ୍ଚଳିକ ଅଧିବାସୀମାନଙ୍କ ସହିତ ସଂପର୍କ ରକ୍ଷା କରିବା ସମ୍ଭବ ନଥିଲା । ତେଣୁ ରାଜସ୍ୱ ଆଦାୟ ପାଇଁ ସେମାନେ ଆଞ୍ଚଳିକ କର୍ମଚାରୀମାନଙ୍କ ଉପରେ ନିର୍ଭର କରୁଥିଲେ । ଆଞ୍ଚଳିକ କର୍ମଚାରୀଙ୍କ ସହାୟତା ବିନା ରାଜସ୍ୱ ଆଦାୟ କରିବା ସମ୍ଭବ ନଥିଲା । ତେଣୁ ଗଭର୍ଣ୍ଣର ଏବଂ ଆଞ୍ଚଳିକ କର୍ମଚାରୀମାନେ ସେମାନଙ୍କ ମଧରେ ସୁସଂପର୍କ ରଖି କାର୍ଯ୍ୟ ନିର୍ବାହ କରୁଥିଲେ । ବେଳେବେଳେ ଏହି ମିଳିତ କାର୍ଯ୍ୟକ୍ରମ ସୁଲତାନ୍‌ଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିଲେ । କାରଣ ଗଭର୍ଣ୍ଣରମାନେ ଆଞ୍ଚଳିକ ଅଧିକାରୀମାନଙ୍କ ସାହାଯ୍ୟରେ ଶକ୍ତିଶାଳୀ ହୋଇ ସୁଲତାନ୍‌ଙ୍କ ବିରୋଧରେ ବିଦ୍ରୋହ କରୁଥିଲେ । ଶାସନଗତ ସୁବିଧା ପାଇଁ ପ୍ରଦେଶଗୁଡ଼ିକୁ ଚର୍ତୁଦ୍ଦଶ ଶତାବ୍ଦୀରେ କେତେକ 'ଶିକ୍' (Shiqs)ରେ ବିଭକ୍ତ କରାଗଲା । ଏହି ଶିକ୍‌ର ଶାସନଭାର ଶିକ୍‌ଦାରମାନଙ୍କ ଉପରେ ନ୍ୟସ୍ତ କରାଗଲା । ଆଫଗାନ ରାଜତ୍ୱ ସମୟରେ ଶିକ୍‌ଗୁଡ଼ିକ 'ସରକାର'କୁ ରୂପାନ୍ତରୀତ ହେଲା । ଶିକ୍‌ଦାରଙ୍କ ବ୍ୟତୀତ ପ୍ରାଦେଶିକ ସ୍ତରରେ ଫୌଜଦାର ନମକ ଅନ୍ୟତଣେ ଅଧିକାରୀ କାର୍ଯ୍ୟ କଲେ । ସେମାନଙ୍କର ଦାୟିତ୍ୱ ସଂପର୍କରେ ସଠିକ୍ ଭାବେ ଜାଣିହୁଏ ନାହିଁ । ଶିକ୍‌ଦାରମାନେ ଆଇନ ଶୃଙ୍ଖଳା ରକ୍ଷାପାଇଁ ଗଭର୍ଣ୍ଣରଙ୍କୁ ସାମରିକ ସହାୟତା ଯୋଗାଇଥାନ୍ତି । ତାଙ୍କ ଅଧୀନରେ ଥିବା ଛୋଟ ପ୍ରଶାସନିକ ସଂଗଠନର ପରିଚାଳନା ସେ କରନ୍ତି । ଫୌଜଦାରମାନଙ୍କର ଦାୟିତ୍ୱ ଶିକ୍‌ଦାରମାନଙ୍କ ଦାୟିତ୍ୱରେ ଅନୁରୂପ ଥିଲା । ଫୌଜଦାରଙ୍କ ଅଧୀନ କଟ୍‌ୱାଲମାନେ କାର୍ଯ୍ୟ କରୁଥିଲେ ।

ଅନ୍ୟାନ୍ୟ ପ୍ରଧାନ ପ୍ରାଦେଶିକ ଅଧିକାରୀ ବରିଦ୍, ସାହିବ୍-ଇ-ଦିୱାନ୍ ପ୍ରଭୃତି । ବରିଦ୍ ଗୁପ୍ତଚର ବିଭାଗ ପରିଚାଳନା ତଥା ସମ୍ବାଦ ପ୍ରେରଣ ଦାୟିତ୍ୱ ନିର୍ବାହ କରୁଥିଲେ । ସାହିବ୍-ଇ-ଦିୱାନ୍ ପ୍ରଦେଶର ଆୟବ୍ୟୟ ହିସାବ ରଖୁଥିଲେ ।

## 12.5 IQTA SYSTEM - ଇକ୍‌ତା ବ୍ୟବସ୍ଥା

ପ୍ରାକ୍ ଇସଲାମ୍ ଜଗତରେ ଇକ୍‌ତା ପ୍ରଥା ବଳବତ୍ତର ରହିଥିଲା । ରାଷ୍ଟ୍ରୀୟ ସେବା ପାଇଁ ଏହାକୁ ପୁରସ୍କାର ଭାବେ ପ୍ରଦାନ କରାଯାଉଥିଲା । ଖଲିଫା ଶାସନ ସମୟରେ ଏହା ସାଧାରଣ ଅଧିକାରୀ ଓ ସାମରିକ ଅଧିକାରୀମାନଙ୍କୁ ପ୍ରଦାନ କରାଯାଉଥିଲା । ସୁଲତାନୀ ଶାସନ ପ୍ରତିଷ୍ଠା ହେଲାପରେ ଇକ୍‌ତା ବ୍ୟବସ୍ଥା ସୁଲତାନ୍‌ମାନଙ୍କ ଦ୍ୱାରା ପ୍ରଚଳିତ ହେଲା । ସାମରିକ ସେନାଧକ୍ଷ ଏବଂ ସାମନ୍ତମାନଙ୍କୁ କେତେକ ଅଞ୍ଚଳରେ ଶାସନଦାୟିତ୍ୱ ଏବଂ ରାଜସ୍ୱ ଆଦାୟ ଦାୟୀତ୍ୱ ଅର୍ପଣ କରାଗଲା । ଏହି ପ୍ରଦତ୍ତ ଅଞ୍ଚଳକୁ ଇକ୍‌ତା କୁହାଗଲା ଏବଂ ସେଠାକାର ଶାସନକର୍ତ୍ତାଙ୍କୁ ଇକ୍‌ତାଦାର ବା ମୁକ୍‌ତି କୁହାଗଲା ।

ଏହି ବ୍ୟବସ୍ଥା ପ୍ରଚଳନ କରି ଅଧିକାରୀ ଓ ସୈନ୍ୟବାହିନୀକୁ ବେତନ ପ୍ରଦାନ କରାଯାଉଥିଲା । କ୍ରମଶଃ ସଂପୂର୍ଣ୍ଣ ବ୍ୟବସ୍ଥାକୁ ସଂଗଠିତ କରିବା ପାଇଁ ଆଇନ୍ କାନୁନ୍ ତିଆରି କରାଗଲା । ଦୀର୍ଘଦିନ ଧରି ଶାସନ ଚଳାଇବା ପାଇଁ ଏହା ଏକ ପ୍ରଧାନ ମାଧମରୂପେ କାର୍ଯ୍ୟକଲା । ପୁନଶ୍ଚ ଏହି ବ୍ୟବସ୍ଥା ଦ୍ୱାରା ସୁଲତାନ୍ କେତେକ ଅଞ୍ଚଳରୁ ବଳକା ଉତ୍ପାଦିତ ଦ୍ରବ୍ୟ ପାଇପାରୁଥିଲେ ।

ଚତୁର୍ଦ୍ଦଶ ଶତାବ୍ଦୀଠାରୁ ଆମେ ଶୁଣି ଆସିଛୁ ଯେ ଓ୍ୱାଲିସ୍ ଏବଂ ମୁକ୍‌ତିସ୍‌ମାନେ ସେନାଧକ୍ଷରୂପେ ସାମରିକ ଓ ଶାସନଗତ ଶାସନ ଦାୟିତ୍ୱ ଇକ୍‌ତାରେ ଚଳାଇଥିଲେ । ସେମାନଙ୍କର ସଠିକ୍ କ୍ଷମତାର ତାରତମ୍ୟ, ପରିସ୍ଥିତି ଅନୁସାରେ ପରିବର୍ତ୍ତିତ ହେଉଥିଲା । ଏହିପରି ଭାବେ ସମୟକ୍ରମେ ମୁକ୍‌ତିକୁ



ଟିପ୍ପଣି

ଇକ୍ତାର ଶାସନଭାର ସଂପୂର୍ଣ୍ଣରୂପେ ପ୍ରଦାନ କରାଗଲା । ଏଥି ସହିତ ସୈନ୍ୟବାହିନୀର ପରିଚାଳନା ଦାୟୀତ୍ୱ ମଧ ତାଙ୍କ ଉପରେ ନ୍ୟସ୍ତ କରାଗଲା । ଆବଶ୍ୟକ ସମୟରେ ମୁକ୍ତି ସୁଲତାନ୍‌ଙ୍କୁ ସାମରିକ ସହାୟତା ପ୍ରଦାନ କରୁଥିଲେ । ଇକ୍ତାରୁ ଆଦାୟ ରାଜସ୍ୱରେ ସୈନ୍ୟବହିନୀକୁ ବେତନ ପ୍ରଦାନ ସଂଗେ ସଂଗେ ନିଜ ଖର୍ଚ୍ଚ ମଧ ତୁଲାଉଥିଲେ । ବଳବାନ୍‌ଙ୍କ ରାଜତ୍ୱରେ ମୁକ୍ତି ଉପରୋକ୍ତ ଖର୍ଚ୍ଚପରେ ବଳକା ଆୟ (ଫାୱାଜିଲ୍)କୁ କେନ୍ଦ୍ରରେ ନେଇ ପୈଠ କରୁଥିଲେ । ଏଥିରୁ ବୁଝାପଡ଼େ ଯେ କେନ୍ଦ୍ର ରାଜସ୍ୱ ବିଭାଗ ଇକ୍ତା ଆୟ ଓ ବ୍ୟୟ ବିଷୟରେ ଆଗରୁ ଆକଳନ କରିଥିଲା । ଆଲଉଦ୍ଦିନ୍ ଖିଲିଜୀଙ୍କ ସମୟରେ ଏହି ବ୍ୟବସ୍ଥା ଆହୁରି କଡ଼ାକଡ଼ି ଭାବେ ପାଳନ କରାଯାଇଥିଲା । କେନ୍ଦ୍ରୀୟ ନିୟନ୍ତ୍ରଣରେ ବୃଦ୍ଧି ଘଟିଲେ ମୁକ୍ତିଙ୍କ ଶାସନରେ ବୃଦ୍ଧି ଘଟୁଥିଲା । ଇକ୍ତାର ଆୟ ହିସାବ ରଖିବା ପାଇଁ 'ଖ୍ୱାଜା' ନାମକ ଅଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା । ସେ ସାହିବ୍-ଇ-ଦିୱାନ୍‌ଙ୍କ ପରି କାର୍ଯ୍ୟକରୁଥିଲେ । ଏହି ରେକର୍ଡ଼କୁ ଆଧାର କରି ସୁଲତାନ୍ ରାଜସ୍ୱ ଆଦାୟ ପାଇଁ ବ୍ୟବସ୍ଥା କରୁଥିଲେ । ବରିଦ ବା ଜଣେ ଗୁପ୍ତଚର ଅଧିକାରୀଙ୍କୁ ଏଠାରେ ନିଯୁକ୍ତ କରାଯାଇଥିଲା । ସେ ସମସ୍ତ ଖବର ସୁଲତାନ୍‌ଙ୍କ ନିକଟରେ ପହଂଚଉଥିଲେ । ମହମ୍ମଦ-ବିନ୍-ତୋଗଲକଙ୍କ ରାଜତ୍ୱରେ ଗଭର୍ଣ୍ଣରମାନେ ଏକ ନିର୍ଦ୍ଦିଷ୍ଟ ପରିମାଣର ରାଜସ୍ୱ ରାଜ୍ୟକୁ ପ୍ରଦାନ କରୁଥିଲେ । ଫିରୋଜ ଶାହା ତୋଗଲକଙ୍କ ସମୟରେ ଇକ୍ତା ବ୍ୟବସ୍ଥା ବଂଶାନୁକ୍ରମିକ ହୋଇଗଲା ଏବଂ ଇକ୍ତା ଉପରେ ରାଜ୍ୟ ଶାସନର ନିୟନ୍ତ୍ରଣ ହ୍ରାସ ପାଇଲା ।

## 12.6. LOCAL ADMINISTRATION- ଆଞ୍ଚଳିକ ଶାସନ

ସୁଲତାନୀ ଶାସନର ସର୍ବକନିଷ୍ଠ ପ୍ରଶାସନିକ ଅଙ୍ଗ ଥିଲା ଗ୍ରାମ । ପ୍ରାକ୍ ତୁର୍କ ଶାସନ ସମୟରେ ଗ୍ରାମର ଶାସନ ଯେପରି ପ୍ରଚଳିତ ଥିଲା, ଏବେ ମଧ ଅଳ୍ପ ବହୁତ ପ୍ରାୟ ସମାନଭାବେ ଚାଲିଲା । ଗ୍ରାମ୍‌ର ମୁଖ୍ୟ ଅଧିକାରୀମାନେ ହେଲେ ଖୁତ୍, ମୁକଦ୍ଦମ୍ ଏବଂ ପଟୱାରୀ । ସେମାନେ ମୁକ୍ତି ସହିତ ନିବିଡ଼ ସହଯୋଗ ରକ୍ଷାକରି ରାଜସ୍ୱ ଆଦାୟ କରିବା ସଂଗେ ସଂଗେ ଆଇନ୍ ଓ ଶୃଙ୍ଖଳା ରକ୍ଷା କରିବା ପାଇଁ ଉଦ୍ୟମ କରୁଥିଲେ । କେତେ ଗୁଡ଼ିଏ ଗ୍ରାମର ସମଷ୍ଟିରେ ଗୋଟିଏ ପରଗଣା ଗଠିତ ହୋଇଥିଲା । ପରଗଣାର ପ୍ରଧାନ କର୍ମଚାରୀମାନେ ଥିଲେ ଚଉଧୁରୀ, ଅମିଲ୍ ଏବଂ କର୍‌କୁନ୍ । ଆମିଲ୍ ରାଜସ୍ୱ ଆଦାୟ କରୁଥିଲାବେଳେ କରକୁନ୍ ଏହାର ହିସାବ ରଖୁଥିଲେ । ଗ୍ରାମ ଏବଂ ପରଗଣା ଶାସନ ବ୍ୟବସ୍ଥାର ସ୍ୱାଧୀନ ଅଙ୍ଗଥିଲେ ଏବଂ ସେଠାରେ ଅନ୍ତର୍ଭୁକ୍ତ ଅଞ୍ଚଳମାନ ରହିଥିଲା । କେତେକ କ୍ଷେତ୍ରରେ ପ୍ରଦେଶରେ ଜଣେ ଆଞ୍ଚଳିକ ଶାସକ ଶସନ କରୁଥିଲେ । ସେମାନଙ୍କୁ ରାୟ, ରାଣା, ରାବତ୍, ରାଜା, ଇତ୍ୟାଦି କୁହାଯାଉଥିଲା । ସେମାନେ ଗଭର୍ଣ୍ଣରମାନଙ୍କୁ ଶାସନକାର୍ଯ୍ୟରେ ସାହାଯ୍ୟ କରୁଥିଲେ । ଏହି ସବୁକ୍ଷେତ୍ରରେ ଆଞ୍ଚଳିକ ଶାସକମାନେ ସୁଲତାନ୍‌ଙ୍କ ଅଧସ୍ତନ ଅଧିକାରୀ ରୂପେ କାର୍ଯ୍ୟ କରୁଥିଲେ ।

## INTEXT QUESTIONS 12.3 - ପ୍ରତ୍ୟାଶିତ ପ୍ରଶ୍ନ

୧. ପରଗଣାସ୍ତରରେ ତିନିଜଣ ଅଧିକାରୀଙ୍କ ନାମ ଲେଖ ?

_______________________________________

୨. ସୁଲତାନୀ ରାଜତ୍ୱ ସମୟରେ କେତେକ ପ୍ରଶାସନିକ ଅଙ୍ଗର ନାମ ଲେଖ ?

_______________________________________

୩. ଗ୍ରାମ୍ୟ ଶାସନରେ ଅଳ୍ପକେତେକ ଅଧିକାରୀଙ୍କ ନାମ ଲେଖ ?

_______________________________________

୪. ଫାୱାଜିଲ୍ କ'ଣ ଥିଲା ?

_______________________________________

## 12.7 MARKET REFORMS OF ALLAUNDIN KHILJI
## ଆଲାଉଦ୍ଦିନ୍ ଖିଲ୍‌ଜୀଙ୍କ ବଜାର ନିୟନ୍ତ୍ରଣ ନୀତି

ରାଜ୍ୟ ଶାସନ ତଥା ସାମରିକ ଶାସନର ଆବଶ୍ୟକତାକୁ ଆଖି ଆଗରେ ରଖି ଆଲାଉଦ୍ଦୀନ୍ ଖିଲ୍‌ଜୀ ବଜାର ନିୟନ୍ତ୍ରଣ ନୀତି ପ୍ରଣୟନ କରିଥିଲେ । ମଧ୍ୟଯୁଗୀୟ ଶାସକମାନେ ସୁବିଧା ଦରରେ ସହରମାନଙ୍କରେ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ ମିଳୁ ବୋଲି ଚାହୁଁଥିଲେ । କିନ୍ତୁ କେତେକ ଶାସକ ଏହି ଦ୍ରବ୍ୟ ଗୁଡ଼ିକର ମୂଲ୍ୟ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥିଲେ । ଆଲାଉଦ୍ଦିନ ଖିଲ୍‌ଜୀ ଥିଲେ ପ୍ରଥମ ସୁଲତାନ୍ ଯେକି ବଜାରର ସମସ୍ୟା ଉପରେ ଦୃଷ୍ଟିପାତ କରିଥିଲେ । ସେ ବହୁଦିନ ପର୍ଯ୍ୟନ୍ତ ଏକ ସୁଚିନ୍ତିତ ବଜାର ନିୟନ୍ତ୍ରଣ ନୀତି ପ୍ରଣୟନ କରି ଏହାକୁ ଚଳାଇବାପାଇଁ ସମର୍ଥ ହୋଇଥିଲେ । ମଙ୍ଗୋଲମାନଙ୍କର ଦିଲ୍ଲୀ ଅଧିକାର ପରେ ଆଲାଉଦ୍ଦିନ୍ ଦେଶରେ ଏକ ବିଶାଳ ସୈନ୍ୟ ବାହିନୀ ଗଠନ କରିବା ଏବଂ ପରିଚାଳନା କରିବାର ଆବଶ୍ୟକତାକୁ ଆଖି ଆଗରେ ରଖି ଏହି ନୀତି ପ୍ରଣୟନ କରିଥିଲେ । ଯଦି ଦ୍ରବ୍ୟଗୁଡ଼ିକର ମୂଲ୍ୟ ହ୍ରାସ କରି ଦିଆଯାଏ, ତେବେ ସ୍ୱଳ୍ପ ବେତନ ଦ୍ୱାରା ଏକ ବିଶାଳ ସୈନ୍ୟ ବାହିନୀ ଗଠନ ତଥା ପରିଚାଳନା କରାଯାଇପାରିବ ବୋଲି ତାଙ୍କର ଧାରଣା ଥିଲା । ଆଲାଉଦ୍ଦୀନଙ୍କ ପ୍ରଣୀତ ବଜାର ନିୟନ୍ତ୍ରଣ ନୀତିର ସଫଳ ପ୍ରୟୋଗ ପାଇଁ ପ୍ରଶାସନିକ ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।

ଆଲାଉଦ୍ଦୀନ୍ ଖାଦ୍ୟସାମଗ୍ରି, ଲୁଗା, କ୍ରିତଦାସ, ଗୋରୁଗାଈ ଠାରୁ ଆରମ୍ଭ କରି ସମସ୍ତ ଦ୍ରବ୍ୟର ମୂଲ୍ୟ ନିଜେ ନିର୍ଦ୍ଧାରଣ କରିଥିଲେ । ସେ ଦିଲ୍ଲୀରେ ତିନିଗୋଟି ବଜାର ପ୍ରତିଷ୍ଠା କରିଥିଲେ । ପ୍ରଥମ ବଜାରରେ ଖାଦ୍ୟପଦାର୍ଥ ମିଳୁଥିଲାବେଳେ ଦ୍ୱିତୀୟ ବଜାରରେ ସମସ୍ତ ପ୍ରକାର ଲୁଗାପଟା, ଚିନି, ଘିଅ, ତେଲ, କଞ୍ଚାପରିବା ଇତ୍ୟାଦି ମିଳୁଥିଲା । ତୃତୀୟ ବଜାରରେ ସେହିପରି ଘୋଡ଼ା, କ୍ରିତଦାସ ଏବଂ ଗୋରୁଗାଈ ବିକ୍ରି କରାଯାଉଥିଲା । ଖାଦ୍ୟ ପଦାର୍ଥର ମୂଲ୍ୟ ଉପରେ ନିୟନ୍ତ୍ରଣ ରକ୍ଷା କରିବା ପାଇଁ ଗ୍ରାମାଞ୍ଚଳରୁ ସହରକୁ ଶସ୍ୟ ବଣିକଙ୍କ ଦ୍ୱାରା କିପରି ଠିକ୍ ଭାବରେ ଯୋଗାଣ ହୋଇପାରିବ ସେଥିପ୍ରତି ସରକାର ଦୃଷ୍ଟି ଦେଉଥିଲେ । ଏଥି ସହିତ ନାଗରିକମାନଙ୍କ ମଧ୍ୟରେ ସୁସମ ବଣ୍ଟନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସୁଲତାନଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟରେ ଦ୍ରବ୍ୟଗୁଡ଼ିକ ବିକ୍ରି ହେଉଛି କି ନାହିଁ ସେଥିପ୍ରତି ଲକ୍ଷ୍ୟରଖିବାକୁ ସୁଲତାନ ଅନେକ ପଦକ୍ଷେପ ନେଇଥିଲେ । ଏହି ପଦକ୍ଷେପ ଗୁଡ଼ିକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସୁଲତାନ ସେହେନା (Shehna) ନାମକ ଏକ ବଜାର ନିରକ୍ଷକ ନିଯୁକ୍ତ କରିଥିଲେ । ତାଙ୍କର ମୁଖ୍ୟ କାର୍ଯ୍ୟ ଥିଲା ରାଜକୀୟ ଆଦେଶ ଯେପରି ଉଲ୍ଲଙ୍ଘନ ନହୁଏ, ସେଥିପ୍ରତି ଦୃଷ୍ଟିଦେବା । ବରିଦ୍ ଏବଂ ମୁନ୍‌ହିୟାନ ନାମକ ଗୁପ୍ତଚର ମାନଙ୍କୁ ମଧ୍ୟ ଏଥିପାଇଁ ନିଯୁକ୍ତି ଦିଆଯାଇଥିଲା । ଆଲାଉଦ୍ଦୀନ୍ ମଧ୍ୟ ରାଜ୍ୟଭଣ୍ଡାରରେ କିପରି ଖାଦ୍ୟଶସ୍ୟ ମହଜୁଦ୍ ରଖାଯାଇପାରିବ, ସେଥିପାଇଁ ଚେଷ୍ଟା କରିଥିଲେ । ଫଳରେ ଶସ୍ୟ ବ୍ୟବସାୟୀମାନେ କୃତ୍ରିମ ଅଭାବ ସୃଷ୍ଟି କରିବାରେ ସଫଳ ହୋଇପାରିବେ ନାହିଁ । ଦିଲ୍ଲୀ ଏବଂ ରାଜସ୍ଥାନର ଛେନ ଠାରେ ଶସ୍ୟଭଣ୍ଡାରଗୁଡ଼ିକ ସ୍ଥାପିତ ହେଲା । ବନଜାରା ବା କାରବାନିଆନ୍ ମାନେ, ଯେଉଁ ଗ୍ରାମାଞ୍ଚଳରୁ ସହରକୁ ଶସ୍ୟ ପରିବହନ କରୁଥିଲେ, ସେମାନଙ୍କୁ ଏକ ସଂଘ ପ୍ରତିଷ୍ଠା କରିବା ପାଇଁ ଆଦେଶ ଦିଆଗଲା । ସେମାନେ ପରିବାର ସହ ଯମୁନା ନଦୀ କୂଳରେ ସ୍ଥାୟୀ ବସତି ସ୍ଥାପନ କରି ରହିଲେ । ସେମାନଙ୍କ ଉପରେ ଦୃଷ୍ଟି ରଖିବା ପାଇଁ ଜଣେ ସେହେନାଙ୍କୁ ସେଠାରେ ନିଯୁକ୍ତି ଦିଆଗଲା । ସେମାନଙ୍କୁ ନିୟମିତ ଶସ୍ୟଦେବା ପାଇଁ କେତେଗୁଡ଼ିଏ ନିୟମ ପ୍ରଣୟନ କରାଗଲା । ସମସ୍ତ ଖାଦ୍ୟ ବଜାରକୁ ଅଣାଗଲା ଏବଂ ସରକାରୀ ଦରରେ ବିକ୍ରିକରାଗଲା ।

ଦ୍ୱିତୀୟ ବଜାର ଯେଉଁଠାରେ ଲୁଗାପଟା, କଞ୍ଚାପରିବା ଏବଂ ଘିଅ ଇତ୍ୟାଦି ମିଳୁଥିଲା, ତାକୁ କୁହାଗଲା ସରାଇ-ଇ-ଆଦିଲ୍ । ଦେଶର ବିଭିନ୍ନ ପ୍ରାନ୍ତରୁ ଏବଂ ବାହାର ଦେଶରୁ ଲୁଗାପଟା ଗୁଡ଼ିକ ଏହି ବଜାରରେ ଗଚ୍ଛିତ ହେଉଥିଲା ଏବଂ ସରକାରୀ ଦରରେ ବିକ୍ରି ହେଉଥିଲା । ଏହି ସବୁଜିନିଷ ଗୁଡ଼ିକ ଆବଶ୍ୟକ ପରିମାଣରେ ଯୋଗାଣ ପାଇଁ ପ୍ରତ୍ୟେକ ଲୁଗା ବ୍ୟବସାୟୀ ସେମାନଙ୍କର ପଞ୍ଜିକରଣ କରିଥିଲେ ଏବଂ ସେମାନେ ଧାର୍ଯ୍ୟ ପରମାଣର ଦ୍ରବ୍ୟ ପ୍ରତିବର୍ଷ ସରାଇ-ଇ-ଆଦିଲରେ ପହଂଚାଇବା

ପାଇଁ ଏକ ଚୁକ୍ତି ସ୍ୱାକ୍ଷର କରିଥିଲେ । ଯେଉଁ ବଣିକମାନେ ବହୁଦୂର ସ୍ଥାନରୁ କିମ୍ବା ବିଦେଶରୁ ଦ୍ରବ୍ୟ ଆମଦାନୀ କରୁଥିଲେ ସେମାନଙ୍କୁ ସର୍ତ୍ତମୂଳକ ଅଗ୍ରିମ ଟଙ୍କା ଦିଆଯାଉଥିଲା । ସର୍ତ୍ତଥିଲା ଯେ ସେମାନେ ଆଉ କାହାକୁ ଆମଦାନୀ ଦ୍ରବ୍ୟକୁ ବିକ୍ରି କରିବେ ନାହିଁ । ମୂଲ୍ୟବାନ ଦ୍ରବ୍ୟ ପାଇଁ ଜଣେ ଅଧିକାରୀ ଅମୀର ଓ ମାଲିକ୍ ମାନଙ୍କୁ ଆଜ୍ଞାପତ୍ର ପ୍ରଦାନ କରୁଥିଲେ । ଏହି ଦ୍ରବ୍ୟର କ୍ରୟ ପାଇଁ ସେମାନଙ୍କର ଆଦାୟକୁ ଭିତ୍ତିକରି ପରିମିଟ୍ ଦିଆଯାଉଥିଲେ । ଏହି ପ୍ରକାର କ୍ରୟବିକ୍ରୟ ପାଇଁ କଳାଟଙ୍କାକୁ ପ୍ରତିରୋଧ କରିବା ପାଇଁ କରାଯାଇଥିଲା ।

ତୃତୀୟ ବଜାରଟି ଅଶ୍ୱ, ଗୋରୁଗାଈ ଏବଂ କ୍ରିତଦାସମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଅଳ୍ପଦାମ୍‌ରେ ଭଲଗୁଣ ବିଶିଷ୍ଟ ଅଶ୍ୱଯୋଗାଣ ସୈନ୍ୟବାହିନୀ ପାଇଁ ଅପରିହାର୍ଯ୍ୟ ଥିଲା । ତେଣୁ ଆଲ୍ଲାଉଦ୍ଦୀନ ଶକ୍ତିଶାଳୀ ଦଲାଲ୍ ଗୋଷ୍ଠୀଙ୍କୁ ଉପେକ୍ଷା କରିଥିଲେ । ଏହା ସ୍ଥିରହେଲା ଯେ ସରକାର ଅଶ୍ୱମାନଙ୍କର ଗୁଣ ଏବଂ ଦର ନିର୍ଦ୍ଧାରଣ କରିବେ । ସେହିପରି କ୍ରିତଦାସ ବାଳକ ଓ ବାଳିକା ତଥା ଗୋରୁଗାଈଙ୍କର ଦର ନିର୍ଦ୍ଧାରିତ ହେଲା । କିନ୍ତୁ ଏହି ସଂସ୍କାର ଦୀର୍ଘଦିନ ସ୍ଥାୟୀ ହୋଇ ରହିନଥିଲା । ଆଲାଉଦ୍ଦୀନ୍‌ଙ୍କ ମୃତ୍ୟୁପରେ ଏହି ବ୍ୟବସ୍ଥାର ଅବସାନ ହୋଇଥିଲା ।

## INTEXT QUESTIONS 12.4 - ପ୍ରତ୍ୟାଶିତ ପ୍ରଶ୍ନ

1. କେଉଁ ଅଧିକାରୀ ବଜାରନୀତିକୁ ନିୟନ୍ତ୍ରଣ କରୁଥିଲେ ?

   ______________________________

2. ଆଲାଉଦ୍ଦୀନ୍ ଖିଲିଜୀ କେଉଁ କେଉଁ ସ୍ଥାନରେ ଶସ୍ୟାଗାରମାନ ପ୍ରତିଷ୍ଠା କରିଥିଲେ ?

   ______________________________

3. ବନଜାରାମାନେ କିଏ ଥିଲେ ?

   ______________________________

## 12.8. ADMINISTRATIVE STRUCTURE UNDER THE MUGHALS
## ମୋଗଲ ଶାସନର ଗଠନ ପ୍ରଣାଳୀ

ମୋଗଲମାନେ ଶାସନ କ୍ଷେତ୍ରରେ ସୁଲତାନୀ ଶାସନ ବ୍ୟବସ୍ଥା ଏବଂ ଶେରଶାହାଙ୍କ ଶାସନ ପ୍ରଣାଳୀକୁ ଅନୁକରଣ କରିଥିଲେ । ଶେର ଶାହାଙ୍କ ଶାସନ ବ୍ୟବସ୍ଥାରେ ରାଜ୍ୟକୁ କେତୋଟି ଭାଗରେ ବିଭକ୍ତ କରାଯାଇଥିଲା । କେତେଗୁଡ଼ିଏ ଗ୍ରାମକୁ ନେଇ ପରଗଣା ଏବଂ କେତେକ ପରଗଣାକୁ ନେଇ ଗୋଟିଏ ସରକାର ଏବଂ କେତେକ ସରକାରକୁ ନେଇ ଗୋଟିଏ ସୁବା ବା ପ୍ରଦେଶ ଗଠିତ ହୋଇଥିଲା । ପ୍ରତ୍ୟେକ ବିଭାଗ ଜଣେ ଜଣେ ଅଧିକାରୀଙ୍କ ଅଧୀନରେ ଶାସିତ ହେଉଥିଲା । ମୋଗଲମାନେ ନୂତନ ଆଞ୍ଚଳିକ ପ୍ରଶାସନିକ କ୍ଷେତ୍ର ଗଠନ କରି ଏହାକୁ ସୁବା ନାମରେ ନାମିତ କଲେ । ଜାଗିର ପ୍ରଥା ଏବଂ ମନସବ୍ ପ୍ରଥା ପରି ନୂତନ ବ୍ୟବସ୍ଥା ପ୍ରଣୟନ କଲେ । କେତେକ କ୍ଷେତ୍ରରେ ପରିବର୍ତ୍ତନ ଏବଂ କେତେକ କ୍ଷେତ୍ରରେ ପ୍ରଚଳିତ ଶାସନ ବ୍ୟବସ୍ଥାର ପୁନଃ ପ୍ରଚଳନ କରାଯାଇ ଥିଲା । ମୋଗଲ ଶାସନ ଗଠନ ପ୍ରଣାଳୀର ଏହା ଏକ ବଡ଼ ବିଶେଷତ୍ୱ ଥିଲା । ଏହି ଶାସନ ପ୍ରଣାଳୀ ଦ୍ୱାରା କେନ୍ଦ୍ରସରକାର ବହୁତ ଶକ୍ତିଶାଳୀ ହୋଇଥିଲା ।

### 12.8.1. CENTRAL ADMINISTRATION - କେନ୍ଦ୍ରୀୟ ଶାସନ

***(i) ସମ୍ରାଟ୍ :*** ମୋଗଲ ସମ୍ରାଟ୍ ଥିଲେ ସର୍ବୋଚ୍ଚ ଶାସନ କର୍ତ୍ତା ଏବଂ ତାଙ୍କ ନିକଟରେ ସର୍ବୋଚ୍ଚ ସାମରିକ ଓ ନ୍ୟାୟିକ କ୍ଷମତା ରହିଥିଲା । ମୋଗଲ ଶାସନ ବ୍ୟବସ୍ଥାରେ କାର୍ଯ୍ୟରତ ସମସ୍ତ ପଦାଧିକାରୀ ସମ୍ରାଟଙ୍କଦ୍ୱାରା ନିଯୁକ୍ତ ହେଉଥିଲେ, ପଦୋନ୍ନତି ପାଉଥିଲେ ଆବଶ୍ୟକ ସ୍ଥଳେ ଚାକିରୀରୁ ବହିଷ୍କୃତ ହେଉଥିଲେ । ସମ୍ରାଟଙ୍କ କ୍ଷମତାକୁ ନିୟନ୍ତ୍ରଣ କରିବାକୁ କୌଣସି ଅନୁଷ୍ଠାନ ନଥିଲା । ସାମ୍ରାଜ୍ୟର ଶାସନ ସୁରୁଖୁରୁରେ ଚାଲିବା ପାଇଁ ଅଳ୍ପକେତୋଟି ବିଭାଗ ସୃଷ୍ଟି ହୋଇଥିଲା ।

***(ii)* ଓ୍ୱକିଲ ଏବଂ ଓ୍ୱାଜିର :** ଦିଲ୍ଲୀ ସୁଲତାନୀ ଶାସନ ବ୍ୟବସ୍ଥାରେ ଓ୍ୱିଜାରତ ବିଭାଗ କାର୍ଯ୍ୟ କରୁଥିଲେ । କିନ୍ତୁ ଆଫଗାନ୍ ସୁଲତାନମାନଙ୍କ ଶାସନ ସମୟରେ ଓ୍ୱାଜିରମାନଙ୍କ କ୍ଷମତା ହ୍ରାସ ହୋଇଥିଲା । କିନ୍ତୁ ମୋଗଲ ଶାସନ ସମୟରେ ଓ୍ୱାଜିରମାନେ ସେମାନଙ୍କର କ୍ଷମତା ପୁନଃ ଫେରିପାଇଲେ । ବାବର ଏବଂ ହୁମାୟୁନଙ୍କ ଓ୍ୱାଜିରମାନେ ପ୍ରଭୃତ କ୍ଷମତା ଉପଭୋଗ କରିଥିଲେ । ୧୫୫୬ ଖ୍ରୀଷ୍ଟାବ୍ଦରୁ ୧୫୬୦ ପର୍ଯ୍ୟନ୍ତ ବୈରାମ ଖାଁ ଆକବରଙ୍କର ରାଜପ୍ରତିନିଧି ରୂପେ କାର୍ଯ୍ୟ କରୁଥିଲେ । ସେହି ସମୟ ମଧ୍ୟରେ ଓ୍ୱକିଲ-ଓ୍ୱାଜିର ମାନଙ୍କର ଉତ୍‌ଥାନ ହୋଇଥିଲା ଏବଂ ସେମାନେ ଅସୀମ କ୍ଷମତାର ଅଧିକାରୀ ହୋଇଥିଲେ । ଆକବର ଦୃଢ଼ତା ସହିତ ଓ୍ୱାରଜିରଙ୍କ କ୍ଷମତାକୁ କ୍ଷୁର୍ଣ୍ଣ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ତାଙ୍କଠାରୁ ଆର୍ଥିକ କ୍ଷମତାକୁ ଛଡ଼ାଇ ଆଣିଥିଲେ । ଏହା ଓ୍ୟାଜିରଙ୍କ କ୍ଷମତାକୁ ଶକ୍ତ ଧକ୍‌କା ଦେଇଥିଲା ।

***(iii)* ଦିଓ୍ୱାନ-ଇ-କୁଲ :** ଦିଓ୍ୱାନ-ଇ-କୁଲ ଥିଲେ ମୁଖ୍ୟ ଦିଓ୍ୱାନ । ରାଜସ୍ୱ ବିଭାଗ ଏବଂ ଅର୍ଥ ବିଭାଗ ତାଙ୍କ ଦାୟିତ୍ୱରେ ପରିଚାଳିତ ହେଉଥିଲା । ଆକବର ରାଜସ୍ୱ କ୍ଷମତା ପ୍ରଦାନ କରି ଦିଓ୍ୱାନଙ୍କ କାର୍ଯ୍ୟାଳୟକୁ ଶକ୍ତିଶାଳୀ କରିଥିଲେ । ଦିଓ୍ୱାନ ସମସ୍ତ ବିଭାଗକୁ ଅର୍ଥ ଆଦାନ ପ୍ରଦାନ ଏବଂ ବେତନ ପ୍ରଦାନ ଉପରେ ତଦାରଖ କରୁଥିଲେ । ଏଥିସହିତ ପ୍ରାଦେଶିକ ଦିଓ୍ୱାନମାନଙ୍କ କାର୍ଯ୍ୟକୁ ପରିଚାଳନା କରୁଥିଲେ । ସାମ୍ରାଜ୍ୟର ସମସ୍ତ ରାଜସ୍ୱ ସଂଗ୍ରହ ଏବଂ ଖର୍ଚ୍ଚ ତାଙ୍କରି ଦାୟିତ୍ୱରେ ହେଉଥିଲା । ପ୍ରତ୍ୟେକ ଦିନ ଦିଓ୍ୱାନମାନେ ସାମ୍ରାଜ୍ୟର ଅର୍ଥ ବ୍ୟବସ୍ଥା ଉପରେ ସମ୍ରାଟ୍‌ଙ୍କୁ ଖବର ଦେଉଥିଲେ ।




Fig. : 12.1 Royal Court ରାଜଦରବାର

***(iv)* ମିରବକ୍‌ସି :** ମିରବକ୍‌ସି ସାମରିକ ଶାସନ ଦାୟିତ୍ୱରେ ଥିଲେ । ମନ୍‌ସବ୍‌ଦାର ମାନଙ୍କ ନିଯୁକ୍ତି ପତ୍ର ତଥା ସେମାନଙ୍କର ବେତନ ସମ୍ବନ୍ଧୀୟ କାଗଜ ପତ୍ରକୁ ତନଖି କରି ସେ ଅନୁମୋଦନ କରୁଥିଲେ । ମନ୍‌ସବ୍‌ଦାରମାନଙ୍କ ଆବଶ୍ୟକତା ଅନୁଯାୟୀ ମଞ୍ଜୁରୀପ୍ରାପ୍ତ ସମସ୍ତ ବାହିନୀର ପରିଚାଳନା ଉପରେ ସେ ତିକ୍ଷ୍ଣ ନଜର ରଖିଥିଲେ । ନୂତନ ଭାବେ ନିଯୁକ୍ତି ପାଇବା ପାଇଁ ଆଶାୟୀ ପ୍ରାର୍ଥୀଙ୍କୁ ମିରବକ୍‌ସି ସମ୍ରାଟଙ୍କ ଆଗରେ ଉପସ୍ଥାପିତ କରୁଥିଲେ ।

***(v)* ସଦର - ଅସ୍ - ସୁଦର :** ସଦର - ଅସ୍ - ସଦର ଧର୍ମ ବିଭାଗର ମୁଖ୍ୟ ଥିଲେ । ସାରିୟତ ନିୟମକୁ ସୁରକ୍ଷା ପ୍ରଦାନ କରିବା ଥିଲା ତାଙ୍କର ପ୍ରଧାନ କାର୍ଯ୍ୟ । ସଦର କାର୍ଯ୍ୟାଳୟ ଯୋଗ୍ୟ ବ୍ୟକ୍ତି ଏବଂ ଧର୍ମୀୟ ଅନୁଷ୍ଠାନ ଗୁଡ଼ିକୁ ଭତ୍ତା ପ୍ରଦାନ କରୁଥିଲା । ଆକବରଙ୍କ ରାଜତ୍ୱର ପ୍ରଥମ ପଚିଶବର୍ଷ ମଧ୍ୟରେ ଏହି କାର୍ଯ୍ୟାଳୟ ଏକ ଲାଭଜନକ କାର୍ଯ୍ୟାଳୟ ରୂପେ କାର୍ଯ୍ୟ କରୁଥିଲା । ୧୫୮୦ ଖ୍ରୀଷ୍ଟାବ୍ଦରେ ମହଜାର ଜାରି ହେଲାପରେ ସଦର-ଅସ-ସୁଦରଙ୍କ କ୍ଷମତା ସଂକୁଚିତ ହୋଇଥିଲା ।





ଏହି ଅଧ୍ୟାଦେଶ ଅନୁଯାୟୀ ବିଭିନ୍ନ ଧର୍ମାବଲମ୍ବୀ ମଧ୍ୟରେ କଳହ ଉପୁଜିଲେ ଆକବରଙ୍କ ମତକୁ ଅଗ୍ରାଧିକାର ଭିତ୍ତିରେ ଗ୍ରହଣ କରାଯିବ । ଏହି ଅଧିକାରୀ ମଧ ଦାତବ୍ୟ ଅନୁଷ୍ଠାନ ଗୁଡ଼ିକୁ ନିଷ୍କର ଭୂମିଦାନ କଥା ପରିଚାଳନା କରୁଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସଦରଙ୍କ କ୍ଷମତାରେ ଆହୁରି କିଛି ଅଙ୍କୁଶ ଲଗାଗଲା ।

ନୈତିକ ଶାସନ ବ୍ୟବସ୍ଥା ପ୍ରଣୟନ ପାଇଁ ମୁହତାସିବ୍ ନାମକ ଅଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା । ସେ ମାପ ଓ ଓଜନ ବ୍ୟବସ୍ଥାକୁ ତଦାରଖ କରିବା ସଂଗେ ସଂଗେ ଦରଦାମ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ।

***(vi)* ମୀର୍ ସମନ :** ମୀର୍ ସମନ ଥିଲେ ରାଜକୀୟ କର୍ମଶାଳାର ଅଧିକାରୀ । ରାଜପରିବାର ପାଇଁ ସମସ୍ତ ପ୍ରକାର ଦ୍ରବ୍ୟର କ୍ରୟ ତଥା ଭଣ୍ଡାର ଘରେ ସାଇତି ରଖିବା ଦାୟିତ୍ୱରେ ସେ ରହିଥିଲେ । ସେ ମଧ ରାଜପରିବାରର ଆବଶ୍ୟକତା ଅନୁଯାୟୀ ବିଭିନ୍ନ ଦ୍ରବ୍ୟର ନିର୍ମାଣ କଥା ଲକ୍ଷ୍ୟ କରୁଥିଲେ ।

## 12.8.2. PROVINCIAL ADMINISTRATION - ପ୍ରାଦେଶିକ ଶାସନ

ଆକବର ମୋଗଲ ସାମ୍ରାଜ୍ୟକୁ ୧୨ଟି ସୁବା ବା ପ୍ରଦେଶରେ ବିଭକ୍ତ କରିଥିଲେ । ସେଗୁଡ଼ିକ ଥିଲେ ଆଲ୍ଲାହାବାଦ୍, ଆଗ୍ରା, ଅଯୋଧ୍ୟା, ଆଜମିର, ଅହମ୍ମଦାବାଦ, ବିହାର, ବଂଗ, ଦିଲ୍ଲୀ, କାବୁଲ, ଲାହୋର, ମାଳବ ଏବଂ ଏହାପରେ ଅହମ୍ମଦ ନଗର, ବେରାର ଏବଂ ଖାନ୍ଦେସ ଏଥିରେ ଯୋଗ କରାଯାଇଥିଲା । ମୋଗଲ ସାମ୍ରାଜ୍ୟର ବିସ୍ତାର ହେଲାପରେ ପ୍ରଦେଶ ସଂଖ୍ୟା କୋଡ଼ିଏରେ ପହଂଚିଥିଲା ।

ପ୍ରତ୍ୟେକ ସୁବା ଜଣେ ସୁବେଦାର ବା ପ୍ରାଦେଶିକ ଗଭର୍ଣ୍ଣରଙ୍କ ଅଧୀନରେ ଶାସିତ ହେଉଥିଲା । ଏହି ସୁବେଦାରମାନେ ସମ୍ରାଟ୍‌ଙ୍କ ଦ୍ୱାରା ନିଯୁକ୍ତ ହେଉଥିଲେ । ସୁବେଦାର ସୁବାର ମୁଖ୍ୟ ରୂପେ ସାଧାରଣତଃ ଆଇନ୍ ଶୃଙ୍ଖଳା ରକ୍ଷା କରିବା ସୁବେଦାରଙ୍କର ପ୍ରଧାନ କର୍ତ୍ତବ୍ୟ ଥିଲା । ସେ କୃଷି ଏବଂ ବ୍ୟବସାୟ ବାଣିଜ୍ୟକୁ ଅଗ୍ରାଧିକାର ଦେବା ସଂଗେ ସଂଗେ ରାଜ୍ୟର ରାଜସ୍ୱ କିପରି ବୃଦ୍ଧିହେବ ସେଥିପାଇଁ ପଦକ୍ଷେପ ଗ୍ରହଣ କରୁଥିଲେ । ସେ ପ୍ରଦେଶ ମଧ୍ୟରେ ବିଦ୍ରୋହକୁ ଦମନ କରିବା ସଂଗେ ସଂଗେ ଯୁଦ୍ଧାଭିଯାନ ପାଇଁ ସୈନ୍ୟବାହିନୀ ପ୍ରେରଣ କରୁଥିଲେ ।

ସୁବାରେ ରାଜସ୍ୱ ବିଭାଗର ମୁଖ୍ୟ ଥିଲେ ଦିୱାନ୍ । ସେ ସମ୍ରାଟ୍‌ଙ୍କ ଦ୍ୱାରା ନିଯୁକ୍ତ ହୋଇ ଜଣେ ସ୍ୱାଧୀନ ଅଧିକାରୀଭାବେ କାର୍ଯ୍ୟ ନିର୍ବାହ କରୁଥିଲେ । ସେ ସୁବାରେ ରାଜସ୍ୱ ଆଦାୟକୁ ପରିଚାଳନା କରିବା ସଂଗେ ସଂଗେ ସମସ୍ତ ଖର୍ଚ୍ଚର ହିସାବ ରଖୁଥିଲେ । ସେ ମଧ ଚାଷଜମିର ପରିମାଣ ବୃଦ୍ଧି କରିବା ପାଇଁ ପ୍ରୟାସ କରୁଥିଲେ । ଅନେକ କ୍ଷେତ୍ରରେ ତାଙ୍କ କାର୍ଯ୍ୟାଳୟ ମାଧ୍ୟମରେ କୃଷକମାନଙ୍କୁ ଅଗ୍ରିମ ଋଣ ପ୍ରଦାନ କରାଯାଉଥିଲା ।

କେନ୍ଦ୍ରରେ ମୀର ବକ୍‌ସିଙ୍କ କାର୍ଯ୍ୟର ଅନୁରୂପ କାର୍ଯ୍ୟ ପ୍ରାଦେଶିକ ସ୍ତରରେ ବକ୍‌ସିମାନେ କରୁଥିଲେ । ମୀରବକ୍‌ସିଙ୍କ ଅନୁମୋଦନ କ୍ରମେ ରାଜଦରବାର ଦ୍ୱାରା ବକ୍‌ସିମାନଙ୍କୁ ନିଯୁକ୍ତ କରାଯାଉଥିଲା । ସୁବାରେ ମନସବ୍‌ଦାରଙ୍କ ଅଧୀନରେ ଥିବା ସୈନ୍ୟମାନଙ୍କୁ ଓ ଅଶ୍ୱମାନଙ୍କୁ ତଦାରଖ କରିବା ତାଙ୍କର ଦାୟିତ୍ୱ ଥିଲା । ସେ ମନ୍‌ସବ୍‌ଦାର ଏବଂ ସୈନ୍ୟମାନଙ୍କର ବେତନ ଚିଠା ପ୍ରଦାନ କରୁଥିଲେ । ସେ ମଧ କେନ୍ଦ୍ରକୁ ପ୍ରାଦେଶିକ ସ୍ତରରେ ଘଟୁଥିବା ଘଟଣା ଉପରେ ସମ୍ବାଦ ଦେଉଥିଲେ ।

ପ୍ରାଦେଶିକ ସ୍ତରରେ ସଦର-ଇ-ସୁଦରଙ୍କ ପ୍ରତିନିଧି ଥିଲେ ସଦର । ଧର୍ମୀୟ କାର୍ଯ୍ୟ ଓ ଶିକ୍ଷାରେ ନିୟୋଜିତ ବ୍ୟକ୍ତି ବିଶେଷଙ୍କ ଉନ୍ନତି କରିବା ଥିଲା ତାଙ୍କର ପ୍ରଧାନ କାର୍ଯ୍ୟ । ସେ ମଧ ବିଚାର ବିଭାଗର ସୁପରିଚାଳନା ଦାୟିତ୍ୱରେ ଥିଲେ ଏବଂ କାଜୀଙ୍କ କାର୍ଯ୍ୟର ସମୀକ୍ଷା ମଧ କରୁଥିଲେ ।

ଆଉକେତେକ କର୍ମଚାରୀ ମଧ ପ୍ରାଦେଶିକ ସ୍ତରରେ ନିଯୁକ୍ତ ହୋଇଥିଲେ । ଦାରୋଗାଇ-ଇ-ଡ଼ାକ ସମ୍ବାଦ ଆଦାନ ପ୍ରଦାନ ଦାୟିତ୍ୱରେ ରହିଥିଲେ । ସେ ବିଚାରାଳୟକୁ ଡ଼ାକ ବାହକ ଯୋଗେ ଚିଠିପତ୍ର ପ୍ରେରଣ କରୁଥିଲେ । ସମ୍ରାଟ୍‌ଙ୍କୁ ସିଧାସଳଖ ସମ୍ବାଦ ପ୍ରେରଣ କରିବା ପାଇଁ ଓ୍ୱାକିନାଭିସ୍ ଏବଂ ଓ୍ୱାକିନିଗାରସ୍‌ମାନଙ୍କୁ ନିଯୁକ୍ତ କରାଯାଇଥିଲା ।

### 12.8.3. LOCAL ADMINISTRATION- ଆଞ୍ଚଳିକ ଶାସନ

ସୁବାକୁ କେତୋଟି ସରକାରରେ ବିଭକ୍ତ କରାଯାଇଥିଲା । ସରକାରକୁ କେତୋଟି ପରଗଣାରେ ବିଭକ୍ତ କରାଯାଇଥିଲା । ଗ୍ରାମଥିଲା ଶାସନ ବ୍ୟବସ୍ଥାର ସର୍ବନିମ୍ନ ଏକକ । ସରକାରରେ ଦୁଇଜଣ ଅଧିକାରୀ ରହୁଥିଲେ । ଜଣେ ହେଲେ ଫୌଜଦାର ଏବଂ ଅନ୍ୟଜଣକ ହେଲେ ଅମଲଗୁଜାର୍ ରାଜକୀୟ ଆଦେଶନାମା ବଳରେ ଫୌଜଦାର ନିଯୁକ୍ତ ହେଉଥିଲେ । ବେଳେବେଳେ ଗୋଟିଏ ସରକାରରେ ଅଧିକ ଫୌଜଦାର ରହୁଥିଲେ । ସମୟେ ସମୟେ ମଧ ସେମାନଙ୍କର କ୍ଷମତା ଦୁଇଟି ସରକାରରେ ରହୁଥିଲା । ଯଦିଓ ଏହି ସରକାର ଗୁଡ଼ିକ ଭିନ୍ନ ଭିନ୍ନ ସୁବାର ଅନ୍ତର୍ଗତ ଥିଲେ । ଫୌଜଦାରୀ ଏକ ଶାସନ ଗତ ବିଭାଗ ହୋଇଥିଲାବେଳେ ସରକାର ଥିଲା ଆଞ୍ଚଳିକ ରାଜସ୍ୱ ବିଭାଗ । ଫୌଜଦାରମାନଙ୍କର ପ୍ରାଥମିକ କର୍ତ୍ତବ୍ୟ ଥିଲା ତାଙ୍କ ଅଧୀନରେ ଥିବା ଜନସାଧାରଣଙ୍କର ଧନଜୀବନର ନିରାପତ୍ତା ରକ୍ଷା କରିବା । ତାଙ୍କ ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ସେ ଲକ୍ଷ୍ୟ ରଖୁଥିଲେ । ଯେଉଁ ସମୟରେ ରାଜସ୍ୱ ଆଦାୟ ହେଉଥିଲା, ସେ ସମୟରେ ଯଦି ବଳପ୍ରୟୋଗର ଆବଶ୍ୟକତା ପଡୁଥିଲା, ତେବେ ଫୌଜଦାର ସହାୟତା ପ୍ରଦାନ କରୁଥିଲେ ।

ରାଜସ୍ୱ ସଂଗ୍ରହକାରୀଙ୍କୁ ଅମଲଗୁଜାର ବା ଅମିଲ କୁହାଯାଉଥିଲା । ସେ ଇଚ୍ଛାକୃତଭାବେ ରାଜସ୍ୱ ପୈଠ କରିବାକୁ ଋଷିମାନଙ୍କୁ ପରାମର୍ଶ ଦେଉଥିଲେ ଏବଂ ଋଷଜମିର ବୃଦ୍ଧିପାଇଁ ସେ ଉଦ୍ୟମ କରୁଥିଲେ । ସେ ସମସ୍ତ ହିସାବ ରଖିବା ସହିତ ଦୈନିକ ରସିଦ୍ ଏବଂ ଖର୍ଚ୍ଚ ହିସାବ ପ୍ରାଦେଶିକ ଦେଓ୍ୱାନଙ୍କ ନିକଟରେ ପୈଠ କରୁଥିଲେ ।

ପରଗଣା ସ୍ତରର ଶାସନ ଅଧିକାରୀ ଥିଲେ ସିକ୍‌ଦାର । ସେ ରାଜସ୍ୱ ଆଦାୟ ପାଇଁ ଅମିଲମାନଙ୍କୁ ସାହାଯ୍ୟ କରୁଥିଲେ । ପରଗଣାରେ ଥିବା ସମସ୍ତ ଭୂସମ୍ପତ୍ତିର ରେକର୍ଡ଼ କାନୁନ୍‌ଗୋଙ୍କ ପାଖରେ ରହୁଥିଲା । ବିଶେଷତଃ ସହରମାନଙ୍କରେ ଆଇନ୍ ଶୃଙ୍ଖଳା ରକ୍ଷା ପାଇଁ ରାଜକୀୟ ଆଦେଶନାମା ଦ୍ୱାରା କଟ୍‌ୱାଲ ମାନେ ନିଯୁକ୍ତ ହେଉଥିଲେ । ସହର ମଧକୁ କିଏ କିଏ ପ୍ରବେଶ କଲେ ଏବଂ ବାହାରକୁ ଗଲେ କଟ୍‌ୱାଲ ଏକ ରେଜିଷ୍ଟରରେ ପଞ୍ଜିକୃତ କରୁଥିଲେ । ଗ୍ରାମର ମୁଖ୍ୟଥିଲେ ମକଦ୍ଦମ ଏବଂ ପଟୱାରି ଗ୍ରାମର ରାଜସ୍ୱ ହିସାବ ଉପରେ ଦୃଷ୍ଟି ରଖୁଥିଲେ । ଜମିଦାରମାନଙ୍କ ଅଞ୍ଚଳରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ଏବଂ ରାଜସ୍ୱ ଆଦାୟ ସମୟରେ ସେମାନଙ୍କର ସହଯୋଗ ଲୋଡ଼ା ଯାଉଥିଲା । କିଲାଦାର ନାମକ ଜଣେ ଅଧିକାରୀଙ୍କ ଅଧୀନରେ ଦୁର୍ଗ ଗୁଡ଼ିକ ରଖାଯାଇଥିଲା । ତାଙ୍କୁ ପ୍ରଦତ୍ତ ଜାଗିର ଏବଂ ଦୁର୍ଗର ସାଧାରଣ ଶାସନ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ହୋଇଥିଲା ।

ପୋତାଶ୍ରୟଗୁଡ଼ିକ ସ୍ୱାଧୀନ ଭାବରେ ଶାସିତ ହେଉଥିଲେ । ବନ୍ଦର ମୁଖ୍ୟଙ୍କୁ ମୁତାସାଦି କୁହାଯାଉଥିଲା । ସେ ସିଧାସଳଖ ସମ୍ରାଟ୍‌ଙ୍କ ଦ୍ୱାରା ନିଯୁକ୍ତ ହେଉଥିଲେ । ମୁତାସାଦି ବାଣିଜ୍ୟକର ଆଦାୟ କରୁଥିଲେ ଏବଂ ଆମଦାନୀ ରପ୍ତାନୀ ଶୁଳ୍କ ନିର୍ଦ୍ଧାରକ କାର୍ଯ୍ୟାଳୟର ସୁପରିଋଳନା କରିବା ସହିତ ମୁଦ୍ରାଶାଳା ଉପରେ ଦୃଷ୍ଟି ରଖୁଥିଲେ ।

### INTEXT QUESTIONS 12.5 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ଆକବର କାହିଁକି ୱାଜିରମାନଙ୍କର କ୍ଷମତାକୁ ହ୍ରାସ କରିଥିଲେ ?

2. ମୀର ସମନ୍ କିଏ ଥିଲେ ? ତାଙ୍କର କାର୍ଯ୍ୟ କ'ଣ ଥିଲା ?

3. ମୁତାସାଦି କିଏ ଥିଲେ ? ତାଙ୍କର କାର୍ଯ୍ୟ କ'ଣ ଥିଲା ?

ଟିପ୍ପଣି

4. ସରକାରରେ ଦୁଇଜଣ ପ୍ରଧାନ ଅଧିକାରୀଙ୍କ ନାମ ଉଲ୍ଲେଖ କର ।

---

## 12.11. MUGMAL ADMINISTRATIVE INSTITUTIONS :
## ମୋଗଲ ପ୍ରଶାସନିକ ଅନୁଷ୍ଠାନ :

### *(i)* MANSAB SYSTEM-ମନ୍‌ସବପ୍ରଥା :

ମୋଗଲମାନଙ୍କ ଅଧୀନରେ ସମୟକ୍ରମେ ମନସବ ଓ ଜାଗିର ପ୍ରଥା ସୃଷ୍ଟି ହେଲା । ଭାରତରେ ମୋଗଲମାନେ ଏହି ଅଦ୍ୱିତୀୟ ମନ୍‌ସବ୍‌ଦାର ପ୍ରଥା ଅନେକ ବିଚାର ବିମର୍ଶକରି ପ୍ରଚଳନ କରିଥିଲେ । ମୋଗଲ ମାନଙ୍କର ସାଧାରଣ ଓ ସାମରିକ ଶାସନକୁ ଆଧାରକରି ଆକବର କେତେକ ପରିବର୍ତ୍ତନ କରି ମନସବଦାର ପ୍ରଥାର ପ୍ରଚଳନ କରିଥିଲେ । ମନ୍‌ସବ୍ ଶବ୍ଦର ଅର୍ଥ ହେଉଛି ଉଚ୍ଚ ସାମାଜିକ ସ୍ଥିତି । ଯେଉଁ ବ୍ୟକ୍ତିକୁ ଏହି ପଦବୀ ପ୍ରଦାନ କରାଯାଉଥିଲା, ସରକାରୀ ସ୍ତରରେ ତାଙ୍କ ବଂଶାନୁକ୍ରମିକ ଅବସ୍ଥିତି ଓ ବେତନ ମଧ୍ୟ ଧାର୍ଯ୍ୟ କରାଯାଉଥିଲା । ମନସବ୍‌ଦାର ମଧ୍ୟ କେତେଜଣ ସୈନିକଙ୍କୁ ନିଜ ପାଖରେ ରଖିବେ ଏବଂ ସେମାନଙ୍କର ପରିଚାଳନା ଦାୟିତ୍ୱ ପରିଚାଳନା କରିବେ, ତାହାମଧ୍ୟ ସ୍ଥିରିକୃତ ହୋଇଥିଲା । ସାମନ୍ତମାନଙ୍କ ମଧ୍ୟରେ ପଦମର୍ଯ୍ୟାଦାର ସ୍ତରକୁ ଅଧିକ ସୁସଂଗଠିତ କରିବା ପାଇଁ ଏହି ପ୍ରଥାର ପ୍ରଚଳନ କରାଯାଇଥିଲା । ସେମାନଙ୍କର ବେତନ ଧାର୍ଯ୍ୟ ହୋଇଥିଲା ଏବଂ ସେମାନଙ୍କ ଦ୍ୱାରା କେତେକ ସଂଖ୍ୟକ ଅଶ୍ୱାରୋହୀ ପରିଚାଳିତ ହେବେ ତାହା ମଧ୍ୟ ସ୍ଥିରକୃତ ହୋଇଥିଲା ।

ଆକବର ମଦସବ୍‌ଦାରମାନଙ୍କୁ ୩୩ଟି ଶ୍ରେଣୀରେ ବିଭକ୍ତ କରିଥିଲେ । ନିମ୍ନତମ ମନ୍‌ସବାଦରଙ୍କ ଅଧୀନରେ ୧୦ ଜଣ ଓ ଉଚ୍ଚତମ ମନସବ୍‌ଦାରଙ୍କ ଅଧୀନରେ ୧୦,୦୦୦ ସୈନ୍ୟ ରହୁଥିଲେ । ୫,୦୦୦ ରୁ ଅଧିକ ସୈନ୍ୟଙ୍କୁ ରାଜପୁତମାନଙ୍କ ଅଧୀନରେ ରଖାଯାଉଥିଲା । ୫୦୦ ରୁ ୨୫୦୦ ପର୍ଯ୍ୟନ୍ତ ସୈନ୍ୟ ରଖୁଥିବା ଅଧିକାରୀଙ୍କୁ ଅମୀର-ଇ-ଆଜାମ୍ କୁହାଯାଉଥିଲା । ମନ୍‌ସବାଦରମାନଙ୍କ ନିଯୁକ୍ତି, ପଦୋନ୍ନତି ବା ଦରଖାସ୍ତ ସଂପର୍କରେ କୌଣସି ନିର୍ଦ୍ଦିଷ୍ଟ ନିୟମ ନଥିଲା । ଆବୁଲ ଫାଜଲ କହିଛନ୍ତି ଯେ ମହାମହିମ ସମ୍ରାଟ ପ୍ରଥମ ଦୃଷ୍ଟିପାତରେ କେତେ ଲୋକଙ୍କୁ ପାଇଥାନ୍ତି ଓ ସେମାନଙ୍କୁ ଉଚ୍ଚପାହ୍ୟା ପ୍ରଦାନ କରିଥାନ୍ତି । ମନ୍‌ସବ୍‌ଦାର ମାନଙ୍କୁ ଅର୍ଥ ଆକାରରେ ବେତନ ଦିଆଯାଉଥିଲା । ମାତ୍ର କେତେକ ସ୍ଥଳରେ ଉଚ୍ଚଶ୍ରେଣୀର ଅଧିକାରୀ ମାନଙ୍କୁ ଜାଗିର ପ୍ରଦାନ କରାଯାଉଥିଲା । ଜଣେ ସାଧାରଣ ସୈନିକ ୨୪୦ ରୁ ୫୦୦ ଦରମା ପାଉଥିବାବେଳେ ୫,୦୦୦ ସୈନ୍ୟଙ୍କ ମନ୍‌ସବ୍‌ଦାର ୨୮,୦୦୦ ଟଙ୍କା ପାଉଥିଲେ ।

ପରବର୍ତ୍ତୀ ସମୟରେ ମନସବ୍‌ଗୁଡ଼ିକୁ ତିନିଗୋଟି ଶ୍ରେଣୀରେ ବିଭକ୍ତ କରାଗଲା । ଏହି ଶ୍ରେଣୀଗୁଡ଼ିକୁ ଠିକ୍ ରୂପେ ବୁଝିବା ପାଇଁ ଜାଟ (Zat) ଓ ସୱାର (Sawar) ବ୍ୟବସ୍ଥା ଲାଗୁ ହେଲା । ମନସବ୍‌ଦାରଙ୍କ ପ୍ରକୃତ ପଦବୀ ଜାଟ୍ ଥିଲା ଏବଂ ସେ କେତେସଂଖ୍ୟକ ଅଶ୍ୱ ରଖିପାରିବେ, ଏହାକୁ ସୱାର କୁହାଯାଉଥିଲା । ଉଦାହରଣ ସ୍ୱରୂପ ୨୦୦୦ ଜାଟ୍ ୧୦୦ ସୱାରର ମନସବ୍‌ଦାରର ଅର୍ଥ ୨୦୦୦ ବେତନ ଓ ପଦବୀର ଜଣେ ମନସବ୍‌ଦାର ୧୦୦୦ଟି ଅଶ୍ୱ ରଖିପାରିବେ । ସୱାର ହେଉଛି ଜଣେ ମନସବଦାର ଉପଭୋଗ କରୁଥିବା ଅତିରିକ୍ତ ଭତ୍ତା, ଏହାର ଅଶ୍ୱରକ୍ଷଣ ସହିତ ସଂପର୍କ ନାହିଁ ।

### *(ii)* JAGIR SYSTEM - ଜାଗିରପ୍ରଥା :

ମୋଗଲ ରାଜତ୍ୱ ସମୟରେ ସାମନ୍ତମାନଙ୍କୁ ସେମାନଙ୍କର ରାଷ୍ଟ୍ରସେବା ପାଇଁ ଗୋଟିଏ ଗୋଟିଏ ଜାଗିର ପ୍ରଦାନ କରାଯାଉଥିଲା । ଯେଉଁମାନେ ଏହି ଜାଗିର ପ୍ରାପ୍ତ ହେଉଥିଲେ ସେମାନଙ୍କୁ ଜାଗିରଦାର ବୋଲି କୁହାଗଲା । ଜାଗିର କହିଲେ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳର ରାଜସ୍ୱକୁ ବୁଝାଉଥିଲା । ଜାଗିରପ୍ରଥା ମନ୍‌ସବ୍‌ଦାର ପ୍ରଥାର ଏକ ପ୍ରଧାନ ଅଙ୍ଗଥିଲା ଯାହାକି ଆକବରଙ୍କ ସମୟରେ ବିକାଶ ଲାଭ କରିଥିଲା । କିନ୍ତୁ ତାଙ୍କ ପରବର୍ତ୍ତୀ ଉତ୍ତରାଧିକାରୀମାନଙ୍କ ସମୟରେ ଏଥିରେ କେତେକ

ପରିବର୍ତ୍ତନ ସଂଗଂତ ହୋଇଥିଲା । ଆକବରଙ୍କ ରାଜତ୍ୱ ସମୟରେ ସମଗ୍ର ସାମ୍ରାଜ୍ୟକୁ ଦୁଇ ପ୍ରକାରରେ ବିଭକ୍ତ କରାଯାଇଥିଲା । ଗୋଟିଏ ହେଲା ଖାଲସା ଏବଂ ଅନ୍ୟଟି ହେଲା ଜାଗିର ଖାଲସାରୁ ସଂଗୃହିତ ରାଜସ୍ୱ ରାଜକୋଷକୁ ଯାଉଥିଲା । ଜାଗିରରୁ ସଂଗୃହିତ ରାଜସ୍ୱ ଜାଗିରଦାରମାନଙ୍କ ବେତନ ବାବଦକୁ ଦିଆଯାଉଥିଲା । ସେମାନଙ୍କର ଜାଟ୍ ଏବଂ ସବାର ସ୍ତରକୁ ବିଚାରକୁ ନେଇ ସେମାନଙ୍କର ବେତନ ଧାର୍ଯ୍ୟ କରାଯାଇଥିଲା ।

ସେ ଯାହାହେଉ, ଏହି ବ୍ୟବସ୍ଥା ଚିରସ୍ଥାୟୀ କିମ୍ବା ବଂଶାନୁକ୍ରମିକ ନଥିଲା । ସମ୍ରାଟ ଯେ କୌଣସି ସମୟରେ ସାମ୍ରାଜ୍ୟର ଯେ କୌଣସି ସ୍ଥାନକୁ ଅନ୍ୟ ଜଣକୁ ହସ୍ତାନ୍ତର କରିପାରୁଥିଲେ । ଜାଗିର ଏବଂ ଖାଲସା ମଧ୍ୟରେ ଅନୁପାତ ମୋଗଲ ରାଜତ୍ୱ ସମୟରେ କମ୍ ବେଶୀ ହେବାରେ ଲାଗିଲା । ଆକବରଙ୍କ ସମୟରେ ସମସ୍ତ ରାଜସ୍ୱର ପାଞ୍ଚ ପ୍ରତିଶତ ଥିଲା ଖାଲ୍‌ସା । ଜାହାଙ୍ଗୀରଙ୍କ ସମୟରେ ଏହା ୧୦ ପ୍ରତିଶତ ହେଲା । ଶାହାଜାହାନଙ୍କ ସମୟରେ ଏହା ନଅ ପ୍ରତିଶତରୁ ପନ୍ଦର ପ୍ରତିଶତ ରହିଥିଲା, ଆଉରଙ୍ଗଜେବ୍‌ଙ୍କ ରାଜତ୍ୱର ପରବର୍ତ୍ତୀ ପର୍ଯ୍ୟାୟରେ ଖାଲସା ଉପରେ ପ୍ରବଳ ଚାପ ପଡ଼ିଲା । ମନ୍‌ସବ୍‌ଦାରଙ୍କ ସଂଖ୍ୟାବୃଦ୍ଧି ଯୋଗୁ ଜାଗିର ପାଇବାପାଇଁ ଦାବୀଦାରମାନଙ୍କର ସଂଖ୍ୟା ଅନୁରୂପ ବୃଦ୍ଧି ପାଇଲା । ଜାଗିରଦାରମାନେ ଗୋଟିଏ ଜାଗିରରୁ ଅନ୍ୟ ଜାଗିରକୁ ସ୍ଥାନାନ୍ତରିତ ହେଉଥିଲା । ଏହି ସ୍ଥାନାନ୍ତର ବ୍ୟବସ୍ଥା ଯୋଗୁଁ ଆଞ୍ଚଳିକ ଉନ୍ନତି ବାଧାପ୍ରାପ୍ତ ହୋଇଥିଲା । କାରଣ ଜାଗିରଦାରମାନେ ଅନ୍ୟ ଜାଗିରରେ ଦୀର୍ଘସୂତ୍ରୀ ଉନ୍ନୟନ କାର୍ଯ୍ୟ କରିବାକୁ କୁଣ୍ଠାବୋଧ କରୁଥିଲେ ।

ସେତେବେଳେ ବିଭିନ୍ନ ପ୍ରକାର ଜାଗିର ବ୍ୟବସ୍ଥା ପ୍ରଚଳିତ ଥିଲା । ତନଖା ଜାଗିର ବେତନ ପରିବର୍ତ୍ତେ ପ୍ରଦାନ କରାଯାଉଥିଲା । କେତେକ ସର୍ତ୍ତକୁ ଆଧାର କରି ମାସରୁତ୍ ଜାଗିରି ଦିଆଯାଉଥିଲା । ବତନଜାଗିରି ଆଞ୍ଚଳିକ ଜମିନ୍ଦାର ବା ରାଜା ମାନଙ୍କୁ ପ୍ରଦାନ କରାଯାଉଥିଲା । ଆଲତ୍‌ମାଘ୍ ଜାଗିର ମୁସଲମାନ୍ ସାମନ୍ତମାନଙ୍କୁ ଦିଆଯାଉଥିଲା । ପ୍ରତି ତିନି କିମ୍ବା ଚାରିବର୍ଷରେ ତନଖା ଜାଗିର ବଦଳାଯାଉଥିଲା । ବତନ ଜାଗିର ବଂଶାନୁକ୍ରମିକ ଥିଲା ଏବଂ ଅପରିବର୍ତ୍ତିତ ରହୁଥିଲା । ଯେତେବେଳେ ଜଣେ ଜମିଦାର ମନ୍‌ସବ୍‌ଦାର ହେଉଥିଲା, ସେତେବେଳେ ସେ ତାର ବତନ୍‌ଜାଗିର ସହ ତନଖା ଜାଗିର ମଧ ପାଉଥିଲା ।

ଜାଗିରଦାରମାନେ ରାଜକୀୟ ଆଇନ୍ ଅନୁସାରେ ଧାର୍ଯ୍ୟ ରାଜସ୍ୱ ଆଦାୟ କରିବା ପାଇଁ ଅନୁମତି ପ୍ରାପ୍ତ ହୋଇଥିଲେ । ସେମାନେ ଅମିଲ୍‌ଙ୍କ ପରି କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରୁଥିଲେ । ରାଜ କର୍ମଶାଳା ଜାଗିରଦାରଙ୍କ ଉପରେ ନଜର ରଖିଥିଲା । ସୁବାରେ କାର୍ଯ୍ୟରତ ଦିୱାନମାନେ କୃଷକମାନଙ୍କୁ ଜାଗିରଦାରଙ୍କ ଅତ୍ୟାଚାରରୁ ରକ୍ଷାକରୁଥିଲେ । ପ୍ରତ୍ୟେକ ସୁବାରେ ଜଣେ ଜଣେ ଅମିନ୍‌ଙ୍କୁ ନିଯୁକ୍ତି ଦିଆଯାଇଥିଲା । ସେମାନଙ୍କର କାର୍ଯ୍ୟଥିଲା ଜାଗିରଦାର ରାଜାଙ୍କ ଆଇନ୍‌କୁ ମାନୁଛନ୍ତି କି ନାହିଁ ତଦାରଖ କରିବା । ଜାଗିରଦାରମାନେ ରାଜସ୍ୱ ଆଦାୟ ସମୟରେ କିଛି ସମସ୍ୟା ଉପୁଜିଲେ ଫୌଜଦାରମାନେ ତାଙ୍କୁ ସାହାଯ୍ୟ କରୁଥିଲେ ।

### INTEXT QUESTIONS 12.6 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. କିଏ ମନ୍‌ସବ୍‌ଦାର ପ୍ରଥା ପ୍ରଚଳନ କରିଥିଲେ ? କାହିଁକି ଏହି ବ୍ୟବସ୍ଥା ପ୍ରଚଳିତ ହେଲା ?

______________________________

2. ଜାଟ୍ ଏବଂ ସୱାର କ'ଣ ?

______________________________

3. ଜାଗିର ପ୍ରଥା କ'ଣ ?

______________________________



ଟିପ୍ପଣି

## 12.10. ADIMINISTRATION STRUCTURE UNDER THE MARATHAS- ମରହଟ୍ଟାମାନଙ୍କ ଶାସନ ପ୍ରଣାଳୀ

ଦକ୍ଷିଣ ଭାରତ ଇତିହାସରେ ମରହଟ୍ଟା ଶକ୍ତିର ଉତ୍‌ଥାନ ଏକ ଦୃଷ୍ଟାନ୍ତମୂଳକ ଘଟଣା । ମରହଟ୍ଟା ଶାସନ ବ୍ୟବସ୍ଥା, ମୋଗଲ ଶାସନ ବ୍ୟବସ୍ଥା ଏବଂ ଦାକ୍ଷିଣାତ୍ୟର ଶାସନ ବ୍ୟବସ୍ଥା ଦ୍ୱାରା ବହୁଳ ଭାବରେ ପ୍ରଭାବିତ ହୋଇଥିଲା ।

### *(i)* CENTRAL ADMINISTRATION - କେନ୍ଦ୍ରୀୟ ଶାସନ :

ରାଜା ଥିଲେ ଶାସନ ମୁଖ୍ୟ । ମରହଟ୍ଟାମାନଙ୍କ ଶାସନ ବ୍ୟବସ୍ଥା ଆଠଗୋଟି ବିଭାଗ ଦ୍ୱାରା ନିୟନ୍ତ୍ରିତ ହେଉଥିଲା । ପ୍ରତ୍ୟୋକ ବିଭାଗ ଜଣେ ମନ୍ତ୍ରୀଙ୍କ ଅଧୀନରେ କାର୍ଯ୍ୟ କରୁଥିଲା । ଏହାକୁ ଅଷ୍ଟ ପ୍ରଧାନ କୁହାଯାଉଥିଲା । ଏହି ଆଠ ଜଣ ମନ୍ତ୍ରୀ ହେଲେ (୧) ପେଶବା ଯେକି ଅର୍ଥ ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗ ଦାୟିତ୍ୱରେ ଥିଲେ, (୨) ସର-ଇ-ନୌବତ ଯେ କି ଥିଲେ ସେନାପତି, (୩) ମଜୁମ୍‌ଦାର ଯେ କି ଆୟବ୍ୟୟର ହିସାବ ରଖୁଥିଲେ, (୪) ଓ୍ୱାକାଇନଭିସ୍ ଯେକି ଗୁପ୍ତଚର ବିଭାଗ ଦାୟିତ୍ୱରେ ଥିଲେ, (୫) ସରନାଭିସ୍ ବା ଚିଟ୍‌ନିସ୍ ଯେକି ସରକାରୀ ଚିଠି ଆଦାନପ୍ରଦାନ ଦାୟିତ୍ୱ ନିର୍ବାହ କରୁଥିଲେ, (୬) ଦାବିର ଥିଲେ ବୈଦେଶିକ ବିଭାଗର ମନ୍ତ୍ରୀ (୭) ନ୍ୟାୟାଧୀଶ ଥିଲେ ବିଚାର ବିଭାଗର ମନ୍ତ୍ରୀ, (୮) ପଣ୍ଡିତ୍ ରାଓ ଧର୍ମ ବିଭାଗର ମନ୍ତ୍ରୀ ଥିଲେ ।

ଅଷ୍ଟ ପ୍ରଧାନ ଶିବାଜୀଙ୍କ ଦ୍ୱାରା ସୃଷ୍ଟି ହୋଇନଥିଲା । ଏହି ପଦବୀ ଗୁଡ଼ିକ ଦାକ୍ଷିଣାତ୍ୟ ଶାସନ ବ୍ୟବସ୍ଥାରେ ଦେଖିବାକୁ ମିଳିଥିଲା । ପଣ୍ଡିତ ରାଓ ଏବଂ ନ୍ୟାୟଧୀଶଙ୍କୁଛାଡ଼ି ଅନ୍ୟ ସମସ୍ତ ମନ୍ତ୍ରୀ ସାମରିକ ଅଭିଯାନରେ ଯାଉଥିଲେ । ଶିବାଜୀଙ୍କ ରାଜତ୍ୱ ସମୟରେ ଏହି ପଦବୀ ଗୁଡ଼ିକ ବଂଶାନୁକ୍ରମିକ ନଥିଲା । ରାଜା ତାଙ୍କ ପ୍ରତି ସନ୍ତୁଷ୍ଟ ଥିବା ପର୍ଯ୍ୟନ୍ତ ସେ ପଦବୀରେ ରହିପାରୁଥିଲେ । ସେମାନଙ୍କୁ ମଧ ବାରମ୍ବାର ବଦଳି କରାଯାଉଥିଲା । ଏହି ଅଷ୍ଟପ୍ରଧାନଙ୍କ ମଧରୁ ପ୍ରତ୍ୟୋକ ମନ୍ତ୍ରୀ ୮ ଜଣ ଅଧସ୍ତନ କର୍ମଚାରୀଙ୍କ ସହାୟତାରେ କାର୍ଯ୍ୟ କରୁଥିଲେ । ସେମାନେ ହେଲେ (୧) ଦିଓ୍ୱାନ, (୨) ମଜୁମ୍‌ଦାର, (୩) ଫଡ଼ନିସ୍, (୪) ସବ୍‌ନିସ୍, (୫) ଚିଟ୍‌ନିସ୍, (୬)କରଖାନିସ୍, (୭) ଜମାଦାର ଏବଂ (୮) ପଟନିସ

ଚିଟନିସ୍ କୂଟନୈତିକ ବିଭାଗ ସହିତ ସଂଯୁକ୍ତ ଥିଲେ ଏବଂ ସମସ୍ତ ରାଜକୀୟ ଚିଠିପତ୍ରର ଲିଖନ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତଥିଲା । ପ୍ରତ୍ୟେକ ଦୁର୍ଗର ସେନାଧକ୍ଷଙ୍କ ପ୍ରେରିତ ଚିଠିପତ୍ରକୁ ଫଡ଼ନିସ୍ ଗ୍ରହଣ କରି କାର୍ଯ୍ୟପନ୍ଥା ସ୍ଥିର କରୁଥିଲେ । ରାଜକୋଷର ଆୟ ଓ ବ୍ୟୟର ସମୀକ୍ଷା ଦାୟାତ୍ୱ ପଟନିସ୍ ନିର୍ବାହ କରୁଥିଲେ ।

### *(ii)* PROOINCIAL AND LOCAL ADMINISTRATION : ପ୍ରାଦେଶିକ ଏବଂ ଆଞ୍ଚଳିକ ଶାସନ :

ମରହଟ୍ଟା ପ୍ରାଦେଶିକ ଓ ଆଞ୍ଚଳିକ ଶାସନ ବ୍ୟବସ୍ଥା ମୋଗଲ ଏବଂ ଦାକ୍ଷିଣାତ୍ୟ ଶାସନ ବ୍ୟବସ୍ଥା ଅନୁସାରେ ପ୍ରଣିତ ହୋଇଥିଲା । ସମସ୍ତ ପ୍ରଦେଶ ଗୁଡ଼ିକ ପୂର୍ବପରି ଦାକ୍ଷିଣାତ୍ୟ ଶାସକ ଅଧୀନରେ ଶାସିତ ହେଲା । ଶିବାଜୀ ଏହାକୁ ପୁର୍ନଗଠନ କରି କେତେକ କ୍ଷେତ୍ରରେ ଏହାକୁ ନାମକରଣ କରିଥିଲେ । ପ୍ରଦେଶ ଗୁଡ଼ିକୁ ପ୍ରାନ୍ତ କୁହାଗଲା । ଏହି ପ୍ରାନ୍ତଗୁଡ଼ିକ ସୁବେଦାର ଅଧୀନରେ ଶାସିତ ହେଲା । ଅନେକ ସୁବେଦାରଙ୍କ ଉପରେ ରହିଥିଲେ ଜଣେ ସରସୁବେଦାର । ସେ ସୁବେଦାରମାନଙ୍କୁ ନିୟନ୍ତ୍ରଣରେ ରଖି ଶାସନ ଗତ ସୁପରିଚାଳନା କରୁଥିଲେ । ପ୍ରାନ୍ତଠାରୁ ଛୋଟ ଅଞ୍ଚଳକୁ ତରଫ୍ କୁହାଯାଉଥିଲା । ଏହାର ମୁଖ୍ୟଙ୍କୁ ହାବଲଦାର କୁହାଯାଉଥିଲା । ଏହାପରେ ମୌଜା ବା ଗ୍ରାମ ଗୁଡ଼ିକ ଥିଲା ମରହଟ୍ଟା ଶାସନ ବ୍ୟବସ୍ଥାର ସର୍ବକନିଷ୍ଠ ରାଜନୈତିକ ଏକକ । ଗ୍ରାମ ସ୍ତରରେ କୁଲକର୍ଣ୍ଣି ନାମକ ଅଧିକାରୀ ଗ୍ରାମର ଆୟ ବ୍ୟୟ ହିସାବ ରଖୁଥିଲେ । ସେହିପରି ପାଟିଲ୍ ନାମକ କର୍ମଚାରୀ ଗ୍ରାମରେ ପୋଲିସ ଓ ଆଇନ୍‌ର ପ୍ରତିନିଧି ରୂପେ କାର୍ଯ୍ୟ କରୁଥିଲେ । ପରଗଣା କ୍ଷେତ୍ରରେ ଦେଶ୍‌ପାଣ୍ଡେ ଆୟବ୍ୟୟର ହିସାବରେ ରଖୁଥିଲାବେଳେ 'ଦେଶମୁଖ' ଆଇନ ଶୃଙ୍ଖଳା ଦାୟିତ୍ୱରେ ରହିଥିଲା ।

ଗ୍ରାମାଞ୍ଚଳର ପୋଲିସ ଅଧିକାରୀଙ୍କୁ ଫୌଜଦାର କୁହାଯାଉଥିଲା । କିନ୍ତୁ ସହରାଞ୍ଚଳର ପୋଲିସ ଅଧିକାରୀଙ୍କୁ କଟ୍‌ୱାଲ୍ କୁହାଯାଉଥିଲା । ମରହଟ୍ଟା ଶାସନରେ ସାଧାରଣ ପ୍ରଶାସକ ବା ସାମରିକ ପ୍ରଶାସକ ଏକ ସ୍ତରରେ କାର୍ଯ୍ୟ କରୁଥିଲେ । କେନ୍ଦ୍ରୀୟ ପ୍ରଶାସନ ବ୍ରାହ୍ମଣମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା । ସେମାନଙ୍କ ଉପରେ ଆଞ୍ଚଳିକ ଶାସନ ଭାର ମଧ ନ୍ୟସ୍ତ ଥିଲା । ଏହି ଯୋଗ୍ୟତା ଅନୁସାରେ ସେମାନଙ୍କୁ 'କାମଭିସାଦାର' କୁହାଯାଉଥିଲା । ସେମାନେ କର ନିର୍ଦ୍ଧାରଣ ତଥା ଆଦାୟ କ୍ଷମତା ଲାଭ କରିଥିଲେ । ସେମାନେ ମଧ ମକଦ୍ଦମାଗୁଡ଼ିକର ବିଚାର କରିବା ସଂଗେ ସଂଗେ ଆଞ୍ଚଳିକ ଅବସ୍ଥା ଉପରେ ସୂଚନା ପ୍ରଦାନ କରିବା ସହ ରେକର୍ଡ଼ ରଖୁଥିଲେ । ପରବର୍ତ୍ତୀ ଅବସ୍ଥାରେ ମରହଟ୍ଟା ଅଧିକାରୀ ଢ଼ାଞ୍ଚାରେ ଇଂରେଜ ଜିଲ୍ଲା କଲେକ୍ଟର ମାନେ ନିଯୁକ୍ତି ପାଇ କାର୍ଯ୍ୟ କରିଥିଲେ ।

## INTEXT QUESTIONS 12.7 - ପ୍ରତ୍ୟାଶିତ ପ୍ରଶ୍ନ

1. ଅଷ୍ଟ ପ୍ରଧାନଙ୍କ ଉପାଧି ଗୁଡ଼ିକ ବର୍ଣ୍ଣନା କର ?

 ______________________________

2. ମରହଟ୍ଟା ଶାସନ କେଉଁ ମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲା ?

 ______________________________

3. ମରହଟ୍ଟା ଶାସନରେ ସର୍ବନିମ୍ନ ରାଜନୈତିକ ସଂଗଠନ କ'ଣ ଥିଲା ?

 ______________________________

## WHAT YOU HAVELEARNT- ଆମେ କ'ଣ ଶିଖିଲେ

ଦିଲି ସୁଲତାନୀ ଶାସନ ପ୍ରତିଷ୍ଠା ହେବାଦ୍ୱାରା ନୂତନ ଗୋଷ୍ଠୀ ଏବଂ ନୂତନ ପ୍ରଶାସନିକ ସଂଗଠନର ଉତ୍‌ଥାନ ହେଲା । ଆରବ, ମଧ ଏସିଆ ଏବଂ ଭାରତୀୟ ବ୍ୟବସ୍ଥାର ସମିଶ୍ରଣ ଏହି ବ୍ୟବସ୍ଥାରେ ପ୍ରତିଫଳିତ ହୋଇଥିଲା । ମୋଗଲ ଶାସନ ସମୟରେ ସୁଲତାନୀ କାଳୀନ ଶାସନ ବ୍ୟବସ୍ଥାରେ କେତେକ ପରିବର୍ତ୍ତନ କରାଯାଇଥିଲା ଏବଂ ଏହା ସହିତ କେତେକ ନୂତନ ବ୍ୟବସ୍ଥା ମଧ ସୃଷ୍ଟି କରାଯାଇଥିଲା । ଏହି ଶାସନବ୍ୟବସ୍ଥା ଓ ସଂଗଠନ ଯୋଗୁ ଦିଲ୍ଲୀ ସୁଲତାନୀ ଶାସନ ଏବଂ ମୋଗଲ ସାମ୍ରାଜ୍ୟ ପ୍ରତିଷ୍ଠା ହୋଇପାରିଥିଲା । ଶାସକମାନଙ୍କ ଦ୍ୱାରା ପ୍ରଣୀତ ଶାସନ ବ୍ୟବସ୍ଥା ସମାଜରେ ଶାନ୍ତି ଓ ଶୃଙ୍ଖଳା ରକ୍ଷା କରିବା ଦିଗରେ ସହାୟକ ହୋଇଥିଲା । ବିଭିନ୍ନ ବର୍ଗର ଲୋକଙ୍କୁ ଶାସନ ବ୍ୟବସ୍ଥାରେ ସଂଶ୍ଳିଷ୍ଟ କଲାପରେ ସାମାଜିକ ସଂହତି ରକ୍ଷା କରାଯାଇ ପାରିଲା । ସାମ୍ରାଜ୍ୟର ବିଶାଳ ବିସ୍ତୃତି ଯୋଗୁ ତ୍ରିସ୍ତରୀୟ ଶାସନ ପଦ୍ଧତି ପ୍ରଣୀତ ହୋଇଥିଲା । ସେଗୁଡ଼ିକ ଥିଲା ( ୧ ) କେନ୍ଦ୍ରୀୟ ଶାସନ, ( ୨ ) ପ୍ରାଦେଶିକ ଶାସନ ଏବଂ (୩) ଆଞ୍ଚଳିକ ଶାସନ । ଆଞ୍ଚଳିକ ଶାସନ ବ୍ୟବସ୍ଥା ମୁଖ୍ୟତଃ ଗ୍ରାମମୁଖ୍ୟଙ୍କ ଉପରେ ନ୍ୟସ୍ତଥିଲା ।

ପ୍ରାଦେଶିକ ସ୍ତରର ଶାସନ, ସୁଲତାନୀ ରାଜତ୍ୱ ସମୟରେ 'ଇକ୍‌ତା' ବ୍ୟବସ୍ଥା ଅନୁସାରେ ଏବଂ ମୋଗଲ ରାଜତ୍ୱ ସମୟରେ ମନସବ୍ ପ୍ରଥା ଏବଂ ଜାଗିର ବ୍ୟବସ୍ଥା ଅନୁସାରେ ଚାଲିଥିଲା । କେନ୍ଦ୍ରୀୟ ସ୍ତରରେ ସୁଲତାନ୍ ନିଜେ ଶାସନ ବ୍ୟବସ୍ଥା ପ୍ରଣୟନ କରିଥିଲେ ଏବଂ ତାଙ୍କୁ ଶାସନ କାର୍ଯ୍ୟରେ ସହାୟତା କରିବା ପାଇଁ ଅନେକ କର୍ମଚାରୀ ନିଯୁକ୍ତ ହୋଇଥିଲେ । କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସଂପାଦନ କରିବା ପାଇଁ କେତେକ ବିଭାଗ ସୃଷ୍ଟି କରାଯାଇଥିଲା । ସମୟେ ସମୟେ ସାମନ୍ତଗୋଷ୍ଠୀ ଏବଂ ଉଲେମା ମାନଙ୍କ ଦ୍ୱାରା ଚାପର ସମ୍ମୁଖୀନ ହେଉଥିଲେ ସୁଲତାନ୍ । ଦକ୍ଷ ଓ ଶକ୍ତିଶାଳୀ ସୁଲତାନ୍‌ଙ୍କ ଅଧୀନରେ ଶାସନ କାର୍ଯ୍ୟ ଠିକ୍ ଭାବେ ପରିଚାଳିତ ହୋଇଥିଲା । କିନ୍ତୁ ଦୁର୍ବଳ ଶାସକମାନେ ଅନେକ ସମସ୍ୟାର



ଟିପ୍ପଣି

ସମ୍ମୁଖୀନ ହେଉଥିଲେ । ମରହଟ୍ଟା ଶାସନ ବ୍ୟବସ୍ଥାରେ ଉଭୟ ମୋଗଲ ଶାସକ ବ୍ୟବସ୍ଥା ଓ ଦାକ୍ଷିଣାତ୍ୟ ଶାସନ ବ୍ୟବସ୍ଥାର ଛବି ଦେଖିବାକୁ ମିଳେ ।

## TERMINAL QUESTIONS - ନିଜକୁ ନିଜେ ପରିଖିବା

1. ଦିଲ୍ଲୀ ସୁଲତାନୀ ଯୁଗରେ ଶାସନ ଗଠନ ପ୍ରଣାଳୀ କିପରି ଥିଲା ?
2. ଦିଲ୍ଲୀ ସୁଲତାନୀ ଯୁଗରେ ସାମନ୍ତ ଗୋଷ୍ଠୀ କିପରି ଗଠିତ ହୋଇଥିଲା ?
3. ଦିଲ୍ଲୀ ସୁଲତାନୀ ଶାସନ ବ୍ୟବସ୍ଥାରେ ଓ୍ୱିଜାରତ୍‌ଙ୍କ କାର୍ଯ୍ୟ କ'ଣ ଥିଲା ?
4. ସୁଲତାନୀ ଯୁଗରେ ସୃଷ୍ଟି ହୋଇଥିବା ଇକ୍ତା ବ୍ୟବସ୍ଥା ବିଷୟରେ ବର୍ଣ୍ଣନା କର ।
5. ସୁଲତାନୀ ଯୁଗରେ ଆଞ୍ଚଳିକ ଶାସନ ବିଷୟରେ ଆଲୋଚନା କର ।
6. ଆଲାଉଦ୍ଦୀନଙ୍କ ବଜାର ନିୟନ୍ତ୍ରଣ ନୀତି ଆଲୋଚନା କର । ଏହି ନୀତି ପ୍ରଣୟନ ପାଇଁ ସେ କି କି ପଦକ୍ଷେପ ନେଇଥିଲେ ?
7. ମୋଗଲ ଶାସନ ସମୟରେ ଦିଓ୍ୱାନ-ଇ-କୁଲ୍ ଏବଂ ମିର ବକ୍‌ସିଙ୍କ କାର୍ଯ୍ୟ କ'ଣ ଥିଲା ?
8. ଆକବର ରାଜତ୍ୱରୁ ଆଉରଙ୍ଗଜେବ୍‌ଙ୍କ ରାଜତ୍ୱ ମଧରେ ମନ୍‌ସବ୍‌ଦାର ବ୍ୟବସ୍ଥା କିପରି ସୃଷ୍ଟି ହୋଇ କାର୍ଯ୍ୟ କରୁଥିଲା ବର୍ଣ୍ଣନା କର ।
9. ଜାଗିରିଦାର ବ୍ୟବସ୍ଥାରେ ମୁଖ୍ୟ ବୈଶିଷ୍ଟ୍ୟ ଗୁଡ଼ିକ କ'ଣ ଥିଲା ?
10. ମରହଟ୍ଟା ଶାସନ ବ୍ୟବସ୍ଥାର ମୁଖ୍ୟ ବୈଶିଷ୍ଟ୍ୟ ଗୁଡ଼ିକ ଆଲୋଚନା କର ?

## ANSWERS TO INTEXT QUESTIONS - ପ୍ରତ୍ୟାଶିତ ପ୍ରଶ୍ନୋତ୍ତର

**12.1.**


1. ଚାହାଲଗନ  ୪୦ ଜଣ ସାମନ୍ତଙ୍କୁ ନେଇ ଗଠିତ ହୋଇଥିଲା । ଇଲତୁତ୍‌ମିସ ଏହାକୁ ସୃଷ୍ଟି କରିଥିଲେ ।
2. ବଲବନ୍
3. ସୁଲତାନ୍‌ଙ୍କର ସ୍ଥାନ ଥିଲା "ସମସ୍ତଙ୍କ ମଧରେ ପ୍ରଥମ" ।
4. ମୁସଲିମ୍ ଧର୍ମର ପଣ୍ଡିତ ମାନଙ୍କୁ ଉଲେମା କୁହାଯାଉଥିଲା ଏବଂ ସେମାନେ ଧର୍ମର ପରିଚାଳନା କରୁଥିଲେ ଏବଂ ଧର୍ମୀୟ ନୀତିର ବାଖ୍ୟା କରୁଥିଲେ ।

**12.2.**

1. ମୁସ୍ତାଫଇ-ଇ-ମୁମାଲିକ୍, ମୁସରିଫ-ଇ-ମୁମାଲିକ୍ ।
2. ଦାଘ ଏବଂ ହୁଲିଆ
3. ଦିଓ୍ୱାନ-ଇ-ରସାଲତ୍, ସଦର-ଅସ୍-ସୁଦର ।

**12.3.**

1. ସିକ୍‌ଦର, ଫୌଜଦାର, କଟଓ୍ୱାଲ ଇତ୍ୟାଦି ।
2. ପରଗଣା, ସିକ୍, ସରକାର ଇତ୍ୟାଦି ।







3. ଖୁତ୍, ମକଦ୍ଦମ, ପଟଓ୍ୱାରି

4. ଫାଓଜିଲ ଥିଲା ବଳକା ରାଜସ୍ୱ ଯାହାକୁ ମୁକ୍ତି ତାଙ୍କ ନିଜ ଖର୍ଚ୍ଚ ଏବଂ ସୈନ୍ୟବାହିନୀ ଖର୍ଚ୍ଚପରେ ସୁଲତାନ ନିକଟକୁ ପ୍ରେରଣ କରୁଥିଲେ ।

**12.4.**

1. ସେହନା, ବଦରିସ୍, ମୁନିହିୟାନ ଇତ୍ୟାଦି ।

2. ଦିଲ୍ଲୀ ଏବଂ ଛେନ୍ (ରାଜସ୍ଥାନ)

3. ବନଜାରାମାନେ ଗ୍ରାମାଞ୍ଚଳରୁ ଖାଦ୍ୟ ଶସ୍ୟ ସଂଗ୍ରହ କରି ସହରକୁ ପଠାଉଥିଲେ । ଆଲାଉଦ୍ଦୀନଙ୍କ ଶାସନ ସମୟରେ ସେମାନେ ଏକ ସଂଘ ଗଠନ କରି ଯମୁନା ନଦୀ କୂଳରେ ସ୍ଥାୟୀଭାବେ ବସତି ସ୍ଥାପନ କରିଥିଲେ ।

12.5.

1. ଆକବର ଓ୍ୱାଜିରମାନଙ୍କର କ୍ଷମତା ହ୍ରାସ କରିବାକୁ ଚାହିଁଥିଲେ କାରଣ ତାଙ୍କ ଓ୍ୱାଜିର ବୈରାମ ଖାଁ ଅଧିକ ଶକ୍ତିଶାଳୀ ହୋଇ ଅହଂକାରୀ ହୋଇଯାଇଥିଲେ । ଆକବର ଓ୍ୱାଜିରମାନଙ୍କ ଠାରୁ ଆର୍ଥିକ କ୍ଷମତା ଛଡ଼ାଇ ନେଇଥିଲେ ।

2. ମୀର ସମନ ଥିଲେ ରାଜକୀୟ କର୍ମଶାଳାର ଭାରପ୍ରାପ୍ତ ଅଧିକାରୀ । ପ୍ରତ୍ୟେକ ଜିନିଷ କିଣିବା ଏବଂ ଗୋଦାମ ଘରେ ସେଗୁଡ଼ିକୁ ମହଜୁତ୍ କରିବା ଥିଲା ତାଙ୍କର ଦାୟିତ୍ୱ । ସେ ମଧ୍ୟ ରାଜକୀୟ କାରଖାନାରେ ନିର୍ମିତ ବିଭିନ୍ନ ପଦାର୍ଥର ଦେଖାଶୁଣା କରୁଥିଲେ ।

3. ବନ୍ଦରର ଗଭର୍ଣ୍ଣରଙ୍କୁ ମୁତାସାଦି କୁହାଯାଉଥିଲା । ସେ ବାଣିଜ୍ୟକ କର ସବୁ ଆଦାୟ କରୁଥିଲେ ଏବଂ ଆମଦାନୀ ରପ୍ତାନୀ ଶୁଳ୍କ ନିର୍ଣ୍ଣାୟକ କାର୍ଯ୍ୟାଳୟର ପରିଚାଳନା କରୁଥିଲେ । ସେ ବନ୍ଦରରେ ଥିବା ମୁଦ୍ରାଶାଳା ପ୍ରତି ଦୃଷ୍ଟି ଦେଉଥିଲେ ।

4. ଫୌଜଦାର ଓ ଅମଲଗୁଜାର ।

**12.6.**

1. ଆକବର ମନ୍ସବଦାର ବ୍ୟବସ୍ଥା ପ୍ରବର୍ତ୍ତନ କରିଥିଲେ । ସାମନ୍ତମାନଙ୍କ ପଦବୀସ୍ଥାନକୁ ଶୃଙ୍ଖଳିତ କରିବା ପାଇଁ ଏହି ବ୍ୟବସ୍ଥାକୁ ସେ ସୃଷ୍ଟି କରିଥିଲେ । ଏହି ବ୍ୟବସ୍ଥାରେ ସେ ମନ୍ସବ୍‌ମାନଙ୍କ ବେତନ ଧାର୍ଯ୍ୟ କରିବା ସହିତ କେଉଁ ମନ୍ସବ୍‌ଙ୍କ ଅଧୀନରେ କେତେ ସଂଖ୍ୟକ ଅଶ୍ୱାରୋହୀ ସୈନ୍ୟ ରହିବେ, ତାହା ମଧ୍ୟ ସ୍ଥିର କରିଥିଲେ ।

2. ଜାଟ୍ ସାମନ୍ତମାନଙ୍କର ମୂଳ ପଦବୀ ହୋଇଥିଲାବେଳେ ସଓ୍ୱାର ସୂଚାଉଥିଲାଯେ କେତେ ସଂଖ୍ୟକ ସୈନ୍ୟ ତାଙ୍କ ପାଖରେ ରହିବେ ।

3. ଆଉରଙ୍ଗଜେବ୍ ମନ୍ସବ୍ ବ୍ୟବସ୍ଥାରେ ଆଉ ଏକ ନୂତନ ପଦବୀ ସୃଷ୍ଟିକରି ଯୋଗ କରିଥିଲେ । ଏହାକୁ ମସ୍‌ରୁଟ୍ କୁହାଯାଉଥିଲା । ଏହି ପଦବୀ ଚୁକ୍ତିଭିତ୍ତିକ ଥିଲା । ସେ ମଧ୍ୟ ଏହାକୁ ଯୋଗ କଲାପରେ ଖୁରକ୍-ଇ-ଦଓ୍ୱାବ୍ ପଦବୀକୁ ଉଚ୍ଛେଦ କରି ଘୋଡ଼ାଶାଳର ପଶୁମାନଙ୍କ ପାଇଁ ସେହି ପଇସାରେ ଖାଦ୍ୟ ଯୋଗାଡ଼ କରିଥିଲେ ।

4. ୧୨.୯ ଭାଗର (ii) ଦେଖ ।

**12.7.**

1. ମରହଟ୍ଟାମାନଙ୍କର କେନ୍ଦ୍ରୀୟ ଶାସନ ତଳକୁ ଲକ୍ଷ୍ୟ କର ।



ଟିପ୍ପଣି

2. ମରହଟ୍ଟାମାନଙ୍କ ଶାସନ ପ୍ରଣାଳୀ ମୋଗଲ ଶାସନ ଦ୍ୱାରା ଏବଂ ଦାକ୍ଷିଣାତ୍ୟ ଶାସନ ବ୍ୟବସ୍ଥା ଦ୍ୱାରା ପ୍ରଭାବିତ ହୋଇଥିଲା ।
3. ମରହଟ୍ଟା ଶାସନ ତନ୍ତ୍ରରେ ସର୍ବନିମ୍ନ ରାଜନୈତିକ ଏକକ ଥିଲା ମୌଜା ବା ଗ୍ରାମ ।

**HINTS TO TERMINAL QUESTIONS - ସଙ୍କେତ :**

1. (12.2) ର ପ୍ରଥମ ପାରା ଓ ଦ୍ୱିତୀୟ ପାରା ଦେଖ ।
2. (12.2)ର (ii) ଦେଖ ।
3. (12.3) ର (iii) ଦେଖ ।
4. 12.5 ଦେଖ ।
5. 12.6 ଲକ୍ଷ୍ୟକର ।
6. 12.7 କୁ ଦେଖ ।
7. 12.8 ର (iii) ଏବଂ (iv) କୁ ଦେଖ ।
8. 12.8 ର ବା କୁ ଲକ୍ଷ୍ୟକର ।
9. 12.9 ର (i) ଦେଖ ।
10. 12.9 ର (ii) ଲକ୍ଷ୍ୟକର ।
11. 12.10 କୁ ଲକ୍ଷ୍ୟକର ।

**GLOSSARY- ଶବ୍ଦାବଳୀ**

ଉଲେମା : ଧର୍ମଶିକ୍ଷା ପ୍ରଦାନକାରୀ ବିଶିଷ୍ଟ ମୁସ୍‌ଲମାନ ବିଦ୍ୱାନ । ଆମିଲ ଶବ୍ଦର ବହୁବଚନ

ଚହଲଗାନ୍ : ଇଲତୁତ୍‌ମିସ୍‌ଙ୍କ ଗଠିତ ଚାଳିଶ ବାହିନୀ

ଦିଓ୍ୱାନ-ଇ-ଓ୍ୱିଜାରତ : ସୁଲତାନୀ ସମୟର ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟାଳୟ । ଏହାର ମୁଖ୍ୟ ଥିଲେ ଓ୍ୱାଜିର ।

ଦିଓ୍ୱାନ -ଇ-ଅର୍ଜ : ସୈନ୍ୟ ସଂଗଠନର ଦେଖାଶୁଣା କରୁଥିବା ବିଭାଗ । ଏହାର ମୁଖ୍ୟଥିଲେ ଅରିଜ୍-ଇ-ମୁମାଲିକ୍ ।

ଦାଗ : ଘୋଡ଼ାମାନଙ୍କ ଶରୀରରେ ଚିହ୍ନଦେବାର ପଦ୍ଧତି ।

ହୁଲିଆ : ସୈନିକମାନଙ୍କର ପରିଚୟର ବର୍ଣ୍ଣନା

ଦିବାନ୍-ଇ-ଇନ୍‌ସା : ରାଜ୍ୟର ପତ୍ର ଆଦାନ ପ୍ରଦାନ କରୁଥିବା ବିଭାଗ । ଏହାର ମୁଖ୍ୟ ଥିଲେ ଦବିର-ଇ-ଖାସ୍ ।

ଦିବାନ୍-ଇ-ରିସାଲତ : ନ୍ୟାୟ ପ୍ରଶାସନ ବିଭାଗ ଯାହାର ମୁଖ୍ୟଥିଲେ ସଦର୍-ଉସ୍-ସଦର ।

ମୁହତାଶିବ୍ : ନିୟମ ଗୁଡିକୁ ରକ୍ଷାକରିବା ପାଇଁ ନିଯୁକ୍ତ ଅଧିକାରୀ ।

କାରଖାନା : ରାଜ୍ୟର ଆବଶ୍ୟକ ବସ୍ତୁଗୁଡିକର ଉତ୍ପାଦନ ପାଇଁ ନିର୍ମିତ କର୍ମଶାଳା ।

ଇକ୍ତା : ରାଜସ୍ୱ ରୂପେ ଅନୁଦାନ

| | |
|---|---|
| ମୁକଦ୍ଦମ୍ | : ଗ୍ରାମର ମୁଖିଆ |
| ରାୟ | : ହିନ୍ଦୁମୁଖିଆ, ଯାହାଙ୍କ ପାଖରେ ଜମି ଓ ସୈନ୍ୟ ରହିଥିଲେ । |
| ମନ୍‌ସବ୍ | : ମୋଗଲ ଶାସକଙ୍କ ଦ୍ୱାରା ପ୍ରଦତ୍ତ ସୈନ୍ୟପଦ ଯାହା ବ୍ୟକ୍ତିଗତ ସ୍ଥିତି ଓ ବେତନ ନିର୍ଦ୍ଧାରଣ କରିଥାଏ । |
| ଜାଗିର | : ରାଜ୍ୟ ଦ୍ୱାରା ସରକାରୀ କର୍ମଚାରୀଙ୍କୁ ପ୍ରଦତ୍ତ ଜମି । |
| ବଂଜାରା | : ଜନଜାତିର ଏକ ବ୍ୟବସାୟୀ ଗୋଷ୍ଠୀ |
| ଦଲାଲ୍ | : ବ୍ୟବସାୟ ବ୍ୟାପାରର ମଧ୍ୟସ୍ଥି |
| ଆମିଲ | : ରାଜସ୍ୱକୁ ଏକତ୍ରିତ କରିବା ଅଧିକାରୀ |
| ଅମାଲଗୁଜର | : ରାଜସ୍ୱକୁ ଏକତ୍ରିତ କରିବା ଅଧିକାରୀ |
| ଖାଲସାଭୂମି | : ରାଜ୍ୟ ଦ୍ୱାରା ପ୍ରତ୍ୟକ୍ଷ୍ୟ ନିୟନ୍ତ୍ରିତ ଜମି |
| ମହଜର | : ଧାର୍ମିକ ବିଦ୍ୱାନଙ୍କ ମତଭେଦ ଯୋଗୁଁ ଉଲେମାଙ୍କ ଦ୍ୱାରା ଜାରି ଆଦେଶ ଯେଉଁଥିରେ ଆକବରଙ୍କ ବିଚାରକୁ ପ୍ରାଥମିକତା ଦିଆଯାଇଥିଲା । |
| ମୁକ୍ତି କିମ୍ବାବଲୀ | : ଇକ୍ତାଦାର ବା ଗଭର୍ଣ୍ଣର |
| ମୁଶରିଫ୍ | : ରାଜସ୍ୱ ଅଧିକାରୀ |
| ମୁତାଶରିଫ୍ | : ହିସାବ ରକ୍ଷକ |
| ବଦକ୍ | : ଧର୍ମାନୁଷ୍ଠାନମାନଙ୍କୁ ପ୍ରଦତ୍ତ ଅନୁଦାନ । |
| ବଜିକା | : ବୃତ୍ତି |
| କୟାଜିଲ | : ରାଶି |
| ଇଦ୍‌ରାର୍ | : ରାଜସ୍ୱମୁକ୍ତ ଭୂମି ଅନୁଦାନ । |

# 13

# ଆର୍ଥିକ ଅବସ୍ଥା

ମଧ୍ୟଯୁଗୀୟ ଭାରତରେ ଜନସାଧାରଣ ନିଜର ଜୀବିକା ଅର୍ଜନ ପାଇଁ ବିଭିନ୍ନ ପ୍ରକାର ବୃତ୍ତି ଅବଲମ୍ବନ କରୁଥିଲେ । ପ୍ରଥମେ ସେମାନଙ୍କର ଜୀବିକା କୃଷିଥିଲା । ପରେ ସେମାନେ ବିଭିନ୍ନ ହସ୍ତଶିଳ୍ପକୁ ଜୀବିକା ରୂପେ ଗ୍ରହଣ କରିଥିଲେ । ଏହାପରେ ବାଣିଜ୍ୟ ଓ ବ୍ୟବସାୟ କରି ଏବଂ ବିଭିନ୍ନ ପ୍ରକାର ଆର୍ଥିକ ଅନୁଷ୍ଠାନ ମାନଙ୍କରେ ସେବା ପ୍ରଦାନ କରି ଜୀବିକା ନିର୍ବାହ କରୁଥିଲେ । ଏହି ସମୟରେ ସେମାନଙ୍କ ଜୀବିକାରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ରାଷ୍ଟ୍ର ବିଭିନ୍ନ ପ୍ରକାର କର ଆଦାୟ କରି ରାଜକୋଷ ବୃଦ୍ଧି କରୁଥିଲା ଏବଂ ଏହାକୁ ଉପଯୋଗ କରି ଏହାର ସ୍ଥିତି ଓ ବିସ୍ତାର ପାଇଁ ଅଗ୍ରସର ହେଉଥିଲା ।

ଏହି ଅଧ୍ୟାୟରେ ବିଭିନ୍ନ ଉତ୍ପାଦନର ଉପାୟ ଏବଂ ମାଧମ ବିଷୟରେ ଅଧ୍ୟୟନ କରିବା । ରାଷ୍ଟ୍ର କିପରି ଏହାର ପୁଞ୍ଜିକୁ ବିନିଯୋଗ କରୁଥିଲା ଏବଂ ବ୍ୟବସାୟ ବାଣିଜ୍ୟ କିପରି ଚାଲୁଥିଲା, ସେ ବିଷୟରେ ମଧ ଜାଣିବା । କୃଷି ଉତ୍ପାଦନ ସମ୍ବନ୍ଧରେ ଆମେ ଦେଖିବା ଯେ କୃଷିର କିପରି ଉନ୍ନତି ହୋଇଥିଲା ଏଥିରେ ଆମେ ବିଭିନ୍ନ ପ୍ରକାର ଶସ୍ୟ, ଜଳସେଚନ ପ୍ରଣାଳୀ ବିଷୟରେ ମଧ ଜାଣିବା । ଭୂରାଜସ୍ୱ ବ୍ୟବସ୍ଥାରେ କର ଆଦାୟ ପ୍ରଣାଳୀ, କର ଆଦାୟକାରୀଙ୍କ ଭୂମିକା ଏବଂ କୃଷକ ଗୋଷ୍ଠୀ ଉପରେ ଉପୁଜୁଥିବା ସମସ୍ୟା ବିଷୟରେ ମଧ ଅଧ୍ୟୟନ କରିବା । ଅଣକୃଷିଜାତ ଉତ୍ପାଦନ ଉପରେ ଦୃଷ୍ଟିପାତ କରି ମଧ୍ୟଯୁଗୀୟ ବିଶାଳ ହସ୍ତଶିଳ୍ପ ଓ ଔଦ୍ୟୋଗିକ ଉତ୍ପାଦନ ବିଷୟରେ ଆମେ ଜାଣିବାକୁ ପାଇବା । ଏତଦ୍‌ବ୍ୟତୀତ ଶିଳ୍ପ ସଂଘ ବିଷୟରେ ମଧ ଆମେ ଜାଣିବା । ସେହିପରି ମଧ୍ୟଯୁଗୀୟ ଭାରତର ବାଣିଜ୍ୟ ଏବଂ ବ୍ୟବସାୟ ଉପରେ ଦୃଷ୍ଟିପାତ କରି ଆମେ ଜାଣିବାକୁ ପାଇବା ସରାଫ୍, ବଣିକ ଏବଂ ଦଲାଲ ପରି ବ୍ୟବସାୟୀକ ସଂଘ କିପରି କାର୍ଯ୍ୟ କରୁଥିଲା । ସେ ସମୟରେ ପ୍ରଚଳିତ ହୁଣ୍ଡି ବିନିମୟ ବ୍ୟବସ୍ଥା, ଦଲାଲି ଏବଂ ବୀମା ବ୍ୟବସ୍ଥା ବିଷୟରେ ମଧ ଜାଣିପାରିବା ।

## OBJECTIVES - ଉଦ୍ଦେଶ୍ୟ

**ଏହି ବିଷୟ ଅଧ୍ୟୟନ କରି ଆମେ ନିମ୍ନଲିଖିତ ପ୍ରସଂଗ ଜାଣିବାକୁ ସମର୍ଥ ହେବା:-**

- କୃଷିର ଅଭିବୃଦ୍ଧି, ମୁଖ୍ୟ ଉତ୍ପାଦିତ ଶସ୍ୟ, କୃଷି ପ୍ରଣାଳୀ ଏବଂ ଭାରତରେ ରହିଥିବା ଜଳସେଚନ ପ୍ରଣାଳୀ ।
- ମଧ୍ୟଯୁଗୀୟ ଭାରତର ରାଜସ୍ୱ ବ୍ୟବସ୍ଥା ।
- ରାଜସ୍ୱ ଆଦାୟରେ ଜମିଦାରମାନଙ୍କର ଭୂମିକା
- ହସ୍ତଶିଳ୍ପ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଦ୍ରବ୍ୟ ।
- ଅଣକୃଷିଜାତ ଉତ୍ପାଦିତ ଦ୍ରବ୍ୟର ସାଂଗଠନିକ କାର୍ଯ୍ୟକ୍ରମ ।
- ଅର୍ନ୍ତବାଣିଜ୍ୟ ଓ ବୈଦେଶିକ ବାଣିଜ୍ୟ ।
- ମୁଖ୍ୟ ବାଣିଜ୍ୟକ ପଦ୍ଧତି ଏବଂ ବ୍ୟବସାୟ ଅର୍ନ୍ତଭୁକ୍ତ ବ୍ୟକ୍ତିବିଶେଷ ଏବଂ
- ଏହି ସମୟରେ ପ୍ରଚଳିତ ମୁଦ୍ରାନୀତି ।



ଟିପ୍ପଣି



## 13.1 AGRICULTURAL PRODUCTION - କୃଷି ଉତ୍ପାଦନ

ମଧ୍ୟଯୁଗରେ କୃଷି ଉତ୍ପାଦନ ଥିଲା ମୋଟ ଉତ୍ପାଦନ । ରାଜ୍ୟର ରାଜସ୍ୱର ପ୍ରମୁଖ ସ୍ରୋତ ଥିଲା କୃଷି ଆୟ ।

### *(i)* EXTENT OF CULTIVATION - କୃଷିର ସଂପ୍ରସାରଣ :

କୃଷିର ଅଭିବୃଦ୍ଧି କହିଲେ ବୁଝାଯାଏ ଯେ ପ୍ରକୃତରେ ଯେତିକି ଅଞ୍ଚଳ କୃଷିର ଅର୍ନ୍ତଭୁକ୍ତ ଥିଲା, କୃଷି ଉପଯୋଗୀ ଜମି ସେହି ଅନୁପାତରେ ରହିଥିବା ଯେଉଁଥିରେ କୃଷିକାର୍ଯ୍ୟ ହୋଇପାରୁ ନଥିଲା । ସେହି ସମୟରେ ମନୁଷ୍ୟ ଏବଂ ଜମି ମଧ୍ୟରେ ଅନୁପାତ ପ୍ରାୟ ଅନୁକୂଳ ଥିଲା । କୃଷକମାନଙ୍କ ଦ୍ୱାରା କର୍ଷିତ ଜମିକୁ ଛାଡ଼ି ଆହୁରି ଅଧିକ ବଳକା ଜମି ରହୁଥିଲା । ଏହି ପ୍ରକାର ପରିସ୍ଥିତିରେ ଉତ୍ପାଦନ ବୃଦ୍ଧିପାଇଁ କୃଷି ସଂପ୍ରସାରଣ ଉପରେ ଗୁରୁତ୍ୱ ପ୍ରଦାନ କରାଗଲା ଏବଂ ନୂତନ ଅଞ୍ଚଳକୁ କୃଷି ଅର୍ନ୍ତଭୁକ୍ତ କରାଗଲା ।

ସମସାମୟିକ ଉତ୍ପାଦନକୁ ଲକ୍ଷଣ କଲେ ଜଣାଯାଏ ଯେ ଗଂଗା ଓ ଯମୁନା ନଦୀରେ ମଧ୍ୟବର୍ତ୍ତୀ ସ୍ଥାନ ଦୋଆବ ଏକ ଉର୍ବରଶୀଳ ଅଞ୍ଚଳ ଥିଲା । କିନ୍ତୁ ଏଠାରେ ମଧ ଘଞ୍ଚ ଜଙ୍ଗଲ ଏବଂ ସନ୍ତସନ୍ତିଆ ସ୍ଥାନ ରହିଥିଲା । ସୁଲତାନୀ ରାଜତ୍ୱ ସମୟରେ ଏହା ଦୃଷ୍ଟିକୁ ଆସିଥିଲା । ମୋଗଲ ରାଜତ୍ୱ ସମୟରେ ମନୁଷ୍ୟ ଓ କୃଷି ଉପଯୋଗୀ ଜମି ମଧ୍ୟରେ ଅନୁପାତ ଠିକ୍ ରହିଥିଲା ।

ଏହି ଯୁଗର ସମ୍ରାଟମାନେ ଏକ ନୀତି ପ୍ରଣୟନ କରି କୃଷି ଅନୁପଯୋଗୀ ଜମିଗୁଡ଼ିକୁ କୃଷି ଉପଯୋଗୀ କରି କୃଷିର ଅଭିବୃଦ୍ଧି ପାଇଁ ଉଦ୍ୟମ କରିଥିଲେ । ଆଦିମ ଅଧିବାସୀ, ପଛୁଆବର୍ଗ ବାସ କରୁଥିବା କ୍ଷେତ୍ର ଏବଂ ସୀମାନ୍ତ ଅଞ୍ଚଳରେ କୃଷିନୀତି କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦିଆଗଲା । ଜଙ୍ଗଲ ଗୁଡ଼ିକୁ କାଟି ସଫା କରାଗଲା ଏବଂ ଏହି ଅଞ୍ଚଳକୁ କୃଷି ଉପଯୋଗୀ ଜମିରେ ରୂପାନ୍ତରିତ କରାଗଲା । ସୁଲତାନୀ ସମୟରୁ ଆରମ୍ଭ କରି ମୋଗଲ ସମୟ ପର୍ଯ୍ୟନ୍ତ ସମାନୁପାତିକ କୃଷିର ଅଭିବୃଦ୍ଧି ହୋଇଥିଲା । ମୋଗଲ ରାଜତ୍ୱ ବେଳକୁ କୃଷିକାର୍ଯ୍ୟ ପ୍ରାୟ ସାମ୍ରାଜ୍ୟର ସବୁଅଞ୍ଚଳରେ ଚାଲିଥିଲା । ଆଉରଙ୍ଗଜେବ୍‌ଙ୍କ ଶାସନ କାଳରେ କୃଷିର ସଂପ୍ରସାରଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ହୋଇଥିଲା । ଆକବରଙ୍କ ଶାସନ କାଳରେ ଏତେ ବୃଦ୍ଧି ହୋଇନଥିଲା । ବିହାର, ଅଯୋଧ୍ୟା ଏବଂ ବଂଗର ଏକ ଅଂଶରେ ଜଙ୍ଗଲକୁ ସଫା କରାଯାଇ କୃଷିର ଅଭିବୃଦ୍ଧି କରାଯାଇଥିଲା । ସେହିପରି ପଞ୍ଜାବ ଏବଂ ସିନ୍ଧୁ ଅଞ୍ଚଳରେ କେନାଲ ଗୁଡ଼ିକର ସଂପ୍ରସାରଣ କରାଯାଇ କୃଷିର ଉନ୍ନତି କରାଯାଇଥିଲା ।

### *(ii)* CROP PATTERN - ବିଭିନ୍ନ ପ୍ରକାର ଶସ୍ୟ :

ମଧ୍ୟଯୁଗୀୟ ଭାରତୀୟ କୃଷକମାନେ ବିଭିନ୍ନ ପ୍ରକାର ଖାଦ୍ୟଶସ୍ୟ, ଅର୍ଥକାରୀ ଫସଲ, ପନିପରିବା ଏବଂ ମସଲା ଉତ୍ପାଦନ କରୁଥିଲେ । ସେମାନେ ଅତ୍ୟାଧୁନିକ କୃଷିପ୍ରଣାଳୀ ଉପରେ ଅଭିଜ୍ଞତା ହାସଲ କରିଥିଲେ । ସେଥିପାଇଁ ବର୍ଷକୁ ଦୁଇପ୍ରକାର, ତିନିପ୍ରକାର ଶସ୍ୟ ଗୋଟିଏ କ୍ଷେତରୁ ଅମଳ କରିପାରୁଥିଲେ । ସେମାନେ କେଉଁ ଶସ୍ୟ ପରେ କେତେ କେଉଁ ଶସ୍ୟ କରାଯିବ ଏବଂ କେଉଁ ସମୟରେ ସାରର ପ୍ରୟୋଗ କରାଯିବ, ତାହା ମଧ ଜାଣିଥିଲେ । ସେମାନେ ମଧ ଜଳସେଚନ ନିୟନ୍ତ୍ରଣ କରିପାରୁଥିଲେ ।

**କ) ଖାଦ୍ୟଶସ୍ୟ- Food Crops :** ସେମାନଙ୍କର ମୁଖ୍ୟ ଖାଦ୍ୟ ଶସ୍ୟଗୁଡ଼ିକ ଥିଲା ଧାନ, ଗହମ, ବାର୍ଲି, ଜଅ ଏବଂ ବାଜରା ଏବଂ ବିଭିନ୍ନ ଡ଼ାଲି ଜାତୀୟ ଶସ୍ୟ ଯଥା ବୁଟ, ହରଡ଼, ମୁଗ, ଖେସର ଏବଂ ମେଥି ଇତ୍ୟାଦି ଉତ୍ପାଦନ କରୁଥିଲେ ।

**ଖ) ଅର୍ଥକାରୀ ଫସଲ - Cash Crops :** ଆଖୁ, ତୁଳା, ନୀଳ, ପଶମ, ଅଫିମ ଇତ୍ୟାଦି ଥିଲା ମଧ୍ୟଯୁଗୀୟ ଭାରତର କେତେକ ଅର୍ଥକାରୀ ଫସଲ । ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ଆଖୁରୁ ମଦ ତିଆରି କରିବା ପ୍ରଣାଳୀ ଚାରିଆଡ଼େ ବ୍ୟାପକ ଭାବରେ ଚାଲିଥିଲା । ମୋଗଲ ରାଜତ୍ୱ ସମୟରେ ଏକ ଅର୍ଥକାରୀ ଫସଲ ରୂପେ ଆଖୁ ଚାଷ ବ୍ୟାପକ ଭାବେ ହେଉଥିଲା । ବଂଗର କୃଷକମାନେ ଉଚ୍ଚମାନର ଆଖୁ ଉତ୍ପାଦନ କରୁଥିଲେ ।

ମୋଗଲ ରାଜତ୍ୱ ସମୟରେ ଆଗ୍ରା ନିକଟବର୍ତ୍ତୀ ବାୟନା ଏବଂ ଅହମ୍ମଦାବାଦ୍ ନିକଟବର୍ତ୍ତୀ ସରଖେଜ୍‌ରେ ଉଚ୍ଚମାନର ନୀଳ ଉତ୍ପାଦିତ ହୋଇଥିଲା । ସୁଲତାନୀ ଶାସନ ସମୟରେ ଟସ୍ର ଚାଷ ଉନ୍ନତିର ଚରମ ସୀମା ସ୍ପର୍ଶ କରିଥିଲା ଏବଂ ମୋଗଲ ଶାସନ ସମୟରେ ବ୍ୟାପକ ଧାରଣ କରିଥିଲା । ପଶମ ଉତ୍ପାଦନରେ ବେଙ୍ଗଲ ମୁଖ୍ୟ ଅଞ୍ଚଳ ରୂପେ ଖ୍ୟାତି ଅର୍ଜନ କରିଥିଲା । ମୋଗଲ ଶାସନଧୀନ ପ୍ରଦେଶ ବିହାର ଏବଂ ମାଳବ ଉଚ୍ଚଗୁଣ ସଂପନ୍ନ ଅଫିମ ଉତ୍ପାଦନ କରୁଥିଲେ । ଷୋଡ଼ଶ ଶତାବ୍ଦୀରେ ପର୍ତ୍ତୁଗୀଜମାନେ ଧୂଆଁପତ୍ର ଚାଷ ଭାରତରେ ପ୍ରଣୟନ କଲେ । ପରବର୍ତ୍ତୀ ସମୟରେ ଚାରିଆଡ଼େ ବ୍ୟାପକ ଭାବରେ ଏହି ଚାଷ କରାଗଲା । ସେହିପରି ସପ୍ତଦଶ ଶତାବ୍ଦୀ ଠାରୁ କଫି ଚାଷ ବହୁଳ ଭାବରେ କରାଗଲା ।

**ଗ) ଫଳ ଏବଂ ପନିପରିବା : FRUITS AND VEGETABLES** ମଧ୍ୟଯୁଗୀୟ ଭାରତରେ ଫଳଚାଷ ବ୍ୟାପକଭାବେ ହେବାକୁ ଲାଗିଲା । ଦିଲ୍ଲୀର କେତେକ ସୁଲତାନ୍ ଫଳଚାଷ ପାଇଁ ପୃଷ୍ଠପୋଷକତା ପ୍ରଦାନ କରିଥିଲେ । ଉଦାହରଣ ସ୍ୱରୂପ ଫିରୋଜ ଶାହା ତୋଗଲକ ୧ ୨୦୦ଟି ଫଳ ବଗିଚାର ମୂଳଭିତ୍ତି ସ୍ଥାପନ କରିଥିଲେ । ମୋଗଲ ସମ୍ରାଟ ଏବଂ ତାଙ୍କ ସାମନ୍ତମାନେ ଅସଂଖ୍ୟ ଫଳ ବଗିଚାମାନ ସୃଷ୍ଟି କରିଥିଲେ ।

ଷୋଡ଼ଶ ଶତାବ୍ଦୀ ଓ ସପ୍ତଦଶ ଶତାବ୍ଦୀ ବେଳକୁ ବାହାର ଏଜେଣ୍ଟମାନଙ୍କ ଜରିଆରେ ଭାରତରେ ବିଭିନ୍ନ ଫଳ ଚାଷ ଦେଖାଗଲା । ପର୍ତ୍ତୁଗୀଜମାନେ ସପୁରି, ଅମୃତଭଣ୍ଡା ଏବଂ କାଜୁ ଭାରତୀୟ ବଜାରରେ ବିକ୍ରି କରୁଥିଲେ । କାବୁଲରୁ ଚେରି ଆସିଥିଲା । ମଧ୍ୟଯୁଗୀୟ ଭାରତୀୟ କୃଷକମାନେ ଲିଚୁ ଓ ପିଜୁଳି ଉତ୍ପାଦନ କରୁଥିଲେ । ଆବୁଲ ଫାଜଲ୍ ଆଇନ୍-ଇ-ଆକବରୀରେ ତତ୍‌କାଳୀନ ସମୟରେ ବ୍ୟବହୃତ ପନିପରିବା ଗୁଡ଼ିକର ତାଲିକା ପ୍ରଦାନ କରିଅଛନ୍ତି, ସେଗୁଡ଼ିକ ମଧ୍ୟରୁ ଆଳୁ, ଲଙ୍କା ଏବଂ ଟମାଟୋ ଥିଲା ପ୍ରଧାନ ।

**ଘ) ମସଲା-SPICES:** ଗୋଲମରିଚ, ଲବଙ୍ଗ, ଅଳେଇଚ, ହଳଦୀ ଏବଂ କେଶର ଇତ୍ୟାଦି ମସଲାଜାତ ଦ୍ରବ୍ୟ ଗୁଡ଼ିକ ମଧ୍ୟଯୁଗୀୟ କୃଷକମାନଙ୍କ ଦ୍ୱାରା ଉତ୍ପାଦିତ ହେଉଥିଲା । ମୋଗଲ ରାଜତ୍ୱ ସମୟରେ ଦକ୍ଷିଣ ଭାରତୀୟ ଉପକୂଳ, ଏସିଆ ଓ ଇଉରୋପର ବିଭିନ୍ନ ଅଞ୍ଚଳକୁ ବ୍ୟାପକ ମାତ୍ରାରେ ଏହି ମସଲା ରପ୍ତାନୀ କରିଥିଲେ ।

### *iii)* MEANS AND METHODS OF INRIGATION- ଜଳସେଚନ ପ୍ରଣାଳୀ

ଭାରତୀୟ କୃଷି ମୁଖ୍ୟତଃ ଜଳ ଉପରେ ନିର୍ଭର କରିଥାଏ । ଏହା ପ୍ରାକୃତିକ ଓ କୃତ୍ରିମ ଉପାୟରେ ଜଳ ପାଇଥାଏ । କୃଷି କ୍ଷେତ୍ରକୁ ଜଳସେଚନ ପାଇଁ ମୁଖ୍ୟତଃ ବର୍ଷା, କୂପ, ନଦୀ, ପୋଖରୀ, କେନାଲ ଏବଂ ହ୍ରଦ ଗୁଡ଼ିକ ଉପରେ ନିର୍ଭର କରିବାକୁ ହୋଇଥାଏ ।

ଡ୍ୟାମ୍, ହ୍ରଦ ଏବଂ ଜଳଉତ୍ସଗୁଡ଼ିକ ଜଳସେଚନର କେତେକ ପ୍ରଧାନ ମାଧ୍ୟମ । ଦକ୍ଷିଣ ଭାରତରେ, ରାଷ୍ଟ୍ର, ଆଞ୍ଚଳିକ ମୁଖ୍ୟ ଏବଂ ମନ୍ଦିର ପରିଚାଳନା କମିଟି ଏହି ଉଦ୍ଦେଶ୍ୟରେ ନଦୀମାନଙ୍କରେ ଡ୍ୟାମ୍ ତିଆରି କରିଥିଲେ । ବିଜୟ ନଗରର ଶାସକମାନେ ତୁଙ୍ଗଭଦ୍ରା ନଦୀ ଉପରେ ମାଡ଼ଗ ହ୍ରଦ ନିର୍ମାଣ କରି ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଜଳସେଚନ ଆବଶ୍ୟକତାକୁ ପୂରଣ କରିପାରିଥିଲେ । ମଧ୍ୟଯୁଗୀୟ ରଜସ୍ଥାନରେ ହ୍ରଦ ଏବଂ ଜଳଉତ୍ସଗୁଡ଼ିକୁ ନିର୍ମାଣ କରି ଲୋକେ ଜଳସେଚନ ସମସ୍ୟାକୁ ଦୂର କରିପାରିଥିଲେ । ସେଗୁଡ଼ିକ ଥିଲା ଧେବର, ଉଦୟସାଗର, ରାଜସମନ୍ଦ, ଜୟସମନ୍ଦ, ବାଲସାନ୍, ମନସାଗର ଇତ୍ୟାଦି ।

ସେହି କୂପ ଗୁଡ଼ିକ ସାଧାରଣ ଜଳସେଚନ ପାଇଁ ଉପାଦେୟ ଥିଲା । ସେଥିପାଇଁ ଦେଶର ଚାରିଆଡ଼େ ଏଗୁଡ଼ିକ ଖନନ କରାଯାଇଥିଲା । କେତେକ କୃତ୍ରିମ ଉପାୟରେ କୂପଗୁଡ଼ିକରୁ ଉଠାଜଳ ସାହାଯ୍ୟରେ ଜଳସେଚନ କରାଯାଉଥିଲା । ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ପୁଲିର ବ୍ୟବହାର କରାଯାଉଥିଲା । ଟେଣ୍ଡା ଦ୍ୱାରା ମଧ ଜଳସେଚନ କାର୍ଯ୍ୟ କରାଯାଉଥିଲା । ସୁଲତାନୀ ଶାସନ ସମୟରୁ

ଟିପ୍ପଣି

ପାରସିକ ପ୍ରଣାଳୀରେ ମଧ ଜଳସେଚନ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ସମୟର ସର୍ବାଧୁନିକ ଜଳସେଚନ ପ୍ରଣାଳୀ ବାର୍ଙ୍ଗି ଥିଲା । ଏହି ପ୍ରଣାଳୀରେ ଚକର ରିମ୍‌ରେ ଜଳପାତ୍ର ଗୁଡ଼ିକୁ ବାନ୍ଧି ଦିଆଯାଇଥିଲା । ଗିଅର ଜ୍ଞାନ କୌଶଳ ସାହାଯ୍ୟରେ ଏବଂ ପଶୁମାନଙ୍କ ଦ୍ୱାରା ଚକକୁ ବୁଲାଯାଉଥିଲା । ଫଳରେ ଜଳ ଉତ୍ସରୁ ମାଠିଆରେ ଜଳ ଉପରକୁ ଆସି ଢ଼ାଳି ହୋଇଯାଉଥିଲା ।

ଦିଲ୍ଲୀ ସୁଲତାନୀ ଶାସକ କେନାଲ ଦ୍ୱାରା ଜଳସେଚନ ପାଇଁ ଅନେକ ଉଦ୍ୟମ କରିଥିଲେ । ୧୩୨୦ ଖ୍ରୀଷ୍ଟାବ୍ଦରୁ ୧୩୨୫ ଖ୍ରୀଷ୍ଟାବ୍ଦ ମଧରେ ଗିୟାସୁଦ୍ଦୀନ ତୋଗଲକ ଅନେକ କେନାଲ ନିର୍ମାଣ କରିଥିଲେ । ଫିରୋଜ ଶାହା ତୋଗଲକ ଏକ ଦୀର୍ଘ କେନାଲ ନିର୍ମାଣ କରିଥିଲେ । ସେଥିମଧରୁ ୪ ଗୋଟି କେନାଲର ନାମ ଉଲ୍ଲେଖ ଯୋଗ୍ୟ । ସେଗୁଡ଼ିକ ଥିଲା (୧) ସତଲେଜ୍‌ରୁ ଘାଘରା (୨) ନଂଦାଭି ଏବଂ ସିମର ପାହାଡ଼ରୁ ଆରସାନୀ ପର୍ଯ୍ୟନ୍ତ, (୩) ଘାଘରା ଠାରୁ ହିରାଂସୀଖେରା ପର୍ଯ୍ୟନ୍ତ ଏବଂ (୪) ଯମୁନା ଠାରୁ ଫିରୋଜାବାଦ୍ ପର୍ଯ୍ୟନ୍ତ ସୁଲତାନୀ ଶାସକମାଙ୍କର କେନାଲ ଖନନ କାର୍ଯ୍ୟକୁ ଅନୁକରଣ କରି ମୋଗଲ ସମ୍ରାଟ ଶାହାଜାହାନ୍ ନହର ଫେଜ୍ ନିର୍ମାଣ କରି ଯମୁନା ନଦୀରୁ ଜଳ ଆଣି ଏକ ବିଶାଳ ଅଞ୍ଚଳକୁ ଜଳସେଚନର ସୁବିଧା କରାଇଥିଲେ ।

## INTEXT QUESTIONS 13.1 - ପ୍ରତ୍ୟାଶିତ ପ୍ରଶ୍ନ

1. କୃଷି କାର୍ଯ୍ୟ ପାଇଁ ଜମିର ଅବସ୍ଥା କ'ଣ ଥିଲା ?

_______________________________________________

2. ମଧ୍ୟଯୁଗୀୟ ଭାରତର ଚାରିଗୋଟି ଖାଦ୍ୟଶସ୍ୟ ଏବଂ ଚାରିଗୋଟି ଅର୍ଥକାରୀ ଫସଲର ନାମ ଲେଖ ।

_______________________________________________

3. ମଧ୍ୟଯୁଗୀୟ ଭାରତରେ ପ୍ରଚଳିତ ଚାରିଗୋଟି ଶସ୍ୟର ନାମ ଲେଖ ।

_______________________________________________

4. 'ବାଂଫି' କ'ଣ ?

_______________________________________________

## 13.2. LAND REVENUE ASSESSMENT AND MAGNITUDE OF THE LAND REVENUE DEMAND
### ଭୂ ରାଜସ୍ୱ ଆକଳନ ଏବଂ ବିଭିନ୍ନ ପ୍ରକାରରେ ଏହାର ଆଦାୟ :-

ମଧ୍ୟଯୁଗୀୟ ରାଜ୍ୟ ଏହାର ଆୟର ବୃହତ୍ ଅଂଶ ଭୂରାଜସ୍ୱରୁ ପାଉଥିଲା । ସେଥିପାଇଁ ଏକ ବିସ୍ତୃତ ରାଜସ୍ୱ ବିଭାଗ ସୃଷ୍ଟି ହୋଥିଲା । ଏହି ରାଜସ୍ୱ ଶାସନ ମଧ୍ୟଯୁଗୀୟ ସୁଲତାନ୍ ଆଲାଉଦ୍ଦୀନ ଖିଲଜୀ, ଶେରସାହ ସୁରି ଏବଂ ଆକବରଙ୍କ ଯୋଗୁ ସଫଳତାର ସହିତ କାର୍ଯ୍ୟ କରିଥିଲା । କେତେକ ଗଠନମୂଳକ ନୀତି ରାଜସ୍ୱ ଶାସନରେ ଅର୍ନ୍ତଭୁକ୍ତ କରାଯାଇ ଥିଲା । ସେଗୁଡ଼ିକ ଥିଲା ଯଥା (୧) ଭୂ ରାଜସ୍ୱର ସଠିକ୍ ଆକଳନ ପାଇଁ ପ୍ରକୃତ କୃଷିଉପଯୋଗୀ ଜମିର ମାପ କରିବା, (୨) ଉର୍ବରତାକୁ ଆଧାର କରି ଜମିଗୁଡ଼ିକର ବିଭାଗୀକରଣ, (୩) ସେହି ଅନୁସାରେ ଭୂରାଜସ୍ୱ ନିର୍ଦ୍ଧାରଣ, (୪) ଭୂ ରାଜସ୍ୱ ଆଦାୟ ପାଇଁ ରାଜସ୍ୱ ଶାସନ ବ୍ୟବସ୍ଥା ପ୍ରତିଷ୍ଠା ଏବଂ (୪) ରାଜସ୍ୱ ଆକଳନ ଓ ଆଦାୟର ପ୍ରଣାଳୀ ପ୍ରଣୟନ ସହିତ ମୁଦ୍ରା ଆକାରରେ ରାଜସ୍ୱ ଆଦାୟ ପାଇଁ ଚେଷ୍ଟା କରିବା ।

ମଧ୍ୟଯୁଗରେ ବିଭିନ୍ନ ପ୍ରଣାଳୀରେ ରାଜସ୍ୱ ଆକଳନ ହୋଇ ସଂଗୃହିତ ହେଉଥିଲା । ସବୁଠାରୁ ସରଳ ଏବଂ ମୌଳିକ ପ୍ରଣାଳୀ ଥିଲା ଶସ୍ୟରୁ ଭାଗଦେବା ବା ବଟାଇ । ରାଷ୍ଟ୍ର ଉତ୍ପାଦନର ଅନୁପାତରେ



ଟିପ୍ପଣି

କେତେ ଅଂଶ ରାଜସ୍ୱ ନେବ ନିର୍ଦ୍ଧାରଣ କରୁଥିଲା । ଏହି ପ୍ରଣାଳୀରେ ମୋଟ ଉତ୍ପାଦନର କେତେ ଅଂଶ ରାଜ୍ୟ ପାଇବ ନିର୍ଦ୍ଧାରିତ ହେଉଥିଲା । ପଦବୀପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ରାଜ୍ୟର ଅଂଶ ଆଦାୟ କରାଯାଉଥିଲା । ଏହି ପଦବୀପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ରାଜ୍ୟର ଅଂଶ ଆଦାୟ କରାଯାଉଥିଲା । ଏହି ପ୍ରଣାଳୀରେ ଜମିର ମାପକୁ ବିଚାରକୁ ନିଆଯାଇ ଉତ୍ପାଦନ ଆଧାରରେ ରାଜସ୍ୱ ନିର୍ଦ୍ଧାରଣ କରାଯାଉଥିଲା ।


**ଶସ୍ୟରୁ ଭାଗ-CROP SHARING**

ଶସ୍ୟରୁ ରାଜସ୍ୱ ଆକାରରେ ରାଜକୋଷକୁ ଯାଉଥିଲା, ତାହା ତିନି ପ୍ରକାରର ଥିଲା । ପ୍ରଥମତଃ, ଶସ୍ୟ ଅମଳ ସମୟରେ ଅମଳସ୍ଥାନରେ ରାଜ୍ୟର ଭାଗ ଅଲଗା କରିଦିଆଯାଉଥିଲା । ଦ୍ୱିତୀୟତଃ ବିଲରେ ଶସ୍ୟ ଥିବା ଅବସ୍ଥାରେ ମଧ ରାଜ୍ୟର ଭାଗ ବାଣ୍ଟିଦିଆଯାଉଥିଲା । ଏବଂ ତୃତୀୟତଃ ଶସ୍ୟଗୁଡ଼ିକ କଟାହୋଇ ଗଦାହୋଇ ରହିବା ସମୟରେ ମଧ ରାଜ୍ୟର ଭାଗ ଅଲଗା କରିଦିଆଯାଉଥିଲା । ଏହିପରିଭାବେ ରାଜ୍ୟର ଭାଗ ଆଦାୟ ହେଉଥିଲା ।

ଦ୍ୱିତୀୟ ପ୍ରଣାଳୀକୁ 'କାନକୁଟ' କୁହାଯାଉଥିଲା । ଏହି ପ୍ରଣାଳୀରେ ଜମିର ମାପକୁ ପ୍ରାଧାନ୍ୟ ଦିଆଯାଉଥିଲା । ଜମିକୁ ମାପ କଲାପରେ ଏହାର ଉତ୍ପାଦିକା ଶକ୍ତିକୁ ଆକଳନ କରାଯାଇ ରାଜସ୍ୱ ଧାର୍ଯ୍ୟ କରାଯାଏ । ଶେରଶାହ ଏହି ଆକଳନ ପ୍ରଣାଳୀରେ ଉନ୍ନତି ଆଣିଥିଲେ । ଜମିର ଉତ୍ପାଦିକା ଶକ୍ତିକୁ ଆକଳନ କରିବା ପାଇଁ କୃଷି କ୍ଷେତ୍ରରୁ ତିନିପ୍ରକାରରେ ଶସ୍ୟ କଟାହୋଇ ମୂଲ୍ୟାୟନ ହେଉଥିଲା । ଏହି ତିନିପ୍ରକାର ପ୍ରଣାଳୀ ଥିଲା । (୧) ଭଲ, (୨) ମଧମ, (୩) ଖରାପ ଏବଂ ଏହାକୁ ବିଚାରକୁ ନେଇ ସାଧାରଣ ଭାବରେ ଉତ୍ପାଦନକୁ ଆକଳନ କରାଯାଉଥିଲା । ମୋଟ ଉତ୍ପାଦନର ଏକ ତୃତୀୟାଂଶ ରାଜସ୍ୱ ଦେବାପାଇଁ ଧାର୍ଯ୍ୟ କରାଯାଉଥିଲା ।

ପ୍ରତ୍ୟେକ ଫସଲ ପାଇଁ ରାଜସ୍ୱ ଘୋଷଣା କରାଗଲା ଏବଂ ଶେହଶାହଙ୍କ ରାଜକୋଷରେ ଜମାହେଲା । ଆକବରଙ୍କ ରାଜତ୍ୱର ପ୍ରାରମ୍ଭିକ ବର୍ଷମାନଙ୍କରେ ଏହି ରାଜସ୍ୱ ନୀତି ସମସ୍ତ ରାଜ୍ୟରେ ପ୍ରଚଳନ କରାଯାଇଥିଲା । ରାଜ୍ୟର ଦାବି ମୁତାବକ ଭୂ ରାଜସ୍ୱ ଦ୍ରବ୍ୟ ଆକାରରେ ନିର୍ଦ୍ଧାରିତ ହେଉଥିଲା, କିନ୍ତୁ ତାହାର ମୂଲ୍ୟ ଆକଳନ କରାଯାଇ ମୁଦ୍ରା ଆକାରରେ ରାଜସ୍ୱ ସଂଗୃହିତ ହେଉଥିଲା ।

ଭୂ ରାଜସ୍ୱ ଆଦାୟର ତୃତୀୟ ପ୍ରଣାଳୀକୁ କୁହାଯାଉଥିଲା ଜବ୍‌ତି । ଜମିର ମାପ ଅନୁସାରେ ଏଥିରେ ରାଜସ୍ୱ ଆକଳନ କରାଯାଇଥିଲା । ଆକବର ଏହି ପ୍ରଣାଳୀକୁ ଆହୁରି ସରଳ କରିଥିଲେ । ସେ ତାଙ୍କ ପୁରା ସାମ୍ରାଜ୍ୟକୁ କେତେକ ରାଜସ୍ୱ ଖଣ୍ଡରେ ବିଭକ୍ତ କରିଥିଲେ । ଯାହାକୁ 'ଦସ୍ତୁର' ବୋଲି କୁହାଗଲା । ପ୍ରତ୍ୟେକ ଦସ୍ତୁରରେ ଉତ୍ପାଦିତ ଶସ୍ୟ ଗୁଡ଼ିକର ଉତ୍ପାଦନର ହାରକୁ ବିଚାରକୁ ନେଇ ରାଜସ୍ୱ ଆକଳନ କରାଗଲା ଏବଂ ଏହାର ମୂଲ୍ୟାୟନ କରାଯାଇ ମୁଦ୍ରା ଆକାରରେ ରାଜସ୍ୱ ଆଦାୟ ହେଲା । ପ୍ରତିବର୍ଷ ବିଭିନ୍ନ ଅଞ୍ଚଳ ପାଇଁ ନୂତନ ରାଜସ୍ୱ ବ୍ୟବସ୍ଥା ସମସ୍ୟା ସୃଷ୍ଟିକଲା । ଆକବର ଏହି ସମସ୍ୟାକୁ ଦୂର କରିବା ପାଇଁ 'ଆଇନ୍ -ଇ - ଦଶଲା' ବା ୧୦ ବର୍ଷିଆ ରାଜସ୍ୱ ଆଇନ୍ ପ୍ରଣୟନ କଲେ । ଏହି ଆଇନ୍ ଅନୁସାରେ ଏକ ନିର୍ଦ୍ଦିଷ୍ଟ ଶସ୍ୟ ପାଇଁ ସାଧାରଣ ମୂଲ୍ୟରେ ୧୦ ବର୍ଷ ପାଇଁ ରାଜସ୍ୱକୁ ମୁଦ୍ରା ଆକାରରେ ଆଦାୟ ହେବାର ବ୍ୟବସ୍ଥା କରାଗଲା । ଅନିୟମିତଭାବେ ଏହି ବ୍ୟବସ୍ଥାର ମଝିରେ ମଝିରେ ପରିବର୍ତ୍ତନ ହେବାର ଲକ୍ଷ୍ୟ କରାଯାଇଥିଲା । ପ୍ରାରମ୍ଭରେ ଏହି ବ୍ୟବସ୍ଥା ଆଗ୍ରା, ଆଲାହାବାଦ, ଅଯୋଧା, ଦିଲ୍ଲୀ, ଲାହୋର ଏବଂ ମାଳବରେ ପ୍ରଚଳନ କରାଯାଇଥିଲା । ପରେ ଏହି ବ୍ୟବସ୍ଥା ଅନ୍ୟାନ୍ୟ ସ୍ଥାନରେ କାର୍ଯ୍ୟକାରୀ କରାଗଲା । ସେ ଯାହାହେଉ ଏକା ଥରକେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ସମସ୍ତ ଚାଷଜମି ମାପ କରାଯାଇପାରି ନଥିଲା । ଏଥିରୁ ଜଣାପଡ଼େ ଯେ କେତେକ ମାପ ସରିଥିବା ଅଞ୍ଚଳ ମଧରେ ଆହୁରି ଅନେକ ମାପ ନହୋଇଥିବା ଜମି ମଧ ରହିଥିଲା । ତେଣୁ ଏହି ପରିପ୍ରେକ୍ଷୀରେ (zabti) ଜବ୍‌ତି ଅଞ୍ଚଳରେ ସାରା ରାଜ୍ୟରେ ଆକଳନ ଓ ଆଦାୟ ଅନ୍ୟ ପ୍ରଣାଳୀ ଅନୁସୃତ ହୋଇଥିଲା ।



ଟିପ୍ପଣି



### ଜମିର ଶ୍ରେଣୀ ବିଭାଗ-CLASSIFICATION OF LAND

ମାପ ସରିଲା ପରେ କୃଷି ଉପଯୋଗୀ ଜମିଗୁଡ଼ିକର ଉର୍ବରତାକୁ ବିଚାରକୁ ନେଇ ତିନୋଟି ଶ୍ରେଣୀରେ ବିଭକ୍ତ କରାଗଲା । ଯଥା - ଉତ୍ତମ, ମଧ୍ୟମ ଓ ନିକୃଷ୍ଟ । ପୁନଶ୍ଚ ଏହାପରେ ଜମି ଗୁଡ଼ିକୁ ଚାରିଭାଗରେ ବିଭକ୍ତ କରାଗଲା । ଯଥା - (୧) ପୋଲାଜ, (୨) ପାରାତି, (୩) ଚାରାର ଏବଂ (୪) ବଞ୍ଜର । ପ୍ରତିବର୍ଷ ଦୁଇଟି ଫସଲ ଅମଳ ହେଉଥିବା ଜମିକୁ ପୋଲାଜ କୁହାଯାଉଥିଲା । ଉର୍ବରତା ବୃଦ୍ଧି ପାଇଁ ବର୍ଷେ ଚାଷ କରିବା ପରେ ବର୍ଷେ ବା ଦୁଇବର୍ଷ ପଡ଼ିଆ ରଖାଯାଉଥିବା ଜମିକୁ ପାରାତି କୁହାଯାଉଥିଲା । ସେହିପରି ତିନି ବା ଚାରିବର୍ଷ ପଡ଼ିଆ ରଖାଯାଉଥିବା ଜମିକୁ ଚାରାର କୁହାଯାଉଥିଲା । ବଞ୍ଜର ଜମି ପାଞ୍ଚବର୍ଷ ବା ତହିଁରୁ ଅଧିକ ବର୍ଷ ପଡ଼ିଆ ପଡୁଥିଲା । ଏହି ଜମିରେ କ୍ୱଚିତ୍ ଚାଷ କରାଯାଉଥିଲା ।

ଭୂ ରାଜସ୍ୱ ଥିଲା ରାଜ୍ୟର ମୁଖ୍ୟ ଆୟ । ତେଣୁ ରାଜ୍ୟ ବିଧିବଦ୍ଧ ଭାବେ କୃଷି ଜମିର ବୃଦ୍ଧି ସହିତ ରାଜକୋଷକୁ ବୃଦ୍ଧି କରିବା ପାଇଁ ସର୍ବଦା ଚେଷ୍ଟା କରୁଥିଲା । କୃଷକମାନଙ୍କ ଠାରୁ ଅଧିକ ରାଜସ୍ୱ ଆଦାୟ ପାଇଁ ରାଜ୍ୟ ଗୁରୁତ୍ୱ ପ୍ରଦାନ କରୁଥିଲା ।

ପରଗଣା ସ୍ତରରେ ମୋଗଲ ରାଜସ୍ୱ ବ୍ୟବସ୍ଥା ସଂଗଠିତ ହୋଇଥିଲା । ଏଠାରେ ବିଭିନ୍ନ ଅଧିକାରୀଙ୍କୁ ସର୍ଭେକାର୍ଯ୍ୟ କରି ରାଜସ୍ୱ ଆଦାୟ କରିବାର ଦାୟିତ୍ୱ ଅର୍ପଣ କରାଯାଇଥିଲା । ସର୍ଭେ ବିଭାଗର ମୁଖ୍ୟ ଥିଲେ ଅମିନ୍ । ରାଜସ୍ୱ ସଂଗ୍ରହ ବିଭାଗର ମୁଖ୍ୟଥିଲେ ଅମିଲ । ସର୍ଭେ କାର୍ଯ୍ୟରେ କାନୁନ୍‌ଗୋ ଅମିନ୍‌ଙ୍କୁ ସାହାଯ୍ୟ କରୁଥିଲେ । ଏଥି ସମ୍ବନ୍ଧୀୟ ସମସ୍ତ ରେକର୍ଡ଼ ପତ୍ର ତାଙ୍କ ନିକଟରେ ମହଜୁଦ୍ ରହିଥିଲା । ସେହିପରି ଅମିଲଙ୍କୁ ରାଜସ୍ୱ ସଂଗ୍ରହ କାର୍ଯ୍ୟରେ ସହଯୋଗ କରୁଥିଲେ ଚଉଧୁରୀ । ଗ୍ରାମରେ ପଟ୍ଟୱାରୀ ସମସ୍ତ ରେକର୍ଡ଼ ପତ୍ର ଦାୟିତ୍ୱରେ ଥିଲାବେଳେ ମକଦମ୍‌ଙ୍କ ଦ୍ୱାରା ରାଜସ୍ୱ ଆଦାୟ ହେଉଥିଲା । ଏଠାରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ କର୍ମଚାରୀ ଥିଲେ ପୋତାଦାର ବା କୋଷଧକ୍ଷ ଏବଂ କରକୁନ୍ ବା କିରାଣୀ । ଏହି ସମସ୍ତ ରେକର୍ଡ଼ ପାର୍ସୀ ଭାଷା ଏବଂ ଆଞ୍ଚଳିକ ଭାଷାରେ ଲେଖାଯାଇ ରଖାଯାଉଥିଲା ।

**ପଟ୍ଟା ଏବଂ କବୁଲିୟତ-PATTA AND QUBULIAT:** ପ୍ରତ୍ୟେକ କୃଷକକୁ ରାଜ୍ୟ ଏକ ପଟ୍ଟା ପ୍ରଦାନ କରୁଥିଲା । ଏହି ପଟ୍ଟାରେ ପ୍ରଜାର ସତ୍ୱ, ଜମିର ପରିମାଣ ଓ ନିର୍ଦ୍ଧାରିତ ରାଜସ୍ୱ ବିଷୟ ଲିପିବଦ୍ଧ କରାଯାଇଥିଲା । ଅପର ପକ୍ଷରେ ପ୍ରତ୍ୟେକ ପ୍ରଜା ଧାର୍ଯ୍ୟ ରାଜସ୍ୱ ଦେବାପାଇଁ ସ୍ୱୀକାର କରି ଏକ ଚୁକ୍ତିପତ୍ର ଲେଖିଦେଇଥିଲେ । ଏହାକୁ କବୁଲିୟତ କୁହାଯାଉଥିଲା । ଏହି ରାଜସ୍ୱ ପ୍ରଦାନ ବ୍ୟତିରେକ ରାଜସ୍ୱ ମୂଲ୍ୟାୟନ ଓ ସଂଗ୍ରହ ପାଇଁ ଖର୍ଚ୍ଚ ବାବଦକୁ ପ୍ରଜାମାନେ କିଛି ସେସ୍ (cess) ଦେଉଥିଲେ ।

### INTEXT QUESTIONS 13.2 - ପ୍ରତ୍ୟାଶିତ ପ୍ରଶ୍ନ

୧. ଖେତ୍ ବଟାଇ ଏବଂ ଲଙ୍ଗବଟାଇ ମଧ୍ୟରେ ପ୍ରଭେଦ କ'ଣ ଥିଲା ?

୨. ଜିନିଜଣ ମଧ୍ୟଯୁଗୀୟ ଶାସକଙ୍କ ନାମଲେଖି, ଯେଉଁମାନଙ୍କର ଭୂ ରାଜସ୍ୱ ନୀତି ଯୋଗୁ ରାଜସ୍ୱ ଶାସନ ଏକ ବ୍ୟବସ୍ଥିତ ଆକାର ଧାରଣ କରିଥିଲା ?

୩. ପୋଲାଜ ଜମି, ଚାଚ୍ଚର ଜମି ଏବଂ ପାରାତି ଜମି କହିଲେ କ'ଣ ବୁଝ ?

୪. ପଟ୍ଟା ଏବଂ କବୁଲିୟତ କ'ଣ ଥିଲା ?

## 13.3. ROLE OF LANDED INTERMEDIARIES IN REVENUE COLLECTION : ରାଜସ୍ୱ ସଂଗ୍ରହରେ ଭୂ-ମଧ୍ୟସ୍ଥିଙ୍କର ଭୂମିକା

ସରକାରୀ ଅଧିକାରୀଙ୍କ ବ୍ୟତୀତ ରାଜା ଓ ପ୍ରଜାଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ମଧ୍ୟସ୍ଥି ରହିଥିଲେ । ଭୂ ରାଜସ୍ୱ ଆଦାୟ ସମୟରେ ଏହି ମଧ୍ୟସ୍ଥି ମାନଙ୍କର ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଥିଲା । ସେମାନେ ପ୍ରଦାନ କରୁଥିବା ସେବା ପାଇଁ ତାଙ୍କ ଜମିରୁ ରାଜସ୍ୱ ଛାଡ଼ କରିବା କିମ୍ବା ଆଦାୟ ହେଉଥିବା ରାଜସ୍ୱର କିଛି ଅଂଶ ସେମାନେ ନେବା ପାଇଁ ଦାବି କରୁଥିଲେ ।

ଦିଲ୍ଲୀ ସୁଲତାନୀ ଶାସନ ପ୍ରତିଷ୍ଠା ହେବା ପୂର୍ବରୁ ଆମେ ପାଇଥିବା ଉପାଦାନ ଅନୁସାରେ ତତ୍‌କାଳୀନ ବ୍ୟବହୃତ କେତେକ ପଦ ପଦବୀ ଯଥା - ରାଜା, ରାଜପୁତ୍ର, ରନକ, ମହାସାମନ୍ତ ଇତ୍ୟାଦି ପ୍ରଚଳିତ ଥିଲା । ଏମାନେ ଥିଲେ ବଂଶାନୁକ୍ରମିକ ନ୍ୟାର୍ଯ୍ୟ ଅଧିକାରୀ । ସେମାନଙ୍କର ଅପର୍ଯ୍ୟାପ୍ତ ଭୂ ସମ୍ପତ୍ତି ରହିଥିଲା । ଜମିର ରାଜସ୍ୱ ସେମାନେ ପ୍ରଜାମାନଙ୍କ ଠାରୁ ସଂଗ୍ରହ କରୁଥିଲେ । ସେଥିରୁ କିଛି ରାଜ୍ୟ ରାଜକୋଷକୁ ପଠାଉଥିଲେ ଏବଂ ଅବଶିଷ୍ଟ ନିଜ ଖର୍ଚ୍ଚ ପାଇଁ ରଖୁଥିଲେ । ଏତଦ୍‌ବ୍ୟତୀତ ଦେଖାଯାଇଛି ଯେ ବ୍ରାହ୍ମଣ ଏବଂ ମନ୍ଦିର ପାଇଁ ନିଷ୍କର ଜମି ପ୍ରଦାନ କରାଯାଇଥିଲା । ଏହି ଜମିରୁ ଆଦାୟ କରାଯାଉଥିବା ରାଜସ୍ୱ ବ୍ରାହ୍ମଣମାନଙ୍କ ହସ୍ତକୁ ଯାଉଥିଲା ।

ସୁଲତାନୀ ରାଜତ୍ୱ ସମୟରେ ଏହି ମଧ୍ୟସ୍ଥି ଜମିଦାରମାନେ ରାଜସ୍ୱ ଆଦାୟ ବ୍ୟବସ୍ଥାରେ ପୂର୍ବପରି ପ୍ରାଧାନ୍ୟ ବିସ୍ତାର କରିବାକୁ ଲାଗିଲେ । ଖୁଟ୍ (ଛୋଟ ଜମିଦାର), ମକଦ୍ଦମ (ଗ୍ରାମ ମୁଖ୍ୟ), ଏବଂ ରାୟ, ରାଣା ଓ ରାଓ୍ୱାତ୍ ପ୍ରଭୃତି ଏକ ମଧ୍ୟସ୍ଥି ଗୋଷ୍ଠୀ କୃଷକମାନଙ୍କ ତୁଳନାରେ ସମାଜରେ ଉଚ୍ଚସ୍ଥାନ ଉପଭୋଗ କରୁଥିଲେ । ଆଲାଉଦ୍ଦିନ ଖିଲିଜୀ ଏହି ଗୋଷ୍ଠୀଙ୍କର କ୍ଷମତାକୁ ପ୍ରତିହତ କରିବାକୁ ଉଦ୍ୟମ କଲେ । ତାଙ୍କପରେ ଗୀୟାସୁଦ୍ଦୀନ ଏବଂ ଫିରୋଜ ଶାହା ତୋଗଲକ ଆଦି ସୁଲତାନ୍‌ମାନେ ସେମାନଙ୍କୁ କିଛି ରିହାତି ପ୍ରଦାନ କରିଥିଲେ ।

ମୋଗଲ ଶାସନ ସମୟରେ ରାୟ, ରାଣା ଏବଂ ରାଓ୍ୱତ୍ ପରି ମଧ୍ୟସ୍ଥିମାନେ ଜମିଦାର ରୂପେ କାର୍ଯ୍ୟ କଲେ । ଜମିରୁ ଆୟ ଆଧାରରେ ସେମାନଙ୍କର ବଂଶାନୁକ୍ରମିକ ଅଧିକାର ରହିଥିଲା ।

ଜମିଦାରମାନେ କୃଷକମାନଙ୍କ ଦ୍ୱାରା ଉତ୍ପାଦିତ ଶସ୍ୟରୁ ପ୍ରତ୍ୟେକ୍ଷ ଅଂଶ ଦାବୀକଲେ । ଭାଗ ଦଶପ୍ରତିଶତରୁ ପଚିଶ ପ୍ରତିଶତ ପର୍ଯ୍ୟନ୍ତ ଭାଗ ସେମାନେ ଦାବି କରୁଥିଲେ । ରାଜ୍ୟର ରାଜସ୍ୱ ଆଦାୟ ମଧ୍ୟରେ ସେମାନଙ୍କର ଦାବି ମିଶି ରହିଲା । ଜମିଦାରମାନେ ଭୁ ରାଜସ୍ୱ ଆଦାୟ ସମୟରେ ରାଜ୍ୟ ଓ ଜାଗିରିଦାରମାନଙ୍କୁ ସାହାଯ୍ୟ କରୁଥିଲେ । ସୁଲତାନୀ ରାଜତ୍ୱର 'ଇକ୍‌ତା' ବ୍ୟବସ୍ଥା ମୋଗଲ ରାଜତ୍ୱରେ 'ଜାଗିରି' ବ୍ୟବସ୍ଥା ରୂପେ ପ୍ରଚଳିତ ହେଲା । ଜାଗିରିଦାରମାନଙ୍କୁ ଏହି ରାଜସ୍ୱରୁ ବେତନ ଦିଆଯାଉଥିଲା । ଆମେ ଏହି ବିଷୟ ଦ୍ୱାଦଶ ଅଧ୍ୟାୟରେ ପଢ଼ିସାରିଛେ । ଉତ୍ତର ଭାରତରେ ମକଦ୍ଦମମାନେ ଏବଂ ଦକ୍ଷିଣ ଭାରତରେ ପଟେଲ୍‌ମାନେ ଗ୍ରାମ୍ୟ ମୁଖ୍ୟ ରୂପେ କାର୍ଯ୍ୟ କରୁଥିଲେ । ଗ୍ରାମରୁ ରାଜସ୍ୱ ଆଦାୟ କରିବା ଏବଂ ଗ୍ରାମରେ ଆଇନ ଶୃଙ୍ଖଳା ରକ୍ଷାକରିବା ସେମାନଙ୍କର ମୁଖ୍ୟ ଦାୟିତ୍ୱ ଥିଲା । ସେମାନଙ୍କର ସେବା ପାଇଁ ତାଙ୍କୁ କର ମୁକ୍ତ ଗ୍ରାମ୍ୟ ଜମି ପ୍ରଦାନ କରାଯାଇଥିଲା । ସେହିପରି ଉତ୍ତର ଭାରତରେ ପଟ୍ଟଓ୍ୱାରୀ ଏବଂ ଦାକ୍ଷିଣାତ୍ୟରେ କୁଲକର୍ଣ୍ଣି ଯେଉଁମାନେକି ଗ୍ରାମ ହିସାବରକ୍ଷକ ରୂପେ କାର୍ଯ୍ୟ କରୁଥିଲେ, ସେମାନଙ୍କୁ ମଧ ଅନୁରୂପ ଜମି ପ୍ରଦାନ କରାଯାଇଥିଲା ।

## 13.4. BURDEN ON PEASANTRY - କୃଷକମାନଙ୍କ ଉପରେ ବୋଝ :

ମଧ୍ୟଯୁଗୀୟ ଭାରତର ଜନସଂଖ୍ୟାର ଏକ ବୃହତ ଅଂଶ ଥିଲେ କୃଷକଗୋଷ୍ଠୀ । କିନ୍ତୁ ଏହି ଗୋଷ୍ଠୀ ସମଜାତୀୟ ନଥିଲେ । ଦିଲ୍ଲୀ ସୁଲତାନୀ ରାଜସ୍ୱ ସମୟରେ ଖୁଟ୍‌ମାନେ ଏବଂ ମକଦ୍ଦମମାନେ ଧନଶାଳୀ କୃଷକରୂପେ ବିବେଚିତ ହେଉଥିଲେ । ସେହିପରି ମୋଗଲ ରାଜତ୍ୱ ସମୟରେ ଖୁଦ୍‌କାସ୍ତମାନେ ଅନୁରୂପ ସାମାଜିକ କ୍ଷମତା ଉପଭୋଗ କରୁଥିଲେ । ସେମାନଙ୍କ ପାଖରେ ବହୁତ ଜମି ରହିଥିଲା ଏବଂ ସେମାନେ ମଜୁରିଆଙ୍କ ସାହାଯ୍ୟରେ କୃଷି କରୁଥିଲେ । ଏମାନଙ୍କୁ ବାଦ ଦେଲେ ଛୋଟ ଛୋଟ



ଟିପ୍ପଣି

କୃଷକମାନେ ଥିଲେ ଏବଂ ଭାରତରେ ବିଭିନ୍ନ ଭାଗରେ ସେମାନଙ୍କୁ ବିଭିନ୍ନ ନାମରେ ଲୋକମାନେ ଜାଣୁଥିଲେ । ସେମାନଙ୍କୁ ବଲହାର, ରେଜାରିଆ, ପାଲଟି, କୁନ୍‌ବି, ପାହିକାସ୍ତ ଏବଂ ଉପରି ବୋଲି କୁହାଯାଉଥିଲା । ଏହିସବୁ କୃଷକ ଗୋଷ୍ଠୀକୁ ସାଧାରଣ ଭାବରେ 'ରୟତ' ବୋଲି କୁହାଯାଉଥିଲା ।

ମୋଟ ଉପରେ କୃଷକମାନଙ୍କୁ ତାଙ୍କ ଉତ୍ପାଦିତ ଦ୍ରବ୍ୟର ମୁଖ୍ୟ ଅଂଶ ରାଜସ୍ୱ ଆକାରରେ ଦେବାକୁ ପଡୁଥିଲା । ଏତଦ୍‌ବ୍ୟତୀତ ଅସଂଖ୍ୟ ମଧ୍ୟସ୍ଥି ଜମିଦାର ବଳକା ଉତ୍ପାଦିତ ଦ୍ରବ୍ୟରୁ ଏକ ନିର୍ଦ୍ଧାରିତ ଅଂଶ ନେଉଥିଲେ । ଏହାକୁ ଛାଡ଼ିଦେଲେ, ମଧ୍ୟଯୁଗୀୟ ଭାରତୀୟ କୃଷକମାନେ ବନ୍ୟା, ଦୁର୍ଭିକ୍ଷ, ମହାମାରୀ ପ୍ରଭୃତି ପ୍ରାକୃତିକ ଦୁର୍ବିପାକ ଦ୍ୱାରା ବାରମ୍ବାର ଆକ୍ରାନ୍ତ ହେଉଥିଲେ । ଜଣେ ସାଧାରଣ କୃଷକ କେବଳ ବଞ୍ଚିରହିବା ପାଇଁ ସଂଘର୍ଷ କରୁଥିଲା । କାରଣ ତାକୁ ବୋଝପରି ମନେ ହେଉଥିବା ଭୂରାଜସ୍ୱ ପରିଶୋଧ କରିବା ସଂଗେ ସଂଗେ କ୍ରମାଗତ ଦୁର୍ଭିକ୍ଷ, ମହାମାରୀ ଏବଂ ମଝିରେ ଆଣିଥିବା ଋଣ ପରିଶୋଧ କରିବାକୁ ପଡୁଥିଲା ।

କୃଷକମାନଙ୍କ କଠିନ ପରିଶ୍ରମ ଏବଂ ଅସନ୍ତୋଷ ବେଳେବେଳେ ବିଦ୍ରୋହର ରୂପ ନେଉଥିଲା । ସୁଲତାନୀ ରାଜତ୍ୱ ସମୟରେ ମହମ୍ମଦ-ବିନ୍-ତୋଗଲଙ୍କ ବର୍ଦ୍ଧିତ ରାଜସ୍ୱ ବ୍ୟବସ୍ଥା ଦୋଆବ ଅଞ୍ଚଳରେ ବିଦ୍ରୋହ ସୃଷ୍ଟି କରିଥିଲା । ସେହିପରି ସମ୍ରାଟ ଆଉରଙ୍ଗଜେଭ୍‌ଙ୍କ ସମୟରେ ଜାଟ୍, ଶିଖ, ମରହଟ୍ଟା ଏବଂ ସତନାମିମାନେ ବିଦ୍ରୋହ କରିଥିଲେ । ଏହି ବିଦ୍ରୋହ ସୃଷ୍ଟି ପଛରେ କୃଷକ ଅଶାନ୍ତି ଏକ ମୁଖ୍ୟ କାରଣ ଥିଲା ।

**13.3 INTEXT QUESTION-**

**୧୩.୩ ପ୍ରତ୍ୟାଶିତ ପ୍ରଶ୍ନ**

୧. କେଉଁମାନଙ୍କୁ ରାଜପୁତ୍ର, ରନକ ଏବଂ ମହାସାମନ୍ତ କୁହାଯାଉଥିଲା ?

______________________________

୨. କେଉଁମାନଙ୍କୁ ମକଦ୍ଦମ ଏବଂ ପଟେଲ କୁହାଯାଉଥିଲା ?

______________________________

୩. ମୋଗଲ ରାଜତ୍ୱ ସମୟରେ ଯେଉଁ କୃଷକ ବିଦ୍ରୋହ ସୃଷ୍ଟି ହୋଇଥିଲା ତାହାର ଏକ ତାଲିକା ପ୍ରଦାନ କର ।

______________________________

## 13.5. ARTISANAL (NON-AGRICULTURAL) PRODUCTION- (ଅଣକୃଷିଜାତ) ହସ୍ତଶିଳ୍ପ ଉତ୍ପାଦନ -

ଯଦିଓ କୃଷି ବହୁସଂଖ୍ୟକ ଲୋକଙ୍କର ମୁଖ୍ୟ ଜୀବିକା ଥିଲା, ବିଭିନ୍ନ ପ୍ରକାର ହସ୍ତ ଶିଳ୍ପ ଓ କାରିଗରି ଶିଳ୍ପର ଅଭିବୃଦ୍ଧି ମଧ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦେଖିବାକୁ ମିଳିଥିଲା । ଏଗୁଡ଼ିକ ମଧରେ ମୁଖ୍ୟତଃ ବୟନଶିଳ୍ପ, ମୃତ୍‌ପାତ୍ର ନିର୍ମାଣ, ରଙ୍ଗକାର୍ଯ୍ୟ, ଚିନିନିର୍ମାଣ, ଧାତୁକାର୍ଯ୍ୟ, କାଗଜ ନିର୍ମାଣ, କାଠକାରୁକାର୍ଯ୍ୟ, ଅସ୍ତ୍ରଶସ୍ତ୍ର ନିର୍ମାଣ ପ୍ରଭୃତି ଅର୍ନ୍ତଭୁକ୍ତ ।

**PROMINENT CRAFTS - ପ୍ରାଧାନ୍ୟ ଲାଭ କରିଥିବା ହସ୍ତଶିଳ୍ପ :**

ମଧ୍ୟଯୁଗୀୟ ଭାରତରେ ବୟନ ଶିଳ୍ପ ଏକ ପ୍ରମୁଖ ଶିଳ୍ପରୂପେ ବିସ୍ତାର ଲାଭ କରିଥିଲା । ଭାରତୀୟ ବୟନ ଶିଳ୍ପୀମାନେ ତୁଳା, ପଶମ, ଉଲ୍ ଏବଂ ମିଶ୍ରିତ ଖଦଡ଼ ପ୍ରଭୃତି ଚାରି ପ୍ରକାର ବସ୍ତ୍ରବୟନ କରୁଥିଲେ । ବଙ୍ଗ, ଲାହୋର, ଅଯୋଧା, ପାଟନା, ଫତେପୁରସିକ୍ରି ଏବଂ ଗୁଜୁରାଟ ଥିଲା ବୟନଶିଳ୍ପର ପ୍ରମୁଖ କେନ୍ଦ୍ର । କାଶ୍ମୀର, ଲାହୋର ଏବଂ ଆଗ୍ରା ଅଞ୍ଚଳ ଉନ୍ନତ ଶାଲ୍ ଏବଂ ଦରି ପାଇଁ ପ୍ରସିଦ୍ଧ ଥିଲା । ଏଥିସହିତ ବଙ୍ଗ ଓ ଗୁଜୁରାଟ୍ ବୟନ ଦ୍ରବ୍ୟ ରପ୍ତାନୀ କରିବାରେ ପ୍ରସିଦ୍ଧି ଅର୍ଜନ କରିଥିଲା ।



ଟିପ୍ପଣି

ରଙ୍ଗଦେବାର କଳା ଓ କୌଶଳ ଏକ ସ୍ୱତନ୍ତ୍ର ଶିଳ୍ପ ରୂପେ ସେହି ସମୟରେ ମାନ୍ୟତା ଲାଭ କରିଥିଲା । ଭରୁଚ, ଅହମ୍ମଦାବାଦ, ସୁରଟ୍, ପାଟନା, ସୋନାରଗାଓଁ, ଢ଼ାକ୍କା, ମୁସଲିପଟ୍ଟମ୍ ଇତ୍ୟାଦି ରଙ୍ଗକାମର ପ୍ରମୁଖ କେନ୍ଦ୍ର ଥିଲା ।

ସାରାଦେଶରେ ଚିନି ଉତ୍ପାଦିତ ହେଉଥିଲାଭ । ବଙ୍ଗ, ଓଡ଼ିଶା, ଅହମ୍ମଦବାଦ୍, ଲାହୋର, ମୁଲତାନ୍ ଏବଂ ଅନ୍ୟାନ୍ୟ ସ୍ଥାନମାନଙ୍କରେ ବିଭିନ୍ନ ପ୍ରକାରର ଚିନି ଉତ୍ପାଦିତ ହେଉଥିଲା । ଖଣିଜ ପଦାର୍ଥକୁ ବିଭିନ୍ନ ଦରକାରୀ ଜିନିଷ ଉତ୍ତୋଳନ ଥିଲା ଅନ୍ୟ ଏକ ଶିଳ୍ପ । ଲବଣ, ଲବଣାକ୍ତ ପଦାର୍ଥ, ଫିଟିକିରି ଏବଂ ଅଭ୍ର ଇତ୍ୟାଦି ବହୁପରିମାଣରେ ଉତ୍ପାଦିତ ହେଉଥିଲା । ରାଜସ୍ଥାନର ସମ୍ବର ହ୍ରଦ, ପଞ୍ଜାବର ରକ୍ ଲବଣ ଖଣି ଏବଂ ସମୁଦ୍ର ଜଳ ଲୁଣ ଉତ୍ପାଦନର ପ୍ରଧାନ କେନ୍ଦ୍ରଥିଲା । ବିଶେଷକରି ବଂଗ, ସିନ୍ଧୁ, ମାଲୱାର, ମହିଶୂର ଏବଂ କଚ୍ଛପସାଗରରେ ସମୁଦ୍ର ଜଳରୁ ଲବଣ ତିଆରି କରାଯାଉଥିଲା । ବାରୁଦ୍ ତିଆରି ପାଇଁ ଅଭ୍ରକ ଏକ ମୁଖ୍ୟ ଉପାଦାନ ରୂପେ ବ୍ୟବହୃତ ହେଉଥିଲା । ଏହା ମଧ ଥିଲା ଏକ ପ୍ରଧାନ ଖଣିଜ ପଦାର୍ଥ । ପ୍ରଥମେ ଏହା ଅହମ୍ମଦାବାଦ୍, ବରୋଦା, ପାଟନା ପ୍ରଭୃତି ସ୍ଥାନମାନଙ୍କରୁ ଉତ୍ପାଦିତ ହେଉଥିଲା । କିନ୍ତୁ ସପ୍ତଦଶ ଶତାବ୍ଦୀର ଦ୍ୱିତୀୟବର୍ଷରେ ପାଟନା ଏହି ଦ୍ରବ୍ୟର ଉତ୍ପାଦନ ପାଇଁ ପ୍ରମୁଖ କେନ୍ଦ୍ର ରୂପେ ବିକଶିତ ହେଲା ।

ଧାତୁ ଦ୍ରବ୍ୟ କ୍ଷେତ୍ରରେ ଭାରତରେ ଆଶାନୁରୂପ ସ୍ୱର୍ଣ୍ଣ ଓ ରୌପ୍ୟ ଖଣି ନଥିଲା । ତେଣୁ ଏହି ଧାତୁଗୁଡ଼ିକୁ ମୁଖ୍ୟତଃ ଆମଦାନୀ କରାଯାଉଥିଲା । ଗୋଲକୋଣ୍ଡାରେ ହୀରାଖଣି ଥିଲା । ହୀରାଧାତୁ ମିଳିବାର ଅନ୍ୟସ୍ଥାନଗୁଡ଼ିକ ଥିଲା ବେରାର, ପାନ୍ନା, ଖୋଖର ଇତ୍ୟାଦି । କ୍ଷେତ୍ରୀଥିଲା ତମ୍ବା ଖଣି ପାଇଁ ପ୍ରସିଦ୍ଧ । ଲୌହଧାତୁ ଏକ ସାଧାରଣ ଧାତୁରୂପେ ଘରିଆଡ଼େ ଉପଲବ୍ଧ ଥିଲା । ବେଙ୍ଗଲ, ଆଲାହାବାଦ, ଆଗ୍ରା, ବିହାର, ଗୁଜରାଟ, ଦିଲ୍ଲୀ, ଛୋଟନାଗପୁର ଏବଂ ଓଡ଼ିଶାର କେତେକ ଅଞ୍ଚଳ ମୁଖ୍ୟ ଲୌହ ଉତ୍ପାଦନ କେନ୍ଦ୍ରରୂପେ ମଧ୍ୟଯୁଗରେ ପ୍ରସିଦ୍ଧି ଅର୍ଜନ କରିଥିଲା ।

ସୁଲତାନୀ ରାଜତ୍ୱ ସମୟରେ କାଗଜ ତିଆରି ଏକ ଶିଳ୍ପ ରୂପେ ଭାରତରେ ମାନ୍ୟତା ଲାଭକଲା । ଏହା ସର୍ବପ୍ରଥମେ ଚୀନ୍‌ରେ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ତିଆରି ହୋଇଥିଲା । ଏହି ଶିଳ୍ପର ଦ୍ରୁତ ଅଭିବୃଦ୍ଧି ହୋଇ ମୋଗଲ ରାଜତ୍ୱ ସମୟକୁ ପ୍ରତ୍ୟେକ ଅଞ୍ଚଳରେ ଏହି ଶିଳ୍ପ ଗଢ଼ି ଉଠିଥିଲା ।

ମଧ୍ୟଯୁଗୀୟ ଭାରତରେ ଅସଂଖ୍ୟ ଔଦ୍ୟୋଗିକ ଯନ୍ତ୍ରପାତିର ବିକାଶ ହୋଇଥିଲା ଏବଂ ଏହାର ବ୍ୟବହାର ବିବିଧ କିସମରେ ହୋଇଥିଲା ।

ବୟନଶିଳ୍ପରେ ଚରଖାର ବ୍ୟବହାର, ତ୍ରୟୋଦଶ ଶତାବ୍ଦୀ ଓ ଚତୁର୍ଦ୍ଦଶ ଶତାବ୍ଦୀରେ ଏକ ପ୍ରମୁଖ ଔଦ୍ୟୋଗିକ ବିକାଶ ରୂପେ ପରିଗଣିତ ହେଲା । ଏହା ଆଗ ଅପେକ୍ଷା ୬ ଗୁଣ ଅଧିକ ସୂତା କାଟିପାରିଲା ଏବଂ ଉତ୍ପାଦନର ଅଭିବୃଦ୍ଧି କରାଇଥିଲା । ଡ୍ରଲୁମ ନାମକ ଅନ୍ୟ ଏକ ବୟନ ଯନ୍ତ୍ର ବିଭିନ୍ନ ରଙ୍ଗର ଲୁଗାକୁ ଶୁଖାଇପାରିଲା । ସେହିପରି କଳା ଛାପା ଲୁଗା ତିଆରିକୁ ମଧ୍ୟଯୁଗୀୟ ଭାରତରେ ଅବଦାନ ବୋଲି ଅନେକ ବିଦ୍ୱାନ କହିଥାନ୍ତି ।

ଧାତୁ ଶିଳ୍ପ ଓ ଧାତୁକାର୍ଯ୍ୟ ପାଇଁ ଅନେକ ନୂତନ ଯନ୍ତ୍ରର ଉଦ୍ଭାବନ ହୋଇଥିଲା । ଏହି ଯନ୍ତ୍ର ସାହାଯ୍ୟରେ ବିଭିନ୍ନ ଧାତବ ଦ୍ରବ୍ୟ ନିର୍ମିତ ହୋଇଥିଲା । ଏହି ଯନ୍ତ୍ରପାତି ମଧରେ ଭୂଲମ୍ବ ଖନନ ଯନ୍ତ୍ର, ଅଣ୍ଡାକୃତି ଗଭୀର ଖଣିଖାତ ଏବଂ ପୁଲିର ବ୍ୟବହାର ପ୍ରଧାନ ଥିଲା । ଉଚ୍ଚମାନର ଇସ୍ପାତ ଉତ୍ପାଦନ ତଥା ତାମ୍ର ଏବଂ ଦସ୍ତା ଧାତୁର ମିଶ୍ରଣରେ ଅନେକ ନୂତନ ଧାତୁର କାରୁକାର୍ଯ୍ୟ ଏହି ସମୟରେ ଉତ୍କର୍ଷିତା ଲାଭ କରଥିଲା ।

ଅସ୍ତ୍ରଶସ୍ତ୍ର ନିର୍ମାଣ କ୍ଷେତ୍ରରେ ବାରୁଦ, ତୋପ ଏବଂ ଆଗ୍ନେୟାସ୍ତ୍ରର ବ୍ୟବହାର ମଧ୍ୟଯୁଗୀୟ ଭାରତର ପ୍ରଧାନ ଘଟଣାଥିଲା । ଏହି ଆଧୁନିକ ଯୁଦ୍ଧାସ୍ତ୍ର ବାବର ପ୍ରଥମେ ଭାରତକୁ ଆଣିଥିଲେ । ସେ ଏହାକୁ ପାରସ୍ୟରୁ ଆଣିଥିଲେ । ପର୍ତ୍ତୁଗୀଜମାନେ ମଧ ଏହି ପ୍ରଣାଳୀ ଭାରତକୁ ଆଣିଥିଲେ । ଏତଦ୍‌ବ୍ୟତୀତ ଫାତୁଲା ସିରାଜୀ ନାମକ ଆକବରଙ୍କ ସମୟର ଜଣେ ଯନ୍ତ୍ରୀ ଏହି କ୍ଷେତ୍ରରେ ଅନେକ ଅମୂଲ୍ୟ

ଟିପ୍ପଣି

ଯନ୍ତ୍ରପାତି ନିର୍ମାଣ କରିଥିଲେ । କାଗଜ ତିଆରି ଶିଳ୍ପର ଅଭିବୃଦ୍ଧି ଏହି ସମୟରେ ହେବା ସଂଗେ ସଂଗେ ବହି ବନ୍ଧେଇ ଶିଳ୍ପର ଅଗ୍ରଗତି ହୋଇଥିଲା ।

ଯଦିଓ କାଚ ନିର୍ମାଣ ପ୍ରଣାଳୀ ଭାରତୀୟମାନଙ୍କୁ ପ୍ରାଚୀନ ଯୁଗରୁ ଜଣାଥିଲା, ତଥାପି କେବଳ ମାଳି ଓ ପିନ୍ଧିବା କାଚ ନିର୍ମିତ ହେଉଥିଲା । ମଧ୍ୟଯୁଗରେ ବିଭିନ୍ନ ପ୍ରକାର କାଚ ଦ୍ରବ୍ୟ ଉତ୍ପାଦିତ ହେଲା । ଔଷଧ ରଖିବାର ବୋତଲ, କାଚପାତ୍ର ଇତ୍ୟାଦି ନିର୍ମିତ ହେଲା । ତୁର୍କମାନଙ୍କ ଭାରତ ଆଗମନ ପରେ ଟିଣ ରଙ୍ଗଦେବା ପ୍ରଣାଳୀ ଆରମ୍ଭ ହେଲା । ତାମ୍ର ଓ ବ୍ରାସ୍ ବାସନ କୁସନ ଦେହରେ ଟିଣକୋଟ୍ ଦେବା ପ୍ରଣାଳୀ କାର୍ଯ୍ୟକାରୀ ହେଲା । ଫଳରେ ଖାଦ୍ୟଗୁଡ଼ିକୁ ଏସିଡ୍ ଯୁକ୍ତ ବିଷାକ୍ତ ଅବସ୍ଥାରୁ ରକ୍ଷାକରାଯାଇପାରିଲା ।

## ORGANISATION OF PRODUCTION - ଉତ୍ପାଦନ ସଂଗଠନ :

ହସ୍ତଶିଳ୍ପ ଉତ୍ପାଦିତ ଦ୍ରବ୍ୟଗୁଡ଼ିକ ଗ୍ରାମାଞ୍ଚଳ ଏବଂ କ୍ୱାସ୍‌ବାସ୍‌ରେ ସଂଗଠିତ ହୋଇଥିଲା । ଅନେକ ହସ୍ତଶିଳ୍ପ ରାଜକୀୟ କର୍ମଶାଳା ମଧ ରହିଥିଲା । ଗ୍ରାମାଞ୍ଚଳରେ କାରିଗରମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ନିର୍ମାଣ କରୁଥିଲେ । ଏହି କାରିଗରମାନେ ଗ୍ରାମସାମାଜିକ ଶ୍ରେଣୀର ଏକ ଅଂଶଥିଲେ । ଏହାକୁ ଜଜମାନୀ ବ୍ୟବସ୍ଥା କୁହାଯାଉଥିଲା । ଏହି ପ୍ରଥା ଦାକ୍ଷିଣାତ୍ୟ ଓ ମହାରାଷ୍ଟ୍ରରେ ଅଧିକ ସୁସଂଗଠିତ ଥିଲା । ଗ୍ରାମ କାରିଗର ଓ ଦାସମାନଙ୍କୁ ସେହି ଅଞ୍ଚଳରେ ବଲୁତେଦାର ବୋଲି କୁହାଯାଉଥିଲା ।

ସହରାଞ୍ଚଳରେ ଏହି କାରିଗରମାନେ ବିଭିନ୍ନ ଦ୍ରବ୍ୟ ନିର୍ମାଣ କରି ବଜାରକୁ ରପ୍ତାନି କରୁଥିଲେ । ଏଠାରେ ସ୍ୱତନ୍ତ୍ର ଉନ୍ନତମାନର କାରିଗରି ଜିନିଷ ପ୍ରସ୍ତୁତ ହେଉଥିଲା । ଏହି ସ୍ତରରେ କାରିଗର ନିଜେ କଞ୍ଚାମାଲ ଏବଂ ହାତ ହତିଆର ଆଣି ରଖୁଥିଲେ । ଏହାପରେ ବିଭିନ୍ନ ଦ୍ରବ୍ୟ ନିର୍ମାଣ କରି ବଜାରରେ ବିକ୍ରି କରୁଥିଲେ ।

ଏହି ପ୍ରକାରର କାରିଗରି ଉତ୍ପାଦନର ଅନେକ ଦୁର୍ବଳତା ରହିଥିଲା । ଏହି ଉତ୍ପାଦନ ବ୍ୟକ୍ତି କେନ୍ଦ୍ରୀକ ହୋଇଥିବାରୁ ଉତ୍ପାଦନ ପ୍ରକ୍ରିୟାରେ ଅଧିକ ପୁଞ୍ଜି ବିନିଯୋଗ ହୋଇପାରୁନଥିଲା । ତେଣୁ ସ୍ୱଳ୍ପ ଉତ୍ପାଦନ ହେବା ସ୍ୱାଭାବିକ ଥିଲା । ଏହି ପ୍ରକାର ସମସ୍ୟାକୁ ଦୂର କରିବା ପାଇଁ ଉତ୍ପାଦନ ପ୍ରଣାଳୀରେ ପରିବର୍ତ୍ତନ ଅଣାଗଲା । ଏହାକୁ 'ଦାଦନି' ପ୍ରଣାଳୀ ବୋଲି କୁହାଗଲା । ଏହି ବ୍ୟବସ୍ଥାରେ କାରିଗରମାନଙ୍କୁ ଆବଶ୍ୟକୀୟ କଞ୍ଚାମାଲ୍ ଏବଂ ଅଗ୍ରୀମ ଅର୍ଥ ବଣିକମାନେ ପ୍ରଦାନ କଲେ ଏବଂ ଉତ୍ପାଦିତ ଦ୍ରବ୍ୟକୁ କାରିଗରଠାରୁ ସଂଗ୍ରହକରି ବଜାରରେ ବିକ୍ରି କରୁଥିଲେ ।

ରାଜକୀୟ କାରଖାନା ଥିଲା କାରିଗରି ଉତ୍ପାଦନର ଅନ୍ୟ ଏକ ଅଙ୍ଗ । ଏହି କାରଖାନା ରାଜ୍ୟ ଦ୍ୱାରା ନିୟନ୍ତ୍ରିତ ହେଉଥିଲା । ଏହି କର୍ମଶାଳାଗୁଡ଼ିକରେ ରାଜପରିବାରର ତଥା ଦରବାରର ଆବଶ୍ୟକତା ଅନୁଯାୟୀ ଦ୍ରବ୍ୟଗୁଡ଼ିକ ନିର୍ମିତ ହେଉଥିଲା । ସାଧାରଣତଃ କର୍ମଶାଳାରେ ମୂଲ୍ୟବାନ ଏବଂ ବିଳାସ ସାମଗ୍ରୀଗୁଡ଼ିକ ନିର୍ମିତ ହେଉଥିଲା ରାଜକୀୟ କର୍ମଶାଳାରେ ତାଲିମପ୍ରାପ୍ତ କୁଶଳୀ କାରିଗରମାନେ ଗୋଟିଏ ଛାତ ତଳେ କାର୍ଯ୍ୟ କରୁଥିଲେ । ସେମାନଙ୍କ କାର୍ଯ୍ୟକୁ ସରକାରୀ ଅଧିକାରୀମାନେ ତଦାରଖ କରୁଥିଲେ । କ୍ରମଶଃ ଦୁଇଟି ମୁଖ୍ୟ କାରଖାନାର ଉତ୍‌ଥାନ ହୋଇଥିଲା । ପ୍ରଥମ କାରଖାନାଟି ପାରମ୍ପରିକ ଭାବେ ସ୍ୱଳ୍ପ ବିଳାସ ସାମଗ୍ରୀ ନିର୍ମାଣ କରୁଥିଲା । କିନ୍ତୁ ଏହି ଦ୍ରବ୍ୟଗୁଡ଼ିକର ମାନ ଉଚ୍ଚଥିଲା ଏବଂ କାଳାତ୍ମକ ଦୃଷ୍ଟି କୋଣରୁ ଏହା ଅତି ସୁନ୍ଦର ଥିଲା । ଦ୍ୱିତୀୟ କାରଖାନାରେ ଅସ୍ତ୍ରଶସ୍ତ୍ର ଓ ମୁଦ୍ରା ନିର୍ମିତ ହେଉଥିଲା । ଆଧୁନିକ ପ୍ରଣାଳୀରେ ପର୍ଯ୍ୟାପ୍ତ ପରିମାଣରେ ଏଠାରେ ଉତ୍ପାଦନ ହେଉଥିଲା ।

### INTEXT QUESTIONS 13.4 - ପ୍ରତ୍ୟାଶିତ ପ୍ରଶ୍ନ

୧. ମଧ୍ୟଯୁଗୀୟ ଭାରତର ୫ ଗୋଟି ପ୍ରଦାନ ହସ୍ତଶିଳ୍ପର ନାମ ଲେଖ ?



୨. ଫିଟିକିରି ଉତ୍ପାଦନର ୩ ଗୋଟି ପ୍ରଧାନ କେନ୍ଦ୍ରର ନାମ ଲେଖ ?

___

୩. ହୀରା ଉତ୍ପାଦିତ ହେଉଥିବା ୪ ଗୋଟି ପ୍ରଧାନ ସ୍ଥାନର ନାମ ଲେଖ ?

___

୪. ବୟନ ଶିଳ୍ପ ଉତ୍ପାଦନରେ ବ୍ୟବହୃତ ତିନିଗୋଟି ପ୍ରଧାନ କାରିଗରୀ ଯନ୍ତ୍ରର ନାମ ଲେଖ ?

___

## 13.6. TRADE AND COMMERCE- ବାଣିଜ୍ୟ ଏବଂ ବ୍ୟବସାୟ

ମଧ୍ୟଯୁଗୀୟ ଭାରତରେ ଅର୍ନ୍ତବାଣିଜ୍ୟ ଓ ବହିଃବାଣିଜ୍ୟରେ ଅନେକ ଅଭିବୃଦ୍ଧି ପରିଲକ୍ଷିତ ହୋଇଥିଲା । ସ୍ଥଳପଥରେ ଚୀନ, ଆରବ, ଇଜିପ୍ଟ, ମଧ୍ୟଏସିଆ ଏବଂ ଆଫଗାନିସ୍ଥାନ ସହିତ ଭାରତର ବାଣିଜ୍ୟିକ ସଂପର୍କ ରହିଥିଲା । ଭାରତ ମଧ୍ୟ ପାରସ୍ୟ ଉପସାଗର, ଦକ୍ଷିଣ-ଚୀନ୍ ସାଗର, ଭୂମଧ୍ୟସାଗର ଏବଂ ଲୋହିତ ସାଗର ଦେଇ ଦରିଆପାରି ସାମୁଦ୍ରିକ ବାଣିଜ୍ୟ କରିବାରେ ସକ୍ଷମ ହୋଇଥିଲା । ପର୍ତ୍ତୁଗୀଜ, ଇଂରେଜ, ଡ଼ଚ୍ ଏବଂ ଫରାସୀମାନଙ୍କ ପରି ଇଉରୋପୀୟ ବଣିକ ଗୋଷ୍ଠୀଙ୍କର ଆର୍ବିଭାବ ଏହି ବାଣିଜ୍ୟକୁ ସମୃଦ୍ଧିଶାଳୀ କରିବାରେ ସହାୟକ ହୋଇଥିଲା । ଏସୀୟ ସାମୁଦ୍ରିକ ବାଣିଜ୍ୟ ମଧ୍ୟ ଏହି ସମୟରେ ବିକାଶ ଲାଭ କରିଥିଲା । ଫଳରେ ଅନେକ ନୂତନ ବ୍ୟବସାୟୀକ ଅନୁଷ୍ଠାନ ମାନ ଗଢ଼ିଉଠିଥିଲା । ଏହି ଅନୁଷ୍ଠାନ ଗୁଡ଼ିକ ଋଣ ପ୍ରଦାନ, ଦଲାଲି ତଥା ବୀମା ଇତ୍ୟାଦି କାର୍ଯ୍ୟ କରୁଥିଲେ । ଏହି ପ୍ରକାର ବ୍ୟବସାୟୀକ କାର୍ଯ୍ୟରେ ଅସଂଖ୍ୟ ବଣିକ, ସରାଫ୍, ଦଲାଲ ପ୍ରଭୃତି ସଫଳତାର ସହିତ କାର୍ଯ୍ୟ ନିର୍ବାହ କରୁଥିଲେ ।

### *(i)* INLAND TRADE- ଅର୍ନ୍ତଦେଶୀୟ ବାଣିଜ୍ୟ :

ମୋଗଲ ରାଜତ୍ୱ ସମୟରେ ଅର୍ନ୍ତଦେଶୀୟ ବାଣିଜ୍ୟ ଅପେକ୍ଷାକୃତ ଉନ୍ନତି କରିଥିଲା । ପ୍ରତ୍ୟେକ ସହରର ଗୋଟିଏ ସ୍ଥାନରେ ବଜାର ନିର୍ମିତ ହୋଇଥିଲା । ଏହି ସହରର ଚାରିଆଡୁ ଲୋକମାନେ ଏହି ବଜାରକୁ ବିକ୍ରି କରିବାକୁ କିମ୍ବା କିଣିବାକୁ ଆସୁଥିଲେ । ଏତଦ୍‌ବ୍ୟତୀତ ଗ୍ରାମାଞ୍ଚଳରେ ମଧ୍ୟ ନିୟମିତ ବ୍ୟବଧାନରେ ନିର୍ଦ୍ଧିଷ୍ଟ ଦିନରେ ହାଟ ବା ପେଣ୍ଠ ବସୁଥିଲା । ଏଠାକୁ ମଧ୍ୟ ଲୋକମାନେ କିଣା ବିକା କରିବାକୁ ଆସୁଥିଲେ । ଏହି ହାଟ ସପ୍ତାହର ଗୋଟିଏ ଦିନ ବସୁଥିଲା । ଏହି ଆଞ୍ଚଳିକ ବଜାରରେ ଖାଦ୍ୟଶସ୍ୟ, ଲୁଣ, କାଠ ଜିନିଷ ଏବଂ ଲୌହଉପକରଣ ଓ ଲୁଗାପଟା ଇତ୍ୟାଦି ମିଳୁଥିଲା ।

ଆଞ୍ଚଳିକ ବଜାର ଗୁଡ଼ିକର ସ୍ଥାନୀୟ ଅଞ୍ଚଳରେ ଥିବା ବୃହତ୍ ବ୍ୟବସାୟିକ କେନ୍ଦ୍ରସହ ସଂପର୍କ ରହିଥିଲା । ଏହି କେନ୍ଦ୍ରରେ ସେହି ଅଞ୍ଚଳ ତଥା ବାହାର ଅଞ୍ଚଳର ଉତ୍ପାଦିତ ସାମଗ୍ରି ଗୁଡ଼ିକ ବିକ୍ରି ହେଉଥିଲା । ଦିଲ୍ଲୀ, ଆଗ୍ରା, ଲାହୋର, ମୁଲତାନ୍, ବିଜାପୁର, ହାଇଦରାବାଦ୍, କାଲିକଟ୍, କୋଚିନ୍, ପାଟନା ଇତ୍ୟାଦି କେନ୍ଦ୍ରଗୁଡ଼ିକ ମୋଗଲ ଶାସନ ସମୟରେ ମୁଖ୍ୟ ବାଣିଜ୍ୟିକ ବଜାରର ମାନ୍ୟତା ଲାଭ କରିଥିଲା ।

ବିଳାସ ସାମଗ୍ରୀ ଉପରେ ଆର୍ନ୍ତରାଜ୍ୟ ବାଣିଜ୍ୟ ଚାଲୁଥିଲା । ଜିଆଉଦ୍ଦୀନ ବରାନୀ ତାଙ୍କ ପୁସ୍ତକ 'ତାରିଖ-ଇ-ଫିରୋଜସାହୀ' ପୁସ୍ତକରେ ବର୍ଣ୍ଣନା କରିଛନ୍ତି ଯେ ସୁଲତାନୀ ରାଜତ୍ୱ ସମୟରେ ଦିଲ୍ଲୀକୁ ଆଲିଗଡ଼ର କୋଲ ନାମକ ସ୍ଥାନରୁ ମଦ, ଦେବଗିରିରୁ ସୂକ୍ଷ୍ମ କାର୍ପାଶ ବସ୍ତ୍ର, ଲଖନୌଟିରୁ ଲମ୍ବାରଙ୍ଗିନ୍ ଛାପ ଥିବା ବସ୍ତ୍ର ଏବଂ ଅଯୋଧ୍ୟାରୁ ସାଧାରଣ ବସ୍ତ୍ର ଆସୁଥିଲା । ମୋଗଲ ରାଜତ୍ୱ ସମୟରେ ବେଙ୍ଗଲର ପ୍ରମୁଖ ବାଣିଜ୍ୟ କେନ୍ଦ୍ରଗୁଡ଼ିକ ଥିଲା ହୁଗୁଳୀ, ଢ଼ାକା, ମୁର୍ଶିବାବାଦ, ସତଗାଓଁ, ପାଟନା ମଧ୍ୟ ଭାରତର ସମସ୍ତ ଅଞ୍ଚଳ ସହିତ ସୁସଂଗଠିତ ଆର୍ନ୍ତଆଞ୍ଚଳିକ ବାଣିଜ୍ୟକ ସଂପର୍କ ପ୍ରତିଷ୍ଠା କରିଥିଲା । ସେହିପରି ପଶ୍ଚିମ ଭାରତର ସୁରଟ ଏବଂ ଅହମ୍ମଦାବାଦ ଏବଂ ଉତ୍ତରଭାରତର ଆଗ୍ରା ପ୍ରମୁଖ ଅର୍ନ୍ତବାଣିଜ୍ୟ କେନ୍ଦ୍ରର ମାନ୍ୟତା ଲାଭ କରିଥିଲେ ।



ଟିପ୍ପଣି



### *ii)* FOREIGN TRADE - ବୈଦେଶିକ ବାଣିଜ୍ୟ :-

ଭାରତ ପାରମ୍ପରିକ ଭାବେ ଅନ୍ୟଦେଶ ସହିତ ବାଣିଜ୍ୟକ ସଂପର୍କ ପ୍ରତିଷ୍ଠା କରିଥିଲା । ପ୍ରାକ୍ ମଧ୍ୟଯୁଗରେ ଅର୍ଥାତ୍ ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀ ପରେ ଭାରତ ସମସାମୟିକ ଚୀନ, ଆରବ ଏବଂ ଇଜିପ୍ଟ ସହିତ ବାଣିଜ୍ୟକ ସଂପର୍କ ଅବ୍ୟାହତ ରଖିଥିଲା । ପାରସ୍ୟ ଉପସାଗର ଓ ଦକ୍ଷିଣଚୀନ୍ ସମୁଦ୍ର ମଧ୍ୟଦେଇ ଭାରତ ସାମୁଦ୍ରିକ ବାଣିଜ୍ୟରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା । ଭାରତ ପଶମ, ଚିନାମାଟି ପଦାର୍ଥ, କର୍ପୁର, ଲବଙ୍ଗ, ମହୁ, ଲାଖ, ଚନ୍ଦନକାଠ ଆଦି ଚୀନ୍ ଏବଂ ଦକ୍ଷିଣ ଏସିଆରୁ ଆମଦାନୀ କରୁଥିଲା ଏବଂ ଏଥି ସହିତ ବାହାରିନ୍, ମସକାଟ୍, ଏଡ଼େନ୍ ଏବଂ ପାରସ୍ୟରୁ ଘୋଡ଼ା ଆମଦାନୀ କରୁଥିଲା । ଭାରତ ରପ୍ତାନୀ କରୁଥିବା ଦ୍ରବ୍ୟଗୁଡ଼ିକ ମଧ୍ୟରେ ଥିଲା ସୁଗନ୍ଧି ଯୁକ୍ତ ଅତର, ମସଲା, ଲୁଗା, ହାତୀଦାନ୍ତ ଏବଂ ମୂଲ୍ୟବାନ୍ ଓ ସ୍ୱଳ୍ପ ମୂଲ୍ୟର ପ୍ରସ୍ତର ଇତ୍ୟାଦି ଥିଲା । ସୁଲତାନୀ ରାଜତ୍ୱ ସମୟରେ ଭାରତ ମଧ୍ୟ ଏସିଆ, ଆଫଗାନିସ୍ଥାନ ପାରସ୍ୟ ଉପସାଗର ଏବଂ ଲୋହିତ ସାଗର ସହିତ ବାଣିଜ୍ୟକ କାରବାର କରୁଥିଲା । ଭାରତ ମୁଖ୍ୟତଃ ଖାଦ୍ୟ ସାମଗ୍ରି, ବସ୍ତ୍ର, କ୍ରିତଦାସ, ନୀଳ, ମୂଲ୍ୟବାନ ପଥର ରପ୍ତାନୀ କରୁଥିଲା ଏବଂ ସ୍ୱର୍ଣ୍ଣ, ରୌପ୍ୟ, ଅଶ୍ୱ, ରେଶମ ବସ୍ତ୍ର ଏବଂ ପଶମ ବସ୍ତ୍ର ଆମଦାନୀ କରୁଥିଲା । ମୋଗଲ ରାଜତ୍ୱ ସମୟରେ ଇଉରୋପୀୟ ବାଣିଜ୍ୟ କମ୍ପାନୀଗୁଡିକର ଆଗମନ ଫଳରେ ଭାରତରେ ବୈଦେଶିକ ବାଣିଜ୍ୟ ବସ୍ତୁଗୁଡ଼ିକ ଉପଲବ୍ଧ ହୋଇଥିଲା । ଭାରତ, ମଧ୍ୟଏସିଆ, ପାରସ୍ୟ ଏବଂ ଇଉରୋପୀୟ ଦେଶଗୁଡିକ ସହିତ ବାଣିଜ୍ୟକ ସଂପର୍କ ପ୍ରତିଷ୍ଠା କରିଥିଲା । ଭାରତର ମୁଖ୍ୟ ରପ୍ତାନୀ ଦ୍ରବ୍ୟଗୁଡ଼ିକ ଥିଲା ବୟନବସ୍ତ୍ର, ଫିଟିକିରି, ଚିନି, ଅଫିମ ଏବଂ ମସଲା । ତା'ର ରପ୍ତାନୀ ତୁଳନାରେ ଆମଦାନୀ ସୀମିତ ଥିଲା । ଭାରତ ରୂପା, ପଶମ, ଚୀନାମାଟି ପାତ୍ର, ଉତ୍ତମ ଗୁଣ ଯୁକ୍ତ ମଦ, ଜରି, ସେଣ୍ଟ, କାଚଦ୍ରବ୍ୟ, ଘଣ୍ଟା, ରୂପାବାସନ ଏବଂ ଘୋଡ଼ା ଆମଦାନୀ କରୁଥିଲା ।

### *iii)* THE MERCANTILE COMMUNITY- ବଣିକ ଗୋଷ୍ଠୀ

ମଧ୍ୟଯୁଗୀୟ ଇତିହାସରେ ଭାରତରେ ବଣିକ ଗୋଷ୍ଠୀ ସମସାୟିକ ଅର୍ଥନୈତିକ ଏବଂ ସାମାଜିକ ବ୍ୟବସ୍ଥାରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସୁଲତାନୀ ଶାସନ ସମୟରେ କରୱାନିସ ବା ନାୟକ ପରି ବଣିକ ଗୋଷ୍ଠୀ ଗ୍ରାମାଞ୍ଚଳରୁ ଶସ୍ୟ ଆଣି ପହଂଚାଇବା କ୍ଷେତ୍ରରେ ଅଭ୍ୟସ୍ତ ଥିଲେ । ପାରସ୍ୟ ଶବ୍ଦ କାରୱାନିସର ଅର୍ଥ "ବହୁ ସଂଖ୍ୟାରେ ଯେଉଁମାନେ ଏକତ୍ରିତ ହୋଇ ଯାଆନ୍ତି ।" ପରେ ଏହି ଲୋକମାନଙ୍କୁ 'ବନ୍‌ଜାରା' ବୋଲି କୁହାଗଲା । କେତେଜଣ ଅଭିଜ୍ଞ ସୁଲତାନୀ ବଣିକ ଯେଉଁମାନେ ଦୂର ଦୂରାନ୍ତରେ ବାଣିଜ୍ୟ କରୁଥିଲେ, ସେମାନଙ୍କ ବିଷୟରେ ମଧ୍ୟ କିଛି କିଛି ସୂଚନା ମିଳିଥାଏ । ସେମାନେ ମୁଖ୍ୟତଃ ହିନ୍ଦୁ ବଣିକ ଥିଲେ ।

ମୋଗଲ ରାଜତ୍ୱ ସମୟରେ ଆମେ ଅସଂଖ୍ୟ ବଣିକ ଗୋଷ୍ଠୀ ବିଷୟରେ ଶୁଣିବାକୁ ପାଇଥାଉ । ସମସାମୟିକ ସାହିତ୍ୟରେ 'ବନ୍‌ଜାରା' ବଣିକ ଗୋଷ୍ଠୀ ବିଷୟରେ ଅନେକ ବର୍ଣ୍ଣନା ଦେଖିବାକୁ ମିଳେ । ସେମାନେ ଗ୍ରାମାଞ୍ଚଳରୁ ଶସ୍ୟ ଆଣି ସହରାଞ୍ଚଳରେ ବ୍ୟବସାୟ କରୁଥିଲେ । ସେମାନେ ତାଙ୍କ ପରିବାର ସହିତ ଦଳବାନ୍ଧି ଯାଉଥିଲେ । ସୁଲତାନୀ ବଣିକମାନେ ଏହି ସମୟରେ ଦିଲ୍ଲୀ, ପଞ୍ଜାବର କେତେକ ଅଞ୍ଚଳ ଏବଂ ସିନ୍ଧୁ ପର୍ଯ୍ୟନ୍ତ ଗତିକରି ବାଣିଜ୍ୟ ବ୍ୟବସାୟ କରୁଥିଲେ । ଉତ୍ତରଭାରତ ଏବଂ ଦାକ୍ଷିଣାତ୍ୟରେ 'ବଣିଆଁ' ନାମକ ଏକ ବଣିକ ଗୋଷ୍ଠୀ ରହିଥିଲେ । ସେମାନଙ୍କ ଅନୁରୂପ ଗୋଷ୍ଠୀ ଥିଲେ ପଞ୍ଜାବର କ୍ଷତ୍ରି ବଣିକ ଗୋଷ୍ଠୀ ଏବଂ ଗୋଲକୋଣ୍ଡାର କୋମଟି ବଣିକ ଗୋଷ୍ଠୀ । ସେମାନେ ବାଣିଜ୍ୟରେ ନିଜକୁ ସଂଶ୍ଳିଷ୍ଟ କରିବା ସଂଗେ ସଂଗେ ଋଣଦାତା ରୂପେ କାର୍ଯ୍ୟ କରୁଥିଲେ । ବୋହରାମାନେ ଥିଲେ ଅନ୍ୟ ଏକ ବଣିକ ଗୋଷ୍ଠୀ ଯେଉଁମାନେ ମୋଗଲ ଶାସନ ସମୟରେ ପ୍ରମୁଖତା ଅର୍ଜନ କରିଥିଲେ । ସେମାନଙ୍କର ପ୍ରାଧାନ୍ୟ ମୁଖ୍ୟତଃ ଗୁଜୁରାଟ, ଉଜ୍ଜୟିନୀ ଏବଂ ବରହନ୍‌ପୁରରେ ଦେଖିବାକୁ ମିଳିଥିଲା । ଆଉ କେତେକ ପ୍ରଧାନ ବଣିକ ଗୋଷ୍ଠୀ ଥିଲେ ଦକ୍ଷିଣ ଭାରତର ଚେଟ୍ଟି ଗୋଷ୍ଠୀ, ଓଡ଼ିଶାରୁ କରମଣ୍ଡଳ ଉପକୂଳ ମଧ୍ୟରେ କ୍ଲିଙ୍ଗଗୋଷ୍ଠି, ତେଲ୍‌ଗୁ ଭାଷୀ କୋମଟି ଗୋଷ୍ଠୀ ପ୍ରଧାନ



ଟିପ୍ପଣି

ଅଟନ୍ତି ।

**କ) ସରାଫ -SARRAFS**

ସରାଫ ନାମକ ଏଗ ଗୋଷ୍ଠୀ ଟଙ୍କା ଦେଣ ନେଣ କାରବାର ସହ ସଂପୃକ୍ତ ଥିଲେ । ସୁଲତାନୀ ରାଜସ୍ୱ ସମୟରୁ ସେମାନଙ୍କର ଆର୍ବିଭାବ ଘଟିଥିଲା । ମୋଗଲ ରାଜତ୍ୱ ସମୟରେ ସେମାନେ ତିନିଗୋଟି କାର୍ଯ୍ୟ ସଂପାଦନ କରୁଥିଲେ ।

୧. ସରାଫମାନେ ଏତେ ଦକ୍ଷ ଥିଲେ ଯେ କୌଣସି ମୁଦ୍ରାରେ ସଠିକ ଓଜନ ତଥା ଧାତୁର ବିଶୁଦ୍ଧତା ସହଜରେ ନିର୍ଣ୍ଣୟ କରିପାରୁଥିଲେ । ଏଥି ସହିତ ନିର୍ଦ୍ଦିଷ୍ଟ ମୁଦ୍ରା ଗୁଡ଼ିକର ପ୍ରଚଳିତ ପରିବର୍ତ୍ତୀତ ମୂଲ୍ୟ ନିର୍ଦ୍ଧାରଣ କରୁଥିଲେ ।

୨. ସରାଫମାନେ ବ୍ୟାଙ୍କ ପରି ଜମାରାଶି ଗ୍ରହଣ କରି ସୁଧ ହାରରେ ଋଣ ପ୍ରଦାନ କରୁଥିଲେ ।

୩. ସରାଫମାନେ ବଣିକ ଭାବେ ସ୍ୱର୍ଣ୍ଣ, ରୌପ୍ୟ ଏବଂ ଅଳଙ୍କାର ବ୍ୟବସାୟ କରୁଥିଲେ । ଏଥି ସହିତ ସେମାନେ ହୁଣ୍ଡିକୁ ନିର୍ଗମନ କରୁଥିଲେ ।

**ଖ) ଦଲାଲ -BROKERS**

ଦଲାଲ ଗୋଷ୍ଠୀ ଥିଲେ ଅନ୍ୟ ଏକ ପ୍ରଧାନ ବଣିକ ଗୋଷ୍ଠୀ । ସୁଲତାନୀ ରାଜତ୍ୱ ସମୟରେ ଏମାନଙ୍କର ଆର୍ବିଭାବ ହୋଇଥିଲା । ସେ ଯାହାହେଉ, ମୋଗଲ ରାଜତ୍ୱ ସମୟରେ ଦଲାଲି ଏକ ବାଣିଜ୍ୟକ ବୃତ୍ତି ରୂପେ ବିବେଚିତ ହେଲା । ବାଣିଜ୍ୟକ କାର୍ଯ୍ୟକ୍ରମ ଏବଂ ଦେଣ ନେଣରେ ସେମାନେ ମଧ୍ୟସ୍ଥି ରୂପେ କାର୍ଯ୍ୟ କରୁଥିଲେ । ବିଦେଶୀ ବଣିକମାନେ, ଯେଉଁମାନେ ଉତ୍ପାଦନ କେନ୍ଦ୍ର ବିଷୟରେ ଜାଣିନଥିଲେ, ବଜାରର ପ୍ରକାର ଭେଦ ତଥା ଭାଷା ମଧ ଜାଣିନଥିଲେ, ସେମାନେ ଏହି ଦଲାଲଙ୍କ ଉପରେ ନିର୍ଭର କରୁଥିଲେ । ଏହି ଦଲାଲମାନେ ଭିନ୍ନ ଭିନ୍ନ ପ୍ରକାରର କାର୍ଯ୍ୟ ସଂପାଦନ କରୁଥିଲେ । ସେମାନଙ୍କମଧ୍ୟରୁ କେତେକ ବଣିକମାନଙ୍କ ଦ୍ୱାରା କିମ୍ବା କଂପାନୀ ଦ୍ୱାରା ନିଯୁକ୍ତ ହେଉଥିଲେ । ଆଉକେତେକ ସ୍ୱାଧୀନ ଭାବରେ ଅନେକ ମହଜିଲଙ୍କର ସେବା କରୁଥିଲେ । ଅନ୍ୟ କେତେକ ରାଜ୍ୟ ଦଲାଲ ଭାବେ ନିଯୁକ୍ତି ପାଇ ବାଣିଜ୍ୟକ କେନ୍ଦ୍ରମାନଙ୍କରେ କାର୍ଯ୍ୟ କରୁଥିଲେ ଏବଂ କ୍ରୟ ଓ ବିକ୍ରୟ ବିଷୟ ପଞ୍ଜିକରଣ କରୁଥିଲେ । ଦଲାଲମାନଙ୍କ ପ୍ରାପ୍ୟ ନିର୍ଦ୍ଦିଷ୍ଟ ହୋଇନଥିଲା । ଏହା ଦ୍ରବ୍ୟ କ୍ରୟ ବିକ୍ରୟରେ ଦଲାଲମାନଙ୍କର ଉଦ୍ୟମକୁ ଆଧାର କରି ତଥା ବସ୍ତୁର ମୂଲ୍ୟକୁ ନିର୍ଦ୍ଧାରିତ କରି ହେଉଥିଲା ।

***iv)* COMMERCIAL PRACTICES - ବାଣିଜ୍ୟକ ପ୍ରଥା :**

ବଣିକ ଗୋଷ୍ଠୀ ଓ ବ୍ୟବସାୟ ସଂଘର ଉନ୍ନତି ହେବା ସହିତ କେତେକ ନୂଆ ବାଣିଜ୍ୟକ ବ୍ୟବସ୍ଥା ମଧ ମଧ୍ୟଯୁଗରେ ସୃଷ୍ଟି ହୋଇଥିଲା ।


କ) **ହୁଣ୍ଡି :** ହୁଣ୍ଡି ଥିଲା ଏକ ମଧ୍ୟଯୁଗୀୟ ବାଣିଜ୍ୟକ ବ୍ୟବସ୍ଥା । ହୁଣ୍ଡି ଥିଲା ଏକ ଲିଖିତ ଚୁକ୍ତିନାମା ଯେଉଁଥିରେ ଏକ ନିର୍ଦ୍ଦିଷ୍ଟ ସମୟ ପରେ ଦେୟ ପ୍ରଦାନ କରିବାକୁ ପ୍ରତିଜ୍ଞା କରାଯାଇଥାଏ । ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବହୁତ ଟଙ୍କା ନେଇ ଯାତାୟତ କରିବାରେ ଯେଉଁ ସମସ୍ୟା ଦେଖାଦେଇଥିଲା, ତା'ର ସମାଧାନ ରୂପେ ଏହି ବ୍ୟବସ୍ଥା ଆରମ୍ଭ କରାଗଲା । ସରାଫମାନେ ଏହି ହୁଣ୍ଡି ନିର୍ଗମନରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ । ବିଭିନ୍ନ ସହର ଓ ନଗର ମାନଙ୍କରେ ସେମାନଙ୍କର ଅଫିସ୍ ଥିଲା । ସେମାନେ ବଣିକମାନଙ୍କୁ ହୁଣ୍ଡି ପ୍ରଦାନ କରୁଥିଲେ । ବଣିକମାନେ ଏହି ହୁଣ୍ଡିକୁ ନେଇ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ସରାଫଙ୍କ ଏଜେଣ୍ଟଙ୍କୁ ପ୍ରଦାନ କଲାପରେ ହୁଣ୍ଡିରେ ଲିଖିତ ପରିମାଣର ଟଙ୍କା ସେମାନେ ପାଉଥିଲେ । ଏହା ବ୍ୟତୀତ ସରକାରୀ ଅଧିକାରୀ ଓ ସାମନ୍ତମାନେ ଟଙ୍କାକୁ ସ୍ଥାନାନ୍ତର କରିବା ପାଇଁ ଏହି ବ୍ୟବସ୍ଥାକୁ ଗ୍ରହଣ କରିଥିଲେ । ହୁଣ୍ଡି ବ୍ୟବସ୍ଥା ଥିଲା ଏକ ନିରାପଦ ଏବଂ ସୁବିଧା ଜନକ ବ୍ୟବସ୍ଥା ଯାହାଦ୍ୱାରା ଟଙ୍କାକୁ ସହଜରେ ସ୍ଥାନାନ୍ତର କରାଯାଇପାରୁଥିଲା । ସରାଫମାନେ ନିର୍ଗମନ କରୁଥିବା ପ୍ରତ୍ୟେକ ହୁଣ୍ଡି ପାଇଁ

କିଛି କମିଶନ ଦାବୀ କରୁଥିଲେ ।

## 13.7. THE CURRENCY SYSTEM- ମୁଦ୍ରା ବ୍ୟବସ୍ଥା :

ରୌପ୍ୟମୁଦ୍ରା ଏବଂ ତାମ୍ରମୁଦ୍ରା ବିନିମୟ ମାଧ୍ୟମ ରୂପେ କାର୍ଯ୍ୟ କରୁଥିଲା । ସୁଲତାନୀ ରାଜତ୍ୱ ସମୟରେ ବିଶୁଦ୍ଧ ରୂପା ଟଙ୍କା ମୁଦ୍ରାରୂପେ ପ୍ରଚଳିତ ଥିଲା । ତାମ୍ର ମୁଦ୍ରାକୁ ଜିତଲ ଏବଂ ଡ୍ରାଙ୍ଗ୍ କୁହାଯାଉଥିଲା । ଧାତୁ ମୂଲ୍ୟରେ ପରିବର୍ତ୍ତନ ହେବା ସହିତ ମୁଦ୍ରାର ମୂଲ୍ୟକୁ ମଧ ପରିବର୍ତ୍ତିତ ହେଉଥିଲା । ପ୍ରଥମ ଥର ପାଇଁ ଶେରଶାହାଙ୍କ ରାଜତ୍ୱ ସମୟରେ ସ୍ୱର୍ଣ୍ଣ, ରୌପ୍ୟ ଏବଂ ତାମ୍ରମୁଦ୍ରା ପାଇଁ ଧାତୁରେ ବିଶୁଦ୍ଧତା ପ୍ରତିଷ୍ଠା କରାଗଲା । ବିନିମୟ ପାଇଁ ରୌପ୍ୟ ରୁପେୟା (Rupaya) ମୌଳିକ ମୁଦ୍ରାରୂପେ ବ୍ୟବହୃତ ହେଲା । ଏହି ମୁଦ୍ରାର ଓଜନ ଥିଲା ୧୭୮ ଗ୍ରେନ୍ । ଆକବରଙ୍କ ସମୟରେ ଅନୁରୂପ ବ୍ୟବସ୍ଥା ଜାରି ରହିଥିଲା । ତାଙ୍କ ପରବର୍ତ୍ତୀ ଉତ୍ତରାଧିକାରୀମାନଙ୍କ ସମୟରେ ସାମାନ୍ୟ ବ୍ୟତିକ୍ରମ ପରିଲକ୍ଷିତ ହୋଇଥିଲା । ମୋଗଲ ରାଜତ୍ୱ ସମୟରେ ତାମ୍ର ମୁଦ୍ରା ଦାମ ଓଜନ ଥିଲା ୩୨୩ ଗ୍ରେନ୍ । ରୂପା ଧାତୁର ଅଭାବ ପରିଲକ୍ଷିତ ହେବାରୁ ରୁପା ମୁଦ୍ରା ଓ ତାମ୍ର ମୁଦ୍ରା ମଧରେ ମୂଲ୍ୟର ବ୍ୟତିକ୍ରମ ଦେଖାଦେଲା । ଆକବରଙ୍କ ରାଜତ୍ୱ କାଳରେ ଗୋଟିଏ ରୂପା ଟଙ୍କାର ମୂଲ୍ୟ ୪୦ଟି ତାମ୍ର ଦାମ୍ ସହିତ ସମାନ ଥିଲା । ସ୍ୱର୍ଣ୍ଣ ମୁଦ୍ରାର ଓଜନ ୧୬୯ ଗ୍ରେନ୍ ଥିଲା ।

ମୁଦ୍ରା ଗୁଡ଼ିକ ରାଜକୀୟ ମୁଦ୍ରାଶାଳାରେ ନିର୍ମିତ ହୋଇ ସାମ୍ରାଜ୍ୟର ବିଭିନ୍ନ ସ୍ଥାନକୁ ପଠାଯାଉଥିଲା । ଆକବରଙ୍କ ସମୟରେ ସ୍ୱର୍ଣ୍ଣମୁଦ୍ରା ଗୁଡ଼ିକ ୪ ଗୋଟି ମୁଦ୍ରାଶାଳାରେ ନିର୍ମିତ ହେଉଥିଲା ବେଳେ ରୌପ୍ୟ ମୁଦ୍ରା ଗୁଡ଼ିକ ୧୪ଟି ମୁଦ୍ରାଶାଳରୁ ଏବଂ ତାମ୍ରମୁଦ୍ରା ଗୁଡ଼ିକ ୪୨ ଟି ମୁଦ୍ରାଶାଳାରେ ନିର୍ମିତ ହେଉଥିଲା । ଆଉରଙ୍ଗଜେବ୍‌ଙ୍କ ସମୟରେ ମୁଦ୍ରା ୪୦ ଟି ମୁଦ୍ରାଶାଳାରେ ଛାପା ଯାଉଥିଲା ।



ଚିତ୍ର ୧୩.୧ -ମୁଦ୍ରା

### INTEXT QUESTIONS 13.5 - ପ୍ରତ୍ୟାଶିତ ପ୍ରଶ୍ନ

1. ମଧ୍ୟଯୁଗରେ ଭାରତ ସ୍ଥଳପଥରେ କେଉଁ ୫ଟି ଦେଶ ସହିତ ବାଣିଜ୍ୟିକ ସଂପର୍କ ପ୍ରତିଷ୍ଠା କରିଥିଲା ?

   ______________________________

2. ହାଟ ମାନେ କ'ଣ ?

3. ମଧ୍ୟଯୁଗୀୟ ବଙ୍ଗର କେତେକ ପ୍ରଧାନ ବାଣିଜ୍ୟିକ କେନ୍ଦ୍ରର ନାମ ଲେଖ ?

୪. ସଂକ୍ଷେପରେ ନିମ୍ନଲିଖିତ ଶବ୍ଦ ଗୁଡ଼ିକର ଅର୍ଥ ବୁଝାଅ । କାରୱାନିସ୍, କ୍ଷତ୍ରୀ, କୋମଟି, ବୋହରା, ଚେଛି ।

## WHAT YOU HAVELEARNT- ଆମେ କ'ଣ ଶିଖିଲେ

ଏହି ଅଧ୍ୟାୟର ମୁଖ୍ୟ ଦିଗ ଉପରେ ପୁର୍ନ ଅବଲୋକନ କରିବା ।

କୃଷି ମୁଷ୍ଟିମେୟ ଲୋକଙ୍କର ଜୀବିକା ଥିଲା । ରାଜ୍ୟର ଏକ ନୀତି ହିସାବରେ କୃଷି ଉତ୍ପାଦନର ଅଭିବୃଦ୍ଧି ପାଇଁ ନୂତନ କୃଷି ଜମିକୁ ଏଥିରେ ଅର୍ନ୍ତଭୁକ୍ତ କରାଗଲା । କୃଷକମାନେ ଅସଂଖ୍ୟ ପ୍ରକାରର ଶସ୍ୟ, ଅର୍ଥକାରୀ ଫସଲ, ଫଳ, ପନିପରିବା ଏବଂ ମସଲା ଉତ୍ପାଦନ କରୁଥିଲେ । ସେ ଅତ୍ୟାଧୁନିକ କୃଷି ପ୍ରଣାଳୀ ବ୍ୟବହାର କରୁଥିଲେ । ସେମାନେ ଶସ୍ୟ ବଦଳାଇ, ଦୁଇଟି ଫସଲ ଅମଳକରି, ଏପରିକି ତିନୋଟି ଫସଲ ମଧ ଅମଳ କରୁଥିଲେ । ବିଭିନ୍ନ ପ୍ରକାର କୃତ୍ରିମ ଉଠାଜଳ ଯନ୍ତ୍ର ମଧ ସେମାନେ ବ୍ୟବହାର କରୁଥିଲେ । ଭୂ ରାଜସ୍ୱ ରୁ ରାଜ୍ୟ ଏକ ବୃହତ୍ ଭାଗ ପାଉଥିଲା । ଆଲାଉଦ୍ଦୀନ ଖିଲ୍‌ଜୀ, ଶେରଶାହ ଏବଂ ଆକବରଙ୍କ ପରି ପ୍ରମୁଖ ଶାସକମାନଙ୍କ ଉଦ୍ୟମ ଫଳରେ ଭୂ ରାଜସ୍ୱ ଶାସନ ସୁସଂଗଠିତ ଓ ସୁଶୃଙ୍ଖଳିତ ହୋଇ ବ୍ୟାପକ ଆକାର ଧାରଣ କରିଥିଲା ।

ରାଷ୍ଟ୍ର ଏବଂ କୃଷକମାନଙ୍କ ମଧରେ ଏକ ଶକ୍ତିଶାଳୀ ମଧସ୍ଥି ଗୋଷ୍ଠୀର ଉତ୍ପତ୍ତି ହୋଇଥିଲା । ସେମାନେ ବଂଶାନୁକ୍ରମିକ ଭାବେ ରାଷ୍ଟ୍ରଦ୍ୱାରା ମଞ୍ଜୁରି ପ୍ରାପ୍ତ ଅଧିକାର ଉପଭୋଗ କରୁଥିଲେ । ଏହି ମଧସ୍ଥିମାନେ ରାଷ୍ଟ୍ରର ରାଜସ୍ୱ ଆଦାୟ ସମୟରେ ସହଯୋଗ କରୁଥିଲେ । ମଧ ଯୁଗୀୟ ଭାରତୀୟ କୃଷକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା । ଦମନ ମୂଳକ ଭୂ ରାଜସ୍ୱ ନୀତି, ଏହି ରାଜସ୍ୱରେ ମଧସ୍ଥି ମାନଙ୍କର ଅଂଶଦାବୀ, ଅନବରତ ପ୍ରାକୃତିକ ଦୁର୍ବିପାକ ଆଦି ସାଧାରଣ କୃଷକର ଜୀବନକୁ ଦୁର୍ବିଶହ କରିଦେଇଥିଲା । କୃଷକ ଅଶାନ୍ତି ଯୋଗୁଁ ବିଦ୍ରୋହ ମଧ ଦେଖାଯାଉଥିଲା ।

ବୟନ ଶିଳ୍ପ, ଖଣି ଏବଂ ଧାତୁବିଦ୍ୟା, ନିର୍ମାଣ କାର୍ଯ୍ୟ, ଅସ୍ତ୍ରଶସ୍ତ୍ର ଓ ଜଳଜାହାଜ ନିର୍ମାଣ ଥିଲା ଏହି ସମୟର କେତେକ ପ୍ରମୁଖ କାରିଗରି ଶିଳ୍ପ । ଏହି ଉତ୍ପାଦିତ ଦ୍ରବ୍ୟ ଗୁଡ଼ିକୁ ଗ୍ରାମ, ସହର ଓ ରାଜ୍ୟସ୍ତରରେ ସଂଗଠିତ କରାଯାଉଥିଲା । କିନ୍ତୁ ରାଜକୀୟ କର୍ମଶାଳାରେ ନିର୍ମିତ କାରିଗରି ଦ୍ରବ୍ୟ କେବଳ ରାଜ ପରିବାର ଏବଂ ରାଜଦରବାର ପାଇଁ ଉଦ୍ଦିଷ୍ଟ ଥିଲା । ବାଣିଜ୍ୟ କ୍ଷେତ୍ରରେ ଭାରତ ମଧ ଏସିଆ, ଚୀନ୍, ଦକ୍ଷିଣ ପୂର୍ବ ଏସିଆ ଏବଂ ଇଉରୋପ ସହିତ ବାଣିଜ୍ୟିକ ସଂପର୍କ ପ୍ରତିଷ୍ଠା କରିଥିଲା । ଇଉରୋପୀୟ ବାଣିଜ୍ୟ କଂପାନୀ ଯଥା - ପର୍ତ୍ତୁଗୀଜ, ଇଂରେଜ, ଡ଼ଚ୍ ଏବଂ ଫରାସୀ ମାନଙ୍କର ଭାରତରେ, ଆର୍ନ୍ତ ଏସୀୟ କ୍ଷେତ୍ରରେ ଏବଂ ୟୁରୋ-ଏସିଆନ କ୍ଷେତ୍ରରେ ବାଣିଜ୍ୟ କରୁଥିଲେ, ଯାହା ଭାରତୀୟ ବାଣିଜ୍ୟ ବ୍ୟବସ୍ଥାକୁ ପ୍ରଭାବିତ କରିଥିଲା ।

ବାଣିଜ୍ୟ ଏବଂ ବ୍ୟବସାୟର ପ୍ରସାର ସହିତ ଦଲାଲ, ହୁଣ୍ଡି ଏବଂ ବିମା ପରି ନୂତନ ବାଣିଜ୍ୟକ ବୃତ୍ତି ଗୁଡ଼ିକର ଉନ୍ମେଷ ଘଟିବା ଫଳରେ ବାଣିଜ୍ୟଗତ କାର୍ଯ୍ୟକଳାପର ସଂପ୍ରସାରଣ ହୋଇଥିଲା ।

## TERMINAL QUESTIONS - ନିଜକୁ ନିଜେ ପରିଖିବା

1. ମଧ୍ୟଯୁଗୀୟ ଭାରତରେ କୃଷିର ଅଭିବୃଦ୍ଧି କହିଲେ କ'ଣ ବୁଝ ?

2. 'ପାରସିକ ଚକ' କହିଲେ କ'ଣ ବୁଝ ? ଏହା କିପରି କାର୍ଯ୍ୟ କରୁଥିଲା ?
3. ଜଳସେଚନ ପାଇଁ ଫିରୋଜ ଶାହା ତୋଗଲକ ନିର୍ମାଣ କରିଥିବା କେତୋଟି କେନାଲର ନାମ ଲେଖ ?
4. ବିଭିନ୍ନ ସମୟରେ ଭୂ ରାଜସ୍ୱ ଆକଳନ କିପରି ହୋଇଥିଲା ବିସ୍ତୃତ ଭାବରେ ବର୍ଣ୍ଣନା କର ।
5. 'ଆଇନ-ଇ-ଦଶଲା' କ'ଣ ଥିଲା ? ଏହା କିପରି କାର୍ଯ୍ୟ କରୁଥିଲା ?
6. ପରଗଣା ଓ ଗ୍ରାମ୍ୟ ସ୍ତରରେ କାର୍ଯ୍ୟ କରୁଥିବା ପ୍ରଧାନ ରାଜସ୍ୱ ଅଧିକାରୀଙ୍କ ନାମ ଓ କାର୍ଯ୍ୟର ବିବରଣୀ ପ୍ରଦାନ କର ।
7. କାରଖାନା କ'ଣ ଥିଲା ? ଏହା କିପରି କାର୍ଯ୍ୟ କରୁଥିଲା ?
8. ମଧ୍ୟଯୁଗୀୟ ଭାରତରେ ପ୍ରାଧାନ୍ୟ ଲଭା କରିଥିବା ୫ ଗୋଟି ବଣିକ ଗୋଷ୍ଠିଙ୍କ ନାମ ଲେଖ ।
9. ସରାଫ୍ କିଏ ଥିଲେ ? ତାଙ୍କର ଭୂମିକା କ'ଣ ଥିଲା ?
10. ହୁଣ୍ଡି କହିଲେ ତୁମେ କ'ଣ ବୁଝ ? ଏହା ବାଣିଜ୍ୟ ଓ ବ୍ୟବସାୟକୁ କିପରି ସହଜ କରିଦେଇପାରିଲା ?
11. ରାଜସ୍ୱ ସଂଗ୍ରହରେ ମଧସ୍ଥ ଜମିଦାର ମାନଙ୍କର ଭୂମିକା ଉପରେ ସଂକ୍ଷେପରେ ଲେଖ ।
12. ମଧ୍ୟଯୁଗୀୟ ଭାରତରେ ଜଳସେଚନର ମାଧମ ଗୁଡ଼ିକ ସଂବଂଧରେ ବର୍ଣ୍ଣନା କର ।
13. କାରିଗରି ଶିଳ୍ପ ଉତ୍ପାଦନ ଏବଂ ସେମାନଙ୍କର ସଂଗଠନ ଉପରେ ସଂକ୍ଷେପରେ ବର୍ଣ୍ଣନା କର ?
14. ମଧ୍ୟଯୁଗୀୟ ଭାରତରେ ସ୍ଥାନୀୟ, ଆଞ୍ଚଳିକ ଏବଂ ଆର୍ନ୍ତ-ଆଞ୍ଚଳିକ ବାଣିଜ୍ୟ କିପରି ଚାଲୁଥିଲା, ସଂକ୍ଷେପରେ ବର୍ଣ୍ଣନା କର ।
15. ମଧ୍ୟଯୁଗୀୟ ଭାରତର-ମୁଦ୍ରା ବ୍ୟବସ୍ଥା ଉପରେ ବର୍ଣ୍ଣନା କର ।

## ANSWERS TO INTEXT QUESTIONS - ପ୍ରତ୍ୟାଶିତ ପ୍ରଶ୍ନୋତ୍ତର

**13.1.**

୧. ମଧ୍ୟଯୁଗୀୟ ଭାରତ ଇତିହାସରେ କୃଷକମାନେ ଯେତିକି ଜମିରେ ଚାଷ କାର୍ଯ୍ୟ କରୁଥିଲେ, ତା ଅପେକ୍ଷା ଅଧିକ ବଳକା ଜମି ରହିଯାଉଥିଲା । ତେଣୁ କୃଷି ଉତ୍ପାଦନ ବୃଦ୍ଧି କରିବା ପାଇଁ ନୂତନ ଅଞ୍ଚଳକୁ କୃଷିର ଅର୍ନ୍ତଭୁକ୍ତ କରାଗଲା ।

୨. ଖାଦ୍ୟଶସ୍ୟ କହିଲେ ଧାନ, ଗହମ, ବାର୍ଲି, ଜଅ, ବୁଟ, ମୁଗ ଏବଂ ଅର୍ଥକାରିଫସଲ - ଆଖୁ, ଅଫିମ, ନିଳ ଏବଂ ପଶମକୁ ବୁଝାଉଥିଲା ।

୩. ଧୂଆଁପତ୍ର, ସପୁରି, ଚେରି ଏବଂ ଅମୃତଭଣ୍ଡା ।

୪. ପାରସିକ ଚକ କହିଲେ ଏହି ସମୟର ଅତ୍ୟାଧୁନିକ ଜଳଉଠା ଯନ୍ତ୍ରକୁ ବୁଝାଉଥିଲା । ଗୋଟିଏ ଚକର ରିମ୍‌ରେ ମାଳମାଳେ ମାଠିଆକୁ ବାନ୍ଧି ଦେଇ ଗିଅର ସାହାଯ୍ୟରେ ଚକକୁ ଘୁରାଇ ପାଣି ମଡ଼ାଯାଇ ଥିଲା । ଏହି ଗିଅରକୁ ପଶୁମାନଙ୍କ ସାହାଯ୍ୟରେ ଘୁରାଯାଇ ଜଳସେଚନ କରାଯାଉଥିଲା ।

**13.2.**

1. ଶସ୍ୟ ବଣ୍ଟନ ପ୍ରଣାଳୀ ଅନୁସାରେ କ୍ଷେତ୍ରରେ ଥିବା ଫସଲକୁ କୃଷକ ଏବଂ ରାଜ୍ୟ ମଧରେ ବାଣ୍ଟି ଦିଆଯାଉଥିଲା । ଏହାକୁ 'ଖେତ ବାଟାଇ' କୁହାଯାଉଥିଲା । 'ଲାଙ୍ଗ୍ ବାଟାଇ' କହିଲେ ଶସ୍ୟକୁ କାଟି ଗଦାକରି ରଖାଯାଉଥିଲା । କିନ୍ତୁ ଶସ୍ୟକୁ ବଣ୍ଟାଯାଉ ନଥିଲା ।



ଟିପ୍ପଣି

2. ଆଲାଉଦ୍ଦୀନ୍ ଖିଲଜୀ, ଶେରଶାହ ସୁରି ଏବଂ ଆକବର ।

3. ପୋଲାଜ କହିଲେ ଯେଉଁ କ୍ଷେତରୁ ପ୍ରତିବର୍ଷ ଦୁଇଟି ଫସଲ ଅମଳ ହୁଏ ବୋଲି କୁହାଯାଏ । ପାରତି କହିଲେ ଯେଉଁ ଜମିକୁ ଚାଷ ନକରି କିଛିଦିନ ପର୍ଯ୍ୟନ୍ତ ଛାଡ଼ିଦିଆଯାଏ । ଚଚ୍ଚର କହିଲେ ୩ ରୁ ୪ ବର୍ଷ ଅନ୍ତରରେ ଯେଉଁ ଜମିକୁ ଚାଷ କରାଯାଏ ।

4. ଏହା ଥିଲା ରାଜସ୍ୱ ସମ୍ବନ୍ଧୀୟ ଦୁଇଟି ଦସ୍ତାବିଜ୍ । ପଟ୍ଟା ଥିଲା ଏକ ସ୍ୱୀକୃତି ପତ୍ର ଯାହାକୁ କୃଷକଙ୍କୁ ପ୍ରଦାନ କରାଯାଉଥିଲା । ଏଥିରେ ଜମିର କିସମ ଓ ପରିମାଣ ଉଲ୍ଲେଖ ଥିଲା । ଏଥି ସହିତ ଏଥିରୁ ଉତ୍ପାଦିତ ବିଭିନ୍ନ ଶସ୍ୟ ଉପରେ ଭୂ ରାଜସ୍ୱ ନିର୍ଦ୍ଧାରିତ ହୋଇଥିଲା । କବୁଲିୟତ ଥିଲା ଏକ ଚୁକ୍ତିନାମାଙ୍କନ ପତ୍ର ଯେଉଁଥିରେ ଜଣେ କୃଷକ ଭୂରାଜସ୍ୱ ରାଜ୍ୟକୁ ଦେବାପାଇଁ ମାନି ନେଇଥିଲେ ।

**13.3.**

1. ଦିଲ୍ଲୀ ସୁଲତାନୀ ଶାସନ ପ୍ରତିଷ୍ଠା ହେବା ପୂର୍ବରୁ ଏହି ପଦବୀ ଗୁଡ଼ିକ ବଂଶାନୁକ୍ରମିକ ଜମିଦାରଙ୍କ ପାଇଁ ବ୍ୟବହୃତ ହେଉଥିଲା । ଏହି ଲୋକମାନେ ଭୂରାସ୍ୱ ନିର୍ଦ୍ଧାରଣ ଓ ଆଦାୟ ପ୍ରଣାଳୀ ସମ୍ବନ୍ଧରେ ସରକାରଙ୍କୁ ସହାୟତା ପ୍ରଦାନ କରିଥିଲେ ।

2. ମକଦ୍ଦମ ଏବଂ ପଟେଲମାନେ ଯଥାକ୍ରମେ ଉତ୍ତରଭାରତ ଓ ଦକ୍ଷିଣ ଭାରତର ଗ୍ରାମ୍ୟମୁଖ୍ୟ ଭାବେ କାର୍ଯ୍ୟ ସଂପାଦନ କରୁଥିଲେ । ସେମାନଙ୍କର ମୁଖ୍ୟ ଦାୟିତ୍ୱ ଥିଲା ଗ୍ରାମରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଏବଂ ଭୂରାଜସ୍ୱ ଆଦାୟ କରିବା ।

3. ଜାଟ୍, ଶିଖ, ମରଠା ଏବଂ ସତନାମୀ ମାନଙ୍କ ଦ୍ୱାରା ଏହି ବିଦ୍ରୋହ ସୃଷ୍ଟି ହୋଇଥିଲା ।

**13.4.**

1. ମଧ୍ୟଯୁଗୀୟ ଭାରତର ୫ ଗୋଟି ମୁଖ୍ୟ କାରିଗରି ଶିଳ୍ପ ଥିଲା - ବୟନଶିଳ୍ପ, ରଙ୍ଗଶିଳ୍ପ, ଚିନିଶିଳ୍ପ, ଖଣି ଉତ୍ତୋଳନ ଶିଳ୍ପ ଏବଂ ଧାତୁଶିଳ୍ପ ।

2. ଅହମ୍ମଦବାଦ୍, ବରୋଦା, ପାଟନା ।

3. ଗୋଲକୋଣ୍ଡା, ବଇରାଗଡ଼, ପାନ୍ନା ଏବଂ ଖୋଖରା ।

4. ସ୍ପିନିଂ ହୁଇଲ (ଚକ୍ର), ପିଟ୍‌ଲୁମ୍ ଏବଂ ଡ୍ରଲୁମ୍ ।

**13.5.**

1. ଭାରତ ସ୍ଥଳପଥରେ ଚୀନ୍, ଆରବ, ଇଜିପ୍ଟ, ପାରସ୍ୟ ଏବଂ ଆଫଗାନସ୍ଥାନ ସହିତ ବାଣିଜ୍ୟକ ସଂପର୍କ ପ୍ରତିଷ୍ଠା କରିଥିଲା ।

2. ହାଟ କହିଲେ ଏକ ସୀମିତ ଆଞ୍ଚଳିକ ବଜାରକୁ ବୁଝାଉଥିଲା । ସପ୍ତାହର କୌଣସି ଏକ ନିର୍ଦ୍ଦିଷ୍ଟ ବାରରେ ଏହି ହାଟ ବସୁଥିଲା । ଏହି ହାଟରୁ ସ୍ଥାନୀୟ ଲୋକମାନେ ସେମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣୁଥିଲେ ।

3. ବଂଗରେ ମୁଖ୍ୟ ବାଣିଜ୍ୟିକ କେନ୍ଦ୍ର ଗୁଡ଼ିକ ଥିଲା ହୁଗୁଳୀ, ଢ଼ାକା, ମୁର୍ଶିଦାବାଦ୍, ସତ୍‌ଗାଓଁ ଏବଂ ପାଟନା ।

4. କାରଓ୍ୱାନିସ ଥିଲା ଏକ ପାରଶିକ ଶବ୍ଦ । ଏହି ନାମଧାରୀ ବଣିକ ଗୋଷ୍ଠୀ ଦଳବାନ୍ଧି ଶସ୍ୟ ନେଇ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଥିଲେ ।

   କ୍ଷତ୍ରୀ-ମାନେ ଥିଲେ ପଞ୍ଜାବର ପ୍ରମୁଖ ଶସ୍ୟ ବଣିକ ।
   କୋମଟିମାନେ ଗୋଲକୋଣ୍ଡାର ତେଲ୍‌ଗୁଭାଷୀ ଏକ ପ୍ରମୁଖ ବଣିକ ଗୋଷ୍ଠୀ ।



ଟିପ୍ପଣି

ବୋହରରାମାନେ ଥିଲେ ଗୁଜୁରାଟ୍, ଉଜ୍ଜୟିନୀ ଏବଂ ବୁରହନ୍‌ପୁର ଏକ ଶକ୍ତଶାଳୀ ଓ ପ୍ରମୁଖ ବଣିକ ଗୋଷ୍ଠୀ ।

ଚେଟ୍ଟିମାନେ ଥିଲେ ଦକ୍ଷିଣ-ଭାରତର ଏକ ପ୍ରମୁଖ ବଣିକଗୋଷ୍ଠୀ ।

**HINTS TO TERMINAL QUESTION : ସଙ୍କେତ**

1. ଭାଗ ୧୩.୧ ର (i) କୁ ଦେଖ ।
୨. ଭାଗ ୧୩.୧ ର (ii) ର ତୃତୀୟ ପାରା ।
3. ଭାଗ ୧୩.୧ ର (iii)ଚତୁର୍ଥ ପାରା ।
4. ଭାଗ ୧୩.୨ ର ପ୍ରଥମରୁ ଚତୁର୍ଥ ପାରା ।
5. ଭାଗ ୧୩.୨ ର ପଞ୍ଚମ ପାରା ।
6. ଭାଗ ୧୩.୩ ଦେଖ ।
7. ଭାଗ ୧୩.୫ ।
8. ଭାଗ ୧୩.୬ (iii)
9. ଭାଗ ୧୩.୬ (iii) (a)
10. ଭାଗ ୧୩.୬ (iv) (a)
11. ଭାଗ ୧୩.୩
12. ଭାଗ ୧୩.୧ (iii)
13. ଭାଗ ୧୩.୫
14. ଭାଗ ୧୩.୬ (i)
15. ଭାଗ ୧୩.୭

GLOSSARY :-

| | | |
|---|---|---|
| ଅମିଲ | : | ପରଗଣା ଦାୟିତ୍ୱରେ ଥିବା ରାଜସ୍ୱ ଆଦାୟକାରୀ । |
| ଅମିନ୍ | : | ଜମି ସର୍ବେକ୍ଷଣକାରୀ, ରାଜସ୍ୱ ଆକଳନ ପାଇଁ ଜମି ସର୍ବେକ୍ଷଣ କରୁଥିଲେ । |
| ବନ୍‌ଜାର | : | ଅନୁର୍ବର, କୃଷି ଅନୁପୋଯୋଗି ଜମି |
| ବୋହରା | : | ଗୁଜୁରାଟର ଏକ ପ୍ରମୁଖ ବଣିକ ଗୋଷ୍ଠୀ । |
| ଛଚର | : | ସ୍ୱଳ୍ପ ଉର୍ବରତା ଥିବା ଜମି, ତିନିରୁ ଚାରିବର୍ଷରେ ଥରେ ଚାଷକରାଯାଏ । |
| ଚେଟି | : | ଦକ୍ଷିଣ ଭାରତର ଏକ ମୁଖ୍ୟ ବଣିକଗୋଷ୍ଠୀ |
| ଦାଦନୀ | : | ଏକ ନିର୍ଦ୍ଦିଷ୍ଟ କୃଷିଜାତ ପଦାର୍ଥର ଉତ୍ପାଦନ ପାଇଁ ଜଣେ କୃଷକକୁ କଞ୍ଚାମାଲ ତଥା ଆର୍ଥିକ ସହାୟତା ଏକ ବଣିକଗୋଷ୍ଠୀ ଦ୍ୱାରା ପ୍ରଦାନ କରାଯାଉଥିଲା । ନିର୍ଦ୍ଦିଷ୍ଟ ସମୟରେ ବଣିକମାନେ ଏହି ଉତ୍ପାଦିତ ଦ୍ରବ୍ୟକୁ କୃଷକଠାରୁ ସଂଗ୍ରହ କରି ବଜାରରେ ବିକ୍ରି କରୁଥିଲେ । |

## ଆର୍ଥିକ ଅବସ୍ଥା

| | | |
|---|---|---|
| ଦମ୍ | : | ମୋଗଲ ସମୟର ତାମ୍ର ମୁଦ୍ରା । |
| ଦସ୍ତୁର | : | ରାଜସ୍ୱ ମଣ୍ଡଳ । ରାଜସ୍ୱ ଆକଳନ ପାଇଁ ଅଞ୍ଚଳଗୁଡିକୁ କେତେକ ମଣ୍ଡଳୀରେ ବିଭକ୍ତ କରାଯାଇଥିଲା । ପ୍ରତ୍ୟେକ ମଣ୍ଡଳକୁ ଦସ୍ତୁର କୁହାଯାଉଥିଲା । |
| ଜାଗୀରଦାର | : | ମୋଗଲ ରାଜ୍ୟକୁ ନିଜର ସେବା ବଦଳରେ ରାଜସ୍ୱ ଆଦାୟ କରିବାର ଦାୟିତ୍ୱ ବହନକାରୀ । |
| ଜିତଲ | : | ଦିଲ୍ଲୀ ସୁଲତାନୀ ଶାସନ ସମୟର ତାମ୍ରମୁଦ୍ରା । ୪୮ ଜିତଲ = ୧ ଟଙ୍କା |
| ହୁଣ୍ଡି | : | ବିନିମୟ ପତ୍ର |
| କାନ୍‌କଟ୍ | : | ରାଜସ୍ୱ ଆକଳନର ଏକ ପଦ୍ଧତି । ପ୍ରଥମେ ଜମି ମାପ କରାଯାଇ ଉର୍ବରତାକୁ ଲକ୍ଷ୍ୟକରି ରାଜସ୍ୱ ଧାର୍ଯ୍ୟ କରାଯାଏ । |
| କାରକୁନ୍ | : | ଗ୍ରାମ କିରାଣୀ |
| କାରଖାନା | : | ରାଜକୀୟ କର୍ମଶାଳା । ରାଜ ପରିବାରର ବ୍ୟବହାର ପାଇଁ ବିଭିନ୍ନ ପଦାର୍ଥ ଉତ୍ପାଦନ କରାଯାଏ । ଠିକା ଶ୍ରମିକମାନଙ୍କ ଦ୍ୱାରା କୃଷିକାର୍ଯ୍ୟ କରାଯାଏ । |
| ଖୁଦ୍‌କାଶ | : | ଧନି ଏବଂ ସମୃଦ୍ଧ କୃଷକ ଯିଏ କୃଷିଜମି ଓ କୃଷି ଯନ୍ତ୍ରପାତିର ଅଧିକାରୀ ଥିଲେ । |
| କୁଲକର୍ଣ୍ଣି | : | ଦାକ୍ଷିଣାତ୍ୟର ଗ୍ରାମ୍ୟ ହିସାବ ରକ୍ଷକ । |
| ଖୁତ୍ | : | ସୁଲତାନୀ ଯୁଗର ଧନୀ କୃଷକ |
| କରୱାନିସ୍ | : | ଏକ ବଣିକଗୋଷ୍ଠୀ ମିଳିତ ଭାବରେ ବହୁସଂଖ୍ୟାରେ ଯାଉଥିଲେ ଏବଂ ବିଶେଷଭାବେରେ ଗ୍ରାମାଞ୍ଚଳରୁ ଶସ୍ୟ ସଂଗ୍ରହକରି ରପ୍ତାନି କରୁଥିଲେ । |
| ଖେତ୍‌ବାତାଇ | : | ଶସ୍ୟ ବଣ୍ଟନର ଏକ ପଦ୍ଧତି ଯେଉଁଥିରେ କୃଷିକ୍ଷେତ୍ରରେ ଫସଲଥିବା ସମୟରେ କୃଷକ ଏବଂ ରାଜ୍ୟ ରାଜସ୍ୱ ପ୍ରତିନିଧିଙ୍କ ମଧରେ ଭାଗ ସ୍ଥିର ହୋଇଥାଏ । |
| ଲଙ୍ଗ୍‌ବାତାଇ | : | ଫସଲ ବଣ୍ଟନର ଅନ୍ୟ ଏକ ପଦ୍ଧତି ଯେଉଁଥିରେ ଫସଲ ପ୍ରଥମେ କଟା ହୋଇ ଗଦା କରାଯାଏ ଏବଂ ରାଜସ୍ୱ ସ୍ଥିର କରାଯାଏ । |
| ମକଦ୍ଦମ୍ | : | ଏକପ୍ରକାର ଜମି ଯେଉଁଥିରେ ବର୍ଷକୁ ଦୁଇଟି ଫସଲ ଉତ୍ପାଦିତ ହୁଏ । |
| ପରାତି | : | ଅନ୍ୟ ଏକ ପ୍ରକାର ଜମି, ଯାହାକୁ ଦୁଇଟି ଫସଲ ଉତ୍ପାଦନ ପରେ ଜମିର ଉର୍ବରତା ବୃଦ୍ଧି ପାଇଁ ଛାଡ଼ି ଦିଆଯାଏ । |
| ପଟ୍ଟା | : | ସତ୍ୱାଧିକାର ପତ୍ର । ରାଜ୍ୟ ଦ୍ୱାରା ଏହି ପତ୍ର ସମସ୍ତ କୃଷକଙ୍କୁ ଦିଆଯାଇଥିଲା ଯେଉଁଥିରେ ଧାର୍ଯ୍ୟ ରାଜସ୍ୱ ବିଷୟରେ ଉଲ୍ଲେଖ ଥିଲା । |
| ପଟୱାରି | : | ଉତ୍ତର ଭାରତର ଗ୍ରାମ ହିସାବ ରକ୍ଷକ । |
| କବୁଲିୟତ୍ | : | ଏକ ଚୁକ୍ତିପତ୍ର । ଏଥିରେ ପଟ୍ଟାର ବର୍ଣ୍ଣିତ ଧାର୍ଯ୍ୟ ରାଜସ୍ୱକୁ ପରିଶୋଧ କରିବା ପାଇଁ କୃଷକ ପ୍ରତିଜ୍ଞା କରିଥାଏ । |

| | | |
|---|---|---|
| କାନୁନ୍‌ଗୋ | : | ପରଗଣାର ଜଣେ ଅଧସ୍ତନ ରାଜସ୍ୱ କର୍ମଚାରୀ । |
| ରେୟତ | : | ସାଧାରଣ କୃଷକ |
| ରେ | : | କେନ୍ଦ୍ରସୂଚିତ ଫସଲର ମୂଲ୍ୟ |
| ସରଫ୍ | : | ଅର୍ଥ ଦେଣନେଣ କରୁଥିବା ଏକ ଗୋଷ୍ଠୀ ଯେକି ଧନ ବିନିମୟକାରୀଙ୍କ ପରି, ବ୍ୟାଙ୍କପରି କାର୍ଯ୍ୟ କରିବା ସଙ୍ଗେସଙ୍ଗେ ହୁଣ୍ଡି ମଧ ପ୍ରଦାନ କରୁଥିଲେ । |
| ଟଙ୍କା | : | ଦିଲ୍ଲୀ ସୁଲତାନୀ ସମୟର ମାନକ ରୂପାମୁଦ୍ରା । |
| ଜମିନ୍‌ଦାର | : | ମୋଗଲ ସମୟର ଏକ ମଧସ୍ଥି ଜମିଦାରବର୍ଗ ଯେଉଁମାନେ ବଂଶାନୁକ୍ରମିକ ଜମିଦାରୀ ଉପଭୋଗର କ୍ଷମତା ପାଇଥିଲେ । |

# 14

## ମଧ୍ୟଯୁଗୀୟ ଭାରତରେ ସାଂସ୍କୃତିକ ବିକାଶ

ଭାରତର ମଧ୍ୟଯୁଗକୁ ଏକ ମହାନ ସାଂସ୍କୃତିକ ଯୁଗର ସମନ୍ୱୟ ରୂପେ ବିବେଚନା କରାଯାଇଛି । ସେହି ସମୟରେ ସାଂସ୍କୃତିକ ବିକାଶର ଏକ ନୂତନ ପର୍ଯ୍ୟାୟ ଆରମ୍ଭ ହୋଇଥିଲା । ତୁର୍କୀ ଓ ମୋଗଲମାନେ ନୂତନ ଜ୍ଞାନ କୌଶଳର ପ୍ରୟୋଗ କରିଥିଲେ ତଥା ଧର୍ମ, ଦର୍ଶନ ଓ ବିଚାର, ଭାଷା ଓ ସାହିତ୍ୟ, ସ୍ଥାପତ୍ୟ କଳାର ଶୈଳୀ ଓ ଗୃହ ଉପକରଣ ସାମଗ୍ରୀର ବ୍ୟବହାର, ଚିତ୍ରକଳା ଓ ଲଳିତକଳା (ସଙ୍ଗୀତ ଓ ପ୍ରଦର୍ଶନ କଳା) କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି କରିବାରେ ସହାୟକ ହୋଇଥିଲେ ।

ପ୍ରଥମରୁ ଭାରତର ପ୍ରତ୍ୟେକ କ୍ଷେତ୍ରରେ ସାଂସ୍କୃତିକ ପରମ୍ପରା ଖୁବ୍ ଉଚ୍ଚକୋଟୀର ଥିଲା । ଭିନ୍ନ ଭିନ୍ନ ସଂସ୍କୃତିର ସମନ୍ୱୟ ଏକ ନୂତନ ଦାର୍ଶନିକ ତଥା ଧାର୍ମିକ ପରମ୍ପରା, ବିଚାର ଓ ସଂସ୍କୃତିର ସମସ୍ତ କ୍ଷେତ୍ରରେ ନୂଆ ରୂପ ଓ ଶୈଳୀକୁ ଜନ୍ମ ଦେଇଥିଲା । ଏହି ଅଧ୍ୟାୟରେ ଆମେ କେତେକ ମହତ୍ୱପୂର୍ଣ୍ଣ କ୍ଷେତ୍ରରେ ହୋଇଥିବା ବିଭିନ୍ନ ସାଂସ୍କୃତିକ ବିକାଶ ବିଷୟରେ ଅବଗତ ହେବା ।

**ଆମେ ପ୍ରଧାନତଃ ଆଲୋକପାତ କରିବା :-**

- ସୁଫୀ ଓ ଭକ୍ତି ଆନ୍ଦୋଳନ ଭଳି ନୂତନ ଧର୍ମ ଆନ୍ଦୋଳନ ସମ୍ବନ୍ଧରେ
- ନୂତନ ଧର୍ମରୂପରେ ଶିଖ୍ଧର୍ମର ଉତ୍ଥାନ ସମ୍ପର୍କରେ
- ଉର୍ଦ୍ଦୁ ତଥା ପାରସିକ ଭାଷା ଓ ସାହିତ୍ୟର ବିକାଶ ସମ୍ପର୍କରେ
- ବିଭିନ୍ନ ଭାରତୀୟ ଭାଷାରେ ସାହିତ୍ୟର ବିକାଶ ସମ୍ପର୍କରେ
- ଆଞ୍ଚଳିକ ପରିବର୍ତ୍ତନ (ଭିନ୍ନତା) ସହ ସୁଲତାନ ତଥା ମୋଗଲ ଯୁଗର ସ୍ଥାପତ୍ୟ କଳା ସମ୍ପର୍କରେ
- ସଙ୍ଗୀତର ନୂତନ ରୂପ ସମ୍ପର୍କରେ
- ମୋଗଲ ଚିତ୍ରକଳା ତଥା ଭାରତରେ ଜନ୍ମିଥିବା ଅନ୍ୟ ନୂଆ ଶୈଳୀ ସମ୍ପର୍କରେ

ଆମେ ଆଶା କରୁଛୁ କି ଏହି ଅଧ୍ୟାୟକୁ ପଢ଼ିବା ପରେ ଏହି ସମୟର ସଂସ୍କୃତି ବିଷୟରେ ତୁମମାନଙ୍କର ଜ୍ଞାନର ପରିସର ବୃଦ୍ଧି ପାଇବ ।

### OBJECTIVES - ଉଦ୍ଦେଶ୍ୟ

**ଏହି ଅଧ୍ୟାୟଟି ପାଠ କରିବା ପରେ ଆମେ:**

- ଭାରତରେ ସୁଫୀମାନଙ୍କର ଦର୍ଶନ ତଥା ବିଭିନ୍ନ କାର୍ଯ୍ୟପ୍ରଣାଳୀ ସମ୍ବନ୍ଧରେ ଜାଣିପାରିବା;
- ଭାରତରେ ଭକ୍ତି ସନ୍ଥମାନଙ୍କର ବିଭିନ୍ନ ବର୍ଗର ଦର୍ଶନ ତଥା କାର୍ଯ୍ୟପ୍ରଣାଳୀର ଚର୍ଚ୍ଚା କରିପାରିବା;

- ଶିଖ୍‌ଧର୍ମର ଉତ୍‌ଥାନ, ଏହାର କାର୍ଯ୍ୟପ୍ରଣାଳୀ, ଖାଲ୍‌ସାପନ୍ଥ ତଥା ଗୁରୁମାନଙ୍କର ଅନୁଷ୍ଠାନ (ସଂସ୍ଥା) ବିଷୟରେ ଅବଗତ ହୋଇପାରିବା;
- ମଧ୍ୟଯୁଗୀୟ ଭାରତରେ ଚିତ୍ରକଳାର ବିଭିନ୍ନ ଶୈଳୀର ବର୍ଣ୍ଣନା କରିପାରିବା;
- ମଧ୍ୟଯୁଗୀୟ ଭାରତରେ ନୂତନ ଭାଷା ଓ ସାହିତ୍ୟର ଉତ୍‌ଥାନ ବିଷୟରେ ଆଲୋଚନା କରିପାରିବା;
- ମଧ୍ୟଯୁଗୀୟ ଭାରତରେ ସଙ୍ଗୀତ ଓ ନୃତ୍ୟର ନୂତନ ଶୈଳୀର ବର୍ଣ୍ଣନା କରିପାରିବା ଏବଂ ମଧ୍ୟଯୁଗୀୟ ସ୍ଥାପତ୍ୟ କଳାରେ ପ୍ରମୁଖ ଶୈଳୀର ନିର୍ମାଣ ସମ୍ବନ୍ଧୀୟ ନୂତନ କୌଶଳ ଓ ବ୍ୟବହୃତ ସାମଗ୍ରୀର ବିସ୍ତୃତ ଆଲୋଚନା କରିପାରିବା;

## 14.1. SUFISM -ସୁଫୀବାଦ

'ସୁଫୀ' ଶବ୍ଦ ଇସ୍‌ଲାମର ରହସ୍ୟମୟ ଧାର୍ମିକ ଚିନ୍ତାଧାରାକୁ ବ୍ୟକ୍ତ କରିବା ପାଇଁ ପ୍ରୟୋଗ କରାଯାଇଥାଏ । ଏହା ଏକାଦଶ ଶତାବ୍ଦୀବେଳକୁ ଏକ ପୂର୍ଣ୍ଣ ବିକଶିତ ଆନ୍ଦୋଳନର ରୂପ ନେଇସାରିଥିଲା । ସୁଫୀ ସନ୍ଥ (ପୀର), ସୁଫୀମାନଙ୍କ ଦ୍ୱାରା କଠିନ ମାର୍ଗକୁ ଆଧାରକରି ଈଶ୍ୱରଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିବା ଉପରେ ଗୁରୁତ୍ୱ ଦେଉଥିଲେ । ସୁଫୀବାଦ କିମ୍ବା ରହସ୍ୟବାଦ ଅଷ୍ଟମ ଶତାବ୍ଦୀରେ ଆରମ୍ଭ ହୋଇଥିଲା । ପ୍ରାଥମିକ ସ୍ତରରେ ସୁଫୀମାନଙ୍କ ମଧ୍ୟରେ ରାବିୟା-ଅଲ୍-ଆଦବଇ, ଅଲ୍-ଜୁନୈଦ ତଥା ବୟାଜିଦ୍ ବସ୍ତମୀଙ୍କ ନାମ ଜଣାଶୁଣା । ସୁଫୀବାଦର ମୂଳ ଆଧାର ଈଶ୍ୱର, ମନୁଷ୍ୟ ତଥା ସେମାନଙ୍କ ମଧ୍ୟରେ ଯେଉଁ ସମ୍ବନ୍ଧ ଅଛି ତାହା ହେଉଛି ପ୍ରେମ । ସେମାନଙ୍କର ବିଶ୍ୱାସ ଯେ ମନୁଷ୍ୟର ଉତ୍ପତ୍ତି ରୁହ୍ (ଆତ୍ମା), କୁର୍‌ବତ୍ (ଦୈବୀ ସଂଗତ) ତଥା ହଲୁଲ୍ (ଦୈବୀରୂପରେ ସାକ୍ଷାତର ସିଦ୍ଧାନ୍ତରୁ ହୋଇଛି ଏବଂ ମନୁଷ୍ୟ ଓ ଭଗବାନ୍ (ଖୁଦା)ଙ୍କ ସମ୍ପର୍କରୁ ହିଁ ଇସ୍କ (ପବିତ୍ରପ୍ରେମ) ତଥା ଫନା (ଆତ୍ମ ସମର୍ପଣ)ର ଅସ୍ତିତ୍ୱ ଆସିଛି । ଏପରି ଲୋକମାନଙ୍କୁ ସୁଫୀ କୁହାଯାଉଥିଲା ଯେଉଁମାନଙ୍କର ହୃଦୟ ପବିତ୍ର ଥିଲା; ତଥା ଯେଉଁମାନେ ନିଜର ତପସ୍ୟା ବା ଭଗବାନଙ୍କୁ ପାଇବା ପାଇଁ ପ୍ରେମ ମାଧ୍ୟମରେ ଭଗବାନ୍‌ଙ୍କ ସହ ବାର୍ତ୍ତାଳାପ କରୁଥିଲେ । ମୁରୀଦ୍ (ଶିଷ୍ୟ)କୁ ଈଶ୍ୱରଙ୍କ ସହ ବାର୍ତ୍ତାଳାପ କରାଇବାର ପ୍ରକ୍ରିୟା ସ୍ୱରୂପ ମକମାତ (ବିଭିନ୍ନ ସ୍ତର) ଦେଇ ଯିବାକୁ ପଡୁଥିଲା ।

ଖାନ୍‌କାହା (ଧର୍ମଶାଳା) ସୁଫୀମାନଙ୍କର ବିଭିନ୍ନ ଗତିବିଧିର କେନ୍ଦ୍ର ଥିଲା । ଖାନ୍‌କାହା ଶେଖ୍, ପୀର ବା ମୁର୍‌ଶିଦ୍ (ଶିକ୍ଷକ) ଦ୍ୱାରା ସଞ୍ଚାଳିତ ହେଉଥିଲା ଯେଉଁମାନେ ନିଜର ମୁରିଦ (ଶିଷ୍ୟ)ମାନଙ୍କ ସାଥୀରେ ରହୁଥିଲେ । ସମୟକ୍ରମେ ଖାନ୍‌କାହା ଶିକ୍ଷାର ମହତ୍ୱପୂର୍ଣ୍ଣ କେନ୍ଦ୍ରରୂପେ ବିବେଚିତ ହୋଇଚାଲିଲା । ଦ୍ୱାଦଶ ଶତାବ୍ଦୀବେଳକୁ ସୁଫୀମାନେ ବିଭିନ୍ନ ସିଲ୍‌ସିଲା (ସଂପ୍ରଦାୟ)ରେ ସଂଗଠିତ ହୋଇଥିଲେ । ଏହି ସିଲ୍‌ସିଲା ଶବ୍ଦର ଅର୍ଥ ଥିଲା ଶିକୁଳି ଏବଂ ଏହା ପୀର ତଥା ମୁରୀଦ୍‌ଙ୍କର ନିରବଚ୍ଛିନ୍ନ ସଂମ୍ପର୍କକୁ ବୁଝାଉଥିଲା । ପୀରଙ୍କ ମୃତ୍ୟୁପରେ ତାଙ୍କର ଗମ୍ବୁଜ ବା ମକବରା, ଦରଗାହ ସେମାନଙ୍କର ଶିଷ୍ୟ ଓ ଅନୁଗାମୀମାନଙ୍କର କେନ୍ଦ୍ରସ୍ଥଳ ପାଲଟୁଥିଲା ।

ଦଶମ ଶତାବ୍ଦୀରେ ଇସଲାମ୍ ସାମ୍ରାଜ୍ୟର ସମସ୍ତ ମହତ୍ୱପୂର୍ଣ୍ଣ କ୍ଷେତ୍ରରେ ସୁଫୀବାଦର ବିସ୍ତାର ହେଲା । ଇରାନ୍, ଖୁରାସାନ୍, ଟ୍ରାନ୍‌ସୋକ୍‌ସିଆନା, ଇଜିପ୍ଟ, ସିରିଆ ତଥା ବାଗଦାଦ୍ ପ୍ରମୁଖ ସୁଫୀ କେନ୍ଦ୍ର ଥିଲା । ଅଲ୍-ଗଜଲୀ (୧୦୫୯-୧୧୧୧ଖ୍ରୀଷ୍ଟାବ୍ଦ) ସର୍ବାଧିକ ସମ୍ମାନିତ ସୁଫୀ ସନ୍ଥମାନଙ୍କ ମଧ୍ୟରେ ଜଣେ ଥିଲେ । ସେ ସୁଫୀ ରହସ୍ୟବାଦକୁ ଇସ୍‌ଲାମରେ ନିର୍ଦ୍ଦିଷ୍ଟ ସ୍ଥାନ ଦେବା ପାଇଁ ସୁଫୀ ରହସ୍ୟବାଦକୁ ଇସ୍‌ଲାମ୍ ପରମ୍ପରାର ଅନୁକୂଳ କରାଇଥିଲେ । ସେ ଶିଷ୍ୟମାନଙ୍କ ପାଇଁ ଆଧାତ୍ମିକ ଗୁରୁଙ୍କ ମାର୍ଗଦର୍ଶନର ଅନୁସରଣ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଏହା ସହିତ ସେ ସର୍ବୋଚ୍ଚ ସତ୍ତା ପବିତ୍ର ପ୍ରଫେଟ୍‌ଙ୍କର ମହତ୍ତ୍ୱ ଓ ତାଙ୍କର ନିୟମଗୁଡିକ ପାଳନକରିବା ପାଇଁ ଗୁରୁତ୍ୱାରୋପ କରିଥିଲେ ।





ଭାରତରେ ସୁଫୀ ଆନ୍ଦୋଳନର ପ୍ରାରମ୍ଭ ଏକାଦଶ ଶତାବ୍ଦୀରେ ହୋଇଥିଲା । ଅଲ୍-ହୁଜବୀରୀ, ଯିଏ ନିଜକୁ ଉତ୍ତର ଭାରତରେ ପ୍ରତିଷ୍ଠିତ କରାଇଥିଲେ, ତାଙ୍କୁ ଲାହୋରରେ କବର ଦିଆଯାଇଥିଲା । ତାଙ୍କୁ ଉପମହାଦେଶର ସବୁଠାରୁ ପୁରାତନ ସୁଫୀ ସନ୍ଥ ହେବାର ଗୌରବ ପ୍ରାପ୍ତ ହୋଇଥିଲା । ଭାରତର ମଧ୍ୟଯୁଗୀୟ ଇତିହାସରେ ପ୍ରଧାନ ସୁଫୀ ସଂପ୍ରଦାୟଗୁଡିକ ଥିଲା - ଚିସ୍ତୀ, ସୁହରୱର୍ଦ୍ଦୀ, କ୍ୱାଦିରିଆ ଓ ନକସବଂଦିୟା ।


ସୁଲତାନ ଯୁଗରେ ଚିସ୍ତୀ ତଥା ସୁହରୱର୍ଦ୍ଦୀ ସଂପ୍ରଦାୟ ଲୋକପ୍ରିୟ ଥିଲେ । ପଞ୍ଜାବ ତଥା ସିନ୍ଧୁରେ ଯେଉଁଠାରେ ସୁହରୱର୍ଦ୍ଦୀ ସକ୍ରିୟ ଥିଲେ, ସେତେବେଳେ ଚିସ୍ତୀ ଦିଲ୍ଲୀ, ରାଜସ୍ଥାନ ତଥା ଗଙ୍ଗାର ପଶ୍ଚିମକ୍ଷେତ୍ରରେ ପ୍ରେମର ସନ୍ଦେଶ ବାଣ୍ଟୁଥିଲେ । ସୁଲତାନ ଯୁଗର ଅନ୍ତିମ ସମୟରେ ସେମାନେ ଗଙ୍ଗା ସମତଳର ପୂର୍ବକ୍ଷେତ୍ରରେ (ବିହାର ଓ ବଙ୍ଗଳା) ଓ ଦାକ୍ଷିଣାତ୍ୟରେ ବିସ୍ତାରଲାଭ କରିସାରିଥିଲେ । ମଧ୍ୟଯୁଗରେ ସୁଫୀମାନେ ଇସ୍‌ଲାମ ଧର୍ମତତ୍ତ୍ୱ ସମ୍ବନ୍ଧୀୟ ସିଦ୍ଧାନ୍ତ, ଯେପରି ବହାଦୁତ୍-ଉଲ୍-ଭଜୁଦ୍ (ଜୀବନର ଏକତା)ର ପ୍ରଚାର ଓ ପ୍ରସାରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସେମାନେ ଜୟାରତ୍ (ଦରଗାହକୁ ଦର୍ଶନ କରିବାର ପ୍ରକ୍ରିୟା) ପରି ଅଭ୍ୟାସକୁ ବିକଶିତ କରାଇବା ପାଇଁ ପ୍ରୋତ୍ସାହନ ଦେଉଥିଲେ ।

**ଭାରତରେ ଆରମ୍ଭ ହୋଇଥିବା ସୁଫୀମତବାଦର ନିମ୍ନଲିଖିତ ବିଶେଷତ୍ୱ ଥିଲା :**

- ସୁଫୀମାନେ ବିଭିନ୍ନ ସିଲସିଲା (ସଂପ୍ରଦାୟ)ରେ ସଂଗଠିତ ହୋଇଥିଲେ ।
- ଏହା ମଧରୁ ଅଧିକାଂଶ ସଂପ୍ରଦାୟର ପ୍ରାରମ୍ଭ ପ୍ରସିଦ୍ଧ ସୁଫୀ ସନ୍ଥ ବା ପୀରଙ୍କ ଦ୍ୱାରା ହେଉଥିଲା । ଏହା ସେମାନଙ୍କ ନାମ ଅନୁସାରେ ହେଉଥିଲା ଓ ତାଙ୍କର ଶିଷ୍ୟମାନେ ଏହାକୁ ଅନୁକରଣ କରୁଥିଲେ ।
- ସୁଫୀମାନେ ବିଶ୍ୱାସ କରୁଥିଲେ ଯେ ଈଶ୍ୱର ପ୍ରାପ୍ତି ନିମନ୍ତେ ବ୍ୟକ୍ତିକୁ ଜଣେ ଆଧାତ୍ମିକ ଗୁରୁ ବା ପୀରଙ୍କର ଆବଶ୍ୟକତା ରହିଛି ।
- ସୁଫୀ ପୀରମାନେ ସେମାନଙ୍କର ଶିଷ୍ୟମାନଙ୍କ ସହ ଖାନ୍‌କାହାରେ ରହୁଥିଲେ ।
- ଖାନ୍‌କାହା (ଧର୍ମଶାଳା) ସୁଫୀ ଗତିବିଧିର କେନ୍ଦ୍ରସ୍ଥଳ ଥିଲା ।
- ଖାନ୍‌କାହା ଜ୍ଞାନର ଏକ ପ୍ରମୁଖ କେନ୍ଦ୍ରରୂପେ ଦୃଶ୍ୟମାନ ହେଉଥିଲା, ଯାହାକି ଧର୍ମତତ୍ତ୍ୱ ସମ୍ବନ୍ଧୀୟ କେନ୍ଦ୍ର, ମଦ୍ରାସାଠାରୁ ଭିନ୍ନ ଥିଲା ।
- ବହୁ ସୁଫୀସନ୍ଥମାନେ ସଙ୍ଗୀତମୟ ଧାର୍ମିକ ସଭା ଅର୍ଥାତ 'ସମା'ର ଆନନ୍ଦ ନିଜର ଖାନ୍‌କାହାରେ ଉପଭୋଗ କରୁଥିଲେ । ଏହି ସମୟରେ ସଙ୍ଗୀତର ଏକ ନୂତନ ରୂପବିଦ୍ୟା କବାଲିର ବିକାଶ ହୋଇଥିଲା ।
- ଜିୟାରତ୍ କିମ୍ବା ସୁଫୀ ସନ୍ଥମାନଙ୍କର ସମାଧିସ୍ଥଳ ଦର୍ଶନ ହଠାତ୍ ତୀର୍ଥଯାତ୍ରୀମାନଙ୍କର ଏକ ମହତ୍ୱପୂର୍ଣ୍ଣ ପ୍ରଥାରୂପେ ଗଢ଼ିଉଠିଲା ।
- ସମସ୍ତ ସୁଫୀସନ୍ଥ ଚମତ୍କାର ଉପରେ ବିଶ୍ୱାସ କରୁଥିଲେ । ପ୍ରାୟ ସମସ୍ତ ପୀର ଖୁଦାଙ୍କ ଦ୍ୱାରା ହେଉଥିବା ଚମତ୍କାର ସହ ସଂଶ୍ଳିଷ୍ଟ ଥିଲେ ।
- ରାଜତନ୍ତ୍ର ଓ ଶାସନ ସମ୍ବନ୍ଧରେ ବିଭିନ୍ନ ସୁଫୀ ସଂପ୍ରଦାୟର ମତ ଭିନ୍ନ ଭିନ୍ନ ଥିଲା ।

**ଚିସ୍ତୀ ସିଲ୍‌ସିଲା :**

ଭାରତରେ ଚିସ୍ତୀ ସଂପ୍ରଦାୟର ସ୍ଥାପନା ମୁଇନୁଦ୍ଦୀନ୍ ଚିସ୍ତୀଙ୍କ ଦ୍ୱାରା ହୋଇଥିଲା । ପ୍ରତୀୟମାନ ହେଉଥିଲା କି ସେ ମୁଇଜୁଦ୍ଦିନ ମହମ୍ମଦ ଘୋରୀଙ୍କ ଆକ୍ରମଣ ପରେ ଭାରତ ଆସିଥିଲେ ତଥା ପରିବର୍ତ୍ତୀ ସମୟରେ ୧୨୦୬ରେ ଆଜମିର୍ ଯାଇଥିଲେ । ଖ୍ୱାଜା ମୁଇନୁଦ୍ଦିନ୍ ଚିସ୍ତୀଙ୍କ ଖ୍ୟାତିର ବୃଦ୍ଧି



ଚିତ୍ର ୧୪.୧ ଆଜ୍‌ମେର ଦର୍‌ଗାହ

୧୨୩୬ରେ ତାଙ୍କର ମୃତ୍ୟୁ ପରେ ହୋଇଥିଲା । ମହମ୍ମଦ ତୋଗଲକ ତାଙ୍କର ସମାଧି (କବର) ପରିଦର୍ଶନ କରିଥିଲେ ତଥା ଏହାପରେ ପଞ୍ଚଦଶ ଶତାବ୍ଦୀରେ ମାଳବର ମହମ୍ମଦ ଖାଲ୍‌ଜୀଙ୍କ ଦ୍ୱାରା ମସଜିଦ୍ ଓ ଗମ୍ବୁଜର ନିର୍ମାଣ କରାଯାଇଥିଲା । ମୋଗଲ ବାଦ୍‌ଶାହା ଆକବରଙ୍କ ଶାସନପରେ ଏହି ଦରଗାହାର ପୃଷ୍ଠପୋଷକତା ଶୀର୍ଷ ସ୍ଥାନରେ ପହଞ୍ଚିଥିଲା ।

**ଚିସ୍ତୀମାନଙ୍କର ବିଶ୍ୱାସ ଥିଲା ଯେ :**

- ପ୍ରେମ ହେଉଛି ମନୁଷ୍ୟ ଓ ଈଶ୍ୱରଙ୍କ ମଧ୍ୟରେ ଥିବା ବନ୍ଧନ ।
- ବିଭିନ୍ନ ପଥରେ ବିଶ୍ୱାସକରୁଥିବା ଲୋକମାନଙ୍କ ମଧ୍ୟରେ ସହନଶୀଳତା ଅଛି ।
- ବିଭିନ୍ନ ଧାର୍ମିକ ପଥକୁ ଅନୁସରଣ କରୁଥିଲେ ମଧ୍ୟ ଶିଷ୍ୟମାନଙ୍କୁ ସ୍ୱୀକାର କରାଯାଏ ।
- ସମସ୍ତଙ୍କର ମନୋଭାବରେ ବଦାନ୍ୟତା ଅଛି ।
- ହିନ୍ଦୁ ତଥା ଜୈନ ସନ୍ୟାସୀମାନଙ୍କ ସମ୍ପର୍କରେ ଆସିବା ଏବଂ
- ସାବଲୀଳ ଭାଷାର ପ୍ରୟୋଗ କରିବା ।

ଦିଲ୍ଲୀରେ ଚିସ୍ତୀସଂପ୍ରଦାୟର ଉପସ୍ଥିତି କୁତବ୍‌ଉଦ୍ଦୀନ୍ ବଖ୍‌ତିଆରକାକୀଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ଯିଏ କି ନିଜର ବାସସ୍ଥାନ ଟ୍ରାନ୍‌ସୋସିଆନାରୁ ଆସି ୧୨୨୧ରେ ଦିଲ୍ଲୀରେ ସ୍ଥାୟୀଭାବରେ ବସତି ସ୍ଥାପନ କରିଥିଲେ । ଏହା ମଙ୍ଗୋଲମାନଙ୍କ ଆକ୍ରମଣର ସେହି ସମୟ ଥିଲା ଯେତେବେଳେ ମଧ୍ୟଏସିଆର ଲୋକମାନେ ମଙ୍ଗୋଲ ଆକ୍ରମଣରୁ ରକ୍ଷା ପାଇବା ପାଇଁ ପଳାୟନ କରୁଥିଲେ । ଦିଲ୍ଲୀରେ ସେମାନଙ୍କର ଉପସ୍ଥିତି ସୁହରୱର୍ଦ୍ଦୀ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବାରୁ ସେମାନେ ତାଙ୍କ ଉପରେ ବିଭିନ୍ନ ପ୍ରକାର ଦୋଷାରୋପ କରି ଦିଲ୍ଲୀଛାଡିବାକୁ ବାଧ କରୁଥିଲେ । ଦିଲ୍ଲୀର ସୁଲତାନ, ଇଲ୍‌ତୁତ୍‌ମିସ୍ ସେମାନଙ୍କ ଉପରେ ଲଗାଯାଇଥିବା ଦୋଷାରୋପକୁ ବରଖାସ୍ତ କରିଦେଇଥିଲେ ଯାହାଫଳରେ ସୁହରୱର୍ଦ୍ଦୀମାନଙ୍କର ବିରୋଧକୁ କୋହଳ କରାଯାଇଥିଲା । ଚିସ୍ତୀ ପୀରମାନେ ଜୀବନର ସରଳତା, ଦାରିଦ୍ର୍ୟତା, ବିନମ୍ରତା ତଥା ଈଶ୍ୱରଙ୍କ ପ୍ରତି ନିଃସ୍ୱାର୍ଥପର ସମର୍ପଣ

ଉପରେ ଗୁରୁତ୍ୱ ଦେଉଥିଲେ । ଭୌତିକ ବସ୍ତୁଗୁଡିକର ପରିତ୍ୟାଗ କରି ସେମାନେ ଇନ୍ଦ୍ରିୟ ଉପରେ ନିୟନ୍ତ୍ରଣର ଆବଶ୍ୟକତା ଉପଲବ୍ଧ କରାଇଥିଲେ ଯାହାକି ଏକ ଆଧାତ୍ମିକ ଜୀବନରେ ବଞ୍ଚିବାପାଇଁ ଜରୁରୀ ଥିଲା । ଖ୍ୱାଜା ମୁଇନୁଦ୍ଦୀନ୍ ଚିସ୍ତୀଙ୍କ ମତରେ ଈଶ୍ୱର (ଖୁଦା)ଙ୍କୁ ପାଇବା ପାଇଁ ସର୍ବୋଚ୍ଚ ମାଧ୍ୟମ ହେଉଛି, ଅସୁବିଧା ବା ଯନ୍ତ୍ରଣାରେ ଥିବା ବ୍ୟକ୍ତିର ସାହାଯ୍ୟ କରିବା, ଅସହାୟମାନଙ୍କର ଆବଶ୍ୟକତାକୁ ପୂରଣ କରିବା ତଥା କ୍ଷୁଧାତୁର ଲୋକମାନଙ୍କୁ ଖାଇବାକୁ ଦେବା । ସେମାନେ ସୁଲତାନ୍ଙ୍କର କୌଣସି ପ୍ରକାରର ସାହଯ୍ୟ ଗ୍ରହଣ କରିବାକୁ ଅସ୍ୱୀକାର କରୁଥିଲେ ।

ଅନ୍ୟ ଏକ ମହତ୍ୱପୂର୍ଣ୍ଣ ଚିସ୍ତୀ ବାବା ଫରିଦ୍‌ଉଦ୍ଦିନ୍ ଗଁଜ-ଏ-ଶକ୍କର ମୁଲତାନ୍ ଓ ଲାହୋରର ମଧବର୍ତ୍ତୀ ସ୍ଥାନ ହାନ୍‌ସୀ (ହରିଆନା)ରେ ନିଜକୁ ପ୍ରତିଷ୍ଠିତ କରାଇଥିଲେ । ସୁଲତାନ୍ ଯୁଗର ସବୁଠାରୁ ବିଖ୍ୟାତ ସୁଫୀ ସନ୍ଥ ଥିଲେ ନିଜାମଉଦ୍ଦୀନ୍ ଆଉଲିଆ । ସେ ଚତୁର୍ଦ୍ଦଶ ଶତାବ୍ଦୀର ଥିଲେ ଯେତେବେଳେ ରାଜନୈତିକ ପରିବର୍ତ୍ତନ ତଥା ବିକ୍ଷୋଭର ସମୟ ଥିଲା । ତାଙ୍କର ଜୀବଦ୍ଦଶାରେ ସେ ବଲ୍‌ବନ୍‌ଙ୍କ ମୃତ୍ୟୁପରେ ଖିଲଜୀ ଶାସନର ପ୍ରତିଷ୍ଠା ଓ କାଳକ୍ରମେ ଖିଲ୍‌ଜୀପରେ ତୋଗଲକ ଶାସନର ପ୍ରତିଷ୍ଠା ଦେଖିଥିଲେ । ନିଜାମ୍‌ଉଦ୍ଦୀନ ଆଉଲିଆଙ୍କ ଜୀବନକାଳ ମଧରେ ବହୁସଂଖ୍ୟକ କାହାଣୀ ପ୍ରଚଳିତ ଅଛି, ସେଥିରୁ ଦିଲ୍ଲୀର ସୁଲତାନମାନଙ୍କ ସହ ପ୍ରତିରୋଧ କରିବାର କାହାଣୀ ପ୍ରଧାନ ଥିଲା । କୁହାଯାଏ ଯେ ଖ୍ୱାଜା ନିଜେ ଦିଲ୍ଲୀରେ ସୁଲ୍‌ତାନଙ୍କ ଦରବାରର କୌଣସି ପ୍ରକାରର ସଂଘ ତଥା ବିରୋଧିଦଳ ସହ ନିଜକୁ ସମ୍ପୃକ୍ତ ନରଖିବା ପାଇଁ କଠୋର ନୀତି ପାଳନ କରୁଥିଲେ । ସେଥିପାଇଁ ସେ ଲୋକମାନଙ୍କର ପ୍ରିୟପାତ୍ର ହୋଇଥିଲେ । ନାସିରୁଦ୍ଦିନ୍ ଚିରାଗ ଦିଲ୍ଲୀର ଅନ୍ୟ ଏକ ଲୋକପ୍ରିୟ ଚିସ୍ତୀ ସନ୍ଥ ଥିଲେ । ସେ ତତ୍କାଳୀନ ରାଜନୈତିକ କାର୍ଯ୍ୟକଳାପରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

ଏହି ସବୁ ଗୁଣଗୁଡିକ ସୁଫୀମାନଙ୍କୁ ଏକ ବିଶ୍ୱସ୍ତ ଓ ସମର୍ପିତ ଶିଷ୍ୟସମୂହ ସୃଷ୍ଟିକରିବା ପାଇଁ ସକ୍ଷମ କରାଇଥିଲା । ତ୍ରୟୋଦଶ ଶତାବ୍ଦୀରେ ଦାକ୍ଷିଣାତ୍ୟରେ ଶେଖ୍ ବୁର୍‌ହାନୁଦ୍ଦୀନ ଗରୀବଙ୍କ ଦ୍ୱାରା ଚିସ୍ତୀ ସଂପ୍ରଦାୟ (Order)ର ସ୍ଥାପନା ହୋଇଥିଲା । ଚତୁର୍ଦ୍ଦଶ ଓ ଷୋଡଶ ଶତାବ୍ଦୀ ମଧରେ କେତେକ ଚିସ୍ତୀ ସୁଫୀ ଗୁଲବର୍ଗାକୁ ସ୍ଥାନାନ୍ତରିତ ହୋଇଥିଲେ । ଏଠାରେ ଏକ ପରିବର୍ତ୍ତନ ଦେଖାଦେଇଥିଲା ଯେଉଁଠାରେ କେତେକ ଚିସ୍ତୀସନ୍ଥ ଶାସନ କ୍ଷେତ୍ରରୁ ମିଳୁଥିବା ଦାନ ତଥା ଅନୁଗ୍ରହ (ପୃଷ୍ଠପୋଷକତା) ଲାଭ କରୁଥିଲେ । ଏହି କ୍ଷେତ୍ରରେ ପ୍ରଧାନ ଲୋକପ୍ରିୟ ସନ୍ଥମାନଙ୍କ ମଧରେ ମୁହମ୍ମଦ ବନ୍ଦା ନଓ୍ୱାଜ ଅନ୍ୟତମ ଥିଲେ । ସେତେବେଳେ ଦାକ୍ଷିଣାତ୍ୟରେ ଥିବା ବିଜାପୁର ସହରଟି ସୁଫୀଗତିବିଧି ପାଇଁ ଏକ ମୁଖ୍ୟ କେନ୍ଦ୍ରଭାବରେ ମୁଣ୍ଡ ଟେକିଥିଲା ।

**ସୁହରଓ୍ୱର୍ଦୀ ସିଲ୍‌ସିଲା (ସଂପ୍ରଦାୟ) :**

ଏହି ସଂପ୍ରଦାୟ ଶିହାବୁଦ୍ଦିନ୍ ସୁହରଓ୍ୱର୍ଦୀ ସଂପ୍ରଦାୟ ଦ୍ୱାରା ବାଗ୍‌ଦାଦ୍‌ରେ ପ୍ରତିଷ୍ଠା ହୋଇଥିଲା । ଏହା ଭାରତରେ ବହାଉଦୀନ୍ ଜାକାରିଆଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ସେ ମୁଲତାନ୍‌କୁ କେନ୍ଦ୍ରକରି ସୁହରଓ୍ୱର୍ଦୀ ବର୍ଗର ମୂଳଭିତ୍ତି ସ୍ଥାପନ କରିଥିଲେ ଯାହାକି ସେହି ସମୟରେ କୁବାଚାଙ୍କ ଅଧିନରେ ଥିଲା । ସେ କୁବାଚାଙ୍କର ଦୋଷଗୁଣ ସମାଲୋଚନା କରୁଥିଲେ ତଥା ପ୍ରକାଶ୍ୟରେ ତାଙ୍କର ବିରୋଧି ଇଲ୍‌ତୁତ୍‌ମିସ୍‌ଙ୍କର ଗୁଣଗାନ କରୁଥିଲେ । ତାଙ୍କର ମାର୍ଗଗୁଡିକ ଚିସ୍ତୀମାନଙ୍କଠାରୁ ସବୁଥିରେ ଭିନ୍ନ ଥିଲା । ସୁହରଓ୍ୱର୍ଦୀମାନେ ଚିସ୍ତୀମାନଙ୍କ ଭଳି ନହୋଇ ସୁଲତାନ ଶାସକମାନଙ୍କଠାରୁ ଦାନ ଓ ଭରଣପୋଷଣ ଗ୍ରହଣ କରିବା ପାଇଁ କୁଣ୍ଠାବୋଧ କରୁ ନ ଥିଲେ । ସେମାନଙ୍କର ବିଶ୍ୱାସଥିଲା ଯେ, ଗୋଟିଏ ସୁଫୀସନ୍ଥ ସଂପତ୍ତି, ଜ୍ଞାନ ତଥା (*hal*) ରହସ୍ୟାତ୍ମକ ଜ୍ଞାନ କିମ୍ବା ଇଲ୍ମ ପରି ତିନୋଟି ବିଶେଷତ୍ୱର ଅଧିକାରୀ ହେବା ଉଚିତ୍ । ସୁହରଓ୍ୱର୍ଦୀ ସନ୍ଥମାନେ ଯୁକ୍ତି କରୁଥିଲେ ଯେ, ଗରିବମାନଙ୍କୁ ଉନ୍ନତମାନର ସେବା ଯୋଗାଇଦେବା ପାଇଁ ଏହାର ଆବଶ୍ୟକତା ରହିଛି ।

ସେମାନେ ଧାର୍ମିକ ବିଶ୍ୱାସର ବାହ୍ୟ ପ୍ରକାରର ଅନୁସରଣ (ପାଳନ) ଉପରେ ଗୁରୁତ୍ୱଆରୋପ କରୁ ନ ଥିଲେ ଏବଂ ଇଲ୍ମ (ବୃତ୍ତ) ତଥା ରହସ୍ୟବାଦର ସମନ୍ୱୟ ପକ୍ଷରେ ଯୁକ୍ତି ଉପସ୍ଥାପନ କରୁଥିଲେ ।



ଟିପ୍ପଣି



ଶେଖ୍‌ମାନଙ୍କ ଆଗରେ ନତମସ୍ତକ ହେବା, ଆଗନ୍ତୁକମାନଙ୍କୁ ଜଳ ନିବେଦନ କରିବା ତଥା ସନ୍ଥମାନଙ୍କ ପାଖରୁ ଦୀକ୍ଷାଗ୍ରହଣ ସମୟରେ ମସ୍ତକ ମୁଣ୍ଡନ କରିବା ପରି ପ୍ରଥାଗୁଡିକୁ ସେମାନେ ପ୍ରତ୍ୟାଖ୍ୟାନ କରୁଥିଲେ ଯାହାକୁ ପୂର୍ବରୁ ଚିସ୍ତୀମାନେ ଅନୁସରଣ କରିଆସୁଥିଲେ । ସୁହରୱର୍ଦୀଙ୍କ ମୃତ୍ୟୁପରେ ଏହି ସଂପ୍ରଦାୟ (ସିଲ୍‌ସିଲା) ପଞ୍ଜାବ ଓ ସିନ୍ଧରେ ମହତ୍ତ୍ୱପୂର୍ଣ୍ଣ ଭୂମିକାଗ୍ରହଣ କରିବା ଜାରି ରଖିଥିଲା ।

**ନକ୍‌ସ୍‌ବନ୍ଦୀ ସିଲ୍‌ସିଲା :**

ଭାରତରେ ଏହି ବର୍ଗ (ସଂପ୍ରଦାୟ) ଖ୍ୱାଜା ବହାଉଦ୍ଦୀନ୍ ନକସ୍‌ବନ୍ଦୀଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା । ଏହି ସଂପ୍ରଦାୟର ରହସ୍ୟମୟ ଆଧ୍ୟାତ୍ମିକବାଦୀମାନେ ପ୍ରାଥମିକ ସ୍ତରରେ ଶରିଆତ୍ ପାଳନ ଉପରେ ଗୁରୁତ୍ୱ ଆରୋପ କରୁଥିଲେ ତଥା ସମସ୍ତ ନୂତନ ପରିବର୍ତ୍ତନ ଅର୍ଥାତ୍ ବିଦ୍‌ଦତର ସାର୍ବଜନୀନ ସ୍ତରରେ ନିନ୍ଦା କରୁଥିଲେ । ଖ୍ୱାଜା ବହାଉଦ୍ଦୀନ ନକସ୍‌ବନ୍ଦୀଙ୍କର ଉତ୍ତରାଧିକାରୀ ଶେଖ୍ ବକକୀ ବିଲ୍‌ହା ଦିଲ୍ଲୀ ନିକଟବର୍ତ୍ତୀ ଏକ ସ୍ଥାନରେ ଅବସ୍ଥାନ କରୁଥିଲେ । ତାଙ୍କର ଉତ୍ତରାଧିକାରୀ ଶେଖ୍ ଅହମଦ୍ ସିର୍‌ହିନ୍ଦୀ ଇସ୍‌ଲାମକୁ ସମସ୍ତ ଉଦାର ତଥା ତାଙ୍କ ଅନୁସାରେ ଅଣ-ଇସ୍‌ଲାମୀୟ ପଦ୍ଧତିରୁ ନିବୃତ୍ତ କରାଇବାପାଇଁ ଚେଷ୍ଟା କରିଥିଲେ । ସେ ଧାର୍ମିକ ସଂଗୀତ (ସମା) ଶୁଣିବା ତଥା ସନ୍ଥମାନଙ୍କର ସମାଧିପୀଠ ଦର୍ଶନ କରିବାର ପ୍ରଥାକୁ ବିରୋଧ କରୁଥିଲେ । ଏପରିକି ହିନ୍ଦୁ ତଥା ଶିଆମାନଙ୍କ ସହ ପାରସ୍ପରିକ ସମ୍ବନ୍ଧକୁ ବିରୋଧ କରୁଥିଲେ । ସେ ଆକବରଙ୍କ ଦ୍ୱାରା କେତେକ ଅଣ-ମୁସଲମାନମାନଙ୍କୁ ଦିଆଯାଇଥିବା ନୂତନ ମର୍ଯ୍ୟାଦା, ଜିଜିୟାର ପ୍ରତ୍ୟାହାର ଏବଂ ଗୋ-ବଧ ଉପରେ ହୋଇଥିବା ପ୍ରତିବନ୍ଧଗୁଡିକୁ ସମାଲୋଚନା କରିଥିଲେ । ସେ ବିଶ୍ୱାସ କରୁଥିଲେ ଯେ ସେ ଇସ୍‌ଲାମ୍‌ର ସ୍ୱର୍ଣ୍ଣ ଯୁଗର ପ୍ରଥମ ମୁଜାଦିଦ୍ (ନବଜାତକ) । ଈଶ୍ୱର ଓ ମନୁଷ୍ୟ ମଧ୍ୟରେ ଥିବା ସମ୍ପର୍କ ପ୍ରେମୀ ଓ ପ୍ରେମିକା ମଧ୍ୟରେ ଥିବା ସମ୍ପର୍କ ନ ହୋଇ ପ୍ରଭୁ ଓ ଦାସଙ୍କ ମଧ୍ୟରେ ଥିବା ସମ୍ବନ୍ଧ ଅଟେ ବୋଲି ସେ କହୁଥିଲେ । ମନୁଷ୍ୟର ଈଶ୍ୱରଙ୍କ ପ୍ରତି ବିଶ୍ୱାସ ତଥା ସୃଷ୍ଟିକର୍ତ୍ତା ଭାବରେ ଈଶ୍ୱରଙ୍କ ପ୍ରତି କର୍ତ୍ତବ୍ୟ ଉପରେ ମଧ୍ୟ ସେ ଗୁରୁତ୍ୱ ଆରୋପ କରୁଥିଲେ । ରହସ୍ୟବାଦୀ ସିଦ୍ଧାନ୍ତ ତଥା ରଢ଼ିବାଦୀ ଇସ୍‌ଲାମୀୟ ଶିକ୍ଷାରେ ସମନ୍ୱୟ ଆଣିବା ପାଇଁ ସେ ଚେଷ୍ଟା କରିଥିଲେ ।

**କ୍ୱାଦିରୀ ସିଲ୍‌ସିଲା :**

କ୍ୱାଦିରୀଆ ସିଲ୍‌ସିଲା ପଞ୍ଜାବରେ ଲୋକପ୍ରିୟ ଥିଲେ । ଶେଖ୍ ଅବଦୁଲ କ୍ୱାଦିର ଓ ତାଙ୍କ ପୁତ୍ରମାନେ ଆକବରଙ୍କ ସମୟରେ ମୋଗଲମାନଙ୍କର ସମର୍ଥକ ଥିଲେ । ଏହି ସଂପ୍ରଦାୟର ପୀରମାନେ ବହାଦତ୍-ଉଲ୍-ବଜୁଦ୍‌ର ଧାରଣାକୁ ସମର୍ଥନ କରୁଥିଲେ । ଏହି ସଂପ୍ରଦାୟର ସୁଫୀ ସନ୍ଥ ଥିଲେ ମିଆଁ ମୀର, ତାଙ୍କର ଶିଷ୍ୟ ଥିଲେ ମୋଗଲ ରାଜକୁମାରୀ ଜାହାନାରା ତଥା ତାଙ୍କ ଭାଇ ଦାରା । ଶେଖ୍‌ଙ୍କର ଶିକ୍ଷାର ପ୍ରଭାବ ରାଜକୁମାରଙ୍କ କାର୍ଯ୍ୟାବଳୀରେ ପ୍ରମାଣିତ ହେଉଥିଲା । ଶାହା ବଦଖାଶନୀ, ଏହି ସଂପ୍ରଦାୟର ଆଉ ଏକ ପ୍ରସିଦ୍ଧ ସନ୍ଥ ଯିଏକି କଠୋରପନ୍ଥୀ ତତ୍ତ୍ୱକୁ ବରଖାସ୍ତ କରି ଘୋଷଣା କରିଥିଲେ ଯେ ଏକ ନାସ୍ତିକ ଯିଏ ସତ୍ୟର ଉପଲବ୍ଧି କରିଛି ତଥା ସତ୍ୟର ଜ୍ଞାନ ପାଇଛି ସେ ଏକ ଆସ୍ତିକ ଏବଂ ଏକ ଆସ୍ତିକ ଯିଏ ସତ୍ୟକୁ ଉପଲବ୍ଧି କରିନାହିଁ ସେ ନାସ୍ତିକ ।

ମଧ୍ୟଯୁଗରେ ଇସ୍‌ଲାମର କଠୋରପନ୍ଥୀ ଓ ଉଦାରବାଦୀ ମତବାଦ ମଧ୍ୟରେ ଲଗାତାର ସଂଘର୍ଷ ଦେଖିବାକୁ ମିଳିଥିଲା । ସୁଫୀମାନଙ୍କ ମଧ୍ୟରେ ଉଭୟ ପ୍ରକାରର ବିଶେଷତା ଦେଖାଯାଏ । ଗୋଟିଏପଟେ ଯେଉଁଠାରେ ଚିସ୍ତୀମାନଙ୍କର ଉଦାର ଦୃଷ୍ଟିକୋଣ ଥିଲା ତଥା ସେମାନେ ସ୍ଥାନୀୟ ପରମ୍ପରାର ସମାବେଶକୁ ସମର୍ଥନ କରୁଥିଲେ, ସେହିଠାରେ ଆଉ ଏକ କ୍ୱାଦିରୀଆ ସଂପ୍ରଦାୟର ସନ୍ଥ ଶେଖ ଅବଦୁଲ୍‌ହକ୍ ମତାମତ ଦେଇଥିଲେ ଯେ ଇସ୍‌ଲାମ୍‌ର ଶୁଦ୍ଧତା ହ୍ରାସ ହୋଇଯାଉଛି । ଇସ୍‌ଲାମ୍‌ର କଠୋରପନ୍ଥୀ ଚିନ୍ତାଧାରା ଉଲେମାମାନଙ୍କ ଦ୍ୱାରା ବ୍ୟକ୍ତ କରାଯାଉଥିଲା । ସେମାନେ ଶାରିଆତ୍ ଅନୁସାରେ ଜୀବନ ନିର୍ବାହ କରିବା ପାଇଁ ଉତ୍ସାହିତ କରୁଥିଲେ । ସୁଫୀମାନଙ୍କର ଉଦାରବାଦୀ ଚିନ୍ତାଧାରା କେତେକ ସମର୍ଥକମାନଙ୍କ ମଧ୍ୟରେ ଦେଖାଦେଇଥିଲା । ସେମାନେ ଉଲେମାମାନଙ୍କ ଦ୍ୱାରା ଇସ୍‌ଲାମୀୟ ନିୟମର ସଂକୀର୍ଣ୍ଣ ବ୍ୟାଖ୍ୟାର ବିରୋଧ କରି ତର୍କ କରୁଥିଲେ ।

## INTEXT QUESTIONS 14.1 - ପ୍ରତ୍ୟାଶିତ ପ୍ରଶ୍ନ

୧. ପୀର କିଏ ଥିଲେ ?

_______________________________

୨. ଅଲ୍-ଗଜଲୀ କିଏ ଥିଲେ ?

_______________________________

୩. 'ସମା' ଶବ୍ଦରୁ ତୁମେ କ'ଣ ବୁଝ ?

_______________________________

୪. ଖିଲଜୀ ଓ ତୋଗଲୋକମାନଙ୍କ ସମୟରେ କିଏ ପ୍ରସିଦ୍ଧ ଚିସ୍ତୀ ସୁଫୀ ସନ୍ଥ ଥିଲେ ?

_______________________________

୫. ଶେଖ ଅବଦୁଲ କ୍ୱାଦିର୍ କିଏ ଥିଲେ ?

_______________________________

## 14.2. THE BHAKTI MOVEMENT- ଭକ୍ତି ଆନ୍ଦୋଳନ :

ଭାରତୀୟ ଇତିହାସରେ ଭକ୍ତି ଆନ୍ଦୋଳନର ଅର୍ଥ ଏଭଳି ଏକ ଆନ୍ଦୋଳନ ଯାହା ବ୍ୟକ୍ତିଗତ ଚିନ୍ତାଧାରା ସହ ସର୍ବଶକ୍ତିମାନ ଈଶ୍ୱରଙ୍କ ପ୍ରତି ସମର୍ପଣ ଭାବକୁ ଲୋକପ୍ରିୟ କରେ । ଏହାର ମୂଳଉତ୍ସ ଆମକୁ ପ୍ରାଚୀନ ଭାରତର ବ୍ରାହ୍ମଣ ତଥା ବୌଦ୍ଧିକ ପରମ୍ପରାରୁ ମିଳିଥାଏ । ଏହା ଦକ୍ଷିଣ ଭାରତରେ ଏକ ଧାର୍ମିକ ପରମ୍ପରାରୁ ପ୍ରାରମ୍ଭ ହୋଇଥିଲା । ପରେ ଏହା ଧାର୍ମିକ ସମାନତା ଓ ବ୍ୟାପକ ସ୍ତରର ସାମାଜିକ ପ୍ରତିଯୋଗିତାରେ ଏକ ଲୋକପ୍ରିୟ ଆନ୍ଦୋଳନ ରୂପରେ ପରିବର୍ତ୍ତିତ ହୋଇଥିଲା । ପ୍ରଖ୍ୟାତ ସନ୍ଥଙ୍କର ନେତୃତ୍ୱରେ ଏହି ଆନ୍ଦୋଳନ ଦଶମ ଶତାବ୍ଦୀରେ ସର୍ବୋଚ୍ଚ ଶିଖରରେ ପହଞ୍ଚିଥିଲା । ଭକ୍ତିର ଭାବକୁ ପ୍ରଚାର ଓ ପ୍ରସାର କରିବା ପାଇଁ ଏହି ଆନ୍ଦୋଳନ ବିଭିନ୍ନ ପରମ୍ପରାରୁ ତିଆରି ହୋଇଥିଲା ତଥା ଉପମହାଦେଶର ବିଭିନ୍ନ ଭାଗରେ ଏହା ଭିନ୍ନ ଭିନ୍ନ ରୂପ ଧାରଣ କରିଥିଲା ।

ଭକ୍ତି ଆନ୍ଦୋଳନ ରୁଢ଼ିବାଦୀ ବ୍ରାହ୍ମଣବାଦର ପରମ୍ପରା ଉପରେ କୁଠାରଘାତ କରିବା ପାଇଁ ଚେଷ୍ଟା କରିଥିଲା । ମଧ୍ୟଯୁଗର ଆରମ୍ଭରେ ଏହି ଆନ୍ଦୋଳନ ଗତିଶୀଳ ହେଲା । ଇତିହାସକାରମାନେ ଭାରତରେ ଭକ୍ତି ଆନ୍ଦୋଳନର ଉଦୟ ପାଇଁ ଇସ୍‌ଲାମ୍‌ର ଆଗମନ ତଥା ସୁଫୀମାନଙ୍କର ପ୍ରଚାରକୁ ଉତ୍ତରଦାୟୀ ବୋଲି ମାନୁଥିଲେ । ସେମାନେ ଯୁକ୍ତି କରୁଥିଲେ କି ତୁର୍କୀର ବିଜୟ ପରମ୍ପରାବାଦୀ ରାଜପୁତ୍-ବ୍ରାହ୍ମଣ ଆଧିପତ୍ୟ ବିରୁଦ୍ଧରେ ପ୍ରତିକ୍ରିୟା ସୃଷ୍ଟି କରିବା ପାଇଁ ପଥ ଉନ୍ମୁକ୍ତ କରିଥିଲା । କେତେକ ଇତିହାସକାରମାନଙ୍କର ମତ ଅନୁସାରେ ଭକ୍ତି ଆନ୍ଦୋଳନ ସାମନ୍ତ ଅତ୍ୟାଚାର ବିରୁଦ୍ଧରେ ଏକ ପ୍ରତିକ୍ରିୟା ଥିଲା । ଏହି ତଥ୍ୟ ସପକ୍ଷରେ ଆମକୁ କବୀର, ନାନକ, ଚୈତନ୍ୟ ଓ ତୁଳସୀଦାସଙ୍କ ପରି ଭକ୍ତି ଆନ୍ଦୋଳନ ସନ୍ଥମାନଙ୍କର ସାମନ୍ତବାଦ ବିରୋଧି କବିତାରୁ ମିଳିଥାଏ । ଭକ୍ତି ଆନ୍ଦୋଳନର ଉଦ୍‌ଭବ ସମ୍ବନ୍ଧରେ ଏପରି କୌଣସି ଗୋଟିଏ ମତାମତ ନ ଥିଲା ଯାହାକି ଦୃଢ଼ ରହିପାରିବ । ଏହି ବିଚାରଧାରା ତତ୍କାଳୀନ ଭକ୍ତି ସନ୍ଥମାନଙ୍କର କବିତା ଓ ଦର୍ଶନତତ୍ତ୍ୱରେ ସ୍ପଷ୍ଟ ହେଉଥିଲା ଯେ, ସେମାନେ ରୁଢ଼ିବାଦୀ ବ୍ରାହ୍ମଣମାନଙ୍କୁ ବିଦ୍ରୋହ କରୁଥିଲେ । ଧାର୍ମିକ ସମାନତା ଉପରେ ସେମାନେ ବିଶ୍ୱାସ କରୁଥିଲେ ଓ ନିଜକୁ ଜନସାଧାରଣମାନଙ୍କର ଦୁଃଖକଷ୍ଟରେ ସହଭାଗୀ କରାଉଥିଲେ ।

କେତେକ ବିଦ୍ୱାନଙ୍କ ମତରେ ମଧ୍ୟଯୁଗ ପ୍ରାରମ୍ଭରେ ହୋଇଥିବା ସାମାଜିକ-ଆର୍ଥିକ ପରିବର୍ତ୍ତନ ଭକ୍ତି ଆନ୍ଦୋଳନର ଉଦ୍‌ଭବକୁ ଜାଣିବା ପାଇଁ ଆବଶ୍ୟକ ପରିସ୍ଥିତି ସୃଷ୍ଟି କରିଥିଲା । ତ୍ରୟୋଦଶ ଓ







ଚର୍ତୁଦ୍ଦଶ ଶତାବ୍ଦୀରେ ନିର୍ମିତ ବସ୍ତୁ ମଧ୍ୟରେ ବିଳାସ ସାମଗ୍ରୀ ତଥା ଅନ୍ୟ କଳାତ୍ମକ ବସ୍ତୁଗୁଡିକର ଚାହିଦା ବଢ଼ିଲା ତଥା ସହରମାନଙ୍କରେ ଶିଳ୍ପୀମାନଙ୍କର ଆଗମନ ହେଲା । ଏହି ଶିଳ୍ପୀମାନେ ସମାନତାର ବିଚାରଧାରା ଦ୍ୱାରା ପ୍ରଭାବିତ ହୋଇ ଉକ୍ତ ଆନ୍ଦୋଳନପ୍ରତି ଆକର୍ଷିତ ହେଲେ । ଏହି ସମୁଦାୟ ସେମାନଙ୍କୁ ବ୍ରାହ୍ମଣମାନଙ୍କ ଦ୍ୱାରା ଦିଆଯାଇଥିବା ନିମ୍ନସ୍ତରକୁ ନ ମାନି ଅସନ୍ତୁଷ୍ଟ ଥିଲେ । ସେମାନଙ୍କ ଆନ୍ଦୋଳନକୁ ସମାଜର ତଳ ଶ୍ରେଣୀର ପୂର୍ଣ୍ଣ ସମର୍ଥନ ମିଳିଥିଲା । ପଞ୍ଜାବର ସବୁଠାରେ କେବଳ ଖତ୍ରୀ ନୁହେଁ, ଜାଠ୍ କୃଷକମାନେ ମଧ୍ୟ ଏହି ଆନ୍ଦୋଳନ ପ୍ରତି ଆକର୍ଷିତ ହୋଇଥିଲେ ।

ମଧ୍ୟଯୁଗର ଆରମ୍ଭରେ ଭକ୍ତିଆନ୍ଦୋଳନ ସଂସ୍କାର ଓ ପରିବର୍ତ୍ତନର ଏକ ମହତ୍ୱପୂର୍ଣ୍ଣ ଆନ୍ଦୋଳନକୁ ଦର୍ଶାଉଥିଲା । ଖ୍ରୀ.ପୂ ଷଷ୍ଠ ଶତାବ୍ଦୀରେ ଅସନାତନୀ (ଧର୍ମବିରୁଦ୍ଧ) ଆନ୍ଦୋଳନର ଉତ୍‌ଥାନ ପରେ ଭାରତୀୟ ଇତିହାସରେ ଭକ୍ତି ଆନ୍ଦୋଳନର ଆଉ ଏକ ପର୍ଯ୍ୟାୟ ସୃଷ୍ଟି ହୋଇଥିଲା, ଯାହା ନୂତନ ବିଚାର ଓ ପ୍ରଥାଦ୍ୱାରା ସମ୍ପୂର୍ଣ୍ଣଦେଶକୁ ପ୍ରଭାବିତ କରିଥିଲା ତଥା ସଂସ୍କାର ଆନ୍ଦୋଳନର ଆରମ୍ଭ କରିଥିଲା ।

**ଉତ୍ତର ଭାରତରେ ଭକ୍ତି ଆନ୍ଦୋଳନ:**

ଉତ୍ତର ଭାରତର ଭକ୍ତି ଆନ୍ଦୋଳନରେ ସାମାଜିକ ଆର୍ଥିକ ଆନ୍ଦୋଳନ ସମ୍ମିଳିତ ଥିଲା ଯାହା ଦକ୍ଷିଣର ଏକ ଆଚାର୍ଯ୍ୟଙ୍କ ସହ ସଂବଧିତ ଥିଲା ଏବଂ ବେଳେବେଳେ ଦକ୍ଷିଣରେ ଆରମ୍ଭ ହୋଇଥିବା ଆନ୍ଦୋଳନର ଏହା ଏକ ନିରନ୍ତର ପ୍ରକ୍ରିୟାରୂପେ ଦେଖାଦେଇଛି । ଯଦିଓ ଏହି ଦୁଇଟି କ୍ଷେତ୍ରର ପରମ୍ପରାରେ ସମାନତା ଦେଖାଯାଏ, କିନ୍ତୁ ପ୍ରତ୍ୟେକ ସନ୍ଥଙ୍କର ଶିକ୍ଷାରେ ଭକ୍ତିଭାବ ଭିନ୍ନ ଭିନ୍ନ ଦେଖାଯାଉଥିଲା । କବୀରଙ୍କ ପରି ନିର୍ଗୁଣ ସନ୍ଥମାନେ ବର୍ଣ୍ଣାଶ୍ରମ ବ୍ୟବସ୍ଥା ତଥା ପ୍ରଚଳିତ ଜାତି ଭେଦର ବ୍ୟବସ୍ଥାକୁ ତ୍ୟାଗ କରିଥିଲେ । ଏହି ସନ୍ଥମାନେ ନୂତନ ମୂଲ୍ୟବୋଧର ସ୍ଥାପନା କରିଥିଲେ ଯେଉଁଥିରେ ଏକ ନୂଆ ଶ୍ରେଣୀ ତଥା ଉଦାର ବର୍ଗର ସୃଷ୍ଟି ପାଇଁ ସହାୟକ ହୋଇଥିଲେ । ଅପର ପକ୍ଷରେ ତୁଳସୀଦାସଙ୍କ ପରି ସଗୁଣ ଭକ୍ତମାନେ ଜାତିପ୍ରଥା ଓ ବ୍ରାହ୍ମଣମାନଙ୍କର ପ୍ରାଧାନ୍ୟକୁ ଅନୁମୋଦନ କରୁଥିଲେ । ତୁଳସୀ ଦାସ ନିଜକୁ ଭଗବାନଙ୍କଠାରେ ସମର୍ପଣ ଓ ବିଶ୍ୱାସ ଉପରେ ଗୁରୁତ୍ୱ ଦେଉଥିଲେ ତଥା ମୂର୍ତ୍ତିପୂଜା ପ୍ରତି ଦୃଢ଼ ପ୍ରତିଶ୍ରୁତିବଦ୍ଧ ଥିଲେ ।

**ଏକେଶ୍ୱରବାଦ ଭକ୍ତି :**

ଉତ୍ତର ଭାରତରେ କବୀର ( ୧୪୪୦-୧୫୧୮ ) ସବୁଠାରୁ ପୁରୁଣା ତଥା ସର୍ବାଧିକ ପ୍ରଭାବଶାଳୀ ସନ୍ଥ ଥିଲେ । ସେ ଏକ ବୁଣାଳୀ ଥିଲେ । ସେ ତାଙ୍କ ଜୀବନର ଦୀର୍ଘ ସମୟ ବାରଣାସୀରେ ବିତାଇଥିଲେ । ତାଙ୍କର କବିତାଗୁଡିକ ଶିଖ୍‌ମାନଙ୍କର ଧର୍ମଗ୍ରନ୍ଥ, ଆଦିଗ୍ରନ୍ଥରେ ସମ୍ମିଳିତ କରାଯାଇଥିଲା । କବୀରଙ୍କ ଧର୍ମଗ୍ରନ୍ଥ ଦ୍ୱାରା ପ୍ରଭାବିତ ହୋଇଥିବା ମୁଖ୍ୟ ସନ୍ଥ ଥିଲେ ରାଇଦାସ ଯିଏକି ବାରଣାସୀର ଚମାର ଜାତିର ଥିଲେ । ଗୁରୁ ନାନକ ଥିଲେ ପଞ୍ଜାବର ଖତ୍ରୀବର୍ଗର ଓ ଧନ୍ନା ଥିଲେ ରାଜସ୍ଥାନର ଜାଠ୍‌କୃଷକ । ଉତ୍ତର ଭାରତରେ ବିଭିନ୍ନ ଏକେଶ୍ୱରବାଦୀ ସନ୍ଥଙ୍କର ବାଣୀରେ ନିମ୍ନଲିଖିତ ସମାନତା ଦେଖାଯାଏ ।

- ପ୍ରାୟତଃ ଏକେଶ୍ୱରବାଦୀ ସନ୍ଥମାନେ ନୀଚଜାତି ସହ ଜଡିତ ଥିଲେ । ତଥା ସେମାନେ ସଚେତନ ଥିଲେ ଯେ, ସେମାନଙ୍କର ବିଚାରଧାରାରେ ସମାନତା ଅଛି । ସେମାନେ ପ୍ରତ୍ୟେକଙ୍କର ବାଣୀ ଓ ପ୍ରଭାବ ପ୍ରତି ମଧ୍ୟ ସଜାଗ ଥିଲେ । ନିଜ ନିଜର ରଚନାରେ ସେମାନେ ନିଜର ତଥା ପୂର୍ବଅଧିକାରୀମାନଙ୍କର ବିଚାରଧାରାର ଥିବା ବର୍ଣ୍ଣନାରେ ଏକତାଥିବା ଦର୍ଶାଇଛନ୍ତି ।

- ସମସ୍ତେ ବୈଷ୍ଣବ ମତର ଭକ୍ତି ତଥା ନାଥପନ୍ଥ ଆନ୍ଦୋଳନ ଓ ସୁଫୀବାଦ ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥିଲେ । ସେମାନଙ୍କର ବିଚାର ଏଇ ତିନୋଟି ପରମ୍ପରାର ସଂଯୋଜନା ବୋଲି ପ୍ରତୀତହୁଏ ।

- ଈଶ୍ୱରଙ୍କ ପ୍ରତି ବ୍ୟକ୍ତିଗତ ଅନୁଭବକୁ ଦିଆଯାଇଥିବା ମହତ୍ୱ ମଧ୍ୟ ଏକେଶ୍ୱରବାଦୀ ଭକ୍ତିସନ୍ଥଙ୍କର ଅନ୍ୟ ଏକ ବିଶେଷତ୍ୱ ଥିଲା । ସେମାନେ ନିର୍ଗୁଣ ଭକ୍ତିରେ ବିଶ୍ୱାସ କରୁଥିଲେ



ଟିପ୍ପଣି

ନା ସଗୁଣ ଭକ୍ତିରେ । ସେମାନେ ବୈଷ୍ଣବବାଦରୁ ଭକ୍ତିର ସିଦ୍ଧାନ୍ତ ତ ଗ୍ରହଣ କରିଥିଲେ କିନ୍ତୁ ତାକୁ ଏକ ନିର୍ଗୁଣ ଆକାର ଦେଇଥିଲେ । ଯଦି ଓ ସେମାନେ ଈଶ୍ୱରଙ୍କୁ ବିଭିନ୍ନ ନାମରେ ଡାକୁଥିଲେ କିନ୍ତୁ ସେମାନଙ୍କର ଭଗବାନ ଅରୂପ, ନିରାକାର, ସର୍ବବ୍ୟାପୀ ତଥା ଅବର୍ଣ୍ଣନୀୟ ଥିଲେ ।

- ଭକ୍ତି ସନ୍ଥମାନେ ତତ୍କାଳୀନ ସଂଗଠିତ ପ୍ରଭୁତ୍ୱ ବିସ୍ତାର କରିଥିବା ଦୁଇଟି ଧର୍ମ (ହିନ୍ଦୁ ଓ ଇସ୍‌ଲାମ)ରେ ଆନୁଷ୍ଠାନିକ ମିଶ୍ରଣକୁ ପ୍ରତ୍ୟାଖାନ କରିଥିଲେ ଏବଂ ଏହି ଧର୍ମର ନକାରାତ୍ମକ ଦିଗଗୁଡିକ ସମାଲୋଚନା କରିଥିଲେ । ସେମାନେ ବ୍ରାହ୍ମଣମାନଙ୍କ ପ୍ରାଧାନ୍ୟକୁ ପ୍ରତ୍ୟାଖ୍ୟାନ କରି ଜାତିପ୍ରଥା ଓ ମୂର୍ତ୍ତିପୂଜାର ବ୍ୟବସ୍ଥା ଉପରେ କୁଠାରଘାତ କଲେ ।

- ସେମାନେ ସମ୍ପୂର୍ଣ୍ଣ ଉତ୍ତର ଭାରତରେ ପ୍ରଚଳିତ ତଥା ଲୋକପ୍ରିୟ ଭାଷାରେ କବିତାଗୁଡିକ ସଂକଳନ କରିଥିଲେ । ଏହା ଦ୍ୱାରା ଜନସାଧାରଣରେ ସେମାନେ ନିଜର ବିଚାରଧାରା ପ୍ରଚାର କରିବା ପାଇଁ ସକ୍ଷମ ହୋଇଥିଲେ । ଏହା ବିଭିନ୍ନ ନିମ୍ନବର୍ଗର ଲୋକମାନଙ୍କ ମଧ୍ୟରେ ସେମାନଙ୍କର ବିଚାରଧାରାକୁ ଦ୍ରୁତଗତିରେ ପ୍ରସାର କରିବା ପାଇଁ ସହାୟକ ହୋଇଥିଲା ।

**ବୈଷ୍ଣବଭକ୍ତି**-ଚତୁର୍ଦ୍ଦଶ ଓ ପଞ୍ଚଦଶ ଶତାବ୍ଦୀର ଆରମ୍ଭରେ ଉତ୍ତର ଭାରତରେ ରାମାନନ୍ଦ ବୈଷ୍ଣବ ଭକ୍ତି ସନ୍ଥରୂପେ ଖ୍ୟାତି ଅର୍ଜନ କରିଥିଲେ । ଯଦିଓ ସେ ଦକ୍ଷିଣ ଭାରତର ଥିଲେ କିନ୍ତୁ ସେ ବାରଣାସୀରେ ବାସ କରୁଥିଲେ । କାରଣ ତାଙ୍କ ଅନୁସାରେ ଦକ୍ଷିଣ ଭାରତର ଭକ୍ତି ଆନ୍ଦୋଳନ ତଥା ଉତ୍ତର ଭାରତର ବୈଷ୍ଣବ ଆନ୍ଦୋଳନ ପରମ୍ପରା ମଧ୍ୟରେ ସଂଯୋଗ ସ୍ଥାପନ କରୁଥିଲେ । ସେ ନିଜର ଭକ୍ତି ମାର୍ଗରେ ବିଷ୍ଣୁଙ୍କୁ ଆଧାର ନକରି ରାମଙ୍କୁ ଆଧାର କରିଥିଲେ । ରାମ ତଥା ସୀତାଙ୍କର ଉପାସନା କରୁଥିଲେ ଏବଂ ଉତ୍ତର ଭାରତରେ ରାମ ଉପାସନାର ପ୍ରତିଷ୍ଠାତା ରୂପେ ସେ ପରିଚିତ ହୋଇଥିଲେ । ଏକେଶ୍ୱରବାଦୀ ସନ୍ଥଙ୍କ ପରି ସେ ଜାତି ପ୍ରଥାର ବିରୋଧ କରୁଥିଲେ ତଥା ଉପାସନା ପଦ୍ଧତିକୁ ଲୋକପ୍ରିୟ କରାଇବା ପାଇଁ ଆଞ୍ଚଳିକ ଭାଷାରେ ନିଜ ବାଣୀଗୁଡିକୁ ପ୍ରଚାର କରୁଥିଲେ । ତାଙ୍କର ଅନୁଗାମୀମାନଙ୍କୁ ରାମାନନ୍ଦୀ ବୋଲି କୁହାଗଲା । ତୁଳସୀଦାସ ମଧ୍ୟ ଭକ୍ତି ଆନ୍ଦୋଳନର ଏକ ମହତ୍ୱପୂର୍ଣ୍ଣ ସନ୍ଥ ଥିଲେ । ଷୋଡଶ ଶତାବ୍ଦୀର ପ୍ରାରମ୍ଭରେ ପ୍ରଖ୍ୟାତ ଭକ୍ତି ସନ୍ଥ ବଲ୍ଲଭଆଚାର୍ଯ୍ୟ, କୃଷ୍ଣଭକ୍ତିକୁ ଲୋକପ୍ରିୟ କରାଇଥିଲେ । ତାଙ୍କୁ ଅନୁସରଣ କରୁଥିବା ସନ୍ଥମାନଙ୍କ ମଧ୍ୟରେ ସୁରଦାସ (୧୪୮୩-୧୫୬୩) ଓ ମୀରାବାଇ (୧୫୦୩-୧୫୭୩) ପ୍ରଧାନ ।

ବଙ୍ଗଳାରେ ବୈଷ୍ଣବ ଭକ୍ତି ଆନ୍ଦୋଳନର ସ୍ୱରୂପ ଉତ୍ତର ଓ ଦକ୍ଷିଣ ଭାରତରେ ପ୍ରଚଳିତ ଭକ୍ତି ଆନ୍ଦୋଳନଠାରୁ ଭିନ୍ନ ଥିଲା । ଏହା ଭାଗବତ ପୁରାଣର ବୈଷ୍ଣବ ଭକ୍ତି ପରମ୍ପରା, ସାହାଜୀୟ ବୌଦ୍ଧ ତଥା ନାଥପନ୍ଥୀ ପରମ୍ପରା ଦ୍ୱାରା ପ୍ରଭାବିତ ହୋଇଥିଲା । ଏହି ପରମ୍ପରା ଗୁଡିକରେ ସମର୍ପଣର ଗୁଢ଼ ତଥା ଭକ୍ତି ଭାବନା ଉପରେ ମହତ୍ତ୍ୱ ଦିଆଯାଉଥିଲା । ଦ୍ୱାଦଶ ଶତାବ୍ଦୀରେ ଜୟଦେବ ଏହି ପରମ୍ପରାର ମୁଖ୍ୟ ଭକ୍ତି ସନ୍ଥ ଥିଲେ । ସେ କୃଷ୍ଣ ଓ ରାଧାଙ୍କ ସଂଦର୍ଭ ମାଧ୍ୟମରେ ପ୍ରେମର ରହସ୍ୟାତ୍ମକ ଦିଗକୁ ଦର୍ଶାଇଥିଲେ । ଏହି କ୍ଷେତ୍ରରେ ଚୈତନ୍ୟ ମଧ୍ୟ ଏକ ଲୋକପ୍ରିୟ ଭକ୍ତି ସନ୍ଥ ଥିଲେ । ତାଙ୍କୁ କୃଷ୍ଣଙ୍କର ଏକ ଅବତାର ରୂପେ ଦେଖାଯାଇଥିଲା ଯଦିଓ ସେ ବ୍ରାହ୍ମଣମାନଙ୍କର ମହତ୍ତ୍ୱ ଓ ଗ୍ରନ୍ଥଉପରେ ପ୍ରଶ୍ନଚିହ୍ନ ଲଗାଇ ନ ଥିଲେ । ସେ ସଂକୀର୍ତ୍ତନକୁ (ପବିତ୍ର ନୃତ୍ୟସହ ସମୂହ ଗାନ) ମଧ୍ୟ ଲୋକପ୍ରିୟ କରାଇଥିଲେ । ତାଙ୍କ ସମୟରେ ବଙ୍ଗଳାରେ ଭକ୍ତି ଆନ୍ଦୋଳନ ଏକ ସଂସ୍କାର ଆନ୍ଦୋଳନରେ ପରିବର୍ତ୍ତିତ ହୋଇଥିଲା, କାରଣ ସେ ଜାତିପ୍ରଥା ଉପରେ ପ୍ରଶ୍ନଚିହ୍ନ ଲଗାଇଥିଲେ ।

ମହାରାଷ୍ଟ୍ରରେ ଭକ୍ତି ଆନ୍ଦୋଳନ ଭାଗବତ ପୁରାଣ ଓ ଶିବ ନାଥପନ୍ଥୀ ଦ୍ୱାରା ପ୍ରେରିତ ହୋଇଥିଲା । ମହାରାଷ୍ଟ୍ରରେ ସବୁଠାରୁ ଉଲ୍ଲେଖନୀୟ ଭକ୍ତି ସନ୍ଥମଧ୍ୟରେ ଥିଲେ ଜ୍ଞାନେଶ୍ୱର । ଭଗବତ୍ ଗୀତା ଉପରେ ତାଙ୍କର ଟୀକା, 'ଜ୍ଞାନେଶ୍ୱରୀ' ମହାରାଷ୍ଟ୍ରରେ ଭକ୍ତି ଦର୍ଶନର ମୂଳଦୁଆ ପକାଇଥିଲା । ଜାତି ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ସେ ବିଶ୍ୱାସ କରୁଥିଲେ ଯେ, କେବଳ ଭକ୍ତି ମାର୍ଗରେ ଈଶ୍ୱର ପ୍ରାପ୍ତି ହୁଏ । ଏହି କ୍ଷେତ୍ରର ଈଶ୍ୱର ଥିଲେ ବିଠୋବା । ଜ୍ଞାନେଶ୍ୱରଙ୍କର ଅନୁଗାମୀମାନେ



ଟିପ୍ପଣୀ



ତାଙ୍କ ମନ୍ଦିରକୁ ବର୍ଷକୁ ଦୁଇଥର ତୀର୍ଥଯାତ୍ରାରେ ଯାଉଥିଲେ । ପଣ୍ଡରପୁରର ବିଠୋବା ମହାରାଷ୍ଟ୍ରରେ ଏହି ଆନ୍ଦୋଳନର ପ୍ରମୁଖ ଭକ୍ତିଧାରା ଥିଲେ । ମହାରାଷ୍ଟ୍ରର ଅନ୍ୟ ଏକ ପ୍ରଧାନ ଭକ୍ତିସନ୍ଥ ଥିଲେ ନାମଦେବ (୧୨୭୦-୧୩୫୦) । ଯେତେବେଳେ ଉତ୍ତର ଭାରତରେ ତାଙ୍କୁ ଏକେଶ୍ୱରବାଦୀ ପରମ୍ପରା ତଥା ନିର୍ଗୁଣଧାରାର ସନ୍ଥରୂପେ ସମ୍ମାନ ଦେଉଥିଲେ, ସେତେବେଳେ ମହାରାଷ୍ଟ୍ରରେ ତାଙ୍କୁ ବରକାରୀ ପରମ୍ପରାର (ବୈଷ୍ଣବ ଭକ୍ତି ପରମ୍ପରାର) ଏକ ଅଂଶ ରୂପେ ବିବେଚନା କରାଯାଉଥିଲା । ମହାରାଷ୍ଟ୍ରର ଅନ୍ୟ ପ୍ରମୁଖ ଭକ୍ତିସନ୍ଥମାନଙ୍କ ମଧ୍ୟରେ ଥିଲେ ଚୋକା, ସୋନାରା, ତୁକାରାମ ଓ ଏକନାଥ । ତୁକାରାମଙ୍କ ଧର୍ମବାଣୀଗୁଡିକ ଅଭଙ୍ଗ (ଦୋହା) ରୂପରେ ସଂଗୃହୀତ ହୋଇଛି । ଏଥିରେ ଗାଥାର ନିର୍ମାଣ ହୋଇଛି ; ମରାଠୀ ଭାଷାରେ ଏକନାଥଙ୍କ ବାଣୀ ମରାଠୀ ସାହିତ୍ୟକୁ ଆଧ୍ୟାତ୍ମିକତା ବଦଳରେ ବର୍ଣ୍ଣନାତ୍ମକତାରେ ପରିପୁଷ୍ଟ କରିଥିଲା ।

## INTEXT QUESTIONS 14.2 - ପ୍ରତ୍ୟାଶିତ ପ୍ରଶ୍ନ

୧. ଭକ୍ତି ଆନ୍ଦୋଳନ କେଉଁ ବ୍ୟବସ୍ଥାଠାରୁ ପୃଥକ୍ ହେବା ପାଇଁ ଚେଷ୍ଟା କରୁଥିଲା ?

______________________________

୨. ଯେ କୌଣସି ତିନିଜଣ ପ୍ରମୁଖ ଭକ୍ତି ସନ୍ଥଙ୍କର ନାମ ଉଲ୍ଲେଖ କର ।

______________________________

୩. ଚୈତନ୍ୟ କିଏ ?

______________________________

## 14.3 SIKHISM- ଶିଖଧର୍ମ



**ଚିତ୍ର ୧୪.୨ ଗୁରୁ ନାନକ**

ଗୁରୁନାନକଙ୍କର ବାଣୀ ଓ ଦର୍ଶନ ଭାରତର ଦର୍ଶନବାଦୀ ବିଚାରଧାରାରେ ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ସୃଷ୍ଟି କରିଛି । ତାଙ୍କ ଦର୍ଶନର ୩ଟି ମୁଖ୍ୟ ତଥ୍ୟ ଥିଲା- ଚମତ୍କାରୀ ନେତୃତ୍ୱ (ଗୁରୁ), ବିଚାରଧାରା (ସବଦ), ତଥା ସଂଗଠନ (ସଙ୍ଗତ) । ନାନକ ତତ୍କାଳୀନ ଧାର୍ମିକ ବିଶ୍ୱାସକୁ ମୂଲ୍ୟାଙ୍କନ କରି ସମାଲୋଚନା କରିଥିଲେ ଏବଂ ଏକ ନୂଆ ଧର୍ମର ପ୍ରତିଷ୍ଠା ପାଇଁ ଚେଷ୍ଟା କରିଥିଲେ ଯାହାକି ମୁକ୍ତିର ମାର୍ଗରେ ବ୍ୟକ୍ତିକୁ ବାଟ ଦେଖାଇବ । ସେ ମୂର୍ତ୍ତିପୂଜାର କଠୋର ବିରୋଧ କରୁଥିଲେ, ତୀର୍ଥଯାତ୍ରାକୁ

ଟିପ୍ପଣି

ସମର୍ଥନ କରୁ ନ ଥିଲେ ତଥା ଅବତାରମାନଙ୍କର ସିଦ୍ଧାନ୍ତଙ୍କୁ ମଧ ସ୍ୱୀକାର କରୁ ନ ଥିଲେ । ଆନୁଷ୍ଠାନିକ ଓ ବାହ୍ୟଆଡମ୍ବର ବିଧି ବିଧାନର ସେ ଘୋର ନିନ୍ଦା କରୁଥିଲେ । ମୋକ୍ଷ ପ୍ରାପ୍ତି ପାଇଁ ଏକ ସଦ୍‌ଗୁରୁଙ୍କ ଆବଶ୍ୟକତା ଉପରେ ସେ ଜୋର ଦେଇଥିଲେ । ସେ ଲୋକମାନଙ୍କୁ ପରିଚାଳନା ତଥା ଉପାସନା କରିବାର ଏହି ନିୟମଗୁଡିକ ଅନୁସରଣ କରିବା ପାଇଁ ଉପଦେଶ ଦେଇଥିଲେ; ସଚ୍ (ସତ୍ୟ), ହଲାଲ୍ (ରୋଜଗାର କ୍ଷମ), ଖୈର୍ (ଅନ୍ୟର ମଙ୍ଗଳ କାମନା), ନିୟତ (ସଠିକ୍ ମନୋଭାବ) ତଥା ଈଶ୍ୱରଙ୍କ ସେବା । ଜାତି ତଥା ଜାତିପ୍ରଥାଦ୍ୱାରା ସୃଷ୍ଟି ହୋଇଥିବା ଅସମାନତାକୁ ସେ ସଂପୂର୍ଣ୍ଣ ବିରୋଧ କରୁଥିଲେ । ସେ କହୁଥିଲେ ଯେ ମନୁଷ୍ୟର ଜାତି ତଥା ସମ୍ମାନ ତାଦ୍ୱାରା କରାଯାଉଥିବା କର୍ମ ଦ୍ୱାରା ନିର୍ଦ୍ଧାରିତ ହେବା ଉଚିତ୍ । ସେ ନ୍ୟାୟ, ନୈତିକତା ଓ ମୁକ୍ତି ଉପରେ ଗୁରୁତ୍ୱାରୋପ କରୁଥିଲେ । ତାଙ୍କର ମତ ମୁଖ୍ୟତଃ ଦୁଇଟି ମୂଳ ଧାରଣା ଉପରେ ପର୍ଯ୍ୟବେସିତ- ସତ୍ୟ ଓ ନାମ । ଈଶ୍ୱରଙ୍କ ପ୍ରତି ଆଦରଭାବ ସେ (ଶବଦ), ଗୁରୁ ଓ ହୁକୁମ (ଈଶ୍ୱରଙ୍କର ଆଦେଶ) ଦ୍ୱାରା ଦର୍ଶାଉଥିଲେ । ସେ ଲଙ୍ଗର (ସାମୂହିକ ରଷୋଇ) ଧାରଣାର ପ୍ରାରମ୍ଭ କରିଥିଲେ । ଗୁରୁ ନାନକ ନିଜକୁ ଜନତାସହ ସଂଶ୍ଲିଷ୍ଟ କରାଇଥିଲେ । ଶିଖ୍‌ଗୁରୁ ନାନକ ସମାନତା ଉପରେ ଗୁରୁତ୍ୱ ଦେଇଥିଲେ ମଧ ତାଙ୍କ ଶିଷ୍ୟମାନଙ୍କ ମଧରେ ସାମାଜିକ ବିଭେଦ ଅବ୍ୟାହତ ରହିଥିଲା । ଗୁରୁ ଗୋବିନ୍ଦ ସିଂ ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ସମାନତାର ବିଚାରକୁ ପୁନର୍ବାର ସ୍ଥାପିତ କରିଥିଲେ । ୧୬୯୯ରେ ଗୁରୁ ଗୋବିନ୍ଦ ସିଂ ବିଭିନ୍ନ ଶିଖ୍ ସମୁଦାୟ ମଧରେ ଦେଖାଦେଇଥିବା ମତଭେଦକୁ ଦୂର କରିବା ପାଇଁ ଚେଷ୍ଟା କରିଥିଲେ ତଥା ଖାଲ୍‌ସା ପନ୍ଥର ସ୍ଥାପନା କରିଥିଲେ । ଏହି ଅନୁଷ୍ଠାନ ମାସନ୍ଦଗୁଡିକୁ ମଧସ୍ଥି କରୁଥିବା ଭୂମିକାରୁ ବହିଷ୍କାର କରିଥିଲା । ଏହାପରଠାରୁ ପ୍ରତ୍ୟେକ ଶିଖ ବ୍ୟକ୍ତିଗତ ଭାବରେ ଗୁରୁଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ରଖି ପାରୁଥିଲା । ଶିଖ୍‌ମାନଙ୍କ ମଧରେ ଏକତା ବଜାୟ ରଖିବା ପାଇଁ ଗୁରୁ କେତେକ ପରମ୍ପରାର ଆରମ୍ଭ କରିଥିଲେ ଯେଉଁଗୁଡିକ ଶିଖ୍‌ମାନେ ପାଳନ କରିବା ପାଇଁ ଅନିବାର୍ଯ୍ୟ ଥିଲା । ଏଗୁଡିକ ଥିଲା ଧର୍ମରେ ପ୍ରବେଶ କରିବା ପାଇଁ ଖଣ୍ଡାଦ୍ୱାରା (ଦୁଇ ଧାରଥିବା ତଲ୍‌ୱାର) ପରିଚାଳିତହେବା, କେଶ ରଖିବା ଓ ତାକୁ ନ କାଟିବା, ଶସ୍ତ୍ର ଧାରଣ କରିବା ତଥା ନିଜର ନାମରେ ସିଂ ଉପନାମ ସଂଯୋଗ କରିବା ।

ଏହି ସମୟରେ ଜନ୍ମଲାଭ କରିଥିବା ଆଉ ଏକ ଆନୁଷ୍ଠାନିକ ବିଚାରଧାରା ଥିଲା ଗୁରୁପନ୍ଥ । ଏହା ଖାଲ୍‌ସାପନ୍ଥର ସାମୂହିକ ଅଧିକାରକୁ ପବିତ୍ରତା ପ୍ରଦାନ କରିଥିଲା ଯାହାକି ପନ୍ଥକୁ ଗୁରୁଙ୍କ ସହ ସଂଯୁକ୍ତ କରାଇଥିଲା । ଗୁରୁନାନକ ତାଙ୍କର ଅନ୍ତିମ ସମୟରେ ନିଜର ଉତ୍ତରାଧିକାରୀ ନିଯୁକ୍ତ କରିଥିଲେ ଏବଂ ତାକୁ ଶ୍ରଦ୍ଧା ଓ ସମ୍ମାନ ପ୍ରଦାନ କରିଥିଲେ । ଏହା ଏକ ସନ୍ଦେଶ ଦେଉଥିଲା କି ଗୁରୁ ତଥା ଶିଖ ଜଣେ ଅନ୍ୟ ଜଣଙ୍କ ସ୍ଥାନ ନେଇପାରୁଥିଲେ । ଏହା ସଙ୍ଗତର ଅନୁଷ୍ଠାନ ପ୍ରତି (ଶିଖମାନଙ୍କର ସାମୂହିକ ସଂସ୍ଥା) ଏକ ସମସ୍ୟା ଉତ୍ପନ୍ନ କରିଥିଲା । ଶିଖ୍‌ମାନଙ୍କ ମତରେ ସଙ୍ଗତରେ ସ୍ୱୟଂ ଈଶ୍ୱର ଉପସ୍ଥିତ ରହନ୍ତି । ଯେତେବେଳେ ଗୁରୁ ଗୋବିନ୍ଦସିଂହ ଖାଲ୍‌ସା ପ୍ରସ୍ତୁତି କଲେ, ସେ ପଞ୍ଚ ପିଆରେ (ପାଞ୍ଚଜଣ ପ୍ରିୟବ୍ୟକ୍ତି)ଙ୍କୁ ବାଛିଥିଲେ ତଥା ସେମାନଙ୍କୁ ନିଜ ପାଇଁ ପାହୁଲ (ଅମୃତଚଖା)ର ଆୟୋଜନ କରିବା ପାଇଁ କହିଥିଲେ । ଏହି ବ୍ୟବସ୍ଥା ଦ୍ୱାରା ଗୁରୁ ତଥା ଖାଲ୍‌ସା ମଧରେ ଥିବା ପାର୍ଥକ୍ୟ ସାଂକେତିକ ରୂପରେ ସମାପ୍ତ କରାଯାଇଥିଲା । କୁହାଯାଏ ଯେ ଗୁରୁ ଗୋବିନ୍ଦ ସିଂ କହୁଥିଲେ ଯେ ଖାଲସା ତାଙ୍କର ନିଜ ରୂପ (ସ୍ୱରୂପ) ।

ଗୁରୁନାନକ ବ୍ୟାପାରୀ ଖତ୍ରୀ ଜାତିର ଥିଲେ ଯେତେବେଳେ କି ତାଙ୍କର ଅନୁଗାମୀମାନେ ପ୍ରାୟତଃ ଗ୍ରାମାଞ୍ଚଳର ଜାଠ୍ ଥିଲେ । ଏଇଥିଲେ ଗୁରୁ ଗୋବିନ୍ଦ ସିଂ, ଯିଏ ଶିଖ୍‌ମାନଙ୍କ ମଧରେ ଖାଲ୍‌ସା ପନ୍ଥର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଗୁରୁ ଅର୍ଜୁନ ସିଂହ ଗୁରୁ ଗ୍ରନ୍ଥ ସାହେବର ସଂକଳନ କରିଥିଲେ । ଦଶମ ଗୁରୁ ଗରୁ ଗୋବିନ୍ଦ ସିଂହଙ୍କ ମୃତ୍ୟୁପରେ ଗୁରୁ ପରମ୍ପରାର ସମାପ୍ତ ହୋଇଥିଲା । ଶିଖ୍‌ମାନଙ୍କ ବିଶ୍ୱାସ ଯେ ଗୁରୁଙ୍କର ଆତ୍ମା କୌଣସି ଉତ୍ତରାଧିକାରୀ ମଧରେ ପ୍ରବେଶ କରୁ ନ ଥିଲା, କିନ୍ତୁ ଏହା ପରିବର୍ତ୍ତେ ଗୁରୁଙ୍କ ଆତ୍ମା "ଶ୍ରୀଗୁରୁ ଗ୍ରନ୍ଥ ସାହେବ"ରେ ସମ୍ମିଳିତ ହୋଇଯାଉଥିଲା ।

ଟିପ୍ପଣୀ

## INTEXT QUESTIONS 14.3 - ପ୍ରତ୍ୟାଶିତ ପ୍ରଶ୍ନ

୧. ଖାଲସା ଶବ୍ଦରୁ ଆମେ କ'ଣ ବୁଝୁ ?

____________________

୨. ଖତ୍ରୀମାନେ କିଏ ଥିଲେ ?

____________________

## 14.4 LITERATURE AND LANGUAGE- ସାହିତ୍ୟ ଓ ଭାଷା

**ସଂସ୍କୃତ ସାହିତ୍ୟ**- ମଧ୍ୟଯୁଗୀୟ ଭାରତରେ ସମୃଦ୍ଧ ସାହିତ୍ୟର ସଂଗୃହୀତ ରଚନାବଳୀ ତଥା ନୂତନ ଭାଷାର ବିକାଶ ଦେଖିବାକୁ ମିଳିଥିଲା । ଇତିହାସକାରମାନଙ୍କ ମଧ୍ୟରେ ରୁଢ଼ିଗତ ବିଚାର ଥିଲା ଯେ ଦିଲ୍ଲୀ ସୁଲତାନମାନଙ୍କ ଦ୍ୱାରା ପାରସିକ ଭାଷାର ପୃଷ୍ଠପୋଷକତା କରାଯାଇଥିବାରୁ ସଂସ୍କୃତ ସାହିତ୍ୟର ସଂରକ୍ଷଣରେ ପତନ ହୋଇଥିଲା । କିନ୍ତୁ ଏହି ସମୟରେ ଅଧିକାଂଶ ଉଚ୍ଚକୋଟୀର ରଚନାବଳୀ ସଂସ୍କୃତ ସାହିତ୍ୟରେ ସୃଷ୍ଟି ହୋଇଥିଲା । ଏହି ସମୟରେ କାବ୍ୟ (କାବ୍ୟାତ୍ମକ ରଚନା)ର ସଂକଳନ ହୋଇଥିଲା ତଥା ଏପରି ଅନେକ ଗ୍ରନ୍ଥର ରଚନା ହୋଇଥିଲା ଯେଉଁଥିରେ ବିଧିବ୍ୟବସ୍ଥାର ବର୍ଣ୍ଣନା କରାଯାଇଥିଲା, ଯାହାକୁ ଧର୍ମଶାସ୍ତ୍ର କୁହାଯାଉଥିଲା । ମଧ୍ୟଯୁଗୀୟ ଭାରତର ପ୍ରଥମାର୍ଦ୍ଧରେ କେନ୍ଦ୍ର ଓ ଦକ୍ଷିଣ ଭାରତରେ କେତେକ ଛୋଟ ଶାସକ ସଂସ୍କୃତର ପୃଷ୍ଠପୋଷକତା କରିଥିଲେ । ପଶ୍ଚିମ ଭାରତରେ ଜଣେ ପ୍ରମୁଖ ଜୈନ ବିଦ୍ୱାନ ଥିଲେ ହେମଚନ୍ଦ୍ରସୁରୀ , ଯିଏକି ସଂସ୍କୃତ ସାହିତ୍ୟର ରଚନା କରିଥିଲେ । ଚୈତନ୍ୟ ମଧ ସଂସ୍କୃତ ଭାଷାର ସୃଜନ କରିଥିଲେ । ଏହି ସମୟରେ ଅନେକ ନାଟକ ମଧ ସୃଷ୍ଟି କରାଯାଇଥିଲା । ପଦ୍ୟ ତଥା ଗଦ୍ୟର ମିଶ୍ରଣ ହୋଇଥିଲା । ରାଜପୁତ ରାଜାମାନଙ୍କର ପୃଷ୍ଠପୋଷକତାରେ ରଚିତ କାବ୍ୟରେ ରାଜପୁତ ପରିବାରର ଇତିହାସର ବର୍ଣ୍ଣନା ଥିଲା ଯେମିତିକି ପୃଥ୍ୱୀରାଜ ବିଜୟ ଓ ହମିର ମହାକାବ୍ୟ । ଏହି ସମୟର ଐତିହାସିକ କାବ୍ୟ ରଚନା ମଧ୍ୟରେ ଗୁଜୁରାଟର ସୁଲତାନ ମହମୁଦ ବେଗ୍ରାଙ୍କର ଦରବାରୀ କବି ଉଦୟରାଜ ରଚିତ ସୁଲତାନଙ୍କର ଆତ୍ମଜୀବନୀ, ରାଜବିନୋଦ ଥିଲା ଅନ୍ୟତମ । ଅନ୍ୟ ମହତ୍ତ୍ୱପୂର୍ଣ୍ଣ ରଚନା ଥିଲା କଲ୍‌ହଣଙ୍କ ରାଜତରଙ୍ଗିଣୀ, ଯେଉଁଥିରେ କାଶ୍ମୀର ରାଜାଙ୍କର ଇତିହାସ ବର୍ଣ୍ଣନା କରାଯାଇଛି । ଏହା ଦ୍ୱାଦଶ ଶତାବ୍ଦୀରେ ରଚନା କରାଯାଇଥିଲା । ଦ୍ୱିତୀୟ ରାଜତରଙ୍ଗିଣୀ ଜୋନରାଜାଙ୍କ ଦ୍ୱାରା ଲେଖାଯାଇଥିଲା ଯେଉଁଥିରେ ଜୟସିଂହଙ୍କଠାରୁ ସୁଲତାନ ଜଇନୁଲ୍ ଆବିଦୀନ୍‌ଙ୍କ ପର୍ଯ୍ୟନ୍ତ କାଶ୍ମୀରର ରାଜାମାନଙ୍କର ଇତିହାସ ବର୍ଣ୍ଣିତ ହୋଇଥିଲା ଏବଂ ତୃତୀୟ ଭାଗ ଶ୍ରୀଭରଙ୍କ ଦ୍ୱାରା ରଚନା କରାଯାଇଥିଲା ଯେଉଁଥିରେ ୧୪୮୬ ପର୍ଯ୍ୟନ୍ତ ସ୍ଥାନୀୟ ଇତିହାସର ବର୍ଣ୍ଣନା କରାଯାଇଥିଲା । ଏହା ବ୍ୟତୀତ ସେହି ସମୟରେ ଅନେକ ଅର୍ଦ୍ଧ-ଐତିହାସିକ ଗଦ୍ୟ, ପ୍ରବନ୍ଧ ମଧ ରଚନା କରାଯାଇଛି ।

ପଞ୍ଚଦଶ ଶତାବ୍ଦୀ ପରେ ଦକ୍ଷିଣରେ ବିଜୟନଗରର ଶାସକମାନେ, ତାଞ୍ଜୋରର ନାୟକମାନେ ତଥା ଟ୍ରାଭାନ୍‌କୋର ଓ କୋଚିନ୍‌ର ମୁଖ୍ୟମାନେ ସଂସ୍କୃତ ଭାଷାକୁ ଦରବାରୀ ଭାଷାରୂପେ ପ୍ରଚଳନ କରିଥିଲେ । ସଂସ୍କୃତ ସାହିତ୍ୟର ବିଭିନ୍ନ ଶୈଳୀ ଯେପରି ମହାକାବ୍ୟ, ଶ୍ଳେଷକାବ୍ୟ, ଚମ୍ପୁକାବ୍ୟ, ନାଟକ ଓ ଐତିହାସିକ କାବ୍ୟର ସୃଜନ ଚାଲିଥିଲା । ସେହିସମୟରେ ପ୍ରମୁଖ ଲେଖକମାନଙ୍କ ମଧ୍ୟରେ ଗୋବିନ୍ଦ ଦୀକ୍ଷିତ (ସାହିତ୍ୟ ସୁଧା ଓ ସଙ୍ଗୀତ ସୁଧାନିଧି-ତାଙ୍କର ମହତ୍ତ୍ୱପୂର୍ଣ୍ଣ ରଚନା), ଆପାୟା ଦୀକ୍ଷିତ୍ ଭେଲୋର୍‌ର ନାୟକବଂଶର ଦରବାରୀ କବି , ନୀଳନାଥ ଦୀକ୍ଷିତ (ମଦୁରାଇର ନାୟକ ଶାସନର ମନ୍ତ୍ରୀ) ଓ ଚକ୍ରକବି ଯିଏ କୋଜିକୋଡ ଶାସକଙ୍କର ପୃଷ୍ଠପୋଷକତା ପାଇଥିଲେ ।

ଐତିହାସିକ କାବ୍ୟଗୁଡିକ କେବଳ ଶାସକମାନଙ୍କ ଦ୍ୱାରା କରାଯାଉଥିବା ଶୋଷଣକୁ ପ୍ରକାଶ କରୁ ନ ଥିଲା, ଏହା ଲେଖକମାନଙ୍କର ସାମାଜିକ ଦୃଷ୍ଟିକୋଣକୁ ମଧ ଦର୍ଶାଉଥିଲା । କେତେକ ମୋଗଲ ଯେପରି ଦାରା ଶିକୋହ ଇତ୍ୟାଦିଙ୍କର ମଧ ଏହି କାବ୍ୟରେ ବର୍ଣ୍ଣନା କରାଯାଉଥିଲା । ମୋଗଲ

ଟିପ୍ପଣି

ରାଜକୁମାରଙ୍କୁ ବାରଣାସୀର ନୃସିଂହ ସରସ୍ୱତୀଙ୍କ ସମ୍ମାନରେ ପ୍ରଶସ୍ତି ରଚନା କରିବାର ଶ୍ରେୟ ମଧ୍ୟ ଯାଏ । ବିଜାପୁର ଓ ଗୋଲକୁଣ୍ଡାର ଶାସକମାନଙ୍କ ଦରବାରରେ କେତେକ କୃତିର ରଚନା ହୋଇଥିଲେ ମଧ୍ୟ ସେହି ସମୟରେ ସଂସ୍କୃତ ସାହିତ୍ୟର ରଚନା ପତନୋନ୍ମୁଖୀ ହୋଇଥିଲା ।

## ପାରସିକ ସାହିତ୍ୟ :

ଦିଲ୍ଲୀରେ ସୁଲତାନ ଯୁଗର ସ୍ଥାପନ ହୋଇସାରିବା ପରେ ଉପମହାଦେଶରେ ନୂତନ ଭାଷା ତଥା ସାହିତ୍ୟିକ ଶୈଳୀର ପ୍ରବର୍ତ୍ତନ ହୋଇଥିଲା ।

ଉପମହାଦେଶରେ ପାରସିକ ସାହିତ୍ୟର ବିକାଶ ଅମୀରଖୁସ୍ରୁଙ୍କ ଲେଖନୀରେ ଏକ ନୂତନ ଯୁଗ ସୃଷ୍ଟି କରିଥିଲା । ସେ ତୁର୍କୀ ବିସ୍ଥାପିତ ପରିବାରରେ ଜନ୍ମଗ୍ରହଣ କରିଥିବା ଜଣେ କବି ଥିଲେ ତଥା ସୁଲତାନ୍ ବଲ୍‌ବନ୍‌ଙ୍କ ସମୟରେ କବି ଭାବରେ ସର୍ଜନାର ପ୍ରାରମ୍ଭ କରିଥିଲେ । ସେ ନିଜାମ୍‌ଉଦ୍ଦୀନ ଆଉଲିଆଙ୍କ ଶିଷ୍ୟ ଥିଲେ ତଥା ତାଙ୍କୁ ଜଲ୍ଲାଲୁଦ୍ଦୀନ୍ ଖିଲ୍‌ଜୀ, ଆଲ୍ଲାଉଦ୍ଦୀନ୍ ଖିଲ୍‌ଜୀ ଓ ଗିୟାସୁଦ୍ଦୀନ୍ ଖିଲ୍‌ଜୀଙ୍କ ଦରବାରରେ ପୃଷ୍ଠପୋଷକତା ମିଳିଥିଲା । କୁହାଯାଏ, ସେ ବିଭିନ୍ନ ବିଷୟବସ୍ତୁ ତଥା ଭିନ୍ନ ଭିନ୍ନ ଶୈଳୀରେ କାବ୍ୟ ପରି ଅନେଶତଟି ରଚନା ପ୍ରସ୍ତୁତ କରିଥିଲେ । ତାଙ୍କର କବିତାଗୁଡିକ ଗୀତ, ବୀରଗାଥା, ମହାକାବ୍ୟ ତଥା ଶୋକଗୀତ ପରି ବିଭିନ୍ନ କିସମର ଥିଲା । ତାଙ୍କର ଲେଖନ ଶୈଳୀରେ ପ୍ରଥମଥର ପାଇଁ ଭାରତୀୟ ସନ୍ଦର୍ଭରେ ପାରସିକ ଶୈଳୀର ପ୍ରତିନିଧିତ୍ୱ ଦେଖାଯାଏ । ଏହାକୁ ସବକ୍-ଏ-ହିନ୍ଦ୍ (ଭାରତୀୟ ଶୈଳୀ) ରୂପେ ଜଣାଗଲା । ତାଙ୍କର ପ୍ରମୁଖ ରଚନା ମଧ୍ୟରେ ମୁତଲା-ଉଲ୍-ଅନୱର, ଶିରିନ୍‌ଖୁସ୍ରୋ, ଲୈଲା ମଜ୍‌ନୁଁ, ତଥା ଆଇନା-ଇ-ସିକନ୍ଦରୀ ଥିଲା । ଏହି ସବୁ ରଚନାଗୁଡିକ ଆଲ୍ଲାଉଦ୍ଦୀନ ଖିଲ୍‌ଜୀଙ୍କୁ ସମର୍ପିତ ହୋଇଥିଲା । ତାଙ୍କ ରଚିତ ପାଞ୍ଚଟି ଦିୱାନ (ଗଜଲ) ହେଉଛି ତୁହଫଂତ୍-ଉସ୍-ସିଗାର, ବକିୟା-ନାକିୟା ଓ ନିହାୟତ୍-ଉଲ୍-କମାଲ୍ । ସେ ମସନବୀ (ବ୍ୟାଖ୍ୟାତ୍ମକ କବିତା) ମଧ୍ୟ ଲେଖିଥିଲେ ଯେଉଁଥିରେ ଐତିହାସିକ ତଥା ସାହିତ୍ୟିକ ମୂଲ୍ୟବୋଧ ରହିଛି । ଏଗୁଡିକ ମଧ୍ୟରେ ରହିଛି 'କ୍ୱିରାନ୍-ଉସ୍-ସଦୈନ, ମିଫଂତା-ଉଲ୍-ଫୁତେ (ଜଲ୍ଲାଲୁଦ୍ଦୀନ୍ ଖିଲଜୀଙ୍କର ସୈନ୍ୟ ବାହିନୀର ସଫଳତା ଉପରେ ଆଧାରିତ), ତୁଘଲକ୍-ନାମା (ଗିୟାସୁଦ୍ଦୀନ ତୋଗଲକଙ୍କର ସିଂହାସନ ଆରୋହଣ ବର୍ଣ୍ଣନା) ତଥା ଖଜ୍ଜାଏନ୍ ଉଲ୍-ଫତେ (ଆଲ୍ଲାଉଦ୍ଦୀନ୍ ଖିଲଜୀଙ୍କର ଦାକ୍ଷିଣାତ୍ୟ ବିଜୟର ବର୍ଣ୍ଣନା) । ଅନ୍ୟାନ୍ୟ ପ୍ରମୁଖ ପାରସିକ କବିମାନଙ୍କ ମଧ୍ୟରେ ଥିଲେ ଶେଖ୍ ନଜ୍‌ମୁଦ୍ଦୀନ ହାସନ୍, ଯିଏକି ଆଲ୍ଲାଉଦ୍ଦୀନ ଖିଲଜୀଙ୍କ ଦରବାରରେ ଥିବା କବିଙ୍କ ମଧ୍ୟରେ ଅନ୍ୟତମ । ତାଙ୍କ ଗଜଲ୍‌ଗୁଡିକ ତାଙ୍କୁ 'ହିନ୍ଦୁସ୍ଥାନର ସୟୈଦ' ଉପାଧି ଦେଇଥିଲା ।

ଦିଲ୍ଲୀର ସୁଲତାନ ଯୁଗରେ ସାହିତ୍ୟର ଏକ ମୁଖ୍ୟ ବିଶେଷତ୍ୱ ଥିଲା ଦରବାରର ବିବରଣୀ । ଏଗୁଡିକ ମଧ୍ୟରେ ମୁଖ୍ୟ ଥିଲା ମିନାଜ୍-ଉସ୍-ସିରାଜଙ୍କ ଦ୍ୱାରା ରଚିତ ତବାକତ୍-ଇ-ନାସିରୀ, ଇସାମୀଙ୍କ ଦ୍ୱାରା ଲିଖିତ ଫତେ-ଉସ୍-ସଲାତୀନ ତଥା ଫିରୋଜଶାହା ତୁଗଲକ୍‌ଙ୍କ ଦ୍ୱାରା ରଚିତ ଫତେହତ୍-ଏ-ଫିରୋଜଶାହୀ । ଏହି ସମୟରେ ଜିୟାଉଦ୍ଦୀନ୍ ବରାନୀଙ୍କର ପାରସିକ ସାହିତ୍ୟରେ ଉଲ୍ଲେଖନୀୟ ଅବଦାନ ଦେଖିବାକୁ ମିଳିଥିଲା । ତାଙ୍କର ମହତ୍ତ୍ୱପୂର୍ଣ୍ଣ ରଚନା ମଧ୍ୟରେ ରହିଛି ତାରିଖ-ଇ-ଫିରୋଜଶାହୀ ଓ ଫତ୍‌ୱା-ଇ-ଜାହାନ୍‌ଦାରୀ । ଏହି ସମୟରେ ସୁଫୀ ସାହିତ୍ୟର ନୂଆ ରୂପ 'ମଲଫୁଜତ୍'ର ମଧ୍ୟ ସୃଷ୍ଟି ହୋଇଥିଲା ଯେଉଁଥିରେ ସୁଫୀ ସନ୍ଥମାନଙ୍କର ବାର୍ତ୍ତାଳାପ ପ୍ରକାଶ କରାଯାଇଥିଲା । ଏହି ରଚନାଗୁଡିକ ମଧ୍ୟରେ ପ୍ରମୁଖ ଥିଲା ଶେଖ୍ ନିଜାମୁଦ୍ଦିନ ଆଉଲିଆଙ୍କ ସମ୍ପର୍କିତ ଅମୀର ହାସାମ୍ ସିଜିଙ୍କ ଦ୍ୱାରା ଲିଖିତ ଫୱାଦ୍-ଉଲ୍-ଫୁଆଦ ତଥା ଶେଖ୍ ନାସିରୁଦ୍ଦିନ୍ ମହମ୍ମଦଙ୍କ ସମ୍ପର୍କିତ ଖେର୍-ଉଲ୍-ମଜାଲିସ୍ । ସେହି ସମୟରେ ଅନେକ ରଚନା ପାରସିକ ଭାଷାରେ ଅନୁବାଦ କରାଯାଇଥିଲା । ପ୍ରଥମ ଥର ପାଇଁ ସଂସ୍କୃତ ଗଳ୍ପ ଟୁଟିନାମା (ଶୁଆର ବହି) ଜିୟା-ନକ୍ସବିଙ୍କ ଦ୍ୱାରା ପାରସିକ ଭାଷାରେ ଅନୁବାଦ କରାଯାଇଥିଲା । ସେହି ସମୟରେ ମହାଭାରତ ଓ ରାଜତରଙ୍ଗିଣୀକୁ ମଧ୍ୟ ପାରସିକ ଭାଷାରେ ଅନୁବାଦ କରାଯାଇଥିଲା । ସଂସ୍କୃତ ରଚନାଗୁଡିକର ପାରସିକ ଭାଷାରେ ହେଉଥିବା ଅନୁବାଦ ଫିରୋଜ ତୋଗଲୋକ ଓ ସିକନ୍ଦର ଲୋଦୀଙ୍କ ରାଜତ୍ୱ ସମୟରେ ବୃଦ୍ଧି ପାଇଥିଲା ।

ଟିପ୍ପଣୀ

ସୁଲତାନ ଯୁଗଭଳି ମୋଗଲ ଯୁଗରେ ମଧ ପାର୍ସୀ ଭାଷା ଦରବାରୀ ଭାଷାରୂପେ ପ୍ରଚଳିତ ହୋଇଥିଲା । ଶାସକ ତଥା ରାଜକୁମାର ମାନେ ଲେଖିବାର ପରମ୍ପରାକୁ ଜୀବିତ ରଖିଥିଲେ । ପ୍ରଥମ ମୋଗଲ ବାଦ୍‌ଶାହା ବାବର ଯିଏ କି ନିଜେ ଏକ ବିଦ୍ୱାନ ଥିଲେ, ତୁର୍କୀରେ ନିଜର ଅନୁଭୂତି (ଅତୀତର ବ୍ୟକ୍ତିଗତ ଘଟଣାବଳୀ) ଲେଖିଥିଲେ ଯାହାକୁ ପରବର୍ତ୍ତୀ କାଳରେ ଅବଦୁଲ୍-ରହିମ୍-ଖାନ୍‌ଖାନ୍ନା ପାର୍ସୀଭାଷାରେ ଅନୁବାଦ କରିଥିଲେ । ହୁମାୟୁନ୍ ଏକ ପାର୍ସୀ ଦିୱାନ୍ ରଚନା କରିଥିଲେ । ରାଜକୁମାର ଦାରା ଶିକୋହ ସୁଫୀ ସନ୍ଥ ମିୟା ମିର୍ ତଥା ତାଙ୍କର ଶିଷ୍ୟମାନଙ୍କର ଜୀବନ ଚରିତର ବିବରଣୀ ସାକିନାତୁଲ୍ ଆଉଲିଆରେ ଲେଖିଥିଲେ । ସେ ମଜମୌଲ ବାହାରିନ୍‌ର (ଦୁଇ ମହାସାଗରର ମିଳନ) ମଧ ରଚନା କରିଥିଲେ । ଏହି ସମୟରେ ଆମେ ପାର୍ସୀ ସାହିତ୍ୟରେ ଏକ ନୂତନ ଶୈଳୀ ସବକ୍-ଇ-ହିନ୍ଦୀ (ଭାରତୀୟ-ଶୈଳୀ) ଦେଖିଥାଉ ଯାହାକି ସେହି ସମୟରେ ଉପମହାଦେଶ ଭ୍ରମଣରେ ଆସୁଥିବା ତଥା ଏଠାରେ ବସବାସ କରୁଥିବା ପାର୍ସୀ କବିମାନେ ରଚନା କରିଥିଲେ । ଫାୟାଜୀ, ଉର୍ଫୀ, ତାଲିବ୍, ଘନୀ କାଶ୍ମିରୀ ତଥା ବେଦିଲ୍ ଆଦି ଲେଖକ ଥିଲେ ଯେଉଁମାନେ ମୋଗଲମାନଙ୍କର ପୃଷ୍ଠପୋଷକତା ଲାଭ କରିଥିଲେ ।


ଫାୟାଜୀଙ୍କର ମୁଖ୍ୟ ରଚନାମଧରେ ଥିଲା ତବଶିର ଅଲ ସବହ । ସେ ହିନ୍ଦୁ ଧର୍ମର କେତେକ ପୁସ୍ତକର ଅନୁବାଦ କରିଥିଲେ । ଅବଦୁଲ ରହିମ୍ ଖାନ୍‌ଖାନ୍ନା ଆକବର ତଥା ଜାହାଙ୍ଗୀରଙ୍କ ସମୟର ପ୍ରଖ୍ୟାତ କବି ଓ ରଚନାକାର ଥିଲେ । ଆକବର ଏକ ମହାନ୍ ବିଦ୍ୱାନ ଇତିହାସକାର ଆବୁଲ୍‌ଫାଜଲ୍‌ଙ୍କୁ ସଂରକ୍ଷଣ ପ୍ରଦାନ କରିଥିଲେ । କୁହାଯାଏ ସେ ଏକ ପୁସ୍ତକାଳୟ ସଂରକ୍ଷିତ କରିଥିଲେ ଯେଉଁଥିରେ ଚାରିହଜାରରୁ ଅଧିକ ପୁସ୍ତକ ଥିଲା । ତାଙ୍କ ସମୟରେ ସେ ଅନେକ ଲେଖକଙ୍କୁ ପୃଷ୍ଠପୋଷକତା ପ୍ରଦାନ କରିଥିବାର ଜଣାଯାଏ । ଅଲ୍ଲୀ-କୁଲି ସଲେମ୍ ତଥା ଅବୁ-ତାଲିବ୍-କଲୀମ୍ ଶାହାଜାହାନ୍‌ଙ୍କ ସମୟର ମୁଖ୍ୟ କବି ଥିଲେ । ଅବୁତାଲିବ୍ କଲିମ୍ ପଦ୍‌ଶାହାନାମାର ରଚନା କରିଥିଲେ । ଦକ୍ଷିଣରେ ବିଜାପୁରର ଶାସକ ଆଦିଲଶାହା ପାରସିକ ସାହିତ୍ୟକୁ ପୃଷ୍ଠପୋଷକତା ପ୍ରଦାନ କରିଥିଲେ । ତାଂକ ଦରବାରରେ ମାଲିକ୍ କୌମୀ ତଥା ମୁଲ୍ଲା ଜୁହୁରୀ ମୁଖ୍ୟ ପାର୍ସୀ କବି ଥିଲେ । ଗୋଲକୁଣ୍ଡାର କୁତବଶାହୀ ବଂଶ ମୁହମ୍ମଦ ହୁସେନ୍ ତାବ୍ରେଜୀଙ୍କ ପରି କବିମାନଙ୍କୁ ସଂରକ୍ଷଣ ପ୍ରଦାନ କରିଥିଲେ । ମୋଗଲ୍‌ଯୁଗରେ ପାରସିକ ସାହିତ୍ୟର ବିକାଶ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ତଥା ଆଞ୍ଚଳିକ ସାହିତ୍ୟର ବିକାଶ ଓ ପ୍ରଗତିକୁ ମଧ ପ୍ରଭାବିତ କରିଥିଲା । ପଞ୍ଜାବୀ, ପୁସ୍ତୁ, ସିନ୍ଧି ତଥା କାଶ୍ମିରୀ ଆଦି ଭାଷାଗୁଡିକ ପାର୍ସୀ ଭାଷା ଦ୍ୱାରା ଅତିମାତ୍ରାରେ ପ୍ରଭାବିତ ହୋଇଥିଲା ।

### ଆଞ୍ଚଳିକ ଭାଷାର ପ୍ରଗତି ତଥା ବିକାଶ

ମୋଗଲଯୁଗରେ ହିନ୍ଦୀ, ବଙ୍ଗଳା, ଆସାମୀ, ଓଡ଼ିଆ, ମରାଠୀ ତଥା ଗୁଜୁରାଟୀ ଭଳି ଆଞ୍ଚଳିକ ଭାଷାର ପ୍ରଗତି ଏକ ମହତ୍ୱପୂର୍ଣ୍ଣ ଅଧ୍ୟାୟ ଥିଲା । ଏହି ଭାଷାଗୁଡିକର ଅସ୍ତିତ୍ୱ ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ମିଳିବା ଆରମ୍ଭ ହୋଇଥିଲା ଯେତେବେଳେ ସେଗୁଡିକ ପ୍ରାକୃତ ଭାଷାରୁ ଦୂରତ୍ୱ ରଖିବା ଆରମ୍ଭ କରିଥିଲେ । ଦକ୍ଷିଣରେ ଚତୁର୍ଦ୍ଦଶ ଶତାବ୍ଦୀରେ ମାଲାୟଲାମ୍ ଏକ ସ୍ୱତନ୍ତ୍ର ଭାଷାର ରୂପ ନେଇଥିଲା । ଏହିସବୁ ଆଞ୍ଚଳିକ ଭାଷାର ବିକାଶରେ ଆଞ୍ଚଳିକ ଭାବନା ତଥା ପ୍ରାନ୍ତୀୟ ରାଜନୀତିର ଉତ୍‌ଥାନ ଏକ ସମୟରେ ଦେଖାଦେଇଥିଲା । ଏସବୁ ସଂସ୍କୃତ ଭାଷାର ପତନର ମାର୍ଗକୁ ପ୍ରଶସ୍ତ କରିଦେଇଥିଲା ଯେଉଁ କାରଣରୁ ପାର୍ସୀ ତଥା ଆଉ କେତେକ ଆଞ୍ଚଳିକ ଭାଷା ପ୍ରଶାସନିକ କ୍ଷେତ୍ରରେ ମାଧମ ରୂପେ କାର୍ଯ୍ୟକଲା । ଭକ୍ତି ଆନ୍ଦୋଳନ ତଥା ଏହାର ପ୍ରଚାରରେ ଏହି ଭାଷାର ପ୍ରୟୋଗ ବ୍ୟାପକ ହେଲା, ଯାହା ଭାଷାର ବିକାଶ ଓ ପ୍ରଗତିରେ ବୃଦ୍ଧି କରିଥିଲା ।

### ହିନ୍ଦୀ ଓ ଉର୍ଦ୍ଦୁ :

ବ୍ରଜଭାଷା, ହରିଆନବୀ ତଥା ଅନ୍ୟ ଉପଭାଷା ଦିଲ୍ଲୀ ଓ ପଞ୍ଜାବର ପାଖାପାଖି ଅଞ୍ଚଳରେ ବୋଲାଯାଉଥିଲା । ଏହି ଭାଷାଗୁଡିକ ଉର୍ଦ୍ଦୁକୁ ବିକାଶକାଳୀନ ଅବସ୍ଥାରେ ଖୁବ୍ ପ୍ରଭାବିତ କରିଥିଲା । ଏହି ଭାଷାର ମୂଳ ଢ଼ାଞ୍ଚା ଖଡିବୋଲି (ଉପରଲିଖିତ ବିଭିନ୍ନ ଅଞ୍ଚଳରେ ବୋଲାଯାଉଥିବା ଭାଷାର



ଟିପ୍ପଣି

ମିଶ୍ରଣ)ରେ ତିଆରି ହୋଇଥିଲା । ଏହି ଭାଷା ପାରସିକ ଭାଷାର ଲିପି ତଥା ସାହିତ୍ୟିକ ଶୈଳୀକୁ ଗ୍ରହଣ କରିଥିଲା । ଉର୍ଦ୍ଦୁ ଶବ୍ଦର ମୂଳ ରୂପ ତୁର୍କୀ ଶବ୍ଦରୁ ଆସିଛି, ଯାହାର ଅର୍ଥ ସେନା ଅଥବା ଶିବିର । ଏପରି ଜଣାଯାଏ ଯେ, ଉର୍ଦ୍ଦୁ ଭାଷାର ସୃଷ୍ଟି ମୁଖ୍ୟତଃ ତୁର୍କୀ ଶିବିରମାନଙ୍କରେ ଥିବା ଅଧିକାରୀ ତଥା ସୈନିକମାନଙ୍କ ମଧ୍ୟରେ ହେଉଥିବା ବାର୍ତ୍ତାଳାପରୁ ହୋଇଛି । ହିନ୍ଦ୍‌ଭି ଭାଷାରୁ କ୍ରମଶଃ ଉର୍ଦ୍ଦୁ ତଥା ହିନ୍ଦୀ ଭାଷାର ଆକାର ବୃଦ୍ଧି ପାଇଥିଲା । ଅମୀରଖୁସ୍ରୁଙ୍କର ରଚନାଗୁଡିକ ଏହି ଭାଷାର ମୂଳଦୁଆ ପକାଇଥିଲା । ଦକ୍ଷିଣରେ ଚତୁର୍ଦ୍ଦଶ ଶତାବ୍ଦୀଠାରୁ ଏହି ଭାଷାର ପ୍ରୟୋଗ ଏକ ନୂଆ ବୋଲିର ଜନ୍ମ ଦେଲା ଯାହାକୁ ଦକ୍ଷିଣୀ କୁହାଗଲା । ଏହି ଭାଷାର ମୁଖ୍ୟ କେନ୍ଦ୍ର ଥିଲା, ଗୁଜରାଟ, ବିଜାପୁର, ଗୋଲକୁଣ୍ଡା, ବିଦର ତଥା ଔରଙ୍ଗାବାଦ । ଏହି ପରମ୍ପରାର ସବୁଠାରୁ ପୁରୁଣା ଲେଖକ ଥିଲେ ସୟେଦ ବନ୍ଦା ନୱାଜ ଗେସୁଦରାଜ ଯିଏକି ବାହାମାନୀ ସାମ୍ରାଜ୍ୟର ପ୍ରମୁଖ ସୁଫୀ ସନ୍ଥ ଥିଲେ । ବିଜାପୁରର ସୁଲତାନ, ଦ୍ୱିତୀୟ ଇବ୍ରାହିମ୍ ଆଦିଲଶାହା ନିଜେ ଥିଲେ କଳାର ମହାନ ସଂରକ୍ଷକ ତଥା ଦକ୍ଷିଣୀ ଭାଷାରେ ସଂଗୀତ ଉପରେ ଲେଖାଯାଇଥିବା କେତେକ ବହିର ଲେଖକ ।

ସପ୍ତମ ଓ ଅଷ୍ଟମ ଶତାବ୍ଦୀର ମଧ୍ୟଭାଗରେ ତଥା ଚତୁର୍ଦ୍ଦଶ ଶତାବ୍ଦୀରେ ହିନ୍ଦୀ ଅପଭ୍ରଂଶ ଅବସ୍ଥାରେ ବିକଶିତ ହୋଇଥିଲା । ଏହାକୁ ବୀରଗାଥା କାଳ (ବୀରୋଚିତ କାବ୍ୟଯୁଗ) ବା ଆଦି କାଳ (ପ୍ରାଥମିକ ସମୟ) ରୂପେ ବର୍ଣ୍ଣନା କରାଯାଉଥିଲା । ବିଭିନ୍ନ ରାଜପୁତ ଶାସକମାନେ ହିନ୍ଦୀର ରାଜପୁତ ଭାଷାରେ ଲେଖା ଯାଇଥିବା ରଚନାଗୁଡିକୁ ସଂରକ୍ଷଣ କରୁଥିଲେ ଓ ସେମାନେ ଏହାର ବୀରତା ତଥା ବାହାଦୁରୀର ଗୁଣଗାନ କରୁଥିଲେ । ଏହି ପ୍ରମୁଖ ରଚନାଗୁଡିକ ମଧ୍ୟରେ ଥିଲା ଚାନ୍ଦ ବରଦାଇଙ୍କ ରଚିତ ପୃଥ୍ୱୀରାଜରାସୋ । ଅନ୍ୟ ରଚନାଗୁଡିକ ମଧ୍ୟରେ ଥିଲା ବିସାଲଦେବ ରାସୋ ଓ ହମିର ରାସୋ । କେତେକ ରଚନାର ପ୍ରାମାଣିକତାରେ ସନ୍ଦେହ ରହିଛି କାରଣ ମୂଳରଚନାରେ ବିଭିନ୍ନ ତଥ୍ୟ ମଝିରେ ମଝିରେ ଭର୍ତ୍ତି କରାଯାଇଛି । ଜୈନ ତଥା ବୌଦ୍ଧ ସାହିତ୍ୟର ମଧ୍ୟ ଅନେକ ସର୍ଜନା ମିଳିଥାଏ, ଯାହା ଏହି ସମୟର କୃତି ବୋଲି ପ୍ରମାଣ ରହିଛି ।

ଚତୁର୍ଦ୍ଦଶ ଓ ପଞ୍ଚଦଶ ଶତାବ୍ଦୀରେ ହିନ୍ଦୀ ଭାଷାର ବିକାଶ ଆଉ ଏକ ମାର୍ଗ ଦେଇ ସଂଭବ ହୋଇଥିଲା । ତାହା ହେଲା ହିନ୍ଦୀରେ ଲିଖିତ ଭକ୍ତି ପରଂପରା ଓ ବିଚାରଧାରା । କବୀର ଏକ ନୂତନ ଶୈଳୀ 'ଉଲଟବାସୀ'ର ପ୍ରୟୋଗ କରିଥିଲେ ଯେଉଁଥିରେ ବିରୋଧାଭାସ ତଥା ଦୁର୍ବୋଧ ବିଷୟମାନ ସମ୍ମିଳିତ ଥିଲା । ଯେତେବେଳେ ତୁଳସୀଦାସଙ୍କ ପରି ଭକ୍ତି ସନ୍ଥମାନେ ହିନ୍ଦୀର ଅବଧି ଶୈଳୀର ପ୍ରୟୋଗ କରିଥିଲେ ସେତେବେଳେ ମୀରାବାଇଙ୍କ ପରି ଅନ୍ୟମାନେ ରାଜସ୍ଥାନର ମାର୍‌ୱାଡୀ ଶୈଳୀ (ବୋଲି) ପ୍ରୟୋଗ କରିଥିଲେ ଓ ସୁର ଦାସ ବ୍ରଜଭାଷା ବ୍ୟବହାର କରିଥିଲେ । ସୁଫୀ ସନ୍ଥମାନେ ନିଜର ବିଚାରଧାରାକୁ ଅଧିକମାତ୍ରାରେ ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଏହି ଭାଷାଗୁଡିକୁ ମାଧ୍ୟମ କରିଥିଲେ । ସେହି ସମୟରେ ଚିସ୍ତୀ ସନ୍ଥମାନେ ସେମାନଙ୍କର ଆଧ୍ୟାତ୍ମିକ ସଙ୍ଗୀତ ସଂପାଦନା ତଥା ଗାୟନ କରିବା ପାଇଁ ହିନ୍ଦୀ ଭାଷାର ପ୍ରୟୋଗ କରିଥିଲେ ।

**ବଙ୍ଗାଳୀ:**

ଦଶମ ଓ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଲେଖାଯାଇଥିବା ଲୋକଗୀତ, (ଚର୍ଯ୍ୟପଦ ଗୁଡିକ) ବଙ୍ଗଳା ଭାଷାର ସବୁଠାରୁ ପୁରୁଣା ରଚନା ଅଟେ । କବୀନ୍ଦ୍ର ତଥା ଶ୍ରୀକରନନ୍ଦୀଙ୍କର ରଚନାଗୁଡିକ ବଙ୍ଗଳା ସାହିତ୍ୟର ପ୍ରାରମ୍ଭିକ ରଚନା ମଧ୍ୟରେ ପ୍ରମୁଖ ଅଟେ । ଭକ୍ତି ଆନ୍ଦୋଳନର ବିକାଶ ତଥା ଚୈତନ୍ୟଙ୍କ ଦ୍ୱାରା ଲେଖାଯାଇଥିବା ଭଜନ ସମୂହ ଏହି ଭାଷାର ପ୍ରଗତି ପାଇଁ ପ୍ରୋତ୍ସାହନ ଯୋଗାଇଥିଲା । ବୃନ୍ଦାବନଦାସଙ୍କର ଚୈତନ୍ୟ ଭାଗବତ ଓ ଚୈତନ୍ୟ ମଙ୍ଗଳକୁ ବଙ୍ଗଳା ସାହିତ୍ୟର ଏକ ମୁଖ୍ୟ ଅବଦାନ ରୂପେ ବିବେଚନା କରାଯାଏ ଯାହା ସନ୍ଥଙ୍କ ମୃତ୍ୟୁର ଦଶବର୍ଷ ପରେ ତାଙ୍କ ମହାନତାର ବିବରଣୀ ଦର୍ଶାଉଥିବା ସହ ତତ୍କାଳୀନ ସମାଜର ପ୍ରଚଳିତ ବ୍ୟବସ୍ଥାର ମଧ୍ୟ ଯଥାର୍ଥ ଚିତ୍ରଣ ପ୍ରସ୍ତୁତ କରିଥିଲା । କୃଷ୍ଣଦାସ କବିରାଜଙ୍କ ଦ୍ୱାରା ରଚିତ ଚୈତନ୍ୟ ଚରିତାମୃତ ଥିଲା ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ରଚନା । ଲୋଚନ ଦାସ ଲୋକଗୀତର ଏକ ନୂତନ ଶୈଳୀ, ଧମାଲିର ବ୍ୟବହାର କରିଥିଲେ ବୋଲି ଜଣାଯାଏ । ସେହି ସମୟରେ ଲେଖାଯାଇଥିବା ବର୍ଣ୍ଣନାତ୍ମକ କବିତା ସମୂହ, ମଙ୍ଗଳକାବ୍ୟ ମଧ୍ୟ ଲୋକପ୍ରିୟଥିଲା ।

ସେମାନେ ସ୍ଥାନୀୟ ଦେବୀ ଚଣ୍ଡୀଙ୍କର ମହିମାମଣ୍ଡନ କରିଥିଲେ ତଥା ଶିବ ଓ ବିଷ୍ଣୁଙ୍କ ପରି ପୌରାଣିକ ଦେବତାମାନଙ୍କୁ ଗୃହଦେବତାରେ ପରିଣତ କରାଇଥିଲେ । ମଙ୍ଗଳକାବ୍ୟର ବର୍ଣ୍ଣନାତ୍ମକ ସ୍ୱରୂପ ପୁରାଣରୁ ଉଦ୍ଧୃତ ହୋଇଥିଲା ।

**ଆସାମିଆ ଓ ଓଡ଼ିଆ :**

ତ୍ରୟୋଦଶ ଶତାବ୍ଦୀରେ ହେମସରସ୍ୱତୀ, ପ୍ରହ୍ଲାଦଚରିତ ତଥା ହରଗୌରୀ ସାମ୍ୟଦକୁ ଆସାମ ଭାଷାର ପ୍ରଥମ ରଚନା ରୂପେ ବିବେଚନା କରାଯାଏ । ଭକ୍ତି ଆନ୍ଦୋଳନ ଆସାମରେ ସାହିତ୍ୟର ବିକାଶରେ ସହଯୋଗ କରିଥିଲା । ବୈଷ୍ଣବ ଧର୍ମର ପ୍ରୋତ୍ସାହିତ କରିଥିବା ଶଙ୍କରଦେବ ମଧ ଆସାମୀୟ କବିତାର ବିକାଶ ପାଇଁ ସାର୍ଥକ ଯୋଗଦାନ କରିଥିଲେ । ତାଙ୍କର ଶିଷ୍ୟ, ମାଧବ ଦାସ ଭକ୍ତିର ବିଭିନ୍ନ ଦୃଷ୍ଟିକୋଣକୁ ବର୍ଣ୍ଣନା କରି 'ଭକ୍ତି-ରତ୍ନାବଳୀ' ଲେଖିଥିଲେ ଓ ବୃନ୍ଦାବନରେ କୃଷ୍ଣଙ୍କର ଜୀବନୀ ବର୍ଣ୍ଣନା କରି 'ବରଗୀତ' ରଚନା କରିଥିଲେ । ପୁରାଣଗୁଡିକ ମଧ ଆସାମୀୟ ଭାଷାରେ ଅନୁବାଦ କରାଯାଇଥିଲା । ଓଡ଼ିଶାରେ ସାରଳାଦାସଙ୍କର ରଚନାକୁ ଓଡ଼ିଆ ଭାଷାର ପ୍ରଥମ କୃତି ରୂପେ ଗଣନା କରାଯାଏ । ମଧୁସୂଦନ, ଭୀମ ତଥା ଶସୀବଙ୍କ ଦ୍ୱାରା ପୁରାଣ ଉପରେ ଆଧାରିତ ଅନେକ କାବ୍ୟ ରଚନା କରାଯାଇଥିଲା । ସେହି ସମୟରେ ଲେଖାଯାଇଥିବା ରସକଲ୍ଲୋଳରେ ମଧ ରାଧା ଓ କୃଷ୍ଣଙ୍କ ପ୍ରେମର ଉଲ୍ଲେଖ କରାଯାଇଛି । ଅନ୍ୟ ମହତ୍ୱପୂର୍ଣ୍ଣ ରଚନା ମଧରେ ଶିଶୁ ଶଙ୍କର ଦାସଙ୍କର ଭାଷାବିଳାସ ତଥା କାର୍ତ୍ତିକ ଦାସଙ୍କ ରଚିତ ରୁକ୍ମିଣୀ ବିବାହ ମୁଖ୍ୟ ଅଟେ । ଉପେନ୍ଦ୍ର ଭଞ୍ଜଙ୍କର (୧୬୭୦-୧୭୨୦) ରଚନାଗୁଡିକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲା କାରଣ ପରବର୍ତ୍ତୀ ସମୟରେ ତାହା ଓଡ଼ିଆ ସାହିତ୍ୟର ଏକ ନୂତନ ଯୁଗର ସୂତ୍ରପାତ କରିଥିଲା ।

**ଦକ୍ଷିଣ ଭାରତର ସାହିତ୍ୟ -**

ଦକ୍ଷିଣରେ ସାହିତ୍ୟିକ ବ୍ୟକ୍ତିତ୍ୱ ମଧରେ ଭିଲିପୁତ୍ତୁରର ଜଣେ ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତି ଥିଲେ । ସଂସ୍କୃତ ଶବ୍ଦଗୁଡିକର ପ୍ରୟୋଗର ପରମ୍ପରା ତଥା ସାହିତ୍ୟିକ ଅଭିବ୍ୟକ୍ତିର ଶ୍ରେୟ ତାଙ୍କୁ ଦିଆଯାଏ । ତାମିଲ୍‌ର ଅନ୍ୟ ମହତ୍ତ୍ୱପୂର୍ଣ୍ଣ ସାହିତ୍ୟିକ ରଚନା ମଧରେ ଆମେ ବୈଷ୍ଣବ ବିଦ୍ୱାନମାନଙ୍କ ଦ୍ୱାରା ରଚିତ ଟିପ୍‌ପଣୀ ପାଇଥାଉ ଏବଂ 'ତୋଲକପ୍ପୀୟମ' ତଥା 'କୁରାଲ' ଭଳି ସଂଗମ ଯୁଗ ଉପରେ ରଚନା କରାଯାଇଥିବା ଟିପ୍‌ପଣୀ ମଧ ଦେଖାଯାଏ । ସେହି ସମୟର ଅନେକ ଦାର୍ଶନିକ ରଚନା ତଥା ଟୀକାର ପୁରାଣରେ ଉଲ୍ଲେଖ କରାଯାଇଥିଲା । ତାମିଲ ସାହିତ୍ୟର ଅଧିକାଂଶ ରଚନା ଶୈବବାଦ ତଥା ବୈଷ୍ଣବବାଦ ସହ ସଂଶ୍ଳିଷ୍ଟ । ମଧକାଳୀନ ଯୁଗର ପ୍ରମୁଖ ରଚନା ମଧରେ ଥିଲା ହରିଦାସଙ୍କ ଦ୍ୱାରା ଇରୁସମୟଭିଲକ୍କମ୍, ମରେନ୍ନରବନ୍ଦରଙ୍କ ଦ୍ୱାରା ରଚିତ ଶିବଦାରୁମୋତରମ୍ ଓ ଶୈବ ସମୟନେରୀ । ଦର୍ଶନକ୍ଷେତ୍ରରେ ଉଲ୍ଲେଖନୀୟ ରଚନା ଥିଲା ପୁରାଣ ତିରୁମାଲାଇନାଥନଙ୍କ ରଚିତ ଚିଦାମ୍ବରପୁରାଣମ୍ (୧୫୦୮) ତଥା ବାଳାସୁଭ୍ରମଣ୍ୟ କବିରାୟରଙ୍କ ରଚିତ ପାଲନିଟ୍‌ଟଲପୁରାଣମ୍ ।

ସେହି ସମୟର ସବୁଠାରୁ ପ୍ରସିଦ୍ଧ ତେଲୁଗୁ କବି ଥିଲେ, ଏରପ୍ରଗଡ ଯିଏକି ସାହିତ୍ୟ ଲେଖନୀରେ ଚମ୍ପୁ ଶୈଳୀକୁ ଲୋକପ୍ରିୟ କରାଇଥିଲେ (ଗଦ୍ୟ ତଥା ପଦ୍ୟର ମିଶ୍ରଣ) । ସେ ଭାଗବତ ପୁରାଣକୁ ମଧ ତେଲଗୁ ଭାଷାରେ ଅନୁବାଦ କରିଥିଲେ । ବିଜୟନଗରର ରାଜା କୃଷ୍ଣଦେବରାୟ ତେଲଗୁ ଭାଷାରେ ଅନେକ ରଚନା କରିଥିଲେ । ତାଙ୍କ ଦରବାରର ପ୍ରଖ୍ୟାତ କବି ଥିଲେ-ଅଲାରାନୀ ପେଦାନା ଓ ନନ୍ଦୀ ତିମ୍ମହା ଯିଏକି ପାରିଜାତପହରଣ ଲେଖିଥିଲେ । ଭାଓ୍ତୁମୂର୍ତ୍ତି ଅର୍ଥାତ୍ ରାମ ରାଜା ଭୂଷଣ ବାସୂ ଚରିତ୍ର ତଥା ହରିଶ୍ଚନ୍ଦ୍ର ନଲୋପଖ୍ୟନମ୍ (ନଳ ତଥା ରାଜା ହରିଶ୍ଚନ୍ଦ୍ରଙ୍କର କାହାଣୀ ବର୍ଣ୍ଣନ) ପାଇଁ ପ୍ରସିଦ୍ଧ ଥିଲେ । କନ୍ନଡଭାଷୀ ଅଞ୍ଚଳରେ ଜୈନ ଲେଖକମାନେ ତତ୍‌କାଳୀନ ସାହିତ୍ୟିକ ରଚନା ଉପରେ ପ୍ରଭାବ ବିସ୍ତାର କରିଥିଲେ । ସେହି ଅଞ୍ଚଳରେ ବୀରଶୈବ ଆନ୍ଦୋଳନକୁ ଲୋକ ପ୍ରିୟ କରାଇବା ପାଇଁ ବାସଭ ଓ ତାଙ୍କ ଅନୁଗାମୀମାନଙ୍କର ରଚନା କନ୍ନଡ ସାହିତ୍ୟରେ ଏକ



ଟିପ୍ପଣି

ମହତ୍ତ୍ୱପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ଆଣିଥିଲା । ଏହି ଭାଷାର ପ୍ରଗତିରେ ହୟଶାଲ ବଂଶର ଶାସକମାନଙ୍କର ପୃଷ୍ଠପୋଷକତା ଅଧିକ ସହାୟତା ଆଣିଥିଲା । ଜେରୋପାଙ୍କର ବାଦି ବିଦ୍ୟାନନ୍ଦ କନ୍ନଡ କବିମାନଙ୍କର ଏକ ସାହିତ୍ୟ ସଂକଳନ ଅଟେ । ଜୈନ ବିଦ୍ୱାନ, 'ସାଲ୍‌ଭା' ତ୍ରିଲୋକରାର (ବିଶ୍ୱତତ୍ତ୍ୱ ସମ୍ବନ୍ଧୀୟ ବିଜ୍ଞାନ), ଅପରାଜିୟାଶତକ (ଦର୍ଶନ ଶାସ୍ତ୍ର ସମ୍ବନ୍ଧୀୟ) ତଥା ଭାରତେଶ୍ୱର ଚରିତ (ପ୍ରସିଦ୍ଧ ରାଜା ଭରତଙ୍କ କାହାଣୀ) ରଚନା କରିଥିଲେ । ସେହି ସମୟରେ ମାଲାୟଲାମ୍ ଏକ ସ୍ୱତନ୍ତ୍ର ଭାଷା ରୂପରେ ପ୍ରକଟିତ ହୋଇଥିଲା । ପ୍ରାରମ୍ଭିକ ରଚନାରେ ଏହି ଭାଷା ମୌଖିକ ରୂପରେ ଥିଲା ତଥା ଚତୁର୍ଦ୍ଦଶ ଶତାବ୍ଦୀରେ ରାମ ଚରିତମ୍ ଏହି ଭାଷାର ପ୍ରଥମ ସଂକଳନ ଥିଲା । ରାମ ପାନିକରଙ୍କ ରଚନା ଭାରତ ଗାଥା, ସାବିତ୍ରୀ ମହାତ୍ମ୍ୟମ୍ ଓ ଭାଗବତମ୍ ମାଲାୟଲାମ୍ ଭାଷାର ପ୍ରମୁଖ ରଚନା ମଧ୍ୟରେ ବିବେଚନା କରାଯାଏ ।

## INTEXT QUESTIONS 14.4 - ପ୍ରତ୍ୟାଶିତ ପୂର୍ବଜ୍ଞାନ

୧. ସଂସ୍କୃତରେ ଲେଖାଯାଇଥିବା ଦୁଇଟି ପ୍ରମୁଖ ଗ୍ରନ୍ଥର ନାମ ଲେଖ ।

_______________

୨. କାବ୍ୟ କ'ଣ ?

_______________

୩. ଅମୀର ଖୁସ୍ରୁ କିଏ ଥିଲେ ?

_______________

୪. ଜିୟାଉଦ୍ଦୀନ୍ ବରାନୀଙ୍କ ଦ୍ୱାରା ରଚିତ ଦୁଇଟି ପ୍ରମୁଖ ରଚନାର ନାମ ଲେଖ ।

_______________

୫. ସବକ୍-ଇ-ହିନ୍ଦ୍' କହିଲେ ତୁମେ କ'ଣ ବୁଝ ?

_______________

୬. ମଧ୍ୟଯୁଗରେ ବିକଶିତ ହୋଇଥିବା ଚାରୋଟି ଆଞ୍ଚଳିକ ଭାଷାର ନାମ ଲେଖ ।

_______________

## 14.5 MUSIC- ସଙ୍ଗୀତ

ସୁଲତାନ୍ ଯୁଗରେ ବିକଶିତ ସଙ୍ଗୀତ ସଂବଂଧରେ ବେଶି ତଥ୍ୟ ଆମ ପାଖରେ ନାହିଁ । ସେହି ସମୟରେ ସଙ୍ଗୀତର ଏକ ମହତ୍ତ୍ୱପୂର୍ଣ୍ଣ ଯୁଗ ଆମକୁ ଅମୀର ଖୁସ୍ରୁଙ୍କ ସମୟରେ ଦେଖାଯାଇଥାଏ । କୁହାଯାଏ, ଏହିଯୁଗରେ କୱାଲି ଶୈଳୀର ଉଦ୍ଭବ ହୋଇଥିଲା । କେତେକ ଆଧୁନିକ ରାଗ ଯଥା ୟମନ, ଖୋରା, ତଥା ସନମର ବିକାଶର ଶ୍ରେୟ ମଧ ତାଙ୍କୁ ଦିଆଯାଏ । ସେ ସଙ୍ଗୀତରେ ନୂଆ ବିଦ୍ୟାଯନ୍ତ୍ରର ଆବିଷ୍କାର କରିଥିଲେ ଯେମିତିକି ସୀତାର, ଯେଉଁଥିରେ ଭାରତର ବୀଣା ଓ ଇରାନ୍‌ର ତମ୍ବୁରାର ମିଶ୍ରଣର ରୂପ ଦେଖାଯାଏ । ଦକ୍ଷିଣ ଏସିଆରେ ରବାବ୍ ତଥା ସାରଂଗୀ ପରି ନୂତନ ବାଦ୍ୟଯନ୍ତ୍ର ତୁର୍କମାନଙ୍କ ସହ ଆସିଥିଲା । ବୃନ୍ଦାବନରେ ସ୍ୱାମୀ ହରିଦାସ ସଙ୍ଗୀତକୁ ପ୍ରୋତ୍ସାହନ ଦେଇଥିଲେ ତଥା ମୋଗଲ ସମ୍ରାଟ୍ ଆକବରଙ୍କ ଦରବାରରେ ଥିବା ତାନ୍‌ସେନ୍‌ଙ୍କୁ ସଙ୍ଗୀତ ଶିକ୍ଷା ପ୍ରଦାନ କରିଥିଲେ । ତାନ୍‌ସେନ୍‌ଙ୍କୁ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ମୁଖ୍ୟ ବ୍ୟାଖ୍ୟାକାର କୁହାଯାଏ । ତାଙ୍କୁ କେତେକ ନୂଆ ରାଗ ଯେମିତିକି ମିଆଁ-କି-ମହ୍ଲାର, ମିଆଁ-କି-ଟୋଡି ଓ ଦରବାରୀର ସୃଜନ କରିଥିବାର ଶ୍ରେୟ ମଧ ଦିଆଯାଏ । ଉତ୍ତର ଭାରତ ସଙ୍ଗୀତର ଶୈଳୀରେ ଧ୍ରୁପଦ ଶୈଳୀର ପ୍ରସାର

ଟିପ୍ପଣି

ପାଇଁ ରାଜାମାନସିଂହ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଦକ୍ଷିଣରେ ସେହି ସମୟରେ ଜନନ ତଥା ଜନ୍ୟ ରାଗର ନୂତନ ଶୈଳୀ ପ୍ରଚଳିତ ହେଉଥିଲା । କୋଣ୍ଡାଭିଡୁର ରାମମାତ୍ୟଙ୍କ ଦ୍ୱାରା (୧୫୫୦ରେ) ରଚିତ ସ୍ୱରମେଳ କଳାନିଧିରେ କୋଡିଏଟି ଜନନ ତଥା ଚଉଷଠିଟି ଜନ୍ୟ ରାଗର ବର୍ଣ୍ଣନା ଦେଖିବାକୁ ମିଳେ । ଅଷ୍ଟାଦଶ ଶତାବ୍ଦୀବେଳକୁ ସଙ୍ଗୀତର ଏକ ନୂତନ ବିଦ୍ୟା ଯଥା ତରାନା, ଦାଦ୍ରା ଓ ଗଜଲର ଅସ୍ତିତ୍ୱ ଦେଖିବାକୁ ମିଳିଥିଲା ।

## 14.6 PAINTINGS - ଚିତ୍ରକଳା

ସୀମିତ ପ୍ରତିରୂପ କାରଣରୁ ସୁଲତାନ ଯୁଗରେ ଚିତ୍ରକଳାର ଅଧ୍ୟୟନ ବାଧାପ୍ରାପ୍ତ ହୋଇଥିଲା । ସୁଲତାନଯୁଗରେ ସବୁଠାରୁ ନିକଟତର ଦୃଷ୍ଟିକୋଣ ଅଧିକାଂଶ ସାହିତ୍ୟିକ ପ୍ରସଙ୍ଗର ଭିତ୍ତିଚିତ୍ରରୁ ପ୍ରାପ୍ତ ହୋଇଥାଏ । ଭିତ୍ତିଚିତ୍ରର ପ୍ରାରମ୍ଭିକ ସଂଦର୍ଭ ଇଲତୁତ୍‌ମିସ୍‌ଙ୍କ ପ୍ରଶଂସା ବର୍ଣ୍ଣନା କରୁଥିବା 'କସୀଦା'ରୁ ପ୍ରାପ୍ତ ହୋଇଥାଏ ଯେଉଁଥିରେ ଖଲିଫାଙ୍କ ରାଷ୍ଟ୍ରଦୂତର ସ୍ୱାଗତ କରିବା ପାଇଁ ତିଆରି ହୋଇଥିବା ମୁଖ୍ୟ ତୋରଣର ପ୍ରାଚୀରରେ ବର୍ଣ୍ଣିତ ଆକୃତିଗୁଡିକର ଚିତ୍ରଣ କରାଯାଇଛି । ଅନ୍ୟ ଏକ ସଂଦର୍ଭ ତାରିଖ୍-ଇ-ଫିରୋଜଶାହୀରେ ଦେଖାଯାଇଛି ଯେଉଁଥିରେ ସୁଲତାନ ଦିଲ୍ଲୀର ପ୍ରାସାଦଗୁଡିକର ପ୍ରାଚୀରରେ କଳାକୃତିରେ ମୂର୍ତ୍ତି ପ୍ରଭୃତି ଚିତ୍ରକଳା ଉପରେ ପ୍ରତିବନ୍ଧ ଲଗାଇବା ପାଇଁ ଅନୁଶାସନ ପ୍ରଣୟନ କରିଥିଲେ । ସେହି ସମୟରେ ଦକ୍ଷିଣ ଏସିଆରେ କୋରାନୀ ହସ୍ତଲିପି (ସୁଲେଖନ) ମଧ୍ୟ ଲୋକପ୍ରିୟ ଥିଲା । କୋରାନର ପ୍ରଥମ ପ୍ରତିଲିପି (୧୩୯୯ରେ) ଗୋଆଲିୟରରେ ଲେଖାଯାଇଥିଲା । ପାଣ୍ଡୁଲିପିଟି ବିଭିନ୍ନ ଆଲଙ୍କାରିକ ନମୂନା ଦ୍ୱାରା ସୁସଜ୍ଜିତ ହୋଇଥିଲା । ପଞ୍ଚଦଶ ଶତାବ୍ଦୀ ବେଳକୁ ଗୁଜରାଟ, ମାଳବ ତଥା ଜୌନପୁର ରାଜ୍ୟଗୁଡିକ କଳାର ପ୍ରମୁଖ କେନ୍ଦ୍ରରୂପେ ପ୍ରସିଦ୍ଧି ପାଇଥିଲା ।

ଭାରତରେ ମୋଗଲଶାସନକାଳରେ ଚିତ୍ରକଳାରେ ଏକ ନୂତନଯୁଗ ସୃଷ୍ଟି ହୋଇଥିଲା । ସେମାନେ ସମ୍ପୂର୍ଣ୍ଣ ଉତ୍ତର ଭାରତରେ ଚିତ୍ରକଳାର ଢାଞ୍ଚା ବଦଳାଇ ଦେଇଥିଲେ । ମୋଗଲ ଚିତ୍ରକଳା (ଶାହୀ) ସମ୍ରାଟଙ୍କ ଦରବାରରେ ପ୍ରଚଳିତ ବିଷୟ ତଥା ଶୈଳୀ ଦ୍ୱାରା ପରିଭାଷିତ ହୋଇଛି । ମୋଗଲ ଚିତ୍ରକଳାର ପ୍ରାରମ୍ଭିକ ଶୈଳୀ କାବୁଲଠାରେ ଦେଖିବାକୁ ମିଳେ । ହୁମାୟୁନଙ୍କ ଶାସନ କାଳରେ ଦୁଇଜଣ ପାରସିକ ଚିତ୍ରକାର ମୀର ସୟୈଦ ଅଲୀ ଓ ଅବଦୁସ ସମଦ ରାଜାଙ୍କର ପୃଷ୍ଠପୋଷକତା ଲାଭ କରିଥିଲେ । ଆକବର ସେମାନଙ୍କୁ ହମ୍‌ଜନାମାର ପାଣ୍ଡୁଲିପି ବ୍ୟାଖ୍ୟା କରିବା ପାଇଁ ନିଯୁକ୍ତ କରିଥିଲେ । ୧୪୦୦ ପୃଷ୍ଠା ସମ୍ବଳିତ ଏହି ପାଣ୍ଡୁଲିପିଟି ଗୋଆଲିଅର, ଗୁଜୁରାଟ, ଲାହୋର ତଥା କାଶ୍ମୀରର କଳାକାରମାନଙ୍କ ଦ୍ୱାରା ରଚିତ ହୋଇଥିଲା । ଏହି ସମୟରେ ମୋଗଲକଳାର ନୂତନ ବିଶେଷତ୍ୱ ବିକଶିତ ହୋଇଥିଲା । ଏହି ଯୁଗରେ ଗୋଟିଏ ଚିତ୍ର ଉପରେ ଦୁଇ ବା ଚାରିଜଣ ଚିତ୍ରକାରଙ୍କ ଦ୍ୱାରା ସାମୂହିକ ଉଦ୍ୟମରେ ଚିତ୍ର କରାଯାଉଥିଲା । ଏହି ସମୟରେ ଥିବା ଚିତ୍ରକଳାର ପ୍ରମୁଖ ବିଶେଷତ୍ୱଗୁଡିକ ମଧ୍ୟରେ ରହିଛି-ଚିତ୍ର ବା ଆକୃତିର ସୀମିତ ଗତିବିଧି, ଚିତ୍ରରେ ଥିବା ରେଖାଗୁଡିକର ସୂକ୍ଷ୍ମତା, ତଥା ବାସ୍ତୁଶିଳ୍ପୀ ସ୍ତମ୍ଭଗୁଡିକର ସମତଳ ଚିତ୍ରାଙ୍କନ । ମୋଗଲ ଚିତ୍ରକଳା ନିଜର ସ୍ୱାତନ୍ତ୍ର୍ୟ ତଥା ଲୟ, ବସ୍ତ୍ରରେ ଭାରତୀୟ ଶୈଳୀରେ ଦ୍ରବ୍ୟଗୁଡିକର ଚିତ୍ରଣ, ତଥା ପ୍ରଚ୍ଛଦପଟରେ ଗୌଣ ଦୃଶ୍ୟର ପ୍ରୟୋଗ ପାଇଁ ମଧ୍ୟ ବିଖ୍ୟାତ ଥିଲା । ଏହି ସମୟରେ ମୋଗଲ ଚିତ୍ରକଳାର ଦୁଇଟି ପ୍ରମୁଖ ବିଷୟବସ୍ତୁ ଥିଲା - ରାଜଦରବାରର ନିର୍ଦ୍ଦିଷ୍ଟ ଘଟଣାର ଚିତ୍ରଣ ତଥା ବିଖ୍ୟାତ ବ୍ୟକ୍ତିମାନଙ୍କର ପ୍ରତିକୃତି । ଜାହାଙ୍ଗୀରଙ୍କ ଶାସନକାଳରେ ମୋଗଲ ଚିତ୍ରକଳା ଶୈଳୀରେ କେତେକ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ଜାହାଙ୍ଗୀରଙ୍କ ସମୟରେ ଚିତ୍ରକଳା ସୁସଂଗଠିତ ଶୈଳୀ ଉପରେ ଗୁରୁତ୍ୱଆରୋପ କରେ ତଥା ବୃହତ୍ ପ୍ରାନ୍ତଥିବା ଚିତ୍ରକଳା ଦେଖାଯାଏ ଯେଉଁଗୁଡିକ ଉଦ୍ଭିଦସମୂହ ତଥା ମନୁଷ୍ୟ ଆକୃତିର ଚେହେରାର ଚିତ୍ରଣଦ୍ୱାରା ସୁସଜ୍ଜିତ ହୋଇଥାଏ । ଜାହାଙ୍ଗୀରଙ୍କ ସମୟରେ ପ୍ରାକୃତିକ ଦୃଶ୍ୟର ଚିତ୍ରାଙ୍କନ ପରିପକ୍ୱ ହୋଇଥିଲା । ଚିତ୍ରର ପୃଷ୍ଠଭୂମିରେ ବୃକ୍ଷ, ପକ୍ଷୀ, ନଦୀ ତଥା ଝରଣାର ବ୍ୟବହାର ଏହାକୁ ଅଧିକ ଲୋକପ୍ରିୟ କରାଇଥିଲା ।



ଚିତ୍ର ୧୪.୩ ମୋଗଲ ଚିତ୍ରକଳା

ଶାହାଜହାନ୍‌ଙ୍କ ସମୟର ଚିତ୍ରକଳାରେ ମୋଗଲ ଦରବାର ଓ ମହିଳା ତଥା ପ୍ରେମର ରୋଚକ ଦୃଶ୍ୟ ସବୁ ପରିଲକ୍ଷିତ ହୁଏ । ଆଉରଙ୍ଗଜେବଙ୍କ ଶାସନକାଳର ଚିତ୍ରକଳାରେ ମୋଗଲ ବାଦ୍‌ଶାହାଙ୍କର ଅଭିଯାନର ଝଲକ ଦେଖିବାକୁ ମିଳେ । ସ୍ଥାପତ୍ୟକଳା ପରି ମୋଗଲ ଚିତ୍ରକଳା ମଧ ଆଞ୍ଚଳିକ ଶୈଳୀର ବିକାଶ ତଥା ପ୍ରଗତି ପାଇଁ ମାର୍ଗ ପ୍ରସ୍ତୁତ କରିଥିଲା । ଏଥିରେ ସମାନ ବିଶେଷତ୍ୱ ଓ ଶୋଭାବର୍ଦ୍ଧକ ଚିତ୍ରର ପୁନରାବୃତ୍ତି ପାଇଁ ଚେଷ୍ଟା କରାଯାଇଥିଲା ।



ଚିତ୍ର ୧୪.୪ ରାଜପୁତ ଚିତ୍ରକଳା

ଏହି ସମୟରେ ରାଜପୁତ ଚିତ୍ରକଳାଗୁଡିକରେ ଭିନ୍ନ ଭିନ୍ନ ରାଜପୁତ ଶାସକମାନଙ୍କର ବିବିଧ ଦରବାରର ଶୈଳୀର ଚିତ୍ରଣ ଦେଖିବାକୁ ମିଳେ । ଶୋଡଷ ତଥା ସପ୍ତଦଶ ଶତାବ୍ଦୀରେ ରାଜପୁତ ଚିତ୍ରକଳାରେ କେତେକ ପୌରାଣିକ ତଥା ଦରବାର ଦୃଶ୍ୟର ଚିତ୍ର ଆମକୁ ଦେଖିବାକୁ ମିଳେ । ରାଜପୁତ ସମୟର ଚିତ୍ରକଳା ଏକ ବୃହତ୍ ଭୌଗଳିକ ଅଞ୍ଚଳରେ ବିସ୍ତାରଲାଭ କରିଥିଲା, ଯାହାର ପ୍ରତ୍ୟେକ କ୍ଷେତ୍ରରେ କଳାତ୍ମକତାର ଭିନ୍ନ ଉପ ବିଷୟର ନିର୍ମାଣ ହୋଇଥିଲା । ଅନ୍ୟ ଲୋକପ୍ରିୟ

କ୍ଷେତ୍ରୀୟ ଶୈଳୀରେ ଦକ୍ଷିଣୀ ଶୈଳୀ ମୁଖ୍ୟ ଥିଲା ତଥା ବଙ୍ଗଳା, ଗୁଜୁରାଟ ଓ ଓଡ଼ିଶାରେ ମଧ କଳାରେ କ୍ଷେତ୍ରୀୟ ଶୈଳୀର ବିକାଶ ହୋଇଥିଲା । ରାଜପୁତ ଚିତ୍ରକଳା ପୁନର୍ବାର ଅଷ୍ଟାଦଶ ଶତାବ୍ଦୀରେ ବିକଶିତ ହୋଇଥିଲା ଯେତେବେଳେ କେତେକ କଳାକାର ନିଜର ନୂତନ ସଂରକ୍ଷକମାନଙ୍କ ଦରବାରରେ ଶରଣ ନେଇଥିଲେ । ଏହି ସମୟରେ କଳାକ୍ଷେତ୍ରରେ କେତେକ କ୍ଷୁଦ୍ର ଆଞ୍ଚଳିକ ଚିତ୍ରଶୈଳୀ ଦେଖିବାକୁ ମିଳିଥିଲା । ଏହି ଚିତ୍ରଗୁଡିକ ରଙ୍ଗର ଉଜ୍ଜ୍ୱଳତା ପାଇଁ ବିଖ୍ୟାତ । ଏଥିରେ ଶିକାର ଦୃଶ୍ୟ, ବ୍ୟକ୍ତିର ରେଖାଚିତ୍ର ତଥା ସଙ୍ଗୀତ ଆସରର ବର୍ଣ୍ଣନା ଦେଖିବାକୁ ମିଳେ । ଏହି ଚିତ୍ରକଳାର ମୁଖ୍ୟ ଶୈଳୀଗୁଡିକ ଥିଲା, ମେବାର, ବୁନ୍ଦୀ ତଥା କିଶନଗଡ଼ ଶୈଳୀ ।

## INTEXT QUESTIONS 14.5 - ପ୍ରତ୍ୟାଶିତ ପ୍ରଶ୍ନ

୧. ଅମୀର ଖୁସ୍ରୁଙ୍କ ଦ୍ୱାରା ନିର୍ମିତ ସଙ୍ଗୀତ ବାଦ୍ୟ ଯନ୍ତ୍ରର ନାମ ଲେଖ ।

______________________________

୨. ଧ୍ରୁପଦଶୈଳୀର ବିକାଶରେ କିଏ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ?

______________________________

୩. ଜାହାଙ୍ଗୀରଙ୍କ ସମୟରେ ମୋଗଲ ଚିତ୍ରକଳାରେ କ'ଣ ପରିବର୍ତ୍ତନ ଦେଖାଦେଇଥିଲା ?

______________________________

୪. ମୋଗଲ ଚିତ୍ରକଳାର କେତେକ ଲୋକପ୍ରିୟ ବିଷୟବସ୍ତୁର ଉଲ୍ଲେଖକର ।

______________________________


## 14.7 ARCHITECTURE - ବାସ୍ତୁଶିଳ୍ପ

### ଦିଲ୍ଲୀ ସୁଲତାନର ବାସ୍ତୁଶିଳ୍ପ-

ମଧ୍ୟଯୁଗରେ ବାସ୍ତୁଶିଳ୍ପୀର ନୂତନ ଶୈଳୀ ଓ ରୂପ ଜନ୍ମ ନେଇଥିଲା । ଏହି ସମୟରେ ତୋରଣ ଓ ଗମ୍ବୁଜରେ ନୂଆ ସ୍ଥାପତ୍ୟର ସଂଯୋଗ ହୋଇଥିଲା । ଚୂନ-ସିମେଣ୍ଟ, ପାଣି ଓ ବାଲିର ମିଶ୍ରଣ ଭବନ ତଥା ଗୃହ ନିର୍ମାଣରେ ପ୍ରୟୋଗ କରାଯାଇ ଭବନ ତିଆରି ଶୈଳୀକୁ ସଂପୂର୍ଣ୍ଣ ବଦଳାଇ ଦେଲା । ପ୍ରକୃତ ତୋରଣର ବିକାଶ ଏହି ଯୁଗର ସ୍ଥାପତ୍ୟ କଳାର ମୁଖ୍ୟ ବିଶେଷତ୍ୱ ଥିଲା । ତୋରଣର ନିର୍ମାଣ ପାଇଁ ପଥର ତଥା ଇଟା ବକ୍ରାକାରରେ ରଖାଯାଉଥିଲା ଏବଂ ପରସ୍ପରକୁ ଉତ୍କୃଷ୍ଟ ବାନ୍ଧିବା ସାମଗ୍ରୀ ଦ୍ୱାରା ବନ୍ଧାଯାଉଥିଲା । ତୋରଣଗୁଡିକ ବିଭିନ୍ନ ଆକାରରେ ନିର୍ମାଣ ହେଉଥିଲା କିନ୍ତୁ ସବୁଠାରୁ ମୁନିଆ ଆକାରଟି ଅଧିକ ପ୍ରଚଳିତ ଥିଲା । ଚତୁର୍ଦ୍ଦଶ ଶତାବ୍ଦୀରେ ଏକ ଭିନ୍ନ ପ୍ରକାରର ତୋରଣ, ଚତୁଃକୈନ୍ଦ୍ରିକ ତୋରଣ, ତୋଗଲୋକମାନଙ୍କ ଦ୍ୱାରା ନିର୍ମାଣ କରାଯାଇଥବା ଭବନରେ ନିମିର୍ତ ହୋଇଥିଲା ।

ଉପମହାଦେଶରେ ତୁର୍କୀଯୁଗର ପ୍ରାରମ୍ଭିକ ଭବନ ନିର୍ମାଣରେ ନୂତନ ପଥରଖଣି ସାମଗ୍ରୀର ଉପଯୋଗ ଦେଖିବାକୁ ମିଳେ । ଏହି ଯୁଗର ଅଧିକତର ଭବନରେ ଯଥେଷ୍ଟ ଭାବରେ ଭବନ ଖୋଦିତ ସାମଗ୍ରୀ, ସ୍ତମ୍ଭ ତଥା ପୁରୁଣାଭବନର ଗଭୀରଖାତ ଗୁଡିକ ପୁନଃ ପ୍ରୟୋଗ ହୋଇଛି । ଏହି ସମୟରେ ରାଜମିସ୍ତ୍ରୀ କାର୍ଯ୍ୟରେ ପ୍ରଚୁର ପରିମାଣରେ ପଥରର ବ୍ୟବହାର ଦେଖାଯାଏ । ଭବନଗୁଡିକରେ ପ୍ଲାଷ୍ଟର (ପ୍ରଲେପ) କରିବା ପାଇଁ ସାଧାରଣତଃ ଖଡିଆଳ ମାଟି (ଏକ ଖଣିଜ ପଦାର୍ଥ) ବ୍ୟବହୃତ ହେଉଥିଲା । ଏହା ସହିତ ଦେଖାଯାଉଥିବା ସ୍ଥାନମାନଙ୍କରେ ଯେଉଁଠି ପାଣି ନିଷ୍କାସନ ହେବାର ସମ୍ଭାବନା ଥିଲା, ଯେପରି ଛାତ, ସୁରଙ୍ଗ ତଥା ନଳା ସେଠାରେ ଚୂନ-ପାଷ୍ଟରର ପ୍ରୟୋଗ କରାଯାଇ ସୁରକ୍ଷିତ ରଖାଯାଉଥିଲା । ପରବର୍ତ୍ତୀ ସମୟରେ ଘରଗୁଡିକରେ ଖଡିଆଳ-

ମାଟିର (ମସଲାର) ପ୍ରୟୋଗ ସର୍ବତ୍ର ଲୋକପ୍ରିୟ ହେଲା । ଏଠାରେ ଆମେ ସୁଲତାନ, ମୋଗଲ ତଥା ଆଞ୍ଚଳିକ ଶୈଳୀରେ ହୋଇଥିବା ସ୍ଥାପତ୍ୟକଳା ଯାହାର ବିକାଶ ମଧ୍ୟଯୁଗରେ ହୋଇଥିଲା ତାର ଏକ ବିସ୍ତୃତ ବିବରଣୀ ପ୍ରଦାନ କରିବା ।



*ଚିତ୍ର ୧୪.୫ କୁତବ ମୀନାର ଏବଂ ଆଲାଇ ଦରୱାଜା*

**ସୁଲତାନ ଯୁଗ:** କୁୱ୍ୱାତ୍-ଉଲ-ଇସଲାମ ମସଜିଦ୍ (୧୧୯୮), କୁତବମିନାର (୧୧୯୯-୧୨୩୫) ଅଢ଼ାଇ ଦିନ କା ଝୋପଡା (୧୨୦୦) ତଥା ଇଲତୁତ୍‌ମିସଙ୍କର ସମାଧି ପରି ସ୍ମାରକଗୁଡିକ ଭାରତ-ଇସଲାମୀୟ ସ୍ଥାପତ୍ୟ ଶୈଳୀର ପ୍ରାରମ୍ଭିକ ରୂପକୁ ଦର୍ଶାଇଥାଏ । ଆରମ୍ଭିକ ଭବନଗୁଡିକରେ ଯେଉଁଠାରେ ସ୍ଥାନୀୟ କଳାକାରମାନଙ୍କର ସ୍ମାରକର ଶୈଳୀ ପ୍ରଦର୍ଶିତ ହୋଇଥାଏ, ସେହିଠାରେ ପରବର୍ତ୍ତୀ ସମୟରେ ନିର୍ମାଣ କରାଯାଇଥିବା ଭବନରେ ଭାରତ-ଇସଲାମୀୟ ଶୈଳୀର ବିକାଶ ତଥା ପରିପକ୍ୱତା ଦେଖାଯାଇଥାଏ । ଏହି ସବୁ ସ୍ମାରକରେ ଗମ୍ବୁଜ ତଥା ତୋରଣର କ୍ରମବର୍ଦ୍ଧମାନ ବିକାଶ ଦୃଷ୍ଟିଗୋଚର ହୋଇଥାଏ । ଏହି ଶୈଳୀର ଉତ୍କୃଷ୍ଟ ନମୂନା ଇଲତୁତ୍‌ମିସ (୧୨୩୩-୩୪) ତଥା ବଲବନ୍‌ଙ୍କର (୧୨୮୭-୮୮) ସମାଧି । କୁତବ ପରିସରରେ ଅଲାଇ ଦରୱାଜା (୧୩୦୫) ତଥା ନିଜାମୁଦ୍ଦିନ୍‌ରେ ଜଗତ ଖାନା ମସଜିଦ୍ (୧୩୨୫) ଖିଲ୍‌ଜୀବଂଶର ଉତ୍କୃଷ୍ଟ ଉଦାହରଣ । ଏଠାରେ ସେଲଜକ୍ ସ୍ଥାପତ୍ୟ ପରମ୍ପରାର ପ୍ରଭାବ ସ୍ପଷ୍ଟଭାବରେ ଦେଖାଯାଏ । ଘୋଡାର ମୁନିଆଁ ଜୋତା ଆକାରର ଅର୍ଦ୍ଧଗୋଲାକୃତି ତୋରଣ ନିର୍ମାଣ, ଗମ୍ବୁଜର ନିର୍ମାଣ, ଲାଲବାଲିପଥରର ଉପଯୋଗ ତଥା କାରୁକାର୍ଯ୍ୟ ପୂର୍ଣ୍ଣ ମାର୍ବଲ ଖୋଦନ, ତୋରଣର ଭିତରପଟେ ପଦ୍ମପାଖୁଡାରେ ସଜ୍ଜିତ ଝାଲରର ଆର୍ବିଭାବ ତଥା ନୂଆ ରାଜମିସ୍ତ୍ରୀ କାର୍ଯ୍ୟ ଏହି ନୂତନ ଶୈଳୀର ବିଶେଷତ୍ୱ ଥିଲା । ତୋଗଲୋକ କାଳରେ ନୂତନ ସ୍ଥାପତ୍ୟ କଳାର ଶୈଳୀରେ ମୁଖ୍ୟ ଭବନ ନିର୍ମାଣ ସାମଗ୍ରୀରେ ଗଢ଼ାଯାଇଥିବା ଭଙ୍ଗା ଇଟା ଓ ପଥରର ବ୍ୟବହାର, ଢ଼ାଲୁଭଳି କାନ୍ଥ ତଥା ଦୁର୍ଗ, ଚତୁଃକୈନ୍ଦ୍ରକ ତୋରଣ ପରି ଏକ ନୂଆ ତୋରଣ ଶୈଳୀ, ମୁନିଆଁ ଗମ୍ବୁଜର ନିର୍ମାଣ ତଥା ଅଷ୍ଟକୋଣୀୟ ଗୁମ୍ବଜ ନିର୍ମାଣ ଯୋଜନାର ଆରମ୍ଭ ଦେଖିବାକୁ ମିଳିଥାଏ । ତୋଗଲୋକ ସ୍ଥାପତ୍ୟ ଶୈଳୀର ଆଉ ଏକ ବିଶେଷତ୍ୱ ଥିଲା ଭାଙ୍ଗିଯାଇଥିବା ଅଥବା ଢ଼ାଲୁଆକାରର କାନ୍ଥ । ଏହା ଭବନକୁ ମଜବୁତ କରି ରଖୁଥିଲା । କାଳକ୍ରମେ କେତେକ ଗମ୍ବୁଜ ଅଷ୍ଟକୋଣୀୟ ଯୋଜନା ଦ୍ୱାରା ନିର୍ମିତ ହୋଇଥିବାସ୍ଥଳେ ଆଉ କେତେକ ସମକୋଣୀୟ ଯୋଜନାର ଅନ୍ତର୍ଗତ ଥିଲା । ସୁରବଂଶର ସ୍ଥାପତ୍ୟ ସ୍ମାରକଗୁଡିକୁ ଆମେ ଦୁଇ ଭାଗରେ ବିଭକ୍ତ କରିପାରିବା ।

ପ୍ରଥମଟି ଶେରଶାହା ସୁରୀଙ୍କ ପିତା ଓ ତାଙ୍କ ନିଜସ୍ୱ ସମାଧିସମ୍ଭ ଯେପରି ସସାରାମ (୧୫୩୦-୪୦) ଠାରେ ଥିବା ସ୍ମାରକ । ଦ୍ୱିତୀୟ ପର୍ଯ୍ୟାୟର (୧୫୪୦-୧୫୪୫) ସ୍ମାରକଗୁଡିକ ଦିଲ୍ଲୀର ପୁରୁଣାକିଲ୍ଲା ତଥା କିଲ୍ଲା ଭିତରେ ଥିବା କିଲାଇ କୁନ୍‌ହା ମସ୍‌ଜିଦ୍ ରୂପରେ ଆମେ ଦେଖିବାକୁ ପାଉ । ମୋଗଲଯୁଗରେ ହୋଇଥିବା ଚତୁଃକୈନ୍ଦ୍ରିକ ତୋରଣର ବିକାଶ ପୂର୍ବରୁ ସିଂହାସନରେ ଥିବା ବକ୍ରରେ ସାମାନ୍ୟ ସମାନତା ଏହି ପର୍ଯ୍ୟାୟର ଅନ୍ତିମ ଅବସ୍ଥା ଆଡକୁ ସୂଚାଇଥାଏ ।



ଟିପ୍ପଣି



**ଆଞ୍ଚଳିକ ପ୍ରଭେଦ :** ଏହି ସମୟରେ ଆମକୁ ଆଞ୍ଚଳିକ ସ୍ତରରେ ସ୍ଥାପତ୍ୟକଳାର ବିଭିନ୍ନ ଶୈଳୀର ବିକାଶ ଦେଖିବାକୁ ମିଳେ । ପୂର୍ବ ଭାରତରେ ବଙ୍ଗଳା ଓ ଜୌନପୁରରେ ଦୁଇଟି ପୃଥକ୍ ଶୈଳୀର ବିକାଶ ପରିଲକ୍ଷିତ ହୋଇଥିଲା । ବଙ୍ଗଳା ଶୈଳୀର ମୁଖ୍ୟ ଭବନଗୁଡିକ ମାଲ୍‌ଦା ଜିଲ୍ଲା ଅନ୍ତର୍ଗତ ଗୌର ଏବଂ ପାଣ୍ଡୁଆ ସହରରେ ଦେଖିବାକୁ ମିଳେ । ଏଠାରେ ଦୁଇଟି ମୁଖ୍ୟ ବିଶେଷତ୍ୱର ପ୍ରାରମ୍ଭ ହୋଇଛି । ପ୍ରଥମ ବିଶେଷତ୍ୱ ହେଉଛି- (ତୀଖ), ପତନ ମୁଖୀ ତୋରଣ ଯାହାର ଦୂରତ୍ୱ ନିଜର ବ୍ୟାସାର୍ଦ୍ଧ ତଥା ମୁଖ୍ୟ ସମତଳ କେନ୍ଦ୍ରଠାରୁ ଅଧିକ ଥିଲା, ଦ୍ୱିତୀୟଟି ଥିଲା ତୋରଣରେ ଥିବା ଖୋପଗୁଡିକର ଛାତକୁ ଏପରି ଉଚ୍ଚା କରାଯାଇ ଥିଲା, ଯେଉଁଥିରେ ଛୋଟ ଗମ୍ବୁଜଗୁଡିକ ବ୍ୟବସ୍ଥିତ ତେରଛା ଇଟାର ସହାୟତାରେ ନିର୍ମାଣ ହୋଇଛି ଯାହାକି ଏକ ସମତଳ ପରିବର୍ତ୍ତେ ଏକ ବୃତ୍ତାକାର ଗଠନରେ ରୂପାନ୍ତରିତ କରିବା ପାଇଁ ସାହାଯ୍ୟ କରିଥିଲା । ଏହି ସମୟର ଆଉ ଏକ ବିଶେଷତ୍ୱ ଥିଲା - ବାଉଁଶରେ ନିର୍ମିତ ଭବନଗୁଡିକର ଇଟାରେ ନିର୍ମିତ ଭବନରେ ରୂପାନ୍ତରିତ ହେବା । ପୁଣି ବୃତ୍ତାକାର ଛାତର ଏକ ବିଶେଷରୂପ ବିକଶିତ ହୋଇଥିଲା । ଜୈନପୁର ସ୍ଥାପତ୍ୟ ଶୈଳୀର ବିସ୍ତୃତ ବ୍ୟାଖ୍ୟା ସେଠାରେ ଥିବା ମସ୍‌ଜିଦ୍‌ରୁ ଜଣାଯାଏ । ଏଠାରେ ଥିବା ଶୈଳୀର ତୋଗଲକ ଶୈଳୀ ସହିତ ସାମଞ୍ଜସ୍ୟ ରହିଛି । ଅର୍ଦ୍ଧ ଗୋଲାକାର ତୋରଣ ତଥା ଲୁହା ବା କାଠ ଖମ୍ବର ପ୍ରୟୋଗ ଏହି ଶୈଳୀର ଉଲ୍ଲେଖନୀୟ ବିଶେଷତ୍ୱ ଥିଲା ।

ପଶ୍ଚିମ ଭାରତରେ ସ୍ଥାପତ୍ୟ କଳାର ଉଲ୍ଲେଖନୀୟ କାର୍ଯ୍ୟ ଚତୁର୍ଦ୍ଦଶ ଶତାବ୍ଦୀରେ ଗୁଜରାଟରେ ଦେଖିବାକୁ ମିଳେ । ଏଠାରେ ଚତୁର୍ଦ୍ଦଶ ଓ ପଂଚଦଶ ଶତାବ୍ଦୀ ମଧ୍ୟରେ ଥିବା କଳାକ୍ଷେତ୍ରରେ ପରିବର୍ତ୍ତନ ମଧ୍ୟ ଦେଖାଯାଏ । ଚଂତୁର୍ଦ୍ଦଶ ଶତାବ୍ଦୀରେ ଧ୍ୱଂସ ହୋଇଯାଇଥିବା ମନ୍ଦିରର ଭବନ ସାମଗ୍ରୀଗୁଡିକର ବହୁଳ ବ୍ୟବହାର ହୋଇଥିବା ସ୍ଥଳେ ପଂଚଦଶ ଶତାବ୍ଦୀରେ ଏକ ନୂତନ ଶୈଳୀର ବିକାଶ ହୋଇଥିଲା । ଏହି ନୂତନ ଶୈଳୀରେ ମସ୍‌ଜିଦ୍ ଗଢ଼ିବା ପାଇଁ ମନ୍ଦିରର ସ୍ଥାପତ୍ୟଶୈଳୀର ଛାପକୁ ଅନୁକରଣ କରାଯାଉଥିଲା । ମଧ୍ୟଭାରତର ମାଳବ ଅଞ୍ଚଳରେ ଏକ ନୂତନ କଳାଶୈଳୀର ବିକାଶ ଉଲ୍ଲେଖନୀୟ ଥିଲା । ଧର ଓ ମାଣ୍ଡୁ ସହର ଏହି ଶୈଳୀର ପ୍ରମୁଖ ଉଦାହରଣ ।

ଅନ୍ୟ ଏକ ପ୍ରଧାନ ଅଞ୍ଚଳ ଯେଉଁଠାରେ ଏକ ପୃଥକ୍ ସ୍ଥାପତ୍ୟ ଶୈଳୀ ବିକଶିତ ହୋଇଥିଲା, ତାହା ଥିଲା ଦାକ୍ଷିଣାତ୍ୟ ଯେଉଁଠାରେ ଉତ୍ତର ଭାରତୀୟ ସ୍ଥାପତ୍ୟ କଳା ତୁଳନାରେ ବାହାମାନୀ ରାଜ୍ୟରେ ଏକ ଭିନ୍ନ କଳାଶୈଳୀର ବିକାଶ ହୋଇଥିଲା । ଦାକ୍ଷିଣାତ୍ୟ ଶୈଳୀରେ ଉତ୍ତର ଭାରତର ତୋଗଲୋକଶୈଳୀ ତଥା ପାର୍ସୀ (ଇରାନୀୟ) ଶୈଳୀର ମିଶ୍ରଣ ଦେଖାଯାଏ । ଏଠାର ବାସ୍ତୁଶିଳ୍ପୀ ଶୈଳୀ ରାଜ୍ୟର ରାଜଧାନୀ ଗୁଲବର୍ଗାରୁ ( ୧୩୪୭ ) ବିଦର ( ୧୪୨୫ ) ଓ ପରବର୍ତ୍ତୀ ସମୟରେ ଗୋଲକୁଣ୍ଡା ( ୧୫୧୨ )କୁ ସ୍ଥାନାନ୍ତରିତ ହେବା ସମୟର ସ୍ଥାପତ୍ୟ ଶୈଳୀ ସହ ମେଳଖାଏ । ପ୍ରଥମ ପର୍ଯ୍ୟାୟରେ ଗୁଲବର୍ଗାର ସ୍ଥାପତ୍ୟ ଶୈଳୀ ସ୍ୱତନ୍ତ୍ର ଇସଲାମୀୟ ବାସ୍ତୁଶିଳ୍ପ ତଥା ତୋଗଲୋକ ଶୈଳୀର ପ୍ରତିନିଧିତ୍ୱ କରେ । ଦ୍ୱିତୀୟ ପର୍ଯ୍ୟାୟରେ ପାର୍ସୀ (ଇରାନୀୟ) ବାସ୍ତୁ ଶୈଳୀର ଉପଯୋଗ କରାଯାଇଥିବା ଦେଖାଯାଏ ଯେଉଁଥିରେ ରଙ୍ଗବେରଙ୍ଗ ଟାଇଲ୍ ପ୍ରାଚୀର ଚିତ୍ର ତଥା ଗମ୍ବୁଜ ଆକାରର ପରିବର୍ତ୍ତନ ସ୍ପଷ୍ଟ ଦେଖାଯାଏ ।

ଦାକ୍ଷିଣାତ୍ୟର ଅନ୍ୟ ଏକ ପ୍ରଧାନ ଆଞ୍ଚଳିକ କଳାବିକାଶ ଥିଲା ବିଜୟନଗରର କଳା । ଏହି ସ୍ୱତନ୍ତ୍ର କଳାର ଅନୁପମ ଉଦାହରଣ ହାମ୍ପୀସହର ସ୍ଥାପତ୍ୟ ଶୈଳୀରେ ଦେଖାଯାଏ । ପ୍ରାସାଦ ତଥା ମନ୍ଦିର ବ୍ୟତୀତ ସହରରେ ଜଳସମ୍ବନ୍ଧିତ କାର୍ଯ୍ୟ ତଥା ସାଧାରଣଗୃହର ନିର୍ମାଣ ପରସ୍ପର ସହ ସଂଯୁକ୍ତ ହୋଇ କାର୍ଯ୍ୟ କରୁଥିବାର ଦେଖାଯାଏ ଯେମିତିକି ହାତୀଶାଳା ଓ ପଦ୍ମମହଲ । ଏହିଶୈଳୀର ସ୍ୱତନ୍ତ୍ର ବିଶେଷତ୍ୱ ଥିଲା ବାସ୍ତୁଶିଳ୍ପୀ ତଥା କାରୁକାର୍ଯ୍ୟ ଉଦ୍ଦେଶ୍ୟରେ ଖମ୍ବର ପ୍ରୟୋଗ । ମନ୍ଦିର ସ୍ଥାପତ୍ୟର ଏହି ଶୈଳୀ ବିଜୟନଗରର ତୁଳୁଭ ଶାସକଙ୍କ ସମୟରେ ସର୍ବୋଚ୍ଚଶିଖରରେ ପହଞ୍ଚିଥିଲା । ସ୍ଥାପତ୍ୟ କଳାର ଏହି ପରମ୍ପରା ଏକ ଆକର୍ଷକ ମୂର୍ତ୍ତିକଳାର ପରମ୍ପରା ସହ ମିଶିଥିଲା ଯେଉଁଥିରେ କେତେକ ପୌରାଣିକ ଆକୃତି ତଥା ବର୍ଣ୍ଣନାର ବ୍ୟାଖ୍ୟା କରାଯାଇଥିଲା । ହେମକୁଟ ପାହାଡ଼ରେ ଅବସ୍ଥିତ ବିରୁପାକ୍ଷ ମନ୍ଦିର, ତଥା ହଜାରା ରାମ ମନ୍ଦିର ବିଜୟନଗର ମନ୍ଦିର ସ୍ଥାପତ୍ୟ କଳାର ଏକ ଉତ୍କୃଷ୍ଟ ଉଦାହରଣ ଅଟେ ।

**ମୋଗଲଯୁଗର ସ୍ଥାପତ୍ୟ କଳା :** ଏହି ସମୟରେ ବହୁଳ ପରିମାଣରେ ସ୍ଥାପତ୍ୟକଳାର କାର୍ଯ୍ୟ ଦେଖିବାକୁ ମିଳିଥିଲା । ଏହା ଭାରତରେ ଇସଲାମୀୟ କଳାକୁ ଶୀର୍ଷକୁପହଞ୍ଚାଇଥିଲା । ଏହା ବିଚାର ଓ ଶୈଳୀର ପରସ୍ପର ଆଦାନ ପ୍ରଦାନ ଯୋଗୁଁ ଏକ ନୂତନ ଶୈଳୀ ଜନ୍ମଲାଭ କଲା ଯାହା ସୁଲତାନ ଯୁଗର ସ୍ଥାପତ୍ୟ କଳାଠାରୁ ଭିନ୍ନ ଥିଲା ତଥା ସେଥିରେ ସ୍ଥାନୀୟ ଓ ଆଞ୍ଚଳିକ ଶୈଳୀର ବିଶେଷତ୍ୱର ମଧ ସମନ୍ୱୟ ରହିଥିଲା । ମୋଗଲ ବାଦଶାହା ଆକବର ଏହି ବୃହତ୍ ଯୋଜନାର ଆରମ୍ଭ କରିଥିଲେ ।

ଏହି ଯୁଗର ପ୍ରାରମ୍ଭିକ ଭବନ ମଧରେ ୧୫୨୬ରେ ବାବରଙ୍କ ଦ୍ୱାରା ପାନିପଥ ତଥା ସମ୍ଭଲରେ ନିର୍ମିତ ଦୁଇଟି ମସ୍‌ଜିଦ୍ ରହିଛି । ବାବରଙ୍କୁ ଧୋଲପୁର, ରାମବାଗ ତଥା ଆଗ୍ରାର ଜାହାରା ବାଗରେ ଉଦ୍ୟାନ ନିର୍ମାଣ କରିବାର ଶ୍ରେୟ ଦିଆଯାଏ । ଆଗ୍ରା ତଥା ହିସାରରେ ଅବସ୍ଥିତ ଦୁଇଟି ମସ୍‌ଜିଦ୍ ଦ୍ୱିତୀୟ ମୋଗଲ ବାହଶାହା ହୁମାୟୁନ୍‌ଙ୍କ ସମୟର ଅଟେ । ମୋଗଲ ସ୍ଥାପତ୍ୟକଳାର ଭବ୍ୟତାର ଯୁଗ ହୁମାୟୁନଙ୍କର ସମାଧିସ୍ଥଳର ନିର୍ମାଣସହ ଆରମ୍ଭ ହୋଇଥିଲା ଯାହାର ନକ୍‌ସା ପାରସ୍ୟର (ଇରାନ୍‌ର) ମିରାକ୍ ମିର୍ଜା ଗିୟାସ୍‌ଙ୍କ ଦ୍ୱାରା ତିଆରି ହୋଇଥିଲା । ସେ ମସ୍‌ଜିଦ୍‌ର ନିର୍ମାଣ ପାଇଁ ନିଜସହିତ ପାରସ୍ୟର କାରିଗରମାନଙ୍କୁ ଆଣିଥିଲେ । ଏହି ମସ୍‌ଜିଦ୍ ଉଦ୍ୟାନଦ୍ୱାରା ପରିବେଷ୍ଟିତ । ଆଚ୍ଛାଦିତ ହୋଇଥିବା ବାଲିଗରଡାରେ ନିର୍ମିତ ଚଲାବାଟର ନିର୍ମାଣ ସ୍ମାରକ ମଧରେ ସବୁଠାରୁ ପ୍ରଥମ ଉଦାହରଣ ଅଟେ । ଏହି ମସ୍‌ଜିଦ୍‌ଟି ଅଷ୍ଟକୋଣୀୟ ତଥା ଏହାର ଶୀର୍ଷଭାଗରେ ଉଚ୍ଚ ଗମ୍ବୁଜ ରହିଛି । ଏହି ଗମ୍ବୁଜଟି ଏକ ଯୁଗ୍ମ ଗମ୍ବୁଜ ଯାହା ଦୁଇଟି ସ୍ତରରେ ନିର୍ମିତ ହୋଇଥିଲା । ଗୋଟିଏ ସ୍ତର ଗୃହଭିତର ଛାତ ପ୍ରସ୍ତୁତ କରୁଥିବାସ୍ଥଳେ ବାହ୍ୟସ୍ତର ଯାହା ଶିଖର ଉପରେ ଥାଏ, ତାହା ମୁଖ୍ୟ ଭବନକୁ ନିର୍ମାଣ କରୁଥିଲା ।



*ଚିତ୍ର ୧୪.୬ ହୁମାୟୁନ୍ ଟମ୍ବ (ଗମ୍ବୁଜ)*


ଆକବରଙ୍କ ସମୟରେ ଅଧିକାଂଶ ଦେଶୀୟଶୈଳୀର ବିସ୍ତାର ହୋଇଥିଲା । ଏଥିରେ ସାଧାରଣ ବାଲିଗରଢ଼ାର ପ୍ରୟୋଗ, ତୋରଣର ପ୍ରୟୋଗ (ମୁଖ୍ୟତଃ କାରୁକାର୍ଯ୍ୟପୂର୍ଣ୍ଣ) ତଥା ସାଜସଜ୍ଜାକୁ ଜନ୍ମ ଦେଇଥିଲା । ଏହି ଶୈଳୀରେ ମୁଖ୍ୟତଃ ମଜବୁତ୍ ଖୋଦିତ ଓ ଜଡିତ ପ୍ରତିରୂପ ଥିଲା ତଥା ଭିତରର କାନ୍ଥରେ ଉଜ୍ଜ୍ୱଳ ରଂଗର ପ୍ରୟୋଗ ହୋଇଥିଲା । ମହତ୍ତ୍ୱପୂର୍ଣ୍ଣ ସ୍ମାରକ ପରିଯୋଜନାରେ ଆଗ୍ରାଦୁର୍ଗ ନିର୍ମାଣ ହୋଇଥିଲା । ଦୁର୍ଗ ମଧରେ କେତେକ ଢ଼ାଞ୍ଚାର ନିର୍ମାଣରେ ଗୁଜୁରାଟୀ ତଥା ବଙ୍ଗାଳୀ ଶୈଳୀର ପ୍ରୟୋଗ ହୋଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଶାହାଜାହାନ୍‌ଙ୍କ ଦ୍ୱାରା ଦୁର୍ଗ ଓ ଏହାର ଭିତରଭାଗକୁ ଏକ ନୂତନ ରୂପ ଦେବା ପାଇଁ ନଷ୍ଟ କରିଦିଆଯାଇଥିଲା । ଲାଲ ପଥରରେ ନିର୍ମିତ



ଟିପ୍ପଣି

ସୁଦୃଢ଼ ଭବନ ମଧ୍ୟରେ ଜାହାଙ୍ଗୀର ମହଲ ଅନ୍ୟତମ । ଏଥିରେ ହିନ୍ଦୁ ତଥା ଇସଲାମୀୟ ନିର୍ମାଣ ଶୈଳୀର ସଂଯୋଗ ହୋଇଥିବାର ଜଣାଯାଏ । କାଠ ତଥା ଲୁହାସ୍ତମ୍ଭର ସମଯୋଜନ ମୁଖ୍ୟ ସ୍ଥାପତ୍ୟ ପଦ୍ଧତିର ନିର୍ମାଣ କରେ । ଏହାର ଝଲକ ଲାହୋର ତଥା ଆଲ୍ହାବାଦର ଦୁର୍ଗ ତଥା ମହଲରେ ଦୃଷ୍ଟିଗୋଚର ହୁଏ । ଫତେପୁର ସିକ୍ରୀର ନିର୍ମାଣ ସହିତ ଆକବରଙ୍କ ସମୟରେ ମୋଗଲ ସ୍ଥାପତ୍ୟକଳାର ଏକ ନୂତନ ଯୁଗ ଆରମ୍ଭ ହୋଇଥିଲା । ସହରର ତଥା ମହଲ ତିଆରିରେ (୧୫୭୧-୧୫୮୫) ଲାଲ ପଥରର ପ୍ରୟୋଗ କରାଯାଇଥିଲା । ଏହି ଭବନକୁ ଦୁଇଭାଗରେ ଅଧ୍ୟୟନ କରାଯାଇପାରିବ, ଧାର୍ମିକ ତଥା ଧର୍ମନିରପେକ୍ଷ । ଧାର୍ମିକ ଭବନ ମଧ୍ୟରେ ମୁଖ୍ୟ ଅଟେ- ଜାମା ମସଜିଦ୍, ବୁଲନ୍ଦ ଦରୱାଜା ଓ ଶେଖ୍ ସଲିମ୍ ଚିସ୍ତୀଙ୍କର ସମାଧିସ୍ଥଳ । ଧର୍ମନିରପେକ୍ଷ ଭବନ ମଧ୍ୟରେ ମହଲ, ପ୍ରଶାସନିକ ଭବନ ତଥା ଅନ୍ୟାନ୍ୟ ଭବନ ଅର୍ନ୍ତଭୁକ୍ତ । ଜାମା ମସଜିଦ୍‌ରେ ଏକ ମୌଳିକ ଯୋଜନା ରହିଛି ଯେଉଁଥିରେ କେନ୍ଦ୍ରସ୍ଥଳରେ ଏକ ଅଗଣା, ତିନିପଟରେ ଆଚ୍ଛାଦିତ ଚଲାପଥ ତଥା ଗମ୍ବୁଜ ଆକାରର ଛାତ ରହିଛି । ଏହାର ଅଗଣାରେ ସଲିମ୍ ଚିସ୍ତୀଙ୍କର ସମାଧି ରହିଛି । ଏହାର ଅନ୍ୟ ପ୍ରମୁଖ ଭବନ ମଧ୍ୟରେ ରହିଛି ଯୋଧାବାଈ ମହଲ, ପଞ୍ଚମହଲ, (ପାଞ୍ଚମହଲା ବିଶିଷ୍ଟ ଅଟ୍ଟାଳିକା ଯାହାର ଉପର ମହଲାର ଆକାର ଧିରେ ଧିରେ ସରୁ କରାଯାଇଛି), ଦିୱାନ-ଇ-ଖାସ୍ (ଆୟତାକାର ରୂପ ତଥା ବାହାରୁ ଦୁଇ ମହଲା) ଓ ଦିୱାନ୍-ଇ-ଆମ୍ । ଅନ୍ୟ ଅଟ୍ଟାଳିକା ମଧ୍ୟରେ ହାଥୀପୋଲ୍ ତଥା କାରଖାନା ମହଲ ଅନ୍ୟତମ ।

ଜାହାଙ୍ଗୀରଙ୍କ ସମୟରେ ମୁଖ୍ୟସ୍ମାରକଗୁଡିକ ମଧ୍ୟରେ ସିକନ୍ଦର ଅର୍ନ୍ତଗତ ଆକବର୍‌ଙ୍କ ସମାଧି ତଥା ଇତ୍‌ମତ୍-ଉଦ୍ଦୌଲାଙ୍କ ସମାଧି ରହିଛି । ସିକନ୍ଦରାସ୍ଥିତ ସମାଧି ଉଦ୍ୟାନ ପରିବେଷ୍ଟିତ ଅଟେ । ଏହି ସମାଧିଟି ତିନି ମହଲା ବିଶିଷ୍ଟ । ସର୍ବନିମ୍ନ ମହଲାଟି ଏକ ଆଚ୍ଛାଦିତ ମଞ୍ଚର ଆଧାର ତଥା ମଝି ମହଲାଟି ତିନି ଧାଡି ବିଶିଷ୍ଟ ଲାଲ୍ ପଥରରେ ଓ ସବୁଠାରୁ ଉପରମହଲାଟି ଧଳା ମାର୍ବଲରେ ତିଆରି ହୋଇଛି ଯାହାର ଉପରିଭାଗ ଉନ୍ମୁକ୍ତ ଓ ଚାରିପଟ ପରଦାରେ ଘେରାହୋଇଛି । ୧୬୨୨-୨୮ରେ ନିର୍ମିତ ହୋଇଥିବା ଇତ୍‌ମଦ୍-ଉଦ୍ଦୌଲାଙ୍କର ମସ୍‌ଜିଦ୍ ଆକବରଙ୍କ ସ୍ଥାପତ୍ୟ ଶୈଳୀରୁ ସଂମ୍ପୂର୍ଣ୍ଣ ଅଲଗା । ଗମ୍ବୁଜାକାର ଛାତରେ ପରିବେଷ୍ଟିତ ଏହି ମସଜିଦ୍ ଅତି ସୁନ୍ଦର ମାର୍ବଲର ନକ୍‌ସା ଦ୍ୱାରା ନିର୍ମିତ ହୋଇଛି । ଜାହାଙ୍ଗୀର କାଶ୍ମୀରର ପ୍ରସିଦ୍ଧ ମୋଗଲ ଉଦ୍ୟାନର ମୂଳଦୁଆ ପକାଇଥିବା ଜଣାଯାଏ ।



*14.7 Jama Masjid Delhi*

ଶାହାଜାହାନ୍‌ଙ୍କ ଶାସନ କାଳୀନ ମହତ୍ତ୍ୱପୂର୍ଣ୍ଣ ସ୍ମାରକ ମଧ୍ୟରେ ରହିଛି- ଲାଲ କିଲ୍ଲା (ଦିଲ୍ଲୀରେ), ମୋତି ମସ୍‌ଜିଦ୍ (ଆଗ୍ରାରେ), ଦିଲ୍ଲୀରେ ଜାମା ମସଜିଦ୍ ତଥା ଆଗ୍ରାର ତାଜମହଲ୍ । ଲାଲ୍‌କିଲ୍ଲା ଯମୁନା ନଦୀ କୂଳରେ ଆୟତାକର ରୂପରେ ନିର୍ମାଣ କରାଯାଇଛି । ଏଥିରେ ଦୁଇଟି ଦ୍ୱାର ରହିଛି- ଦିଲ୍ଲୀ ତଥା ଲାହୋର ପ୍ରବେଶପଥ । ନଦୀପଟକୁ ଛାଡି ଦୁର୍ଗର ଚାରିପଟେ ଖାଇ ରହିଛି । ଦୁର୍ଗମଧ୍ୟରେ ଥିବା ମୁଖ୍ୟ ଅଟ୍ଟାଳିକାଗୁଡିକ ହେଉଛି-ଦିୱାନ-ଇ-ଆମ, ଦିୱାନ୍-ଇଖାସ୍ ଓ ରଙ୍ଗ ମହଲ୍ । ଆଗ୍ରାର ମୋତି ମସ୍‌ଜିଦ୍ ଏକ ବିକଳ୍ପ ଯୋଜନାର ପରୀକ୍ଷା ମୂଳକ ଭାବରେ ତିଆରି ହୋଇଥିଲା ଯେଉଁଥିରେ ଉନ୍ମୁକ୍ତ ପ୍ରାର୍ଥନାସ୍ଥଳ ତଥା ମସଜିଦ୍‌ର ଗମ୍ବୁଜରେ ପ୍ରାର୍ଥନାସ୍ଥଳ ରହିଛି ଯାହାର ଚାରିକୋଣରେ ଛତ୍ରୀର ନିର୍ମାଣ କରାଯାଇଛି । ଦିଲ୍ଲୀର ଜାମା ମସଜିଦ୍ ଫତେପୁର ସିକ୍ରୀର ଜାମା ମସ୍‌ଜିଦ୍‌ର ଏକ ବୃହତ୍ ସଂସ୍କରଣ । ଏହା ଏକ ବୃହତ୍ ମଞ୍ଚ ଉପରେ ଅବସ୍ଥିତ । ମସଜିଦ୍‌ର ଭିତରଭାଗର ତିନିପଟେ ସ୍ତମ୍ଭଶ୍ରେଣୀ ରହିଛି ତଥା ଅନ୍ୟ ପଟେ ଆଶ୍ରୟସ୍ଥଳ ରହିଛି । ଆଶୟସ୍ଥଳ ଉପରେ ମାର୍ବଲରେ ତିଆରି ତିନୋଟି ଗମ୍ବୁଜ ରହିଛି । ତାଜମହଲ ଶାହାଜାହାନ୍‌ଙ୍କର ପ୍ରମୁଖ ପରିଯୋଜନା ଅଟେ । ତାଜମହଲର ନିର୍ମାଣ କାର୍ଯ୍ୟ ୧୬୩୨ରେ ଆରମ୍ଭ ହୋଇଥିଲା ତଥା ୧୬୪୩ରେ ସଂପୂର୍ଣ୍ଣ ହୋଇଥିଲା । ଏହି ଆୟତାକାର ଅଟ୍ଟାଳିକାରେ ଆବଦ୍ଧ ହୋଇଥିବା ଉଚ୍ଚ ପ୍ରାଚୀର ସହ ମଧ୍ୟଭାଗରେ ଏକ ଭବ୍ୟ ପ୍ରବେଶଦ୍ୱାର ରହିଛି । ତାଜମହଲର ମୁଖ୍ୟ ଅଟ୍ଟାଳିକାଟି ମାର୍ବଲର ଏକ ବିଶାଳ ଚଟାଣ ଉପରେ ପରିସରର ଉତ୍ତରଭାଗରେ ଅବସ୍ଥିତ । ଏହି ଅଟ୍ଟାଳିକାରେ ଏକ ବୃହତ୍ ଗମ୍ବୁଜ ରହିଛି । ଏହା ଏକ ପଦ୍ମପରି ମୁଖ୍ୟ ଢ଼ାଞ୍ଚାର ଉପରିଭାଗକୁ ଆବୃତ୍ତ କରୁଛି । ଏହି ଅଟ୍ଟାଳିକାର ଅଳଙ୍କୃତ ବିଶେଷତ୍ୱ ମଧ୍ୟରେ ମୁଖ୍ୟତଃ ବାହାରପଟେ ସୁଲେଖନ, ଜଡ଼ାଇବା କାର୍ଯ୍ୟ ତଥା ଭିତରପଟେ ସୁନ୍ଦର ଚିତ୍ରାଙ୍କନ ଦେଖାଯାଏ ।

ଦିଲ୍ଲୀରେ ଲାଲ୍‌କିଲ୍ଲାର ମୋତି ମସ୍‌ଜିଦ୍, ଲାହୋରର ବାଦଶାହୀ ମସ୍‌ଜିଦ୍ ତଥା ନିଜ ପତ୍ନୀ ରବିୟା-ଉଦ୍-ଦୌରାନ୍‌ଙ୍କ ଉଦ୍ଦେଶ୍ୟରେ ଔରଙ୍ଗାବାଦ୍‌ରେ ହୋଇଥିବା ସ୍ମାରକ ଆଉରଙ୍ଗଜେବ୍‌ଙ୍କ ସମୟର ପ୍ରମୁଖ ମୋଗଲ ଶୈଳୀର ଉଦାହରଣ ଅଟେ । ଔରଙ୍ଗାବାଦ ସ୍ମାରକ ତାଜମହଲର ପ୍ରେରଣାରେ ନିର୍ମାଣ ହୋଇଥିଲା । ଆଉରଙ୍ଗଜେବ୍‌ଙ୍କ ପରେ ସ୍ଥାପତ୍ୟକଳାର ସ୍ମାରକ ମଧ୍ୟରେ ଦିଲ୍ଲୀର ସଫ୍‌ଦରଜଙ୍ଗ୍ ସମାଧି ଅନ୍ୟତମ । ଏହି ସମାଧିରେ ଆଞ୍ଚଳିକ ଶାସକମାନଙ୍କ ଦ୍ୱାରା ମୋଗଲ ଶୈଳୀର ପରମ୍ପରା ବଜାୟ ଥିବାର ପ୍ରତୀୟମାନ ହୁଏ ।



*ଚିତ୍ର ୧୪.୮ ସଫଦରଜଙ୍ଗ ଗମ୍ବୁଜ (ଟମ୍ବ)*

**ଆଳଂକାରିକ ଶୈଳୀ** - ଏହି ଯୁଗର କଳାରେ ଅନ୍ୟଏକ ବିଶେଷତ୍ୱ ଥିଲା - ଇସାଲମୀୟ ଅଟ୍ଟାଳିକାରେ ସୌନ୍ଦର୍ଯ୍ୟକୃତ କଳା ଯାହା ଉପମହାଦେଶରେ ପ୍ରଥମଥର ପାଇଁ ଆରମ୍ଭ ହୋଇଥିଲା । ଆଳଂକାରିକ ଶୈଳୀରେ ସାଧାରଣତଃ ସୁଲେଖନ, ରେଖାଚିତ୍ର ତଥା ପତ୍ରସମୂହର ଚିତ୍ରଣ ଥିଲା । ଏହି ହସ୍ତଲିପିର ବିଶେଷ ଶୈଳୀରେ କୋରାନୀ ଶିକ୍ଷା ଅଟ୍ଟାଳିକାର କୋଣୀୟ, ସାଧା ତଥା କୁଫୀ ନାମକ ସ୍ମାରକ ଲିପି ଦ୍ୱାରା ଖୋଦିତ ହୋଇଥିଲା । ସୁଲେଖନ ଅଟ୍ଟାଳିକାର ବିଭିନ୍ନ ଭାଗରେ ଯେପରି କବାଟର ଚଉକାଠ, ଛାତ ତଥା କାନ୍ଥ ଇତ୍ୟାଦିରେ ଦେଖାଯାଉଥିଲା । ଅନ୍ୟପକ୍ଷରେ ରେଖାଚିତ୍ରର ଉପଯୋଗ ବିଭିନ୍ନ ପ୍ରକାରର ସଂଯୋଜନାରେ ଦେଖାଯାଉଥିଲା । ଏହି ଶୈଳୀର ମୁଖ୍ୟ ଉପାଦାନ ଥିଲା-ବୃତ୍ତ, ଯାହା ପରବର୍ତ୍ତୀ ସମୟରେ ବର୍ଗାକାର, ତ୍ରିକୋଣ ତଥା ବହୁକୋଣୀ ହୋଇଥିଲା । ପୁଣି ଏହି ଆକାରଗୁଡିକୁ ଗୁଣନ ତଥା ବିଭାଜନ ପଦ୍ଧତି ଦ୍ୱାରା, ଘୂର୍ଣ୍ଣନ ତଥା ସୁଠାମ ଗଢ଼ଣ ମାଧମରେ ଅଳଙ୍କୃତ କରାଯାଉଥିଲା । ଏହି ବ୍ୟବସାୟିକ ପ୍ରତିଷ୍ଠାନର ଆରମ୍ଭକୁ ଦେଖିଲେ ଜଣାଯାଏ, ଯେ, ସୁଲତାନ ଯୁଗର ଅଟ୍ଟାଳିକାରେ ଆରବ ଶୈଳୀର କାରୁକାର୍ଯ୍ୟ ପ୍ରଭାବ ରହିଛି । ଏଥିରେ ଏକ ପ୍ରକ୍ରିୟା ଚିତ୍ରିତ ଥିଲା ଯେଉଁଥିରେ ନିରନ୍ତରବୃନ୍ତଗୁଡିକ ଭାଙ୍ଗି ଯାଉଥିଲା ତଥା ଉପବୃନ୍ତ ତାହା ଆଉଏକ ଡାଳରୁ ଉତ୍ପନ୍ନ ହେଉଥିଲା ଏବଂ ପୁନର୍ବାର ଭାଙ୍ଗିଯାଇ ମୁଖ୍ୟ ସ୍ରୋତରେ ମିଶି ପ୍ରକ୍ରିୟାକୁ ପୁନଃ ସଞ୍ଚାଳନ କରୁଥିଲା ।

## INTEXT QUESTIONS 14.6 - ପ୍ରତ୍ୟାଶିତ ପ୍ରଶ୍ନ

୧. ବାସ୍ତୁଶିଳ୍ପରେ ମଧକାଳୀନ ଯୁଗରେ ହୋଇଥିବା ଦୁଇଟି ମୁଖ୍ୟ ପରିବର୍ତ୍ତନ ଲେଖ ।

_______________________________________________

୨. ପ୍ରକୃତ ତୋରଣ କ'ଣ ?

_______________________________________________

୩. ଭାରତ ଇସ୍‌ଲାମୀୟ ସ୍ଥାପତ୍ୟ କଳାର ପ୍ରାରମ୍ଭରେ ହୋଇଥିବା କେତେକ ସ୍ମାରକର ନାମ ଲେଖ ।

_______________________________________________

୪. ଫତେପୁର ସିକ୍ରୀରେ କେଉଁ ପ୍ରକାରର ପଥର ବ୍ୟବହାର ହୋଇଥିଲା ।

_______________________________________________


୫. ମଧକାଳୀନ ଯୁଗରେ ବ୍ୟବହୃତ କେତେକ ଆଳଂକାରିକ ଶୈଳୀର ନାମ ଲେଖ ।

_______________________________________________

## WHAT YOU HAVELEARNT- ଆମେ କ'ଣ ଶିଖିଲେ

ଭାରତୀୟ ତଥା ପାର୍ସୀ ଦର୍ଶନ, ସାହିତ୍ୟ, କଳା ତଥା ସ୍ଥାପତ୍ୟ କଳାର ମିଶ୍ରଣ ମଧ କାଳୀନ ଭାରତୀୟ ସଭ୍ୟତାରେ ଦେଖାଯାଇଥାଏ । ଧାର୍ମିକ କ୍ଷେତ୍ରରେ ସୁଫୀବାଦ ଓ ଭକ୍ତି ଆନ୍ଦୋଳନ ପରସ୍ପର ପରସ୍ପରକୁ ପ୍ରଭାବିତ କରିଥିଲା । ଏହା ହିନ୍ଦୁ ତଥା ମୁସଲମାନ୍‌ମାନଙ୍କୁ ଜଣେ ଅନ୍ୟର ଧାର୍ମିକ ପରମ୍ପରାକୁ ବୁଝିବା ପାଇଁ ସୁଯୋଗ ସୃଷ୍ଟି କରିଥିଲା ।

ଏକ ନୂତନ ଭାଷା ରୂପେ ଉର୍ଦ୍ଦୁଭାଷାର ଉତ୍ପତ୍ତି ପାରସ୍ପରିକ ଭାଷାର ଆଦାନ ପ୍ରଦାନ ତଥା ସଂଶ୍ଳେଷଣର ଏକ ସର୍ବଶ୍ରେଷ୍ଠ ଉଦାହରଣ ଅଟେ । ସଙ୍ଗୀତ ଓ ଚିତ୍ରକଳା କ୍ଷେତ୍ରରେ ମଧ ଏହି



ଟିପ୍ପଣି

ସମାନତା ଦେଖାଯାଇଛି । ବାସ୍ତୁଶିଳ୍ପ କ୍ଷେତ୍ରରେ ଆକାର, ଶୈଳୀ ତଥା କାରୁକାର୍ଯ୍ୟରେ ଜଣେ ଅନ୍ୟଜଣଙ୍କଠାରୁ ବହୁତ କିଛି ନେଇ ଗ୍ରହଣ କରିଛି । ଏହି ପ୍ରକାରର ମଧ ଯୁଗରେ ଦକ୍ଷିଣ ଏସିଆର ଧର୍ମ ତଥା କଳା କ୍ଷେତ୍ରରେ କେତେକ ପ୍ରଭାବଶାଳୀ ପରିବର୍ତ୍ତନ ଦେଖାଯାଏ । ସୁଫୀବାଦରେ ବଢୁଥିବା ଲୋକପ୍ରିୟତା ଇସ୍‌ଲାମକୁ ସ୍ଥାପନ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଉପମହାଦେଶରେ ସ୍ୱତନ୍ତ୍ର ଇସଲାମୀ ପରମ୍ପରା ଲୋକପ୍ରିୟ ହୋଇଥିଲା । ହିନ୍ଦୁଧର୍ମର ବିକାଶ ପାଇଁ ଭକ୍ତି ଆନ୍ଦୋଳନ ମଧ ସମାନ ଭୂମିକା ଗ୍ରହଣ କରିଥିଲା । ଗୋଟିଏ ପଟେ ଏହା ସ୍ଥାପିତ ଧାର୍ମିକ କର୍ମକାଣ୍ଡ ତଥା ସାମାଜିକ ଆଡମ୍ବରକୁ ବିରୋଧ କରିଥିଲା । ଅନ୍ୟପଟେ ଏହା ହିନ୍ଦୁ ପରମ୍ପରାର ମୁଖ୍ୟଧାରାରେ ଏକେଶ୍ୱରବାଦପରି ସିଦ୍ଧାନ୍ତକୁ ପୁନର୍ଜୀବିତ କରିଥିଲା । ଉଭୟ ସୁଫୀ ଓ ଭକ୍ତି ଆନ୍ଦୋଳନ ସ୍ଥାପିତ ଗୁରୁଙ୍କ ବୈଧତା ତଥା ତତ୍‌ସଂଲଗ୍ନ ସ୍ଥାପିତ ଧାର୍ମିକ ପରମ୍ପରା ଉପରେ ପ୍ରଶ୍ନ ଚିହ୍ନ ଉଠାଇଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯେ ଉଭୟ ସଂପ୍ରଦାୟ ପ୍ରଚଳିତ ଧାର୍ମିକ କଥା ପରମ୍ପରାର ବିରୋଧାଭାଷ କରୁଥିଲେ ମଧ କାଳକ୍ରମେ ସେମାନେ ସେହି ପ୍ରଚଳିତ ଧାର୍ମିକ ପଦ୍ଧତିର ଅଂଶରୂପରେ ସ୍ଥାପତି ହୋଇଥିଲେ ।

ମଧ୍ୟଯୁଗର ଆଉ ଏକ ମୁଖ୍ୟ ବିଶେଷତ୍ୱ ଥିଲା ଆଂଚଳିକ ଭାଷା ସାହିତ୍ୟର ଉନ୍ନତି । ଆଞ୍ଚଳିକ ଭାଷାର ବିକାଶ ନୂତନ ସାହିତ୍ୟ ତଥା କଳାର ରୂପ ନିର୍ମାଣ କରିବାରେ ସହାୟତା କରିଥିଲା । ବଙ୍ଗାଳୀ, ଗୁଜରାଟୀ, ମରାଠୀ ତଥା ତେଲଗୁ ଭାଷା ଭଳି ଆଞ୍ଚଳିକ ଭାଷାର ବିକାଶ ଏକ ମୁଖ୍ୟ ଘଟଣା ଥିଲା । ପୁଣି ଅନୁବାଦର ଲୋକପ୍ରିୟତା ପାଠକମାନଙ୍କ ସଂଖ୍ୟା ବୃଦ୍ଧି ତଥା ଚିନ୍ତାଧାରାର ଆଦାନପ୍ରଦାନରେ ସାହାଯ୍ୟ କରିଥିଲା । ଚିନ୍ତାଧାରାର ଆଦାନପ୍ରଦାନ ମଧ ସଙ୍ଗୀତର ବିକାଶ ଆଣିବାରେ ସହାୟକ ଥିଲା । ସୀତାରର ପ୍ରୟୋଗ ତଥା ସଙ୍ଗୀତର ନୂଆ ଶୈଳୀ ଏହି ଯୁଗରେ ସଙ୍ଗୀତକୁ ଅଧିକମାତ୍ରାରେ ସମୃଦ୍ଧ କରାଇଥିଲା ।

କଳା କ୍ଷେତ୍ରରେ ମୋଗଲ ତଥା ରାଜପୁତମାନଙ୍କର ପୃଷ୍ଟପୋଷକତା ପ୍ରାପ୍ତ ହୋଇଥିବା ଚିତ୍ରକଳାରେ ନୂଆ ନୂଆ ଶୈଳୀର ବିକାଶ ଦୃଷ୍ଟିଗୋଚର ହୁଏ । ଚରିତ୍ର ତଥା ଶୈଳୀର ସୁନ୍ଦର ବର୍ଣ୍ଣନ କାରଣରୁ ଭାରତର ପୂର୍ବବର୍ତ୍ତୀ ଯୁଗରେ ସାମାନ୍ୟ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ମଧ୍ୟଯୁଗୀୟ ସଂଯୋଗର ଝଲକ ନୂତନ ବାସ୍ତୁଶୈଳୀକୁ ବିକାଶମୁଖୀ କରାଇଥିବାର ଦେଖାଯାଏ । ଅଧିକ ସଂଖ୍ୟାର ଦୁର୍ଗ, ପ୍ରାସାଦ, ମନ୍ଦିର ତଥା ମସଜିଦ୍‌ର ନୂତନ ଶୈଳୀରେ ନିର୍ମାଣ ଏହି ଯୁଗର ମୁଖ୍ୟ ବିଶେଷତ୍ୱ ଅଟେ । ସୌନ୍ଦର୍ଯ୍ୟବର୍ଦ୍ଧକ ଅଳଙ୍କାରର ବ୍ୟବହାର ତଥା ଗମ୍ବୁଜର ନିର୍ମାଣ ଏହି ଯୁଗର ବାସ୍ତୁଶିଳ୍ପ ପରମ୍ପରାର ପ୍ରମୁଖ ଚିତ୍ର ଅଟେ ।

## TERMINAL QUESTIONS - ନିଜକୁ ନିଜେ ପରିଖିବା

1. ସୁଫୀବାଦର କେତେକ ମୁଖ୍ୟ ଉପାଦାନ ସମ୍ବନ୍ଧରେ ଆଲୋଚନାକର ।
2. ଖ୍ୱାଜା ବହାଉଦ୍ଦୀନ ନକ୍‌ସବନ୍ଦୀ କେଉଁ ସୁଫୀ ସଂପ୍ରଦାୟ ସ୍ଥାପନ କରିଥିଲେ । ସେମାନଙ୍କ ସଂପ୍ରଦାୟର ମୁଖ୍ୟ ବାଣୀଗୁଡିକ କ'ଣ ଥିଲା ।
3. ବିଭିନ୍ନ ଭକ୍ତି ସନ୍ଥମାନଙ୍କର ବାଣୀରେ କି ସାମଞ୍ଜସ୍ୟ ଥିଲା ।
4. ଭକ୍ତି ଆନ୍ଦୋଳନ ବଙ୍ଗଳା ଓ ମହାରାଷ୍ଟ୍ରରେ କ'ଣ ସବୁ ମୁଖ୍ୟ ବିକାଶମୂଳକ କାର୍ଯ୍ୟ କରିଥିଲା ।
5. ଗୁରୁ ନାନକଙ୍କ ଶିକ୍ଷାର ମୁଖ୍ୟ ଉପାଦାନ ଉପରେ ଆଲୋକପାତ କର ।
6. ମଧ୍ୟଯୁଗୀୟ ସଂସ୍କୃତ ଭାଷାର ସାହିତ୍ୟରେ ହୋଇଥିବା ନୂତନ ପ୍ରୟୋଗର ବିକାଶ ଉପରେ ଆଲୋକପାତ କର ।
7. ଅମୀର ଖୁସ୍ରୁ କିଏ ? ପାରସିକ ସାହିତ୍ୟର ବିକାଶରେ ତାଙ୍କର ଅବଦାନ ଉଲ୍ଲେଖ କର ।

8. ମୋଗଲଯୁଗରେ ବିକଶିତ ଚିତ୍ରକଳା ଶୈଳୀର ମୁଖ୍ୟ ବିଶେଷତ୍ୱ କ'ଣ ଥିଲା ।
9. ସୁଲତାନ ଯୁଗର ସ୍ଥାପତ୍ୟକଳାର ମୁଖ୍ୟ ବିଶେଷତ୍ୱ ତଥା ଶୈଳୀର ମୂଲ୍ୟାଙ୍କନ କର ।
10. ଆକବର ତଥା ଜାହାଙ୍ଗୀରଙ୍କ ରାଜତ୍ୱ କାଳରେ ମୋଗଲସ୍ଥାପତ୍ୟକଳାରେ ହୋଇଥିବା ନୂତନ ଶୈଳୀର ଉଦ୍‌ଭବ ବିଷୟରେ ବର୍ଣ୍ଣନା କର ।

## ANSWERS TO INTEXT QUESTIONS - ପ୍ରତ୍ୟାଶିତ ପ୍ରଶ୍ନ

1. ଜଣେ ପୀରଙ୍କୁ ସୁଫୀ ଶିକ୍ଷକ କୁହାଯାଏ ।
2. ଏକ ମହତ୍ତ୍ୱପୂର୍ଣ୍ଣ ସୁଫୀ, ଯିଏ ଇସଲାମ୍ ରହସ୍ୟବାଦକୁ ଇସ୍‌ଲାମ୍ ପରମ୍ପରାସହ ସଂଯୋଗ କରାଇଥିଲେ ।
3. ଏହା ଏକ ଶବ୍ଦ ଯାହା ଭକ୍ତି ସଂଗୀତକୁ ସୂଚାଇଥାଏ ।
4. ନିଜାମୁଦ୍ଦୀନ ଆଉଲିଆ
5. ସେ ପଞ୍ଜାବର କାଦିରିଆ ସଂପ୍ରଦାୟର ନେତା ତଥା ଆକବରଙ୍କ ସମର୍ଥକ ଥିଲେ ।

**14.2**

1. ରୁଢ଼ିବାଦୀ ବ୍ରାହ୍ମଣବାଦ
2. କବୀର, ତୁକାରାମ, ଚୈତନ୍ୟ ।
3. ସେ ବଙ୍ଗଳାର ଏକ ପ୍ରଧାନ ଭକ୍ତି ସନ୍ଥ ।

**14.3**

1. ଗୁରୁଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ରଖୁଥିବା ଶିଖ୍ ।
2. ପଞ୍ଜାବର ପ୍ରମୁଖ ବ୍ୟବସାୟିକ ଜାତି ।

**14.4**

1. ରାଜତରଙ୍ଗିଣୀ, ପୃଥ୍ୱୀ ରାଜବିଜୟ ।
2. ଏହା ଏକ କାଳ୍ପନିକ ବିବରଣ ।
3. ସେ ଏକ ପାର୍ସୀ କବି ତଥା ନିଜାମୁଦ୍ଦିନ୍ ଆଉଲିଆଙ୍କ ଶିଷ୍ୟ ଥିଲେ ଯାହାକୁ ସୁଲତାନ ଯୁଗରେ ପୃଷ୍ଠପୋଷକତା ମିଳିଥିଲା ।
4. ଫତ୍‌ୱା-ଇ-ଜାହାନଦାରୀ/ତାରିଖ୍-ଇ-ଫରୋଜଶାହୀ ।
5. ଭାରତର ପାରସିକ ସାହିତ୍ୟର ନୂତନ ଆକାର ।
6. ମରାଠୀ, ବଙ୍ଗାଳୀ, ଗୁଜରାଟୀ, ଓଡ଼ିଆ ।

**14.5**

1. ସୀତାର ।
2. ରାଜାମାନସିଂହ ।
3. ସୌନ୍ଦର୍ଯ୍ୟକୃତ ଶୈଳୀର ଉଦ୍ଭବ ଓ ପ୍ରାକୃତିକ ଚିତ୍ରଣର ବ୍ୟବହାର ।
4. ଦରବାରର କେତେକ ବିଶିଷ୍ଟ ଘଟଣା ତଥା ପ୍ରମୁଖ ବ୍ୟକ୍ତିମାନଙ୍କର ଚିତ୍ରଣ ।



ଟିପ୍ପଣି

**14.6**

1. ତୋରଣ ଓ ଗମ୍ବୁଜ ।
2. ତୋରଣ ନିର୍ମାଣ ନୂଆ ଶୈଳୀ ଯାହା ମଧ୍ୟଯୁଗରେ ଉଦ୍ଭବ ହୋଇଥିଲା ।
3. କୁଓ୍ୱାତ୍-ଉଲ୍-ଇସ୍‌ଲାମ ମସଜିଦ୍, କୁତ୍‌ବ୍ ମିନାର, ଅଢ଼ାଇଦିନ୍‌କା ଝୋପଡା ।
4. ଲାଲ୍ ବାଲିଗରଡା (ପଥର)
5. ସୁଲେଖନ/ଭୌଗଳିକ ଆକାର ।

## ପାଠାନ୍ତ ପ୍ରଶ୍ନର ସଂକେତ :

1. ଦେଖ ଅନୁଚ୍ଛେଦ ୧୪:୧ ପାରା (Paragraph) ୧, ୩, ୬ ।
2. ଦେଖ ୧୪:୧ ନକ୍‌ସବନ୍ଦୀ ସଂପ୍ରଦାୟ ।
3. ଦେଖ ୧୪:୨ ଅନୁଚ୍ଛେଦ ୧ରୁ ୪ ।
4. ଦେଖ ୧୪:୨ ବୈଷ୍ଣବ ଭକ୍ତି ।
5. ଦେଖ ଅନୁଚ୍ଛେଦ ୧୪.:୩ ପାରା ୧ ଓ ୨ ।
6. ଦେଖ ଅନୁଚ୍ଛେଦ ୧୪:୪ ସଂସ୍କୃତ ସାହିତ୍ୟ ବର୍ଣ୍ଣିତ ପାରା ।
7. ଦେଖ ୧୪:୪ ପାରସିକ ସାହିତ୍ୟ ।
8. ଦେଖ ୧୪:୬ ।
9. ଦେଖ ୧୪:୭ ଦିଲ୍ଲୀ ସୁଲତାନ ।
10. ଦେଖ ୧୪:୭ ମୋଗଲ ସାମ୍ରାଜ୍ୟ ।

**ଶବ୍ଦାବଳୀ :**

ଖାନ୍‌କାହା - ସୁଫୀ ସଂପ୍ରଦାୟର ଗତିବିଧି କେନ୍ଦ୍ର ।

ସିଲ୍‌ସିଲା - ସୁଫୀ ସଂପ୍ରଦାୟ ।

ଏକେଶ୍ୱରବାଦୀ - ଏକ ଈଶ୍ୱର ଉପରେ ବିଶ୍ୱାସ କରୁଥିବା ବ୍ୟକ୍ତି ।

ପେଟ୍ରୋଡ୍ୟୁରା - ପାରସିକ କାରୁକାର୍ଯ୍ୟପୂର୍ଣ୍ଣ ଶୈଳୀ ଯେଉଁଥିରେ ।ଧଳା/ଅନ୍ୟାନ୍ୟ ରଙ୍ଗର ପଥର/ମାର୍ବଲ ଉପରେ ରଙ୍ଗୀନ ପଥରଗୁଡିକ ଏପରି ସଜ୍ଜାଯାଏ ଯେପରି ଗୋଟିଏ ଖଣ୍ଡ ପରି ଦେଖାଯାଏ ।

ରୁହ୍ - ଆତ୍ମା ।

ହୁଲୁଲ୍ - ପବିତ୍ର ଆତ୍ମାର ମିଳନ ।

ଜିୟାରତ୍ - ସମାଧିସ୍ଥଳର ପରିଦର୍ଶନ, ଏକ ପ୍ରକାର ତୀର୍ଥଯାତ୍ରା ।

ସମା - ସୁଫୀମାନଙ୍କର ସାମୂହିକ ଗାନ, ବାଦ୍ୟ ବାଦନ ।

# 15

# ଅଷ୍ଟାଦଶ ଶତାବ୍ଦୀରେ ଭାରତର ସ୍ଥିତି

ଅଷ୍ଟାଦଶ ଶତାବ୍ଦୀରେ ଭାରତର ଦୁଇଟି ମହତ୍ୱପୂର୍ଣ୍ଣ ଉପାଦାନ ଦେଖିବାକୁ ମିଳିଥିଲା । ଏହା ଶାସନର ଢ଼ାଞ୍ଚାକୁ ସଂପୂର୍ଣ୍ଣ ରୂପେ ବଦଳାଇଦେଲା ତଥା ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ତଥା ଅର୍ଥନୈତିକ ପରିବର୍ତ୍ତନର ଶୁଭାରମ୍ଭ କରିଥିଲା । ପ୍ରଥମଟି ଥିଲା - ଶତାବ୍ଦୀର ପ୍ରଥମାର୍ଦ୍ଧରେ ମୋଗଲ ସାମ୍ରାଜ୍ୟରୁ ଆଞ୍ଚଳିକ ରାଜନୈତିକ ଶକ୍ତିକୁ ଶାସନ ହସ୍ତାନ୍ତର । ଦ୍ୱିତୀୟଟି ଥିଲା ରାଜନୈତିକ, ସାମାଜିକ ତଥା ଅର୍ଥନୈତିକ କ୍ଷେତ୍ରରେ ଆସିଥିବା ପରିବର୍ତ୍ତନ । ଅଷ୍ଟାଦଶ ଶତାବ୍ଦୀରେ ଇଂଲଣ୍ଡ ଇଷ୍ଟ ଇଣ୍ଡିଆ କମ୍ପାନୀ (English East India Company) ନିଜର ରାଜନୈତିକ ପ୍ରଭାବ ବିସ୍ତାର ପାଇଁ ଏକ ସୁଯୋଗ ପାଇଲା । ସେହି ସମୟରେ ମୋଗଲ ଶାସନର ପତନ କେତେକ ସ୍ୱାଧୀନ ରାଜ୍ୟକୁ ଜନ୍ମ ଦେଇଥିଲା । ଏହି ପରିଚ୍ଛେଦରେ ଆମେ ଭାରତର ଭିନ୍ନ ଭିନ୍ନ ଅଞ୍ଚଳରେ ସୃଷ୍ଟି ହୋଇଥିବା କେତେକ ସ୍ୱାଧୀନ ରାଜ୍ୟ ବିଷୟରେ ଅବଗତ ହେବା । ଭାରତର ତତ୍କାଳୀନ ଅର୍ଥନୀତି ଉଗ୍ର ବ୍ରିଟିଶ୍ ନୀତି ଦ୍ୱାରା ପ୍ରଭାବିତ ହୋଇଥିଲା । କୃଷିଭିତ୍ତିକ ଓ ଅଣକୃଷିଭିତ୍ତିକ ଉତ୍ପାଦନ ତଥା ବାଣିଜ୍ୟିକ ଅଭିବୃଦ୍ଧିରେ ମଧ ପରିବର୍ତ୍ତନ ଦେଖାଦେଲା । ଏହିସବୁ ବିଷୟ ଏହି ଅଧ୍ୟାୟରେ ଆଲୋଚନା କରାଯିବ । ଅଷ୍ଟାଦଶ ଶତାବ୍ଦୀର ସାମାଜିକ ତଥା ଅର୍ଥନୈତିକ ଘଟଣାବଳୀର ରୂପରେଖ ସମ୍ବନ୍ଧରେ ମଧ ଆଲୋଚନା କରିବା ।

## OBJECTIVES - ଉଦ୍ଦେଶ୍ୟ

**ଏହି ଅଧ୍ୟାୟଟି ପଢ଼ିବା ପରେ ଆମେ :-**

- ମୋଗଲ ସାମ୍ରାଜ୍ୟର ପତନର କାରଣ ତଥା ଆଞ୍ଚଳିକ ଶକ୍ତିର ଉତ୍ଥାନକୁ ବ୍ୟାଖ୍ୟା କରିବାରେ ସକ୍ଷମ ହେବା ।
- ତତ୍କାଳୀନ ପ୍ରମୁଖ ରାଜନୈତିକ ଶକ୍ତିର ବିବରଣୀ ପ୍ରଦାନ କରିପାରିବା ।
- ତତ୍କାଳୀନ ଭାରତୀୟ ଅର୍ଥବ୍ୟବସ୍ଥାରେ ଦେଖାଦେଇଥିବା ଆଞ୍ଚଳିକ ଭିନ୍ନତାର ପ୍ରଭେଦକୁ ସ୍ପଷ୍ଟ କରିପାରିବା ।
- ଅଷ୍ଟାଦଶ ଶତାବ୍ଦୀର ସାମାଜିକ ତଥା ସାଂସ୍କୃତିକ ବିଶେଷତ୍ୱକୁ ଅନୁଭବ କରିପାରିବା ।
- ଅଷ୍ଟାଦଶ ଶତାବ୍ଦୀର ମୁଖ୍ୟ ଘଟଣାବଳୀଗୁଡ଼ିକୁ ଆକଳନ କରିପାରିବା ।

## 15.1 DECLINE OF THE MUGHAL EMPIRE - ମୋଗଲ ସାମ୍ରାଜ୍ୟର ପତନ

**ପୃଷ୍ଠପଟ :** ମୋଗଲ ସାମ୍ରାଜ୍ୟର ରାଜନୈତିକ ଏକତା ଓ ଅଖଣ୍ଡତା ସମ୍ରାଟ ଆଉରଙ୍ଗଜେବଙ୍କର ସୁଦୀର୍ଘ ତଥା ଶକ୍ତିଶାଳୀ ଶାସନ ସମୟରେ ଦୋହଲି ଯାଇଥିଲା । ଏସବୁ ବାଧା ଓ ବିପରୀତ ପରିସ୍ଥିତି ସତ୍ତ୍ୱେ ମୋଗଲ ପ୍ରଶାସନ ଖୁବ୍ ଦକ୍ଷ ଥିଲା । ୧୭୦୭ରେ ଆଉରଙ୍ଗଜେବଙ୍କ ମୃତ୍ୟୁବେଳକୁ ମୋଗଲ ସେନାବହିନୀ ମଧ ଯଥେଷ୍ଟ ସୁଦୃଢ଼ ଥିଲା । ସାଧାରଣତଃ ଏହି ବର୍ଷଟିକୁ ପ୍ରଖ୍ୟାତ ମୋଗଲ



ଟିପ୍ପଣି

ତଥା ଦୁର୍ବଳ ମୋଗଲ ମାନଙ୍କର ଶାସନକୁ ପୃଥକ୍ କରିବା ପାଇଁ ବିବେଚନା କରାଯାଏ । ଆଉରଙ୍ଗଜେବଙ୍କ ମୃତ୍ୟୁପରେ ମୋଗଲ ଶାସନର ଭିତ୍ତିଭୂମି ଦୁର୍ବଳ ହୋଇଥିଲା । ସୈନ୍ୟବାହିନୀ ଦ୍ୱାରା ଏହି ବିଶାଳ ସାମ୍ରାଜ୍ୟକୁ ନିୟନ୍ତ୍ରିତ କରିବାର ଦକ୍ଷତା ପ୍ରଶାସନ ପାଖରେ ନଥିଲା । ଫଳରେ କେତେକ ପ୍ରାଦେଶିକ ଶାସନକର୍ତ୍ତା ସେମାନଙ୍କର ପ୍ରଭାବ ବିସ୍ତାର କଲେ । କାଳକ୍ରମେ ସେମାନେ (ପ୍ରାଦେଶିକ ଶାସନ କର୍ତ୍ତା) ସ୍ୱାଧୀନ ଭାବରେ ଶାସନ କରିବା ପାଇଁ ମନରେ ଉଚ୍ଚାକାଂକ୍ଷା ପାଳିଲେ । ସେତେବେଳେ ମୋଗଲ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ କେତେକ ରାଜ୍ୟ ସ୍ୱାଧୀନତା ଘୋଷଣା କଲେ । ଏହି ସମୟରେ କେତେକ ନୂତନ ଆଞ୍ଚଳିକ ଗୋଷ୍ଠୀ ମଧ୍ୟ ସଂଗଠିତ ତଥା ସମସ୍ତ ବିକାଶମୂଳକ କାର୍ଯ୍ୟ ସହ ରାଜନୈତିକ ଶକ୍ତିରୂପେ ଦୃଷ୍ଟିଗୋଚର ହେଲେ । ୧୭୦୭ ରୁ ୧୭୬୧ ପର୍ଯ୍ୟନ୍ତ (ଯେତେବେଳେ ଅହମ୍ମଦ ଶାହା ଅବଦାଲ୍ଲୀ ମରାଠା ମୁଖ୍ୟଙ୍କୁ ତୃତୀୟ ପାନିପଥ ଯୁଦ୍ଧରେ ପରାସ୍ତ କରିଥିଲେ) ଆଞ୍ଚଳିକ ଶକ୍ତିମାନଙ୍କର ଅଭିବୃଦ୍ଧିର ପ୍ରମାଣ ମିଳିଲା । ଫଳରେ ରାଜନୈତିକ ଓ ଆର୍ଥିକ ବିକେନ୍ଦ୍ରୀକରଣ ବ୍ୟବସ୍ଥା ଜନ୍ମ ନେଲା । ଏହି ସମୟରେ ରାଜନୈତିକ ତଥା ସାମରିକ ଅସ୍ଥିରତାକୁ ଆଦୌ ଭ୍ରୁକ୍ଷେପ ନକରି ସ୍ଥାନୀୟ କଞ୍ଚାମାଲ, ହସ୍ତଶିଳ୍ପ ତଥା ଖାଦ୍ୟଶସ୍ୟ ଯୋଗୁଁ ପରସ୍ପର କ୍ଷେତ୍ରୀୟ ତଥା ଅନ୍ତଃକ୍ଷେତ୍ରୀୟ ବାଣିଜ୍ୟ ମଧ୍ୟରେ ପାରସ୍ପରିକ ସଂପର୍କ ସୃଷ୍ଟିହେଲା ।

## ମୋଗଲ ସାମ୍ରାଜ୍ୟର କ୍ରମପତନ

୧୭୦୭ରେ ଆଉରଙ୍ଗଜେବ୍‌ଙ୍କର ମୃତ୍ୟୁବେଳକୁ ସୀମାନ୍ତ ଅଞ୍ଚଳରୁ ଆକ୍ରମଣର ଧମକ ମିଳିବା ଆରମ୍ଭ ହେଲା । ଏହାଦ୍ୱାରା ସାମ୍ରାଜ୍ୟର କେନ୍ଦ୍ରସ୍ଥଳରେ ସମସ୍ୟା ଦେଖାଦେଲା । ନୂତନ ଶାସକ, ପ୍ରଥମ ବାହାଦୂର ଶାହା (ଶାହାଆଲାମ୍, ଶାସନକାଳ ୧୭୦୭ରୁ ୧୭୧୨) ଏକ ବୁଝାମଣାନୀତି ଅନୁସରଣ କଲେ ଯେଉଁଥିରେ ସେ ଏହି ସାମନ୍ତମାନଙ୍କୁ କ୍ଷମାପ୍ରଦାନ କଲେ । ଏହି ସାମନ୍ତବର୍ଗ ବାଦ୍‌ଶାହାଙ୍କ ଶତ୍ରୁମାନଙ୍କୁ ସମର୍ଥନ କରୁଥିଲେ । ବାଦ୍‌ଶାହା ସେମାନଙ୍କୁ ଉପଯୁକ୍ତ ଅଞ୍ଚଳ ତଥା ପଦପଦବୀ ପ୍ରଦାନ କଲେ । ସେ ଜିଜିୟାକୁ ଉଚ୍ଛେଦ କରିନଥିଲେ କିନ୍ତୁ ଜିଜିୟା ଅସୁଲି ପାଇଁ ମଧ୍ୟ ଯତ୍ନବାନ୍ ହୋଇନଥିଲେ । ରାଜତ୍ୱର ଆରମ୍ଭରେ ସେ ଅମ୍ବର (ପରେ ଜୟପୁର) ଓ ଯୋଧପୁର ଭଳି ରାଜପୁତ୍ ରାଜ୍ୟର ରାଜାମାନଙ୍କ ଉପରେ ନିଜର ପ୍ରଭୁତ୍ୱ ବିସ୍ତାର କରିବା ପାଇଁ ଚେଷ୍ଟା କରିଥିଲେ । ମାତ୍ର ଦୃଢ଼ ପ୍ରତିରୋଧର ସମ୍ମୁଖୀନ ହେବାରୁ ସେମାନଙ୍କ ସହ ବନ୍ଧୁତା ଓ ସହଯୋଗର ଆବଶ୍ୟକତା ଅନୁଭବ କଲେ । ମୋଗଲ ମାନଙ୍କର ଏହି ସୁଚିନ୍ତିତ ନୀତି ସତ୍ତ୍ୱେ ରାଜପୁତମାନେ ମୋଗଲମାନଙ୍କ ପାଇଁ ପ୍ରତିଶ୍ରୁତିବଦ୍ଧ ଯୋଦ୍ଧା ରୂପେ ଅବତୀର୍ଣ୍ଣ ହୋଇପାରିନଥିଲେ । ମୋଗଲ ସମ୍ରାଟଙ୍କର ମରାଠାମାନଙ୍କ ପ୍ରତି ନୀତି ତାଙ୍କର ଦୁର୍ବଳତାକୁ ଦର୍ଶାଉଥିଲା । ଏଥିଯୋଗୁଁ ମରାଠାମାନେ ନିଜନିଜ ମଧ୍ୟରେ ତଥା ଦାକ୍ଷିଣାତ୍ୟରେ ମୋଗଲମାନଙ୍କ ବିରୁଦ୍ଧରେ ସଂଘର୍ଷରେ ଲିପ୍ତ ରହିଲେ । କିନ୍ତୁ ବାହାଦୁର ଶାହା ବୁନ୍ଦେଲା ରାଜା, ଛତ୍ରଶାଳ ଓ ଜାଠ୍ ପ୍ରମୁଖ ଚୁରାମଣଙ୍କ ସହ ବନ୍ଧୁତ୍ୱ ସ୍ଥାପନ କରିବାରେ ସଫଳ ହୋଇଥିଲେ । ଫଳରେ ସମ୍ରାଟ ଶିଖ୍ ବିରୋଧୀ ଅଭିଯାନରେ ଜାଠ୍ ପ୍ରମୁଖଙ୍କ ସହଯୋଗ ଲାଭ କରିଥିଲେ ।

ଜହନ୍ଦର ଶାହା (ଶାସନକାଳ ୧୭୧୨-୧୩) ମଧ୍ୟ ଥିଲେ ଜଣେ ଦୁର୍ବଳ ତଥା ଅଯୋଗ୍ୟ ଶାସକ । ତାଙ୍କର ୱାଜିର, ଜୁଲ୍‌ଫିକର୍ ଖାଁ, ସାମ୍ରାଜ୍ୟ ଚଳାଇବା ପାଇଁ ଅଭୁତପୂର୍ବ ନୀତି ଅନୁସରଣ କଲେ । ଜୁଲଫିକର୍ ଉପଲବ୍ଧି କରିଥିଲେ ଯେ ସୁଦୃଢ଼ ଶାସନ ପାଇଁ ରାଜପୁତ ତଥା ମରାଠାମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ଓ ସାମ୍ରାଜ୍ୟକୁ ରକ୍ଷାକରିବା ପାଇଁ ହିନ୍ଦୁ ପ୍ରମୁଖମାନଙ୍କ ସହ ମିତ୍ରତା ନିତାନ୍ତ ଅପରିହାର୍ଯ୍ୟ । ତେଣୁ ସେ ଆଉରଙ୍ଗଜେବ୍‌ଙ୍କ ନୀତିସବୁ ସଂପୂର୍ଣ୍ଣ ବଦଳାଇ ଦେଲେ । ଜୁଲ୍‌ଫିକର୍ ଘୃଣ୍ୟ ଜିଜିୟା କରକୁ ଉଚ୍ଛେଦ କଲେ । ଶିଖ୍‌ମାନଙ୍କ ବିରୁଦ୍ଧରେ ପୂର୍ବରୁ ଚଳି ଆସୁଥିବା ଦମନମୂଳକ ନୀତିକୁ ବଳବତ୍ତର ରଖିଲେ । ମୋଗଲ ସାମ୍ରାଜ୍ୟ ଢ଼ାଞ୍ଚାରେ ନିଜର କ୍ଷମତା ସଂପ୍ରସାରଣ କରିବାକୁ ଚାହୁଁଥିବା ସମସ୍ତ ଶକ୍ତିସହ ସେ ସହଯୋଗ ସ୍ଥାପନ କରିବାର ଲକ୍ଷ୍ୟ ରଖିଥିଲେ ।

ଜୁଲ୍‌ଫିକର୍ ଖାଁ ଆର୍ଥିକ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଅନେକ ପ୍ରୟାସ କରିଥିଲେ । ସେ ରାଜସ୍ୱ

ଟିପ୍ପଣି

ବୃଦ୍ଧି ସକାଶେ ଚେଷ୍ଟାକରି ବିଫଳ ହୋଇଥିଲେ । ନିହତ ରାଜକୁମାର ଆଦିମୁଶ୍-ଶାନଙ୍କ ପୁତ୍ର ଫାରୁକ୍ ସିୟାର ବିହାର ଓ ବଙ୍ଗଳାରୁ ଆଣିଥିବା ଅପାରଧନ ଓ ବିଶାଳ ସୈନ୍ୟବାହିନୀ ସହ ଜହନ୍ଦର ଶାହା ଓ ତାଙ୍କ ୱାଜିର ଜୁଲ୍‌ଫିକର ଖାଁଙ୍କ ଉପରେ ଆକ୍ରମଣ କଲେ । ସେତେବେଳେ ମୋଗଲ ଶାସକମାନେ ଦେଖିଲେ ଯେ ସେମାନଙ୍କ ରାଜକୋଷ ଶୂନ୍ୟପ୍ରାୟ । ଅତ୍ୟନ୍ତ ନିରାଶ ହୋଇ ସେମାନେ ନିଜର ରାଜପ୍ରସାଦରୁ ଲୁଣ୍ଠନ ଆରମ୍ଭ କଲେ । ଏପରି କି ସୈନ୍ୟବାହିନୀର ଖର୍ଚ୍ଚ ତୁଲାଇବା ପାଇଁ ସେମାନେ ରାଜପ୍ରସାଦର କାନ୍ଥ ଓ ଛାତରେ ସଜ୍ଜିତ ଥିବା ସୁନାରୂପା ଆଦି ଲୁଟିନେଲେ । ଫାରୁକ୍ ସିୟାର (ଶାସନକାଳ ୧୭୧୩-୧୯) ବିଜୟ ହାସଲ କଲେ । ଏଥିପାଇଁ ତାଙ୍କୁ ସୟୈଦ ଭାତୃଦ୍ୱୟ ଅବଦୁଲ୍ଲା ଖାଁ ଓ ହୁସେନ୍ ଅଲ୍ଲି ଖାଁ ବାର୍‌ହାଙ୍କ ଠାରୁ ସହଯୋଗ ମିଳିଥିଲା । ଫଳରେ ଭ୍ରାତୃଦ୍ୱୟଙ୍କୁ ସମ୍ରାଟ ଉଚ୍ଚ ପଦରେ ଅଧିଷ୍ଠିତ କରାଇଲେ । ସୈୟଦ ଭ୍ରାତୃଦ୍ୱୟ ୱାଜିର ଓ ମୁଖ୍ୟ ବକ୍‌ସି ପଦବୀ ଲାଭ କଲେ ଏବଂ ରାଜ୍ୟ ଶାସନରେ ନିଜର ନିୟନ୍ତ୍ରଣ ସ୍ଥାପନ କଲେ ।

ସୈୟଦ ଭ୍ରାତୃଦ୍ୱୟ ଜୁଲଫିକର୍ ଖାଁଙ୍କ ଦ୍ୱାରା ପ୍ରଚଳିତ ନିୟମକୁ ପୁନଃସ୍ଥାପିତ କଲେ । ଜିଜିୟା ତଥା ସେହିଭଳି ଅନ୍ୟ କେତେକ କରକୁ ତୁରନ୍ତ ଉଚ୍ଛେଦ କରାଗଲା । ଏହି ଭ୍ରାତୃଦ୍ୱୟ ଶିଖ୍ ବିଦ୍ରୋହକୁ ସଂପୂର୍ଣ୍ଣରୂପେ ଦମନକରି ରାଜପୁତ୍, ମରାଠା ତଥା ଜାଠ୍‌ମାନଙ୍କ ସହ ସୁସମ୍ପର୍କ ସ୍ଥାପନ ପାଇଁ ପ୍ରୟାସ କରିଥିଲେ । ମାତ୍ର ସମ୍ରାଟ ଓ ୱାଜିରଙ୍କ ମଧ୍ୟରେ ମତଭେଦ ସୃଷ୍ଟିହେବାରୁ ଏହି ନୀତି ଫଳପ୍ରଦ ହୋଇପାରିନଥିଲା । ପୁଣି ବିଭିନ୍ନ ଗୋଷ୍ଠୀମାନେ ପରସ୍ପର ମଧ୍ୟରେ ସହଯୋଗ ପାଇଁ ଅନିଚ୍ଛୁକ ଥିଲେ । ପୁଣିଥରେ ଜାଠ୍‌ମାନେ ଦିଲ୍ଲୀ ଓ ଆଗ୍ରା ମଧ୍ୟରେ ଥିବା ପ୍ରଧାନ ସଡ଼କରେ ଲୁଣ୍ଠନ ଆରମ୍ଭ କଲେ । ଜାଠ୍‌ମାନଙ୍କ ବିରୁଦ୍ଧରେ ଆକ୍ରାମକ ଅଭିଯାନ ପାଇଁ ଫାରୁକ୍ ସିୟାର ରାଜା ଜୟସିଂକୁ ପ୍ରେରଣ କଲେ । କିନ୍ତୁ ୱାଜିର ରାଜାଙ୍କ ସୁରକ୍ଷା ଦୃଷ୍ଟିରୁ ଏକ ବୁଝାମଣାରେ ଏକମତ ହେଲେ । ଏହାର ପରିଣାମ ସ୍ୱରୂପ ସମଗ୍ର ଉତ୍ତର ଭାରତରେ କେତେକ ଜମିଦାର କେତେବେଳେ ପ୍ରଚଣ୍ଡ ବିଦ୍ରୋହ କଲେ ତ ଆଉ କେତେକ ରାଜକୋଷକୁ ନିର୍ଦ୍ଧାରିତ ମାତ୍ରାରେ ରାଜସ୍ୱ ପ୍ରଦାନ କଲେନାହିଁ । ଅନ୍ୟପକ୍ଷରେ ଫାରୁକ୍ ସିଆର ଦାକ୍ଷିଣାତ୍ୟର ଶାସନକର୍ତ୍ତାମାନଙ୍କ ଅଭିଯାନକୁ ବିଫଳ କରିବା ପାଇଁ କେତେକ ମରାଠା ପ୍ରମୁଖମାନଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କଲେ । ସେତେବେଳେ ଦାକ୍ଷିଣାତ୍ୟର ସୁବେଦାର (ଶାସନକର୍ତ୍ତା) ସୟୈଦ ହୁସେନ୍ ଅଲ୍ଲୀ ଖାଁଙ୍କର ପ୍ରତିନିଧି ତଥା ସହଯୋଗୀ ହୋଇଥିବାରୁ ସମ୍ରାଟଙ୍କର (ଫାରୁକ୍ ସିୟାର) ଏହି ପତ୍ର ଦାକ୍ଷିଣାତ୍ୟର ସମସ୍ୟାକୁ ଜଟିଳ କରିଦେଲା । ପରିଶେଷରେ ୧୭୧୯ରେ ସୟୈଦ ଭ୍ରାତୃଦ୍ୱୟ ସମ୍ରାଟ୍‌ଙ୍କୁ ପଦଚ୍ୟୁତ କରିବା ପାଇଁ ଯୋଧପୁରରୁ ଅଜିତ୍ ସିଂ ଓ ମରାଠା ସେନାମାନଙ୍କୁ ଆମନ୍ତ୍ରଣ କରିଥିଲେ ।

ଫାରୁକ୍‌ସିଆରଙ୍କ ହତ୍ୟା ସୟୈଦମାନଙ୍କ ବିରୁଦ୍ଧରେ ବିଭିନ୍ନ ସାମନ୍ତଶ୍ରେଣୀ ମଧ୍ୟରେ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ କଲା । ଏହି ସାମନ୍ତଗୋଷ୍ଠୀ ସୟୈଦମାନଙ୍କର ପ୍ରଭୁତ୍ୱ ଓ ପ୍ରତିପତ୍ତିକୁ ସହ୍ୟ କରିପାରୁନଥିଲେ । ଏମାନଙ୍କ ମଧ୍ୟରୁ କେତେକ ଅମୀର, ମୁଖ୍ୟତଃ ଆଉରଙ୍ଗଜେବ୍‌ଙ୍କ ସମସାମୟିକ ପୁରୁଣା ସାମନ୍ତମାନେ ୱାଜିର୍‌ଙ୍କ ଭୂ-ରାଜସ୍ୱ ପ୍ରତି ଥିବା ପ୍ରୋତ୍ସାହନକୁ ସମାଲୋଚନା କଲେ । ସେମାନଙ୍କ ମତରେ ଏହି ପ୍ରୋତ୍ସାହନ ଦ୍ୱାରା ମୋଗଲ ଶାସନ ନୀତିର ଉଲଙ୍ଘନ ହେଉଥିଲା । ଫାରୁକ୍ ସିଆରଙ୍କ ସ୍ଥାନରେ ସୈୟଦ୍‌ମାନେ ୧୭୧୯ରେ ଆଠମାସ ମଧ୍ୟରେ ତିନିଜଣ ଯୁବ ରାଜକୁମାରଙ୍କୁ ଜଣକ ପରେ ଜଣକୁ ସିଂହାସନରେ ବସାଇଲେ । ଏହା ମଧ୍ୟରୁ ଦୁଇଜଣ, ରଫୀ-ଉର୍-ଦରାଜତ୍ ତଥା ରଫୀ-ଉଦ୍-ଦବ୍‌ତାହା (ଦ୍ୱିତୀୟ ଶାହାଜାହାନ୍) ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ । ତୃତୀୟ ରାଜକୁମାର ମହମ୍ମଦଶାହା ଉପାଧି ଧାରଣ କରି ନିଜକୁ ସୟୈଦମାନଙ୍କ ନିୟନ୍ତ୍ରଣରୁ ମୁକ୍ତିଲାଭ ପାଇଁ ସାଧ୍ୟମତେ ପଦକ୍ଷେପ ନେଲେ ।

ନିଜାମ୍-ଉଲ୍-ମୁଲକ୍, ଚିନ୍-କିଲିଚ୍ ଖାଁ ଓ ତାଙ୍କ ପିତୃତୁଲ୍ୟ ମହମ୍ମଦ ଅମୀନ୍ ଖାଁଙ୍କ ନେତୃତ୍ୱରେ ଏକ ଶକ୍ତିଶାଳୀ ଗୋଷ୍ଠୀ ଗଠନ କରାଗଲା । ଶେଷରେ ଏହି ଦୁଇଜଣ ପ୍ରଭାବଶାଳୀ ସାମନ୍ତ ସୈୟଦ ଭ୍ରାତୃଦ୍ୱୟଙ୍କୁ ଗାଦିଚ୍ୟୁତ କରିବାରେ ସକ୍ଷମ ହେଲେ (୧୭୨୦) । ମହମ୍ମଦ ଶାହା (ଶାସନକାଳ ୧୭୧୯-୪୮) ସିଂହାସନ ଆରୋହଣ କରିବା ପରେ ସମ୍ରାଟ ତଥା ଅମୀରମାନଙ୍କ ମଧ୍ୟରେ ଥିବା

ପାରସ୍ପରିକ ସମ୍ପର୍କ ସଂପୂର୍ଣ୍ଣରୂପେ ବଦଳିଗଲା । ସାମନ୍ତମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥର ରୂପ ରାଜନୀତି ଓ ରାଜ୍ୟଶାସନର କାର୍ଯ୍ୟକଳାପରେ ପରିଲକ୍ଷିତ ହେଲା । ୧୭୨୦ରେ ସୈୟଦ ଅବ୍‌ଦୁଲ୍ଲ ଖାଁଙ୍କ ସ୍ଥାନରେ ମହମ୍ମଦ ଅମିନ୍ ଖାଁ ଓ୍ୱାଜିର ହେଲେ । ଅମୀନ୍ ଖାଁଙ୍କ ମୃତ୍ୟୁପରେ (ଜାନୁଆରୀ ୧୭୨୦) ନିଜାମ୍-ଉଲ୍-ମୁଲକ୍ ସାମୟିକ ଭାବେ ଓ୍ୱାଜିର ପଦବୀ ଅଧିକାର କରିଥିଲେ । କାରଣ ୧୭୨୪ ଜୁଲାଇ ମାସରେ ଅମୀର ଖାଁଙ୍କ ପୁତ୍ର, କମର୍-ଉଦ୍ଦୀନ୍ ଖାଁ ବଂଶାନୁଗତ ଅଧିକାର ସାବ୍ୟସ୍ତ କରି ଓ୍ୱାଜିର ପଦବୀ ଗ୍ରହଣ କଲେ । ବାସ୍ତବରେ ଏହି ନିଯୁକ୍ତିସବୁ ସାମନ୍ତମାନଙ୍କ ନିର୍ଦ୍ଦେଶରେ ହେଉଥିଲା । ସେତେବେଳେ ସାମନ୍ତମାନେ ଅସୀମ କ୍ଷମତାର ଅଧିକାରୀ ଥିଲେ । ସେମାନେ ନିଜର ସ୍ୱାର୍ଥରକ୍ଷା ପାଇଁ ବାଦ୍‌ଶାହାଙ୍କ ନାମରେ ଆଦେଶ ଜାରି କରୁଥିଲେ । କ୍ଷମତାବିହୀନ ବାଦ୍‌ଶାହାଙ୍କ ସ୍ଥିତି କେବଳ ସାଂକେତିକ ଥିଲା । ପ୍ରକୃତ ଶାସନ କ୍ଷମତା ସାମନ୍ତମାନଙ୍କର ଏକ ଗୋଷ୍ଠୀ ହାତରେ ଥିଲା । ସାମନ୍ତମାନେ ସମଗ୍ର ସାମ୍ରାଜ୍ୟର ଗତିବିଧିକୁ କେନ୍ଦ୍ରରୁ ନିୟନ୍ତ୍ରଣ କରୁଥିଲେ । ଏପରିକି ଜାଗିରପ୍ରାପ୍ତ ହୋଇଥିବା ଅଞ୍ଚଳର ସ୍ଥିତାବସ୍ଥାକୁ ନେଇ ଚିନ୍ତିତ ଥିଲେ । ପରମ୍ପରା ଅନୁଯାୟୀ ସେମାନେ ବାଦ୍‌ଶାହାଙ୍କ ନାମରେ ପ୍ରାଦେଶିକ ଶାସନକର୍ତ୍ତା, ଫୌଜଦାର ତଥା ଅନ୍ୟାନ୍ୟ ସ୍ଥାନୀୟ କର୍ମଚାରୀମାନଙ୍କୁ ଫର୍‌ମାନ୍ (ବିଶେଷ ଅଧିକାର ପ୍ରଦାନ କରିବା ପାଇଁ ରାଜାଦେଶ) ଜାରି କରୁଥିଲେ । ଆଉରଙ୍ଗଜେବ୍‌ଙ୍କ ଉତ୍ତରାଧିକାରୀ ମାନଙ୍କର ବ୍ୟକ୍ତିଗତ ବିଫଳତା, ରାଜକୀୟ ପ୍ରତିଷ୍ଠା ଓ ସାମ୍ରାଜ୍ୟର ସ୍ଥିତିକୁ ଦୁର୍ବଳ କରିଦେଲା । ଜହାନ୍ଦର ଶାହାଙ୍କର ନିଜସ୍ୱ ଶାଳୀନତା ଓ ମର୍ଯ୍ୟାଦାର ଅଭାବ ଥିଲା । ଫାରୁକ୍ ସିୟାର ଦୃଢ଼ମନା ନଥିଲେ, ମହମ୍ମଦ ଶାହା ନିର୍ବୋଧ ଥିଲେ । ଏପରିକି ପ୍ରାଦେଶିକ ସ୍ତରରେ ନିଯୁକ୍ତି, ପଦୋନ୍ନତି ଓ ନିଲମ୍ବନ ପାଇଁ ବାଦ୍‌ଶାହାଙ୍କର ନିକଟତରମାନଙ୍କ ମତାମତ ଗୁରୁତ୍ୱପୂର୍ଣ୍ଣ ଥିଲା ।

## 15.2 THE REISE OF GEGIONAL POLITIES AND STATES
## ଆଞ୍ଚଳିକ ରାଜନୀତି ତଥା ରାଜ୍ୟର ଉତ୍‌ଥାନ :

ମୋଗଲ ସାମ୍ରାଜ୍ୟର ପତନ ସମୟରେ ତଥା ଏହାର ପରବର୍ତ୍ତୀ (ଆନୁଷ୍ଠାନିକ ୧୭୦୦ରୁ ୧୮୫୦) ଭାରତରେ ଉଦୟ ହୋଇଥିବା ରାଜ୍ୟଗୁଡିକର ସାମର୍ଥ୍ୟ, ଦୀର୍ଘକାଳୀତା ତଥା ବିଶେଷତ୍ୱର ଆଧାର ବହୁ ଦୃଷ୍ଟିରୁ ଭିନ୍ନ ଭିନ୍ନ ଥିଲା । ଏହା ମଧ୍ୟରୁ ଦକ୍ଷିଣରେ ଏକ ରାଜ୍ୟ ଥିଲା ହାଇଦ୍ରାବାଦ୍ । ଏହା ସ୍ୱ-ଭୌଗୋଳିକ ସ୍ଥିତି କାରଣରୁ ମୋଗଲ ଶାସନର ଆରମ୍ଭରେ ହିଁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ହାସଲ କରିଥିଲା । ଏହି ରାଜ୍ୟ ସ୍ଥାନୀୟ ଓ ଆଞ୍ଚଳିକ ପୁରାତନ ପରମ୍ପରା ଅନୁସାରେ ଚାଲୁଥିଲା । ଆଉ କେତେକ ରାଜ୍ୟ ଥିଲା ଯାହାର ନିଜସ୍ୱ ବୈଶିଷ୍ଟ୍ୟ ରହିଥିଲା । ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀର ଶେଷଭାଗରେ ଘଟିତ ବିଶିଷ୍ଟ ପଦ୍ଧତିରୁ ଏହି ବିଶେଷତା ବିଷୟରେ ପ୍ରାପ୍ତ ହୋଇଥିଲା । ବିଶେଷତଃ କେତେକ ପରବର୍ତ୍ତୀ ମୋଗଲ ରାଜ୍ୟ ଜାତିଗତ ତଥା ସାଂପ୍ରଦାୟିକ ଦଳ ଉପରେ ଆଧାରିତ ଥିଲା ଯେପରି ମରାଠା, ଜାଠ୍ ଓ ଶିଖ୍ । ସମୟକ୍ରମେ ଏହି ଅଞ୍ଚଳର ସମୃଦ୍ଧିପାଇଁ ସ୍ଥାନୀୟ ଜମିଦାର ଓ ଶକ୍ତିଶାଳୀ ଗୋଷ୍ଠୀଙ୍କୁ ବାହ୍ୟ ଅଧିକାରୀଙ୍କ ବିରୁଦ୍ଧରେ ଶସ୍ତ୍ର ଉଠାଇବାକୁ ଉତ୍ସାହିତ କଲା । କିନ୍ତୁ ପରସ୍ପର ମଧ୍ୟରେ ଶତ୍ରୁତା ତଥା ସଂଘର୍ଷ କାରଣରୁ ବିଦ୍ରୋହୀମାନେ ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଶାସନ ବ୍ୟବସ୍ଥା ବିରୁଦ୍ଧରେ ବିଦ୍ରୋହ କରି ସଫଳ ହୋଇ ପାରିନଥିଲେ ।

ଏହି ବିଦ୍ରୋହୀମାନେ ନିଜର ସମ୍ପର୍କୀୟ, କୃଷକ ତଥା ନିଜ ଜାତିର ଛୋଟ ଜମିଦାରମାନଙ୍କର ସମର୍ଥନ ଉପରେ ନିର୍ଭର କରୁଥିଲେ । ପ୍ରତ୍ୟେକ ସ୍ଥାନୀୟ ଗୋଷ୍ଠୀ ଅନ୍ୟକୁ କ୍ଷତିଗ୍ରସ୍ତ କରି ନିଜକୁ ସମୃଦ୍ଧିଶାଳୀ କରିବା ପାଇଁ ଉଦ୍ୟମ କରୁଥିଲେ । ତତ୍କାଳୀନ ରାଜନୀତିରେ ସମ୍ରାଟଙ୍କ କେତେକ ପ୍ରତୀକକୁ ଗୁରୁତ୍ୱଦେବାର ଆବଶ୍ୟକତା ବଂଶାନୁକ୍ରମିକ ହେଲା । ପ୍ରତ୍ୟେକ ଅଞ୍ଚଳର ପ୍ରତିଯୋଗୀ ନିଜର ସାମର୍ଥ୍ୟ ଅନୁସାରେ ପଡ଼ୋଶୀ ରାଜ୍ୟରେ ପ୍ରଭାବ ବିସ୍ତାର କରିବା ପାଇଁ ସୁଯୋଗ ଖୋଜିଲେ । ସେମାନେ ଏକ ପ୍ରକାର ବୈଧତାର ଆବଶ୍ୟକତା ଉପଲବ୍ଧି କଲେ । ଏସବୁ ସେମାନଙ୍କୁ ମୋଗଲ ସମ୍ରାଟଙ୍କ ସର୍ବସମ୍ମତ ପ୍ରଭୁତ୍ୱ ସମୟରେ ସହଜରେ ଉପଲବ୍ଧି ହେଉଥିଲା । ଏହି ବିଦ୍ରୋହୀମାନେ ମୋଗଲ ଶାସନର ପ୍ରତୀକ ସ୍ୱରୂପ ଆଧିପତ୍ୟକୁ ସାମୁହିକ ସ୍ୱୀକାର କରିବାରେ ଭୟ କରୁନଥିଲେ । ଏହି ମହତ୍‌ଆକାଂକ୍ଷା ସହ ସେମାନେ ସହାବସ୍ଥାନ କଲେ । କେନ୍ଦ୍ରୀୟଶାସନର କ୍ରମିକ ପତନ ନୂତନ



ଟିପ୍ପଣି

ପ୍ରାଦେଶିକ ରାଜ୍ୟକୁ ପ୍ରତିଷ୍ଠିତ କରାଇଲା । ସମୃଦ୍ଧିଶାଳୀ ସାମନ୍ତମାନେ ନିଜପାଇଁ ଆଞ୍ଚଳିକ କ୍ଷେତ୍ରର ଆବଶ୍ୟକତା ଉପଲବ୍ଧି କଲେ । ୱାଜିର, ଚିନ୍ କିଲିଚ୍ ଖାଁ ନିଜେ ଏହି ବାଟ ଦେଖାଇଲେ । ପ୍ରଶାସନରେ ସଂସ୍କାର ଆଣିବାରେ ସେ ଅସଫଳ ହେଲେ । ଫଳରେ ଚିନ୍ କିଲିଚ୍ ଖାଁ ୧୭୨୩ରେ ନିଜ ପଦ ତ୍ୟାଗ କଲେ । ୧୭୨୪ ଅକ୍ଟୋବର ମାସରେ ଦାକ୍ଷିଣାତ୍ୟରେ ହାଇଦ୍ରାବାଦ୍ ରାଜ୍ୟ ସ୍ଥାପନ କରିବା ପାଇଁ ଦକ୍ଷିଣକୁ ଅଗ୍ରସର ହେଲେ । ଏପରି ଅବସ୍ଥାରେ ମୋଗଲ ଦରବାର ପ୍ରମୁଖଙ୍କର ଚିନ୍ତା ଥିଲା ପ୍ରଦେଶର ନିଶ୍ଚିତ ରାଜସ୍ୱ ଉତ୍ସଗୁଡିକୁ ସୁରକ୍ଷିତ କରିବା ଏବଂ ଅଖଣ୍ଡ ସାମ୍ରାଜ୍ୟର ଅନ୍ତତଃ ବାହ୍ୟରୂପ ବଜାୟ ରଖିବା । ସାମ୍ରାଜ୍ୟର ବିଭାଜନକୁ ଦେଖି ମରାଠାମାନେ ଉତ୍ତର ଦିଗରେ ପ୍ରଭାବ ବିସ୍ତାର କଲେ । ସେମାନେ ମାଳବ, ଗୁଜୁରାଟ ଓ ବୁନ୍ଦେଲଖଣ୍ଡ ଅଞ୍ଚଳ ଅଧିକାର କଲେ । ତା'ପରେ ୧୭୩୮-୩୯ରେ ଇରାନର ଶାସକ ନାଦିରଶାହା ଭାରତ ଆକ୍ରମଣ କଲେ ।

## INTEXT QUESTIONS 15.1 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ୧୭୦୭ରେ ଆଉରଙ୍ଗଜେବ୍‌ଙ୍କର ଉତ୍ତରାଧିକାରୀ କିଏ ଥିଲେ ? ସେ କେଉଁ ନୀତି ଅନୁସରଣ କରିଥିଲେ ?

   ______________________________

2. ସୟୈଦ ଭ୍ରାତୃଦ୍ୱୟ କିଏ ଥିଲେ ? ସେମାନଙ୍କର କେତେକ କାର୍ଯ୍ୟକଳାପ ଉଲ୍ଲେଖ କର ।

   ______________________________

3. ହାଇଦ୍ରାବାଦ ରାଜ୍ୟ କିଏ ସ୍ଥାପନ କରିଥିଲେ ? ମୋଗଲ ଦରବାରରେ ସେ କେଉଁ ପଦବୀ ଗ୍ରହଣ କରିଥିଲେ ?

   ______________________________

4. ଆଉରଙ୍ଗଜେବ୍‌ଙ୍କ ମୃତ୍ୟୁପରେ ଅମୀରମାନଙ୍କ ଶକ୍ତିର ଉତ୍‌ଥାନର ଦୁଇଟି କାରଣ ଦିଅ ।

   ______________________________

5. ୧୭୩୮ରେ କେଉଁ ଦେଶର ଶାସକ ଭାରତ ଆକ୍ରମଣ କରିଥିଲେ ?

   ______________________________

## 15.3 THE MARATHA POWER ମରାଠା ଶକ୍ତି


ଏହା ନିଃସନ୍ଦେହ ଯେ ମୋଗଲ ସାମ୍ରାଜ୍ୟର ସୁଦୀର୍ଘ ପତନ କାଳରେ ଯେଉଁ ଯୁଗର ଉତ୍‌ଥାନ ହେଲା, ତାହା ଥିଲା ମରାଠାଯୁଗ । ମରାଠାମାନଙ୍କର ପ୍ରମୁଖ ଯୋଦ୍ଧାବଂଶ ମଧରେ ଥିଲେ ଭୋନ୍‌ସଲା । ସେହି ସମୟର ଦାକ୍ଷିଣାତ୍ୟ ରାଜନୀତିରେ ଶିବାଜୀ ଭୋନ୍‌ସଲାଙ୍କ ନେତୃତ୍ୱ ଥିଲା ଅବିସ୍ମରଣୀୟ ।

ଯେଉଁ ସୌଭାଗ୍ୟ ଶିବାଜୀଙ୍କୁ ପ୍ରାପ୍ତ ହୋଇଥିଲା, ତାହା ତାଙ୍କ ପୁତ୍ରମାନଙ୍କୁ ତଥା ତାଙ୍କର ଉତ୍ତରାଧିକାରୀ, ଶମ୍ଭୁଜୀ ଓ ତାଙ୍କ ସାନଭାଇ ରାଜାରାମଙ୍କୁ ପ୍ରାପ୍ତ ହୋଇନଥିଲା । ଏହି ସମୟରେ ମରାଠା ଶକ୍ତିର ଅଧୋପତନ ପ୍ରତୀୟମାନ ହେଲା । କିନ୍ତୁ ଅଷ୍ଟାଦଶ ଶତାବ୍ଦୀର ଆରମ୍ଭରେ କେତେକ ପାରିପାର୍ଶ୍ୱିକ ଅବସ୍ଥାର ପରିବର୍ତ୍ତନ ହେତୁ ମରହଟ୍ଟା ଶକ୍ତିରେ ଅଭିବୃଦ୍ଧି ଦେଖାଦେଲା । ଏହି ପରିପ୍ରେକ୍ଷୀରେ ୧୭୦୪ରେ ରାଜାରାମଙ୍କ ଉତ୍ତରାଧିକାରୀ, ଶାହୁଜୀଙ୍କ ଶାସନ ଉଲ୍ଲେଖନୀୟ । ଶାହୁଜୀ ୧୭୦୯ ପର୍ଯ୍ୟନ୍ତ ଦୀର୍ଘ ଚାରି ଦଶକ ଧରି ଶାସନ କରିଥିଲେ । ଏହି ଅବଧିରେ ଚିତ୍ତପାବନ ବଂଶର ବ୍ରାହ୍ମଣମନ୍ତ୍ରୀମାନଙ୍କ ପ୍ରଭୁତ୍ୱ ବୃଦ୍ଧିପାଇଲା । ବାସ୍ତବରେ ଏହି ମନ୍ତ୍ରୀମାନେ ମରାଠା ରାଜ୍ୟର କେନ୍ଦ୍ରୀୟ ଶାସନକୁ ନିୟନ୍ତ୍ରଣ କରିଥିଲେ । ଭୋନ୍‌ସଲାମାନେ କ୍ରମଶଃ ଶକ୍ତିହୀନ ହେଲେ । ପ୍ରଥମରେ ଏହି ବଂଶର ବାଲାଜୀ ବିଶ୍ୱନାଥ, ପେଶବା (ମୁଖ୍ୟମନ୍ତ୍ରୀ) ଉପାଧି ଧାରଣ କରି ପ୍ରମୁଖ ଭୂମିକା ଗ୍ରହଣ

କଲେ । ସେ ଶାହୁଜୀଙ୍କ କ୍ଷମତା ବୃଦ୍ଧି ପାଇଁ ସହାୟତା ପ୍ରଦାନ କରିଥିଲେ । ବିଶ୍ୱନାଥ ଓ ତାଙ୍କର ଉତ୍ତରାଧିକାରୀ ପ୍ରଥମ ବାଜିରାଓ (୧୭୨୦ରୁ ୧୭୪୦ ମଧ୍ୟରେ ପେଶବା ଥିଲେ) ମରାଠା ରାଜ୍ୟକୁ ଅମଲାତନ୍ତ୍ରୀୟ ଶାସନ ଦେଇଥିଲେ । ନିଜର ପୂର୍ବ ଭୋନ୍‌ସଲାମାନଙ୍କ ଅପେକ୍ଷା ଉନ୍ନତମାନର ଶାସନ ଦେବାରେ ସେମାନେ ସକ୍ଷମ ହେଲେ । ମୋଗଲ ଶାସିତ ଅଞ୍ଚଳରୁ ରାଜସ୍ୱ ସଂଗ୍ରହ କରିବାର ବ୍ୟବସ୍ଥାକୁ ମଧ୍ୟ ଶୃଙ୍ଖଳିତ କଲେ । ଏହି ରାଜସ୍ୱକୁ ସରଦେଶମୁଖୀ ଓ ଚୌଥ କୁହାଯାଉଥିଲା (ଏହି ଦୁଇଟି ଶବ୍ଦ ରାଜସ୍ୱ ଆଦାୟ କରିବାର ଅନୁପାତକୁ ବୁଝାଏ) । ଜଣାଯାଏ ସେମାନେ ଭୂ-ରାଜସ୍ୱ ଓ ଅନ୍ୟାନ୍ୟ କର ମୋଗଲମାନଙ୍କ ନିର୍ଦ୍ଧାରଣ ନୀତି ପ୍ରଣୟନ କରି ଆଦାୟ କରୁଥିଲେ । ପେଶବା ଓ ତାଙ୍କ ଅଧସ୍ତନ କର୍ମଚାରୀମାନଙ୍କର ରାଜସ୍ୱ ସମ୍ବନ୍ଧୀୟ ତଥା ଅନ୍ୟାନ୍ୟ କାଗଜପତ୍ରରେ ବ୍ୟବହୃତ ଅଧିକାଂଶ ଭାଷା ପାରସିକ ଭାଷାରୁ ଉଦ୍ଧୃତ । ଏହା ମୋଗଲ ଓ ମରାଠାମାନଙ୍କର ରାଜସ୍ୱ ବ୍ୟବସ୍ଥା ମଧ୍ୟରେ ଥିବା ସମ୍ବନ୍ଧକୁ ଦର୍ଶାଇଥାଏ ।

**ମରହଟ୍ଟା ରାଜ୍ୟ ସଂଘ:**

ଶାହୁଙ୍କ ଶାସନର ଶେଷ ସମୟକୁ କେତେକ ମରହଟ୍ଟା ରାଜ୍ୟ ସ୍ୱ ସ୍ୱ ଅଞ୍ଚଳର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିଥିଲେ । ଏହି ସମୟରେ ଉକ୍ତ ନିୟନ୍ତ୍ରଣାଧୀନ ଅଞ୍ଚଳରେ ବାଣିଜ୍ୟ, ବ୍ୟାଙ୍କ (ଜମା ଗ୍ରହଣକାରୀ ଅନୁଷ୍ଠାନ) ତଥା ବିତ୍ତ ବ୍ୟବସ୍ଥାରେ ବିକାଶ ଦେଖାଦେଇଥିଲା । ପୁନା ଅନ୍ତର୍ଗତ ବ୍ୟାଙ୍କଗୁଡିକର ବିଭିନ୍ନ




*ମାନଚିତ୍ର ୧୫.୧ ମରହଟ୍ଟା ରାଜ୍ୟ ସଂଘ*

ଟିପ୍ପଣି

ଶାଖା ଗୁଜୁରାଟ, ଗଙ୍ଗା ଉପତ୍ୟକା ତଥା ଦକ୍ଷିଣରେ ଥିଲା । ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ମଧ ମହତ୍ତ୍ୱ ଦିଆଯାଇଥିଲା । ବାଲାଜୀ ବିଶ୍ୱନାଥ ଆଗ୍ରିଂୟା ବଂଶକୁ ପ୍ରୋତ୍ସାହନ ଦେଇଥିଲେ । ଆଗ୍ରିଂୟାମାନେ କୋଲବା ତଥା ପଶ୍ଚିମତଟର କେତେକ ସ୍ଥାନରେ ଥିବା ନୌପୋତକୁ ନିୟନ୍ତ୍ରିତ କରୁଥିଲେ । ଏହି ପୋତଗୁଡିକ କେବଳ ବମ୍ବେର ନବସ୍ଥାପିତ ଇଂରାଜୀ ବ୍ୟବସ୍ଥା ପାଇଁ ନଥିଲା, ବରଂ ଗୋଆ, ବେସିନ ତଥା ଡାମନ୍‌ରେ ଥିବା ପର୍ତ୍ତୁଗୀଜମାନଙ୍କ ପାଇଁ ମଧ ଭୀତି ସଞ୍ଚାର କରୁଥିଲା । ଅନ୍ୟ ପକ୍ଷରେ ମରହଟ୍ଟାମାନଙ୍କର କାର୍ଯ୍ୟକାଳ ମୂଳକେନ୍ଦ୍ରଠାରୁ ସୁଦୂରପ୍ରସାରୀ ହେଲା । ଏହି ପ୍ରମୁଖମାନଙ୍କ ମଧ୍ୟରେ ସବୁଠାରୁ ମହତ୍ୱପୂର୍ଣ୍ଣ ଥିଲେ ଗାଏକ୍‌ୱାଡ୍ ସିନ୍ଧିଆ ତଥା ହୋଲ୍‌କାର୍ । ଭୋନ୍‌ସଲା ପରିବାରର କେତେକ ଶାଖା କୋଲ୍ଲାପୁର ତଥା ନାଗପୁରରେ ଚିହ୍ନଟ ହୋଇଥିଲା ବେଳେ ଏହାର ମୁଖ୍ୟ ଧାରା ଦକ୍ଷିଣର କେନ୍ଦ୍ରସ୍ଥଳ ସାତାରାରେ ଥିଲା । ଏବେ ସେମାନଙ୍କ ଅଞ୍ଚଳରେ ପଡିଥିବା ପ୍ରଭାବ ଅଧ୍ୟୟନ କରିବା ।

**ନାଗପୁରର ଭୋନ୍‌ସଲା:** କୋଲ୍ଲାପୁରର ଭୋନ୍‌ସଲା ତଥା ତାଞ୍ଜୋରର ବ୍ୟମକୋଜୀ ବଂଶଧର ଉଭୟେ ସତାରା ରାଜାଙ୍କର ସମାନ ପଦମର୍ଯ୍ୟାଦା ଦାବୀ କରୁଥିଲେ । ଅପରପକ୍ଷେ ନାଗପୁରର ଭୋନ୍‌ସଲେ ସତାରା ଶାସକମାନଙ୍କର ସମ୍ପୂର୍ଣ୍ଣ ଅଧିନସ୍ଥ ଥିଲେ । ନାଗପୁର ବଂଶାବଳୀର ସବୁଠାରୁ ପରାକ୍ରମଶାଳୀ ଶାସକ ଥିଲେ, ରଘୁଜୀ ଭୋନ୍‌ସଲା (ଶାସନକାଳ ୧୭୨୭-୫୫) । ୧୭୪୦ ଓ ୧୭୫୦ର ଆରମ୍ଭରେ ବଙ୍ଗଳା ତଥା ବିହାରରେ ମରହଟ୍ଟା ସାମ୍ରାଜ୍ୟର ବିସ୍ତାର ତାଙ୍କ ଯୋଗୁଁ ସଂଭବ ହୋଇଥିଲା । ରଘୁଜୀଙ୍କ ଉତ୍ତରାଧିକାରୀ ଜାନୋଜୀ, ସାବାଜୀ ତଥା ସୁଧୋଜୀଙ୍କର ସମ୍ବନ୍ଧ ଉଭୟ ପେଶବା ତଥା ସତାରା ବଂଶାବଳୀ ସହ ସ୍ଥିର ରହି ନଥିଲା । ଏହି କାରଣରୁ ନାଗପୁର ବଂଶ ମରାଠା ସଂଘ ସହିତ କଠୋର ଭାବେ ବନ୍ଧନଯୁକ୍ତ ନହୋଇ ହାଲୁକା ଭାବେ ଯୋଡ଼ି ହୋଇ ରହିଲା । ଅନ୍ୟ ଅଧିନସ୍ଥ ଶାସକବୃନ୍ଦ ସତାରା ଶାସକ ଓ ତାଙ୍କର ପେଶବାଙ୍କ ଛତ୍ରଛାୟା ତଳେ ଆଶ୍ରା ନେଲେ । ସେମାନେ ପେଶବାଙ୍କ ସହ ଏକ ସୁବିଧାବାଦୀ ସମ୍ବନ୍ଧ ରଖିଲେ । ପ୍ରତିବଦଳରେ ପେଶବା ମଧ ସେମାନଙ୍କୁ ନିଜ ସ୍ୱାର୍ଥରେ ଉପଯୋଗ କରିବାକୁ ଚେଷ୍ଟା କଲେ ।

**ବରୋଦାର ଗାଏକ୍‌ୱାଡ୍:** ଗାଏକ୍‌ୱାଡ୍‌ମାନେ ୧୭୨୦ରେ ସେମାନଙ୍କର ଉପସ୍ଥିତି ଜାହିର କଲେ । ପ୍ରାଥମିକ ଅବସ୍ଥାରେ ସେମାନେ କେବଳ ଭୋନ୍‌ସଲା ପରିବାରର ନଥିଲେ, ଶକ୍ତିଶାଳୀ ଦଭାଦେ ପରିବାରର ମଧ ଅଧିନସ୍ଥ ଥିଲେ । ଶାହୁଜୀଙ୍କ ମୃତ୍ୟୁପରେ ପେଶବାଙ୍କ କ୍ଷମତା ଓ ଗାଏକ୍‌ୱାଡ୍‌ମାନଙ୍କର ସ୍ଥିତି ପୂର୍ବାପେକ୍ଷା ମଜବୁତ୍ ହେଲା । ୧୭୫୦ର ପୂର୍ବାର୍ଦ୍ଧରେ ଗୁଜୁରାଟ ରାଜସ୍ୱର ଏକ ବୃହତ୍ ଅଂଶ ଉପରେ ଗାଏକ୍‌ୱାଡ୍‌ମାନଙ୍କ ଅଧିକାରକୁ ପେଶବାମାନେ ସ୍ୱୀକୃତି ଦେଲେ । ୧୭୫୨ରେ ଗୁଜରାଟର ମୋଗଲ ଶାସନକର୍ତ୍ତା ତାଙ୍କ ରାଜଧାନୀ ଅହମ୍ମଦାବାଦରୁ ପଳାୟନ କରିବା ପରେ ଏହି ପ୍ରକ୍ରିୟା ବନ୍ଦ ହେଲା । ଫଳସ୍ୱରୂପ, ଗାଏକଓ୍ୱାଡ୍‌ମାନେ ବରୋଦାରେ ତାଙ୍କର ରାଜଧାନୀ ସ୍ଥାପନ କଲେ ଓ ସେହି ଅଞ୍ଚଳର ବାଣିଜ୍ୟ ତଥା ଉତ୍ପାଦନ କ୍ଷେତ୍ରରେ ପୁନଃସଂଯୋଗ ସମ୍ଭବପର ହେଲା । ବରୋଦାରେ ଦାମାଜୀଙ୍କ ଶାସନକାଳ (ମୃତ୍ୟୁ ୧୭୬୮) ପରେ ଏକ ଅସ୍ଥିରତାର ସମୟ ଆସିଲା । ବିଶେଷକରି ଉତ୍ତରାଧିକାରୀ ଚୟନରେ ହସ୍ତକ୍ଷେପ କରିବା ପାଇଁ ଗାଏକ୍‌ୱାଡ୍‌ମାନେ ପୁନେ ତଥା ପେଶବାଙ୍କ ଉପରେ ଆଂଶିକ ଭାବେ ନିର୍ଭରଶୀଳ ରହିଲେ । ଦାମାଜୀଙ୍କର ଏକ ବିଶେଷ ଉତ୍ତରାଧିକାରୀ ଫତେସିଂ (ଶାସନକାଳ ୧୭୭୧-୮୯) ୧୭୭୦ର ଶେଷଭାଗ ପର୍ଯ୍ୟନ୍ତ ବହୁ ସମୟଧରି ପେଶବାମାନଙ୍କ ସହଯୋଗୀ ହୋଇନଥିଲେ । ୧୭୮୦ର ପୂର୍ବାର୍ଦ୍ଧରେ ଫତେସିଂ ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀ ସହ ବୁଝାମଣା ପାଇଁ ଆଲୋଚନା କଲେ । ଫଳରେ ତାଙ୍କର କାର୍ଯ୍ୟକାଳପରେ ବ୍ରିଟିଶ୍ ହସ୍ତକ୍ଷେପ ବୃଦ୍ଧିପାଇଲା । ୧୮୦୦ ବେଳଠାରୁ ପେଶବାମାନଙ୍କ ଅପେକ୍ଷା ଇଂରେଜମାନେ ଗାଏକଓ୍ୱାଡ୍‌ମାନଙ୍କର ଉତ୍ତରାଧିକାରୀ ଚୟନ ପ୍ରକ୍ରିୟାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କଲେ । ପରିଶେଷରେ ଉନବିଂଶ ଶତାବ୍ଦୀରେ ଗାଏକ୍‌ୱାଡ୍‌ମାନେ ବ୍ରିଟିଶ୍ ଅଧିନସ୍ଥ ଶାସକ ହୋଇ ରହିଲେ ।

**ଇନ୍ଦୋରର ହୋଲ୍‌କାର୍:** ଇନ୍ଦୋରର ହୋଲ୍‌କାର୍ ସେମାନଙ୍କର ପଦମର୍ଯ୍ୟାଦା ଓ ସମୃଦ୍ଧି ପାଇଁ ଉଲ୍ଲେଖନୀୟ ଥିଲେ । ବିଶେଷ କରି ପ୍ରାରମ୍ଭରେ ସେମାନଙ୍କର ରାଜନୈତିକ କ୍ଷମତା ପ୍ରଭାବଶାଳୀ



ଟିପ୍ପଣି

ନଥିଲା । କିନ୍ତୁ ୧୭୩୦ ବେଳକୁ ସେମାନଙ୍କ ପ୍ରମୁଖ ସର୍ଦ୍ଦାର, ମହ୍ଲାର ରାଓ ହୋଲ୍‌କାର ନିଜସ୍ୱ ସ୍ଥିତିକୁ ସୁଦୃଢ଼ କଲେ । ତାଙ୍କୁ ମାଳବ, ପୂର୍ବ ଗୁଜୁରାଟ ତଥା ଖାନ୍ଦେଶରୁ ସଂଗୃହୀତ ଚୌଥର (ରାଜସ୍ୱ) ଏକ ସିଂହଭାଗ ପ୍ରାପ୍ତ ହେଉଥିଲା । କିଛି ବର୍ଷ ମଧ୍ୟରେ ମହ୍ଲାର ରାଓ ଇନ୍ଦୋରରେ ନିଜର ପ୍ରାଧାନ୍ୟ ସ୍ଥାପନ କଲେ । ତାଙ୍କର ଉତ୍ତରାଧିକାରୀମାନେ ଇନ୍ଦୋରରୁ ମୁଖ୍ୟ ବାଣିଜ୍ୟିକ ପଥ ତଥା ବୁରହନ୍‌ପୁରର ପ୍ରମୁଖ ବାଣିଜ୍ୟକେନ୍ଦ୍ର ଉପରେ ନିୟନ୍ତ୍ରଣ ରଖିପାରିଲେ । ମହ୍ଲାର ରାଓଙ୍କ ପରେ ତାଙ୍କ ସାମ୍ରାଜ୍ୟର ଭବିଷ୍ୟତ ତାଙ୍କ ପୁଅର ବିଧବା ପତ୍ନୀଙ୍କ (ଅହଲ୍ୟାବାଈ) ହାତକୁ ଗଲା । ଅହଲ୍ୟାବାଈଙ୍କର ୧୭୬୫ରୁ ୧୭୯୪ ପର୍ଯ୍ୟନ୍ତ ଶାସନକାଳ ମଧ୍ୟରେ ହୋଲ୍‌କାରମାନଙ୍କ କ୍ଷମତା ଶିଖରସ୍ତରରେ ପହଞ୍ଚିଥିଲା । ଏହା ସତ୍ତ୍ୱେ ହୋଲକାରମାନଙ୍କ ସଫଳତା ପରବର୍ତ୍ତୀ ପ୍ରମୁଖ ସିନ୍ଧିଆ ପରିବାରର ସଫଳତା ସହ ସମକକ୍ଷ ହୋଇପାରିନଥିଲା ।

**ଗୋଆଲିୟରର ସିନ୍ଧିଆ :** ସିନ୍ଧିଆମାନେ ତୃତୀୟ ପାନିପଥଯୁଦ୍ଧ (୧୭୬୧)ର ପରବର୍ତ୍ତୀ ଦଶକରେ ଉତ୍ତର ଭାରତୀୟ ରାଜନୀତିରେ ନିଜପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ । ପୁନର୍ବାର ହୋଲ୍‌କାରଙ୍କ ପରି ସିନ୍ଧିଆମାନେ ମଧ୍ୟ କେନ୍ଦ୍ରଭାରତରେ ପ୍ରଥମେ ଉଜ୍ଜୟିନୀ ଓ ପରେ (ଅଷ୍ଟାଦଶ ଶତାବ୍ଦୀର ଶେଷଭାଗ) ଗୋଆଲିୟରରେ ନିଜ ଶାସନକୁ କେନ୍ଦ୍ରୀଭୂତ କଲେ । ମହାଦଜୀ ସିନ୍ଧିଆଙ୍କର (୧୭୬୧-୯୪) ବିଶାଳ ରାଜତ୍ୱ ସମୟରେ ଏହି ବଂଶର ସମୃଦ୍ଧିରେ ଅଭିବୃଦ୍ଧି ଦେଖା ଦେଇଥିଲା ।

ମହାଦଜୀ ନିଜକୁ ଜଣେ ସଫଳ ତଥା ଅଭିନବ ସୈନ୍ୟ ପ୍ରଶାସକ ରୂପେ ପ୍ରମାଣିତ କଲେ । ତାଙ୍କ ସୈନ୍ୟବାହିନୀରେ ଅଧିକାଂଶ ଇଉରୋପୀୟ ସୈନ୍ୟମାନଙ୍କୁ ନିଯୁକ୍ତି ଦେଲେ । ତାଙ୍କର କ୍ଷମତା ୧୭୭୦ ପରେ ଦ୍ରୁତଗତିରେ ବୃଦ୍ଧି ପାଇଲା । ଉତ୍ତର ଭାରତ ଆଫଗାନ ଆକ୍ରମଣରେ ଦୁର୍ବଳ ହୋଇସାରିବା ପରେ ସେ ସେଠାରେ ନିଜର ସାମ୍ରାଜ୍ୟ ବିସ୍ତାର କରିବାରେ ସଫଳ ହେଲେ । ଦ୍ୱିତୀୟ ଶାହା ଆଲାମ୍‌ଙ୍କ ଶାସନକାଳରେ ମୋଗଲ ଦରବାରର କେତେକ କ୍ଷେତ୍ରରେ ହସ୍ତକ୍ଷେପ କରି ସେ ନିଜର ପ୍ରଭାବ ବିସ୍ତାର କଲେ । ୧୭୮୦ରେ ମଧ୍ୟଭାଗରେ ମୋଗଲ ବାଦ୍‌ଶାହା ତାଙ୍କୁ ନିଜର ଦକ୍ଷତା ପାଇଁ ଉପଶାସକ ରୂପେ ନିଯୁକ୍ତି ଦେଲେ । ତାଙ୍କର ପ୍ରଭାବ କେବଳ ଦିଲ୍ଲୀ ଓ ଆଗ୍ରାରେ ଦେଖାଯାଇନଥିଲା, ବରଂ ରାଜସ୍ଥାନ ଓ ଗୁଜୁରାଟରେ ମଧ୍ୟ ବିସ୍ତୃତ ଭାବରେ ରହିଥିଲା । ଏହାଦ୍ୱାରା ମହାଦଜୀ ସେହି ଯୁଗର ସବୁଠାରୁ ପ୍ରଭାବଶାଳୀ ମରହଟ୍ଟା ଶାସକ ରୂପେ ପ୍ରସିଦ୍ଧି ଲାଭ କଲେ । ଇଷ୍ଟ ଇଣ୍ଡିଆ କମ୍ପାନୀର ଅଧିକାରୀମାନେ ତାଙ୍କ ସହ ବିଚାର ଆଲୋଚନା ସମୟରେ ଖୁବ୍ ସଚେତନ ରହୁଥିଲେ । ମହାଦଜୀଙ୍କ ସହ ପୁନେର କାର୍ଯ୍ୟକାରୀ ପେଶବା ନାନା ଫଡ଼ନିସଙ୍କ ସଂପର୍କ ସଂକଟମୟ ଥିଲା । ଫଳରେ ତାଙ୍କ ଉତ୍ତରାଧିକାରୀ ଦୌଲତ୍ ସିନ୍ଧିଆ (ଶାସନକାଳ ୧୭୯୪-୧୮୨୭) ବିଶେଷ ପ୍ରଗତି କରି ପାରିନଥିଲେ । ଦୌଲତ୍ ରାଓ ଇଂରେଜମାନଙ୍କ ଦ୍ୱାରା ପରାସ୍ତ ହେବାପରେ ୧୮୩୦ରେ ଉତ୍ତର ଓ ପଶ୍ଚିମାଞ୍ଚଳରେ ଥିବା ନିଜ ଅଞ୍ଚଳକୁ ଇଂରେଜମାନଙ୍କ ହାତରେ ସମର୍ପଣ କରିବାପାଇଁ ଚୁକ୍ତିବଦ୍ଧ ହେଲେ ।

ମୋଗଲ ଶାସନ ପତନର ପରବର୍ତ୍ତୀ ପର୍ଯ୍ୟାୟରେ ମଧ୍ୟ ମହାଦଜୀ ସିନ୍ଧିଆଙ୍କ ଅବଧିରେ ମୋଗଲ ପ୍ରତୀକର ପ୍ରଭାବ ଦେଖାଯାଏ । ଉଦାହରଣ ସ୍ୱରୂପ ମହାଦଜୀ ଇଂରେଜମାନଙ୍କଠାରୁ ଗୋଆଲିୟର ପୁନଃ ଅଧିକାର କରିବା ପରେ ମୋଗଲ ସମ୍ରାଟଙ୍କ ପ୍ରଦତ୍ତ ସହର ଉପରେ ନିୟନ୍ତ୍ରଣ ରଖିଲେ । ଏହା ସହିତ ତାଙ୍କୁ ମୋଗଲମାନଙ୍କ ଦ୍ୱାରା ଦିଆଯାଇଥିବା ବିଶେଷ ଅଧିକାର ତଥା ଶାହାଆଲାମଙ୍କ ପ୍ରଦତ୍ତ ଉପାଧି ଯଥା-ଅମୀର-ଉଲ୍-ଉମାରା (ଅମୀରମାନଙ୍କ ମୁଖ୍ୟ) ଓ ନାଏବ୍-ୱାକି-ଇ-ମୁତ୍‌ଲାକ୍ (ଉପପ୍ରଶାସକ) ଅତ୍ୟନ୍ତ ଉତ୍ସାହର ସହ ଗ୍ରହଣ କଲେ । ଏପରି କାର୍ଯ୍ୟକଳାପରେ ସେ ଅକୁଟିଆ ନଥିଲେ । ଅଷ୍ଟାଦଶ ଶତାବ୍ଦୀର ଏପରି କୌଣସି ରାଜ୍ୟ ନଥିଲା ଯିଏକି ମୋଗଲ ଆନୁଗତ୍ୟ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାହାର କରିଥିଲେ । ମୋଗଲ ଶାସନର ପତନ ସତ୍ତ୍ୱେ ମୋଗଲ ସମ୍ମାନ ତଥା ଉପାଧି ପ୍ରଦାନ କରିବାର ପ୍ରଥା ପ୍ରଚଳିତ ଥିଲା । ମୋଗଲ ପ୍ରଶାସିତ ଶବ୍ଦାବଳୀ ତଥା ବିତ୍ତୀୟ ପ୍ରଣାଳୀର ପ୍ରୟୋଗ ମଧ୍ୟ ନିରନ୍ତର ପ୍ରଚଳିତ ହେଉଥିଲା ।

## INTEXT QUESTIONS 15.2 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ମୋଗଲ ସାମ୍ରାଜ୍ୟର ପତନପରେ ଉଭା ହୋଇଥିବା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଏକମାତ୍ର ଶକ୍ତିର ନାମ ଲେଖ ।

______________________________

2. ମରହଟ୍ଟା ଶାସନ ସମୟରେ କାହାକୁ ପେଶବା କୁହାଯାଉଥିଲା ? ଦୁଇଜଣ ପେଶବାଙ୍କ ନାମ ଲେଖ ଯେଉଁମାନେ ୧୭୨୦-୧୭୪୦ ମଧ୍ୟରେ କ୍ଷମତାରେ ଥିଲେ ।

______________________________

3. ମରହଟ୍ଟା ସଂବନ୍ଧୀୟ ନିମ୍ନଲିଖିତ ଶବ୍ଦ ଦୁଇଟି କାହାକୁ ବୁଝାଉଥିଲା ?
କ) ଚୌଥ ଖ) ସରଦେଶମୁଖୀ

______________________________

4. ଭାରତର ପଶ୍ଚିମ ଉପକୂଳରେ ଥିବା ପ୍ରଧାନ ପର୍ତ୍ତୁଗୀଜ୍ ବାଣିଜ୍ୟିକ କେନ୍ଦ୍ରର ନାମ ଲେଖ ।

______________________________

5. ମରହଟ୍ଟା ସଂଘମାନଙ୍କ ମଧ୍ୟରେ ବିଭିନ୍ନ ଶାସିତ ରାଜବଂଶର ନାମ ଲେଖ । କେଉଁ ଅଞ୍ଚଳରେ ସେମାନେ ଶାସନ କରୁଥିଲେ ?

______________________________

6. ଅହଲ୍ୟାବାଈ କିଏ ଥିଲେ ? ତାଙ୍କର ପ୍ରଧାନ କୃତିତ୍ୱ କ'ଣ ଥିଲା ?

______________________________

## 15.4 THE NAWABS OF BENGAL ବଙ୍ଗଳାର ନବାବ

ଆଉରଙ୍ଗଜେବ୍‌ଙ୍କ ସମୟରେ ଦିୱାନ ପଦରେ କାର୍ଯ୍ୟ ଆରମ୍ଭ କରିଥିବା ମୁର୍ଶୀଦ୍‌କୁଲ୍ଲୀ ଖାଁ ପତନମୁଖୀ କେନ୍ଦ୍ରୀୟ ଶାସନର ସୁଯୋଗ ନେଇ ନିଜକୁ ସ୍ୱାଧୀନ ଘୋଷଣା କଲେ । ତାହା ସତ୍ତ୍ୱେ, ସେ ମୋଗଲ ବାଦ୍‌ଶାହାଙ୍କୁ ନିୟମିତ (ରାଜସ୍ୱ) ଶୁଳକ୍ ପଠାଉଥିଲେ । ଆଲିବର୍ଦ୍ଦୀ ଖାଁ ମୁର୍ଶୀଦ୍‌କୁଲ୍ଲୀ ଖାଁଙ୍କ ପରିବାରକୁ କ୍ଷମତାଚ୍ୟୁତ କରି ୧୭୩୯ରେ ନିଜକୁ ନବାବ ଘୋଷିତ କଲେ । ନବାବମାନେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ସହ କୃଷି, ବାଣିଜ୍ୟ ତଥା ଶିଳ୍ପକୁ ପ୍ରୋତ୍ସାହନ ଦେଇଥିଲେ । ଉଭୟ ହିନ୍ଦୁ ଓ ମୁସଲମାନମାନଙ୍କୁ ସମାନ ସୁଯୋଗ ପ୍ରଦାନ କରାଗଲା । କିନ୍ତୁ ନବାବମାନେ ଇଉରୋପୀୟ ବାଣିଜ୍ୟିକ କମ୍ପାନୀର ଉପସ୍ଥିତିର ଦୀର୍ଘକାଳୀନ ପ୍ରଭାବ ଆକଳନ କରିପାରିନଥିଲେ । ଏପରିକି ସୈନ୍ୟବାହିନୀର ସଜାଗତାକୁ ମଧ୍ୟ ଭ୍ରୁକ୍ଷେପ କରିନଥିଲେ । ୧୭୫୬-୧୭୫୭ରେ ଆଲିବର୍ଦ୍ଦୀ ଖାଁଙ୍କ ଉତ୍ତରାଧିକାରୀ ସିରାଜ୍-ଉଦ୍-ଦୌଲା ବ୍ୟବସାୟିକ ଦୃଷ୍ଟିକୋଣରୁ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ସହ ଯୁଦ୍ଧ କଲେ । ୧୭୫୧ ଜୁନ୍ ମାସରେ ହୋଇଥିବା ପଲାସୀ ଯୁଦ୍ଧରେ ସିରାଜ-ଉଦ୍-ଦୌଲା ପରାଜୟ ବରଣ କଲେ । ଫଳରେ ବଙ୍ଗଳା ତଥା ସମଗ୍ର ଭାରତକୁ ନିଜ ନିୟନ୍ତ୍ରଣାଧୀନ କରିବା ପାଇଁ ଇଂରେଜମାନଙ୍କ ମାର୍ଗ ଉନ୍ମୁକ୍ତ ହେଲା ।

## 15.5 THE NAWABS OF AWADH ଅଯୋଧ୍ୟାର ନବାବ

କେନ୍ଦ୍ରୀୟ ଦୁର୍ବଳତାର ସୁଯୋଗ ନେଇ ଅଯୋଧ୍ୟାର ମୋଗଲ ସୁବା (ପ୍ରାଦେଶିକ ଶାସନକର୍ତ୍ତା) ସାଦତ୍ -ଖାଁ ବୁରହାନ୍ ଉଲ୍-ମୁଲକଙ୍କ ଉଚ୍ଚ ଆକାଂକ୍ଷା ଜାଗ୍ରତ ହେଲା । ସାଦତ୍-ଖାଁ ସ୍ଥାନୀୟ ଜମିଦାରମାନଙ୍କୁ ଶୃଙ୍ଖଳିତ କଲେ । ସୈନ୍ୟମାନଙ୍କୁ ଉଚ୍ଚ-ବେତନ, ସୁସଜ୍ଜିତ ଅସ୍ତ୍ରଶସ୍ତ୍ର ତଥା ଉଚ୍ଚ-ପ୍ରଶିକ୍ଷଣ ଦେଇ ସୈନ୍ୟବାହିନୀର ପୁର୍ନଗଠନ କରାଇଲେ । ୧୭୩୯ରେ ତାଙ୍କର ମୃତ୍ୟୁ ପୂର୍ବରୁ ସାଦତ୍ ଖାଁ ପ୍ରଦେଶର ପ୍ରମୁଖ ପଦକୁ ବଂଶାନୁକ୍ରମିକ କରିଦେଇଥିଲେ । ତାଙ୍କର ଉତ୍ତରାଧିକାରୀ ସଫଦର୍‌ଜଙ୍ଗ ଓ ଆସଫ୍-



ଟିପ୍ପଣି

ଉଦ୍-ଦୌଲା ଉତର ଭାରତ ରାଜନୀତିରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଏହା ସହିତ ଅଯୋଧ୍ୟାର ପ୍ରଶାସନକୁ ଦୀର୍ଘକାଳୀନ ପ୍ରଶାସନିକ ସ୍ଥିରତା ପ୍ରଦାନ କଲେ । ନବାବଙ୍କ ନେତୃତ୍ୱରେ ପ୍ରଥମେ ଫଇଜାବାଦ୍ ଓ ପରେ ଲକ୍ଷ୍ନୌ କଳା, ସାହିତ୍ୟ ତଥା ଶିକ୍ଷ କ୍ଷେତ୍ରରେ ଦିଲ୍ଲୀର ସାଂସ୍କୃତିକ ପ୍ରତିଦ୍ୱନ୍ଦୀ ରୂପେ ଉଭାହେଲା । ଆଞ୍ଚଳିକ ସ୍ଥାପତ୍ୟକଳାର ଝଲକ ଇମାମ୍‌ବରୁହା ତଥା ଅନ୍ୟାନ୍ୟ ଅଟ୍ଟାଳିକାରେ ଦେଖାଯାଇଥିଲା । ସାଂସ୍କୃତିକ ସମ୍ମିଶ୍ରଣର ପରିଣାମ ସ୍ୱରୂପ କଥକ ନୃତ୍ୟ ଶୈଳୀର ଉଦ୍‌ଭବ ଦେଖିବାକୁ ମିଳିଥିଲା ।

## 15.6 THE SIKHS OF PUNJAB ପଞ୍ଜାବର ଶିଖ :

ମୋଗଲ ସେନା ଶିଖ୍‌ନାୟକ ବନ୍ଦାବାହାଦୁରଙ୍କ ନେତୃତ୍ୱରେ ଶିଖ୍‌ମାନଙ୍କୁ ଦମନ କରିଥିଲେ । କିନ୍ତୁ ଏହା ମୋଗଲ ଶାସନପ୍ରତି ଶିଖ୍‌ମାନଙ୍କର ପ୍ରତିରୋଧକୁ ସମାପ୍ତ କରିପାରି ନ ଥିଲା । ମୁଖ୍ୟତଃ ୧୭୨୦ ଓ ୧୭୩୦ରେ ତୀର୍ଥ ସ୍ଥାନର କେନ୍ଦ୍ର ରୂପେ ଅମୃତସରର ମହତ୍ତ୍ୱଥିବାରୁ ଏହା ଶିଖ୍ କାର୍ଯ୍ୟକଳାପର ମୁଖ୍ୟ କେନ୍ଦ୍ରରୂପେ ବିବେଚିତ ହେଲା । ତତ୍କାଳୀନ ସର୍ବାଧିକ ପ୍ରମୁଖ ଶିଖ୍ ଶାସକ କାପୁର ସିଂ ନିଜର ନିକଟବର୍ତ୍ତୀ ଅଞ୍ଚଳରୁ ଶିଖ୍ ଗତିବିଧି ପରିଚାଳନା କଲେ । ଧିରେ ଧିରେ ସେ ରାଜସ୍ୱ-ସୈନ୍ୟ ବ୍ୟବସ୍ଥା ଶୃଙ୍ଖଳିତ କରିବା ପାଇଁ ପଦକ୍ଷେପ ନେଲେ । କେତେକ ଶିଖ୍ ଗୋଷ୍ଠୀ ମଧ ନିଜକୁ ରାଜନୈତିକ ଶକ୍ତିରୂପେ ସଂଗଠିତ କରିବା ପାଇଁ ପ୍ରୟାସ କରିଥିଲେ । । ଲାହୋର ସୁବାର ମୋଗଲ ଶାସନକର୍ତ୍ତା  ଅମୃତସରରେ ନିଜର ସ୍ୱତନ୍ତ୍ର କ୍ଷମତା ସୃଷ୍ଟି କରିବା ପାଇଁ ଚେଷ୍ଟା କଲେ । କିନ୍ତୁ ଶିଖ୍‌ମାନଙ୍କର କାର୍ଯ୍ୟକଳାପ ମୋଗଲମାନଙ୍କ ଉଦ୍ୟମକୁ ନିରୁତ୍ସାହିତ କରିଥିଲା । ପ୍ରଥମେ ଅବଦୁସ୍ ସମଦ୍ ଖାଁ ଓ ପରେ ତାଙ୍କ ପୁଅ ଜାକାରିଆ ଖାଁ ସାର୍ବଭୌମ କ୍ଷମତାର ଅଧିକାରୀ ହେବାପାଇଁ ଚେଷ୍ଟା କରିଥିଲେ । ୧୭୪୫ରେ ଜାକାରିଆ ଖାଁଙ୍କ ମୃତ୍ୟୁପରେ ଯଶାସିଂ ଆହୁଓ୍ୱାଲିଆଙ୍କ ପରି ଶିଖ୍ ଯୋଦ୍ଧା ପୁନର୍ବାର କ୍ଷମତାର ଭାରସାମ୍ୟ ରକ୍ଷା କରିଥିଲେ । ସେ ପରବର୍ତ୍ତୀ ସମୟରେ କାପୁରଥାଲା ନାମରେ ଏକ ରାଜ୍ୟ ପ୍ରତିଷ୍ଠା କରିଥିଲେ । ଶିଖ୍ ନେତାମାନଙ୍କ ନେତୃତ୍ୱରେ ସୈନ୍ୟବାହିନୀର ସଂପ୍ରସାରଣ ଓ ଅହମ୍ମଦ ଶାହା ଅବ୍‌ଦଲ୍ଲୀଙ୍କ ପଞ୍ଜାବ ଆକ୍ରମଣ ଏହି ଦୁଇଦଶନ୍ଧିର ମହତ୍ତ୍ୱପୂର୍ଣ୍ଣ ଘଟଣା ଥିଲା । ପୂର୍ବ ପଞ୍ଜାବ ତଥା ବରୀ ଦୋଆବରେ ଏହି ପ୍ରକ୍ରିୟା ଦେଖାଦେଲା । କିନ୍ତୁ ୧୭୫୦ ଓ ୧୭୬୦ରେ ଶିଖ୍‌ମାନେ ପଞ୍ଜାବରେ ଅବଦଲ୍ଲୀଙ୍କ ଆକ୍ରମଣର ପ୍ରତିରୋଧ କରିଥିଲେ । ମରାଠାମାନେ ମଧ ଏହି ଅଭିଯାନରେ ମହତ୍ତ୍ୱପୂର୍ଣ୍ଣ ଭୂମିକାଗ୍ରହଣ କରିଥିଲେ । ଘଟଣାକ୍ରମେ ୧୭୬୦ର ମଧଭାଗରେ ଲାହୋରରେ ଶିଖ୍‌ମାନଙ୍କ ଶାସନ ପ୍ରତିଷ୍ଠା ହେଲା ।  ଫଳରେ ସେଠାରେ ଆଫଗାନମାନେ ବିଜୟଲାଭ କରିବାରେ ସକ୍ଷମ ହୋଇନଥିଲେ । ଅହମ୍ମଦଶାହାଙ୍କ ଉତ୍ତରାଧିକାରୀ ତୈମୁର ଶାହା (ଶାସନକାଳ ୧୭୭୨-୯୩) ଶିଖ୍ ଅଧିକୃତ କେତେକ ଅଞ୍ଚଳ ଓ ସହର (ଯେପରି ମୁଲତାନ୍) ପୁନଃ ଅଧିକାର କଲେ । ଅହମ୍ମଦ ଶାହାଙ୍କ ବଂଶଜ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଏହି ଲକ୍ଷ୍ୟସାଧନ ପାଇଁ ପ୍ରଯତ୍ନଶୀଳ ହେଲେ । କିନ୍ତୁ ୧୭୭୦ ବେଳକୁ ସେମାନେ ପ୍ରାୟ ୬୦ ଶିଖ୍ ସରଦାରଙ୍କ ସହ ସନ୍ଧି କରିଥିଲେ । ସେଥିରୁ ନାଭା ଓ ପଟିଆଲା ପରି କେତେକ ରାଜ୍ୟ ବ୍ରିଟିଶମାନଙ୍କ ଅଧିନରେ ଦେଶୀୟ ରାଜ୍ୟ ରୂପେ ବିବେଚିତ ହେଲା ।

ଶିଖ୍ ପ୍ରଶାସକମାନେ ମୋଗଲମାନଙ୍କ ଦ୍ୱାରା ପ୍ରଚଳିତ କେତେକ ପ୍ରଶାସନିକ ବ୍ୟବସ୍ଥାକୁ ଅବ୍ୟାହତ ରଖିଲେ । ସରଦାରମାନଙ୍କର ମୁଖ୍ୟ ଅଧସ୍ତନମାନଙ୍କୁ ଜାଗିରିଦାର ହସ୍ତାନ୍ତର କରାଗଲା । ମୋଗଲ ଅମଲାତନ୍ତ୍ରର ପାର୍ସୀ ସଂସ୍କୃତି ପୂର୍ବପରି ପ୍ରଭାବ ବିସ୍ତାର କଲା । ସେହି ସମୟରେ ଏପରି ଜଣେ ପ୍ରମୁଖ ଶିଖ୍‌ଶାସକ ଥିଲେ ଚରହତ୍ ସିଂ ସୁକେରଚ୍ଛିଆଙ୍କ ପୌତ୍ର ରଣଜିତ୍ ସିଂ । ସେ ସ୍ୱଳ୍ପସମୟ ମଧରେ ଛୋଟ ରାଜ୍ୟସବୁ ଏକତ୍ରିତ କରି ଏକ ବୃହତ୍ ସାମ୍ରାଜ୍ୟରେ ପରିଣତ କରାଇଲେ । ରଣଜିତ୍ ସିଂଙ୍କର ପ୍ରଭାବଶାଳୀ ଶାସନ ୧୭୯୯ରୁ ୧୮୩୯ ପର୍ଯ୍ୟନ୍ତ ଚାରି ଦଶନ୍ଧି ଧରି ଚାଲିଲା । ଏହି ସମୟରେ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀର କ୍ଷମତା ଭାରତର ପ୍ରତ୍ୟେକ କୋଣରେ ବୃଦ୍ଧି ପାଇଲା । ରଣଜିତ୍ ସିଂଙ୍କ ମୃତ୍ୟୁର ଦଶବର୍ଷ ପରେ ଇଂରେଜମାନେ ପଞ୍ଜାବ ଉପରେ ନିଜର ଆଧିପତ୍ୟ ବିସ୍ତାର କଲେ । ରଣଜିତ୍ ସିଂଙ୍କ କ୍ଷମତା ବୃଦ୍ଧିର ମୁଖ୍ୟ କାରଣ ଥିଲା ଶୃଙ୍ଖଳିତ ସୈନ୍ୟବାହିନୀ ଓ ଭଡ଼ାଟିଆ

ଇଉରୋପୀୟ ସୈନ୍ୟମାନଙ୍କର ସେନାରେ ଯୋଗଦାନ ତଥା ସେହି ଅଞ୍ଚଳର ସାମରିକ ଅବସ୍ଥିତି । ଏ ସମସ୍ତ ବ୍ୟବସ୍ଥା ରଣଜିତ୍ ସିଂ ଉତ୍ତରାଧିକାରୀ ଭାବେ ତାଙ୍କ ପିତାଙ୍କଠାରୁ ପାଇଥିଲେ । ପ୍ରାୟତଃ ଏକ ଶତାବ୍ଦୀ ବ୍ୟାପୀ ମୋଗଲମାନଙ୍କ ବିରୁଦ୍ଧରେ ହେଉଥିବା ଶିଖ୍ ବିଦ୍ରୋହ ମହାରାଜା ରଣଜିତ୍ ସିଂଙ୍କ ଶାସନକାଳରେ ଶୀର୍ଷସ୍ଥାନରେ ପହଞ୍ଚିଥିଲା ।

ରଣଜିତ୍ ସିଂଙ୍କ ଶାସନ ରାଜତନ୍ତ୍ରର ନିୟମ ଉପରେ ଆଧାରିତ ଥିଲା । ସେ ବାଣିଜ୍ୟିକ କେନ୍ଦ୍ରର ମୁଖ୍ୟ ସହର ଲାହୋରକୁ ନିଜର ରାଜଧାନୀ ରୂପେ ବ୍ୟବହାର କଲେ ଯାହାକୁ ୧୭୯୯ରେ ସେ ଅଧିକାର କରିଥିଲେ । ବାଣିଜ୍ୟିକ ପଥକୁ ନିୟନ୍ତ୍ରଣାଧୀନ କରିବାପରେ ସେ ନିଜ ରାଜସ୍ୱ ବୃଦ୍ଧିପାଇଁ ଲୁଣ, ଶସ୍ୟ ତଥା କାଶ୍ମୀରରୁ ଆସୁଥିବା ବସ୍ତ୍ର ଉପରେ ଏକଚାଟିଆ କାରବାର ଆରମ୍ଭ କଲେ । ଏହି ଆୟ ମାଧ୍ୟମରେ ସେ ୪୦,୦୦୦ ଅଶ୍ୱାରୋହୀ ତଥା ପଦାତିକ ବାହିନୀକୁ ନେଇ ଏକ ବିଶାଳ ସୈନ୍ୟ ବାହିନୀ ସ୍ଥାପନ କଲେ । ୧୮୦୯ ବେଳକୁ ପଞ୍ଜାବର ପ୍ରାୟ ଅଧିକାଂଶ ଅଞ୍ଚଳ ତାଙ୍କ କର୍ତ୍ତୃତ୍ୱାଧୀନ ହେଲା ।

## 15.7 JAIPUR AND OTHER RAJPUTANA STATES
## ଜୟପୁର ଏବଂ ଅନ୍ୟ ରାଜପୁତ ରାଜ୍ୟ :

ପୂର୍ବ ରାଜସ୍ଥାନରେ କଛୱାହା ବଂଶର ଅଧୀନରେ ଜୟପୁର (ଅମ୍ବର) ଏକ ରାଜପୁତ୍ ରାଜ୍ୟ ଥିଲା । ଅଷ୍ଟାଦଶ ଶତାବ୍ଦୀର ଆରମ୍ଭରେ ରାଜା ଜୟସିଂ ସୱାଇ ସେଠାରେ ନିଜର କ୍ଷମତା ବିସ୍ତାର କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଥିଲେ । ଏଗୁଡ଼ିକ ଥିଲା - (i) ନିଜ ଅଞ୍ଚଳରେ ଜାଗିରଦାରୀ ପାଇବାର ବ୍ୟବସ୍ଥା କରିବା, ତଥା (ii) କୃଷି ମାଧ୍ୟମରେ ଭୂ-ରାଜସ୍ୱ ଆଦାୟର ଅଧିକାର ନେବା (ଭୂ-ରାଜସ୍ୱ ଆଦାୟ ପାଇଁ ଯେଉଁ ଭୂଖଣ୍ଡ ସେମାନଙ୍କୁ ପ୍ରଦାନ କରାଯାଇଥିଲା ସେଗୁଡ଼ିକ ବ୍ୟକ୍ତିମାନଙ୍କୁ ରାଜ୍ୟଦ୍ୱାରା ଭଡ଼ା ସୂତ୍ରରେ ଦିଆଯାଇଥିଲା) । ୧୭୪୩ରେ ତାଙ୍କ ମୃତ୍ୟୁବେଳକୁ ରାଜା ଜୟସିଂ (ତାଙ୍କ ନାମ ଅନୁସାରେ ଜୟପୁରର ନାମକରଣ ହୋଇଥିଲା) ଏହି ଅଞ୍ଚଳର ଏକମାତ୍ର ପ୍ରମୁଖ ଶାସକ ରୂପେ ବିବେଚିତ ହେଉଥିଲେ । ସେତେବେଳେ ଅଧିକାଂଶ ରାଜପୁତ ରାଜ୍ୟ କ୍ରମାଗତ ଭାବେ କଳହ ତଥା ପରସ୍ପର ସଂଘର୍ଷରେ ଲିପ୍ତ ରହୁଥିଲେ । ମାରୱାର୍‌ର ଅଜିତ୍ ସିଂ ନିଜ ପୁତ୍ରଦ୍ୱାରା ନିହତ ହେଲେ ।

୧୭୫୦ରେ ଭରତପୁରର ଜାଠ୍ ଶାସକ, ସୂରଜମଲ୍ ଜୟସିଂଙ୍କ ପରି ମୋଗଲ ରାଜସ୍ୱର ପରିବର୍ତ୍ତିତ ପଦ୍ଧତି ନିଜ ଅଞ୍ଚଳରେ ପ୍ରଚଳନ କଲେ । କିନ୍ତୁ ସେତେବେଳକୁ ଜୟପୁରର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ଲାଗିସାରିଥିଲା । ମରାଠାମାନଙ୍କ ଠାରୁ ଭୟଥିବାରୁ ସୁରଜମଲ୍ ସ୍ୱଳ୍ପ-ମିଆଦୀ ରାଜସ୍ୱ ଆଦାୟ ପାଇଁ ଆବଶ୍ୟକ ପଦକ୍ଷେପ ନେଲେ । ଠିକ୍ ସେହି ସମୟରେ ୧୭୫୦ ତଥା ୧୭୬୦ରେ କ୍ରମାଗତ କୃଷିକ୍ଷେତ୍ରରେ ବିଫଳତା ଦେଖିବାକୁ ମିଳିଲା । ଏହିପରି ଭାବରେ ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଜୟପୁରର ଆର୍ଥିକ ଦୁର୍ବଳତା ଦେଖାଦେଲା । ଏହା ଜୟପୁରର ରାଜନୈତିକ କ୍ଷମତାର ପତନର ମଧ ସଂକେତ ଦେଇଥିଲା । ଏହି ସମୟରେ ମରାଠାମାନଙ୍କର ଓ ବିଶେଷକରି ମହାଦଜୀ ସିନ୍ଧିଆଙ୍କର ଏକ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜୟପୁରକୁ ହାସଲ କରିବା ।

ମରାଠା ବ୍ୟତୀତ ଉପର ବର୍ଣ୍ଣିତ ସମସ୍ତ ରାଜ୍ୟର ସୀମା ପରସ୍ପର ସହ ଜଡ଼ିତ ଥିଲା । ଏସବୁ ରାଜ୍ୟ ବାଣିଜ୍ୟକୁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଗ ରୂପେ ବିବେଚନା କରୁଥିଲେ । ରଣଜିତ୍ ସିଂଙ୍କର ରାଜ୍ୟ ମୁଖ୍ୟତଃ ବାଣିଜ୍ୟ ଉପରେ ନିର୍ଭର କରୁଥିଲା । ତଥାପି, ସାମୁଦ୍ରିକ ବାଣିଜ୍ୟର ଅଭାବବୋଧରୁ ରାଜ୍ୟର ଦୁର୍ବଳତା ସୁସ୍ପଷ୍ଟ ହେଲା । ବିଶେଷକରି ଯେଉଁ ସମୟରେ ଇଷ୍ଟଇଣ୍ଡିଆ କମ୍ପାନୀ କ୍ଷମତା ସଂପର୍ଣ୍ଣ ହେଲା, ସେହି ସମୟରେ ଏହା ପରିଲକ୍ଷିତ ହୋଇଥିଲା । କାରଣ ପ୍ରାରମ୍ଭରେ କମ୍ପାନୀ ଏକ ନୌବାଣିଜ୍ୟର ଉଦ୍ୟୋଗ ମାତ୍ର ଥିଲା ।

## 15.8 POLITICS IN SOUTH INDIA ଦକ୍ଷିଣ ଭାରତର ରାଜନୀତି :

ଉପର ବର୍ଣ୍ଣିତ ଯେତେଗୁଡ଼ିଏ ଅଞ୍ଚଳର ବର୍ଣ୍ଣନା ହୋଇଛି, ତା'ର ବିପରୀତ ଦକ୍ଷିଣଭାରତର ରାଜ୍ୟଗୁଡିକ ନିଜର ସ୍ଥିତି ସୁଦୃଢ଼ କରିବା ପାଇଁ ସାମୁଦ୍ରିକ ପଥ ଓ ବନ୍ଦରର ଉପଯୋଗ କରୁଥିଲେ ।

ଏସବୁ ରାଜ୍ୟ ମଧ୍ୟରେ ମୁଖ୍ୟ ଥିଲା ମାର୍ତ୍ତଣ୍ଡବର୍ମା ଓ ରାମବର୍ମାଙ୍କ କର୍ତ୍ତୃତ୍ୱାଧୀନ କେରଳର ଟ୍ରାଭାନ୍‌କୋର ତଥା ହାଇଦର ଅଲ୍ଲୀ ଓ ଟିପୁସୁଲତାନ୍‌ଙ୍କ ମହୀଶୂର ।

ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଅଥବା ୧୭୪୦ ପରେ ଦକ୍ଷିଣ ଭାରତୀୟ ରାଜ୍ୟସମୂହ ସକ୍ରିୟ ହୋଇଥିଲେ । ଏହା ପୂର୍ବରୁ ଦକ୍ଷିଣ ଭାରତର ଚିତ୍ର ଖ୍ୟାତିସଂପର୍ଣ୍ଣ ମୁସ୍‌ଲିମ ଦଳ ଦ୍ୱାରା ପ୍ରଭାବିତ ହେଉଥିଲା । ଏହି ମୁସ୍‌ଲିମ ଗୋଷ୍ଠୀ ୧୬୮୦ ଓ ୧୬୯୦ରେ ସେସବୁ ଅଞ୍ଚଳରେ ମୋଗଲ ଶାସନର ସଂପ୍ରସାରଣରେ ଆଶାନୁରୂପ ସାହାଯ୍ୟ କରିଥିଲେ । କାରଣ ୧୭୦୦ର ଠିକ୍ ପରେ ପରେ ଏହି ଗୋଷ୍ଠୀ କେତେକ ମୋଗଲ ଶାସକଙ୍କ ସହ ଦ୍ୱିତୀୟ ପର୍ଯ୍ୟାୟରେ ଆସିଥିଲେ । ଏମାନଙ୍କ ମଧ୍ୟରୁ କେତେକ ପ୍ରଖ୍ୟାତ ମୁସଲିମ୍ ବ୍ୟକ୍ତି ମୋଗଲ ବାଦଶାହାଙ୍କର ପ୍ରମୁଖ ରାଜସ୍ୱ ଅଧିକାରୀ ଭାବେ ଅବସ୍ଥାପିତ ହେଲେ । ସେମାନଙ୍କ ମଧ୍ୟରେ ଅପେକ୍ଷାକୃତ କେତେକ ଛୋଟ ନବାବ (ଡ଼େପୁଟି) ଥିଲେ ଯେମିତି ବାଲ୍‌ଘାଟ୍‌ର ନବାବ ତଥା ଉତ୍ତର କର୍ଣ୍ଣାଟକର (ସିରାର ଅବଦୁଲ ରସୁଲ ଖାଁ) । ଏହି ମୁସଲମାନ ଗୋଷ୍ଠୀମଧ୍ୟରୁ ନିଜାମ୍-ଉଲ୍-ମୁଲକ ତଥା ଆର୍କଟର ସାଦୁଲ୍ଲା ଖାଁ ରାଜନୈତିକ କ୍ଷମତା ଦୃଷ୍ଟିରୁ ପ୍ରଭାବଶାଳୀ ଥିଲେ । । ୧୭୪୦ ବେଳକୁ ନିଜାମ୍-ଉଲ୍-ମୁଲକ୍ ହାଇଦ୍ରାବାଦ୍‌ରେ ନିଜର ସ୍ଥିତି ସୁଦୃଢ଼ କଲେ । ଏହାର ତିନିଦଶନ୍ଧି ପୂର୍ବରୁ ଆର୍କଟ ଇଲାକାର ସ୍ଥିତି ସୁରକ୍ଷିତ ହୋଇସାରିଥିଲା । ବଂଶାନୁକ୍ରମିକ ଉତ୍ତରାଧିକାରୀ ପ୍ରଥା ଏହି ରାଜ୍ୟଗୁଡିକରେ ଲାଗୁ ରହିଥିଲା । ହାଇଦ୍ରାବାଦ୍‌ର ନିଜାମ୍ ଓ ଆର୍କଟ ଶାସକଙ୍କ ମଧ୍ୟରୁ କେହି ପୂର୍ଣ୍ଣ ସାର୍ବଭୌମତ୍ୱ ଦାବୀ କରିନଥିଲେ । ଏଣୁ ସେମାନେ ମୋଗଲ ଶାସକଙ୍କ ପ୍ରତିନିଧି ରୂପେ ଶାସନ କଲେ । ୧୭୨୦ରେ ଦକ୍ଷିଣ ଭାରତର ରାଜନୈତିକ କ୍ଷେତ୍ର କେତେକ ଛୋଟ ଶାସକ ମାନଙ୍କ କ୍ରୀଡ଼ା ଭୂମିରେ ପରିଣତ ହେଲା । ସେମାନଙ୍କ ମଧ୍ୟରୁ ତିନୋଟି ଦୁର୍ଜୟ ଶାସକ ଥିଲେ, ମରାଠା (ତାଞ୍ଜୋର ତଥା ଅନ୍ୟାନ୍ୟ ଅଞ୍ଚଳରେ), ନିଜାମ ତଥା ଆର୍କଟ (କର୍ଣ୍ଣାଟକ)ର ନବାବ ।

ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟ ଭାଗରେ ଉପରୋକ୍ତ ତିନୋଟି ଶକ୍ତିର କ୍ଷମତା କ୍ଷୟ ହେବାକୁ ଲାଗିଲା । ୧୭୪୦ ଓ ୧୭୫୦ର ପ୍ରାରମ୍ଭରେ ଆର୍କଟରେ ଉତ୍ତରାଧିକାରୀ ମନୋନୟନ ବେଳେ ସଂକଟ ସୃଷ୍ଟି ହେଲା । ଫଳରେ ଶାସକମାନେ ଘରୋଇ ଇଂରେଜ ବଣିକମାନଙ୍କ ଦ୍ୱାରା ପ୍ରଚଳିତ ଅର୍ଥ ବ୍ୟବସ୍ଥାର ଅନୁକରଣ କରିବା ପାଇଁ ବାଧ ହେଲେ । କାରଣ ଯୁଦ୍ଧ ପାଇଁ ଆର୍କଟ ଶାସକଙ୍କର ଧନର ଆବଶ୍ୟକତା ଥିଲା । ୧୭୫୦ରେ ହାଇଦ୍ରାବାଦ୍‌ର ପ୍ରଶାସନ ମଧ ପତନୋମୁଖୀ ହେଲା( ହାଇଦ୍ରାବାଦର ନିଜାମ-ଉଲ୍-ମୁଲକଙ୍କ ମୃତ୍ୟୁ ପରେ) । ଉପକୂଳବର୍ତ୍ତୀ ଜିଲ୍ଲାରେ ହଠାତ୍ ନିୟନ୍ତ୍ରଣ ବିଛିନ୍ନ ହେଲା । ରାଜ୍ୟଗୁଡ଼ିକର ସୀମା ଏକତ୍ରିତ ଥିଲେ ମଧ ରାଜ୍ୟର ଜନସଂଖ୍ୟା ଖୁବ୍ କମ୍ ହୋଇଗଲା । ଏହି ଭଳି ପରିସ୍ଥିତିରେ ରାଜ୍ୟ ପାଖରେ କେବଳ ଏକମାତ୍ର ବିକଳ୍ପ ଥିଲା ଯେ ଏକ ବିଶାଳ ଓ ସୁସଂଗଠିତ ସେନାବାହିନୀ ଗଠନ କରିବା ତଥା ବାହ୍ୟ ସମର୍ଥନକୁ ଉନ୍ମୁକ୍ତ ରଖିବା । ତତ୍କାଳୀନ ରାଜତନ୍ତ୍ରରେ ବାଣିଜ୍ୟିକ ନିୟନ୍ତ୍ରଣ ମଧ ସଂକଟାପର୍ଣ୍ଣ ହେଲା ।


**ଟ୍ରାଭାନ୍‌କୋର୍ ରାଜ୍ୟ :** ମାର୍ତ୍ତଣ୍ଡ ବର୍ମା (ଶାସନକାଳ ୧୭୨୯-୫୮) ଦକ୍ଷିଣ କେରଳୀୟ ରାଜ୍ୟ ଭେନାଡ଼ରେ (ଟ୍ରାଭାନ୍‌କୋର୍)ନିଜର ପ୍ରଭୁତ୍ୱ ବିସ୍ତାର କରିବା ପାଇଁ କେତେକ ପଦ୍ଧତି ଅନୁସରଣ କଲେ । ସେଗୁଡ଼ିକ ଥିଲା ।

(i) ୫୦,୦୦୦ ସୈନ୍ୟ ବିଶିଷ୍ଟ ଏକ ଶକ୍ତିଶାଳୀ ସେନାବାହିନୀ ଗଠନ ।

(ii) ନାୟର ଆଭିଜାତ୍ୟ ବର୍ଗର କ୍ଷମତା ହ୍ରାସ କରିବା । ଏଠାରେ ପ୍ରକାଶଯୋଗ୍ୟ ଯେ ନାୟରମାନଙ୍କ ଉପରେ ଟ୍ରାଭାନ୍‌କୋର୍ ଶାସକମାନେ ପୂର୍ବରୁ ସାମରିକ ଦୃଷ୍ଟିକୋଣରୁ ନିର୍ଭରଶୀଳ ଥିଲେ ଏବଂ

(iii) ତଥାକଥିତ ଟ୍ରାଭନ୍‌କୋର୍ ରେଖା ଉପରେ ନିଜ ରାଜ୍ୟର ଉତ୍ତରସୀମାକୁ ଦୃଢ଼ୀକରଣ କରିବା ।

ମାର୍ତ୍ତଣ୍ଡବର୍ମାଙ୍କ ରାଜ୍ୟର ସୀମାଭିତରେ ସିରିଆ ଖ୍ରୀଷ୍ଟିଆନମାନଙ୍କର ଏକବୃହତ୍ ବାଣିଜ୍ୟ ଗୋଷ୍ଠୀଥିଲେ । ବାଣିଜ୍ୟିକ କ୍ଷେତ୍ରରେ ଇଉରୋପୀୟ ସଂପୃକ୍ତିକୁ ସୀମିତ କରିବା ପାଇଁ ସେ ଏହି



ଟିପ୍ପଣି

ଖ୍ରୀଷ୍ଟିଆନମାନଙ୍କୁ ପୃଷ୍ଠପୋଷକତା ପ୍ରଦାନ କରିଥିଲେ । ସେହି ସମୟରେ ବାଣିଜ୍ୟ କାରବାରର ଏକ ମୁଖ୍ୟ ବସ୍ତୁ ଥିଲା ଗୋଲମରିଚ । କିନ୍ତୁ ରାଜକୀୟ ଏକଚାଟିଆ କାରବାରରେ ଅନ୍ୟ ବସ୍ତୁଗୁଡିକର ସଂପୃକ୍ତି ଥିଲା । ଏହି କାରବାର ପାଇଁ ସରକାରୀ ଅନୁମତିର ଆବଶ୍ୟକତା ଥିଲା । ମାର୍ତ୍ତଣ୍ଡଙ୍କ ଉତ୍ତରାଧିକାରୀ ରାମ ବର୍ମାଙ୍କ (ଶାସନ କାଳ ୧୭୫୮-୯୮) ସମୟରେ ମଧ ଏହି ନୀତିସବୁ ବ୍ୟାପକ ଆକାରରେ ଅବ୍ୟାହତ ରହିଥିଲା । ଫଳରେ ରାମବର୍ମା ନିଜ ରାଜ୍ୟକୁ ନୂଆ ସଂକଟପୂର୍ଣ୍ଣ ପ୍ରତିଦ୍ୱନ୍ଦୀ ମହୀଶୂରଠାରୁ ରକ୍ଷା କରିବା ପାଇଁ ସକ୍ଷମ ହେଲେ ।

**ମହୀଶୂର ଉତ୍‌ଥାନ :** ୱାଡିଅର ବଂଶର ଶାସକ ଯଥା କାନ୍ଥୀରବା ନରସାରାଜା ଓ ଚିକାଦେବାରାଜାଙ୍କ ନେତୃତ୍ୱରେ ମହୀଶୂର ଏକ ମହତ୍ତ୍ୱପୂର୍ଣ୍ଣ ରାଜ୍ୟରୂପେ ଗଢ଼ି ଉଠିଲା । କିନ୍ତୁ ମହୀଶୂର ଏକ ଭୂ-ପରିବେଷ୍ଟିତ ରାଜ୍ୟ ଥିବାରୁ ଅନ୍ୟରାଜ୍ୟର ପୋତ ଉପରେ ବାଣିଜ୍ୟ ଓ ସାମରିକ ଯୋଗାଣ ପାଇଁ ନିର୍ଭରଶୀଳ ଥିଲା । ରାଜ୍ୟର ସୈନ୍ୟ ଯୋଗାଣ ଭାରତୀୟ ପୂର୍ବ ଉପକୂଳର ବନ୍ଦର ମାଧମରେ ହେଉଥିଲା । ଏହି ସବୁ ବନ୍ଦରରେ ଇଉରୋପୀୟ ନିୟନ୍ତ୍ରଣ ବୃଦ୍ଧି ପାଇବାରୁ ମହୀଶୂରର ମହତ୍ତ୍ୱ ବଢ଼ିଯାଇଥିଲା । ୧୭୬୦ରୁ ଉପରୋକ୍ତ ଅବସ୍ଥାର ପରିବର୍ତ୍ତନ ପାଇଁ ଉଦ୍ୟମ କରାଗଲା । ଜଣେ ଦେଶାନ୍ତରୀ ଅଶ୍ୱାରୋହୀ ଯୋଦ୍ଧା (ସେନାପତି) ହାଇଦର ଅଲ୍ଲୀ, ୱାଡିଅରମାନଙ୍କୁ ଶକ୍ତିହୀନ କରିଦେଲେ ଏବଂ ନିଜେ କ୍ଷମତାର କେନ୍ଦ୍ର ହେଲେ । ସେ ଶକ୍ତିଶାଳୀ କଲାଲେ ପରିବାରର ଲୋକଙ୍କୁ ମନ୍ତ୍ରୀପରିଷଦରୁ ବହିଷ୍କୃତ କରିଦେଲେ । ଶେଷରେ ୧୭୬୧ରେ ସେ ଶାସନ କ୍ଷମତା ନିଜ ହାତକୁ ନେଲେ । ପ୍ରଥମେ ହାଇଦରଅଲ୍ଲୀ ଓ ପରେ ୧୭୨୮ରେ ତାଙ୍କ ପୁଅ ଟିପୁ ସୁଲତାନ୍ ମହୀଶୂରକୁ ନିରାପଦ ତଥା ଦୃଢ଼ କରିବା ପାଇଁ ନାନା ପଦକ୍ଷେପ ନେଇଥିଲେ । ଟିପୁ ସୁଲତାନ୍ ମହୀଶୂରକୁ ଏପରି ଏକ ରାଜ୍ୟରେ ପରିଣତ କରାଇଲେ ଯାହାର ପ୍ରବେଶ ପଥ ଭାରତୀୟ ଉପଦ୍ୱୀପର ଦୁଇଦୁଇଟି ମୁଖ୍ୟବନ୍ଦର ଆଡକୁ ଉନ୍ମୁକ୍ତ ହେଉଥିଲା । ଉଚ୍ଚଭୂମି କୋଡ଼ାଗୁ (କୁର୍ଗ) ରାଜ୍ୟର ଅଧିବାସୀ କୋଡ଼ାବା ଅପେକ୍ଷାକୃତ ଭାବେ ସଫଳ ଥିଲେ । ଉପକୂଳବର୍ତ୍ତୀ କର୍ଣ୍ଣାଟକ ତଥା ଉତ୍ତର କେରଳ ଉପରେ କୋଡାଗୁ ଅଧିବାସୀମାନେ ପ୍ରଭାବ ବିସ୍ତାର କଲେ । ଏହାଦ୍ୱାରା ମଧପ୍ରାଚ୍ୟ ସହ କୂଟନୈତିକ ତଥା ବାଣିଜ୍ୟିକ ସଂପର୍କ ସ୍ଥାପନ କରିବାରେ ଟିପୁସୁଲତାନ୍ ସକ୍ଷମ ହେଲେ । ତାଙ୍କ ପିତାଙ୍କ ତୁଳନାରେ ଟିପୁଙ୍କର ମହତ୍ତ୍ୱଆକାଂକ୍ଷା ଖୁବ୍ ଅଧିକ ଥିଲା । ସେ ବିଶାଳ ମୋଗଲ କର୍ତ୍ତୃତ୍ୱର କବଳରୁ ନିଜକୁ ମୁକ୍ତ କରିବା ପାଇଁ ଆପ୍ରାଣ ଉଦ୍ୟମ କଲେ । ଏ ବିଷୟରେ ଆମେ ପୂର୍ବରୁ ଆଲୋଚନା କରିଛୁ । କିନ୍ତୁ ମହୀଶୂରର ହାଇଦର ଓ ଟିପୁସୁଲତାନ ସେମାନଙ୍କର ସମସ୍ୟାକୁ ସର୍ବସମ୍ମତ କରାଇବାରେ ଅସମର୍ଥ ହୋଇଥିଲେ । ଉଭୟ ସୈନ୍ୟ ତଥା ରାଜସ୍ୱ ସମ୍ବନ୍ଧୀୟ ଦକ୍ଷତା ପାଇଁ ସେମାନେ ବଣିକ ଓ ବିସ୍ଥାପିତମାନଙ୍କ ଉପରେ ନିର୍ଭରଶୀଳ ହେଲେ । ଏହି ନିର୍ଭରଶୀଳତା ଯୋଗୁଁ ସେମାନେ ସର୍ବଦା ସ୍ଥାନୀୟ ସର୍ଦ୍ଦାର, ତଥାକଥିତ ପୋଲୀଗାରମାନଙ୍କର ପ୍ରତିରୋଧର ସମ୍ମୁଖୀନ ହେଉଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା ଯେ ୧୭୭୦ ବେଳକୁ ମହୀଶୂର ଇଷ୍ଟ ଇଣ୍ଡିଆ କମ୍ପାନୀର ଏକ ଦୁର୍ଜ୍ଜୟ ସେନାବାହିନୀର ସମ୍ମୁଖୀନ ହେଲା । କମ୍ପାନୀର ବିରୋଧ(ମହୀଶୂରର) ସେମାନଙ୍କର ଶାନ୍ତି ଭଙ୍ଗ କରାଇଲା । ପୁନଶ୍ଚ ଏଇ ଇଂରେଜମାନେ ଉତ୍କୃଷ୍ଟ ଧରଣର କୃଷିକ୍ଷେତ୍ର ଥିବା ଅଞ୍ଚଳରେ ମହୀଶୂରର ପ୍ରବେଶକୁ ବିରୋଧ କଲେ । ଉପକୂଳବର୍ତ୍ତୀ ସମତଳର ପୂର୍ବ ଭାରତରେ କରମଣ୍ଡଳର ସମସ୍ତ ବନ୍ଦର ମହୀଶୂର ପାଇଁ ନିଷିଦ୍ଧ କରାଯାଇଥିଲା । ପରିଶେଷରେ ୧୭୯୯ରେ ଟିପୁ ଇଂରେଜ ମାନଙ୍କ ହାତରେ ନିହତ ହେଲେ ।

## INTEXT QUESTIONS 15.3 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. କେଉଁ ଅଞ୍ଚଳ ତଥା କାହାର ପୃଷ୍ଠପୋଷକତାରେ କଥକ ନୃତ୍ୟ ଶୈଳୀର ବିକାଶ ହୋଇଥିଲା ?

   ______________________________

2. ୧୭୫୭ରେ ହୋଇଥିବା ପଲାସୀଯୁଦ୍ଧ କାହିଁକି ମହତ୍ତ୍ୱପୂର୍ଣ୍ଣ ଥିଲା ?

   ______________________________



ଟିପ୍ପଣି

3. ମହୀଶୂରରର ସେହି ସୁଲତାନ୍‌ମାନଙ୍କ ନାମଲେଖି ଯେଉଁମାନେ ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀର ବିରୋଧର ସମ୍ମୁଖୀନ ହୋଇଥିଲେ ? ରାଜତ୍ୱ କାଳରେ ସେମାନେ କେଉଁ କେଉଁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ?

## 15.9 THE ECONOMY IN EIGHTEENTH CENTURY INDIA
## ଅଷ୍ଟାଦଶ ଶତାବ୍ଦୀରେ ଭାରତର ଅର୍ଥନୀତି :

ଅଷ୍ଟାଦଶ ଶତାବ୍ଦୀ ଏହାର ଅତୀତ ତଥା ଭବିଷ୍ୟତ ମଧ୍ୟରେ ଯେଉଁ ନିରନ୍ତରତା ରଖିବା କଥା, ତାହା ସୁରୁଖୁରୂପେ ରଖି ପାରିନଥିଲା ।ଏହି ସମୟରେ ଭାରତରେ ରାଜନୈତିକ ସଂକଟ ପ୍ରବଳଭାବେ ଦେଖାଦେଲା । କାରଣ ପ୍ରଥମେ ରାଜ୍ୟଗୁଡ଼ିକ ନିର୍ମାଣ ହେଉଥିଲା, କିନ୍ତୁ ସେଗୁଡିକ ତ୍ୱରିତ ବେଗରେ ଭୁଷୁଡି ମଧ୍ୟ ପଡୁଥିଲା । ଏପରି ସ୍ଥିତିରେ ଅସ୍ଥିରତା ଚରମସୀମାରେ ପହଞ୍ଚିଥିଲା । ଅବଶ୍ୟ ଏହା ସତ୍ୟ ଯେ ସୈନ୍ୟବାହିନୀର ଆକ୍ରମଣ ଯୋଗୁଁ ଏହି ଧରଣର ଏକ ବିଶୃଙ୍ଖଳିତ ପରିସ୍ଥିତି ସୃଷ୍ଟି ହୋଇଥିଲା । ଜଳାଶୟର ଧ୍ୱଂସ ସାଧନ, ପଶୁ ସଂପତ୍ତିର ବଳପୂର୍ବକ ବାଜ୍ୟାପ୍ତିକରଣ ତଥା ଅସଂଖ୍ୟ ଜନସାଧାରଣଙ୍କ ଜୋରଜବରଦସ୍ତ ଦେଶାନ୍ତରଣ ୧୭୭୦ରେ ଓ ଏହାର ପରବର୍ତ୍ତୀ ଯୁଦ୍ଧ ଗୁଡିକରେ ପ୍ରତୀୟମାନ ହେଲା । ଏସବୁ କାର୍ଯ୍ୟ ଅର୍ଥନୈତିକ ସ୍ଥିରତା ଉପରେ ହାନିକାରକ ପ୍ରଭାବ ପକାଇଲା ଓ ବିକାଶର ଗତିରୋଧ କଲା ।

ଦିଲ୍ଲୀ ଦୃଷ୍ଟିକୋଣରୁ ଦେଖିଲେ ଅଷ୍ଟାଦଶ ଶତାବ୍ଦୀ ନିଶ୍ଚିତ ରୂପେ ଏକ ଅନ୍ଧକାରମୟ ଯୁଗ ଥିଲା । ନାଦିର ଶାହା, ଏହାପରେ ଅହମ୍ମଦ ଶାହା ଅବ୍‌ଦଲ୍ଲୀ ତଥା ଶେଷରେ ରୋହିଲାମାନଙ୍କର (ଯେଉଁମାନେ ୧୭୬୧-୭୧ ପର୍ଯ୍ୟନ୍ତ ଦିଲ୍ଲୀକୁ ନିୟନ୍ତ୍ରଣ କରୁଥିଲେ) ଆକ୍ରମଣ ଦିଲ୍ଲୀକୁ ଏକ ନିୟମିତ ଧ୍ୱଂସସ୍ତୂପରେ ପରିଣତ କରିଦେଲା । ଭାରତର ଅନ୍ୟାନ୍ୟ ଅଞ୍ଚଳ ଏପରିକି ତ୍ରିଭାନ୍ଦ୍ରମ୍, ପୁନା, ପାଟନା ତଥା ଜୟପୁରର ଅଧିବାସୀମାନେ ମଧ୍ୟ ଏପରି ଧ୍ୱଂସାବସ୍ଥାକୁ ଅନୁଭବ କରିନଥିଲେ । ଅଷ୍ଟାଦଶ ଶତାବ୍ଦୀରେ ରାଜନୈତିକ ବିକେନ୍ଦ୍ରୀକରଣ ସହ ଅର୍ଥନୈତିକ ପରିବର୍ତ୍ତନର ପ୍ରକ୍ରିୟା ମଧ୍ୟ ଚାଲୁଥିଲା । ଏହି ପରିପ୍ରେକ୍ଷୀରେ ଦିଲ୍ଲୀ ଓ ଆଗ୍ରାର ସ୍ଥିତି ବର୍ଣ୍ଣନା କରିବା କଷ୍ଟସାଧ । ଏସବୁ ସତ୍ତ୍ୱେ ବିଭିନ୍ନ ଅଞ୍ଚଳର ପରିସ୍ଥିତି ସମାନ ଧରଣର ନଥିଲା । ଉଦାହରଣ ସ୍ୱରୂପ ବଙ୍ଗଳା, ଜୟପୁର ତଥା ହାଇଦ୍ରାବାଦ୍‌ରେ ଅଷ୍ଟାଦଶ ଶତାବ୍ଦୀର ପୂର୍ବାର୍ଦ୍ଧରେ ନିରନ୍ତର ଅର୍ଥନୈତିକ ସମୃଦ୍ଧି ଦେଖିବାକୁ ମିଳିଥିଲା । କିନ୍ତୁ ଟ୍ରାଭାନକୋର, ମହୀଶୂର ତଥା ପଞ୍ଜାବରେ ଏହି ପ୍ରଗତି ବିଳମ୍ବରେ ଦେଖାଦେଲା । ଅତଏବ ଏହି ଯୁଗରେ ଭାରତର ସବୁଅଞ୍ଚଳ ପାଇଁ ଅର୍ଥନୈତିକ ଅଭିବୃଦ୍ଧି ଓ ଅବନ୍ନତି ସମାନ ଧରଣର ନଥିଲା । କେତେକ ଦୁର୍ବଳ ଓ ବିରୋଧାତ୍ମକ ବ୍ୟବସ୍ଥା ସତ୍ତ୍ୱେ ଅଷ୍ଟାଦଶ ଶତାବ୍ଦୀର ଅର୍ଥନୀତି କୃଷି, ଅନ୍ତର୍ଦେଶୀୟ ବାଣିଜ୍ୟ ତଥା ଆଧୁନିକୀ କରଣ କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିଥିଲା । ପଞ୍ଜାବ ତଥା ଉତ୍ତରଭାରତର କେତେକ ଅଞ୍ଚଳରେ ଅର୍ନ୍ତଃରାଜ୍ୟ ସଂଘର୍ଷ କାରଣରୁ କୃଷିକ୍ଷେତ୍ରରେ ଅବନତି ଦେଖାଦେଲା । କିନ୍ତୁ ଭୂମି ତଥା ଶ୍ରମର ଅନୁଭୂତି ଓ ପରିଚାଳନା ନୂତନ କୃଷି ପ୍ରଣାଳୀ ତଥା କୌଶଳର ଅଭାବ ପୂରଣ କରିବାରେ ସମର୍ଥ ହୋଇଥିଲା ।

ତକ୍‌ସୀମ୍ ତଥ୍ୟ ତଥା ଆଇନ୍-ଇ-ଆକବରୀର ତଥ୍ୟକୁ ଆଧାରକରି ପ୍ରମାଣ କରାଯାଏ ଯେ ସେ ସମୟରେ କୃଷି ଉପଯୋଗୀ ଜମିର ଅଭାବ ନଥିଲା । ବରଂ ଶ୍ରମ ଓ ଶକ୍ତିର ଅଭାବରୁ କୃଷିକ୍ଷେତ୍ରରେ ଅବନତି କୃଷିମୂଲ୍ୟାୟନରେ ଦୋଳାୟମାନ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହି ସମୟରେ କୃଷିକ୍ଷେତ୍ରର ମୂଲ୍ୟବୃଦ୍ଧି ଚାଷୀମାନଙ୍କୁ ଲାଭବାନ୍ କରାଇଲା । କିନ୍ତୁ କୃଷକ ଗୋଷ୍ଠୀର ବିଭାଜନ ଯୋଗୁଁ ଏହି ଲାଭରେ ସମାନତା ନଥିଲା । ରାଜ୍ୟଗୁଡ଼ିକ କୃଷିଜାତ ଦ୍ରବ୍ୟର ଉତ୍ପାଦନରୁ ଶୁଳ୍କ ପାଉଥିଲେ । ଏହି ପ୍ରକ୍ରିୟା ଦ୍ୱାରା ଗାଁ ଗାଁ ମଧ୍ୟରେ ବାଣିଜ୍ୟିକ ପ୍ରଗତି ଓ ବିନିମୟର ବ୍ୟାପକ ସଂଯୋଗ ସୃଷ୍ଟି ହେଲା ।

ଏହା ଉଲ୍ଲେଖନୀୟ ଯେ, ୧୭୦୨ ଓ ୧୭୦୪ ମଧ୍ୟରେ ଦକ୍ଷିଣ ଭାରତ ସଂକଟ ଘେରାରେ ଥିଲା । ଏହା ସତ୍ତ୍ୱେ ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ସାତ ଦଶକ ଦୁର୍ଭିକ୍ଷର କବଳରୁ ମୁକ୍ତ ଥିଲା ।

୧୭୭୦ରେ ବଙ୍ଗଳାର ଭୟଙ୍କର ଦୁର୍ଭିକ୍ଷରେ ଜନ୍ମ ସଂଖ୍ୟାର (୧/୩) ଏକ ତୃତୀୟାଂଶଭାଗ ଲୋକ ମୃତ୍ୟୁବରଣ କରିଥିଲେ । ଏଭଳି ଅଭାବନୀୟ ପରିସ୍ଥିତି ଔପନିବେଶିକ ଆକ୍ରମଣର ଠିକ୍ ପରେ ପରେ ଦେଖାଦେଇଥିଲା । ଏହାପରେ ୧୭୮୩ରେ ମଧ ଉତ୍ତର ଭାରତରେ ଆଉ ଏକ ଭୟଙ୍କର ଦୁର୍ଭିକ୍ଷ ଦେଖାଦେଇଥିଲା । ମୋଟାମୋଟି ଭାବରେ ଏକ ଅନୁକୂଳ ଭୂଶ୍ରମିକ ଅନୁପାତ କୃଷକମାନଙ୍କୁ ଅଧିକ ଗତିଶୀଳ କରାଇଲା । ଶ୍ରମିକଗୋଷ୍ଠୀ ଭୂମି ନିୟନ୍ତ୍ରକମାନଙ୍କ ସହ ଯଥାର୍ଥ ସର୍ତ୍ତରେ ଚୁକ୍ତିବଦ୍ଧହେବା ପାଇଁ ସକ୍ଷମ ହେଲେ । ବିଶେଷକରି ଉତ୍ତର ଭାରତରେ ପ୍ରଚୁର ରାଜସ୍ୱ ବୃଦ୍ଧିର ଦାବି କୃଷକମାନଙ୍କର ଦେଶାନ୍ତରଣ ପାଇଁ ଏକ ନିୟମିତ ପ୍ରକ୍ରିୟା ସୃଷ୍ଟି କଲା । କେତେକ ଗ୍ରାମର ମୁଖିଆମାନେ ରାଜସ୍ୱ ଭୂମିଗୁଡ଼ିକୁ ବଂଶାନୁଗତିକ ଭୂ-ସଂପତିରେ ପରିଣତ କରାଇବାରେ ସକ୍ଷମ ହେଲେ । ଟିପୁସୁଲ୍‌ତାନଙ୍କର ମହୀଶୂର ଭଳି ଶକ୍ତିଶାଳୀ ଆଞ୍ଚଳିକ ରାଜ୍ୟର ଲୋକମାନଙ୍କଠାରୁ ବଳପୂର୍ବକ ଅର୍ଥ ଆଦାୟ କରାଗଲା । ସାଧାରଣତଃ ଅଷ୍ଟାଦଶ ଶତାବ୍ଦୀର ଜନସଂଖ୍ୟା, ଉତ୍ପାଦନ, ମୂଲ୍ୟ ତଥା ପାରିଶ୍ରମିକ ବିକାଶମୁଖୀ ଥିଲା ।

ବିଖଣ୍ଡିତ ରାଜନୀତି ଶସ୍ୟ, ବସ୍ତ୍ର ତଥା ପଶୁ ସଂବନ୍ଧୀୟ ଅର୍ନ୍ତଦେଶୀୟ ବାଣିଜ୍ୟିକ ଅଭିବୃଦ୍ଧିରେ ବାଧା ସୃଷ୍ଟି କରିନଥିଲା । ବ୍ୟବସାୟିକ ବଣିକ ସଂସ୍ଥା ମାଲ ପରିବହନ, ଋଣ ତଥା ବୀମା ସେବାର ସଂପ୍ରସାରଣ ପାଇଁ ରାଜନୈତିକ ସୀମା ଅତିକ୍ରମ କଲେ । ପୂର୍ବ ଔପନିବେଶିକ ଯୁଗରେ ମଧ୍ୟସ୍ଥ ସାମାଜିକ ଗୋଷ୍ଠୀ ତଥା ରାଜ୍ୟର ଅପରିମିତ ଦାବୀ କାରିଗରମାନଙ୍କୁ ବିଶେଷକରି ବୁଣାକାରମାନଙ୍କୁ ଜୀବନ ଜୀବିକା ପାଇଁ ଅପୂର୍ବ ସୁଯୋଗ ପ୍ରଦାନ କଲା । ଏପରିକି ଅଷ୍ଟାଦଶ ଶତାବ୍ଦୀର ପରବର୍ତ୍ତୀ କାଳରେ ମହୀଶୂରରେ ଅନଧିକାର ପ୍ରବେଶ କରୁଥିବା ଶ୍ରମିକଙ୍କ ଅପେକ୍ଷା ମଧ୍ୟସ୍ଥିମାନଙ୍କ ଉପରେ ଆକ୍ରମଣ ହେଲା । ବଙ୍ଗଳା ତଥା ମାଡ୍ରାସ୍‌ରୁ ମିଳୁଥିବା ତଥ୍ୟରୁ ସାଧାରଣତଃ ଏହି ପ୍ରମାଣ ମିଳିଥାଏ । ଏଥିରୁ ଜଣାଯାଏ ଯେ ସହରୀ ଶ୍ରମିକମାନଙ୍କ ଅବସ୍ଥା ପ୍ରାକ୍ ଔପନିବେଶିକ ଯୁଗ ତୁଳନାରେ ପ୍ରାରମ୍ଭିକ ଔପନିବେଶିକ କାଳରେ ଅତ୍ୟନ୍ତ ଶୋଚନୀୟ ଥିଲା । ସେତେବେଳେ ଅନ୍ତର୍ଦ୍ଦେଶୀୟ ବାଣିଜ୍ୟ ପ୍ରଗତିଶୀଳ ଥିଲା । କିନ୍ତୁ ଇଉରୋପୀୟମାନଙ୍କ ଆଗମନ ପରେ ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟରେ ନିୟୋଜିତ ଭାରତୀୟ ନାବିକ ତଥା ବଣିକମାନଙ୍କର ବ୍ୟବସାୟ କ୍ଷତିଗ୍ରସ୍ତ ହେଲା । ୧୭୨୦ ବେଳକୁ ପ୍ରମୁଖ ଗୁଜରାଟୀ ବନ୍ଦର, ସୁରଟ ତାର ପ୍ରାଧାନ୍ୟ ହରାଇଲା । ଅଷ୍ଟାଦଶ ଶତାବ୍ଦୀର ଅନ୍ତିମ ସମୟରେ ଉଭୟ ପଶ୍ଚିମ ତଥା ଦକ୍ଷିଣ - ପୂର୍ବ ଏସିଆରେ ଭାରତୀୟ ଦ୍ରବ୍ୟର ଚାହିଦା ଅତ୍ୟଧିକ ବୃଦ୍ଧି ପାଇଲା । କିନ୍ତୁ ସେତେବେଳକୁ ଇଂରେଜ ବଣିକ ତଥା ନାବିକମାନେ ନିଜର ପ୍ରଭାବ ବିସ୍ତାର କରିସାରିଥିଲେ । ଫଳରେ ଭାରତୀୟମାନଙ୍କର ବ୍ୟବସାୟିକ କ୍ଷତିହେଲା, ଅଥଚ ଇଂରେଜମାନେ ଅଧିକ ଲାଭବାନ ହେଲେ ।

ଯେତେବେଳେ ପୁରୁଣା ବ୍ୟବସାୟିକ କେନ୍ଦ୍ର ଯଥା ସୁରଟ, ମୁସଲିପଟ୍ଟମ୍ ତଥା ଢ଼ାକାର ଅଧୋପତନ ହେଲା, ସେତେବେଳେ ବମ୍ବେ, ମାଡ୍ରାସ୍ ତଥା କଲିକତା ପରି ଔପନିବେଶିକ ବନ୍ଦର - ସହର ସେମାନଙ୍କ ସ୍ଥାନନେଇ ଯଥୋଚିତ ଗର୍ବ ଓ ଗୌରବ ଅନୁଭବ କଲେ । କିନ୍ତୁ ଦିଲ୍ଲୀ ଓ ଆଗ୍ରାଭଳି ମୋଗଲ ରାଜଧାନୀର ପତନ ଆଞ୍ଚଳିକ ରାଜଧାନୀ ଗୁଡିକର ଅଭିବୃଦ୍ଧିରେ କୌଣସି ପ୍ରଭାବ ପକାଇ ନଥିଲା । ଫଳରେ ଲକ୍ଷ୍ନୌ, ହାଇଦ୍ରାବାଦ, ବିଭିନ୍ନ ମରାଠା ସହର ତଥା ଶ୍ରୀରଙ୍ଗାପଟ୍ଟନମ୍ ପରି କେତେକ ଆଞ୍ଚଳିକ ରାଜଧାନୀ ସମୃଦ୍ଧିଶାଳୀ ହେଲା । ୧୮୦୦ରେ ସହରୀକରଣ ନିଶ୍ଚିତ ରୂପେ ଏକଶହ ବର୍ଷର ପୂର୍ବାପେକ୍ଷା ଅଧିକ ଥିଲା । ସହରୀ କେନ୍ଦ୍ରରେ ଶାସକ ତଥା ବଣିକମାନଙ୍କ ମଧ୍ୟରେ ଥିବା କ୍ଷମତାର ସନ୍ତୁଳନ ବଦଳି ଗଲା । କେତେକ ଉଦାହରଣରୁ ଜଣାଯାଏ ବାଣିଜ୍ୟିକ ତଥା ବ୍ୟବସାୟିକ କ୍ଷେତ୍ରରେ ପ୍ରଭାବଶାଳୀ ବ୍ୟକ୍ତିମାନେ ବଳପୂର୍ବକଭାବେ ନିଜକୁ ରାଜ୍ୟର ଶକ୍ତି ବୋଲି ଅଭିହିତ କଲେ ।

ବିଭିନ୍ନ କାରଣରୁ ପ୍ରତୀତ ହୁଏ ଯେ, ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ଅର୍ଥନୈତିକ ବ୍ୟବସ୍ଥାରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଦେଇଥିଲା । ଉଦାହରଣ ସ୍ୱରୂପ, ଯେତେବେଳେ ଇଷ୍ଟଇଣ୍ଡିଆ କଂପାନୀ ବଙ୍ଗଳା ସୁବାର ରାଜସ୍ୱ ଅଧିକାର ପାଇଲା, ସେତେବେଳେ ଧନର ପ୍ରବାହ ବିପରୀତ ଦିଗକୁ ଜଣାଗଲା । ପୂର୍ବରୁ ବଙ୍ଗଳା ତାର ରପ୍ତାନୀ ବଦଳରେ ସୁନା ଓ ରୂପା ସଂଗ୍ରହ କରୁଥିବାବେଳେ,



ଟିପ୍ପଣି

ଏହି ବ୍ୟବସ୍ଥା ପରବର୍ତ୍ତୀ ସମୟରେ ଚାଲିନଥିଲା । ଅଷ୍ଟାଦଶ ଶତାବ୍ଦୀର ପରବର୍ତ୍ତୀ କାଳରେ କୃଷକମାନଙ୍କୁ ନୀଳ ତଥା ଅଫିମପରି ଅର୍ଥକାରୀ ଫସଲ ଚାଷ କରିବା ପାଇଁ ବାଧ କରାଗଲା । ଏହି ବ୍ୟବସ୍ଥା ଖାଦ୍ୟଶସ୍ୟ ଉତ୍ପାଦନରେ ଏକ କୁ-ପ୍ରଭବା ପକାଇଲା । କିନ୍ତୁ ଅଷ୍ଟାଦଶ ଶତାବ୍ଦୀର ପରବର୍ତ୍ତୀ କାଳ ୧୭୫୦ର ପୂର୍ବବର୍ତ୍ତୀ କାଳ ଠାରୁ ଭିନ୍ନହେବାର ଅନ୍ୟ ଏକ କାରଣ ହେଉଛି ଯୁଦ୍ଧର ପରିବର୍ତ୍ତିତ ସ୍ୱରୂପ । ୧୭୫୦ର ପରବର୍ତ୍ତୀ ସମୟରେ ଯୁଦ୍ଧହେତୁ ଜନଜୀବନ ତଥା ଆର୍ଥିକ ଅବସ୍ଥା ପୂର୍ବାପେକ୍ଷା ଅଧିକ ବିଶୃଙ୍ଖଳିତ ହୋଇଗଲା । ଏହି ସମୟରେ ଯୁଦ୍ଧରେ ନୂତନ କୌଶଳର ପ୍ରୟୋଗ ଅର୍ଥବ୍ୟବସ୍ଥାକୁ ଅଧିକ ବ୍ୟୟବହୁଳ କରିଥିଲା । ବ୍ୟାପକ ସ୍ତରରେ ଆଗ୍ନେୟାସ୍ତ୍ରର ପ୍ରୟୋଗ, ଭଡ଼ାଟିଆ ସୈନ୍ୟ ନିଯୁକ୍ତି ତଥା ନିୟମିତ ସୈନ୍ୟମାନଙ୍କର ରକ୍ଷଣାବେକ୍ଷଣ ଦ୍ୱାରା ଭାରତୀୟ ଅର୍ଥନୀତି ବିଶେଷ କ୍ଷତିଗ୍ରସ୍ତ ହେଲା ।

## 15.10 THE SOCIAL CONTEXT -ସାମାଜିକ ସଂଦର୍ଭ :

ଅଷ୍ଟାଦଶ ଶତାବ୍ଦୀରେ ଭାରତର ସାମାଜିକ ଜୀବନ ପୂର୍ବ ପ୍ରଚଳିତ ବ୍ୟବସ୍ଥାର ପୁନରାବୃତ୍ତି ଥିଲା । ଏହି ଶତାବ୍ଦୀରେ ସମଗ୍ର ଭାରତ ବର୍ଷର ସାମାଜିକ ତଥା ସାଂସ୍କୃତିକ ଏକତା କ୍ଷେତ୍ରରେ କେତେକ ସାର୍ବଜନୀନ ବିଶେଷତ୍ୱ ଥିଲା । ସାମାଜିକ ଚଳଣୀରେ କିନ୍ତୁ ସମାନତା ନଥିଲା । ସମାଜ, ଧର୍ମ, ଅଞ୍ଚଳ, ବର୍ଗ, ଭାଷା, ଶ୍ରେଣୀ ତଥା ଜାତିର ଆଧାରରେ ବିଭିନ୍ନ ଶ୍ରେଣୀରେ ବିଭକ୍ତ ହେଲା । ହିନ୍ଦୁମାନେ ବିଭିନ୍ନ ଜାତି ଆଧାରରେ ବିଭାଜିତ ହେଲେ । ଯେ କୌଣସି ବ୍ୟକ୍ତିର ଜାତି ଜନ୍ମ ଦ୍ୱାରା ତଥା ତାର ବଂଶଗତ ସ୍ଥାନ ଅନୁସାରେ ନିର୍ଦ୍ଧାରିତ ହେଲା । ଅନ୍ତର୍ଜାତୀୟ ବିବାହ ତଥା ଖାଦ୍ୟପେୟ ନିଷେଧ ଥିଲା । ପରମ୍ପରା ଅନୁଯାୟୀ ଜାତି ନିର୍ଦ୍ଧାରଣ କର୍ମ ନିର୍ବିଶେଷରେ ହେଉଥିଲା । କିନ୍ତୁ ଅଷ୍ଟାଦଶ ଶତାବ୍ଦୀର କେତେକ କ୍ଷେତ୍ରରେ ସାମାଜିକ ତଥା ବ୍ୟବସାୟିକ ପ୍ରତିଷ୍ଠାକୁ ଅନୁସରଣ କରାଗଲା । ଉଦାହରଣ ସ୍ୱରୂପ ବ୍ରାହ୍ମଣମାନେ ବିଭିନ୍ନ କ୍ଷେତ୍ରରେ ଆଗ୍ରହ ଦେଖାଇଲେ । ଭିନ୍ନଭିନ୍ନ ବ୍ୟବସାୟ ବାଣିଜ୍ୟ ପ୍ରତି ମଧ ସେମାନେ ଆକୃଷ୍ଟ ହେଲେ ।

ମୁସଲମାନ୍‌ମାନେ ମଧ ପ୍ରଜାତି, ଜାତି, ଗୋଷ୍ଠୀ ତଥା ସାମାଜିକ ମର୍ଯ୍ୟାଦାର ବିଚାରଧାରା ଦ୍ୱାରା ପ୍ରଭାବିତ ହେଲେ । ସିହା ଓ ସୁନ୍ନୀ ସଂପ୍ରଦାୟ ମଧରେ ଗମ୍ଭୀର ଧାର୍ମିକ ମତଭେଦ ଥିଲା । ଏହି ମତଭେଦ ଇରାନୀ, ଆଫଗାନୀ, ତୁରାନୀ ତଥା ହିନ୍ଦୁସ୍ତାନୀ ମୁସଲମାନଙ୍କୁ ପରସ୍ପରଠାରୁ ପୃଥକ କରିଥିଲା । ଇସଲାମ୍ ଧର୍ମ ଗ୍ରହଣ କରୁଥିବା ବ୍ୟକ୍ତି ନିଜ ଜାତିକୁ ସାଙ୍ଗରେ ନେଇ ଇସ୍‌ଲାମ ଧର୍ମକୁ ଆସିଲେ । ସମାଜର ମୁଖ୍ୟ ଆଧାର ଥିଲା ପିତୃକୈନ୍ଦ୍ରିକ ପରିବାର । କିନ୍ତୁ କେରଳରେ ଏହା ଭିନ୍ନ ଥିଲା । ସେଠାରେ ମାତୃବଂଶୀୟ ପ୍ରଥା ପ୍ରଚଳିତ ଥିଲା । ମହିଳାମାନଙ୍କୁ ଆଦର୍ଶ ପୁତ୍ରୀ, ସ୍ତ୍ରୀ ତଥା ଆଦର୍ଶ ମା ହେବାପାଇଁ ଆଶା କରାଯାଉଥିଲା । ଉତ୍ତର - ଭାରତରେ ଉଚ୍ଚ କୁଳର ମହିଳାମାନେ ପରଦା ପ୍ରଥା ଅନୁସରଣ କରୁଥିଲେ । ବାଲ୍ୟ ବିବାହ ପ୍ରଚଳିତ ଥିଲା ତଥା ବିବାହ ଦୁଇଟି ପରିବାର ମଧରେ ଏକ ସାମାଜିକ ବନ୍ଧନ ରୂପେ ବିବେଚିତ ହେଉଥିଲା । ଉଚ୍ଚକୁଳରେ ବହୁପତ୍ନୀ ଗ୍ରହଣ କରିବାର ପ୍ରଥା ତଥା ଯୌତୁକ ପ୍ରଥାର ପ୍ରଚଳନ ଥିଲା । କିନ୍ତୁ ଅଷ୍ଟାଦଶ ଶତାବ୍ଦୀର ସମାଜରେ ସବୁଠାରୁ ଘୃଣ୍ୟ ପ୍ରଥା ଥିଲା ସତୀପ୍ରଥା ଓ ହିନ୍ଦୁ କୁଳରେ ବିଧବାମାନଙ୍କ ଦୁଃରାବସ୍ଥା । ଏହି ପରିସ୍ଥିତି ଶିକ୍ଷା ପଦ୍ଧତିରେ ଅନୁକୂଳ ପରିବର୍ତ୍ତନ ଆଣି ପାରିନଥିଲା । ପାଠ୍ୟକ୍ରମରେ ସାହିତ୍ୟ, ଭାଷା, ବିଧି, ଧର୍ମ, ଦର୍ଶନ ଓ ତର୍କ ଆଦି ସମ୍ମିଳିତ ଥିଲା । କିନ୍ତୁ ଭୌତିକ ତଥା ଭୌତିକ ବିଜ୍ଞାନ, ପ୍ରାଦ୍ୟୋଗିକୀ ତଥା ଭୂଗୋଳ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ନଥିଲା । ଅଧ୍ୟୟନରେ ସିଦ୍ଧାନ୍ତମୂଳକ ଗଠନ ପ୍ରଭାବରୁ ପ୍ରଗତିଶୀଳ ବିଚାରଧାରାରେ ଅଭାବ ପରିଲକ୍ଷିତ ହେଲା । ପ୍ରାରମ୍ଭିକ ଶିକ୍ଷାର ପ୍ରସାର ବ୍ୟାପକ ଥିଲା । ଉଚ୍ଚ ଶିକ୍ଷାର ମାଧ୍ୟମ କେବଳ ସଂସ୍କୃତ ଓ ପାର୍ସୀ ଭାଷା ଥିଲା । ତଥାପି ମହିଳା ଓ ନିମ୍ନଜାତିର ଲୋକେ ଏହି ଶିକ୍ଷାଦାନରୁ ବଞ୍ଚିତ ଥିଲେ ।

## 15.11 THE CULTURAL MILIEU - ସାଂସ୍କୃତିକ ବାତାବରଣ :

ସାଧାରଣତଃ ଦେଖାଯାଏ ଯେ ଅଷ୍ଟାଦଶ ଶତାବ୍ଦୀର ଭୌତିକ ଜୀବନରେ ସାମାନ୍ୟ ଅଧୋପତନ ଘଟିଥିଲା । ଏହି ସମୟର ସାସ୍କୃତିକ ଜୀବନ ମଧ କଳଙ୍କିତ ଥିଲା । ଏହି ଚିତ୍ରଣର ଯଥାର୍ଥତା ଅଷ୍ଟାଦଶ

ଟିପ୍ପଣି

ଶତାବ୍ଦୀରେ କିଛିକାଂଶରେ ଦେଖାଯାଏ । ଏପରିକି ଦିଲ୍ଲୀରେ ଆର୍ଥିକ ବ୍ୟବସ୍ଥା ପତନମୁଖୀ ଥିବା ସମୟରେ ମଧ ଶାହାୱାଲିଉଲ୍ଲାଙ୍କ ଠାରୁ ମୀରତାକୀମୀର୍ ପର୍ଯ୍ୟନ୍ତ ପ୍ରମୁଖ କବି, ଦାର୍ଶନିକ ଓ ବିଗ୍ରହକ ମଣ୍ଡଳୀ ଥିଲେ । ପୁନର୍ବାର ଆଞ୍ଚଳିକ ଦରବାରର ମହତ୍ତ୍ୱ ବୃଦ୍ଧି ପାଇଲା । ସେମାନେ ସଂଗୀତ, କଳା ତଥା ସାହିତ୍ୟ ଆଦି ସମୃଦ୍ଧ ସଂସ୍କୃତିକୁ ପୃଷ୍ଠପୋଷକତା ପ୍ରଦାନ କରିବା ପାଇଁ ଆଗ୍ରହ ପ୍ରକାଶ କଲେ । ଏସବୁ ଆମକୁ ବିଭିନ୍ନ କେନ୍ଦ୍ରରେ ଭିନ୍ନ ଭିନ୍ନ ଶୈଳୀରେ ଦେଖାଯାଏ । ଅଯୋଧା ଠାରୁ ବିକାନୀର ପର୍ଯ୍ୟନ୍ତ ଓ ଲାହୋର ଠାରୁ ତାଞ୍ଜୋର ପର୍ଯ୍ୟନ୍ତ ଦରବାରୀ ସାଂସ୍କୃତିକ ପରମ୍ପରାର ପ୍ରଚଳନ ଦେଖିବାକୁ ମିଳିଥାଏ । ସାଂସ୍କୃତିକ ପରମ୍ପରାର ସଂଗମର ଏକ ଉତ୍କୃଷ୍ଟ ଉଦାହରଣ ଥିଲା ମରାଠା ଶାସିତ ତାଞ୍ଜୋର । ସେଠାରେ ତାମିଲ, ତେଲୁଗୁ, ସଂସ୍କୃତ ତଥା ମରାଠୀ ଭାଷାରେ ସାହିତ୍ୟକ ରଚନାମାନ ଦେଖିବାକୁ ମିଳିଥିଲା । ଏହି ପ୍ରସ୍ତୁତିରେ କେତେକ ମରାଠା ଶାସକ ପ୍ରତ୍ୟକ୍ଷ ଭାବେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ଏହିପରି ଭାବରେ ଅଷ୍ଟାଦଶ ଶତାବ୍ଦୀରେ ତାଞ୍ଜୋରରେ ସଂଗୀତର ବିକାଶ ଦେଖିବାକୁ ମିଳିଥିଲା । ବର୍ତ୍ତମାନ ଏହି ଶୈଳୀକୁ ଭାରତୀୟ ଶାସ୍ତ୍ରୀୟ ସଂଗୀତର କର୍ଣ୍ଣାଟକ ପରମ୍ପରା କୁହାଯାଏ । ଏସବୁ ସ୍ୱରଲିପିର ସଂଯୋଜକ ଥିଲେ ତ୍ୟାଗରାଜ, ମୁଥୁସ୍ୱାମୀ ଦିକ୍ସିତାର ତଥା ଶ୍ୟାମ ଶାସ୍ତ୍ରୀ । ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରେ ତାଞ୍ଜୋରରେ ବିଶିଷ୍ଟ ଚିତ୍ରକଳା ଶୈଳୀର ବିକାଶ ହୋଇଥିଲା । ସେଥିରେ ଉତ୍ତର ଭାରତର ବସ୍ତ୍ରରଙ୍ଗ କରିବାର ପୁରୁଣା ସ୍ଥାନୀୟ ପରମ୍ପରାର ଶୈଳୀକୁ ପ୍ରୟୋଗ କରାଯାଇଥିଲା ।

ଏହି ସୌନ୍ଦର୍ଯ୍ୟ ସଂପୂର୍ଣ୍ଣ ରୂପେ ଅଭିଜାତ ସଂସ୍କୃତି ସହ ଯୋଡ଼ି ହୋଇନଥିଲା । ଆରମ୍ଭରେ ଏଇ ସଂସ୍କୃତି କେତେକ ରଂଗମଂଚ ଏବଂ ସଂଗୀତର ପରମ୍ପରା ତଥା ସାହିତ୍ୟିକ ଶୈଳୀର ସମନ୍ୱୟର ପ୍ରଭାବରେ ବିକଶିତ ହୋଇଥିଲା । ସେହି ସମୟରେ ଲୋକପ୍ରିୟ ହିନ୍ଦୁଧର୍ମ ତଥା ଇସ୍‌ଲାମ୍‌ର ସଂଯୋଗ ତୀର୍ଥଯାତ୍ରା ଓ ପର୍ବପର୍ବାଣୀ ସମ୍ବନ୍ଧୀୟ ସାଂସ୍କୃତିକ ଗତିବିଧିର ଏକ ବିଶେଷ ରୂପ ପ୍ରକାଶ ପାଇଲା । ପୂର୍ବ ଶତାବ୍ଦୀ ଅପେକ୍ଷା ଅଷ୍ଟାଦଶ ଶତାବ୍ଦୀରେ ପ୍ରମୁଖ କେନ୍ଦ୍ରକୁ ଦୀର୍ଘତମ ତୀର୍ଥଯାତ୍ରାର ପରମ୍ପରା ସୃଷ୍ଟିହେଲା । ଏହି ପରମ୍ପରା ବାରଣାସୀରୁ ରାମେଶ୍ୱର ପର୍ଯ୍ୟନ୍ତ ବୃଦ୍ଧି ପାଇଲା ।

ମୋଗଲ ଶାସନର ପରବର୍ତ୍ତୀ କାଳରେ ଭଡ଼ାଟିଆ ସୈନ୍ୟ ନିଯୁକ୍ତି ତଥା ଲିପିକାର ଏବଂ ଅଧିକାରୀମାନଙ୍କୁ ଅନ୍ୟସ୍ଥାନରୁ ଆଣିବା ଏକ ସାଧାରଣ ବିଷୟ ଥିଲା । ଉଦାହରଣ ସ୍ୱରୂପ ପଞ୍ଚଦଶ ଶତାବ୍ଦୀରେ ଉତ୍ତର ଭାରତର ବହୁସଂଖ୍ୟକ କାୟସ୍ଥମାନଙ୍କୁ ହାଇଦ୍ରାବାଦରେ ଅମଲାତନ୍ତ୍ରର ଅଂଶ ରୂପେ ନିଯୁକ୍ତି ଦିଆଯାଇଥିଲା ।

ମହୀଶୂରରେ ୧୭୨୦ରେ ଆରମ୍ଭରେ ବିତ୍ତୀୟ କାର୍ଯ୍ୟରେ ମହାରାଷ୍ଟ୍ରର ବ୍ରାହ୍ମଣମାନଙ୍କୁ ନିଯୁକ୍ତି ଦିଆଯାଉଥିଲା । ସଂଗୀତଜ୍ଞ, ଲେଖକ ତଥା କଳାକାରମାନଙ୍କର ମଧ ଭିନ୍ନ ଭିନ୍ନ ରାଜ୍ୟକୁ ବିସ୍ତରଣ ଦେଖିବାକୁ ମିଳିଲା । ଏକ ପ୍ରମୁଖ ନୂତନ ରାଜନୈତିକ କେନ୍ଦ୍ରର ଉତ୍‌ଥାନ ଏହି ପ୍ରତିଭାକୁ ଆକର୍ଷିତ କରୁଥିଲା । ପ୍ରମାଣ ସ୍ୱରୂପ ଲାହୋରର ରାଜା ରଣଜିତ୍ ସିଂ । ଲାହୋରରେ ଏକ ଉଚ୍ଚକୋଟୀର ପାରସିକ ସାହିତ୍ୟର ବିକାଶ ହୋଇଥିଲେ ମଧ ପଞ୍ଜାବୀ ଭାଷା ସାହିତ୍ୟର ଉପେକ୍ଷା କରାଯାଇ ନଥିଲା । ସେତେବେଳେ ସ୍ଥାପତ୍ୟ ତଥା ଚିତ୍ରକଳାରେ ଏକ ନୂଆ ଶୈଳୀର ବିକାଶ ଦେଖାଦେଲା । ସୁଦୂର ଉତ୍ତରର କାଂଗ୍ରାରେ ଚିତ୍ରକଳାର ଏକ ଉନ୍ନତ ଶୈଳୀ ଜନ୍ମଲାଭ କଲା । ଏହି ଚିତ୍ରକଳା ଶୈଳୀ ମୁଖ୍ୟତଃ ବୈଷ୍ଣବ ବିଷୟବସ୍ତୁ ସହ ଜଡ଼ିତ ଥିଲା । ଏ ସମୟର ସାଂସ୍କୃତିକ ମିଳନ ପରସ୍ପର ପ୍ରଭାବ ତଥା ସମ୍ମାନର ପରିଣାମ ଥିଲା । ପ୍ରମୁଖ ଧର୍ମପୀଠ ମଧ୍ୟରେ ମରାଠାମାନେ ଆଜମୀରର ଶେଖ୍ ମୁଇନୁଦ୍ଦୀନ ଚିସ୍ତୀଙ୍କର ସମାଧିକୁ ପୃଷ୍ଠପୋଷକତା ପ୍ରଦାନ କରୁଥିଲେ । ନାଗପୁରର ଶେଖ ମାହୁଲ୍ ହମିଦ୍‌ଙ୍କ ସମାଧି ପାଇଁ ତାଞ୍ଜୋରର ରାଜା ଆର୍ଥିକ ସହାୟତା ଦେଇଥିଲେ । ମହୀଶୂରର ଟିପୁସୁଲତାନ ଶ୍ରୀଙ୍ଗେରୀ ମନ୍ଦିରକୁ ସାହାଯ୍ୟ କରିଥିଲେ । ଟିପୁଙ୍କ ସମୟରେ ମୁସଲମାନମାନେ ଆନନ୍ଦ ଉଲ୍ଲାସ ସହ ସମସ୍ତ ପର୍ବପର୍ବାଣୀରେ ଯୋଗ ଦେଉଥିଲେ । ବାସ୍ତବରେ ଆଶ୍ଚର୍ଯ୍ୟ ଲାଗେ ଯେ ଯାହାକୁ ବର୍ତ୍ତମାନ ବୋଲାଯାଉଥିବା ଭାରତର ପରମ୍ପରାବାଦୀ ସଭ୍ୟତା ସେହି ସମୟର ତଥା ତା'ର ପରବର୍ତ୍ତୀ ଶତାବ୍ଦୀର ପ୍ରତିଦାନ ।

ଟିପ୍ପଣି

## 15.12 DEBAE AND PROBLEMS IN UNDERSTANDING THE HISTORY OF EIGHTEENTH CENTURY-ଅଷ୍ଟାଦଶ ଶତାବ୍ଦୀର ଭାରତ ଇତିହାସକୁ ବୁଝିବାରେ ତର୍କ ତଥା ସମସ୍ୟା :

ଅଷ୍ଟାଦଶ ଶତାବ୍ଦୀର ଉପାଦାନ ସମ୍ବନ୍ଧରେ ବିଭିନ୍ନ ଐତିହାସିକମାନେ ଭିନ୍ନ ଭିନ୍ନ ତର୍କ ରଖିଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ମୋଗଲ ଐତିହାସିକ ହୋଇଥିବା ସ୍ଥଳେ ଥିଲେ ତଥା ଆଉ କେତେକ ଥିଲେ ଔପନିବେଶିକ ବିଦ୍ୱାନ । ପ୍ରାରମ୍ଭିକ ମୋଗଲ ଅଧ୍ୟୟନରେ ପରବର୍ତ୍ତୀନକୁ ମୋଗଲ ସାମ୍ରାଜ୍ୟର ରାଜନୈତିକ ଅଧୋପତନର ପ୍ରେକ୍ଷାପଟରେ ଦେଖାଯାଇଥାଏ । ଏହି ବିଚାରରେ ଉଲ୍ଲିଖିତ ଯୁଗକୁ 'ଅନ୍ଧକାର ଯୁଗ' ଭାବରେ ଅଭିହିତ କରାଯାଇଛି ।

ଏସବୁ ଦୃଷ୍ଟିକୋଣରୁ ମୋଗଲ ରାଜନୈତିକ ସଂକଟ ସହ ଆର୍ଥିକ ଓ ସାମାଜିକ ବିଫଳତା ଅଙ୍ଗାଙ୍ଗୀଭାବେ ଜଡିତ । କିନ୍ତୁ ପରବର୍ତ୍ତୀ ଅଧ୍ୟାୟରେ ଅଷ୍ଟାଦଶ ଶତାବ୍ଦୀର ଆର୍ଥିକ ଓ ସାମାଜିକ ବ୍ୟବସ୍ଥାକୁ ଆଞ୍ଚଳିକ ଦୃଷ୍ଟିକୋଣରୁ ପୃଥକ୍ କରାଯାଇଛି । ଏହି ସମୟକୁ ଔପନିବେଶକ ଯୁଗର ଆରମ୍ଭ ଓ ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ କୁହାଯାଏ । ଏହି ଅନୁସାରେ ଦୁଇଟି ଅବସ୍ଥା 'ନିରନ୍ତରତା ବନାମ ପରିବର୍ତ୍ତନ' ଉପରେ ତର୍କ କରାଯାଏ । ସାଧାରଣତଃ ଭାରତୀୟ ଐତିହାସିକମାନେ ଔପନିବେଶିକ ବିଜୟକୁ ଭାରତ ଇତିହାସର ପ୍ରସ୍ଥାନ ବିନ୍ଦୁରୂପେ ମାନ୍ୟତା ଦିଅନ୍ତି, ଯାହାକି ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ ଆରମ୍ଭ ହୋଇଥିଲା ।

ଅଷ୍ଟାଦଶ ଶତାବ୍ଦୀର ବିଶ୍ଳେଷଣ କଲେ ଦୁଇଟି ମୂଳ ବିଷୟ ଆସେ । ପ୍ରଥମଟି ମୋଗଲ ସାମ୍ରାଜ୍ୟର ପତନ ସାମାଜିକ ଓ ଆର୍ଥିକ ଅଧୋପତନକୁ ତ୍ୱରାନ୍ୱିତ କରିଦେଲା କି ? ଦ୍ୱିତୀୟଟି- ଉପନିବେଶବାଦର ଆଗମନ ଏକ ମୌଳିକ ପ୍ରଭେଦ ବିଂଦୁ ନା ନୁହେଁ ? ଅଷ୍ଟାଦଶ ଶତାବ୍ଦୀ ଏକ ଅନ୍ଧାକାରମୟ ଯୁଗ ଥିଲା ନା ଏହା ଏକ ଆର୍ଥିକ ଅଭିବୃଦ୍ଧିର ସମୟ ଥିଲା ? ଏହା ଏକ ତୀକ୍ଷଣ ଅନ୍ତରାଳକୁ ଦର୍ଶାଉଥିଲା ନା ଏହା ଏକ ନିରନ୍ତରତା ତଥା ପରିବର୍ତ୍ତନର ଯୁଗଥିଲା ? ଅଷ୍ଟାଦଶ ଶତାବ୍ଦୀରେ ଭାରତରେ କିପରି ବ୍ରିଟିଶ କ୍ଷମତାର ସଂପ୍ରସାରଣ ହେଲା ? ରାଜନୀତି, ସମାଜ, ଅର୍ଥନୀତି, ଧର୍ମ ତଥା ସଂସ୍କୃତିର ମୌଳିକ ଉପାଦାନ ଏ ଶତାବ୍ଦୀର ଇତିହାସରେ ତର୍କ ସୃଷ୍ଟି କରିଛି । ପରମ୍ପରା ଦୃଷ୍ଟିକୋଣରୁ ଏହି ଶତାବ୍ଦୀକୁ ଐତିହାସିକମାନେ ଏକ ଅନ୍ଧକାରମୟ ଯୁଗ ରୂପେ ଅଭିହିତ କରିଛନ୍ତି । ଏହାର ମୁଖ୍ୟ କାରଣ ଥିଲା ସାମରିକ, ରାଜନୈତିକ ତଥା ଆର୍ଥିକ ଅବନତି । ବିଶେଷ ଭାବରେ ଏ ଅବନତି ସମୃଦ୍ଧ ମୋଗଲ ତଥା ବ୍ରିଟିଶ ଆଧିପତ୍ୟ ମଧ୍ୟରେ ସନ୍ନିବିଷ୍ଟ ଥିଲା । କିନ୍ତୁ କେତେକ ନୂତନ ପିଢ଼ିର ଭାରତୀୟ ଐତିହାସିକ ଏହି ଦୃଷ୍ଟିକୋଣକୁ କଠୋର ବିରୋଧ କରିଛନ୍ତି । କାରଣ ସେମାନେ ପ୍ରାରମ୍ଭିକ ମୋଗଲ ତଥା ପରବର୍ତ୍ତୀ ବ୍ରିଟିଶ୍ ରାଜ୍ୟମଧ୍ୟରେ ନିରବଚ୍ଛିନ୍ନ ଭାବକୁ ଗୁରୁତ୍ୱ ଦେଇଛନ୍ତି । ଏପରିକି ସେମାନେ ମୋଗଲ ସାମ୍ରାଜ୍ୟର ପତନ ସହ ଛୋଟ ରାଜ୍ୟର ଶାସକମାନଙ୍କ ଉତ୍‌ଥାନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ରାଜନୈତିକ ଅସ୍ଥିରତା ସଂପୂର୍ଣ୍ଣ ଶତାବ୍ଦୀରେ ପ୍ରଭାବ ପକାଇଥିଲା । ଏଥିରୁ ପ୍ରଶ୍ନ ଉଠେ, ମୋଗଲ ସାମ୍ରାଜ୍ୟର ପତନ କେନ୍ଦ୍ରୀୟ ରାଜନୈତିକ ପ୍ରଭୁତ୍ୱରେ ଏକ ଅନ୍ତରାଳ ସୃଷ୍ଟିକରି ଅରାଜକତାକୁ ତ୍ୱରାନ୍ୱିତ କରିଥିଲା କି, ଯେଉଁଥିରେ ପ୍ରଥମେ ଆଞ୍ଚଳିକ ରାଜ୍ୟ ଗୁଡ଼ିକର ଉଦୟ ହୋଇଥିଲା ତଥା ପରବର୍ତ୍ତୀ ସମୟରେ ଏହା ବ୍ରିଟିଶ୍ ଉପନିବେଶବାଦର ପ୍ରଭାବ ବିସ୍ତାର ପାଇଁ ମାର୍ଗ ପ୍ରସ୍ତୁତ କରିଥିଲା । ଏଠାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ଯେ କେବଳ ମୋଗଲ ସାମ୍ରାଜ୍ୟର ପତନକୁ ଭାରତୀୟ ସମାଜର ପତନର କାରଣ ରୂପେ ବିବେଚନା କରିବା ଉଚିତ୍ କି ? ସେହିପରି ଶତାବ୍ଦୀର ପୂର୍ବାର୍ଦ୍ଧରେ କେନ୍ଦ୍ରୀୟ କ୍ଷମତାର ପତନର ଫଳସ୍ୱରୂପ ଶୂନ୍ୟସ୍ଥାନର ପୂରଣ ପାଇଁ ଅଯୋଧ୍ୟା ତଥା ବଙ୍ଗଳାର ନବାବ ତଥା ହାଇଦ୍ରାବାଦ୍‌ର ନିଜାମଙ୍କ ପରି ଆଞ୍ଚଳିକ ଶକ୍ତିର ସୃଷ୍ଟି ପାଇଁ ଏହାକୁ ଦାୟୀ କରିବା ଉଚିତ୍ କି ? ତଥାପି ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀର ରାଜନୈତିକ ଶକ୍ତିରୂପେ ଆବିର୍ଭାବ ଭାରତୀୟ ସମାଜ, ଅର୍ଥ ବ୍ୟବସ୍ଥା ତଥା ରାଜତନ୍ତ୍ର ପାଇଁ ଏକ ଧକ୍କା ଥିଲା କି ? କିମ୍ବା ଭାରତରେ ବ୍ରିଟିଶ୍ ଉପନିବେଶବାଦର ଦୁଇଶହ ବର୍ଷର ଏହା ଆରମ୍ଭ ଥିଲା କି ?



ଟିପ୍ପଣୀ

## INTEXT QUESTIONS 15.4 - ପ୍ରତ୍ୟାଶିତ ପୂର୍ବଜ୍ଞାନ

1. ୧୭୭୦ ପରେ ଆର୍ଥିକ ଅସ୍ଥିରତାର ଦୁଇଟି ମୁଖ୍ୟ କାରଣ ଲେଖ ।

2. ଇଉରୋପୀୟ ଆଗମନ ଦ୍ୱାରା କାହିଁକି ଭାରତୀୟ ରପ୍ତାନୀ ବାଣିଜ୍ୟରେ ପତନ ଆସିଥିଲା ?

3. ଦୁଇଟି ପ୍ରମୁଖ ଔପନିବେଶିକ ବନ୍ଦର-ସହରର ନାମ ଲେଖ ଯାହାକି ପୂର୍ବ ବ୍ୟବସାୟିକ କେନ୍ଦ୍ରଗୁଡ଼ିକର ସ୍ଥାନ ନେଇଥିଲା ।

4. ଅଷ୍ଟାଦଶ ଶତାବ୍ଦୀର ସାମାଜିକ ବ୍ୟବସ୍ଥାର ଦୁଇଟି ବିଶେଷତ୍ୱ ଲେଖ ।

5. ଅଷ୍ଟାଦଶ ଶତାବ୍ଦୀର ଭାରତର ଦୁଇଟି ପ୍ରଚଳିତ ପ୍ରମୁଖ ସାମାଜିକ ବ୍ୟାଧି ଉଲ୍ଲେଖ କର ।

6. ଅଷ୍ଟାଦଶ ଶତାବ୍ଦୀ ବେଳକୁ ଉଚ୍ଚଶିକ୍ଷା ମାଧ୍ୟମର ଭାଷା କଣ ଥିଲା ?

7. ଭାରତୀୟ ଶାସ୍ତ୍ରୀୟ ସଂଗୀତର କର୍ଣ୍ଣାଟକ ପରମ୍ପରାର ଉଦୟର ମୁଖ୍ୟ କେନ୍ଦ୍ର କେଉଁଠି ଥିଲା ? ଏହି ପରମ୍ପରାର ମୁଖ୍ୟ ବ୍ୟାଖ୍ୟାକାରୀ କିଏ ଥିଲେ ?

## WHAT YOU HAVELEARNT- ଆମେ କ'ଣ ଶିଖିଲେ

ଏହି ଅଧ୍ୟାୟରେ ଅଷ୍ଟାଦଶ ଶତାବ୍ଦୀର ଇତିହାସ ବର୍ଣ୍ଣିତ ହୋଇଛି । ଏହା ଆମକୁ ପରବର୍ତ୍ତୀ ମୋଗଲ ଶାସକମାନଙ୍କ ବିଷୟରେ ବିବରଣୀ ପ୍ରଦାନକରେ । ସେମାନଙ୍କ ଦୁର୍ବଳତା ତଥା ସମସ୍ୟା ବିଷୟରେ ମଧ୍ୟ ସୂଚନା ଦିଏ । ଏହା ମୋଗଲ ଶାସକମାନଙ୍କର କ୍ରମାଗତବୃଦ୍ଧି ଓ ଫଳତଃ ସାମ୍ରାଜ୍ୟର ପତନ ଦର୍ଶାଇଥାଏ ।

ଏହି ଅଧ୍ୟାୟଟି କେନ୍ଦ୍ରୀୟ ସତ୍ତାର ପତନ ପରେ ହାଇଦ୍ରାବାଦ୍, ଆଓ୍ୱଧ ତଥା ବଙ୍ଗଳା ପରି ଦେଶୀୟ ରାଜ୍ୟର ଉତ୍ଥାନ ବିଷୟରେ ଦର୍ଶାଇଥାଏ । ଏଥିରେ ଆଞ୍ଚଳିକ ଶାସକମାନଙ୍କର ଯୋଗଦାନ ସହ ସେମାନଙ୍କ ମଧ୍ୟରେ ଥିବା ସଂଘର୍ଷ ଦର୍ଶାଯାଇଛି । ଏହି ଯୁଗର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଥିଲା ମରାଠା ରାଜ୍ୟ ସଂଘର ଆର୍ବିଭାବ ଓ ଶେଷରେ ମରାଠାମାନଙ୍କର ପାଞ୍ଚୋଟି ରାଜ୍ୟ ବଂଶରେ ବିଘଟନ ଯଥା ଭୋନ୍‌ସଲା, ଗାଏକଓ୍ୱାଡ୍, ହୋଲକାର, ସିନ୍ଧିଆ ତଥା ସାତରା ବଂଶ । ଏଥିରେ ପେଶବାଙ୍କ କ୍ଷମତା ସହିତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ବିଶେଷତ୍ୱ ମଧ୍ୟ ଦର୍ଶାଯାଇଛି ।

ମହାରାଜା ରଣଜିତ୍ ସିଂଙ୍କ ନେତୃତ୍ୱରେ ଶିଖ୍‌ମାନଙ୍କର ସଂଗଠନ, ରାଜପୁତ ରାଜ୍ୟର ଉତ୍ଥାନ ତଥା ଏହି ରାଜ୍ୟଗୁଡ଼ିକର ଭାରତୀୟ ଶାସନ, ରାଜନୀତି ଏବଂ ସାଂସ୍କୃତିକ କ୍ଷେତ୍ରରେ ଥିବା ଯୋଗଦାନ ବିଷୟରେ ସଂକ୍ଷିପ୍ତ ବିବରଣୀ ଦିଆଯାଇଛି ।

ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ଦେଖାଦେଇଥିଲା । ହାଇଦ୍‌ର ଅଲ୍ଲୀ ତଥା ଟିପୁ ସୁଲତାନଙ୍କ ନେତୃତ୍ୱରେ ମହୀଶୂର ରାଜ୍ୟର ଉତ୍ଥାନ ଉଲ୍ଲେଖନୀୟ । ଇଷ୍ଟ ଇଣ୍ଡିଆ କଂପାନୀର ଆଗମନ ଏବଂ ମହୀଶୂର ସହ ସଂଘର୍ଷ ଭାରତୀୟ ରାଜନୈତିକ କ୍ଷେତ୍ରରେ ଏକ ନୂତନ ପର୍ଯ୍ୟାୟ ସୃଷ୍ଟି କରିଥିଲା ।



ଟିପ୍ପଣି

## ଅଷ୍ଟାଦଶ ଶତାବ୍ଦୀରେ ଭାରତର ସ୍ଥିତି

ରାଜନୈତିକ ପ୍ରଗତି ସହ ଏହି ଅଧ୍ୟାୟରେ ଭାରତୀୟ ଅର୍ଥ ବ୍ୟବସ୍ଥାର ବୈଶିଷ୍ଟ୍ୟ ଦର୍ଶାଯାଇଛି । ଭାରତୀୟ କୃଷି ଓ ବହିର୍ବାଣିଜ୍ୟର ଅବନତି ଔପନିବେଶିକ ଅର୍ଥନୀତିକୁ କିପରି ପ୍ରଭାବିତ କରୁଥିଲା ବର୍ଣ୍ଣନା କରାଯାଇଛି । ପତନର କାରଣ ଏବଂ ଉପନିବେଶିକ ଅର୍ଥ ବ୍ୟବସ୍ଥାର ଉନ୍ମୁକ୍ତ ପଥ ମାଧ୍ୟମରେ ବାହ୍ୟିକ ବାଣିଜ୍ୟ ବିଷୟରେ ବର୍ଣ୍ଣନା କରାଯାଇଛି ।

କେତେକ କ୍ଷେତ୍ରରେ ସାମାଜିକ ବ୍ୟବସ୍ଥା ପୂର୍ବଭଳି ରହିଥିଲେ ମଧ ଅଷ୍ଟାଦଶ ଶତାବ୍ଦୀରେ ଭାରତର ଆର୍ଥିକ ତଥା ସାଂସ୍କୃତିକ କ୍ଷେତ୍ରରେ ମଧ ନୂତନ କୌଶଳ ସୃଷ୍ଟି ହୋଇଥିଲା । ଅଷ୍ଟାଦଶ ଶତାବ୍ଦୀରେ ଭାରତୀୟ ରାଜନୀତି ଓ ଅର୍ଥନୀତି ବିପର୍ଯ୍ୟସ୍ତ ହୋଇଥବାରୁ ଐତିହାସିକମାନେ ଏହି ବିକାଶର ଭିନ୍ନ ଭିନ୍ନ ମତ ପ୍ରଦାନ କରିଛନ୍ତି ।

## TERMINAL QUESTIONS - ନିଜକୁ ନିଜେ ପରିଖିବା

1. ଆଉରଙ୍ଗଜେବ୍‌ଙ୍କ ମୃତ୍ୟୁପରେ ମୋଗଲ ଶାସନର ପତନ ଏପରି ଦ୍ରୁତ ଗତିରେ କାହିଁକି ହୋଇଥିଲା ?

2. ଆଞ୍ଚଳିକ ରାଜନୈତିକ ତଥା ରାଜ୍ୟଗୁଡ଼ିକର ଉଦୟର ପ୍ରକ୍ରିୟା ଉଲ୍ଲେଖ କର । ଏହି ଶକ୍ତିଗୁଡ଼ିକ ବୈଧତା ପାଇଁ ସାମ୍ରାଜ୍ୟବାଦୀ ପ୍ରତୀକର ଆବଶ୍ୟକତା କାହିଁକି ଅନୁଭବ କରିଥିଲେ ?

3. ମରାଠାମାନେ ଅଷ୍ଟାଦଶ ଶତାବ୍ଦୀରେ କିପରି ନିଜର ହଜିଯାଇଥିବା ପ୍ରଭୁତ୍ୱକୁ ଅର୍ଜନ କଲେ ?

4. ମହାଦଜୀ ସିନ୍ଧିଆ କିଏ ଥିଲେ ? ତାଙ୍କର ଅବଦାନ ଉଲ୍ଲେଖ କର ?

5. ବଙ୍ଗଳାର ନବାବଙ୍କ ଦ୍ୱାରା ନିଜର ସ୍ଥିତି ସୁଦୃଢ଼ କରିବା ପାଇଁ କରାଯାଇଥିବା ପ୍ରଚେଷ୍ଟାର ବର୍ଣ୍ଣନା କର ?

6. କେବେ ଓ କାହାଦ୍ୱାରା ଲାହୋରରେ ଶିଖ୍ ପ୍ରଭୁତ୍ୱର ସ୍ଥାପନ ହୋଇଥିଲା ? ଏହି ପରିପ୍ରେକ୍ଷୀରେ ମହାରାଜା ରଣଜିତ୍ ସିଂଙ୍କର ଅବଦାନ ଉଲ୍ଲେଖ କର ।

7. ରାଜପୁତନାରେ ନିଜର କ୍ଷମତା ବୃଦ୍ଧି କରିବା ପାଇଁ ସୱାଇ ରାଜା ଜୟ ସିଂ କି କି ପଦକ୍ଷେପ ନେଇଥିଲେ ?

8. "ଦିଲ୍ଲୀର ଦୃଷ୍ଟିକୋଣରୁ ଅଷ୍ଟାଦଶ ଶତାବ୍ଦୀର ଯୁଗ ନିଶ୍ଚିତରୂପେ ଅନ୍ଧକାରମୟ ଯୁଗ ଥିଲା" । ଉଚିତ୍ ବକ୍ତବ୍ୟ ସହ ଏହି ଉକ୍ତିଟିକୁ ଯଥାର୍ଥ କର ।

9. ଅଷ୍ଟାଦଶ ଶତାବ୍ଦୀରେ ଭାରତୀୟ କୃଷିକ୍ଷେତ୍ରର ଅବନତିର କାରଣ ବର୍ଣ୍ଣନା କର ।

10. ଅଷ୍ଟାଦଶ ଶତାବ୍ଦୀରେ ଭାରତର ଆର୍ଥିକ କ୍ଷେତ୍ରରେ ହୋଇଥିବା ପ୍ରମୁଖ ପରିବର୍ତ୍ତନ ବର୍ଣ୍ଣନା କର। ।

11. ଅଷ୍ଟାଦଶ ଶତାବ୍ଦୀର ପ୍ରକୃତିକୁ ନେଇ ବିବାଦ କାହିଁକି ହୋଇଛି ?



ଟିପ୍ପଣି

12. କେଉଁ ଆଧାରରେ ଐତିହାସିକମାନେ ଅଷ୍ଟାଦଶ ଶତାବ୍ଦୀକୁ 'ଅନ୍ଧକାର ଯୁଗ' ରୂପେ ଆଖ୍ୟା ଦେଇଛନ୍ତି ?

___________________________________________

13. ଅଷ୍ଟାଦଶ ଶତାବ୍ଦୀର ଇତିହାସ ବର୍ଣ୍ଣନା କରିବା ପାଇଁ ମୁଖ୍ୟ ସମସ୍ୟା କଣ ଥିଲା ?

___________________________________________

## ANSWERS TO INTEXT QUESTIONS - ପ୍ରତ୍ୟାଶିତ ପ୍ରଶ୍ନ

**15.1.**

1. ପ୍ରଥମ ବାହାଦୁର ଶାହା ବା ଶାହା ଆଲାମ୍ । ସେ ଏକ ବୁଝାମଣା ନୀତି ଅବଲମ୍ବନ କରୁଥିଲେ ।
2. ଅବଦୁଲ୍ଲା ଖାଁ ଓ ହୁସେନ୍ ଅଲ୍ଲୀ ଖାନ୍ ସୟୈଦ ଭ୍ରାତୃଦ୍ୱୟ ରୂପେ ପରିଚିତ ।

କୃତିତ୍ୱ :

(କ) ସେ କ୍ରମଶଃ ଓ୍ୱାଜିର ଓ ବକ୍ସି ଉପାଧି ଧାରଣ କରିଥିଲେ ।
(ଖ) ସେମାନେ ଶିଖ ଦଙ୍ଗାକୁ ଦମନ କରିଥିଲେ ତଥା ରାଜପୁତମାନଙ୍କ ସହ ସନ୍ଧି କରିଥିଲେ ।
(ଗ) ସେମାନେ ଜିଜିୟା ପରି ପକ୍ଷପାତୀ କରର ଉଚ୍ଛେଦ କରିଥିଲେ ।

3. ହାଇଦ୍ରାବାଦ୍ ରାଜ୍ୟର ମୂଳଦୁଆ ଚିନ୍‌କିଲ୍‌ଚି ଖାଁ, ନିଜାମ୍-ଉଲ୍-ମୁଲକ୍‌ଙ୍କ ଦ୍ୱାରା ପଡ଼ିଥିଲା । ସେ ମୋଗଲମାନଙ୍କ ଅଧିନରେ ଓ୍ୱାଜିର ପଦରେ ଅବସ୍ଥିତ ଥିଲେ ।
4. (କ) ପରବର୍ତ୍ତୀ ମୋଗଲ ଶାସକମାନେ ଅଯୋଗ୍ୟ ତଥା ଅକୁଶଳୀ ଥିଲେ ।
   (ଖ) ସେମାନଙ୍କ ମଧରୁ ଅଧିକାଂଶ ଶାସକ ଅସ୍ଥିର ବୁଦ୍ଧି ସଂପର୍ଣ୍ଣ ଥିଲେ ତଥା ଅପବ୍ୟୟ ବିଳାସ ଓ ଖର୍ଚ୍ଚରେ ନିଜକୁ ନିମଜ୍ଜିତ ରଖୁଥିଲେ ।
5. ୧୭୩୮-୩୯ ଖ୍ରୀଷ୍ଟାବ୍ଦମଧରେ ଇରାନର ଶାସକ, ନାଦିରଶାହା ଭାରତ ଉପରେ ଆକ୍ରମଣ କରିଥିଲେ ।

**15.2.**

1. ମରାଠାମାନେ
2. ମରାଠା ଶାସକ ଶାହୁଙ୍କ ଶାସନ ସମୟରେ ମୁଖ୍ୟମନ୍ତ୍ରୀଙ୍କୁ ପେଶବା କୁହାଯାଉଥିଲା । ପ୍ରଥମ ବାଜିରାଓ ସବୁଠାରୁ ଶକ୍ତିଶାଳୀ ପେଶବା ଥିଲେ ଯିଏକି ୧୭୨୦-୧୭୪୦ ମଧରେ ଶାସନ କରିଥିଲେ ।
3. ଉଭୟ ଚୌଥ ତଥା ସରଦେଶମୁଖୀ କହିଲେ ମରାଠାମାନଙ୍କ ଦ୍ୱାରା ସଂଗୃହୀତ ଶୁଳ୍‌କକୁ ବୁଝାଏ । ଏହା ଶୁଳ୍‌କର ଅନୁପାତ ଅନୁସାରେ ଆଦାୟ ହେଉଥିଲା । ଯେତେବେଳେ ଚୌଥ ଏକ ଚତୁର୍ଥାଂଶ ମୋଗଲ କର ସେତେବେଳେ ସରଦେଶମୁଖୀ ଏକ ଦଶମାଂଶ କର ଥିଲା ।
4. ଗୋଆ, ବେସିନ୍, ଦାମନ
5. ନାଗପୁରର ଭୋନ୍‌ସଲା, ବରୋଦାର ଗାଏକ୍‌ଓ୍ୱାର୍ଡ୍, ଇନ୍ଦୋରର ହୋଲ୍‌କାର, ଗୋଆଲିୟର୍‌ର ସିନ୍ଧିଆ ତଥା ଶିବାଜୀଙ୍କ ଉତ୍ତରାଧିକାରୀମାନେ ସାତରା ଉପରେ ଶାସନ କରିଥିଲେ ।
6. ଅହଲ୍ୟା ବାଈ ହୋଲ୍‌କାର ଶାସକ ମହ୍ଲାର୍ ରାଓଙ୍କର ବିଧବା ବୋହୂଥିଲେ ।
7. ସେ ଇନ୍ଦୋରରେ ୧୭୬୫ ରୁ ୧୭୯୫ ପର୍ଯ୍ୟନ୍ତ ଶାସନ କରିଥିଲେ । ତାଙ୍କର ମୁଖ୍ୟ କୃତିତ୍ତ୍ୱ ଥିଲା ଯେ ସେ ହୋଲ୍‌କାରମାନଙ୍କର ଶକ୍ତି ସଂଗଠିତ କରାଇଥିଲେ ତଥା ଏହି ବଂଶକୁ ଏକ ସମୃଦ୍ଧି ପଥକୁ ଆଣିଥିଲେ ।



ଟିପ୍ପଣି

**15.3.**

1. କଥକ ଏକ ନୂତନ ନୃତ୍ୟ ଶୈଳୀ ଯାହାକି ଆୱଧର ଲକ୍ଷ୍ନୌରେ ଆୱଧ ନବାବଙ୍କ ସଂରକ୍ଷଣରେ ସୃଷ୍ଟି ହୋଇଥିଲା ।
2. ଏହି ଯୁଦ୍ଧରେ ବଙ୍ଗଳାର ସ୍ୱାଧୀନ ନବାବ ସିରାଜଉଦଲ୍ଲା ଇଂରେଜ ସୈନ୍ୟଦ୍ୱାରା ପରାସ୍ତ ତଥା ନିହତ ହୋଇଥିଲେ । ଏହି ବିଜୟ ଇଂରେଜମାନଙ୍କ ପାଇଁ ବଙ୍ଗଳା ତଥା ସଂପୂର୍ଣ୍ଣ ଭାରତରେ ବିଦେଶୀ କ୍ଷମତା ସ୍ଥାପନ କରିବା ପାଇଁ ମାର୍ଗ ପ୍ରସ୍ତୁତ କରିଥିଲା ।
3. ଟିପୁ ସୁଲତାନ୍ ଇଂରେଜମାନଙ୍କ ସହ ଶତ୍ରୁତା ସଂଗେ ସଂଗେ ଟିପୁଙ୍କୁ ସବୁବେଳେ ସ୍ଥାନୀୟ ପ୍ରମୁଖ ସହ ସାମନା କରିବାକୁ ପଡୁଥିଲା ଯେଉଁମାନଙ୍କୁ 'ପୋଲିଗାର' କୁହାଯାଏ ।

**15.4**

1. ରାଜନୈତିକ ସଂକଟ ତଥା ସୈନ୍ୟବାହିନୀର ଆକ୍ରମଣ ଅର୍ଥନୈତିକ ଅସ୍ଥିରତାର ଦୁଇଟି ମୁଖ୍ୟ କାରଣ ଥିଲା ।
2. ଭାରତୀୟ ଦ୍ରବ୍ୟର ଅଧିକତର ଚାହିଦା ଥିବା ସତ୍ତ୍ୱେ ପ୍ରମୁଖ ଗୁଜୁରାଟ ବନ୍ଦର, ସୁରଟ ନିଜର ମହାନତା ହରାଇ ଥିଲା । ବ୍ରିଟିଶ୍ ନାବିକ ତଥା ବଣିକମାନେ ଭାରତୀୟମାନଙ୍କ ବଦଳରେ ରପ୍ତାନୀ ବାଣିଜ୍ୟ ଉପରେ ନିଜର ନିୟନ୍ତ୍ରଣ ରଖିଲେ ।
3. ଔପନିବେଶିକ ସହର ଯେପରି ବମ୍ବେ, ମାଡ୍ରାସ୍ ତଥା କଲିକତା ଆଦି ପୂର୍ବବର୍ତ୍ତୀ ବାଣିଜ୍ୟିକ କେନ୍ଦ୍ରର ସ୍ଥାନ ଅଧିକାର କଲେ ।
4. ବହୁ ଉପାୟରେ ଅଷ୍ଟାଦଶ ଶତାବ୍ଦୀର ସାମାଜିକ ଜୀବନ ପୁରୁଣା ପରମ୍ପରାର ନିରନ୍ତରତା ଥିଲା । ଯେଉଁଥିରେ ସାମାନ୍ୟ ପରିବର୍ତ୍ତନ ହୋଇଥିଲା । ସମାଜ ଜାତି, ଜନଜାତି, ଧର୍ମ, ଭାଷା, ଶ୍ରେଣୀ ଇତ୍ୟାଦିର ଆଧାରରେ ବିଭିନ୍ନ ସ୍ତରରେ ବିଭାଜିତ ହୋଇଥିଲା ।
5. ଉଚ୍ଚକୁଳର ମହିଳାମାନଙ୍କ ପାଇଁ ପରଦା ପ୍ରଥା ଅନିବାର୍ଯ୍ୟ ଥିଲା । ବାଲ୍ୟ ବିବାହ, ବହୁପତ୍ନୀ ପ୍ରଥା ତଥା ଯୌତୁକ ପ୍ରଥା ପରି ଅନ୍ୟାନ୍ୟ ସାମାଜିକ କଳଙ୍କ ସମାଜରେ ପ୍ରଚଳିତ ଥିଲା । କିନ୍ତୁ ସବୁଠାରୁ ନିଷ୍ଠୁର ତଥା ବୃହତ୍ ସାମାଜିକ ଭ୍ରଷ୍ଟାଚାର ଥିଲା ସତୀ ପ୍ରଥା ।
6. ଅଷ୍ଟାଦଶ ଶତାବ୍ଦୀରେ ଉଚ୍ଚଶିକ୍ଷାର ମାଧମ କେବଳ ସଂସ୍କୃତ ତଥା ପାର୍ସୀ ଥିଲା ।
7. ଭାରତୀୟ ଶାସ୍ତ୍ରୀୟ ସଂଗୀତର କର୍ଣ୍ଣାଟକ ଶୈଳୀ ତାଞ୍ଜୋରରେ ଆର୍ବିର୍ଭାବ ହୋଇଥିଲା । ଏହି ପରମ୍ପରାର ମୁଖ୍ୟ ବ୍ୟାଖ୍ୟାକାରୀ ଥିଲେ - ତ୍ୟାଗରାଜ, ମୁଝୁସ୍ୱାମୀ ଦିକ୍ସିତାର ଓ ଶ୍ୟାମ ଶାସ୍ତ୍ରୀ ।

**ପାଠାନ୍ତ ପ୍ରଶ୍ନର ସଂକେତ :-**

1. ଦେଖ ଖଣ୍ଡ 15.1
2. ଦେଖ ଖଣ୍ଡ 15.2
3. ଦେଖ ଖଣ୍ଡ 15.3
4. ଦେଖ ଖଣ୍ଡ 15.2 (ଗୋଆଲି ୟର୍ର ସିନ୍ଧିଆ)
5. ଦେଖ ଖଣ୍ଡ 15.4
6. ଦେଖ ଖଣ୍ଡ 15.6
7. ଦେଖ ଖଣ୍ଡ 15.7
8. ଦେଖ ଖଣ୍ଡ 15.9
9. ଦେଖ ଖଣ୍ଡ 15.9
10. ଦେଖ ଖଣ୍ଡ 15.9
11. ଦେଖ ଖଣ୍ଡ 15.12
12. ଦେଖ ଖଣ୍ଡ 15.12
13. ଦେଖ ଖଣ୍ଡ 15.12